# କର୍ପୋରେଟ୍ ଏଜେଣ୍ଟ-କମ୍ପୋଜିଟ୍
# (ଅଧିକୃତ ଯାଞ୍ଚକର୍ତ୍ତା)

**ସ୍ୱୀକାରୋକ୍ତି**

ଏହି ପାଠ୍ୟକ୍ରମଟି ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (ଆଇ.ଆର.ଡି.ଏ.ଆଇ.) ଦ୍ୱାରା ନିର୍ଦ୍ଧାରିତ ସଂଶୋଧିତ ପାଠ୍ୟ ବିବରଣ ଉପରେ ଆଧାରିତ ଅଟେ ଏବଂ ଭାରତୀୟ ବୀମା ସଂସ୍ଥାନ, ମୁମ୍ବାଇ ଦ୍ୱାରା ପ୍ରସ୍ତୁତ କରାଯାଇଛି ।

**ଲେଖକ/ସମୀକ୍ଷକ (ବର୍ଣ୍ଣମାଳା କ୍ରମରେ)**

**ଡ. ଆର୍. କେ. ଦୁଗ୍ଗାଲ୍**
**ଡ. ଶଶୀଧରନ କେ. କୁଟ୍ଟୀ**
**ଶ୍ରୀ ଭେପାଚେଡୁ ଜୟନ୍ତ କୁମାର |**
**ସି.ଏ.ପି. କୋଟେଶ୍ୱର ରାଓ**
**ଡ ରମେଶ କୁମାର ସତ୍ୟଲୁରୀ**
**ଡ. ପ୍ରଦୀପ ସରକାର**
**ପ୍ରୋ. ମାଧୁରୀ ଶର୍ମା**
**ଡ. ଜର୍ଜ ଇ. ଥମାସ୍**
**ପ୍ରୋ. ଅର୍ଚ୍ଚନା ବାଜେ**
**ଶ୍ରୀ କୃଷ୍ଣମୋହନ ୟ**
**ଏହି ପାଠ୍ୟକ୍ରମକୁ ସି-ଡ୍ୟାକ୍, ପୁନା ର ସହାୟତାରେ ଓଡ଼ିଆରେ ଅନୁବାଦ ଓ ସମୀକ୍ଷା କରାଯାଇଛି ।**
**ଶ୍ରୀ ନୃସିଂହ ଚରଣ ନାୟକ**
**ଶ୍ରୀ କିଶୋର କୃଷ୍ଣ ପଣ୍ଡା**

ଜି-ବ୍ଲକ୍, ପ୍ଲଟ୍ ନଂ. ସି-46, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂ), ମୁମ୍ବାଇ-400051.

# କର୍ପୋରେଟ୍ ଏଜେଣ୍ଟ-କମ୍ପୋଜିଟ୍

# (ଅଧିକୃତ ଯାଞ୍ଚକର୍ତ୍ତା)

**ସଂସ୍କରଣ ବର୍ଷ: 2025**


## ସମସ୍ତ ଅଧିକାର ସଂରକ୍ଷିତ

ଏହି ପାଠ୍ୟକ୍ରମ ବିଷୟବସ୍ତୁଟି ଭାରତୀୟ ବୀମା ସଂସ୍ଥାନ (III) ର ସତ୍ତ୍ୱାଧିକାର ଅଟେ । ଏହି ପାଠ୍ୟକ୍ରମର ପରିକଳ୍ପନା ଭାରତୀୟ ବୀମା ସଂସ୍ଥାନ ପରୀକ୍ଷାରେ ଉପସ୍ଥିତ ହେଉଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଶୈକ୍ଷଣିକ ନିବେଶ (ଇନପୁଟ) ଯୋଗାଇବା ସକାଶେ କରାଯାଇଛି । ଏହି ପାଠ୍ୟକ୍ରମ ବିଷୟବସ୍ତୁକୁ, ଆଶିଂକ ରୂପେ କିମ୍ବା ସଂପୂର୍ଣ୍ଣ ରୂପେ ହେଉ, ସଂସ୍ଥାନର ପୂର୍ବ ବ୍ୟକ୍ତ ଲିଖିତ ଅନୁମତି ବିନା, ବ୍ୟବସାୟିକ ଉଦ୍ଦେଶ୍ୟରେ ପୁନଃପ୍ରସ୍ତୁତ କରାଯାଇ ନ ପାରେ ।

ବିଷୟବସ୍ତୁ ପ୍ରଚଳିତ ସର୍ବୋତ୍ତମ ପ୍ରଥା ଉପରେ ପର୍ଯ୍ୟବେଶିତ ଅଟେ ଏବଂ ବୈଧିକ କିମ୍ବା ଅନ୍ୟ ପ୍ରକାରର ବିବାଦ ପରିପ୍ରେକ୍ଷୀରେ ବ୍ୟାଖ୍ୟା କିମ୍ବା ସମାଧାନ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ନୁହେଁ ।

ଏହା କେବଳ ଏକ ସଙ୍କେତାତ୍ମକ ଅଧ୍ୟୟନ ବିଷୟବସ୍ତୁ ଅଟେ । ଦୟାକରି ଧ୍ୟାନ ଦିଅନ୍ତୁ ଯେ, ପରୀକ୍ଷାରେ ଆସୁଥିବା ପ୍ରଶ୍ନସବୁ କେବଳ ଏହି ଅଧ୍ୟୟନ ବିଷୟବସ୍ତୁ ମଧ୍ୟରେ ସୀମିତ ରହିବ ନାହିଁ ।



ପ୍ରକାଶିତ: ମହା ସଚିବ, ଭାରତୀୟ ବୀମା ସଂସ୍ଥାନ, ଜି-ବ୍ଲକ୍, ପ୍ଲଟ୍ ସି-46, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ପୂ), ମୁମ୍ବାଇ-400 051 ଦ୍ୱାରା ଏବଂ ମୁଦ୍ରିତ

ଏହି ଅଧ୍ୟୟନ ବିଷୟବସ୍ତୁ ସମ୍ବନ୍ଧିତ କୌଣସି ବି ସୂଚନାକୁ ଆବରଣ ପୃଷ୍ଠାରେ ଉଲ୍ଲିଖିତ ବିଷୟ ଶୀର୍ଷକ ଓ ଅନନ୍ୟ ପ୍ରକାଶନ ସଂଖ୍ୟାକୁ ଉଲ୍ଲେଖ କରି ctd@iii.org.in କୁ ପ୍ରେରଣ  କରାଯାଇ ପାରେ ।

# ପ୍ରସ୍ତାବନା

ଭାରତୀୟ ବୀମା ସଂସ୍ଥାନ, ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (ଆଇ.ଆର୍.ଡି.ଏ.ଆଇ) ଦ୍ୱାରା ନିର୍ଦ୍ଧାରିତ ପାଠ୍ୟକ୍ରମ ଆଧାରରେ ବୀମା ଅଭିକର୍ତ୍ତାମାନଙ୍କ ପାଇଁ ଏହି ପାଠ୍ୟକ୍ରମ ବିଷୟବସ୍ତୁକୁ ବିକଶିତ କରିଛି । ପାଠ୍ୟକ୍ରମ ବିଷୟବସ୍ତୁକୁ ପ୍ରସ୍ତୁତ କରିବାରେ ଉଦ୍ୟୋଗ ବିଶେଷଜ୍ଞମାନେ ସଂପୃକ୍ତ ହୋଇଥିଲେ ।

ପାଠ୍ୟକ୍ରମଟି ସମ୍ୟକ୍ ଦୃଷ୍ଟିକୋଣରେ, ସେମାନଙ୍କ ବ୍ୟବସାୟିକ ବୃତ୍ତିକୁ ବୁଝିବା ଓ ପ୍ରଶଂସା କରିବାକୁ ସମ୍ବନ୍ଧିତ ବ୍ୟାପାର ପଙ୍କ୍ତିରେ ଅଭିକର୍ତ୍ତାମାନଙ୍କୁ ସକ୍ଷମ କରିବାପାଇଁ ଜୀବନ, ସାଧାରଣ ଏବଂ ସ୍ୱାସ୍ଥ୍ୟ ବୀମାର ମୂଳଭୂତ ଜ୍ଞାନ ପ୍ରଦାନ କରେ ।

ପାଠ୍ୟକ୍ରମର ସଂରଚନା ଚାରି ବିଭାଗରେ କରାଯାଇଛି । (1) ବିହଙ୍ଗାବଲୋକନ—ଏକ ସାଧାରଣ ବିଭାଗ ଯାହା ବୀମା ସିଦ୍ଧାନ୍ତ, ବୈଧିକ ସିଦ୍ଧାନ୍ତ ଏବଂ ବିନିୟାମକ ବିଷୟକୁ ବର୍ଣ୍ଣନା କରେ ଯାହା ବୀମା ଅଭିକର୍ତ୍ତାମାନେ ଜାଣିବା ଆବଶ୍ୟକ (2) ଜୀବନ ବୀମା ଅଭିକର୍ତ୍ତା, (3) ସାଧାରଣ ବୀମା ଅଭିକର୍ତ୍ତା ଏବଂ (4) ସ୍ୱାସ୍ଥ୍ୟ ବୀମା ଅଭିକର୍ତ୍ତା ହେବାପାଇଁ ଆକାଂକ୍ଷା ରଖିଥିବା ବ୍ୟକ୍ତିମାନଙ୍କ ପାଇଁ ଅଲଗା ଅଲଗା ବିଭାଗ ଦିଆ ଯାଇଛି ।

ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ନମୂନାର ଏବଂ ପଚରାଯିବାକୁ ଥିବା ବସ୍ତୁନିଷ୍ଠ ପ୍ରଶ୍ନାବଳୀର ପ୍ରକାରର ଧାରଣା ଦେବାପାଇଁ ପାଠ୍ୟକ୍ରମରେ ଆଦର୍ଶ ପ୍ରଶ୍ନାବଳୀର ଏକ ସମୁଚ୍ଚୟକୁ ଅନ୍ତର୍ଭୁକ୍ତ କରାଯାଇଛି । ସେମାନେ ଯାହା ଶିଖିଛନ୍ତି, ତାକୁ ପୁନଃ ପରୀକ୍ଷିତ କରିବାରେ ମଧ୍ୟ ଏହି ଆଦର୍ଶ ପ୍ରଶ୍ନାବଳୀ ସେମାନଙ୍କୁ ସାହାଯ୍ୟ କରିବ ।

ବୀମା ଏକ ଗତିଶୀଳ ପରିବେଶରେ କାର୍ଯ୍ୟ କରେ । ଅଭିକର୍ତ୍ତାମାନଙ୍କୁ ବଜାରରେ ଘଟୁଥିବା ପରିବର୍ତ୍ତନଗୁଡିକ ସମ୍ବନ୍ଧରେ ସର୍ବଶେଷ ଜ୍ଞାନ (ଅପଟୁଡେଟ୍) ରହିବା ଆବଶ୍ୟକ । ସେମାନେ ବ୍ୟକ୍ତିଗତ ଅଧ୍ୟୟନ ଏବଂ ସମ୍ବନ୍ଧିତ ବୀମାକର୍ତ୍ତାମାନଙ୍କ ଦ୍ୱାରା ବ୍ୟବସ୍ଥା କରାଯାଉଥିବା ଇନ୍-ହାଉସ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମମାନଙ୍କରେ ଅଂଶଗ୍ରହଣ ଜରିଆରେ ସକ୍ରିୟରୂପେ ଜ୍ଞାନ ପ୍ରାପ୍ତିର ଲକ୍ଷ୍ୟ ରଖିବା ଉଚିତ୍ ।

ସଂସ୍ଥାନ ଉପରେ ଏହି କାର୍ଯ୍ୟ ନ୍ୟସ୍ତ କରିଥିବାରୁ ସଂସ୍ଥାନ ଆଇ.ଆର୍.ଡି.ଏ. ଆଇ. କୁ ଧନ୍ୟବାଦ ଅର୍ପଣ କରୁଛି । ସଂସ୍ଥାନ ଏହି ବିଷୟବସ୍ତୁକୁ ଅଧ୍ୟୟନ କରିବାରେ ଆଗ୍ରହୀ ଥିବା ସମସ୍ତ ବ୍ୟକ୍ତିଙ୍କୁ ବୀମା ବିପଣନରେ ଏକ ସଫଳ ଜୀବିକା ପାଇଁ ଶୁଭେଚ୍ଛା ଜଣାଉଛି ।

# ସୂଚୀପତ୍ର


| ଅଧ୍ୟାୟ ସଂ. | ଶୀର୍ଷକ | ପୃଷ୍ଠା ସଂ. |
|---|---|---|
| **ବିଭାଗ** | **ସାଧାରଣ ଅଧ୍ୟାୟ** | |
| C-01 | ବୀମା ପରିଚୟ | 2 |
| C-02 | ବୀମାର ମୂଳ ତତ୍ତ୍ୱ | 21 |
| C-03 | ବୀମା ସିଦ୍ଧାନ୍ତ | 31 |
| C-04 | ବୀମା ଚୁକ୍ତିମାନଙ୍କ ବିଶେଷତା | 45 |
| C-05 | ଅଣ୍ଡରରାଇଟ୍ ଏବଂ ମୂଲ୍ୟାୟନ | 54 |
| C-06 | ଦାବୀ ପ୍ରୋସେସିଙ୍ଗ୍ | 63 |
| C-07 | ଦଲିଲୀକରଣ | 70 |
| C-08 | ଗ୍ରାହକ ସେବା | 79 |
| C-09 | ଅଭିଯୋଗ ନିବାରଣ ତନ୍ତ୍ର/ପ୍ରଣାଳୀ | 97 |
| C-10 | କର୍ପୋରେଟ ଅଭିକର୍ତାମାନଙ୍କ ପାଇଁ ନିୟାମକ ଦିଗ | 106 |
| C-11 | ଦୂରସ୍ଥ ବିପଣନ ମାର୍ଗଦର୍ଶିକା | 125 |
| C-12 | ଟେଲିକଲର୍ ପାଇଁ ଆଚାର ସଂହିତା - ଶିଷ୍ଟାଚାର, କରଣୀୟ ଏବଂ ଅକରଣୀୟ | 128 |
| **ବିଭାଗ** | **ଜୀବନ ବୀମା** | |
| L-01 | ଜୀବନ ବୀମାରେ  କଣ  ସମ୍ପୃକ୍ତ ଅଛି | 134 |
| L-02 | ଆର୍ଥିକ ଯୋଜନା | 141 |
| L-03 | ଜୀବନ ବୀମା ଉତ୍ପାଦ: ପାରମ୍ପାରିକ | 158 |
| L-04 | ଜୀବନ ବୀମା ଉତ୍ପାଦ : ଅଣ-ପାରମ୍ପରିକ | 170 |
| L-05 | ଜୀବନ ବୀମାର ପ୍ରୟୋଗ | 177 |
| L-06 | ଜୀବନ ବୀମାରେ ମୂଲ୍ୟ ନିର୍ଦ୍ଧାରଣ ଏବଂ ମୂଲ୍ୟାଙ୍କନ | 182 |
| L-07 | ଜୀବନ ବୀମା ଦଲିଲୀକରଣ | 192 |
| L-08 | ଜୀବନ ବୀମା ସଙ୍କଟାଙ୍କନ | 208 |
| L-09 | ଜୀବନ ବୀମା ଦାବୀ | 223 |
| L-10 | ପ୍ରିମିୟମ ଏବଂ ବୋନସ | 231 |

| | | |
|---|---|---|
| **ବିଭାଗ** | **ସ୍ୱାସ୍ଥ୍ୟ ବୀମା** | |
| H-01 | ସ୍ୱାସ୍ଥ୍ୟ ବୀମାର ପରିଚୟ | 252 |
| H-02 | ସ୍ୱାସ୍ଥ୍ୟ ବୀମା ଦଲିଲୀକରଣ | 259 |
| H-03 | ସ୍ୱାସ୍ଥ୍ୟ ବୀମା ଉତ୍ପାଦ | 270 |
| H-04 | ସ୍ୱାସ୍ଥ୍ୟ ବୀମା ସଙ୍କଟାଙ୍କନ | 302 |
| H-05 | ସ୍ୱାସ୍ଥ୍ୟ ବୀମା ଦାବୀ | 320 |
| **ବିଭାଗ** | **ସାଧାରଣ ବୀମା** | |
| G-01 | ସାଧାରଣ ବୀମା ଦଲିଲୀକରଣ | 340 |
| G-02 | ଅଣ୍ଡରଟେକିଂ ଏବଂ ରେଟ୍ ମେକିଂ | 359 |
| G-03 | ବ୍ୟକ୍ତିଗତ ଏବଂ ଖୁଚୁରା ବୀମା | 370 |
| G-04 | ବ୍ୟାପାରିକ ବୀମା | 381 |
| G-05 | ସାଧାରଣ ବୀମା ଦାବୀ | 410 |
| **ବିଭାଗ** | **ସଂଲଗ୍ନ** | |
| A-01 | ସଂଲଗ୍ନ – ପୂରଣ କରିବାକୁ ଥିବା ନମୂନା ପ୍ରସ୍ତାବ ଫର୍ମ ଏବଂ ଦାବୀ ଫର୍ମ | 420 |

# ବିଭାଗ

# ଏକ ବିହଙ୍ଗାବଲୋକନ

# ଅଧ୍ୟାୟ C-01

## ବୀମା ପରିଚୟ

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟର ଉଦ୍ଦେଶ୍ୟ ହେଉଛି ବୀମାର ମୂଳ ତଥ୍ୟକୁ ପରିଚିତ କରାଇବା, ଏହାର କ୍ରମ ବିକାଶ ଏବଂ ଏହା କିପରି କାର୍ଯ୍ୟ କରେ, ଏ ବିଷୟରେ ଖୋଜି ଜାଣିବା । ଏହାର ଅଭିପ୍ରାୟ ହେଉଛି ଅପ୍ରତ୍ୟାଶିତ ଘଟଣା ଫଳରେ ଉତ୍ପନ୍ନ ହୋଇଥିବା ଆର୍ଥିକ ହାନି ବିରୁଦ୍ଧରେ ବୀମା କିପରି ସୁରକ୍ଷା ପ୍ରଦାନ କରେ ଏବଂ ସଙ୍କଟ ସ୍ଥାନାନ୍ତରଣର ଏକ ସାଧନ ରୂପେ ଉପଯୋଗୀ ହୁଏ, ଏ ବିଷୟରେ ଶିକ୍ଷା ଦେବା ।

**ଅଧ୍ୟୟନ ପରିଣାମ**

A. ବୀମା - ଇତିହାସ ଏବଂ କ୍ରମବିକାଶ

B. ସଙ୍କଟ ସମୁଚ୍ଚୟକରଣର ସିଦ୍ଧାନ୍ତ

C. ସଙ୍କଟ ପ୍ରବନ୍ଧନ ପଦ୍ଧତି

D. ସଙ୍କଟ ପ୍ରବନ୍ଧନ କରିବା ପାଇଁ ଏକ ସାଧନ ରୂପେ ବୀମା

E. ବୀମା ଚୟନ କରିବା ପୂର୍ବରୁ ବିଚାର ବିବେଚନା

F. ବୀମା ବଜାର ଖେଳାଳୀ (ବ୍ୟବସାୟୀ)

G. ସମାଜରେ ବୀମାର ଭୂମିକା

## A. ବୀମା- ଇତିହାସ ଏବଂ କ୍ରମବିକାଶ

ଆମେମାନେ ଏକ ଅନିଶ୍ଚିତତାର ପୃଥିବୀରେ ବାସ କରୁଛୁ । ଆମେମାନେ ନିମ୍ନ ବିଷୟରେ ଶୁଣିଥାଉ:

- ✓ ଟ୍ରେନଗୁଡିକର ଧକ୍କା ହେବା
- ✓ ବନ୍ୟା ସମଗ୍ର ଜନ ସମୁଦାୟକୁ ଧ୍ୱଂସ କରିବା
- ✓ ଭୂମିକମ୍ପ କୋଠାବାଡିକୁ ଧୂଳିସାତ୍ କରିବା
- ✓ ଯୁବାବସ୍ଥାରେ ଲୋକେ ଅପ୍ରତ୍ୟାଶିତରୂପେ ମୃତ୍ୟୁବରଣ କରିବା

**ଚିତ୍ର 1: ଆମ ଚାରିପଟେ ଘଟୁଥିବା ଘଟଣାସବୁ**




ଏହି ଘଟଣାସବୁ ଲୋକମାନଙ୍କୁ କାହିଁକି ବ୍ୟାକୁଳ ଓ ଭୟଭୀତ କରନ୍ତି?
କାରଣ ସରଳ ଅଟେ ।

**i.** ପ୍ରଥମତଃ, ଏହି ଘଟଣାଗୁଡିକ ଅପ୍ରତ୍ୟାଶିତ ଅଟନ୍ତି । ଯଦି ଜଣେ ଏକ ଘଟଣା ବିଷୟରେ ପ୍ରତ୍ୟାଶା ଓ ଭବିଷ୍ୟତବାଣୀ କରିପାରନ୍ତା, ସେ ଏଥିପାଇଁ ପ୍ରସ୍ତୁତ ହୋଇଥାନ୍ତା ।

**ii.** ଦ୍ୱିତୀୟତଃ, ସେଭଳି ଅପ୍ରତ୍ୟାଶିତ ଓ ପ୍ରତିକୂଳ ଘଟଣାଗୁଡିକ ଅନେକ ସମୟରେ ଆର୍ଥିକ ହାନି ଓ ଦୁଃଖର କାରଣ ହୋଇଥାନ୍ତି ।

ଚାରିପାଖରେ ଥିବା ଲୋକମାନେ, ଏକ ଭାଗୀଦାରୀ ଓ ପାରସ୍ପରିକ ସମର୍ଥନର ପ୍ରଣାଳୀ ସାହାଯ୍ୟରେ, ସେହି ବ୍ୟକ୍ତିମାନଙ୍କ ସହାୟତାରେ ଆସିଥାନ୍ତି ଯେଉଁମାନେ ସେଭଳି ଘଟଣାସବୁ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ବୀମାର ଧାରଣା ହଜାର ହଜାର ବର୍ଷର ପୁରୁଣା ଅଟେ । ତଥାପି, ବୀମାର ବର୍ତ୍ତମାନ ରୂପ, କେବଳ ଦୁଇ କିମ୍ବା ତିନି ଶତାବ୍ଦୀ ପୁରୁଣା ଅଟେ ।

## 1. ବୀମାର ଇତିହାସ

ବୀମା ଖ୍ରୀ. ପୂ. 3000 ଠାରୁ କୌଣସି ନା କୌଣସି ରୂପେ ବିଦ୍ୟମାନ ରହିଛି । ଜନ ସମୁଦାୟର କିଛି ସଦସ୍ୟଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିବା ସମସ୍ତ ହାନି ପାଇଁ, ଅନେକ ସଭ୍ୟତା ସମୁଚ୍ଚୟକରଣର ସିଦ୍ଧାନ୍ତ ଓ ପରସ୍ପର ମଧ୍ୟରେ ଆବଣ୍ଟିତ କରିବାର ପ୍ରଥାକୁ ପ୍ରଚଳିତ କରିଛନ୍ତି । ଆସନ୍ତୁ ଆମେ ସେହି କେତେକ ପ୍ରଣାଳୀକୁ ଅବଲୋକନ କରିବା ଯେଉଁଥିରେ ଏହି ସିଦ୍ଧାନ୍ତର ଉପଯୋଗ କରାଯାଇଛି ।

## 2. ଯୁଗ ଯୁଗ ଧରି ବୀମା - କେତେକ ଦୃଷ୍ଟାନ୍ତ

| | |
|---|---|
| **ପୋତବନ୍ଧକ ଋଣ** | ଯଦି ନୌବହନ ନିଖୋଜ କିମ୍ବା ଚୋରୀ ହୋଇଯାଏ, ସେମାନଙ୍କ ଋଣକୁ ମାଫ୍ କରିବା ପାଇଁ ବେବିଲୋନର ବ୍ୟାପାରୀମାନେ ସେମାନଙ୍କ ଋଣଦାତାମାନଙ୍କୁ ଅଧିକ ଅର୍ଥ ପ୍ରଦାନ କରୁଥିଲେ ।<br>ଭାରୁଚ ଓ ସୁରାଟର ବ୍ୟାପାରୀମାନଙ୍କର ମଧ୍ୟ ସେଭଳି ପ୍ରଥା ଥିଲା । |
| **ପରୋପକାରୀ ସମାଜ/କୃପାଳୁ ସମାଜ** | 7ମ ଶତାବ୍ଦୀର ଗ୍ରୀକ୍ ମାନେ ମୃତ୍ୟୁ ହୋଇଥିବା ସଦସ୍ୟଙ୍କ ପରିବାରର ଯତ୍ନ ନେବା ପାଇଁ ଓ ସେହି ସଦସ୍ୟଙ୍କ ଅନ୍ତିମ ସଂସ୍କାର ଖର୍ଚ୍ଚକୁ ମଧ୍ୟ ବହନ କରିବା ପାଇଁ ଅଗ୍ରୀମ ରୂପେ ରାଶି ପ୍ରଦାନ କରୁଥିଲେ ।<br>ଇଂଲଣ୍ଡରେ ବି ସେହି ପ୍ରଥାର ରୀତିକୁ ଅନୁସରଣ କରାଯାଉଥିଲା । |
| **ରୋଡ୍ସ** | ରୋଡ୍ସର ବ୍ୟାପାରୀ, ଯେଉଁମାନେ ସମୁଦ୍ରରେ ମାଲପତ୍ର ପଠାଉଥିଲେ, ସେମାନେ ହାନିସବୁକୁ ଆବଣ୍ଟିତ କରୁଥିଲେ ଯେତେବେଳେ ସେମାନଙ୍କ ମଧ୍ୟରୁ କାହାର ବି ଜେଟ୍ଟିସନ୍(ଫିଙ୍ଗିଦେବା ବା ଫୋପାଡ଼ିଦେବା ) ଯୋଗୁଁ ଜିନିଷର ନିଖୋଜ/କ୍ଷତି ହେଉଥିଲା । |
| **ଚୀନୀ ବ୍ୟାପାରୀ** | ପ୍ରାଚୀନ ସମୟରେ ଚୀନୀ ବ୍ୟାପାରୀମାନେ ସେମାନଙ୍କ ମାଳପତ୍ରକୁ ବିଭିନ୍ନ ଜାହାଜରେ ପଠାଉଥିଲେ, ଯାହା ଦ୍ୱାରା ଯଦିଓ କିଛି ପୋତ ବୁଡ଼ି ଗଲେ, ସେମାନଙ୍କ ଆଂଶିକ ହାନି ହେଉଥିଲା । |

## 3. ବୀମା ବିଷୟରେ ଆଧୁନିକ ଧାରଣା

ଭାରତରେ ଜୀବନ ବୀମାର ସିଦ୍ଧାନ୍ତ ଯୌଥ-ପରିବାର ପ୍ରଣାଳୀରେ ପ୍ରତିଫଳିତ ହୋଇଥିଲା । ଏକ ସଦସ୍ୟର ମୃତ୍ୟୁଠାରୁ ଉତ୍ପନ୍ନ ହୋଇଥିବା ହାନି ବିଭିନ୍ନ ପରିବାର ସଦସ୍ୟଙ୍କ ମଧ୍ୟରେ ଆବଣ୍ଟିତ ହେଉଥିଲା ଯାହା ଦ୍ୱାରା ପରିବାରର ପ୍ରତ୍ୟେକ ସଦସ୍ୟ ସୁରକ୍ଷିତ ଅନୁଭବ କରିବା ଚାଲୁ ରହୁଥିଲା ।

ଆଧୁନିକ ଯୁଗରେ ଯୌଥ ପରିବାର ପ୍ରଣାଳୀର ବିଘଟନ ଓ ଏକଲ ପରିବାରର ଆବିର୍ଭାବ ସହିତ ଦୈନନ୍ଦିନ ଜୀବନର ଚାପ ସୁରକ୍ଷା ପାଇଁ ବୈକଳ୍ପିକ ପ୍ରଣାଳୀଗୁଡିକର ବିକାଶ କରିବା ଆବଶ୍ୟକ କରିଦେଇଛି । ଏହା ଏକ ବ୍ୟକ୍ତି ପାଇଁ ଜୀବନ ବୀମାର ମହତ୍ତ୍ୱ ଉପରେ ଆଲୋକପାତ କରେ ।

**i.** **ଲଏଡ୍ସ** : ଆଧୁନିକ ବ୍ୟବସାୟିକ ବୀମାର ଉତ୍ପତ୍ତି ଲଣ୍ଡନର ଲଏଡ୍ସ କଫି ହାଉସ୍ ରେ ଆରମ୍ଭ ହୋଇଥିଲା, ଯେଉଁଠି ବ୍ୟାପାରୀମାନେ ସେହି ହାନିସବୁରେ ଭାଗୀଦାର ହେବାପାଇଁ ସମ୍ମତି ପ୍ରଦାନ କରିଥିଲେ ଯାହା ଦ୍ୱାରା ସେମାନେ ସମୁଦ୍ରରେ ବିପର୍ଯ୍ୟୟ ଯୋଗୁଁ ଆକ୍ରାନ୍ତ ହୋଇଥିଲେ ।

**ii. ଚିରସ୍ଥାୟୀ ଆଶ୍ୱାସନା ପାଇଁ ମୈତ୍ରୀପୂର୍ଣ୍ଣ ସଂସ୍ଥା**, ଯାହା 1706 ରେ ଲଣ୍ଡନରେ ସ୍ଥାପିତ ହୋଇଥିଲା, ତାହାକୁ ବିଶ୍ୱର ପ୍ରଥମ ଜୀବନ ବୀମା କମ୍ପାନୀ ରୂପେ ପରିଗଣିତ କରାଯାଏ ।

## 4. ଭାରତରେ ବୀମାର ଇତିହାସ

**a) ଭାରତ**: ଭାରତରେ ଆଧୁନିକ ବୀମା, ସାମୁଦ୍ରିକ ବୀମା ବ୍ୟବସାୟ ଆରମ୍ଭ କରୁଥିବା ବିଦେଶୀ ବୀମା ଏଜେନ୍ସିମାନଙ୍କ ସହିତ 1800 ର ପ୍ରଥମ ଭାଗରେ କିମ୍ବା ତା' ଆଖପାଖରେ ଆରମ୍ଭ ହୋଇଥିଲା ।

| | |
|---|---|
| **ଦି ଓରିଏଣ୍ଟାଲ ଲାଇଫ୍ ଇନ୍ସ୍ୟୁରାନ୍ସ କୋ. ଲିମିଟେଡ୍** | ଭାରତରେ ସ୍ଥାପିତ ହୋଇଥିବା ପ୍ରଥମ ଜୀବନ ବୀମା କମ୍ପାନୀ ଥିଲା ଏକ ଇଂରାଜୀ କମ୍ପାନୀ |
| **ଟ୍ରାଇଟନ୍ ଇନ୍ସ୍ୟୁରାନ୍ସ କୋ. ଲିମିଟେଡ୍** | ଭାରତରେ ସ୍ଥାପିତ ହୋଇଥିବା ପ୍ରଥମ ଅଣ-ଜୀବନ ବୀମାକର୍ତ୍ତା |
| **ବମ୍ବେ ମ୍ୟୁଚୁଆଲ୍ ଏସ୍ୟୁରାନ୍ସ ସୋସାଇଟି ଲିମିଟେଡ୍** | ପ୍ରଥମ ଭାରତୀୟ ବୀମା କମ୍ପାନୀ । ଏହା 1870 ରେ ମୁମ୍ବାଇରେ ଗଠିତ ହୋଇଥିଲା । |
| **ନ୍ୟାଶନାଲ୍ ଇନ୍ସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ (ଜାତୀୟ ବୀମା କମ୍ପାନୀ ଲିମିଟେଡ୍)** | ଭାରତର ସର୍ବପୁରାତନ ବୀମା କମ୍ପାନୀ । ଏହା 1906 ରେ ସ୍ଥାପିତ ହୋଇଥିଲା । |

ଶତାବ୍ଦୀର ଶେଷ ଭାଗରେ ସ୍ୱଦେଶୀ ଆନ୍ଦୋଳନ ଫଳରେ ପରେ ପରେ ଅନେକ ଅନ୍ୟ ଭାରତୀୟ କମ୍ପାନୀ ସ୍ଥାପିତ ହୋଇଥିଲେ ।

| ମହତ୍ତ୍ୱପୂର୍ଣ୍ଣ |
|---|

a) **ବୀମା ଅଧିନିୟମ 1938** ଥିଲା ଭାରତରେ ବୀମା କମ୍ପାନୀମାନଙ୍କ ସଂଚାଳନକୁ ନିୟନ୍ତ୍ରଣ କରିବାପାଇଁ ପ୍ରଥମ ବିଧାନ । ଏହି ଆଇନ, ସମୟ ସମୟରେ ସଂଶୋଧିତ ହୋଇ, ଏ ପର୍ଯ୍ୟନ୍ତ ପ୍ରଭାବଶୀଳ ରହିଛି ।

b) 1ସେପ୍ଟେମ୍ବର 1956 ଦିନ ଜୀବନ ବୀମା ବ୍ୟବସାୟକୁ ଜାତୀୟକରଣ କରାଗଲା ଏବଂ **ଭାରତୀୟ ଜୀବନ ବୀମା ନିଗମ**( LIC) ଗଠିତ ହୋଇଥିଲା । 1956 ଠାରୁ 1999 ପର୍ଯ୍ୟନ୍ତ ,ଭାରତରେ ଜୀବନ ବୀମା ବ୍ୟବସାୟ କରିବା ପାଇଁ LIC ପାଖରେ ଏକମାତ୍ର ଅଧିକାର ଥିଲା ।

c) 1972 ରେ, ଅଣ-ଜୀବନ ବୀମା ବ୍ୟବସାୟକୁ ମଧ୍ୟ ଜାତୀୟକରଣ କରାଗଲା ଏବଂ **ଭାରତୀୟ ସାଧାରଣ ବୀମା ନିଗମ (**GIC**) ଓ ଏହାର ଚାରୋଟି ସହାୟକ କମ୍ପାନୀଙ୍କୁ** ସ୍ଥାପିତ କରାଗଲା ।

d) **ମାଲହୋତ୍ରା ସମିତି, 1994 ରେ ପ୍ରସ୍ତୁତ କରିଥିବା ଏହାର ରିପୋର୍ଟରେ**, ପ୍ରତିଯୋଗିତା ପାଇଁ ବଜାର ଖୋଲିବା ପାଇଁ **ସୁପାରିଶ କରିଥିଲା ।**

e) ବୀମା ବିନିୟାମକ ଓ ବିକାଶ ଅଧିନିୟମ, 1999 (IRDAI) ପାରିତ ହେବା ସହିତ, 2000 ମସିହାରେ ବୀମା ବଜାରକୁ ମୁକ୍ତ କରାଗଲା, ଯାହା ବୀମା ଉଦ୍ୟୋଗ ପାଇଁ ଏକ ବୈଧାନିକ ବିନିୟାମକ ସଂସ୍ଥା ରୂପେ ଏପ୍ରିଲ 2000ରେ ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ (IRDAI) କୁ ମଧ୍ୟ ସ୍ଥାପିତ କରିଥିଲା ।

f) 2021 ରେ ବୀମା ଅଧିନିୟମର ଏକ ସଂଶୋଧନ, ବିଦେଶୀ ନିବେଶକମାନଙ୍କୁ, ଏକ ଭାରତୀୟ ବୀମା କମ୍ପାନୀରେ ପ୍ରଦାନ କରାଯାଇଥିବା ଇକ୍ୱିଟୀ କ୍ୟାପିଟାଲର 74% ପର୍ଯ୍ୟନ୍ତ ଅଧିକାରରେ ରଖିବା ପାଇଁ ଅନୁମତି ଦେଇଛି । ବିଦେଶୀ

କମ୍ପାନୀମାନେ ପୁନଃବୀମା କରିବା ପାଇଁ ବର୍ତ୍ତମାନ ଭାରତରେ ଶାଖାଗୁଡିକ ସ୍ଥାପିତ କରିପାରନ୍ତି ।

a. **ବର୍ତ୍ତମାନ ବୀମା ଉଦ୍ୟୋଗ (30 ସେପ୍ଟେମ୍ବର 2021 ସୁଦ୍ଧା)**

a) ଭାରତରେ 24 ଜୀବନ ବୀମା କମ୍ପାନୀ କାର୍ଯ୍ୟ କରୁଛନ୍ତି । ଏମାନଙ୍କ ମଧ୍ୟରୁ ଭାରତୀୟ ଜୀବନ ବୀମା ନିଗମ (LIC) ଏକ ସାର୍ବଜନିକ କ୍ଷେତ୍ର କମ୍ପାନୀ (PSU) ଏବଂ ଅବଶିଷ୍ଟ 23 ଜୀବନ ବୀମା କମ୍ପାନୀ ଘରୋଇ କ୍ଷେତ୍ରରେ ଅଛନ୍ତି ।

b) 34 ସାଧାରଣ ବୀମା କମ୍ପାନୀ ଅଛନ୍ତି ଯାହା ମଧ୍ୟରେ 4 ଗୋଟି ଯଥା -ନ୍ୟାଶନାଲ୍ ଇନ୍ସ୍ୟୁରାନ୍ସ କୋ. ଲିମିଟେଡ୍, ଦ ନ୍ୟୁ ଇଣ୍ଡିଆ ଏସ୍ୟୁରାନ୍ସ କୋ. ଲିମିଟେଡ୍, ଦ ଓରିଏଣ୍ଟାଲ୍ ଇନ୍ସ୍ୟୁରାନ୍ସ କୋ. ଲିମିଟେଡ୍ ଏବଂ ୟୁନାଇଟେଡ୍ ଇଣ୍ଡିଆ ଇନ୍ସ୍ୟୁରାନ୍ସ କୋ. ଲିମିଟେଡ୍ ସମସ୍ତ ପ୍ରକାରର ସାଧାରଣ ବୀମା ବ୍ୟବସାୟ କରୁଥିବା PSU କମ୍ପାନୀ ଅଟନ୍ତି । 26 ଘରୋଇ କମ୍ପାନୀମାନେ ମଧ୍ୟ ସମସ୍ତ ପ୍ରକାରର ସାଧାରଣ ବୀମା ବ୍ୟବସାୟ କରନ୍ତି । 6 ସାଧାରଣ ବୀମାକର୍ତ୍ତାମାନେ କେବଳ ସ୍ୱାସ୍ଥ୍ୟ ବୀମା ବ୍ୟବସାୟ କରନ୍ତି । 2 ଗୋଟି ହେଉଛନ୍ତି ବିଶେଷଜ୍ଞ ବୀମାକର୍ତ୍ତା – ଏଗ୍ରିକଲ୍ଚରାଲ୍ ଇନ୍ସ୍ୟୁରାନ୍ସ କମ୍ପାନୀ [AIC] ଏବଂ ଏକ୍ସପୋର୍ଟ କ୍ରେଡିଟ୍ ଏଣ୍ଡ ଗ୍ୟାରେଣ୍ଟିଜ୍ କର୍ପୋରେଶନ୍ [ECGC], ଉଭୟ ସାର୍ବଜନିକ କ୍ଷେତ୍ର ତତ୍ତ୍ୱ ରୂପେ ସ୍ଥାପିତ ।

c) ଗୋଟିଏ ପୁନଃବୀମା କମ୍ପାନୀ ଅଛି –ଭାରତୀୟ ସାଧାରଣ ବୀମା ନିଗମ [**GIC Re**] ଏବଂ 11 ବିଦେଶୀ ପୁନଃବୀମାକର୍ତ୍ତା ଯେଉଁମାନେ ଶାଖା କାର୍ଯ୍ୟାଳୟମାନଙ୍କରେ କାର୍ଯ୍ୟ ସଂଚାଳନ କରନ୍ତି ।

d) ଭାରତ ସରକାରଙ୍କ ଡାକ ବିଭାଗ (ଇଣ୍ଡିଆ ପୋଷ୍ଟ ବୋଲି କୁହାଯାଉଥିବା), ବି ପୋଷ୍ଟାଲ୍ ଲାଇଫ୍ ଇନ୍ସ୍ୟୁରାନ୍ସ ରୂପେ ପରିଚିତ ଜୀବନ ବୀମାର କାରବାର କରେ । ଇଣ୍ଡିଆ ପୋଷ୍ଟ ବୀମା ବିନିୟାମକର କାର୍ଯ୍ୟକ୍ଷେତ୍ରଠାରୁ ମୁକ୍ତ ଅଟେ ।

**ସ୍ୱୟଂ ପରୀକ୍ଷା କରନ୍ତୁ1**

ନିମ୍ନଲିଖିତ ମଧ୍ୟରୁ କେଉଁଟି ଭାରତରେ ବୀମା ଉଦ୍ୟୋଗ ପାଇଁ ଏକ ବିନିୟାମକ ସଂସ୍ଥା ଅଟେ ?

I. ଭାରତୀୟ ବୀମା ପ୍ରାଧିକରଣ

II. ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ

III. ଭାରତୀୟ ଜୀବନ ବୀମା ନିଗମ

IV. ଭାରତୀୟ ସାଧାରଣ ବୀମା ନିଗମ

**ବୀମା କିପରି କାର୍ଯ୍ୟ କରେ**

ଆଧୁନିକ ବାଣିଜ୍ୟ- ସମ୍ପତ୍ତିର ସ୍ୱାମୀତ୍ୱର ସିଦ୍ଧାନ୍ତ ଉପରେ ସ୍ଥାପିତ ହୋଇଥିଲା । ଯେତେବେଳେ ଏକ ସମ୍ପତ୍ତି (ହାନି କିମ୍ବା ନଷ୍ଟ ଦ୍ୱାରା) ମୂଲ୍ୟ ହରାଏ, ସମ୍ପତ୍ତିର ମାଲିକ ଆର୍ଥିକ ହାନିରେ ଆକ୍ରାନ୍ତ ହୁଏ । ଏହି ହାନିକୁ ସେଭଳି ଅନେକ ସମ୍ପତ୍ତି ମାଲିକଙ୍କ ଦ୍ୱାରା ଦିଆଯାଇଥିବା ଛୋଟ ଛୋଟ ଅଂଶଦାନଠାରୁ ଗଠିତ ଏକ ସାଧାରଣ ନିଧିଠାରୁ କ୍ଷତିପୂରଣ କରାଯାଇପାରେ । ଅବସର ଓ ଏକ ହାନି କରୁଥିବା ଘଟଣାର ପରିଣାମ ର ହସ୍ତାନ୍ତକରଣର ଏହି ପ୍ରକ୍ରିୟା ହେଉଛି ବୀମା ।

ସଙ୍କଟ ସମୁଚ୍ଚୟକରଣର ଏହି ତନ୍ତ୍ର ମୃତ୍ୟୁ ଓ ବିକଳାଙ୍ଗତା କ୍ଷେତ୍ରରେ ଭିନ୍ନ ପ୍ରକାରେ କାର୍ଯ୍ୟ କରେ ଯେହେତୁ ବାଣିଜ୍ୟିକ ସମ୍ପତ୍ତିର କୌଣସି ହାନି/ ନଷ୍ଟ ହୋଇ ନ ଥାଏ ।

**ପରିଭାଷା**

ବୀମାକୁ ଏ ପ୍ରକାରେ ଏକ ପ୍ରକ୍ରିୟା ରୂପେ ବିବେଚିତ କରାଯାଇପାରେ ଯାହାଦ୍ୱାରା ସେହି ଅଳ୍ପ କେତେକଙ୍କ ହାନିକୁ ସେଭଳିଆ ଅନିଶ୍ଚିତ ଘଟଣା/ପରିସ୍ଥିତିର ସମ୍ମୁଖୀନ ହୋଇଥିବା ଅନେକ ଲୋକଙ୍କ ମଧ୍ୟରେ ଆବଣ୍ଟିତ ହୋଇଯାଏ ।

ଚିତ୍ର **2:** ବୀମା କିପରି କାର୍ଯ୍ୟ କରେ




ଅବଶ୍ୟ କେତେଗୁଡିଏ ପ୍ରଶ୍ନ ରହିଛି ଯାହାର ଉତ୍ତର ପାଇବା ଆବଶ୍ୟକ ।

i. ସେ ଭଳି ଏକ ସାଧାରଣ ନିଧି ଜାତ କରିବା ପାଇଁ, ସେମାନଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ଅଲଗା କରିବା ପାଇଁ ଲୋକ ମାନେ ରାଜି ହେବେ କି?

ii. ସେମାନେ କିପରି ବିଶ୍ୱାସ କରିବେ ଯେ ସେମାନଙ୍କ ଅଂଶଦାନକୁ ପ୍ରକୃତରେ ଅଭିଷ୍ଟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି?

iii. ସେମାନେ କିପରି ଜାଣିପାରିବେ ଯେ ସେମାନେ ଅତି ବେଶୀ କିମ୍ବା ଅତି ଅଳ୍ପ ରାଶିପ୍ରଦାନ କରୁଛନ୍ତି?

iv. ଏହି ନିଧିସବୁକୁ ପ୍ରବନ୍ଧ କରିବା ଏବଂ ଯେଉଁମାନେ ହାନିରେ ଆକ୍ରାନ୍ତ ହୁଅନ୍ତି, ତାଙ୍କୁ ରାଶି ପ୍ରଦାନ କରିବା ସବୁର ଦାୟିତ୍ୱ କିଏ ନେବେ?

ଏହିସବୁ ପ୍ରଶ୍ନର ଉତ୍ତର ରୂପେ ଆସେ ଏକ ବୀମାକର୍ତ୍ତାର ଆବଶ୍ୟକତା । ବୀମାକର୍ତ୍ତା ସଙ୍କଟର ମୂଲ୍ୟାଙ୍କନ କରେ, (ପ୍ରିମିୟମ ରୂପେ କୁହାଯାଉଥିବା) ବୈୟକ୍ତିକ ଅଂଶଦାନର ନିର୍ଣ୍ଣୟ ଓ ସଂଗ୍ରହ କରେ,ସଙ୍କଟ ଓ ପ୍ରିମିୟମସବୁର ସମୁଚ୍ଚୟକରଣ କରେ, ଏବଂ ସେମାନଙ୍କୁ ପ୍ରଦାନ କରିବାର ବ୍ୟବସ୍ଥା କରେ ଯେଉଁମାନେ ହାନିରେ ଆକ୍ରାନ୍ତ ହୋଇଥାନ୍ତି ବୀମାକର୍ତ୍ତା ନିଶ୍ଚିତ ରୂପେ ବ୍ୟକ୍ତିମାନଙ୍କ ଓ ସମୁଦାୟର ବିଶ୍ୱାସ ବି ଜିଣିବା ଉଚିତ୍ ।

**1.** ବୀମା ମୂଲ୍ୟ ସମ୍ବନ୍ଧରେ **--**

a) ପ୍ରଥମତଃ, ନିଶ୍ଚିତରୂପେ ଏକ ସମ୍ପତ୍ତି ରହିବା ଉଚିତ୍ ଯାହାର କୌଣସି ଆର୍ଥିକ ମୂଲ୍ୟ ରହିଥାଏ --ସମ୍ପତ୍ତି ଟି ହୋଇପାରେ:

i. ଭୌତିକ (ଯେପରି ଏକ କାର କିମ୍ବା ଘର), କିମ୍ବା

ii. ଅଣ-ଭୌତିକ (ଯେପରିକି ଖ୍ୟାତି, ସଦ୍ଭାବ, କୌଣସି ବ୍ୟକ୍ତିଙ୍କୁ ରାଶି ପ୍ରଦାନ କରିବାର ଦାୟିତ୍ୱ) କିମ୍ବା

iii. ବ୍ୟକ୍ତିଗତ (ଯେପରିକି ଜଣକର ଆଖି, ଅଙ୍ଗପ୍ରତ୍ୟଙ୍ଗ, ଶରୀର ଓ ଶାରୀରିକ ସକ୍ଷମତା) ।

b) ସମ୍ପତ୍ତିଟି ନିଜର ମୂଲ୍ୟ ହରାଇପାରେ ଯଦି ଏକ ନିର୍ଦ୍ଦିଷ୍ଟ ଘଟଣା ଘଟେ । ହାନିର ଏହି ସ୍ଥିତିକୁ ସଙ୍କଟ କୁହାଯାଏ । ସଙ୍କଟ ଘଟଣାର କାରଣକୁ ଆପଦ କୁହାଯାଏ ।

c) ସମୁଚ୍ଚୟକରଣ କୁହାଯାଉଥିବା ଏକ ସିଦ୍ଧାନ୍ତ ଅଛି । ଏଥିରେ ଅନ୍ତର୍ଭୁକ୍ତ ହୁଏ ବିଭିନ୍ନ ବ୍ୟକ୍ତିଙ୍କଠାରୁ (ପ୍ରିମିୟମ ରୂପେ ପରିଚିତ) ବହୁସଂଖ୍ୟକ ବୈୟକ୍ତିକ ଅଂଶଦାନ ସଂଗ୍ରହ କରିବା । ଏହି ବ୍ୟକ୍ତିମାନଙ୍କ ପାଖରେ ସମାନ ପ୍ରକାରର ସମ୍ପତ୍ତି ଥାଏ ଯାହାସବୁ ସମାନ ପ୍ରକାରର ସଙ୍କଟର ସମ୍ମୁଖୀନ ହୁଅନ୍ତି । ଏହି ସମ୍ପତ୍ତିସବୁକୁ ଅନେକ ପରିପ୍ରେକ୍ଷୀରେ 'ସଙ୍କଟ' ରୂପେ ମଧ୍ୟ ସୂଚୀତ କରାଯାଏ ।

d) ଏହି ନିଧିସବୁର ସମୁଚ୍ଚୟକୁ ସେହି କେତେକଙ୍କୁ କ୍ଷତିପୂରଣ ଦେବାପାଇଁ ବ୍ୟବହାର କରାଯାଏ ଯେଉଁମାନେ ଏକ ଆପଦ ଯୋଗୁଁ ହାନିରେ ଆକ୍ରାନ୍ତ ହୋଇଥାନ୍ତି ।

e) ନିଧିସବୁର ସମୁଚ୍ଚୟକରଣ ଓ ସେହି ଅଭାଗା କେତେକଙ୍କୁ କ୍ଷତିପୂରଣ ଦେବାର ଏହି ପ୍ରକ୍ରିୟାଟିକୁ ବୀମାକର୍ତ୍ତା (ବୀମା କମ୍ପାନୀ) ରୂପେ ପରିଚିତ ଏକ ଅନୁଷ୍ଠାନ ଜରିଆରେ ସଂପାଦିତ କରାଯାଇଥାଏ ।

f) ବୀମାକର୍ତ୍ତା ପ୍ରତ୍ୟେକ ସେହି ବ୍ୟକ୍ତି ସହିତ ଏକ ବୀମା ଚୁକ୍ତିରେ ପ୍ରବେଶ କରିଥାଏ ଯିଏ ସମୁଚ୍ଚୟକରଣର ଏହି ପ୍ରଣାଳୀରେ ଅଂଶଗ୍ରହଣ କରିବା ପାଇଁ ଚାହେଁ । ଯେଉଁ ବ୍ୟକ୍ତିମାନେ ଏଥିରେ ଅଂଶଗ୍ରହଣ କରନ୍ତି, ସେମାନଙ୍କୁ ବୀମିତ**(ବୀମା ଗ୍ରାହକ)** କୁହାଯାଏ ।

**2.** ବୀମା ସଙ୍କଟ ଭାରକୁ ହ୍ରାସ କରେ

ଏକ ଦତ୍ତ ପରିସ୍ଥିତି/ ଘଟଣାର ସମ୍ମୁଖୀନ ହେବାର ପରିଣାମରେ ହୋଇଥିବା ମୂଲ୍ୟ (ଖର୍ଚ୍ଚ), ହାନି ଓ ବିକଳାଙ୍ଗତା, ଯାହାକୁ ଜଣକୁ ବହନ କରିବାକୁ ପଡ଼େ, ତାହାକୁ ସଙ୍କଟର ଭାର ରୂପେ ସୂଚୀତ କରାଯାଏ ।

**ଚିତ୍ର 3 : ସଙ୍କଟ ଭାର ଯାହାକୁ ଜଣେ ବହନ କରିଥାଏ**




ଦୁଇ ପ୍ରକାରର ସଙ୍କଟ ଭାର ଥାଆନ୍ତି – ପ୍ରାଥମିକ (ମୁଖ୍ୟ) ଏବଂ ଦ୍ୱିତୀୟକ (ଗୌଣ) ।

**a)** ପ୍ରାଥମିକ / ମୁଖ୍ୟ ସଙ୍କଟ ଭାର

ପ୍ରାଥମିକ ସଙ୍କଟ ଭାରରେ ସେହି ହାନିସବୁ ଅନ୍ତର୍ଭୁକ୍ତ ହୁଅନ୍ତି, ଯାହାଦ୍ୱାରା ଶୁଦ୍ଧ/ସ୍ୱଷ୍ଟ ସଙ୍କଟ ଘଟଣାଗୁଡିକ ଫଳରେ, ଗୃହସ୍ଥ (ଏବଂ ବ୍ୟବସାୟ ୟୁନିଟ୍) ମାନେ ବାସ୍ତବରେ ଆକ୍ରାନ୍ତ ହୋଇଥାନ୍ତି । ଏହି ହାନିଗୁଡିକ ଅନେକ ସମୟରେ

ପ୍ରତ୍ୟକ୍ଷ ଓ ମାପିବା ଯୋଗ୍ୟ ହୋଇଥାନ୍ତି; ଏବଂ ଏମାନଙ୍କ ପାଇଁ ବୀମା କମ୍ପାନୀ ଦ୍ୱାରା ସହଜରେ କ୍ଷତିପୂରଣ ଦିଆଯାଇପାରେ ।

| ଉଦାହରଣ |
|---|

ଯେତେବେଳେ ଏକ କାରଖାନା ନିଆଁ ଦ୍ୱାରା ଧ୍ୱଂସ ହୋଇଯାଏ, ନଷ୍ଟ ହୋଇଥିବା କିମ୍ବା ଧ୍ୱଂସ ହୋଇଥିବା ଜିନିଷର ବାସ୍ତବ ମୂଲ୍ୟର ଆକଳନ କରାଯାଇପାରେ ଏବଂ କାରଖାନାର ମାଲିକ ଯିଏ ଏହି ହାନିରେ ଆକ୍ରାନ୍ତ ହୋଇଥାନ୍ତି, ତାଙ୍କୁ କ୍ଷତିପୂରଣ ଦିଆଯାଇପାରେ ।

ସେହି ପ୍ରକାରେ, ଯଦି ଜଣେ ବ୍ୟକ୍ତି ଏକ ହୃତପିଣ୍ଡ ସର୍ଜରୀ ଦେଇ ଗତି କରେ, ତାହାର ଚିକିତ୍ସା ଖର୍ଚ୍ଚ ଜାଣିହୁଏ ଓ ତାର କ୍ଷତିପୂରଣ ଦିଆଯାଏ । ଏହା ବ୍ୟତୀତ କେତେକ ପରୋକ୍ଷ ହାନି ହୋଇପାରେ ।

| ଉଦାହରଣ |
|---|

ଏକ ଅଗ୍ନିକାଣ୍ଡ ବ୍ୟବସାୟ କାରବାରରେ ବାଧା ଦେଇପାରେ ଏବଂ ଫଳସ୍ୱରୂପ ଲାଭଗୁଡିକର ହାନି ହୋଇପାରେ ଯାହାର ବି ଆକଳନ କରାଯାଇପାରେ ଏବଂ ଯିଏ ସେଭଳି ହାନିରେ ଆକ୍ରାନ୍ତ ହୋଇଥାଏ, ତାକୁ କ୍ଷତିପୂରଣ ଦିଆଯାଇପାରେ ।

ଜଣେ ବ୍ୟକ୍ତି ଯାହାର ସ୍କୁଟର ଏକ ପଦଚାରୀକୁ ଧକ୍କା ଦିଏ, ତାହାକୁ ବିପତ୍ତିଗ୍ରସ୍ତକୁ ସେହି କ୍ଷତିପୂରଣ ରାଶି ପ୍ରଦାନ କରିବାର ଦାୟିତ୍ୱ ରହେ ଯାହା ଅଦାଲତ ନିର୍ଣ୍ଣୟ କରେ ।

b) ଦ୍ୱିତୀୟକ/ ଗୌଣ ସଙ୍କଟ ଭାର

ଯଦିଓ ସେଭଳି କୌଣସି ଘଟଣା ନ ଘଟେ ଏବଂ କୌଣସି ହାନି ନ ହୁଏ, ସେହିସବୁ ଲୋକ, ଯେଉଁମାନେ ଆପଦର ସମ୍ମୁଖୀନ ହୁଅନ୍ତି, ସେମାନେ କିଛି ଭାର ବହନ କରନ୍ତି । ଅର୍ଥାତ୍, ପ୍ରାଥମିକ ଭାର ବ୍ୟତୀତ, ଜଣେ ଦ୍ୱିତୀୟକ ସଙ୍କଟ ଭାର ବି ବହନ କରିଥାଏ ।

ଦ୍ୱିତୀୟକ/ଗୌଣ ସଙ୍କଟ ଭାର ସେହିସବୁ ମୂଲ୍ୟ/ଖର୍ଚ୍ଚ ଓ ଚାପକୁ ଅନ୍ତର୍ଭୁକ୍ତ କରେ ଯାହାକୁ ଜଣକୁ ବହନ କରିବାକୁ ପଡ଼େ, କେବଳ ଏହି ତଥ୍ୟ ପାଇଁ ଯେ ଜଣେ ଏକ ହାନି ସ୍ଥିତିର ସମ୍ମୁଖୀନ ହୋଇଥାଏ, ଯଦିଓ କଥିତ ଘଟଣାଟି ଘଟି ନ ଥାଏ ।

ଆସନ୍ତୁ ଏହି ଭାରଗୁଡିକ ମଧ୍ୟରୁ କେତେକକୁ ବୁଝିବା :

i. ପ୍ରଥମତଃ ଭୟ ଓ ବ୍ୟଗ୍ରତା କାରଣରୁ ଶାରୀରିକ ଓ ମାନସିକ ଚାପ ହୋଇଥାଏ ଏହା ବଳାଘାତ (ଷ୍ଟ୍ରେସ୍) ସୃଷ୍ଟି କରେ ଏବଂ ଏକ ବ୍ୟକ୍ତିର ଉତ୍ତମ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ ।

ii. ଦ୍ୱିତୀୟତଃ ଯେତେବେଳେ ଜଣେ ଅନିଶ୍ଚିତ ଥାଏ ଯେ ହାନି ହେବ କି ନାହିଁ, ସେଭଳି ଆକସ୍ମିକତାର ସମ୍ମୁଖୀନ ହେବା ପାଇଁ ଏକ ରିଜର୍ଭ ଫଣ୍ଡ ରଖିବା ବିବେକପୂର୍ଣ୍ଣ କାର୍ଯ୍ୟ ହୋଇଥାଏ । ସେଭଳି ଫଣ୍ଡ ତରଳ ରୂପେ ରଖାଯାଇପାରେ ଏବଂ କମ୍ ପ୍ରତିଫଳ ଦେଇ ପାରେ ।

ସଙ୍କଟକୁ ଏକ ବୀମାକର୍ତ୍ତାକୁ ସ୍ଥାନାନ୍ତରିତ କରିବା ଦ୍ୱାରା, ମାନସିକ ଶାନ୍ତି ଅନୁଭବ କରିବା ଏବଂ ଜଣକର ଫଣ୍ଡ/ନିଧିସବୁକୁ ଅଧିକ ପ୍ରଭାବଶାଳୀରୂପେ ନିବେଶ କରିବା ମଧ୍ୟ ସମ୍ଭବ ହୁଏ । ଏହା ସ୍ପଷ୍ଟ ଯେ ଏହିସବୁ କାରଣ ପାଇଁ ବୀମାର ଆବଶ୍ୟକତା ହୋଇଥାଏ ।

ଭାରତରେ, ଜଣେ ନିଶ୍ଚିତ ରୂପେ ତୃତୀୟ ପକ୍ଷ ବୀମା କ୍ରୟ କରିବା ଉଚିତ୍ ଯଦି ତା' ପାଖରେ ଏକ ଗାଡ଼ି ଅଛି କାରଣ ଏହା ଅନିବାର୍ଯ୍ୟ ଅଟେ| ଯଦି ଜଣେ ସାର୍ବଜନିକ ରାସ୍ତାରେ ଗାଡ଼ି ଚଳାଇବା ପାଇଁ ଚାହିଁବ , ତା' ସହିତ କାରର ନିଜ କ୍ଷତି ହେବାରେ ହାନିର ସମ୍ଭାବନାକୁ ସୁରକ୍ଷା ପ୍ରଦାନ କରିବା ବିବେକଶୀଳ ହେବ ଯଦିଓ ଏହା ଅନିବାର୍ଯ୍ୟ ନୁହେଁ । ମାଲିକ-ଚାଳକ ପାଇଁ ଏକ ବ୍ୟକ୍ତିଗତ ଦୁର୍ଘଟଣା ବୀମା ସୁରକ୍ଷା ନେବା ମଧ୍ୟ ଅନିବାର୍ଯ୍ୟ ଅଟେ ।

**ସ୍ୱୟଂ ପରୀକ୍ଷା କରନ୍ତୁ2**

ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଦ୍ୱିତୀୟକ (ଗୌଣ) ସଙ୍କଟ ବୋଝ ଅଟେ ?

I. ବ୍ୟବସାୟ ଅବରୋଧ ମୂଲ୍ୟ

II. କ୍ଷତିଗ୍ରସ୍ତ ଜିନିଷପତ୍ର ମୂଲ୍ୟ

III. ଭବିଷ୍ୟତରେ ହେବାକୁ ଥିବା ସମ୍ଭାବ୍ୟ ହାନିର ସମ୍ମୁଖୀନ ହେବା ପାଇଁ ଏକ ପ୍ରାବଧାନ ରୂପେ ରିଜର୍ଭ ଅଲଗା କରି ରଖିବା

IV. ହୃଦୟଘାତ ଫଳରେ ହୋଇଥିବା ଡାକ୍ତରଖାନାରେ ଭର୍ତ୍ତିକରଣ ମୂଲ୍ୟ

## B. ସଙ୍କଟ ସମୁଚ୍ଚୟକରଣର ସିଦ୍ଧାନ୍ତ

ବୀମା କମ୍ପାନୀମାନେ ବିଭିନ୍ନ ସତ୍ତା ସହିତ ଚୁକ୍ତିରେ ପ୍ରବେଶ କରନ୍ତି – ପଲିସୀଧାରକମାନଙ୍କ ସହିତ, ଯେଉଁମାନେ ବ୍ୟକ୍ତି କିମ୍ବା କର୍ପୋରେଟ୍ ହୋଇପାରନ୍ତି । ସେହିସବୁ ଲାଭ ଯାହା ସେମାନେ ପଲିସୀଧାରକମାନଙ୍କୁ ପ୍ରଦାନ କରନ୍ତି, ସେସବୁ ଚୁକ୍ତିଗତ ବୈଧିକ କର୍ତ୍ତବ୍ୟ ଅଟେ । ବୀମା ଚୁକ୍ତିଗୁଡିକ ଅର୍ଥପୂର୍ଣ୍ଣ ହୋଇଥାନ୍ତି କେବଳ ଯଦି ବୀମାକର୍ତ୍ତାମାନେ ସଙ୍କଟଗୁଡିକୁ ନେବାରେ ଓ ହାନିସବୁ ପାଇଁ କ୍ଷତିପୂରଣ ଦେବାରେ ଆର୍ଥିକ ରୂପେ ସକ୍ଷମ ହୋଇଥାନ୍ତି, ଯଦି ଓ ଯେତେବେଳେ ହାନି ଘଟିଥାଏ ।

ମ୍ୟୁଚୁଆଲିଟୀ (ପାରସ୍ପରିକତା) କିମ୍ବା ସମୁଚ୍ଚୟକରଣ ସିଦ୍ଧାନ୍ତର ପ୍ରୟୋଗଠାରୁ ସଂରଚନା ଉତ୍ପନ୍ନ ହୁଏ ।

ମ୍ୟୁଚୁଆଲିଟୀ ଏବଂ ବିବିଧତାକରଣ ଆର୍ଥିକ ବଜାରରେ ସଙ୍କଟ ହ୍ରାସ କରିବାର ଦୁଇ ମହତ୍ୱପୂର୍ଣ୍ଣ ପଦ୍ଧତି ଅଟନ୍ତି । ମୂଳଭୂତରୂପେ ଉଭୟେ ଭିନ୍ନ ଭିନ୍ନ ଅଟନ୍ତି ।

| ଡାଇଭର୍ସିଫିକେଶନ (ବିବିଧତାକରଣ) | ମ୍ୟୁଚୁଆଲିଟୀ (ପାରସ୍ପରିକତା) |
|---|---|
| ଏଇଠି ନିଧିସବୁକୁ ବିଭିନ୍ନ ସମ୍ପତ୍ତି ମଧ୍ୟରେ ପ୍ରସାରିତ କରାଯାଏ (ଅଣ୍ଡାଗୁଡିକୁ ବିଭିନ୍ନ ବାସ୍କେଟ୍ ରେ ରଖାଯାଏ) | ମ୍ୟୁଚୁଆଲିଟୀ କିମ୍ବା ପୁଲିଙ୍ଗ୍ (ସମୁଚ୍ଚୟକରଣ) ଅନ୍ତର୍ଗତ, ବିଭିନ୍ନ ବ୍ୟକ୍ତିଙ୍କ ନିଧିସବୁକୁ ସଂଯୁକ୍ତ କରାଯାଏ (ସମସ୍ତ ଅଣ୍ଡାକୁ ଗୋଟିଏ ବାସ୍କେଟ୍ ରେ ରଖାଯାଏ) । |
| ଫଣ୍ଡ/ନିଧିସବୁ ଗୋଟିଏ ଉତ୍ସରୁ ଅନେକ ଲକ୍ଷ୍ୟସ୍ଥଳକୁ ବହନ୍ତି । | ଫଣ୍ଡ/ନିଧିସବୁ ଅନେକ ଉତ୍ସରୁ ଗୋଟିଏ ସ୍ଥଳକୁ ବହନ୍ତି । |

**ଚିତ୍ର 4: ମ୍ୟୁଚୁଆଲିଟୀ** - ମ୍ୟୁଚୁଆଲିଟୀ (ଫଣ୍ଡ/ନିଧିସବୁ ଅନେକ ଉତ୍ସରୁ ଗୋଟିଏ ସ୍ଥଳକୁ ବହନ୍ତି)




ମ୍ୟୁଚୁଆଲିଟୀ (ପାରସ୍ପରିକତା) ର ସିଦ୍ଧାନ୍ତ ତାହା ଅଟେ ଯାହା ବୀମା ଚୁକ୍ତିଗୁଡିକୁ ସେମାନଙ୍କ କ୍ଷମତା ଓ ଅନନ୍ୟତା ଦେଇଥାଏ । ଏକ ଛୋଟ ଅଂଶଦାନ (ପ୍ରିମିୟମ) ପ୍ରଦାନ କରି, ଏକ ବୀମିତ ଅତିଶୀଘ୍ର ଏକ ବଡ଼ ପରିମାଣର ନିଧି (କର୍ପସ) ସୃଷ୍ଟି କରେ ଯାହା ବୀମିତ,ସଙ୍କଟ ଯୋଗୁଁ ଉତ୍ପନ୍ନ ହୋଇଥିବା ଏକ ହାନିର ଘଟଣାରେ ତାକୁ ଉପଲବ୍ଧ ହୋଇଥାଏ । ଅର୍ଥର ଏହି ସମ୍ଭାବ୍ୟ (ପ୍ରଚ୍ଛନ୍ନ) କର୍ପସ୍ ହେଉଛି ଏହା ଯାହା ବୀମାକୁ ଅନନ୍ୟ ଏବଂ ସମସ୍ତ ଆର୍ଥିକ ଉତ୍ପାଦ ମଧ୍ୟରେ କୌଣସି ବିକଳ୍ପ ରହିତ କରିଥାଏ ।

## C. ସଙ୍କଟ ପ୍ରବନ୍ଧନ ପଦ୍ଧତି

ଜଣେ ଏହା ମଧ୍ୟ ପଚାରିପାରେ ଯେ ବୀମା ସମସ୍ତ ପ୍ରକାରର ସଙ୍କଟ ସ୍ଥିତିର ସଠିକ୍ ସମାଧାନ ଅଟେ କି ନୁହଁ। ଉତ୍ତର ହେଉଛି 'ନା'।

ବୀମା ହେଉଛି ଅନେକ ପଦ୍ଧତିଗୁଡିକ ମଧ୍ୟରୁ ଗୋଟିଏ ଯାହା ଦ୍ୱାରା ବ୍ୟକ୍ତିମାନେ ସେମାନଙ୍କ ସଙ୍କଟସବୁକୁ ପ୍ରବନ୍ଧ କରିବାକୁ ଚାହିଁ ପାରନ୍ତି । ଏଇଠି ସେମାନେ ସମ୍ମୁଖୀନ ହେଉଥିବା ସଙ୍କଟସବୁକୁ ଏକ ବୀମା କମ୍ପାନୀକୁ ହସ୍ତାନ୍ତରିତ କରନ୍ତି । ଅବଶ୍ୟ ସଙ୍କଟଗୁଡିକ ସହିତ ମୁକାବିଲା କରିବାର ଅନ୍ୟାନ୍ୟ ପଦ୍ଧତିସବୁ ଅଛନ୍ତି, ଯାହା ବିଷୟରେ ନିମ୍ନରେ ବ୍ୟାଖ୍ୟା କରାଗଲା:

### 1. ସଙ୍କଟ ପରିହାର

ଏକ ସଙ୍କଟ ସ୍ଥିତିକୁ ଟାଳିବା ଦ୍ୱାରା ସଙ୍କଟକୁ ହ୍ରାସ କରିବାକୁ ସଙ୍କଟ ପରିହାର କୁହାଯାଏ । ଏ ପ୍ରକାରେ ଜଣେ ସେହି କାର୍ଯ୍ୟକଳାପ କିମ୍ବା ପରିସ୍ଥିତିକୁ ଟାଳିବା ପାଇଁ, କିମ୍ବା ସେହି ସମ୍ପତ୍ତି କିମ୍ବା ବ୍ୟକ୍ତିମାନଙ୍କୁ ଉପେକ୍ଷା କରିବା ପାଇଁ ପ୍ରୟାସ କରିବା ଉଚିତ୍ ଯାହା ଯୋଗୁଁ ସଙ୍କଟର ସମ୍ମୁଖୀନ ହୋଇଥାନ୍ତା ।

**ଉଦାହରଣ**

i. ଜଣେ ନିର୍ମାଣ କାର୍ଯ୍ୟକଳାପକୁ ଅନ୍ୟ କେହି ଜଣକୁ ଠିକାରେ ଦେଇ କିଛି ବିନିର୍ମାଣ ସଙ୍କଟକୁ ଏଡ଼େଇ ଦେଇ ପାରେ ।

ii. ଜଣେ ଏକ ଦୁର୍ଘଟଣାର ସମ୍ମୁଖୀନ ହେବା ଭୟରେ ଘର ବାହାରକୁ ଯିବା ପାଇଁ ସାହସ କରି ନ ପାରେ କିମ୍ବା ବିଦେଶରେ ଥିବା ବେଳେ ଅସୁସ୍ଥ ହେବା ଭୟରେ ଆଦୌ ଯାତ୍ରା କରି ନ ପାରେ ।

ସଙ୍କଟ ପରିହାରକୁ ସଙ୍କଟ ସଂଚାଳନ କରିବାର ଏକ ବିପରୀତ ପଦ୍ଧତିରୂପେ ବିଚାର କରାଯାଏ । ସେମାନଙ୍କ ପ୍ରଗତି ପାଇଁ ବ୍ୟକ୍ତି ଓ ସମାଜମାନଙ୍କୁ କାର୍ଯ୍ୟ କରିବାରେ କିଛି ସଙ୍କଟ ନେବା ଆବଶ୍ୟକ ଅଟେ । ସେଭଳି ସଙ୍କଟ ନେବା କାର୍ଯ୍ୟକଳାପଗୁଡିକୁ ଏଡ଼େଇବାର ପରିଣାମ ସେଭଳି କାର୍ଯ୍ୟକଳାପଠାରୁ ମିଳୁଥିବା ଲାଭସବୁକୁ ହରାଇବା ହୋଇପାରେ ।

### 2. ସଙ୍କଟ ଧାରଣ

ଜଣେ ସଙ୍କଟର ପ୍ରଭାବକୁ ପ୍ରବନ୍ଧ କରିବା ପାଇଁ ଚେଷ୍ଟା କରେ ଏବଂ ନିଜେ ସଙ୍କଟ ଓ ଏହାର ପ୍ରଭାବକୁ ବହନ କରିବା ପାଇଁ ନିଷ୍ପତ୍ତି ନିଏ । ଏହାକୁ ସ୍ୱୟଂ-ବୀମା କୁହାଯାଏ ।

**ଉଦାହରଣ**

ଏକ ବ୍ୟବସାୟ ସଂସ୍ଥା, ଏକ ନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ ଛୋଟ ଛୋଟ କ୍ଷତିକୁ ବହନ କରିବାର କ୍ଷମତା ସମ୍ବନ୍ଧୀୟ ଅଭିଜ୍ଞତା ଆଧାରରେ, ନିଜ ପାଖରେ ସଙ୍କଟକୁ ଧାରଣ କରିବାକୁ ନିଷ୍ପତ୍ତି ନେଇପାରେ ।

### 3. ସଙ୍କଟ ହ୍ରାସ ଓ ନିୟନ୍ତ୍ରଣ

ଏହା ହେଉଛି ସଙ୍କଟ ପରିହାରଠାରୁ ଏକ ଅଧିକ ବ୍ୟବହାରିକ ଓ ପ୍ରାସଙ୍ଗିକ ପଦ୍ଧତି ।  ଏହାର ଅର୍ଥ ହେଉଛି ଏକ ହାନି ଘଟିବାର ଅବସରକୁ କମ୍ କରିବା ଏବଂ/କିମ୍ବା ଏହାର ପ୍ରଭାବର ତୀବ୍ରତାକୁ ହ୍ରାସ କରିବା ପାଇଁ ପଦକ୍ଷେପ ନେବା, ଯଦି ସେଭଳି ହାନି ଘଟେ ।

**ମହତ୍ୱପୂର୍ଣ୍ଣ**

ହାନିର କାରଣ ହୋଇଥିବା ଘଟଣା ଘଟିବାର ଅବସରକୁ ହ୍ରାସ କରିବାର ଉପାୟକୁ 'ହାନି ନିବାରଣ' କୁହାଯାଏ । ଯଦି ଏକ ହାନି ଘଟେ, ହାନିର ମାତ୍ରାକୁ ହ୍ରାସ କରିବାର ଉପାୟକୁ 'ହାନି ହ୍ରାସ'/ହାନି ନ୍ୟୁନୀକରଣ କୁହାଯାଏ ।

ହାନି ହ୍ରାସରେ ଜଡ଼ିତ ଥିବା ନିମ୍ନ ଜରିଆରେ ହାନିସବୁର ବାରମ୍ବାରତାକୁ ଏବଂ/କିମ୍ବା ଆକାରକୁ କମ୍ କରିବା:

a) ଉପଯୁକ୍ତ ସଙ୍କଟ କାର୍ଯ୍ୟ ସଂପାଦନରେ ବିଭିନ୍ନ ପ୍ରକାରର କର୍ମଚାରୀମାନଙ୍କ ଶିକ୍ଷା ଓ ପ୍ରଶିକ୍ଷଣ- ଉ.ସ୍ୱ. (i) 'ଫାୟାର୍ ଡ୍ରିଲ୍' ରେ ଅଂଶଗ୍ରହଣ କରିବା; (ii) କାର୍ ରେ ସିଟ୍ ବେଲ୍ଟ , ହେଲମେଟ୍ ପିନ୍ଧିବା ।

b) ପର୍ଯ୍ୟାବରଣ ସମ୍ବନ୍ଧୀୟ ପରିବର୍ତ୍ତନ ଆଣିବା – ଯେପରି କି ଭୌତିକ ଅବସ୍ଥାକୁ ଉନ୍ନତ କରିବା - ଉ.ସ୍ୱ. (i) ଫାୟାର୍ ଆଲାର୍ମ ପ୍ରତିଷ୍ଠା କରିବା; (ii) ମ୍ୟାଲେରିଆ ବ୍ୟାପିବା ହ୍ରାସ କରିବା ପାଇଁ ମଶାଗୁଡିକୁ ମାରିବାକୁ ରାସାୟନିକ ପଦାର୍ଥ ସ୍ପ୍ରେ କରିବା ।

c) ବିପଦଜନକ କିମ୍ବା ସଙ୍କଟଜନକ କାର୍ଯ୍ୟକଳାପରେ କରାଯାଇଥିବା ପରିବର୍ତ୍ତନ, ଯନ୍ତ୍ରପାତି ଓ ଉପକରଣ ବ୍ୟବହାର କରିବା ସମୟରେ କିମ୍ବା ଅନ୍ୟ କାର୍ଯ୍ୟ ସଂପାଦନରେ – ଉ.ସ୍ୱ. (i) ନିର୍ମାଣ ସ୍ଥଳ ଭିତରେ ହେଲମେଟ୍ ପିନ୍ଧିବା; (ii)କେମିକାଲ୍ ସଂଚାଳିତ କରିବା ସମୟରେ ଗ୍ଲୋଭ୍ସ ଓ ଫେସ୍ ଶିଲ୍ଡ ପିନ୍ଧିବା

d) ଏକ ସ୍ୱାସ୍ଥ୍ୟବାନ୍ ଜୀବନଶୈଳୀ ନିର୍ବାହ କରିବା- ରୋଗରେ ପୀଡ଼ିତ ହେବାର ସମ୍ଭାବନା ହ୍ରାସ କରିବାରେ ସାହାଯ୍ୟ କରେ – ଉ.ସ୍ୱ.(i) ନିୟମିତ ମେଡିକାଲ ଯାଞ୍ଚ କରାଇବା; (ii) ନିୟମିତ ରୂପେ ଯୋଗର ଅଭ୍ୟାସ କରିବା ।

e) ପୃଥକ୍କୀକରଣ, କିମ୍ବା କୌଣସି ଗୋଟିଏ ସ୍ଥାନରେ ଦୁର୍ଘଟଣାର ପ୍ରଭାବକୁ ହ୍ରାସ କରିବା ପାଇଁ, ସମ୍ପତ୍ତିର ବିଭିନ୍ନ ସାମଗ୍ରୀକୁ ଗୋଟିଏ ଜାଗାରେ କେନ୍ଦ୍ରିତ କରି ରଖିବା ଅପେକ୍ଷା ବିଭିନ୍ନ ସ୍ଥାନରେ ଖେଳେଇ ରଖିବା –ଉ.ସ୍ୱ.(i) ଅଧିକ ପରିମାଣର ଜ୍ୱଳନଶୀଳ ପଦାର୍ଥଗୁଡିକୁ ଅଲଗା ଅଲଗା ସ୍ଥାନରେ ଗଚ୍ଛିତ କରି ରଖିବା; (ii) କାରଖାନାର ସଙ୍କଟପୂର୍ଣ୍ଣ କ୍ଷେତ୍ରରେ ଅଗ୍ନିନିବାରକ କବାଟ ଲଗାଇବା ।

### 4. ସଙ୍କଟ ବିତ୍ତପୋଷଣ

ଏହା ସେହି ହାନିର ପ୍ରତିପୂର୍ତ୍ତି ପାଇଁ ନିଧିର ପ୍ରାବଧାନକୁ ସୂଚୀତ କରେ ଯାହା ଘଟିପାରେ ।

a) ସ୍ୱୟଂ-ବିତ୍ତପୋଷଣ ଜରିଆରେ ସଙ୍କଟ ଧାରଣ ସଂପୃକ୍ତ କରେ ନିଜେ ହାନିଗୁଡିକୁ ବହନ କରିବା ଯେତେବେଳେ ତାହା ଘଟେ । ଫାର୍ମ ପୂର୍ବରୁ କଳ୍ପନା କରେ ଏବଂ ନିଜର ସଙ୍କଟ ପାଇଁ ବିତ୍ତପୋଷଣ କରେ, ନିଜର କିମ୍ବା ଧାର କରାହୋଇଥିବା ନିଧି ଜରିଆରେ ହୋଇଥାଉ, ଏହାକୁ ସ୍ୱୟଂ-ବୀମା କୁହାଯାଏ ।

b) ଏକ ବୃହତ୍ ସମୂହ ମଧ୍ୟରେ ସଙ୍କଟ ଧାରଣ: ଯଦି ସଙ୍କଟଟି ଏକ ମୂଳ କମ୍ପାନୀ ଭଳି ଏକ ବୃହତ୍ତର ସମୂହର ଅଂଶ ହୋଇଥାଏ, ସଙ୍କଟକୁ ବୃହତ୍ତର ସମୂହ ମଧ୍ୟରେ ଧାରଣ କରାଯାଇପାରେ ଯାହା ହାନି ସବୁ ପାଇଁ ବିତ୍ତପୋଷଣ କରିଥାଏ । ଏହା ପାରସ୍ପରିକ ସମ୍ମତିରେ ଗଠିତ ହୋଇଥିବା ଏକ ସମୂହ ହୋଇପାରେ ।

c) ସଙ୍କଟ ସ୍ଥାନାନ୍ତରଣ / ହସ୍ତାନ୍ତରଣ ହେଉଛି ସଙ୍କଟ ଧାରଣର ଏକ ବିକଳ୍ପ । ଏଥିରେ ସଂପୃକ୍ତ ହାନି ପାଇଁ ଦାୟିତ୍ୱକୁ ଅନ୍ୟ ଏକ ପକ୍ଷକୁ ସ୍ଥାନାନ୍ତରିତ କରିବା ।

   ବୀମା ହେଉଛି ସଙ୍କଟ ସ୍ଥାନାନ୍ତରଣର ମୂଖ୍ୟ ପ୍ରକାରମାନଙ୍କ ମଧ୍ୟରେ ଗୋଟିଏ| ଅନ୍ୟାନ୍ୟ ପ୍ରକାରର ଅନିଶ୍ଚିତତାର ସମ୍ମୁଖୀନ ହେବା ପରିବର୍ତ୍ତେ, ଲୋକମାନେ ବୀମାକୁ ପସନ୍ଦ କରନ୍ତି ଯେହେତୁ ଏହା ନିଶ୍ଚିତତା ଏବଂ ମାନସିକ ଶାନ୍ତି ପ୍ରଦାନ କରିଥାଏ ।

## 5. ଇନ୍ସ୍ୟୁରାନ୍ସ ବନାମ୍ ଆସ୍ୟୁରାନ୍ସ

ଇନ୍ସ୍ୟୁରାନ୍ସ (ବୀମା) କୁ ଅଧିକାଂଶ ସାଧାରଣ ବୀମା ଚୁକ୍ତିମାନଙ୍କରେ ବ୍ୟବହାର କରାଯାଏ ଯେଉଁମାନେ ଏକ ଘଟଣା ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିଥାଏ ଯାହା ଘଟିପାରେ କିମ୍ବା ଘଟି ନ ପାରେ, ଏବଂ ଯେଉଁଠି କେବଳ ଘଟଣା ପରେ ହିଁ ହାନି ରାଶିପରିମାଣର ମୂଲ୍ୟାଙ୍କନ କରାଯାଇପାରେ ।

ଆସ୍ୟୁରାନ୍ସ (ପ୍ରତିଶୃତି) ବିସ୍ତାରିତ ସମୟାବଧି ପାଇଁ କିମ୍ବା ମୃତ୍ୟୁ ପର୍ଯ୍ୟନ୍ତ ଆର୍ଥିକ ସୁରକ୍ଷାକୁ ସୂଚୀତ କରେ । ଜୀବନର କ୍ଷେତ୍ରରେ, ମୃତ୍ୟୁର ଘଟଣା (ହାନି କରୁଥିବା ଘଟଣା), ନିଶ୍ଚିତ ଅଟେ । କେବଳ ସମୟ ଅନିଶ୍ଚିତ ଅଟେ । ଆହୁରି, ଯେତେବେଳେ ଜଣେ ବ୍ୟକ୍ତି ମରିଯାଏ, ଆକ୍ରାନ୍ତ ହୋଇଥିବା ଆର୍ଥିକ ହାନିର ରାଶି ପରିମାଣକୁ ଆକଳନ କରିବା ସମ୍ଭବ ନୁହେଁ । ହାନି ରାଶି ପରିମାଣ ଯାହାକୁ ପ୍ରଦାନ କରାଯିବ, ତାହାକୁ ଅଗ୍ରୀମରୂପେ ନିଶ୍ଚିତ କରାଯିବା ଉଚିତ୍ । ଏହି କାରଣରୁ ଲୋକେ ଜୀବନ ବୀମା କ୍ଷେତ୍ରରେ 'ଆସୁରାନ୍ସ (ପ୍ରତିଶୃତି)' ପଦକୁ ବ୍ୟବହାର କରନ୍ତି ।

ଯଦିଓ ସେଭଳି ସୂକ୍ଷ୍ମ ପ୍ରାବିଧିକ ବ୍ୟବଧାନ ରହିଛି, ତଥାପି 'ଇନ୍ସ୍ୟୁରାନ୍ସ' ଓ 'ଆସ୍ୟୁରାନ୍ସ' ପଦକୁ ଭାରତ ସମେତ ଅଧିକାଂଶ ବଜାରରେ ଅଦଳ-ବଦଳ ରୂପେ ବ୍ୟବହାର କରାଯାଏ । ଭାରତରେ ସର୍ବବୃହତ୍ ସାଧାରଣ ବୀମାକର୍ତ୍ତାମାନଙ୍କ ମଧ୍ୟରୁ ଗୋଟିଏ ର ନାମ ହେଉଛି - ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କମ୍ପାନୀ ଲିମିଟେଡ୍ ଏବଂ ଭାରତରେ କୌଣସି ବି ଜୀବନ କମ୍ପାନୀ ତା' ନାମରେ 'ଆସ୍ୟୁରାନ୍ସ' ପଦ ବ୍ୟବହାର କରନ୍ତି ନାହିଁ !]

ଚିତ୍ର 5 : ବୀମା କିପରି ବୀମିତର କ୍ଷତିପୂର୍ତ୍ତି କରେ




**ସ୍ୱୟଂ ପରୀକ୍ଷା କରନ୍ତୁ3**

ନିମ୍ନଲିଖିତ ମଧ୍ୟରୁ କେଉଁଟି ସଙ୍କଟ ସ୍ଥାନାନ୍ତରଣ (ହସ୍ତାନ୍ତରଣ) ର ଏକ ପଦ୍ଧତି ଅଟେ ?

I. ବ୍ୟାଙ୍କ ଫିକ୍ସ ଡିପୋଜିଟ୍

II. ଇନ୍ସ୍ୟୁରାନ୍ସ (ବୀମା)

III. ଇକ୍ୱିଟୀ ଶେୟର୍

IV. ରିଅଲ୍ ଇଷ୍ଟେଟ୍

## D. ସଙ୍କଟ ପ୍ରବନ୍ଧନ ପାଇଁ ଏକ ସାଧନ ରୂପେ ବୀମା

'ସଙ୍କଟ' ପଦଟି ସେହି ହାନିକୁ ସୂଚୀତ କରେ ନାହିଁ ଯାହା ପ୍ରକୃତରେ ଘଟିଛି କିନ୍ତୁ ସେହି ହାନି ଯାହା ଘଟିବାର ସମ୍ଭାବନା ଅଛି । ଏହା ଏକ ପ୍ରକାରେ ପ୍ରତ୍ୟାଶିତ (ଅପେକ୍ଷିତ) ହାନି ଅଟେ । ଏହି ପ୍ରତ୍ୟାଶିତ ହାନିର ମୂଲ୍ୟ ଦୁଇଟି କାରକର ଫଳାଫଳ ଅଟେ:

i. ଏହି ସମ୍ଭାବ୍ୟତା ଯେ, ଯାହାକୁ ବୀମିତ କରାଯାଇଛି, ତାହାର ବିପତ୍ତି ଘଟିପାରେ, ଯାହାର ପରିଣାମ ହାନି ହୋଇପାରେ

ii. ପରିଣାମ ସ୍ୱରୂପ ତୀବ୍ରତା (ପ୍ରଭାବ) କିମ୍ବା ହାନିର ପରିମାଣ ଯାହା ଘଟିପାରେ

ସଙ୍କଟର ମୂଲ୍ୟ ଉଭୟ ସମ୍ଭାବ୍ୟତା ଏବଂ ତୀବ୍ରତା (ହାନିର ପରିମାଣ) ସହିତ ସମାନୁପାତିକ ରୂପେ ବୃଦ୍ଧି ହୋଇପାରେ । ଏହା ବିଭିନ୍ନ ପ୍ରକାରେ କାର୍ଯ୍ୟ କରେ – (କ) ଯଦି ହାନିର ପରିମାଣ ଅତି ବେଶୀ ହୁଏ, ଏହାର ଘଟିବାର ସମ୍ଭାବ୍ୟତା କମ୍ ହେବ, ସଙ୍କଟର ମୂଲ୍ୟ କମ୍ ହେବ ଯେହେତୁ ସେଭଳି ଦୃଷ୍ଟାନ୍ତ ଅତି ଅଳ୍ପ ହୋଇପାରେ । (ଖ) ଯଦିଓ ହାନିର ପରିମାଣ କମ୍ ଅଟେ, ଯଦି ଏହାର ଘଟିବାର ସମ୍ଭାବ୍ୟତା ଅତି ବେଶୀ ହୁଏ, ସଙ୍କଟର ମୂଲ୍ୟ ବେଶୀ ହୋଇପାରେ, ଯେହେତୁ ସେଭଳି ଅନେକ ଘଟଣା ଘଟିପାରେ । ବୀମାକୁ ଜଣକର ସଙ୍କଟ ପ୍ରବନ୍ଧ କରିବା ପାଇଁ ଏକ ଶକ୍ତିଶାଳୀ ସାଧନ ରୂପେ ଦେଖାଯାଇପାରେ । ଏହା ଏକ ବୀମିତ ହାନି ଯୋଗୁଁ ଜଣେ ବ୍ୟକ୍ତିର ସମ୍ପତ୍ତି/ଧନ ହରାଇବାର ଆର୍ଥିକ ପ୍ରଭାବଠାରୁ ତାକୁ ସୁରକ୍ଷା ପ୍ରଦାନ କରେ ।

**ଚିତ୍ର 6: ବୀମାକୁ ଚୟନ କରିବା ପୂର୍ବରୁ ବିଚାର ବିବେଚନା**




## E. ବୀମାକୁ ଚୟନ କରିବା ପୂର୍ବରୁ ବିଚାର ବିବେଚନା

ବୀମା କରିବା ପାଇଁ ହେବ କି ନାହିଁ, ଏହାର ନିଷ୍ପତ୍ତି ନେବା ପୂର୍ବରୁ, ଜଣେ ବ୍ୟକ୍ତିକୁ ନିଜେ ଏହାକୁ ବହନ କରିବାର ମୂଲ୍ୟ ବିପକ୍ଷରେ ସଙ୍କଟକୁ ସ୍ଥାନାନ୍ତରଣ କରିବାର ମୂଲ୍ୟ (ବୀମା ପ୍ରିମିୟମ) ର ମୂଲ୍ୟାଙ୍କନ କରିବା ଆବଶ୍ୟକ । ବୀମା ଅତ୍ୟନ୍ତ ଆବଶ୍ୟକ ହୋଇପାରେ ଯେଉଁଠି ହାନି ପ୍ରଭାବ ଅତି ବେଶୀ ହୋଇପାରେ, କିନ୍ତୁ ସମ୍ଭାବ୍ୟତା (ଏଣୁ ତେଣୁ ପ୍ରିମିୟମ), ଅତି କମ୍ ହୋଇପାରେ । ଉ.ସ୍ୱ. (i) ଭୂମିକମ୍ପର ସମ୍ଭାବନା; (ii) ଜାହାଜ ବୁଡ଼ିଯିବାର ସମ୍ଭାବନା ।

a) କିଛି ଅଳ୍ପ ପାଇଁ ଅଧିକ ସଙ୍କଟ ବହନ କରନ୍ତୁ ନାହିଁ: ସଙ୍କଟକୁ ସ୍ଥାନାନ୍ତରଣ କରିବାର ମୂଲ୍ୟ ଏବଂ ମୂଲ୍ୟ ମଧ୍ୟରେ ନିଶ୍ଚିତ ରୂପେ ଯଥାର୍ଥ ସମ୍ବନ୍ଧ ଥିବା ଉଚିତ୍ ।

ଏକ ସାଧାରଣ ବଲ୍ ପେନ୍ ର ବୀମା କରିବାର କିଛି ଅର୍ଥ ହୋଇପାରେ କି ?

b) ଆପଣ ଯେତେ ହାନିକୁ ସହି ପାରିବେ, ତା'ଠୁ ଅଧିକ ସଙ୍କଟ ବହନ କରନ୍ତୁ ନାହିଁ : ଯଦି ହାନିଟି, ଯାହା ଏକ ଘଟଣା କାରଣରୁ ଉତ୍ପନ୍ନ ହୋଇଥିବ, ତାହା ଦେବାଳିଆ ହେବାର କାରଣ ପାଇଁ ଯଥେଷ୍ଟ ଅଧିକ ହୋଇଥିବ, ସଙ୍କଟର ଧାରଣ ଉପଯୁକ୍ତ ହୋଇ ନ ପାରେ ।

ଯଦି ଏକ ବଡ଼ ତେଲ ବିଶୋଧନ କେନ୍ଦ୍ର (ଅଏଲ୍ ରିଫାଇନେରୀ) ଧ୍ୱଂସପ୍ରାପ୍ତ ହୋଇଯାଏ, ମାଲିକମାନେ ହାନିକୁ ବହନ କରିବା ପାଇଁ ସମର୍ଥ ହୋଇ ପାରିବେ ନାହିଁ ।

c) ସଙ୍କଟର ସମ୍ଭାବ୍ୟ ପରିଣାମକୁ ଧ୍ୟାନ ପୂର୍ବକ ବିଚାର କରନ୍ତୁ : ସେହିସବୁ ସମ୍ପତ୍ତିକୁ ବୀମିତ କରିବା ସର୍ବୋତ୍ତମ ଅଟେ ଯାହା ପାଇଁ ଏକ ହାନି ଘଟଣା ଘଟିବାର ସମ୍ଭାବ୍ୟତା (ବାରମ୍ବାରତା) କମ୍ କିନ୍ତୁ ସମ୍ଭାବ୍ୟ ପ୍ରଭାବ (ଗମ୍ଭୀରତା/ମାତ୍ରା) ଅଧିକ ଅଟେ ।

ଏକ ସ୍ପେସ୍ ସ୍ୟାଟେଲାଇଟ୍ ର ହାନି ଏତେ ମୂଲ୍ୟବାନ୍ ହୋଇପାରେ ଯେ ଏହାକୁ ବୀମିତ କରିବାକୁ ପଡ଼ିଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ4**

ନିମ୍ନ ପରିଦୃଶ୍ୟଗୁଡ଼ିକ ମଧ୍ୟରେ କାହାକୁ ବୀମାର ଆବଶ୍ୟକତା ଅଛି ?

I. ପରିବାରର ଏକମାତ୍ର ଭୋଜନ ଦାତାର ଅକାଳ ମୃତ୍ୟୁ ହୋଇପାରେ

II. ଜଣେ ବ୍ୟକ୍ତିର ୱାଲେଟ୍ ହଜି ଯାଇପାରେ

III. ଷ୍ଟକ୍ ମୂଲ୍ୟର ଅତ୍ୟନ୍ତ ପତନ ହୋଇପାର

IV. ସ୍ୱାଭାବିକ ବ୍ୟବହାରରେ ଖରାପ ହୋଇ ଏକ ଘରର ମୂଲ୍ୟ ହ୍ରାସ ହୋଇପାରେ

## F. ବୀମା ବଜାର ଖେଳାଳୀ (ବ୍ୟବସାୟୀ)

ବୀମା କମ୍ପାନୀମାନେ (ବୀମାକର୍ତ୍ତାମାନେ) ବୀମା ଉଦ୍ୟୋଗରେ ମୁଖ୍ୟ ଖେଳାଳୀ(ବ୍ୟବସାୟୀ) ହୋଇଥାନ୍ତି । ବୀମାକର୍ତ୍ତାଙ୍କ ବ୍ୟତୀତ, ଅନେକ ପକ୍ଷ ଅଛନ୍ତି ଯେଉଁମାନେ ବୀମା ମୂଲ୍ୟ ଶିକୁଳୀର ଅଙ୍ଗ ଅଟନ୍ତି । ବୀମା ବିନିୟାମକ (ନିୟନ୍ତ୍ରକ) ଅଛି, ଯିଏ ସମଗ୍ର ବଜାରକୁ ବିନିୟମନ (ନିୟନ୍ତ୍ରଣ) କରେ ।

ମଧ୍ୟସ୍ଥ ଯେପରିକି ଅଭିକର୍ତ୍ତା, ବ୍ରୋକର୍, ବ୍ୟାଙ୍କ (ବ୍ୟାଙ୍କାସ୍ୟୁରାନ୍ସ ଜରିଆରେ) ବୀମା ମାର୍କେଟିଙ୍ଗ୍ ଫାର୍ମ ଏବଂ ବିକ୍ରୟ ବିନ୍ଦୁ ବ୍ୟକ୍ତିମାନେ ସମ୍ଭାବ୍ୟ ଗ୍ରାହକ/ବୀମିତମାନଙ୍କ ସହିତ ଯୋଗାଯୋଗ କରିବା କ୍ଷେତ୍ରରେ ଅଛନ୍ତି, ଯେଉଁମାନେ ସେମାନଙ୍କ ଆବଶ୍ୟକତା ଜାଣନ୍ତି ଏବଂ ସେମାନଙ୍କ ଆବଶ୍ୟକତାକୁ ସୁରକ୍ଷା ଦେବାପାଇଁ ଉପଲବ୍ଧ ପଲିସୀସବୁ ବିଷୟରେ ସେମାନଙ୍କୁ ସୂଚନା ଦିଅନ୍ତି ।

ସର୍ବେକ୍ଷକ ଏବଂ ହାନି ମୂଲ୍ୟାଙ୍କକ/ସମାୟୋଜକମାନେ ଦାବୀସବୁକୁ ମୂଲ୍ୟାଙ୍କନ ଏବଂ ସହାୟକ କାର୍ଯ୍ୟସବୁ କରନ୍ତି । ତୃତୀୟ ପକ୍ଷ ପ୍ରଶାସକମାନେ ସ୍ୱାସ୍ଥ୍ୟ ଏବଂ ଯାତ୍ରା ବୀମା ଦାବୀସବୁ ଉପରେ କାର୍ଯ୍ୟ କରନ୍ତି । ବିନିୟମନରେ ପ୍ରାବଧାନ ଅଛି ଯେ ଗ୍ରାହକ ପ୍ରତି ସମସ୍ତ ମଧ୍ୟସ୍ଥ ଦାୟିତ୍ୱ ରହିଛି ।

ବୀମା କମ୍ପାନୀ ଓ ବୀମିତ ମଧ୍ୟରେ ମଧ୍ୟସ୍ଥ ହୋଇଥିବାରୁ, ଅଭିକର୍ତ୍ତାମାନଙ୍କ ଦାୟିତ୍ୱ ଏହା ସୁନିଶ୍ଚିତ କରିବା ଅଟେ ଯେ ସଙ୍କଟ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ସୂଚନା ବୀମିତ ଦ୍ୱାରା ବୀମାକର୍ତ୍ତାଙ୍କୁ ଯୋଗାଇ ଦିଆଯାଉଛି ।

### ମହତ୍ୱପୂର୍ଣ୍ଣ

ସମ୍ଭାବ୍ୟ ଗ୍ରାହକ (ବୀମିତ) ପ୍ରତି ଏକ ବୀମା ଅଭିକର୍ତ୍ତା/ମଧ୍ୟସ୍ଥଙ୍କ କର୍ତ୍ତବ୍ୟ

ଆଇ.ଆର.ଡି.ଏ.ଆଇ. ବିନିୟମନ ପ୍ରାବଧାନ ରଖେ ଯେ ସମ୍ଭାବ୍ୟ ଗ୍ରାହକ ପ୍ରତି ମଧ୍ୟସ୍ଥମାନଙ୍କ କେତେକ ଦାୟିତ୍ୱ ରହିଛି । ବୀମାକର୍ତ୍ତା ପ୍ରତି ମଧ୍ୟ ମଧ୍ୟସ୍ଥଙ୍କ ଏକ ଦାୟିତ୍ୱ ରହିଛି ।

ବିନିୟମନରେ ଉଲ୍ଲେଖ ଅଛି ଯେ ଯେଉଁଠି ସମ୍ଭାବ୍ୟ ଗ୍ରାହକ ବୀମାକର୍ତ୍ତା କିମ୍ବା ତା' ଅଭିକର୍ତ୍ତା କିମ୍ବା ଏକ ବୀମା ମଧ୍ୟସ୍ଥଙ୍କ ପରାମର୍ଶ ଉପରେ ନିର୍ଭର କରେ, ସେଭଳିଆ ବ୍ୟକ୍ତି ନିଶ୍ଚିତ ରୂପେ ସମ୍ଭାବ୍ୟ ଗ୍ରାହକକୁ ଉଚିତ୍ ଭାବେ ପରାମର୍ଶ ଦେବା ଉଚିତ୍ । ଏହା ମଧ୍ୟ କୁହେ ଯେ "ଏକ ବୀମାକର୍ତ୍ତା କିମ୍ବା ଏହାର ଅଭିକର୍ତ୍ତା କିମ୍ବା ଅନ୍ୟ ମଧ୍ୟସ୍ଥ ସମ୍ଭାବ୍ୟ ଗ୍ରାହକକୁ ସର୍ବୋତ୍ତମ ବୀମା ସୁରକ୍ଷା ଯାହା ତା' ହିତରେ ହେବ, ତା' ଉପରେ ନିର୍ଣ୍ଣୟ ନେବାରେ ତାକୁ ସକ୍ଷମ କରିବା ପାଇଁ, ସମ୍ଭାବ୍ୟ ଗ୍ରାହକକୁ ପ୍ରସ୍ତାବିତ ବୀମା ସୁରକ୍ଷା ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ସୂଚନା ପ୍ରଦାନ କରିବ" ।

ଯଦି ପ୍ରସ୍ତାବ କିମ୍ବା ଅନ୍ୟାନ୍ୟ ସମ୍ବନ୍ଧୀୟ କାଗଜପତ୍ରକୁ ଗ୍ରାହକ ପୂରଣ ନ କରେ, ପ୍ରସ୍ତାବ ଫର୍ମର ଶେଷରେ ଗ୍ରାହକଠାରୁ ଏକ ପ୍ରମାଣପତ୍ର ସମ୍ମିଳିତ କରାଯାଇ ପାରେ ଯେ ଫର୍ମ ଓ ଦସ୍ତାବିଜଗୁଡିକର ବିଷୟବସ୍ତୁକୁ ତାକୁ ସଂପୂର୍ଣ୍ଣରୂପେ ବୁଝାଇ ଦିଆଯାଇଛି ଏବଂ ସେ ପ୍ରସ୍ତାବିତ ଚୁକ୍ତିର ମହତ୍ୱକୁ ସଂପୂର୍ଣ୍ଣ ରୂପେ ବୁଝିଛି ।

**ଯେତେବେଳେ ଗ୍ରାହକ ବୀମାକର୍ତ୍ତାଙ୍କୁ ପ୍ରିମିୟମ ପାଇଁ ରାଶିପ୍ରଦାନ କରେ, ବୀମାକର୍ତ୍ତା ଏକ ରସିଦ ପ୍ରଦାନ କରିବା ପାଇଁ ବାଧ୍ୟ ଅଟେ ।** ଅର୍ଥାତ୍, ଯଦିଓ ପ୍ରିମିୟମକୁ ଅଗ୍ରୀମରେ ପ୍ରଦାନ କରାଯାଇଛି ।

## G. ସମାଜରେ ବୀମାର ଭୂମିକା

ଏକ ଦେଶର ଆର୍ଥିକ ବିକାଶରେ ବୀମା କମ୍ପାନୀମାନଙ୍କ ଏକ ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ସେମାନେ ସୁନିଶ୍ଚିତ କରନ୍ତି ଯେ ଦେଶର ଧନ (ସମ୍ପତ୍ତି) ସୁରକ୍ଷିତ ଓ ସଂରକ୍ଷିତ ରହିଛି । ସେମାନଙ୍କ କେତେକ ଯୋଗଦାନ ନିମ୍ନରେ ଦିଆଯାଇଛି ।

a) ବୀମା ମ୍ୟୁଚୁଆଲିଟୀ (ପାରସ୍ପରିକତା) ର ସିଦ୍ଧାନ୍ତ ଉପରେ ପର୍ଯ୍ୟବେଶିତ, ଯେଉଁଠାରେ ସମୁଦାୟ ଅଭାଗା କିଛି ସଦସ୍ୟ (ଯେଉଁମାନେ ଆର୍ଥିକ ହାନିରେ ଆକ୍ରାନ୍ତ ହୁଅନ୍ତି,) ସେମାନଙ୍କୁ ସହାୟତା ଦେବା ପାଇଁ ସମୁଦାୟର ସମ୍ମିଳିତ ଶକ୍ତିକୁ ଏକତ୍ରିତ କରାଯାଏ । ବୀମାର କୌଣସି ବିକଳ୍ପ ନାହିଁ ।

b) ବୀମା କମ୍ପାନୀମାନେ ଅଳ୍ପ ଅଳ୍ପ ପରିମାଣର ପ୍ରିମିୟମ ଏକତ୍ରିତ କରନ୍ତି ଏବଂ ସେଗୁଡିକ ବୃହତ୍ ନିଧି ରୂପେ ଏକାଠି ସମୂହରେ ରଖନ୍ତି । ଏହିସବୁ ନିଧିକୁ ରଖାଯାଏ ଏବଂ ପଲିସୀଧାରକମାନଙ୍କ ହିତ ଓ ଜନସମୁଦାୟର ଲାଭ ପାଇଁ ନିବେଶ କରାଯାଏ । ସେଗୁଡିକୁ କାଳ୍ପନିକ ଦୁଃସାହସିକ କାର୍ଯ୍ୟରେ ଅନୁଚିତ ରୂପେ ନିବେଶ କରାଯାଏ ନାହିଁ ।

c) ବୀମା ଅନେକ ସଂଖ୍ୟକ ବୀମିତ – ଉଭୟ ବ୍ୟକ୍ତି ଏବଂ ଉପକ୍ରମ (ଏଣ୍ଟରପ୍ରାଇଜେସ୍)ଙ୍କୁ –ଦୁର୍ଘଟଣା କିମ୍ବା ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା କାରଣରୁ ହୋଇଥିବା ହାନି ବିରୁଦ୍ଧରେ ସୁରକ୍ଷାର ଲାଭ ପ୍ରଦାନ କରିଥାଏ । ଏହା ପୁଞ୍ଜିକୁ ସଂରକ୍ଷିତ ରଖେ ଏବଂ ବ୍ୟବସାୟ ଓ ଉଦ୍ୟୋଗ ପାଇଁ ଏହାକୁ ମୁକ୍ତ କରେ, ଯାହା ଦେଶର ବୃଦ୍ଧିରେ ସହାୟକ ହୁଏ।

d) ବୀମା ପୁଞ୍ଜିର ନିବେଶକୁ ସକ୍ଷମ କରେ ଯାହାର ପରିଣାମ ବାଣିଜ୍ୟିକ ଓ ଔଦ୍ୟୋଗିକ ବିକାଶ ହୋଇଥାଏ । ଏହା ନୂତନ ଉଦ୍ୟୋଗ ସହିତ ଜଡିତ ଭୟ, ବ୍ୟସ୍ତତା ଓ ବ୍ୟଗ୍ରତାକୁ ହଟାଇବାରେ ମଧ୍ୟ ସହାୟକ ହୋଇଥାଏ ।

e) ଅନେକ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ସମ୍ପତ୍ତି ଉପରେ ଋଣ ଦିଅନ୍ତି ନାହିଁ ଯଦି ଏହା ହାନି ଓ କ୍ଷତି ବିରୁଦ୍ଧରେ ବୀମିତ ହୋଇ ନ ଥାଏ । ସେମାନଙ୍କ ମଧ୍ୟରୁ ଅନେକ ଆନୁଷଙ୍ଗିକ ବନ୍ଧକ ରୂପେ ପଲିସୀକୁ ସମନୁଦେଶିତ କରିବା ଉପରେ ଜୋର୍ ଦିଅନ୍ତି ।

f) ବଡ଼ ବଡ଼ ଜଟିଳ ସଙ୍କଟସବୁକୁ ଗ୍ରହଣ କରିବା ପୂର୍ବରୁ, ସାଧାରଣ ବୀମା କର୍ତ୍ତାମାନେ ଯୋଗ୍ୟତା ପ୍ରାପ୍ତ ଇଞ୍ଜିନିୟର/ ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କ ଦ୍ୱାରା ସମ୍ପତ୍ତିର ନିରୀକ୍ଷଣ ପାଇଁ ବ୍ୟବସ୍ଥା କରନ୍ତି । ସେମାନେ ସଙ୍କଟର ମୂଲ୍ୟାଙ୍କନ କରନ୍ତି ଏବଂ ସଙ୍କଟକୁ କମ୍ କରିବା ପାଇଁ ସଙ୍କଟ ପ୍ରବନ୍ଧନ ପ୍ରଣାଳୀ ଉପରେ ପରାମର୍ଶ ଦିଅନ୍ତି ଓ ମୂଲ୍ୟ ନିର୍ଦ୍ଧାରଣରେ ସାହାଯ୍ୟ କରନ୍ତି ।

g) ବୀମା ବ୍ୟାପାର, ଜାହାଜ ଚାଳନ ଓ ବ୍ୟାଙ୍କିଂ ସେବା ଭଳି ଦେଶ ପାଇଁ ବିଦେଶୀ ମୁଦ୍ରା ଅର୍ଜନ କରନ୍ତି ।

h) ବୀମାକର୍ତ୍ତାମାନେ ଅଗ୍ନି ସମ୍ବନ୍ଧୀୟ ହାନି ନିବାରଣ, କାର୍ଗୋ ହାନି ନିବାରଣ, ଔଦ୍ୟୋଗିକ ନିରାପତ୍ତା ଏବଂ ସଡ଼କ ନିରାପତ୍ତାରେ ନିଯୁକ୍ତ ସଂସ୍ଥାମାନଙ୍କ ସହିତ ସଂପୃକ୍ତ ଥାଆନ୍ତି ।

i) ନୂତନ ଉଦ୍ୟୋଗୀମାନେ ବୀମା ଦ୍ୱାରା ପ୍ରସ୍ତାବିତ ସୁରକ୍ଷା ସହିତ ନୂତନ କିମ୍ବା ଅପେକ୍ଷାକୃତ ଅଜ୍ଞାତ କ୍ଷେତ୍ରରେ ନିବେଶ କରିବା ପାଇଁ ଆତ୍ମ ବିଶ୍ୱାସ ପ୍ରାପ୍ତ କରନ୍ତି ।

**ସୂଚନା**

ବୀମା ଏବଂ ସାମାଜିକ ସୁରକ୍ଷା

a) ସାମାଜିକ ସୁରକ୍ଷା ରାଷ୍ଟ୍ରର ବୈଧିକ କର୍ତ୍ତବ୍ୟ ଅଟେ । ରାଷ୍ଟ୍ରର ସାମାଜିକ ସୁରକ୍ଷା ଯୋଜନାଗୁଡିକ, ସାମାଜିକ ସୁରକ୍ଷାର ସାଧନ ରୂପେ, ଅନିବାର୍ଯ୍ୟ କିମ୍ବା ସ୍ୱେଚ୍ଛିକ ବୀମାର ଉପଯୋଗକୁ ସଂପୃକ୍ତ କରନ୍ତି । କର୍ମଚାରୀ ରାଷ୍ଟ୍ର ବୀମା ଅଧିନିୟମ, 1948, ଔଦ୍ୟୋଗିକ କର୍ମଚାରୀ ଓ ସେମାନଙ୍କ ପରିବାରଙ୍କ ପାଇଁ ରୋଗ, ବିକଳାଙ୍ଗତା, ପ୍ରସୂତି ଓ ମୃତ୍ୟୁର ଖର୍ଚ୍ଚ ପାଇଁ ରାଶିପ୍ରଦାନ କରିବାକୁ କର୍ମଚାରୀ ରାଷ୍ଟ୍ର ବୀମା ନିଗମର ପ୍ରାବଧାନ ରଖିଛି ।

b) ବୀମାକର୍ତ୍ତାମାନେ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସାମାଜିକ ସୁରକ୍ଷା ଯୋଜନାଗୁଡିକରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି ଯେପରି କି

1. PMJJBY – ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା
2. PMSBY – ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା
3. PMFBY – ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା
4. PMJAY – ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଆୟୁଷ୍ମାନ ଭାରତ)
5. PMVVY – ପ୍ରଧାନ ମନ୍ତ୍ରୀ ବୟ ବନ୍ଦନା ଯୋଜନା – ଏକ ପେନସନ୍ ଯୋଜନା
6. APY – ଅଟଳ ପେନସନ୍ ଯୋଜନା

ଏମାନେ, ଏବଂ ଅନ୍ୟାନ୍ୟ ସରକାରୀ ଯୋଜନାସବୁ ଭାରତୀୟ ସମାଜ/ ସମୁଦାୟକୁ ଲାଭ ପ୍ରଦାନ କରି ଆସୁଅଛି ।

c) ସରକାରୀ ଯୋଜନାଗୁଡିକୁ ସହାୟତା ଯୋଗାଇବା ବ୍ୟତୀତ, ବୀମା ଉଦ୍ୟୋଗ ବାଣିଜ୍ୟିକ ଆଧାରରେ ବୀମା ସୁରକ୍ଷାସବୁ ପ୍ରଦାନ କରିଥାଏ ଯାହାର ଅନ୍ତିମ ଉଦ୍ଦେଶ୍ୟ ହେଉଛି ସାମାଜିକ ସୁରକ୍ଷା ପ୍ରଦାନ କରିବା । ବାଣିଜ୍ୟିକ

ଆଧାରରେ ସଂଚାଳିତ ହେଉଥିବା ଗ୍ରାମୀଣ ବୀମା ଯୋଜନାଗୁଡିକର ପରିକଳ୍ପନା ଗ୍ରାମୀଣ ପରିବାରମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ପାଇଁ କରାଯାଇଛି ।

| ସ୍ୱୟଂ ପରୀକ୍ଷା କରନ୍ତୁ 5 |
|---|

ନିମ୍ନଲିଖିତ ବୀମା ଯୋଜନାଗୁଡିକ ମଧ୍ୟରୁ କେଉଁଗୁଡିକ ଭାରତୀୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ହୋଇଛି ?

**I.** ପ୍ର.ମ. ଜନ ଆରୋଗ୍ୟ ଯୋଜନା – ଆୟୁଷ୍ମାନ ଭାରତ

**II.** ପ୍ର.ମ.ଫସଲ ବୀମା ଯୋଜନା

**III.** ପ୍ର.ମ. ସୁରକ୍ଷା ବୀମା ଯୋଜନା

**IV.** ଉପରୋକ୍ତ ମଧ୍ୟରୁ ସମସ୍ତ

| **ସାରାଂଶ** |
|---|

- ବୀମା ହେଉଛି ସଙ୍କଟ ସମୁଚ୍ଚୟକରଣ ଜରିଆରେ ସଙ୍କଟ ସ୍ଥାନାନ୍ତରଣ ।
- ଆଜିକାଲି ପ୍ରଚଳିତ ଥିବା ଭଳି ବ୍ୟବସାୟିକ (ବାଣିଜ୍ୟିକ) ବୀମା ବ୍ୟବସାୟ ଲଣ୍ଡନର ଲଏଡ୍ସ କଫି ହାଉସରେ ଆରମ୍ଭ ହୋଇଥିଲା ।
- ଏକ ବୀମା ବ୍ୟବସ୍ଥାପନରେ ନିମ୍ନ ସବୁ ସଂପୃକ୍ତ ଥାଆନ୍ତି:
  - ✓ ସମ୍ପତ୍ତି,
  - ✓ ସଙ୍କଟ,
  - ✓ ଆପଦ,
  - ✓ ଚୁକ୍ତି,
  - ✓ ବୀମାକର୍ତ୍ତା ଏବଂ
  - ✓ ବୀମିତ
- ଯେତେବେଳେ ସମାନ ପ୍ରକାରର ସମ୍ପତ୍ତି ଥିବା,ସମାନ ପ୍ରକାରର ସଙ୍କଟର ସମ୍ମୁଖୀନ ହେଉଥିବା ବ୍ୟକ୍ତିମାନେ, ନିଧିଗୁଡିକର ଏକ ସାଧାରଣ ସମୁଚ୍ଚୟ (ସମୂହ) ରେ ଅଂଶଦାନ କରନ୍ତି, ଏହାକୁ ସମୁଚ୍ଚୟକରଣ କୁହାଯାଏ ।
- ବୀମା ବ୍ୟତୀତ, ଅନ୍ୟାନ୍ୟ ସଙ୍କଟ ପ୍ରବନ୍ଧନ ପଦ୍ଧତିରେ ସମ୍ମିଳିତ ହୁଅନ୍ତି :
  - ✓ ସଙ୍କଟ ପରିହାର,
  - ✓ ସଙ୍କଟ ନିୟନ୍ତ୍ରଣ,
  - ✓ ସଙ୍କଟ ଧାରଣ,
  - ✓ ସଙ୍କଟ ବିତ୍ତପୋଷଣ ଏବଂ
  - ✓ ସଙ୍କଟ ସ୍ଥାନାନ୍ତରଣ/ହସ୍ତାନ୍ତରଣ
- ବୀମାର ମହତ୍ୱପୂର୍ଣ୍ଣ ନିୟମଗୁଡିକ ହେଉଛନ୍ତି:
  - ✓ ଆପଣ ଯେତିକି ହାନିକୁ ସହି ପାରିବେ, ତା'ଠୁ ଅଧିକ ସଙ୍କଟ ବହନ କରନ୍ତୁ ନାହିଁ,
  - ✓ ସଙ୍କଟର ସମ୍ଭାବ୍ୟ ପରିଣାମକୁ ଧ୍ୟାନ ପୂର୍ବକ ବିଚାର କରନ୍ତୁ ନାହିଁ, ଏବଂ
  - ✓ କିଛି ଅଳ୍ପ ପାଇଁ ଅଧିକ ସଙ୍କଟ ବହନ କରନ୍ତୁ ନାହିଁ ।

## ମୂଖ୍ୟ ପଦାବଳୀ

1. ସଙ୍କଟ
2. ସମୁଚ୍ଚୟକରଣ
3. ସମ୍ପତ୍ତି
4. ସଙ୍କଟ ଭାର
5. ସଙ୍କଟ ପରିହାର
6. ସଙ୍କଟ ନିୟନ୍ତ୍ରଣ
7. ସଙ୍କଟ ଧାରଣ
8. ସଙ୍କଟ ବିତ୍ତପୋଷଣ
9. ସଙ୍କଟ ସ୍ଥାନାନ୍ତରଣ/ହସ୍ତାନ୍ତରଣ

## ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 2 - ସଠିକ୍ ବିକଳ୍ପ ହେଉଛି III

ଉତ୍ତର 3 - ସଠିକ୍ ବକଳ୍ପ ହେଉଛି II

ଉତ୍ତର 4 - ସଠିକ୍ ବିକଳ୍ପ ହେଉଛି I

ଉତ୍ତର 5 - ସଠିକ୍ ବିକଳ୍ପ ହେଉଛି IV

# ଅଧ୍ୟାୟ C-02

## ବୀମାର ମୂଳ ତତ୍ତ୍ୱ

| ଅଧ୍ୟାୟ ପରିଚୟ |
| --- |

ଏହି ଅଧ୍ୟାୟରେ, ଆମେ ବୀମାର ବିଭିନ୍ନ ମୁଖ୍ୟ ତତ୍ତ୍ୱ ଓ ସିଦ୍ଧାନ୍ତ ବିଷୟରେ ଜାଣିବା ଯାହା ବୀମାର କାର୍ଯ୍ୟ ପ୍ରଣାଳୀକୁ ସଂଚାଳିତ କରନ୍ତି ।

| ଅଧ୍ୟାୟ ପରିଣାମ |
| --- |

| |
| --- |
| A. **ବୀମାର ମୂଳ ତତ୍ତ୍ୱ** |
| ସମ୍ପତ୍ତି ଏବଂ ସଙ୍କଟ |
| ବିପତ୍ତି ଏବଂ ଆପଦ |
| ସଙ୍କଟ ସମୁଚ୍ଚୟକରଣ |

ଏହି ଅଧ୍ୟାୟ ଅଧ୍ୟୟନ କରିବା ପରେ, ଜଣେ ସକ୍ଷମ ହେବ:

1. ସମ୍ପତ୍ତି ବିଷୟରେ ବୁଝିବାରେ
2. ସଙ୍କଟ, ବିପତ୍ତି ଏବଂ ଆପଦକୁ ବୁଝିବାରେ
3. ସଙ୍କଟ ପ୍ରବନ୍ଧନକୁ ମୂଲ୍ୟାଙ୍କନ କରିବାରେ
4. ବୀମାରେ ସଙ୍କଟ ସମୁଚ୍ଚୟକରଣକୁ ବୁଝିବାରେ

## A. ବୀମାର ମୂଳ ତତ୍ତ୍ୱ

ଆମେ ଦେଖୁଛୁ ଯେ ବୀମା ପ୍ରକ୍ରିୟାରେ ଚାରୋଟି ମୂଳତତ୍ତ୍ୱ ଅଛନ୍ତି

- ✓ ସମ୍ପତ୍ତି
- ✓ ସଙ୍କଟ
- ✓ ସଙ୍କଟ ସମୁଚ୍ଚୟକରଣ

ଆସନ୍ତୁ ଏବେ ବୀମା ପ୍ରକ୍ରିୟାର ବିଭିନ୍ନ ମୂଳ ତତ୍ତ୍ୱକୁ ବିସ୍ତୃତ ରୂପେ ଦେଖିବା ।

### 1. ସମ୍ପତ୍ତି

**ପରିଭାଷା**

ଏକ ସମ୍ପତ୍ତିକୁ 'କୌଣସି ଜିନିଷ ଯାହା କିଛି ଲାଭ ଦିଏ ଏବଂ ଏହାର ମାଲିକ ପାଇଁ କିଛି ଆର୍ଥିକ ମୂଲ୍ୟ ଥାଏ',ଏହି ରୂପେ ପରିଭାଷିତ କରାଯାଇପାରେ ।

ଏକ ସମ୍ପତ୍ତିର ନିମ୍ନ ବିଶେଷତାସବୁ ଥିବା ଆବଶ୍ୟକ:

➢ **ଆର୍ଥିକ ମୂଲ୍ୟ**:ଏକ ସମ୍ପତ୍ତିର ନିଶ୍ଚିତ ରୂପେ ଆର୍ଥିକ ମୂଲ୍ୟ ଥିବା ଆବଶ୍ୟକ । ମୂଲ୍ୟ ଦୁଇ ପ୍ରକାରେ ଉତ୍ପନ୍ନ ହୋଇପାରେ ।

a) **ଆୟ ଉତ୍ପନ୍ନ** : ସମ୍ପତ୍ତି ଉତ୍ପାଦକ ହୋଇପାରେ ଏବଂ ଆୟ ଉତ୍ପନ୍ନ କରିପାରେ ।

**ଉଦାହରଣ**

ବିସ୍କୁଟ ତିଆରି କରିବାରେ ବ୍ୟବହାର କରାଯାଉଥିବା ମେସିନ, କିମ୍ବା ଦୁଗ୍ଧ ଜାତ କରୁଥିବା ଗାଈ, ଉଭୟେ ସେମାନଙ୍କ ମାଲିକ ପାଇଁ ଆୟ ଉତ୍ପନ୍ନ କରନ୍ତି । ଏକ ସ୍ୱାସ୍ଥ୍ୟବାନ୍ କର୍ମଚାରୀ ଏକ ସଂଗଠନ ପାଇଁ ଏକ ସମ୍ପତ୍ତି ଅଟେ ।

b) **ଆବଶ୍ୟକତା ପୂରଣ**: ଗୋଟିଏ କିମ୍ବା ଅନେକ ଆବଶ୍ୟକତାକୁ ପୂରଣ କରି ଏକ ସମ୍ପତ୍ତି ମୂଲ୍ୟ ବି ବୃଦ୍ଧି କରିପାରେ ।

**ଉଦାହରଣ**

ଏକ ରେଫ୍ରିଜେରେଟର୍ ଥଣ୍ଡା କରେ ଓ ଖାଦ୍ୟ ସଂରକ୍ଷଣ କରେ ଯେତେବେଳେ କି ଏକ କାର୍ ପରିବହନରେ ଆରାମ ଓ ସୁବିଧା ପ୍ରଦାନ କରେ, ସେହି ଭଳି ରୋଗମୁକ୍ତ ଶରୀର ନିଜର ତଥା ପରିବାରର ମଧ୍ୟ ମୂଲ୍ୟ ବଢ଼ାଇଥାଏ ।

➢ **ଦୁର୍ଲଭତା ଏବଂ ପ୍ରଭୁତ୍ୱ**

ବାୟୁ ଓ ସୂର୍ଯ୍ୟକିରଣ ବିଷୟରେ କ'ଣ କୁହାଯାଇପାରେ? ସେମାନେ ସମ୍ପତ୍ତି ନୁହଁନ୍ତି କି?- **ଉତ୍ତର ହେଉଛି** 'ନା' ।

କିଛି ଜିନିଷ ସେତେ ମୂଲ୍ୟବାନ୍ ଅଟନ୍ତି ଯେତେ ବାୟୁ ଓ ସୂର୍ଯ୍ୟକିରଣ ଅଟନ୍ତି । ଆମେ ସେମାନଙ୍କ ବିନା ବଞ୍ଚିପାରିବା ନାହିଁ । ତଥାପି ପଦର ଆର୍ଥିକ ଅର୍ଥରେ ସେମାନଙ୍କୁ ସମ୍ପତ୍ତି ବୋଲି ବିଚାର କରାଯାଏ ନାହିଁ ।

ଏଥି ପାଇଁ ଦୁଇଟି କାରଣ ଅଛି:

- ✓ ସେମାନଙ୍କ ପ୍ରଦାୟ ପ୍ରଚୁର ଅଟେ ଏବଂ ଦୁର୍ଲଭ ନୁହେଁ ।

✓ ସେମାନଙ୍କ ଉପରେ କୌଣସି ଜଣେ ବ୍ୟକ୍ତିର ପ୍ରଭୁତ୍ୱ ନାହିଁ କିନ୍ତୁ ସେମାନେ ସମସ୍ତଙ୍କ ପାଇଁ ମୁକ୍ତ ଭାବେ ଉପଲବ୍ଧ ।

ଏହାର ନିହିତାର୍ଥ ହେଉଛି ଯେ ଏକ ଜିନିଷ ସମ୍ପତ୍ତିର ଯୋଗ୍ୟ ହେବାପାଇଁ ଦୁଇଟି ଅଧିକ ସର୍ତ୍ତକୁ ପୂରଣ କରିବା ଆବଶ୍ୟକ –ଏହାର ଦୁର୍ଲଭତା ଏବଂ ଏହାର ପ୍ରଭୁତ୍ୱ କିମ୍ବା ୟା ଉପରେ କୌଣସି ଜଣକର ଅଧିକାର ।

➢ **ସମ୍ପତ୍ତିଗୁଡିକର ବୀମା**

ବୀମା ସମ୍ପତ୍ତିଗୁଡିକୁ କେବଳ ଅପ୍ରତ୍ୟାଶିତ ଘଟଣାଠାରୁ ଉତ୍ପନ୍ନ ହୋଇଥିବା ଆର୍ଥିକ ହାନି ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ ଏବଂ ଦୀର୍ଘ ସମୟ ଧରି ବ୍ୟବହାର ଯୋଗୁଁ ହୋଇଥିବା ସ୍ୱାଭାବିକ ଘସା-ଘସିରେ ଖରାପ ହୋଇଥିବା ପାଇଁ ନୁହେଁ ।

ଆମେ ନିଶ୍ଚିତ ରୂପେ ଧ୍ୟାନ ଦେବା ଉଚିତ୍ ଯେ **ବୀମା ଏକ ସମ୍ପତ୍ତିକୁ ହାନି କିମ୍ବା ନଷ୍ଟରୁ ସୁରକ୍ଷା ପ୍ରଦାନ କରିପାରିବ ନାହିଁ ।** ଏକ ଭୂମିକମ୍ପ ଏକ ଘରକୁ ବିଧ୍ୱସ୍ତ କରିବ, ଏହା ବୀମିତ ହୋଇଥାଉ ଅଥବା ହୋଇ ନ ଥାଉ । ବୀମାକର୍ତ୍ତା କେବଳ କିଛି ଅର୍ଥ ରାଶି ପ୍ରଦାନ କରିପାରେ, ଯାହା ହାନିର ଆର୍ଥିକ ପ୍ରଭାବକୁ କମ୍ କରିପାରେ ।

ଏକ ରାଜିନାମାର ଉଲଙ୍ଘନରେ ହାନି ଉତ୍ପନ୍ନ ହୋଇପାରେ ।

| ଉଦାହରଣ |
|---|
| ଏକ ରପ୍ତାନୀକାରୀର ବହୁତ ହାନି ହୋଇପାରେ ଯଦି ଅନ୍ୟ ପାର୍ଶ୍ୱରେ ଥିବା ଆମଦାନୀକାରୀ ଜିନିଷକୁ ନେବାପାଇଁ ମନା କରିଦେଲା କିମ୍ବା ରାଶିପ୍ରଦାନ କରିବାରେ ଦୋଷୀ ହୋଇଗଲା । |

➢ **ଜୀବନ ବୀମା**

ଆମର ଜୀବନ ବିଷୟରେ କ'ଣ କୁହାଯାଇପାରେ? କୌଣସି ଜିନିଷ ଆମ ପାଇଁ ସେତେ ମୂଲ୍ୟବାନ୍ ନୁହେଁ ଯେତେ ଆମର ନିଜ ଜୀବନ ଓ ଆମର ପ୍ରିୟଜନମାନଙ୍କ ଜୀବନ । ଆମର ଜୀବନ ଗମ୍ଭୀର ରୂପେ ପ୍ରଭାବିତ ହୋଇପାରେ ଯେତେବେଳେ ଏକ ଦୁର୍ଘଟଣା କିମ୍ବା ରୋଗର ଶିକାର ହୁଏ ।

ଏହା ଦୁଇ ପ୍ରକାରେ ପ୍ରଭାବିତ କରେ:

✓ ପ୍ରଥମତଃ ଏକ ନିର୍ଦ୍ଦିଷ୍ଟ ରୋଗର ଚିକିତ୍ସାର ମୂଲ୍ୟ/ଖର୍ଚ୍ଚ ଥାଏ ।

✓ ଦ୍ୱିତୀୟତଃ ଆର୍ଥିକ ଉପାର୍ଜନରେ ହାନି ହୋଇପାରେ, ଉଭୟ ମୃତ୍ୟୁ କିମ୍ବା ବିକଳାଙ୍ଗତା କାରଣରୁ ।

ଏ ପ୍ରକାର ହାନିଗୁଡିକୁ ବ୍ୟକ୍ତିର ବୀମା କିମ୍ବା ବ୍ୟକ୍ତିଗତ ପ୍ରକାରର ବୀମା ଦ୍ୱାରା ସୁରକ୍ଷା ପ୍ରଦାନ କରାଯାଏ । ବୀମା ଯେ କୌଣସି ବ୍ୟକ୍ତି ପାଇଁ ସମ୍ଭବ ଅଟେ ଯାହାର ସେହି ସମ୍ପତ୍ତି ଥିବ, ଯାହାର ମୂଲ୍ୟ ଥିବ [ଅର୍ଥାତ୍, ଯାହା ଆୟ ଉତ୍ପନ୍ନ କରେ କିମ୍ବା କିଛି ଆବଶ୍ୟକତାକୁ ପୂରଣ କରୁଥିବ]; ଯାହାର ହାନି [ଦୁର୍ଭାଗ୍ୟପୂର୍ଣ୍ଣ କିମ୍ବା ଦୁର୍ଘଟଣାଜନିତ ଘଟଣା ଯୋଗୁଁ] ଆର୍ଥିକ ହାନିର କାରଣ ହୋଇପାରେ [ଯାହାକୁ ଟଙ୍କା ରୂପେ ମପାଯାଇପାରେ] ।

ଏ ପ୍ରକାରେ ସମ୍ପତ୍ତିଗୁଡିକୁ ସାଧାରଣରୂପେ ବୀମା ବାର୍ତ୍ତାଳାପରେ ବୀମାର ବିଷୟ ବସ୍ତୁ ରୂପେ ସୂଚୀତ କରାଯାଏ ।

## 2. ସଙ୍କଟ

ବୀମା ପ୍ରକ୍ରିୟାରେ ଦ୍ୱିତୀୟ ତତ୍ତ୍ୱଟି ହେଉଛି ସଙ୍କଟର ସିଦ୍ଧାନ୍ତ । ସଙ୍କଟକୁ **ହାନିର ସମ୍ଭାବନା** ରୂପେ ପରିଭାଷିତ କରାଯାଇପାରେ । ସଙ୍କଟକୁ ଏ ପ୍ରକାରେ ସମ୍ଭାବ୍ୟ ହାନି କିମ୍ବା କ୍ଷତି ରୂପେ ସୂଚୀତ କରାଯାଏ ଯାହା ଏକ ଘଟଣା

ଘଟିବାଯୋଗୁଁ ଉତ୍ପନ୍ନ ହୋଇପାରେ । ସଙ୍କଟକୁ ବେଳେ ବେଳେ ବୀମାର ବିଷୟ ବସ୍ତୁ ରୂପେ ମଧ୍ୟ ସୂଚୀତ କରାଯାଇ ପାରେ । ଜଣେ ବ୍ୟକ୍ତି ସାଧାରଣତଃ ନିଜର ଘର ଜଳିଯାଉ କିମ୍ବା ନିଜର କାରର ଦୁର୍ଘଟଣା ହେଉ ବୋଲି ପ୍ରତ୍ୟାଶା ରଖେ ନାହିଁ । ତଥାପି ଏହା ଘଟିପାରେ ।

ସଙ୍କଟର ଉଦାହରଣସବୁ ହେଉଛନ୍ତି ଏକ ଘର ଜଳିଯିବା କିମ୍ବା ଚୋରୀ କିମ୍ବା ଦୁର୍ଘଟଣାଠାରୁ ଉପୁଜିଥିବା ଆର୍ଥିକ ହାନିର ସମ୍ଭାବନା ଯାହାର ପରିଣାମ ଏକ ଅଙ୍ଗ ହରାଇବା ହୋଇପାରେ ।

ଏହାର ଦୁଇଟି ନିହିତାର୍ଥ ଅଛି ।

i. **ପ୍ରଥମତଃ,** ଏହାର ଅର୍ଥ ହେଉଛି ଯେ ହାନି ହୋଇପାରେ କିମ୍ବା ହୋଇ ନ ପାରେ ।

ii. ଦ୍ୱିତୀୟତଃ, ସେହି ଘଟଣା, ଯାହା ଘଟିବା କାରଣରୁ ବାସ୍ତବରେ ହାନି ହୋଇଥାଏ, ତାହାକୁ **ଆପଦ** କୁହାଯାଏ । ଏହା ହେଉଛି ହାନିର କାରଣ ।

**ଉଦାହରଣ**

ଆପଦର ଉଦାହରଣସବୁ ହେଉଛନ୍ତି ଅଗ୍ନିକାଣ୍ଡ, ଭୂମିକମ୍ପ, ବନ୍ୟା, ବିଜୁଳୀ, ଚୋରୀ, ହୃଦୟଘାତ ଇତ୍ୟାଦି ।

**ସ୍ୱାଭାବିକ ଘଷା-ଘଷି ହୋଇ ନଷ୍ଟ ହେବା**

ଏହା ସତ୍ୟ ଅଟେ ଯେ କୌଣସି ଜିନିଷ ବି ଚିରକାଳ ପାଇଁ ରହେ ନାହିଁ । ପ୍ରତ୍ୟେକ ସମ୍ପତ୍ତିର ଏକ ସୀମିତ ଜୀବନ କାଳ ଥାଏ ଯାହା ମଧ୍ୟରେ ଏହା କାର୍ଯ୍ୟକ୍ଷମ ରହେ ଏବଂ ଲାଭ ପ୍ରଦାନ କରେ । ଏହା ଏକ ସ୍ୱାଭାବିକ ପ୍ରକ୍ରିୟା ଅଟେ ଏବଂ ଜଣେ ନିଜର ମୋବାଇଲ, ୱାଶିଙ୍ଗ୍ ମେସିନ୍ ଓ ପୋଷାକକୁ ତ୍ୟାଗ କରେ କିମ୍ବା ବଦଳାଇଥାଏ ଯେତେବେଳେ ସେଗୁଡିକ ଉପଯୋଗରେ ଘଷା ଘଷି ହୋଇ ନଷ୍ଟ ହୋଇଯାଆନ୍ତି । ତେଣୁକରି ସାଧାରଣ ଘଷା ଘଷି (ବ୍ୟବହାର) ଦ୍ୱାରା ଉପୁଜିଥିବା ହାନିସବୁକୁ ବୀମାରେ ସୁରକ୍ଷା ଦିଆଯାଏ ନାହିଁ ।

**ସଙ୍କଟର ସମ୍ମୁଖୀନ:** ଏକ ଆପଦର ଘଟଣା କାରଣ ଏକ ହାନି ହେବ, ଏହା ଜରୁରୀ ନୁହେଁ । ମୁମ୍ବାଇରେ ରହୁଥିବା ଏକ ବ୍ୟକ୍ତି ତଟବର୍ତ୍ତୀ ଆନ୍ଧ୍ରରେ ହୋଇଥିବା ବନ୍ୟାଯୋଗୁଁ କ୍ଷତିଗ୍ରସ୍ତ ହୋଇ ନ ଥାଏ । ହାନି ଘଟିବା ପାଇଁ ସମ୍ପତ୍ତିଟି ନିଶ୍ଚିତ ରୂପେ ଆପଦାର ସମ୍ମୁଖୀନ ହେବା ଉଚିତ୍ । କେବଳ ସଙ୍କଟର ସମ୍ମୁଖୀନ ହେବା ବୀମା କ୍ଷତିପୂରଣର ଯଥେଷ୍ଟ କାରଣ ହୋଇ ନ ଥାଏ ।

**ଉଦାହରଣ**

କାରଖାନା ପରିସରର ଏକ ଅଗ୍ନିକାଣ୍ଡ ଘଟିବାରେ ବାସ୍ତବରେ କିଛି କ୍ଷତି ହୋଇ ନ ପାରେ । ବୀମାର ଭୂମିକା ଆସେ କେବଳ ଯଦି ଏକ ଆପଦ ଫଳରେ ପ୍ରକୃତରେ ଆର୍ଥିକ ହାନି ଘଟେ ।

**ସଙ୍କଟ ସମ୍ମୁଖୀନ ହେବାର ମାତ୍ରା** :

ଦୁଇଟି ସମ୍ପତ୍ତି ସେହି ସମାନ ଆପଦ (ବିପତ୍ତି) ର ସମ୍ମୁଖୀନ ହୋଇପାରନ୍ତି କିନ୍ତୁ ହାନିର ସମ୍ଭାବନା କିମ୍ବା ହାନିର ମାତ୍ରା ବହୁତ ଅଲଗା ହୋଇପାରେ । ବିସ୍ଫୋରକ ନେଉଥିବା ଗାଡ଼ି ପାଣି ନେଉଥିବା ଟ୍ୟାଙ୍କର୍ ଅପେକ୍ଷା ନିଆଁ ଦ୍ୱାରା ଅତ୍ୟଧିକ ହାନିର ଶିକାର ହୋଇପାରେ ।

## 3. ସଙ୍କଟ ପ୍ରବନ୍ଧନ

➢ **ଆକ୍ରାନ୍ତ ହେବାର ସମ୍ଭାବନା ଥିବା କ୍ଷତିର ପରିମାଣ**

ହାନିର ମାତ୍ରା ଏବଂ ଏକ ବ୍ୟକ୍ତି କିମ୍ବା ବ୍ୟବସାୟ ଉପରେ ଏହାର ପ୍ରଭାବ ଦ୍ୱାରା ଏହା ପ୍ରାପ୍ତ ହୋଇପାରେ । ଏହି ଆଧାରରେ ଜଣେ ତିନି ପ୍ରକାରର ସଙ୍କଟ ଘଟଣା କିମ୍ବା ପରିସ୍ଥିତିକୁ ଚିହ୍ନଟ କରିପାରିବ ।

➢ **ସଙ୍କଟପୂର୍ଣ୍ଣ**

ଯେଉଁଠି ହାନି ଏତେ ମାତ୍ରାର ହୋଇଥାଏ; ତାହାର ଫଳାଫଳ ସଂପୂର୍ଣ୍ଣ ହାନି କିମ୍ବା ଦେବାଳିଆପଣ ହୋଇପାରେ । ହାନିସବୁ ସଙ୍କଟପୂର୍ଣ୍ଣ ହୋଇପାରନ୍ତି ଯେଉଁଠି ଦୁର୍ଘଟଣାର ପରିଣାମ ବିଶେଷ ଓ ଗମ୍ଭୀର ପ୍ରଭାବ, ଅପାରଗତା, ଉପକରଣ ଓ ପର୍ଯ୍ୟାବରଣର ହାନି ହୋଇଥାଏ, ଯାହା କିଛି ମାତ୍ରାରେ ପରିବର୍ତ୍ତନୀୟ ହୋଇପାରେ । ସଙ୍କଟମୟ ହାନିରେ ସେଗୁଡିକ ଅନ୍ତର୍ଭୁକ୍ତ ହୁଅନ୍ତି, ଯାହାର ପରିଣାମ ଗମ୍ଭୀର ଆର୍ଥିକ କ୍ଷତି ହୋଇପାରେ, ଯାହା ଫଳରେ ଏକ ଫର୍ମ କାର୍ଯ୍ୟ ଚାଲୁ ରଖିବା ପାଇଁ ଅନ୍ୟଠୁ ଧାର କରିବା ପାଇଁ ବାଧ ହୋଇପାରେ ।

| **ଉଦାହରଣ: ସଙ୍କଟପୂର୍ଣ୍ଣ** |
|---|

- ✓ ଗୁଡଗାଓଁ ସ୍ଥିତ ଏକ ବୃହତ୍ ବହୁଦେଶୀୟ କମ୍ପାନୀର କାରଖାନାରେ ନିଆଁ ଲାଗିବା ଦ୍ୱାରା ଏକ କୋଟି ମୂଲ୍ୟର ସାମଗ୍ରୀ ଧ୍ୱଂସ ହୋଇଯାଏ । ହାନି ଅତ୍ୟଧିକ ଅଟେ କିନ୍ତୁ ସେତେ ବେଶୀ ନୁହେଁ ଯାହା ଦେବାଳିଆ ଆଡକୁ ଟାଣି ନେବ ।
- ✓ ଏକ ଦସ୍ୟୁ ଜାହାଜଠାରୁ ଟର୍ପେଡୋ ଏକ ସଂପୂର୍ଣ୍ଣ ଯାତ୍ରୀ ଜାହାଜକୁ ବୁଡ଼ାଇଦିଏ କିନ୍ତୁ ଅଧିକାଂଶ ଯାତ୍ରୀଙ୍କ ଜୀବନ ରକ୍ଷା ହୋଇଥାଏ ।
- ✓ ଏକ ବଡ଼ ଦୁର୍ଘଟଣା ଯାହାର ଫଳସ୍ୱରୂପ ଯକୃତ ନଷ୍ଟ ହୁଏ ଏବଂ ଯକୃତ ପ୍ରତ୍ୟାରୋପଣ ଆବଶ୍ୟକ ହୁଏ ଯାହାର ପରିଣାମ ପ୍ରତିରୋଧାତ୍ମକ ମୂଲ୍ୟ ହୋଇଥାଏ ।

➢ **ପ୍ରଳୟଙ୍କରୀ (ବିପତ୍ତିପୂର୍ଣ୍ଣ)**

ପ୍ରଳୟଙ୍କରୀ ହାନି ଅଧିକ ସଂଖ୍ୟକ ଲୋକଙ୍କ ମୃତ୍ୟୁ କିମ୍ବା ସଂପୂର୍ଣ୍ଣ ଅପାରଗତା, ସମ୍ପତ୍ତିସବୁର ବଡ଼ ଆକାରର ହାନି ସହିତ ମହତ୍ତ୍ୱପୂର୍ଣ୍ଣ ପର୍ଯ୍ୟାବରଣ ସମ୍ବନ୍ଧୀୟ ପ୍ରଭାବ ଯାହା ବ୍ୟବହାରିକ ରୂପେ ଅପରିବର୍ତ୍ତନୀୟ ଅଟେ, ଏସବୁକୁ ସୂଚୀତ କରେ । ପ୍ରଳୟଙ୍କରୀ ହାନି ସାଧାରଣତଃ ସେହି ବିପତ୍ତିସବୁକୁ ସୂଚୀତ କରେ ଯେଉଁଗୁଡିକ ହଠାତ୍, ବଡ଼ ଆକାରର ଏବଂ ଅଜୟ ହୋଇଥାନ୍ତି ।

| **ଉଦାହରଣ: ପ୍ରଳୟଙ୍କରୀ** |
|---|

- ✓ ଏକ ଭୂମିକମ୍ପ କିମ୍ବା ବନ୍ୟା ଯାହା କିଛି ଗାଆଁକୁ ସଂପୂର୍ଣ୍ଣରୂପେ ଧ୍ୱଂସ କରିଦିଏ
- ✓ ଏକ ବଡ଼ ଅଗ୍ନିକାଣ୍ଡ ଯାହା ଏକ ବଡ଼ କ୍ଷେତ୍ର ସ୍ଥିତ ଏକ ବହୁ କୋଟିର ପ୍ରତିଷ୍ଠାନକୁ ସଂପୂର୍ଣ୍ଣ ରୂପେ ଧ୍ୱଂସ କରିଦିଏ
- ✓ ୱାର୍ଲ୍ଡ଼ ଟ୍ରେଡ୍ ସେଣ୍ଟର୍ ଉପରେ 9/11ର ଆତଙ୍କବାଦୀ ଆକ୍ରମଣ ଯାହା ବହୁସଂଖ୍ୟକ ଲୋକଙ୍କ କ୍ଷୟକ୍ଷତିର କାରଣ ହୋଇଥିଲା
- ✓ କୋଭିଡ -19 ଭଳି ବିଶ୍ୱବ୍ୟାପୀ ମହାମାରୀ ଯାହା ସାରା ବିଶ୍ୱର ଜନସମୁଦାୟକୁ ରୋଗାକ୍ରାନ୍ତ କରିଦେଲା

➢ **ମାମୁଲି (ସାଧାରଣ)/ନଗଣ୍ୟ**

ଯେଉଁଠି ସମ୍ଭାବ୍ୟ ହାନିସବୁ ନଗଣ୍ୟ ହୋଇଥାନ୍ତି ଏବଂ ଏକ ବ୍ୟକ୍ତିଠାରୁ କିମ୍ବା ଏକଫାର୍ମର ବିଦ୍ୟମାନ ସମ୍ପତ୍ତିଠାରୁ କିମ୍ବା ଅଯଥା ଆର୍ଥିକ ଚାପ ନ ଦେଇ ବର୍ତ୍ତମାନର ଆୟଠାରୁ ସହଜରେ ପୂରଣ କରାଯାଇପାରେ ।

**ଉଦାହରଣ**

✓ ଏକ ଛୋଟ କାର ଦୁର୍ଘଟଣା ଯାହା ଫଳରେ ପାର୍ଶ୍ୱ ଭାଗରେ ସାମାନ୍ୟ ରାମ୍ପି ହୋଇଯାଏ ଯାହା ଯୋଗୁଁ କିଛି ପେଣ୍ଟ୍ ନଷ୍ଟ ହୋଇଯାଏ ଏବଂ ପେଣ୍ଡର୍ ଟି ସାମାନ୍ୟ ବଙ୍କା ହୋଇଯାଏ ।

✓ ଏକ ବ୍ୟକ୍ତି ଯିଏ ସାମାନ୍ୟ ଥଣ୍ଡା ଓ କଫରେ ଆକ୍ରାନ୍ତ ହୋଇଥାଏ ।

## 4. ବିପତ୍ତି ଏବଂ ଆପଦ

ସେହି ସ୍ଥିତି କିମ୍ବା ସ୍ଥିତିଗୁଡିକ ଯାହା ଏକ ହାନି କିମ୍ବା ଏହାର ତୀବ୍ରତାର ସମ୍ଭାବ୍ୟତାକୁ ବଢ଼ାଇଥାଏ, ଏବଂ ଏପ୍ରକାର ସଙ୍କଟକୁ ପ୍ରଭାବିତ କରେ, ତାହାକୁ ବିପତ୍ତି କୁହାଯାଏ । ଯେତେବେଳେ ବୀମାକର୍ତ୍ତାମାନେ ସଙ୍କଟର ମୂଲ୍ୟାଙ୍କନ କରନ୍ତି, ଏହା ସାଧାରଣତଃ ବିପତ୍ତି ପରିପ୍ରେକ୍ଷୀରେ ହୋଇଥାଏ ଯାହା ଅଧୀନରେ ସମ୍ପତ୍ତିଟି ରହିଥାଏ ।

ବୀମା ଭାଷାରେ ବିପତ୍ତି ପଦ ସେହିସବୁ ସ୍ଥିତି କିମ୍ବା ଲକ୍ଷଣ କିମ୍ବା ବିଶେଷତାକୁ ସୂଚୀତ କରେ ଯାହା ଦତ୍ତ ଆପଦଠାରୁ ଉତ୍ପନ୍ନ ହେଉଥିବା ହାନିର ସମ୍ଭାବନାକୁ ସୃଷ୍ଟି କରେ କିମ୍ବା ବଢ଼ାଇଦିଏ । ବିଭିନ୍ନ ବିପତ୍ତି ଯାହାର ସମ୍ମୁଖୀନ ଏକ ସଙ୍କଟ ହୋଇଥାଏ, ତାହାର ଟିକିନିଖି ଜ୍ଞାନ ସଙ୍କଟାଙ୍କନ ପାଇଁ ଅତି ଆବଶ୍ୟକ ହୋଇଥାଏ । ସମ୍ପତ୍ତି, ଆପଦ ଓ ବିପତ୍ତି ମଧ୍ୟରେ ସଂପର୍କର ଉଦାହରଣ ନିମ୍ନରେ ଦିଆଗଲା ।

| ସମ୍ପତ୍ତି | ଆପଦ | ବିପତ୍ତି |
|---|---|---|
| **ଜୀବନ** | କ୍ୟାନସର୍ | ଅତ୍ୟଧିକ ଧୂମ୍ରପାନ |
| **କାରଖାନା** | ନିଆଁ | ଧ୍ୟାନ ଦିଆଯାଇ ନ ଥିବା ବିସ୍ଫୋରକ ଦ୍ରବ୍ୟ |
| **କାର** | କାର ଦୁର୍ଘଟଣା | ଚାଳକ ଦ୍ୱାରା ଅସାବଧାନତା ସହକାରେ ଗାଡ଼ି ଚଳାଇବା |
| **କାର୍ଗୋ** | ଝଡ଼ | କାର୍ଗୋ ଭିତରକୁ ପାଣି ପଶିଯିବା ଓ ନଷ୍ଟ କରିବା; ୱାଟରପ୍ରୁଫ କଣ୍ଟେନର୍ ରେ କାର୍ଗୋକୁ ପ୍ୟାକେଜ୍ କରାଯାଇ ନ ଥିବା |

**ମହତ୍ୱପୂର୍ଣ୍ଣ**

➢ **ବିପତ୍ତିର ପ୍ରକାର**

**a) ଭୌତିକ ବିପତ୍ତି** ହେଉଛି ଏକ ଭୌତିକ ସ୍ଥିତି ଯାହା ହାନିର ସମ୍ଭାବନାକୁ ବଢ଼ାଇଥାଏ ।

**ଉଦାହରଣ**

i. ଏକ କୋଠାଘରେ ତ୍ରୁଟିପୂର୍ଣ୍ଣ ୱାଇରିଙ୍ଗ୍

ii. ଜଳ କ୍ରୀଡ଼ାରେ ସଂପୃକ୍ତ ହେବା

iii. ମନ୍ଦ ଜୀବନଶୈଳୀ ବିତାଇବା

b) **ନୈତିକ ବିପତ୍ତି** ଏକ ବ୍ୟକ୍ତିଠାରେ ଥିବା ଅସାଧୁତା କିମ୍ବା ଚରିତ୍ର ତ୍ରୁଟିକୁ ସୂଚୀତ କରେ ଯାହା ହାନିର ବାରମ୍ବାରତା କିମ୍ବା ଗମ୍ଭୀରତାକୁ ପ୍ରଭାବିତ କରିଥାଏ । ଏକ ଅସାଧୁ ବ୍ୟକ୍ତି ବୀମା ସୁବିଧାର ଦୁରୁପଯୋଗ କରି କପଟ କରି ଅର୍ଥ ରୋଜଗାର କରିବାର ଚେଷ୍ଟା କରିପାରେ ।

| **ଉଦାହରଣ** |
|---|

ଯଦି ଜଣେ ଜାଣିଶୁଣି ନିଜ ସମ୍ପତ୍ତିରେ ନିଆଁ ଲଗାଇଦିଏ ଏବଂ ପଲିସୀ ଅନ୍ତର୍ଗତ ହାନିସବୁ ପାଇଁ ଦାବୀସବୁ ଏକତ୍ରିତ କରେ , ସେଭଳି ଦାବୀସବୁ ସ୍ପଷ୍ଟରୂପେ କପଟପୂର୍ଣ୍ଣ ଅଟେ ଏବଂ ସେଗୁଡିକୁ ଯଥାର୍ଥ ରୂପେ ଅସ୍ୱୀକାର କରାଯାଇପାରେ ।

ନୈତିକ ବିପତ୍ତିର ଏକ ଆଦର୍ଶ ଦୃଷ୍ଟାନ୍ତ ହେଉଛି -ଏକ କାରଖାନା ପାଇଁ ବୀମା କ୍ରୟ କରିବା ଏବଂ ତାପରେ ବୀମା ରାଶି ସଂଗ୍ରହ କରିବା ପାଇଁ ଏହାକୁ ପୋଡ଼ି ଦେବା କିମ୍ବା ଏକ ବଡ଼ ରୋଗ ଆରମ୍ଭ ହେବା ପରେ ସ୍ୱାସ୍ଥ୍ୟ ବୀମା କ୍ରୟ କରିବା ।

c) କ୍ଷତି ପାଇଁ ରାଶିପ୍ରଦାନ କରିବାକୁ ଏକ ଦାୟିତ୍ୱ ସଂପୃକ୍ତ ଥିବା ପ୍ରକରଣଗୁଡିକରେ **ବୈଧିକ ବିପତ୍ତି** ଅଧିକ ପ୍ରଚଳିତ ଅଟେ । ଏହା ଉତ୍ପନ୍ନ ହୁଏ ଯେତେବେଳେ ବୈଧିକ ପ୍ରଣାଳୀ କିମ୍ବା ବିନିୟାମକ ପରିବେଶର କେତେକ ଲକ୍ଷଣ ହାନିର ଘଟଣା କିମ୍ବା ତୀବ୍ରତାକୁ ବୃଦ୍ଧି କରିପାରେ ।

| **ଉଦାହରଣ** |
|---|

ଦୁର୍ଘଟଣା କ୍ଷେତ୍ରରେ କର୍ମଚାରୀମାନଙ୍କ କ୍ଷତିପୂରଣକୁ ସଂଚାଳିତ କରୁଥିବା ଆଇନର ପ୍ରବର୍ତ୍ତନ ଦେୟ ଦାୟିତ୍ୱ ରାଶି ପରିମାଣକୁ ଯଥେଷ୍ଟରୂପେ ବଢ଼ାଇ ଦେଇ ପାରେ ।

ବୀମାରେ ଏକ ମୂଖ୍ୟ ପ୍ରସଙ୍ଗ ହେଉଛି ସଙ୍କଟ ଓ ସଂପୃକ୍ତ ବିପତ୍ତି ମଧ୍ୟରେ ସମ୍ବନ୍ଧ । ଏହି ଆଧାରରେ ସମ୍ପତ୍ତିଗୁଡ଼ିକୁ ବିଭିନ୍ନ ବର୍ଗରେ ଶ୍ରେଣୀଭୁକ୍ତ କରାଯାଏ ଏବଂ ବୀମା ସୁରକ୍ଷା ପାଇଁ ଲାଗୁ କରାଯାଉଥିବା ମୂଲ୍ୟ [ପ୍ରିମିୟମ] ର ବୃଦ୍ଧି ହୋଇପାରେ ଯଦି ସଂପୃକ୍ତ ବିପତ୍ତିଗୁଡ଼ିକର ଉପସ୍ଥିତି କାରଣରୁ ଉତ୍ପନ୍ନ ହୋଇଥିବା ହାନିର ସଂବେଦନଶୀଳତା ଅଧିକ ହେବ ।

### 5. ବୀମାର ଗାଣିତିକ ସିଦ୍ଧାନ୍ତ (ସଙ୍କଟ ସମୁଚ୍ଚୟକରଣ)

ବୀମାରେ ତୃତୀୟ ତତ୍ତ୍ୱ ହେଉଛି ଏକ ଗାଣିତିକ ସିଦ୍ଧାନ୍ତ ଯାହା ବୀମାକୁ ସମ୍ଭବ କରିଥାଏ । ଏହାକୁ ସଙ୍କଟ ସମୁଚ୍ଚୟକରଣର ସିଦ୍ଧାନ୍ତ କୁହାଯାଏ ।

| **ଉଦାହରଣ** |
|---|

ମନେକରନ୍ତୁ ନିଆଁର ସଙ୍କଟ ସମ୍ମୁଖରେ 100000 ଆର୍ ସି.ସି. ଘର ଅଛି ଯାହା ଟ. 50000 ହାରାହାରି ହାନିର କାରଣ ହୋଇପାରେ । ଯଦି ଏକ ଘରେ ନିଆଁ ଲାଗିବାର ସମ୍ଭାବନା 1000 ରେ 2 [2/1000 = 0.002] ହୁଏ, ଏହାର ଅର୍ଥ ହେଉଛି ଯେ ଆକ୍ରାନ୍ତ ହୋଇଥିବା ହାନିର ମୋଟ ରାଶି ଟ. 10000000 [= 50000 x 0.002 x 100000] ହୋଇପାରେ ।

ଯଦି ବୀମାକର୍ତ୍ତାଙ୍କୁ 100000 ଘରର ପ୍ରତ୍ୟେକ ମାଲିକଠାରୁ ଟ. 100 ର ଅଂଶଦାନ ମିଳନ୍ତା ଏବଂ ଯଦି ଏହିସବୁ ଅଂଶଦାନ (100000 x 100 = ଟ.10000000) କୁ ଏକମାତ୍ର ନିଧିରେ ସମୁଚ୍ଚୟ ରୂପେ ରଖାଯାଆନ୍ତା,ଏହା ସେହି କେତେକ ହତଭାଗା ଯିଏ ନିଆଁରେ ଆକ୍ରାନ୍ତ ହେଲେ, ସେମାନଙ୍କ ହାନି ପାଇଁ ରାଶିପ୍ରଦାନ କରିବା ଯଥେଷ୍ଟ ହୋଇଥାନ୍ତା ।

ଏହା ସୁନିଶ୍ଚିତ କରିବା ପାଇଁ ଯେ ବୀମିତ ହୋଇଥିବା ସମସ୍ତଙ୍କ ମଧ୍ୟରେ ଇକ୍ୱିଟୀ (ନିରପେକ୍ଷତା) ରହେ, ଏହା ଆବଶ୍ୟକ ଅଟେ ଯେ ସମସ୍ତ ଘର ସମାନ ପ୍ରକାରେ ସଙ୍କଟର ସମ୍ମୁଖୀନ ହେବା ଅଲଗା ହେବ ।

**a) ଏହି ସିଦ୍ଧାନ୍ତ ବୀମାରେ ସଠିକ୍ ରୂପେ କିପରି କାର୍ଯ୍ୟ କରେ?**

ସମାନ ପ୍ରକାରେ ରଖାଯାଇଥିବା ଏବଂ ଆପଦ ଯୋଗୁଁ ହାନିର ସମ୍ଭାବନାର ସମ୍ମୁଖୀନ ହେଉଥିବା ସମସ୍ତ ବୀମିତଙ୍କ ସଙ୍କଟଗୁଡିକର ସଂଖ୍ୟାର ସମୁଚ୍ଚୟ କରିବା ଦ୍ୱାରା ହିଁ ବୀମାକର୍ତ୍ତା ସେହି ସଙ୍କଟ ଓ ଏହାର ଆର୍ଥିକ ପ୍ରଭାବର ପୂର୍ବାନୁମାନ ଲଗାଇଥାଏ ।

| ଅଧିକ ସଂଖ୍ୟକ ଲୋକ | ପ୍ରଦାନ କରୁଥିବା ପ୍ରିମିୟମ | ପ୍ରିମିୟମ | ସେହି କିଛି ଲୋକଙ୍କୁ ଦାବୀ ପ୍ରଦାନ କରିବା ଯେଉଁମାନେ ହାନିରେ ଆକ୍ରାନ୍ତ ହୋଇଥିଲେ |
|---|---|---|---|
| ଅନେକ ଲୋକ ରାଶି ପ୍ରଦାନ କରନ୍ତି | ପ୍ରିମିୟମ ରୂପେ ଅଳ୍ପ ପରିମାଣର ଟଙ୍କା | ଏହି ଅଳ୍ପ ପରିମାଣଗୁଡିକୁ ଏକ ସାଧାରଣ ସମୂହ ନିଧି ରୂପେ ସମୁଚ୍ଚୟକରଣ କରାଯାଏ, ଯାହା ସାଂଖ୍ୟିକିରୂପେ ଆକଳିତ ଅନେକ ସଂଖ୍ୟକ ଦାବୀର ରାଶି ପ୍ରଦାନ ପାଇଁ ବହୁତ ପର୍ଯ୍ୟାପ୍ତ ଅଟେ | ସେହି ଲୋକମାନଙ୍କୁ ବଡ଼ ବଡ଼ ରାଶି ପ୍ରଦାନ କରାଯାଏ ଯେଉଁମାନେ ହାନିରେ ଆକ୍ରାନ୍ତ ହୁଅନ୍ତି |

**b) ସଙ୍କଟ ସମୁଚ୍ଚୟକରଣ ଏବଂ ଅଧିକ ସଂଖ୍ୟାର ନିୟମ**

କ୍ଷତିର ସମ୍ଭାବ୍ୟତା [ଉପରୋକ୍ତ ଉଦାହରଣରେ ପ୍ରାପ୍ତ 1000 ମଧ୍ୟରେ 2 କିମ୍ବା 0.002 ରୂପେ] ଆଧାର ହୋଇଥାଏ ଯାହା ଉପରେ ପ୍ରିମିୟମର ନିର୍ଦ୍ଧାରଣ କରାଯାଏ । ବୀମାକର୍ତ୍ତା କୌଣସି ହାନିର ସଙ୍କଟର ସମ୍ମୁଖୀନ ହୋଇ ନ ଥାନ୍ତା ଯଦି ବାସ୍ତବ ଅନୁଭୂତି ଆଶା ଅନୁରୂପ ହୋଇଥାନ୍ତା । ସେଭଳି ଏକ ପରିସ୍ଥିତିରେ ବୀମିତ ହୋଇଥିବା ବହୁସଂଖ୍ୟକ ଲୋକଙ୍କ ପ୍ରିମିୟମସବୁ ସେହି କେତେକ ଯେଉଁମାନେ ଆପଦ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ସେମାନଙ୍କ ହାନିସବୁର ସଂପୂର୍ଣ୍ଣ ରୂପେ କ୍ଷତିପୂରଣ କରିବାପାଇଁ ଯଥେଷ୍ଟ ହୋଇଥାନ୍ତା । ବୀମାକର୍ତ୍ତା ଅବଶ୍ୟ ସଙ୍କଟର ସମ୍ମୁଖୀନ ହୋଇଥାନ୍ତା ଯଦି ବାସ୍ତବ ଅନୁଭୂତି ଆଶା କରାଯାଇଥିବା ଠାରୁ ଅଧିକ ବିପରୀତ ହୋଇଥାନ୍ତା ଏବଂ ଏକତ୍ରିତ କରାଯାଇଥିବା ପ୍ରିମିୟମ ଦାବୀଗୁଡିକର ରାଶି ପ୍ରଦାନ ପାଇଁ ଯଥେଷ୍ଟ ହୋଇ ନ ଥାନ୍ତା ।

ଏହିସବୁ ଭବିଷ୍ୟତବାଣୀ ବିଷୟରେ ବୀମାକର୍ତ୍ତା କିପରି ନିଶ୍ଚିତ ହେବ? ଏହା "ଅଧିକ ସଂଖ୍ୟାର ନିୟମ" କୁହାଯାଉଥିବା ଏକ ସିଦ୍ଧାନ୍ତ କାରଣରୁ ସମ୍ଭବ ହୋଇଥାଏ । ଏହା ଉଲ୍ଲେଖ କରେ ଯେ ସଙ୍କଟସବୁର ସମୁଚ୍ଚୟର ଆକାର ଯେତେ ବଡ଼ ହେବ, ହାନିସବୁର ବାସ୍ତବ ହାରାହାରି ଆକଳିତ କିମ୍ବା ପ୍ରତ୍ୟାଶିତ ହାରାହାରି ହାନିର ସେତେ ନିକଟତର ହୋଇପାରେ ।

**c) ବୀମା କମ୍ପାନୀମାନେ ଦ୍ରାବକ(ଯଥେଷ୍ଟ ଫଣ୍ଡ ଥିବା) ରୂପେ ରହିବା ଉଚିତ୍:**

ଯଦି ସଙ୍କଟ ସମୁଚ୍ଚୟ ଏବଂ ଜାତ କରାଯାଇଥିବା ପ୍ରିମିୟମ ସମୁଚ୍ଚୟ ଦାବୀସବୁର ରାଶି ପ୍ରଦାନ କରିବାର ଦାୟିତ୍ୱ (ଯଦି ତାହା ଘଟେ) ପୂରଣ କରିବା ପାଇଁ ଯଥେଷ୍ଟ ହୁଏ ନାହିଁ, ସଙ୍କଟ ସମୁଚ୍ଚୟକରଣ ଓ ବୀମାର ପ୍ରଣାଳୀ ବିଫଳ ହୋଇପାରେ । ସମୁଚ୍ଚୟର ସମସ୍ତ ସଦସ୍ୟଙ୍କୁ ଦେଇଥିବା ପ୍ରତିଶ୍ରୁତିର ସମ୍ମାନ ଦେବାପାଇଁ ବୀମାକର୍ତ୍ତାମାନଙ୍କଠାରେ ଯଥେଷ୍ଟ ଅର୍ଥ (ଟଙ୍କା) ଥିବା ଆବଶ୍ୟକ । ଯଦି ସେମାନଙ୍କ ପାଖରେ ଯଥେଷ୍ଟ ଅର୍ଥ ଥାଏ, ସେମାନଙ୍କୁ ଦ୍ରାବକ ରୂପେ ପରିଗଣିତ କରାଯାଏ ଏବଂ ସେମାନଙ୍କ ବୈଧିକ କର୍ତ୍ତବ୍ୟ ପୂରଣ କରିବା ପାଇଁ ଯଦି ସେମାନଙ୍କ ପାଖରେ ଅର୍ଥ ନ ଥାଏ, ସେମାନେ ଦେବାଳିଆ ହୋଇଯାଆନ୍ତି ।

ଅନ୍ୟ ଶବ୍ଦରେ, ପ୍ରତ୍ୟାଶିତ ଓ ବାସ୍ତବ ଦାବୀ ସ୍ଥିତି ମଧ୍ୟରେ ଥିବା ଅପ୍ରତ୍ୟାଶିତ ପାର୍ଥକ୍ୟକୁ ପୂରଣ କରିବାପାଇଁ ବୀମାକର୍ତ୍ତାମାନେ ନିଜ ପାଖରେ କିଛି ଅଧିକ ଟଙ୍କା (କରଦାନ କ୍ଷମତା ସଂଚୟ) ରଖିଥିବା ଆବଶ୍ୟକ । କରଦାନ କ୍ଷମତା ଅନୁପାତ ସେହି ସୀମାର ମୂଲ୍ୟାଙ୍କନ କରେ ଯେଉଁ ଥିରେ ଭବିଷ୍ୟତର ରାଶିପ୍ରଦାନ ପାଇଁ ବୀମାକର୍ତ୍ତାଙ୍କ ବଚନବଦ୍ଧତାକୁ ପୂରଣ କରିବାପାଇଁ ସମ୍ପତ୍ତିସବୁ ଉପଲବ୍ଧ ହୁଅନ୍ତି । କରଦାନ କ୍ଷମତା ଅନୁପାତର ମୂଲ୍ୟାଙ୍କନ କରିବା ପାଇଁ ଭିନ୍ନ ଭିନ୍ନ ଦେଶ ଭିନ୍ନ ଭିନ୍ନ ପଦ୍ଧତିର ଉପଯୋଗ କରନ୍ତି । ଭାରତରେ, ଆଇ ଆର ଡି ଏ ଆଇ ବିନିୟମିତ କରିଛି ଯେ ବୀମାକର୍ତ୍ତାମାନେ 1.5 ର ସର୍ବନିମ୍ନ କରଦାନକ୍ଷମତା ଅନୁପାତ ରଖିବା ଆବଶ୍ୟକ ଅଟେ ।

| ଉଦାହରଣ |
|---|

ଏକ ସରଳ ଦୃଷ୍ଟାନ୍ତ ରୂପେ, ଏକ ମୁଦ୍ରାର ଟସ୍ ଉପରେ 'ହେଡ୍' ମିଳିବାର ସମ୍ଭାବ୍ୟତା 2 ମଧ୍ୟରୁ 1 । କିନ୍ତୁ ଜଣେ ନିଶ୍ଚିତ ହୋଇ ପାରିବ ନାହିଁ ଯେ ସେ ପ୍ରକୃତରେ 2 ହେଡ୍ ପାଇବ ଯଦି ମୁଦ୍ରାଟିକୁ ଚାରି ଥର ଟସ୍ କରାଯାଏ ।

କେବଳ ଯେତେବେଳେ ଟସ୍ ର ସଂଖ୍ୟା ଅତ୍ୟଧିକ ହୁଏ ଏବଂ ଅସୀମତାର ନିକଟତର ହୁଏ ,ସେତେବେଳେ ପ୍ରତ୍ୟେକ ଦୁଇ ଟସ୍ ରେ ଥରେ ହେଡ୍ ପାଇବାର ସମ୍ଭାବନା 'ଏକ' ର ନିକଟତର ହେବ ।

---

ଏହାର ଅର୍ଥ ହୁଏ ଯେ ବୀମାକର୍ତ୍ତାମାନେ ସେମାନଙ୍କ ସ୍ଥିତିରେ ନିଶ୍ଚିତ ହୋଇପାରିବେ କେବଳ ସେତେବେଳେ ଯେତେବେଳେ ସେମାନେ ଅଧିକ ସଂଖ୍ୟକ ବୀମିତଙ୍କୁ ବୀମା ଦେବାରେ ସକ୍ଷମ ହୋଇଛନ୍ତି । ଏକ ବୀମାକର୍ତ୍ତା ଯିଏ କେବଳ କିଛି ଶତ ଘର ବୀମିତ କରିଛି ଓ ଯିଏ ଅନେକ ସହସ୍ର ଘର ବୀମିତ କରିଛି, ତା' ଠାରୁ ଆହୁରି ଖରାପ ଭାବେ ପ୍ରଭାବିତ ହେବାର ସମ୍ଭାବନା ରହିପାରେ ।

| ମହତ୍ୱପୂର୍ଣ୍ଣ |
|---|

**ଏକ ସଙ୍କଟକୁ ବୀମିତ କରିବା ପାଇଁ ସର୍ତ୍ତାବଳୀ**

ବୀମାକର୍ତ୍ତାଙ୍କ ଦୃଷ୍ଟିକୋଣକୁ ଏକ ସଙ୍କଟକୁ ବୀମିତ କରିବା କେତେବେଳେ ସାର୍ଥକ ହୋଇଥାଏ ?

ଏକ ସଙ୍କଟକୁ ବୀମାଯୋଗ୍ୟ ରୂପେ ବିଚାର କରିବା ପାଇଁ ଛଅଟି ମୁଖ୍ୟ ଆବଶ୍ୟକତାକୁ ନିମ୍ନରେ ଦିଆଯାଇଛି ।

**i.** ପର୍ଯ୍ୟାପ୍ତରୂପେ ଅଧିକ ସଂଖ୍ୟକ ସମାନ ରୂପେ [ସଦୃଶ] ସମ୍ମୁଖୀନ ହୋଇଥିବା ଏକକ – ହାନିସବୁକୁ ଯଥାର୍ଥରୂପେ ପ୍ରାକ୍ କଥନୀୟ କରିବା ପାଇଁ । ଏହା ଅଧିକ ସଂଖ୍ୟାର ନିୟମର ଅନୁଗମନ କରେ । ଏହା ବିନା ଭବିଷ୍ୟତ ବାଣୀ (ପ୍ରାକ୍ କଥନ) କରିବା କଷ୍ଟ ହୋଇପାରେ ।

**ii.** ସଙ୍କଟ ଦ୍ୱାରା ଉତ୍ପନ୍ନ ହାନି ନିଶ୍ଚିତ ଓ ମାପଯୋଗ୍ୟ ହେବା ଆବଶ୍ୟକ । କ୍ଷତିପୂରଣର ନିର୍ଦ୍ଧାରଣ କରିବା କଷ୍ଟସାଧ୍ୟ ହେବ ଯଦି ଜଣେ ନିଶ୍ଚିତ ରୂପେ କହି ପାରିବ ନାହିଁ ଯେ ହାନି ହୋଇଛି ଏବଂ ଏହା କେତେ ପରିମାଣର ।

**iii.** ହାନିଟି ନିଶ୍ଚିତ ରୂପେ ଦୁର୍ଭାଗ୍ୟବଶତଃ ଏବଂ ଆକସ୍ମିକ ହେବା ଆବଶ୍ୟକ । ଏହା ନିଶ୍ଚିତ ରୂପେ ସେହି ଘଟଣାର ପରିଣାମ ହେବା ଉଚିତ୍ ଯାହା ଘଟିପାରେ କିମ୍ବା ଘଟି ନ ପାରେ । ଘଟଣାଟି ନିଶ୍ଚିତ ରୂପେ ବୀମିତର ନିୟନ୍ତ୍ରଣର ବାହାରେ ହୋଇଥିବା ଉଚିତ୍ । କୌଣସି ବି ବୀମାକର୍ତ୍ତା ସେହି ହାନିର ବୀମା ସୁରକ୍ଷା ଦେବ ନାହିଁ ଯାହାକୁ ବୀମିତ ଉଦ୍ଦେଶ୍ୟମୂଳକ ଭାବେ ଘଟାଇଥିବ ।

**iv.** କେତେକଙ୍କ ହାନିକୁ ଅନେକଙ୍କ ଦ୍ୱାରା ଆବଣ୍ଟିତ କରିବା ସଫଳ ହୋଇପାରିବ ଯଦି କିଛି ଅଳ୍ପ ପ୍ରତିଶତର ବୀମିତ ସମୂହ ଏକ ଦତ୍ତ ସମୟାବଧିରେ ହାନିରେ ଆକ୍ରାନ୍ତ ହୋଇଥିବେ ।

v. **ଆର୍ଥିକ ସାଧ୍ୟତା:** ବୀମାର ମୂଲ୍ୟ ନିଶ୍ଚିତ ରୂପେ ସମ୍ଭାବ୍ୟ ହାନି ଅପେକ୍ଷା ଅଧିକ ହେବା ଉଚିତ୍ ନୁହେଁ; ଅନ୍ୟଥା ବୀମା ଆର୍ଥିକରୂପେ ଅଲାଭକାରୀ ହୋଇପାରେ ।

vi. **ସାର୍ବଜନିକ ପଲିସୀ:** ଅନ୍ତିମରେ ଚୁକ୍ତି ସାର୍ବଜନିକ ପଲିସୀ ଏବଂ ନୈତିକତାର ବିରୁଦ୍ଧ ହେବା ଉଚିତ ନୁହେଁ ।

**ସ୍ୱୟଂ ପରୀକ୍ଷା କରନ୍ତୁ1**

ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ବୀମାଯୋଗ୍ୟ ସଙ୍କଟକୁ ପ୍ରତିପାଦିତ କରେ ନାହିଁ ?

I. ନିଆଁ

II. ଚୋରୀ ହୋଇଥିବା ଜିନିଷ

III. ଚୋରୀ

IV. ଜାହାଜ ଓଲଟିବା ଯୋଗୁଁ ଜିନିଷପତ୍ରର ହାନି

**ସାରାଂଶ**

a) ବୀମାର ପ୍ରକ୍ରିୟାରେ ଚାରି ମୂଳ ତତ୍ତ୍ୱ ଅଛି (ସମ୍ପତ୍ତି, ସଙ୍କଟ, ସଙ୍କଟ ସମୁଚ୍ଚୟକରଣ ଏବଂ ଏକ ବୀମା ଚୁକ୍ତି) ।

b) ଏକ ସମ୍ପତ୍ତି କୌଣସି ଜିନିଷ ହୋଇପାରେ ଯାହା କିଛି ଲାଭ ଦେଇଥାଏ ଏବଂ ତା' ମାଲିକ ପାଇଁ ଆର୍ଥିକ ମୂଲ୍ୟର ହୋଇଥାଏ ।

c) ଏକ ହାନିର ସମ୍ଭାବନା ସଙ୍କଟକୁ ପ୍ରତିପାଦିତ କରେ ।

d) ସେହି ସ୍ଥିତି କିମ୍ବା ସେହିସବୁ ସ୍ଥିତି ଯାହା ହାନିର ସମ୍ଭାବ୍ୟତା କିମ୍ବା ତୀବ୍ରତାକୁ ବଢ଼ାଇଥାନ୍ତି, ସେସବୁକୁ ବିପତ୍ତି ରୂପେ ସୂଚୀତ କରାଯାଏ ।

e) ସେହି ଗାଣିତିକ ସିଦ୍ଧାନ୍ତ, ଯାହା ବୀମାକୁ ସମ୍ଭବ କରେ, ତାହାକୁ ସଙ୍କଟ ସମୁଚ୍ଚୟକରଣର ସିଦ୍ଧାନ୍ତ କୁହାଯାଏ ।

**ମୂଖ୍ୟ ପଦାବଳୀ**

a) ସମ୍ପତ୍ତି

b) ସଙ୍କଟ

c) ବିପତ୍ତି

d) ସଙ୍କଟ ସମୁଚ୍ଚୟକରଣ

e) ପ୍ରସ୍ତାବ ଏବଂ ସ୍ୱୀକୃତି

f) ଆଇନଗତ ବିଚାର

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

ଉତ୍ତର 1 - ସଠିକ୍ ଉତ୍ତରଟି ହେଉଛି II ।

# ଅଧ୍ୟାୟ C-03

## ବୀମା ସିଦ୍ଧାନ୍ତ

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟରେ, ଆମେ ସେହି ସିଦ୍ଧାନ୍ତଗୁଡିକ ଉପରେ ଆଲୋଚନା କରିବା, ଯାହା ଆଧାରରେ ବୀମାର ତନ୍ତ୍ର କାର୍ଯ୍ୟ କରେ ।

a) ପରମ ସଦ୍ଭାବ ଅଥବା ୟୁବେରିମା ଫାଇଡ୍ସ କୁ ଅନୁରୋଧ କରାଯାଇଥାଉ ଅଥବା କରାଯାଇ ନ ଥାଉ, ପ୍ରସ୍ତାବ ଦିଆଯାଉଥିବା ସଙ୍କଟ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟକୁ, ସଠିକ୍ ଏବଂ ସଂପୂର୍ଣ୍ଣ ରୂପେ ସ୍ୱେଚ୍ଛାପୂର୍ବକ ପ୍ରକଟ କରିବାର ଏକ ସାକାରାତ୍ମକ କର୍ତ୍ତବ୍ୟ" ରେ ସଂପୃକ୍ତ ଥିବା ରୂପେ ପରିଭାଷିତ କରାଯାଏ । ସମସ୍ତ ବୀମା ଚୁକ୍ତି ୟୁବେରିମା ଫାଇଡ୍ସର ସିଦ୍ଧାନ୍ତ ଉପରେ ପର୍ଯ୍ୟବେଶିତ ଅଟନ୍ତି ।

b) 'ବୀମାଯୋଗ୍ୟ ହିତ' ର ଉପସ୍ଥିତି ପ୍ରତ୍ୟେକ ବୀମା ଚୁକ୍ତିର ଏକ ଆବଶ୍ୟକୀୟ ଉପାଦାନ ଅଟେ ଏବଂ ବୀମା ପାଇଁ ଏହାକୁ ବୈଧିକ ପୂର୍ବ-ଆବଶ୍ୟକତା ରୂପେ ବିବେଚନା କରାଯାଏ ।

c) କ୍ଷତିପୂର୍ତ୍ତି ସୁନିଶ୍ଚିତ କରେ ଯେ ଆକସ୍ମିକ ଘଟଣା ଘଟିବା କାରଣରୁ ହୋଇଥିବା ହାନିର ସୀମା ପର୍ଯ୍ୟନ୍ତ ବୀମିତକୁ କ୍ଷତିପୂରଣ ଦିଆଯାଏ ।

d) ପ୍ରତ୍ୟାସନ (ପ୍ରସ୍ଥାପନ) ର ଅର୍ଥ ହେଉଛି ଯେ ବୀମିତ ଠାରୁ ବୀମାକର୍ତ୍ତାଙ୍କୁ, ବୀମାର ବିଷୟ ବସ୍ତୁ ପ୍ରସଙ୍ଗରେ ସମସ୍ତ ଅଧିକାର ଓ ଉପଚାରର ସ୍ଥାନାନ୍ତରଣ ।

e) ଅଂଶଦାନର ସିଦ୍ଧାନ୍ତର ନିହିତାର୍ଥ ଏହା ଅଟେ ଯେ ଯଦି ସେହି ଏକା ସମ୍ପତ୍ତିକୁ ଏକାଧିକ ବୀମା କମ୍ପାନୀ ସହିତ ବୀମିତ କରାଯାଏ, ସମସ୍ତ ବୀମାକର୍ତ୍ତାଦ୍ୱାରା ପ୍ରଦାନ କରାଯାଇଥିବା ମୋଟ କ୍ଷତିପୂରଣ ରାଶି ଆକ୍ରାନ୍ତ ହୋଇଥିବା ପ୍ରକୃତ ହାନିଠାରୁ ଅଧିକ ହୋଇ ପାରିବ ନାହିଁ ।

f) ଆସନ୍ନ/ନିକଟସ୍ଥ କାରଣ ବୀମାର ମୂଖ୍ୟ ସିଦ୍ଧାନ୍ତ ଅଟେ ଏବଂ ପ୍ରକୃତରେ ହାନି କିମ୍ବା କ୍ଷତି କିପରି ଘଟିଲା ଏବଂ ଏହା ବାସ୍ତବରେ ଏକ ବୀମିତ ଆପଦର ଫଳସ୍ୱରୂପ ଅଟେ କି, ଏ ସମ୍ବନ୍ଧୀୟ ହୋଇଥାଏ ।

**ଅଧ୍ୟୟନ ପରିଣାମ**

A. ୟୁବେରିମା ଫାଇଡ୍ସ

B. ବୀମାଯୋଗ୍ୟ ହିତ

C. ଆସନ୍ନ/ନିକଟସ୍ଥ କାରଣ

D. କ୍ଷତିପୂର୍ତ୍ତି

E. ପ୍ରତ୍ୟାସନ/ପ୍ରସ୍ଥାପନ

F. ଅଂଶଦାନ

## A. ୟୁବେରିମା ଫାଇଡ୍ସ

ବୀମା ଚୁକ୍ତିମାନଙ୍କରେ ବିଭିନ୍ନ ବିଶିଷ୍ଟ ବିଶେଷତା ରହିଛି ଯାହାସବୁ ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି:

### 1. ପରମ ସଦ୍ଭାବ କିମ୍ବା 'ୟୁବେରିମା ଫାଇଡ୍ସ'

ପରମ ସଦ୍ଭାବ କିମ୍ବା 'ୟୁବେରିମା ଫାଇଡ୍ସ', ଏକ ବୀମା ଚୁକ୍ତିର ମୂଳଭୂତ ସିଦ୍ଧାନ୍ତଗୁଡିକ ମଧ୍ୟରୁ ଗୋଟିଏ, ଏହାକୁ "ଅନୁରୋଧ କରାଯାଇଥାଉ ଅଥବା କରାଯାଇ ନ ଥାଉ, ପ୍ରସ୍ତାବ ଦିଆଯାଉଥିବା ସଙ୍କଟ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟକୁ, ସଠିକ୍ ଏବଂ ସଂପୂର୍ଣ୍ଣ ରୂପେ, ସ୍ୱେଚ୍ଛାପୂର୍ବକ ପ୍ରକଟ କରିବାର ଏକ ସକାରାତ୍ମକ କର୍ତ୍ତବ୍ୟ" ରୂପେ ପରିଭାଷିତ କରାଯାଏ ।

ସମସ୍ତ ବାଣିଜ୍ୟିକ/ବ୍ୟବସାୟିକ ଚୁକ୍ତି ଏତେ ପରିମାଣରେ ସଦ୍ଭାବ ଉପରେ ଆଧାରିତ ହୋଇଥାଏ ଯେ ତଥ୍ୟ/ସୂଚନା ଦେବା ସମୟରେ କିମ୍ବା କାରବାର କରିବା ସମୟରେ କୌଣସି କପଟ କିମ୍ବା ପ୍ରତାରଣା ହେବ ନାହିଁ । ଏଇଠି ପାଳନ କରାଯାଉଥିବା ନିୟମଟି ହେଉଛି "କେଭିଏଟ୍ ଏମ୍ପଟର୍" ର ନିୟମ ଯାହାର ଅର୍ଥ ହେଉଛି "କ୍ରେତା ସାବଧାନ" , ଚୁକ୍ତିର ପକ୍ଷମାନେ ଚୁକ୍ତିର ବିଷୟ ବସ୍ତୁକୁ ଯାଞ୍ଚ କରନ୍ତୁ ବୋଲି ଆଶା କରାଯାଏ ଏବଂ ଯେତେବେଳ ପର୍ଯ୍ୟନ୍ତ ଗୋଟିଏ ପକ୍ଷ ଅନ୍ୟକୁ ପଥଭ୍ରଷ୍ଟ ନ କରେ ଓ ଉତ୍ତରସବୁକୁ ସତ୍ୟତା ସହକାରେ ଦିଆଯାଏ, ଅନ୍ୟ ପକ୍ଷ ଚୁକ୍ତିକୁ ଏଡ଼େଇବାର କୌଣସି ପ୍ରଶ୍ନ ଉଠୁ ନାହିଁ ।

ବୀମା ଚୁକ୍ତିଗୁଡିକ ଏକ ଅନ୍ୟ ଆଧାରରେ ସ୍ଥିର ରହନ୍ତି ଯେହେତୁ ଚୁକ୍ତିର ବିଷୟ ବସ୍ତୁ ସ୍ପର୍ଶହୀନ ହୋଇଥାଏ ଏବଂ ସହଜରେ ବୀମାକର୍ତ୍ତାକୁ ଜଣା ପଡ଼େ ନାହିଁ । ପୁନଶ୍ଚ, ଅନେକଗୁଡିଏ ତଥ୍ୟ ଅଛି, ଯାହା କେବଳ ପ୍ରସ୍ତାବକକୁ ଜ୍ଞାତ ଥାଇପାରେ । ସୂଚନା ପାଇଁ ବୀମାକର୍ତ୍ତାକୁ ସଂପୂର୍ଣ୍ଣ ରୂପେ ପ୍ରସ୍ତାବକ ଉପରେ ବିଶ୍ୱାସ ରଖିବାକୁ ପଡ଼ିଥାଏ । ତେଣୁ ବୀମାକର୍ତ୍ତାମାନଙ୍କୁ ବୀମାର ବିଷୟବସ୍ତୁ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟକୁ ପ୍ରକଟ କରିବା ପ୍ରସ୍ତାବକର ବୈଧିକ କର୍ତ୍ତବ୍ୟ ଅଟେ । ଅର୍ଥାତ୍, ବୀମିତ କୌଣସି ତଥ୍ୟ ଯାହା ବୀମା ଚୁକ୍ତି ପାଇଁ ଆବଶ୍ୟକ ଅଟେ, ତା' ସମ୍ବନ୍ଧରେ କୌଣସି ମିଥ୍ୟା ପ୍ରତିପାଦନ କରିବା ଉଚିତ୍ ନୁହେଁ । ବୀମା ଚୁକ୍ତି ସମ୍ବନ୍ଧୀୟ ସଂପୂର୍ଣ୍ଣ ପ୍ରତିପାଦନ ଓ ସଂପୂର୍ଣ୍ଣ ପ୍ରକଟୀକରଣର ଉଚ୍ଚତର କର୍ତ୍ତବ୍ୟ ସେଗୁଡିକୁ ପରମ ସଦ୍ଭାବର ଚୁକ୍ତି କରିଥାଏ ।

ଯଦି କୌଣସି ଏକ ପକ୍ଷ ଦ୍ୱାରା ପରମ ସଦ୍ଭାବର ଅନୁପାଳନ କରା ନ ଯାଏ, ଚୁକ୍ତିକୁ ଅନ୍ୟ ପକ୍ଷ ଦ୍ୱାରା ଅଗ୍ରାହ୍ୟ କରାଯାଇପାରେ । ଏହା ଏହି ତର୍କରୁ ଉପନୀତ ହୁଏ ଯେ ବିଶେଷ ରୂପେ ଏକ ବୀମା ଚୁକ୍ତିରେ ପ୍ରବେଶ କରିବା ସମୟରେ ଜଣକୁ ନିଜର ଭୁଲଠାରୁ ଲାଭ ଉଠାଇବା ପାଇଁ ଅନୁମତି ଦିଆଯିବା ଉଚିତ୍ ନୁହେଁ ।

a) **ଆବଶ୍ୟକୀୟ ତଥ୍ୟ** କୁ ସେହି ତଥ୍ୟରୂପେ ପରିଭାଷିତ କରାଯାଇପାରେ ଯାହା ଏକ ବୀମା ସଙ୍କଟାଙ୍କକର ନିର୍ଣ୍ଣୟକୁ ପ୍ରଭାବିତ କରିପାରେ ଏହା ନିଷ୍ପତ୍ତି ନେବାରେ ଯେ ସଙ୍କଟକୁ ଗ୍ରହଣ କରାଯିବ କି ନାହିଁ, ଏବଂ ଯଦି କରାଯିବ, କେଉଁ ପ୍ରିମିୟମ ହାର ଏବଂ ନିୟମ ଓ ସର୍ତ୍ତାବଳୀରେ । ସେହି ସମସ୍ତ ତଥ୍ୟ ଯାହା ଏକ ବୀମା ଚୁକ୍ତି ପାଇଁ ଆବଶ୍ୟକୀୟ ଅଟେ, ସେସବୁକୁ ସଂପୂର୍ଣ୍ଣ ଓ ସଠିକ୍ ରୂପେ ପ୍ରକଟ କରିବା ବୀମିତର ବୈଧିକ କର୍ତ୍ତବ୍ୟ ଅଟେ ।

   ଏକ ଅଣପ୍ରକଟିତ ତଥ୍ୟ ଆବଶ୍ୟକୀୟ ଥିଲା କି ନାହିଁ, ତାହା ବୈୟକ୍ତିକ ପ୍ରକରଣ ଉପରେ ନିର୍ଭର କରିପାରେ ଏବଂ ଅନ୍ତିମରେ ତାହାର ନିଷ୍ପତ୍ତି କେବଳ ଅଦାଲତରେ ନିଆଯାଇ ପାରେ । ବୀମିତକୁ ସେହିସବୁ ତଥ୍ୟକୁ ପ୍ରକଟ କରିବାକୁ ପଡ଼ିଥାଏ ଯାହା ସଙ୍କଟକୁ ପ୍ରଭାବିତ କରିଥାନ୍ତି ।

   ଆବଶ୍ୟକୀୟ ତଥ୍ୟସବୁ ସେହି ସୂଚନାକୁ ସୂଚୀତ କରନ୍ତି ଯାହା ବୀମାକର୍ତ୍ତାମାନଙ୍କୁ ନିମ୍ନଲିଖିତ ନିଷ୍ପତ୍ତି ନେବାରେ ସକ୍ଷମ କରାଏ:

   ✓ ସେମାନେ ସଙ୍କଟକୁ ସ୍ୱୀକାର କରିବେ କି ନାହିଁ ?

✓ ଯଦି ସ୍ୱୀକାର କରିବେ, କେଉଁ ପ୍ରିମିୟମ ହାରରେ ଓ କେଉଁ ନିୟମ ଓ ସର୍ତ୍ତାବଳୀ ଅନ୍ତର୍ଗତ?

ପରମ ସଦ୍ଭାବର ଏହି ବୈଧିକ କର୍ତ୍ତବ୍ୟ ସାଧାରଣ ଆଇନ ଅନ୍ତର୍ଗତ ଉତ୍ପନ୍ନ ହୁଏ । କର୍ତ୍ତବ୍ୟ ନା କେବଳ ସେହି ଆବଶ୍ୟକୀୟ ତଥ୍ୟ ଯାହା ପ୍ରସ୍ତାବକ ଜାଣିଛି, ତା' ଉପରେ ଲାଗୁ ହୁଏ, କିନ୍ତୁ ସେହି ଆବଶ୍ୟକୀୟ ତଥ୍ୟ ପର୍ଯ୍ୟନ୍ତ ମଧ୍ୟ ବିସ୍ତାରିତ ହୁଏ ଯାହା ସେ ଜାଣିବା ଉଚିତ୍ । ବୀମିତକୁ ପଲିସୀ ସମ୍ବନ୍ଧୀୟ କୌଣସି ବି ସୂଚନା ଲୁଚାଇ ନ ରଖିବା ବୀମାକର୍ତ୍ତାର ବି ଅନୁରୂପ କର୍ତ୍ତବ୍ୟ ହୋଇଥାଏ ।

**ଉଦାହରଣ**

ନିମ୍ନଗୁଡିକ ହେଉଛନ୍ତି ଆବଶ୍ୟକୀୟ ସୂଚନାର କେତେକ ଉଦାହରଣ ଯାହାକୁ ଏକ ପ୍ରସ୍ତାବ ପ୍ରସ୍ତୁତ କରିବା ସମୟରେ ପ୍ରସ୍ତାବକ ପ୍ରକଟ କରିବା ଉଚିତ୍:

i. **ଜୀବନ ବୀମା:** ଜଣକର ନିଜର ଚିକିତ୍ସା ଇତିହାସ, ବଂଶାନୁଗତ ରୋଗଗୁଡିକର ପରିବାର ଇତିହାସ, **ଧୂମପାନ** ଓ ମଦ୍ୟପାନ ଭଳି ଅଭ୍ୟାସ, କାର୍ଯ୍ୟରେ ଅନୁପସ୍ଥିତି, ବୟସ, ସଉକ, ପ୍ରସ୍ତାବକର ଆୟ ବିବରଣୀ ଭଳି ଆର୍ଥିକ ସୂଚନା, ପୂର୍ବରୁ ବିଦ୍ୟମାନ ଜୀବନ ବୀମା ପଲିସୀ, ବ୍ୟବସାୟ ଇତ୍ୟାଦି ।

ii. **ଅଗ୍ନି ବୀମା: ନିର୍ମାଣ, ସଙ୍କଟର ସ୍ଥାନ/ଅବସ୍ଥିତି ଏବଂ ଘରର ଉପଯୋଗ, ଘରର ଆୟୁ, ପରିସରରେ ଜିନିଷପତ୍ରର ସ୍ୱରୂପ ଇତ୍ୟାଦି ।**

iii. **ସାମୁଦ୍ରିକ ବୀମା: ଜିନିଷପତ୍ରର ବିବରଣ, ପ୍ୟାକ୍ କରିବାର ପଦ୍ଧତି ଏବଂ ପରିବହନର ପ୍ରକାର ଇତ୍ୟାଦି ।**

iv. **ମୋଟର ବୀମା:** ଗାଡ଼ିର ବିବରଣ, କ୍ରୟର ତାରିଖ ଏବଂ କ୍ଷେତ୍ରୀୟ ପଞ୍ଜିକରଣ ପ୍ରାଧିକରଣ ଇତ୍ୟାଦି ।

v. **ସ୍ୱାସ୍ଥ୍ୟ ବୀମା:** ପୂର୍ବରୁ ବିଦ୍ୟମାନ ରୋଗ, ବୟସ ଇତ୍ୟାଦି

b) **କେତେବେଳେ ଏକ ତଥ୍ୟ 'ଆବଶ୍ୟକୀୟ (ମହତ୍ୱପୂର୍ଣ୍ଣ)'ହୋଇଥାଏ: କେତେକ ପ୍ରକାରର ଆବଶ୍ୟକୀୟ ତଥ୍ୟ ଯାହାକୁ ଜଣେ ପ୍ରକଟ କରିବା ଆବଶ୍ୟକ, ସେଗୁଡିକ ହେଉଛି ଯେଉଁଗୁଡିକ ସୂଚୀତ କରନ୍ତି ଯେ ସେହି ନିର୍ଦ୍ଦିଷ୍ଟ ସଙ୍କଟ ସାମାନ୍ୟରୂପେ ଆଶା କରାଯାଉଥିବାଠାରୁ ଅଧିକ ସଙ୍କଟର ସମ୍ମୁଖୀନ ହେବାକୁ ପ୍ରତିପାଦିତ କରେ ।**

**ଉଦାହରଣ**

ଏକ ଜାହାଜ ଦ୍ୱାରା ପଠାଯାଇଥିବା କାର୍ଗୋର ସଙ୍କଟମୟ ସ୍ୱରୂପ, ରୋଗର ଅତୀତ ଇତିହାସ, ଏ ଘରର ଚୋରୀର ଅତୀତ ଇତିହାସ ।

i. ସମସ୍ତ ବୀମାକର୍ତ୍ତାଠାରୁ ନିଆଯାଇଥିବା ପଲିସୀଗୁଡିକର ବିଦ୍ୟମାନତା ଏବଂ ସେମାନଙ୍କ ବର୍ତ୍ତମାନର ସ୍ଥିତି

ii. ବୀମା ପାଇଁ ପ୍ରସ୍ତାବ ଫର୍ମ କିମ୍ବା ଆବେଦନରେ ଥିବା ସମସ୍ତ ପ୍ରଶ୍ନକୁ ମହତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଏ, ଯେହେତୁ ସେମାନେ ବୀମାର ବିଷୟ ବସ୍ତୁର ବିଭିନ୍ନ ଦିଗ ଏବଂ ସଙ୍କଟ ସହିତ ଏହାର ସମ୍ମୁଖୀନ ହେବା ସହିତ ସମ୍ବନ୍ଧିତ ହୋଇଥାନ୍ତି । ସେମାନଙ୍କ ଉତ୍ତର ସତ୍ୟତାର ସହିତ ଦେବା ଏବଂ ସବୁ ପ୍ରକାରେ ସଂପୂର୍ଣ୍ଣ ଥିବା ଆବଶ୍ୟକ।

ନିମ୍ନଗୁଡିକ କେତେକ ପରିଦୃଶ୍ୟ ଯେଉଁଠି ଆବଶ୍ୟକୀୟ (ମହତ୍ୱପୂର୍ଣ୍ଣ) ତଥ୍ୟଗୁଡିକୁ ପ୍ରକଟ କରିବା ଆବଶ୍ୟକ ଅଟେ ।

| ସୂଚନା |
|---|

a. **ଆବଶ୍ୟକୀୟ/ମହତ୍ତ୍ୱପୂର୍ଣ୍ଣ ତଥ୍ୟ ଯାହାକୁ ପ୍ରକଟ କରିବା ଆବଶ୍ୟକ**: ଯଦି ସଙ୍କଟାଙ୍କକମାନଙ୍କ ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ଅନୁସନ୍ଧାନ ନ ଥାଏ, ନିମ୍ନ ଭଳି ତଥ୍ୟଗୁଡ଼ିକୁ ପ୍ରକଟ କରିବା ପ୍ରସ୍ତାବକର ବୈଧିକ କର୍ତ୍ତବ୍ୟ ନୁହେଁ:

**i. ସଙ୍କଟକୁ ହ୍ରାସ କରିବା ପାଇଁ ପ୍ରୟୋଗ କରାଯାଇଥିବା ପଦକ୍ଷେପ । ଉ.ସ୍ୱ** : ଏକ ଅଗ୍ନି ନିର୍ବାପକ ଯନ୍ତ୍ରର ଉପସ୍ଥିତି

**ii. ସେହିସବୁ ତଥ୍ୟ ଯାହାକୁ ବୀମିତ ଜାଣେ ନାହିଁ କିମ୍ବା ସେ ବିଷୟରେ ଅଜ୍ଞ ଅଟେ । ଉ.ସ୍ୱ**: ଏକ ବ୍ୟକ୍ତି, ଯାହାର ଉଚ୍ଚ ରକ୍ତଚାପ ଥିଲା କିନ୍ତୁ ପଲିସୀ ନେବା ସମୟରେ ସେ ବିଷୟରେ ଅଜ୍ଞ ଥିଲା, ତାକୁ ଏହି ତଥ୍ୟର ଅଣ-ପ୍ରକଟୀକରଣ ପାଇଁ ଚାର୍ଜ କରାଯାଇପାରିବ ନାହିଁ ।

**iii. ଯାହାକୁ ଅତ୍ୟଧିକ ପରିଶ୍ରମ ସହକାରେ ଆବିଷ୍କାର କରାଯାଇପାରିଲା ।** ପ୍ରତ୍ୟେକ ଛୋଟ ଛୋଟ ଆବଶ୍ୟକୀୟ ତଥ୍ୟକୁ ପ୍ରକଟ କରିବା ଜରୁରୀ ନୁହେଁ । ସଙ୍କଟାଙ୍କକମାନେ ଏହା ବିଷୟରେ ପଚାରିବା ପାଇଁ ଯଥେଷ୍ଟ ଭାବେ ସଚେତ ଥିବା ଉଚିତ୍ ଯଦି ସେମାନେ ଅଧିକ ସୂଚନା ଆବଶ୍ୟକ କରନ୍ତି । ଉ.ସ୍ୱ: ଏକ କପଡ଼ା ଦୋକାନକୁ ବୀମିତ କରିବା ସମୟରେ ଜଣେ ବିଶେଷ ରୂପେ କହିବା ଆବଶ୍ୟକ ନାହିଁ ଯେ ଦୋକାନରେ ଥିବା କିଛି ସିନ୍ଥେଟିକ୍ ପୋଷାକ ଅତ୍ୟଧିକ ଦହନଶୀଳ ଅଟନ୍ତି ।

**iv. ଆଇନ ସମ୍ବନ୍ଧୀୟ ବିଷୟ:** ପ୍ରତ୍ୟେକ ବ୍ୟକ୍ତିକୁ ଦେଶର ଆଇନ ଜଣା ଅଛି ବୋଲି ମନେ କରାଯାଏ । ଉ.ସ୍ୱ: ବିସ୍ଫୋରକଗୁଡ଼ିକୁ ଗଚ୍ଛିତ କରି ରଖିବା ସମ୍ବନ୍ଧୀୟ ମ୍ୟୁନିସିପାଲ ଆଇନ

**v. ଯାହା ସମ୍ବନ୍ଧରେ ବୀମାକର୍ତ୍ତା ଉଦାସୀନ ଅଛି ବୋଲି ଦିଶେ (କିମ୍ବା ଅଧିକ ସୂଚନାର ଆବଶ୍ୟକତାକୁ ଛାଡ଼ି ଦେଇଛି)**

ସେଭଳି କ୍ଷେତ୍ରରେ ,ଉତ୍ତରସବୁ ଅପୂର୍ଣ୍ଣ ଥିଲା ବୋଲି କାରଣ ଦର୍ଶାଇ ବୀମାକର୍ତ୍ତା ପରେ ଦାୟିତ୍ୱକୁ ଅସ୍ୱୀକାର କରି ପାରିବ ନାହିଁ ।

---

b. **ପ୍ରକଟୀକରଣ କରିବାର କର୍ତ୍ତବ୍ୟ**: ବୀମା ଚୁକ୍ତିମାନଙ୍କ କ୍ଷେତ୍ରରେ, ପ୍ରକଟୀକରଣ କରିବାର କର୍ତ୍ତବ୍ୟ ନେଗୋସିଏଶନ୍ (କଥାବାର୍ତ୍ତା) ର ସମଗ୍ର ସମୟାବଧି ମଧ୍ୟରେ ଉପସ୍ଥିତ ରହେ ଯେ ପର୍ଯ୍ୟନ୍ତ ପ୍ରସ୍ତାବଟି ସ୍ୱୀକୃତ ନ ହୋଇଛି ଏବଂ ଏକ ଜୀବନ ବୀମା ପଲିସୀ ଜାରୀ କରାଯାଇ ନାହିଁ ।

ଥରେ ଜୀବନ ବୀମା ପଲିସୀଟି ସ୍ୱୀକୃତ ହୋଇଗଲେ, କୌଣସି ଆବଶ୍ୟକୀୟ ତଥ୍ୟକୁ ପ୍ରକଟ କରିବା ଅଧିକ ଆବଶ୍ୟକ ହୁଏ ନାହିଁ ଯାହା ପଲିସୀର ଅବଧି ସମୟରେ ଆସି ପାରେ ।

| ଉଦାହରଣ |
|---|

ଶ୍ରୀ ରାଜନ 15 ବର୍ଷର ଅବଧି ପାଇଁ ଏକ ଜୀବନ ବୀମା ପଲିସୀ ନେଇଛନ୍ତି । ପଲିସୀ  ନେବାର ଛଅ ବର୍ଷ ପରେ ,ଶ୍ରୀ ରାଜନଙ୍କ ହୃଦୟ ସମସ୍ୟା ହୋଇଛି ଏବଂ ତାଙ୍କୁ ସର୍ଜରୀ ଦେଇ ଗତି କରିବାକୁ ହେବ । ଶ୍ରୀ ରାଜନ ଏହି ତଥ୍ୟକୁ ବୀମାକର୍ତ୍ତାଙ୍କୁ ପ୍ରକଟ କରିବାର ଆବଶ୍ୟକତା ନାହିଁ ।

---

*[ଅବଶ୍ୟ, ପ୍ରିମିୟମ ଦେୟ ହେବା ପରେ ତାହାକୁ ପ୍ରଦାନ କରିବାରେ ବିଫଳତା ଯୋଗୁଁ ଯଦି ପଲିସୀଟି ବ୍ୟପଗତ(ଲାପ୍ସ) ସ୍ଥିତିରେ ଥାଏ ଏବଂ ପଲିସୀଧାରକ ପଲିସୀ ଚୁକ୍ତିକୁ ପୁନଃପ୍ରଚଳନ କରିବାକୁ ଓ ଏହାକୁ ପୁନଃ ପ୍ରଭାବୀ କରିବାକୁ ଚାହେଁ,*

*ସେଭଳି ପୁନଃପ୍ରଚଳନ ସମୟରେ, ସେହିସବୁ ତଥ୍ୟ ଯାହା ମହତ୍ତ୍ୱପୂର୍ଣ୍ଣ ଓ ଆବଶ୍ୟକୀୟ ଅଟେ, ସେସବୁକୁ ପ୍ରକଟ କରିବାର କର୍ତ୍ତବ୍ୟ ରହିପାରେ, ଯେପରିକି ଏହା ଏକ ନୂତନ ପଲିସୀ ଅଟେ ।]*

ପଲିସୀର ନୂତନୀକରଣ କରିବା ସମୟରେ ଯଦି ତା' ପାଖରେ ସ୍ୱାସ୍ଥ୍ୟ ବୀମା ଥାଏ, ଶ୍ରୀ ରାଜନଙ୍କୁ ଏହି ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ବୀମାକର୍ତ୍ତାଙ୍କୁ ସୂଚୀତ କରିବାକୁ ପଡ଼ିବ ।

ଏହି ପ୍ରକାରେ, ସାଧାରଣ ବୀମା କ୍ଷେତ୍ରରେ, ଏକ ଏଣ୍ଟରପ୍ରାଇଜ୍/କାରଖାନା ପାଇଁ ଅଗ୍ନିବୀମାକୁ ନୂତନୀକରଣ କରିବା ସମୟରେ, ବୀମିତଙ୍କୁ ବୀମାକର୍ତ୍ତାଙ୍କୁ ସୂଚୀତ କରିବାକୁ ପଡ଼େ ଯଦି ଘରର ଦଖଲରେ କିଛି ପରିବର୍ତ୍ତନ ହେଲା ।

ଏକ ଜାହାଜ ପାଇଁ ହଲ ପଲିସୀର ନୂତନୀକରଣ କରିବା ସମୟରେ, ବୀମିତଙ୍କୁ ବୀମାକର୍ତ୍ତାଙ୍କୁ ସୂଚୀତ କରିବାକୁ ପଡ଼େ ଯଦି ଏକ ଅନ୍ୟ ପ୍ରକାରର କାର୍ଗୋ ବୋଝେଇ କରିବା ପାଇଁ ଜାହାଜଟିକୁ ପରିବର୍ତ୍ତିତ କରାଗଲା; ଧରନ୍ତୁ, ଡାଲି ବଦଳରେ ବିପଦପୂର୍ଣ୍ଣ ରାସାୟନିକ ।

c. **ଅଣ-ପ୍ରକଟୀକରଣର ପରିସ୍ଥିତି** ଉତ୍ପନ୍ନ ହୋଇପାରେ ଯେତେ ବୀମିତ ଆବଶ୍ୟକୀୟ ତଥ୍ୟ ବିଷୟରେ ଚୁପ୍ ରହେ କାରଣ ବୀମାକର୍ତ୍ତା କୌଣସି ନିର୍ଦ୍ଦିଷ୍ଟ ଅନୁସନ୍ଧାନ ପାଇଁ ପ୍ରଶ୍ନ ଉଠାଇ ନାହିଁ । ସେଭଳି ପରିସ୍ଥିତି ବୀମାକର୍ତ୍ତା ଦ୍ୱାରା ଉଠାଯାଇଥିବା ପ୍ରଶ୍ନସବୁର କପଟୀ ଉତ୍ତର ଜରିଆରେ ମଧ୍ୟ ଉତ୍ପନ୍ନ ହୋଇପାରେ ।

ଅନେକ ସମୟରେ ଅଣ-ପ୍ରକଟୀକରଣ ଅସାବଧାନତା ଯୋଗୁଁ ହୋଇପାରେ (ଅର୍ଥାତ୍ ଜଣକର ଜ୍ଞାନ କିମ୍ବା ଉଦ୍ଦେଶ୍ୟ ବିନା ଏହା କରାଯାଇଥାଇପାରେ) କିମ୍ବା କାରଣ ପ୍ରସ୍ତାବକ ଭାବିଲା ଯେ ତଥ୍ୟଟି ଆବଶ୍ୟକ ନ ଥିଲା । ସେଭଳି କ୍ଷେତ୍ରରେ ଏହା ନିର୍ଦ୍ଦୋଷ ଅଟେ ।

ଯେତେବେଳେ ଏକ ତଥ୍ୟକୁ ଉଦ୍ଦେଶ୍ୟମୂଳକ ଭାବରେ ଚାପିଦିଆଯାଏ ଏହାକୁ ଲୁଚାଯାଇଛି ବୋଲି ବିଚାର କରାଯାଏ । ଏଇଠି, ଧୋକା ଦେବାର ଉଦ୍ଦେଶ୍ୟ ଥାଏ ।

d. **ମିଥ୍ୟା ଉପସ୍ଥାପନା/ଭୁଲ ପ୍ରତିପାଦନ:** ବୀମାର ଚୁକ୍ତିର ନେଗୋସିଏଶନ୍ ସମୟରେ କରାଯାଇଥିବା କୌଣସି ବି ଉକ୍ତିକୁ ଉପସ୍ଥାପନା /ପ୍ରତିପାଦନ କୁହାଯାଏ । ଏକ ଉପସ୍ଥାପନା ତଥ୍ୟର ଏକ ନିର୍ଦ୍ଦିଷ୍ଟ ଉକ୍ତି କିମ୍ବା ବିଶ୍ୱାସ, ଉଦ୍ଦେଶ୍ୟ କିମ୍ବା ପ୍ରତ୍ୟାଶାର ଏକ ଉକ୍ତି ହୋଇପାରେ । ଏହା ଆଶା କରାଯାଏ ଯେ ଉକ୍ତିଟି ନିଶ୍ଚିତ ରୂପେ ବସ୍ତୁଗତ ରୂପେ ସଠିକ୍ ହେବା ଉଚିତ୍ । ବିଶ୍ୱାସ କିମ୍ବା ପ୍ରତ୍ୟାଶାର ବିଷୟ ସମ୍ବନ୍ଧୀୟ ଉପସ୍ଥାପନା ନିଶ୍ଚିତ ରୂପେ ସଦ୍ଭାବରେ କରାଯିବ ଉଚିତ୍ ।

**i.** **ନିର୍ଦ୍ଦୋଷ ମିଥ୍ୟା ଉପସ୍ଥାପନା**, ସେହି ଅସତ୍ୟ ଉକ୍ତି ସମ୍ବନ୍ଧୀୟ ହୋଇଥାଏ, ଯେଉଁଗୁଡ଼ିକ କୌଣସି କପଟପୂର୍ଣ୍ଣ ଉଦ୍ଦେଶ୍ୟ ବିନା କରାଯାଇଥାଏ ।

**ii.** **କପଟପୂର୍ଣ୍ଣ ମିଥ୍ୟା ଉପସ୍ଥାପନା**, ଅନ୍ୟ ପକ୍ଷରେ ସେହି ମିଥ୍ୟା ଉକ୍ତିଗୁଡ଼ିକୁ ସୂଚୀତ କରେ ଯେଉଁଗୁଡ଼ିକୁ ବୀମାକର୍ତ୍ତାଙ୍କୁ ଧୋକା ଦେବାର ଅଭିସନ୍ଧିମୂଳକ ଉଦ୍ଦେଶ୍ୟ ଥାଇ କରାଯାଇଥାଏ କିମ୍ବା ସତ୍ୟତା ଉପରେ ଧ୍ୟାନ ନ ଦେଇ ବିବେକହୀନ ରୂପେ କରାଯାଇଥାଏ ।

ଏକ ବୀମା ଚୁକ୍ତି ସାଧାରଣତଃ ନିରର୍ଥକ ହୋଇଯାଏ ଯେତେବେଳେ ଧୋକା ଦେବା ଉଦ୍ଦେଶ୍ୟରେ ଲୁଚାଇବାର ସ୍ପଷ୍ଟ ପ୍ରକରଣ ଥାଏ, କିମ୍ବା ଯେତେବେଳେ କପଟପୂର୍ଣ୍ଣ ମିଥ୍ୟା ଉପସ୍ଥାପନା ଥାଏ ।

ବୀମା ଅଧିନିୟମ, 1938 ର ସଂଶୋଧନ (ମାର୍ଚ୍ଚ, 2015) ସେହି ପରିସ୍ଥିତି ବିଷୟରେ କିଛି ମାର୍ଗଦର୍ଶିକା ପ୍ରଦାନ କରିଛି ଯାହା ଅନ୍ତର୍ଗତ ଏକ ପଲିସୀକୁ କପଟ ରୂପେ ପ୍ରଶ୍ନ କରାଯାଇପାରେ । ନୂତନ ପ୍ରାବଧାନଗୁଡ଼ିକ ନିମ୍ନ ଭଳି ହୋଇଥାଏ ।

e. **କପଟ**: "କପଟ" ପଦଟି ବୀମା ଅଧିନିୟମ (2015 ରେ ସଂଶୋଧିତ) ର ଧାରା 45 (2) ଅନ୍ତର୍ଗତ ବିନିର୍ଦ୍ଦିଷ୍ଟ କରାଯାଇଛି । ତଦନୁସାରେ, ଏକ ଜୀବନ ବୀମା ପଲିସୀ ବୀମାକର୍ତ୍ତାଦ୍ୱାରା ଏକ ସମୟାବଧି ମଧ୍ୟରେ ହିଁ କପଟ ବୋଲି କୁହାଯାଇପାରେ ଏବଂ ତାପରେ ନୁହେଁ । ଅବଶ୍ୟ, ବୀମାକର୍ତ୍ତାମାନେ (କ)ପଲିସୀ ଜାରୀ ତାରିଖ (ଖ) ସଙ୍କଟର ପ୍ରାରମ୍ଭ ତାରିଖ, (ଗ) ପଲିସୀର ପୁନଃପ୍ରବର୍ତ୍ତନ ତାରିଖ କିମ୍ବା (ଘ) ପଲିସୀର ରାଇଡର୍ ର ତାରିଖ, ଯେଉଁଟା ବି ପରେ ହୋଇଥାଏ, ସେହି ତାରିଖଠାରୁ ତିନି ବର୍ଷ ମଧ୍ୟରେ କେବଳ ସେଭଳି କରି ପାରିବେ ।

ବୀମାକର୍ତ୍ତା ସେହିସବୁ କାରଣ, ଯାହା ଉପରେ ପଲିସୀ ଉପରେ ପ୍ରଶ୍ନ ଉଠିଥାଏ, ସେସବୁକୁ ବୀମିତ କିମ୍ବା ତାର ବୈଧିକ ପ୍ରତିନିଧି, ନାମୀତି କିମ୍ବା ସମନୁଦେଶିତକୁ ଲିଖିତ ଆକାରରେ ସୂଚୀତ କରିବା ଆବଶ୍ୟକ ।

'କପଟ' ପଦର ଅର୍ଥ ହେଉଛି ଏକ ବୀମା ପଲିସୀ ଜାରୀ କରିବା ପାଇଁ ବୀମାକର୍ତ୍ତାକୁ ଧୋକା ଦେବା କିମ୍ବା ବୀମାକର୍ତ୍ତାକୁ ଉତପ୍ରେରିତ କରିବା ଉଦ୍ଦେଶ୍ୟରେ, ବୀମିତଦ୍ୱାରା କରାଯାଇଥିବା କୌଣସି କାର୍ଯ୍ୟ । ଏହା ମଧ୍ୟ ପ୍ରାବଧାନରେ ଅଛି ଯେ ଯଦି ପଲିସୀଧାରକ ଜୀବିତ ରହେ ନାହିଁ, କପଟକୁ ମିଥ୍ୟା ପ୍ରମାଣିତ କରିବାର ଦାୟିତ୍ୱ,ଲାଭଗ୍ରହୀତାମାନଙ୍କ ଉପରେ ଥାଏ ।

## B. ବୀମାଯୋଗ୍ୟ ହିତ

'ବୀମାଯୋଗ୍ୟ ହିତ' ର ଉପସ୍ଥିତି ପ୍ରତ୍ୟେକ ବୀମା ଚୁକ୍ତିର ଏକ ଅତ୍ୟାବଶ୍ୟକ ଉପାଦାନ ଅଟେ ଏବଂ ଏହାକୁ ବୀମା ପାଇଁ ବୈଧାନିକ ପୂର୍ବ-ଆବଶ୍ୟକତା ରୂପେ ବିଚାର କରାଯାଏ ।

**ବୀମାଯୋଗ୍ୟ ହିତ ତିନି ଅତ୍ୟାବଶ୍ୟକ ତତ୍ତ୍ୱ**:

i. ବୀମିତ ହେବା ପାଇଁ ଯୋଗ୍ୟତା ଥିବା ସମ୍ପତ୍ତି, ଅଧିକାର, ହିତ, ଜୀବନ କିମ୍ବା ସମ୍ଭାବ୍ୟ ଦାୟିତ୍ୱ ନିଶ୍ଚୟ ଥିବା ଉଚିତ୍ ।

ii. ସେହି ସମ୍ପତ୍ତି, ଅଧିକାର, ହିତ, ଜୀବନ କିମ୍ବା ସମ୍ଭାବ୍ୟ ଦାୟିତ୍ୱ ନିଶ୍ଚିତ ରୂପେ ବୀମାର ବିଷୟ ବସ୍ତୁ ହେବା ଉଚିତ୍ ।

iii. ବିଷୟବସ୍ତୁ ସହିତ ନିଶ୍ଚିତ ରୂପେ ବୀମିତର ଏକ କାନୁନୀ ସମ୍ବନ୍ଧ ରହିବା ଉଚିତ୍ ଯାହାଦ୍ୱାରା ସେ ସମ୍ପତ୍ତିର ନିରାପତ୍ତା, ଅଧିକାର, ହିତ, ଜୀବନ କିମ୍ବା ଦାୟିତ୍ୱର ସ୍ୱାଧିନତା ଦ୍ୱାରା ଲାଭ ଉଠାଇବ । ସେହି ଉପଲକ୍ଷ୍ୟରେ, ସେ ନିଶ୍ଚିତ ରୂପେ କୌଣସି ହାନି, କ୍ଷତି, କ୍ଷତ କିମ୍ବା ଦାୟିତ୍ୱର ସୃଷ୍ଟି ଦ୍ୱାରା ଆର୍ଥିକ ରୂପେ ହାନିରେ ଆକ୍ରାନ୍ତ ହେବ ।

ଆସନ୍ତୁ ଦେଖିବା ବୀମା କିପରି ଜୁଆ ଖେଳ କିମ୍ବା ବାଜି ଚୁକ୍ତିଠାରୁ ଅଲଗା ଅଟେ ।

a) **ଜୁଆ ଖେଳ ଏବଂ ବୀମା:** ଏକ ତାସ୍ ଖେଳ, ଯେଉଁଠି ଜଣେ ଜିତିପାରେ କିମ୍ବା ହାରିପାରେ, ଏହାର ବିପରୀତ ଏକ ଅଗ୍ନିକାଣ୍ଡର କେବଳ ଗୋଟିଏ ପରିଣାମ ହୋଇପାରେ – ଘର ମାଲିକର ହାନି

ମାଲିକ ବୀମା ନିଏ ଏହା ସୁନିଶ୍ଚିତ କରିବା ପାଇଁ ଯେ ଆକ୍ରାନ୍ତ ହୋଇଥିବା ହାନିର କ୍ଷତିପୂରଣ କୌଣସି ପ୍ରକାରେ ହେବ ।

ଅନ୍ୟ ଶବ୍ଦରେ, ବୀମା ଯୋଗ୍ୟ ହିତ ହେଉଛି ବୀମିତର ବୀମାର ବିଷୟ ବସ୍ତୁରେ ଥିବା ହିତ । ବୀମାଯୋଗ୍ୟ ହିତ ଏକ ବୀମା ଚୁକ୍ତିକୁ ବୈଧ ଏବଂ ଆଇନ ଅନ୍ତର୍ଗତ ପ୍ରଭାବଶୀଳ କରିଥାଏ ।

### ଉଦାହରଣ

ଯଦି ଶ୍ରୀ ପଟେଲ ଏକ ବ୍ୟାଙ୍କରୁ ଟ 15 ଲକ୍ଷର ବନ୍ଧକ ଋଣ ନେଇ ଏକ ଘର କିଣିଛନ୍ତି ଏବଂ ସେ ଏହି ରାଶିର 12 ଲକ୍ଷ ପରିଶୋଧ କରିଛନ୍ତି, ବ୍ୟାଙ୍କର ସୁଧ କେବଳ ଅବଶିଷ୍ଟ ତିନି ଲକ୍ଷ ଯାହା ବାକି ଅଛି, ତା' ଅନୁସାରେ ହୋଇପାରେ ।

ଏ ପ୍ରକାରେ ବ୍ୟାଙ୍କର ମଧ୍ୟ ଋଣର ଅବଶିଷ୍ଟ ରାଶି ଯାହା ପ୍ରଦାନ କରାଯାଇ ନାହିଁ, ତାହା ପାଇଁ ଘର ଉପରେ ଆର୍ଥିକ ରୂପେ ଏକ ବୀମାଯୋଗ୍ୟ ହିତ ଥାଏ ଏବଂ ସୁନିଶ୍ଚିତ କରିବ ଯେ ଏହାକୁ ପଲିସୀରେ ସହ-ବୀମିତ କରାଯାଉ ।

ଶ୍ରୀ ପଟେଲ ଏକ ଘରର ମାଲିକ ଅଟନ୍ତି ଯାହା ପାଇଁ ସେ ଏକ ବ୍ୟାଙ୍କରୁ ଟ. 15 ଲକ୍ଷର ବନ୍ଧକ ଋଣ ନେଇଛନ୍ତି । ନିମ୍ନ ପ୍ରଶ୍ନଗୁଡିକ ଉପରେ ଚିନ୍ତା କରନ୍ତୁ:

- ✓ ଘର ଉପରେ ତାଙ୍କର ଏକ ବୀମାଯୋଗ୍ୟ ହିତ ରହିଛି କି ?
- ✓ ଘର ଉପରେ ବ୍ୟାଙ୍କର ଏକ ବୀମାଯୋଗ୍ୟ ହିତ ରହିଛି କି ?
- ✓ ତାଙ୍କ ପଡୋଶୀର ବିଷୟରେ କ'ଣ ?

ଶ୍ରୀ ଦାସଙ୍କ ଏ ପରିବାର ଅଛି ଯେଉଁଥିରେ ତାଙ୍କ ପତ୍ନୀ, ଦୁଇ ଛୁଆ ଏବଂ ବୃଦ୍ଧ ପିତାମାତା ଅଛନ୍ତି । ନିମ୍ନ ପ୍ରଶ୍ନଗୁଡିକ ଉପରେ ଚିନ୍ତା କରନ୍ତୁ:

- ✓ ସେମାନଙ୍କ କୁଶଳତାରେ ତାଙ୍କର ଏକ ବୀମାଯୋଗ୍ୟ ହିତ ରହିଛି କି?
- ✓ ସେ ଆର୍ଥିକ ରୂପେ କ୍ଷତିଗ୍ରସ୍ତ ହେବେ କି ଯଦି ସେମାନଙ୍କ ମଧ୍ୟରୁ କେହି ଡାକ୍ତରଖାନାରେ ଭର୍ତ୍ତି ହୁଅନ୍ତି?
- ✓ ତାଙ୍କର ପଡୋଶୀଙ୍କ ଛୁଆମାନଙ୍କ ବିଷୟରେ କ'ଣ ? ସେମାନଙ୍କ ଉପରେ ତାଙ୍କ ବୀମାଯୋଗ୍ୟ ହିତ ରହିପାରେ କି ?

ବୀମାର ବିଷୟ ବସ୍ତୁ ଏବଂ ଏକ ବୀମା ଚୁକ୍ତିର ବିଷୟ ବସ୍ତୁ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା ଏଇଠି ପ୍ରାସଙ୍ଗିକ ହୋଇପାରେ ।

ବୀମା ବିଷୟ ବସ୍ତୁ ବୀମିତ କରାଯାଇଥିବା ବସ୍ତୁ ସମ୍ବନ୍ଧୀୟ ହୋଇଥାଏ, ଯାହାର ନିଜର ଏକ ଅନ୍ତର୍ନିହିତ ମୂଲ୍ୟ ଥାଏ ।

ବୀମା ଚୁକ୍ତିର ବିଷୟ ବସ୍ତୁ, ଅନ୍ୟ ପକ୍ଷରେ, ହେଉଛି ସମ୍ପତ୍ତି ଉପରେ ବୀମିତର ବୀମାଯୋଗ୍ୟ ହିତ । ଏହା କେବଳ ହୁଏ ଯେତେବେଳେ ବୀମିତର ସମ୍ପତ୍ତି ଉପରେ ବୀମିତର ସେତେ ହିତ ଥାଏ ଯେ ବୀମା କରିବା ପାଇଁ ତାର ଆଇନଗତ ଅଧିକାର ଥାଏ । କଡ଼ା କଡ଼ି ଅର୍ଥରେ ବୀମା ପଲିସୀ ବାସ୍ତବରେ ସମ୍ପତ୍ତିକୁ ସୁରକ୍ଷା ଦିଏ ନାହିଁ, କିନ୍ତୁ ସମ୍ପତ୍ତିରେ ବୀମିତର ଆର୍ଥିକ ହିତକୁ ସୁରକ୍ଷା ଦେଇଥାଏ ।

**ଚିତ୍ର 1: ସାଧାରଣ ଆଇନ ଅନୁସାରେ ବୀମାଯୋଗ୍ୟ ହିତ**



**b) ସମୟ, ଯେତେବେଳେ ବୀମାଯୋଗ୍ୟ ହିତ ରହିବା ଉଚିତ୍:** ଜୀବନ ବୀମାରେ, ପଲିସୀ ନେବା ସମୟରେ ବୀମାଯୋଗ୍ୟ ହିତ ରହିବା ଉଚିତ୍ । ସାଧାରଣ ବୀମାରେ, ବୀମାଯୋଗ୍ୟ ହିତ ଉଭୟ ସମୟରେ ରହିବା ଉଚିତ୍ – ପଲିସୀ ନେବା ସମୟରେ ଏବଂ ଦାବୀ ସମୟରେ ଯେମିତିକି ସାମୁଦ୍ରିକ ବୀମା ଯେଉଁ କ୍ଷେତ୍ରରେ ଦାବୀ ସମୟରେ ଏହା ନିଶ୍ଚିତ ଭାବେ ବିଦ୍ୟମାନ ରହିବା ଉଚିତ୍ ।

ଅଗ୍ନି ଏବଂ ଦୁର୍ଘଟଣା ବୀମା କ୍ଷେତ୍ରରେ, ବୀମାଯୋଗ୍ୟ ହିତ ଉଭୟ ପଲିସୀ ନେବା ସମୟରେ ଏବଂ ହାନି ସମୟରେ ବିଦ୍ୟମାନ ରହିବା ଉଚିତ୍ ।

ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ଦୁର୍ଘଟଣା ବୀମା କ୍ଷେତ୍ରରେ, ସ୍ୱୟଂ ବ୍ୟତୀତ, ପରିବାରକୁ ମଧ୍ୟ ପ୍ରସ୍ତାବକଦ୍ୱାରା ବୀମିତ କରାଯାଇପାରେ ଯେହେତୁ ତାଙ୍କୁ ହିଁ ଆର୍ଥିକ କ୍ଷତିକୁ ବହନ କରିବା ପଡ଼ିବ ଯଦି ପରିବାର କୌଣସି ଦୁର୍ଘଟଣାର ସମ୍ମୁଖୀନ ହୁଏ କିମ୍ବା ଡାକ୍ତରଖାନାରେ ଭର୍ତ୍ତି ହୁଏ । ଅବଶ୍ୟ, ସାମୁଦ୍ରିକ କାର୍ଗୋ ବୀମାରେ, ବୀମାଯୋଗ୍ୟ ହିତ କେବଳ ହାନି ସମୟରେ ଆବଶ୍ୟକ ହୋଇଥାଏ ଯେହେତୁ ଜିନିଷପତ୍ରର ସ୍ୱାମୀତ୍ୱ ପରିବର୍ତ୍ତନ ହୋଇଯିବ ଯେତେବେଳେ ମୂଲ୍ୟକୁ ପ୍ରଦାନ କରାଯାଏ ଯାହା ପରିବହନ ସମୟାବଧିରେ ଘଟିପାରେ ।

## C. ଆସନ୍ନ/ନିକଟସ୍ଥ କାରଣ

**ଆସନ୍ନ/ନିକଟସ୍ଥ** କାରଣ ହେଉଛି ବୀମାର ଏକ ମୁଖ୍ୟ ସିଦ୍ଧାନ୍ତ ଏବଂ କେମିତି ହାନି କିମ୍ବା କ୍ଷତିଟି ପ୍ରକୃତରେ ଘଟିଲା, ଏବଂ ଏହା ଏକ ବୀମିତ ଆପଦର ପରିଣାମ ଅଟେ କି ନୁହଁ, ଏହା ସମ୍ବନ୍ଧୀୟ ଅଟେ । ଯଦି ହାନିଟି ବୀମିତ ଆପଦ କାରଣରୁ ହୋଇଛି, ବୀମାକର୍ତ୍ତା ଦାୟୀ ଅଟେ । ଯଦି ଆସନ୍ନ କାରଣ ଏକ ବୀମିତ କାରଣ ହୋଇଥାଏ, ବୀମିତ ହାନିର ପୂରଣ କରିବା ପାଇଁ ବାଧ୍ୟ ଅଟେ, ଅନ୍ୟଥା ନୁହଁ । ସିଦ୍ଧାନ୍ତର ଏହି ପ୍ରୟୋଗ ଅଣ-ଜୀବନ ବୀମା ଦାବୀ ପ୍ରସଙ୍ଗରେ ବ୍ୟବହାରିକ ରୂପେ ଅଧିକ ଅଟେ ।

ଯେତେବେଳେ ଏକ ହାନି ଘଟେ, ଅନେକ ସମୟରେ ଏକ ଘଟଣା କ୍ରମ ରହିପାରେ ଯାହା ଘଟଣା ଆଡ଼କୁ ଗତି କରାଇଥାଏ ଏବଂ ତେଣୁ ନିକଟତମ କିମ୍ବା ଆସନ୍ନ କାରଣରୁ ନିର୍ଦ୍ଧାରିତ କରିବା ବେଳେ ବେଳେ କଠିନ ହୋଇଥାଏ । ଏହି ନିୟମ ଅନ୍ତର୍ଗତ, ବୀମାକର୍ତ୍ତା ମୁଖ୍ୟ କାରଣକୁ ଖୋଜିଥାଏ ଯାହା ଘଟଣାର ଶିକୁଳୀକୁ ଗତିଶୀଳ କରାଏ ଯାହା ଫଳରେ ହାନି ଉତ୍ପନ୍ନ ହୋଇଥିବ । ଏହା ଆବଶ୍ୟକ ରୂପେ ସର୍ବଶେଷ ଘଟଣା ହୋଇ ନ ଥାଇପାରେ ଯାହା ହାନିର ଠିକ୍ ପୂର୍ବରୁ ଘଟିଥିଲା, ଅର୍ଥାତ୍ ଏହା ଆବଶ୍ୟକରୂପେ ଏକ ଘଟଣା ନୁହେଁ ଯାହା ହାନିର ନିକଟତମ କିମ୍ବା ହାନିକୁ ଘଟାଇବାର ନିକଟସ୍ଥ କାରଣ ହୋଇଥିବ । ଉଦାହରଣସ୍ୱରୂପ, ନିଆଁ ଏକ ପାଣି ପାଇପ୍ କୁ ଫଟାଇବାର କାରଣ ହୋଇପାରେ । ପରିଣାମୀ ହାନି ପାଣିର କ୍ଷତି ହୋଇଥିବା ସତ୍ତ୍ୱେ, ନିଆଁକୁ ହିଁ ଘଟଣାର ନିକଟତମ କାରଣ ବୋଲି ଧରାଯିବ । ଅନ୍ୟାନ୍ୟ କାରଣକୁ ଦୂରସ୍ଥ କାରଣ ରୂପେ ଶ୍ରେଣୀଭୁକ୍ତ କରାଯାଇପାରେ, ଯାହା ଆସନ୍ନ (ନିକଟତମ) କାରଣଠାରୁ ଭିନ୍ନ ଅଟନ୍ତି । ଦୂରସ୍ଥ କାରଣସବୁ ଉପସ୍ଥିତ ଥାଇପାରନ୍ତି କିନ୍ତୁ ଏକ ଘଟଣାକୁ ଘଟାଇବାରେ ପ୍ରଭାବୀ ହୋଇ ନ ଥାନ୍ତି ।

## ପରିଭାଷା

**ଆସନ୍ନ (ନିକଟତମ) କାରଣ** କୁ ସକ୍ରିୟ ଏବଂ ଯୋଗ୍ୟ କାରଣ ରୂପେ ପରିଭାଷିତ କରାଯାଏ ଯାହା ଏକ ଘଟଣା ଶିକୁଳୀକୁ ଗତିଶୀଳ କରାଏ ଯାହା, ଏକ ନୂଆ ଓ ସ୍ୱତନ୍ତ୍ର ଉତ୍ସରୁ ଆରମ୍ଭ ହୋଇଥିବା ଓ ସକ୍ରିୟରୂପେ କାର୍ଯ୍ୟ କରୁଥିବା କୌଣସି ବଳର ହସ୍ତକ୍ଷେପ ବିନା, ଏକ ପରିଣାମ ଦେଇଥାଏ ।

ଆସନ୍ନ କାରଣର ସିଦ୍ଧାନ୍ତ ବୀମା ଚୁକ୍ତିମାନଙ୍କରେ କି ଭଳି ଲାଗୁ ହୁଏ? ଯେହେତୁ ବୀମା, ମୃତ୍ୟୁର କାରଣ ନିର୍ବିଶେଷରେ, ଏକ ମୃତ୍ୟୁ ଲାଭ ପ୍ରଦାନ କରିବାର ପ୍ରବନ୍ଧ ରଖିଛି, ଆସନ୍ନ କାରଣର ସିଦ୍ଧାନ୍ତ ସାଧାରଣତଃ ଲାଗୁ ହୋଇ ନ ପାରେ । ଅବଶ୍ୟ

ଅନେକ ବୀମା ଚୁକ୍ତିରେ ଏକ ଦୁର୍ଘଟଣା ବୀମା ଆଡ୍-ଅନ୍ ମଧ୍ୟ ରହିଥାଏ ଯେଉଁଠି ଦୁର୍ଘଟଣାଜନିତ ମୃତ୍ୟୁ ଘଟଣାରେ ଏକ ଅତିରିକ୍ତ ବୀମା ରାଶି ଦେୟ ହୋଇଥାଏ । ସେଭଳି ଏକ ପରିସ୍ଥିତିରେ, କାରଣକୁ ସୁନିଶ୍ଚିତ କରିବା ଆବଶ୍ୟକ ହୋଇଥାଏ ମୃତ୍ୟୁ ଏକ ଦୁର୍ଘଟଣା ଯୋଗୁଁ ହୋଇଥିଲା କି ନାହିଁ । ଆସନ୍ନ କାରଣର ସିଦ୍ଧାନ୍ତ ସେଭଳି ଦୃଷ୍ଟାନ୍ତରେ ପ୍ରଯୁଜ୍ୟ ହୋଇଥାଏ ।

ଆସନ୍ନ କାରଣର ସିଦ୍ଧାନ୍ତକୁ ବୁଝିବା ପାଇଁ, ନିମ୍ନଲିଖିତ ପରିସ୍ଥିତିକୁ ବିଚାର କରନ୍ତୁ:

**ଉଦାହରଣ**

**ପରିଦୃଶ୍ୟ 1:** ଶ୍ରୀ ଅଜୟ ତାଙ୍କ କାର୍ କୁ ଗ୍ୟାରେଜ୍ ରେ ପାର୍କ କରିଥିଲେ ଏବଂ ଦୀର୍ଘ ଛୁଟିରେ ଯାଇଥିଲେ । ଛଅ ମାସ ପରେ, ଯେତେବେଳେ ସେ ଫେରିଲେ ଏବଂ କାର୍ କୁ ଷ୍ଟାର୍ଟ କଲେ, ସେ ଦେଖିଲେ ଯେ କାର୍ ର ଏୟାର୍-କଣ୍ଡିସନିଙ୍ଗ୍ କାମ କରୁ ନାହିଁ । ଶ୍ରୀ ଅଜୟ ଏୟାର୍-କଣ୍ଡିସନିଙ୍ଗ୍ ର ମରାମତି ପାଇଁ ବୀମା କମ୍ପାନୀ ପାଖରେ ଏକ ଦାବୀ ଉପସ୍ଥାପିତ କଲେ ଏବଂ ବୀମା କମ୍ପାନୀ ଦାବୀକୁ ଅଗ୍ରାହ୍ୟ କରିଦେଲା । ବୀମା କମ୍ପାନୀ ଦେଇଥିବା କାରଣଟି ହେଲା ଯେ କ୍ଷତିଟି କାର୍ ର 'ସାଧାରଣ ୱେର୍ ଓ ଟିଅର୍' ଯୋଗୁଁ ହୋଇଥିଲା ଏବଂ ଏୟାର୍-କଣ୍ଡିସନିଙ୍ଗ୍ ସିଷ୍ଟମଟି ବୀମା କମ୍ପାନୀରେ ଏକ ଅପବର୍ଜିତ ଆପଦ ଅଟେ । ଶ୍ରୀ ଅଜୟ ଅଦାଲତକୁ ଆପ୍ରୋଚ୍ କଲେ ଏବଂ ପରୀକ୍ଷା କରିବା ପରେ ସର୍ବେକ୍ଷଣ ରିପୋର୍ଟ ଯାହା କହିଲା ଯେ କାର୍ ଟି 12 ବର୍ଷର ପୁରୁଣା ଅଟେ ଏବଂ ନା କାର୍ ନା ଏୟାର୍-କଣ୍ଡିସନିଙ୍ଗ୍ କୁ ପୂର୍ବବର୍ତ୍ତୀ 6 ବର୍ଷ ମଧ୍ୟରେ ସର୍ଭିସିଙ୍ଗ୍/ମରାମତି କରାଯାଇଛି, କ୍ଷତିଟି 'ସାଧାରଣ ୱେର୍ ଓ ଟିଅର୍' ଯୋଗୁଁ ହୋଇଛି ଏବଂ ବୀମା କମ୍ପାନୀ ଦାବୀର ରାଶି ପ୍ରଦାନ କରିବାକୁ ଦାୟୀ ନୁହେଁ ।

**ପରିଦୃଶ୍ୟ 2:** ଶ୍ରୀ ପିଣ୍ଟୋ, ଏକ ଘୋଡ଼ା ଚଢ଼ିଥିବା ସମୟରେ, ଭୂମିରେ ପଡ଼ିଗଲେ ଏବଂ ତାଙ୍କ ଗୋଡ଼ ଭାଙ୍ଗିଗଲା । ସେ ଦୀର୍ଘ ସମୟ ଧରି ଓଦା ଭୂମିରେ ପଡ଼ି ରହିଲେ ଏବଂ ତାପରେ ତାଙ୍କୁ ଡାକ୍ତରଖାନା ନିଆଗଲା । ଓଦା ଭୂମିରେ ପଡ଼ିଥିବା କାରଣରୁ, ତାଙ୍କୁ ଜ୍ୱର ହୋଇଥିଲା ଯାହା ନିମୋନିଆରେ ପରିଣତ ହେଲା, ଶେଷରେ ଏହି କାରଣରୁ ମୃତ୍ୟୁବରଣ କଲେ । ଯଦିଓ ନିମୋନିଆ ଆସନ୍ନ କାରଣ ବୋଲି ଜଣା ପଡୁଥାଇପାରେ, ବାସ୍ତବରେ ଏହା ଦୁର୍ଘଟଣାଜନିତ ପତନ ଥିଲା ଯାହା ଆସନ୍ନ କାରଣ ବୋଲି ଦେଖାଗଲା ଏବଂ ଦାବୀକୁ ବ୍ୟକ୍ତିଗତ ଦୁର୍ଘଟଣା ବୀମା ଅନ୍ତର୍ଗତ ପ୍ରଦାନ କରାଗଲା ।

କେତେକ ହାନି ଅଛନ୍ତି ଯାହା ଦ୍ୱାରା ବୀମିତ ଅଗ୍ନିକାଣ୍ଡ କାରଣରୁ ଆକ୍ରାନ୍ତ ହୁଏ କିନ୍ତୁ ଯାହାକୁ ଆସନ୍ନ ରୂପେ ଅଗ୍ନିକାଣ୍ଡ କାରଣରୁ ହୋଇଛି ବୋଲି କୁହାଯାଇପାରିବ ନାହିଁ । ଚଳଣି ଅନୁସାରେ, ଏମାନଙ୍କ ମଧ୍ୟରୁ କିଛି ହାନିକୁ ଅଗ୍ନି ବୀମା ପଲିସୀ ଅନ୍ତର୍ଗତ ବ୍ୟବସାୟ ଦ୍ୱାରା ପ୍ରଥାନୁଯାୟୀ ରାଶି ପ୍ରଦାନ କରାଯାଇଥାଏ ।

---

ସେଭଳି ହାନିସବୁ ଉଦାହରଣ ହୋଇପାରେ-

- ✓ ନିଆଁ ଲିଭାଇବା ପାଇଁ ବ୍ୟବହାର କରାଯାଇଥିବା ପାଣି କାରଣରୁ ସମ୍ପତ୍ତିକୁ ହୋଇଥିବା କ୍ଷତି
- ✓ ସେମାନଙ୍କ କର୍ତ୍ତବ୍ୟ ପାଳନରେ ଫାୟାର୍ ବ୍ରିଗେଡ୍ ଦ୍ୱାରା ସମ୍ପତ୍ତିକୁ ହୋଇଥିବା କ୍ଷତି
- ✓ ଏକ ଜଳୁଥିବା ଘରଠାରୁ ଏକ ନିରାପଦ ସ୍ଥାନକୁ ହଟାଇବା ସମୟରେ ସମ୍ପତ୍ତିକୁ ହୋଇଥିବା କ୍ଷତି

**ସ୍ୱୟଂ ପରୀକ୍ଷା କରନ୍ତୁ1**

ଶ୍ରୀ ପିଣ୍ଟୋ ଏକ ଘୋଡ଼ା ଚଢ଼ିବା ଦୁର୍ଘଟଣା ପରେ ଓଦା ଭୂମିରେ ପଡ଼ିଥିବା ଯୋଗୁଁ ନିମୋନିଆରେ ଆକ୍ରାନ୍ତ ହେଲେ । ନିମୋନିଆର ଫଳସ୍ୱରୂପ ଶ୍ରୀ ପିଣ୍ଟୋଙ୍କ ମୃତ୍ୟୁ ହୁଏ । ମୃତ୍ୟୁର ଆସନ୍ନ କାରଣ କ'ଣ ଅଟେ?

I. ନିମୋନିଆ

II. ଘୋଡ଼ା

III. ଘୋଡ଼ା ଚଢ଼ିବା ଦୁର୍ଘଟଣା

IV. ଦୁର୍ଭାଗ୍ୟ

---

## D. କ୍ଷତିପୂର୍ତ୍ତି

କ୍ଷତିପୂର୍ତ୍ତିର ସିଦ୍ଧାନ୍ତ ଅଣ-ଜୀବନ ବୀମା ପଲିସୀସବୁରେ ପ୍ରଯୁଜ୍ୟ ଅଟେ I ଏହାର ଅର୍ଥ ହେଉଛି ଯେ ପଲିସୀଧାରକ, ଯିଏ ଏକ ହାନିରେ ଆକ୍ରାନ୍ତ ହୁଏ, ହାନି ଘଟଣା ଘଟିବା ପୂର୍ବରୁ ସେ ଯେଉଁ ଆର୍ଥିକ ସ୍ଥିତିରେ ଥିଲା, ସେହି ସ୍ଥିତିରେ ତାକୁ ରଖିବା ପାଇଁ, ତାକୁ କ୍ଷତିପୂରଣ ଦିଆଯାଏ I ବୀମା ଚୁକ୍ତି ଗ୍ୟାରେଣ୍ଟି ଦିଏ ଯେ ବୀମିତକୁ ହାନିର ରାଶି ପରିଣାମ ପର୍ଯ୍ୟନ୍ତ କ୍ଷତିପୂର୍ତ୍ତି କରାଯାଇପାରେ କିମ୍ବା କ୍ଷତିପୂରଣ ଦିଆଯାଇପାରେ ଏବଂ ଅଧିକ ନୁହେଁ I

ଏହାର ଦର୍ଶନ ତତ୍ତ୍ୱ ହେଉଛି ଯେ ଜଣେ ନିଜର ସମ୍ପତ୍ତିକୁ ବୀମିତ କରି ଲାଭ ପ୍ରାପ୍ତ କରିବା ଏବଂ ହାନିଠାରୁ ଅଧିକ ପୁନଃପ୍ରାପ୍ତ କରିବା ଉଚିତ୍ ନୁହେଁ I ବୀମାକର୍ତ୍ତା ଆକ୍ରାନ୍ତ ହୋଇଥିବା ହାନିର ଆର୍ଥିକ ମୂଲ୍ୟର ଆକଳନ କରିପାରନ୍ତି ଏବଂ ତଦନୁସାରେ କ୍ଷତିପୂରଣ ଦେଇ ପାରନ୍ତି I

**ଉଦାହରଣ**

ରାମ, ଟ. 10 ଲକ୍ଷ ମୂଲ୍ୟର ତାଙ୍କ ଘରକୁ, ସଂପୂର୍ଣ୍ଣ ରାଶି ପରିମାଣ ପାଇଁ ବୀମିତ କରିଛନ୍ତି I ସେ ଏକ ଅଗ୍ନିକାଣ୍ଡ ଯୋଗୁଁ ଟ. 70,000 ର ଆକଳିତ ହାନିରେ ଆକ୍ରାନ୍ତ ହୁଅନ୍ତି I ବୀମା କମ୍ପାନୀ ତାଙ୍କୁ ଟ. 70,000 ର ରାଶି ପ୍ରଦାନ କରି ପାରିବେ I ବୀମିତ ଅଧିକ ରାଶି ଦାବୀ କରି ପାରିବେ ନାହିଁ I

ପ୍ରଦାନ କରିବାକୁ ଥିବା କ୍ଷତିପୂର୍ତ୍ତି ଜଣେ ନେଇଥିବା ବୀମାର ପ୍ରକାର ଉପରେ ନିର୍ଭର କରେ I କ୍ଷତିପୂର୍ତ୍ତି ନିମ୍ନ ପ୍ରକାରର ବନ୍ଦୋବସ୍ତ ମଧ୍ୟରୁ ଗୋଟିଏ କିମ୍ବା ଅଧିକକୁ ନେଇପାରେ:

- ✓ ନଗଦ ରାଶି ପ୍ରଦାନ
- ✓ ଏକ କ୍ଷତିଗ୍ରସ୍ତ ସାମଗ୍ରୀର ମରାମତି ପ୍ରତିସ୍ଥାପନ
- ✓ ହଜିଯାଇଥିବା କିମ୍ବା ନଷ୍ଟ ହୋଇଥିବା ସାମଗ୍ରୀର ପ୍ରତିସ୍ଥାପନ
- ✓ ପୁନଃସ୍ଥାପନ (ଉଦ୍ଧାର) I ଉ.ସ୍ୱ:. ନିଆଁ ଦ୍ୱାରା ବିଧ୍ୱସ୍ତ ଏକ ଘରର ପୁନଃ ନିର୍ମାଣ କରିବା

ଚିତ୍ର 2 : କ୍ଷତିପୂର୍ତ୍ତି




a) **ସମ୍ମତ ମୂଲ୍ୟ:** ଅବଶ୍ୟ, କିଛି ବିଷୟ ବସ୍ତୁ ଅଛି ଯାହାର ମୂଲ୍ୟକୁ ହାନି ସମୟରେ ସହଜରେ ଆକଳିତ କିମ୍ବା ସୁନିଶ୍ଚିତ କରାଯାଇପାରେ ନାହିଁ । ଉଦାହରଣ ସ୍ୱରୂପ, ପରିବାର ବଂଶାଗତ ସମ୍ପତ୍ତି କିମ୍ବା ଦୁର୍ଲଭ କଳାକୃତିଗୁଡିକର କ୍ଷେତ୍ରରେ ମୂଲ୍ୟ ରଖିବା କଠିନ ହୋଇପାରେ । ସେହି ପ୍ରକାରେ ସାମୁଦ୍ରିକ ବୀମା ପଲିସୀଗୁଡିକରେ ପୃଥିବୀ ପରିକ୍ରମାର ଅଧ ରାସ୍ତାରେ ଏକ ଜାହାଜ ଦୁର୍ଘଟଣାରେ ଆକ୍ରାନ୍ତ ହାନିର ମାତ୍ରାର ଆକଳନ କରିବା କଷ୍ଟସାଧ୍ୟ ହୋଇପାରେ ।

ସେଭଳି କ୍ଷେତ୍ରରେ, 'ସମ୍ମତ ମୂଲ୍ୟ' କୁହାଯାଉଥିବା ଏକ ସିଦ୍ଧାନ୍ତକୁ ଗ୍ରହଣ କରାଯାଏ । ବୀମା ଚୁକ୍ତିର ଆରମ୍ଭରେ, ବୀମାକର୍ତ୍ତା ଓ ବୀମିତ କରାଯାଇଥିବା ସମ୍ପତ୍ତିର ମୂଲ୍ୟ ଉପରେ ଏକମତ ହୁଅନ୍ତି । ସଂପୂର୍ଣ୍ଣ ହାନି ଘଟିବାରେ, ବୀମାକର୍ତ୍ତା ପଲିସୀର ସମ୍ମତ ରାଶିକୁ ପ୍ରଦାନ କରିବା ପାଇଁ ରାଜି ହୁଏ । ଏହି ପ୍ରକାରର ପଲିସୀକୁ "ସମ୍ମତ ମୂଲ୍ୟ ପଲିସୀ" କୁହାଯାଏ ।

b) **ଅଧୋବୀମା:** ବର୍ତ୍ତମାନ ଏକ ପରିସ୍ଥିତିକୁ ବିଚାର କରନ୍ତୁ ଯେଉଁଠି ସମ୍ପତ୍ତିକୁ ଏହାର ସଂପୂର୍ଣ୍ଣ ମୂଲ୍ୟ ପାଇଁ ବୀମିତ କରାଯାଇ ନାହିଁ । ଜଣେ ସେତେବେଳେ ତାହାର ବୀମାର ଅନୁପାତରେ କେବଳ ହାନିର କ୍ଷତିପୂର୍ତ୍ତି ପାଇଁ ଅଧିକାରୀ ହୋଇପାରେ ।

ମନେକରନ୍ତୁ ଟ. 10 ଲକ୍ଷ ମୂଲ୍ୟର ଘରଟିକୁ କେବଳ 5 ଲକ୍ଷ ରାଶି ପାଇଁ ବୀମିତ କରାଯାଇଛି । ଯଦି ଅଗ୍ନିକାଣ୍ଡ ଯୋଗୁଁ ହୋଇଥିବା ହାନି ଟ. 60,000 ହୋଇଥାଏ, ଜଣେ ଏହି ସଂପୂର୍ଣ୍ଣ ରାଶିକୁ ଦାବୀ କରିପାରିବ ନାହିଁ । ଏହା ମନେ କରାଯାଏ ଯେ ଘର ମାଲିକ କେବଳ ଏହାର ଅଧ ମୂଲ୍ୟର ରାଶି ପାଇଁ ବୀମା କରିଛି  ଏବଂ ଏ ପ୍ରକାରେ ସେ ହାନି ମୂଲ୍ୟର କେବଳ 50% [ଟ. 30, 000] ଦାବୀ କରିବାର ଅଧିକାରୀ ଅଟେ । ଏହାକୁ ଅଧୋବୀମା କୁହାଯାଏ ।

ଅଧିକାଂଶ ପ୍ରକାରର ଅଣ-ଜୀବନ ବୀମା ପଲିସୀରେ, ଯାହା ସମ୍ପତ୍ତି ଓ ଦାୟିତ୍ୱର ବୀମା ସମ୍ବନ୍ଧୀୟ ହୋଇଥାନ୍ତି, ବୀମିତକୁ ହାନିର ବାସ୍ତବ ପରିମାଣ ଅର୍ଥାତ୍, ହଜିଯାଇଥିବା କିମ୍ବା କ୍ଷତିଗ୍ରସ୍ତ ହୋଇଥିବା ସମ୍ପତ୍ତିକୁ ବର୍ତ୍ତମାନର ବଜାର ମୂଲ୍ୟ ବିଯୁକ୍ତ ମୂଲ୍ୟ ହ୍ରାସରେ ପ୍ରତିସ୍ଥାପିତ କରିବାପାଇଁ ଆବଶ୍ୟକ ରାଶି ପରିମାଣ ପର୍ଯ୍ୟନ୍ତ କ୍ଷତିପୂରଣ ଦିଆଯାଇଥାଏ।

## E. ପ୍ରତ୍ୟାସନ/ପ୍ରସ୍ଥାପନ

ପ୍ରତ୍ୟାସନ (ପ୍ରସ୍ଥାପନ)ର ଅର୍ଥ ହେଉଛି ବୀମିତଠାରୁ ବୀମାକର୍ତ୍ତା ପାଖକୁ ବୀମାର ବିଷୟ ବସ୍ତୁ ସମ୍ବନ୍ଧୀୟ ସମସ୍ତ ଅଧିକାର ଓ ଉପଚାରର ସ୍ଥାନାନ୍ତରଣ । ପ୍ରତ୍ୟାସନ କ୍ଷତିପୂର୍ତ୍ତିର ସିଦ୍ଧାନ୍ତର ଅନୁଗମନ କରେ । ତେଣୁକରି, ଏହାକୁ ଅନେକ ସମୟରେ କ୍ଷତିପୂର୍ତ୍ତିର 'ଉପପ୍ରମେୟ (ସ୍ୱାଭାବିକ ପରିଣାମ)' ବୋଲି କୁହାଯାଏ ।

ଅନ୍ୟ ଶବ୍ଦରେ, ବୀମିତ ଏକ ହାନିରେ ଆକ୍ରାନ୍ତ ହୁଏ ଏବଂ ବୀମାକର୍ତ୍ତା ଦ୍ୱାରା ହାନିର କ୍ଷତିପୂର୍ତ୍ତି କରାଯାଇଛି, ସେହି ହାନି ପାଇଁ କୌଣସି ତୃତୀୟ ପକ୍ଷ ଦ୍ୱାରା କ୍ଷତିପୂରଣ ପାଇବାର ବୀମିତର ଅଧିକାର, ବୀମିତ ପାଖକୁ ସ୍ଥାନାନ୍ତରିତ ହୋଇଯାଇପାରେ । ଧ୍ୟାନ ଦିଅନ୍ତୁ ଯେ କ୍ଷତିର ପରିମାଣ ଯାହାକୁ ବୀମା କମ୍ପାନୀ ଦ୍ୱାରା ସଂଗ୍ରହ କରାଯାଇପାରିବ, ତାହା କେବଳ ବୀମା କମ୍ପାନୀଦ୍ୱାରା ପ୍ରଦାନ କରାଯାଇଥିବା ରାଶି ପରିମାଣ ପର୍ଯ୍ୟନ୍ତ ହୋଇଥାଏ ।

**ମହତ୍ତ୍ୱପୂର୍ଣ୍ଣ**

**ପ୍ରତ୍ୟାସନ**:ଏହା ହେଉଛି ସେହି ପ୍ରକ୍ରିୟା ଯାହାକୁ ବୀମା କମ୍ପାନୀ ଏକ ପଲିସୀ ଧାରକକୁ ପ୍ରଦାନ କରାଯାଇଥିବା ଦାବୀ ରାଶି ପରିମାଣକୁ ଏକ ଉପେକ୍ଷାକାରୀ ତୃତୀୟ ପକ୍ଷଠାରୁ ପୁନଃପ୍ରାପ୍ତି କରିବା ପାଇଁ ଉପଯୋଗ କରେ ।

ପ୍ରତ୍ୟାସନକୁ ଏକ ବୀମା କମ୍ପାନୀ ଯିଏ ତୃତୀୟ ପକ୍ଷ ବିଷୟରେ ଏକ ଦାବୀରାଶିକୁ ପ୍ରଦାନ କରିଛି, ତାହାକୁ ବୀମିତ ଦ୍ୱାରା ଅଧିକାରର ସମର୍ପଣ ରୂପେ ମଧ୍ୟ ପରିଭାଷିତ କରାଯାଇପାରେ ।

**ଉଦାହରଣ**

ଶ୍ରୀ କିଶୋରଙ୍କ ଗୃହସ୍ଥି ଜିନିଷପତ୍ରକୁ ସି-ଲ୍ଭାଇନ୍ ଟ୍ରାନ୍ସପୋର୍ଟ ସର୍ଭିସରେ ନିଆ ହେଉଥିଲା । ଡ୍ରାଇଭର୍ ର ଅବହେଳା ଯୋଗୁଁ, ଟ. 45,000 ପର୍ଯ୍ୟନ୍ତ ସେସବୁର କ୍ଷତି ହେଲା ଏବଂ ବୀମାକର୍ତ୍ତା କ୍ଷତିପୂରଣ ରୂପେ ଶ୍ରୀ କିଶୋରଙ୍କୁ ଟ. 30,000 ପ୍ରଦାନ କଲେ । ବୀମାକର୍ତ୍ତା କେବଳ ଟ.30,000 ପର୍ଯ୍ୟନ୍ତ ପ୍ରତ୍ୟାସିତ ହୋଇଛନ୍ତି ବୋଲି ଧରାଯିବ ଏବଂ ସେହି ରାଶିକୁ ସି-ଲ୍ଭାଇନ୍ ଟ୍ରାସପୋର୍ଟଠାରୁ ସଂଗ୍ରହ କରନ୍ତି ।

ଯଦି ମାମଲାଟି ବିବାଦ ଭିତରକୁ ଗଲା ଏବଂ ଅଦାଲତ ସି-ଲ୍ଭାଇନ୍ ଟ୍ରାନ୍ସପୋର୍ଟକୁ କ୍ଷତିପୂରଣ ରୂପେ ଶ୍ରୀ କିଶୋରଙ୍କୁ ଟ 35,000 ନିର୍ଦ୍ଦେଶ ଦେଲେ, ପ୍ରତ୍ୟାସନ ଧାରା ଅନ୍ତର୍ଗତ ସେ ବୀମାକର୍ତ୍ତାଙ୍କୁ ଟ. 30,000ର ଦାବୀ ରାଶିକୁ ଦେବା ପାଇଁ ଏବଂ ଟ 5,000 ର ଅବଶିଷ୍ଟ ରାଶିକୁ ନିଜେ ରଖିବା ପାଇଁ ଦାୟୀ ଅଟେ ।

ପ୍ରତ୍ୟାସନ ଧାରା ବୀମା କମ୍ପାନୀ ଏବଂ କୌଣସି ତୃତୀୟ ପକ୍ଷ ଠାରୁ ହାନିଠାରୁ ଅଧିକ ରାଶି ନେବା ପାଇଁ ବୀମିତକୁ ନିବାରଣ କରେ । ପ୍ରତ୍ୟାସନ କେବଳ କ୍ଷତିପୂର୍ତ୍ତିର ଚୁକ୍ତି କ୍ଷେତ୍ର ହିଁ ଉତ୍ପନ୍ନ ହୁଏ ଏବଂ ଜୀବନ ବୀମା ପଲିସୀ କିମ୍ବା ବ୍ୟକ୍ତିଗତ ଦୁର୍ଘଟଣା ପଲିସୀ ଭଳି ଲାଭ ପଲିସୀ ବିପକ୍ଷରେ ନୁହେଁ ।

**ଉଦାହରଣ**

ଶ୍ରୀ ସୁରେଶ ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରନ୍ତି । ତାଙ୍କ ପରିବାର ବୀମାକର୍ତ୍ତା ଯିଏ ବ୍ୟକ୍ତିଗତ ଦୁର୍ଘଟଣା ପଲିସୀ ଜାରୀ କରିଥିବ, ତା'ଠୁ ଟ 50 ଲକ୍ଷର ସଂପୂର୍ଣ୍ଣ ବୀମାରାଶି ସହିତ ଏୟାରଲାଇନ୍ ଦ୍ୱାରା ପ୍ରଦାନ କରାଯାଉଥିବା କ୍ଷତିପୂରଣ, ଧରନ୍ତୁ, ଟ 15 ଲକ୍ଷ ପାଇବା ପାଇଁ ଅଧିକାରୀ ଅଟେ ।

---

**F. ଅଂଶଦାନ**:

ପ୍ରତ୍ୟାସନ ଭଳି, 'ଅଂଶଦାନ' ମଧ୍ୟ କ୍ଷତିପୂର୍ତ୍ତିର ସିଦ୍ଧାନ୍ତର ଅନୁଗମନ କରେ । ତେଣୁ, ଏହାକୁ ବି କ୍ଷତିପୂର୍ତ୍ତିର 'ଉପପ୍ରମେୟ' କୁହାଯାଏ । ଅଂଶଦାନ ହେଉଛି ଏକ ସିଦ୍ଧାନ୍ତ ଯାହା ସାଧାରଣ ବୀମା ଚୁକ୍ତିରେ ଉତ୍ପନ୍ନ ହୋଇଥାଏ । ଏହା ଆମକୁ କୁହେ ଯେ ଯେତେବେଳେ ବୀମିତ ଏକାଧିକ ବୀମାକର୍ତ୍ତାଠାରୁ ବୀମା ନେଇଛି, ଦାୟିତ୍ୱକୁ କେମିତି ପୂରଣ କରିବାକୁ ପଡ଼ିବ । ଅଂଶଦାନର ନିହିତାର୍ଥ ହେଉଛି ଯେ ଯଦି ସେହି ଗୋଟିଏ ସମ୍ପତ୍ତି ଏକାଧିକ ବୀମା କମ୍ପାନୀ ସହିତ ବୀମିତ କରାଯାଏ, ସମସ୍ତ ବୀମାକର୍ତ୍ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷତିପୂରଣ ଏକତ୍ରିତ ରୂପେ ଆକ୍ରାନ୍ତ ହୋଇଥିବା ବାସ୍ତବ ହାନିଠାରୁ ଅଧିକ

ହୋଇପାରିବ ନାହିଁ । ପଲିସୀଧାରକ ପ୍ରତ୍ୟେକ ବୀମାକର୍ତ୍ତାଠାରୁ ତା’ ସହିତ ବୀମିତ ହୋଇଥିବା ରାଶିର ସମାନୁପାତରେ ହାନିର କେବଳ ଏକ ଅଂଶ ହିଁ ଦାବୀ କରିପାରେ ।

ଉଦାହରଣ: ଯଦି ଶ୍ରୀ ଶ୍ରୀନିବାସ ତାଙ୍କ ଘର ଉପରେ ଦୁଇ ବୀମା କମ୍ପାନୀଠାରୁ ଏକ ଅଗ୍ନି ପଲିସୀ ନେଇଛନ୍ତି, ଯେଉଁ ଉଭୟଙ୍କ ସହିତ ସେ ଟ. 12 ଲକ୍ଷର ସଂପୂର୍ଣ୍ଣ ମୂଲ୍ୟ ପାଇଁ ବୀମା କରିଛନ୍ତି । ମନେକରନ୍ତୁ  ଏକ ଅଗ୍ନିକାଣ୍ଡ ହୁଏ ଏବଂ ତା’ ଫଳରେ ସେ ଟ 3 ଲକ୍ଷର ହାନିରେ ଆକ୍ରାନ୍ତ ହୁଅନ୍ତି, ସେ ପ୍ରତ୍ୟେକ ବୀମାକର୍ତ୍ତାଠାରୁ ଟ. 1.5 ଲକ୍ଷର ରାଶି ଦାବୀ କରି ପାରନ୍ତି ।

ଅଂଶଦାନର ସିଦ୍ଧାନ୍ତ କେବଳ କ୍ଷତିପୂର୍ତ୍ତି ପଲିସୀଗୁଡିକରେ ଲାଗୁ ହୋଇଥାଏ । ଏହା ଜୀବନ ବୀମା କ୍ଷେତ୍ରରେ ଉପୁନ୍ନ ହୁଏ ନାହିଁ, କାରଣ ଯେତେବେଳେ ଜୀବନ ହାନି ହୁଏ ଆକ୍ରାନ୍ତ ହୋଇଥିବା ହାନି ଉପରେ ପ୍ରତିସ୍ଥାପିତ କରିବା ପାଇଁ କୌଣସି ଉଚ୍ଚତର ସୀମା ନ ଥାଏ ।

---

**ସ୍ୱୟଂ ପରୀକ୍ଷା କରନ୍ତୁ 2**

ନିମ୍ନ ମଧ୍ୟରେ କେଉଁଟି ଉତପୀଡ଼ନର ଉଦାହରଣ ଅଟେ ?

I. ରମେଶ ପାଖରେ ଫାଇନ୍ ପ୍ରିଣ୍ଟର ଜ୍ଞାନ ନ ଥାଇ ସେ ଏକ ଚୁକ୍ତିରେ ହସ୍ତାକ୍ଷର କରେ
II. ରମେଶ ମହେଶକୁ ମାରିବା ପାଇଁ ଭୟ ଦେଖାଏ ଯଦି ସେ ଚୁକ୍ତିର ହସ୍ତାକ୍ଷର ନ କରେ
III. ଏକ ଚୁକ୍ତିରେ ମହେଶର ହସ୍ତାକ୍ଷର କରାଇବାକୁ ରମେଶ ତାର ବ୍ୟବସାୟିକ ଉପାୟର ଉପଯୋଗ କରେ
IV. ଏକ ଚୁକ୍ତିରେ ମହେଶର ହସ୍ତାକ୍ଷର କରାଇବାକୁ ରମେଶ ମିଥ୍ୟା ସୂଚନା ପ୍ରଦାନ କରେ

**ସ୍ୱୟଂ ପରୀକ୍ଷା କରନ୍ତୁ 3**

ନିମ୍ନ ବକଳ୍ପକଗୁଡିକ ମଧ୍ୟରୁ କାହାକୁ ରମେଶ ବୀମିତ କରିପାରିବ ନାହିଁ  ?

I. ରମେଶର ଘର

II. ରମେଶର ପତ୍ନୀ

III. ରମେଶର ବନ୍ଧୁ

IV. ରମେଶର ପିତାମାତା

**ସ୍ୱୟଂ ପରୀକ୍ଷା କରନ୍ତୁ  4**

ଅଂଶଦାନର ସିଦ୍ଧାନ୍ତର ମହତ୍ୱ କ’ଣ ଅଟେ ?

I. ଏହା ସୁନିଶ୍ଚିତ କରେ ଯେ ବୀମିତ ମଧ୍ୟ ବୀମାକର୍ତ୍ତା ସହିତ ଦାବୀର କିଛି ଏକ ନିର୍ଦ୍ଦିଷ୍ଟ ଭାଗ ଅଂଶଦାନ କରେ

II. ଏହା ସୁନିଶ୍ଚିତ କରେ ଯେ ସମସ୍ତ ବୀମିତ ଯେଉଁମାନେ ସମୁଚ୍ଚୟର ଅଂଶ ଅଟନ୍ତି ,ସମୁଚ୍ଚୟର ଏକ ସହଭାଗୀ ଦ୍ୱାରା କରାଯାଇଥିବା ଦାବୀ ପାଇଁ ,ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରିମିୟମର ସମାନୁପାତରେ ଅଂଶଦାନ କରନ୍ତି

III. ଏହା ସୁନିଶ୍ଚିତ କରେ ଯେ ସେହି ସମାନ ବିଷୟ ବସ୍ତୁକୁ ସୁରକ୍ଷା ପ୍ରଦାନ କରୁଥିବା ଅନେକ ସଂଖ୍ୟକ ବୀମାକର୍ତ୍ତା; ଏକତ୍ରିତ ହୁଅନ୍ତି ଏବଂ ବିଷୟବସ୍ତୁ ସହିତ ସେମାନେ ସମ୍ମୁଖୀନ ହେଉଥିବା ସମାନୁପାତରେ ଦାବୀ ରାଶି ପାଇଁ ଅଂଶଦାନ କରନ୍ତି

IV. ଏହା ସୁନିଶ୍ଚିତ କରେ ଯେ ବୀମିତଦ୍ୱାରା ପ୍ରିମିୟମ ପାଇଁ ବର୍ଷସାରା ସମାନ କିସ୍ତିରେ ଅଂଶଦାନ କରାଯାଏ ।

## ସାରାଂଶ

- ବୀମା ପଲିସୀମାନଙ୍କ ବିଶିଷ୍ଟ ଲକ୍ଷଣରେ ଅନ୍ତର୍ଭୁକ୍ତ ହୁଅନ୍ତି :

  i. ୟୁବେରିମା ଫାଇଡ୍ସ,

  ii. ବୀମାଯୋଗ୍ୟ ହିତ,

  iii. ଆସନ୍ନ) ନିକଟସ୍ଥ (କାରଣ,

  iv. କ୍ଷତିପୂର୍ତ୍ତି

  v. ପ୍ରତ୍ୟାସନ) ପ୍ରସ୍ଥାପନ(

  vi. ଅଂଶଦାନ

## ମୂଖ୍ୟ ପଦାବଳୀ

1. ଅଣ-ପ୍ରକଟୀକରଣ
2. ମିଥ୍ୟା ଉପସ୍ଥାପନା) ଭୁଲ ପ୍ରତିପାଦନ(
3. ଆବଶ୍ୟକୀୟ) ମହତ୍ୱପୂର୍ଣ୍ଣ (ତଥ୍ୟ
4. ସମ୍ମତ ମୂଲ୍ୟ
5. ଅଧୋ ବୀମା

## ସ୍ୱୟଂ ପରୀକ୍ଷା କରନ୍ତୁର ଉତ୍ତର

ଉତ୍ତର1 - ସଠିକ୍ ବିକଳ୍ପ ହେଉଛି III

ଉତ୍ତର2 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର3 - ସଠିକ୍ ବିକଳ୍ପ ହେଉଛି III

ଉତ୍ତର4 - ସଠିକ୍ ବିକଳ୍ପ ହେଉଛି III

# ଅଧ୍ୟାୟ C-04

# ବୀମା ଚୁକ୍ତିମାନଙ୍କ ବିଶେଷତା

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟରେ, ଆମେ ସେହିସବୁ ମୂଳ ତତ୍ତ୍ୱ ଉପରେ ଆଲୋଚନା କରିବା ଯାହା ଏକ ବୀମା ଚୁକ୍ତିର କାର୍ଯ୍ୟଚାଳନ ଏବଂ ବିଶିଷ୍ଟ ବିଶେଷତାଗୁଡିକୁ ସଂଚାଳିତ କରନ୍ତି ।

**ଅଧ୍ୟୟନ ପରିଣାମ**

A. ବୀମା ଚୁକ୍ତିର ବୈଧିକ ଦିଗ

B. ଏକ ବୈଧ ଚୁକ୍ତିର ମୂଳ ତତ୍ତ୍ୱ

C. ଅଗ୍ରୀମ ରୂପେ ପ୍ରିମିୟମ ପ୍ରଦାନ

D. ଯାଚନା

E. ଅନୁଗ୍ରହ ସମୟାବଧି ଏବଂ ମୁକ୍ତ-ଅବଲୋକନ ଭଳି ପ୍ରାବଧାନସବୁକୁ ସକ୍ଷମ କରିବା

## A. ବୀମା ଚୁକ୍ତି-ବୈଧିକ ଦିଗ ଏବଂ ବିଶିଷ୍ଟ ବିଶେଷତା

ଏହି ଅଧ୍ୟାୟରେ ଏକ ବୀମା ଚୁକ୍ତିର ବୈଧିକ ଦିଗ ଏବଂ ବିଶିଷ୍ଟ ବିଶେଷତା/ ଲକ୍ଷଣ ବିଷୟରେ ମଧ୍ୟ ଆଲୋଚନା କରାଯାଇଛି ।

### 1. ବୀମା ଚୁକ୍ତି

ବୀମା ଏକ ଚୁକ୍ତିମୂଳକ ରାଜିନାମାରେ ସଂପୃକ୍ତ ହୁଏ ଯେଉଁଥିରେ ବୀମାକର୍ତ୍ତା କେତେକ ବିନିର୍ଦ୍ଦିଷ୍ଟ ସଙ୍କଟ ବିରୁଦ୍ଧରେ ପ୍ରିମିୟମ ରୂପେ ପରିଚିତ ଏକ ମୂଲ୍ୟ କିମ୍ବା ପ୍ରତିଫଳ ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ସମ୍ମତ ହୁଏ । ଚୁକ୍ତିମୂଳକ ରାଜିନାମାଟି ଏକ ବୀମା ପଲିସୀର ରୂପ ନେଇଥାଏ ।

### 2. ଏକ ବୀମା ଚୁକ୍ତିର ବୈଧିକ ଦିଗ

ଏହି ଅନୁଭାଗ ଏକ ବୀମା ଚୁକ୍ତିର କେତେକ ବିଶେଷତାକୁ ଦର୍ଶାଏ ଏବଂ ବୈଧିକ ସିଦ୍ଧାନ୍ତଗୁଡିକୁ ବିଚାରକୁ ନିଏ ଯାହା ସାଧାରଣ ରୂପେ ବୀମା ଚୁକ୍ତିଗୁଡିକୁ ସଂଚାଳିତ/ନିୟନ୍ତ୍ରିତ କରନ୍ତି ।

**ମହତ୍ୱପୂର୍ଣ୍ଣ**

ଏକ ଚୁକ୍ତି ହେଉଛି ପକ୍ଷମାନଙ୍କ ମଧ୍ୟରେ ଏକ ରାଜିନାମା ଅଟେ, ଯାହା ଆଇନ ଅନୁସାରେ ପ୍ରବର୍ତ୍ତନୀୟ ଅଟେ । ଭାରତୀୟ ଚୁକ୍ତି ଅଧିନିୟମ, 1872 ର ପ୍ରାବଧାନସବୁ ବୀମା ଚୁକ୍ତି ସମେତ ଭାରତର ସମସ୍ତ ଚୁକ୍ତିକୁ ସଂଚାଳିତ କରନ୍ତି ।

ଏକ ବୀମା ପଲିସୀ ହେଉଛି ଦୁଇ ପକ୍ଷ ଯଥା:- ବୀମାକର୍ତ୍ତା କୁହାଯାଇଥିବା କମ୍ପାନୀ, ଏବଂ ବୀମିତ କୁହାଯାଉଥିବା ପଲିସୀଧାରକ ମଧ୍ୟରେ ପ୍ରବେଶ କରିଥିବା ଏକ ଚୁକ୍ତି ଏବଂ ଭାରତୀୟ ଚୁକ୍ତି ଅଧିନିୟମ, 1872 ରେ ପ୍ରତିଷ୍ଠାପିତ ଆବଶ୍ୟକତାଗୁଡିକୁ ପୂରଣ କରେ ।

**ଚିତ୍ର 1 : ବୀମା ଚୁକ୍ତି**



## B. ଏକ ବୈଧ ଚୁକ୍ତିର ମୂଳତତ୍ତ୍ୱ

ଚିତ୍ର 2: ଏକ ବୈଧ ଚୁକ୍ତିର ମୂଳତତ୍ତ୍ୱ




### 1. ପ୍ରସ୍ତାବ ଏବଂ ସ୍ୱୀକୃତି

ଯେତେବେଳେ ଜଣେ ବ୍ୟକ୍ତି ସେଭଳି କାର୍ଯ୍ୟ ପାଇଁ ଅନ୍ୟର ସମ୍ମତି ପ୍ରାପ୍ତ କରିବା ଉଦ୍ଦେଶ୍ୟରେ କୌଣସି ଜିନିଷ କରିବା ପାଇଁ କିମ୍ବା କରିବାକୁ ଛାଡିବା ପାଇଁ ଅନ୍ୟବ୍ୟକ୍ତିକୁ ତାର ଇଚ୍ଛା ସୂଚୀତ କରେ, ସେ ଏକ ଅର୍ପଣ କିମ୍ବା ପ୍ରସ୍ତାବ ପ୍ରସ୍ତୁତ କରିଛି ବୋଲି କୁହାଯାଏ । ସାଧାରଣତଃ, ପ୍ରସ୍ତାବଟି ପ୍ରସ୍ତାବକ ଦ୍ୱାରା କରାଯାଇଥାଏ ଏବଂ ସ୍ୱୀକୃତି ବୀମାକର୍ତ୍ତାଦ୍ୱାରା କରାଯାଇଥାଏ ।

ଯେତେବେଳେ ଏକ ବ୍ୟକ୍ତି ଯାହାକୁ ପ୍ରସ୍ତାବଟି କରାଯାଇଥାଏ, ସେଥିପାଇଁ ତାର ସମ୍ମତି ସୂଚୀତ କରେ, ଏହାକୁ ଏକ ସ୍ୱୀକୃତି ବୋଲି ଧରିନିଆଯାଏ । ତେଣୁ, ଯେତେବେଳେ ଏକ ପ୍ରସ୍ତାବକୁ ସ୍ୱୀକାର କରାଯାଏ, ଏହା ଏକ ପ୍ରତିଶୃତି ହୋଇଥାଏ । ସ୍ୱୀକୃତିକୁ ପ୍ରସ୍ତାବକକୁ ସୂଚୀତ କରିବା ଆବଶ୍ୟକ ଯାହାର ପରିଣାମ ଏକ ଚୁକ୍ତିର ରଚନା ହୋଇଥାଏ ।

ଯେତେବେଳେ ଏକ ପ୍ରସ୍ତାବକ ବୀମା ଯୋଜନାର ସର୍ତ୍ତାବଳୀକୁ ସ୍ୱୀକାର କରେ ଏବଂ ଜମା ରାଶି ଯାହା, ପ୍ରସ୍ତାବର ସ୍ୱୀକୃତି ପରେ, ପ୍ରଥମ ପ୍ରିମିୟମରେ ପରିବର୍ତ୍ତିତ ହୋଇଯାଏ, ତାକୁ ପ୍ରଦାନ କରି ତାର ସମ୍ମତି ସୂଚୀତ କରେ, ପ୍ରସ୍ତାବଟି ଏକ ପଲିସୀ ହୋଇଯାଏ । ଯଦି କୌଣସି ସର୍ତ୍ତ ରଖାଯାଏ, ଏହା ଏକ ବିରୋଧ ପ୍ରସ୍ତାବ ହୋଇଯାଏ । ପଲିସୀ ବଣ୍ଡ ଚୁକ୍ତିର ପ୍ରମାଣ ହୋଇଯାଏ ।

### 2. ପ୍ରତିଫଳ

ଏହାର ଅର୍ଥ ହେଉଛି ଯେ ଚୁକ୍ତିରେ ନିଶ୍ଚିତ ରୂପେ ପକ୍ଷମାନଙ୍କ ପାଇଁ କିଛି ପାରସ୍ପରିକ ଲାଭ ଅନ୍ତର୍ଭୁକ୍ତ ହୋଇଥିବା ଉଚିତ୍ । ପ୍ରିମିୟମ ହେଉଛି ବୀମିତଠାରୁ ପ୍ରତିଫଳ ଅଟେ, ଏବଂ କ୍ଷତିପୂର୍ତ୍ତି ଦେବା ପାଇଁ ପ୍ରତିଶୃତି ବୀମାକର୍ତ୍ତାମାନଙ୍କଠାରୁ ପ୍ରତିଫଳ ଅଟେ ।

### 3. ପକ୍ଷମାନଙ୍କ ମଧ୍ୟରେ ରାଜିନାମା (କନ୍ସେନ୍ସସ୍ ଏଡ୍-ଆଇଡେମ୍)

ଉଭୟ ପକ୍ଷ, ବୀମାକର୍ତ୍ତା ଏବଂ ପଲିସୀଧାରକ, ସେହି ଏକା ଅର୍ଥରେ, ସେହି ଏକା ଜିନିଷ ପାଇଁ ରାଜି ହେବା ଉଚିତ୍ । ଅନ୍ୟ ଶବ୍ଦରେ, ଉଭୟ ପକ୍ଷ ମଧ୍ୟରେ "**କନ୍ସେନ୍ସସ୍ ଏଡ୍-ଆଇଡେମ୍**" ଥିବା ଉଚିତ୍ ।

### 4. ମୁକ୍ତ ସମ୍ମତି

ଏକ ଚୁକ୍ତି ଭିତରକୁ ପ୍ରବେଶ କରିବା ସମୟରେ ମୁକ୍ତ ସମ୍ମତି ଥିବା ଉଚିତ୍ । ସମ୍ମତିକୁ ମୁକ୍ତ ବୋଲି କୁହାଯାଏ ଯେତେବେଳେ ଏହା ନିମ୍ନଲିଖିତ କାରଣରୁ ହୋଇ ନ ଥାଏ

- ✓ ଉତ୍ପୀଡନ (ଜବରଦସ୍ତି)/ବଳ ପ୍ରୟୋଗ
- ✓ ଅନୁଚିତ ପ୍ରଭାବ
- ✓ କପଟ
- ✓ ମିଥ୍ୟା ପ୍ରତିପାଦନ (ଭୁଲ ପ୍ରତିପାଦନ)
- ✓ ଭୁଲ

ଯେତେବେଳେ ଏକ ରାଜିନାମା ପାଇଁ ସମ୍ମତି ଉତ୍ପୀଡନ, କପଟ କିମ୍ବା ମିଥ୍ୟା ଉପସ୍ଥାପନା କାରଣରୁ ହୋଇଥାଏ, ରାଜିନାମାଟି ନିରର୍ଥକ ହୋଇଯାଏ ।

### 5. ପକ୍ଷମାନଙ୍କ କ୍ଷମତା

ଚୁକ୍ତିର ଉଭୟ ପକ୍ଷ ଚୁକ୍ତିରେ କରିବା ପାଇଁ ନିଶ୍ଚିତ ରୂପେ ବୈଧିକ ରୂପେ ଯୋଗ୍ୟ ହେବା ଉଚିତ୍ । ପ୍ରସ୍ତାବରେ ହସ୍ତାକ୍ଷର କରିବା ସମୟରେ ପଲିସୀଧାରକ ନିଶ୍ଚିତ ରୂପେ ବୈଧିକ ରୂପେ ସାବାଳିକ ହେବା ଉଚିତ୍ ଏବଂ ସ୍ୱଚ୍ଛ ମସ୍ତିଷ୍କର ଓ ଆଇନ ଅନ୍ତର୍ଗତ ଅଯୋଗ୍ୟ ହେବା ଉଚିତ୍ ନୁହେଁ । ଉଦାହରଣ ସ୍ୱରୂପ, ନାବାଳିକମାନେ ବୀମା ଚୁକ୍ତିରେ ପ୍ରବେଶ କରି ପାରିବେ ନାହିଁ ।

### 6. ବୈଧତା

ଚୁକ୍ତିର ବିଷୟବସ୍ତୁ ନିଶ୍ଚିତ ରୂପେ ବୈଧ ହେବା ଉଚିତ୍, ଉଦାହରଣ ସ୍ୱରୂପ, କୌଣସି ବୀମା ଅବୈଧ କାର୍ଯ୍ୟ ପାଇଁ ହୋଇ ନ ପାରେ, ପ୍ରତ୍ୟେକ ଚୁକ୍ତି ଯାହାର ବିଷୟବସ୍ତୁ କିମ୍ବା ପ୍ରତିଫଳ ବେଆଇନ ଅଟେ, ତାହା ନିରର୍ଥକ ହୋଇଯାଏ । ଏକ ବୀମା ଚୁକ୍ତିର ବିଷୟବସ୍ତୁ ଏକ ଆଇନଗତ ବିଷୟବସ୍ତୁ ହୋଇଥାଏ ।

ଆହୁରି ମଧ୍ୟ ଏକ ବୀମା ଚୁକ୍ତିରେ ଜଣେ ପ୍ରବେଶ କରିବା କୌଣସି ପ୍ରକାରର ବଳ, ଭୟ କିମ୍ବା ଭୁଲ ବିନା ତାର ମୁକ୍ତ ଇଚ୍ଛାରେ ହେବା ଉଚିତ୍ ।

## C. ଅଗ୍ରୀମ ରୂପେ ପ୍ରିମିୟମ ପ୍ରଦାନ

ଭାରତୀୟ ଆଇନ ଅନୁସାରେ, ବୀମାକର୍ତ୍ତାମାନଙ୍କୁ ସଙ୍କଟର ପୂର୍ବଧାରଣା କରିବାର ଅନୁମତି ନାହିଁ ଯେ ପର୍ଯ୍ୟନ୍ତ ସେମାନେ ଅଗ୍ରୀମ ରୂପେ ପ୍ରିମିୟମ ପ୍ରାପ୍ତ କରି ନ ଥାନ୍ତି । ଅନ୍ୟ ଶବ୍ଦରେ, ଭାରତରେ ବୀମା ସୁରକ୍ଷାକୁ କ୍ରେଡିଟ୍ ଆଧାରରେ ବିକ୍ରି କରାଯାଇପାରିବ ନାହିଁ ।

ବୀମା ଅଧିନିୟମ 1938 ର ଧାରା 64VB ଉଲ୍ଲେଖ କରେ, “କୌଣସି ସଙ୍କଟର ପୂର୍ବଧାରଣା କରାଯିବ ନାହିଁ ଯେ ପର୍ଯ୍ୟନ୍ତ ଅଗ୍ରୀମରୂପେ ପ୍ରିମିୟମର ପ୍ରାପ୍ତି ହୋଇନାହିଁ” । କୌଣସି ବୀମାକର୍ତ୍ତା କୌଣସି ସଙ୍କଟକୁ ପୂର୍ବରୁ ଗ୍ରହଣ କରିବ ନାହିଁ ଯଦି ଓ ଯେପର୍ଯ୍ୟନ୍ତ ଅଗ୍ରୀମରେ ପ୍ରିମିୟମର ପ୍ରାପ୍ତି ହୋଇ ନାହିଁ କିମ୍ବା ପ୍ରଦାନ କରିବାର ଗ୍ୟାରେଣ୍ଟି ଦିଆଯାଇନାହିଁ କିମ୍ବା ନିର୍ଦ୍ଧାରିତ ପ୍ରକାରେ ଅଗ୍ରୀମରେ ଜମା କରାଯାଇନାହିଁ । ଏହା ଭାରତୀୟ ବୀମା ଉଦ୍ୟୋଗର ଏକ ମହତ୍ତ୍ୱପୂର୍ଣ୍ଣ ବିଶେଷତା ଅଟେ ।

ବୀମା ନିୟମାବଳୀ, 1939, କେତେକ ନିର୍ଦ୍ଦିଷ୍ଟ ପ୍ରକାରର ବୀମା ପ୍ରସଙ୍ଗରେ, ପ୍ରିମିୟମର ଅଗ୍ରୀମ ଦେୟର ଏହି ସର୍ତ୍ତରେ କିଛି ବ୍ୟତିକ୍ରମର ପ୍ରାବଧାନ ରଖିଛି । ବୀମା ନିୟମାବଳୀର ଧାରା 59 ରୋଗ ବୀମା, ସମୂହ ବ୍ୟକ୍ତିଗତ ଦୁର୍ଘଟଣା ବୀମା,

ଚିକିତ୍ସା ଲାଭ ବୀମା ଏବଂ ହସ୍ପିଟାଲାଇଜେଶନ୍ ବୀମା ଯୋଜନାଗୁଡିକ ପରିପ୍ରେକ୍ଷୀରେ, କିଛି ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଅନ୍ତର୍ଗତ, କିସ୍ତିରେ ପ୍ରିମିୟମଗୁଡିକୁ ଗ୍ରହଣ କରିବାପାଇଁ ସ୍ୱୀକୃତି ଦେଇଛନ୍ତି । ବୀମା ନିୟମାବଳୀର ଧାରା 59 ସରକାରୀ ଓ ଅର୍ଦ୍ଧ-ସରକାରୀ ସଂସ୍ଥାମାନଙ୍କୁ ଜାରୀ କରାଯାଇଥିବା ପଲିସୀ, ସରକାରୀ ଓ ଅର୍ଦ୍ଧ-ସରକାରୀ କର୍ମଚାରୀମାନଙ୍କୁ ସୁରକ୍ଷା ଦେଉଥିବା ନିଷ୍ଠା ଗ୍ୟାରେଣ୍ଟି ବୀମା ପଲିସୀ, କର୍ମକାର କ୍ଷତିପୂରଣ ପଲିସୀ, ପାରବହନରେ ନଗଦ (କ୍ୟାଶ୍ ଇନ୍ ଟ୍ରାନଜିଟ୍) ପଲିସୀ ଏବଂ କେତେକ ଅନ୍ୟ ବର୍ଗର ପଲିସୀମାନଙ୍କ ପାଇଁ, କିଛି ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଅନ୍ତର୍ଗତ, କିଛି ଛୁଟ(ରିହାତି) ର ସ୍ୱୀକୃତି ଦେଇଛି ।

**ଯାଚନା**

ବୀମାକୁ ସର୍ବଦା କିଛି ଜିନିଷ ଯାହାକୁ ଉତ୍ପାଦକୁ ଯଥାର୍ଥରୂପେ ବୁଝିବାପରେ କ୍ରୟ କରାଯାଇଥାଏ, ବୋଲି ବିଚାର କରାଯାଇଛି, ଏବଂ କେବଳ କିଣାଯାଏ/ ବିକାଯାଏ ରୂପେ ନୁହେଁ । ତେଣୁ, ବୀମାକୁ ଗ୍ରାହକ ଦ୍ୱାରା 'ଯାଚନା କରାଯାଇଥାଏ' କିମ୍ବା ମଗାଯାଇ ଥାଏ ପାରମ୍ପରିକ ରୂପେ, ବୀମାକର୍ତ୍ତାମାନେ ଘୋଷଣା କରନ୍ତି ଯେ "ବୀମା ଯାଚନାର ବିଷୟ ବସ୍ତୁ ଅଟେ" । ସ୍ପଷ୍ଟ ରୂପେ ବୁଝାଇବାକୁ ଗଲେ, ବୀମା ଏକ ବିସ୍କୁଟ ପ୍ୟାକେଟ୍ କିମ୍ବା ଏକ ଚକୋଲେଟ୍ ବାର ଯାହାକୁ ସିଧା କିଣାଯାଇପାରେ/ ବିକାଯାଇପାରେ, ଏଭଳି ଏକ ତତ୍ପର-ପ୍ରସ୍ତୁତ ଉତ୍ପାଦ ନୁହେଁ । ଗ୍ରାହକଙ୍କୁ ସେମାନଙ୍କ ବୀମା ଆବଶ୍ୟକତା ପାଇଁ ସେଥିରେ ଯୋଗ୍ୟତାପ୍ରାପ୍ତ ଏକ ବ୍ୟକ୍ତି ସହିତ ଆଲୋଚନା କରିବାକୁ ପଡ଼ିଥାଏ ଏବଂ ବ୍ୟବସାୟିକ ପରାମର୍ଶ ଆଧାରରେ, ସଠିକ୍ ବୀମା ଉତ୍ପାଦକୁ କ୍ରୟ କରିବାକୁ ପଡ଼ିଥାଏ । ବୀମା ଉତ୍ପାଦ ବିଷୟରେ ବୁଝିବାକୁ ପଡ଼ିଥାଏ ଏବଂ ପଲିସୀ ବୀମା ସୁରକ୍ଷା, ଅପବର୍ଜନ, ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ଗ୍ରାହକର ବିଶେଷ ଆବଶ୍ୟକତା ପାଇଁ ସର୍ବୋତ୍ତମ ଉପଯୁକ୍ତ ପ୍ରସ୍ତାବକୁ ବିଚାର କରାଯାଇଥାଏ ।

**'ଯାଚନା'** କୁ ସାଧାରଣତଃ ସୂଚୀତ କରାଯାଏ ଯେତେବେଳେ ଏକ ବୀମାକର୍ତ୍ତା କିମ୍ବା ଏକ ପ୍ରାଧିକୃତ ମଧ୍ୟସ୍ଥ ଏକ ସମ୍ଭାବ୍ୟ ଗ୍ରାହକ ପାଖକୁ ତାର ବୀମା ଆବଶ୍ୟକତାକୁ ବିଝିବା ପାଇଁ ପହଞ୍ଚେ ଏବଂ ଉପଯୁକ୍ତ ବୀମା ଉତ୍ପାଦ ଚୟନ କରିବା ପାଇଁ ବ୍ୟବସାୟିକ ପରାମର୍ଶ ଦିଏ । ସମ୍ଭାବ୍ୟ ଗ୍ରାହକ ଉପଯୁକ୍ତ ସମାଧାନ ମାଗେ ଏବଂ ପରାମର୍ଶଦାତାକୁ ସମସ୍ତ ଆବଶ୍ୟକୀୟ ବିବରଣୀ ଯୋଗାଇଥାଏ । ଆଇ.ଆର୍.ଡି.ଏ.ଆଇ. ର ବିନିୟମନ ଅନୁସାରେ, ଏକ ବୀମାକର୍ତ୍ତା ଦ୍ୱାରା ଯାଚନା ପ୍ରକ୍ରିୟାରେ ନିଯୁକ୍ତ କରିବା ଏବଂ ବୀମା ବ୍ୟବସାୟ ସହିତ ପଲିସୀର ଅବିଚ୍ଛିନ୍ନତା, ନୂତନୀକରଣ କିମ୍ବା ପୁନଃପ୍ରଚଳନ ସମ୍ବନ୍ଧୀୟ ବ୍ୟବସାୟ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ବୀମା **ଅଭିକର୍ତ୍ତାମାନଙ୍କୁ** ନିଯୁକ୍ତି ଦିଆଯାଇଥାଏ । କେବଳ ବୀମା କମ୍ପାନୀମାନଙ୍କ ପ୍ରାଧିକୃତ କର୍ମଚାରୀ ଏବଂ ଲାଇସେନ୍ସପ୍ରାପ୍ତ ମଧ୍ୟସ୍ଥମାନଙ୍କ ଭିତରୁ ବିନିର୍ଦ୍ଦିଷ୍ଟ ବ୍ୟକ୍ତି, ଯେଉଁମାନେ ପ୍ରଶିକ୍ଷିତ ଓ ଏହି ଉଦ୍ଦେଶ୍ୟ ପାଇଁ ପ୍ରାଧିକୃତ, ସେମାନେ ଯାଚନା ଓ ବୀମା ବିକ୍ରୟ ପ୍ରକ୍ରିୟାର ଅଙ୍ଗ ହୋଇପାରିବ ।

## D. ପ୍ରାବଧାନଗୁଡିକୁ ସକ୍ଷମ କରିବା

### 1. ଅନୁଗ୍ରହ ସମୟାବଧି

ଅନୁଗ୍ରହ ସମୟାବଧି ପ୍ରିମିୟମ ଦେୟ ତାରିଖର ନିକଟସ୍ଥ ପରବର୍ତ୍ତୀ ବିନିର୍ଦ୍ଦିଷ୍ଟ ସମୟାବଧି ହୋଇଥାଏ ଯେଉଁ ସମୟରେ ଅବିଚ୍ଛିନ୍ନତାର ଲାଭ ଯେପରି କି ପ୍ରତୀକ୍ଷା ଅବଧି ଓ ପୂର୍ବ-ବିଦ୍ୟମାନ ରୋଗଗୁଡିକର ବୀମା ସୁରକ୍ଷାର ହାନି ବିନା ଏକ ପଲିସୀକୁ ନୂତନୀକରଣ କରିବା କିମ୍ବା ପ୍ରଭାବୀ ରଖିବା ପାଇଁ ରାଶିପ୍ରଦାନ କରାଯାଇପାରେ । ସେହି ସମୟାବଧି ପାଇଁ ବୀମା ସୁରକ୍ଷା ଉପଲବ୍ଧ ହୋଇ ନ ଥାଏ ଯେଉଁଥିପାଇଁ କୌଣସି ପ୍ରିମିୟମ ପ୍ରାପ୍ତ ହୋଇ ନ ଥାଏ । ଅନୁଗ୍ରହ ଦିବସଗୁଡିକୁ ପ୍ରିମିୟମ ପ୍ରଦାନ ପାଇଁ ନିର୍ଦ୍ଧାରିତ ଦେୟ ତାରିଖ ପରେ ପରବର୍ତ୍ତୀ ତାରିଖଠାରୁ ଗଣନା କରାଯାଏ ।

**ଜୀବନ ବୀମା** ପାଇଁ, ଯଦି ଅନୁଗ୍ରହ ସମୟାବଧି ନ ଥାଏ, ପ୍ରିମିୟମ ପ୍ରଦାନରେ କେବଳ ଗୋଟିଏ ଦିନର ବିଳମ୍ବ କାରଣରୁ ପଲିସୀଟି ବ୍ୟପଗତ ହୋଇପାରେ । ଏହା ପଲସୀଧାରକ, ବୀମାକର୍ତ୍ତା ଏବଂ ସାଧାରଣ ଭାବେ ବୀମା ଉଦ୍ୟୋଗ ପାଇଁ

ହାନିକାରକ ହୋଇପାରେ ଆଇ.ଆର୍.ଡି.ଏ.ଆଇ. ବିନିୟମନ ମାସିକ ପ୍ରିମିୟମ ପ୍ରଦାନ ପ୍ରକାର କ୍ଷେତ୍ରରେ 15 ଦିନର ଏବଂ ଅନ୍ୟାନ୍ୟ ପଦ୍ଧତି ପାଇଁ 30 ଦିନର ଅନୁଗ୍ରହ ସମୟାବଧିର ସ୍ୱୀକୃତି ଦିଅନ୍ତି ।

**ସ୍ୱାସ୍ଥ୍ୟ ବୀମା** ସମ୍ବନ୍ଧରେ ବି, ବୈୟକ୍ତିକ ସ୍ୱାସ୍ଥ୍ୟ ପଲିସୀର ନୂତନୀକରଣ ପାଇଁ ଅନୁଗ୍ରହ ସମୟାବଧି ରୂପେ କିଛି ଦିନର ସ୍ୱୀକୃତି ଦିଆଯାଏ । ଏହି ସମୟାବଧି କମ୍ପାନୀର ପଲିସୀ ଏବଂ ପ୍ରଦତ୍ତ ଉତ୍ପାଦ ଉପରେ ନିର୍ଭର କରେ । ସମସ୍ତ ଅବିଚ୍ଛିନ୍ନତା ଲାଭ ଦିଆଯିବ ଯଦି ପଲିସୀର ନୂତନୀକରଣ ଅନୁଗ୍ରହ ସମୟାବଧି ମଧ୍ୟରେ ହୋଇଥାଏ । ଅବଶ୍ୟ, ଅନ୍ତରାଳ ସମୟାବଧିର ଦାବୀ, ଯଦି କିଛି ଥାଏ, ତାହାକୁ ଗଣନା କରିଯିବ ନାହିଁ । ଆଇ.ଆର୍.ଡି.ଏ.ଆଇ. ବିନିୟମନ ଅନୁଯାୟୀ, ମାସିକ ପ୍ରକାରର ପ୍ରିମିୟମ ଜମା କ୍ଷେତ୍ରରେ 15 ଦିନର ଅନ୍ୟାନ୍ୟ ପଦ୍ଧତି ପାଇଁ 30 ଦିନର ଅନୁଗ୍ରହ ଅବଧି ହୋଇଥାଏ ।

**ମୋଟର ପଲିସୀଗୁଡିକ** ସାଧାରଣତଃ ଗୋଟିଏ ବର୍ଷର ଅବଧି ପାଇଁ ବୈଧ ହୋଇଥାଏ ଏବଂ ଦେୟ ତାରିଖ ପୂର୍ବରୁ ସେଗୁଡିକର ନୂତନୀକରଣ କରିବାକୁ ପଡ଼ିଥାଏ । ପ୍ରିମିୟମ ପ୍ରଦାନ ପାଇଁ ଅନୁଗ୍ରହ ସମୟାବଧି ଲାଗୁ ହୁଏ ନାହିଁ । ଯଦି ଏକ ବ୍ୟାପକ ପଲିସୀ 90 ଠାରୁ ଅଧିକ ଦିନପାଇଁ ବ୍ୟପଗତ ହୋଇଥାଏ, ଉପାର୍ଜିତ 'ବିନା ଦାବୀ ବୋନସ୍' (NCB) ଲାଭକୁ ହରାଇବାକୁ ପଡ଼ିପାରେ ।

କୋଭିଡ-19 ମହାମାରୀ କାଳାବଧିରେ ମାମଲାସବୁର ଅବାଧ ସଂଚାଳନ ପାଇଁ ଆଇ.ଆର୍.ଡି.ଏ.ଆଇ. ନିମ୍ନଲିଖିତ ଛାଡ଼ର ଅନୁମତି ଦେଇଥିଲା ।

i. ଜୀବନ ବୀମା ପଲିସୀଗୁଡିକ କ୍ଷେତ୍ରରେ, ବୀମାକର୍ତ୍ତାମାନଙ୍କୁ ଅନୁଗ୍ରହ ସମୟାବଧିକୁ ଅଧିକ 30 ପାଇଁ ବୃଦ୍ଧି କରିବାକୁ କୁହାଯାଇଥିଲା ଯଦି ପଲିସୀଧାରକ ଚାହିଁଲା ।

ii. ସ୍ୱାସ୍ଥ୍ୟ ବୀମା ପଲିସୀଗୁଡିକ କ୍ଷେତ୍ରରେ, ବୀମାକର୍ତ୍ତାମାନଙ୍କୁ ନୂତନୀକରଣରେ ବିଳମ୍ବକୁ 30 ଦିନ ପର୍ଯ୍ୟନ୍ତ ମାଫ କରିବା ପାଇଁ କୁହାଯାଇଥିଲା ଯେଉଁଥିରେ ସେହି 'ଛାଡ଼' କୁ ପଲିସୀରେ ଅନ୍ତରାଳ ବୋଲି ଧରାଯିବ ନାହିଁ । ବୀମାସୁରକ୍ଷାରେ ବିଚ୍ଛିନ୍ନତାକୁ ଏଡ଼େଇବା ପାଇଁ ବହୁତ ପୂର୍ବରୁ ପଲିସୀଧାରକମାନଙ୍କୁ ସଂପର୍କ କରିବା ପାଇଁ ବୀମାକର୍ତ୍ତାମାନଙ୍କୁ ଅନୁରୋଧ କରାଯାଇଥିଲା ।

iii. ସେହି ମୋଟର ଯାନ ତୃତୀୟ ପକ୍ଷ ବୀମା ପଲିସୀ, ଯାହାର ନୂତନୀକରଣ ପାଇଁ ଦେୟ ତାରିଖ ଆସିଥିଲା କିନ୍ତୁ କୋଭିଡ-19 ସ୍ଥିତି ପାଇଁ ପ୍ରିମିୟମ ପ୍ରଦାନ କରାଯାଇ ପାରିଲା ନାହିଁ, ସେମାନଙ୍କ ପରିପ୍ରେକ୍ଷୀରେ ଆଇ.ଆର.ଡି.ଏ.ଆଇ ଅନୁଗ୍ରହ ସମୟାବଧିକୁ 15 ମଇ, 2020 ପର୍ଯ୍ୟନ୍ତ ପାଇଁ ଅନୁମତି ଦେଇଥିଲା ।

### 2. "ଆଇ. ଆର.ଡି.ଏ.ଆଇ" ଦ୍ୱାରା ପ୍ରବର୍ତ୍ତିତ ମୁକ୍ତ-ଅବଲୋକନ ସମୟାବଧି

ବୀମା ଚୁକ୍ତିଗୁଡିକର ପ୍ରାରୂପ ବୀମାକର୍ତ୍ତା ଦ୍ୱାରା ତିଆରି କରାଯାଏ, ଏବଂ ଅନ୍ୟ ପକ୍ଷକୁ ଏହାର ପାଳନ କରିବାକୁ ପଡ଼ିଥାଏ ଯଦି ସେ ବୀମା ଚାହେଁ । ସେଭଳି ଚୁକ୍ତି, ଯେଉଁଠି କୌଣସି ବ୍ୟକ୍ତିକୁ ଚୁକ୍ତିକୁ ଯେପରି ଅଛି ସେହି ରୂପେ ଗ୍ରହଣ କରିବାକୁ ପଡେ ଏବଂ ଏଥିରେ କୌଣସି ପରିବର୍ତ୍ତନ କରିପାରେ ନାହିଁ, ଏଗୁଡିକ ବୈଧିକ ରୂପେ ଆସଂଜନର ଚୁକ୍ତି (contracts of Adhesion) କୁହାଯାଏ । ଏହି ଏକ – ପକ୍ଷୀୟ ସ୍ଥିତି କାରଣରୁ, ଅଦାଲତ ସର୍ବଦା କୌଣସି ବି ଅସ୍ପଷ୍ଟତା କିମ୍ବା ଭ୍ରାନ୍ତି ଯାହା ଏହି ନିୟମ ଓ ସର୍ତ୍ତାବଳୀକୁ ବ୍ୟାଖ୍ୟା କରିବାରେ ଉତ୍ପନ୍ନ ହୋଇପାରେ, ତାହା ପାଇଁ ବୀମାକର୍ତ୍ତାମାନଙ୍କୁ ଦାୟୀ କରନ୍ତି ।

ଏହି ଏକ-ପକ୍ଷତାକୁ ହ୍ରାସ କରିବା ପାଇଁ ଏବଂ ବୀମା କାରବାରକୁ ଅଧିକ ଗ୍ରାହକ-ଅନୁକୂଳ କରିବା ପାଇଁ, ଆଇ.ଆର୍.ଡି.ଏ.ଆଇ.ଏହାର ବିନିୟମନରେ 'ମୁକ୍ତ-ଅବଲୋକନ ସମୟାବଧି' ବୋଲି ଏକ ଗ୍ରାହକ-ଅନୁକୂଳ ପ୍ରାବଧାନ ସମ୍ମିଳିତ କରିଛନ୍ତି ଯାହାଦ୍ୱାରା, ଯଦି ଗ୍ରାହକ ପଲିସୀର ନିୟମ ଓ ସର୍ତ୍ତାବଳୀ ଦ୍ୱାରା ସନ୍ତୁଷ୍ଟ ନ ହୁଏ, ସେ ଏହାକୁ ଫେରାଇ

ପାରେ ଏବଂ ରାଶିକୁ ଫେରସ୍ତ ପାଇପାରେ । ଏହି ପ୍ରାବଧାନ ଯାହାଦ୍ୱାରା, ଯଦି ପଲିସୀଧାରକମାନେ ପଲିସୀରେ ସନ୍ତୁଷ୍ଟ ନ ହୁଅନ୍ତି, ପଲିସୀ ଦସ୍ତାବିଜ ପ୍ରାପ୍ତିର 15 ଦିନ (ଇଲେକ୍ଟ୍ରୋନିକ୍ ପଲିସୀ ଏବଂ ଦୂରସ୍ଥ ମାଧ୍ୟମରେ ପ୍ରାପ୍ତ ପଲିସୀଗୁଡିକ କ୍ଷେତ୍ରରେ 30 ଦିନ) ମଧ୍ୟରେ ପଲିସୀକୁ ରଦ୍ଦ କରିବାର ବିକଳ୍ପ ସେମାନଙ୍କୁ ଦିଆଯାଏ, ଏହାକୁ ଜୀବନ ବୀମା ଏବଂ ସ୍ୱାସ୍ଥ୍ୟ ବୀମା ପଲିସୀ (ଅତି କମ୍ ରେ ଗୋଟିଏ ବର୍ଷର ଅବଧି ଥିବା) ପାଇଁ ପ୍ରବର୍ତ୍ତିତ କରାଯାଇଛି । କମ୍ପାନୀକୁ ଲିଖିତ ରୂପେ ସୂଚୀତ କରିବାକୁ ପଡ଼େ ଏବଂ ପ୍ରିମିୟମ ଠାରୁ ବୀମା ସୁରକ୍ଷା ଅବଧି ପାଇଁ ସମାନୁପାତିକ ସଙ୍କଟ ପ୍ରିମିୟମ, ଖର୍ଚ୍ଚ ଓ ଚାର୍ଜସବୁ କାଟି ଅବଶିଷ୍ଟ ରାଶିକୁ ଫେରସ୍ତ ଦିଆଯାଏ ।

ପଲିସୀର ରଦ୍ଦକରଣ : ଯେତେବେଳେ ବୀମାକର୍ତ୍ତା ଦ୍ୱାରା ପଲିସୀଗୁଡିକର ରଦ୍ଦକରଣ କରାଯାଏ, ବୀମାର ସମାପ୍ତି ସମୟର ଅନୁରୂପ ପ୍ରିମିୟମର ସମାନୁପାତକୁ ବୀମାକର୍ତ୍ତା ଦ୍ୱାରା ଲାଗୁ କରାଯାଇଥାଏ /ଧାରଣ କରାଯାଇଥାଏ ଏବଂ ବୀମାର ଅସମାପ୍ତ ସମୟର ଅନୁରୂପ ସମାନୁପାତକୁ ବୀମିତକୁ ଫେରାଇ ଦିଆଯାଇଥାଏ, ଯଦି ପଲିସୀ ଅନ୍ତର୍ଗତ କୌଣସି ରାଶି ପ୍ରଦାନ କରାଯାଇ ନାହିଁ । ପ୍ରିମିୟମର ସେଭଳି ସମାନୁପାତିକ ମୂଲ୍ୟ ନିର୍ଦ୍ଧାରଣକୁ  ଯଥାନୁପାତ ପ୍ରିମିୟମ କୁହାଯାଏ ।

ଯେତେବେଳେ ବାର୍ଷିକ ପଲିସୀଗୁଡିକ ବୀମାକର୍ତ୍ତା ଦ୍ୱାରା ରଦ୍ଦକରଣ କରାଯାଏ, ବୀମାକର୍ତ୍ତାମାନେ ସାଧାରଣତଃ ଏକ ଉଚ୍ଚ ଦରରେ ପ୍ରିମିୟମଗୁଡିକ ଲାଗୁ/ଧାରଣ କରିଥାନ୍ତି ଏବଂ ଯଥାନୁପାତ ପ୍ରିମିୟମ ନିର୍ଦ୍ଧାରଣ କରିବା ପରିବର୍ତ୍ତେ, ଉଚ୍ଚ ଦରରେ ପ୍ରିମିୟମରେ ଫେରସ୍ତ କରିଥାନ୍ତି । ଏହା ବୀମାକର୍ତ୍ତାମାନଙ୍କ ବିରୁଦ୍ଧରେ ବିପରୀତ-ଚୟନକୁ ରୋକିଥାଏ ଏବଂ ବୀମାକର୍ତ୍ତାର ପ୍ରାରମ୍ଭିକ ଖର୍ଚ୍ଚଗୁଡିକର ଧ୍ୟାନ ରଖିଥାଏ । ସେଭଳି ଦରଗୁଡିକୁ ବୀମାଚୁକ୍ତିର ନିୟମ ଓ ସର୍ତ୍ତାବଳୀର ଅଂଶ ରୂପେ ପ୍ରକଟ କରାଯାଇ ଥାଏ ଏବଂ ଅଳ୍ପ ଅବଧି ସ୍କେଲ୍ ରୂପେ ସୂଚୀତ କରାଯାଇଥାଏ ।

**ମହତ୍ତ୍ୱପୂର୍ଣ୍ଣ**

i. **ଉତ୍ପୀଡନ (ଜବରଦସ୍ତି)** - ଅପରାଧିକ ସାଧନ ଜରିଆରେ ପ୍ରୟୋଗ କରାଯାଉଥିବା ଚାପ ସଂପୃକ୍ତ ହୁଏ ।

ii. **ଅନୁଚିତ୍ ପ୍ରଭାବ** –ଏକ ଅନ୍ୟ ବ୍ୟକ୍ତି ପାଖକୁ ଅନୁଚିତ୍ ଲାଭ ପାଇବାପାଇଁ, ସେହି ବ୍ୟକ୍ତିର ଇଚ୍ଛା ଉପରେ ପ୍ରାବଲ୍ୟ ରଖିବା ପାଇଁ ନିଜର ପଦବୀର ଉପଯୋଗ କରିବା ।

iii. **କପଟ** - ଏକ ମିଥ୍ୟା ବିଶ୍ୱାସ ଯାହା ଏକ ଉପସ୍ଥାପନା ଯାହାକୁ ସତ୍ୟ ବୋଲି ଜଣେ ବିଶ୍ୱାସ କରେ ନାହିଁ, ତାହା ଉପରେ କାର୍ଯ୍ୟ କରିବା ପାଇଁ ଅନ୍ୟ ଜଣକୁ ଉତପ୍ରେରିତ କରିବା । ଜାଣିଶୁଣି ତଥ୍ୟକୁ ଲୁଚାଇବା କିମ୍ବା ତାହାର ଭୁଲ ପ୍ରତିପାଦନ/ମିଥ୍ୟା ଉପସ୍ଥାପନା କରିବା ଦ୍ୱାରା ଏହା ଉତ୍ପନ୍ନ ହୋଇଥାଏ ।

iv. **ଭୁଲ** - ଏକ ଜିନିଷ କିମ୍ବା ଘଟଣା ଉପରେ ଜଣକର ଜ୍ଞାନ କିମ୍ବା ବିଶ୍ୱାସ କିମ୍ବା ଏହାର ବ୍ୟାଖ୍ୟାରେ ତ୍ରୁଟି । ଏହା ଫଳରେ ଚୁକ୍ତିର ବିଷୟବସ୍ତୁ ବିଷୟରେ ବୁଝାମଣା ଏବଂ ରାଜିନାମାରେ ତ୍ରୁଟି ହୋଇପାରେ ।

## ସ୍ୱୟଂ ପରୀକ୍ଷା କରନ୍ତୁ1

ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ବୈଧ ବୀମା ଚୁକ୍ତିର ଏକ ମୂଳ ତତ୍ତ୍ୱ ହୋଇ ନ ପାରେ ?

I. ପ୍ରସ୍ତାବ ଏବଂ ସ୍ୱୀକୃତି

II. ଉତ୍ପୀଡନ

III. ପ୍ରତିଫଳ

IV. ବୈଧତା

## ସାରାଂଶ

i. ବୀମା ଏକ ଚୁକ୍ତିମୂଳକ ରାଜିନାମାକୁ ସଂତୃପ୍ତକରେ ଯେଉଁଥିରେ ବୀମାକର୍ତ୍ତା କେତେକ ବିନିର୍ଦ୍ଦିଷ୍ଟ ସଂଙ୍କଟ ବିରୁଦ୍ଧରେ ପ୍ରିମିୟମ କୁହାଯାଉଥିବା ଏକ ମୂଲ୍ୟ କିମ୍ବା ପ୍ରତିଫଳ ବଦଳରେ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ପାଇଁ ସମ୍ମତ ହୁଏ ।

ii. ଏକ ଚୁକ୍ତି ହେଉଛି ପକ୍ଷମାନଙ୍କ ମଧ୍ୟରେ ଏକ ରାଜିନାମା ,ଯାହା ଆଇନ ଅନୁସାରେ ପ୍ରବର୍ତ୍ତନୀୟ ଅଟେ ।

iii. ଏକ ବୈଧ ଚୁକ୍ତିର ମୂଳତତ୍ତ୍ୱରେ ଅନ୍ତର୍ଭୁକ୍ତ ହୁଅନ୍ତି:

- ପ୍ରସ୍ତାବ ଏବଂ ସ୍ୱୀକୃତି
- ପ୍ରତିଫଳ
- କନ୍ସେନ୍ସସ୍ ଏଡ୍-ଆଇଡେମ୍
- ମୁକ୍ତ ସମ୍ମତି
- ପକ୍ଷମାନଙ୍କ କ୍ଷମତା ଏବଂ
- ବିଷୟବସ୍ତୁର ବୈଧତା

## ମୁଖ୍ୟ ପଦାବଳୀ

1. ପ୍ରସ୍ତାବ ଏବଂ ସ୍ୱୀକୃତି
2. ବୈଧ) ବିଧିସମ୍ମତ (ପ୍ରତିଫଳ
3. କନ୍ସେନ୍ସସ୍ ଏଡ୍ - ଆଇଡେମ୍

## ସ୍ୱୟଂ ପରୀକ୍ଷା କରନ୍ତୁ2

ଏକ ମୁକ୍ତ-ଅବଲୋକନ ସମୟାବଧିରେ, ଯଦି ପଲିସୀଧାରକ, ଯିଏ ଏକ ଅଭିକର୍ତ୍ତା ଜରିଆରେ ଏକ ପଲିସୀ କ୍ରୟ କରିଛି, ସେ ଏହାର କୌଣସି ନିୟମ ଓ ସର୍ତ୍ତରେ ରାଜି ନ ହୁଏ, ସେ ଏହାକୁ ଫେରାଇ ପାରେ ଏବଂ ନିମ୍ନ ସର୍ତ୍ତାବଳୀ ଅନ୍ତର୍ଗତ ଏକ ରାଶି ଫେରସ୍ତ ପାଇପାରେ:

I. ସେ ପଲିସୀ ଦସ୍ତାବିଜ ପ୍ରାପ୍ତିର 15 ଦିନ ମଧ୍ୟରେ ଏହି ବିକଳ୍ପର ପ୍ରୟୋଗ କରିପାରେ

II. ତାଙ୍କୁ କମ୍ପାନୀକୁ ଲିଖିତ ରୂପେ ସୂଚୀତ କରିବାକୁ ପଡ଼ିଥାଏ

III. ପ୍ରିମିୟମ ଫେରସ୍ତକୁ ବୀମା ସୁରକ୍ଷା ଅବଧି ପାଇଁ ସମାନୁପାତିକ ସଙ୍କଟ ପ୍ରିମିୟମ ,ଡାକ୍ତରୀ ପରୀକ୍ଷା ଓ ଷ୍ଟାମ୍ପ ଡ୍ୟୁଟି ଚାର୍ଜରେ ବୀମାକର୍ତ୍ତା ଦ୍ଵାରା କରାଯାଇଥିବା ଖର୍ଚ୍ଚ ପାଇଁ ସମାୟୋଜିତ କରାଯିବ ।

IV. ଉପରୋକ୍ତ ମଧ୍ଯରୁ ସମସ୍ତ

| ସ୍ଵଂୟ ପରୀକ୍ଷା କରନ୍ତୁ3 |
|---|

ଯଦି ଏକ ପଲିସୀଧାରକ ଏକ ପଲସୀ କିଣିଛି ଏବଂ ଏହାକୁ ଚାହେଁ ନାହିଁ, ସେ ଏହାକୁ __________ ସମୟାବଧିରେ ଫେରାଇ ଦେଇ ପାରେ, ଏବଂ ଏକ ଫେରସ୍ତ ପାଇପାରେ ।

I. ମୁକ୍ତ ମୂଲ୍ୟାଙ୍କନ

II. ମୁକ୍ତ-ଅବଲୋକନ

III. ରଦ୍ଦକରଣ

IV. ମୁକ୍ତ ପରୀକ୍ଷଣ

| **ସ୍ଵୟଂ ପରୀକ୍ଷା କରନ୍ତୁ ର ଉତ୍ତର** |
|---|

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 2 - ସଠିକ୍ ବିକଳ୍ପ ହେଉଛି IV

ଉତ୍ତର 3 - ସଠିକ୍ ବିକଳ୍ପ ହେଉଛି II

# ଅଧ୍ୟାୟ C-05

## ଅଣ୍ଡରରାଇଟ୍ ଏବଂ ମୂଲ୍ୟାୟନ

| ଅଧ୍ୟାୟ ପରିଚୟ |
| --- |

ଏହି ଅଧ୍ୟାୟରେ ଆପଣ ସଙ୍କଟାଙ୍କନ ଏବଂ ମୂଲ୍ୟ ନିର୍ଦ୍ଧାରଣର ମୂଳଭୂତ ତଥ୍ୟସବୁ ବିଷୟରେ ଶିଖିବେ । ଆପଣ ସଙ୍କଟର ମୂଲ୍ୟନିର୍ଦ୍ଧାରଣ ପ୍ରକ୍ରିୟାରେ ଥିବା ବିପତ୍ତିଗୁଡିକ ସହିତ ମୁକାବିଲା କରିବାର ବିଭିନ୍ନ ପଦ୍ଧତି ବିଷୟରେ ଜାଣିବେ । ଆପଣ ସଙ୍କଟାଙ୍କନ, ଉତ୍ପାଦ ଅନୁମୋଦନ ଏବଂ ମୂଲ୍ୟ ନିର୍ଦ୍ଧାରଣର ସାଧାରଣ ଦିଗଗୁଡିକର ମୂଲ୍ୟାଙ୍କନ କରିବାରେ ସକ୍ଷମ ହେବେ ।

| ଅଧ୍ୟୟନ ପରିଣାମ |
| --- |

A. *ସଙ୍କଟାଙ୍କନର ମୂଳଭୂତ ତଥ୍ୟ*

B. *ଆଇ.ଆର.ଡି.ଏ .ଆଇ .ପାଖରେ ଉତ୍ପାଦ ଦାଖଲ କରିବା*

C. *ହାର ନିର୍ଦ୍ଧାରଣର ମୂଳଭୂତ ତଥ୍ୟ*

D. *ହାର ନିର୍ଦ୍ଧାରଣ କାରକ*

ଏହି ଅଧ୍ୟାୟର ଅଧ୍ୟୟନ ପରେ, ଆପଣ ସକ୍ଷମ ହେବା ଉଚିତ୍:

1. ସଙ୍କଟାଙ୍କନର ମୂଳଭୂତ ତଥ୍ୟ କୁ ପରିଭାଷିତ କରିବା ପାଇଁ
2. ଭାରତରେ ଉତ୍ପାଦ ଅନୁମୋଦନର ମୂଳଭୂତ ତଥ୍ୟକୁ ବୁଝିବା ପାଇଁ
3. ମୂଲ୍ୟ ନିର୍ଦ୍ଧାରଣ କାରକଗୁଡକ ଏବଂ ମୂଲ୍ୟ ନିର୍ଦ୍ଧାରଣର ମହତ୍ୱର ମୂଲ୍ୟାଙ୍କନ କରିବା ପାଇଁ

## A. ସଙ୍କଟାଙ୍କନର ମୂଳଭୂତ ତଥ୍ୟ

ପୂର୍ବବର୍ତ୍ତୀ ଅଧ୍ୟାୟମାନଙ୍କରେ, ଆମେମାନେ ଦେଖିଛୁ ଯେ ବୀମାର ସିଦ୍ଧାନ୍ତରେ ସଂପୃକ୍ତ ଥାଏ ସମୁଚ୍ଚୟକରଣ ଜରିଆରେ ସଙ୍କଟର ପ୍ରବନ୍ଧ କରିବା । ବୀମାକର୍ତ୍ତାମାନେ ପ୍ରିମିୟମସବୁକୁ ସମ୍ମିଳିତ କରି ଏକ ସମୁଚ୍ଚୟ ଜାତ କରନ୍ତି ଯେଉଁଟା ଅନେକ ବ୍ୟକ୍ତି/ବ୍ୟବସାୟିକ/ଔଦ୍ୟୋଗିକ ଫାର୍ମ/ସଂଗଠନ ଦ୍ଵାରା ଗଠିତ ହୋଇଥାଏ ।

ସଙ୍କଟସବୁକୁ ବୁଝିବା, ସଙ୍କଟସବୁକୁ ଶ୍ରେଣୀଭୁକ୍ତ କରିବା, ସେମାନେ କେଉଁ ବର୍ଗରେ ଆସନ୍ତି ତାହାର ଚିହ୍ନଟ କରିବାର ଏହି ପ୍ରକ୍ରିୟା, ସଙ୍କଟକୁ ଗ୍ରହଣ କରାଯିବ କି ନାହିଁ, ତାହାର ନିର୍ଣ୍ଣୟ ନେବା ଏବଂ ଯଦି କରାଯିବ, ସଙ୍କଟକୁ ଗ୍ରହଣ କରିବାରେ ବୀମାକର୍ତ୍ତା କେତେ ପରିମାଣର ପ୍ରିମିୟମ ଆବଶ୍ୟକ କରିବ ଏବଂ ସଙ୍କଟ ଉପରେ କୌଣସି ଅତିରିକ୍ତ ସର୍ତ୍ତାବଳୀ ଲାଗୁ କରାଯିବ କି ନାହିଁ – ଏହି ସବୁ ସଙ୍କଟାଙ୍କନର ଅଂଶ ହୋଇଥାନ୍ତି ।

ଏହା ମଧ୍ୟ ଜାଣିବା ମହତ୍ଵପୂର୍ଣ୍ଣ ଅଟେ ଯେ କେଉଁ ହାର ଲାଗୁ କରାଯିବ ଏବଂ ହାରଗୁଡ଼ିକ କେମିତି ନିର୍ଦ୍ଧାରିତ କରାଯାଏ ।

**ପରିଭାଷା**

ସଙ୍କଟାଙ୍କନ ଏହା ନିର୍ଦ୍ଧାରିତ କରିବାର ପ୍ରକ୍ରିୟା ଅଟେ ଯେ ବୀମା ପାଇଁ ପ୍ରସ୍ତାବ ଦିଆଯାଇଥିବା ସଙ୍କଟ ଟି ଗ୍ରହଣଯୋଗ୍ୟ ଅଟେ କି ନୁହେଁ, ଏବଂ ଯଦି ଅଟେ, କେଉଁ ହାର, ନିୟମ ଓ ସର୍ତ୍ତାବଳୀରେ ।

---

ସଙ୍କଟାଙ୍କନରେ ନିମ୍ନ ଚରଣଗୁଡ଼ିକ ଅନ୍ତର୍ଭୁକ୍ତ ହୁଅନ୍ତି:

i. ହାନିର ବାରମ୍ବାରତା ଓ ତୀବ୍ରତା ଅନୁସାରେ ବିପତ୍ତି ଓ ସଙ୍କଟର ନିରୂପଣ ଏବଂ ମୂଲ୍ୟାଙ୍କନ

ii. ପଲିସୀ ବୀମାସୁରକ୍ଷା ଏବଂ ନିୟମ ଓ ସର୍ତ୍ତାବଳୀର ବିନିୟମନ

iii. ପ୍ରିମିୟମର ହାର ନିର୍ଦ୍ଧାରଣ

ସଙ୍କଟାଙ୍କକ ସଙ୍କଟକୁ ଗ୍ରହଣ କରାଯିବ କି ନାହିଁ, ତାହାର ନିର୍ଣ୍ଣୟ ନିଏ

ପରବର୍ତ୍ତୀ ଚରଣ ହେବ ହାର, ନିୟମ ଓ ସର୍ତ୍ତାବଳୀ ଯାହା ଅନ୍ତର୍ଗତ ସଙ୍କଟକୁ ଗ୍ରହଣ କରାଯିବ, ତାହାର ନିର୍ଣ୍ଣୟ ନେବା ।

ସଙ୍କଟାଙ୍କନ କୌଶଳ କୁ ଉପଯୁକ୍ତ ପ୍ରଶିକ୍ଷଣ, କ୍ଷେତ୍ର ସଂସର୍ଗ ଏବଂ ଗଭୀର ସୂକ୍ଷ୍ମ ଦୃଷ୍ଟି ଜଡ଼ିତ ଥିବା ଏକ ଅବିଚ୍ଛିନ୍ନ ଶିକ୍ଷଣ ପ୍ରକ୍ରିୟା ମାଧ୍ୟମରେ ଆହରଣ କରାଯାଏ । ଏକ ଅଗ୍ନି ବୀମା ସଙ୍କଟାଙ୍କକ ହେବା ପାଇଁ ଜଣେ ବ୍ୟକ୍ତି ପାଖରେ ଅଗ୍ନିକାଣ୍ଡର ସମ୍ଭାବ୍ୟ କାରଣ, ବିଭିନ୍ନ ଭୌତିକ ଜିନିଷ ଓ ସମ୍ପତ୍ତି ଉପରେ ନିଆଁର ପ୍ରଭାବ, ଏକ ଉଦ୍ୟୋଗ, ଭୂଗୋଳ, ଜଳବାୟୁର ସ୍ଥିତି ଇତ୍ୟାଦି ରେ ସଂପୃକ୍ତ ପ୍ରକ୍ରିୟା, ଏସବୁର ଜ୍ଞାନ ଥିବା ଆବଶ୍ୟକ ।

ସେହି ପ୍ରକାରେ, ଏକ ସାମୁଦ୍ରିକ ବୀମା ସଙ୍କଟାଙ୍କକ ପାଖରେ ନିଶ୍ଚିତ ଭାବେ ବନ୍ଦର/ରାସ୍ତାର ସ୍ଥିତି, ପାରବହନ କିମ୍ବା ଭଣ୍ଡାରଣରେ କାର୍ଗୋ/ଜିନିଷପତ୍ର ସମ୍ମୁଖୀନ ହୋଇଥିବା ସମସ୍ୟା, ଜାହାଜ ଓ ସେମାନଙ୍କ ସମୁଦ୍ରୀଯାତ୍ରା ଯୋଗ୍ୟତା ଏବଂ ଏଭଳି ଅନେକ ବିଷୟ ଜ୍ଞାନ ଥିବା ଆବଶ୍ୟକ ।

ଏକ ସ୍ଵାସ୍ଥ୍ୟ ସଙ୍କଟାଙ୍କକ ବୀମିତର ସଙ୍କଟ ପ୍ରୋଫାଇଲ, ଆୟୁ, ଚିକିତ୍ସୀୟ ଦିଗ, ଫିଟ୍ନେସ୍ ସ୍ତର ଓ ପରିବାର ଇତିହାସକୁ ବୁଝିବା ଏବଂ ସଙ୍କଟକୁ ପ୍ରଭାବିତ କରୁଥିବା ପ୍ରତ୍ୟେକ କାରକର ପ୍ରଭାବକୁ ମାପିବା ଆବଶ୍ୟକ ଅଟେ ।

**ସଙ୍କଟାଙ୍କନ ପାଇଁ ସୂଚନାର ଆଧାର**

କୌଣସି ସାଂଖ୍ୟିକ (କିମ୍ବା ସାଂଖ୍ୟିକୀୟ) ବିଶ୍ଳେଷଣରେ ପ୍ରଥମ ପର୍ଯ୍ୟାୟ ହେଉଛି ତଥ୍ୟ ସଂଗ୍ରହ । ଏକ ସଙ୍କଟର ମୂଲ୍ୟ ନିର୍ଦ୍ଧାରଣ କରିବା ସମୟରେ, ସଠିକ୍ ମୂଲ୍ୟ ନିରୂପଣରେ ସାହାଯ୍ୟ କରିବା ପାଇଁ ଏକ ସଙ୍କଟାଙ୍କକକୁ ଯେତେ ଅଧିକ ସମ୍ଭବ ସେତେ ସୂଚନା ଏକାଠି କରିବା ଉଚିତ୍ ।

**ସୂଚନାର ଆଧାରଗୁଡ଼ିକ ହେଉଛନ୍ତି :**

i. **ପ୍ରସ୍ତାବ ଫର୍ମ କିମ୍ବା ସଙ୍କଟାଙ୍କନ ଉପସ୍ଥାପନା**

ii. **ସଙ୍କଟ ସର୍ବେକ୍ଷଣ**

iii. **ଐତିହାସିକ ଦାବୀ ଅନୁଭୂତି ତଥ୍ୟ**: କେତେକ ଶ୍ରେଣୀର ବ୍ୟବସାୟ, ଯେପରି କି ବ୍ୟକ୍ତିଗତ ଏବଂ ମୋଟର ଶ୍ରେଣୀ ପାଇଁ, ସଙ୍କଟାଙ୍କକମାନେ ଅନେକ ସମୟରେ, ସମ୍ଭାବ୍ୟ ଭବିଷ୍ୟତ ଦାବୀ ଅନୁଭୂତିର ସଙ୍କେତ ଦେବା ପାଇଁ, ଏବଂ ଏକ ଉପଯୁକ୍ତ ପ୍ରିମିୟମ ନିର୍ଦ୍ଧାରଣ କରିବା ପାଇଁ, ଐତିହାସିକ ଦାବୀ ଅନୁଭୂତି ତଥ୍ୟର ଉପଯୋଗ କରନ୍ତି ।

**ସଙ୍କଟାଙ୍କନ, ଇକ୍ୱିଟୀ ଏବଂ ବ୍ୟବସାୟ ସ୍ଥିରତା**

ବୀମାରେ ସତର୍କ ସଙ୍କଟାଙ୍କନ ଓ ସଙ୍କଟ ବର୍ଗୀକରଣ ସେହି ସରଳ ତଥ୍ୟଠାରୁ ଉତ୍ପନ୍ନ ହୁଏ ଯେ ସମସ୍ତ ସଙ୍କଟ ସମାନ ନୁହେଁ । ଏ ପ୍ରକାରେ ପ୍ରତ୍ୟେକ ସଙ୍କଟକୁ ଉପଯୁକ୍ତ ରୂପେ ନିରୂପଣ କରିବାର ଏବଂ ହାନି ଘଟଣା ଓ ତୀବ୍ରତାର ସମ୍ଭାବ୍ୟତା ଅନୁସାରେ ମୂଲ୍ୟ ନିର୍ଦ୍ଧାରିତ କରିବାର ଆବଶ୍ୟକତା ଥାଏ ।

ଯେହେତୁ ସମସ୍ତ ସଙ୍କଟ ସମାନ ହୋଇ ନ ଥାଏ, ସେହି ବ୍ୟକ୍ତି ଯେଉଁମାନେ ବୀମିତ ହେବାକୁ ଥିବେ, ସେ ସମସ୍ତଙ୍କୁ ସମାନ ପ୍ରିମିୟମ ଦେବାପାଇଁ କହିବା ଯଥାର୍ଥ ହେବ ନାହିଁ । ସଙ୍କଟାଙ୍କନର ଉଦ୍ଦେଶ୍ୟ ହେଉଛି ସଙ୍କଟସବୁକୁ ବର୍ଗୀକୃତ କରିବା, ଯାହାଦ୍ୱାରା, ସେମାନଙ୍କ ବିଶେଷତା ଏବଂ ସମ୍ମୁଖୀନ ହେଉଥିବା ସଙ୍କଟର ମାତ୍ରା ଆଧାରରେ, ପ୍ରିମିୟମର ଏକ ଉପଯୁକ୍ତ ହାର ଲାଗୁ କରାଯାଇପାରେ । ଏହା ସୁନିଶ୍ଚିତ କରିବା ସଙ୍କଟାଙ୍କକ ପାଇଁ ମହତ୍ୱପୂର୍ଣ୍ଣ ହୋଇଥାଏ ଯେ ସଙ୍କଟ ମୂଲ୍ୟାଙ୍କନ ଉପଯୁକ୍ତ ରୂପେ ହେଉଛି ଏବଂ ଲାଗୁ କରାଯାଉଥିବା ପ୍ରିମିୟମ ଏତେ କମ୍ ନୁହେଁ ଯେ ସଙ୍କଟକୁ ସୁରକ୍ଷା ଦେଇପାରିବ ନାହିଁ କିମ୍ବା ଏତେ ଅଧିକ ନୁହେଁ ଯେ ଏହାକୁ ଅଣ-ପ୍ରତିଯୋଗୀ କରି ପାରିବ ନାହିଁ ।

ସଙ୍କଟାଙ୍କନର ମୁଖ୍ୟ ବିଶେଷତାଗୁଡ଼ିକ ନିମ୍ନ ଭଳି ଅଟନ୍ତି

i. ବିଶେଷତାଗୁଡ଼ିକ ଆଧାରରେ ସଙ୍କଟକୁ ଚିହ୍ନଟ କରିବା

ii. ପ୍ରସ୍ତାବକ ଦ୍ୱାରା ଉପସ୍ଥାପିତ କରାଯାଇଥିବା ସଙ୍କଟର ସ୍ତରକୁ ନିର୍ଦ୍ଧାରଣ କରିବା

ସଙ୍କଟାଙ୍କନର ଉଦ୍ଦେଶ୍ୟସବୁକୁ, ସଂକ୍ଷେପରେ, ସ୍ୱୀକାର୍ଯ୍ୟତା, ପ୍ରିମିୟମର ପର୍ଯ୍ୟାପ୍ତତା ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀର ସ୍ତରକୁ ନିର୍ଣ୍ଣୟ କରି ହାସଲ କରାଯାଏ ।

**B. ଆଇ.ଆର୍.ଡି.ଏ. ଆଇ. ପାଖରେ ଉତ୍ପାଦ ଦାଖଲ କରିବା**

ପ୍ରତ୍ୟେକ ବୀମା ଉତ୍ପାଦକୁ ବିକ୍ରୟ ପାଇଁ ପ୍ରସ୍ତାବ ଦେବାପୂର୍ବରୁ ଏହାର ଅନୁମୋଦନ ପାଇଁ ଆଇ.ଆର୍.ଡି.ଏ.ଆଇ. ସମ୍ମୁଖରେ ଦାଖଲ କରିବାର ଆବଶ୍ୟକତା ଥାଏ । ପ୍ରତ୍ୟେକ ବୀମା ଉତ୍ପାଦ ପାଇଁ ଆଇ .ଆର୍.ଡି.ଏ.ଆଇ. ଏକ ଅନନ୍ୟ ପରିଚୟ ସଂଖ୍ୟା (UIN) ଆବଣ୍ଟିତ କରେ । ଉତ୍ପାଦଗୁଡ଼ିକ ଥରେ ବଜାରରେ ଆରମ୍ଭ ହୋଇଗଲେ । ଉତ୍ପାଦକୁ ପ୍ରତ୍ୟାହୃତ କରିବାକୁ ମଧ୍ୟ ଅନୁପାଳନ କରିବା ପାଇଁ ମାର୍ଗଦର୍ଶିକା ଅଛି ।

1. ନିୟନ୍ତ୍ରକ ବୀମାକର୍ତ୍ତାର ବୋର୍ଡଠାରୁ ଏକ ସ୍ପଷ୍ଟ ବଚନବଦ୍ଧତା ମାଗେ ଯେ ଏହା ପଲିସୀରେ ଥିବା ସଙ୍କଟଗୁଡିକୁ ଗ୍ରହଣ କରିବା ପାଇଁ ଇଚ୍ଛୁକ ଅଟେ ଏବଂ ଦାବୀସବୁର ରାଶିପ୍ରଦାନ କରିବାକୁ ରାଜି ଅଟେ । ଏହା ବୀମାକର୍ତ୍ତାକୁ ଏହା ମଧ୍ୟ କରିବା ପାଇଁ ପ୍ରତିବଦ୍ଧ କରେ ଯେ ପଲିସୀ ଶବ୍ଦାବଳୀ ଗ୍ରାହକ ପାଇଁ ନିରପେକ୍ଷ ଅଟେ ଏବଂ ବୈଜ୍ଞାନିକ ଆଧାରରେ ମୂଲ୍ୟସବୁର ନିର୍ଦ୍ଧାରଣ କରାଯାଇଛି ।
2. ବୀମାକର୍ତ୍ତା ଭବିଷ୍ୟତରେ ଉତ୍ପାଦଗୁଡିକର ପ୍ରତ୍ୟାହରଣର ସମ୍ଭାବନା ଓ ସେହିସବୁ ବିକଳ୍ପ ଯାହା ଉତ୍ପାଦର ସେଭଳି ପ୍ରତ୍ୟାହରଣରେ ପଲିସୀଧାରକ ପାଇଁ ଉପଲବ୍ଧ ହୋଇପାରେ, ଏସବୁ ପାଇଁ ଯୋଜନା କରିବା ଉଚିତ୍ ।
3. ପ୍ରତ୍ୟାହୃତ ଉତ୍ପାଦଟିକୁ ସମ୍ଭାବ୍ୟ ଗ୍ରାହକମାନଙ୍କୁ ଅର୍ପଣ କରାଯିବ ନାହିଁ ।

## C. ହାର ନିର୍ଦ୍ଧାରଣର ମୂଳଭୂତ ତତ୍ତ୍ୱ

ବୀମା ବୀମାକର୍ତ୍ତା ପାଖକୁ ସଙ୍କଟର ସ୍ଥାନାନ୍ତରଣ ଉପରେ ଆଧାରିତ ଅଟେ । ଏକ ବୀମା ପଲିସୀ କ୍ରୟ କରିବାରେ, ବୀମିତ ସେହି ଆପଦ ଯାହା ବିପକ୍ଷରେ ସମ୍ପତ୍ତିଟିକୁ ବୀମିତ କରାଯାଇଛି, ତା'ଠାରୁ ଉତ୍ପନ୍ନ ହୋଇଥିବା ଆର୍ଥିକ ହାନିର ପ୍ରଭାବକୁ ହ୍ରାସ କରିବାରେ ସକ୍ଷମ ହୋଇଥାଏ । ବୀମା ଦାବୀ ଓ ଖର୍ଚ୍ଚର ଭବିଷ୍ୟତ ମୂଲ୍ୟ ସମେତ ଲାଭର ସୀମାକୁ ସୁରକ୍ଷା ଦେବା ପାଇଁ ଏକ ମୂଲ୍ୟ ନିର୍ଦ୍ଧାରଣ କରିବାର ପ୍ରକ୍ରିୟାକୁ ଗ୍ରହଣ କରିବା ପାଇଁ ବୀମାକର୍ତ୍ତାର ଆବଶ୍ୟକତା ଥାଏ । ଏହାକୁ ମୂଲ୍ୟ ନିର୍ଦ୍ଧାରଣ କୁହାଯାଏ ।

ଏକ ହାର (ଦର) ହେଉଛି ବୀମାର ଏକ ଦତ୍ତ ଏକକର ମୂଲ୍ୟ । ଉଦାହରଣ ସ୍ୱରୂପ, ଭୂମିକମ୍ପ ବୀମା ସୁରକ୍ଷା ପାଇଁ ହାର (ଦର) କୁ ଟ. 1. 00 ପ୍ରତି ମାଇଲ (ପ୍ରତି ହଜାର) ବୀମା ରାଶି ରୂପେ ପ୍ରକାଶ କରାଯାଇପାରେ । ଅତୀତର ରେକର୍ଡ ଏବଂ ଚଳିତ ପରିବେଶରେ ପରିବର୍ତ୍ତନ ଯାହା ଭବିଷ୍ୟତରେ ସମ୍ଭାବ୍ୟ ହାନିକୁ ପ୍ରଭାବିତ କରିପାରେ, ଏସବୁକୁ ଦେଖିବାପରେ ପ୍ରତ୍ୟେକ ହାରକୁ ନିର୍ଦ୍ଧାରିତ କରାଯାଏ ।

**ଧ୍ୟାନ ଦିଅନ୍ତୁ ଯେ ହାର ପ୍ରିମିୟମ ସହିତ ସମାନ ନୁହେଁ ।**

**ପ୍ରିମିୟମ= (ବୀମାରାଶି ) x (ହାର)**

### ଉଦାହରଣ

ସ୍ୱାସ୍ଥ୍ୟ ବୀମାର ଏକ ଉଦାହରଣ ନେଇ, ସାଂଖ୍ୟିକ କିମ୍ବା ପ୍ରତିଶତ ମୂଲ୍ୟାଙ୍କନ ସଙ୍କଟର ପ୍ରତ୍ୟେକ ଘଟକ ଉପରେ କରାଯାଏ । ଆୟୁ, କୂଳ, ବ୍ୟବସାୟ, ଅଭ୍ୟାସ ଇତ୍ୟାଦି ଭଳି କାରକଗୁଡିକୁ ଯାଞ୍ଚ କରାଯାଏ ଏବଂ ପୂର୍ବ ନିର୍ଦ୍ଧାରିତ ମାନଦଣ୍ଡ ଆଧାରରେ ସାଂଖ୍ୟିକରୂପେ ଗଣନା କରାଯାଏ ।

ପ୍ରତ୍ୟେକଙ୍କ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ପ୍ରିମିୟମ ରାଶି ଏକ ହାର ଉପରେ ନିର୍ଭର କରେ, ଯାହାକୁ ଦୁଇଟି କାରକ ଦ୍ୱାରା ନିର୍ଦ୍ଧାରିତ କରାଯାଏ;

- ✓ (ଏକ ବୀମିତ ଆପଦ ଯୋଗୁଁ ହୋଇଥିବା) ଏକ ହାନି ଘଟଣା କାରଣରୁ ହେବାକୁ ଥିବା ହାନିର ସମ୍ଭାବ୍ୟତା
- ✓ ହାନିର ଆକଳିତ ରାଶି ପରିମାଣ ଯାହା ହାନି ଘଟଣା ଯୋଗୁଁ ଉତ୍ପନ୍ନ ହୋଇପାରେ

### ଉଦାହରଣ

ମନେକରନ୍ତୁ, ନିଆଁ ଯୋଗୁଁ ଧ୍ୱଂସ ହେଉ ଥିବା ଏକ ଘରର ହାରାହାରି ପରିମାଣ ହେଉଛି ଟ 1,00,000 ।

ନିଆଁ ଯୋଗୁଁ ଧ୍ୱଂସ ହେଉଥିବା ଏକ ଘରର ହାନିର ସମ୍ଭାବ୍ୟତା 100 ମଧ୍ୟରୁ 1 [କିମ୍ବା 0.01] । ଅର୍ଥାତ୍, ଅନୁଭୂତିଟି ହେଉଛି 100 ବୀମିତ ଘର ମଧ୍ୟରୁ, ଗୋଟିଏ ଘର ନିଆଁ ଯୋଗୁଁ ଧ୍ୱଂସ ହୁଏ ।

ପ୍ରତ୍ୟାଶିତ ହାରାହାରି ହାନି ହୋଇପାରେ ଟ.1,00,000 x 0.01 = ଟ. 1000 ।

ତେଣୁ, ବୀମାକର୍ତ୍ତାମାନଙ୍କୁ ଟ. 1,00,000 ମୂଲ୍ୟର ଏକ ଘରକୁ ବୀମିତ କରିବା ପାଇଁ ସର୍ବନିମ୍ନ ଟ. 1000 ଚାର୍ଜ କରିବା ଆବଶ୍ୟକ ହୋଇପାରେ ।

---

ବୀମାକର୍ତ୍ତା କେମିତି ସୁନିଶ୍ଚିତ କରେ ଯେ ସେହି ହାନି ଯାହାସବୁ ବାସ୍ତବରେ ଘଟିଥିଲା, ସେହିସବୁର କ୍ଷତିପୂର୍ତ୍ତି କରିବାରେ ସମୁଚ୍ଚୟଟି ଯଥେଷ୍ଟ ଅଟେ?

ପୂର୍ବରୁ ଦେଖାଯାଇଥିବା ଭଳି, ବୀମାର ସଂପୂର୍ଣ୍ଣ ତନ୍ତ୍ରରେ ଅନେକ ଗୁଡିଏ ସଦୃଶ ସଙ୍କଟର ସମୁଚ୍ଚୟ ଜଡ଼ିତ ଥାଏ ଯାହାଦ୍ୱାରା ହାନିସବୁର ସଂଖ୍ୟା (ବାରମ୍ବାରତା) ର ସମ୍ଭାବ୍ୟତା ତଥା ହାନିର ବ୍ୟାପ୍ତି (ତୀବ୍ରତା) ପୂର୍ବାନୁମେୟ ହୋଇଥାଏ । 'ଅଧିକ ସଂଖ୍ୟକର ନିୟମ' ବୋଲି କୁହାଯାଉଥିବା ଏହି ସିଦ୍ଧାନ୍ତ ଉଲ୍ଲେଖ କରେ ଯେ ଯେତେବେଳେ ନମୂନା ଆକାର ବୃଦ୍ଧି ପାଏ, ପରିଣାମ ପ୍ରତ୍ୟାଶିତ ମୂଲ୍ୟର ନିକଟତର ହୋଇଥାଏ । ବୀମା କମ୍ପାନୀମାନେ ସେମାନଙ୍କ ପ୍ରତ୍ୟାଶା/ପୂର୍ବାନୁମାନକୁ କାର୍ଯ୍ୟଶୀଳ କରାଇବାପାଇଁ ଅଧିକରୁ ଅଧିକ ଲୋକଙ୍କୁ ଅଧିକ ପଲିସୀ ବିକ୍ରି କରିବା ଆବଶ୍ୟକ ।

ଏକ ଉଦାହରଣ ହେଉଛି ଯେ ଯଦି ଏକ ମୁଦ୍ରାକୁ ଟସ୍ କରାଯାଏ, 'ହେଡ୍ସ' କିମ୍ବା 'ଟେଲ୍ସ' ମିଳିବାର ସମ୍ଭାବନା 50:50 । ଅବଶ୍ୟ, ଯଦି ମୁଦ୍ରାଟିକୁ କେବଳ ଥରେ ଟସ୍ କରାଗଲା, ପରିମାଣ ହୋଇପାରେ 100% 'ହେଡ୍ସ' ଓ 0% 'ଟେଲ୍ସ' କିମ୍ବା 0% 'ହେଡ୍ସ' 100% 'ଟେଲ୍ସ' । ଅବଶ୍ୟ, ଯଦି ଜଣେ ମୁଦ୍ରାଟିକୁ ଅନେକ ଥର ଟସ୍ କଲା, 'ହେଡ୍ସ' ଏବଂ 'ଟେଲ୍ସ'ର ହାରାହାରି ଗଣନା 100% ଏବଂ 0% ହେବାର ସମ୍ଭାବନା କମ୍ ହେବ ଏବଂ 50:50 ର ନିକଟତର ହେବ ।

**ଉଦାହରଣ**

ସମ୍ପତ୍ତି ବୀମା କ୍ଷେତ୍ରରେ, ଏକ କାଠ ତିଆରି ସଂରଚନାରେ ନିଆଁ ଲାଗିବାର ସମ୍ଭାବନା ପଥର ତିଆରି ସଂରଚନା ଅପେକ୍ଷା ଅଧିକ ରହେ; ତେଣୁ, କାଠ ତିଆରି ସଂରଚନାକୁ ବୀମିତ କରିବା ପାଇଁ ଅଧିକ ପ୍ରିମିୟମ ଆବଶ୍ୟକ ହୋଇଥାଏ ।

ସେହି ଏକା ସିଦ୍ଧାନ୍ତ ଜୀବନ ଏବଂ ସ୍ୱାସ୍ଥ୍ୟ ବୀମାରେ ବି ଲାଗୁ ହୁଏ । ଉଚ୍ଚ ରକ୍ତଚାପ କିମ୍ବା ମଧୁମେହରେ ଆକ୍ରାନ୍ତ ହୋଇଥିବା ଜଣେ ବ୍ୟକ୍ତିର ଏକ ହୃଦଘାତର ଶିକାର ହେବାର ସମ୍ଭାବନା ଅଧିକ ରହିଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ1**

ସେହି ଦୁଇଟି କାରକକୁ ଚିହ୍ନଟ କରନ୍ତୁ ଯାହା ବୀମା ହାର ନିର୍ଦ୍ଧାରଣକୁ ପ୍ରଭାବିତ କରନ୍ତି ।

I. ସଙ୍କଟର ସମ୍ଭାବ୍ୟତା ଓ ତୀବ୍ରତା

II. ସଙ୍କଟର ଆଧାର ଓ ସ୍ୱରୂପ

III. ସଙ୍କଟର ଆଧାର ଓ ସମୟ

IV. ସଙ୍କଟର ସ୍ୱରୂପ ଓ ପ୍ରଭାବ

---

**1. ପ୍ରିମିୟମର ହାର ନିର୍ଦ୍ଧାରଣ କରିବା**

ଶୁଦ୍ଧ ପ୍ରିମିୟମ ହାରକୁ ଅତୀତର ହାନି ଅନୁଭୂତି ଆଧାରରେ ନିର୍ଦ୍ଧାରିତ କରାଯାଏ । ତେଣୁ କରି, ଅତୀତର ହାନି ସମ୍ବନ୍ଧୀୟ ସାଂଖ୍ୟିକୀୟ ତଥ୍ୟ ହାର ନିର୍ଦ୍ଧାରଣ କରିବା ଉଦ୍ଦେଶ୍ୟ ପାଇଁ ଅତ୍ୟନ୍ତ ଆବଶ୍ୟକ ଅଟେ । ହାରସବୁକୁ ନିଶ୍ଚିତ କରିବା ପାଇଁ, ସଙ୍କଟସବୁ ପାଇଁ ଏକ 'ଗାଣିତିକ ମୂଲ୍ୟ' ଦେବା ଆବଶ୍ୟକ ଅଟେ ।

**ଉଦାହରଣ**

ଯଦି ଅନେକ ସଂଖ୍ୟକ ମୋଟର ସାଇକେଲର ହାନି ଅନୁଭୂତିକୁ, ଧରନ୍ତୁ 10 ବର୍ଷର ସମୟ ପାଇଁ ଏକାଠି କରାଯାଏ, ଆମେ ଗାଡ଼ିଗୁଡିକରେ ହୋଇଥିବା କ୍ଷତିଠାରୁ ଉପୁଜିଥିବା ହାନିସବୁର ମୋଟ ସମଷ୍ଟିକୁ ପାଇବା । ଏହି ହାନି ପରିମାଣକୁ ମୋଟର ସାଇକେଲମାନଙ୍କ ମୋଟ ମୂଲ୍ୟର ପ୍ରତିଶତ ରୂପେ ପ୍ରକାଶ କରି, ଆମେ ସଙ୍କଟର 'ଗାଣିତିକ ମୂଲ୍ୟ' ନିର୍ଦ୍ଧାରିତ କରି ପାରିବା । ଏହାକୁ ନିମ୍ନରେ ଦିଆଯାଇଥିବା ସୂତ୍ରରେ ପ୍ରକାଶ କରାଯାଇପାରେ ।

| | |
|---|---|
| $M = \frac{L \times 100}{V}$ | L ହାନି ସବୁର ମୋଟ ସମଷ୍ଟିକୁ ଏବଂ V ସମସ୍ତ ମୋଟର ସାଇକେଲର ମୋଟ ମୂଲ୍ୟ ଏବଂ M ହାରାହାରି ହାନି ପ୍ରତିଶତକୁ ସୂଚୀତ କରେ । |

ଆସନ୍ତୁ ମନେ କରିବା ଯେ:

- ✓ ଏକ ମୋଟର ସାଇକେଲର ମୂଲ୍ୟ: ଟ. 50, 000/-
- ✓ ହାନି ଅନୁଭୂତି: 1000 ମୋଟର ସାଇକେଲ ମଧ୍ୟରୁ, 10 ବର୍ଷରେ 50 ମୋଟର ସାଇକେଲ ଚୋରୀ ହୋଇଥାଏ
- ✓ ହାରାହାରି ରୂପେ, ପ୍ରତ୍ୟେକ ବର୍ଷ ଚୋରୀ ଯୋଗୁଁ ମୋଟ ହାନି ହୁଏ 5 ମୋଟର ସାଇକେଲ

ସୂତ୍ରକୁ ପ୍ରୟୋଗ କରାଯାଇ, ପରିଣାମ ହେବ:

ହାନି ପ୍ରତି ବର୍ଷ (ଟ. 50, 000 X 5) = ଟ. 2,50, 000

1000 ମୋଟର ସାଇକେଲଙ୍କ ମୋଟ ମୂଲ୍ୟ (ଟ. 50,000 **X** 1000) **=** ଟ. 5, 00,00,000

ଏହାର ଅର୍ଥ ହେଉଛି ହାରାହାରି ହାନି ପ୍ରତିଶତ ପ୍ରତି ଗାଡ଼ି (L/V) X 100 = [2,50,000/5,00,00,000] x100 = 0.5%

ତେଣୁକରି ପ୍ରିମିୟମ ହାର ଯାହା ଏକ ମୋଟର ସାଇକେଲ ମାଲିକ ପ୍ରଦାନ କରେ, ତାହା ହେଉଛି ଟ. 50,00,00/- ର ଅର୍ଦ୍ଧ ପ୍ରତିଶତ – ଅର୍ଥାତ୍ ଟ 250/- ପ୍ରତି ବର୍ଷ, ଏହାକୁ 'ଶୁଦ୍ଧ' ପ୍ରିମିୟମ କୁହାଯାଏ, ଯାହା 'ବର୍ଣ୍ଣିଙ୍ଗ୍ କଷ୍ଟ୍' ରୂପେ ମଧ୍ୟ ପରିଚିତ ଅଟେ ।

ଟ. 250 ପ୍ରତି ମୋଟର ସାଇକେଲ ହାରରେ, ଟ. 2.5. ଲକ୍ଷ ଏକତ୍ରିତ କରାଯାଏ ଯାହାକୁ 5 ଗାଡ଼ିର ମୋଟ ହାନିର ଦାବୀସବୁରେ ପ୍ରଦାନ କରାଯାଏ ।

ଯଦି ଶୁଦ୍ଧ ପ୍ରିମିୟମ ,ଯାହା ଉପରେ ପ୍ରାପ୍ତ ହେଲା ,ତାକୁ ଏକତ୍ରିତ କରାଯାଏ ,ଏହା ଏକ ନିଧି ଗଠନ କରିବ ଯାହା ହାନିସବୁ ପାଇଁ କେବଳ ପ୍ରଦାନ କରିବାକୁ ଯଥେଷ୍ଟ ହେବ ।

ଉପରୋକ୍ତ ଉଦାହରଣରେ ଆମେ ଦେଖି ପାରିବା ଯେ ଏଇଠି ଅଧିଶେଷ ନାହିଁ । କିନ୍ତୁ ବୀମା କାର୍ଯ୍ୟପ୍ରଣାଳୀରେ ପ୍ରଶାସନିକ ମୂଲ୍ୟ (ପ୍ରବନ୍ଧନର ଖର୍ଚ୍ଚ) ଏବଂ ବ୍ୟବସାୟ ପ୍ରାପ୍ତିର ମୂଲ୍ୟ (ଅଭିକର୍ତ୍ତାଙ୍କ କମିଶନ) ମଧ୍ୟ ସଂପୃକ୍ତ ଥାଏ । ଅପ୍ରତ୍ୟାଶିତ ଭାରୀ ହାନି ପାଇଁ ମଧ୍ୟ କିଛି ସଂଚୟ ରଖିବା ଆବଶ୍ୟକ ଅଟେ ।

ପରିଶେଷରେ, ଯେହେତୁ ବୀମାର କାରବାର ବ୍ୟବସାୟିକ ଆଧାରରେ ହୋଇଥାଏ, କୌଣସି ଅନ୍ୟ ବ୍ୟବସାୟ ଭଳି, ଲାଭର କିଛି ସୀମା (ମାର୍ଜିନ୍) ର ପ୍ରାବଧାନ ରଖିବା ଆବଶ୍ୟକ ଅଟେ ଯାହା ବ୍ୟବସାୟରେ ନିବେଶ କରାଯାଇଥିବା ପୁଞ୍ଜି ଉପରେ ଏକ ପ୍ରତିଫଳ ହୋଇଥାଏ ।

ତେଣୁକରି, ଖର୍ଚ୍ଚ, ସଂଚୟ ଓ ଲାଭସବୁ ପାଇଁ ପ୍ରାବଧାନ ରଖିବା ପାଇଁ କିଛି ପ୍ରତିଶତ ଯୋଗ କରି 'ଶୁଦ୍ଧ ପ୍ରମିୟମ' କୁ ଉଚିତ୍ ରୂପେ ଲୋଡ୍ କିମ୍ବା ବୃଦ୍ଧି କରାଯାଇଥାଏ ।

ପ୍ରିମିୟମର ଅନ୍ତିମ ହାରରେ ନିମ୍ନଲିଖିତ ଘଟକ ସମ୍ମିଳିତ ହୋଇଥାନ୍ତି:

- ✓ ହାନି ରାଶିପ୍ରଦାନ
- ✓ ହାନି ଖର୍ଚ୍ଚ (ଉ.ସ୍ୱ:. ସର୍ବେକ୍ଷଣ ଶୁଳ୍କ)
- ✓ ଅଭିକର୍ତ୍ତାର କମିଶନ
- ✓ ପ୍ରବନ୍ଧନର ଖର୍ଚ୍ଚ
- ✓ ଅପ୍ରତ୍ୟାଶିତ ଭାରୀ ହାନି ପାଇଁ ସଂଚୟ (ରିଜର୍ଭ) ପାଇଁ ମାର୍ଜିନ୍ ଉ.ସ୍ୱ. 5 ପ୍ରତ୍ୟାଶିତ ହାନି ବିରୁଦ୍ଧରେ 7 ମୋଟ ହାନି
- ✓ ଲାଭ ପାଇଁ ମାର୍ଜିନ୍

ସମସ୍ତ ଆବଶ୍ୟକୀୟ ହାରନିର୍ଦ୍ଧାରଣ କାରକକୁ ବିଚାରକୁ ନେଇ, ଜଣେ ସୁନିଶ୍ଚିତ କରିପାରେ ଯେ ସମାନ ପ୍ରକାର ଓ ଗୁଣର ସଙ୍କଟଗୁଡିକ ମଧ୍ୟରେ ତୁଳନାତ୍ମକ ରୂପେ ହାରଗୁଡିକ ଯଥାର୍ଥ, ଅତ୍ୟଧିକ କିମ୍ବା ଅନୁଚିତ୍ ରୂପେ ଭେଦଭାବପୂର୍ଣ୍ଣ ଅଟନ୍ତି ।

**ସ୍ୱୟଂ ପରୀକ୍ଷା କରନ୍ତୁ2**

ଶୁଦ୍ଧ ପ୍ରିମିୟମ କ'ଣ ଅଟେ ?

I. କେବଳ ହାନିସବୁ ପାଇଁ ରାଶିପ୍ରଦାନ କରିବାକୁ ପ୍ରିମିୟମ ଯଥେଷ୍ଟ ରୂପେ ପର୍ଯ୍ୟାପ୍ତ

II. ସାମାଜର ଅତି ସାଧାରଣ ସଦସ୍ୟଙ୍କ ପାଇଁ ପ୍ରଯୁଜ୍ୟ ପ୍ରିମିୟମ

III. ପ୍ରଶାସନିକ ଖର୍ଚ୍ଚକୁ ଯୋଗ କରିବା ପରେ ପ୍ରିମିୟମ

IV. ଅତ୍ୟାଧୁନିକ ହାନି ଅନୁଭୂତି ସମୟାବଧିଠାରୁ ପ୍ରାପ୍ତ ପ୍ରିମିୟମ

---

## 2. କାଟଯୋଗ୍ୟ

'କାଟଯୋଗ୍ୟ' କିମ୍ବା 'ଅତିରିକ୍ତ' ହେଉଛି ଏକ ବୀମାକର୍ତ୍ତା ଏବଂ ବୀମିତ ମଧ୍ୟରେ ମୂଲ୍ୟ-ଆବଣ୍ଟନ ପ୍ରାବଧାନ । କାଟଯୋଗ୍ୟ ପ୍ରାବଧାନ ରଖେ ଯେ ଏକ ନିର୍ଦ୍ଦିଷ୍ଟ ଥ୍ରେସହୋଲ୍ଡର ଅତିରିକ୍ତ ଦାବୀଗୁଡିକ କେବଳ ବୀମାକର୍ତ୍ତାଦ୍ୱାରା ପ୍ରଦାନଯୋଗ୍ୟ ହୋଇଥାଏ । ଅନ୍ୟ ଶବ୍ଦରେ, ବୀମାକର୍ତ୍ତାମାନେ ଏକ ନିର୍ଦ୍ଦିଷ୍ଟ ସ୍ତରଠାରୁ ନିମ୍ନ ଦାବୀ ପାଇଁ ଦାୟୀ ହେବେ ନାହିଁ । ସ୍ତର କିମ୍ବା ଥ୍ରେସହୋଲ୍ଡଟିକୁ ଏକ ନିର୍ଦ୍ଧାରିତ ରାଶି ରୂପେ କିମ୍ବା କିଛି ପ୍ରତିଶତ କିମ୍ବା ଏକ ନିର୍ଦ୍ଦିଷ୍ଟ ସମୟାବଧି (ଯେତେବେଳେ ଏହାକୁ ସମୟ-ଆଧିକ୍ୟ କୁହାଯାଏ) ରୂପେ ମଧ୍ୟ ନିଶ୍ଚିତ କରାଯାଇପାରେ । ସ୍ୱାସ୍ଥ୍ୟ ପଲିସୀମାନଙ୍କ କ୍ଷେତ୍ରରେ, ଏକ ପରିସ୍ଥିତି ଆସିପାରେ ଯେ ଦାବୀଗୁଡିକ ଦେୟ ହୋଇପାରେ କେବଳ ଯଦି ହସ୍ପିଟାଲାଇଜେଶନ୍ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଦିବସ/ଘଣ୍ଟାଠାରୁ ବାହାରେ ହୋଇଥାଏ । କାଟଯୋଗ୍ୟକୁ ଜୀବନ ପଲିସୀ ମାନଙ୍କରେ ଉପଯୋଗ କରାଯାଏ ନାହିଁ ।

ସମ୍ପତ୍ତି, ମୋଟର ଏବଂ ଗୃହ ବୀମା ଭଳି ଉତ୍ପାଦଗୁଡ଼ିକରେ, କାଟଯୋଗ୍ୟସବୁ ପୂର୍ବନିର୍ଦ୍ଧାରିତ ରାଶି ହୋଇଥାନ୍ତି ଯାହାକୁ ବୀମିତକୁ ନିଶ୍ଚିତ ରୂପେ ଏକ କ୍ଷତିପୂର୍ତ୍ତି ଦାବୀ ପାଇଁ ବହନ କରିବାକୁ ପଡ଼େ । କେତେକ ପଲିସୀ ପାଇଁ କାଟଯୋଗ୍ୟ ଅନିବାର୍ଯ୍ୟ ହୋଇପାରେ କିମ୍ବା ସ୍ୱେଚ୍ଛିକ ହୋଇପାରେ । ବୀମାକର୍ତ୍ତାମାନେ ସାଧାରଣତଃ କମ୍ ପ୍ରିମିୟମ ଲାଗୁ କରିଥାନ୍ତି ଯେତେବେଳେ ବୀମିତ ସ୍ୱଇଚ୍ଛାରେ ଅଧିକ କାଟଯୋଗ୍ୟର ବିକଳ୍ପ ଚୟନ କରିଥାଏ । ଏହି ଅଭିକର୍ତ୍ତାଙ୍କୁ ନିଶ୍ଚିତ ରୂପେ ଯାଞ୍ଚ କରିବା ଉଚିତ୍ ନିର୍ଦ୍ଦିଷ୍ଟ କାଟଯୋଗ୍ୟଗୁଡ଼ିକ କେମିତି କାମ କରନ୍ତି ଏବଂ ବୀମିତକୁ ସୂଚୀତ କରିବା ଉଚିତ୍ ଯେ କାଟଯୋଗ୍ୟଟି 'ପ୍ରତି ବର୍ଷ' ଆଧାରରେ ପ୍ରଯୁଜ୍ୟ ହୋଇଥାଏ କି 'ପ୍ରତି ଘଟଣା'ଆଧାରରେ ହୋଇଥାଏ ।

କାଟଯୋଗ୍ୟ ରଖିବାର ଅନେକ କାରଣ ରହିଛି । କାରଖାନା, ବହୁ ପ୍ରକାରର କାର୍ଗୋ କନ୍ସାଇମେଣ୍ଟ, ବଡ଼ ବଡ଼ କର୍ମଚାରୀ ସମୂହ, ସାର୍ବଜନିକ ଦାୟିତ୍ୱ ସଂସର୍ଗ ଇତ୍ୟାଦିକୁ ବୀମା ସୁରକ୍ଷା ପ୍ରଦାନ କରୁଥିବା କର୍ପୋରେଟ୍ ଗ୍ରାହକମାନେ, ଛୋଟ ଛୋଟ ଦାବୀକୁ ନିଜେ ନିଜେ ବହନ କରିବା ପାଇଁ ପସନ୍ଦ କରିପାରନ୍ତି ଏବଂ ଦାବୀଗୁଡ଼ିକୁ ପ୍ରମାଣିତ କରିବାପାଇଁ ଦଲିଲୀକରଣକୁ ଏଡ଼େଇପାରନ୍ତି, ଉଦାହରଣ ସ୍ୱରୂପ ପ୍ରିମିୟମ ରୂପେ ଲକ୍ଷ ପକ୍ଷ ଟଙ୍କା ପ୍ରଦାନ କରୁଥିବା ଏକ ବଡ଼ କାରଖାନା ମାଲିକ ଟ. 2000 ପାଖାପାଖି ଖର୍ଚ୍ଚ ଆସୁଥିବା ଏକ ମେସିନ୍ ର ଛୋଟ ମରାମତି ମୂଲ୍ୟ ବିଷୟରେ ଚିନ୍ତା କରି ନ ପାରେ ।

କେତେକ ପ୍ରକାରର ପଲିସୀ ବୀମିତ ମଧ୍ୟ ହାନିର କିଛି ଭାଗକୁ ବହନ କରିବାପାଇଁ ଆବଶ୍ୟକ କରିପାରନ୍ତି ଏହା ସୁନିଶ୍ଚିତ କରିବା ପାଇଁ ଯେ ସେ ଉଚିତ୍ ଧ୍ୟାନ ଦେବ । ଉଦାହରଣ ସ୍ୱରୂପ, ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନେ କାଟଯୋଗ୍ୟ ଉପରେ ଜୋର୍ ଦେଇ ପାରନ୍ତି ଯାହା ଦ୍ୱାରା ବୀମିତ କେବଳ ବୀମା ଅଛି ବୋଲି ମହଙ୍ଗା ଡାକ୍ତରଖାନା ରୁମ୍ ଉପରେ ଅଧିକ ଖର୍ଚ୍ଚ କରି ପାରିବ ନାହିଁ । କେତେକ ବୀମାକର୍ତ୍ତା ଛୋଟ ଛୋଟ ଦାବୀପାଇଁ ପ୍ରୋସେସିଙ୍ଗ୍ ଉପରେ ସମୟ ନଷ୍ଟ କରିବା ପାଇଁ ଚାହିଁ ବି ନ ପାରନ୍ତି, ଆହୁରି ମଧ୍ୟ କେତେକ ପରିସ୍ଥିତିରେ, ବୀମାକର୍ତ୍ତାମାନେ ଗୋଟିଏ ସ୍ଥାନରେ ଅଧିକ ସଂଖ୍ୟକ ଛୋଟ ହାନିର ସଂଚୟ ଯୋଗୁଁ ଆର୍ଥିକ ଚାପର ସମ୍ମୁଖୀନ ହେବା ପାଇଁ ଚାହିଁ ନ ପାରନ୍ତି । ଉଦାହରଣ ସ୍ୱରୂପ, ଏକ ଔଦ୍ୟୋଗିକ ଇଷ୍ଟେଟ୍ କ୍ଷେତ୍ରରେ ଏକ ଛୋଟ ବନ୍ୟା କାରଣରୁ କ୍ଷେତ୍ରସ୍ଥିତ ସମସ୍ତ ଗୋଦାମଠାରୁ ଅନେକ ଅଳ୍ପ ମୂଲ୍ୟର ଦାବୀ ଉତ୍ପନ୍ନ ହୋଇପାରେ ।

ଫ୍ରାଞ୍ଚାଇଜ୍: ଫ୍ରାଞ୍ଚାଇଜ୍ ସାଧାରଣତଃ ବୀମାରାଶିର କିଛି ପ୍ରତିଶତ ରୂପେ, ଏକ ଥ୍ରେସହୋଲ୍ଡ ସମୂହକୁ ସୂଚୀତ କରିପାରେ, ଯାହା ତଳକୁ, କାଟଯୋଗ୍ୟର ପ୍ରକରଣ ଭଳି କୌଣସି ଦାବୀ ସ୍ୱୀକାର୍ଯ୍ୟ ହୁଏ ନାହିଁ । ଅବଶ୍ୟ, ଯେତେବେଳେ ଦାବୀ ରାଶି ଫ୍ରାଞ୍ଚାଇଜ୍ ସୀମାଠାରୁ ଅଧିକ ହୋଇଥାଏ, ସଂପୂର୍ଣ୍ଣ ଦାବୀଟି ବୀମାକର୍ତ୍ତାଦ୍ୱାରା ସ୍ୱୀକାର୍ଯ୍ୟ ହୁଏ । ଅନ୍ୟ ଶବ୍ଦରେ, ଫ୍ରାଞ୍ଚାଇଜ୍ ବୀମା କମ୍ପାନୀମାନଙ୍କ ଆର୍ଥିକ ଦାୟିତ୍ୱର ସର୍ବନିମ୍ନ ଥ୍ରେସହୋଲ୍ଡକୁ ନିର୍ଦ୍ଧାରିତ କରେ । ଥ୍ରେସହୋଲ୍ଡଠାରୁ ନିମ୍ନରେ ଥିବା ଦାବୀସବୁ କ୍ଷେତ୍ର ଏକ କାଟଯୋଗ୍ୟ ଭଳି ସେହି ପ୍ରକାରେ ଓ ସେହି ସମାନ କାରଣ ପାଇଁ ପଲିସୀ ଉପରେ ଫ୍ରାଞ୍ଚାଇଜ୍ ଲାଗୁ ହେବ, କିନ୍ତୁ ଏକ ଦାବୀ ଫ୍ରାଞ୍ଚାଇଜ୍ ଠାରୁ ଅଧିକ ହେବା ପରିପ୍ରେକ୍ଷୀରେ, ହାନିର ସଂପୂର୍ଣ୍ଣ ରାଶିକୁ ପ୍ରଦାନ କରାଯିବ ।

## D. ହାର ନିର୍ଦ୍ଧାରଣ କାରକ

ସେହି ଆବଶ୍ୟକୀୟ ମୂଳତତ୍ତ୍ୱ ଯେଉଁସବୁକୁ ହାରସବୁକୁ ବୃଦ୍ଧି କରିବାରେ ଉପଯୋଗ କରାଯାଏ ଏବଂ ହାର ନିର୍ଦ୍ଧାରଣ ଯୋଜନା ପ୍ରସ୍ତୁତ କରିଥାନ୍ତି, ସେଗୁଡ଼ିକୁ ହାର ନିର୍ଦ୍ଧାରଣ କାରକ ରୂପେ ସୂଚୀତ କରାଯାଏ । □ ବୀମାକର୍ତ୍ତାମାନେ ସଙ୍କଟକୁ ନିର୍ଦ୍ଧାରିତ କରିବାରେ ଏବଂ ସେମାନେ ଲାଗୁ କରିବାକୁ ଥିବା ମୂଲ୍ୟକୁ ନିର୍ଣ୍ଣୟ କରିବାରେ 'ହାର ନିର୍ଦ୍ଧାରଣ କାରକ' ର ଉପଯୋଗ କରିଥାନ୍ତି ।

- ✓ ବୀମାକର୍ତ୍ତା ଏକ ଆଧାର ହାର ସ୍ଥାପିତ କରିବା ପାଇଁ ତାର ମୂଲ୍ୟାଙ୍କନସବୁର ଉପଯୋଗ କରେ ।

- ✓ ବୀମାକର୍ତ୍ତା ତାପରେ ଅନୁକୂଳ ବିଶେଷତା ଯଥା: ସମ୍ପତ୍ତି ସଙ୍କଟ ଉପରେ ଉତ୍କୃଷ୍ଟ ଅଗ୍ନି ସୁରକ୍ଷା ଉପରେ ଲାଗୁ କରାଯାଇଥିବା ଛାଡ଼ (ଡିସ୍କାଉଣ୍ଟ) ଏବଂ ପ୍ରତିକୂଳ ବିଶେଷତା ଯଥା: ପରିସରରେ ଜ୍ୱଳନଶୀଳ ସାମଗ୍ରୀର ଉପସ୍ଥିତି ଉପରେ ଲାଗୁକରାଯାଇଥିବା ଲୋଡ଼ିଙ୍ଗ୍ ସହିତ ଏହି ହାରକୁ ସମାୟୋଜିତ କରେ ।
- ✓ ଜୀବନ ବୀମାରେ ସାମାନ୍ୟ ପ୍ରଥା ହେଉଛି ପ୍ରତିକୂଳ ସ୍ୱାସ୍ଥ୍ୟ, ଅଭ୍ୟାସ, ବଂଶଗତ କିମ୍ବା ବ୍ୟବସାୟିକ କାରକ ପାଇଁ ଲୋଡିଙ୍ଗ୍ ଲାଗୁ କରିବା ।

**ମୁଖ୍ୟ ପଦାବଳୀ**

- କାଟଯୋଗ୍ୟ
- ଫ୍ରାଞ୍ଚାଇଜ୍

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି ।

ଉତ୍ତର 2 - ସଠିକ୍ ବିକଳ୍ପ ହେଉଛି ।

# ଅଧ୍ୟାୟ C-06

# ଦାବୀ ପ୍ରୋସେସିଙ୍ଗ୍

**ଅଧ୍ୟାୟ ପରିଚୟ**

ବୀମିତ ବୀମାର ଲାଭର ସ୍ୱାଦ ପାଏ କେବଳ ଯେତେବେଳେ ସେ ହାନି ଦ୍ୱାରା ଆକ୍ରାନ୍ତ ହୁଏ । ସଂପୂର୍ଣ୍ଣ ବୀମା ଉଦ୍ୟୋଗ ବୀମିତ ଦ୍ୱାରା ସମ୍ମୁଖୀନ ହୋଇଥିବା ହାନିସବୁ ପ୍ରତି ସମ୍ବେଦନଶୀଳ ହୋଇଥାଏ ଏବଂ ଉତ୍ପନ୍ନ ହୋଇଥିବା ଦାବୀଗୁଡ଼ିକୁ ଯେତେ ଦୂର ସମ୍ଭବ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବେ ଏବଂ ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର ସମାଧାନ କରିବାକୁ ପ୍ରୟାସ କରିଥାଏ ।

ଅଧ୍ୟୟନ ପରିଣାମ

**A. ହାନି ମୂଲ୍ୟାଙ୍କନ ଏବଂ ଦାବୀ ସମାଧାନ**

**B. ଦାବୀର ବର୍ଗ**

**C. ମଧ୍ୟସ୍ଥତା**

**D. ଅନ୍ୟାନ୍ୟ ବିବାଦ ସମାଧାନ ତନ୍ତ୍ର**

ଏହି ଅଧ୍ୟାୟ ଅଧ୍ୟୟନ କରିବା ପରେ, ଆପଣ ନିମ୍ନଲିଖିତକୁ ବୁଝିବାରେ ସକ୍ଷମ ହୋଇ ପାରିବେ:

1. ଦାବୀ ସମାଧାନ
2. ଦାବୀ କାର୍ଯ୍ୟ ପ୍ରଣାଳୀର ମହତ୍ୱ

## A. ହାନି ମୂଲ୍ୟାଙ୍କନ ଏବଂ ଦାବୀ ସମାଧାନ

ଦାବୀ ମୂଲ୍ୟାଙ୍କନ (ହାନି ମୂଲ୍ୟାଙ୍କନ) ହେଉଛି ବୀମିତ ଦ୍ୱାରା ଆକ୍ରାନ୍ତ ହୋଇଥିବା ହାନି ବୀମା ପଲିସୀଦ୍ୱାରା ସୁରକ୍ଷାପ୍ରାପ୍ତ ଅଟେ କି ନାହିଁ, ଅର୍ଥାତ୍ ହାନିଟି କୌଣସି ଅପବର୍ଜନ ଅନ୍ତର୍ଗତ ଆସୁନାହିଁ ତ ଏବଂ ୱାରେଣ୍ଟିର କୌଣସି ଉଲଘଂନ ହୋଇ ନାହିଁ ତ, ଏହା ନିର୍ଦ୍ଧାରିତ କରିବାର ପ୍ରକ୍ରିୟା ।

ଦାବୀସବୁର ସମାଧାନ ନିରପେକ୍ଷତାର ବିଚାର ଉପରେ ଆଧାରିତ ହୋଇଥାଏ । ଏକ ବୀମା କମ୍ପାନୀ ପାଇଁ, ଦାବୀର ତ୍ୱରିତ ସମାଧାନ ଏହାର ସେବାର କାର୍ଯ୍ୟକ୍ଷମତାର ବେଞ୍ଚମାର୍କ ଅଟେ । ଦାବୀ ପ୍ରକ୍ରିୟାରେ ନିଆଯାଉଥିବା ସମୟ ସମ୍ବନ୍ଧରେ ପ୍ରତ୍ୟେକ କମ୍ପାନୀର ଆନ୍ତରିକ ମାର୍ଗଦର୍ଶିକା ଅଛି, ଯାହାକୁ ଏହାର କର୍ମଚାରୀମାନେ ପାଳନ କରନ୍ତି ।

ଏହା ସାଧାରଣତଃ "ଟର୍ଣ୍ଣଏରାଉଣ୍ଡ ଟାଇମ୍" (TAT) ପଦ ରୂପେ ପରିଚିତ ଅଟେ । କେତେକ ବୀମାକର୍ତ୍ତା, ବୀମିତ ପାଇଁ ସମୟ ସମୟରେ ଅନଲାଇନରେ ଦାବୀ ସ୍ଥିତିକୁ ଯାଞ୍ଚ କରିବା ପାଇଁ ସୁବିଧା ବି କରିଛନ୍ତି । କେତେକ ବୀମା କମ୍ପାନୀ ଦାବୀଗୁଡ଼ିକର ତ୍ୱରିତ ପ୍ରୋସେସିଙ୍ଗ୍ ପାଇଁ ଦାବୀ ହବ୍ ମଧ୍ୟ ସ୍ଥାପିତ କରିଛନ୍ତି ।

ଏକ ବୀମା ଦାବୀରେ ଥିବା ମହତ୍ୱପୂର୍ଣ୍ଣ ଦିଗ

ଯଦିଓ ଅଧିକାଂଶ କମ୍ପାନୀମାନେ ସେମାନଙ୍କ ଟି.ଏ.ଟି. ଦ୍ୱାରା ପ୍ରତିବନ୍ଧିତ ଅଟନ୍ତି ।

ଯଦିଓ ଅଧିକାଂଶ କମ୍ପାନୀ ସେମାନଙ୍କ TAT ଦ୍ବାରା ବାଧ୍ଯ ଅଟନ୍ତି ଏକ ଅଭିକର୍ତ୍ତା ପାଇଁ ସେହି ଦିଗଗୁଡିକ ଜାଣିବା ମହତ୍ୱପୂର୍ଣ୍ଣ ଅଟେ ଯାହା ସବୁ ଉପରେ ଏକ ଦାବୀର ସମାଧାନ ପାଇଁ ଧ୍ଯାନ ଦିଆଯାଏ। ସାଧାରଣ ବୀମା ଦାବୀ ପାଇଁ ଛଅ ଗୋଟି ଅତି ମହତ୍ବପୂର୍ଣ୍ଣ ଦିଗଗୁଡିକ ନିମ୍ନରେ ଦିଆଯାଇଛି ।

i. ହାନି ଘଟାଉଥିବା ଘଟଣାଟି ପଲିସୀର କ୍ଷେତ୍ର ମଧ୍ୟରେ ଅଛି କି
ii. ବୀମିତ ଜଣକ ପଲିସୀ ସର୍ତ୍ତାବଳୀର ତା'ର ଭାଗର ଅନୁପାଳନ କରିଛି କି
iii. ୱାରେଣ୍ଟିର ଅନୁପାଳନ ସର୍ବେକ୍ଷଣ ରିପୋର୍ଟ ସୂଚୀତ କରିବ ୱାରେଣ୍ଟିସବୁର ଅନୁପାଳନ ହୋଇଛନ୍ତି କି ନାହିଁ ।
iv. ପଲିସୀ ଚାଲୁରହିଥିବା ସମୟରେ, ପ୍ରସ୍ତାବକ ଦ୍ୱାରା ପରମ ସଦ୍ଭାବର ଅନୁପାଳନ
v. ଏକ ହାନି ଘଟଣାରେ, ବୀମିତ ସେମିତି କାର୍ଯ୍ୟ କରିବାର ଆଶା କରାଯାଏ ଯେମତି କି ସେ ଅଣବୀମିତ ଅଟେ । ଅନ୍ୟ ଶବ୍ଦରେ, ହାନିକୁ କମ୍ କରିବାରେ ପଦକ୍ଷେପ ନେବା ତାର କର୍ତ୍ତବ୍ୟ ଅଟେ ।
vi. ଦେୟ ରାଶିର ନିର୍ଦ୍ଧାରଣ । ପ୍ରଦାନଯୋଗ୍ୟ ହାନି ରାଶି ବୀମା ରାଶିର ଅଧୀନରେ ହୋଇଥାଏ । ଅବଶ୍ୟ, ପ୍ରଦାନଯୋଗ୍ୟ ରାଶି ନିମ୍ନ ଲିଖିତ ଉପରେ ମଧ୍ୟ ନିର୍ଭର କରିବ :
    - ✓ ପ୍ରଭାବିତ ହୋଇଥିବା ସମ୍ପତ୍ତିରେ ବୀମିତର ବୀମାଯୋଗ୍ୟ ହିତର ମାତ୍ରା
    - ✓ ସ୍ୟାଲଭେଜ୍ ର ମୂଲ୍ୟ
    - ✓ ଅଧୋବୀମାର ପ୍ରୟୋଗ
    - ✓ ଅଂଶଦାନ ଏବଂ ପ୍ରତ୍ୟାସନ ସର୍ତ୍ତାବଳୀର ପ୍ରୟୋଗ

ଜୀବନ ବୀମା ସମ୍ବନ୍ଧୀୟ ଦାବୀସବୁର ମାମଲାରେ, ବୀମାକର୍ତ୍ତା ଯାଞ୍ଚ କରେ

1) ପଲିସୀର ସର୍ତ୍ତାବଳୀର ଉଲ୍ଲଘଂନ କରାଯାଇଛି କି

2) ପରମ ସଦ୍ଭାବର ଅନୁପାଳନ କରାଯାଇଛି କି, ଏବଂ

3) କୌଣସି ଆବଶ୍ୟକୀୟ ତଥ୍ୟକୁ କପଟପୂର୍ଣ୍ଣ ଭାବେ ଲୁଚାଇ ରଖାଯାଇ ନାହିଁ ତ ।

## B. ଦାବୀର ବର୍ଗ

ବୀମା ଦାବୀଗୁଡିକ ନିମ୍ନଲିଖିତ ବର୍ଗରେ ଅନ୍ତର୍ଭୁକ୍ତ ହୁଅନ୍ତି:

### i. ମାନକ ଦାବୀ

ଏହିଗୁଡିକ ସେହିସବୁ ଦାବୀ ଅଟନ୍ତି ଯାହା ସ୍ପଷ୍ଟରୂପେ ପଲିସୀର ନିୟମ ଓ ସର୍ତ୍ତାବଳୀ ମଧ୍ୟରେ ହୋଇଥାନ୍ତି । ପରିଧି ଓ ଚୟନ କରାଯାଇଥିବା ବୀମା ରାଶି ଏବଂ ବିଭିନ୍ନ ଶ୍ରେଣୀର ବୀମା ପାଇଁ ଉଲ୍ଲିଖିତ କ୍ଷତିପୂର୍ତ୍ତିର ଅନ୍ୟାନ୍ୟ ପଦ୍ଧତିକୁ ଧ୍ୟାନରେ ରଖି ଦାବୀର ମୂଲ୍ୟାଙ୍କନ କରାଯାଏ ।

### ii. ହାରାହାରି କିମ୍ବା ହାରାହାରି ଧାରାର ସର୍ତ୍ତ

କେତେକ ପଲିସୀରେ ଏହା ଏକ ସର୍ତ୍ତ ରହିଛି ଯାହା ବୀମିତକୁ ତାର ସମ୍ପତ୍ତିକୁ ଅଧୋବୀମା କୁହାଯାଉଥିବା ଏହାର ବାସ୍ତବ ମୂଲ୍ୟଠାରୁ କମ୍ ବୀମା ରାଶିରେ ବୀମିତ କରିଥିବାରୁ ଦଣ୍ଡିତ କରେ । ଏକ ଦାବୀର ଘଟଣାରେ ବୀମିତକୁ ଏକ ରାଶି ମିଳେ ଯାହାକୁ ତାର ବାସ୍ତବ ହାନିଠାରୁ ଅଧୋବୀମିତ ରାଶି ଅନୁଯାୟୀ ତାର ସମାନୁପାତିକ ରୂପେ କମ୍ କରାଯାଇଥାଏ । ସେହି ପରିସ୍ଥିତି ଅଧିକ ରୂପେ ଅଣ-ଜୀବନ ବୀମା କ୍ଷେତ୍ରରେ ଘଟିଥାଏ ।

### iii. ଦୈବୀ ଆପଦ – ପ୍ରଳୟଙ୍କର ହାନି

ପ୍ରାକୃତିକ ବିପର୍ଯ୍ୟୟ ଯେପରିକି ଝଡ଼, ବାତ୍ୟା, ବନ୍ୟା, ଜଳପ୍ଲାବନ ଏବଂ ଭୂମିକମ୍ପକୁ "ଦୈବୀ" ଆପଦ କୁହାଯାଏ । ଏହି ବିପର୍ଯ୍ୟୟଗୁଡିକର ପରିଣାମସ୍ୱରୂପ ପ୍ରଭାବିତ କ୍ଷେତ୍ରରେ ବୀମାକର୍ତ୍ତାର ଅନେକ ପଲିସୀର ହାନି ହୋଇପାରେ । କେତେକ ବର୍ଗର ଅଣ-ଜୀବନ ବୀମା ଦାବୀଗୁଡିକର ମୂଲ୍ୟାଙ୍କନ ପାଇଁ ସର୍ବେକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଇଥାଏ । sa

ସେଭଳି ବଡ଼ ବଡ଼ ଏବଂ ପ୍ରଳୟଙ୍କରୀ ହାନିଗୁଡିକରେ, ସର୍ବେକ୍ଷକଙ୍କୁ ଏକ ତ୍ୱରିତ ମୂଲ୍ୟାଙ୍କନ ଓ ହାନି ହ୍ରାସ କରଣ ପ୍ରୟାସ ପାଇଁ ତୁରନ୍ତ ହାନି ସ୍ଥଳକୁ ଯିବାପାଇଁ କୁହାଯାଏ । ତା ସଙ୍ଗେ ସଙ୍ଗେ, ବୀମାକର୍ତ୍ତାମାନଙ୍କ କାର୍ଯ୍ୟକର୍ତ୍ତାମାନେ ମଧ୍ୟ ହାନିର ଦୃଶ୍ୟକୁ ପରିଦର୍ଶନ କରନ୍ତି ବିଶେଷ ରୂପେ ସେତେବେଳେ, ଯେତେବେଳେ ସଂପୃକ୍ତ ରାଶି ପରିମାଣ ଅଧିକ ହୋଇଥାଏ । ପରିଦର୍ଶନର ଉଦ୍ଦେଶ୍ୟ ହେଉଛି ହାନିର ସ୍ୱରୂପ ଏବଂ ମାତ୍ରାର ଏକ ତ୍ୱରିତ, ବାସ୍ତବ ସ୍ଥଳର ଧାରଣା ପ୍ରାପ୍ତ କରିବା ।

ପ୍ରାଥମିକ ରିପୋର୍ଟଗୁଡିକ ମଧ୍ୟ ଦାଖଲ କରାଯାଏ ଯଦି ସର୍ବେକ୍ଷକମାନେ ମୂଲ୍ୟାଙ୍କନ ସମ୍ବନ୍ଧରେ କିଛି ସମସ୍ୟାର ସମ୍ମୁଖୀନ ହୁଅନ୍ତି ଏବଂ ବୀମାକର୍ତ୍ତାମାନଙ୍କଠାରୁ ମାର୍ଗଦର୍ଶନ ଓ ପରାମର୍ଶ ଚାହିଁ ପାରନ୍ତି ଯେଉଁମାନଙ୍କୁ ଏ ପ୍ରକାରେ ବୀମିତମାନଙ୍କ ସହିତ ସମସ୍ୟାଗୁଡିକ ଉପରେ ଆଲୋଚନା କରିବା ପାଇଁ ଏକ ସୁଯୋଗ ଦିଆଯାଏ, ଯଦି ଆବଶ୍ୟକ ହୁଏ ।

### iv. ଅନ୍ ଆକାଉଣ୍ଟ ରାଶି ପ୍ରଦାନ

ଅଣ-ଜୀବନ ବୀମା ଦାବୀଗୁଡିକରେ, ପ୍ରାଥମିକ ରିପୋର୍ଟ ବ୍ୟତୀତ, ସମୟ ସମୟରେ ଅନ୍ତରିମ ରିପୋର୍ଟଗୁଡିକ ଦାଖଲ କାରାଯାଇପାରେ ଯେଉଁଠି ଏକ ଦୀର୍ଘସମୟ ଧରି ମରାମତି ଏବଂ/କିମ୍ବା ପ୍ରତିସ୍ଥାପନ ଚାଲୁ ରହିଥାଏ । ଅନ୍ତରିମ ରିପୋର୍ଟ ବୀମାକର୍ତ୍ତାକୁ ହାନିର ମୂଲ୍ୟାଙ୍କନର ବିକାଶର ଏକ ଧାରଣା ବି ଦେଇଥାଏ । ଏହା ଦାବୀର "ଅନ୍ ଆକାଉଣ୍ଟ ରାଶିପ୍ରଦାନ" ର ସୁପାରିଶରେ ବି ସାହାଯ୍ୟ କରିଥାଏ, ଯଦି ବୀମିତ ଇଚ୍ଛା କରେ । ଏହା ସାଧାରଣତଃ ଘଟିଥାଏ ଯଦି ହାନି ଅଧିକ ହୋଇଥାଏ ଏବଂ ମୂଲ୍ୟାଙ୍କନର ପୂର୍ଣ୍ଣତା ପାଇଁ କିଛି ସମୟ ଲାଗିପାରେ ।

ଯଦି ଦାବୀଟି ବ୍ୟବସ୍ଥିତ ରୂପେ ମିଳେ, ଦାବୀକର୍ତ୍ତାଙ୍କୁ ରାଶିପ୍ରଦାନ କରାଯାଏ ଏବଂ କମ୍ପାନୀ ରେକର୍ଡରେ ପ୍ରବିଷ୍ଟ କରାଯାଏ । ସହ-ବୀମାକର୍ତ୍ତା ଏବଂ ପୁନଃବୀମା କର୍ତ୍ତାମାନଙ୍କଠାରୁ ଯଥାର୍ଥ ପୁନଃପ୍ରାପ୍ତି ନିଆଯାଇଥାଏ, ଯଦି କିଛି ଥାଏ । କେତେକ କ୍ଷେତ୍ରରେ, ବୀମିତ ସେହି ବ୍ୟକ୍ତି ହୋଇ ନ ପାରେ ଯାହାକୁ ଟଙ୍କା ପ୍ରଦାନ କରିବାକୁ ଥାଏ ।

### v. ଡିସ୍ଚାର୍ଜ ଭାଉଚର୍:

ପଲିସୀ ଅନ୍ତର୍ଗତ ଏକ ଡିସଚାର୍ଜ ପ୍ରାପ୍ତି ହେଲା ପରେ କେବଳ ଦାବୀର ସମାଧାନ କରାଯାଏ । କ୍ଷତ ପାଇଁ ଦାବୀ ସକାଶେ ଡିସ୍ଚାର୍ଜ ରସିଦ (ବ୍ୟକ୍ତିଗତ ଦୁର୍ଘଟଣା ବୀମା ଅନ୍ତର୍ଗତ)ର ଏକ ନମୂନା ର ଭାଷା ନିମ୍ନଲିଖିତ ଧାଡ଼ି ରୂପେ ଦିଆଗଲା: (କମ୍ପାନୀ କମ୍ପାନୀ ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ)

| |
|---|
| ବୀମିତର ନାମ |
| ଦାବୀ ସଂ.          ପଲିସୀ ସଂ. |
| ଏକ ଦୁର୍ଘଟଣା ଯାହା _____________ ରେ କିମ୍ବା ସମ୍ବନ୍ଧରେ ଘଟିଥିଲା, ତାହା ଯୋଗୁଁ ମୋତେ/ଆମ ଦ୍ୱାରା ସହ୍ୟ କରାଯାଇଥିବା କ୍ଷତ କାରଣରୁ ମୋତେ/ଆମକୁ ଦେୟ କ୍ଷତିପୂରଣର ସଂପୂର୍ଣ୍ଣ ଓ ଅନ୍ତିମ ସମାଧାନ ରୂପେ ମୋତେ/ଆମକୁ ଦେୟ କମ୍ପାନୀ ଲିମିଟେଡ୍ ଠାରୁ ଟ. ____________ ର ରାଶି ପ୍ରାପ୍ତି ହେଲା । |
| ତାରିଖ          (ହସ୍ତାକ୍ଷର) |

### vi. ସମାଧାନ ପରବର୍ତ୍ତୀ କାର୍ଯ୍ୟ

ଅଣ-ଜୀବନ ଦାବୀର ସମାଧାନ ପରେ ସଙ୍କଟାଙ୍କନ ସମ୍ବନ୍ଧରେ ନିଆଯାଇଥିବା ପଦକ୍ଷେପ ବ୍ୟବସାୟର ବର୍ଗ ବର୍ଗ ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ ।

**ଉଦାହରଣ**

ଏକ ଅଗ୍ନି ପଲିସୀ ଅନ୍ତର୍ଗତ ବୀମା ରାଶି, ପ୍ରଦାନ କରାଯାଇଥିବା ଦାବୀ ରାଶି ପର୍ଯ୍ୟନ୍ତ କମ୍ ହୋଇଯାଇଥାଏ। ଅବଶ୍ୟ, ଯଥାନୁପାତ ପ୍ରିମିୟମ ପ୍ରଦାନ ଦ୍ୱାରା ଏହାକୁ ପୁନଃସ୍ଥାପିତ କରାଯାଇପାରେ, ଯାହାକୁ ପ୍ରଦାନକରାଯାଇଥିବା ଦାବୀ ରାଶିଠାରୁ କାଟି ଦିଆଯାଇଥାଏ।

ଏକ ବ୍ୟକ୍ତିଗତ ଦୁର୍ଘଟଣା ପଲିସୀ ଅନ୍ତର୍ଗତ କ୍ୟାପିଟାଲ ବୀମା ରାଶିର ପ୍ରଦାନ ପରେ, ପଲିସୀଟି ରଦ୍ଦ ହୋଇଯାଇଥାଏ ।

ସେହିଭଳି, ବୈୟକ୍ତିକ ନିଷ୍ଠା ଗ୍ୟାରେଣ୍ଟି ପଲିସୀ ଅନ୍ତର୍ଗତ ଏକ ଦାବୀର ରାଶିପ୍ରଦାନଦ୍ୱାରା ସ୍ୱତଃରୂପେ ପଲିସୀର ସମାପ୍ତି ହୋଇଥାଏ।

### vii. ସାଲଭେଜ

ସାଲଭେଜ ସାଧାରଣତଃ ନଷ୍ଟ ହୋଇଥିବା ସମ୍ପତ୍ତିକୁ ସୂଚୀତ କରେ । ହାନିର ରାଶିପ୍ରଦାନ ପରେ ସାଲଭେଜ ବୀମାକର୍ତ୍ତାମାନଙ୍କ ହୋଇଥାଏ ।

**ଉଦାହରଣ**

ଯେତେବେଳେ ମୋଟର ଦାବୀର ସମାଧାନ ସଂପୂର୍ଣ୍ଣ ହାନି ଆଧାରରେ ହୋଇଯାଏ, ନଷ୍ଟ ହୋଇଥିବା ଗାଡ଼ିକୁ ବୀମାକର୍ତ୍ତାମାନଙ୍କ ଦ୍ୱାରା ନିଆଯାଇଥାଏ । ସାଲଭେଜ ଅଗ୍ନି ଦାବୀ, ସାମୁଦ୍ରିକ କାର୍ଗୋ ଦାବୀ ଇତ୍ୟାଦି ଭଳି ଅନ୍ୟାନ୍ୟ ଅଣ-ଜୀବନ ବୀମାରେ ବି ଉତ୍ପନ୍ନ ହୋଇପାରେ ।

ସାଲଭେଜ କୁ କମ୍ପାନୀମାନଙ୍କ ଦ୍ୱାରା ଏହି ଉଦ୍ଦେଶ୍ୟରେ ଉଲ୍ଲିଖିତ କାର୍ଯ୍ୟ ପ୍ରଣାଳୀ ଅନୁସାରେ ବିକ୍ରି/ସମାପ୍ତ କରିଦିଆଯାଏ । ସର୍ବେକ୍ଷକ, ଯେଉଁମାନେ ହାନିର ମୂଲ୍ୟାଙ୍କନ କରିଥାନ୍ତି, ସେମାନେ ମଧ୍ୟ ସମାପ୍ତ କରିବାର ପଦ୍ଧତିର ସୁପାରିଶ କରିବେ ।

### viii.ପୁନଃପ୍ରାପ୍ତି

ଦାବୀସବୁର ସମାଧାନ ପରେ, ବୀମା ଚୁକ୍ତିମାନଙ୍କରେ ପ୍ରଯୁଜ୍ୟ ପ୍ରତ୍ୟାସନ ଅଧିକାର ଅନ୍ତର୍ଗତ ବୀମାକର୍ତ୍ତାମାନେ, ବୀମିତର ଅଧିକାର ଓ ଉପଚାର ପାଇଁ ଏବଂ ଏକ ତୃତୀୟ ପକ୍ଷ ଯିଏ ସମ୍ବନ୍ଧିତ ପ୍ରଯୁଜ୍ୟ ଆଇନ ଅନ୍ତର୍ଗତ ହାନି ପାଇଁ ଦାୟୀ ହୋଇପାରେ, ତା' ଠାରୁ ହାନିର ପୁନଃପ୍ରାପ୍ତି ପାଇଁ ଅଧିକାରୀ ହୋଇଥାନ୍ତି । ଏ ପ୍ରକାରେ, ବୀମାକର୍ତ୍ତାମାନେ ନୌ-ପରିବହନ (ଶିପିଙ୍ଗ୍) କମ୍ପାନୀ, ରେଳବାଇ, ରୋଡ୍ କେରିଅରସ୍, ଏୟାରଲାଇନ୍ସ, ପୋର୍ଟ ଟ୍ରଷ୍ଟ ପ୍ରାଧିକରଣ ଇତ୍ୟାଦିଠାରୁ ହାନିର ପୁନଃପ୍ରାପ୍ତି କରିପାରନ୍ତି ।

**ଉଦାହରଣ**

କନସାଇନମେଣ୍ଟର ଅଣ-ବିତରଣ କ୍ଷେତ୍ରରେ, କେରିଅର୍ ମାନେ ହାନି ପାଇଁ ଦାୟୀ ହୋଇଥାନ୍ତି । ଏହି ପ୍ରକାରେ, ପୋର୍ଟ ଟ୍ରଷ୍ଟ ସେହିସବୁ ଜିନିଷ ପାଇଁ ଦାୟୀ ହୋଇଥାଏ ଯାହାକୁ ନିରାପଦରେ ଉତାରି ଦିଆଗଲା କିନ୍ତୁ ତାହା ପରେ ପରେ ନିଖୋଜ ହୋଇଗଲା । ଏହି ଉଦ୍ଦେଶ୍ୟରେ, ଦାବୀର ସମାଧାନ ପୂର୍ବରୁ, ଉଚିତ୍ ରୂପେ ଷ୍ଟାମ୍ପ ଦିଆଯାଇଥିବା ପ୍ରତ୍ୟାସନର ଏକ ପତ୍ର ବୀମିତ ଠାରୁ ପ୍ରାପ୍ତ କରାଯାଇଥାଏ ।

---

### ix. ଦାବୀ ସମ୍ବନ୍ଧୀୟ ବିବାଦ

ସର୍ବୋତ୍ତମ ପ୍ରୟାସ ସତ୍ତ୍ୱେ, ରାଶିପ୍ରଦାନରେ ବିଳମ୍ବ, ଦାବୀର ଅଣ-ପ୍ରଦାନ (ଅଗ୍ରାହ୍ୟତା), କିମ୍ବା ଦାବୀଟି କମ୍ ରାଶି ପରିମାଣ ପାଇଁ ସ୍ୱୀକୃତ ହୋଇଥିବ, ଯାହା ଫଳରେ ବୀମାକର୍ତ୍ତା ଓ ବୀମିତ ମଧ୍ୟରେ ଅସନ୍ତୋଷ ଓ ବିବାଦ ଉତ୍ପନ୍ନ ହୋଇପାରେ ।

ଏସବୁ ବ୍ୟତୀତ, ଅଧିକାଂଶ ସାଧାରଣ କାରଣ ହେଉଛନ୍ତି, କେବଳ କେତେକଙ୍କ ନାମ ନେଇ :

- ✓ ଆବଶ୍ୟକୀୟ ତଥ୍ୟସବୁର ଅଣ-ପ୍ରକଟୀକରଣ
- ✓ ବୀମାସୁରକ୍ଷାର ଅଭାବ
- ✓ ଅପବର୍ଜିତ ଆପଦ କାରଣରୁ ହୋଇଥିବା ହାନି
- ✓ ପର୍ଯ୍ୟାପ୍ତ ବୀମା ରାଶି ର ଅଭାବ
- ✓ ୱାରେଣ୍ଟିର ଉଲ୍ଲଙ୍ଘନ
- ✓ ଅଧୋବୀମା, ମୂଲ୍ୟହ୍ରାସ, ଇତ୍ୟାଦି ଯୋଗୁଁ ପରିମାଣ ସମ୍ବନ୍ଧୀୟ ମାମଲା

ଏହିସବୁ କାରଣ ବୀମିତକୁ ଯଥେଷ୍ଟ ଦୁଃଖ ଦେଇପାରନ୍ତି ସେହି ସମୟରେ ଯେତେବେଳେ ସେ ଆଗରୁ ହିଁ ହାନି ଯୋଗୁଁ ଉତ୍ପନ୍ନ ହୋଇଥିବା ଆର୍ଥିକ ବାଧାରେ ଆକ୍ରାନ୍ତ ହୋଇଥିବ । ତାର କଷ୍ଟକୁ ହ୍ରାସ କରିବା ପାଇଁ, ସ୍ୱୟଂ ପଲିସୀରେ ହିଁ ଅଭିଯୋଗ ନିବାରଣ ଏବଂ ବିବାଦ ସଂଚାଳନ କାର୍ଯ୍ୟପ୍ରଣାଳୀସବୁର ଉତ୍ତମ ରୂପେ ଉଲ୍ଲେଖ କରାଯାଇଛି । ଅଗ୍ନି କିମ୍ବା ସମ୍ପତ୍ତି ପଲିସୀରେ "ମଧ୍ୟସ୍ଥତା" ର ସର୍ତ୍ତକୁ ପଲିସୀ ମଧ୍ୟରେ ହିଁ ସମ୍ମିଳିତ କରାଯାଇଛି ।

## C. ମଧ୍ୟସ୍ଥତା

ମଧ୍ୟସ୍ଥତା ହେଉଛି ଚୁକ୍ତିମାନଙ୍କ ମଧ୍ୟରୁ ଉତ୍ପନ୍ନ ହେଉଥିବା ବିବାଦଗୁଡ଼ିକୁ ସମାଧାନ କରିବାର ଏକ ପଦ୍ଧତି । ମଧ୍ୟସ୍ଥତା ଓ ବୁଝାମଣା ଅଧିନିୟମ, 1996 ର ପ୍ରାବଧାନ ଅନୁଯାୟୀ ମଧ୍ୟସ୍ଥତା କରାଯାଏ । ତା' ମଧ୍ୟରେ ଥିବା ଏକ ଚୁକ୍ତି ଲାଗୁ କରିବା କିମ୍ବା ଏକ ବିବାଦର ସମାଧାନ କରିବାର ସାଧାରଣ ପଦ୍ଧତି ଆଇନ ଅଦାଲତକୁ ଯିବା ହୋଇପାରେ । ସେଭଳି ମୁକଦ୍ଦମାରେ, ଅବଶ୍ୟ, ଯଥେଷ୍ଟ ବିଳମ୍ବତା ଓ ଖର୍ଚ୍ଚ ସଂପୃକ୍ତ ହୋଇପାରେ । ମଧ୍ୟସ୍ଥତା ଅଧିନିୟମ ପକ୍ଷମାନଙ୍କୁ ଏକ ଚୁକ୍ତି ଅନ୍ତର୍ଗତ ବିବାଦଗୁଡ଼ିକୁ ଅଧିକ ଅନୌପଚାରିକ, କମ୍ ମହଙ୍ଗା ଏବଂ ପ୍ରାଇଭେଟ୍ ମଧ୍ୟସ୍ଥତା ପ୍ରକ୍ରିୟାକୁ ସମର୍ପି ଦେବା ପାଇଁ ସ୍ୱୀକୃତି ଦିଏ ।

ବିବାଦରେ ଥିବା ପକ୍ଷମାନେ ନିଜେ ଚୟନ କରିଥିବା, କେବଳ ଗୋଟିଏ ମଧ୍ୟସ୍ଥ କିମ୍ବା ଏକାଧିକ ମଧ୍ୟସ୍ଥ ଦ୍ୱାରା ମଧ୍ୟସ୍ଥତା କରାଯାଇପାରେ । କେବଳ ଗୋଟିଏ ମଧ୍ୟସ୍ଥ କ୍ଷେତ୍ରରେ, ପକ୍ଷମାନଙ୍କୁ ସେହି ବ୍ୟକ୍ତି ବିଷୟରେ ଏକ ମତ ହେବାକୁ ପଡ଼ିବ । ଅନେକ ବ୍ୟବସାୟିକ ବୀମା ପଲିସୀରେ ଏକ ମଧ୍ୟସ୍ଥତା ଧାରା ରହିଥାଏ ଯାହା ଉଲ୍ଲେଖ କରେ ଯେ ବିବାଦଗୁଡିକ ମଧ୍ୟସ୍ଥତାର ଅଧୀନରେ ରହିବ । ଅଗ୍ନି ଏବଂ ଅଧିକାଂଶ ଅନ୍ୟାନ୍ୟ ପଲିସୀମାନଙ୍କରେ ମଧ ଏକ ମଧ୍ୟସ୍ଥତା ଧାରା ରହିଥାଏ ଯାହା ପ୍ରାବଧାନ ରଖେ ଯେ ଯଦି ପଲିସୀ ଅନ୍ତର୍ଗତ ଦାୟିତ୍ୱକୁ କମ୍ପାନୀ ଦ୍ୱାରା ସ୍ୱୀକୃତ ହୁଏ, ଏବଂ ପ୍ରଦାନ କରିବାକୁ ଥିବା ପରିମାଣ ସମ୍ବନ୍ଧରେ ଅନ୍ତର ଥାଏ, ସେଭଳି ଅନ୍ତରକୁ ନିଶ୍ଚିତ ରୂପେ ମଧ୍ୟସ୍ଥତାକୁ ପ୍ରେଷିତ କରାଯିବା ଉଚିତ୍ । ସାଧାରଣତଃ ମଧ୍ୟସ୍ଥଙ୍କ ନିର୍ଣ୍ଣୟକୁ ଅନ୍ତିମରୂପେ ବିଚାର କରାଯାଏ ଏବଂ ଉଭୟ ପକ୍ଷ ପାଇଁ ବନ୍ଧନ କାରକ ହୋଇଥାଏ ।

ସର୍ତ୍ତର ଶବ୍ଦ ସମୂହ/ଭାଷା ପଲିସୀ ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ । ସାଧାରଣତଃ, ଏହା ନିମ୍ନ ଭଳି ଉଲ୍ଲେଖ କରେ :

i. ବିବାଦକୁ ପକ୍ଷମାନଙ୍କ ଦ୍ୱାରା ନିଯୁକ୍ତ କେବଳ ଏକ ମାତ୍ର ମଧ୍ୟସ୍ଥର ନିର୍ଣ୍ଣୟ ଉପରେ, କିମ୍ବା କେବଳ ଏକ ମାତ୍ର ମଧ୍ୟସ୍ଥର ନିଯୁକ୍ତି ଉପରେ ସେମାନଙ୍କ ମଧ୍ୟରେ କୌଣସି ଅସମ୍ମତି କ୍ଷେତ୍ରରେ, ପକ୍ଷମାନଙ୍କ ଦ୍ୱାରା ନିଯୁକ୍ତ ପ୍ରତ୍ୟେକ ମଧ୍ୟସ୍ଥ ଅର୍ଥାତ୍ ଦୁଇ ଜଣ ମଧ୍ୟସ୍ଥଙ୍କ ନିର୍ଣ୍ଣୟ ଉପରେ ସମର୍ପିତ କରାଯାଏ ।
ii. ଏହି ଦୁଇ ମଧ୍ୟସ୍ଥ ଏକ ଅମ୍ପାୟାର ନିଯୁକ୍ତ କରିବେ, ଯିଏ ବୈଠକ ମାନଙ୍କରେ ଅଧ୍ୟକ୍ଷତା କରିବେ । ଏହି ବୈଠକମାନଙ୍କ କାର୍ଯ୍ୟପ୍ରଣାଳୀ ଆଇନ ଅଦାଲତ ସଦୃଶ ହୋଇଥାଏ । ପ୍ରତ୍ୟେକ ପକ୍ଷ ନିଜ କେସ୍ ଉପରେ ବକ୍ତବ୍ୟ ଦେବ, ଯଦି ଆବଶ୍ୟକ ହୁଏ, ଏକ ପରାମର୍ଶଦାତାର ସହାୟତାରେ ଏବଂ ସାକ୍ଷୀମାନଙ୍କୁ ପଚରା ପଚରି କରାଯିବ ।
iii. ଯଦି ଦୁଇ ମଧ୍ୟସ୍ଥ ଗୋଟିଏ ନିର୍ଣ୍ଣୟ ଉପରେ ଏକମତ ନ ହୁଅନ୍ତି । ମାମଲାକୁ ଅମ୍ପାୟାର୍ ସମକ୍ଷରେ ଦାଖଲ କରାଯାଏ, ଯିଏ ତାର ଆୱାର୍ଡ (ନିର୍ଣ୍ଣୟ) ଦେଇଥାନ୍ତି ।
iv. ମଧ୍ୟସ୍ଥ/ମଧ୍ୟସ୍ଥମାନଙ୍କ କିମ୍ବା ଆୱାର୍ଡ ଦେଉଥିବା ଅମ୍ପାୟାରର ବିବେକାଧିକାର/ସ୍ୱନିର୍ଣ୍ଣୟ ଅନୁସାରେ ମୂଲ୍ୟଗୁଡିକ ଆୱାର୍ଡ କରାଯାଇଥାଏ ।

ଦାୟିତ୍ୱର ପ୍ରଶ୍ନ ସମ୍ବନ୍ଧୀୟ ବିବାଦସବୁକୁ ମୁକଦ୍ଦମା ଜରିଆରେ ସମାଧାନ କରିବାକୁ ପଡ଼ିଥାଏ ।

### ଉଦାହରଣ

ଯଦି ବୀମାକର୍ତ୍ତାମାନେ ଯୁକ୍ତିତର୍କ କରନ୍ତି ଯେ ହାନିଟି ପ୍ରଦାନଯୋଗ୍ୟ ନୁହେଁ ଯେହେତୁ ଏହା ପଲିସୀ ଅନ୍ତର୍ଗତ ବୀମା ସୁରକ୍ଷା ପ୍ରାପ୍ତ ନୁହେଁ ,ମାମଲାଟିରୁ ନିର୍ଣ୍ଣୟ ଆଇନ ଅଦାଲତା ଦ୍ୱାରା କରିବାକୁ ପଡ଼େ । ପୁନଶ୍ଚ ,ଯଦି ବୀମାକର୍ତ୍ତାମାନେ ଦାବୀର ରାଶି ପ୍ରଦାନ କରିବାକୁ ଏହି ଆଧାରରେ ଅଗ୍ରାହ୍ୟ କରନ୍ତି ଯେ ପଲିସୀଟି ନିରର୍ଥକ ଅଟେ ଯେହେତୁ ଏହା ଆବଶ୍ୟକୀୟ ତଥ୍ୟସବୁର କପଟପୂର୍ଣ୍ଣ ଅଣ-ପ୍ରକଟୀକରଣ) 'ପରମ ସଦ୍ଭାବ' ର ବୈଧିକ କର୍ତ୍ତବ୍ୟର ଉଲ୍ଲଙ୍ଘନ (ଜରିଆରେ ପ୍ରାପ୍ତ ହୋଇଥିଲା ,ମାମଲାର ସମାଧାନ ମକଦ୍ଦମା ଜରିଆରେ କରିବାକୁ ପଡ଼ିଥାଏ ।

## D. ଅନ୍ୟାନ୍ୟ ବିବାଦ ସମାଧାନ ତନ୍ତ୍ର

ଆଇ. ଆର.ଡି.ଏ.ଆଇ. ବିନିୟମନ ଅନୁଯାୟୀ, ସମସ୍ତ ପଲିସୀକୁ, ଯଦି ବୀମିତ କୌଣସି ବି କାରଣରୁ ବୀମାକର୍ତ୍ତାର ସେବାରେ ଅସନ୍ତୁଷ୍ଟ ହୁଏ, ତା' ପାଇଁ ଉପଲବ୍ଧ ଥିବା ଅଭିଯୋଗ ନିବାରଣ ତନ୍ତ୍ର ବିଷୟରେ ଉଲ୍ଲେଖ କରିବାକୁ ପଡ଼ିଥାଏ ।

ବ୍ୟକ୍ତିଗତ ପ୍ରକାରର ବ୍ୟବସାୟ ଅନ୍ତର୍ଗତ ଦାବୀ କ୍ଷେତ୍ରରେ, ଏକ ଅସନ୍ତୁଷ୍ଟ ବୀମିତ ବୀମା ଲୋକପାଳଙ୍କ ନିକଟକୁ ପହଞ୍ଚିପାରେ । ଏହି କାର୍ଯ୍ୟପ୍ରଣାଳୀ ବିଷୟରେ ବସ୍ତୃତ ରୂପେ ଅଧ୍ୟାୟ ୨ ରେ ଆଲୋଚନା କରାଯାଇଛି । ଲୋକପାଳଙ୍କ ନିର୍ଣ୍ଣୟ ବୀମାକର୍ତ୍ତାପାଇଁ ବନ୍ଧନକାରକ ହୋଇଥାଏ, କିନ୍ତୁ ବୀମିତ ପାଇଁ ନୁହେଁ ।

ଆର୍ଥିକ ପ୍ରାଧିକାର ଭଳି ବିଷୟ ଏବଂ ଲୋକପାଳଙ୍କ ସୀମା ସମ୍ବନ୍ଧରେ ମଧ୍ୟ ବସ୍ତୃତ ରୂପେ ଅଧ୍ୟାୟ ୨ ରେ ଆଲୋଚନା କରାଯାଇଛି ।

### ସ୍ୱୟଂ ପରୀକ୍ଷା କରନ୍ତୁ1

ନିମ୍ନଲିଖିତ କାର୍ଯ୍ୟକଳାପ କେଉଁଟିକୁ ଦାବୀସବୁର ବ୍ୟବସାୟିକ ସମାଧାନ ଅନ୍ତର୍ଗତ ବର୍ଗୀକୃତ କରାଯାଇ ନ ପାରେ ?

I. ହାନିର କାରଣ ସମ୍ବନ୍ଧରେ ସୂଚନା ପ୍ରାପ୍ତ କରିବା

II. ପକ୍ଷପାତର ସହିତ ଦାବୀକୁ ଉପସ୍ଥାପିତ କରିବା

III. ଏହା ସୁନିଶ୍ଚିତ କରିବା ଯେ ହାନିଟି ଏକ ବୀମିତ ଆପଦ କାରଣରୁ ହୋଇଥିଲା

IV. ଦାବୀ ଅନ୍ତର୍ଗତ ଦେୟ ରାଶିର ପରିମାଣ ନିର୍ଦ୍ଧାରିତ କରିବା

### ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର

**ଉତ୍ତର 1** - ସଠିକ୍ ବିକଳ୍ପ ହେଉଛି II

### ମୁଖ୍ୟ ପଦାବଳୀ

ଟର୍ଣ୍ଣ ଏରାଉଣ୍ଡ ଟାଇମ୍

ସାଲଭେଜ

ପୁନଃପ୍ରାପ୍ତି

ଦାବୀ ମୂଲ୍ୟାଙ୍କନ

# ଅଧ୍ୟାୟ C-07

# ଦଲିଲୀକରଣ

**ଅଧ୍ୟାୟ ପରିଚୟ**

ବୀମା ଉଦ୍ୟୋଗରେ ଆମେମାନେ ଅନେକ ସଂଖ୍ୟକ ଫର୍ମ ଓ ଦସ୍ତାବିଜ ସହିତ କାରବାର କରୁ । ବୀମିତ ଏବଂ ବୀମାକର୍ତ୍ତା ମଧ୍ୟରେ ଥିବା ସମ୍ବନ୍ଧରେ ସ୍ୱଷ୍ଟତା ଆଣିବା ପାଇଁ ଏଗୁଡ଼ିକର ଆବଶ୍ୟକତା ଥାଏ । ଏହି ଅଧ୍ୟାୟରେ, ଆମେମାନେ ବିଭିନ୍ନ ଦସ୍ତାବିଜ ଏବଂ ସେଗୁଡ଼ିକର ବିଷୟରେ ମହତ୍ୱ ଆଲୋଚନା କରିବା ଯେଉଁଗୁଡ଼ିକ ପ୍ରସ୍ତାବ ଚରଣରେ ସଂପୃକ୍ତ ଥାଆନ୍ତି ।

**ଅଧ୍ୟୟନ ପରିଣାମ**

ନିମ୍ନସବୁର ମହତ୍ୱକୁ ବୁଝିବା

A. ବିବରଣ-ପୁସ୍ତିକା (ପ୍ରୋସ୍ପେକ୍ଟସ୍)

B. ପ୍ରସ୍ତାବ ଫର୍ମ

C. ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ (KYC) ଦସ୍ତାବିଜ

ଏହି ଅଧ୍ୟାୟର ଅଧ୍ୟୟନ ପରେ ଆପଣ ଜାଣିବାରେ ସକ୍ଷମ ହେବେ :

- ପ୍ରସ୍ତାବ ଚରଣ ଦଲିଲୀକରଣ ଏବଂ ଏହାର ମହତ୍ୱ ବୁଝିବାରେ
- ବିବରଣ-ପୁସ୍ତିକାର ଉଦ୍ଦେଶ୍ୟ ସହିତ ପରିଚିତ ହେବାରେ
- ପ୍ରସ୍ତାବ ଫର୍ମର ମହତ୍ୱ ବୁଝିବାରେ
- ଏଣ୍ଟି-ମନି ଲଣ୍ଡରିଙ୍ଗ୍ (AML), ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ (KYC)ମାନଦଣ୍ଡ (ନିୟମ) ଏବଂ ବ୍ୟବହାରିକ ରୂପେ ସମସ୍ତ ପଲିସୀ ପାଇଁ ସାଧାରଣ ରୂପେ ପ୍ରଯୁଜ୍ୟ ମହତ୍ୱପୂର୍ଣ୍ଣ ଦସ୍ତାବିଜଗୁଡ଼ିକର ମୂଲ୍ୟ ବୁଝିବାରେ
- ଆୟୁ ପ୍ରମାଣ ଏବଂ ସ୍ୱୀକାର୍ଯ୍ୟ ଦସ୍ତାବିଜସବୁର ମହତ୍ୱ ।

## A. ବିବରଣ-ପୁସ୍ତିକା (ପ୍ରୋସ୍ପେକ୍ଟସ)

ବିବରଣ-ପୁସ୍ତିକା ହେଉଛି ଏକ ପ୍ରସ୍ତାବ ଚରଣ ଦସ୍ତାବିଜ । ବିବରଣ-ପୁସ୍ତିକା ହେଉଛି ବୀମା କମ୍ପାନୀମାନଙ୍କ ଦ୍ୱାରା ଉପଯୋଗ କରାଯାଉଥିବା ଏକ ଔପଚାରିକ ବୈଧିକ (କାନୁନୀ) ଦସ୍ତାବିଜ ଯାହା ଉତ୍ପାଦ ସମ୍ବନ୍ଧରେ ବସ୍ତୃତ ବିବରଣୀ ପ୍ରଦାନ କରିଥାଏ । ଏହାର ଅର୍ଥ ବୀମାର ଉତ୍ପାଦଗୁଡିକୁ ବିକ୍ରି କରିବା କିମ୍ବା ପ୍ରୋତ୍ସାହିତ କରିବା ପାଇଁ ଭୌତିକ, ଇଲେକ୍ଟ୍ରୋନିକ୍ କିମ୍ବା କୌଣସି ଅନ୍ୟ ପ୍ରାରୂପରେ ବୀମାକର୍ତ୍ତାଦ୍ୱାରା ଜାରୀ କରାଯାଇଥିବା ଏକ ଦସ୍ତାବିଜ ହୋଇପାରେ । ଏହି ଉଦ୍ଦେଶ୍ୟରେ, ବୀମା ଉତ୍ପାଦଗୁଡିକରେ ପ୍ରସ୍ତାବିତ ଆଡ୍-ଅନ୍ ସୁରକ୍ଷା/ରାଇଡର୍ ମଧ୍ୟ ଅନ୍ତର୍ଭୁକ୍ତ ହୋଇପାରେ, ଯଦି କିଛି ଥାଏ । ବିବରଣୀ-ପୁସ୍ତିକା ଏକ ପରିଚୟାତ୍ମକ/ପ୍ରାରମ୍ଭିକ ଦସ୍ତାବିଜ ଭଳି ହୋଇପାରେ ଯାହା କମ୍ପାନୀର ଉତ୍ପାଦଗୁଡିକ ସହିତ ପରିଚିତ ହେବାରେ ସମ୍ଭାବ୍ୟ ପଲିସୀଧାରକଙ୍କୁ ସାହାଯ୍ୟ କରିଥାଏ ।

ଆଇ.ଆର୍.ଡି.ଏ.ଆଇ. ର (ପଲିସୀଧାରକଙ୍କ ହିତ ସୁରକ୍ଷା) ବିନିୟମନ, 2017 ଅନୁଯାୟୀ, ବିବରଣୀ-ପୁସ୍ତିକାରେ ସେହି ସମସ୍ତ ତଥ୍ୟ ସମ୍ମିଳିତ ହେବା ଉଚିତ୍ ଯାହା ଏକ ପଲିସୀର କ୍ରୟ ସମ୍ବନ୍ଧରେ ସୂଚୀତ ନିର୍ଣ୍ଣୟ ନେବା ପାଇଁ ଏକ ସମ୍ଭାବ୍ୟ ପଲିସୀଧାରକ ପାଇଁ ଆବଶ୍ୟକ ହୋଇଥାଏ । ପ୍ରତ୍ୟେକ ବୀମା ଯୋଜନା ପାଇଁ ଏଥିରେ ନିମ୍ନ ସବୁ ଅନ୍ତର୍ଭୁକ୍ତ ହେବା ଉଚିତ:

- ପ୍ରାଧିକରଣ ଦ୍ୱାରା ସମ୍ବନ୍ଧିତ ବୀମା ଉତ୍ପାଦ ପାଇଁ ଆବଣ୍ଟିତ ଅନନ୍ୟ ପରିଚୟ ସଂଖ୍ୟା (UIN)
- ବୀମା ସୁରକ୍ଷାର ବିସ୍ତାର
- ଲାଭ/ପାତ୍ରତା-ଗ୍ୟାରେଣ୍ଟିଯୁକ୍ତ ଏବଂ ଅଣ-ଗ୍ୟାରେଣ୍ଟିଯୁକ୍ତର ପରିଧି
- ବୀମା ସୁରକ୍ଷାର ୱାରେଣ୍ଟି, ଅପବର୍ଜନ/ବ୍ୟତିକ୍ରମ ସହିତ ବ୍ୟାଖ୍ୟା
- ବୀମା ସୁରକ୍ଷାର ନିୟମ ଓ ସର୍ତ୍ତାବଳୀ
- ବୀମା ଦ୍ୱାରା ସୁରକ୍ଷାପ୍ରାପ୍ତ ଆକସ୍ମିକତା/ଆକସ୍ମିକତାଗୁଡିକର ବିବରଣ
- ସେହି ବିବରଣ-ପୁସ୍ତିକା ଅନ୍ତର୍ଗତ ବୀମା ପାଇଁ ଯୋଗ୍ୟ ଜୀବନ କିମ୍ବା ସମ୍ପତ୍ତିର ବର୍ଗ
- ଯୋଜନାଟି ସହଭାଗୀ କିମ୍ବା ଅଣ-ସହଭାଗୀ ଅଟେ

ଉତ୍ପାଦ ଉପରେ ସ୍ୱୀକାର୍ଯ୍ୟ ଆଡ୍-ଅନ୍ କଭର୍ (ଜୀବନ ବୀମାରେ ରାଇଡର୍ ବି କୁହାଯାଉଥିବା) ଏବଂ ସେମାନଙ୍କ ଲାଭସବୁକୁ ମଧ୍ୟ ଉଲ୍ଲେଖ କରାଯାଏ ।

ଅନ୍ୟାନ୍ୟ ମହତ୍ୱପୂର୍ଣ୍ଣ ସୂଚନା ଯାହାକୁ ଏକ ବିବରଣ-ପୁସ୍ତିକାରେ ଅନ୍ତର୍ଭୁକ୍ତ ଥାଏ:

1. ବୀମା ସୁରକ୍ଷା ଏବଂ ପ୍ରିମିୟମରେ କୌଣସି ବ୍ୟବଧାନ । ଉ.ସ୍ୱ:. ବିଭିନ୍ନ ଆୟୁ ସମୂହ ପାଇଁ କିମ୍ବା ବିଭିନ୍ନ ପ୍ରବେଶ ଆୟୁ ପାଇଁ
2. ପଲିସୀର ନୂତନୀକରଣ ନିୟମାବଳୀ
3. କେତେକ ନିର୍ଦ୍ଦିଷ୍ଟ ପରିସ୍ଥିତି ଅନ୍ତର୍ଗତ ପଲିସୀର ରଦ୍ଦକରଣ ପାଇଁ ନିୟମାବଳୀ
4. ବିଭିନ୍ନ ପରିସ୍ଥିତି ଅନ୍ତର୍ଗତ ପ୍ରଯୁଜ୍ୟ କୌଣସି ଛାଡ଼ (ଡିସ୍କାଉଣ୍ଟ୍) କିମ୍ବା ଲୋଡିଙ୍ଗ୍ ର ବିବରଣୀ
5. ପ୍ରିମିୟମ ସହିତ ପଲିସୀର ନିୟମାବଳୀରେ କୌଣସି ସଂଶୋଧନ କିମ୍ବା ପରିବର୍ତ୍ତନର ସମ୍ଭାବନା

6. ସେହି ଏକା ବୀମାକର୍ତ୍ତା ସହିତ ଶୀଘ୍ର ପ୍ରବେଶ, ଅବିଚ୍ଛିନ୍ନ ନୂତନୀକରଣ, ଅନୁକୂଳ ଦାବୀ ଅନୁଭୂତି ଇତ୍ୟାଦି ପାଇଁ ପଲିସୀଧାରକମାନଙ୍କୁ ପ୍ରତିଫଳ ପ୍ରଦାନ କରିବା ପାଇଁ କୌଣସି ପ୍ରୋତ୍ସାହନ ।
7. ବିବରଣ-ପୁସ୍ତିକାରେ ଆଇ.ଆର୍.ଡି.ଏ.ଆଇ. ଦ୍ଵାରା ଆବଣ୍ଟିତ ଉତ୍ପାଦ UIN ଆବଶ୍ୟକ ରୂପେ ଅନ୍ତର୍ଭୁକ୍ତ ହେବ ।
8. ଆଇ.ଆର୍.ଡି.ଏ.ଆଇ. ବିନିୟମନ ଶାସନାଦେଶ ଦିଏ ଯେ ବିବରଣ-ପୁସ୍ତିକା ଧାରା 41 ର ଏକ ପ୍ରତିଲିପି ଅନ୍ତର୍ଭୁକ୍ତ କରିବ । ଏହି ଧାରା ଭାରତରେ ଜୀବନ କିମ୍ବା ସମ୍ପତ୍ତି ସମ୍ବନ୍ଧୀୟ ଏକ ନୂଆ ବୀମା କ୍ରୟ କରିବା ପାଇଁ, କୌଣସି ପ୍ରକାରର ବୀମାକୁ ଚାଲୁ ରଖିବା କିମ୍ବା ନୂତନୀକରଣ କରିବା ପାଇଁ କୌଣସି ବ୍ୟକ୍ତିକୁ କୌଣସି ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ପ୍ରଲୋଭନ (ଉତପ୍ରେରଣ) ସମେତ ପଲିସୀ ଉପରେ ଦେୟ କମିଶନର ସଂପୂର୍ଣ୍ଣ କିମ୍ବା ଅଂଶର କୌଣସି ଛାଡ଼ (ରିବେଟ୍) ଦେବାକୁ ନିଷେଧ କରେ ।

ବିଶେଷ ରୂପେ ବିବରଣ-ପୁସ୍ତିକା ପ୍ରସ୍ତାବକକୁ ନାମୀତିକରଣ ପାଇଁ ସୁବିଧାର ଉପଲବ୍ଧତା ସମ୍ବନ୍ଧରେ ସୂଚୀତ କରେ ।

ସ୍ଵୟଂ ପରୀକ୍ଷା କରନ୍ତୁ1

ନିମ୍ନଲିଖିତ ମଧ୍ୟରୁ କେଉଁଟି ସାଧାରଣତଃ ବୀମା ବିବରଣ-ପୁସ୍ତିକାର ଅଂଶ ହୋଇ ନ ଥାଏ ?

**I.** ଲୋକପାଳଙ୍କ ନାମ

**II.** ଲାଭସବୁର ପରିଧିର ତାରିଖ

**III.** ପାତ୍ରତା

**IV.** ଅପବର୍ଜନ

---

## B. ପ୍ରସ୍ତାବ ଫର୍ମ

ବୀମା ପଲିସୀ ହେଉଛି ବୀମାକର୍ତ୍ତା ଏବଂ ପଲିସୀଧାରକ ମଧ୍ୟରେ ଏକ ବୈଧ/ଆଇନସମ୍ମତ ଚୁକ୍ତି । କୌଣସି ବି ଚୁକ୍ତିରେ ଆବଶ୍ୟକ ହେବା ଭଳି, ଏଥିରେ ବି ଏକ ପ୍ରସ୍ତାବ ଓ ଏହାର ସ୍ଵୀକୃତି ଥାଏ ।

"ପ୍ରସ୍ତାବ ଫର୍ମ" ହେଉଛି ଆବେଦକ ଦସ୍ତାବିଜ ଯାହାକୁ ଏକ ପ୍ରସ୍ତାବ ପ୍ରସ୍ତୁତ କରିବା ପାଇଁ ବ୍ୟବହାର କରାଯାଏ । ଏହା ହେଉଛି ଏକ ଫର୍ମ ଯାହାକୁ ଲିଖିତ କିମ୍ବା ଇଲେକ୍ଟ୍ରୋନିକ୍ ରୂପେ କିମ୍ବା ପ୍ରାଧିକରଣ ଦ୍ଵାରା ଅନୁମୋଦିତ କୌଣସି ଅନ୍ୟ ପ୍ରାରୂପରେ ପ୍ରସ୍ତାବକଦ୍ଵାରା ପୂରଣ କରିବାକୁ ପଡ଼ିଥାଏ । ସଙ୍କଟକୁ ଗ୍ରହଣ କରାଯିବ କି ଅଗ୍ରାହ୍ୟ କରାଯିବ, ଏହାର ନିଷ୍ପତ୍ତି ନେବା ପାଇଁ ବୀମାକର୍ତ୍ତା ଦ୍ଵାରା ଆବଶ୍ୟକ ହେଉଥିବା ସମସ୍ତ ସୂଚନା ଏଥିରେ ଅନ୍ତର୍ଭୁକ୍ତ ଥାଏ । ଯଦି ସଙ୍କଟକୁ ଗ୍ରହଣ କରାଯାଏ, ବୀମାକର୍ତ୍ତା ଏହି ସୂଚନାର ଆଧାରରେ, ସ୍ଵୀକୃତି ଦେବାକୁ ଥିବା ବୀମାସୁରକ୍ଷାର ହାର, ନିୟମ ଓ ସର୍ତ୍ତାବଳୀର ନିର୍ଣ୍ଣୟ କରେ ।

ପରମ ସଦ୍ଭାବର ସିଦ୍ଧାନ୍ତ ଏବଂ ଆବଶ୍ୟକୀୟ ତଥ୍ୟର ପ୍ରକଟୀକରଣର କର୍ତ୍ତବ୍ୟ ବୀମାର ପ୍ରସ୍ତାବ ଫର୍ମରେ ଆରମ୍ଭ ହୁଏ । ପ୍ରସ୍ତାବ ନିଶ୍ଚିତ ରୂପେ ସଠିକ୍ ଓ ସଂପୂର୍ଣ୍ଣରୂପେ ସମସ୍ତ ସୂଚନା ପ୍ରଦାନ କରିବା ଉଚିତ୍ ଯେହେତୁ ଏହି ଦସ୍ତାବିଜ ବୀମା ସ୍ଵୀକୃତି ଦେବାର ଆଧାର ହୋଇଥାଏ ଏବଂ କୌଣସି ଭୁଲ କିନ୍ତୁ ଲୁଚାଯାଇଥିବା ତଥ୍ୟର ପରିଣାମ ଦାବୀର ଅଗ୍ରାହ୍ୟତା ହୋଇପାରେ।

ଏହି ପ୍ରକଟ କରିବାର କର୍ତ୍ତବ୍ୟ ପ୍ରସ୍ତାବ ଚରଣର ବାହାରେ, ଏପରିକି ବୀମା ଚୁକ୍ତିକୁ ଅନ୍ତିମ ରୂପ ଦେବା ପରେ ମଧ୍ୟ ଚାଲୁ ରହିଥାଏ । ଅର୍ଥାତ୍, କୌଣସି ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ଯାହା ବୀମା ସମୟାବଧିରେ କୌଣସି ସମୟରେ ବି ଘଟେ, ତାହାକୁ ପ୍ରକଟ କରିବାର ଆବଶ୍ୟକତା ଅଣ-ଜୀବନ ପଲିସୀମାନଙ୍କରେ ରହିଥାଏ ।

ଏକ ବୀମା ପଲିସୀର ଯାଚନା ଚାଲୁ ରହିଥିବା ସମୟରେ କିମ୍ବା ଏକ ବୀମା ପଲିସୀର ଜାରୀ ସମୟରେ ପ୍ରସ୍ତାବ ଫର୍ମଠାରୁ ସଂଗୃହିତ ସୂଚନା ଗୋପନୀୟ ରହିଥାଏ ଏବଂ କୌଣସି ତୃତୀୟ ପକ୍ଷ ସହିତ ଏହାକୁ ଆବଣ୍ଟିତ କରାଯିବା ଉଚିତ୍ ନୁହେଁ । ଯେଉଁଠି କୌଣସି ବି କାରଣ ଯୋଗୁଁ ଏକ ପ୍ରସ୍ତାବ ଜମା ସମ୍ଭାବ୍ୟ ଗ୍ରାହକ ପାଇଁ ଫେରସ୍ତ ଯୋଗ୍ୟ ହୋଇଥାଏ, ତାହାକୁ ପ୍ରସ୍ତାବ ଉପରେ ନିଆଯାଇଥିବା ସଙ୍କଟାଙ୍କନ ନିର୍ଣ୍ଣୟ ତାରିଖଠାରୁ 15 ଦିନ ମଧ୍ୟରେ ଫେରସ୍ତ ଦିଆଯିବ ।

ଆଇ.ଆର୍.ଡି.ଏ.ଆଇ. ମାର୍ଗଦର୍ଶିକା ଅନୁଯାୟୀ, ବୀମିତ ଦ୍ୱାରା ଦାଖଲ କରାଯାଇଥିବା ପ୍ରସ୍ତାବର ଏକ ପ୍ରତିଲିପିକୁ, ପ୍ରସ୍ତାବର ସ୍ୱୀକୃତିର 30 ଦିନ ମଧ୍ୟରେ, ବୀମା ଚାର୍ଜରେ, ବୀମିତକୁ ପ୍ରଦାନ କରିବା ବୀମାକର୍ତ୍ତାର କର୍ତ୍ତବ୍ୟ ଅଟେ । ଏସବୁ ସମୟରେଖାକୁ ଟ୍ରାକ୍ କରିବା, ଆନ୍ତରିକ ରୂପେ ଏହା ପଛରେ ଧ୍ୟାନ ରଖିବା ଏବଂ ଯେତେବେଳେ ବି ଆବଶ୍ୟକ ହୁଏ, ସମ୍ଭାବ୍ୟ ଗ୍ରାହକ/ବୀମିତକୁ ସୂଚୀତ କରିବା, ଗ୍ରାହକ ସେବା ହିସାବରେ ଅଭିକର୍ତ୍ତାଠାରୁ ଏସବୁର ଆଶା ରଖାଯାଏ ।

a) ପ୍ରସ୍ତାବ ଫର୍ମ – ବିସ୍ତୃତ ବିବରଣୀ

ପ୍ରସ୍ତାବ ଫର୍ମ ହେଉଛି ଦଲିଲୀକରଣର ପ୍ରଥମ ଚରଣ ଯାହା ଜରିଆରେ ବୀମିତ ବୀମାକର୍ତ୍ତାଙ୍କୁ ନିମ୍ନସବୁକୁ ସୂଚୀତ କରେ: ସେ କିଏ ଅଟେ

- ✓ ସେ କିଏ ଅଟେ
- ✓ ସେ କେଉଁ ପ୍ରକାରର ବୀମା ଆବଶ୍ୟକ କରେ
- ✓ ସେ କଣ ବୀମିତ କରିବାକୁ ଚାହେଁ, ତାର ବିବରଣୀ ଏବଂ
- ✓ କେତେ ସମୟାବଧି ପାଇଁ
- ✓ ସଙ୍କଟର ବିସ୍ତୃତ ବିବରଣୀ (ଉ.ସ୍ୱ. ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ପାଇଁ – ସ୍ୱାସ୍ଥ୍ୟ କିମ୍ବା ଆକ୍ରାନ୍ତ ହୋଇଥିବା ରୋଗର ବିବରଣୀକୁ ଦେବାକୁ ପଡ଼େ)
- ✓ ବିସ୍ତୃତ ବିବରଣୀରେ ଅନ୍ତର୍ଭୁକ୍ତ ହୋଇପାରେ ବୀମାର ବିଷୟ ବସ୍ତୁ ଉପରେ ପ୍ରସ୍ତାବିତ ଆର୍ଥିକ ମୂଲ୍ୟ ଏବଂ ପ୍ରସ୍ତାବିତ ବୀମା ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ତଥ୍ୟ ।

ଅନ୍ୟ ଶବ୍ଦରେ, ପ୍ରସ୍ତାବ ଫର୍ମ  ପ୍ରସ୍ତାବକର ପରିଚୟ ସମ୍ବନ୍ଧୀୟ ବିବରଣୀ ଯଥା: ନାମ, ପିତାଙ୍କ ନାମ, ଠିକଣା ଓ ଅନ୍ୟାନ୍ୟ ପରିଚୟ ଦେଉଥିବା ଇନପୁଟ୍ ଏକତ୍ରିତ କରେ । ସେମାନଙ୍କ ଗ୍ରାହକମାନଙ୍କ ବାସ୍ତବ ପରିଚୟ ନିର୍ଦ୍ଧାରିତ କରିବା ପାଇଁ, ପ୍ରସ୍ତାବ ସହିତ ଠିକଣା ପ୍ରମାଣ, ପ୍ୟାନ୍ କାର୍ଡ, ଫଟୋଗ୍ରାଫ୍ ଭଳି ଦସ୍ତାବିଜସବୁକୁ ସଂଗ୍ରହ କରାଯାଏ ।

ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ସମ୍ବନ୍ଧରେ, ପ୍ରସ୍ତାବକଙ୍କ ପରିବାର ସଦସ୍ୟ (ପିତାମାତା ସମେତ)ଙ୍କ ବିସ୍ତୃତ ବିବରଣୀ ଯାହା ସେମାନଙ୍କ ଦୀର୍ଘ ଜୀବନ, ସ୍ୱାସ୍ଥ୍ୟର ସ୍ଥିତି ଏବଂ ସେମାନଙ୍କ ଭିତରୁ କେହି ବି ଆକ୍ରାନ୍ତ ହୋଇଥିବା ରୋଗକୁ ସୂଚୀତ କରୁଥିବ, ଏସବୁକୁ ସଂଗ୍ରହ କରାଯାଏ । ଉତ୍ପାଦ ଆଧାରରେ, ବୀମା ପାଇଁ ପ୍ରସ୍ତାବିତ ଜୀବନର ଚିକିତ୍ସୀୟ ବିବରଣୀ, ବ୍ୟକ୍ତିଗତ ଲକ୍ଷଣ ଏବଂ ତାର ବ୍ୟକ୍ତିଗତ ରୋଗର ଇତିହାସ ବିଷୟରେ ମଧ୍ୟ ସୂଚନା ମଗାଯାଇପାରେ ।

ବୀମାର ବିଷୟ ବସ୍ତୁ ଉପରେ ପ୍ରସ୍ତାବିତ ଆର୍ଥିକ ମୂଲ୍ୟ ଏବଂ ପ୍ରସ୍ତାବିତ ବୀମା ସମ୍ବନ୍ଧୀୟ ଆବଶ୍ୟକୀୟ ତଥ୍ୟସବୁର ବିବରଣୀସବୁକୁ ଅନେକ ପ୍ରକାରର ବୀମା ପାଇଁ ସଂଗ୍ରହ କରାଯାଇପାରେ ।

ବୀମା ପରାମର୍ଶଦାତାର ସୁପାରିଶ ଓ ତା' ସହିତ ସେହି ସୁପାରିଶର କାରଣଗୁଡ଼ିକ ବି ପ୍ରସ୍ତାବ ଫର୍ମର ଅଂଶ ହୋଇପାରନ୍ତି । ଏକ ଘୋଷଣାପତ୍ର ରହିବ ଯେ ପ୍ରସ୍ତାବକକୁ ସୁପାରିଶ କରାଯାଇଥିବା ପଲିସୀର ବିସ୍ତୃତ ବିବରଣୀ ସମ୍ବନ୍ଧରେ ପ୍ରସ୍ତାବକକୁ ସଂପୂର୍ଣ୍ଣରୂପେ ବୁଝାଇ ଦିଆଯାଇଛି ଏବଂ ପ୍ରସ୍ତାବକ ତାହାକୁ ସ୍ୱୀକାର କରିଛି ।

ଏକ ପ୍ରସ୍ତାବ ଫର୍ମରେ ନିମ୍ନସବୁ ବିଭାଗ ଥାଇପାରେ ଯାହା ବୀମାକର୍ତ୍ତା, ଅଭିକର୍ତ୍ତାର ବିବରଣୀ, ବୀମା ରାଶୀ, ପ୍ରିମିୟମ ପ୍ରଦାନର ପଦ୍ଧତି ର ବିବରଣୀ ଇତ୍ୟାଦି ଦ୍ୱାରା ଆରମ୍ଭ ହୋଇଥାଏ । ଫର୍ମରେ ପ୍ରସ୍ତାବକର ହସ୍ତାକ୍ଷର ମଧ୍ୟ ସମ୍ମିଳିତ ଥାଇପାରେ, ଏହି ତଥ୍ୟର ପ୍ରମାଣ ରୂପେ ଯେ ସେ ଫର୍ମକୁ ପୂରଣ କରିଛି ଏବଂ ପ୍ରସ୍ତାବକୁ ଦାଖଲ କରିଛି ।

ମଗାଯାଇଥିବା ଅନ୍ୟାନ୍ୟ ବିବରଣୀସବୁ ହେଉଛନ୍ତି ପ୍ରସ୍ତାବକର ନାମ, ଜନ୍ମ ତାରିଖ, ସଂପର୍କ ବିବରଣୀ, ବିବାହ ସ୍ଥିତି, ଜାତୀୟତା, ପିତାମାତା ଏବଂ ପତ୍ନୀ/ପତିଙ୍କ ନାମ, ଶୈକ୍ଷଣିକ ଯୋଗ୍ୟତା, ଅଭ୍ୟାସ ଏବଂ ଆଇ.ଡି.ପ୍ରମାଣ, ପରିବାର ବିବରଣୀ, ନିଯୁକ୍ତି ବିବରଣୀ, ବ୍ୟାଙ୍କ ବିବରଣୀ, ନାମୀତ/ସମନୁଦେଶିତର ନାମ; ବିଦ୍ୟମାନ ବୀମାର ବିବରଣୀ ଏବଂ ପଲିସୀକୁ ଚୟନ କରିବାର କାରଣ ।

ଉତ୍ପାଦ ଆଧାରରେ, ବୀମା ପାଇଁ ପ୍ରସ୍ତାବିତ ଜୀବନର ଚିକିତ୍ସା ସମ୍ବନ୍ଧୀୟ ବିବରଣୀ, ବ୍ୟକ୍ତିଗତ ବିଶେଷତା ଏବଂ ତା' ବ୍ୟକ୍ତିଗତ ରୋଗର ଇତିହାସକୁ ପଚରାଯାଇପାରେ ।

ପ୍ରସ୍ତାବିତ ଜୀବନର ବ୍ୟକ୍ତିଗତ ଆର୍ଥିକ ଯୋଜନା ସମ୍ବନ୍ଧୀୟ ଦିଗ ସହିତ ତାର କାର୍ଯ୍ୟ ଯୋଜନା, ଅପେକ୍ଷିତ ଆୟ ଓ ଖର୍ଚ୍ଚ, ଏବଂ ସଂଚୟ ଓ ନିବେଶର ଆବଶ୍ୟକତା, ସ୍ୱାସ୍ଥ୍ୟ, ଅବସରଗ୍ରହଣ ଏବଂ ବୀମା ବିଷୟରେ ମଧ୍ୟ ପଚରାଉଚୁରା ଯାଇପାରେ ।

ଅଭିକର୍ତ୍ତାଙ୍କ ସୁପାରିଶ ସହିତ ସେହି ସୁପାରିଶ କରିବାର କାରଣ ମଧ୍ୟ ପ୍ରସ୍ତାବ ଫର୍ମର ଅଂଶ ହୋଇପାରେ । ଉପରେ ଉଲ୍ଲିଖିତ ଆଇ.ଆର୍.ଡି.ଏ.ଆଇ. ବିନିୟମନର ଅନୁପାଳନରେ, ଅଭିକର୍ତ୍ତା ଏକ ଘୋଷଣାପତ୍ର ଦେବ ଯେ ସୁପାରିଶ କରାଯାଇଥିବା ପଲିସୀର ବିସ୍ତୃତ ବିବରଣୀ ସମ୍ବନ୍ଧରେ ପ୍ରସ୍ତାବକକୁ ସଂପୂର୍ଣ୍ଣ ରୂପେ ବୁଝାଇ ଦିଆଯାଇଛି ଏବଂ ପ୍ରସ୍ତାବକ ତାହାକୁ ସ୍ୱୀକାର କରିଛି ।

ପ୍ରସ୍ତାବ ଫର୍ମଗୁଡିକୁ ବୀମାକର୍ତ୍ତାମାନଙ୍କ ଦ୍ୱାରା, ସାଧାରଣତଃ ବୀମା କମ୍ପାନୀର ନାମ, ଲୋଗୋ, ଠିକଣା ଏବଂ ବୀମା ଉତ୍ପାଦର ବର୍ଗ/ ପ୍ରକାର ଯାହା ପାଇଁ ଏହାର ଉପଯୋଗ କରାଯାଏ, ଏସବୁ ଥାଇ ମୁଦ୍ରିତ କରାଯାଏ । ପ୍ରସ୍ତାବ ଫର୍ମରେ ଏକ ମୁଦ୍ରିତ ଟିପ୍ପଣୀ ଯୋଡ଼ିବା ବୀମା କମ୍ପାନୀମାନଙ୍କ ପାଇଁ ପ୍ରଥାଗତ ଅଟେ । ଯଦିଓ ଏହି ସମ୍ବନ୍ଧରେ କୌଣସି ମାନକ ପ୍ରାରୂପ କିମ୍ବା ଚଳଣୀ ନାହିଁ ।

## b) ପ୍ରସ୍ତାବ ଫର୍ମରେ ଘୋଷଣାପତ୍ର

ବୀମା କମ୍ପାନୀମାନେ ସାଧାରଣତଃ ପ୍ରସ୍ତାବ ଫର୍ମରେ ଶେଷ ଭାଗରେ ଏକ ଘୋଷଣାପତ୍ର ଯୋଡ଼ିଥାଆନ୍ତି ଯାହା ପ୍ରସ୍ତାବକ ଦ୍ୱାରା ହସ୍ତାକ୍ଷରିତ ହୋଇଥାଏ । ଏହା ସୁନିଶ୍ଚିତ କରେ ଯେ ବୀମିତ ଫର୍ମକୁ ସଠିକ୍ ରୂପେ ପୂରଣ କରିବାର କଷ୍ଟ ଉଠାଇଛି ଏବଂ ସେଥିରେ ଦିଆଯାଇଥିବା ତଥ୍ୟସବୁକୁ ବୁଝିଛି, ଯାହା ଫଳରେ ଏକ ଦାବୀର ସମୟରେ ତଥ୍ୟର ମିଥ୍ୟା ଉପସ୍ଥାପନା (ଭୁଲ ପ୍ରତିପାଦନ) କାରଣରୁ ଅସମ୍ମତିର ଅବସର ରହେ ନାହିଁ । ସେଭଳି ଘୋଷଣାପତ୍ର ପରମ ସଦ୍ଭାବର ସାଧାରଣ ଆଇନ ସିଦ୍ଧାନ୍ତକୁ ପରମ ସଦ୍ଭାବର ଚୁକ୍ତିଗତ କର୍ତ୍ତବ୍ୟରେ ପରିବର୍ତ୍ତିତ କରିଦିଏ ।

| ଉଦାହରଣ |
| --- |

ସେଭଳି ଘୋଷଣାପତ୍ରର ଉଦାହରଣଗୁଡିକ ହେଲା:

'ମୁଁ /ଆମେ ଏତଦ୍ଦ୍ୱାରା ଘୋଷଣା କରୁଛି/କରୁଛୁ ଏବଂ ଅଧିପତ୍ର ହେଉଛି/ଦେଉଛୁ ଯେ ଉପରୋକ୍ତ ଉକ୍ତିସବୁ ସତ୍ୟ ଏବଂ ସମସ୍ତ ଦିଗରୁ ସଂପୂର୍ଣ୍ଣ ଅଟେ ଏବଂ ଅନ୍ୟ କୌଣସି ସୂଚନା ନାହିଁ ଯାହା ବୀମା ଆବେଦନ ପାଇଁ ଆବଶ୍ୟକୀୟ ଅଟେ ଯାହାକୁ ଆପଣଙ୍କ ନିକଟରେ ପ୍ରକଟ କରାଯାଇ ନାହିଁ ।'

'ମୁଁ/ଆମେ ସମ୍ମତ ଅଟେ/ଅଟୁ ଯେ ଏହି ପ୍ରସ୍ତାବ ଏବଂ ଘୋଷଣାପତ୍ର ମୋ/ଆମ ଏବଂ) ବୀମାକର୍ତ୍ତାଙ୍କ ନାମ (ମଧ୍ୟରେ ଚୁକ୍ତିର ଆଧାର ହେବ । '

**ସ୍ୱୟଂ ପରୀକ୍ଷା କରନ୍ତୁ2**

ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ପ୍ରସ୍ତାବ ଫର୍ମ ସମ୍ବନ୍ଧରେ ଆବଶ୍ୟକୀୟ ନୁହେଁ?

I. ପରମ ସଦ୍ଭାବ

II. ଦାବୀ କରିବାକୁ ଥିବା ପ୍ରତ୍ୟାଶିତ ରାଶି

III. ଆବଶ୍ୟକୀୟ ତଥ୍ୟକୁ ପ୍ରକଟ କରିବାର କର୍ତ୍ତବ୍ୟ

IV. ଦିଆଯାଇଥିବା ବିବରଣୀସବୁର ଗୋପନୀୟତା

ସେଭଳି ଟିପ୍ପଣୀ (ନୋଟ୍) ର କେତେକ ଉଦାହରଣ ହେଲା:

'ସଙ୍କଟର ମୂଲ୍ୟାଙ୍କନ ପାଇଁ ମହତ୍ୱପୂର୍ଣ୍ଣ (ଆବଶ୍ୟକୀୟ) ତଥ୍ୟସବୁର ଅଣ-ପ୍ରକଟୀକରଣ, ଭ୍ରାମକ ସୂଚନା ପ୍ରଦାନ କରିବା, ବୀମିତ ଦ୍ୱାରା କପଟ କିମ୍ବା ଅସହଯୋଗ ଜାରୀ କରାଯାଇଥିବା ପଲିସୀ ଅନ୍ତର୍ଗତ ବୀମା ସୁରକ୍ଷାକୁ ଅମାନ୍ୟ କରିଦେବ' ।

'କମ୍ପାନୀ ସଙ୍କଟ ଉପରେ ରହିବ ନାହିଁ ଯେପର୍ଯ୍ୟନ୍ତ ପ୍ରସ୍ତାବକୁ କମ୍ପାନୀ ଦ୍ୱାରା ସ୍ୱୀକୃତ ହୋଇନାହିଁ ଏବଂ ସଂପୂର୍ଣ୍ଣ ପ୍ରିମିୟମ ପ୍ରଦାନ କରାଯାଇଛି' ।

## C. ଆପଣଙ୍କ ଗ୍ରାହକଙ୍କୁ ଜାଣନ୍ତୁ (KYC) ମାନଦଣ୍ଡ/ ନିୟମ

ଏଣ୍ଟି-ମନି ଲଣ୍ଡରିଙ୍ଗ୍ ଏବଂ **KYC** ମାନଦଣ୍ଡ/ନିୟମ

ମନି ଲଣ୍ଡରିଙ୍ଗ୍ ହେଉଛି ସେହି ପ୍ରକ୍ରିୟା ଯାହାଦ୍ୱାରା ଅପରାଧୀମାନେ ଅପରାଧିକ କାର୍ଯ୍ୟକଳାପଜନିତ ଲାଭସବୁର ବାସ୍ତବ ଉତ୍ପତ୍ତିସ୍ଥଳ ଏବଂ ସ୍ୱାମୀତ୍ୱକୁ ଲୁଚାଇବା ପାଇଁ ନିଧିସବୁକୁ ସ୍ଥାନାନ୍ତରିତ କରିଥାନ୍ତି । ମନି ଲଣ୍ଡରିଙ୍ଗ୍ ପ୍ରକ୍ରିୟାସବୁକୁ ଅବୈଧ କାର୍ଯ୍ୟକଳାପ ଜରିଆରେ ପ୍ରାପ୍ତ ନିଧିକୁ ବୈଧ ଅର୍ଥ ରୂପେ ଦେଖାଇବା ପାଇଁ ବ୍ୟବହାର କରାଯାଏ । ଏହି ପ୍ରକ୍ରିୟାରେ, ସେମାନେ ଅର୍ଥର ଅପରାଧିକ ଉତ୍ସକୁ ଘୋଡ଼ାଇବା ପାଇଁ ଏବଂ ଏହା ବୈଧ ଅଟେ ବୋଲି ଦେଖାଇବାର ପ୍ରୟାସ କରନ୍ତି ।

ଅପରାଧିମାନେ ସେମାନଙ୍କ କଳାଧନକୁ ବୈଧ କରିବା ପାଇଁ;ବ୍ୟାଙ୍କ ଓ ବୀମା ସମେତ ଆର୍ଥିକ ସେବାସବୁକୁ ଉପଯୋଗ କରିବାକୁ ପ୍ରଯତ୍ନ କରିଥାନ୍ତି । ସେମାନେ ମିଥ୍ୟା ପରିଚୟର ଉପଯୋଗ କରି କାରବାର କରନ୍ତି, ଉଦାହରଣ ସ୍ୱରୂପ, କିଛି ପ୍ରକାରର ବୀମା କିଣି ଓ ତାପରେ ସେହି ଟଙ୍କାକୁ ବାହାର କରିବାର ପ୍ରବନ୍ଧ କରି ଏବଂ ଏହା ପରେ ସେମାନଙ୍କ ଉଦ୍ଦେଶ୍ୟ ସାଧିତ ହୋଇଯିବା ପରେ ଅଦୃଶ୍ୟ ହୋଇପାରେ । ଭାରତ ସହିତ ବିଶ୍ୱର ସମସ୍ତ ସରକାର ସେଭଳି ଅର୍ଥ ଲଣ୍ଡରିଙ୍ଗ୍ ପ୍ରୟାସକୁ ନିବାରଣ କରିବାକୁ ନିରନ୍ତର ପ୍ରଯତ୍ନ କରୁଛନ୍ତି ।

**ପରିଭାଷା**

ମନି ଲଣ୍ଡରିଙ୍ଗ୍ ହେଉଛି ଅବୈଧ ଧନକୁ ଏହାର ଅବୈଧ ଉତ୍ସକୁ ଲୁଚାଇ ଏକ ଅର୍ଥବ୍ୟବସ୍ଥାରେ ସମ୍ମିଳିତ କରିବାର ପ୍ରକ୍ରିୟା ଯାହା ଫଳରେ ଏହାକୁ ବୈଧ ରୂପେ ହାସଲ କରାଯାଇଛି ବୋଲି ପ୍ରତୀତ ହୁଏ । ଭାରତ ସରକାର ମନି-ଲଣ୍ଡରିଙ୍ଗ୍ କାର୍ଯ୍ୟକଳାପରେ ଲଗାମ ଲଗାଇବା ପାଇଁ PMLA, 2002 ପ୍ରାରମ୍ଭ କରିଥିଲେ ।

---

ମନି ଲଣ୍ଡରିଙ୍ଗ୍ ନିବାରଣ ଆଇନ(PMLA) 2002, ମନି ଲଣ୍ଡରିଙ୍ଗ୍ କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିବା ପାଇଁ ଏବଂ ମନି-ଲଣ୍ଡରିଙ୍ଗ୍ ଠାରୁ ପ୍ରାପ୍ତ ଧନକୁ ଜବତ କରିବା ପାଇଁ, 2005 ଠାରୁ ପ୍ରଭାବୀ ହୋଇଥିଲା ।

ତୁରନ୍ତ ପରେ ଆଇ.ଆର୍.ଡି.ଏ.ଆଇ. ଦ୍ୱାରା ଜାରୀ କରାଯାଇଥିବା ଏଣ୍ଟି-ମନି ଲଣ୍ଡରିଙ୍ଗ୍ ମାର୍ଗଦର୍ଶିକା ବୀମା ସେବା ପାଇଁ ଅନୁରୋଧ କରୁଥିବା ଗ୍ରାହକ ମାନଙ୍କ ବାସ୍ତବ ପରିଚୟ, ସନ୍ଦେହଜନକ କାରବାରର ରିପୋର୍ଟିଙ୍ଗ୍ ଏବଂ ମନି ଲଣ୍ଡରିଙ୍ଗ୍ ରେ ସଂପୃକ୍ତ ଥିବା କିମ୍ବା ସଂପୃକ୍ତ ଥିବାର ସନ୍ଦେହ ଥିବା ପ୍ରକରଣଗୁଡିକ ଉପଯୁକ୍ତ ରେକର୍ଡ ରଖିବା, ଏସବୁକୁ ନିର୍ଦ୍ଧାରିତ କରିବା ପାଇଁ ଉଚିତ୍ ପଦକ୍ଷେପଗୁଡିକର ସଙ୍କେତ ଦେଇଛନ୍ତି । ଠିକ୍ ଚୁକ୍ତିର ଆରମ୍ଭରେ ହିଁ ସତର୍କ ରହିବା ଓ ସୁନିଶ୍ଚିତ କରିବାର ଆବଶ୍ୟକତା ରହେ ଯେ ଏହା କୌଣସି ପ୍ରକାରର ବି ମନି ଲଣ୍ଡରିଙ୍ଗ୍ ପାଇଁ ଏକ ସାଧନ ରୂପେ ଉଦ୍ଦିଷ୍ଟ ନୁହେଁ ।

ମନି ଲଣ୍ଡରିଙ୍ଗ୍ ନିବାରଣ ଆଇନ, 2002 (PMLA)କୁ ଭାରତ ସରକାରଙ୍କ ଦ୍ୱାରା 1 ଜୁଲାଇ 2005 ଠାରୁ ପ୍ରଭାବୀ ରୂପେ ଲାଗୁ କରାଯାଇଥିଲା । ଏହି ଆଇନ ଅନୁଯାୟୀ, ପ୍ରତ୍ୟେକ ବ୍ୟାଙ୍କିଙ୍ଗ୍ କମ୍ପାନୀ, ଆର୍ଥିକ ସଂସ୍ଥା (ଯାହା ବୀମା କମ୍ପାନୀମାନଙ୍କୁ ଅନ୍ତର୍ଭୁକ୍ତ କରେ) ଏବଂ ମଧ୍ୟସ୍ଥକୁ PMLA ଅନ୍ତର୍ଗତ ନିର୍ଦ୍ଧାରିତ ସମସ୍ତ କାରବାରର ରେକର୍ଡ ରଖିବାକୁ ପଡିବ । ତଦନୁସାରେ, ଆଇ.ଆର୍.ଡି.ଏ.ଆଇ. ଏଣ୍ଟି-ମନି ଲଣ୍ଡରିଙ୍ଗ୍/ଆତଙ୍କବାଦର ବିରୋଧୀ ବିତ୍ତପୋଷଣ (AML/CFT) ଉପରେ ମାର୍ଗଦର୍ଶିକା କୁ 31 ମାର୍ଚ୍ଚ 2006 ଦିନ ଜାରୀ କରିଥିଲେ ।

ଆପଣଙ୍କ ଗ୍ରାହକକୁ ଜାଣନ୍ତୁ ହେଉଛି ସେମାନଙ୍କ ଗ୍ରାହକମାନଙ୍କ ପରିଚୟକୁ ସତ୍ୟାପିତ କରିବା ପାଇଁ ଏକ ବ୍ୟବସାୟ ଦ୍ୱାରା ଉପଯୋଗ କରାଯାଉଥିବା ପ୍ରକ୍ରିୟା । ବ୍ୟାଙ୍କ ଓ ବୀମାକର୍ତ୍ତାମାନେ ପରିଚୟ ଚୋରୀ, ଆର୍ଥିକ କପଟ ଓ ମନି ଲଣ୍ଡରିଙ୍ଗ୍ ର ନିବାରଣ ପାଇଁ ବିସ୍ତୃତ  ବିବରଣୀ ପ୍ରଦାନ କରିବା ପାଇଁ ସେମାନଙ୍କ ଗ୍ରାହକମାନଙ୍କୁ ତୀବ୍ରତା ସହିତ ଦାବୀ କରୁଛନ୍ତି KYC ମାର୍ଗଦର୍ଶିକାର ଉଦ୍ଦେଶ୍ୟ ହେଉଛି ମନି ଲଣ୍ଡରିଙ୍ଗ୍ କାର୍ଯ୍ୟକଳାପ ପାଇଁ ଅପରାଧିକ ତତ୍ତ୍ୱଗୁଡିକ ଦ୍ୱାରା ଉପଯୋଗ କରିବାଠାରୁ ଆର୍ଥିକ ସଂସ୍ଥାମାନଙ୍କୁ ନିବାରଣ କରିବା ।

ବୀମାକର୍ତ୍ତାମାନେ, ତେଣୁକରି, ସେମାନଙ୍କ ଗ୍ରାହକମାନଙ୍କ ବାସ୍ତବ ପରିଚୟକୁ ନିର୍ଦ୍ଧାରିତ କରିବା ଆବଶ୍ୟକ ଅଟେ । ଅଭିକର୍ତ୍ତାମାନେ ସୁନିଶ୍ଚିତ କରିବା ଉଚିତ୍ ଯେ ପ୍ରସ୍ତାବକମାନେ KYC କାର୍ଯ୍ୟ ପ୍ରଣାଳୀର ଅଂଶ ରୂପେ ନିମ୍ନଗୁଡିକ ସହିତ ପ୍ରସ୍ତାବ ଫର୍ମ ଦାଖଲ କରାଯାଏ ।

i. ପରିଚୟର ପ୍ରମାଣ –ଡ୍ରାଇଭିଂ ଲାଇସେନ୍ସ, ,ପାସପୋର୍ଟ, ଭୋଟର ଆଇ.ଡି. କାର୍ଡ, ପ୍ୟାନ୍ କାର୍ଡ, ଫଟୋଗ୍ରାଫ୍ ଇତ୍ୟାଦି ।

ii. ଠିକଣାର ପ୍ରମାଣ – ଡ୍ରାଇଭିଂ ଲାଇସେନ୍ସ,, ପାସପୋର୍ଟ, ଟେଲିଫୋନ ବିଲ, ବିଜୁଳି ବିଲ, ବ୍ୟାଙ୍କ ପାସବୁକ୍ ଇତ୍ୟାଦି । ବ୍ୟକ୍ତି, କର୍ପୋରେଟ୍, ସହକାରିତା ଫର୍ମ, ଟ୍ରଷ୍ଟ ଏବଂ ଫାଉଣ୍ଡେଶନ୍ ପାଇଁ ଭିନ୍ନ ଭିନ୍ନ ଦଲିଲୀକରଣ ନିର୍ଦ୍ଧାରିତ କରାଯାଏ ।

iii. ଆୟ ପ୍ରମାଣ ଦସ୍ତାବିଜ ଏବଂ ଆର୍ଥିକ ସ୍ଥିତି, ବିଶେଷରୂପେ ଉଚ୍ଚ-ମୂଲ୍ୟର କାରବାର କ୍ଷେତ୍ରରେ

iv. ବୀମା ଚୁକ୍ତିର ଉଦ୍ଦେଶ୍ୟ

**a)** ଆୟୁ ପ୍ରମାଣ – ବ୍ୟକ୍ତିଗତ ପ୍ରକାର ପାଇଁ

ଜୀବନ, ସ୍ୱାସ୍ଥ୍ୟ, ବ୍ୟକ୍ତିଗତ ଦୁର୍ଘଟଣା ଇତ୍ୟାଦି ଭଳି ବ୍ୟକ୍ତି ସମ୍ବନ୍ଧିତ ବୀମାଗୁଡିକ ସହିତ କାରବାର କରିବା ସମୟରେ, ବୀମା କମ୍ପାନୀମାନେ ବୀମିତର ସଙ୍କଟ ପ୍ରୋଫାଇଲ୍ ନିର୍ଦ୍ଧାରିତ କରିବା ପାଇଁ ଆୟୁକୁ ଏକ ମହତ୍ୱପୂର୍ଣ୍ଣ କାରକ ରୂପେ ଉପଯୋଗ କରନ୍ତି । ଜୀବନ ବ୍ୟବସାୟରେ, ଯେହେତୁ ବୟସକୁ ଅତ୍ୟନ୍ତ ମହତ୍ୱ ବୋଲି ମନେ କରାଯାଏ, ଜୀବନ ବୀମା କର୍ତ୍ତାମାନେ ଆୟୁ ସମ୍ବନ୍ଧିତ ଦଲିଲୀକରଣର ଅଧିକ ବିସ୍ତୃତ ମାନଦଣ୍ଡର ଅନୁପାଳନ କରି ଆସୁଥିଲେ । [ଅବଶ୍ୟ, ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଆଇ.ଆର୍.ଡି.ଏ.ଆଇ. KYC ମାନଦଣ୍ଡର ଅନୁପାଳନ ଉପରେ ଅଧିକ କଠୋର ହେଉଛନ୍ତି ।] ସଙ୍କଟାଙ୍କନ ପ୍ରକ୍ରିୟାର ଏକ ମହତ୍ୱପୂର୍ଣ୍ଣ ଅଂଶ ହେଉଛି ଆୟୁ ପ୍ରମାଣକୁ ସତ୍ୟାପିତ କରିବା ପରେ ଆୟୁର ପ୍ରବେଶ ।

**i.** ମାନକ ଆୟୁ ପ୍ରମାଣ

ଦୁଇ ପ୍ରକାରର ଆୟୁ ପ୍ରମାଣ ରହିଛି ଯାହାକୁ ବୀମାକର୍ତ୍ତାମାନେ ବୟସର ପ୍ରମାଣ ରୂପେ ମାନନ୍ତି । ବୈଧ ଆୟୁ ପ୍ରମାଣ ମାନକ କିମ୍ବା ଅଣ-ମାନକ ହୋଇପାରେ ।

- ✓ ମାନକ ଆୟୁ ପ୍ରମାଣଗୁଡିକ ସାଧାରଣତଃ ଏକ ସାର୍ବଜନିକ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥାଏ, ଯେମିତିକି ମ୍ୟୁନିସିପାଲିଟି କିମ୍ବା ଅନ୍ୟ ସରକାରୀ ସଂସ୍ଥା ଦ୍ୱାରା ଜାରୀ କରାଯାଇଥିବା ପ୍ରମାଣପତ୍ର: ସ୍କୁଲ ଛାଡ଼ିବା ପ୍ରମାଣପତ୍ର, ପାସପୋର୍ଟ ଇତ୍ୟାଦି ।
- ✓ ଅଣ-ମାନକ, ଯେତେବେଳେ ଏକ ମାନକ ଆୟୁ ପ୍ରମାଣ ଉପଲବ୍ଧ ହୋଇ ନ ଥାଏ (ସହଜ ରୂପେ ସ୍ୱୀକାର କରାଯାଏ ନାହିଁ)

ମାନକ ଆୟୁ ପ୍ରମାଣ ରୂପେ ବିଚାର କରାଯାଉଥିବା କେତେକ ଦସ୍ତାବିଜ ହେଉଛନ୍ତି:

**i.** ସ୍କୁଲ କିମ୍ବା କଲେଜ ପ୍ରମାଣପତ୍ର

**ii.** ମ୍ୟୁନିସିପାଲ୍ ରେକର୍ଡଠାରୁ ଉଦ୍ଧୃତ ଜନ୍ମ ପ୍ରମାଣପତ୍ର

**iii.** ପାସପୋର୍ଟ

**iv.** ପ୍ୟାନ୍ କାର୍ଡ

**v.** ସେବା ପଞ୍ଜିକା

**vi.** ସୁରକ୍ଷା କର୍ମୀ କ୍ଷେତ୍ରରେ ପରିଚୟ ପତ୍ର

**vii.** ଉପଯୁକ୍ତ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥିବା ବିବାହ ପ୍ରମାଣପତ୍ର

**ii.** ଅଣ-ମାନକ ଆୟୁ ପ୍ରମାଣ

ଯେତେବେଳେ ଉପରୋକ୍ତ ଭଳି ମାନକ ଆୟୁ ପ୍ରମାଣସବୁ ଉପଲବ୍ଧ ହୁଅନ୍ତି ନାହିଁ, ଜୀବନ ବୀମାକର୍ତ୍ତା ଏକ ଅଣ-ମାନକ ଆୟୁ ପ୍ରମାଣ ଦାଖଲ କରିବା ପାଇଁ ଅନୁମତି ଦେଇ ପାରେ । ଅଣ-ମାନକ ଆୟୁ ପ୍ରମାଣ ରୂପେ ବିଚାର କରାଯାଉଥିବା କେତେକ ଦସ୍ତାବିଜ ହେଉଛନ୍ତି:

**i.** ଜାତକ

**ii.** ରାଶନ୍ କାର୍ଡ

**iii.** ସ୍ୱୟଂ-ଘୋଷଣା ରୂପେ ଏକ ଶପଥ ପତ୍ର (ଆପିଡ୍ୟାଭିଟ୍)

iv. ଗ୍ରାମ ପଞ୍ଚାୟତ ଠାରୁ ପ୍ରମାଣପତ୍ର

**ସ୍ୱୟଂ ପରୀକ୍ଷା କରନ୍ତୁ3**

ନିମ୍ନଲିଖିତ ମଧ୍ୟରୁ କେଉଁଟିକୁ ଏକ ବୈଧ ଆୟୁ ପ୍ରମାଣ ରୂପେ ସ୍ୱୀକାର୍ଯ୍ୟ ନୁହେଁ ?

I. ମ୍ୟୁନିସିପାଲ ରେକର୍ଡଠାରୁ ଉଦ୍ଧୃତ ଜନ୍ମ ପ୍ରମାଣପତ୍ର

II. ବିଧାନ ସଭା ସଦସ୍ୟଙ୍କ ଦ୍ୱାରା ଜାରୀ କରାଯାଇଥିବା ଜନ୍ମ ପ୍ରମାଣପତ୍ର

III. ପାସ୍ପୋର୍ଟ

IV. ପ୍ୟାନ୍ କାର୍ଡ

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି I

ଉତ୍ତର 2 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 3 - ସଠିକ୍ ବିକଳ୍ପ ହେଉଛି II

**ସାରାଂଶ**

- ବିବରଣ-ପୁସ୍ତିକା ହେଉଛି ବୀମା କମ୍ପାନୀମାନଙ୍କ ଦ୍ୱାରା ଉପଯୋଗ କରାଯାଉଥିବା ଏକ ଔପଚାରିକ ବୈଧ ଦସ୍ତାବିଜ ଯାହା ଉତ୍ପାଦ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରେ I
- ପ୍ରସ୍ତାବଟିକୁ ପ୍ରସ୍ତୁତ କରିବା ପାଇଁ ଆବେଦନ ଦସ୍ତାବିଜକୁ ସାଧାରଣ ରୂପେ 'ପ୍ରସ୍ତାବ ଫର୍ମ' କୁହାଯାଏ I
- ମାନକ ଆୟୁ ପ୍ରମାଣ ରୂପେ ବିଚାର କରାଯାଉଥିବା କେତେକ ଦସ୍ତାବିଜରେ ଅନ୍ତର୍ଭୁକ୍ତ ହୋଇଥାନ୍ତି ସ୍କୁଲ କିମ୍ବା କଲେଜ ପ୍ରମାଣ ପତ୍ର, ମ୍ୟୁନିସିପାଲ ରେକର୍ଡରୁ ଉଦ୍ଧୃତ ଜନ୍ମ ପ୍ରମାଣ ପତ୍ର ଇତ୍ୟାଦି I
- ବୀମାକର୍ତ୍ତାମାନେ ସେମାନଙ୍କ ଗ୍ରାହକମାନଙ୍କ ବାସ୍ତବ ପରିଚୟକୁ ନିର୍ଦ୍ଧାରିତ କରିବା ଆବଶ୍ୟକ ଅଟେ I KYC କାର୍ଯ୍ୟପ୍ରଣାଳୀର ଏକ ଅଂଶ ରୂପେ ଠିକଣା ପ୍ରମାଣ, ପ୍ୟାନ୍ କାର୍ଡ ଏବଂ ଫଟୋଗ୍ରାଫ୍ ଭଳି KYC ଦସ୍ତାବିଜଗୁଡିକୁ ସଂଗ୍ରହ କରିବା ଆବଶ୍ୟକ ଅଟେ I

**ମୁଖ୍ୟ ପଦାବଳୀ**

1. ବିବରଣ-ପୁସ୍ତିକା (ପ୍ରୋସ୍ପେକ୍ଟସ୍)
2. ପ୍ରସ୍ତାବ ଫର୍ମ
3. ନୈତିକ ବିପତ୍ତି
4. ଆପଣଙ୍କ ଗ୍ରାହକକୁ ଜାଣନ୍ତୁ (KYC)
5. ଆୟୁ ପ୍ରମାଣ
6. ମାନକ ଏବଂ ଅଣ-ମାନକ ଆୟୁ ପ୍ରମାଣ
7. ମୁକ୍ତ-ଅବଲୋକନ ସମୟାବଧି

# ଅଧ୍ୟାୟ C-08

## ଗ୍ରାହକ ସେବା

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟରେ ଆପଣ ଗ୍ରାହକ ସେବାର ମହତ୍ୱ ବିଷୟରେ ଶିଖିବେ । ଆପଣ ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବାରେ ଅଭିକର୍ତ୍ତାମାନଙ୍କ ଭୂମିକା ବିଷୟରେ ଜାଣିବେ । ଗ୍ରାହକମାନଙ୍କ ସହିତ କେମିତି ସଂପ୍ରେଷଣ ଓ ସମ୍ବନ୍ଧ ସ୍ଥାପିତ କରାଯାଏ, ତା' ବିଷୟରେ ମଧ୍ୟ ଆପଣ ଜାଣିବେ ।

ଅଧ୍ୟୟନ ପରିଣାମ

A. ଗ୍ରାହକ ସେବା –ସାଧାରଣ ସେବା

B. ଗ୍ରାହକ ସେବା ପ୍ରଦାନ କରିବାରେ ବୀମା ଅଭିକର୍ତ୍ତାଙ୍କ ଭୂମିକା

C. ଗ୍ରାହକ ସେବାରେ ସଂପ୍ରେଷଣ /ସମ୍ବାଦ କୌଶଳ

D. ଅଣ-ମୌଖିକ ସଂପ୍ରେଷଣ /ସମ୍ବାଦ

E. ନୈତିକ ଆଚାର

ଏହି ଅଧ୍ୟାୟ ଅଧ୍ୟୟନ କରିବା ପରେ, ଆପଣ ମାନେ ସକ୍ଷମ ହେବେ:

ଗ୍ରାହକ ସେବାର ମହତ୍ୱକୁ ବୁଝିବା ପାଇଁ

1. ସେବାର ଗୁଣ ବର୍ଣ୍ଣନା କରିବାରେ
2. ବୀମା ଉଦ୍ୟୋଗରେ ସେବାର ମହତ୍ୱକୁ ଯାଞ୍ଚ କରିବାରେ
3. ଉତ୍ତମ ସେବା ପ୍ରଦାନ କରିବାରେ ଏକ ବୀମା ଅଭିକର୍ତ୍ତାର ଭୂମିକା ବିଷୟରେ ଆଲୋଚନା କରିବାରେ
4. ସଂପ୍ରେଷଣ /ସମ୍ବାଦ ର ପ୍ରକ୍ରିୟାକୁ ବୁଝିବାରେ
5. ଅଣ-ମୌଖିକ ସଂପ୍ରେଷଣ /ସମ୍ବାଦ ର ମହତ୍ୱକୁ ପ୍ରଦର୍ଶିତ କରିବାରେ
6. ନୈତିକ ଆଚାରକୁ ସୁପାରିଶ କରିବାରେ

## A. ଗ୍ରାହକ ସେବା - ସାଧାରଣ ଧାରଣା

### 1. ଗ୍ରାହକ ସେବା କାହିଁକି ?

ଗ୍ରାହକମାନେ କୌଣସି ବି ଉଦ୍ୟୋଗର ସବୁଠୁ ମହତ୍ୱପୂର୍ଣ୍ଣ ଅଂଶ ଅଟନ୍ତି ଏବଂ କୌଣସି ବି ଏଣ୍ଟରପ୍ରାଇଜ୍ ସେମାନଙ୍କୁ ଉଦାସୀନ ହୋଇ ବ୍ୟବହାର କରି ପାରିବେ ନାହିଁ । ଗ୍ରାହକ ସେବା ଓ ସମ୍ବନ୍ଧ ସେବା କ୍ଷେତ୍ରରେ ଏବଂ ଅଧିକନ୍ତୁ ବୀମା ପାଇଁ ମହତ୍ୱପୂର୍ଣ୍ଣ ଅଟେ ।

ପ୍ରତ୍ୟେକ ଏଣ୍ଟରପ୍ରାଇଜ୍ ର ଏହାର ଗ୍ରାହକମାନଙ୍କୁ ଆନନ୍ଦ ଦେବାର ଲକ୍ଷ୍ୟ ଥାଏ । ବୀମା କ୍ରୟ କରିବା ଏକ କାର୍ କ୍ରୟ କରିବାଠାରୁ କେମିତି ଅଲଗା ଅଟେ, ଏହା ପରୀକ୍ଷା କରି ଏହାକୁ ବ୍ୟାଖ୍ୟା କରାଯାଇପାରେ ।

ଏକ କାରକୁ ଦେଖାଯାଇପାରେ, ଛୁଆଁ ଯାଇପାରେ, ଟେଷ୍ଟ ଡ୍ରାଇଭ କରାଯାଇପାରେ ଏବଂ ଅନୁଭୂତ କରାଯାଇପାରେ, କିନ୍ତୁ କାର୍ ର ବୀମା ରାଶି ପ୍ରଦାନ କରିବାର କେବଳ ଏକ ପ୍ରତିଶ୍ରୁତି ଅଟେ ଯଦି ଏକ ଦୁର୍ଘଟଣା କାରଣରୁ କାରର ହାନି କିମ୍ବା କ୍ଷତି ହୁଏ । ଏହି ପ୍ରତିଶୃତି ସ୍ୱର୍ଶହୀନ ଅଟେ – ଏହାକୁ ଦେଖାଯାଇପାରେ ନାହିଁ, ଛୁଆଁ ଯାଇପାରେ ନାହିଁ କିମ୍ବା ଅନୁଭୂତ କରି ହୁଏ ନାହିଁ ।

ଯେତେବେଳେ ଏକ କାର୍ ର ଗ୍ରାହକ କାର୍ କୁ ସହଜରେ ବୁଝିବାରେ ଏବଂ ଅନୁଭୂତ କରିବାରେ ସକ୍ଷମ ହେବ, ବୀମାର ଗ୍ରାହକ ବୀମା ସୁରକ୍ଷାର ମୂଲ୍ୟାଙ୍କନ ଓ ଅନୁଭୂତ କରିପାରେ, ଯାହାକୁ ସେ କ୍ରୟ କରେ କେବଳ ସେତେବେଳେ ଯେତେବେଳେ ଏକ ହାନି ଘଟେ ଏବଂ ବୀମା କମ୍ପାନୀ ଦାବୀର ସମାଧାନ କରେ । ସବୁ ଗ୍ରାହକଙ୍କୁ ଏହାର ଅନୁଭୂତି ନେବାର ସୁଯୋଗ ମିଳେ ନାହିଁ । ବୀମାରେ, ଯେତେବେଳେ ସେଭଳି ପରିସ୍ଥିତି ଉତ୍ପନ୍ନ ହୁଏ, ଯଦି ସେବା ପ୍ରତ୍ୟାଶାଠାରୁ ଅଧିକ ହୁଏ, ଗ୍ରାହକ ଆନନ୍ଦିତ ହୋଇଥାଏ ।

### 2. ସେବାର ଗୁଣବତ୍ତା

ବୀମା କମ୍ପାନୀ ଏବଂ ସେମାନଙ୍କ କର୍ମକର୍ତ୍ତା, ଯାହା ସେମାନଙ୍କ ଅଭିକର୍ତ୍ତାମାନଙ୍କୁ ଅନ୍ତର୍ଭୁକ୍ତ କରେ, ସେମାନଙ୍କ ପାଇଁ ଉଚ୍ଚ ମାନର ସେବା ପ୍ରଦାନ କରିବା ଓ ଗ୍ରାହକମାନଙ୍କୁ ଆନନ୍ଦ ଦେବା ଆବଶ୍ୟକ ଅଟେ ।

**କିନ୍ତୁ ଉଚ୍ଚ ମାନର ସେବା କ'ଣ ଅଟେ ? ଏହାର ବିଶେଷତାସବୁ କ'ଣ କ'ଣ ଅଟନ୍ତି ?**

ଜୈଥାମଲ୍, ପରଶୁରାମ ଏବଂ ବେରୀଙ୍କ ସେବା ଗୁଣବତ୍ତା ପାଇଁ ସୁନିଶ୍ଚିତ SERVQUAL ପଦ୍ଧତି ସେବା ମାନଦଣ୍ଡର 5 ମୂଖ୍ୟ ସୂଚକ ଉପରେ ଆଲୋକପାତ କରେ ।

a) **ବିଶ୍ୱସନୀୟତା**: ପ୍ରତିଶ୍ରୁତ ସେବାକୁ ଭରସାର ସହିତ ଓ ସଠିକ୍ ରୂପେ ସମ୍ପାଦିତ କରିବାର କ୍ଷମତାକୁ ଉତ୍ତମ ସେବାର ସବୁଠୁ ମହତ୍ୱପୂର୍ଣ୍ଣ ସୂଚକ ରୂପେ ବିଚାର କରାଯାଏ । ଏହା ହେଉଛି ମୂଳଦୂଆ ଯାହା ଉପରେ ବିଶ୍ୱାସ ନିର୍ମିତ ହୋଇଥାଏ ।

b) **ପ୍ରତିକ୍ରିୟାଶୀଳତା**: ଗ୍ରାହକମାନଙ୍କୁ ସହାୟତା ପ୍ରଦାନ କରିବାର ଏବଂ ଗ୍ରାହକର ଆବଶ୍ୟକତା ପ୍ରତି ତତ୍ପର ପ୍ରତିକ୍ରିୟା ପ୍ରଦର୍ଶନ କରିବାର ସେବା କର୍ମକର୍ତ୍ତାର ଇଚ୍ଛା ଓ କ୍ଷମତାକୁ ସୂଚୀତ କରେ । ଏହାକୁ ସେବା ପ୍ରଦାନ କରିବା ସମୟରେ ବେଗ, ସଠିକତା, ଏବଂ ମନୋବୃତ୍ତି ଭଳି ସୂଚକମାନଙ୍କ ଦ୍ୱାରା ମପାଯାଇପାରେ ।

c) **ପ୍ରତିଶୃତି**: ଏକ ଗ୍ରାହକର ଆବଶ୍ୟକତାକୁ ବୁଝିବା ଓ ପୂରଣ କରିବାରେ ଏକ କର୍ମଚାରୀ କିମ୍ବା ଅଭିକର୍ତ୍ତା ଦ୍ୱାରା ପ୍ରଦର୍ଶିତ ଜ୍ଞାନ, କ୍ଷମତା ଏବଂ ସୌଜନ୍ୟତାକୁ ସୂଚୀତ କରେ, ଯାହା ଫଳରେ ବିଶ୍ୱାସ ଓ ଆତ୍ମବିଶ୍ୱାସ ସୂଚୀତ ହୋଇଥାଏ ।

d) **ସମାନୁଭୂତି**: ସମାନୁଭୂତିକୁ ମାନବୀୟ ସ୍ପର୍ଶ ରୂପେ ବର୍ଣ୍ଣନା କରାଯାଏ । ଏହା ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ଧ୍ୟାନ ରଖିବାର ମନୋଭାବ ଓ ବୈୟକ୍ତିକ ଧ୍ୟାନରେ ପ୍ରତିଫଳିତ ହୋଇଥାଏ ।

e) **ସ୍ପର୍ଶଯୋଗ୍ୟ:** ଭୌତିକ ପାରିପାର୍ଶ୍ୱିକ କାରକ ଯେପରିକି ସ୍ଥାନ, ଲେ-ଆଉଟ୍ ଓ ସ୍ୱଚ୍ଛତାକୁ ସୂଚୀତ କରେ ଏବଂ ତତ୍ ସହିତ ବ୍ୟବସାୟିକତାର ଭାବନା ମଧ୍ୟ ଯାହା ଏକ ସେବା ପ୍ରଦାନକର୍ତ୍ତାଙ୍କୁ ସଂପର୍କ କରିବା ସମୟରେ ଏକ ଗ୍ରାହକ ଅନୁଭବ କରେ, ପ୍ରଥମ ଧାରଣା ଦୀର୍ଘକାଳିକ ହୋଇଥାଏ ।

### 3. ଗ୍ରାହକ ସେବା ଏବଂ ବୀମା

ବୀମା ଉଦ୍ୟୋଗରେ ଥିବା ଅଗ୍ରଣୀ ବିକ୍ରୟ ପ୍ରସ୍ତୁତକର୍ତ୍ତାମାନେ କୁହନ୍ତି ଯେ ଶୀର୍ଷକୁ ପହଞ୍ଚିବା ଓ ସେଇଠି ତିଷ୍ଠି ରହିବାର ରହସ୍ୟ ଅଧିକ ସଂଖ୍ୟକ ବିଦ୍ୟମାନ କ୍ଲାଏଣ୍ଟମାନଙ୍କ ସହାୟତା ଓ ସମର୍ଥନ ପ୍ରାପ୍ତ କରିବାରେ ଥାଏ ଯେଉଁମାନଙ୍କ ସହାୟତାରେ ବ୍ୟବସାୟ ନିର୍ମିତ ହୋଇଥାଏ । ଏହି କ୍ଲାଏଣ୍ଟ୍ ମାନେ ବିଦ୍ୟମାନ ଚୁକ୍ତିସବୁର ନୂତନୀକରଣଠାରୁ ପ୍ରାପ୍ତ କମିଶନର ଉତ୍ସ ହୋଇଥାନ୍ତି । ନୂଆ ଗ୍ରାହକ ହାସଲ କରିବା ପାଇଁ ଏମାନେ ବହୁମୂଲ୍ୟ ଆଧାର ହୋଇଥାନ୍ତି ।

ବୀମା ବିକ୍ରୟରେ ସଫଳତାର ଗୋଟିଏ ମହା ମନ୍ତ୍ର ହେଉଛି ଜଣକର ଗ୍ରାହକମାନଙ୍କୁ ତାଙ୍କ କ୍ଲାଏଣ୍ଟରେ ପରିବର୍ତ୍ତନ କରିବାରେ ସକ୍ଷମ ହେବା । ଗ୍ରାହକ ସେମାନେ ଅଟନ୍ତି ଯେଉଁମାନେ ଏକ ଉତ୍ପାଦ କ୍ରୟ କରନ୍ତି । କ୍ଲାଏଣ୍ଟ, ଅନ୍ୟ ପକ୍ଷରେ, ହେଉଛନ୍ତି ସେହି ଲୋକମାନେ ଯାହା ସହିତ ଅଭିକର୍ତ୍ତା ଜୀବନ ପାଇଁ ସମ୍ବନ୍ଧ ରଖେ, ଯେଉଁମାନେ ତା' ଠାରୁ କ୍ରୟ କରିବା ଚାଲୁ ରଖନ୍ତି ଏବଂ ତତ୍ ସଙ୍ଗେ ସଙ୍ଗେ ସେମାନେ ସାହାଯ୍ୟ ବି କରନ୍ତି ଏବଂ ସମ୍ଭବତଃ, ଅନ୍ୟସବୁ ଗ୍ରାହକମାନଙ୍କ ପାଖକୁ ପହଞ୍ଚିବା ପାଇଁ ଓ ବିକ୍ରି କରିବାରେ ସହାୟତା ପ୍ରଦାନ କରନ୍ତି ।

ଜଣକର ଗ୍ରାହକମାନଙ୍କୁ ସେବା ଦେବାରେ ଗଭୀର ପ୍ରତିବଦ୍ଧତା ସହ କାର୍ଯ୍ୟ କରି କ୍ଲାଏଣ୍ଟମାନଙ୍କୁ ଗଠନ କରାଯାଏ । ଏକ ଗ୍ରାହକକୁ ଖୁସିରେ ରଖାଯାଏ, ରଖିବା କେମିତି ଅଭିକର୍ତ୍ତା ଓ କମ୍ପାନୀ ପାଇଁ ଲାଭପ୍ରଦ ହୋଇଥାଏ, ଏହା ବୁଝିବା ପାଇଁ, ଜଣକୁ ଗ୍ରାହକ ଜୀବନକାଳ ମୂଲ୍ୟକୁ ବୁଝିବା ଉଚିତ୍ ।

**ଗ୍ରାହକ ଜୀବନକାଳ ମୂଲ୍ୟ** କୁ ଆର୍ଥିକ ଲାଭସବୁର ସମଷ୍ଟି ରୂପେ ପରିଭାଷିତ କରାଯାଇପାରେ ଯାହାକୁ ଏକ ଗ୍ରାହକ ସହିତ ଦୀର୍ଘକାଳ ଧରି ଏକ ଉତ୍ତମ ସମ୍ବନ୍ଧ ନିର୍ମିତ କରିବା ଦ୍ୱାରା ପ୍ରାପ୍ତ ହୋଇଥାଏ ।

ଚିତ୍ର 1: ଗ୍ରାହକ ଜୀବନକାଳ ମୂଲ୍ୟ




ଏକ ଅଭିକର୍ତ୍ତା ଯିଏ ସେବା ପ୍ରଦାନ କରେ ଏବଂ ତା' ଗ୍ରାହକମାନଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ସ୍ଥାପିତ କରେ, ସଦ୍ଭାବ ଓ ବ୍ରାଣ୍ଡ ମୂଲ୍ୟ ନିର୍ମିତ କରିଥାଏ, ଯାହା ବ୍ୟବସାୟକୁ ପ୍ରସାରିତ କରିବାରେ ସାହାଯ୍ୟ କରେ ।

| **ସ୍ୱୟଂ ପରୀକ୍ଷା କରନ୍ତୁ1** |
|---|

ଗ୍ରାହକ ଜୀବନକାଳ ମୂଲ୍ୟର ଅର୍ଥ କ'ଣ ଅଟେ ?

I. ଗ୍ରାହକକୁ ତାର ଜୀବନ ସାରା ସେବା ପ୍ରଦାନ କରିବା ସମୟରେ ହୋଇଥିବା ମୋଟ ଖର୍ଚ୍ଚ

II. ଜାତ ହୋଇଥିବା ବ୍ୟବସାୟ ଆଧାରରେ ଗ୍ରାହକକୁ ଦିଆଯାଇଥିବା ପଦ

III. ଆର୍ଥିକ ଲାଭସବୁର ସମଷ୍ଟି ଯାହାକୁ ଗ୍ରାହକ ସହି ଦୀର୍ଘକାଳିକ ସମ୍ବନ୍ଧ ସ୍ଥାପିତ କରି ହାସଲ କରାଯାଇପାରେ

IV. ସର୍ବାଧିକ ବୀମା ଯାହାକୁ ଗ୍ରାହକକୁ ପ୍ରଦାନ କରାଯାଇପାରେ

---

### 4. ଗ୍ରାହକ ସମ୍ବନ୍ଧ ଏବଂ ସେବା

ଯେତେବେଳେ ଗ୍ରାହକ ସେବା ସନ୍ତୁଷ୍ଟ ଓ ଅନୁଗତ ଗ୍ରାହକମାନଙ୍କୁ ସୃଷ୍ଟି କରିବାରେ ଏକ ମୁଖ୍ୟ ତତ୍ତ୍ୱ ଅଟେ, ସେମାନଙ୍କ ସହିତ ଦୃଢ଼ ସମ୍ବନ୍ଧ ସ୍ଥାପିତ କରିବା ବି ଆବଶ୍ୟକ ଅଟେ । ବୀମାକର୍ତ୍ତା ବିଷୟରେ ଏକ ଗ୍ରାହକର ମତ ବୀମାକର୍ତ୍ତା ପ୍ରଦାନ କରୁଥିବା ସେବା ଓ ସମ୍ବନ୍ଧ ଅନୁଭୂତି ଉପରେ ନିର୍ଭର କରେ ।

ଏକ ସୁସ୍ଥ କେମିତି ରଖା ଯାଇପାରେ ? ଏହାର କେନ୍ଦ୍ରରେ, ଅବଶ୍ୟ, ବିଶ୍ୱାସ ରହିଥାଏ । ତତ୍ ସଙ୍ଗେ ସଙ୍ଗେ, ଅନ୍ୟ ତତ୍ତ୍ୱଗୁଡିକ ଅଛନ୍ତି, ଯେଉଁମାନେ ସେହି ବିଶ୍ୱାସକୁ ସୁଦୃଢ଼ ଓ ପ୍ରୋତ୍ସାହୁତ କରନ୍ତି । ଆସନ୍ତୁ କେତେକ ମୂଳତତ୍ତ୍ୱକୁ ଉଦାହରଣ ଦ୍ୱାରା ସ୍ୱଷ୍ଟ କରିବା ।

ଚିତ୍ର 2 : ବିଶ୍ୱାସ ପାଇଁ ମୂଳତତ୍ତ୍ୱ




i. ପ୍ରତ୍ୟେକ ସମ୍ବନ୍ଧ **ଆକର୍ଷଣ** ସହିତ ଆରମ୍ଭ ହୁଏ: ଆକର୍ଷଣର ଅର୍ଥ ହେଉଛି ଯେ, ଏକ ମହତ ପ୍ରଥମ ଧାରଣା ସୃଷ୍ଟି କରିବା ସହିତ ଆରମ୍ଭ କରି, ଗ୍ରାହକ ଦ୍ୱାରା ପସନ୍ଦ କରାଯିବ ଓ ତା' ସହିତ ଏକ ସମ୍ବନ୍ଧ ସ୍ଥାପିତ କରିବାରେ ସକ୍ଷମ ହେବା । ଆକର୍ଷଣକୁ ପ୍ରତ୍ୟେକ ହୃଦୟର ତାଲାକୁ ଖୋଲିବାର ଚାବି ବୋଲି ବିବେଚନା କରାଯାଏ । ଏହା ବ୍ୟତୀତ, ଏକ ସମ୍ବନ୍ଧ କ୍ୱଚିତ୍ ସମ୍ଭବ ଥାଏ । ଏକ ବିକ୍ରି କରୁଥିବା ବ୍ୟକ୍ତି ଅଧିକ ପ୍ରଗତି କରିପାରେ ନାହିଁ ଯଦି ତାକୁ ଗ୍ରାହକ ପସନ୍ଦ କରେ ନାହିଁ /

ii. ଏକ ସମ୍ବନ୍ଧର ଦ୍ୱିତୀୟ ମୂଳତତ୍ତ୍ୱ ହେଉଛି ଜଣକର ଉପସ୍ଥିତି, ହେବା ଯେତେବେଳେ ଦରକାର ହୁଏ

iii. **ସଂପ୍ରେଷଣ/ସମ୍ବାଦ:** ଯଦିଓ ଜଣେ ସଂପୂର୍ଣ୍ଣରୂପେ ଉପସ୍ଥିତ ନ ରହେ ଏବଂ ତାର ଗ୍ରାହକମାନଙ୍କ ସମସ୍ତ ପ୍ରତ୍ୟାଶାକୁ ସଂପୂର୍ଣ୍ଣ ନ୍ୟାୟ ଦେବାରେ ଅସମର୍ଥ ହୁଏ, ସେ ତଥାପି **ଏକ ପ୍ରକାରେ, ଯାହା ଆଶ୍ୱସ୍ତଜନକ, ସମାନୁଭୂତିପୂର୍ଣ୍ଣ ହୋଇଥାଏ ଏବଂ ଏକ ଦାୟିତ୍ୱର ଭାବନା ସୂଚୀତ କରିଥାଏ, ସେହି ପ୍ରକାରେ ବାର୍ତ୍ତା ବିନିମୟ କରି ଏକ ଦୃଢ଼ ସମ୍ବନ୍ଧ ସ୍ଥାପିତ କରିପାରେ ।**

ସଂପ୍ରେଷଣର ଉପରୋକ୍ତ ଦିଗଗୁଡିକ ଶୃଙ୍ଖଳା ଓ କୌଶଳ ଆବଶ୍ୟକ କରିଥାଏ । ସେମାନେ ଅନ୍ତିମରେ ପ୍ରତିଫଳିତ କରନ୍ତି ଜଣେ କିପରି ଚିନ୍ତା କରେ ଓ ଦେଖେ ।

କମ୍ପାନୀମାନେ ଗ୍ରାହକ ସମ୍ବନ୍ଧ ପ୍ରବନ୍ଧନ ଉପରେ ମହତ୍ତ୍ୱ ଦେଇଥାନ୍ତି, ଯେହେତୁ ଏକ ଗ୍ରାହକକୁ ଧରି ରଖିବାର ମୂଲ୍ୟ ଏକ ନୂଆ ଗ୍ରାହକ ହାସଲ କରିବାର ମୂଲ୍ୟଠାରୁ ଅତି କମ୍ ହୋଇଥାଏ । ଏକ ଗ୍ରାହକ ସମ୍ବନ୍ଧ ସୁଯୋଗ ବିଭିନ୍ନ ସ୍ପର୍ଶ ବିନ୍ଦୁରେ ଉତ୍ପନ୍ନ ହୋଇଥାଏ, ଉ.ସ୍ୱ. ଗ୍ରାହକଙ୍କ ବୀମା ଆବଶ୍ୟକତାକୁ ବୁଝିବା ସମୟରେ, ବୀମାସୁରକ୍ଷାଗୁଡିକୁ ବ୍ୟାଖ୍ୟା କରିବା ସମୟରେ, ଫର୍ମ ହସ୍ତାନ୍ତରିତ କରିବା ସମୟରେ ଇତ୍ୟାଦି ।

## B. ଗ୍ରାହକ ସେବା ପ୍ରଦାନ କରିବାରେ ବୀମା ଅଭିକର୍ତ୍ତାଙ୍କ ଭୂମିକା

ଆସନ୍ତୁ ଏବେ ବିଚାର କରିବା କେମିତି ଏକ ଅଭିକର୍ତ୍ତା ଗ୍ରାହକକୁ ମହାନ୍ ସେବା ଅର୍ପଣ କରିପାରେ । ଏହା ଅନୁଭବ କରିବା ମହତ୍ତ୍ୱପୂର୍ଣ୍ଣ ଅଟେ ଯେ ଏକ ଗ୍ରାହକ ଏକ ବିକ୍ରି କରୁଥିବା ବ୍ୟକ୍ତି ଦ୍ୱାରା ସଂପର୍କରେ ଆସିବା ମୁହୂର୍ତ୍ତଠାରୁ ଏକ ଦାବୀ ସାମାଧାନର ଅନ୍ତିମ ବିନ୍ଦୁ ପର୍ଯ୍ୟନ୍ତ, ଗ୍ରାହକ ଏକ ଅନୁଭୂତିର ଯାତ୍ରା ଦେଇ ଗତି କରେ ଯାହାକୁ ଆମେ '**ଗ୍ରାହକ ଯାତ୍ରା**' କହିଥାଉ । ଅଭିକର୍ତ୍ତାଙ୍କୁ, ଯାତ୍ରାର ପ୍ରତ୍ୟେକ ଚରଣ ସ୍ମରଣୀୟ ଅନୁଭୂତି ସୃଷ୍ଟି କରିବା ପାଇଁ, ପ୍ରତ୍ୟେକ ଚରଣରେ ଗ୍ରାହକର ହାତ ଧରି, ଚୁକ୍ତିର ସମଗ୍ର ଅବଧି ଦେଇ ତା' ସହିତ ଭାଗୀଦାରୀ କରିବାର ଆବଶ୍ୟକତା ରହେ ।

ଆସନ୍ତୁ ଯାତ୍ରାରେ ଆସୁଥିବା କେତେକ ମାଇଲ ଖୁଣ୍ଟ ଏବଂ ପ୍ରତ୍ୟେକ ଚରଣରେ ସଂପାଦନ କରୁଥିବା ଭୂମିକାକୁ ଦେଖିବା ।

## 1. ବିକ୍ରୟ

ଏହା କୁହାଯାଏ ଯେ ବିକ୍ରୟ ଉଭୟ ଏକ କଳା ଓ ଏକ ବିଜ୍ଞାନ ଅଟେ ଏହା ଏକ ବିଜ୍ଞାନ ଅଟେ । କାରଣ ଏଥିରେ ଏକ ନିର୍ଦ୍ଧାରିତ ପ୍ରକ୍ରିୟାର ଆବଶ୍ୟକତା ଥାଏ ଯାହାକୁ, ଯଦି ଦୃଢ଼ତାର ସହିତ ଓ ଉପଯୁକ୍ତ ଭାବେ ପାଳନ କରାଯାଏ, ଏହା ସମ୍ଭବତଃ ସଫଳତା ଆଡ଼କୁ ଗତି କରାଇବ । ଏହା ଏକ କଳା ମଧ୍ୟ ଅଟେ ଏହି ଅର୍ଥରେ ଯେ ପ୍ରତ୍ୟେକ ବିକ୍ରୟ ବ୍ୟକ୍ତି ପ୍ରକ୍ରିୟା ମଧ୍ୟକୁ ତାର ବିଶେଷ ବିଶ୍ୱାସ, ଢଙ୍ଗ ଓ ବ୍ୟକ୍ତିତ୍ୱକୁ ଆଣିଥାଏ ଏବଂ ପରିଣାମ ତା' ଉପରେ ନିର୍ଭର କରେ ଯାହାକୁ ପ୍ରତ୍ୟେକ ବ୍ୟକ୍ତି ପ୍ରକ୍ରିୟାକୁ ଆଣିଥାଏ ।

- **ସମ୍ଭାବ୍ୟ ଗ୍ରାହକ ପ୍ରସ୍ତୁତ କରିବା:** ବିକ୍ରୟ ବ୍ୟକ୍ତି **ସମ୍ଭାବ୍ୟ ଗ୍ରାହକ ପ୍ରସ୍ତୁତ କରିବା** ସହିତ ଆରମ୍ଭ କରିଥାଏ, ଯାହାର ବସ୍ତୁତଃ ଅର୍ଥ ହେଉଛି ଏକ ସମ୍ଭାବ୍ୟ ଗ୍ରାହକର 'ଅନ୍ୱେଷଣ କରିବା' ଅନ୍ୱେଷଣ କରିବା ମହତ୍ୱପୂର୍ଣ୍ଣ ଅଟେ ଯେହେତୁ '**ଜଣେ ପାଇ ପାରିବ ନାହିଁ ଯେ ପର୍ଯ୍ୟନ୍ତ ଅନ୍ୱେଷଣ ନ କରେ**', ଏହା ପ୍ରକ୍ରିୟାରେ ସବୁଠୁ ମହତ୍ୱପୂର୍ଣ୍ଣ ଚରଣ ଅଟେ । ଏକ ଅଭିକର୍ତ୍ତା ସାଧାରଣତଃ ପରିଚିତ ଓ ସହଜରେ ପହଞ୍ଚିବାଯୋଗ୍ୟ ଲୋକମାନଙ୍କ ଦ୍ୱାରା ଗଠିତ ତାର ସ୍ୱାଭାବିକ ବଜାର ସହିତ ଆରମ୍ଭ କରିଥାଏ । ଚ୍ୟାଲେଞ୍ଜ ଥାଏ ଲୋକମାନଙ୍କ ଅଧିକ ନେଟୱର୍କର ସଂସ୍ପର୍ଶରେ ଆସିବା ଯେଉଁମାନେ ଜଣକର ନିକଟତମ ପରିଧିଠାରୁ ବାହାରେ ଥାଆନ୍ତି – ସେମାନଙ୍କୁ ଜାଣିବା ଏବଂ ସେମାନଙ୍କ ଦ୍ୱାରା ପରିଚିତ ହେବା ।

  ସେହି ସବୁ ବ୍ୟକ୍ତି ଯେଉଁମାନଙ୍କୁ ଜଣେ ଜାଣେ ଏବଂ ଆପ୍ରୋଚ୍ କରେ, ସେମାନେ ବୀମା ପାଇଁ ଉପଯୁକ୍ତ ବ୍ୟକ୍ତି ହୋଇ ନ ପାରନ୍ତି କିମ୍ବା କ୍ରୟ କରିବାରେ ଆଗ୍ରହ ପ୍ରକାଶ କରି ନ ପାରନ୍ତି । ତେଣୁ ସେମାନଙ୍କୁ **ଯୋଗ୍ୟ କରିବା** ଆବଶ୍ୟକ ହୋଇଥାଏ ଯାହା ଫଳରେ ଜଣେ କେବଳ ସେହିମାନଙ୍କୁ ଲକ୍ଷ୍ୟ କରିବା ଉଚିତ୍ ଯେଉଁମାନେ ସମ୍ଭବତଃ ବୀମା କ୍ରୟ କରି ପାରନ୍ତି । ସମ୍ଭାବ୍ୟ ଗ୍ରାହକ ପ୍ରସ୍ତୁତ କରିବା ପ୍ରକ୍ରିୟା କେବଳ ସେତେବେଳେ ସଫଳ ହୁଏ ଯେତେବେଳେ ଏକ ଅଭିକର୍ତ୍ତା ସମ୍ଭାବ୍ୟ ଗ୍ରାହକ ସହିତ ଦୃଢ଼ ସମ୍ବନ୍ଧ ସ୍ଥାପିତ କରିବା ପାଇଁ ସକ୍ଷମ ହୁଏ । ଏ ପ୍ରକାରେ କୌଣସି ବିକ୍ରୟ ବ୍ୟକ୍ତିର ପ୍ରଥମ କାର୍ଯ୍ୟ ହେଉଛି **ବିଶ୍ୱାସ ବିକ୍ରି କରିବା ଓ ଆତ୍ମ ବିଶ୍ୱାସ ନିର୍ମିତ କରିବା ।**

- ***ଏକ ସାକ୍ଷାତକାର ପାଇଁ ନିମନ୍ତ୍ରଣ କରିବା:*** ଯେତେବେଳେ ବ୍ୟକ୍ତିଗତ ସମ୍ବନ୍ଧ ମୂଳଦୂଆ ହୋଇଥାଏ ଯାହା ଉପରେ ବୀମା ବ୍ୟବସାୟ ନିର୍ମିତ ହୁଏ, ଜଣେ ଅର୍ଜିତ କରିବା ସଦ୍ଭାବକୁ ବିକ୍ରୟରେ ପରିବର୍ତ୍ତିତ କରିବା ଆବଶ୍ୟକ ଅଟେ । ଏହା ଆରମ୍ଭ ହୁଏ ଯେତେବେଳେ ବିକ୍ରୟ ବ୍ୟକ୍ତି ଏକ ବିସ୍ତୃତ ବିକ୍ରୟ ସାକ୍ଷାତକାର ପାଇଁ ଏକ ଔପଚାରିକ ସମୟ ନିଯୁକ୍ତି ପ୍ରସ୍ତୁତ କରେ । ଜଣକର ବ୍ୟବସାୟିକ ପ୍ରତ୍ୟୟ ପତ୍ର (କ୍ରେଡେନ୍ସିଆଲ୍) ସ୍ଥାପିତ କରିବା ପାଇଁ ଏବଂ ବ୍ୟବସାୟକୁ ଅନୌପଚାରିକ ଆଲୋଚନାଠାରୁ ଅଲଗା କରିବା ପାଇଁ ମଧ୍ୟ ଏହି ଚରଣ ସମ୍ବେଦନଶୀଳ ହୋଇଥାଏ ।

- ***ଆବଶ୍ୟକତାଗୁଡ଼ିକୁ ନିର୍ଦ୍ଧାରିତ କରିବା ଏବଂ ସମାଧାନର ସୁପାରିଶ କରିବା :*** ବିକ୍ରୟ ସାକ୍ଷାତକାରର କେନ୍ଦ୍ର ହେଉଛି ସେହି ଚରଣଗୁଡ଼ିକ ଯେଉଁଠି ବିକ୍ରୟ ଅଭିକର୍ତ୍ତା ସମ୍ଭାବ୍ୟ ଗ୍ରାହକକୁ ନିର୍ଦ୍ଧାରିତ କରେ ଏବଂ ତାକୁ ଯଥାର୍ଥ ଆବଶ୍ୟକତାଗୁଡ଼ିକ ବିଷୟରେ ଅବଗତ କରାଏ ଯେଉଁଥିପାଇଁ ବୀମା ଏକ ସମାଧାନ ହୋଇଥାଏ । ଏକ ମାଷ୍ଟର ସେଲ୍ସ ବ୍ୟକ୍ତି ଏକ ସମ୍ଭାବ୍ୟ ଗ୍ରାହକକୁ ବୀମା ସୁରକ୍ଷାରେ ବ୍ୟବଧାନ ଯାହା ବୀମା ପାଇଁ ଆବଶ୍ୟକତାଗୁଡ଼ିକୁ ଉତ୍ପନ୍ନ କରିଥାଏ, ତାହାକୁ ବୁଝିବା ପାଇଁ ପ୍ରଶ୍ନସବୁ ପଚାରିବା ମାଧ୍ୟମରେ, ତାର କୌଶଳ ଦ୍ୱାରା ମାର୍ଗଦର୍ଶନ କରି, ବିଶିଷ୍ଟତା ପ୍ରାପ୍ତ କରିଥାଏ।

ଅଭିକର୍ତ୍ତା ପାଖରେ ସମ୍ଭାବ୍ୟ ଗ୍ରାହକର ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ସଠିକ୍ ପ୍ରକାରର ବୀମା ସମାଧାନ ବିଷୟରେ ତାହାକୁ ସର୍ବୋତ୍ତମ ପରାମର୍ଶ ପ୍ରଦାନ କରିବାର ଦାୟିତ୍ୱ ରହିଥାଏ । ପ୍ରଥମତଃ ଜଣେ ନିଶ୍ଚିତ ରୂପେ ନିର୍ଦ୍ଧାରିତ

କରିବା ଉଚିତ୍ ଏବଂ ସମ୍ଭାବ୍ୟ ଗ୍ରାହକକୁ ଯଥାର୍ଥ ଆବଶ୍ୟକତାଗୁଡିକ ବିଷୟରେ ଅବଗତ କରାଇବା ଉଚିତ୍ ଯେଉଁଥିପାଇଁ ବୀମା ଏକ ସମାଧାନ ଅଟେ । ଏଥିରେ କ୍ରୟ କରିବାକୁ ଥିବା ବୀମା ରାଶି ଉପରେ ଉପଯୁକ୍ତ ପରାମର୍ଶ ଦେବା ମଧ୍ୟ ଅନ୍ତର୍ଭୁକ୍ତ ହୋଇଥାଏ । ଉଦାହରଣ ସ୍ୱରୂପ, ଏକ ବ୍ୟକ୍ତିଦ୍ୱାରା କ୍ରୟ କରିବାକୁ ଥିବା ଜୀବନ ବୀମାର ରାଶିକୁ ତା' ଆୟ ଓ ରାଶି ପ୍ରଦାନ କରିବାର କ୍ଷମତା ସହିତ ସଂଯୁକ୍ତ କରିବା ଆବଶ୍ୟକ ଅଟେ ।

ବିଶେଷରୂପେ ଅଣ-ଜୀବନ ବୀମା କ୍ରୟ କରିବା ସମୟରେ, ମନ ଭିତରେ ଏକ ମୂଳଭୂତ ଜ୍ଞାନ ରଖିବା ମଧ୍ୟ ମହତ୍ୱପୂର୍ଣ୍ଣ ଅଟେ : ବୀମା କରିବା ପାଇଁ ସୁପାରିଶ କରନ୍ତୁ ନାହିଁ ଯେଉଁଠି ସଙ୍କଟକୁ ଅନ୍ୟ ପ୍ରକାରେ ପ୍ରବନ୍ଧ କରାଯାଇପାରେ ।

ବୀମାର ଆବଶ୍ୟକତା ରହେ କି ନାହିଁ, ଏହା ପରିସ୍ଥିତି ଉପରେ ନିର୍ଭର କରେ । ଯଦି ସଂପୃକ୍ତ ହାନିର ତୁଳନାରେ ପ୍ରିମିୟମ ପ୍ରଦାନ ଅଧିକ ହୋଇଥାଏ, ସଙ୍କଟକୁ କେବଳ ବହନ କରିନେବା ଉପଯୁକ୍ତ ଅଟେ । ଅନ୍ୟ ପକ୍ଷରେ, ଯଦି ଏକ ସଙ୍କଟର ହାନି ପରିଣାମ ତୀବ୍ର/ଗମ୍ଭୀର ହେବାର ସମ୍ଭାବନା ଥାଏ, ଏହା ବିରୁଦ୍ଧରେ ବୀମା ନେବା ବିବେକ ପୂର୍ଣ୍ଣ ଅଟେ ।

**ଉଦାହରଣ**

ଏକ ବନ୍ୟା ପ୍ରବଣ କ୍ଷେତ୍ରରେ ବାସ କରୁଥିବା ଏକ ଘରମାଲିକ ପାଇଁ, ବନ୍ୟା ବିରୁଦ୍ଧରେ ଏକ ଆଡ୍-ଅନ୍ ସୁରକ୍ଷା କ୍ରୟ କରିବା ଉପଯୋଗୀ ବୋଲି ପ୍ରମାଣିତ ହୋଇପାରେ । ଅନ୍ୟ ପକ୍ଷରେ, ଯଦି ଘର ମାଲିକ ସେହି ସ୍ଥାନରେ ଏକ ଘର ନିଏ ଯେଉଁଠି ବନ୍ୟାର ସଙ୍କଟ ନଗଣ୍ୟ ହୋଇଥାଏ, ସେଭଳି ବୀମାସୁରକ୍ଷା ନେବା ଆବଶ୍ୟକ ହୋଇ ନ ପାରେ ।

ଅନେକ ଗ୍ରାହକ ଖର୍ଚ୍ଚ ହୋଇଥିବା ପ୍ରତ୍ୟେକ ଟଙ୍କା ପାଇଁ ସର୍ବାଧିକ ବୀମା ପାଇବା ସମ୍ବନ୍ଧରେ ଅଧିକ ଚିନ୍ତାଶୀଳ ହୋଇ ନ ପାରନ୍ତି, କିନ୍ତୁ **ସଙ୍କଟ ସମ୍ଭାଳିବାର ମୂଲ୍ୟକୁ ହ୍ରାସ କରିବା** ରେ ଆଗ୍ରହ ପ୍ରକାଶ କରିପାରନ୍ତି । ଏପ୍ରକାରେ ଚିନ୍ତା ହୋଇପାରେ ସେହିସବୁ ସଙ୍କଟକୁ ଚିହ୍ନଟ କରିବା ଉପରେ ଯାହାକୁ ଗ୍ରାହକ ଧାରଣ କରିପାରେ ନାହିଁ ଏବଂ ତେଣୁକରି ଏହାକୁ ନିଶ୍ଚିତରୂପେ ବୀମିତ କରିବା ଉଚିତ୍ ।

ଅଭିକର୍ତ୍ତା ସେତେବେଳେ ସଫଳ ହୁଏ ଯେତେବେଳେ ସେ ସର୍ବୋତ୍ତମ ସେବା ପ୍ରଦାନ କରେ । ଅଭିକର୍ତ୍ତାଙ୍କୁ ଗ୍ରାହକ ସମ୍ମୁଖରେ ତାର ଭୂମିକା ସମ୍ବନ୍ଧରେ ନିଜେ ନିଜକୁ ନିରନ୍ତର ପ୍ରଶ୍ନ ପଚାରିବାର ଆବଶ୍ୟକତା ଥାଏ । ସେ ଗ୍ରାହକ ପାଖକୁ ଯିବା ଉଚିତ୍ ନା କେବଳ ଏକ ବିକ୍ରୟ ପାଇବା ପାଇଁ କିନ୍ତୁ ଏକ କୋଚ୍ ଓ ଭାଗୀଦାର ରୂପେ ଗ୍ରାହକ ସହିତ ସମ୍ବନ୍ଧ ରଖିବା ପାଇଁ ଯିଏ ତାକୁ ତାର ସଙ୍କଟ ଅଧିକ ପ୍ରଭାବୀ ରୂପେ ପ୍ରବନ୍ଧ କରିବାରେ ସାହାଯ୍ୟ କରିପାରେ ।

- ***ଆପତ୍ତିଗୁଡିକୁ ସମ୍ଭାଳିବା ଏବଂ ବିକ୍ରୟକୁ ସମାପ୍ତ କରିବା:*** କ୍ରୟ କରିବା ପାଇଁ ଉପଯୁକ୍ତ ଉତ୍ପାଦଗୁଡିକ ବିଷୟରେ ଏକ ଗ୍ରାହକଙ୍କୁ ସର୍ବୋତ୍ତମ ପରାମର୍ଶ ଓ ସୁପାରିଶ ଦେବା ଯଥେଷ୍ଟ ହୋଇ ନ ପାରେ । ଜଣେ ତାକୁ କ୍ରୟ କରିବାରେ ନିଷ୍ପତ୍ତି ନେବାପାଇଁ ପ୍ରରୋଚିତ କରିବାର ବି ଆବଶ୍ୟକତା ରହିଥାଏ । ଅଧିକାଂଶ ସମୟରେ ଗ୍ରାହକ ପାଖରେ ଅନେକଗୁଡିଏ ପ୍ରଶ୍ନ ଥାଇପାରେ ଏବଂ ଆପତ୍ତି ମଧ୍ୟ ଉଠାଇପାରେ ଯାହା ଉପରେ ସେ କ୍ରୟ ପାଇଁ ପ୍ରତିବଦ୍ଧ ହେବା ପୂର୍ବରୁ ବ୍ୟାଖ୍ୟାନ ଦେବାର ଆବଶ୍ୟକତା ରହିଥାଏ । ଏହିସବୁ ଆପତ୍ତିଗୁଡିକୁ ସମ୍ଭାଳିବା ସମୟରେ, ଏହା ବୁଝିବା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଅଟେ ଯେ ପ୍ରକାଶ କରାଯାଇଥିବା ଆପତ୍ତି ଅନ୍ତର୍ନିହିତ ଚିନ୍ତାକୁ ପ୍ରତିଫଳିତ କରିପାରେ ଯାହାର ଚିହ୍ନଟ କରିବାର ଓ ସମାଧାନ କରିବାର ଆବଶ୍ୟକତା ରହିଥାଏ ।

ମୋଟାମୋଟି ରୂପେ କହିବାକୁ ଗଲେ, ଏକ ବୀମା ଅଭିକର୍ତ୍ତାର ଭୂମିକା କେବଳ ଏକ ସେଲ୍ସ ବ୍ୟକ୍ତିର ଭୂମିକାଠାରୁ ଅଧିକ ଅଟେ । ତାକୁ **ଏକ ସଙ୍କଟ ମୂଲ୍ୟାଙ୍କକ, ସଙ୍କଟାଙ୍କକ, ସଙ୍କଟ ପ୍ରବନ୍ଧନ ପରାମର୍ଶଦାତା, କଷ୍ଟମାଇଜ୍ କରାଯାଇଥିବା ସଲ୍ୟୁଶନର ଡିଜାଇନର୍ ଏବଂ ଏକ ସମ୍ବନ୍ଧ ସ୍ଥାପନକାରୀ** (ଯିଏ ବିଶ୍ୱାସ ଓ ଦୀର୍ଘାବଧି ସମ୍ବନ୍ଧ ସ୍ଥାପିତ କରି ତିଷ୍ଠି ରହେ) ଏକାଧାରରେ ସମସ୍ତ ହେବା ଆବଶ୍ୟକ ଅଟେ ।

## 2. ପ୍ରସ୍ତାବ ଚରଣ

ଅଭିକର୍ତ୍ତାଙ୍କୁ ବୀମା ପାଇଁ ପ୍ରସ୍ତାବ ଫର୍ମକୁ ପୂରଣ କରିବାରେ ଗ୍ରାହକର ସହାୟତା କରିବାକୁ ପଡ଼େ । ସେଇଠି ଦିଆଯାଇଥିବା ଉକ୍ତିଗୁଡିକ ପାଇଁ ବୀମିତ ଦାୟିତ୍ୱ ନେବା ଆବଶ୍ୟକ ଅଟେ । ଏକ ପ୍ରସ୍ତାବ ଫର୍ମର ବିଶିଷ୍ଟ ବିଶେଷତା ବିଷୟରେ ଏକ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କରାଯାଇଛି ।

ଅଭିକର୍ତ୍ତା ପ୍ରସ୍ତାବକଙ୍କୁ ପ୍ରସ୍ତାବ ଫର୍ମରେ ଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ରୂପେ ପୂରଣ କରିବାକୁ ଥିବା ବିବରଣୀ ବିଷୟରେ ବୁଝାଇବା ଓ ସ୍ୱଷ୍ଟ କରିବା ଉଚିତ୍ । ଯଥାର୍ଥ ଓ ସଂପୂର୍ଣ୍ଣ ସୂଚନା ଦେବାରେ ବିଫଳତା ଗ୍ରାହକର ଦାବୀକୁ ସଙ୍କଟରେ ପକାଇପାରେ ।

ବେଳେବେଳେ, ଯଦି ପଲିସୀକୁ ପୂରା କରିବାକୁ ଆବଶ୍ୟକ ଥିବା ଅତିରିକ୍ତ ସୂଚନା ଆବଶ୍ୟକ ହୁଏ, କମ୍ପାନୀ ଗ୍ରାହକକୁ ପ୍ରତ୍ୟକ୍ଷ ରୂପେ କିମ୍ବା ଅଭିକର୍ତ୍ତା/ପରାମର୍ଶଦାତା ଜରିଆରେ ସୂଚୀତ କରିପାରେ । ଅଭିକର୍ତ୍ତା ସେଭଳି ଔପଚାରିକତାସବୁ କାହିଁକି ଆବଶ୍ୟକ ଅଟେ ତାହା ବୁଝାଇ, ସେଗୁଡିକ ପୂରା କରିବାରେ, ସାହାଯ୍ୟ କରିବା ଉଚିତ୍ ।

b) **ଉପାର୍ଜନକାରୀ (25 ବର୍ଷ ଆଗକୁ)**:ଯେତେବେଳେ ଜଣେ ନିଯୁକ୍ତି ପାଇଥାଏ ଏବଂ ବୋଧହୁଏ ତାର ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଯଥେଷ୍ଟ ଉପାର୍ଜନ କରେ ଓ ଖର୍ଚ୍ଚ କରିବାକୁ ତା' ପାଖରେ କିଛି ଅଧିକ ଟଙ୍କା ଥାଏ । ପରିବାର ଦାୟିତ୍ୱସବୁ ଥାଏ ଏବଂ ସେହି ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଯାହା ନିକଟ ଭବିଷ୍ୟତରେ ଉତ୍ପନ୍ନ ହୋଇପାରେ । ନିଜ ପାଖରେ ଟଙ୍କା ଥିବା ପାଇଁ ଜଣେ ସଂଚୟ ଓ ନିବେଶ ମଧ କରିପାରେ । ଉଦାହରଣସ୍ୱରୂପ, ଜଣେ ଯୁବା ବ୍ୟକ୍ତି ଏକ ଗୃହ ଋଣ ନିଏ ଏବଂ ଏକ ଘରେ ନିବେଶ କରିଥାଏ ।

c) **ଭାଗୀଦାର (ଧରନ୍ତୁ 28 - 30 ରେ ବିବାହ ହେବା ପରେ)**: ସେହି ଚରଣ ଯେତେବେଳେ ଜଣେ ବିବାହ କରେ ଏବଂ ନିଜର ଏକ ପରିବାର ହୁଏ । ଏହା ନୂଆ ଆବଶ୍ୟକତାସବୁକୁ ସୃଷ୍ଟି କରେ ଯେପରିକି ଜଣକର ନିଜର ଘର, ବୋଧହୁଏ ଏକ କାର, ଉପଭୋକ୍ତା ସ୍ଥିର ଜିନିଷ ହେବା, ପିଲାମାନଙ୍କ ଭବିଷ୍ୟତ ପାଇଁ ଯୋଜନା କରିବା ଇତ୍ୟାଦି ।

d) **ପିତା/ମାତା (ଧରନ୍ତୁ 28 ରୁ 35)**: ସେହି ସବୁ ବର୍ଷ ଯେତେବେଳେ ଜଣେ ଗୋଟିଏ କିମ୍ବା ଅଧିକ ସନ୍ତାନଙ୍କ ପିତା/ମାତା ହୋଇଥାଏ । ଜଣକୁ ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ଚିନ୍ତା କରିବାକୁ ପଡ଼ିଥାଏ-ସେମାନଙ୍କୁ ଉତ୍ତମ ସ୍କୁଲରେ ଭର୍ତ୍ତି କରାଇବା ଇତ୍ୟାଦି ।

e) **ପ୍ରଦାନକର୍ତ୍ତା (ଧରନ୍ତୁ ବୟସ 35 ଠାରୁ 55)**: ସେହି ଚରଣ ଯେତେବେଳେ ପିଲାମାନେ କିଶୋରାବସ୍ଥାରେ ପହଞ୍ଚିଥିବେ, ଏବଂ ସେମାନଙ୍କ ହାଇସ୍କୁଲ ଓ କଲେଜ ସମୟକୁ ଅନ୍ତର୍ଭୁକ୍ତ କରେ । ଜଣେ ନିଜର ପିଲାକୁ ଜୀବନର ଚ୍ୟାଲେଞ୍ଜସବୁର ସମ୍ମୁଖୀନ ହେବା ପାଇଁ ଯୋଗ୍ୟ କରିବା ପାଇଁ ଶିକ୍ଷାର ଉଚ୍ଚ ମୂଲ୍ୟ ବିଷୟରେ ଚିନ୍ତିତ ହୁଏ । ଉଦାହରଣ ସ୍ୱରୂପ, ସେହି ରାଶି ପରିମାଣ ଉପରେ ବିଚାର କରନ୍ତୁ

ଯାହାକୁ ଏକ ମେଡିକାଲ୍ କୋର୍ସ ଯାହା ପାଞ୍ଚ ବର୍ଷ ଧରି ଚାଲେ, ତାର ବିତ୍ତପୋଷଣ କରିବାକୁ ରଖିବାର ଆବଶ୍ୟକତା ଥାଏ । ଅନେକ ଭାରତୀୟ ଘରେ  ଝିଅ ପିଲାମାନଙ୍କ ବିବାହ ଓ ବନ୍ଦୋବସ୍ତ ପାଇଁ ପ୍ରାବଧାନ କରିବା ଚିନ୍ତାର ଏକ ସଙ୍କଟମୟ କ୍ଷେତ୍ର । ବାସ୍ତବରେ, ପିଲାମାନଙ୍କ ବିବାହ ଓ ଶିକ୍ଷା ବର୍ତ୍ତମାନ ଅଧିକାଂଶ ଭାରତୀୟ ପରିବାରଙ୍କ ପାଇଁ ସଂଚୟ ପାଇଁ ଏକ ମୂଖ୍ୟ ଉଦ୍ଦେଶ୍ୟ ଅଟେ ।

f) **ଖାଲି ନିଳୟ ଆବାସୀ (ବୟସ 55 ଠାରୁ 65)**: ପଦ 'ଖାଲି ନିଳୟ ନିବାସ' ର ନିହିତାର୍ଥ ହେଉଛି ସନ୍ତାନ ମାନେ ନିଳୟ [ଗୃହସ୍ଥି] କୁ ଖାଲି କରି, ଚାଲିଯାଇଛନ୍ତି । ଏହା ହେଉଛି ସେହି ସମୟ ଯେତେବେଳେ ପିଲାମାନେ ବିବାହ କରିଥିବେ ଏବଂ ବେଳେ ବେଳେ ପିତାମାତାଙ୍କୁ ଛାଡି, କାମ ପାଇଁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିବେ । ଆଶା କରାଯାଏ ଯେ ଏହି ଚରଣ ପର୍ଯ୍ୟନ୍ତ, ଜଣେ ନିଜର ଦାୟିତ୍ୱସବୁ [ଯେମିତି କି ଗୃହ ଋଣ ଓ ଅନ୍ୟାନ୍ୟ ବନ୍ଧକ] କୁ ଋଣମୁକ୍ତ କରିଦେଇଥିବ ଏବଂ ଅବସର ଗ୍ରହଣ ପାଇଁ ଏକ ନିଧି ନିର୍ମିତ କରି ସାରି ଥିବ । ଏହା ମଧ୍ୟ ସେହି ସମୟ ଯେତେବେଳେ ରକ୍ତ ଚାପ ଏବଂ ମଧୁମେହ ଭଳି ରୋଗଗୁଡିକ ପ୍ରକଟ ହେବା ଆରମ୍ଭ କରନ୍ତି ଏବଂ ଜଣକର ଜୀବନକୁ ପୀଡ଼ିତ କରନ୍ତି । ଏହି ଚରଣରେ ସ୍ୱାସ୍ଥ୍ୟ ସେବା, ଆର୍ଥିକ ସ୍ୱାଧିନତା ଏବଂ ଆୟର ସୁରକ୍ଷା ଅତି ମହତ୍ୱପୂର୍ଣ୍ଣ ହୋଇଥାଏ ।

g) **ଅବସର ଗ୍ରହଣ – ଗୋଧୂଳି/ସନ୍ଧ୍ୟା କାଳ (ବୟସ 60 ଏବଂ ଊର୍ଦ୍ଧ୍ୱ)**: ସେହି ବୟସ ଯେତେବେଳେ ଜଣେ ସକ୍ରିୟ କାର୍ଯ୍ୟରୁ ଅବସର ଗ୍ରହଣ କରିଛି ଏବଂ ଜୀବନର ଆବଶ୍ୟକତାସବୁକୁ ପୂରଣ କରିବା ପାଇଁ ନିଜର ସଂଚୟକୁ ଖର୍ଚ୍ଚ କରେ ଯେତେ ସମୟ ପର୍ଯ୍ୟନ୍ତ ଉଭୟେ ଜୀବିତ ଅଛନ୍ତି, ପତି ଓ ପତ୍ନୀଙ୍କ ଜୀବିତ ଆବଶ୍ୟକତାଗୁଡିକ କେନ୍ଦ୍ର ବିନ୍ଦୁ ହୋଇଥାଏ । ଜଣେ ସ୍ୱାସ୍ଥ୍ୟ ସମସ୍ୟା, ଯଥେଷ୍ଟ ଆୟ ଏବଂ ଏକାନ୍ତତା ବିଷୟରେ ଚିନ୍ତିତ ହୋଇଥାଏ । ଏହା ମଧ୍ୟ ସେହି ସମୟ ହୋଇଥାଏ ଯେତେବେଳେ ଜଣେ ଜୀବନର ଗୁଣବତ୍ତା ବଢ଼ାଇବା ପାଇଁ ଏବଂ ଅନେକ ଗୁଡିଏ ଜିନିଷ ଉପଭୋଗ କରିବାକୁ ଚାହେଁ ଯାହା ଜଣେ ସ୍ୱପ୍ନ ଦେଖିଥିଲା କିନ୍ତୁ ହାସଲ କରି ପାରି ନ ଥିଲା –ଯେପରିକି ଏକ ସଉକକୁ ଆଗେ ବଢ଼ାଇବା କିମ୍ବା ଏକ ଦୀର୍ଘ ଛୁଟି କିମ୍ବା ତୀର୍ଥଯାତ୍ରାରେ ଯିବା । ଜଣେ ସୁନ୍ଦର ରୂପେ କିମ୍ବା ଦାରିଦ୍ର୍ୟତାରେ ବୟସକୁ ଆଗକୁ ବଢ଼ାଇବା, ତାହା ନିର୍ଭର କରିବ ତାହା ଉପରେ ଯେତେ ରାଶି ପରିମାଣର ପ୍ରାବଧାନ ସେ ଏହି ସମୟ ପା|ଇଁ କରିଥିବ ।

ଯେପରିକି ଆମେମାନେ ଉପରେ ଦେଖି ପାରିଲେ, ଆର୍ଥିକ ଜୀବନ ଚକ୍ରର ତିନି ଚରଣ ଅଛି : ଏକ ବିଦ୍ୟାର୍ଥୀ କିମ୍ବା ପୂର୍ବ୍ବ-ଚାକିରୀ ଚରଣ; ରୋଜଗାର/କାର୍ଯ୍ୟକାଳ ଚରଣ ଯାହା 18 ଠାରୁ 25 ବର୍ଷ ବୟସ ମଧ୍ୟରେ ଆରମ୍ଭ ହୁଏ ଏବଂ 35 ଠାରୁ 40 ବର୍ଷ ପର୍ଯ୍ୟନ୍ତ ଚାଲୁ ରହେ; ଏବଂ ଜଣେ କାର୍ଯ୍ୟ କରିବା ବନ୍ଦ କରିବା ପରେ ଅବସର ଗ୍ରହଣ ସମୟ ।

**3.** ଜଣେ ବିଭିନ୍ନ ଆର୍ଥିକ ସମ୍ପତ୍ତି ସଂଚୟ କରିବା ଓ କ୍ରୟ କରିବା କାହିଁକି ଆବଶ୍ୟକ କରେ?

କାରଣ ହେଉଛି ଯେ ଏକ ବ୍ୟକ୍ତିର ଜୀବନର ପ୍ରତ୍ୟେକ ଚରଣରେ, ଯେତେବେଳେ ଜଣେ ଏକ ବିଶେଷ ଭୂମିକା ଗ୍ରହଣ କରେ, ଅନେକ ଗୁଡିଏ ଆବଶ୍ୟକତା ଉପୁଜିଥାଏ ଯେଉଁଥିପାଇଁ ନିଧି ଯୋଗାଇବାକୁ ପଡ଼ିଥାଏ ।

| ଉଦାହରଣ |
|---|
| ଯେତେବେଳେ ଏକ ବ୍ୟକ୍ତି ବିବାହ କରେ ଏବଂ ତା' ନିଜର ଏକ ପରିବାର ଆରମ୍ଭ କରେ ,ତା' ପାଇଁ ତା' ନିଜର ଏକ ଘର ଆବଶ୍ୟକ ହୋଇପାରେ । ଯେତେବେଳେ ପିଲାମାନେ ବଡ଼ ହୁଅନ୍ତି ,ସେମାନଙ୍କ ଉଚ୍ଚତର ଶିକ୍ଷା ପାଇଁ ନିଧିର ଆବଶ୍ୟକତା ହୁଏ । ଯେତେବେଳେ ଏକ ବ୍ୟକ୍ତି ମଧ୍ୟମ ବୟସ ପାର ହୋଇଥାଏ ,ଚିନ୍ତା ହୋଇଥାଏ ସ୍ୱାସ୍ଥ୍ୟ ଖର୍ଚ୍ଚର ସମ୍ମୁଖୀନ ହେବା ପାଇଁ ଅର୍ଥ ଓ ଅବସରଗ୍ରହଣ ପରବର୍ତ୍ତୀ ସଂଚିତ କରି ରଖିବା ଯାହା ଦ୍ୱାରା ଜଣକୁ ପିଲାମାନଙ୍କ ଉପରେ ନିର୍ଭର କରିବା ଏବଂ ଏକ ବୋଝ ହେବା ଆବଶ୍ୟକ ହୋଇ ନ ଥାଏ । ସ୍ୱାଧୀନତା ଓ ସମ୍ମାନର ସହିତ ବଞ୍ଚିବା ମହତ୍ୱପୂର୍ଣ୍ଣ ହୋଇଥାଏ । |

**ସଂଚୟ** – ନିବେଶ ପ୍ରକ୍ରିୟାକୁ ଦୁଇଟି ନିର୍ଣ୍ଣୟ ଦ୍ୱାରା ପ୍ରସ୍ତୁତ କରାଯାଇଛି ବୋଲି ବିଚାର କରାଯାଏ ।

i. **ଉପଭୋଗ ର ବିଲମ୍ବନ**: ବର୍ତ୍ତମାନ ଏବଂ ଭବିଷ୍ୟତ ଉପଭୋଗ ମଧ୍ୟରେ ସଂସାଧନର ଆବଣ୍ଟନ

ii. **ଦ୍ରବତାକୁ ପରିତ୍ୟାଗ କରିବା** (କିମ୍ବା ପ୍ରସ୍ତୁତ କ୍ରୟକରିବାର କ୍ଷମତା) କମ୍ ଦ୍ରବ ସମ୍ପତ୍ତିର ବଦଳରେ । ଉଦାହରଣ ସ୍ୱରୂପ, ଏକ ଜୀବନ ବୀମା ପଲିସୀର ଅର୍ଥ ହେବ ଏକ ଚୁକ୍ତି ଯାହା କମ୍ ଦ୍ରବ ଅଟେ, ତା' ବିନିମୟରେ ଟଙ୍କା ନେବା ।

ଆର୍ଥିକ ଯୋଜନା ଉଭୟ ପ୍ରକାରର ନିର୍ଣ୍ଣୟକୁ ଅନ୍ତର୍ଭୁକ୍ତ କରେ । ଭବିଷ୍ୟତ ପାଇଁ ସଂଚୟ କରିବା ପାଇଁ ଜଣକୁ ଯୋଜନା କରିବା ଆବଶ୍ୟକ ଏବଂ ନିଶ୍ଚିତ ରୂପେ ବିଭିନ୍ନ ଆବଶ୍ୟକତା ଯାହା ଭବିଷ୍ୟତରେ ଉତ୍ପନ୍ନ ହେବ, ତାର ସମ୍ମୁଖୀନ ହେବା ପାଇଁ ଉପଯୁକ୍ତ ସମ୍ପତ୍ତିରେ ବିବେକ ଶୀଳ ରୂପେ ନିବେଶ କରିବା ଉଚିତ୍ ।

**4.** ବୈୟକ୍ତିକ ଆବଶ୍ୟକତା

ଯଦି ଆମେ ଜୀବନ ଚକ୍ରର ଚରଣଗୁଡିକୁ ଦେଖିବା ଯାହା ଉପରେ ଆଲୋଚନା କରାଯାଇଛି, ଆମେ ଦେଖିବା ଯେ ତିନି ପ୍ରକାରର ଆବଶ୍ୟକତା ଉତ୍ପନ୍ନ ହୋଇପାରେ । ଏଥିରୁ ତିନି ପ୍ରକାରର ଆର୍ଥିକ ଉତ୍ପାଦ ଉତ୍ପନ୍ନ ହୁଏ ।

a) ଭବିଷ୍ୟତ କାରବାର ସକ୍ଷମ କରିବା

ପ୍ରଥମ ସମୂହର ଆବଶ୍ୟକତା ଖର୍ଚ୍ଚର ଶୃଙ୍ଖଳାର ସମ୍ମୁଖୀନ ହେବା ପାଇଁ ନିଧିଠାରୁ ଉତ୍ପନ୍ନ ହୋଇପାରେ ଯାହା ଜୀବନ ଚକ୍ରର ବିଭିନ୍ନ ରଣରେ ଉତ୍ପନ୍ନ ହେବା ଆଶା କରାଯାଏ । ଦୁଇ ପ୍ରକାରର ସେଭଳିଆ ଆବଶ୍ୟକତା ଥାଏ:

i. ବିଶେଷ କାରବାର ଆବଶ୍ୟକତା: ଯେଉଁସବୁ ବିଶେଷ ଜୀବନ ଘଟଣାଗୁଡିକ ସହିତ ସଂଯୁକ୍ତ ଥାଆନ୍ତି ଯେଉଁଗୁଡିକ ସଂସାଧନର ପ୍ରତିବଦ୍ଧତା ଆବଶ୍ୟକ କରିଥାନ୍ତି । ଉଦାହରଣ ସ୍ୱରୁପ, ଆଶ୍ରିତମାନଙ୍କ ପାଇଁ ଉଚ୍ଚତର ଶିକ୍ଷା/ବିବାହ; କିମ୍ବା ଏକ ଘର କିମ୍ବା ଉପଭୋକ୍ତା ସ୍ଥାୟୀ ବସ୍ତୁ

ii. ସାଧାରଣ କାରବାର ଆବଶ୍ୟକତା: କୌଣସି ବିଶେଷ ଉଦ୍ଦେଶ୍ୟ ପାଇଁ ନିର୍ଦ୍ଧାରିତ ନ କରି ବର୍ତ୍ତମାନର ଉପଭୋଗଠାରୁ ଅଲଗା ରଖାଯାଇଥିବା ରାଶି –ଏଗୁଡିକୁ ଲୋକପ୍ରିୟ ହିସାବରେ 'ଭବିଷ୍ୟତ ପ୍ରାବଧାନ' କୁହାଯାଇଥାଏ ।

b) ଆକସ୍ମିକତାର ସମ୍ମୁଖୀନ ହେବା

ଆକସ୍ମିକତାଗୁଡିକ ହୋଇଥାନ୍ତି ଅପ୍ରତ୍ୟାଶିତ ଜୀବନ ଘଟଣାସବୁ ଯାହା ଅତ୍ୟଧିକ ନିଧି ଆବଶ୍ୟକ କରିପାରନ୍ତି । ଏ ସବୁକୁ ଚଳିତ ଆୟଠାରୁ ପୂରଣ କରାଯାଇପାରିବ ନାହିଁ ଏବଂ ପୂର୍ବରୁ ନିଧି ରଖାଯିବା ଆବଶ୍ୟକ । ଏମାନଙ୍କ ମଧ୍ୟରୁ କେତେକ ଘଟଣା, ଯେପରିକି ମୃତ୍ୟୁ ଏବଂ ବିକଳାଙ୍ଗତା କିମ୍ବା ଅଣ-ନିଯୁକ୍ତି, ଫଳରେ ଆୟର ହାନି ହୋଇଥାଏ । ଅନ୍ୟସବୁ, ଯେପରିକି ନିଆଁ ଫଳରେ ସମ୍ପତ୍ତିର ହାନି ହୋଇପାରେ ।

ସେଭଳିଆ ଆବଶ୍ୟକତାସବୁର ଧ୍ୟାନ ବୀମା ଜରିଆରେ ରଖାଯାଇପାରେ, ଯଦି ସେଗୁଡିକର ଘଟିବାର ସମ୍ଭାବ୍ୟତା କମ୍ ଥାଏ କିନ୍ତୁ ପ୍ରଭାବର ମୂଲ୍ୟ ଅଧିକ ହୋଇଥାଏ । ଏକ ରିଜର୍ଭ ରୂପେ ଦ୍ରବର ଅଧିକାଂଶ ରାଶିକୁ ଅଲଗା ରଖି ଜଣେ ବିକଳ୍ପ ରୂପେ ସେଗୁଡିକର ସମ୍ମୁଖୀନ ହୋଇପାରେ ।

c) ଧନ ସଂଚୟୀକରଣ

ସଂଚୟୀକରଣ ଅଭିପ୍ରେରଣା ଅନୁକୂଳ ବଜାର ସୁଯୋଗର ଲାଭ ଉଠାଇ, ଧନ ସଂଚୟ କରିବା ପାଇଁ ନିବେଶ କରିବାକୁ ଏକ ବ୍ୟକ୍ତିର ଆକାଂକ୍ଷାକୁ ସୂଚୀତ କରେ । ନିବେଶ କରିବାର ସମୟରେ କିଛି ବ୍ୟକ୍ତି ଏକ ସତର୍କ ଦୃଷ୍ଟିକୋଣ ନେଇ ପାରନ୍ତି, ଯେତେବେଳେ କି କିଛି ବ୍ୟକ୍ତି ଏକ ଉଚ୍ଚ ରିଟର୍ଣ୍ଣ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ, ଅଧିକ ସଙ୍କଟ ବହନ କରିବା ପାଇଁ ଇଚ୍ଛୁକ ହୋଇ ପାରନ୍ତି । ଉଚ୍ଚ  ରିଟର୍ଣ୍ଣର ଇଚ୍ଛା ରହିପାରେ କାରଣ ଏହା ଅଧିକ ଶୀଘ୍ରତାର ସହ ଜଣକର ଧନ କିମ୍ବା ଶୁଦ୍ଧ ମୂଲ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଧନକୁ ସ୍ୱାଧୀନତା, ଉଦ୍ୟୋଗ (ଉପକ୍ରମ), କ୍ଷମତା ଓ ପ୍ରଭାବ ସହିତ ସଂପୃକ୍ତ କରାଯାଇଥାଏ ।

**5.** ଆର୍ଥିକ ଉତ୍ପାଦ

ଉପରୋକ୍ତ ଆବଶ୍ୟକତା ସମୂହର ଅନୁରୂପ ଆର୍ଥିକ ବଜାରରେ ତିନି ପ୍ରକାରର ଉତ୍ପାଦ ଉପଲବ୍ଧ ଥାଆନ୍ତି:

| | |
|---|---|
| କାରବାର ସମ୍ବନ୍ଧୀୟ ଉତ୍ପାଦ | ବ୍ୟାଙ୍କ ଜମା ଏବଂ ଅନ୍ୟାନ୍ୟ ସଂଚୟ ସାଧନ ଯାହା ଜଣକ ପାଖରେ ଉଚିତ୍ ସମୟରେ ଓ ଉଚିତ୍ ମାତ୍ରାରେ ଯଥେଷ୍ଟ କ୍ରୟ କରିବାର କ୍ଷମତା (ଦ୍ରବତା) ରଖିବା ପାଇଁ ସକ୍ଷମ କରିଥାଏ । |
| ବୀମା ଭଳି ଆକସ୍ମିକତା ଉତ୍ପାଦ | ଏମାନେ ବଡ଼ ବଡ଼ ହାନି ଯାହାଦ୍ୱାରା ହଠାତ୍ ଅପ୍ରତ୍ୟାଶିତ ଘଟଣା ଘଟିବାରେ ଆକ୍ରାନ୍ତ ହୋଇଥାଉ, ତା' ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିଥାନ୍ତି । |
| ଧନ ସଂଚୟୀକରଣ ଉତ୍ପାଦ | ଶେୟାର୍ ଏବଂ ଅଧିକ ଲାଭ ପ୍ରଦାନକାରୀ ବଣ୍ଡ କିମ୍ବା ଭୂ ସମ୍ପତ୍ତି ଏଭଳି ଉତ୍ପାଦର ଉଦାହରଣ ଅଟନ୍ତି । ଏଇଠି ଅଧିକ ଟଙ୍କା ଉପାର୍ଜନ କରିବାକୁ ଟଙ୍କା ବାନ୍ଧିବା (ସମର୍ପଣ କରିବା) ଉଦ୍ଦେଶ୍ୟରେ ନିବେଶ  କରାଯାଇଥାଏ । |

ଜଣେ ବ୍ୟକ୍ତି ପାଖରେ ସାଧାରଣତଃ ଉପରୋକ୍ତ ସମସ୍ତ ଆବଶ୍ୟକତାର ମିଶ୍ରଣ ରହିପାରେ ଏବଂ ଏ ପ୍ରକାରେ ତା' ପାଖରେ ସମସ୍ତ ତିନି ପ୍ରକାରର ଉତ୍ପାଦ ରହିବା ଆବଶ୍ୟକ । ମୋଟାମୋଟି ରୂପେ ଜଣେ କହିପାରେ:

**i.** ସଂଚୟ କରିବାର ଆବଶ୍ୟକତା ଅଛି – ନଗଦ ଆବଶ୍ୟକତା ପାଇଁ

**ii.** ବୀମା କରିବାର ଆବଶ୍ୟକତା ଅଛି – ଅନିଶ୍ଚିତତା ବିରୁଦ୍ଧରେ

**iii.** ନିବେଶ କରିବାର ଆବଶ୍ୟକତା ଅଛି – ଧନ ସୃଷ୍ଟି ପାଇଁ

**6.** ସଙ୍କଟ ପ୍ରୋଫାଇଲ୍**(ଢାଞ୍ଚା )** ଏବଂ ନିବେଶ

ଯେହେତୁ ଏକ ବ୍ୟକ୍ତି ଜୀବନ ଚକ୍ରରେ ବିଭିନ୍ନ ଚରଣ ଦେଇ ଗତି କରେ, ଯୁବା ଉପାର୍ଜନକାରୀ ଠାରୁ ମଧ୍ୟମ ବୟସ ଆଡ଼େ ଏବଂ ତା' ପରେ ଜଣକର କାର୍ଯ୍ୟ ଜୀବନର ଅନ୍ତିମ ସମୟ ଆଡ଼େ । ସଙ୍କଟ ପ୍ରୋଫାଇଲ୍, ସଙ୍କଟନେବା ଆଡ଼େ ଦୃଷ୍ଟିକୋଣର ମଧ୍ୟ ପରିବର୍ତ୍ତନ ହୋଇଥାଏ ।

ଯେତେବେଳେ ଜଣେ ଯୁବାବସ୍ଥାରେ ଥାଏ, ସେ ଅତ୍ୟଧିକ ଆକ୍ରାମକ ହୋଇପାରେ ଏବଂ ଯେତେ ଅଧିକ ଧନ ସମ୍ଭବ, ସେତେ ସଂଚୟ କରିବା ପାଇଁ ସଙ୍କଟ ବହନ କରିବାକୁ ଚାହିଁ ପାରେ । ଯେତେବେଳେ ସମୟ ଗଡ଼ିଚାଲେ ଅବଶ୍ୟ, ନିବେଶ କରିବାରେ ଜଣେ ଅଧିକ ବିବେକଶୀଳ ଏବଂ ସତର୍କ ହୋଇପାରେ । ଜଣେ ବର୍ତ୍ତମାନ ତା' ନିବେଶସବୁକୁ ସୁରକ୍ଷିତ ଓ ସମେକିତ କରିବାରେ ସଂପୃକ୍ତ ରହେ ।

ଅନ୍ତିମରେ, ଯେତେବେଳେ ଜଣେ ଅବସରଗ୍ରହଣର ନିକଟତର ହୁଏ, ସେ ଅଧିକ ରକ୍ଷଣଶୀଳ ହୋଇପାରେ । ବର୍ତ୍ତମାନ କେନ୍ଦ୍ରବିନ୍ଦୁ ଏକ କର୍ପସ୍ ରଖିବା ଯେଉଁଠାରୁ ସେ ଅବସରଗ୍ରହଣ ପରବର୍ତ୍ତୀ ସମୟରେ ଖର୍ଚ୍ଚ କରିପାରେ । ଜଣେ ନିଜ ଛୁଆମାନଙ୍କ ପାଇଁ ଦାନ/ଉପହାର ଦେବା, ପରୋପକାରୀ ସଂସ୍ଥାକୁ ଦାନ ଦେବା ଇତ୍ୟାଦି ପାଇଁ ମଧ୍ୟ ଚିନ୍ତା କରିପାରେ ।

ପ୍ରୋଫାଇଲ୍ ସହିତ ତାଳ ଦେବା ପାଇଁ ଜଣକର ନିବେଶ ଶୈଳୀ ମଧ୍ୟ ପରିବର୍ତ୍ତିତ ହୋଇଥାଏ । ଏହାକୁ ନିମ୍ନରେ ସୂଚୀତ କରାଯାଇଛି:

ଚିତ୍ର 3 : ସଙ୍କଟ ପ୍ରୋଫାଇଲ୍ ଏବଂ ନିବେଶ ଶୈଳୀ




**ସ୍ୱୟଂ ପରୀକ୍ଷା କରନ୍ତୁ1**

ନିମ୍ନ ମଧ୍ୟରୁ କେଉଁଟି ଅପ୍ରତ୍ୟାଶିତ ଘଟଣା ବିରୁଦ୍ଧରେ ବିଶେଷ ସୁରକ୍ଷା ଦେଇଥାଏ?

I. ବୀମା

II. କାରବାର ସମ୍ବନ୍ଧୀୟ ଉତ୍ପାଦ ଯେପରି କି ବ୍ୟାଙ୍କ ନିଶ୍ଚିତ ଜମା

III. ଶେୟାର୍

IV. ଡିବେଞ୍ଚର୍

## B. ଆର୍ଥିକ ଯୋଜନାର ଭୂମିକା

### 1. ଆର୍ଥିକ ଯୋଜନା

ଆର୍ଥିକ ଯୋଜନାର ହେଉଛି ଉପଯୁକ୍ତ ଆର୍ଥିକ ଉତ୍ପାଦଗୁଡ଼ିକର ସୁପାରିଶ କରିବା ମାଧ୍ୟମରେ ବିଭିନ୍ନ ଅପ୍ରତ୍ୟାଶିତ/ଅନପେକ୍ଷିତ ଆବଶ୍ୟକତାଗୁଡ଼ିକୁ ପୂରଣ କରିବାକୁ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବାପାଇଁ, ଗ୍ରାହକର ସଙ୍କଟ ପ୍ରୋଫାଇଲ୍ ଏବଂ ଆୟ ସହିତ ତାର ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତାଗୁଡ଼ିକର ଧ୍ୟାନ ପୂର୍ବକ ମୂଲ୍ୟାଙ୍କନ କରିବା ର ପ୍ରକ୍ରିୟା ।

ଆର୍ଥିକ ଯୋଜନାର ମୂଳତତ୍ତ୍ୱଗୁଡିକରେ ଅନ୍ତର୍ଭୁକ୍ତ ହୁଅନ୍ତି:

- ✓ ନିବେଶ କରିବା-ଜଣକର ସଙ୍କଟ ଗ୍ରହଣ କରିବାର କ୍ଷୁଧା ଆଧାରରେ ସମ୍ପତ୍ତି ଆବଣ୍ଟିତ କରିବା,
- ✓ ସଙ୍କଟ ପ୍ରବନ୍ଧନ
- ✓ ଅବସରଗ୍ରହଣ ଯୋଜନା
- ✓ କର ଏବଂ ଭୂସମ୍ପତ୍ତି ଯୋଜନା, ଏବଂ
- ✓ ଜଣକର ଆବଶ୍ୟକତାଗୁଡ଼ିକୁ ବିତ୍ତପୋଷଣ କରିବା

ସଂକ୍ଷେପରେ କହିବାକୁ ଗଲେ ଆର୍ଥିକ ଯୋଜନା 360 ଡିଗ୍ରୀ ଯୋଜନା ସଂପୃକ୍ତ କରେ ।

ଚିତ୍ର 4: ଆର୍ଥିକ ଯୋଜନାର ମୂଳତତ୍ତ୍ୱ




## 2. ଆର୍ଥିକ ଯୋଜନାର ଭୂମିକା

ଆର୍ଥିକ ଯୋଜନା ଏକ ନୂଆ ଅଧ୍ୟୟନ ବିଷୟ ନୁହେଁ । ଆମର ପୂର୍ବପୁରୁଷମାନଙ୍କ ଦ୍ୱାରା ସରଳ ରୂପେ ଏହାର ପ୍ରୟୋଗ କରାଯାଉଥିଲା । ସେତେବେଳେ ସୀମିତ ନିବେଶ ବିକଳ୍ପ ଥିଲା । କିଛି ଦଶନ୍ଧି ପୂର୍ବରୁ ଅନେକ ଲୋକ ଇକ୍ୱିଟୀ ନିବେଶକୁ ଜୁଆ ଖେଳିବା ସଦୃଶ ବିଚାର କରୁଥିଲେ । ସଂଚୟଗୁଡିକୁ ଅଧିକାଂଶତଃ ବ୍ୟାଙ୍କ ଜମା, ଡାକ ସଂଚୟ ଯୋଜନା ଏବଂ ଅନ୍ୟାନ୍ୟ ନିଶ୍ଚିତ ଆୟ ସାଧନରେ ରଖାଯାଉଥିଲା । ଆମ ସମାଜ ଓ ଆମ ଗ୍ରାହକମାନେ ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜସବୁ ଆଜିକାଲି ବହୁତ ଅଲଗା ଅଟେ । ସେମାନଙ୍କ ମଧ୍ୟରୁ କେତେକ ହେଉଛନ୍ତି:

**i.** ଯୌଥ ପରିବାରର ବିଘଟନ

ଯୌଥ ପରିବାର, କେବଳ ପିତା,ମାତା ଓ ପିଲାମାନଙ୍କୁ ନେଇ, ଏକକ ପରିବାରର ରୂପ ନେଇଛି । ଏହି ପରିବାରର ପାରମ୍ପରିକ ପ୍ରଧାନ ଓ ଉପାର୍ଜନକାରୀ ସଦସ୍ୟଙ୍କୁ ସ୍ୱୟଂ ନିଜର ଏବଂ ନିଜର ନିକଟତମ ପରିବାରର ଯତ୍ନ ନେବାର ଦାୟିତ୍ୱ ନେବାକୁ ପଡ଼ିଥାଏ । ଏଇଥିପାଇଁ ଏକ ପ୍ରୋଫେଶନାଲ୍ ଆର୍ଥିକ ଯୋଜନାକାରୀଠାରୁ ଅଧିକ ରୂପେ ଉପଯୁକ୍ତ ଯୋଜନା ଓ ପରାମର୍ଶର ଆବଶ୍ୟକତା ରହିଥାଏ ।

**ii.** ବହୁବିଧ ନିବେଶ ବିକଳ୍ପ

ସମ୍ପତ୍ତି ସୃଷ୍ଟି ପାଇଁ ଆଜିକାଲି ପ୍ରତ୍ୟେକ ଭିନ୍ନ ଭିନ୍ନ ମାତ୍ରାର ସଙ୍କଟ ଏବଂ ରିଟର୍ଣ୍ଣ (ପ୍ରତିଫଳ) ପ୍ରଦାନ କରୁଥିବା ଅନେକ ସଂଖ୍ୟକ ନିବେଶ ସାଧନ ଉପଲବ୍ଧ ଅଛି । ଆର୍ଥିକ ଲକ୍ଷ୍ୟ ପ୍ରାପ୍ତି ପାଇଁ, ଜଣକୁ ବିବେକପୂର୍ଣ୍ଣରୂପେ ଚୟନ କରିବାକୁ ଏବଂ ତାର ସଙ୍କଟ ଗ୍ରହଣ କରିବାର କ୍ଷୁଧା ଆଧାରରେ ଉଚିତ୍ ନିବେଶର ନିର୍ଣ୍ଣୟ ନେବାକୁ ପଡ଼ିଥାଏ । ଆର୍ଥିକ ଯୋଜନା ଜଣକର ସମ୍ପତ୍ତି ଆବଣ୍ଟନରେ ସାହାଯ୍ୟ କରିପାରେ ।

**iii.** ପରିବର୍ତ୍ତନ ହେଉଥିବା ଜୀବନଶୈଳୀ

ତୁରନ୍ତ ଆନନ୍ଦ ଆଜିକାଲିର ଢଙ୍ଗ ହୋଇଯାଇଛି ବୋଲି ଜଣାପଡ଼େ । ବ୍ୟକ୍ତିମାନେ ନିଜ ପାଖରେ ସର୍ବାଧୁନିକ ମୋବାଇଲ ଫୋନ, କାର, ବଡ଼ ଘର, ପ୍ରତିଷ୍ଠିତ କ୍ଲବର ସଦସ୍ୟତା ରହିବା ଚାହାନ୍ତି । ଏଇ ଆକାଂକ୍ଷାସବୁକୁ ପୂରଣ ପାଇଁ, ଲୋକମାନେ ଅନେକ ସମୟରେ ପ୍ରଚୁର ପରିମାଣରେ ଧାର କରିଥାନ୍ତି ଏବଂ ଋଣକୁ ପରିଶୋଧ କରିବାରେ ସେମାନଙ୍କ ଆୟର ଏକ ବଡ଼ ଭାଗ ବ୍ୟୟ କରିଥାନ୍ତି ଯାହା ଫଳରେ ସଂଚୟ କରିବାର କମ୍ ସୁଯୋଗ ପାଆନ୍ତି । ଆର୍ଥିକ ଯୋଜନା ଜଣକର ଖର୍ଚ୍ଚକୁ ଉପଯୁକ୍ତ ରୂପେ ଯୋଜନା କରିବାରେ ସାହାଯ୍ୟ କରେ ଯାହା ଫଳରେ ଜଣେ ଅନାବଶ୍ୟକ ଖର୍ଚ୍ଚକୁ କମ୍ କରିପାରିବ ଏବଂ ତା' ବର୍ତ୍ତମାନର ଜୀବନ ସ୍ତର ବଜାୟ ରଖିବା ସହିତ ଏହାକୁ ସମୟକ୍ରମେ ଉନ୍ନତ କରିପାରିବ ।

**iv.** ମୁଦ୍ରାସ୍ଫୀତି

ମୁଦ୍ରାସ୍ଫୀତି ହେଉଛି ଏକ ସମୟାବଧି ମଧ୍ୟରେ ଏକ ଅର୍ଥ ବ୍ୟବସ୍ଥାରେ ଜିନିଷପତ୍ର ଓ ସେବାର ମୂଲ୍ୟର ସାଧାରଣ ସ୍ତରରେ ବୃଦ୍ଧି । ଏହା ଫଳରେ ଟଙ୍କାର ମୂଲ୍ୟରେ ପତନ ହୋଇଥାଏ । ପରିଣାମ ସ୍ୱରୂପ, ଟଙ୍କାର କ୍ରୟ କରିବାର କ୍ଷମତାର ହ୍ରାସ ହୋଇଯାଏ । ମୁଦ୍ରାସ୍ଫୀତି ଅବସରଗ୍ରହଣ ପରବର୍ତ୍ତୀ ସମୟରେ ବିନାଶ ସୃଷ୍ଟି କରିପାରେ । ଆର୍ଥିକ ଯୋଜନା ଏହା ସୁନିଶ୍ଚିତ କରିବାରେ ସାହାଯ୍ୟ କରେ ଯେ ଜଣେ ମୁଦ୍ରାସ୍ଫୀତିର ମୁକାବିଲା କରାବାରେ ସୁସଜ୍ଜିତ ଅଛି, ବିଶେଷରୂପେ ପରବର୍ତ୍ତୀ ସମୟରେ ।

**v.** ଅନ୍ୟାନ୍ୟ ଆକସ୍ମିକତା ଏବଂ ଆବଶ୍ୟକତା

ଆର୍ଥିକ ଯୋଜନା ବ୍ୟକ୍ତିମାନଙ୍କୁ ଚିକିତ୍ସୀୟ ଆକସ୍ମିକତା ଓ କର ଦାୟିତ୍ୱ ଭଳି ଅନ୍ୟାନ୍ୟ ଅନେକ ସଂଖ୍ୟକ ଆବଶ୍ୟକତା ଓ ଚ୍ୟାଲେଞ୍ଜ ସବୁର ସମ୍ମୁଖୀନ ହେବାରେ ମଧ୍ୟ ସକ୍ଷମ କରାଏ । ବ୍ୟକ୍ତିମାନେ ଏହା ବି ସୁନିଶ୍ଚିତ କରିବା ଆବଶ୍ୟକ ଯେ ସେମାନଙ୍କ ଧନ ଓ ସମ୍ପତ୍ତି ସହିତ ସେମାନଙ୍କ ଭୂସମ୍ପତ୍ତି ସେମାନଙ୍କ ମୃତ୍ୟୁ ପରେ ନିର୍ବାଧରେ ସେମାନଙ୍କ ପ୍ରିୟ ଜନଙ୍କ ହାତକୁ ଯାଉଛି । ଅନ୍ୟାନ୍ୟ ଆବଶ୍ୟକତା ବି ରହିଥାଏ ଯେପରି ଜଣକର ଜୀବନ କାଳ ଏବଂ ତା' ପରେ ମଧ୍ୟ ପରୋପକାର କରିବା କିମ୍ବା କେତେକ ସାମାଜିକ ଓ ଧାର୍ମିକ କର୍ତ୍ତବ୍ୟକୁ ପୂରଣ କରିବାର ଆବଶ୍ୟକତା । ଆର୍ଥିକ ଯୋଜନା ହେଉଛି ଏହି ସବୁକୁ ହାସଲ କରିବାର ମାଧ୍ୟମ ।

**3.** ଆର୍ଥିକ ଯୋଜନା ଆରମ୍ଭ କରିବାର ଉଚିତ୍ ସମୟ କେବେ ଅଟେ ?

ଆର୍ଥିକ ଯୋଜନା କେବଳ ଧନୀମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ । ବାସ୍ତବରେ, ଆଦର୍ଶ ରୂପେ ଜଣେ ଜଣକର ପ୍ରଥମ ଦରମା ପାଇବାଠାରୁ ହିଁ ଏହାକୁ ଆରମ୍ଭ କରିବା ଉଚିତ୍ । କହିବାକୁ ସେମିତି କୌଣସି ଆରମ୍ଭ ବିନ୍ଦୁ ନାହିଁ କେବେଠୁ ଜଣେ ଯୋଜନା ଆରମ୍ଭ କରିବା ଉଚିତ୍ ।

ଅବଶ୍ୟ ଏକ ମହତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଅଛି ଯାହା ଆମର ମାର୍ଗ ଦର୍ଶନ କରିପାରେ – ଆମର ନିବେଶର ସମୟାବଧି ଯେତେବେଶୀ ଦୀର୍ଘ ହୁଏ, ସେତେ ଗୁଣ ତାହା ଅଧିକ ହେବ ।

ତେଣୁକରି ଜଣେ ଶୀଘ୍ର ଆରମ୍ଭ କରିବା ଉଚିତ୍ । ତେବେ ଯାଇ ଜଣକର ନିବେଶ ସମୟର ଅଧିକ ଲାଭ ପାଇବ । ପୁନଃ, ଯୋଜନା କେବଳ ଧନୀ ବ୍ୟକ୍ତିମାନଙ୍କ ପାଇଁ ହୋଇ ନ ଥାଏ । ଏହା ପ୍ରତ୍ୟେକ ବ୍ୟକ୍ତି ପାଇଁ ଅଟେ । ଜଣକର ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ, ଜଣକୁ ନିଶ୍ଚିତ ରୂପେ ଏକ ଶୃଙ୍ଖଳିତ ପଦ୍ଧତିର ପାଳନ କରିବା ଉଚିତ୍ । ଆର୍ଥିକ ଯୋଜନା ପ୍ରତି ଏକ ଅଣ- ଯୋଜନାବଦ୍ଧ, ଆବେଶପୂର୍ଣ୍ଣ ଦୃଷ୍ଟିଭଙ୍ଗୀ ବ୍ୟକ୍ତିମାନଙ୍କ ଆର୍ଥିକ ବିପତ୍ତିର ଗୋଟିଏ ମୁଖ୍ୟ କାରଣ ହୋଇଥାଏ ।

ସ୍ୱୟଂ ପରୀକ୍ଷା କରନ୍ତୁ2

ଆର୍ଥିକ ଯୋଜନା ଆରମ୍ଭ କରିବାକୁ ସର୍ବୋତ୍ତମ ସମୟ କେତେବେଳେ ହୋଇଥାଏ?

I. ଅବସରଗ୍ରହଣ ପରେ

II. ଜଣେ ତାହାର ପ୍ରଥମ ଦରମା ପାଇବା ପରେ ଯେତେ ଶୀଘ୍ର ହୋଇପାରେ

III. ବିବାହ ପରେ

IV. ଜଣେ ଧନୀ ହେବା ପରେ କେବଳ

## C. ଆର୍ଥିକ ଯୋଜନା - ପ୍ରକାର

ଆସନ୍ତୁ ଏବେ ବିଭିନ୍ନ ପ୍ରକାରର ଆର୍ଥିକ ଯୋଜନା ପ୍ରୟୋଗ ଆଡ଼େ ଦେଖିବା ଯାହାକୁ ଏକ ବ୍ୟକ୍ତି କରିବାର ଆବଶ୍ୟକ ହୋଇପାରେ ।

ଚିତ୍ର 5 : ଆର୍ଥିକ ଯୋଜନା ପରାମର୍ଶଦାତା ସେବା




ବିଭିନ୍ନ ପରାମର୍ଶଦାତା ସେବାକୁ ବିଚାର କରନ୍ତୁ ଯାହାକୁ ପ୍ରଦାନ କରାଯାଇପାରେ । ସେଭଳି ଛଅଟି କ୍ଷେତ୍ର ଅଛି ଯାହାକୁ ଗ୍ରହଣ କରାଯାଇଥାଏ

- ✓ ନଗଦ ଯୋଜନା
- ✓ ନିବେଶ ଯୋଜନା
- ✓ ବୀମା ଯୋଜନା
- ✓ ଅବସରଗ୍ରହଣ ଯୋଜନା
- ✓ ଭୂସମ୍ପତ୍ତି ଯୋଜନା

✓ କର ଯୋଜନା

**1.** ନଗଦ ଯୋଜନା

ନଗଦ ପ୍ରବାହର ପ୍ରବନ୍ଧନ କରିବାରୁ ଦୁଇଟି ଉଦ୍ଦେଶ୍ୟ ରହିଛି ।

**i.** ଆୟ ଓ ବ୍ୟୟର ପ୍ରବନ୍ଧନ କରିବା ଯେଉଁଥିରେ ଅନ୍ତର୍ଭୁକ୍ତ ହୁଏ ଅପ୍ରତ୍ୟାଶିତ ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଏକ ଦ୍ରବ ସମ୍ପତ୍ତିର ରିଜର୍ଭ ସ୍ଥାପିତ କରିବା ଏବଂ ରକ୍ଷଣ କରିବା

**ii.** ପୁଞ୍ଜି ନିବେଶ ପାଇଁ ବ୍ୟବସ୍ଥିତ ରୂପେ ନଗଦର ଏକ ଅଧିଶେଷ ସଂଚୟ ସୃଷ୍ଟି କରିବା ଏବଂ ତାହାର ରକ୍ଷଣ କରିବା ।

ନଗଦ ଯୋଜନାରେ ଅନେକ ଗୁଡିଏ ଚରଣ ଜଡ଼ିତ ଥାଏ । ଜଣେ ନିଶ୍ଚିତ ରୂପେ ଏକ ବଜେଟ୍ ପ୍ରସ୍ତୁତ କରିବା ଉଚିତ୍ ଏବଂ ତା' ଆୟ ଓ ବ୍ୟୟ ପ୍ରବାହକୁ ବିଶ୍ଳେଷଣ କରିବା ଉଚିତ୍ କେତେ ପରିମାଣର ସ୍ଥାୟୀ ଓ ଏକ ମୋଟା ମୂଲ୍ୟ ଲାଗିଛି, ଏହାକୁ ଯାଞ୍ଚ କରିବା ପାଇଁ । ଯେତେବେଳେ ନିଶ୍ଚିତ ଖର୍ଚ୍ଚକୁ ସହଜରୂପେ ନିୟନ୍ତ୍ରିତ କରାଯାଇପାରିବ ନାହିଁ, ଜଣେ ସେହିସବୁ ଖର୍ଚ୍ଚ ଯାହା ପରିବର୍ତ୍ତନୀୟ ଅଟେ । ସେସବୁକୁ କମ୍, ବିଳମ୍ବିତ ଓ ପ୍ରବନ୍ଧିତ କରିପାରେ । ପରବର୍ତ୍ତୀ ଚରଣ ହେଉଛି ସମଗ୍ର ବର୍ଷର ଭବିଷ୍ୟତ ମାସିକ ଆୟ ଓ ବ୍ୟୟର ପୂର୍ବାନୁମାନ କରିବା ଏବଂ ଏହିସବୁ ନଗଦ ପ୍ରବାହକୁ ପ୍ରବନ୍ଧ କରିବା ପାଇଁ ଏକ ଯୋଜନାର ଅଭିକଳ୍ପନା କରିବା ।

ନଗଦ ଯୋଜନା ପ୍ରକ୍ରିୟାର ଅନ୍ୟ ଏକ ଭାଗ ହେଉଛି ବିବେକାଧୀନ ଆୟକୁ ସର୍ବାଧିକ କରିବା ପାଇଁ ଉପାୟ ଡିଜାଇନ କରିବା ।

**ଉଦାହରଣ**

ଜଣେ ନିଜର ଅବଶିଷ୍ଟ ଦେୟ ଋଣକୁ ପୁନର୍ଗଠିତ କରିପାରେ ।

ଜଣେ ବାକି ରହିଥିବା କ୍ରେଡିଟ୍ କାର୍ଡ ଋଣକୁ ଏକୀକୃତ  କରି ଏବଂ କମ୍ ସୁଧରେ ଏକ ବ୍ୟାଙ୍କ ଋଣ ଜରିଆରେ ସେଗୁଡିକୁ ପରିଶୋଧ କରି ପୂରଣ କରିପାରେ ।

ଜଣେ ତା' ନିବେଶସବୁ ଦ୍ୱାରା ଅଧିକ ଆୟ ଉପାର୍ଜିତ କରିବାକୁ ସେଗୁଡିକୁ ପୁନଃଆବଣ୍ଟିତ କରିପାରେ ।

---

**2.** ବୀମା ଯୋଜନା

କେତେକ ସଙ୍କଟ ଅଛନ୍ତି ଯାହାର ସମ୍ମୁଖୀନ ବ୍ୟକ୍ତିମାନେ ହୋଇଥାନ୍ତି ଯାହା ସେମାନଙ୍କୁ ସେମାନଙ୍କ ବ୍ୟକ୍ତିଗତ ଆର୍ଥିକ ଲକ୍ଷ୍ୟ ହାସଲ କରିବାଠାରୁ ଦୂରରେ ରଖିପାରେ । ବୀମା ଯୋଜନା ସେହିସବୁ ସଙ୍କଟ ବରୁଦ୍ଧରେ ଆବଶ୍ୟକ ବୀମା ପ୍ରଦାନ କରିବା ପାଇଁ ଏକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ସଂପୃକ୍ତ କରେ ।

ଏଇଠି କାର୍ଯ୍ୟଟି ହେଉଛି କେତେ ପରିମାଣର ବୀମା ଆବଶ୍ୟକ ହେବା, ତାହାର ଆକଳନ କରିବା ଏବଂ କେଉଁ ପ୍ରକାରର ପଲିସୀ ସର୍ବାଧିକ ଯୋଗ୍ୟ ଅଟେ, ତାହାର ନିର୍ଦ୍ଧାରଣ କରିବା ।

**i.** ଜୀବନ ବୀମାକୁ, ଉପାର୍ଜନକାରୀର ଅକାଳ ମୃତ୍ୟୁର ଘଟଣାରେ ଆଶ୍ରିତମାନଙ୍କ ଆୟ ଓ ବ୍ୟୟକୁ ଆକଳନ କରି ନିର୍ଦ୍ଧାରିତ କରାଯାଇପାରେ ।

**ii.** ସ୍ୱାସ୍ଥ୍ୟ ବୀମା ଆବଶ୍ୟକତାସବୁକୁ ଡାକ୍ତରଖାନାରେ ଭର୍ତ୍ତିକରଣ ବ୍ୟୟ ରୂପେ ମୂଲ୍ୟାଙ୍କିତ କରାଯାଇପାରେ ଯାହା କୌଣସି ପରିବାର ଚିକିତ୍ସୀୟ ଜରୁରୀକାଳୀନ ପରିସ୍ଥିତିରେ ହେବାର ସମ୍ଭାବନା ରହିଥାଏ ।

a. ଅନ୍ତିମରେ ଜଣକର ସମ୍ପତ୍ତି ପାଇଁ ବୀମାକୁ, ହାନିର ସଙ୍କଟଠାରୁ ଜଣକର ଘର/ଗାଡ଼ି/କାରଖାନା ଇତ୍ୟାଦିକୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ ବୀମା ସୁରକ୍ଷାର ପ୍ରକାର ଓ ମାତ୍ରା ରୂପେ ବିଚାର କରାଯାଇପାରେ ।

### 3. ନିବେଶ ଯୋଜନା

ନିବେଶ କରିବା ପାଇଁ କୌଣସି ଗୋଟିଏ ସଠିକ୍ ଉପାୟ ନାହିଁ । କେଉଁଟା ଉପଯୁକ୍ତ ଅଟେ, ଏହା ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ । ନିବେଶ ଯୋଜନା ହେଉଛି ସବୁଠୁ ଉପଯୁକ୍ତ ନିବେଶ ଏବଂ ସମ୍ପତ୍ତି ଆବଣ୍ଟନ ପଦ୍ଧତି ନିର୍ଦ୍ଧାରିତ କରିବାର ଏକ ପ୍ରକ୍ରିୟା ଯାହା ଏକ ବ୍ୟକ୍ତିର ସଙ୍କଟ ଗ୍ରହଣ କରିବାର କ୍ଷୁଧା, ଆର୍ଥିକ ଲକ୍ଷ୍ୟ ଏବଂ ଏହି ସବୁ ଲକ୍ଷ୍ୟକୁ ପୂରଣ କରିବା ପାଇଁ ସମୟ ସୀମା ଉପରେ ଆଧାରିତ ହୋଇଥାଏ ।

**a) ନିବେଶ ମାପଦଣ୍ଡ**

**ଚିତ୍ର 6: ନିବେଶ ମାପଦଣ୍ଡ**




ପ୍ରଥମ ଚରଣ ଏଇଠି ହେଉଛି କେତେକ ନିବେଶ ମାପଦଣ୍ଡକୁ ପରିଭାଷିତ କରିବା । ଏଥିରେ ଅନ୍ତର୍ଭୁକ୍ତ ହୁଅନ୍ତି :

**i.** ରିଟର୍ଣ୍ଣସ୍ (ପ୍ରତିଫଳ): ନିବେଶ ଉପରେ ରିଟର୍ଣ୍ଣସ୍ (ପ୍ରତିଫଳ) ଅନେକ ସମୟରେ ସବୁଠୁ ମହତ୍ତ୍ୱପୂର୍ଣ୍ଣ ମାପଦଣ୍ଡ ହୋଇଥାଏ ଯାହାକୁ ଲୋକେ ଚାହାଁନ୍ତି ଯେତେବେଳେ ସେମାନେ ସେମାନଙ୍କ ଅର୍ଥର ନିବେଶ କରନ୍ତି । ରିଟର୍ଣ୍ଣର ହାର ନିର୍ଦ୍ଧାରିତ କରିଥାଏ ଏକ ସମୟ ମଧ୍ୟରେ ନିବେଶଠାରୁ ଜଣକର ଧନ କେତେ ଶୀଘ୍ର ବଢ଼ିବ । ରିଟର୍ଣ୍ଣସ୍ ର ଭୂମିକାର ମୂଲ୍ୟାଙ୍କନ କରାଯାଇପାରେ ଯେତେବେଳେ ଜଣେ'ଚକ୍ରବୃଦ୍ଧିର ଶକ୍ତି' କୁ ବିଚାର କରେ । ଉଦାହରଣ ସ୍ୱରୂପ, ଯଦି ଟ.1000 ର ରାଶି ପରିମାଣକୁ 8% ସୁଧ ହାରରେ ନିବେଶ କରାଯାଏ, ପାଞ୍ଚ ବର୍ଷର ଶେଷରେ, ଏହା ସଂଚୟ କରିବ ଟ 1469 ଏବଂ 10 ବର୍ଷ ଶେଷରେ ଏହା ଦ୍ୱିଗୁଣଠାରୁ ଅଧିକ ହେବ ଓ ଟ 2159 ରେ ପହଞ୍ଚିବ । ରିଟର୍ଣ୍ଣସ୍ ର ଏହି ପ୍ରତ୍ୟାଶା ଯାହା ଧନ ସଂଚୟ କରିବାରେ ସାହାଯ୍ୟ କରେ ହେଉଛି ନିବେଶର ମୁଖ୍ୟ ଅଭିପ୍ରାୟ ମଧ୍ୟରୁ ଗୋଟିଏ । ତତ୍ ସଙ୍ଗେ ସଙ୍ଗେ, ଜଣେ ନିଶ୍ଚୟ ଧ୍ୟାନ ଦେବା ଉଚିତ୍ ଯେ ଉଚ୍ଚତର ପ୍ରତିଫଳର

ହାର ସାଧାରଣତଃ ଉଚ୍ଚତର ସ୍ତରର ସଙ୍କଟ ର ସହବର୍ତ୍ତି ହୋଇଥାଏ । ଜଣକୁ ପ୍ରତିଫଳ ଓ ସଙ୍କଟ ମଧ୍ୟରେ ବ୍ୟାପାର କାରବାର କରିବାକୁ ପଡିଥାଏ । ଏହାଏକ ବ୍ୟକ୍ତିର ସଙ୍କଟ ବହନ ଉପରେ ନିର୍ଭର କରିଥାଏ । ,

ii. ସଙ୍କଟ ବହନ: ଏକ ନିବେଶ କ୍ରୟ କରିବାରେ କେତେ ପରିମାଣର ସଙ୍କଟ ଜଣେ ନେବା ପାଇଁ ଚାହୁଁଛି, ଏହାର ଏକ ମାପ ।

iii. ସମୟ ସୀମା: ଏକ ଆର୍ଥିକ ଉଦ୍ଦେଶ୍ୟ ସାଧନ କରିବାକୁ ଏହା ଉପଲବ୍ଧ ସମୟର ପରିମାଣ ଅଟେ । ଯଦି ସମୟ ସୀମା ଦୀର୍ଘ ହୁଏ, ଅଳ୍ପାବଧି ଦାୟିତ୍ୱ ବିଷୟରେ କମ୍ ଚିନ୍ତା ରହେ । ଜଣେ ଦୀର୍ଘତର ଅବଧି ପାଇଁ କମ୍ ଦ୍ରବ ପରିସମ୍ପତ୍ତି, ଯାହା ଉଚ୍ଚତର ପ୍ରତିଫଳ ଦେବ, ସେଥିରେ ନିବେଶ କରିପାରେ ।

iv. ଦ୍ରବତା: ସୀମିତ ନିବେଶ କ୍ଷମତା ଥିବା, କିମ୍ବା ଅନିଶ୍ଚିତ ଆୟ ଓ ବ୍ୟୟ ପ୍ରବାହ ଥିବା ବ୍ୟକ୍ତିମାନେ, କିମ୍ବା ଯେଉଁମାନେ ଏକ ବିଶେଷ ବ୍ୟକ୍ତିଗତ କିମ୍ବା ବ୍ୟବସାୟ ଖର୍ଚ୍ଚକୁ ପୂରଣ କରିବା ପାଇଁ ନିବେଶ କରନ୍ତି, ସେମାନେ ଦ୍ରବତା ଉପରେ ଚିନ୍ତାଶୀଳ ହେବେ [ଏହା ନିବେଶକୁ ମୂଲ୍ୟର ହାନି ବିନା ନଗଦରେ ପରିଣତ କରିବାର କ୍ଷମତାକୁ ସୂଚୀତ କରେ ।]

v. ବିକ୍ରି-ଯୋଗ୍ୟତା: ସେହି ସହଜତା ଯାହା ଦ୍ୱାରା ଏକ ପରିସମ୍ପତ୍ତିକୁ କିଣାଯାଇପାରେ ବିକ୍ରି କରାଯାଇପାରେ ।

vi. ବିବିଧକରଣ: ବିସ୍ତାର ଯେତେ ଦୂର ପର୍ଯ୍ୟନ୍ତ ସଙ୍କଟକୁ ହ୍ରାସ କରିବା ପାଇଁ ଜଣେ ନିବେଶସବୁକୁ ବିବିଧ କିମ୍ବା ପ୍ରସାରିତ କରିବା ପାଇଁ ଚାହେଁ ।

vii. କର: ଅନେକ ନିବେଶ କିଛି ଆୟକର ଲାଭ ଦେଇଥାନ୍ତି ଏବଂ ଜଣେ ବିଭିନ୍ନ ନିବେଶର କର-ପରବର୍ତ୍ତୀ ପ୍ରତିଫଳକୁ ବିଚାର କରିବା ପସନ୍ଦ କରିପାରେ ।

**b) ଉପଯୁକ୍ତ ନିବେଶ ସାଧନର ଚୟନ**

ପରବର୍ତ୍ତୀ ଚରଣ ହେଉଛି ଉପରୋକ୍ତ ମାପଦଣ୍ଡ ଆଧାରରେ ଉପଯୁକ୍ତ ନିବେଶ ସାଧନର ଚୟନ । ବାସ୍ତବ ଚୟନ ପ୍ରତିଫଳ ଓ ସଙ୍କଟ ବିଷୟରେ ବ୍ୟକ୍ତିର ପ୍ରତ୍ୟାଶା ଉପରେ ନିର୍ଭର କରିବ ।

ଭାରତରେ ବିବିଧ ପ୍ରକାରର ଉତ୍ପାଦ ଅଛନ୍ତି ଯାହାକୁ ନିବେଶ ଉଦ୍ଦେଶ୍ୟରେ ବିଚାର କରାଯାଇପାରେ । ଏସବୁରେ ଅନ୍ତର୍ଭୁକ୍ତ ହୁଅନ୍ତି:

- ✓ ବ୍ୟାଙ୍କ/କର୍ପୋରେଟ୍ ମାନଙ୍କରେ ନିଶ୍ଚିତ ଜମା,
- ✓ ଡାକ ଘରର କ୍ଷୁଦ୍ର ସଂଚୟ ଯୋଜନା,
- ✓ ଶେୟାର୍ ଗୁଡିକ ସାର୍ବଜନିକ ସଂସ୍କରଣ
- ✓ ଡିବେଞ୍ଚର୍ କିମ୍ବା ଅନ୍ୟାନ୍ୟ ସୁରକ୍ଷା,
- ✓ ମ୍ୟୁଚୁଆଲ୍ ଫଣ୍ଡ
- ✓ ୟୁନିଟ୍ ଲିଙ୍କ୍ଡ ପଲିସୀସବୁ ଯାହାକୁ ଜୀବନ ବୀମା କମ୍ପାନୀମାନଙ୍କ ଦ୍ୱାରା ଜାରୀ କରାଯାଏ ।

**4. ଅବସରଗ୍ରହଣ ଯୋଜନା**

ଏହା ସେହି ଅର୍ଥ ପରିମାଣକୁ ନିର୍ଦ୍ଧାରିତ କରିବାର ପ୍ରକ୍ରିୟା ଅଟେ ଯାହାକୁ ଏକ ବ୍ୟକ୍ତି ଅବସର ଗ୍ରହଣ ପରେ ତାର ଆବଶ୍ୟକତାଗୁଡିକୁ ପୂରଣ କରିବା ପାଇଁ ଏବଂ ଏହିସବୁ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ ଅବସର ଗ୍ରହଣ ବିକଳ୍ପଗୁଡିକୁ ନିର୍ଦ୍ଧାରିତ କରିବାକୁ ଆବଶ୍ୟକ କରିଥାଏ । ଅବସରଗ୍ରହଣ ଯୋଜନାରେ ତିନୋଟି ଚରଣ ସଂପୃକ୍ତ ହୋଇଥାନ୍ତି ।

a) **ସଂଚୟ:** ଏହି ଉଦ୍ଦେଶ୍ୟରେ ନିବେଶ କରିବା ପାଇଁ ଟଙ୍କା ଅଲଗା କରି ରଖିବାକୁ ବିଭିନ୍ନ ପ୍ରକାର ପଦ୍ଧତି ଜରିଆରେ ନିଧିସବୁର ସଂଚୟ କରାଯାଏ ।

b) **ସଂରକ୍ଷଣ**: ସଂରକ୍ଷଣ ଏହା ସୁନିଶ୍ଚିତ କରିବାକୁ କରାଯାଇଥିବା ପ୍ରୟାସକୁ ସୂଚୀତ କରେ ଯେ ଜଣକର ନିବେଶକୁ କଠିନ ପରିଶ୍ରମରେ ରଖାଯାଉଛି ଏବଂ ବ୍ୟକ୍ତିର କାର୍ଯ୍ୟକାଳ ମଧ୍ୟରେ ମୂଳଧନ ଅଧିକରୁ ଅଧିକରେ ପରିଣତ ହୋଇଛି।

c) **ବିତରଣ**: ବିତରଣ ଅବସରଗ୍ରହଣ ପରେ ଆୟ ଆବଶ୍ୟକତାସବୁକୁ ପୂରଣ କରିବା ପାଇଁ କର୍ପସ କିମ୍ବା ମୂଳଧନକୁ ଆହରଣ/ଏନୁଇଟୀ ଦେୟରେ ପରିବର୍ତ୍ତନ କରିବାର ସର୍ବୋତ୍ତମ ପଦ୍ଧତିକୁ ସୂଚୀତ କରେ ।

**5.** ଭୂସମ୍ପତ୍ତି ଯୋଜନା

ଏହା ହେଉଛି ଜଣକର ମୃତ୍ୟୁ ପରେ ତାହାର ଭୂସମ୍ପତ୍ତିର ହସ୍ତାନ୍ତରଣ ଓ ସ୍ଥାନାନ୍ତରଣ ପାଇଁ ଏକ ଯୋଜନା । ନାମିତକରଣ ଏବଂ ସମନୁଦେଶନ କିମ୍ବା ଏକ ଇଚ୍ଛାପତ୍ର (ଉଇଲ) ର ପ୍ରସ୍ତୁତିକରଣ ଭଳି ବିଭିନ୍ନ ପ୍ରକ୍ରିୟାସବୁ ଅଛନ୍ତି । ମୂଳଭୂତ ବିଚାର ଏହା ସୁନିଶ୍ଚିତ କରିବା ପାଇଁ ଅଟେ ଯେ ଜଣକର ମୃତ୍ୟୁ ପରେ ତାର ଇଚ୍ଛା ଅନୁସାରେ ତାହାର ସମ୍ପତ୍ତି ଓ ପରିସମ୍ପତ୍ତିସବୁକୁ ସୁରୁଖୁରୁରେ ବିତରଣ କିମ୍ବା ଉପଭୋଗ କରାଯାଉଛି ।

**6. କର ଯୋଜନା**

କର ଯୋଜନା, ପ୍ରଚଳିତ କର ନିୟମ ଠାରୁ କେମିତି ସର୍ବାଧିକ କର ଲାଭ ପ୍ରାପ୍ତି ହୋଇ ପାରିବ, ଏହା ନିର୍ଦ୍ଧରିତ କରିବା ପାଇଁ ଏବଂ ଟ୍ୟାକ୍ସ ବ୍ରେକ୍ ଗୁଡିକର ସଂପୂର୍ଣ୍ଣ ଲାଭ ଉଠାଇ ଆୟ, ବ୍ୟୟ ଓ ନିବେଶର ଯୋଜନା ପାଇଁ ମଧ୍ୟ, କରାଯାଇଥାଏ । ଭାରତୀୟ କର ଆଇନ ଅନୁସାରେ, ଏକ ବ୍ୟକ୍ତି ଦ୍ୱାରା ତା' ନିଜର ଜୀବନ ଉପରେ, ତା' ପତି/ପତ୍ନୀର କିମ୍ବା ପିଲାମାନଙ୍କ ଜୀବନ ଉପରେ ଏକ ଜୀବନ ବୀମା ପଲିସୀ ପାଇଁ, ପ୍ରଦାନ କରାଯାଇଥିବା ଜୀବନ ବୀମା ପ୍ରିମିୟମ, କରଯୋଗ୍ୟ ଆୟର ନିର୍ଦ୍ଧାରଣ ପାଇଁ ଆୟ କର ଆଇନର ଧାରା 80C ଅନ୍ତର୍ଗତ କାଟ ପାଇଁ ଯୋଗ୍ୟ ଅଟେ । ବର୍ତ୍ତମାନ ସମୟରେ, ଏହି କାଟର ସ୍ୱୀକୃତି ସର୍ତ୍ତାବଳୀ ଅନ୍ତର୍ଗତ ଟ 1,50,000 ପର୍ଯ୍ୟନ୍ତ ଅଛି । ସେଭଳି ପଲିସୀର ପରିପକ୍ୱତା ଲାଭ (ବୀମା ରାଶି ଯୁକ୍ତ ବୋନସ) କୁ ମଧ୍ୟ ଧାରା 10 (10D) ଅନ୍ତର୍ଗତ କର ଠାରୁ ଛାଡ଼ କରାଯାଇଛି । ସେହି ଭଳି, ପ୍ରାପ୍ତକର୍ତ୍ତା ହାତରେ ଦାବୀ ପରିମାଣ ବି ଆୟ କରଠାରୁ ମୁକ୍ତ ଅଟେ । ଜଣେ ନିଶ୍ଚୟ ଧ୍ୟାନ ଦେବା ଉଚିତ୍ ଯେ ଏଇଠି ଉଦ୍ଦେଶ୍ୟ ହେଉଛି କରକୁ କମ୍ କରିବା ଏବଂ ଫାଙ୍କିବା ନୁହେଁ ।

ଜୀବନ ବୀମା ଅଭିକର୍ତ୍ତାମାନେ, ସେମାନଙ୍କ କ୍ଲାଏଣ୍ଟ ଓ ସମ୍ଭାବ୍ୟ ଗ୍ରାହକମାନଙ୍କ ଦ୍ୱାରା ଅନେକ ସମୟରେ, ନା କେବଳ ସେମାନଙ୍କ ବୀମା ଆବଶ୍ୟକତାକୁ ପୂରଣ କରିବା ବିଷୟରେ ପରାମର୍ଶ ଦେବା ପାଇଁ, କିନ୍ତୁ ସେମାନଙ୍କ ଅନ୍ୟାନ୍ୟ ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥନ ପାଇଁ ମଧ୍ୟ, ଆବଶ୍ୟକ ହୋଇପାରନ୍ତି । ଆର୍ଥିକ ଯୋଜନାର ଉତ୍ତମ ଜ୍ଞାନ କୌଣସି ବୀମା ଅଭିକର୍ତ୍ତା ପାଇଁ ଅତ୍ୟନ୍ତ ମୂଲ୍ୟବାନ ହୋଇପାରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ3**

ନିମ୍ନ ମଧ୍ୟରୁ କେଉଁଟି କର ଯୋଜନାର ଏକ ଉଦ୍ଦେଶ୍ୟ ନୁହେଁ?

I. ସର୍ବାଧିକ କର ଲାଭ

II. ବିବେକଶୀଳ ନିବେଶ ଫଳରେ ହ୍ରାସ ହୋଇଥିବା କର ବୋଝ

III. କର ପରିହାର

IV. ଟ୍ୟାକ୍ସ ବ୍ରେକ୍ ର ସଂପୂର୍ଣ୍ଣ ଲାଭ

## ସାରାଂଶ

- ଆର୍ଥିକ ଯୋଜନା ହେଉଛି ଏକ ପ୍ରକ୍ରିୟା:
    - ✓ ଜଣକର ଜୀବନର ଲକ୍ଷ୍ୟକୁ ଚିହ୍ନିବାର,
    - ✓ ଏହି ଚିହ୍ନଟ କରାଯାଇଥିବା ଲକ୍ଷ୍ୟସବୁକୁ ଆର୍ଥିକ ଲକ୍ଷ୍ୟରେ ପରିବର୍ତ୍ତିତ କରିବାର, ଏବଂ
    - ✓ ଜଣକର ଅର୍ଥକୁ ସେହିସବୁ ଉପାୟରେ ପ୍ରବନ୍ଧ କରିବା ଯାହା ଜଣକୁ ଏହିସବୁ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ
- ବୈୟକ୍ତିକ ଜୀବନ ଚକ୍ର ଆଧାରରେ ତିନି ପ୍ରକାରର ଆର୍ଥିକ ଉତ୍ପାଦ ଆବଶ୍ୟକ ହୋଇଥାଏ । ଏଗୁଡିକ ସାହାଯ୍ୟ କରନ୍ତି:
    - ✓ ଭବିଷ୍ୟତରେ କାରବାରକୁ ସକ୍ଷମ କରିବାରେ,
    - ✓ ଆକସ୍ମିକତାଗୁଡିକର ସମ୍ମୁଖୀନ ହେବାରେ ଏବଂ
    - ✓ ଧନ ସଂଚୟରେ
- ଆର୍ଥିକ ଯୋଜନା ପାଇଁ ଆବଶ୍ୟକତା ଯୌଥ ପରିବାରର ବିଘଟନ, ବହୁବିଧ ନିବେଶ ବିକଳ୍ପ ଯେଉଁସବୁ ଆଜିକାଲି ଉପଲବ୍ଧ ଅଛନ୍ତି ଏବଂ ପରିବର୍ତ୍ତନ ହେଉଥିବା ଜୀବନ ଶୈଳୀ ଇତ୍ୟାଦି ଭଳି ବଦଳୁଥିବା ସାମାଜିକ ଗତିଶୀଳତା ଦ୍ୱାରା ଆହୁରି ଅଧିକ ବୃଦ୍ଧି ପାଇଥାଏ ।
- ଜଣେ ପ୍ରଥମ ଦରମା ପାଇ ସାରିବା ପରବର୍ତ୍ତୀ ସମୟ ଆର୍ଥିକ ଯୋଜନା ଆରମ୍ଭ କରିବା ପାଇଁ ସର୍ବୋତ୍କୃଷ୍ଟ ସମୟ ହୋଇଥାଏ ।
- ଆର୍ଥିକ ଯୋଜନା ପରାମର୍ଶଦାତା ସେବାଗୁଡିକରେ ଅନ୍ତର୍ଭୁକ୍ତ ହୁଅନ୍ତି:
    - ✓ ନଗଦ ଯୋଜନା,
    - ✓ ନିବେଶ ଯୋଜନା,
    - ✓ ବୀମା ଯୋଜନା,
    - ✓ ଅବସରଗ୍ରହଣ ଯୋଜନା,
    - ✓ ଭୂସମ୍ପତ୍ତି ଯୋଜନା ଏବଂ
    - ✓ କର ଯୋଜନା

## ମୁଖ୍ୟ ପଦାବଳୀ

1. ଆର୍ଥିକ ଯୋଜନା
2. ଜୀବନ ଚରଣ

3. ସଙ୍କଟ ପ୍ରୋଫାଇଲ୍

4. ନଗଦ ଯୋଜନା

5. ନିବେଶ ଯୋଜନା

6. ବୀମା ଯୋଜନା

7. ଅବସରଗ୍ରହଣ ଯୋଜନା

8. ଭୂସମ୍ପତ୍ତି ଯୋଜନା

9. ଉପଯୁକ୍ତତା ସୂଚନା

10. କର ଯୋଜନା

---

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି I

ଉତ୍ତର 2 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 3 - ସଠିକ୍ ବିକଳ୍ପ ହେଉଛି III

# ଅଧ୍ୟାୟ L-03

## ଜୀବନ ବୀମା ଉତ୍ପାଦ: ପାରମ୍ପାରିକ

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟ ଆପଣଙ୍କୁ ଜୀବନ ବୀମା ଉତ୍ପାଦଗୁଡିକର ଦୁନିଆଁ ସହିତ ପରିଚିତ କରାଏ । ଏହା ସାଧାରଣ ଭାବେ ଉତ୍ପାଦଗୁଡିକ ବିଷୟରେ ଆଲୋଚନା କରି ଆରମ୍ଭ କରେ ଏବଂ ତାପରେ ଜୀବନ ବୀମା ଉତ୍ପାଦ ପାଇଁ ଆବଶ୍ୟକତା ଓ ବିଭିନ୍ନ ଜୀବନ ଲକ୍ଷ୍ୟକୁ ହାସଲ କରିବାରେ ସେମାନେ ଗ୍ରହଣ କରୁଥିବା ଭୂମିକା ବିଷୟରେ ଆଲୋଚନା କରିବାକୁ ଅଗ୍ରସର ହୁଏ । ଅନ୍ତିମରେ ଆମେମାନେ କେତେକ ପାରମ୍ପରିକ ଜୀବନ ବୀମା ଉତ୍ପାଦ ଉପରେ ଦୃଷ୍ଟିପାତ କରିବା ।

**ଅଧ୍ୟୟନ ପରିଣାମ**

A. ଜୀବନ ବୀମା ଉତ୍ପାଦଗୁଡିକ ଉପରେ ବିହଙ୍ଗାବଲୋକନ

B. ପାରମ୍ପରିକ ଜୀବନ ବୀମା ଉତ୍ପାଦ

## E. ଜୀବନ ବୀମା ଉତ୍ପାଦଗୁଡ଼ିକ ଉପରେ ବିହଙ୍ଗାବଲୋକନ

### 1. ଏକ ଉତ୍ପାଦ କ'ଣ ଅଟେ ?

ଆମ୍ଭେ କରିବାକୁ ଯାଇ, ଆସନ୍ତୁ ଆମେମାନେ ବୁଝିବା ଏକ 'ଉତ୍ପାଦ' ର ଅର୍ଥ କ'ଣ ଅଟେ । ଲୋକପ୍ରିୟ ଭାଷାରେ ଏକ ଉତ୍ପାଦକୁ ସାଧାରଣତଃ ଏକ ପଣ୍ୟଦ୍ରବ୍ୟ କିମ୍ବା ଜିନିଷ ରୂପେ ବିଚାର କରାଯାଏ ଯାହାକୁ ବଜାରରେ ଅଣାଯାଏ ଏବଂ ବିକ୍ରି କରାଯାଏ ।

ଏହା ବୁଝିବା ଆବଶ୍ୟକ ଯେ ପ୍ରତ୍ୟେକ ଉତ୍ପାଦ ବିଶେଷତା କିମ୍ବା ଗୁଣସବୁର ଏକ ସମୂହ ଅଟେ ଯାହା କିଛି ଲାଭ ଦେଇଥାନ୍ତି ।

ସମସ୍ତ କମ୍ପାନୀ ସେମାନଙ୍କ ଉତ୍ପାଦସବୁକୁ ଅଧିକ ଆକର୍ଷଣୀୟ କରି ଏବଂ ବିଭିନ୍ନ ପ୍ରକାରର ବିଶେଷତା ଓ ଲାଭ ପ୍ରଦାନ କରି ସେଗୁଡ଼ିକୁ ଅଲଗା କରିବାକୁ ଚେଷ୍ଟା କରନ୍ତି । ଏକ ଜୀବନ ବୀମା ଅଭିକର୍ତ୍ତାର ଭୂମିକା ହେଉଛି ସେମାନଙ୍କ କମ୍ପାନୀଙ୍କ ଉତ୍ପାଦଗୁଡ଼ିକୁ ଅନ୍ୟଗୁଡ଼ିକର ତୁଳନାରେ ଅନନ୍ୟ ଓ ଆକର୍ଷଣୀୟ କରିବା ପାଇଁ ଏହିସବୁ ବିଶେଷତା ଏବଂ ଲାଭକୁ ବୁଝିବା ଓ ଦୃଢ଼ ରଖିବା ।

**ଉଦାହରଣ**

କୋଲଗେଟ୍ ,କ୍ଲୋଜ୍ ଅପ୍ ଏବଂ ପ୍ରମିଜ୍ – ଏହିସବୁ ଅଲଗା ବ୍ରାଣ୍ଡର ଟୁଥପେଷ୍ଟ ଅଟନ୍ତି । କିନ୍ତୁ ପ୍ରତ୍ୟେକ ବ୍ରାଣ୍ଡର ବିଶେଷତା ଅନ୍ୟଠାରୁ ଭିନ୍ନ ଅଟେ ।

---

**ଉତ୍ପାଦସବୁ ହୋଇପାରନ୍ତି** :

i. **ସ୍ପର୍ଶଯୋଗ୍ୟ:** ସେହିସବୁ ଭୌତିକ ବସ୍ତୁକୁ ସୂଚୀତ କରେ ଯାହାକୁ ପ୍ରତ୍ୟକ୍ଷ ରୂପେ ଦେଖାଯାଇପାରେ କିମ୍ବା ସ୍ପର୍ଶ ଦ୍ୱାରା ଅନୁଭବ କରାଯାଇପାରେ (ଉଦାହରଣ ସ୍ୱରୂପ ଏକ କାର କିମ୍ବା ଏକ ଟେଲିଭିଜନ ସେଟ୍)

ii. **ଅଣ-ସ୍ପର୍ଶଯୋଗ୍ୟ:** ସେହିସବୁ ଉତ୍ପାଦକୁ ସୂଚୀତ କରେ ଯାହାକୁ କେବଳ ଅପ୍ରତ୍ୟକ୍ଷ ରୂପେ ଅନୁଭବ କରାଯାଇପାରେ । ଜୀବନ ବୀମା ଏକ ଉତ୍ପାଦ ଅଟେ ଯାହା ଅଣ-ସ୍ପର୍ଶଯୋଗ୍ୟ ହୋଇଥାଏ ।

### 2. ଜୀବନ ବୀମା ଉତ୍ପାଦର ଉଦ୍ଦେଶ୍ୟ

ମନୁଷ୍ୟମାନଙ୍କ ପାଖରେ ଏକ ଅତ୍ୟନ୍ତ ମୂଲ୍ୟବାନ ପରିସମ୍ପତ୍ତି ଥାଏ –ମାନବ ପୁଞ୍ଜି –ଯାହା ଆମର ଉତ୍ପାଦକ ଉପାର୍ଜନକାରୀ କ୍ଷମତାର ଉତ୍ସ ହୋଇଥାଏ । ଅବଶ୍ୟ, ଜୀବନ ଏବଂ ମାନବ କୁଶଳତା ବିଷୟରେ ଅନିଶ୍ଚିତତା ଥାଏ । ମୃତ୍ୟୁ ଓ ରୋଗ ଭଳି ଘଟଣାସବୁ ଆମର ଉପାର୍ଜନ କ୍ଷମତା ଓ ଜୀବନ ସଂଚୟକୁ ନଷ୍ଟ କରି ଦେଇପାରେ । ବୀମା ସେଭଳି ପରିସ୍ଥିତି ପାଇଁ ସୁରକ୍ଷା ପ୍ରଦାନ କରିଥାଏ ।

ଜୀବନ ବୀମା ଉତ୍ପାଦଗୁଡ଼ିକ, ମୃତ୍ୟୁ କିମ୍ବା ବିକଳାଙ୍ଗତାର ଫଳସ୍ୱରୂପ, ଏକ ବ୍ୟକ୍ତିର ଉତ୍ପାଦନ କ୍ଷମତାର ଆର୍ଥିକ ମୂଲ୍ୟର ହାନି ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିଥାନ୍ତି । ଏକ ବ୍ୟକ୍ତି ଏକ ଜୀବନ ବୀମା ପଲିସୀ ନେବା ଏବଂ ପ୍ରଥମ ପ୍ରିମିୟମ ପ୍ରଦାନ କରିବା ସମୟରୁ ହିଁ, ତାର ନାମରେ ଏକ ତୁରନ୍ତ ଭୂସମ୍ପତ୍ତି ସୃଷ୍ଟି କରାଯାଏ ଏବଂ ତାର ଆଶ୍ରିତ କିମ୍ବା ପ୍ରିୟଜନମାନଙ୍କୁ ଏହାର ଲାଭସବୁ ଉପଲବ୍ଧ ହୋଇଥାଏ ।

ଜୀବନ ବୀମା ଜଣକର ଦୁର୍ଭାଗ୍ୟପୂର୍ଣ୍ଣ ମୃତ୍ୟୁ ଘଟଣାରେ, ଏକ ବ୍ୟକ୍ତିର ନିକଟସ୍ଥ ଓ ପ୍ରିୟ ଜନମାନଙ୍କୁ ମାନସିକ ଶାନ୍ତି ଓ ସୁରକ୍ଷା ପ୍ରଦାନ କରେ । ସେଭଳି ସୁରକ୍ଷା ପ୍ରଦାନ କରିବା ବ୍ୟତୀତ, ଜୀବନ ବୀମା ବଜାରର ଅନ୍ୟାନ୍ୟ ଆବଶ୍ୟକତା ଯଥା:

ସଂଚୟ, ସମ୍ପତ୍ତି ସଂଚୟ, ନିବେଶର ନିରାପତ୍ତା ଓ ସୁରକ୍ଷା ଏବଂ ରିଟର୍ଣ୍ଣ (ପ୍ରତିଫଳ) ର କିଛି ହାର, ଏଗୁଡ଼ିକୁ ପୂରଣ କରେ, ଯେଉଁସବୁ ବିଷୟରେ ଏହି ପାଠ୍ୟକ୍ରମରେ ଆଲୋଚନା କରାଯାଇ ନାହିଁ ।

ଜୀବନ ବୀମା ଉଦ୍ୟୋଗ ଗତ ଦୁଇ ଶତାବ୍ଦୀ ଧରି ଉତ୍ପାଦ ପ୍ରସ୍ତାବରେ ଅସାଧାରଣ ନବାଚାର ଦେଖିଛି । ଯାତ୍ରା ମୃତ୍ୟୁ ଲାଭ ଉତ୍ପାଦ ସହିତ ଆରମ୍ଭ ହୋଇଥିଲା କିନ୍ତୁ ସମୟ କ୍ରମେ, ବହୁବିଧ ଜୀବିତ ଲାଭ ଯେପରିକି ଏନ୍ଡାଓମେଣ୍ଟ, ବିକଳାଙ୍ଗତା ଲାଭ, ଭୟାନକ ରୋଗ ବୀମା ସୁରକ୍ଷା ଓ ଏଭଳି ଉତ୍ପାଦ ଯୁକ୍ତ ହୋଇଥିଲା ।

ଆଧୁନିକ ସମୟର ଗୋଟିଏ ବଡ଼ ନବାଚାର ହୋଇଥିଲା ବଜାର ଲିଙ୍କ୍ଡ ପଲିସୀମାନଙ୍କର ସୃଷ୍ଟି, ଯେଉଁଠି ବୀମିତକୁ ତାର ନିବେଶ ପରିସମ୍ପତ୍ତିକୁ ଚୟନ ଓ ପ୍ରବନ୍ଧନ କରିବାରେ ଅଂଶଗ୍ରହଣ କରିବାପାଇଁ ଆମନ୍ତ୍ରିତ କରାଯାଉଥିଲା । ଅନ୍ୟ ଏକ ବଡ଼ ନବାଚାର ଥିଲା ନମନୀୟ ଅସମୂହୀକୃତ ଉତ୍ପାଦଗୁଡ଼ିକର ବିକାଶ, ଯେଉଁଥିରେ ବିଭିନ୍ନ ଲାଭ ଏବଂ ମୂଲ୍ୟ ଘଟକକୁ ବଦଳୁଥିବା ଆବଶ୍ୟକତା, ପ୍ରଦାନ କରିବାର କ୍ଷମତା ଏବଂ ଜୀବନ-ଚରଣ ଅନୁସାରେ ପଲିସୀଧାରକ ଦ୍ୱାରା ପରିବର୍ତ୍ତିତ କରାଯାଇପାରୁଥିଲା ।

### 3. ଉପଯୁକ୍ତତା ସୂଚନା

ଅଭିକର୍ତ୍ତା ଓ ବ୍ରୋକର୍ ସମେତ ବୀମା ମଧ୍ୟସ୍ଥମାନଙ୍କୁ ଅଧିକ ଦାୟୀ କରିବା ପାଇଁ ଏବଂ କୁ-ବିକ୍ରୟର ଘଟଣାଗୁଡ଼ିକୁ କମ୍ କରିବା ପାଇଁ, ଆଇ.ଆର.ଡି.ଏ.ଆଇ. 'ଉତ୍ପାଦ ଉପଯୁକ୍ତତା' ର ଏକ ଅବଧାରଣା ସୃଷ୍ଟି କରିଛି । 'ଉପଯୁକ୍ତତା ସୂଚନା' ହେଉଛି ବୟସ, ଆୟ, ପାରିବାରିକ ସ୍ଥିତି, ଜୀବନ ଚରଣ, ଆର୍ଥିକ ଓ ପରିବାର ଲକ୍ଷ୍ୟ, ନିବେଶ ଉଦ୍ଦେଶ୍ୟ, ପୂର୍ବରୁ ଧାରଣ କରିଥିବା ବୀମା ପୋର୍ଟଫୋଲିଓ, ଇତ୍ୟାଦି ଉପରେ ଏକ ସମ୍ଭାବ୍ୟ ଗ୍ରାହକର ସୂଚନା । ଅର୍ଥାତ୍ ଏକ କ୍ଲାଏଣ୍ଟକୁ ଏକ ବୀମା ପଲିସୀ ବିକ୍ରି କରିବା ପୂର୍ବରୁ, ଏକ ଅଭିକର୍ତ୍ତା କ୍ଲାଏଣ୍ଟର ଆବଶ୍ୟକତା ପାଇଁ ଉତ୍ପାଦର ଉପଯୁକ୍ତତାକୁ ଉଚିତ୍ ସିଦ୍ଧ କରିବା ପାଇଁ ସକ୍ଷମ ହେବା ଉଚିତ୍ ।

ଅନ୍ୟ ଶବ୍ଦରେ, ଅଭିକର୍ତ୍ତା ଏକ ବିଶେଷ ସମ୍ଭାବ୍ୟ ଗ୍ରାହକର ସଙ୍କଟ ପ୍ରୋଫାଇଲ୍ – ବୟସ, ଆୟ, ପାରିବାରିକ ସ୍ଥିତି, ଜୀବନ ଚରଣ, ଆର୍ଥିକ ଓ ପରିବାର ଲକ୍ଷ୍ୟ, ନିବେଶ ଉଦ୍ଦେଶ୍ୟ, ପୂର୍ବରୁ ଧାରଣ କରିଥିବା ବୀମା ପୋର୍ଟଫୋଲିଓ, ବୀମା ଆବଶ୍ୟକତା, ଇତ୍ୟାଦିକୁ ବିଚାରକୁ ନିଏ ଏବଂ ନିଷ୍ପତ୍ତି ନିଏ କି ଉତ୍ପାଦଟି ସେହି ସମ୍ଭାବ୍ୟ ଗ୍ରାହକ ପାଇଁ ଉପଯୁକ୍ତ ଅଟେ କି ନୁହେଁ । ଉତ୍ପାଦର ସ୍ୱରୂପ, ପ୍ରିମିୟମ ରାଶି ପରିମାଣ, ପ୍ରିମିୟମ ପ୍ରଦାନର ପଦ୍ଧତି ଏବଂ ପଲିସୀର ମିଆଦ ତଥା ପ୍ରିମିୟମ ପ୍ରଦାନର ପ୍ରକାର ମଧ୍ୟ 'ଉପଯୁକ୍ତତା'ର ମାପଦଣ୍ଡର ଅଂଶ ହୋଇଥାନ୍ତି ।

ଆଇ.ଆର.ଡି.ଏ.ଆଇ. ବିନିୟମିତ କରେ ଯେ ସଂଗ୍ରହ କରାଯାଇଥିବା ଉପଯୁକ୍ତତା ସୂଚନା ସମ୍ଭାବ୍ୟ ଗ୍ରାହକ ଓ ଅଭିକର୍ତ୍ତା ଦ୍ୱାରା ହସ୍ତାକ୍ଷରିତ ହେବା ଉଚିତ; ଏବଂ ପଲିସୀ ରେକର୍ଡର ଅଂଶ ରୂପେ ବୀମାକର୍ତ୍ତା ଦ୍ୱାରା ସଂରକ୍ଷିତ ରହିବା ଉଚିତ୍ ଓ ପ୍ରାଧିକରଣ ନିକଟରେ ନିରୀକ୍ଷଣ ପାଇଁ ଉପଲବ୍ଧ କରାଇବା ଉଚିତ୍ ।

### 4. ଜୀବନ ବୀମା ଉତ୍ପାଦଗୁଡ଼ିକରେ ରାଇଡର୍

ଏକ ରାଇଡର୍ ହେଉଛି ଏକ ପୃଷ୍ଠାଙ୍କନ ଜରିଆରେ ପାରମ୍ପରିକ ରୂପେ ସଂଲଗ୍ନ କରାଯାଇଥିବା ଏକ ପ୍ରାବଧାନ, ଯାହା ଚୁକ୍ତିର ଅଂଶ ହୋଇଯାଏ । ରାଇଡର୍ ଗୁଡ଼ିକୁ ସାଧାରଣତଃ ଅତିରିକ୍ତ ଲାଭ ପ୍ରଦାନ କରିବା ପାଇଁ ଉପଯୋଗ କରାଯାଏ, ଯେପରି କି ପଲିସୀ ଦ୍ୱାରା ପ୍ରଦାନ କରାଯାଇଥିବା ମୃତ୍ୟୁ ଲାଭର ପରିମାଣକୁ ବୃଦ୍ଧି କରିବା, ଧରନ୍ତୁ, ଦୁର୍ଘଟଣା କାରଣରୁ । ଜୀବନ ବୀମା କମ୍ପାନୀମାନେ ଅନେକ ସଂଖ୍ୟକ ରାଇଡର୍ ପ୍ରଦାନ କରିଥାନ୍ତି ଯାହା ଜରିଆରେ ସେମାନଙ୍କ ପ୍ରସ୍ତାବର ମୂଲ୍ୟ ବୃଦ୍ଧି ହୋଇଯାଏ । ରାଇଡର୍ ଏକ ବ୍ୟକ୍ତିର ବିଭିନ୍ନ ଆବଶ୍ୟକତାକୁ ଏକମାତ୍ର ଯୋଜନାରେ ଆବଦ୍ଧ କରି ରଖିବାରେ ସାହାଯ୍ୟ କରିଥାଏ ।

ରାଇଡର୍ ମାନେ ବିକଳାଙ୍ଗତା ବୀମା ସୁରକ୍ଷା, ଦୁର୍ଘଟଣା ବୀମା ସୁରକ୍ଷା ଏବଂ ଏକ ମାନକ ଜୀବନ ବୀମା ଚୁକ୍ତିରେ ଏକ ଅତିରିକ୍ତ ଲାଭ ରୂପେ ସଙ୍କଟମୟ ରୋଗ ବୀମା ସୁରକ୍ଷା ଭଳି ଲାଭସବୁକୁ ପ୍ରଦାନ କରିବାର ଏକ ମାଧ୍ୟମ ଦେଇଥାନ୍ତି । ପଲିସୀ ଧାରକମାନେ ଏକ ଅତିରିକ୍ତ ପ୍ରିମିୟମ ପ୍ରଦାନ କରି ସେମାନଙ୍କ ଲାଭ ଉଠାଇପାରନ୍ତି ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ନିମ୍ନ ମଧ୍ୟରୁ କେଉଁଟି ଏକ ଅଣ-ସ୍ପର୍ଶଯୋଗ୍ୟ ଉତ୍ପାଦ ଅଟେ ?

I. କାର

II. ଘର

III. ଜୀବନ ବୀମା

IV. ସାବୁନ

## F. ପାରମ୍ପରିକ ଜୀବନ ବୀମା ଉତ୍ପାଦ

ଆମେମାନେ ବର୍ତ୍ତମାନ କେତେକ ପାରମ୍ପରିକ ପ୍ରକାରର ଜୀବନ ବୀମା ଉତ୍ପାଦ ସମ୍ବନ୍ଧରେ ଜାଣିବା ।

ଚିତ୍ର 1: ପାରମ୍ପରିକ ଜୀବନ ବୀମା ଉତ୍ପାଦ




### 1. ମିଆଦି (ଅବଧି) ବୀମା ଯୋଜନା

ମିଆଦି/ଅବଧି ବୀମା ହେଉଛି ଏକ ଚୁକ୍ତି ଯାହା କେବଳ ଏକ ନିର୍ଦ୍ଦିଷ୍ଟ ସମୟାବଧି ବୈଧ ରହିଥାଏ । ଏହା ଏକ ବିମାନ ଯାତ୍ରାକୁ ସଂପୂର୍ଣ୍ଣ କରିବା ପାଇଁ ଆବଶ୍ୟକ ହେଉଥିବା ଅଳ୍ପ ଅବଧିଠାରୁ ଆରମ୍ଭ କରି ବହୁବର୍ଷ ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରେ । ସୁରକ୍ଷା 65 କିମ୍ବା 70 ବର୍ଷର ଆୟୁ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ । ଗୋଟିଏ-ବର୍ଷ ମିଆଦି ପଲିସୀଗୁଡିକ ସମ୍ପତ୍ତି ଏବଂ ଦୁର୍ଘଟଣା ବୀମା ଚୁକ୍ତି ସଦୃଶ ହୋଇଥାନ୍ତି । ଏହି ପଲିସୀରେ ସଂଚୟ କିମ୍ବା ନଗଦ ମୂଲ୍ୟ ତତ୍ତ୍ୱ ନ ଥାଏ ।

ଅକ୍ଟୋବର 2020 ରେ, ଆଇ.ଆର.ଡି.ଏ.ଆଇ. "ସରଳ ଜୀବନ ବୀମା" (ବୀମାକର୍ତ୍ତାଙ୍କ ନାମକୁ ଉତ୍ପାଦ ନାମ ପୂର୍ବରୁ ଯୋଡ଼ାଯିବ) କୁହାଯାଉଥିବା ଏକ ମାନକ ବୈୟକ୍ତିକ ମିଆଦି ଜୀବନ ବୀମା ଆରମ୍ଭ କରିଛନ୍ତି, ଯାହା ଏକ ଅଣ-ସଂଯୁକ୍ତ

ଅଣ-ସହଯୋଗକାରୀ ବୈୟକ୍ତିକ ଶୁଦ୍ଧ ସଙ୍କଟ ପ୍ରିମିୟମ ଜୀବନ ବୀମା ଯୋଜନା ଅଟେ, ଯାହା ପଲିସୀ ଅବଧି ମଧ୍ୟରେ ଜୀବନ ବୀମିତର ଦୁର୍ଭାଗ୍ୟପୂର୍ଣ୍ଣ ମୃତ୍ୟୁ କ୍ଷେତ୍ରରେ ନାମିତକୁ ମୋଟା ଆକାରରେ ବୀମା ରାଶି ପ୍ରଦାନର ପ୍ରାବଧାନ ରଖେ ।

ବିନିୟାମକ ଦ୍ୱାରା ବିନିର୍ଦ୍ଦିଷ୍ଟ କେତେକ ଲାଭ ଓ ରାଇଡର ବ୍ୟତୀତ, କୌଣସି ଅନ୍ୟ ରାଇଡର/ଲାଭ/ବିକଳ୍ପ/ଭିନ୍ନ ପ୍ରକାରର ପ୍ରସ୍ତାବ ଦେବା ପାଇଁ ସ୍ୱୀକୃତି ନାହିଁ । ଆହୁରି ମଧ୍ୟ, ଉତ୍ପାଦ ଅନ୍ତର୍ଗତ ଆତ୍ମହତ୍ୟା ଅପବର୍ଜନ ଛାଡ଼ି ଅନ୍ୟ କୌଣସି ଅପବର୍ଜନ ନାହିଁ । ସରଳ ଜୀବନ ବୀମାକୁ ଲିଙ୍ଗ, ନିବାସ ସ୍ଥାନ, ଯାତ୍ରା, ବ୍ୟବସାୟ କିମ୍ବା ଶୈକ୍ଷଣିକ ଯୋଗ୍ୟତାରେ କୌଣସି ପ୍ରତିବନ୍ଧ ବିନା ବ୍ୟକ୍ତିମାନଙ୍କୁ ଦିଆଯାଇଥାଏ ।

a) **ଉଦ୍ଦେଶ୍ୟ**

ଏକ ମିଆଦି ଜୀବନ ବୀମା ଯୋଜନା ଜୀବନ ବୀମା ପଛରେ ଥିବା ମୁଖ୍ୟ ଓ ମୂଳଭୂତ ବିଚାରକୁ ପୂରଣ କରେ, ଯାହା ବୀମିତର ମୃତ୍ୟୁରେ ତାର ଆଶ୍ରିତମାନଙ୍କୁ ବୀମା ରାଶିର ପରିମାଣ ପ୍ରଦାନ କରିବା ହୋଇଥାଏ ।

ପଲିସୀଟି ଏକ ଆୟ ପ୍ରତିସ୍ଥାପନ ଯୋଜନା ରୂପେ ମଧ୍ୟ କାର୍ଯ୍ୟ କରିଥାଏ । ଏଇଠି ଏକ ମୋଟା ଆକାରର ରାଶିପ୍ରଦାନ ବଦଳରେ ଆଶ୍ରିତ ଲାଭଗ୍ରହୀତାମାନଙ୍କୁ ମାସିକ, ତ୍ରୈମାସିକ କିମ୍ବା ସେଭଳି ଆବଧିକ ଦେୟର ଶୃଙ୍ଖଳାରେ ରାଶି ପ୍ରଦାନ କରାଯାଏ ।

b) **ବିକଳାଙ୍ଗତା**

ସାଧାରଣତଃ ଏକ ମିଆଦି ବୀମା ପଲିସୀ କେବଳ ମୃତ୍ୟୁର ସୁରକ୍ଷା ଦେଇଥାଏ । ଅବଶ୍ୟ, ମୂଲ୍ୟ ପଲିସୀ ଉପରେ ଏକ ବିକଳାଙ୍ଗତା ସୁରକ୍ଷା ରାଇଡର୍ କ୍ରୟ କରିବା ସମ୍ଭବ ଅଟେ । ସେଭଳି କ୍ଷେତ୍ରରେ, ଯଦି ଚୁକ୍ତିର ଅବଧି ମଧ୍ୟରେ ବୀମିତ ଏକ ବିନିର୍ଦ୍ଦିଷ୍ଟ ବିକଳାଙ୍ଗତାର ଶିକାର ହୁଏ ଲାଭଗ୍ରହୀତା/ବୀମିତ ବ୍ୟକ୍ତିକୁ ଏକ ବିକଳାଙ୍ଗତା ଲାଭ ପ୍ରଦାନ କରାଯାଇପାରେ । ଏହି ଲାଭ ବୀମିତ ବ୍ୟକ୍ତିର ମୃତ୍ୟୁ ପର୍ଯ୍ୟନ୍ତ ଚାଲୁ ରହିବ ।

**ଚିତ୍ର 2: ବିକଳାଙ୍ଗତା**



c) **ଏକ ରାଇଡର୍ ରୂପେ ମିଆଦି ବୀମା**

ମିଆଦି ବୀମା ଅନ୍ତର୍ଗତ ବୀମାସୁରକ୍ଷାକୁ ସାଧାରଣତଃ ଏକ ଅନାଶ୍ରିତ ସ୍ୱତନ୍ତ୍ର ପଲିସୀ ରୂପେ ପ୍ରଦାନ କରାଯାଇଥାଏ କିନ୍ତୁ ଏହାକୁ ଏକ ପଲିସୀରେ ଏକ ରାଇଡର ଜରିଆରେ ମଧ୍ୟ ପ୍ରଦାନ କରାଯାଇ ପାରେ ।

**ଉଦାହରଣ**

ଏକ ପେନସନ ଯୋଜନାରେ ଏକ ରାଇଡର ଏକ ମୃତ୍ୟୁ ଲାଭ ପ୍ରଦାନ ଯୋଗ୍ୟ ହେବ ବୋଲି ପ୍ରାବଧାନ ରଖେ ଯଦି ଜଣେ ପେନସନ ଆରମ୍ଭ ହେବା ତାରିଖ ପୂର୍ବରୁ ମୃତ୍ୟୁ ବରଣ କରେ ।

d) **ପରିବର୍ତ୍ତନୀୟତା**

ପରିବର୍ତ୍ତନୀୟ ମିଆଦି ବୀମା ପଲିସୀଗୁଡିକ ଏକ ପଲିସୀଧାରକଙ୍କୁ ଏକ ମିଆଦି ବୀମା ପଲିସୀକୁ ବୀମାଯୋଗ୍ୟତା ନୂଆ ପ୍ରମାଣ ଦେବା ବିନା "ସଂପୂର୍ଣ୍ଣ ଜୀବନ" ଭଳି ଏକ ସ୍ଥାୟୀ ଯୋଜନାରେ ପରିବର୍ତ୍ତନ କରିବାର ସ୍ୱୀକୃତି ଦିଅନ୍ତି । ଏହି ସୁବିଧା ସେହିମାନଙ୍କୁ ସାହାଯ୍ୟ କରିଥାଏ ଯେଉଁମାନେ ସ୍ଥାୟୀ ନଗଦ ମୂଲ୍ୟ ବୀମା ନେବା ପାଇଁ ଚାହାଁନ୍ତି କିନ୍ତୁ ଏହାର ଉଚ୍ଚ ପ୍ରିମିୟମ ଦେବା ପାଇଁ ଅସମର୍ଥ ହୋଇଥାନ୍ତି । ଯେତେବେଳେ ଏକ ମିଆଦି-ପଲିସୀକୁ ସ୍ଥାୟୀ ବୀମାରେ ପରିବର୍ତ୍ତନ କରାଯାଏ, ନୂଆ ପ୍ରିମିୟମ ହାର ଅଧିକ ହେବ ।

**e) ଅନନ୍ୟ ବିକ୍ରୟ ପ୍ରସ୍ତାବ (**USP)

ମିଆଦି ବୀମାର ଅନନ୍ୟ ବିକ୍ରୟ ପ୍ରସ୍ତାବ (USP) ହେଉଛି ଏହାର କମ୍ ମୂଲ୍ୟ, ଯାହା ଜଣକୁ ଏକ ସୀମିତ ବଜେଟ୍ ମଧ୍ୟରେ ଅପେକ୍ଷାକୃତ ଅଧିକ ପରିମାଣର ଜୀବନ ବୀମା କ୍ରୟ କରିବାରେ ସକ୍ଷମ କରାଇଥାଏ ।

**f) ବିବିଧତା**

ମିଆଦି ବୀମାର ଅନେକ ପ୍ରକାର ସମ୍ଭବ ଅଟେ ।

**ଚିତ୍ର 3 : ମିଆଦି ବୀମାର ବିବିଧତା**




**i. ହ୍ରାସ ପାଉଥିବା ମିଆଦି ବୀମା**

ଏହି ଯୋଜନାମାନେ ପାରମ୍ପରିକ ରୂପେ ହ୍ରାସ ପାଉଥିବା ମିଆଦି ବୀମା ଅନ୍ତର୍ଭୁକ୍ତ କରନ୍ତି ଯାହା ମୃତ୍ୟୁ ଲାଭର ଏକ ପରିମାଣ ପ୍ରଦାନ କରେ ଯାହା ସେହି ଅବଶିଷ୍ଟ ପରିମାଣ ସହିତ ସମାନ ଯାହା ଏକ ଋଣ ଉପରେ ଦେୟ ରହିଥାଏ, ଯଦି ଋଣକର୍ତ୍ତା ଋଣଟିକୁ ପରିଶୋଧ କରିବା ପୂର୍ବରୁ ମୃତ୍ୟୁବରଣ କରିଥାଏ । ଏଗୁଡିକୁ ଅନେକ ସମୟରେ ବନ୍ଧକ ବିମୋଚନ (ଅଧ୍ୟାୟ 15 ରେ ଆଲୋଚିତ) କିମ୍ବା କ୍ରେଡିଟ୍ ବୀମା ଯୋଜନା ରୂପେ କିଣା ବିକା କରାଯାଇଥାଏ । ଏହି ଯୋଜନାଗୁଡିକୁ ସାଧାରଣତଃ ଋଣଦାତା ଅନୁଷ୍ଠାନମାନଙ୍କୁ ସେମାନଙ୍କ ଋଣକର୍ତ୍ତାମାନଙ୍କ ଜୀବନକୁ ବୀମା ସୁରକ୍ଷା ଯୋଗାଇବା ପାଇଁ ସମୂହ ବୀମା ରୂପେ ବିକ୍ରି କରାଯାଇଥାଏ । ବନ୍ଧକ ବିମୋଚନ ବୀମାର କ୍ରୟ ଅନେକ ସମୟରେ ବନ୍ଧକ ଋଣର ଏକ ଅବସ୍ଥା ହୋଇଥାଏ । ସେହିସବୁ ଯୋଜନା ଅଟୋମୋବାଇଲ୍ କିମ୍ବା ଅନ୍ୟାନ୍ୟ ବ୍ୟକ୍ତିଗତ ଋଣ ପାଇଁ ମଧ୍ୟ ଉପଲବ୍ଧ ହୋଇପାରନ୍ତି ।

**ii. ବୃଦ୍ଧି ହେଉଥିବା ମିଆଦ ବୀମା**

ଯେମିତି କି ନାମ ସୂଚୀତ କରେ, ଯୋଜନା ଏକ ମୃତ୍ୟୁ ଲାଭ ପ୍ରଦାନ କରେ, ଯାହା ପଲିସୀ ଅବଧି ସହିତ ବୃଦ୍ଧି ପାଉଥାଏ । ପ୍ରିମିୟମ ସାଧାରଣତଃ ବୃଦ୍ଧି ପାଇଥାଏ ଯେତେବେଳେ ବୀମାସୁରକ୍ଷାର ପରିମାଣ

**iii. ପ୍ରିମିୟମର ରିଟର୍ଣ୍ଣ (ପ୍ରତିଫଳ) ସହିତ ମିଆଦି ବୀମା**

ଏକ ଅନ୍ୟ ପ୍ରକାରର ପଲିସୀ (ଭାରତରେ ଅତି ଲୋକପ୍ରିୟ) ହେଉଛି ପ୍ରିମିୟମର ରିଟର୍ଣ୍ଣ (ପ୍ରତିଫଳ) ସହିତ ମିଆଦି ବୀମା । ଯଦିଓ ପ୍ରଦାନ କରାଯାଉଥିବା ପ୍ରିମିୟମ ପ୍ରିମିୟମର ରିଟର୍ଣ୍ଣ ବିନା ସେଭଳି ମିଆଦି ବୀମା ଯୋଜନା ଅପେକ୍ଷା ବହୁତ ଅଧିକ ହୋଇପାରେ, କିଛି ଗ୍ରାହକ ସେଭଳି ପଲିସୀ ଆବଶ୍ୟକ କରି ପାରନ୍ତି ।

**ଓ) ପ୍ରାସଙ୍ଗିକ ପରିଦୃଶ୍ୟ**

ମିଆଦି ବୀମା ନିମ୍ନସବୁ ପରିସ୍ଥିତିରେ ଆବଶ୍ୟକ ହୋଇପାରେ:

i. ଯେଉଁଠି ବୀମା ସୁରକ୍ଷାର ଆବଶ୍ୟକତା ପୂରାପୂରି ଅସ୍ଥାୟୀ ହୋଇଥାଏ, ଯେମିତି କି ବନ୍ଧକ ମୋଚନ କ୍ଷେତ୍ରରେ

ii. ଏକ ସଂଚୟ ଯୋଜନା ସହିତ ଏକ ଅତିରିକ୍ତ ପୂରକ ରୂପେ

iii. ଏକ "ମିଆଦି କିଣନ୍ତୁ ଏବଂ ବାକିତକ ନିବେଶ କରନ୍ତୁ" ଦର୍ଶନର ଅଂଶ ରୂପେ, ଯେଉଁଠି ଜଣେ ବୀମା କମ୍ପାନୀଠାରୁ କେବଳ ଶସ୍ତା ମିଆଦି ବୀମା ସୁରକ୍ଷା ଚାହେଁ ଏବଂ ପ୍ରିମିୟମର ଅନ୍ତରକୁ ଅନ୍ୟାନ୍ୟ ଆକର୍ଷଣୀୟ ନିବେଶରେ ନିବେଶ କରିବାକୁ ଚାହେଁ

| **ମହତ୍ୱପୂର୍ଣ୍ଣ** |
|---|

ମିଆଦି ବୀମାର ସୀମା: ମିଆଦି ବୀମା ଯୋଜନାଗୁଡିକ ନିର୍ଦ୍ଦିଷ୍ଟ ସମୟ ପାଇଁ କେବଳ ଉପଲବ୍ଧ ହୁଅନ୍ତି ଏବଂ ଜଣେ ଏହି ବୀମା ସୁରକ୍ଷାକୁ ଏକ ନିର୍ଦ୍ଦିଷ୍ଟ ଆୟୁ, ଧରନ୍ତୁ 65 କିମ୍ବା 70, ଉପରକୁ ଚାଲୁ ରଖିବା ପାଇଁ ସକ୍ଷମ ହୋଇ ନ ପାରେ ।

## 2. ସଂପୂର୍ଣ୍ଣ ଜୀବନ ବୀମା

ସଂପୂର୍ଣ୍ଣ ଜୀବନ ବୀମା ହେଉଛି ଏକ ସ୍ଥାୟୀ ଜୀବନ ବୀମା ପଲିସୀର ଉଦାହରଣ । ଏଇଠି, ଜୀବନ ବୀମାକର୍ତ୍ତା ସମ୍ମତ ମୃତ୍ୟୁ ଲାଭ ପ୍ରଦାନ କରିବା ପାଇଁ ପ୍ରସ୍ତାବ ଦିଏ ଯେତେବେଳେ ବୀମିତର ମୃତ୍ୟୁ ହୁଏ, ଯେବେ ବି ମୃତ୍ୟୁ ଘଟିଥାଉ ନା କାହିଁକି, ପ୍ରିମିୟମ ସବୁକୁ ଜଣକର ଜୀବନ ସାରା କିମ୍ବା ବିନିର୍ଦ୍ଦିଷ୍ଟ ହୋଇଥିବା ଅନୁରୂପ ଏକ ସୀମିତ ସମୟ ପାଇଁ ପ୍ରଦାନ କରାଯାଇପାରେ ।

ସଂପୂର୍ଣ୍ଣ ଜୀବନ ପ୍ରିମିୟମ ମିଆଦି ପ୍ରିମିୟମଠାରୁ ଅତ୍ୟନ୍ତ ଅଧିକ ହୋଇଥାଏ ଯେହେତୁ ସଂପୂର୍ଣ୍ଣ ବୀମା ପଲିସୀଗୁଡିକର ଡିଜାଇନ୍ ବୀମିତର ମୃତ୍ୟୁ ହେବା ପର୍ଯ୍ୟନ୍ତ ପ୍ରଭାବୀ ରହିବ ଏବଂ ଯେ କୌଣସି ସମୟରେ ମୃତ୍ୟୁ ଲାଭ ଦିଆଯାଇପାରେ, ବୋଲି କରାଯାଇଥାଏ । ଯୋଜନାଟି ପଲିସୀଧାରକର ଆକାଉଣ୍ଟରେ ଏକ ନଗଦ ମୂଲ୍ୟର ବି ପ୍ରାବଧାନ ରଖିଥାଏ । ସେ ଏହି ନଗଦ ମୂଲ୍ୟରୁ ଏକ ପଲିସୀ ଋଣ ଆକାରରେ ନଗଦ ଆହରଣ କରିପାରେ କିମ୍ବା ଏହାର ନଗଦ ମୂଲ୍ୟ ବଦଳରେ ପଲିସୀକୁ ସମର୍ପଣ କରି ମୋଚନ ବି କରିପାରେ ।

ବାକି ଦେୟ ଋଣ ସବୁ କ୍ଷେତ୍ରରେ, ଋଣର ପରିମାଣ ଓ ସୁଧକୁ ଲାଭଗ୍ରହୀତାଙ୍କ ମୃତ୍ୟୁରେ ତାଙ୍କ ପ୍ରାପ୍ୟ ରାଶିଠାରୁ କାଟି ଦିଆଯାଇଥାଏ ।

ଏକ ସଂପୂର୍ଣ୍ଣ ଜୀବନ ପଲିସୀ ପରିବାରର ମୂଖ୍ୟ ଉପାର୍ଜନକାରୀ ପାଇଁ ଏକ ଉତ୍ତମ ଯୋଜନା ଅଟେ ଯିଏ ଅକାଳ ମୃତ୍ୟୁ ଅବସରରେ ତାର ପ୍ରିୟ ଜନମାନଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଏବଂ ଚରମ ରୋଗ ଭଳି ବିଭିନ୍ନ ଘଟଣା କାରଣରୁ ହେଉଥିବା ଅପକ୍ଷରଣ ବିରୁଦ୍ଧରେ ତାର ପୁଞ୍ଜିକୁ ସଂରକ୍ଷିତ କରିବାକୁ ଚାହେଁ । ଜଣେ ଅବସରଗ୍ରହଣ ଆବଶ୍ୟକତାଗୁଡିକ ପାଇଁ ମଧ୍ୟ, ଯଦି ଆବଶ୍ୟକ ହୁଏ, ସଂପୂର୍ଣ୍ଣ ଜୀବନ ବୀମା ପଲିସୀର ନଗଦ ମୂଲ୍ୟର ଉପଯୋଗ କରିପାରେ । ସଂପୂର୍ଣ୍ଣ ଜୀବନ ବୀମା, ଏ ପ୍ରକାରେ, ଗୃହସ୍ଥ ସଂଚୟରେ ଏବଂ ପରବର୍ତ୍ତୀ ପୀଢ଼ିକୁ ଦେବା ପାଇଁ ଧନ ସୃଷ୍ଟି କରିବାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

### 3. ଏଣ୍ଡାଓମେଣ୍ଟ ବୀମା

ଏହା ହେଉଛି ଏକ ଚୁକ୍ତି ଯେଉଁଥିରେ ପଲିସୀ ଅବଧିରେ ବୀମିତର ମୃତ୍ୟୁ କ୍ଷେତ୍ରରେ ବୀମିତର ନାମିତମାନଙ୍କୁ ବୀମା ରାଶି ଦେୟ ହୋଇଥାଏ । ଯଦି ବୀମିତ ଅବଧିରେ ଜୀବିତ ରହେ ବୀମା ରାଶିକୁ ବୀମିତକୁ ପ୍ରଦାନ କରାଯାଏ ।

ଉତ୍ପାଦରେ ଉଭୟ ମୃତ୍ୟୁ ଏବଂ ଜୀବିତ ଲାଭ ଘଟକ ରହିଛି ଏଣ୍ଡାଓମେଣ୍ଟ୍ ବୀମା ସଂଚୟ ସଂଚୟୀକରଣର ଏକ ନିରାପଦ ଓ ଅନିବାର୍ଯ୍ୟ ପଦ୍ଧତି କରି ଜଣକର ବୀମା ଓ ସଂଚୟ କାର୍ଯ୍ୟକ୍ରମକୁ ସଂଯୁକ୍ତ କରେ ।

ଲୋକେ ବୃଦ୍ଧାବସ୍ଥା ପାଇଁ ପ୍ରାବଧାନର ଏକ ନିଶ୍ଚିତ ପଦ୍ଧତି ରୂପେ କିମ୍ବା ବିଶେଷ ଉଦ୍ଦେଶ୍ୟଗୁଡ଼ିକୁ ପୂରଣ କରିବା ପାଇଁ ଯେପରି କି (କ) ଶୈକ୍ଷଣିକ ଉଦ୍ଦେଶ୍ୟ, (ଖ) ପିଲାମାନଙ୍କ ବିବାହ ଖର୍ଚ୍ଚର ସମ୍ମୁଖୀନ ହେବା ପାଇଁ କିମ୍ବା (ଗ) ଏକ ବନ୍ଧକ (ଗୃହ ନିର୍ମାଣ) ଋଣ ପ୍ରଦାନ କରିବା ପାଇଁ ଫଣ୍ଡ ରଖିବା ପାଇଁ ଏଣ୍ଡାଓମେଣ୍ଟ ଯୋଜନା କ୍ରୟ କରିଥାନ୍ତି ।

ସରକାର ସାଧାରଣତଃ ପ୍ରଦାନ କରାଯାଇଥିବା ପ୍ରିମିୟମ ଉପରେ କର ଲାଭ ପ୍ରଦାନ କରିଥାନ୍ତି, ଯାହା ଏହାକୁ ଆକର୍ଷଣୀୟ କରିଥାଏ । ଅନେକ ଏଣ୍ଡାଓମେଣ୍ଟ ପଲିସୀ 55 ଠାରୁ 65 ଆୟୁରେ ପରିପକ୍ୱତା ଲାଭ କରିଥାଏ, ଯେତେବେଳେ ବୀମିତ ତାର ଅବସରଗ୍ରହଣ ପାଇଁ ଯୋଜନା କରୁଥାଏ । ସେଭଳି କ୍ଷେତ୍ରରେ ଏ ଭଳିଆ ପଲିସୀ ଅବସରଗ୍ରହଣ ସଂଚୟର ପୂରକ ହୋଇଥାନ୍ତି ।

ବିବିଧତା: ଏଣ୍ଡାଓମେଣ୍ଟ୍ ବୀମାର କେତେକ ଭିନ୍ନ ଭିନ୍ନ ପ୍ରକାର ଅଛନ୍ତି –ଯାହା ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି ।

### 4. ମନି ବ୍ୟାକ୍ ପଲିସୀ

ମନି ବ୍ୟାକ୍ ପଲିସୀ ଭାରତରେ ଏକ ଲୋକପ୍ରିୟ ଏଣ୍ଡାଓମେଣ୍ଟ ଯୋଜନା ଅଟେ । ଏଥିରେ ଅବଧି ସମୟରେ ବୀମା ରାଶିର କିଛି ଅଂଶକୁ କିସ୍ତିରେ ଏବଂ ଅବଶିଷ୍ଟ ବୀମା ରାଶିକୁ ଅବଧିର ସମାପ୍ତିରେ ଫେରସ୍ତ କରିବାର ପ୍ରାବଧାନ ରହିଛି ।

| ଉଦାହରଣ |
|---|
| 20 ବର୍ଷ ପାଇଁ ଏକ ମନି ବ୍ୟାକ୍ ପଲିସୀ 5ମ, 10ମ ଏବଂ 15ଶ ବର୍ଷ ଶେଷରେ ରାଶିର 20% ଲେଖାଏଁ ଜୀବିତ ଲାଭ ଏବଂ 20 ବର୍ଷ ସଂପୂର୍ଣ୍ଣ ଅବଧିର ସମାପ୍ତିରେ ଅବଶିଷ୍ଟ 40% ପ୍ରଦାନ କରିବାର ପ୍ରାବଧାନ ରଖିପାରେ । ଯଦି ଜୀବନ ବୀମିତ, ଧରନ୍ତୁ 18 ବର୍ଷର ଶେଷରେ ମରିଯାଏ, ସଂପୂର୍ଣ୍ଣ ବୀମା ରାଶି ଏବଂ ଉପାର୍ଜିତ ବୋନସ (ପରବର୍ତ୍ତୀ ବିଭାଗରେ ବ୍ୟାଖ୍ୟା କରାଯାଇଛି) କୁ ମୃତ୍ୟୁ ଲାଭ ରୂପେ ପ୍ରଦାନ କରାଯାଏ, ଯଦିଓ ବୀମିତକୁ ମନି ବ୍ୟାକ୍ ରୂପେ, ଅଙ୍କିତ ମୂଲ୍ୟର 60% ର ଲାଭ ପୂର୍ବରୁ ପ୍ରଦାନ କରାଯାଇପାରେ । |

ମନି ବ୍ୟାକ୍ ଯୋଜନାସବୁ ସେମାନଙ୍କ ଦ୍ରବତା (କ୍ୟାଶ୍ ବ୍ୟାକ୍) ପାଇଁ ଲୋକପ୍ରିୟ ହୋଇଛି, ଯାହା ସେଗୁଡ଼ିକୁ ଅଳ୍ପ ଓ ମଧ୍ୟମ ଅବଧି ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ ଆକର୍ଷଣୀୟ କରିଛି । ସେଭଳି ଯୋଜନାସବୁ ସଂପୂର୍ଣ୍ଣ ମୃତ୍ୟୁ ସୁରକ୍ଷା ମଧ୍ୟ ଯୋଗାଇଥାନ୍ତି । ଯଦି ବ୍ୟକ୍ତିଟି ପଲିସୀର ଅବଧି ମଧ୍ୟରେ କୌଣସି ବି ସମୟରେ ମରିଯାଏ ।

### 5. ସହଭାଗୀତା (Par) ଏବଂ ଅଣ-ସହଭାଗୀତା (Non-Par) ଯୋଜନା

ଜୀବନ ବୀମା ଉତ୍ପାଦସବୁକୁ ସହଭାଗୀତା (Par) ଏବଂ ଅଣ-ସହଭାଗୀତା (Non-Par) ଉତ୍ପାଦ ରୂପେ ମଧ୍ୟ ଶ୍ରେଣୀଭୁକ୍ତ କରାଯାଇପାରେ । "Par" ଶବ୍ଦ ସେହି ପଲିସୀଗୁଡ଼ିକୁ ସୂଚାଏ ଯେଉଁସବୁ ଜୀବନ ବୀମାକର୍ତ୍ତାର ଲାଭରେ ସହଭାଗୀ ହୋଇଥାନ୍ତି । "Non-Par," ଅନ୍ୟ ପକ୍ଷରେ, ସେହି ପଲିସୀଗୁଡ଼ିକୁ ପ୍ରତିପାଦିତ କରେ ଯେଉଁଗୁଡ଼ିକ ଲାଭରେ ସହଭାଗୀ ହୋଇ ନ ଥାନ୍ତି । ପାରମ୍ପରିକ ଜୀବନ ବୀମାରେ ଉଭୟ ପ୍ରକାର ଉପସ୍ଥିତ ଥାଆନ୍ତି । ସମସ୍ତ ପାରମ୍ପରିକ ଯୋଜନା

ଅନ୍ତର୍ଗତ, ସମୁଚ୍ଚୟ କରାଯାଇଥିବା ଜୀବନ ନିଧି, ଯାହାକୁ ପଲିସୀଧାରକମାନଙ୍କ, ପ୍ରିମିୟମସବୁଠାରୁ ଜାତ କରାଯାଇଥାଏ, ସେଗୁଡିକୁ ବିନିୟାମକ ନିୟମ ଅନୁସାରେ ନିବେଶ କରାଯାଇଥାଏ । ସେହି ପଲିସୀଧାରକ ଯେଉଁମାନେ 'ପାର୍ ଉତ୍ପାଦଗୁଡିକ' ପାଇଁ ଚୟନ କରିଥାନ୍ତି, ସେମାନେ ଗ୍ୟାରେଣ୍ଟିଯୁକ୍ତ ବୀମା ରାଶି ଅତିରିକ୍ତ, ବୀମାକର୍ତ୍ତା ଦ୍ୱାରା ଜାତ କରାଯାଇଥିବା ଅଧିଶେଷ (ବୋନସ) ର ଏକ ଅଂଶ ପାଇବାର ଯୋଗ୍ୟ ହୋଇଥାନ୍ତି । ଏସବୁକୁ "ଲାଭ ସହିତ" ଯୋଜନା କୁହାଯାଏ ।

### 6. ଅଣ-ସହଭାଗୀତା ଉତ୍ପାଦ

ସେହି ପଲିସୀ ଧାରକ ଯେଉଁମାନେ ଅଣ-ଲିଙ୍କ୍ଡ ଲାଭ ସହିତ [non-par] ଯୋଜନାଗୁଡିକୁ କ୍ରୟ କରନ୍ତି, ସେମାନଙ୍କୁ ସେହି ଲାଭ ପ୍ରଦାନ କରାଯାଏ ଯେଉଁ ସବୁକୁ ଚୁକ୍ତିର ଆରମ୍ଭରେ ନିଶ୍ଚିତ ଓ ଗ୍ୟାରେଣ୍ଟିଯୁକ୍ତ କରାଯାଇଥାଏ, ଏବଂ କିଛି ବି ଅଧିକ ନୁହେଁ । ଅଣ-ସହଭାଗୀତା ଉତ୍ପାଦଗୁଡିକୁ ଏକ 'ଲିଙ୍କ୍ଡ ପ୍ଲାଟଫର୍ମ' 'ଅଣ-ଲିଙ୍କ୍ଡ ପ୍ଲାଟଫର୍ମ' ଅନ୍ତର୍ଗତ ପ୍ରଦାନ କରାଯାଇପାରେ । ଏଗୁଡିକୁ "ଲାଭ ରହିତ" ଯୋଜନା କୁହାଯାଏ ।

**ଉଦାହରଣ**

ଜଣେ ବ୍ୟକ୍ତି ପାଖରେ 20 ବର୍ଷର ଏକ ଏଣ୍ଡାଓମେଣ୍ଟ ପଲିସୀ ଅଛି ଯାହା ଅବଧିର ପ୍ରତ୍ୟେକ ବର୍ଷର ବୀମା ରାଶିର2 % ର ଏକ ଗ୍ୟାରେଣ୍ଟିଯୁକ୍ତ ଅତିରିକ୍ତ ରାଶି ପ୍ରଦାନ କରିପାରେ ,ଯାହା ଫଳରେ ପରିପକ୍ୱତା ଲାଭ ହୋଇଥାଏ ବୀମା ରାଶିଯୁକ୍ତ ବୀମାରାଶିର40 % ର ମୋଟ ସଂଯୋଜନ ।

---

ପାରମ୍ପରିକ ନନ୍-ପାର୍ ପଲିସୀଗୁଡିକ ଉପରେ ଆଇ.ଆର.ଡି.ଏ.ଆଇ. ର ମାର୍ଗଦର୍ଶିକା ଅନ୍ତର୍ଗତ, ଏକ ବିନିର୍ଦ୍ଦିଷ୍ଟ ଘଟଣା ଘଟିବାରେ ପ୍ରଦାନ କରାଯିବାକୁ ଥିବା ଲାଭସବୁ ବିଷୟରେ ଆରମ୍ଭରେ ସ୍ପଷ୍ଟରୂପେ ଉଲ୍ଲେଖ କରିବାକୁ ପଡ଼ିଥାଏ ଏବଂ ଏହାକୁ ଏକ ସୂଚୀପତ୍ର କିମ୍ବା ବେଞ୍ଚମାର୍କ ସହିତ ସଂଯୁକ୍ତ କରାଯାଇ ନ ଥାଏ । ଏହା ଅତିରିକ୍ତ ଲାଭ ଉପରେ ବି ଲାଗୁ ହୁଏ ଯାହା ସବୁ ନିୟମିତ ଅନ୍ତରାଳରେ ଉପାର୍ଜିତ ହୋଇଥାଏ । ଏହାର ଅର୍ଥ ହେଉଛି ଯେ ଏହିସବୁ ପଲିସୀ ଉପରେ ମିଳୁଥିବା ରିଟର୍ଣ୍ଣ ସମ୍ବନ୍ଧରେ ପଲିସୀ ନେବା ସମୟରେ ନିଶ୍ଚିତ ଭାବେ ପ୍ରକଟୀକରଣ କରିବା ଉଚିତ ।

**ମହତ୍ୱପୂର୍ଣ୍ଣ**

ମୃତ୍ୟୁ ଲାଭଗୁଡିକ ସମୟ ସମୟରେ ଜାରୀ କରାଯାଉଥିବା ଆଇ.ଆର୍.ଡି.ଏ.ଆଇ. ର ବିନିୟମନ ଅନ୍ତର୍ଗତ ହୋଇଥାଏ । ବର୍ତ୍ତମାନ ସମୟରେ, ପାରମ୍ପରିକ ଉତ୍ପାଦ ସମ୍ବନ୍ଧୀୟ ଆଇ.ଆର୍.ଡି.ଏ.ଆଇ. (ଅଣ-ଲିଙ୍କ୍ଡ) ଉତ୍ପାଦ ବିନିୟମନ, 2019 ର ବିନିୟମନ 9 ଅନୁଯାୟୀ, ସର୍ବନିମ୍ନ ମୃତ୍ୟୁ ସୁରକ୍ଷା ନିମ୍ନ ଭଳି ଅଟେ:

ସମସ୍ତ ଅଣ-ଲିଙ୍କ୍ଡ ବୈୟକ୍ତିକ ଜୀବନ ବୀମା ଉତ୍ପାଦଗୁଡିକ ପାଇଁ, ପଲିସୀର ସମଗ୍ର ଅବଧି ମଧ୍ୟରେ ମୃତ୍ୟୁ ଉପରେ ସର୍ବନିମ୍ନ ବୀମା ରାଶି, ସୀମିତ କିମ୍ବା ନିୟମିତ ପ୍ରିମିୟମ ଉତ୍ପାଦଗୁଡିକ ପାଇଁ, ବାର୍ଷିକୀକୃତ ପ୍ରିମିୟମର 7 ଗୁଣଠାରୁ, ଏବଂ ଏକଳ ପ୍ରିମିୟମ ଉତ୍ପାଦଗୁଡିକ ପାଇଁ ଗୋଟିଏ ପ୍ରିମିୟମର 1.25 ଗୁଣ ଠାରୁ କମ୍ ହେବ ନାହିଁ ।

ସହଭାଗୀତା ଉତ୍ପାଦଗୁଡିକ ପାଇଁ, ମୃତ୍ୟୁରେ ବୀମା ରାଶି ଅତିରିକ୍ତ, ପଲିସୀରେ ଉଲ୍ଲେଖ କରାଯାଇଥିବା ଅନୁସାରେ ଓ ମୃତ୍ୟୁ ତାରିଖ ପର୍ଯ୍ୟନ୍ତ ଉପାର୍ଜିତ ବୋନସ ଓ ଅତିରିକ୍ତ ଲାଭସବୁ, ଯଦି ପୂର୍ବରୁ ପ୍ରଦାନ କରାଯାଇ ନ ଥିବ, ମୃତ୍ୟୁ ପରେ ମୃତ୍ୟୁ ଲାଭର ଅଂଶ ରୂପେ, ଦେୟ ହେବ । ବସ୍ତୁତଃ, ଦୁଇ ପ୍ରକାରର ଯୋଜନା ଅଛି, ସହଭାଗୀତା ଏବଂ ଅଣ-ସହଭାଗୀତା ଯୋଜନା ।

i. ସହଭାଗୀତା ପଲିସୀଗୁଡିକ ପାଇଁ, ବୋନସ ଟି ନିଧିର ନିବେଶ ସଂପାଦନ ସହିତ ସଂଯୁକ୍ତ ଥାଏ ଏବଂ ପୂର୍ବରୁ ଘୋଷିତ କିମ୍ବା ଗ୍ୟାରେଣ୍ଟିଯୁକ୍ତ କରାଯାଇ ନ ଥାଏ । ବୋନସକୁ ଥରେ ଘୋଷିତ କରିଦେଲେ, ଏହା ଗ୍ୟାରେଣ୍ଟି ହୋଇଯାଏ । ଏହାକୁ ସାଧାରଣତଃ ପଲିସୀଧାରକର ମୃତ୍ୟୁ ଘଟଣାରେ କିମ୍ବା ପରିପକ୍ୱତା ଲାଭ ରୂପେ ଦିଆଯାଇଥାଏ । ଏହି ବୋନସକୁ ପ୍ରତ୍ୟାବର୍ତ୍ତୀ ବୋନସ ମଧ୍ୟ କୁହାଯାଏ ।

ii. ଅଣ-ସହଭାଗୀତା ପଲିସୀଗୁଡିକ କ୍ଷେତ୍ରରେ, ପଲିସୀ ଉପରେ ରିଟର୍ଣ୍ଣ ବିଷୟରେ ପଲିସୀର ଆରମ୍ଭରେ ହିଁ ପ୍ରକଟ କରାଯାଇଥାଏ ।

## 7. ପେନସନ୍ ଯୋଜନା ଏବଂ ଏନୁଇଟୀ (ବାର୍ଷିକୀ)

ଏକ ପେନସନ ଯୋଜନା ହେଉଛି ସାଧାରଣତଃ ଏକ ନିଧି ଯେଉଁଥିରେ ଏକ ବ୍ୟକ୍ତିର ନିଯୁକ୍ତି ସମୟାବଧିରେ ଟଙ୍କା ପ୍ରଦାନ କରାଯାଇଥାଏ ଏବଂ ଯେଉଁ ନିଧିଠାରୁ ତା' କାର୍ଯ୍ୟରୁ ସେବାନିବୃତି ପରେ ବ୍ୟକ୍ତିକୁ ସହାୟତା ଯୋଗାଇବା ପାଇଁ ଆବଧିକ ରାଶିପ୍ରଦାନ ରୂପେ ଟଙ୍କା ବାହାର କରାଯାଇଥାଏ ।

ପେନସନ୍ ଯୋଜନାସବୁର ଅଭିକଳ୍ପନା ସମୂହ ଉପରେ (ସାଧାରଣତଃ ନିଯୁକ୍ତିକର୍ତ୍ତା ପ୍ରେରିତ) କିମ୍ବା ବୈୟକ୍ତିକ ଆଧାରରେ କରାଯାଇଥାଏ । ଏକ ସମୂହ ପେନସନ୍ କୁ ଏକ "ନିର୍ଦ୍ଧାରିତ ଲାଭ ଯୋଜନା" ହୋଇପାରେ, ଯେଉଁଠି ଏକ ବ୍ୟକ୍ତିକୁ ନିୟମିତ ରୂପେ ନିଶ୍ଚିତ ରାଶି ପ୍ରଦାନ କରାଯାଏ, କିମ୍ବା ଏକ "ନିର୍ଦ୍ଧାରିତ ଅଂଶଦାନ ଯୋଜନା" ହୋଇପାରେ, ଯାହା ଅନ୍ତର୍ଗତ ଏକ ନିଶ୍ଚିତ ରାଶିର ନିବେଶ କରାଯାଏ ଯାହା ସେବାନିବୃତି (ଅବସର ଗ୍ରହଣ) ସମୟରେ ଉପଲବ୍ଧ ହୋଇଥାଏ । ପେନସନସବୁ ବସ୍ତୁତଃ ଗ୍ୟାରେଣ୍ଟିଯୁକ୍ତ ଜୀବନ ଏନୁଇଟୀ ହୋଇଥାନ୍ତି, ଏବଂ ଏ ପ୍ରକାରେ ଦୀର୍ଘଜୀବନର ସଙ୍କଟ ବିରୁଦ୍ଧରେ ବୀମିତ ହୋଇଥାଏ । ଏକ କର୍ମଚାରୀର ଲାଭ ପାଇଁ ନିଯୁକ୍ତିଦାତା ଦ୍ୱାରା ଜାତ କରାଯାଇଥିବା ଏକ ପେନସନକୁ ସାଧାରଣତଃ ଏକ ବ୍ୟବସାୟିକ କିମ୍ବା ନିଯୁକ୍ତିଦାତା ପେନସନ ରୂପେ ସୂଚୀତ କରାଯାଇଥାଏ ।

ଅବସରଗ୍ରହଣ ପରେ, ସଦସ୍ୟର ଆକାଉଣ୍ଟରେ ଥିବା ଟଙ୍କାକୁ ସେବାନିବୃତି ଲାଭ ପ୍ରଦାନ କରିବାରେ ଉପଯୋଗ କରାଯାଏ, ସାଧାରଣତଃ ଏକ ଏନୁଇଟୀ କ୍ରୟ କରି ଯାହା ପରେ ଏକ ନିୟମିତ ଆୟ ଦେଇଥାଏ । ଏକ ଏନୁଇଟୀ ହେଉଛି ଜଣକର ଆୟର ସମାପ୍ତିର ସଙ୍କଟଠାରୁ ତାକୁ ସୁରକ୍ଷା ପ୍ରଦାନରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରି ଏକ ବୀମା କମ୍ପାନୀ ଦ୍ୱାରା ଜାରୀ କରାଯାଇଥିବା ଏକ ଦୀର୍ଘାବଧି ନିବେଶ । ବାର୍ଷିକୀକରଣ ଜରିଆରେ, ଜଣକର ଅଂଶଦାନସବୁକୁ ଆବଧିକ ରାଶିପ୍ରଦାନରେ ପରିବର୍ତ୍ତିତ କରାଯାଏ ଯାହା ସାରା ଜୀବନ ପାଇଁ ରହିପାରେ ।

ବ୍ୟକ୍ତିମାନେ ବୀମା କମ୍ପାନୀମାନଙ୍କଠାରୁ ପେନସନ ଯୋଜନା କ୍ରୟ କରି ପେନସନର ଲାଭ ଉଠାଇପାରନ୍ତି । ପେନସନ ଯୋଜନାଗୁଡିକ ସଂଚୟୀକରଣ କିମ୍ବା ବିଳମ୍ବିତ ଆଧାରରେ ହୋଇଥାଏ ଯାହା ଏକ ବ୍ୟକ୍ତିକୁ ଦୁଇ ଉପାୟରେ ଅଂଶଦାନ କରିବାର ଅନୁମତି ଦେଇଥାଏ, (i) ଏକ ମୋଟା ଆକାରରେ, କିମ୍ବା (ii) ଏକ ସମୟାବଧିରେ; ଯାହାଫଳରେ ସେ ବାଞ୍ଛିତ ଆୟୁ/ତାରିଖ ('ଭେଷ୍ଟିଙ୍ଗ'ତାରିଖ କୁହାଯାଉଥିବା) ଠାରୁ ଏକ ପେନସନ୍ ପ୍ରାପ୍ତ କରିପାରେ । ଜଣେ ପେନସନ/ଏନୁଇଟୀକୁ ମାସିକ, ତ୍ରୈମାସିକ, ଅର୍ଦ୍ଧ-ବାର୍ଷିକ କିମ୍ବା ବାର୍ଷିକ ପଦ୍ଧତିରେ ପ୍ରାପ୍ତ କରିବା ପାଇଁ ବିକଳ୍ପ ଦେଇପାରେ । ପେନସନ ଯୋଜନାସବୁ ଏକ ମୋଟା ରାଶି ପରିମାଣ ପ୍ରଦାନ କରି, କ୍ରୟର ପରବର୍ତ୍ତୀ ମାସରୁ ତତ୍କାଳ ଆଧାରରେ ମଧ୍ୟ ଉପଲବ୍ଧ ହୋଇପାରନ୍ତି, ଯାହାକୁ ତତ୍କାଳ ଏନୁଇଟୀ କୁହାଯାଏ ।

ଭାରତୀୟ ବୀମା ଉଦ୍ୟୋଗରେ ଜୀବନ ବୀମାକର୍ତ୍ତାମାନଙ୍କ ଦ୍ୱାରା ମାର୍କେଟ୍ କରାଯାଉଥିବା ଅନେକ ବିଳମ୍ବିତ ଓ ତତ୍କାଳ ଏନୁଇଟୀ ଉତ୍ପାଦ ଅଛନ୍ତି । ପ୍ରତ୍ୟେକ ଉତ୍ପାଦର ନିଜର ବିଶେଷତା, ନିୟମାବଳୀ, ସର୍ତ୍ତାବଳୀ ଏବଂ ଏନୁଇଟୀ ବିକଳ୍ପ ରହିଥାଏ ।

**ସରଳ ପେନସନ:** ବୀମାକର୍ତ୍ତାମାନଙ୍କ ମଧ୍ୟରେ ସମାନତା ରଖିବା ପାଇଁ, ଏନୁଇଟୀ ଯୋଜନା ସମ୍ବନ୍ଧରେ ବଜାରରେ ଭ୍ରାନ୍ତିକୁ କମ୍ କରିବା ପାଇଁ, ଏବଂ ସେହି ଉତ୍ପାଦ, ଯାହା ବଡ଼ ଆକାରରେ ଏକ ମଧ୍ୟମ ବର୍ଗୀୟ ଗ୍ରାହକର ଆବଶ୍ୟକତାସବୁକୁ ପୂରଣ କରିବ, ତାକୁ ଉପଲବ୍ଧ କରାଇବା ପାଇଁ, ଜାନୁଆରୀ 2021 ରେ, ଆଇ.ଆର.ଡ.ଏ.ଆଇ. ସମସ୍ତ ଜୀବନକର୍ତ୍ତାମାନଙ୍କୁ, ଏକ ବୈୟକ୍ତିକ (ସମୂହ ନୁହେଁ) ଆଧାରରେ, ସରଳ ବିଶେଷତା ଏବଂ ମାନକ ନିୟମ ଓ ସର୍ତ୍ତାବଳୀ ଥିବା, ଏକ ମାନକ,ତତ୍କାଳ ଏନୁଇଟୀ ଉତ୍ପାଦ ପ୍ରବର୍ତ୍ତିତ କରିବା ପାଇଁ ଶାସନାଦେଶ ଜାରୀ କରିଛି I ସେଭଳି ଏକ ମାନକ ଉତ୍ପାଦ, ଗ୍ରାହକମାନଙ୍କ ପାଇଁ ସୂଚୀତ ବିକଳ୍ପର ଚୟନ କରିବା ପାଇଁ, ବୀମାକର୍ତ୍ତା ଓ ବୀମିତଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି କରିବା ପାଇଁ, ଏବଂ କୁ-ବିକ୍ରୟ ତଥା ସମ୍ଭାବ୍ୟ ବିବାଦକୁ କମ୍ କରିବା ପାଇଁ ଅଧିକ ସହଜ କରିଦେବ I

ମାନକ ବୈୟକ୍ତିକ ତତ୍କାଳ ଏନୁଇଟୀ ଉତ୍ପାଦକୁ "ସରଳ ପେନସନ" କୁହାଯାଏ, ଯାହାକୁ ପୂର୍ବରୁ ବୀମାକର୍ତ୍ତାର ନାମ ଲଗାଯାଇଥାଏ I ଉତ୍ପାଦ ନିମ୍ନରେ ଦିଆଯାଇଥିବା ଦୁଇ (ଏବଂ କେବଳ ଦୁଇ) ଗୋଟି ଏନୁଇଟୀ ବିକଳ୍ପ ପ୍ରଦାନ କରେ:

a) ଜୀବନ ଏନୁଇଟୀ-କ୍ରୟମୂଲ୍ୟର 100% ଫେରସ୍ତ ଥାଇ; ଏବଂ

b) ସଂଯୁକ୍ତ ଜୀବନ ଏନୁଇଟୀ-ପ୍ରାଥମିକ ବାର୍ଷିକଗ୍ରାହୀ (ଏନୁଇଟାନ୍ଟ) ର ମୃତ୍ୟୁରେ ଦ୍ୱିତୀୟକ ବାର୍ଷିକୀଗ୍ରାହୀକୁ 100% ଫେରସ୍ତର ପ୍ରାବଧାନ ଥାଇ I

ଏନୁଇଟୀ ପ୍ରଦାନର ପଦ୍ଧତି ମାସିକ, ତ୍ରୈମାସିକ, ଅର୍ଦ୍ଧ-ବାର୍ଷିକ ଏବଂ ବାର୍ଷିକ ହୋଇପାରେ I ବିସ୍ତୃତ ବିବରଣୀ ଆଇ.ଆର.ଡି.ଏ.ଆଇ.ର ୱେବସାଇଟ୍ ରେ ନିମ୍ନଲିଖିତ ଲିଙ୍କ୍ ରେ ଉପଲବ୍ଧ ଅଛି - https://www.irdai.gov.in/ADMINCMS/cms/whatsNew_Layout.aspx?page=PageNo4353&flag=1

| ସ୍ୱୟଂ ପରୀକ୍ଷା କରନ୍ତୁ2 |
|---|

ସଂପୂର୍ଣ୍ଣ ଜୀବନ ବୀମା ପାଇଁ ପ୍ରଦାନ କରାଯାଉଥିବା ପ୍ରିମିୟମ ମିଆଦି ବୀମା ପାଇଁ ପ୍ରଦାନ କରାଯାଇଥିବା ପ୍ରିମିୟମ ଠାରୁ ____________ ହୋଇଥାଏ I

I. ଅଧିକ

II. କମ୍

III. ସମାନ

IV. ଅତ୍ୟନ୍ତ ଅଧିକ

| **ସାରାଂଶ** |
|---|

- ଜୀବନ ବୀମା ଉତ୍ପାଦଗୁଡିକ ଏକ ବ୍ୟକ୍ତିର ଉତ୍ପାଦକ କ୍ଷମତାର ଆର୍ଥିକ ମୂଲ୍ୟର ହାନି ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରନ୍ତି, ଯାହା ତାର ଆଶ୍ରିତମାନଙ୍କ ପାଇଁ କିମ୍ବା ନିଜ ପାଇଁ ଉପଲବ୍ଧ ଥାଏ I
- ଏକ ଜୀବନ ବୀମା ପଲିସୀ, ମୂଳତଃ, ବ୍ୟକ୍ତିର ନିକଟତମ ଓ ପ୍ରିୟ ଜନମାନଙ୍କୁ ମାନସିକ ଶାନ୍ତି ଓ ସୁରକ୍ଷା ପ୍ରଦାନ କରିଥାଏ ଯଦି ତାର କିଛି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟେ I

- ମିଆଦି/ଅବଧି ବୀମା ଏକ ନିର୍ଦ୍ଦିଷ୍ଟ ସମୟାବଧି, ଯାହାକୁ ଚୁକ୍ତିରେ ବିନିର୍ଦ୍ଦିଷ୍ଟ କରାଯାଇଥିବ, ତା' ପାଇଁ କେବଳ ବୈଧ ସୁରକ୍ଷା ପ୍ରଦାନ କରିଥାଏ ।
- ମିଆଦି ବୀମାର ଅନନ୍ୟ ବିକ୍ରୟ ପ୍ରସ୍ତାବ (USP) ହେଉଛି ଏହାର ନିମ୍ନ ମୂଲ୍ୟ, ଯାହା ଜଣେ ବ୍ୟକ୍ତିକୁ ଏକ ସୀମିତ ବଜେଟ୍ ମଧ୍ୟରେ ଅପେକ୍ଷାକୃତ ଅଧିକ ପରିମାଣର ଜୀବନ ବୀମା କ୍ରୟ କରିବାପାଇଁ ସକ୍ଷମ କରାଇଥାଏ ।
- ଯେତେବେଳେ ମିଆଦି ବୀମା ପଲିସୀଗୁଡିକ ଅସ୍ଥାୟୀ ବୀମାର ଉଦାହରଣ ଅଟନ୍ତି, ଯେଉଁଠି ବୀମା ସୁରକ୍ଷା ଏକ ଅସ୍ଥାୟୀ ସମୟାବଧି ପାଇଁ ଉପଲବ୍ଧ ହୋଇଥାଏ, ସଂପୂର୍ଣ୍ଣ ଜୀବନ ବୀମା ଏକ ସ୍ଥାୟୀ ଜୀବନ ବୀମା ପଲିସୀର ଉଦାହରଣ ଅଟେ ।

**ମୁଖ୍ୟ ପଦାବଳୀ**

1. ମିଆଦି/ଅବଧି ବୀମା
2. ସଂପୂର୍ଣ୍ଣ ଜୀବନ ବୀମା
3. ଏଣ୍ଡାଓମେଣ୍ଟ ବୀମା
4. ମନି ବ୍ୟାକ୍ ପଲିସୀ
5. ପାର୍ (Par) ଏବଂ ନନ୍–ପାର୍ (non-par) ଯୋଜନା
6. ପ୍ରତ୍ୟାବର୍ତ୍ତୀ ବୋନସ

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି III

ଉତ୍ତର 2 - ସଠିକ୍ ବିକଳ୍ପ ହେଉଛି I

# ଅଧ୍ୟାୟ L-04

## ଜୀବନ ବୀମା ଉତ୍ପାଦ : ଅଣ-ପାରମ୍ପରିକ

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟ ଆପଣଙ୍କୁ ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦମାନଙ୍କ ଦୁନିଆଁ ସହିତ ପରିଚିତ କରାଇବ । ଆମେମାନେ ପାରମ୍ପରିକ ଜୀବନ ବୀମା ଉତ୍ପାଦମାନଙ୍କ ସୀମାଗୁଡିକୁ ପରୀକ୍ଷା କରିବା ସହିତ ଆରମ୍ଭ କରିବା ଏବଂ ତା'ପରେ ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦମାନଙ୍କ ଆକର୍ଷଣ ଆଡ଼େ ଦୃଷ୍ଟିପାତ କରିବା । ଅନ୍ତିମରେ ଆମେମାନେ ବଜାରରେ ଉପଲବ୍ଧ ବିଭିନ୍ନ ପ୍ରକାରର ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦମାନଙ୍କ ମଧ୍ୟରୁ କେତେକକୁ ଦେଖିବା ।

**ଅଧ୍ୟୟନ ପରିଣାମ**

A. ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦମାନଙ୍କ ଉପରେ ବିହଙ୍ଗାବଲୋକନ

B. ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦ

## A. ଅଣ –ପାରମ୍ପରିକ ଜୀବନ ବୀମା ଉତ୍ପାଦମାନଙ୍କ ଉପରେ ବିହଙ୍ଗାବଲୋକନ

### 1. ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦ – ଉଦ୍ଦେଶ୍ୟ ଏବଂ ଆବଶ୍ୟକତା

ପୂର୍ବବର୍ତ୍ତୀ ଅଧ୍ୟାୟମାନଙ୍କରେ ଆମେମାନେ କେତେକ ପାରମ୍ପରିକ ଜୀବନ ବୀମା ଉତ୍ପାଦ ଉପରେ ବିଚାର କରିଛୁ ଯେଉଁମାନଙ୍କ ମଧ୍ୟରେ ବୀମା ଏବଂ ସଂଚୟ ତତ୍ତ୍ୱ ରହିଥାନ୍ତି ।

ଲୋକମାନେ ଆର୍ଥିକ ବଜାରରେ ଥିବା ଅନ୍ୟାନ୍ୟ ପରିସମ୍ପତ୍ତି ତୁଳନୀୟ ରିଟର୍ଣ୍ଣ (ପ୍ରତିଫଳ) ର ହାର ପ୍ରଦାନ କରିବା ପାଇଁ ପାରମ୍ପରିକ ଜୀବନ ବୀମା ପଲିସୀମାନଙ୍କ କ୍ଷମତା ଉପରେ ପ୍ରଶ୍ନ କରିଆସୁଛନ୍ତି । ଲାଭ ଓ ପ୍ରିମିୟମଗୁଡିକର କେବଳ ଏକମାତ୍ର ପ୍ୟାକେଜ୍ ରେ ଯେଉଁ ପ୍ରକାରରେ ସେସବୁକୁ ସଂରଚିତ କରାଯାଇଛି, ସେ ବିଷୟରେ ବି ପ୍ରଶ୍ନସବୁ ଉଠାଯାଇଛି ।

### 2. ପାରମ୍ପରିକ ଉତ୍ପାଦମାନଙ୍କ ସୀମା

ଏକ ଗମ୍ଭୀର ପରୀକ୍ଷା ନିମ୍ନଲିଖିତ ଚିନ୍ତାର କ୍ଷେତ୍ରକୁ ଦର୍ଶାଇବ:

**ନଗଦ ମୂଲ୍ୟ ଘଟକ :** ପାରମ୍ପରିକ ପଲିସୀମାନଙ୍କରେ ସଂଚୟ କିମ୍ବା ନଗଦ ମୂଲ୍ୟ ଘଟକ ଉତ୍ତମ ରୂପେ ପରିଭାଷିତ କରାଯାଇ ନ ଥାଏ । ଏହା ଏହାକୁ ମୃତ୍ୟୁ ହାର, ସୁଧ ହାର, ଖର୍ଚ୍ଚ ଏବଂ କରାଯାଇଥିବା ଅନ୍ୟାନ୍ୟ ମାପଦଣ୍ଡ ବିଷୟରେ କମ୍ ପାରଦର୍ଶୀ କରିଥାଏ ।

**ରିଟର୍ଣ୍ଣ (ପ୍ରତିଫଳ) ର ହାର:** ପାରମ୍ପରିକ ପଲିସୀମାନଙ୍କରେ ରିଟର୍ଣ୍ଣର ହାର ସୁନିଶ୍ଚିତ କରିବା ସହଜ ନୁହଁ କାରଣ "ଲାଭ ସହିତ ପଲିସୀ" ମାନଙ୍କ ଅନ୍ତର୍ଗତ ଲାଭସବୁର ମୂଲ୍ୟ ଜଣା ପଡ଼ିପାରେ କେବଳ ସେତେବେଳେ ଯେତେବେଳେ ଚୁକ୍ତି ସମାପ୍ତ ହୋଇଯାଏ । ଏହା ଏହି ପଲିସୀଗୁଡିକୁ ଅନ୍ୟାନ୍ୟ ଆର୍ଥିକ ସାଧନ ସହିତ ତୁଳନା କରିବାରେ ଏହାକୁ କଷ୍ଟସାଧ କରିଥାଏ ।

**ପସମର୍ପଣ ମୂଲ୍ୟ**: ନଗଦ ଏବଂ ସମର୍ପଣ ମୂଲ୍ୟକୁ ନିରୂପଣ କରିବାର ପଦ୍ଧତି (କୌଣସି ବି ସମୟରେ), କୁ ବୀମାକର୍ତ୍ତା ଦ୍ୱାରା ନିର୍ଦ୍ଧାରିତ କରାଯାଇଥାଏ ଏବଂ ପାରଦର୍ଶିତାକୁ ନୁହେଁ ।

**ଉପାର୍ଜନ**: ଏହିସବୁ ପଲିସୀ ଉପରେ ଉପାର୍ଜନ ଅନ୍ୟାନ୍ୟ ନିବେଶଠାରୁ ଅତି କମ୍ ହୋଇଥାଏ ।

**3.** ଅଣ-ପାରମ୍ପରିକ ପଲିସୀମାନଙ୍କ ବିଶେଷତା: ଜୀବନ ବୀମା କମ୍ପାନୀମାନେ କେତେକ ନବାଚାର ବିଶିଷ୍ଟ ବିଶେଷତା ଥିବା ପଲିସୀମାନଙ୍କୁ ଡିଜାଇନ୍ କରିବା ଆରମ୍ଭ କରିଥିଲେ, ଯାହା ମଧ୍ୟରୁ କେତେକ ସମ୍ବନ୍ଧରେ ନିମ୍ନରେ ଦିଆଗଲା:

**a) ନିବେଶ ଲାଭ ସହିତ ପ୍ରତ୍ୟକ୍ଷ ସଂଯୋଗ:** ପୁଞ୍ଜି ବଜାର ସହିତ ପ୍ରତ୍ୟକ୍ଷ ସଂଯୋଗ ଥିବା ପଲିସୀଗୁଡିକୁ ନିବେଶ ଲାଭ କରିବାର ପ୍ରୟାସ ପାଇଁ ଡିଜାଇନ୍ କରାଯାଇଥିଲା ।

**b) ସେହିସବୁ ପଲିସୀ ଯାହା ମୁଦ୍ରାସ୍ଫୀତିକୁ ହରାଇପାରନ୍ତି:** ପଲିସୀଗୁଡିକୁ ମୁଦ୍ରାସ୍ଫୀତି ହାରର ନିକଟତର ରିଟର୍ଣ୍ଣ ଦେବା ପାଇଁ ଡିଜାଇନ୍ କରାଯାଇଥିଲା । ପରିବର୍ତ୍ତନ ଏହା ହୋଇଥିଲା ଯେ ବୀମାକର୍ତ୍ତାମାନେ ଏହା ଚିନ୍ତା କରିବା ଆରମ୍ଭ କଲେ ଯେ ପଲିସୀଗୁଡିକ ମେଳ ଖାଇବା ଆବଶ୍ୟକ ଯଦିଓ ସେମାନେ ମୁଦ୍ରାସ୍ଫୀତିକୁ ହରାଇ ନ ପାରିଲେ ।

**c) ନମନୀୟତା ଥିବା ପଲିସୀ:** ସେହି ପଲିସୀଗୁଡିକ ଯାହା ଗ୍ରାହକମାନଙ୍କୁ ସେହି ରାଶି (କିଛି ସୀମା ମଧ୍ୟରେ) ନିର୍ଣ୍ଣୟ କରିବାର ସ୍ୱୀକୃତି ଦେଲା ଯାହା ସେମାନେ ପ୍ରଦାନ କରିବା ପାଇଁ ଚାହିଁବେ; ଏବଂ ମୃତ୍ୟୁ ଲାଭ ଓ ନଗଦ ମୂଲ୍ୟର ପରିମାଣ ଯାହା ସେମାନେ ଚାହିଁଲେ, ତାହାର ଡିଜାଇନ୍ କରାଗଲା ।

**d) ସମର୍ପଣ ମୂଲ୍ୟ:** ସେହି ପଲିସୀଗୁଡିକ ଯାହା ପାରମ୍ପରିକ ପଲିସୀ ଅନ୍ତର୍ଗତ ଉପଲବ୍ଧ ଅଧିକ ଉତ୍ତମ ସମର୍ପଣ ମୂଲ୍ୟ ଦେଲେ, ସେସବୁକୁ ମଧ୍ୟ ବୀମାକର୍ତ୍ତାମାନଙ୍କ ଦ୍ୱାରା ଡିଜାଇନ୍ କରାଗଲା ।

ଏହି ପଲିସୀଗୁଡିକ ଅତ୍ୟନ୍ତ ଲୋକପ୍ରିୟ ହେଲେ ଏବଂ ଏପରିକି ଭାରତ ସମେତ ଅନେକ ଦେଶରେ ପାରମ୍ପରିକ ଉତ୍ପାଦଗୁଡିକର ସ୍ଥାନ ନେବା ଆରମ୍ଭ କଲେ ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ନିମ୍ନ ମଧ୍ୟରୁ କେଉଁଟି ଏକ ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦ ଅଟେ ?

I. ମିଆଦି ବୀମା

II. ବିଶ୍ୱବ୍ୟାପୀ ଜୀବନ ବୀମା

III. ଏଣ୍ଡାଓମେଣ୍ଟ ବୀମା

IV. ସଂପୂର୍ଣ୍ଣ ଜୀବନ ବୀମା

## B. ଅଣ-ପାରମ୍ପରିକ ଜୀବନ ବୀମା ଉତ୍ପାଦ

କେତେକ ଅଣ-ପାରମ୍ପରିକ ଉତ୍ପାଦ

ଆମେମାନେ କେତେଗୁଡିଏ ଅଣ-ପାରମ୍ପରିକ ଉତ୍ପାଦ ବିଷୟରେ ଆଲୋଚନା କରିବା ଯାହାସବୁ ଭାରତୀୟ ବଜାର ଏବଂ ଅନ୍ୟ ସ୍ଥାନରେ ବି ଆବିର୍ଭାବ ହୋଇଛନ୍ତି ।

### 1. ବିଶ୍ୱବ୍ୟାପୀ ଜୀବନ ଏବଂ ପରିବର୍ତ୍ତନୀୟ ଜୀବନ

ବିଶ୍ୱବ୍ୟାପୀ ଜୀବନ ପଲିସୀକୁ 1979 ରେ ଯୁକ୍ତରାଷ୍ଟ୍ରରେ ଆରମ୍ଭ କରାଯାଇଥିଲା ଏବଂ ଶୀଘ୍ର ଅତ୍ୟନ୍ତ ଲୋକପ୍ରିୟ ହୋଇଗଲା । ଏହାର ବିଶେଷତାଗୁଡିକ ହେଉଛି ନମନୀୟ ପ୍ରିମିୟମ, ନମନୀୟ ଫେସ୍ ରାଶି ଏବଂ ମୃତ୍ୟୁ ଲାଭ ରାଶି । ପାରମ୍ପରିକ ପଲିସୀ, ଯେଉଁଠି ଚୁକ୍ତିକୁ ପ୍ରଭାବୀ ରଖିବା ପାଇଁ ଆବଧିକ ରୂପେ ନିର୍ଦ୍ଧାରିତ ପ୍ରିମିୟମ ଦେବାକୁ ପଡ଼ିଥାଏ, ଏହାର ବିପରୀତ ବିଶ୍ୱବ୍ୟାପୀ ଜୀବନ ପଲିସୀଗୁଡିକ ପଲିସୀଧାରକକୁ ସେହି ପ୍ରିମିୟମ ରାଶିକୁ ନିର୍ଣ୍ଣୟ କରିବାର ସ୍ୱୀକୃତି ଦିଅନ୍ତି ଯାହା ସେ ବୀମା ସୁରକ୍ଷା ପାଇଁ ଦେବା ପାଇଁ ଚାହେଁ ।

ପରିବର୍ତ୍ତନୀୟ ଜୀବନକୁ 1977 ରେ ଯୁକ୍ତରାଷ୍ଟ୍ରରେ ଆରମ୍ଭ କରାଯାଇଥିଲା । ଏହା ଏକ ପ୍ରକାରର "ସଂପୂର୍ଣ୍ଣ ଜୀବନ" ପଲିସୀ ଅଟେ ଯେଉଁଠି ଏକ ବିଶେଷ ନିବେଶ ଆକାଉଣ୍ଟ ଯେଉଁଠି ପ୍ରିମିୟମ ଜମା ହୋଇଥାଏ, ତାହାର ନିବେଶ ନିଷ୍ପାଦନ ଅନୁସାରେ ପଲିସୀର ମୃତ୍ୟୁ ଲାଭ ଏବଂ ନଗଦ ମୂଲ୍ୟର ପରିବର୍ତ୍ତନ ହୋଇଥାଏ ।

ଉପରୋକ୍ତ ଦୁଇ ପ୍ରକାରର ଉତ୍ପାଦ ଯାହାକୁ ପରିବର୍ତ୍ତନୀୟ ବୀମା ଉତ୍ପାଦ କୁହାଯାଏ, ସେଗୁଡିକର ଡିଜାଇନ୍ ଏବଂ ବିକ୍ରୟ କୁ ବନ୍ଦ କରାଯାଇଛି ଏବଂ ଆଇ.ଆର.ଡି.ଏ.ଆଇ.(ଯୁଲିପ୍) ବିନିୟମନ, 2019 ର ସଂସ୍କରଣ ରେ 2019 ଠାରୁ ଭାରତରେ ଅନୁମତି ନାହିଁ ।

### 2. ୟୁନିଟ୍ ଲିଙ୍କ୍ଡ ବୀମା

ୟୁନିଟ୍ ଲିଙ୍କ୍ଡ ବୀମା ଯୋଜନା, ଯାହା ୟୁଲିପ୍ (ULIP) ରୂପେ ବି ପରିଚିତ, ସେସବୁକୁ ପ୍ରଥମେ 1960 ଦଶକରେ ଯୁକ୍ତରାଜ୍ୟରେ ଆରମ୍ଭ ହୋଇଥିଲା । ସେଗୁଡିକ ଆଜିକାଲି ସବୁଠୁ ଜନପ୍ରିୟ ଓ ମହତ୍ୱପୂର୍ଣ୍ଣ ଉତ୍ପାଦମାନଙ୍କ ମଧ୍ୟରୁ ଗୋଟିଏ ରୂପେ ଆବିର୍ଭୂତ ହୋଇଛନ୍ତି, ଯାହା ଅନେକ ଗୁଡିଏ ବଜାରରେ ପାରମ୍ପରିକ ଯୋଜନାସବୁର ସ୍ଥାନ ନେଇଛନ୍ତି ।

ୟୁନିଟ୍ ଲିଙ୍କ୍ଡ ପଲିସୀମାନେ ପାରମ୍ପରିକ ଉତ୍ପାଦମାନଙ୍କ ସୀମାକୁ ଅତିକ୍ରମ କରିବାରେ ସାହାଯ୍ୟ କରିଥାନ୍ତି ।

ପଲିସୀଧାରକ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରିମିୟମ ଦୁଇ ମୁଖ୍ୟ ଅଂଶରେ ବିଭାଜିତ ହୋଇଥାଏ

- ପ୍ରଥମ ଅଂଶ ଯାହାକୁ ବୀମା ସୁରକ୍ଷା ପ୍ରଦାନ କରିବା ପାଇଁ ଉପଯୋଗ କରାଯାଏ, ଏବଂ
- ଦ୍ୱିତୀୟ ଅଂଶ ଯାହାକୁ ବୀମିତ ଦ୍ୱାରା ଚୟନ କରାଯାଉଥିବା ନିଧିରେ ନିବେଶ କରାଯାଏ ।

ସେଭଳି ଚୁକ୍ତିଗୁଡିକ ଅନ୍ତର୍ଗତ ଲାଭସବୁକୁ ସଂପୂର୍ଣ୍ଣରୂପେ କିମ୍ବା ଆଂଶିକରୂପେ ସେହି ତାରିଖ, ଯେବେ ରାଶିପ୍ରଦାନ ଦେୟ ହୁଏ, ରେ ପଲିସୀଧାରକର ଆକାଉଣ୍ଟରେ ଜମା ହେଉଥିବା ୟୁନିଟ୍ ସବୁର ମୂଲ୍ୟ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ।

ଅନେକ ବଜାରରେ ଏହି ପଲିସୀମାନଙ୍କୁ ଏକ ସଂଲଗ୍ନ ବୀମା ଘଟକ ସହିତ ନିବେଶ ସାଧନ ରୂପେ ସ୍ଥାନିତ କରାଯାଉଥିଲା ଏବଂ ବିକ୍ରି କରାଯାଉଥିଲା ।

ପାରମ୍ପରିକ ସଂଚୟ ପଲିସୀ ଯେଉଁସବୁକୁ ବଣ୍ଡଲ୍ କରାଯାଏ, ତା' ବିପରୀତ ୟୁନିଟ୍ ଲିଙ୍କ୍ଡ ଚୁକ୍ତିସବୁକୁ ଖୋଲା କରାଯାଏ । ସ୍ପଷ୍ଟ ରୂପେ ବିନିର୍ଦ୍ଦିଷ୍ଟ କରାଯାଇଥିବା ବୀମା ଓ ବ୍ୟୟ ଘଟକ ପାଇଁ ପ୍ରଦାନ କରିବାକୁ ଥିବା ଚାର୍ଜ ଥାଇ ସେମାନଙ୍କ ସଂରଚନା ପାରଦର୍ଶୀ ହୋଇଥାଏ ।

**ଚିତ୍ର 1 : ପ୍ରିମିୟମ ବ୍ରେକ୍-ଅପ୍**




ପ୍ରିମିୟମଠାରୁ ଚାର୍ଜସବୁକୁ କାଟିବା ପରେ, ଆକାଉଣ୍ଟର ଅବଶିଷ୍ଟ ଓ ଆୟକୁ ୟୁନିଟ୍ ମାନଙ୍କରେ ନିବେଶ କରାଯାଇଥାଏ ।

**ୟୁନିଟ୍ ମାନଙ୍କ ମୂଲ୍ୟ**

ୟୁନିଟ୍ ମାନଙ୍କ ମୂଲ୍ୟକୁ ଏକ ନିୟମ କିମ୍ବା ସୂତ୍ର ଦ୍ୱାରା ପରିଭାଷିତ କରାଯାଏ, ଯାହାର ରୂପରେଖା ପୂର୍ବରୁ ପ୍ରସ୍ତୁତ କରାଯାଏ । ସାଧାରଣତଃ ୟୁନିଟ୍ ମାନଙ୍କ ମୂଲ୍ୟକୁ ଶୁଦ୍ଧ ପରିସମ୍ପତ୍ତି ମୂଲ୍ୟ (NAV) ଦ୍ୱାରା ନିରୂପିତ ହୁଏ, ଯାହା ପରିସମ୍ପତ୍ତିର ବଜାର ମୂଲ୍ୟକୁ ପ୍ରତିଫଳିତ କରେ ଯେଉଁଥିରେ ନିଧିର ନିବେଶ କରାଯାଏ । ବିଭିନ୍ନ ବ୍ୟକ୍ତି ସେହି ସମାନ ଲାଭରେ ଉପନୀତ ହୋଇପାରନ୍ତି, ଯାହା ସୂତ୍ର ଦ୍ୱାରା ଦେୟ ହୋଇଥାଏ ।

ସୂତ୍ରଟି ନିମ୍ନ ଭଳି ଅଟେ:

ଶୁଦ୍ଧ ପରିସମ୍ପତ୍ତି ମୂଲ୍ୟ [NAV] = ନିଧିର ପରିସମ୍ପତ୍ତିର ବଜାର ମୂଲ୍ୟ /ନିଧିମାନଙ୍କ ୟୁନିଟ୍ ସଂଖ୍ୟା

ଏ ପ୍ରକାରେ, ପଲିସୀଧାରକର ଲାଭସବୁ ଜୀବନ ବୀମା କମ୍ପାନୀର ପୂର୍ବଧାରଣା ଉପରେ ନିର୍ଭର କରେ ନାହିଁ ।

ୟୁନିଟ୍ ଲିଙ୍କ୍ଡ ପଲିସୀଗୁଡିକ ପଲିସୀଧାରକମାନଙ୍କୁ ବିଭିନ୍ନ ପ୍ରକାରର ନିଧି (ଫଣ୍ଡ) ମଧ୍ୟରୁ ଚୟନ କରିବାର ଅନୁମତି ଦେଇଥାନ୍ତି । ପ୍ରତ୍ୟେକ ଫଣ୍ଡରେ ବିଭିନ୍ନ ପୋର୍ଟଫୋଲିଓ ମିଶ୍ରଣ ରହିଥିବ । ନିବେଶକକୁ ନିମ୍ନରେ ପରିଭାଷିତ ଋଣ, ସନ୍ତୁଳିତ

ଓ ଇକ୍ୱିଟୀ ଫଣ୍ଡର ପ୍ରଶସ୍ତ ବିକଳ୍ପ ମଧ୍ୟରୁ ଚୟନ କରିବାକୁ ହୋଇଥାଏ । ନିମ୍ନ ମୁଖ୍ୟ ବର୍ଗଗୁଡ଼ିକ ମଧ୍ୟରେ ବି ଅନ୍ୟ ପ୍ରକାରର ବିକଳ୍ପ ଥାଇ ପାରନ୍ତି ।

| ଇକ୍ୱିଟୀ ଫଣ୍ଡ | ଋଣ (ଡେବ୍ଟ) ଫଣ୍ଡ | ସନ୍ତୁଳିତ (ବାଲାନ୍ସଡ୍) ଫଣ୍ଡ | ଅର୍ଥ ବଜାର ଫଣ୍ଡ |
|---|---|---|---|
| ଏହି ଫଣ୍ଡ ଟଙ୍କାର ଅଧିକାଂଶ ଭାଗକୁ ଇକ୍ୱିଟୀ ଓ ଇକ୍ୱିଟୀ ସମ୍ବନ୍ଧୀୟ ସାଧନମାନଙ୍କରେ ନିବେଶ କରିଥାଏ । | ଏହି ଫଣ୍ଡ ଟଙ୍କାର ଅଧିକାଂଶ ଭାଗକୁ ସରକାରୀ ବଣ୍ଡ, କର୍ପୋରେଟ୍ ବଣ୍ଡ, ନିଶ୍ଚିତ ଜମା ଇତ୍ୟାଦିରେ ନିବେଶ କରିଥାଏ । | ଏହି ଫଣ୍ଡ ଇକ୍ୱିଟୀ ଓ ଡେବ୍ଟ ସାଧନର ମିଶ୍ରଣରେ ନିବେଶ କରିଥାଏ । | ଏହି ଫଣ୍ଡ ଅର୍ଥକୁ ମୁଖ୍ୟତଃ ଟ୍ରେଜରୀ ବିଲ୍, ଜମା ସାର୍ଟିଫିକେଟ୍, କମର୍ସିଆଲ୍ ପେପର୍ ଇତ୍ୟାଦି ଭଳି ସାଧନ ମାନଙ୍କରେ ନିବେଶ କରିଥାଏ । |

ଗୋଟିଏ ପ୍ରକାରର ଫଣ୍ଡରୁ ଏକ ଅନ୍ୟ ପ୍ରକାରକୁ ବଦଳାଇବାର ମଧ୍ୟ ପ୍ରାବଧାନ ରହିଛି ଯଦି ଗୋଟିଏ କିମ୍ବା ଅଧିକ ଫଣ୍ଡର ନିଷ୍ପାଦନ ଉଚିତ୍ ସ୍ତରର ହୋଇ ନ ଥାଏ ।

ୟୁଲିପ୍ (ULIP) ପଲିସୀମାନଙ୍କ ବିଶିଷ୍ଟ ବିଶେଷତା ମଧ୍ୟରୁ କେତେକକୁ ନିମ୍ନରେ ଦିଆଯାଇଛି :

**i. ଏକକରେ ବର୍ଗୀକୃତ କରିବା (ୟୁନିଟାଇଜିଙ୍ଗ୍)**

ୟୁଲିପ୍ ପଲିସୀ ଅନ୍ତର୍ଗତ ଲାଭସବୁକୁ ସେହି ତାରିଖ, ଯେବେ ଦାବୀ ରାଶିପ୍ରଦାନ କରିବାକୁ ଦେୟ ହୋଇଥାଏ, ରେ ପଲିସୀଧାରକର ଆକାଉଣ୍ଟରେ ଜମା କରାଯାଇଥିବା ୟୁନିଟ୍ ମାନଙ୍କ ମୂଲ୍ୟ ଦ୍ୱାରା ନିର୍ଦ୍ଧାରିତ କରାଯାଏ । ଏକ ଏକକ (ୟୁନିଟ୍) କୁ ଏକ ନିବେଶ ଫଣ୍ଡକୁ କେତେକ ସମାନ ଅଂଶରେ ବିଭାଜିତ କରି ସୃଷ୍ଟି କରାଯାଏ ।

**ii. ପାରଦର୍ଶୀ ସଂରଚନା**

ୟୁଲିପ୍ ମାନଙ୍କରେ ବୀମା ସୁରକ୍ଷା ଓ ବ୍ୟୟର ଚାର୍ଜକୁ ସ୍ପଷ୍ଟରୂପେ ବିନିର୍ଦ୍ଦିଷ୍ଟ କରାଯାଏ । ଥରେ ଯଦି ଏହି ଚାର୍ଜସବୁକୁ ପ୍ରିମିୟମଠାରୁ କାଟି ଦିଆଯାଏ, ଆକାଉଣ୍ଟର ଅବଶିଷ୍ଟ ଓ ଏହାଠାରୁ ପ୍ରାପ୍ତ ଆୟକୁ ୟୁନିଟ୍ ମାନଙ୍କରେ ନିବେଶ କରାଯାଇଥାଏ ।

**iii. ମୂଲ୍ୟ ନିର୍ଦ୍ଧାରଣ**

ୟୁଲିପ୍ ଅନ୍ତର୍ଗତ, ବୀମିତ ପ୍ରିମିୟମର ରାଶି ପରିମାଣକୁ ନିର୍ଦ୍ଧାରିତ କରେ ଯାହାର ଅଂଶଦାନ ସେ ନିୟମିତ ଅନ୍ତରାଳରେ କରି ପାରିବ ।

ସମସ୍ତ ଜୀବନ ବୀମା ପଲିସୀରେ, ପ୍ରାରମ୍ଭିକ ଖର୍ଚ୍ଚ ସବୁ ବହୁତ ଅଧିକ ହୋଇଥାନ୍ତି । ପାରମ୍ପରିକ ପଲିସୀମାନଙ୍କରେ, ଏହି ଖର୍ଚ୍ଚସବୁକୁ ପୂରଣ କରିବା ପାଇଁ ପ୍ରିମିୟମ ଚାର୍ଜକୁ ସମଗ୍ର ପଲିସୀ ଅବଧିରେ ଆବଣ୍ଟିତ କରାଯାଇଥାଏ ।

ୟୁଲିପ୍ ମାନଙ୍କ କ୍ଷେତ୍ରରେ, ସେସବୁକୁ ପ୍ରାରମ୍ଭିକ ପ୍ରିମିୟମଗୁଡିକଠାରୁ ହିଁ କାଟି ଦିଆଯାଇଥାଏ । ଏହା ନିବେଶ ପାଇଁ ଆବଣ୍ଟିତ କରାଯାଉଥିବା ରାଶିକୁ ଅତ୍ୟଧିକ ଭାବେ କମ୍ କରିଦିଏ । ଏହି କାରଣରୁ ଲାଭସବୁର ମୂଲ୍ୟ ପ୍ରଦାନ କରାଯାଇଥିବା ପ୍ରିମି ୟମ ସମ୍ମୁଖରେ ଲାଭସବୁର ମୂଲ୍ୟ, ବହୁତ କମ୍ ହୋଇପାରେ ଏବଂ ଏପରିକି ଚୁକ୍ତିର ପ୍ରଥମ ବର୍ଷମାନଙ୍କରେ ପ୍ରଦାନ କରାଯାଇଥିବା ପ୍ରିମିୟମଠାରୁ ମଧ୍ୟ କମ୍ ହୋଇପାରେ ।

**iv. ମୃତ୍ୟୁ ଲାଭ**

ପାରମ୍ପରିକ ପଲିସୀମାନଙ୍କ ବିପରୀତ, ୟୁଲିପ୍ ପଲିସୀମାନଙ୍କରେ ଥିବା ମୃତ୍ୟୁ ଲାଭର ରାଶି ପରିମାଣ ପ୍ରଦାନ କରାଯାଇଥିବା ପ୍ରିମିୟମର ଅନେକ ଗୁଣ ହୋଇଥାଏ । ପଲିସୀର ଅବଧି ସମୟରେ ହୋଇଥିବା ମୃତ୍ୟୁ କ୍ଷେତ୍ରରେ, ଲାଭଗ୍ରହୀତାକୁ ବୀମାରାଶି [ଯାହା ପ୍ରିମିୟମର ଗୁଣକ] କିମ୍ବା ତା' ଆକାଉଣ୍ଟରେ ଥିବା ନିଧି ମୂଲ୍ୟ (ୟୁନିଟ୍ ମୂଲ୍ୟ ଓ ୟୁନିଟ୍ ସଂଖ୍ୟାର ଗୁଣଫଳ) ମଧ୍ୟରୁ ଅଧିକଟିକୁ ପ୍ରଦାନ କରାଯାଇପାରେ ।

### v. ନିବେଶ ସଙ୍କଟର ବହନ

ୟୁନିଟ୍ ମାନଙ୍କର ମୂଲ୍ୟ ଜୀବନ ବୀମାକର୍ତ୍ତାର ନିବେଶଗୁଡିକ ଉପରେ ନିର୍ଭର କରେ , ଯାହା ଗ୍ୟାରେଣ୍ଟିଯୁକ୍ତ ହୋଇ ନ ଥାଏ ।

ଜୀବନ ବୀମାକର୍ତ୍ତା, ଯାହାଠାରୁ ଯଦିଓ ପୋର୍ଟଫୋଲିଓ କାର୍ଯ୍ୟକଳାପକୁ ଦକ୍ଷତାର ସହ ପ୍ରବନ୍ଧ କରିବା ଆଶା ରଖାଯାଏ, ୟୁନିଟ୍ ମୂଲ୍ୟଗୁଡିକ ସମ୍ବନ୍ଧରେ କୌଣସି ଗ୍ୟାରେଣ୍ଟି ଦିଏ ନାହିଁ । ତେଣୁ, ନିବେଶ ସଙ୍କଟକୁ ପଲିସୀ ଧାରକ/ୟୁନିଟ୍ ଧାରକ ଦ୍ୱାରା ବହନ କରାଯାଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ2**

ନିମ୍ନ ମଧ୍ୟରୁ କେଉଁ ଉକ୍ତିଟି ଭୁଲ ଅଟେ?

I. ପରିବର୍ତ୍ତନୀୟ ଜୀବନ ବୀମା ହେଉଛି ଏକ ଅସ୍ଥାୟୀ ଜୀବନ ବୀମା ପଲିସୀ

II. ପରିବର୍ତ୍ତନୀୟ ଜୀବନ ବୀମା ହେଉଛି ଏକ ସ୍ଥାୟୀ ଜୀବନ ବୀମା ପଲିସୀ

III. ପଲିସୀରେ ଏକ ନଗଦ ମୂଲ୍ୟ ଆକାଉଣ୍ଟ ଥାଏ

IV. ପଲିସୀ ଏକ ସର୍ବନିମ୍ନ ମୃତ୍ୟୁ ଲାଭ ଗ୍ୟାରେଣ୍ଟି ପ୍ରଦାନ କରେ

**ସାରାଂଶ**

- ଜୀବନ ବୀମା ପଲିସୀମାନଙ୍କ ସମ୍ବନ୍ଧୀୟ ଏକ ଗମ୍ଭୀର ଚିନ୍ତାର ବିଷୟ ଥିଲା ଆର୍ଥିକ ବଜାରସ୍ଥଳରେ ଅନ୍ୟାନ୍ୟ ପରିସମ୍ପତ୍ତି ତୁଲ୍ୟ ଏକ ପ୍ରତିଯୋଗିତାମୂଳକ ରିଟର୍ଣ୍ଣ ହାର ଦେବା ।
- କେତେକ ପ୍ରବୃତ୍ତି, ଯାହା ଫଳରେ ଅଣ-ପାରମ୍ପରିକ ଜୀବନ ଉତ୍ପାଦରେ ବୃଦ୍ଧି ହେଲା, ସେଥିରେ ଅନ୍ତର୍ଭୁକ୍ତ ହୁଅନ୍ତି ଖୋଲା କରିବା, ନିବେଶ ସଂଯୋଗ ଏବଂ ପାରଦର୍ଶିତା ।
- ବିଶ୍ୱବ୍ୟାପୀ ଜୀବନ ବୀମା ହେଉଛି ଏକ ପ୍ରକାରର ସ୍ଥାୟୀ ଜୀବନ ବୀମା, ଯାହାର ବିଶେଷତା ଏହାର ନମନୀୟ ପ୍ରିମିୟମ, ନମନୀୟ ଫେସ୍ ରାଶି ଓ ମୃତ୍ୟୁ ଲାଭ ରାଶି, ଏବଂ ଏହାର ମୂଲ୍ୟନିର୍ଦ୍ଧାରଣ କାରକଗୁଡିକୁ ଖୋଲା କରିବା ଦ୍ୱାରା ପ୍ରକଟିତ ହୋଇଥାଏ ।
- ୟୁଲିପ୍ (ULIP) ସବୁଠୁ ଲୋକପ୍ରିୟ ଓ ମହତ୍ୱପୂର୍ଣ୍ଣ ଉତ୍ପାଦମାନଙ୍କ ମଧ୍ୟରୁ ଗୋଟିଏ ହୋଇଥିଲା, ଯାହା ଅନେକ ଗୁଡିଏ ବଜାରରେ ପାରମ୍ପରିକ ଯୋଜନାଗୁଡିକର ସ୍ଥାନ ନେଲା ।
- ୟୁଲିପ୍ ମାନେ ଏକ ଜୀବନ ବୀମାକର୍ତ୍ତାର ନିବେଶ ନିଷ୍ପାଦନର ଲାଭସବୁ ଉପରେ ପ୍ରତ୍ୟକ୍ଷ ରୂପେ ଓ ତୁରନ୍ତ ନଗଦୀକରଣ ପାଇଁ ସାଧନ ପ୍ରଦାନ କରିଥାନ୍ତି ।

**ମୁଖ୍ୟ ପଦାବଳୀ**

1. ବିଶ୍ୱବ୍ୟାପୀ ଜୀବନ ବୀମା
2. ପରିବର୍ତ୍ତନୀୟ ଜୀବନ ବୀମା
3. ୟୁନିଟ୍ ଲିଙ୍କ୍ଡ୍ ବୀମା
4. ଶୁଦ୍ଧ ପରିସମ୍ପତ୍ତି ମୂଲ୍ୟ

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 2 - ସଠିକ୍ ବିକଳ୍ପ ହେଉଛି I

# ଅଧ୍ୟାୟ L-05

## ଜୀବନ ବୀମାର ପ୍ରୟୋଗ

**ଅଧ୍ୟାୟ ପରିଚୟ**

ଜୀବନ ବୀମା ବ୍ୟକ୍ତିମାନଙ୍କୁ ଅକାଳ ମୃତ୍ୟୁଠାରୁ କେବଳ ସୁରକ୍ଷା ପ୍ରଦାନ କରିବାକୁ ଚାହେଁ ନାହିଁ । ଏହାର ଅନ୍ୟାନ୍ୟ ପ୍ରୟୋଗ/ଉପଯୋଗ ବି ଅଛି । ଏହାକୁ ପରିଣାମୀ ବୀମା ଲାଭଗୁଡିକ ସହିତ ଟ୍ରଷ୍ଟ ସୃଷ୍ଟି କରିବାରେ ପ୍ରୟୋଗ କରାଯାଇପାରେ; ଏହାକୁ ଉଦ୍ୟୋଗମାନଙ୍କ ମୁଖ୍ୟ କର୍ମକର୍ତ୍ତାମାନଙ୍କୁ ସୁରକ୍ଷା ଦେଉଥିବା ଏବଂ ବନ୍ଧକଗୁଡିକୁ ମୋଚନ କରିବାକୁ ମଧ୍ୟ ଏକ ପଲିସୀ ସୃଷ୍ଟି କରିବା ପାଇଁ ପ୍ରୟୋଗ କରାଯାଇପାରେ । ଆମେମାନେ ଜୀବନ ବୀମାର ଏହିସବୁ ବିଭିନ୍ନ ଉପଯୋଗ ସଂକ୍ଷେପରେ ବର୍ଣ୍ଣନା କରିବା ।

**ଅଧ୍ୟୟନ ପରିଣାମ**

A. ବିବାହିତ ମହିଳାଙ୍କ ସମ୍ପତ୍ତି ଅଧିନିୟମ1874 ,

B. ମୁଖ୍ୟ ବ୍ୟକ୍ତି ବୀମା

C. ବନ୍ଧକ ବିମୋଚନ ବୀମା

## A. ଜୀବନ ବୀମାର ପ୍ରୟୋଗ (ଉପଯୋଗ)

### 1. ବିବାହିତ ମହିଳାଙ୍କ ସମ୍ପତ୍ତି ଅଧିନିୟମ

ବିବାହିତ ମହିଳାଙ୍କ ସମ୍ପତ୍ତି ଅଧିନିୟମ, 1874 ର ଧାରା 6 ଏହା ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରେ ଯେ ଏକ ଜୀବନ ବୀମା ପଲିସୀ ଅନ୍ତର୍ଗତ ଲାଭସବୁ ଏହି ଉଦ୍ଦେଶ୍ୟରେ ଏକ ଟ୍ରଷ୍ଟର ସୃଷ୍ଟି ଜରିଆରେ ପତ୍ନୀ ଓ ପିଲାମାନଙ୍କ ପାଖକୁ ସୁରକ୍ଷିତ ରୂପେ ଚାଲି ଯାଉ ।

ଚିତ୍ର 1: MWP ଅଧିନିୟମ ଅନ୍ତର୍ଗତ ଲାଭଗ୍ରହୀତା




ଏହି ଧାରା ପ୍ରାବଧାନ ରଖେ ଯେ ଯେତେବେଳେ ଏକ ବିବାହିତ ବ୍ୟକ୍ତି ତା' ନିଜ ଜୀବନ ଉପରେ ଏକ ପଲିସୀ ନିଏ ଏବଂ ସେଭଳି ପଲିସୀର ସମ୍ମୁଖରେ ସ୍ୱଷ୍ଟ ରୂପେ ପ୍ରକାଶ କରେ ଯେ ଏହା ତାର ପତ୍ନୀ କିମ୍ବା ତା' ପତ୍ନୀ ଓ ପିଲାମାନଙ୍କ ଲାଭ ପାଇଁ ଅଟେ, ଏବଂ କେବଳ ସେମାନଙ୍କ ଲାଭ ପାଇଁ ଏକ ଟ୍ରଷ୍ଟରେ ରଖାଯିବ, ସେଭଳି ପଲିସୀର ଲାଭଗୁଡିକ, ଯେ ପର୍ଯ୍ୟନ୍ତ ଟ୍ରଷ୍ଟର ଉଦ୍ଦେଶ୍ୟ ରହିଥାଏ, ସ୍ୱାମୀ କିମ୍ବା ତା' ଋଣଦାତାମାନଙ୍କ ଅଧୀନରେ ରହିବ ନାହିଁ କିମ୍ବା ତା' ଭୂସମ୍ପତ୍ତିର ଅଂଶ ହେବ ନାହିଁ ।

MWP ଅଧିନିୟମ ଅନ୍ତର୍ଗତ ଏକ ପଲିସୀର ବିଶେଷତା

- i. ପ୍ରତ୍ୟେକ ପଲିସୀରେ ଏକ ଅଲଗା ଟ୍ରଷ୍ଟ ରହିବ । ପତ୍ନୀ କିମ୍ବା ସନ୍ତାନ (18 ବର୍ଷ ବୟସରୁ ଊର୍ଦ୍ଧ୍ୱ) ଏକ ଟ୍ରଷ୍ଟି ହୋଇପାରେ ।
- ii. ପଲିସୀଟି ଅଦାଲତ ବନ୍ଧନ, ଋଣଦାତା (କ୍ରେଡିଟର୍) ଏବଂ ଏପରିକି ଜୀବନ ବୀମିତର ନିୟନ୍ତ୍ରଣର ବାହାରେ ରହିବ ।
- iii. ଦାବୀ ଟଙ୍କାକୁ ଟ୍ରଷ୍ଟିମାନଙ୍କୁ ପ୍ରଦାନ କରାଯିବ ।
- iv. ପଲିସୀଟିକୁ ସମର୍ପଣ କରାଯାଇ ପାରିବ ନାହିଁ ଏବଂ ନା ନାମୀତିକରଣ ନା ସମନୁଦେଶନର ସ୍ୱୀକୃତି ଥାଏ ।
- v. ଯଦି ପଲିସୀଧାରକ ପଲିସୀ ଅନ୍ତର୍ଗତ ଲାଭସବୁକୁ ପ୍ରାପ୍ତି କରିବା ଏବଂ ସଂଚାଳନ କରିବା ପାଇଁ ଏକ ବିଶେଷ ଟ୍ରଷ୍ଟି ନିଯୁକ୍ତ ନ କରେ, ପଲିସୀ ଅନ୍ତର୍ଗତ ସୁରକ୍ଷିତ ରାଶି ସେହି ରାଜ୍ୟର ରାଜ୍ୟର ସରକାରୀ ଟ୍ରଷ୍ଟିକୁ ଦେୟ ହେବ ଯାହା ମଧ୍ୟରେ ସେହି କାର୍ଯ୍ୟାଳୟ ଯେଉଁଠି ବୀମାକୁ ପ୍ରଭାବୀ କରାଯାଇଥିଲା, ତାହା ଅବସ୍ଥିତ ଅଛି ।

**ଲାଭ**

ଟ୍ରଷ୍ଟକୁ ଏକ ଡିଡ୍ ଅନ୍ତର୍ଗତ ସ୍ଥାପିତ କରାଯାଏ ଯାହାକୁ ପ୍ରତ୍ୟାହୃତ କିମ୍ବା ସଂଶୋଧିତ କରାଯାଇପାରିବ ନାହିଁ । ଏଥିରେ ଗୋଟିଏ କିମ୍ବା ଅଧିକ ବୀମା ପଲିସୀ ରହିପାରେ । ଏକ ଟ୍ରଷ୍ଟି ନିଯୁକ୍ତ କରିବା ମହତ୍ୱପୂର୍ଣ୍ଣ ହୋଇଥାଏ ଯିଏ,

ଲାଭଗ୍ରହୀତାମାନଙ୍କ ତରଫରୁ, ବୀମା ଲାଭସବୁକୁ ନିବେଶ କରିବା ସହିତ ଟ୍ରଷ୍ଟ ସମ୍ପତ୍ତିର ସଂଚାଳନ କରିବା ପାଇଁ ଦାୟୀ ରହିବ । ଏହି ଲାଭସବୁ ଭବିଷ୍ୟତ ଋଣଦାତାମାନଙ୍କ ପାଖକୁ ଯିବାଠାରୁ ସୁରକ୍ଷିତ ରହିଥାଏ ।

## 2. ମୁଖ୍ୟ-ବ୍ୟକ୍ତି ବୀମା

ମୁଖ୍ୟ-ବ୍ୟକ୍ତି ବୀମା ହେଉଛି ଏକ ମହତ୍ୱପୂର୍ଣ୍ଣ ପ୍ରକାରର ବ୍ୟବସାୟ ବୀମା ।

**ପରିଭାଷା**

ମୁଖ୍ୟ-ବ୍ୟକ୍ତି ବୀମାକୁ ସେହି ଆର୍ଥିକ ହାନି, ଯାହା ବ୍ୟବସାୟର ଏକ ମହତ୍ୱପୂର୍ଣ୍ଣ ସଦସ୍ୟର ମୃତ୍ୟୁ କିମ୍ବା ବିସ୍ତାରିତ ଅପାରଗତାଠାରୁ ଉତ୍ପନ୍ନ ହୋଇପାରେ, ତାହା ଠାରୁ ଏକ ବ୍ୟବସାୟକୁ କ୍ଷତିପୂରଣ ଦେବା ପାଇଁ ସେହି ବ୍ୟବସାୟ ଦ୍ୱାରା ନିଆଯାଇଥିବା ଏକ ବୀମା ପଲିସୀ ରୂପେ ବର୍ଣ୍ଣନା କରାଯାଇପାରେ ।

ଅଧିକାଂଶ ବ୍ୟବସାୟରେ ମୁଖ୍ୟ ବ୍ୟକ୍ତି ଥାଆନ୍ତି ଯେଉଁମାନେ ଏହାର ଲାଭସବୁର ଅଧିକାଂଶ ଭାଗ ପାଇଁ ଦାୟୀ ରହନ୍ତି କିମ୍ବା ତାଙ୍କ ପାଖରେ ସେହି ଜ୍ଞାନ ଓ କୌଶଳ ଥାଏ ଯାହା ସଂଗଠନ ପାଇଁ ମହତ୍ୱପୂର୍ଣ୍ଣ ହୋଇଥାଏ ଏବଂ ପ୍ରତିସ୍ଥାପନ କରିବା ପାଇଁ କଷ୍ଟସାଧ୍ୟ ହୋଇଥାଏ । ମୁଖ୍ୟ ବ୍ୟକ୍ତି ବୀମାକୁ, ବ୍ୟବସାୟ ନିରନ୍ତରତାକୁ ସୁଗମ କରିବା ପାଇଁ ଓ ସେହି ଖର୍ଚ୍ଚ ଓ ହାନି, ଯାହା ଦ୍ୱାରା ଏକ ମୁଖ୍ୟ ବ୍ୟକ୍ତିର ହାନି ଘଟଣାରେ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ, ସେସବୁ କୁ ପୂରଣ କରିବା ପାଇଁ, ସେଭଳି ମୁଖ୍ୟ ବ୍ୟକ୍ତିମାନଙ୍କ ଜୀବନ ଉପରେ ନିଯୁକ୍ତିଦାତାମାନଙ୍କ ଦ୍ୱାରା ନିଆଯାଇଥାଏ । ମୁଖ୍ୟ ବ୍ୟକ୍ତି ବୀମା ହୋଇଥିବା ବାସ୍ତବ ହାନିର କ୍ଷତିପୂର୍ତ୍ତି କରେ ନାହିଁ କିନ୍ତୁ ବୀମା ପଲିସୀରେ ବିନିର୍ଦ୍ଦିଷ୍ଟ କରାଯାଇଥିବା ଅନୁରୂପ ଏକ ନିଶ୍ଚିତ ଆର୍ଥିକ ରାଶି ରୂପେ କ୍ଷତିପୂରଣ ଦେଇଥାଏ ।

ମୁଖ୍ୟବ୍ୟକ୍ତି ବୀମାକୁ ଏକ ମିଆଦି ବୀମା ପଲିସୀ ରୂପେ ସ୍ୱୀକୃତି ଦିଆଯାଏ ଯେଉଁଠି ବୀମା ରାଶିକୁ ମୁଖ୍ୟ ବ୍ୟକ୍ତିର ନିଜ ଆୟ ଅପେକ୍ଷା କମ୍ପାନୀର ଲାଭପ୍ରଦତା ସହିତ ସଂଯୁକ୍ତ କରାଯାଏ । ପ୍ରିମିୟମକୁ କମ୍ପାନୀ ପ୍ରଦାନ କରିଥାଏ । ଯଦି ମୁଖ୍ୟ ବ୍ୟକ୍ତିର ମୃତ୍ୟୁ ହୁଏ, ଲାଭକୁ କମ୍ପାନୀକୁ ପ୍ରଦାନ କରାଯାଏ । ମୁଖ୍ୟବ୍ୟକ୍ତି ବୀମାର ଲାଭସବୁ କମ୍ପାନୀର ହାତରେ କର ଯୋଗ୍ୟ ହୋଇଥାଏ ।

### a) **ଏକ ମୁଖ୍ୟ-ବ୍ୟକ୍ତି କିଏ ହୋଇପାରେ**?

ଏକ ମୁଖ୍ୟ ବ୍ୟକ୍ତି ବ୍ୟବସାୟ ସହିତ ପ୍ରତ୍ୟକ୍ଷ ରୂପେ ସଂପୃକ୍ତ ଥିବା କୌଣସି ବି ବ୍ୟକ୍ତି ହୋଇପାରେ ଯାହାର ହାନି ବ୍ୟବସାୟର ଆର୍ଥିକ ଚାପର କାରଣ ହୋଇପାରେ । ଉଦାହରଣ ସ୍ୱରୂପ, ବ୍ୟକ୍ତି ଜଣକ କମ୍ପାନୀର ଏକ ନିର୍ଦ୍ଦେଶକ, ଏକ ଅଂଶୀଦାର, ଏକ ମୁଖ୍ୟ ବିକ୍ରୟ ବ୍ୟକ୍ତି, ମୁଖ୍ୟ ପ୍ରୋଜେକ୍ଟ ମ୍ୟାନେଜର କିମ୍ବା ବିଶେଷ କୌଶଳ କିମ୍ବା ଜ୍ଞାନଥିବା କୌଣସି ବ୍ୟକ୍ତି ଯାହା କମ୍ପାନୀ ପାଇଁ ମୂଲ୍ୟବାନ ହୋଇପାରେ ।

### **b)** ବୀମାଯୋଗ୍ୟ ହାନି

ନିମ୍ନ ସବୁ କେତେକ ହାନି ଅଟନ୍ତି ଯାହା ପାଇଁ ମୁଖ୍ୟ ବ୍ୟକ୍ତି ବୀମା କ୍ଷତିପୂରଣ ପ୍ରଦାନ କରିଥାଏ:

**i.** ଯେତେବେଳେ ଏକ ମୁଖ୍ୟ ବ୍ୟକ୍ତି କାମ କରିବାକୁ ଅସମର୍ଥ ହୋଇଯାଏ, ଅସ୍ଥାୟୀ କାର୍ମିକ ଯୋଗାଇବା ପାଇଁ ଏବଂ, ଯଦି ଆବଶ୍ୟକ ହୁଏ ଭର୍ତ୍ତି ପାଇଁ ଏବଂ ଏକ ପ୍ରତିସ୍ଥାପନର ପ୍ରଶିକ୍ଷଣ ପାଇଁ ବିତ୍ତପୋଷଣ କରିବାକୁ, ବିସ୍ତାରିତ ସମୟ ସମ୍ବନ୍ଧୀୟ ହାନି

**ii.** ଲାଭସବୁକୁ ସୁରକ୍ଷା ପ୍ରଦାନ କରିବା ପାଇଁ ବୀମା । ଉଦାହରଣ ସ୍ୱରୂପ, ହାନି ହୋଇଥିବା ବିକ୍ରୟ, କୌଣସି ବ୍ୟବସାୟ ପରିଯୋଜନା ଯେଉଁଥିରେ ମୁଖ୍ୟ ବ୍ୟକ୍ତି ସଂପୃକ୍ତ ଥିଲା, ତାହାର ବିଳମ୍ବତା କିମ୍ବା ରଦ୍ଦକରଣ ଫଳରେ

ହୋଇଥିବା ହାନି, ବିସ୍ତାରିତ କରିବା ପାଇଁ ସୁଯୋଗର ହାନି, ବିଶେଷକୃତ କୌଶଳ କିମ୍ବା ଜ୍ଞାନ ର ହାନି, ଏସବୁ କାରଣରୁ ହାନି ହୋଇଥିବା ଆୟୁ ପୂରା କରିବା

**3. ବନ୍ଧକ ବିମୋଚନ ବୀମା** (MRI)

ଏକ ସମ୍ପତ୍ତି କ୍ରୟ କରିବା ପାଇଁ ଏକ ଋଣ ନେଉଥିବା ଏକ ବ୍ୟକ୍ତିଙ୍କୁ ଋଣ ବ୍ୟବସ୍ଥାର ଅଂଶ ରୂପେ, ବ୍ୟାଙ୍କ ଦ୍ୱାରା ବନ୍ଧକ ବିମୋଚନ ବୀମା ପାଇଁ ପରିଶୋଧ କରିବାର ଆବଶ୍ୟକତା ପଡିପାରେ। "ବନ୍ଧକ ବିମୋଚନ ବୀମା" କୁ ଲୋକ ପ୍ରିୟ ରୂପେ "କ୍ରେଡିଟ୍ ଜୀବନ ବୀମା ପଲିସୀ" ରୂପେ ସୂଚୀତ କରାଯାଏ ।

**a) MRI କ'ଣ ଅଟେ ?**

ଏହା ଏକ ବୀମା ପଲିସୀ ଅଟେ ଯାହା ଗୃହ ଋଣ ଋଣକର୍ତ୍ତାମାନଙ୍କ ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରିଥାଏ । ଏହା ମୂଳତଃ ଏକ ହ୍ରାସ ହେଉଥିବା ମିଆଦି ଜୀବନ ବୀମା ପଲିସୀ ଅଟେ ଯାହାକୁ, ଯଦି ବନ୍ଧକ ଋଣର ସଂପୂର୍ଣ୍ଣ ପରିଶୋଧ ପୂର୍ବରୁ ସେ ମରିଯାଏ, ଏହାର ବାକି ରାଶିକୁ ପରିଶୋଧ କରିବା ପାଇଁ ବନ୍ଧକକର୍ତ୍ତାଦ୍ୱାରା ନିଆଯାଇଥାଏ । ଏହାକୁ ଋଣ ସୁରକ୍ଷାଦାତା ପଲିସୀ କୁହାଯାଇପାରେ । ଏହି ଯୋଜନାଟି ସେହିସବୁ ଲୋକଙ୍କ ପାଇଁ ଉପଯୁକ୍ତ ଅଟେ ଯାହାର ଆଶ୍ରିତମାନଙ୍କୁ ପଲିସୀଧାରକର ଅପ୍ରତ୍ୟାଶିତ ମୃତ୍ୟୁ କ୍ଷେତ୍ରରେ ସେମାନଙ୍କ ଋଣକୁ ପରିଶୋଧ କରିବାରେ, ସହାୟତାର ଆବଶ୍ୟକ ହୋଇପାରେ ।

b) **ବିଶେଷତା**

ଏହି ପଲିସୀ ଅନ୍ତର୍ଗତ ବୀମା ସୁରକ୍ଷା ପ୍ରତ୍ୟେକ ବର୍ଷ କମ୍ ହୋଇଥାଏ ଯାହା ଏକ ମିଆଦି ବୀମା ପଲିସୀ ଯେଉଁଠି ବୀମା ସୁରକ୍ଷା ସମଗ୍ର ପଲିସୀ ଅବଧିରେ ଅପରିବର୍ତ୍ତନୀୟ ରହିଥାଏ, ତା ଠାରୁ ଅଲଗା ହୋଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ବନ୍ଧକ ବିମୋଚନ ବୀମା ପଛରେ କ'ଣ ଉଦ୍ଦେଶ୍ୟ ରହିଛି ?

I. ଅପେକ୍ଷାକୃତ ଶସ୍ତା ବନ୍ଧକ ହାରର ସୁବିଧା ଦେବା

II. ଗୃହ ଋଣ ଋଣକର୍ତ୍ତାମାନଙ୍କ ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରିବା

III. ବନ୍ଧକ ଦିଆଯାଇଥିବା ସମ୍ପତ୍ତିର ମୂଲ୍ୟକୁ ସୁରକ୍ଷିତ କରିବା

IV. ତ୍ରୁଟି କ୍ଷେତ୍ରରେ ନିଷ୍କାସନ/ବେଦଖଲିକୁ ଟାଳିବା

**ସାରାଂଶ**

- ବିବାହିତ ମହିଳାଙ୍କ ସମ୍ପତ୍ତି ଅଧିନିୟମ, 1874 ର ଧାରା 6 ଏକ ଜୀବନ ବୀମା ପଲିସୀ ଅନ୍ତର୍ଗତ ପତ୍ନୀ ଓ ପିଲାମାନଙ୍କୁ ଲାଭସବୁର ସୁରକ୍ଷା ପ୍ରଦାନ କରେ ।
- MWP ଅଧିନିୟମ ଅନ୍ତର୍ଗତ ପ୍ରଭାବୀ ହୋଇଥିବା ପଲିସୀ ଅଦାଲତ ସମ୍ବନ୍ଧ, ଋଣକର୍ତ୍ତା ଏବଂ ଏପରିକି ଜୀବନ ବୀମିତର ନିୟନ୍ତ୍ରଣର ବାହାରେ ହେବ ।

- ମୂଖ୍ୟ-ବ୍ୟକ୍ତି ବୀମା ହେଉଛି ଏକ ମହତ୍ୱପୂର୍ଣ୍ଣ ପ୍ରକାରର ବ୍ୟବସାୟ ବୀମା । ଏହାକୁ ସେହି ଆର୍ଥିକ ହାନି, ଯାହା ବ୍ୟବସାୟର ଏକ ମହତ୍ୱପୂର୍ଣ୍ଣ ସଦସ୍ୟର ମୃତ୍ୟୁ କିମ୍ବା ବିସ୍ତାରିତ ଅପାରଗତାଠାରୁ ଉତ୍ପନ୍ନ ହୋଇପାରେ, ତାହା ଠାରୁ ଏକ ବ୍ୟବସାୟକୁ କ୍ଷତିପୂରଣ ଦେବା ପାଇଁ ସେହି ବ୍ୟବସାୟ ଦ୍ୱାରା ନିଆଯାଇଥିବା ଏକ ବୀମା ପଲିସୀ ରୂପେ ବର୍ଣ୍ଣନା କରାଯାଇପାରେ ।
- ବନ୍ଧକ ବିମୋଚନ ବୀମା ମୂଳତଃ ଏକ ହ୍ରାସ ହେଉଥିବା ମିଆଦି ଜୀବନ ବୀମା ପଲିସୀ ଅଟେ ଯାହାକୁ, ଯଦି ବନ୍ଧକ ଋଣର ସଂପୂର୍ଣ୍ଣ ପରିଶୋଧ ପୂର୍ବରୁ ସେ ମରିଯାଏ, ଏହାର ବାକି ରାଶିକୁ ପରିଶୋଧ କରିବା ପାଇଁ ବନ୍ଧକକର୍ତ୍ତାଦ୍ୱାରା ନିଆଯାଇଥାଏ ।

**ମୂଖ୍ୟ ପଦାବଳୀ**

1. ବିବାହିତ ମହିଳାଙ୍କ ସମ୍ପତ୍ତି ଅଧିନିୟମ
2. ମୂଖ୍ୟ ବ୍ୟକ୍ତି ବୀମା
3. ବନ୍ଧକ ବିମୋଚନ ବୀମା

**ସ୍ୱୟଂ ପରୀକ୍ଷଣ କରନ୍ତୁ ର ଉତ୍ତର**

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି II

# ଅଧ୍ୟାୟ L-06

## ଜୀବନ ବୀମାରେ ମୂଲ୍ୟ ନିର୍ଦ୍ଧାରଣ ଏବଂ ମୂଲ୍ୟାଙ୍କନ

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟର ଉଦ୍ଦେଶ୍ୟ ହେଉଛି ସେହି ମୂଳଭୂତ ତତ୍ତ୍ୱଗୁଡିକ ବିଷୟରେ ବିଦ୍ୟାର୍ଥୀକୁ ପରିଚିତ କରାଇବା ଯାହା ଜୀବନ ବୀମା ଚୁକ୍ତିମାନଙ୍କ ମୂଲ୍ୟ ନିର୍ଦ୍ଧାରଣ ଏବଂ ଲାଭ ସହିତ ସଂପୃକ୍ତ ଥାଆନ୍ତି । ଆମେମାନେ ପ୍ରଥମେ ସେହି ତତ୍ତ୍ୱଗୁଡିକ ବିଷୟରେ ଆଲୋଚନା କରିବା ଯାହା ପ୍ରିମିୟମକୁ ଗଠିତ କରନ୍ତି ଏବଂ ତାପରେ ଅଧିଶେଷ ଓ ବୋନସର ଅବଧାରଣା ବିଷୟରେ ଆଲୋଚନା କରିବା ।

**ଅଧ୍ୟୟନ ପରିଣାମ**

A. ବୀମା ମୂଲ୍ୟ ନିର୍ଦ୍ଧାରଣ –ମୂଳଭୂତ ତତ୍ତ୍ୱ

B. ଅଧିଶେଷ ଏବଂ ବୋନସ

## A. ବୀମା ମୂଲ୍ୟ ନିର୍ଦ୍ଧାରଣ – ମୂଳଭୂତ ତତ୍ତ୍ୱ

### 1. ପ୍ରିମିୟମ

ସାଧାରଣ ଭାଷାରେ, ପ୍ରିମିୟମ ପଦଟି ସେହି ମୂଲ୍ୟକୁ ସୂଚୀତ କରେ ଯାହାକୁ ଏକ ବୀମା ପଲିସୀ କ୍ରୟ କରିବା ପାଇଁ ବୀମିତ ଦ୍ୱାରା ପ୍ରଦାନ କରାଯାଇଥାଏ । ଏହାକୁ ସାଧାରଣତଃ ପ୍ରତି ହଜାରେ ଟଙ୍କାର ବୀମା ରାଶି ଉପରେ ପ୍ରିମିୟମର ହାର ରୂପେ ପ୍ରକାଶ କରାଯାଇଥାଏ । ପ୍ରିମିୟମ ହାର ସମ୍ଭାବ୍ୟ ଗ୍ରାହକର ଆୟୁ ଏବଂ ଯୋଜନା ଉପରେ ନିର୍ଭର କରେ ।

ଏହି ପ୍ରିମିୟମ ହାରଗୁଡିକ ହାର ସାରଣୀ ରୂପେ ଉପଲବ୍ଧ ଥାଆନ୍ତି ଯାହା ବୀମା କମ୍ପାନୀମାନଙ୍କ ପାଖରେ ଉପଲବ୍ଧ ଥାଆନ୍ତି ।

**ଚିତ୍ର 1 :** ପ୍ରିମିୟମ




ଏହି ଟେବୁଲ ଗୁଡିକରେ ଦିଆଯାଇଥିବା ହାରସବୁକୁ "ଅଫିସ ପ୍ରିମିୟମ" କୁହାଯାଏ । ଏଗୁଡିକ ଅଧିକାଂଶ କ୍ଷେତ୍ରରେ ସମଗ୍ର ଅବଧିରେ ସମାନ ରହିଥାନ୍ତି ଏବଂ ଏଗୁଡିକୁ ବାର୍ଷିକ ହାର ରୂପେ ପ୍ରକାଶ କରାଯାଏ ।

**ଉଦାହରଣ**

ଯଦି ଏକ ଦତ୍ତ ଆୟୁ ପାଇଁ ଏକ କୋଡିଏ ବର୍ଷର ଏନ୍ଡାଓମେଣ୍ଟ ପଲିସୀ ପାଇଁ ପ୍ରିମିୟମ ଟ.4800 ହୁଏ, ଏହାର ଅର୍ଥ ହେଉଛି ଯେ କୋଡିଏ ବର୍ଷପାଇଁ ପ୍ରତି ବର୍ଷ ଟ. 4800 ପ୍ରଦାନ କରିବାକୁ ପଡ଼ିବ ।

ଅବଶ୍ୟ କେତେଗୁଡିଏ ପଲିସୀ ଥିବା ସମ୍ଭବ ଯେଉଁଥିରେ କେବଳ ପ୍ରଥମ କିଛି ବର୍ଷ ପ୍ରିମିୟମସବୁ ଦେୟ ହୋଇଥାଏ । କମ୍ପାନୀମାନଙ୍କ ପାଖରେ ଏକମାତ୍ର ପ୍ରିମିୟମ ଚୁକ୍ତି ସବୁ ବି ରହିଛନ୍ତି ଯେଉଁଥିରେ ଚୁକ୍ତିର ଆରମ୍ଭରେ କେବଳ ଗୋଟିଏ ପ୍ରିମିୟମ ଦେୟ ହୋଇଥାଏ । ଏହି ପଲିସୀଗୁଡିକ ସାଧାରଣତଃ ନିବେଶ ଅଭିମୁଖୀ ହୋଇଥାନ୍ତି ।

### 2. ଛାଡ଼ (ରିବେଟ୍)

ଜୀବନ ବୀମା କମ୍ପାନୀମାନେ ଦେୟ ହେଉଥିବା ଉପରେ କେତେକ ପ୍ରକାରର ଛାଡ଼ ମଧ୍ୟ ପ୍ରଦାନ କରିଥାନ୍ତି । ସେଭଳି ଦୁଇଟି ଛାଡ଼ ହେଉଛି:

- ✓ ବୀମା ରାଶି ପାଇଁ
- ✓ ପ୍ରିମିୟମର ପଦ୍ଧତି ଛାଡ଼

**ବୀମା ରାଶି ପାଇଁ ଛାଡ଼**

**ବୀମା ରାଶି ପାଇଁ** ଛାଡ଼କୁ ସେହିମାନଙ୍କୁ ପ୍ରଦାନ କରାଯାଏ ଯେଉଁମାନେ ଉଚ୍ଚ ରାଶି ପରିମାଣର ବୀମା ରାଶି ଥିବା ପଲିସୀମାନଙ୍କୁ କିଣନ୍ତି । ଏହାକୁ ସେହିସବୁ ଲାଭକୁ ଗ୍ରାହକକୁ ଦେବାର ପଦ୍ଧତି ରୂପେ ପ୍ରଦାନ କରାଯାଏ ଯାହା ବୀମାକର୍ତ୍ତା ଉଚ୍ଚ ମୂଲ୍ୟର ପଲିସୀମାନଙ୍କ ସେବା ଦେବା ସମୟରେ ଅର୍ଜନ କରି ପାରନ୍ତି । ତର୍କଟି ହେଉଛି ଯେ ଟ. 50, 000 କିମ୍ବା ଟ. 5,00,000 ର ଏକ ପଲିସୀକୁ ପ୍ରୋସେସ୍ କରିବା ପାଇଁ ଆବଶ୍ୟକ ପ୍ରୟାସ ଏବଂ ମୂଲ୍ୟ ସମାନ ହୋଇଥାଏ । କିନ୍ତୁ ଉଚ୍ଚତର ବୀମା ରାଶି ପଲିସୀମାନେ ଅଧିକ ପ୍ରିମିୟମ ଏବଂ ତେଣୁ ଅଧିକ ଲାଭ ଉତ୍ପନ୍ନ କରନ୍ତି ।

**ପ୍ରିମିୟମର ପଦ୍ଧତି ପାଇଁ ଛାଡ଼**

ସେହି ପ୍ରକାରେ **ପ୍ରିମିୟମର ପଦ୍ଧତି ପାଇଁ** ଛାଡ଼ ଦିଆଯାଇପାରେ । ଜୀବନ ବୀମା କମ୍ପାନୀମାନେ ବାର୍ଷିକ, ଅର୍ଦ୍ଧ ବାର୍ଷିକ, ତୈମାସିକ କିମ୍ବା ମାସିକ ଆଧାରରେ ପ୍ରିମିୟମ ପ୍ରଦାନ କରିବାର ଅନୁମତି ଦେଇପାରନ୍ତି । ଯଦି ପଦ୍ଧତି ଅଧିକ ବାରମ୍ବାର ହୁଏ, ପ୍ରିମିୟମର ସଂଗ୍ରହ ଓ ଲେଖାଙ୍କନ ପାଇଁ ପ୍ରଶାସନିକ ଖର୍ଚ୍ଚ ଅଧିକ ହୋଇଥାଏ । ପୁନଶ୍ଚ, ବାର୍ଷିକ ପଦ୍ଧତିରେ, ବୀମାକର୍ତ୍ତା ଏହି ରାଶିକୁ ସଂପୂର୍ଣ୍ଣ ବର୍ଷ ସାରା ଉପଯୋଗ କରିପାରେ ଏବଂ ଏହା ଉପରେ ସୁଧ ଅର୍ଜନ କରିପାରେ । ତେଣୁକରି ବୀମାକର୍ତ୍ତାମାନେ ଏହା ଉପରେ ରିବେଟ୍ ର ସ୍ୱୀକୃତି ଦେଇ ବାର୍ଷିକ କିମ୍ବା ଅର୍ଦ୍ଧ-ବାର୍ଷିକ ପଦ୍ଧତି ମାଧ୍ୟମରେ ରାଶିପ୍ରଦାନକୁ ପ୍ରୋତ୍ସାହିତ କରିଥାନ୍ତି । ସେମାନେ, ସଂପୃକ୍ତ ଅତିରିକ୍ତ ପ୍ରଶାସନିକ ଖର୍ଚ୍ଚକୁ ପୂରଣ କରିବା ପାଇଁ, ରାଶି ପ୍ରଦାନର ମାସିକ ପଦ୍ଧତି ପାଇଁ କିଛି ଅଧିକ ବି ଚାର୍ଜ କରି ପାରନ୍ତି ।

**3. ଅତିରିକ୍ତ ଚାର୍ଜ**

ଟେବୁଲସ୍ଥିତ ପ୍ରିମିୟମକୁ ସେହି ବ୍ୟକ୍ତିମାନଙ୍କ ପାଇଁ ଚାର୍ଜ କରାଯାଏ ଯେଉଁମାନେ କୌଣସି ମହତ୍ୱପୂର୍ଣ୍ଣ କାରକର ଅଧୀନ ହୋଇ ନ ଥିବେ ଯାହା ଏକ ଅଧିକ ସଙ୍କଟ ଦର୍ଶାଉଥିବ । ସେଗୁଡିକୁ **ମାନକ ଜୀବନ** କୁହାଯାଏ ଏବଂ ଚାର୍ଜ କରାଯାଉଥିବା ହାରକୁ ସାମାନ୍ୟ ହାର କୁହାଯାଏ ।

ଯଦି ବୀମା ପ୍ରସ୍ତାବ ଦେଉଥିବା ଜଣେ ବ୍ୟକ୍ତି ହୃଦୟ ରୋଗ କିମ୍ବା ମଧୁମେହ ଭଳି କିଛି ସ୍ୱାସ୍ଥ୍ୟ ସମସ୍ୟାରେ ଆକ୍ରାନ୍ତ ହୁଏ ଯାହା ତା' ଜୀବନ ପ୍ରତି ଏକ ବିପତ୍ତି ଆଣିପାରେ, ତାକୁ ଅଣ-ମାନକ ରୂପେ ବିଚାର କରାଯିବ । ବୀମାକର୍ତ୍ତା ଏକ ସ୍ୱାସ୍ଥ୍ୟ ଅତିରିକ୍ତ ରୂପେ କିଛି ଅଧିକ ପ୍ରିମିୟମ ଲାଗୁ କରିବାର ନିର୍ଣ୍ଣୟ ନେଇପାରେ । ସେଭଳିଆ, ଯେଉଁମାନେ ସର୍କସ ଆକ୍ରୋବେଟ୍ ଭଳି ଏକ ବିପଦଜନକ ବ୍ୟବସାୟରେ ନିଯୁକ୍ତ ଥାଆନ୍ତି, ସେମାନଙ୍କ ଉପରେ ଏକ ବ୍ୟବସାୟିକ ଅତିରିକ୍ତ ଲାଗୁ କରାଯାଇପାରେ । ଏହିସବୁ ଅତିରିକ୍ତ ଫଳରେ ପ୍ରିମିୟମ ଟେବୁଲସ୍ଥିତ ପ୍ରିମିୟମଠାରୁ ଅଧିକ ହୋଇପାରେ ।

ପୁନଃ, ଏକ ବୀମାକର୍ତ୍ତା ଏକ ପଲିସୀ ଅନ୍ତର୍ଗତ କିଛି ଅତିରିକ୍ତର ପ୍ରସ୍ତାବ ଦେଇପାରେ, ଯାହା କିଛି ଅଧିକ ପ୍ରିମିୟମର ପ୍ରଦାନ ଦ୍ୱାରା ଉପଲବ୍ଧ ହୋଇପାରେ ।

**ଉଦାହରଣ**

ଏକ ଜୀବନ ବୀମାକର୍ତ୍ତା ଏକ ଦ୍ୱିଗୁଣ ଦୁର୍ଘଟଣା ଲାଭ କିମ୍ବା DAB ପ୍ରଦାନ କରିପାରେ (ଯେଉଁଠି ଏକ ଦାବୀ ରୂପେ ବୀମାରାଶିର ଦୁଇଗୁଣ ଦେୟ ହୋଇଥାଏ ଯଦି ମୃତ୍ୟୁ ଦୁର୍ଘଟଣା କାରଣରୁ ହୋଇଥାଏ ) । ଏଥିପାଇଁ ଏହା ପ୍ରତି ହଜାର ବୀମା ରାଶି ଉପରେ ଗୋଟିଏ ଟଙ୍କାର ଅତିରିକ୍ତ ପ୍ରିମିୟମ ଚାର୍ଜ କରିପାରେ ।

ସେହିଭଳିଆ ସ୍ଥାୟୀ ବିକଳାଙ୍ଗତା ଲାଭ (PDB) ରୂପେ ପରିଚିତ ଏକ ଲାଭକୁ ପ୍ରତି ହଜାର ବୀମା ରାଶି ପାଇଁ କିଛି ଅତିରିକ୍ତ ଦେଇ ପ୍ରାପ୍ତ କରାଯାଇପାରେ ।

## 4. ପ୍ରିମିୟମ ନିର୍ଦ୍ଧାରଣ କରିବା

ଆସନ୍ତୁ ଏବେ ଯାଞ୍ଚ କରିବା ଜୀବନ ବୀମାକର୍ତ୍ତାମାନେ କେମିତି ସେହି ହାରଗୁଡ଼ିକୁ ନିର୍ଦ୍ଧାରିତ କରନ୍ତି ଯାହାକୁ ପ୍ରିମିୟମ ଟେବୁଲରେ ଉପସ୍ଥାପିତ କରାଯାଏ । ଏହି କାର୍ଯ୍ୟକୁ ଏକ ବୀମାଙ୍କକ ଦ୍ୱାରା ସମ୍ପାଦିତ କରାଯାଏ । ମିଆଦି ବୀମା, ସଂପୂର୍ଣ୍ଣ ଜୀବନ ଏବଂ ଏଣ୍ଡାଓମେଣ୍ଟ ଭଳି ପାରମ୍ପରିକ ଜୀବନ ବୀମା ପଲିସୀ କ୍ଷେତ୍ରରେ ପ୍ରିମିୟମ ନିର୍ଦ୍ଧାରଣ କରିବାର ପ୍ରକ୍ରିୟା ନିମ୍ନ ତତ୍ତ୍ୱଗୁଡ଼ିକୁ ବିଚାରକୁ ନିଏ:

- ✓ ମୃତ୍ୟୁହାର
- ✓ ସୁଧ
- ✓ ପ୍ରବନ୍ଧନର ଖର୍ଚ୍ଚ
- ✓ ରିଜର୍ଭ
- ✓ ବୋନସ ଲୋଡିଙ୍ଗ୍

**ଚିତ୍ର 2 :** ପ୍ରିମିୟମର ଘଟକ




ପ୍ରଥମ ଦୁଇ ତତ୍ତ୍ୱ ଆମକୁ ଶୁଦ୍ଧ ପ୍ରିମିୟମ ଦେଇଥାନ୍ତି । ଶୁଦ୍ଧ ପ୍ରିମିୟମରେ ଅନ୍ୟ ତତ୍ତ୍ୱଗୁଡ଼ିକୁ ଯୋଡ଼ି [‘ଲୋଡିଙ୍ଗ୍’ ମଧ୍ୟ କୁହାଯାଉଥିବା], ଆମେ ମୋଟ କିମ୍ବା ଅଫିସ୍ ପ୍ରିମିୟମ ପାଇଥାଉ ।

### a) ମୃତ୍ୟୁଦର ଏବଂ ସୁଧ

ମୃତ୍ୟୁଦର ପ୍ରିମିୟମରେ ପ୍ରଥମ ତତ୍ତ୍ୱ ହୋଇଥାଏ, ଏହା ସଂଯୋଗ କିମ୍ବା ସମ୍ଭାବନା ଅଟେ ଯେ ଏକ ନିର୍ଦ୍ଦିଷ୍ଟ ବୟସର ବ୍ୟକ୍ତି ଏକ ଦତ୍ତ ବର୍ଷରେ ମୃତ୍ୟୁବରଣ କରିପାରେ । ଏକ ବ୍ୟକ୍ତିର ପ୍ରତ୍ୟାଶିତ ମୃତ୍ୟୁଦରକୁ ନିର୍ଦ୍ଧାରିତ କରିବା ପାଇଁ, “ମୃତ୍ୟୁଦର ଟେବୁଲଗୁଡ଼ିକୁ” ବ୍ୟବହାର କରାଯାଏ ।

**ଉଦାହରଣ**

ଯଦି ଆୟୁ 35 ପାଇଁ ମୃତ୍ୟୁଦର 0.0035 ହୁଏ, ଏହାର ନିହିତାର୍ଥ ଏହା ଯେ ପ୍ରତ୍ୟେକ 1000 ବ୍ୟକ୍ତି ଯେଉଁମାନେ ଆୟୁ 35 ପର୍ଯ୍ୟନ୍ତ ଜୀବିତ ରହନ୍ତି, ସେମାନଙ୍କ ମଧ୍ୟରୁ 3.5 (କିମ୍ବା 10,000 ମଧ୍ୟରୁ 35) ଆୟୁ 35 ଏବଂ 36 ମଧ୍ୟରେ ମୃତ୍ୟୁବରଣ କରିବାର ଆଶା କରାଯାଏ ।

ଟେବୁଲକୁ ବିଭିନ୍ନ ଆୟୁ ପାଇଁ ମୃତ୍ୟୁଦର ମୂଲ୍ୟ ନିର୍ଦ୍ଧାରଣ କରିବାରେ ଉପଯୋଗ କରାଯାଇପାରେ । ଉଦାହରଣ ସ୍ୱରୂପ, ଆୟୁ 35 ପାଇଁ 0.0035 ର ହାରର ନିହିତାର୍ଥ ହେଉଛି 0.0035 x 1000 (ବୀମା ରାଶି)= ଟ. 3.50 ପ୍ରତି ହଜାର ବୀମା ରାଶି

ଉପରୋକ୍ତ ମୂଲ୍ୟକୁ "ସଙ୍କଟ ପ୍ରିମିୟମ" ମଧ୍ୟ କୁହାଯାଇପାରେ । ଅଧିକ ଆୟୁ ପାଇଁ ସଙ୍କଟ ପ୍ରିମିୟମ ଅଧିକ ହୋଇପାରେ।

**ଉଦାହରଣ**

ଯଦି ପାଞ୍ଚ ବର୍ଷ ପରେ ବୀମାର ମୂଲ୍ୟକୁ ପୂରା କରିବା ପାଇଁ ଆମ ପାଖରେ ଟ. 5 ପ୍ରତି ହଜାର ଥିବା ଆବଶ୍ୟକ ଏବଂ ଯଦି ଆମେ 6% ର ସୁଧ ହାର ଧରି ନେବା, ପାଞ୍ଚ ବର୍ଷ ପରେ ଦେୟ ଟ. 5 ର ବର୍ତ୍ତମାନ ମୂଲ୍ୟ ହୋଇପାରେ 5 $x1/(1.06)^5 = 3.74$

ଯଦି 6% ପରିବର୍ତ୍ତେ ଆମେ 10% ମନେ କରୁ, ବର୍ତ୍ତମାନ ମୂଲ୍ୟ ହୋଇପାରେ କେବଳ 3.10 । ଅନ୍ୟ ଶବ୍ଦରେ, ମନେ କରାଯାଇଥିବା ସୁଧ ହାର ଅଧିକ ହେଲେ, ବର୍ତ୍ତମାନ ମୂଲ୍ୟ କମ୍ ହୋଇଥାଏ ।

ମୃତ୍ୟୁଦର ଏବଂ ସୁଧର ଆମର ଅଧ୍ୟୟନଠାରୁ ଆମେମାନେ ଦୁଇ ମୁଖ୍ୟ ଉପସଂହାର ପାଇ ପାରିବା

- ✓ ମୃତ୍ୟୁ ଦର ଟେବୁଲରେ ମୃତ୍ୟୁହାର ଯେତେ ଅଧିକ ହେବ, ପ୍ରିମିୟମ ସେତେ ଅଧିକ ହୋଇପାରେ
- ✓ ମନେ କରାଯାଇଥିବା ସୁଧ ହାର ଯେତେ ଅଧିକ ହେବ, ପ୍ରିମିୟମ ସେତେ କମ୍ ହୋଇପାରେ

### ଶୁଦ୍ଧ (ନେଟ୍) ପ୍ରିମିୟମ

ମୃତ୍ୟୁ ଦର ଏବଂ ସୁଧର ଆକଳନ "ଶୁଦ୍ଧ (ନେଟ୍) ପ୍ରିମିୟମ" ଦେଇଥାଏ

### ମୋଟ ପ୍ରିମିୟମ

ମୋଟ ପ୍ରିମିୟମ ହେଉଛି ଶୁଦ୍ଧ (ନେଟ୍) ପ୍ରିମିୟମ ଯୋଗ ଲୋଡିଙ୍ଗ୍ କୁହାଯାଉଥିବା ଏକ ରାଶି ପରିମାଣ । ତିନୋଟି ବିଚାର ବିବେଚନା କିମ୍ବା ମାର୍ଗଦର୍ଶିକା ସିଦ୍ଧାନ୍ତ ଅଛି ଯାହାକୁ ଲୋଡିଙ୍ଗ୍ ର ପରିମାଣ ନିର୍ଦ୍ଧାରିତ କରିବା ସମୟରେ ଧ୍ୟାନରେ ରଖିବା ଆବଶ୍ୟକ ।

### b) ଖର୍ଚ୍ଚ ଏବଂ ରିଜର୍ଭ

ଜୀବନ ବୀମାକର୍ତ୍ତାମାନଙ୍କୁ ବିଭିନ୍ନ ପ୍ରକାରର ସଂଚାଳନ ଖର୍ଚ୍ଚ ବହନ କରିବାକୁ ପଡ଼ିଥାଏ ଯେଉଁଥିରେ ଅନ୍ତର୍ଭୁକ୍ତ ହୁଅନ୍ତି :

- ✓ ଅଭିକର୍ତ୍ତାମାନଙ୍କ ପ୍ରଶିକ୍ଷଣ ଏବଂ ଭର୍ତ୍ତି

- ✓ ଅଭିକର୍ତ୍ତାମାନଙ୍କ କମିଶନ,
- ✓ କର୍ମଚାରୀମାନଙ୍କ ବେତନ,
- ✓ ଅଫିସ୍ ଆବାସ,
- ✓ ଅଫିସ୍ ଷ୍ଟେଶନରୀ,
- ✓ ବିଜୁଳୀ ଚାର୍ଜ,
- ✓ ଅନ୍ୟାନ୍ୟ ବିବିଧ ଖର୍ଚ୍ଚ ଇତ୍ୟାଦି ।

ଏହି ସବୁକୁ ପ୍ରିମିୟମଠାରୁ ପ୍ରଦାନ କରିବାକୁ ପଡ଼ିଥାଏ ଯାହାକୁ ବୀମାକର୍ତ୍ତାମାନେ ସଂଗ୍ରହ କରିଥାନ୍ତି । ଏହି ଖର୍ଚ୍ଚସବୁକୁ ନେଟ୍ ପ୍ରିମିୟମରେ ଉଚିତ୍ ରୂପେ ଯୋଡ଼ା ଯାଇଥାଏ ।

**c) ବ୍ୟପଗମନ ଏବଂ ଆକସ୍ମିକତା**

ଖର୍ଚ୍ଚଗୁଡିକ ବ୍ୟତୀତ, ଅନ୍ୟାନ୍ୟ କାରକସବୁ ଅଛନ୍ତି ଯାହା ଜୀବନ ବୀମାକର୍ତ୍ତାମାନଙ୍କ ହିସାବକୁ ଭୁଲ୍ କରିଦେଇ ପାରନ୍ତି ।

ସଙ୍କଟର ଗୋଟିଏ ଉତ୍ସ ହେଉଛି ବ୍ୟପଗମନ ଏବଂ ଆହରଣ । ବ୍ୟପଗମନର ଅର୍ଥ ହେଉଛି ଯେ ପଲିସୀଧାରକ ପ୍ରିମିୟମର ପ୍ରଦାନକୁ ବନ୍ଦ କରିଦିଏ । ଆହରଣ କ୍ଷେତ୍ରରେ, ପଲିସୀଧାରକ ପଲିସୀକୁ ସମର୍ପଣ କରେ ଏବଂ ପଲିସୀଧାରକ ପଲିସୀକୁ ସମର୍ପଣ କରେ ଏବଂ ପଲିସୀର ଅର୍ଜିତ ନଗଦ ମୂଲ୍ୟଠାରୁ ଏକ ରାଶି ପ୍ରାପ୍ତ କରେ ।

ବ୍ୟପଗମନ ସାଧାରଣତଃ ପ୍ରଥମ ତିନି ବର୍ଷରେ, ବିଶେଷ ରୂପେ ଚୁକ୍ତିର ପ୍ରଥମ ବର୍ଷରେ ହୋଇଥାଏ ।

**d) ଲାଭ ସହିତ (ସହଭାଗୀତା) ପଲିସୀ ଏବଂ ବୋନସ ଲୋଡିଙ୍ଗ୍**

'ଲାଭ ସହିତ' ପଲିସୀର ଅବଧାରଣା ଉତ୍ପନ୍ନ ହୋଇଥିଲା ଯେତେବେଳେ ଜୀବନ ବୀମାକର୍ତ୍ତାମାନେ ପ୍ରତିକୂଳ ପରିସ୍ଥିତିରେ ବି ସେମାନଙ୍କୁ ଦ୍ରବ ରୂପେ ରଖିବା ପାଇଁ ଏକ ବଫର୍ ସୃଷ୍ଟି କରିବା ପାଇଁ ଅଗ୍ରୀମ ରୂପେ ଉଚ୍ଚ ଲୋଡିଙ୍ଗ୍ ଚାର୍ଜ କରିବାର ପ୍ରଥା ଆରମ୍ଭ କରିଦେଲେ । ଯଦି ପରବର୍ତ୍ତୀ ଅନୁଭୂତି ଅଧିକ ଅନୁକୂଳ ପ୍ରମାଣିତ ହୁଏ, ଜୀବନ ବୀମାକର୍ତ୍ତା ଯା' ଫଳରେ ପ୍ରାପ୍ତ କରିଥିବା ଲାଭର କିଛି ଅଂଶକୁ ବୋନସ ରୂପେ ପଲିସୀଧାରକମାନଙ୍କ ସହିତ ଆବଣ୍ଟିତ କରିବ ।

ମୋଟାମୋଟି ରୂପେ ଆମେ କହି ପାରିବା ଯେ:

**ମୋଟ ପ୍ରିମିୟମ = ନେଟ୍ ପ୍ରିମିୟମ + ଖର୍ଚ୍ଚଗୁଡିକ ପାଇଁ ଲୋଡିଙ୍ଗ୍ + ଆକସ୍ମିକତା ପାଇଁ ଲୋଡିଙ୍ଗ୍ + ବୋନସ୍ ଲୋଡିଙ୍ଗ୍**

**ସ୍ୱୟଂ ପରୀକ୍ଷା କରନ୍ତୁ**

ଏକ ପଲିସୀ ବ୍ୟପଗମନର ଅର୍ଥ କ'ଣ ଅଟେ ?

I. ପଲିସୀ ଧାରକ ଏକ ପଲିସୀ ପାଇଁ ପ୍ରିମିୟମ ପ୍ରଦାନ ସଂପୂର୍ଣ୍ଣ କରେ

II. ପଲିସୀ ଧାରକ ଏକ ପଲିସୀ ପାଇଁ ପ୍ରିମିୟମ ପ୍ରଦାନ ବନ୍ଦ କରେ

III. ପଲିସୀ ପରିପକ୍ୱତା ପ୍ରାପ୍ତ କରେ

IV. ପଲିସୀଟିକୁ ବଜାରରୁ ବାହାର କରି ଦିଆଯାଏ

## B. ଅଧିଶେଷ ଏବଂ ବୋନସ

### 1. ଅଧିଶେଷ ଏବଂ ବୋନସ ର ନିର୍ଦ୍ଧାରଣ

ପ୍ରତ୍ୟେକ ଜୀବନ ବୀମା କମ୍ପାନୀ ଏହାର ସମ୍ପତ୍ତି ଓ ଦାୟିତ୍ୱସବୁର ଆବଧିକ ମୂଲ୍ୟାଙ୍କନ କରିବା ଆଶା କରାଯାଏ । ସେଭଳି ମୂଲ୍ୟାଙ୍କନର ଦୁଇଟି ଉଦ୍ଦେଶ୍ୟ ଅଛି :

i. ଜୀବନ ବୀମାକର୍ତ୍ତାର ଆର୍ଥିକ ସ୍ଥିତିର ମୂଲ୍ୟାଙ୍କନ କରିବା ଏବଂ ନିର୍ଦ୍ଧାରିତ କରିବା ଯେ ଏହା ଦ୍ରାବକ କି ଅଣଦ୍ରାବକ ଅଟେ

ii. ପଲିସୀଧାରକ /ଅଂଶୀଦାରମାନଙ୍କ ମଧ୍ୟରେ ବିତରଣ ପାଇଁ ଉପଲବ୍ଧ ଅଧିଶେଷକୁ ନିର୍ଦ୍ଧାରିତ କରିବା ।

**ପରିଭାଷା**

ଅଧିଶେଷ ହେଉଛି ଦାୟିତ୍ୱଗୁଡିକର ମୂଲ୍ୟ ଉପରେ ସମ୍ପତ୍ତିର ମୂଲ୍ୟର ଅତିରିକ୍ତ । ଯଦି ଏହା ବିଯୁକ୍ତାତ୍ମକ ହୁଏ, ଏହାକୁ ଚାପ କୁହାଯାଏ ।

ଆସନ୍ତୁ ବର୍ତ୍ତମାନ ଦେଖିବା ଜୀବନ ବୀମାରେ ଅଧିଶେଷର ଧାରଣା ଏକ ଫାର୍ମର ଲାଭର ଅଧିଶେଷଠାରୁ କେମିତି ଭିନ୍ନ ଅଟେ ।

ସାଧାରଣତଃ ଫାର୍ମମାନେ ଲାଭସବୁକୁ ଦୁଇ ପ୍ରକାରେ ଦେଖନ୍ତି । ପ୍ରଥମତଃ, ଲାଭ ହେଉଛି ଏକ ଦତ୍ତ ଲେଖାଙ୍କନ ସମୟାବଧି ପାଇଁ **ବ୍ୟୟ ଉପରେ ଆୟର ଅତିରିକ୍ତ**, ଯେଉଁ ରୂପେ ଏହା ଲାଭ ଓ କ୍ଷତି ଖାତାରେ ଦେଖାଯାଏ । ଲାଭ ବି ଏକ ଫାର୍ମର ବାଲାନ୍ସ ଶୀଟ୍ ର ଏକ ଅଂଶ ହୋଇଥାଏ –ଏହାକୁ **ଦାୟିତ୍ୱ ଉପରେ ସମ୍ପତ୍ତିର ଅତିରିକ୍ତ** ରୂପେ ପରିଭାଷିତ କରାଯାଇପାରେ । ଉଭୟ କ୍ଷେତ୍ରରେ, ଲାଭସବୁକୁ ଲେଖାଙ୍କନ ସମୟାବଧି ଶେଷରେ ନିର୍ଦ୍ଧାରିତ କରାଯାଏ ।

ଅଧିଶେଷ = ସମ୍ପତ୍ତି- ଦାୟିତ୍ୱ

ଆସନ୍ତୁ ବୁଝିବା ଯେ ଜୀବନ ବୀମାରେ ଦାୟିତ୍ୱର ଅର୍ଥ କ'ଣ ଅଟେ । ଜୀବନ ବୀମା ପଲିସୀମାନଙ୍କ ଏକ ଦତ୍ତ ବ୍ଲକ୍ ପାଇଁ, ଜୀବନ ବୀମାକର୍ତ୍ତାଙ୍କୁ ଭବିଷ୍ୟତ ଦାବୀ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ପ୍ରତ୍ୟାଶିତ ରାଶି ପ୍ରଦାନ ଯାହା ଉତ୍ପନ୍ନ ହୋଇପାରେ, ସେଗୁଡିକର ଖର୍ଚ୍ଚ ଏବଂ ଅନ୍ୟାନ୍ୟ ପ୍ରତିଶତ ବୀମାକର୍ତ୍ତା ମଧ୍ୟ ଏହିସବୁ ପଲିସୀ ପାଇଁ ଭବିଷ୍ୟତରେ ପ୍ରିମିୟମ ପ୍ରାପ୍ତି କରିବାର ଆଶା ରଖିଥାଏ ।

ଦାୟିତ୍ୱଗୁଡିକ ଏ ପ୍ରକାରେ ହେଉଛନ୍ତି କରିବାକୁ ଥିବା ସମସ୍ତ ରାଶିପ୍ରଦାନ ବିଯୁକ୍ତ ଏହିସବୁ ପଲିସୀ ଉପରେ ପ୍ରାପ୍ତି କରିବାର ଆଶା କରାଯାଉଥିବା ପ୍ରିମିୟମଗୁଡିକର ବର୍ତ୍ତମାନ ମୂଲ୍ୟ । ବର୍ତ୍ତମାନର ମୂଲ୍ୟ ଏକ ଉଚିତ୍ ଦରର ଡିସ୍କାଉଣ୍ଟ [ସୁଧ ହାର] ପ୍ରୟୋଗ କରି ପ୍ରାପ୍ତ ହୋଇଥାଏ ।

ଜୀବନ ବୀମାକର୍ତ୍ତା ଯାହା ପୂର୍ବାନୁମାନ କରିଥିଲା, ତା' ଠାରୁ ତାର ବାସ୍ତବ ଅନୁଭୂତି ଅଧିକ ଉତ୍ତମ ହୋଇଥିବା ଫଳରେ ଅଧିଶେଷ ଉତ୍ପନ୍ନ ହୁଏ । ଏହା ଫଳରେ ଉତ୍ପନ୍ନ ହୋଇଥିବା ଲାଭସବୁକୁ ଜୀବନ ବୀମାକର୍ତ୍ତାମାନେ ସେମାନଙ୍କ ଲାଭ ସହିତ ପଲିସୀମାନଙ୍କ ଧାରକମାନଙ୍କ ସହିତ ଆବଣ୍ଟିତ କରିବା ପାଇଁ ଅନୁଗୃହିତ ମନେ କରନ୍ତି ।

| ଉଦାହରଣ |
|---|

31 ମାର୍ଚ୍ଚ 2013 ପର୍ଯ୍ୟନ୍ତ XYZ ଫାର୍ମର ଲାଭକୁ ସେହି ତାରିଖ ପର୍ଯ୍ୟନ୍ତ ଏହାର ଆୟ ବିଯୁକ୍ତ ବ୍ୟୟ କିମ୍ବା ଏହାର ସମ୍ପତ୍ତି ବିଯୁକ୍ତ ଦାୟିତ୍ୱ ରୂପେ ନିରୂପଣ କରାଯାଏ ।

ଉଭୟ ପକ୍ଷରେ, ଲାଭକୁ ସ୍ପଷ୍ଟରୂପେ ପରିଭାଷିତ କରାଯାଏ ଏବଂ ଜ୍ଞାତ ହୁଏ ।

## 2. ବୋନସ

ବୀମାକର୍ତ୍ତାମାନଙ୍କୁ ଏହାର ବିଭାଜ୍ୟ ଅଧିଶେଷକୁ ଘୋଷିତ କରିବାକୁ ପଡ଼େ ଏବଂ ଏକ ବୋନସ ରୂପେ କମ୍ପାନୀର ପଲିସୀଧାରକ ଓ ଅଂଶୀଦାର [ଯଦି କିଛି ଥାଆନ୍ତି], ଏ ମାନଙ୍କ ମଧ୍ୟରେ ବିତରଣ କରିବାକୁ ପଡ଼ିଥାଏ । ଭାରତ, ଯୁକ୍ତ ରାଜ୍ୟ ଏବଂ ଅନ୍ୟାନ୍ୟ ଅନେକ ଦେଶରେ, ଅଧିଶେଷର ବିତରଣ ଲୋକପ୍ରିୟ ଅଟେ ।

ବୋନସକୁ ଏକ ଚୁକ୍ତି ଅନ୍ତର୍ଗତ ପ୍ରଦାନଯୋଗ୍ୟ ମୂଳଭୂତ ଲାଭଠାରୁ ଅତିରିକ୍ତ ରୂପେ ପ୍ରଦାନ କରାଯାଏ । ପରମ୍ପରାଗତ ରୂପେ ଏହା ମୂଳ ବୀମାରାଶି କିମ୍ବା ମୂଳ ପେନସନ ପ୍ରତି ବର୍ଷ ରୂପେ ଦେଖାଯାଇପାରେ । ଉଦାହରଣ ସ୍ୱରୂପ, ଏହାକୁ ଟ.60 ପ୍ରତି ହଜାର ବୀମା ରାଶି ରୂପେ ପ୍ରକାଶ କରାଯାଇଥାଏ ।

ସବୁଠୁ ସାଧାରଣ ପ୍ରକାରର ବୋନସ ହେଉଛି **ପ୍ରତ୍ୟାବର୍ତ୍ତୀ ବୋନସ** । ଥରେ ଏହି ବୋନସ ସଂଯୋଜନଗୁଡିକ ଘୋଷିତ ହୋଇଗଲେ, ପ୍ରତି ବର୍ଷ ପ୍ରସ୍ତୁତ କରାଯାଇ, ପଲିସୀ ସହିତ ସଂଯୁକ୍ତ ହୋଇଯାଏ ଏବଂ ହଟାଇ ଦିଆଯାଇପାରିବ ନାହିଁ । ସେଗୁଡିକୁ 'ପ୍ରତ୍ୟାବର୍ତ୍ତୀ' ବୋନସ କୁହାଯାଏ କାରଣ ସେଗୁଡିକୁ କେବଳ ମୃତ୍ୟୁ କିମ୍ବା ପରିପକ୍ୱତା ଦ୍ୱାରା ଏକ ଦାବୀ ସମୟରେ ହିଁ ପ୍ରାପ୍ତି କରାଯାଏ । ବୋନସଗୁଡିକୁ ସମର୍ପଣରେ ମଧ୍ୟ ଦେୟ ହୋଇପାରେ ଯଦି ଚୁକ୍ତିଟି ଅନ୍ୟୂନ ଅବଧି (ଧରନ୍ତୁ 5 ବର୍ଷ) ପାଇଁ ଚାଲୁ ରହିଯୋଗ୍ୟ ହୋଇଥିବ ।

**ପ୍ରତ୍ୟାବର୍ତ୍ତୀ ବୋନସର ପ୍ରକାର**

**ଚିତ୍ର 3** : ପ୍ରତ୍ୟାବର୍ତ୍ତୀ ବୋନସର ପ୍ରକାର




i. **ସରଳ ପ୍ରତ୍ୟାବର୍ତ୍ତୀ ବୋନସ**

ଏହା ହେଉଛି ଚୁକ୍ତି ଅନ୍ତର୍ଗତ ମୂଳ ନଗଦ ଲାଭର କିଛି ପ୍ରତିଶତ ରୂପେ ପ୍ରକାଶ କରାଯାଇଥିବା ବୋନସ । ଉଦାହରଣ ସ୍ୱରୂପ, ଭାରତରେ ଏହାକୁ ପ୍ରତି ହଜାର ବୀମାରାଶି ଉପରେ ରାଶି ପରିମାଣ ରୂପେ ଘୋଷିତ କରାଯାଏ ।

ii. **ଚକ୍ରବୃଦ୍ଧି ବୋନସ**

ଏଇଠି କମ୍ପାନୀ ଏକ ବୋନସକୁ ମୂଳ ଲାଭର କିଛି ପ୍ରତିଶତ ଏବଂ ପୂର୍ବରୁ ସଂଯୁକ୍ତ କରାଯାଇଥିବା ବୋନସ ରୂପେ ପ୍ରକାଶ କରେ । ଏହା ଏପ୍ରକାରେ ଏକ ବୋନସ ଉପରେ ବୋନସ ହୋଇଥାଏ । ଏହାକୁ ପ୍ରକାଶ କରିବାର ଏକ ପଦ୍ଧତି ହୋଇପାରେ ମୂଳ ବୀମା ରାଶି ଯୋଗ ସଂଯୁକ୍ତ ବୋନସର ୫% ର ହାର ରୂପେ ।

iii. **ଅନ୍ତିମ ବୋନସ**

ନାମ ସୂଚୀତ କରୁଥିବା ଅନୁରୂପ, ଏହି ବୋନସ ଏହାର ସମାପ୍ତି ସମୟରେ [ମୃତ୍ୟୁ କିମ୍ବା ପରିପକ୍ୱତା କାରଣରୁ] କେବଳ ଚୁକ୍ତିରେ ସଂଯୁକ୍ତ ହୋଇଥାଏ । ଏହା କେବଳ ଆଗାମୀ ବର୍ଷରେ ଉତ୍ପନ୍ନ ହୋଇଥିବା ଦାବୀଗୁଡିକ ପାଇଁ ପ୍ରଯୁଜ୍ୟ ହୋଇଥାଏ । ଏ ପ୍ରକାରେ 2013 ପାଇଁ ଘୋଷିତ ଅନ୍ତିମ ବୋନସ ସେହିସବୁ ଦାବୀ ପାଇଁ କେବଳ ଲାଗୁ ହେବ ଯାହା 2013 – 14 ରେ ଉତ୍ପନ୍ନ ହୋଇଥିବ ଏବଂ ପରବର୍ତ୍ତୀ ବର୍ଷଗୁଡିକ ପାଇଁ ନୁହେଁ । ଅନ୍ତିମ ବୋନସଗୁଡିକ ଚୁକ୍ତିର ସମୟାବଧି ଉପରେ ନିର୍ଭର କରେ ଏବଂ ଏହା ସହିତ ବୃଦ୍ଧି ପାଇଥାଏ ଏକ ଚୁକ୍ତି ଯାହା 25 ବର୍ଷ ପାଇଁ ଚାଲୁ ରହିଛି, ତାର ଅନ୍ତିମ ବୋନସ ସେହି ଚୁକ୍ତି ଯାହା 15 ବର୍ଷ ପାଇଁ ଚାଲୁ ରହିଛି, ଏହାଠାରୁ ଅଧିକ ହୋଇପାରେ ।

### 3. ଅଂଶଦାନ ପଦ୍ଧତି

ଉତ୍ତର ଆମେରିକାରେ ଲାଗୁ କରାଯାଇଥିବା ଅଧିଶେଷର ବିତରଣର ଅନ୍ୟ ଏକ ପଦ୍ଧତି ହେଉଛି "ଅଂଶଦାନ" ପଦ୍ଧତି । ଏଇଠି, ଅଧିଶେଷ, ଅର୍ଥାତ୍, ମୃତ୍ୟୁଦର, ସୁଧ ଓ ଖର୍ଚ୍ଚ ସମ୍ବନ୍ଧରେ ଯାହା ଘଟିବ ବୋଲି ଆଶା କରାଯାଇଥିଲା ଏବଂ ବର୍ଷ ମଧ୍ୟରେ କ'ଣ ବାସ୍ତବରେ ଘଟିଲା, ଏହାର ପାର୍ଥକ୍ୟକୁ ଘୋଷିତ କରାଯାଏ ଏବଂ ଡିଭିଡେଣ୍ଡ ରୂପେ ବିତରଣ କରାଯାଏ ।

ଡିଭିଡେଣ୍ଡଗୁଡିକୁ, ଭବିଷ୍ୟତର ପ୍ରିମିୟମରେ ସମାୟୋଜନ/ ହ୍ରାସ ମାଧ୍ୟମରେ, ପଲିସୀରେ ଅଣ-ଜବତଯୋଗ୍ୟ ପ୍ରଦାନ କରାଯାଇଥିବା ସଂଯୋଜନର କ୍ରୟର ସ୍ୱୀକୃତି ଦେଇ କିମ୍ବା ପଲିସୀର କ୍ରେଡିଟ୍ ରେ ସଂଚୟ ରୂପେ, ନଗଦ ରୂପେ ପ୍ରଦାନ କରାଯାଇପାରେ ।

### 4. ୟୁନିଟ୍ ଲିଙ୍କ୍ଡ୍ ପଲିସୀ

ୟୁଲିପ୍ (ULP) ପଲିସୀମାନଙ୍କ ମୂଲ୍ୟ ନିର୍ଦ୍ଧାରଣର ସିଦ୍ଧାନ୍ତ ଏବଂ ଅନ୍ୟାନ୍ୟ ବିଶେଷତା ବିଷୟରେ ପୂର୍ବ ଅଧ୍ୟାୟରେ ଆଲୋଚନା କରାଯାଇଛି ।

**ସାରାଂଶ**

- ସାଧାରଣ ଭାଷାରେ, ପ୍ରିମିୟମ ପଦ ସେହି ମୂଲ୍ୟକୁ ସୂଚୀତ କରେ ଯାହାକୁ ଏକ ବୀମା ପଲିସୀ କ୍ରୟ କରିବା ପାଇଁ ଏକ ବୀମିତ ଦ୍ୱାରା ପ୍ରଦାନ କରାଯାଇଥାଏ ।
- ଜୀବନ ବୀମା ପଲିସୀମାନଙ୍କ ପାଇଁ ପ୍ରିମିୟମ ନିର୍ଦ୍ଧାରଣ କରିବାର ପ୍ରକ୍ରିୟାରେ ମୃତ୍ୟୁଦର, ସୁଧ, ବ୍ୟୟ ପ୍ରବନ୍ଧନ ଏବଂ ରିଜର୍ଭ ସଂପୃକ୍ତ ଥାଏ ।
- ମୋଟ ପ୍ରିମିୟମ ହେଉଛି ଶୁଦ୍ଧ (ନେଟ୍ ପ୍ରିମିୟମ) ଯୁକ୍ତ ଲୋଡିଙ୍ଗ୍ କୁହାଯାଉଥିବା ଏକ ରାଶି ।
- ବ୍ୟପଗମନର ଅର୍ଥ ହେଉଛି ଯେ ପଲିସୀଧାରକ ପ୍ରିମିୟମର ପ୍ରଦାନକୁ ବନ୍ଦ କରିଦିଏ । ଆହରଣ କ୍ଷେତ୍ରରେ, ପଲିସୀଧାରକ ପଲିସୀକୁ ସମର୍ପଣ କରେ ଏବଂ ପଲିସୀଧାରକ ପଲିସୀକୁ ସମର୍ପଣ କରେ ଏବଂ ପଲିସୀର ଅର୍ଜିତ ନଗଦ ମୂଲ୍ୟଠାରୁ ଏକ ରାଶି ପ୍ରାପ୍ତ କରେ ।
- ଜୀବନ ବୀମାକର୍ତ୍ତା ଯାହା ପୂର୍ବାନୁମାନ କରିଥିଲା, ତା' ଠାରୁ ତାର ବାସ୍ତବ ଅନୁଭୂତି ଅଧିକ ଉତ୍ତମ ହୋଇଥିବା ଫଳରେ ଅଧିଶେଷ ଉତ୍ପନ୍ନ ହୁଏ ।

- ଅଧିଶେଷ ଆବଣ୍ଟନ ଦ୍ରବତା ଆବଶ୍ୟକତାକୁ ବଜାୟ ରଖିବା, ମୁକ୍ତ ପରିସମ୍ପତ୍ତି ବୃଦ୍ଧି କରିବା ଇତ୍ୟାଦି ପାଇଁ ହୋଇପାରେ ।
- ସବୁଠୁ ସାଧାରଣ ପ୍ରକାରର ବୋନସ ହେଉଛି ପ୍ରତ୍ୟାବର୍ତ୍ତୀ ବୋନସ ।

**ମୁଖ୍ୟ ପଦାବଳୀ**

1. ପ୍ରିମିୟମ
2. ଛାଡ଼ (ରିବେଟ୍)
3. ବୋନସ
4. ଅଧିଶେଷ
5. ରିଜର୍ଭ
6. ଲୋଡିଙ୍ଗ୍
7. ପ୍ରତ୍ୟାବର୍ତ୍ତୀ ବୋନସ

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

**ଉତ୍ତର 1** - ସଠିକ୍ ବିକଳ୍ପ ହେଉଛି II.

# ଅଧ୍ୟାୟ L-07

## ଜୀବନ ବୀମା ଦଲିଲୀକରଣ

**ଅଧ୍ୟାୟ ପରିଚୟ**

ଆମେମାନେ ଅଧ୍ୟାୟ 7 ରେ ଦେଖିଛୁ ଯେ ବୀମା ଉଦ୍ୟୋଗ ଅନେକ ସଂଖ୍ୟକ ଫର୍ମ ଏବଂ ଦସ୍ତାବିଜ ସହିତ କାରବାର କରେ । କେତେକ ଦସ୍ତାବିଜ ଅଛନ୍ତି ଯାହା ଜୀବନ ବୀମା ପାଇଁ ବିଶେଷ ଅଟନ୍ତି, ସେଗୁଡିକ ବିଷୟରେ ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି । ଏଇଠି, ଏକ ପଲିସୀ ଦସ୍ତାବିଜରେ ସମ୍ମିଳିତ ମୁଖ୍ୟ ପ୍ରାବଧାନଗୁଡିକ ଉପରେ ମଧ୍ୟ ଆଲୋଚନା କରାଯାଇଛି ।  ଅନୁଗ୍ରହ ସମୟାବଧି, ପଲିସୀ ବ୍ୟପଗମନ ଏବଂ ଅଣ-ଜବତକରଣ ଓ କେତେକ ଅନ୍ୟ ସୁବିଧା/ଲାଭ ବିଷୟରେ ମଧ୍ୟ ଆଲୋଚନା କରାଯାଇଛି ।

**ଅଧ୍ୟୟନ ପରିଣାମ**

A. ପ୍ରସ୍ତାବ ଚରଣ ଦଲିଲୀକରଣ

B. ପଲିସୀ ଚରଣ ଦଲିଲୀକରଣ

C. ପଲିସୀ ସର୍ତ୍ତାବଳୀ ଏବଂ ସୁବିଧା/ଲାଭ

## A. ପ୍ରସ୍ତାବ ଚରଣ ଦଲିଲୀକରଣ

ଅଧ୍ୟାୟ 7 ରେ ବିବରଣୀ ପୁସ୍ତିକା ଏବଂ ପ୍ରସ୍ତାବ ଫର୍ମ ସମ୍ବନ୍ଧରେ ଆଲୋଚିତ ହୋଇଥିବା ସାଧାରଣ ବିନ୍ଦୁଗୁଡିକୁ ଆଗକୁ ବଢ଼ାଇବା ପାଇଁ, କେତେକ ଅତିରିକ୍ତ ବିନ୍ଦୁ ଅଛନ୍ତି ଯାହାକୁ ଜୀବନ ବୀମାକର୍ତ୍ତାମାନେ ବୁଝିବା ଆବଶ୍ୟକ ଅଟେ ।

**ବିବରଣୀ ପୁସ୍ତିକା (ପ୍ରୋସପେକ୍ଟସ୍)** : ବୀମାରେ, 'ବିବରଣୀ ପୁସ୍ତିକା' ର ଅର୍ଥ ହେଉଛି ବୀମା ଉତ୍ପାଦକୁ ବିକ୍ରି କରିବା କିମ୍ବା ପ୍ରୋତ୍ସାହିତ କରିବା ପାଇଁ ବୀମାକର୍ତ୍ତା ଦ୍ୱାରା ଜାରୀ କରାଯାଇଥିବା ଭୌତିକ, ଇଲେକ୍ଟ୍ରୋନିକ୍ କିମ୍ବା କୌଣସି ଅନ୍ୟ ପ୍ରାରୂପରେ ଥିବା ଏକ ଦସ୍ତାବିଜ । ଏକ ବୀମା ଉତ୍ପାଦର ବିବରଣୀ ପୁସ୍ତିକା ସ୍ପଷ୍ଟ ରୂପେ ଉଲ୍ଲେଖ କରିବ

(a) ସମ୍ବନ୍ଧିତ ବୀମା ଉତ୍ପାଦ ପାଇଁ ପ୍ରାଧିକରଣ ଦ୍ୱାରା ବିତରଣ କରାଯାଇଥିବା ଅନନ୍ୟ ପରିଚୟ ସଂଖ୍ୟା (UIN);

(b) ଲାଭସବୁର ପରିସର;

(c) ବୀମା ସୁରକ୍ଷାର ବିସ୍ତାର ;

(d) ବ୍ୟାଖ୍ୟା ସହିତ ବୀମା ସୁରକ୍ଷାର ୱାରେଣ୍ଟି, ଅପବର୍ଜନ/ବ୍ୟତିକ୍ରମ ଏବଂ ସର୍ତ୍ତାବଳୀ ।

ବିବରଣୀ ପୁସ୍ତିକା ଆହୁରି ମଧ୍ୟ ପ୍ରଦାନ କରିବା ଉଚିତ୍ :

(a) ବୀମା ଦ୍ୱାରା ସୁରକ୍ଷା ପ୍ରାପ୍ତ ହେବାକୁ ଥିବା ଆକସ୍ମିକତା କିମ୍ବା ଆକସ୍ମିକତାଗୁଡିକର ଏକ ବିବରଣ;

(b) ସେଭଳି ବିବରଣୀ ପୁସ୍ତିକାର ନିୟମାବଳୀ ଅନ୍ତର୍ଗତ ବୀମା ପାଇଁ ଯୋଗ୍ୟ ଜୀବନ କିମ୍ବା ସମ୍ପତ୍ତିର ଶ୍ରେଣୀ କିମ୍ବା ଶ୍ରେଣୀ କିମ୍ବା ଶ୍ରେଣୀଗୁଡିକ ।

ଜୀବନ ବୀମାରେ, ବିବରଣୀ ପୁସ୍ତିକା ଉତ୍ପାଦ ଉପରେ ସ୍ୱୀକୃତ ରାଇଡର୍ (ସ୍ୱାସ୍ଥ୍ୟ ଓ ସାଧାରଣ ବୀମାରେ ଆଡ୍–ଅନ୍ ସୁରକ୍ଷା ବି କୁହାଯାଉଥିବା) ଏବଂ ସେଗୁଡିକର ଲାଭସବୁ ବିଷୟରେ ମଧ୍ୟ ଉଲ୍ଲେଖ କରିବା ଉଚିତ୍ ।

**ପ୍ରସ୍ତାବ ଫର୍ମ:** ଜୀବନ ବୀମା କ୍ଷେତ୍ରରେ, ପ୍ରସ୍ତାବକଙ୍କ ପରିବାର ସଦସ୍ୟ (ପିତାମାତା ସମେତ)ମାନଙ୍କ ବିବରଣୀ, ଯାହା ସେମାନଙ୍କ ଦୀର୍ଘ ଜୀବନ, ସ୍ୱାସ୍ଥ୍ୟର ସ୍ଥିତି ଓ ସେମାନଙ୍କ ମଧ୍ୟରୁ କେହି ବି ଆକ୍ରାନ୍ତ ହୋଇଥିବା ରୋଗ ସୂଚୀତ କରୁଥିବ, ସେସବୁକୁ ପ୍ରସ୍ତାବ ଫର୍ମ ମାଧ୍ୟମରେ ସଂଗ୍ରହ କରାଯାଏ । ଉତ୍ପାଦ ଆଧାରରେ, ବୀମା ପାଇଁ ପ୍ରସ୍ତାବିତ ଜୀବନର ଚିକିତ୍ସୀୟ ବିବରଣୀ, ତାର ବ୍ୟକ୍ତିଗତ ରୋଗର ଇତିହାସ ଏବଂ ବ୍ୟକ୍ତିଗତ ବିଶେଷତାସବୁକୁ ମଧ୍ୟ ମଗାଯାଇପାରେ । ପ୍ରସ୍ତାବ ଫର୍ମ ସେହି ଦସ୍ତାବିଜ ହୋଇଥାଏ ଯାହା ଦ୍ୱାରା ବୀମାକର୍ତ୍ତାମାନେ ସେହି ସମସ୍ତ ସୂଚନା ପାଇଥାନ୍ତି ଯାହା ସେମାନେ ସମ୍ଭାବ୍ୟ ଗ୍ରାହକଠାରୁ ଆବଶ୍ୟକ କରିଥାନ୍ତି ।

ବୀମା ଅଧିନିୟମର ଧାରା 45, ପ୍ରାବଧାନ ରଖେ ଯେ ତିନି ବର୍ଷ ପରେ ଭୁଲ –ବକ୍ତବ୍ୟ କାରଣରୁ ପଲିସୀ ଉପରେ ପ୍ରଶ୍ନ ଉଠାଯାଇ ପାରିବ ନାହିଁ ।ପ୍ରସ୍ତାବ ଫର୍ମ/ ମେଡିକାଲ ଫର୍ମ ଇତ୍ୟାଦିରେ ସତ୍ୟତାର ସହିତ ସମସ୍ତ ପ୍ରଶ୍ନର ଉତ୍ତର ଦେବା ପାଇଁ ସମ୍ଭାବ୍ୟ ଗ୍ରାହକର ମାର୍ଗଦର୍ଶନ କରିବାରେ ଏବଂ ସେମାନଙ୍କୁ ଧାରା 45 ଅନୁସାରେ ସେପରି ନ କରିବାର ପରିଣାମ ବିଷୟରେ ପରାମର୍ଶ ଦେବାରେ ଅଭିକର୍ତ୍ତାମାନଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥାଏ ।

ଜୀବନ ବୀମା ପାଇଁ ପ୍ରସ୍ତାବ ଫର୍ମଗୁଡିକ ଅଧିନିୟମର ଧାରା 45 ର ଆବଶ୍ୟକତାଗୁଡିକୁ ଉଲ୍ଲେଖ କରିବା ଉଚିତ୍ । ଜୀବନ ବୀମା ସୁରକ୍ଷା ପ୍ରାପ୍ତି କରିବା ପାଇଁ ପ୍ରସ୍ତାବ ଫର୍ମରେ ଥିବା ପ୍ରଶ୍ନଗୁଡିକର ଉତ୍ତର ଦେବା ବେଳେ, ସମ୍ଭାବ୍ୟ ଗ୍ରାହକକୁ ଅଧିନିୟମର ଧାରା 45 ର ପ୍ରାବଧାନଗୁଡିକ ବିଷୟରେ ସୂଚୀତ କରିବ ଏବଂ ପ୍ରସ୍ତାବକକୁ ଏହି ସୁବିଧାର ଲାଭ ଉଠାଇବା ପାଇଁ ପ୍ରୋତ୍ସାହିତ କରିବ ।

ସେହିଭଳି, ଅଧିନିୟମର ଧାରା 39 ନାମିତୀକରଣର ପ୍ରାବଧାନ ବିଷୟରେ ଅଟେ । ଯେଉଁଠି ବି ପ୍ରସ୍ତାବକ ପାଇଁ ନାମିତୀକରଣର ସୁବିଧା ଉପଲବ୍ଧ ହୁଏ, ଅଭିକର୍ତ୍ତା ତାକୁ ଅଧିନିୟମର ଧାରା 39 ର ପ୍ରାବଧାନଗୁଡିକ ବିଷୟରେ ସୂଚୀତ କରିବ ଏବଂ ପ୍ରସ୍ତାବକକୁ ଏହି ସୁବିଧାର ଲାଭ ଉଠାଇବା ପାଇଁ ପ୍ରୋତ୍ସାହିତ କରିବ ।

ପ୍ରସ୍ତାବିତ ଜୀବନର ବ୍ୟକ୍ତିଗତ ଆର୍ଥିକ ଯୋଜନା ସମ୍ବନ୍ଧୀୟ ଦିଗ ଯାହା ତାର କାର୍ଯ୍ୟ ଅବଧି, ଦର୍ଶାଯାଉଥିବା ଆୟ ଓ ବ୍ୟୟ, ଏବଂ ସଞ୍ଚୟ ଓ ନିବେଶ ସ୍ୱାସ୍ଥ୍ୟ, ଅବସରଗ୍ରହଣ ଓ ବୀମା ପାଇଁ ଆବଶ୍ୟକତା ଉପରେ ମଧ୍ୟ ଜୀବନ ବୀମା ପ୍ରସ୍ତାବ ଫର୍ମରେ ପ୍ରଶ୍ନ ପଚରାଯାଇପାରେ ।

**ଆୟୁ ପ୍ରମାଣ** : ବୀମିତ ହେବାକୁ ଥିବା ଜୀବନର ସଙ୍କଟ ପ୍ରୋଫାଇଲ୍ ର ମୂଲ୍ୟାଙ୍କନ କରିବା ପାଇଁ ଆୟୁ ଏକ ମହତ୍ତ୍ୱପୂର୍ଣ୍ଣ କାରକ ହୋଇଥିବାରୁ, ଜୀବନ ବୀମାକର୍ତ୍ତାମାନେ ସଠିକ୍ ଆୟୁକୁ ସତ୍ୟାପନ କରିବା ପାଇଁ ଦଲିଲୀୟ ପ୍ରମାଣ ସଂଗ୍ରହ କରିଥାନ୍ତି । ବୈଧ ଆୟୁ ପ୍ରମାଣ ମାନକ କିମ୍ବା ଅଣ-ମାନକ ହୋଇପାରେ, ଯାହା ଅଧ୍ୟାୟ 7 ରେ ଆଲୋଚିତ ହୋଇଛି ।

ଜୀବନ ବୀମାକର୍ତ୍ତାମାନେ ନିମ୍ନଲିଖିତ ଦସ୍ତାବିଜକୁ ମଧ୍ୟ ଦେଖିଥାନ୍ତି ।

### a) ଅଭିକର୍ତ୍ତାଙ୍କ ଗୋପନୀୟ ରିପୋର୍ଟ

ଅଭିକର୍ତ୍ତା ପ୍ରାଥମିକ/ମୂଖ୍ୟ ସଙ୍କଟାଙ୍କକ ହୋଇଥାଏ । ସଙ୍କଟ ମୂଲ୍ୟାଙ୍କନ ପାଇଁ ଆବଶ୍ୟକ, ପଲିସୀଧାରକ ସମ୍ବନ୍ଧରେ ସମସ୍ତ ମହତ୍ତ୍ୱ ପୂର୍ଣ୍ଣ ତଥ୍ୟ ଓ ବିବରଣୀକୁ ଅଭିକର୍ତ୍ତା ତା' ରିପୋର୍ଟରେ ପ୍ରକଟ କରିବା ଆବଶ୍ୟକ । ଏହାର ଅର୍ଥ ହେଉଛି ଯେ ସ୍ୱାସ୍ଥ୍ୟ, ଅଭ୍ୟାସ, ବ୍ୟବସାୟ, ଆୟ ଓ ପରିବାର ବିବରଣୀର ବିଷୟକୁ ରିପୋର୍ଟରେ ଉଲ୍ଲେଖ କରିବା ଆବଶ୍ୟକ ।

### b) ମେଡିକାଲ ପରୀକ୍ଷକଙ୍କ ରିପୋର୍ଟ

ଅନେକ କ୍ଷେତ୍ରରେ, ବୀମିତ କରିବାକୁ ଥିବା ଜୀବନକୁ ଏକ ଡାକ୍ତରଙ୍କ ଦ୍ୱାରା ଚିକିତ୍ସୀୟ ରୂପେ ଯାଞ୍ଚ କରିବାକୁ ହୋଇଥାଏ, ଯିଏ ବୀମା କମ୍ପାନୀ ଦ୍ୱାରା ସୂଚୀଭୁକ୍ତ ହୋଇଥାଏ । ଉଚ୍ଚତା, ଓଜନ, ରକ୍ତ ଚାପ, ହୃଦୟ ସମ୍ବନ୍ଧୀୟ ସ୍ଥିତି ଇତ୍ୟାଦି ଭଳି ଶାରୀରିକ ବିଶେଷତାସବୁର ବିବରଣୀଗୁଡିକୁ ଡାକ୍ତରଙ୍କ ଦ୍ୱାରା ରେକର୍ଡ କରାଯାଏ ଏବଂ ମେଡିକାଲ ପରୀକ୍ଷକଙ୍କ ରିପୋର୍ଟ କୁହାଯାଉ ଥିବା ତାଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଏ । ତା' ଦ୍ୱାରା ବୀମା କମ୍ପାନୀର ସଙ୍କଟାଙ୍କକ ବୀମିତ ହେବାକୁ ଥିବା ଜୀବନର ବର୍ତ୍ତମାନର ସ୍ୱାସ୍ଥ୍ୟ ସ୍ଥିତିର ବିବରଣୀ ପ୍ରାପ୍ତ କରିଥାଏ ।

ଅନେକଗୁଡିଏ ପ୍ରସ୍ତାବକୁ ମେଡିକାଲ ଯାଞ୍ଚ କରିବା ବିନା ବୀମା ପାଇଁ ସଙ୍କଟାଙ୍କିତ ଏବଂ ସ୍ୱୀକୃତ କରାଯାଇଥାଏ । ସେମାନଙ୍କୁ ଅଣ-ମେଡିକାଲ ପ୍ରକରଣ କୁହାଯାଏ । ମେଡିକାଲ ପରୀକ୍ଷକଙ୍କ ରିପୋର୍ଟର ପାରମ୍ପରିକ ରୂପେ ଆବଶ୍ୟକ ହୋଇଥାଏ ଯେତେବେଳେ ପ୍ରସ୍ତାବଟିକୁ ଅଣ-ମେଡିକାଲ ସଙ୍କଟାଙ୍କନ ଅନ୍ତର୍ଗତ ବିଚାର କରାଯାଇପାରେ ନାହିଁ କାରଣ ପ୍ରସ୍ତାବିତ ରାଶି କିମ୍ବା ପ୍ରସ୍ତାବିତ ଜୀବନର ଆୟୁ ଅଧିକ ହୋଇଥାଏ କିମ୍ବା କେତେକ ବିଶେଷତା ଅଛି ଯାହାକୁ ପ୍ରସ୍ତାବରେ ପ୍ରକଟ କରାଯାଏ, ଯାହା ଏକ ମେଡିକାଲ ପରୀକ୍ଷକ ଦ୍ୱାରା ପରୀକ୍ଷା ଓ ରିପୋର୍ଟ ଆବଶ୍ୟକ କରିଥାଏ ।

### c) ନୈତିକ ବିପତ୍ତି ରିପୋର୍ଟ

ନୈତିକ ବିପତ୍ତି ସେହି ସମ୍ଭାବନା ଅଟେ ଯେ ଏକ ଜୀବନ ବୀମା ପଲିସୀ କ୍ରୟ କରିବା ଫଳରେ ଏକ ଗ୍ରାହକର ବ୍ୟବହାରରେ ପରିବର୍ତ୍ତନ ହୋଇପାରେ ଏବଂ ସେଭଳି ପରିବର୍ତ୍ତନ ଏକ ହାନିର ସମ୍ଭାବନାକୁ ବୃଦ୍ଧି କରିପାରେ । ଏହା ଏକ କାରକ ହୋଇଥାଏ ଯାହାକୁ ସଙ୍କଟର ମୂଲ୍ୟାଙ୍କନ କରିବା ସମୟରେ ଜୀବନ ବୀମା ସଙ୍କଟାଙ୍କକମାନେ ଗମ୍ଭୀର ରୂପେ ବିଚାର କରିଥାନ୍ତି ।

ଜୀବନ ବୀମା କମ୍ପାନୀମାନେ ଜଣେ ନିଜର ଜୀବନ କିମ୍ବା ଅନ୍ୟ ଜଣକର ଜୀବନକୁ ସମାପ୍ତ କରିବା ଭଳି କାର୍ଯ୍ୟକଳାପ ମାଧ୍ୟମରେ ଜୀବନ କ୍ରୟ ଠାରୁ ଲାଭ ପ୍ରାପ୍ତ କରିବା ପାଇଁ ଚାହୁଁଥିବା ବ୍ୟକ୍ତିମାନଙ୍କ ସମ୍ଭାବନା ବିରୁଦ୍ଧରେ ସୁରକ୍ଷା ଦେବା ପାଇଁ ଚାହିଁଥାନ୍ତି । ଏ ପ୍ରକାରେ ଜୀବନ ବୀମା ସଙ୍କଟାଙ୍କକମାନେ ସେହିସବୁ କାରକକୁ ଦେଖୁଥାନ୍ତି ଯାହା ସେଭଳି ବିପତ୍ତି ସୂଚୀତ କରିପାରେ । ଏହି ଉଦ୍ଦେଶ୍ୟ ପାଇଁ, କମ୍ପାନୀ ଆବଶ୍ୟକ କରିପାରେ ଯେ ବୀମା କମ୍ପାନୀର ଏକ ଅଧିକାରୀ ଦ୍ୱାରା ଏକ ନୈତିକ ବିପତ୍ତି ରିପୋର୍ଟ ଜମା କରିବାକୁ ପଡ଼ିବ ।

| ଉଦାହରଣ |
|---|

ବିକାଶ କିଛି ଦିନ ପୂର୍ବେ ଏକ ଜୀବନ ବୀମା ପଲିସୀ କିଣିଲା । ସେ ତାପରେ ଏକ ସାଇଟ୍ ରେ ଏକ ସ୍କୀଇଙ୍ଗ୍ ଅଭିଯାନରେ ଯିବା ପାଇଁ ନିଷ୍ପତ୍ତି ନେଲା, ଯାହାକୁ ବିଶ୍ୱରେ ସବୁଠୁ ବିପଦଜନକ ସ୍କୀଇଙ୍ଗ୍ ସ୍ଥଳ ମାନଙ୍କ ମଧ୍ୟରୁ ଗୋଟିଏ ବୋଲି ଦଲାଲି କରାଯାଉଥିଲା । ଅତୀତରେ ସେ ସେଭଳି ଅଭିଯାନରେ ଯିବା ପାଇଁ ମନା କରିଦେଇଥିଲା ।

## B. ପଲିସୀ ଚରଣ ଦଲଲୀକରଣ

### 1. ପ୍ରଥମ ପ୍ରିମିୟମ ରସିଦ

ଏକ ବୀମା ଚୁକ୍ତି ଆରମ୍ଭ ହୁଏ ଯେତେବେଳେ ଜୀବନ ବୀମା କମ୍ପାନୀ ଏକ ପ୍ରଥମ ପ୍ରିମିୟମ ରସିଦ (FPR) ଜାରୀ କରେ ।

FPR ପ୍ରମାଣ ଅଟେ ଯେ ପଲିସୀ ଚୁକ୍ତି ଆରମ୍ଭ ହୋଇଯାଇଛି । ପ୍ରଥମ ପ୍ରିମିୟମ ରସିଦରେ ନିମ୍ନଲିଖିତ ସୂଚନା ରହିଥାଏ:

- **i.** ଜୀବନ ବୀମିତର ନାମ ଏବଂ ଠିକଣା
- **ii.** ପଲିସୀ ସଂଖ୍ୟା
- **iii.** ପ୍ରଦାନ କରାଯାଇଥିବା ପ୍ରିମିୟମ ରାଶି
- **iv.** ପ୍ରିମିୟମ ପ୍ରଦାନର ପଦ୍ଧତି ଏବଂ ବାରମ୍ବାରତା
- **v.** ପ୍ରିମିୟମ ପ୍ରଦାନର ପରବର୍ତ୍ତୀ ଦେୟ ତାରିଖ
- **vi.** ସଙ୍କଟର ଆରମ୍ଭ ତାରିଖ
- **vii.** ପଲିସୀର ଅନ୍ତିମ ପରିପକ୍ୱତା ତାରିଖ
- **viii.** ସର୍ବଶେଷ ପ୍ରିମିୟମର ପ୍ରଦାନ ତାରିଖ
- **ix.** ବୀମା ରାଶି

FPR ଜାରୀ ପରେ, ବୀମା କମ୍ପାନୀ ପରବର୍ତ୍ତୀ ପ୍ରିମିୟମ ରସିଦଗୁଡିକ ଜାରୀ କରିବ ଯେତେବେଳେ ଏହା ପ୍ରସ୍ତାବକଠାରୁ ଆହୁରି ପ୍ରିମିୟମ ପ୍ରାପ୍ତ କରିବ । ଏହିସବୁ ରସିଦକୁ ନୂତନୀକରଣ ପ୍ରିମିୟମ ରସିଦ (RPR) କୁହାଯାଏ । ପ୍ରିମିୟମ ପ୍ରଦାନ ସମ୍ବନ୍ଧୀୟ କୌଣସି ବିବାଦର ଅବସରରେ RPR ଗୁଡିକ ରାଶିପ୍ରଦାନର ପ୍ରମାଣ ରୂପେ କାର୍ଯ୍ୟ କରନ୍ତି ।

### 2. ପଲିସୀ ଦସ୍ତାବିଜ

ପଲିସୀ ଦସ୍ତାବିଜ ବୀମା ସହିତ ସଂପୃକ୍ତ ଥିବା ସବୁଠୁ ମହତ୍ତ୍ୱପୂର୍ଣ୍ଣ ଦସ୍ତାବିଜ ଅଟେ । **ଏହା ବୀମିତ ଏବଂ ବୀମା କମ୍ପାନୀ ମଧ୍ୟରେ ହୋଇଥିବା ଚୁକ୍ତିର ପ୍ରମାଣ ହୋଇଥାଏ ।** ଏହା ସ୍ୱୟଂ ଚୁକ୍ତି ନୁହଁ । ଯଦି ପଲିସୀ ଦସ୍ତାବିଜଟି ପଲିସୀଧାରକ ଦ୍ୱାରା

ହଜିଯାଏ, ଏହା ବୀମା ଚୁକ୍ତିକୁ ପ୍ରଭାବିତ କରେ ନାହିଁ । ବୀମା କମ୍ପାନୀ ଚୁକ୍ତିରେ କୌଣସି ପରିବର୍ତ୍ତନ ନ କରି ଏକ ନକଲ ପଲିସୀ ଜାରୀ କରିବ । ପଲିସୀ ଦସ୍ତାବିଜଟି ଏକ ସକ୍ଷମ ଅଧିକାରୀଙ୍କ ଦ୍ୱାରା ହସ୍ତାକ୍ଷରିତ ହୋଇଥାଏ ଏବଂ ଭାରତୀୟ ମୁଦ୍ରା ଆଇନ ଅନୁସାରେ ମୁଦ୍ରିତ ହୋଇଥିବା ଉଚିତ୍ । ପଲିସୀ ଦସ୍ତାବିଜର ଡିଜାଇନ୍ କରିବା ସମୟରେ ଜୀବନ ବୀମାକର୍ତ୍ତାମାନେ ସାବଧାନ ରହିଥାନ୍ତି କାରଣ ସେମାନେ କୌଣସି ଅସ୍ପଷ୍ଟତା କିମ୍ବା ଭ୍ରମ ଯାହା ଏହାର ଶବ୍ଦାବଳୀର ବ୍ୟାଖ୍ୟାରେ ଉପୁଜିପାରେ, ତା' ପାଇଁ ଦାୟିତ୍ୱର ଭାର ବହନ କରିଥାନ୍ତି ।

ଏକ ଆଦର୍ଶ ପଲିସୀ ଦସ୍ତାବିଜରେ ତିନୋଟି ଭାଗ ଥାଏ :

a) **ପଲିସୀ ଅନୁସୂଚୀ**

ପଲିସୀ ଅନୁସୂଚୀ ପ୍ରଥମ ଭାଗ ହୋଇଥାଏ । ଏହା ସାଧାରଣତଃ ପଲିସୀର ସମ୍ମୁଖ  ପୃଷ୍ଠାରେ ମିଳିଥାଏ । ଜୀବନ ବୀମା ଚୁକ୍ତିମାନଙ୍କର ଅନୁସୂଚୀ ସାଧାରଣତଃ ସମାନ ପ୍ରକାରର ହୋଇଥାଏ । ସେଥିରେ ସାମାନ୍ୟତଃ ନିମ୍ନଲିଖିତ ସୂଚନା ରହିଥାଏ:

**ଚିତ୍ର 1** : ପଲିସୀ ଦସ୍ତାବିଜ ଘଟକ




**i.** ବୀମା କମ୍ପାନୀର ନାମ

**ii.** ଏକ ପଲିସୀର କେତେକ ସାଧାରଣ ବିବରଣୀଗୁଡିକ ହେଉଛି:

- ✓ ପଲିସୀ ମାଲିକର ନାମ ଏବଂ ଠିକଣା
- ✓ ଜନ୍ମଦିନ ଏବଂ ବୟସ, ଗତ ଜନ୍ମଦିନ
- ✓ ପଲିସୀ ଚୁକ୍ତିର ଯୋଜନା ଓ ଅବଧି
- ✓ ବୀମା ରାଶି
- ✓ ପ୍ରିମିୟମ ରାଶି
- ✓ ପ୍ରିମିୟମ ଦେୟ ଅବଧି
- ✓ ଆରମ୍ଭ ତାରିଖ, ପରିପକ୍ୱତା ତାରିଖ ଏବଂ ସର୍ବଶେଷ ପ୍ରିମିୟମର ଦେୟ ତାରିଖ
- ✓ ପଲିସୀଟି ଲାଭ ସହିତ କିମ୍ବା ଲାଭ ରହିତ ଅଟେ
- ✓ ନାମୀତର ନାମ
- ✓ ପ୍ରିମିୟମ ପ୍ରଦାନର ପଦ୍ଧତି – ବାର୍ଷିକ; ଅର୍ଦ୍ଧ ବାର୍ଷିକ; ତ୍ରୈମାସିକ ; ମାସିକ; ବେତନଠାରୁ କାଟିବା ମାଧ୍ୟମରେ
- ✓ ପଲିସୀ ସଂଖ୍ୟା – ଯାହା ପଲିସୀ ଚୁକ୍ତିର ଅନନ୍ୟ ପରିଚୟ ସଂଖ୍ୟା ହୋଇଥାଏ

iii. ପ୍ରଦାନ କରିବା ପାଇଁ ବୀମାକର୍ତ୍ତାର ପ୍ରତିଶ୍ରୁତି । ସେହିସବୁ ଘଟଣା ଯାହାର ଘଟଣା ଉପରେ ଏବଂ ସେହିସବୁ ରାଶି ଯାହାକୁ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଆଯାଇଥାଏ । ଏହା ବୀମା ଚୁକ୍ତିର ମର୍ମ ସ୍ଥଳ ହୋଇଥାଏ ।

iv. ପ୍ରାଧିକୃତ ହସ୍ତାକ୍ଷରକର୍ତ୍ତାଙ୍କ ହସ୍ତାକ୍ଷର ଏବଂ ପଲିସୀ ଷ୍ଟାମ୍ପ

v. ସ୍ଥାନୀୟ ବୀମା ଲୋକପାଳଙ୍କ ଠିକଣା

**b) ମାନକ ପ୍ରାବଧାନ**

ପଲିସୀ ଦସ୍ତାବିଜର ଦ୍ୱିତୀୟ ଘଟକ ମାନକ ପଲିସୀ ପ୍ରାବଧାନଗୁଡିକ ଦ୍ୱାରା ନିର୍ମିତ ହୋଇଥାଏ, ଯେପରି କି ଆୟୁର ପ୍ରମାଣ, ପ୍ରିମିୟମ ପ୍ରଦାନ ଅନୁଗ୍ରହ ସମୟାବଧି ସମ୍ବନ୍ଧୀୟ ଇତ୍ୟାଦି, ଯାହା ସାଧାରଣତଃ ସମସ୍ତ ଜୀବନ ବୀମା ଚୁକ୍ତିରେ ଉପସ୍ଥିତ ଥାଆନ୍ତି । ଏହିସବୁ ପ୍ରାବଧାନ ମଧ୍ୟରୁ କେତେକ କେତେକ ପ୍ରକାରର ଚୁକ୍ତି, ଯେପରିକି ମିଆଦି, ଏକଲ ପ୍ରିମିୟମ କିମ୍ବା ଅଣ-ସହଭାଗୀତା (ଲାଭ ସହିତ) ପଲିସୀମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇ ନ ପାରେ । ଏହି ମାନକ ପ୍ରାବଧାନଗୁଡିକ ଅଧିକାର ଓ ଲାଭ/ସୁବିଧା ଏବଂ ଅନ୍ୟାନ୍ୟ ସର୍ତ୍ତାବଳୀକୁ ପରିଭାଷିତ କରିଥାନ୍ତି, ଯାହା ଚୁକ୍ତି ଅନ୍ତର୍ଗତ ପ୍ରଯୁଜ୍ୟ ହୋଇଥାନ୍ତି ।

**c) ବିଶେଷ ପଲିସୀ ପ୍ରାବଧାନ**

ପଲିସୀ ଦସ୍ତାବିଜର ତୃତୀୟ ଭାଗରେ ବିଶେଷ ପଲିସୀ ପ୍ରାବଧାନ ଥାଆନ୍ତି ଯାହା ବୈୟକ୍ତିକ ପଲିସୀ ଚୁକ୍ତି ପାଇଁ ବିଶେଷ ହୋଇଥାନ୍ତି । ଏଗୁଡିକୁ  ଦସ୍ତାବିଜର ସମ୍ମୁଖରେ ମୁଦ୍ରିତ କରାଯାଇପାରେ କିମ୍ବା ଏକ ସଂଲଗ୍ନ ରୂପେ ଅଲଗା ନିବିଷ୍ଟ କରାଯାଇପାରେ ।

ଯେତେବେଳେ ମାନକ ପଲିସୀ ପ୍ରାବଧାନସବୁ, ଯେମିତିକି ଅନୁଗ୍ରହର ଅବଧି କିମ୍ବା ବ୍ୟପଗମନ କ୍ଷେତ୍ରରେ ଅଣ-ଜବତକରଣ, କୁ ସାଂବିଧିକ ରୂପେ ଚୁକ୍ତିରେ ପ୍ରଦାନ କରାଯାଇଥାଏ, ବିଶେଷ ପ୍ରାବଧାନସବୁକୁ ସାଧାରଣତଃ ବୀମାକର୍ତ୍ତା ଓ ବୀମିତ ମଧ୍ୟରେ ବିଶେଷ ଚୁକ୍ତି ସହିତ ସଂଯୁକ୍ତ କରାଯାଇଥାଏ ।

**ଉଦାହରଣ**

ଏକ ମହିଳା ଯିଏ ଚୁକ୍ତି ଲେଖିବା ସମୟରେ ଶିଶୁ ପ୍ରସବର ପ୍ରତ୍ୟାଶା ରଖିଥାଏ, ତା' ପାଇଁ ଗର୍ଭାବସ୍ଥା କାରଣରୁ ମୃତ୍ୟୁକୁ ପ୍ରତିରୋଧ କରୁଥିବା ଏକ ଅନୁଚ୍ଛେଦ ।

**ସ୍ୱୟଂ ପରୀକ୍ଷା କରନ୍ତୁ1**

ଏକ ପ୍ରଥମ ପ୍ରିମିୟମ ରସିଦ (FPR) କ'ଣ ସୂଚୀତ କରେ ? ସବୁଠୁ ଉପଯୁକ୍ତ ବିକଳ୍ପକୁ ଚୟନ କରନ୍ତୁ

I. ମୁକ୍ତ-ଅବଲୋକନ ଅବଧି ସମାପ୍ତ ହୋଇଛି

II. ଏହା ପ୍ରମାଣ ହୋଇଥାଏ ଯେ ପଲିସୀ ଚୁକ୍ତି ଆରମ୍ଭ ହୋଇଛି

III. ପଲିସୀକୁ ବର୍ତ୍ତମାନ ରଦ୍ଦ କରାଯାଇପାରିବ ନାହିଁ

IV. ପଲିସୀଟି ଏକ ନିର୍ଦ୍ଦିଷ୍ଟ ନଗଦ ମୂଲ୍ୟ ହାସଲ କରିଛି ।

## C. ପଲିସୀ ସର୍ତ୍ତାବଳୀ ଏବଂ ଲାଭ ⁄ସୁବିଧା

**ଅନୁଗ୍ରହ ସମୟାବଧି**

ଅଧ୍ୟାୟ 4ରେ ଉଲ୍ଲେଖ କରାଯାଇଥିବା ଭଳି, ଅନୁଗ୍ରହ ସମୟାବଧି ପ୍ରାବଧାନ ଏକ ପଲିସୀ ଯାହା ଅନ୍ୟଥା ପ୍ରିମିୟମର ଅଣ-ପ୍ରଦାନ ପାଇଁ ବ୍ୟପଗତ ହୋଇ ଯାଇଥାନ୍ତା, ତାକୁ ଅନୁଗ୍ରହ ସମୟାବଧିରେ ଚାଲୁ ରଖିବାପାଇଁ ସକ୍ଷମ କରେ । ପ୍ରତ୍ୟେକ ଜୀବନ ବୀମା ଚୁକ୍ତି ମୃତ୍ୟୁ ଲାଭ ପ୍ରଦାନ କରିବା ପାଇଁ ସମ୍ମତି ଦିଏ ଏହି ସର୍ତ୍ତରେ ଯେ ପ୍ରିମିୟମସବୁ ଏହି ତାରିଖ ପର୍ଯ୍ୟନ୍ତ ପ୍ରଦାନ କରାଯାଇଛି ଏବଂ ପଲିସୀଟି ପ୍ରଭାବୀ ରହିଛି । "ଅନୁଗ୍ରହ ସମୟାବଧି" ଧାରା ପଲିସୀଧାରକକୁ ପ୍ରିମିୟମ ଦେୟ ହେବା ପରେ ତାହା ପ୍ରଦାନ କରିବାକୁ ଏକ ଅତିରିକ୍ତ ସମୟାବଧିର ସ୍ୱୀକୃତି ଦେଇଥାଏ ।

ପ୍ରିମିୟମ ଅବଶ୍ୟ ଦେୟ ରହିଥାଏ ଏବଂ  ଏହି ସମୟାବଧିରେ ପଲିସୀଧାରକର ମୃତ୍ୟୁ ହୁଏ, ବୀମାକର୍ତ୍ତା ପ୍ରିମିୟମକୁ ମୃତ୍ୟୁ ଲାଭଠାରୁ କାଟିଦିଏ । ଯଦି ଅନୁଗ୍ରହ ସମୟାବଧି ଚାଲିଗଲା ପରେ ବି ପ୍ରିମିୟମ ଦିଆ ଯାଇ ନ ପାରିଲା, ପଲିସୀଟି ତାପରେ ବ୍ୟପଗତ ହୋଇଯାଇଛି ବୋଲି ବିଚାର କରାଯିବ ଏବଂ କମ୍ପାନୀ ମୃତ୍ୟୁ ଲାଭ ପ୍ରଦାନ କରିବାର ବୈଧିକ କର୍ତ୍ତବ୍ୟର ଅଧୀନ ରହିବ ନାହିଁ । କେବଳ ସେହି ରାଶି ଦେୟ ହେବ ଯାହା ଅଣ-ଜବତକରଣ ପ୍ରାବଧାନ ଅନ୍ତର୍ଗତ ପ୍ରଯୁଜ୍ୟ ହୋଇଥାଏ ।

**ମହତ୍ୱପୂର୍ଣ୍ଣ**

**ବ୍ୟପଗମନ ଏବଂ ପୁନଃସ୍ଥାପନ/ ପୁନଃପ୍ରବର୍ତ୍ତନ**

ଆମେମାନେ ପୂର୍ବରୁ ଦେଖିଛୁ ଯେ ଏକ ପଲିସୀ ବ୍ୟପଗତ ସ୍ଥିତିରେ ଅଛି ବୋଲି କୁହାଯିବ ଯଦି ପ୍ରିମିୟମ ଅନୁଗ୍ରହ ସମୟାବଧିରେ ବି ପ୍ରଦାନ କରାଯାଇ ନ ଥିବ । ଉତ୍ତମ ଖବରଟି ହେଉଛି ଅଧିକାଂଶ ବ୍ୟପଗତ ଜୀବନ ବୀମା ପଲିସୀକୁ ପୁନଃସ୍ଥାପିତ [ପୁନଃପ୍ରବର୍ତ୍ତିତ] କରାଯାଇପାରେ । ଆଇ.ଆର.ଡି.ଏ.ଆଇ. ଉତ୍ପାଦ ବିନିୟାମକ ଅନୁସାରେ, ଏକ ଅଣ-ଲିଙ୍କ୍ଡ ପଲିସୀକୁ ଅପ୍ରଦତ୍ତ ପ୍ରିମିୟମର ତାରିଖଠାରୁ 5 ବର୍ଷ ମଧ୍ୟରେ ପୁନଃପ୍ରବର୍ତ୍ତିତ କରାଯାଇପାରେ, ଯେତେବେଳେ କି ଏକ ଲିଙ୍କ୍ଡ ପଲିସୀକୁ 3 ବର୍ଷ ମଧ୍ୟରେ ପ୍ରବର୍ତ୍ତିତ କରାଯାଇପାରେ ।

**ପରିଭାଷା**

ପୁନଃପ୍ରବର୍ତ୍ତନ ସେହି ପ୍ରକ୍ରିୟା ଅଟେ ଯାହାଦ୍ୱାରା ଏକ ଜୀବନ ବୀମା କମ୍ପାନୀ ଏକ ପଲିସୀ ପୁନଃ ପ୍ରଭାବୀ କରେ ଯାହା ହୁଏତ ପ୍ରିମିୟମର ଅଣ-ପ୍ରଦାନ କାରଣରୁ ସମାପ୍ତ ହୋଇଯାଇଥିବ କିମ୍ବା ଅଣ-ଜବତକରଣ ପ୍ରାବଧାନସବୁ ମଧ୍ୟରୁ ଗୋଟିଏ ଅନ୍ତର୍ଗତ ଚାଲୁ ରହିଥିବ ।

---

ପଲିସୀର ପୁନଃପ୍ରବର୍ତ୍ତନ ଅବଶ୍ୟ ବୀମିତର ସର୍ତ୍ତ ରହିତ ଅଧିକାର ହୋଇ ନ ପାରେ । ଏହାକୁ କେବଳ କେତେକ ସର୍ତ୍ତ ଅନ୍ତର୍ଗତ ସମ୍ପନ୍ନ କରାଯାଇପାରେ:

i. **ବିନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ପୁନଃପ୍ରବର୍ତ୍ତନ ଆବେଦନ**: ପଲିସୀ ଧାରକ ନିଶ୍ଚିତ ରୂପେ ପୁନଃପ୍ରବର୍ତ୍ତନ ଆବେଦନକୁ ସେଭଳି ପୁନଃ ପ୍ରବର୍ତ୍ତନ ପାଇଁ ପ୍ରାବଧାନରେ ଉଲ୍ଲିଖିତ ସମୟ ସୀମା, ଧରନ୍ତୁ ବ୍ୟପଗମନ ତାରିଖଠାରୁ ପାଞ୍ଚ ବର୍ଷ ମଧ୍ୟରେ ପୂରା କରିବା ଉଚିତ୍ ।

ii. **ଅବିଚ୍ଛିନ୍ନ ବୀମାଯୋଗ୍ୟତାର ସନ୍ତୋଷଜନକ ପ୍ରମାଣ**: ବୀମିତକୁ ନିଶ୍ଚିତ ରୂପେ ବୀମା କମ୍ପାନୀ ସମ୍ମୁଖରେ ତାର ଅବିଚ୍ଛିନ୍ନ ବୀମାଯୋଗ୍ୟତାର ସନ୍ତୋଷଜନକ ଥିବା ଉଚିତ୍ । କିନ୍ତୁ ଅନ୍ୟାନ୍ୟ କାରକ ଯେପରିକି ଆର୍ଥିକ ଆୟ ଓ ନୈତିକତାର  ବି ବଶେଷ ରୂପେ ହ୍ରାସ ନ ହେବା ଉଚିତ୍ ।

iii. **ଅତିଦେୟ ପ୍ରିମିୟମର ସୁଧ ସହିତ ପ୍ରଦାନ**: ପଲିସୀ ମାଲିକ ଦ୍ୱାରା ପ୍ରତ୍ୟେକ ପ୍ରିମିୟମର ଦେୟ ତାରିଖଠାରୁ ସୁଧ ସହିତ ସମସ୍ତ ଅତିଦେୟ ପ୍ରିମିୟମର ରାଶି ପ୍ରଦାନ କରିବା ଆବଶ୍ୟକ ଅଟେ ।

iv. ଅବିଚ୍ଛିନ୍ନ ବୀମା ଯୋଗ୍ୟତାର ପ୍ରମାଣକୁ ମୂଲ୍ୟାଙ୍କନ କରିବା ପରେ ବୀମାକର୍ତ୍ତା ବିଦ୍ୟମାନ ନିୟମାବଳୀ ଅନୁସାରେ ପଲିସୀ ଓ ପ୍ରିମିୟମକୁ ପୁନଃପ୍ରବର୍ତ୍ତନ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି ଏବଂ ପ୍ରିମିୟମର ବୃଦ୍ଧି କିମ୍ବା ହ୍ରାସ କରାଯାଇଥିବା ସଙ୍କଟ ସୁରକ୍ଷା କିମ୍ବା ଉଭୟର ସହିତ ପୁନଃପ୍ରବର୍ତ୍ତନର ପ୍ରସ୍ତାବ ବି ଦେଇପାରନ୍ତି ।

**ବୋଧହୁଏ ଉପରୋକ୍ତ ସର୍ତ୍ତମାନଙ୍କ ମଧ୍ୟରୁ ସବୁଠୁ ମହତ୍ୱପୂର୍ଣ୍ଣ ହେଉଛି ଯାହା ପୁନଃପ୍ରବର୍ତ୍ତନ ସମୟରେ ବୀମାଯୋଗ୍ୟତାର ପ୍ରମାଣ ଆବଶ୍ୟକ କରେ ।** ମଗାଯାଉଥିବା ପ୍ରମାଣର ପ୍ରକାର ପ୍ରତ୍ୟେକ ବୈୟକ୍ତିକ ପଲିସୀର ପରିସ୍ଥିତି ଉପରେ ନିର୍ଭର କରେ । ଯଦି ପଲିସୀଟି ବ୍ୟପଗତ ସ୍ଥିତିରେ ବହୁତ ଅଳ୍ପ ସମୟାବଧି ପାଇଁ ରହିଥାଏ, ବୀମାକର୍ତ୍ତା କୌଣସି ବୀମାଯୋଗ୍ୟତାର ପ୍ରମାଣ ବିନା ପଲିସୀର ପୁନଃପ୍ରବର୍ତ୍ତନ କରିପାରେ କିମ୍ବା ବୀମିତଠାରୁ ଏକ ସରଳ ଉକ୍ତି ଆବଶ୍ୟକ କରିପାରେ ସେ ଏହା ପ୍ରମାଣିତ କରେ ଯେ ତାର ସ୍ୱାସ୍ଥ୍ୟ ଉତ୍ତମ ଅଛି ।

କମ୍ପାନୀ ଅବଶ୍ୟ କେତେକ ପରିସ୍ଥିତିରେ ଡାକ୍ତରୀ ପରୀକ୍ଷା କିମ୍ବା ବୀମାଯୋଗ୍ୟତାର ଅନ୍ୟ ପ୍ରମାଣ ଆବଶ୍ୟକ କରିପାରେ:

i. ଯଦି ଅନୁଗ୍ରହ ସମୟାବଧି ଦୀର୍ଘ ଦିନ ଠାରୁ ସମାପ୍ତି ହୋଇଯାଇଛି ଏବଂ ପଲିସୀଟି ଧରନ୍ତୁ, ପ୍ରାୟ ଏକ ବର୍ଷ ଧରି ବ୍ୟପଗତ ସ୍ଥିତିରେ ଅଛି ।

ii. ଯଦି ବୀମାକର୍ତ୍ତା ପାଖରେ ସନ୍ଦେହ କରିବାର କାରଣ ରହେ ଯେ ସ୍ୱାସ୍ଥ୍ୟ କିମ୍ବା ଅନ୍ୟ ସମସ୍ୟା ରହିପାରେ । ନୂଆ ଡାକ୍ତରୀ ପରୀକ୍ଷା ମଧ୍ୟ ଆବଶ୍ୟକ ହୋଇପାରେ ଯଦି ପଲିସୀର ବୀମା ରାଶି କିମ୍ବା ଫେସ୍ ରାଶି ଅଧିକ ହୋଇଥାଏ ।

**ମହତ୍ୱପୂର୍ଣ୍ଣ**

ବ୍ୟପଗତ ପଲିସୀମାନଙ୍କ ପୁନଃପ୍ରବର୍ତ୍ତନ (ପୁନଃପ୍ରଚଳନ) ହେଉଛି ଏକ ମହତ୍ୱପୂର୍ଣ୍ଣ ସେବା କାର୍ଯ୍ୟ ଯାହାକୁ ଜୀବନ ବୀମାକର୍ତ୍ତାମାନେ ସକ୍ରିୟ ରୂପେ ପ୍ରୋତ୍ସାହିତ କରିବା ପାଇଁ ଚାହାଁନ୍ତି ଯେହେତୁ ବ୍ୟପଗତ ଅବସ୍ଥାରେ ଥିବା ପଲିସୀଗୁଡିକ ନା ବୀମାକର୍ତ୍ତା ନା ପଲିସୀଧାରକର ମଙ୍ଗଳ କରିଥାନ୍ତି ।

---

**ଅଣ-ଜବତକରଣ ପ୍ରାବଧାନ**

ବୀମା ଅଧିନିୟମ, 1938 (ଧାରା 113), ସେହି ପଲିସୀ (ଯେଉଁମାନେ ସମର୍ପଣ ମୂଲ୍ୟ ହାସଲ କରିଥାନ୍ତି), ସେମାନଙ୍କୁ ଜୀବିତ ରଖି, ବ୍ୟପଗମନରୁ, ଅଧିକ ପ୍ରିମିୟମର ପ୍ରଦାନ ବିନା ମଧ୍ୟ ପ୍ରଦାନ କରାଯାଇଥିବା ବୀମା ରାଶି ପର୍ଯ୍ୟନ୍ତ, ସୁରକ୍ଷା ପ୍ରଦାନ କରିଥାଏ । ଏହା ଏହି କାରଣଯୋଗୁଁ ଯେ ପଲିସୀ ଅନ୍ତର୍ଗତ ସଂଚିତ ନଗଦ ମୂଲ୍ୟ ଉପରେ ପଲିସୀଧାରକର ଦାବୀ ଥାଏ ।

a) **ସମର୍ପଣ ମୂଲ୍ୟ**

ସମର୍ପଣ ମୂଲ୍ୟ ହେଉଛି ସେହି ରାଶି ଯାହାକୁ ଆପଣ ପାଇବେ ଯେତେବେଳେ ଆପଣ ଯୋଜନାଠାରୁ ଅସମୟ ପ୍ରସ୍ଥାନ କରିବା ପାଇଁ ନିଷ୍ପତ୍ତି ନିଅନ୍ତି, ଅର୍ଥାତ୍ ଯେତେବେଳେ ଆପଣ ପଲିସୀର ପରିପକ୍ୱତା ପୂର୍ବରୁ ଏହାକୁ ସଂପୂର୍ଣ୍ଣ ରୂପେ ପ୍ରତ୍ୟାହୃତ କିମ୍ବା ସମାପ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।

ଜୀବନ ବୀମାକର୍ତ୍ତାମାନଙ୍କ ପାଖରେ ସାଧାରଣତଃ ଏକ ଚାର୍ଟ ଥାଏ ଯାହା ବିଭିନ୍ନ ସମୟରେ ସମର୍ପଣ ମୂଲ୍ୟକୁ ସୂଚୀଭୁକ୍ତ କରେ ଏବଂ ସେହି ପଦ୍ଧତି ବିଷୟରେ ବି ଉଲ୍ଲେଖ କରେ ଯାହାକୁ ସମର୍ପଣ ମୂଲ୍ୟ ନିର୍ଦ୍ଧାରିତ କରିବାରେ ବ୍ୟବହାର କରାଯିବ । ସୂତ୍ରଟି ବୀମାର ପ୍ରକାର ଓ ଯୋଜନା, ପଲିସୀର ଆୟୁ ଏବଂ ପଲିସୀ ପ୍ରିମିୟମ ପ୍ରଦାନ ସମୟର ଦୀର୍ଘତାକୁ ମଧ୍ୟ ବିଚାର କରେ ।

ସମର୍ପଣ ପରେ ଜଣକର ହାତରେ ମିଳୁଥିବା ବାସ୍ତବ ନଗଦ ରାଶି ପଲିସୀରେ ନିର୍ଦ୍ଧାରିତ ସମର୍ପଣ ମୂଲ୍ୟ ରାଶିଠାରୁ ଭିନ୍ନ ହୋଇପାରେ । ବାସ୍ତବ ରାଶି ପରିମାଣ କୌଣସି ଅର୍ଜିତ ବୋନସ, ଇତ୍ୟାଦି କାରଣରୁ ଭିନ୍ନ ହୋଇପାରେ ।

**ଗ୍ୟାରେଣ୍ଟିଯୁକ୍ତ ସମର୍ପଣ ମୂଲ୍ୟ** [GSV]: ଆଇ.ଆର.ଡି.ଏ.ଆଇ. ମାର୍ଗଦର୍ଶିକା (2019 ରେ ସଂଶୋଧିତ ହୋଇଥିବା) ଅନୁଯାୟୀ ଭାରତୀୟ ଆଇନ ଏକ ଗ୍ୟାରେଣ୍ଟିଯୁକ୍ତ ସମର୍ପଣ ମୂଲ୍ୟ [GSV] ଦେୟ ହେବାର ପ୍ରାବଧାନ ରଖେ ଯଦି ଅନ୍ୟୂନ ଲଗାତର ଦୁଇ ବର୍ଷ ପାଇଁ ସମସ୍ତ ପ୍ରିମିୟମ ପ୍ରଦାନ କରାଯାଇଥିବ । ପ୍ରଦାନ କରାଯାଇଥିବା ପ୍ରିମିୟମସବୁର କିଛି ପ୍ରତିଶତ (ଧରନ୍ତୁ 30%) ରୂପେ ମିଳିଥିବା ଏହି ମୂଲ୍ୟକୁ ଗ୍ୟାରେଣ୍ଟିଯୁକ୍ତ ସମର୍ପଣ ମୂଲ୍ୟ କୁହାଯାଏ । ଏହି ମୂଲ୍ୟ ପ୍ରଦାନ କରାଯାଇଥିବା ପ୍ରିମିୟମର କାଳାବଧି ଉପରେ ନିର୍ଭର କରେ । GSV କୁ ପଲିସୀ ଦସ୍ତାବିଜରେ ଉଲ୍ଲେଖ କରିବା ଆବଶ୍ୟକ ହୋଇଥାଏ ।

b) **ପଲିସୀ ଋଣ**

ଜୀବନ ବୀମା ପଲିସୀ ଯେଉଁଗୁଡ଼ିକ ଏକ ନଗଦ ମୂଲ୍ୟ ସଂଚିତ କରନ୍ତି, ସେଗୁଡ଼ିକ ପାଖରେ ଋଣ ପାଇଁ ଏକ ବନ୍ଧକ ରୂପେ ପଲିସୀର ନଗଦ ମୂଲ୍ୟର ଉପଯୋଗ କରି ବୀମାକର୍ତ୍ତାଠାରୁ ଟଙ୍କା ଧାର ନେବାର ଅଧିକାରର ସ୍ୱୀକୃତି ପଲିସୀ ଧାରକଙ୍କୁ ଦେବା ପାଇଁ ଏକ ପ୍ରାବଧାନ ରହିଛି । ପଲିସୀ ଋଣ ସାଧାରଣତଃ ପଲିସୀର ସମର୍ପଣ ମୂଲ୍ୟର କିଛି ପ୍ରତିଶତ (ଧରନ୍ତୁ 90%) ପର୍ଯ୍ୟନ୍ତ ସୀମିତ ଥାଏ । ଧ୍ୟାନ ଦିଅନ୍ତୁ ଯେ ପଲିସୀଧାରକ ତା' ନିଜ ଖାତାରୁ ଧାର ନେଉଛି । ସେ ସେହି ରାଶି ପାଇବାର ଯୋଗ୍ୟ ହୋଇଥାନ୍ତା ଯଦି ପଲିସୀକୁ ସମର୍ପଣ କରି ଦିଆଯାଇଥାନ୍ତା । ସେହି କ୍ଷେତ୍ରରେ ପଲିସୀକୁ ସମାପ୍ତ କରି ଦିଆଯାଇଥାନ୍ତା ।

ବୀମାକର୍ତ୍ତାମାନେ ପଲିସୀ ଋଣ ଉପରେ ସୁଧ ଲାଗୁ କରିଥାନ୍ତି, ଯାହା ଅର୍ଦ୍ଧ- ବାର୍ଷିକ କିମ୍ବା ବାର୍ଷିକ ରୂପେ ଦେୟ ହୋଇଥାଏ । ଯଦିଓ ଋଣ ଓ ସୁଧ ଆବଧିକ ରୂପେ ପରିଶୋଧ ଯୋଗ୍ୟ ହୋଇଥାଏ, ଯଦି ଋଣର ପରିଶୋଧ କରାଯାଇନାହିଁ, ବୀମାକର୍ତ୍ତା ଅବଶିଷ୍ଟ (ଅପ୍ରଦତ୍ତ) ଋଣ ଓ ସୁଧ ରାଶିକୁ ଦେୟ ହେବାକୁ ଥିବା ପଲିସୀ ଲାଭରୁ କାଟି ଦେଇଥାଏ । ଏକ ଋଣ ପଲିସୀଧାରକଙ୍କୁ, ବୀମାକୁ ଜୀବିତ ରଖି, ଆର୍ଥିକ ଜରୁରୀକାଳୀନ ସ୍ଥିତିରେ କ୍ଷେତ୍ରରେ ସନ୍ତୋଷ ପ୍ରଦାନ କରିଥାଏ ।

ଯେହେତୁ ଋଣକୁ, ପଲିସୀକୁ ବନ୍ଧକ ରୂପେ ରଖି, ପଲିସୀ ଉପରେ ସ୍ୱୀକୃତି ଦିଆଯାଇଥାଏ, ପଲିସୀକୁ ବୀମାକର୍ତ୍ତା ସପକ୍ଷରେ ସମନୁଦେଶିତ କରାଯାଇଥାଏ (ପରବର୍ତ୍ତୀ ଅନୁଚ୍ଛେଦରେ ବ୍ୟାଖ୍ୟା କରାଯାଇଛି) । ଯେଉଁଠି ପଲିସୀଧାରକ ବୀମିତର ମୃତ୍ୟୁରେ ଟଙ୍କାକୁ ପ୍ରାପ୍ତି କରିବା ପାଇଁ କୌଣସି ବ୍ୟକ୍ତିକୁ ନାମିତ କରିଥାଏ (ପରବର୍ତ୍ତୀ ଅନୁଚ୍ଛେଦରେ ବ୍ୟାଖ୍ୟା କରାଯାଇଛି), ଏହି ନାମିତୀକରଣ ରଦ୍ଦ ହେବ ନାହିଁ କିନ୍ତୁ ନାମିତର ଅଧିକାର ପଲିସୀରେ ବୀମାକର୍ତ୍ତାର ହିତ ପର୍ଯ୍ୟନ୍ତ ପ୍ରଭାବିତ ହେବ ।

**ଉଦାହରଣ**

ଅର୍ଜୁନ ଏକ ଜୀବନ ବୀମା ପଲିସୀ କ୍ରୟ କରେ ଯେଉଁଠି ପଲିସୀ ଅନ୍ତର୍ଗତ ଦେୟ ମୋଟ ମୃତ୍ୟୁଦାବୀ ଟ. 2.5 ଲକ୍ଷ ହୁଏ । ପଲିସୀ ଅନ୍ତର୍ଗତ ଅର୍ଜୁନର ମୋଟ ଅବଶିଷ୍ଟ ଋଣ ଏବଂ ସୁଧ ଟ. 1.5 ଲକ୍ଷ ହୁଏ । ତେଣୁ ଅର୍ଜୁନର ମୃତ୍ୟୁ ଘଟଣାରେ, ବୀମିତ ଅବଶିଷ୍ଟ ଟ. 1 ଲକ୍ଷ ରାଶି ପାଇବା ପାଇଁ ଯୋଗ୍ୟ ହେବ ।

---

**ବିଶେଷ ପଲିସୀ ପ୍ରାବଧାନ ଏବଂ ପୃଷ୍ଠାଙ୍କନ**

**a)** ନାମୀତିକରଣ

i. ବୀମା ଅଧିନିୟମ 1938 ର ଧାରା 39 ଅନ୍ତର୍ଗତ, ଏକ ପଲିସୀ ଧାରକ ତାର ନିଜ ଜୀବନ ଉପରେ ସେହି ବ୍ୟକ୍ତି କିମ୍ବା ବ୍ୟକ୍ତିମାନଙ୍କୁ ନାମୀତ କରିପାରେ ଯାହାକୁ ତାର ମୃତ୍ୟୁରେ ପଲିସୀ ଦ୍ୱାରା ସୁରକ୍ଷିତ ଥିବା ଟଙ୍କାକୁ ଦିଆଯିବ ।

ii. ଜୀବନ ବୀମିତ ଜଣେ କିମ୍ବା ଏକାଧିକ ବ୍ୟକ୍ତିଙ୍କୁ ନାମୀତ ରୂପେ ନାମୀତିକରଣ କରିପାରେ ।

iii. ନାମୀତିମାନେ ବୈଧ ଡିସ୍ଚାର୍ଜର ଅଧିକାରୀ ହେବେ ଏବଂ ଏହାପାଇଁ ଯେଉଁମାନେ ଅଧିକାରୀ ହେବେ, ସେମାନଙ୍କ ତରଫରୁ ଏକ ଟ୍ରଷ୍ଟି ରୂପେ ଟଙ୍କାକୁ ସେମାନଙ୍କୁ ରଖିବାକୁ ପଡିଥାଏ ।

iv. ନାମୀତିକରଣ ସେହି ସମୟ ଯେତେବେଳେ ପଲିସୀକୁ କ୍ରୟ କରାଯାଇଥାଏ କିମ୍ବା ପରେ ପଲିସୀର ପରିପକ୍ୱତା ପୂର୍ବରୁ କୌଣସି ବି ସମୟରେ କରାଯାଇପାରେ ।

v. ନାମୀତିକରଣକୁ ସ୍ୱୟଂ ପଲିସୀର ପାଠ୍ୟରେ କିମ୍ବା ପଲିସୀ ଉପରେ ଏକ ପୃଷ୍ଠାଙ୍କନ ଦ୍ୱାରା ସମ୍ମିଳିତ କରାଯାଇପାରେ । ନାମୀତିକରଣସବୁକୁ ବୀମାକର୍ତ୍ତାଙ୍କୁ ସୂଚୀତ କରିବା ଏବଂ ବୀମାକର୍ତ୍ତାଦ୍ୱାରା ପଲିସୀ ସମ୍ବନ୍ଧୀୟ ରେକର୍ଡରେ ପଞ୍ଜିକୃତ କରିବା ଆବଶ୍ୟକ ହୋଇଥାଏ ।

vi. ନାମୀତିକରଣକୁ ପଲିସୀ ପରିପକ୍ୱତା ଲାଭ କରିବା ପୂର୍ବରୁ କୌଣସି ବି ସମୟରେ, ଏକ ପୃଷ୍ଠାଙ୍କନ କିମ୍ବା ଆହୁରି ଏକ ପୃଷ୍ଠାଙ୍କନ କିମ୍ବା ଏକ ଇଚ୍ଛାପତ୍ର ଦ୍ୱାରା ଯାହା ବି ପ୍ରକରଣ ହୋଇଥାଉ, ରଦ୍ଦ କିମ୍ବା ପରିବର୍ତ୍ତନ କରାଯାଇପାରେ ।

**ମହତ୍ତ୍ୱପୂର୍ଣ୍ଣ**

ନାମୀତିକରଣ କେବଳ ନାମୀତଙ୍କୁ, ଜୀବନ ବୀମିତର ମୃତ୍ୟୁ ଘଟଣାରେ ବୀମାକର୍ତ୍ତାଠାରୁ ପଲିସୀ ଟଙ୍କା ପ୍ରାପ୍ତ କରିବା ପାଇଁ, ଅଧିକାର ଦେଇଥାଏ । ଅବଶ୍ୟ, ଟଙ୍କା କେବଳ ବୈଧିକ ଉତ୍ତରାଧିକାରୀର ହିଁ ହୋଇପାରେ । **ସଂପୂର୍ଣ୍ଣ ଦାବୀ (କିମ୍ବା ଏହାର ଅଂଶ) ଉପରେ ଏକ ନାମୀତର କୌଣସି ଅଧିକାର ନ ଥାଏ ।** ଅବଶ୍ୟ ବୀମା ଅଧିନିୟମ, 1938 ର ଧାରା 39 (7) ଅନୁଯାୟୀ, 26 ଡିସେମ୍ବର, 2014 ପରେ ପରିପକ୍ୱତା ପ୍ରାପ୍ତ ହେଉଥିବାର ସମସ୍ତ ପଲିସୀ ପ୍ରସଙ୍ଗରେ ପଲିସୀ ମାଲିକ ତା' ନିଜ ଜୀବନ ଉପରେ ପିତାମାତା, ପତି/ପତ୍ନୀ, ସନ୍ତାନ କିମ୍ବା ତାଙ୍କ ପତି/ପତ୍ନୀଙ୍କ ସପକ୍ଷରେ କରିଥିବା ନାମୀତିକରଣ ନାମୀତମାନଙ୍କୁ, ବୀମା କମ୍ପାନୀ ଦ୍ୱାରା ଦେୟ ରାଶି ପାଇଁ ଲାଭଦାୟକ ରୂପେ ଅଧିକାରୀ କରିଦିଏ ।

---

ଯେଉଁଠି ନାମୀତ ନାବାଳିକ ହୋଇଥାଏ, ପଲିସୀଧାରକଙ୍କୁ ଏକ ନିଯୁକ୍ତ ବ୍ୟକ୍ତିକୁ ନିଯୁକ୍ତି ଦେବାର ଆବଶ୍ୟକତା ରହିଥାଏ । ଏକ ନିଯୁକ୍ତ ବ୍ୟକ୍ତି ରୂପେ କାର୍ଯ୍ୟ କରିବାକୁ ତାର ସମ୍ମତି ଦେଖାଇବା ପାଇଁ ନିଯୁକ୍ତ ବ୍ୟକ୍ତିକୁ ପଲିସୀ ଦସ୍ତାବିଜରେ ହସ୍ତାକ୍ଷର କରିବାର ଆବଶ୍ୟକ ରହିଥାଏ । ନିଯୁକ୍ତ ବ୍ୟକ୍ତିମାନେ ସେମାନଙ୍କ ପଦ ହରାଇଥାନ୍ତି ଯେତେବେଳେ ନାମୀତ ସାବାଳିକ ବୟସରେ ଉପନୀତ ହୁଏ । ପଲିସୀଧାରକ କୌଣସି ବି ସମୟରେ ନିଯୁକ୍ତ ବ୍ୟକ୍ତିକୁ ବଦଳାଇ ପାରେ । ଯଦି କୌଣସି ନିଯୁକ୍ତ ବ୍ୟକ୍ତି ଦିଆ ନ ଯାଏ, ଏବଂ ନାମୀତ ନାବାଳିକ ହୋଇଥାଏ, ତେବେ ଜୀବନ ବୀମିତର ମୃତ୍ୟୁରେ, ମୃତ୍ୟୁ ଦାବୀକୁ ପଲିସୀଧାରକର ବୈଧିକ ଉତ୍ତରାଧିକାରୀକୁ ପ୍ରଦାନ କରାଯାଏ ।

ଯେଉଁଠି ଏକାଧିକ ନାମୀତଙ୍କୁ ନିଯୁକ୍ତ କରାଯାଏ, ମୃତ୍ୟୁ ଦାବୀ ସେମାନଙ୍କୁ ସଂଯୁକ୍ତ ରୂପେ, କିମ୍ବା ଜୀବିତ କିମ୍ବା ଜୀବିତମାନଙ୍କୁ ଦେୟ ହେବ । ପଲିସୀର ପ୍ରାରମ୍ଭ ପରେ କରାଯାଇଥିବା ନାମୀତିକରଣକୁ ପ୍ରଭାବଶୀଳ କରାଇବା ପାଇଁ ବୀମାକର୍ତ୍ତାମାନଙ୍କୁ ସୂଚୀତ କରିବାକୁ ପଡ଼ିଥାଏ ।

ବୀମା ଅଧିନିୟମର ଧାରା 39 (11) କୁହେ ଯେ ଯେଉଁଠି ପଲିସୀର ପରିପକ୍ୱତା ପରେ ଏକ ପଲିସୀଧାରକର ମୃତ୍ୟୁ ହୁଏ କିନ୍ତୁ ତାର ପଲିସୀର ବୃଦ୍ଧି ଓ ଲାଭକୁ ତା' ମୃତ୍ୟୁ କାରଣରୁ ତାକୁ ଦିଆଯାଇ ନାହିଁ, ତା' ପଲିସୀର ବୃଦ୍ଧି ଓ ଲାଭ ପାଇଁ ତାର ନାମୀତ ଅଧିକାରୀ ହେବ ।

ଚିତ୍ର 2 : ନାମୀତିକରଣ ସମ୍ବନ୍ଧୀୟ ପ୍ରାବଧାନ




## b) **ସମନୁଦେଶନ**

ଯେହେତୁ ଜୀବନ ବୀମା ପଲିସୀ ଏକ ପ୍ରତିଶୃତି  କିମ୍ବା ଏକ ଋଣ ଧାରଣ କରେ ଯାହା ବୀମା କମ୍ପାନୀ ବୀମିତ ପ୍ରତି ଋଣୀ ହୁଏ, ଏହାକୁ ଟଙ୍କା କିମ୍ବା ସମ୍ପତ୍ତି ପାଇଁ ଏକ ବନ୍ଧକ ରୂପେ ବିଚାର କରାଯାଏ । ଆମେ ଦେଖିଛୁ ଯେ ଋଣକୁ ବୀମାକର୍ତ୍ତାମାନଙ୍କ ଦ୍ୱାରା ପଲିସୀର ସମର୍ପଣ ମୂଲ୍ୟ ବିପକ୍ଷରେ  ଅଗ୍ରସାରିତ କରାଯାଏ । ସେହିଭଳି, ବ୍ୟାଙ୍କ ଅନେକ ଆର୍ଥିକ  ସଂସ୍ଥାନ ବୀମା ପଲିସୀର ବନ୍ଧକ ବିପକ୍ଷରେ, ଏହାକୁ ସେମାନଙ୍କ ସପକ୍ଷରେ ସମନୁଦେଶିତ କରି ଋଣ ଅଗ୍ରସାରିତ କରନ୍ତି ।

ସମନୁଦେଶନ ପଦ ସାଧାରଣଭାବେ ଲିଖିତ ରୂପେ ଅନ୍ୟ ଏକ ବ୍ୟକ୍ତିର ସପକ୍ଷରେ ସମ୍ପତ୍ତିର ସ୍ଥାନାନ୍ତରଣକୁ ସୂଚୀତ କରେ ।

ଏକ ଜୀବନ ବୀମା ପଲିସୀର ସମନୁଦେଶନର ନିହିତାର୍ଥ ହେଉଛି (ସମ୍ପତ୍ତି ରୂପେ) ପଲିସୀରେ ଥିବା ଅଧିକାର, ପଦବୀ ଓ ହିତକୁ ଜଣେ ବ୍ୟକ୍ତିଠାରୁ ଅନ୍ୟ ଜଣକ ପାଖକୁ ସ୍ଥାନାନ୍ତରଣ କରିବାର କାର୍ଯ୍ୟ । ସେହି ବ୍ୟକ୍ତି ଯିଏ ଅଧିକାରକୁ ସ୍ଥାନାନ୍ତରଣ କରେ, ତାହାକୁ ସମନୁଦେଶନ ଏବଂ ସେହି ବ୍ୟକ୍ତି ଯାହା ପାଖକୁ ସମ୍ପତ୍ତିକୁ ସ୍ଥାନାନ୍ତରିତ କରାଯାଏ, ତାହାକୁ ସମନୁଦେଶିତ କୁହାଯାଏ । ସମନୁଦେଶନରେ, ପଲିସୀର ସ୍ୱାମୀତ୍ୱର ପରିବର୍ତ୍ତନ ହୋଇଥାଏ ଏବଂ ତେଣୁକରି ନାମୀତିକରଣ ରଦ୍ଦ ହୋଇଯାଏ, କେବଳ ଏହି ସମୟ ବ୍ୟତୀତ ଯେତେବେଳେ ଏକ ପଲିସୀ ଋଣ ପାଇଁ ସମନୁଦେଶନ ବୀମା କମ୍ପାନୀକୁ କରାଯାଇଥାଏ ।

ଦୁଇ ପ୍ରକାରର ସମନୁଦେଶନ ରହିଥାଏ

**ଚିତ୍ର 3** : ସମନୁଦେଶନର ପ୍ରକାର




| ସସର୍ତ୍ତ ସମନୁଦେଶନ | ସଂପୂର୍ଣ୍ଣ ସମନୁଦେଶନ |
| --- | --- |
| ସସର୍ତ୍ତ ସମନୁଦେଶନ ପ୍ରାବଧାନ ରଖେ ଯେ ପଲିସୀଟି, ଜୀବନ ବୀମିତର ପରିପକ୍ୱତା ତାରିଖରେ ତାର ଜୀବିତ ଥିବାରେ କିମ୍ବା ସମନୁଦେଶିତର ମୃତ୍ୟୁରେ, ଜୀବନ ବୀମିତ ପାଖକୁ ପ୍ରତ୍ୟାବର୍ତ୍ତନ କରିବ । | • ସଂପୂର୍ଣ୍ଣ ସମନୁଦେଶନ ପ୍ରାବଧାନ ରଖେ ଯେ ସେ ସମସ୍ତ ଅଧିକାର, ପଦବୀ ଏବଂ ହିତ ଯାହା ପଲିସୀରେ ସମନୁଦେଶକର ଥାଏ, ଏ ସବୁ କୁ କୌଣସି ବି ଘଟଣାରେ ସମନୁଦେଶକ କିମ୍ବା ତାର ଭୂସମ୍ପତ୍ତିକୁ ପ୍ରତ୍ୟାବର୍ତ୍ତିତ ନ କରି, ସମନୁଦେଶିତ କୁ ସ୍ଥାନାନ୍ତରିତ ହେବ ।<br>• ପଲିସୀଟି ଏ ପ୍ରକାରେ ସଂପୂର୍ଣ୍ଣ ରୂପେ ସମନୁଦେଶିତ ଉପରେ ନ୍ୟସ୍ତ ଥାଏ । ସମନୁଦେଶିତ, ସମନୁଦେଶକର ବିନା ସମ୍ମତିରେ, ଯେମିତି ପ୍ରକାରେ ବି ଚାହିଁବ, ପଲିସୀ ସହିତ କାରବାର କରି ପାରିବ । |

ସଂପୂର୍ଣ୍ଣ ସମନୁଦେଶନ ଅନେକ ବ୍ୟାପାରିକ ପରିସ୍ଥିତିରେ ଅଧିକ ସାଧାରଣ ରୂପେ ଦେଖାଯାଇଥାଏ ଯେଉଁଠି ପଲିସୀଟିକୁ ଏକ ଗୃହ ଋଣ ଭଳି, ପଲିସୀଧାରକ ଦ୍ୱାରା ଧାରଣ କରାଯାଇଥିବା ଏକ ଋଣ ବିପକ୍ଷରେ ବନ୍ଧକ ରଖାଯାଇଥାଏ ।

**ବୈଧ ସମନୁଦେଶନ ପାଇଁ ସର୍ତ୍ତାବଳୀ**

ଆସନ୍ତୁ ବର୍ତ୍ତମାନ ସେହି ସର୍ତ୍ତାବଳୀ ଉପରେ ଦୃଷ୍ଟିପାତ କରିବା ଯାହା ଏକ ବୈଧ ସମନୁଦେଶନ ପାଇଁ ଆବଶ୍ୟକ ହୋଇଥାଏ।

i. ସମନୁଦେଶକ ପାଖରେ ନିଶ୍ଚିତ ଭାବରେ ସମନୁଦେଶିତ କରାଯାଉଥିବା ପଲିସୀ ଉପରେ ସଂପୂର୍ଣ୍ଣ ଅଧିକାର ଏବଂ ପଦବୀ କିମ୍ବା ସମନୁଦେଶନ ଯୋଗ୍ୟ ହିତ ରହିବା ଉଚିତ୍ ।

ii. ସମନୁଦେଶନ ପ୍ରଭାବୀ ରହିଥିବା କୌଣସି ଆଇନର ବିରୁଦ୍ଧ ହେବା ଉଚିତ୍ ନୁହେଁ ।

iii. ସମନୁଦେଶିତ ଅନ୍ୟ ଏକ ସମନୁଦେଶନ କରିପାରେ, କିନ୍ତୁ ନାମୀତିକରଣ କରିପାରିବ ନାହିଁ କାରଣ ସମନୁଦେଶିତ ଜୀବନ ବୀମିତ ନୁହେଁ ।

**ମହତ୍ୱ ପୂର୍ଣ୍ଣ:**

- ➢ ଏକ ଜୀବନ ବୀମା ପଲିସୀକୁ ସଂପୂର୍ଣ୍ଣ ରୂପେ କିମ୍ବା ଆଂଶିକ ରୂପେ ସମନୁଦେଶିତ କରାଯାଇପାରେ ।
- ➢ ସମନୁଦେଶନକୁ ନିଶ୍ଚିତ ରୂପେ ସ୍ଥାନାନ୍ତରଣକାରୀ କିମ୍ବା ସମନୁଦେଶକ କିମ୍ବା ଉଚିତ୍ ରୂପେ ପ୍ରାଧିକୃତ ଅଭିକର୍ତ୍ତା ଦ୍ୱାରା ସ୍ୱାକ୍ଷରିତ ଏବଂ ଅତି କମ୍ ରେ ଗୋଟିଏ ସାକ୍ଷୀ ଦ୍ୱାରା ଅନୁପ୍ରମାଣିତ କରାଯିବା ଉଚିତ୍ ।
- ➢ ଅଧିକାର/ପଦବୀର ସ୍ଥାନାନ୍ତରଣକୁ ବିଶେଷ ରୂପେ ପଲିସୀରେ ଏକ ପୃଷ୍ଠାଙ୍କନ କିମ୍ବା ଏକ ଅଲଗା ସାଧନ ରୂପେ ଉଲ୍ଲିଖିତ କରିବାକୁ ପଡ଼ିଥାଏ ।

➢ ପଲିସୀଧାରକ ବୀମାକର୍ତ୍ତାଙ୍କୁ ସମନୁଦେଶନର ସୂଚନା ନିଶ୍ଚିତ ଭାବେ ଦେବା ଉଚିତ୍, ଯାହା ବିନା ସମନୁଦେଶନ ବୈଧ ହେବ ନାହିଁ ।

➢ ଧାରା 38(2) ବିନିର୍ଦ୍ଦିଷ୍ଟ କରେ ଯେ ଏକ ବୀମାକର୍ତ୍ତା ସମନୁଦେଶନକୁ ସ୍ୱୀକାର କରିପାରେ, କିମ୍ବା ତାହାକୁ ଅଗ୍ରାହ୍ୟ କରିପାରେ, ଯଦି ଏହା ପାଖରେ ବିଶ୍ୱାସ କରିବାକୁ ଯଥେଷ୍ଟ କାରଣ ରହେ ଯେ ସେଭଳି ସମନୁଦେଶନ କିମ୍ବା ପଲିସୀଧାରକର ହିତରେ କିମ୍ବା ସାର୍ବଜନିକ ହିତରେ ନାହିଁ କିମ୍ବା ବୀମା ପଲିସୀର ବ୍ୟବସାୟ ଉଦ୍ଦେଶ୍ୟରେ ଅଟେ ।

➢ ଅବଶ୍ୟ, ବୀମାକର୍ତ୍ତା, ପୃଷ୍ଠାଙ୍କନ ଉପରେ କାର୍ଯ୍ୟ କରିବାକୁ ମନା କରିବା ପୂର୍ବରୁ, ସେହି ଅଗ୍ରାହ୍ୟତା ପାଇଁ କାରଣସବୁକୁ ଲିଖିତ ରୂପେ ରେକର୍ଡ କରିବ ଏବଂ ଏ ବିଷୟରେ ପଲିସୀଧାରକ ସେଭଳି ସ୍ଥାନାନ୍ତରଣ କିମ୍ବା ସମନୁଦେଶନର ସୂଚନା ଦେବାର ତାରିଖଠାରୁ 30 ଦିନ ମଧ୍ୟରେ ପଲିସୀଧାରକଙ୍କୁ ସୂଚୀତ କରିବ ।

**ଚିତ୍ର 4** : ବୀମା ପଲିସୀର ସମନୁଦେଶନ ସମ୍ବନ୍ଧୀୟ ପ୍ରାବଧାନ




**ପଲିସୀଧାରକମାନଙ୍କ ପାଇଁ ସାଧାରଣରୂପେ ବିସ୍ତାରିତ ସୁବିଧା/ଲାଭ**

a) **ନକଲ ପଲିସୀ** :

ଏକ ଜୀବନ ବୀମା ପଲିସୀ ଦସ୍ତାବିଜ କେବଳ ଏକ ପ୍ରତିଶ୍ରୁତିର ପ୍ରମାଣ ଅଟେ । ପଲିସୀ ଦସ୍ତାବିଜର ନିଖୋଜ/ହାନି କିମ୍ବା ନଷ୍ଟ ଚୁକ୍ତି ଅନ୍ତର୍ଗତ ତା'ଦାୟିତ୍ୱଠାରୁ କମ୍ପାନୀକୁ କୌଣସି ପ୍ରକାରେ ବି ଦୋଷମୁକ୍ତ କରେ ନାହିଁ । ପଲିସୀ ଦସ୍ତାବିଜର ନିଖୋଜ କ୍ଷେତ୍ରରେ ପାଳନ କରିବାକୁ ଜୀବନ ବୀମା କମ୍ପାନୀମାନଙ୍କ ପାଖରେ ସାଧାରଣତଃ ମାନକ କାର୍ଯ୍ୟପ୍ରଣାଳୀ ଥାଏ ।

ସାଧାରଣତଃ କାର୍ଯ୍ୟାଳୟ ପ୍ରକରଣକୁ ଯାଞ୍ଚ କରିବ ଏହା ଦେଖିବାକୁ ଯେ ଆରୋପ ଲଗାଯାଇଥିବା ନିଖୋଜକୁ ସନ୍ଦେହ କରିବା ପାଇଁ କୌଣସି କାରଣ ଅଛି କି ? ସନ୍ତୋଷ ଜନକ ପ୍ରମାଣ ଦାଖଲ କରିବାର ଆବଶ୍ୟକ ଯେ ପଲିସୀଟି ହଜିଯାଇଛି ଏବଂ ଅନ୍ୟ ପ୍ରକାରେ କୌଣସି କାରବାର ହୋଇ ନାହିଁ । ସାଧାରଣତଃ ଦାବୀଟିକୁ ଦାବୀଦାର ଜମାନତ ସହିତ କିମ୍ବା ଜମାନତ ରହିତ ଏକ କ୍ଷତିପୂର୍ତ୍ତି ବଣ୍ଡ ଦାଖଲ କରିବା ଉପରେ ସମାଧାନ କରାଯାଇପାରେ ।

ଯଦି ରାଶି ପ୍ରଦାନ କମ୍ ସମୟ ମଧ୍ୟରେ ଦେୟ ହୋଇଥାଏ ଏବଂ ପ୍ରଦାନ କରିବାକୁ ଥିବା ରାଶି ଅଧିକ ହୋଇଥାଏ, କାର୍ଯ୍ୟାଳୟ ଏହା ଉପରେ ବି ଜୋର୍ ଦେଇ ପାରେ ଯେ ନିଖୋଜର ରିପୋର୍ଟ କରି, ବ୍ୟାପକ ପ୍ରସାର ଥିବା ଏକ

ଜାତୀୟ ଖବରକାଗଜରେ ଏକ ବିଜ୍ଞାପନ ଦିଆଯାଉ । ଏକ ନକଲ (ପ୍ରତିଲିପି) ପଲିସୀ ଜାରୀ କରାଯାଇପାରେ ଏହା ନିଶ୍ଚିତ ହେବା ପରେ ଯେ କାହାରିଠାରୁ ବି କୌଣସି ଆପତ୍ତି ନାହିଁ ।

b) **ପରିବର୍ତ୍ତନ (ସଂଶୋଧନ)**

ପଲିସୀଧାରକମାନେ ପଲିସୀ ନିୟମ ଓ ସର୍ତ୍ତାବଳୀରେ ପରିବର୍ତ୍ତନ/ସଂଶୋଧନ କରିବା ପାଇଁ ଚାହିଁ ପାରନ୍ତି । ଉଭୟ ବୀମାକର୍ତ୍ତା ଓ ବୀମିତର ସମ୍ମତିରେ ସେଭଳି ପରିବର୍ତ୍ତନ କରିବାର ପ୍ରାବଧାନ ରହିଛି । ସାଧାରଣତଃ ପଲିସୀର ପ୍ରଥମ ବର୍ଷରେ ସଂଶୋଧନର ଅନୁମତି ଦିଆଯାଇ ନ ପାରେ, ପ୍ରିମିୟମର ପଦ୍ଧତି ରେ ପରିବର୍ତ୍ତନ ବ୍ୟତୀତ କିମ୍ବା ପରିବର୍ତ୍ତନ ଯାହା ଅନିବାର୍ଯ୍ୟ ସ୍ୱରୂପର ହୋଇଥାଏ, ତା' ବ୍ୟତୀତ – ଯେପରି କି

- ✓ ନାମ କିମ୍ବା/ଏବଂ ଠିକଣାରେ ପରିବର୍ତ୍ତନ;
- ✓ ବୟସର ପୁନଃପ୍ରବିଷ୍ଟି ଯଦି ଏହା ଅଧିକ କିମ୍ବା କମ୍ ବୋଲି ପ୍ରମାଣିତ ହୁଏ;
- ✓ ଦ୍ୱିଗୁଣ ଦୁର୍ଘଟଣା ଲାଭ କିମ୍ବା ସ୍ଥାୟୀ ବିକଳାଙ୍ଗତା ଲାଭ ଇତ୍ୟାଦିର ସ୍ୱୀକୃତି ପାଇଁ ଅନୁରୋଧ ।

ପରବର୍ତ୍ତୀ ବର୍ଷଗୁଡିକରେ ପରିବର୍ତ୍ତନର ଅନୁମତି ମିଳିପାରେ । ଏହି ପରିବର୍ତ୍ତନଗୁଡିକ ମଧ୍ୟରୁ କେତେକ ପଲିସୀ ଉପରେ କିମ୍ବା ଏକ ଅଲଗା କାଗଜରେ ଏକ ଉଚିତ୍ ପୃଷ୍ଠାଙ୍କନ ଦେଇ, ପ୍ରଭାବିତ କରାଯାଇପାରେ । ଅନ୍ୟାନ୍ୟ ପରିବର୍ତ୍ତନ, ଯାହା ପଲିସୀ ସର୍ତ୍ତାବଳୀରେ ଏକ ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ଆବଶ୍ୟକ କରନ୍ତି, ବିଦ୍ୟମାନ ପଲିସୀଗୁଡିକର ରଦ୍ଦକରଣ ଏବଂ ନୂଆ ପଲିସୀଗୁଡିକର ଜାରୀ ଆବଶ୍ୟକ କରି ପାରନ୍ତି ।

କେତେକ ମୁଖ୍ୟ ପ୍ରକାରର ପରିବର୍ତ୍ତନ ଯାହାର ସ୍ୱୀକୃତି ଅଛି, ସେଗୁଡିକ ହେଉଛନ୍ତି

**i.** କେତେକ ଶ୍ରେଣୀର ବୀମା କିମ୍ବା ଅବଧି [ଯେଉଁଠି ସଙ୍କଟର ବୃଦ୍ଧି ହୁଏ ନାହିଁ ] ରେ ପରିବର୍ତ୍ତନ

**ii.** ବୀମା ରାଶିରେ ହ୍ରାସ

**iii.** ପ୍ରିମିୟମ ପ୍ରଦାନର ପଦ୍ଧତିରେ ପରିବର୍ତ୍ତନ

**iv.** ପଲିସୀର ପ୍ରାରମ୍ଭ ତାରିଖରେ ପରିବର୍ତ୍ତନ

**v.** ପଲିସୀକୁ ଦୁଇ କିମ୍ବା ଅଧିକ ପଲିସୀରେ ବିଭାଜିତ କରିବା

**vi.** ଏକ ଅତିରିକ୍ତ ପ୍ରିମିୟମ କିମ୍ବା ପ୍ରତିବନ୍ଧାତ୍ମକ ଅନୁଚ୍ଛେଦକୁ ହଟାଇବା

**vii.** ଲାଭ ରହିତ ଯୋଜନାଠାରୁ ଲାଭ ସହିତ ଯୋଜନାକୁ ପରିବର୍ତ୍ତନ

**viii.** ନାମରେ ପରିବର୍ତ୍ତନ

**ix.** ଦାବୀ ପ୍ରଦାନ ପାଇଁ ସମାଧାନର ବିକଳ୍ପ ଏବଂ ଦ୍ୱିଗୁଣ ଦୁର୍ଘଟଣା ଲାଭର ସ୍ୱୀକୃତି

ଏହିସବୁ ପରିବର୍ତ୍ତନ ସାଧାରଣତଃ ସଙ୍କଟରେ ବୃଦ୍ଧିକୁ ସଂପୃକ୍ତ କରେ ନାହିଁ । ପଲିସୀମାନଙ୍କ ଅନ୍ୟାନ୍ୟ ପରିବର୍ତ୍ତନ ରହିଥାଏ ଯାହାର ସ୍ୱୀକୃତି ଦିଆଯାଏ ନାହିଁ । ଏଗୁଡିକ ସେହି ପରିବର୍ତ୍ତନ ଯେଉଁଥିରେ ପ୍ରିମିୟମକୁ କମ୍ କରିବାର ପ୍ରଭାବ ରହିଥାଏ । ଉଦାହରଣଗୁଡିକ ହେଉଛି ପ୍ରିମିୟମ ପ୍ରଦାନ ଅବଧିର ବୃଦ୍ଧି; ଲାଭ ସହିତ ଠାରୁ ଲାଭ ରହିତ ଯୋଜନାକୁ  ପରିବର୍ତ୍ତନ; ଗୋଟିଏ ଶ୍ରେଣୀର ବୀମାଠାରୁ ଅନ୍ୟ ଗୋଟିଏକୁ ପରିବର୍ତ୍ତନ, ଯେଉଁଠି ଏହା ସଙ୍କଟକୁ ବଢ଼ାଇଥାଏ : ଏବଂ ବୀମା ରାଶିରେ ବୃଦ୍ଧି ।

**ସ୍ୱୟଂ ପରୀକ୍ଷଣ କରନ୍ତୁ2**

କେଉଁ ପରିସ୍ଥିତିରେ ପଲିସୀଧାରକ ଏକ ବ୍ୟକ୍ତି ନିଯୁକ୍ତ କରିବାର ଆବଶ୍ୟକ ହୋଇପାରେ ?

I. ବୀମିତ ନାବାଳିକ ଅଟେ

II. ନାମୀତ ଏକ ନାବାଳିକ ଅଟେ

III. ପଲିସୀଧାରକ ଉତ୍ତମ ମସ୍ତିଷ୍କର ନୁହେଁ

IV. ପଲିସୀଧାରକ ବିବାହିତ ନୁହେଁ

**ସାରାଂଶ**

- ସ୍ୱାସ୍ଥ୍ୟ, ଅଭ୍ୟାସ, ବ୍ୟବସାୟ, ଆୟ ଓ ପରିବାର ବିବରଣୀର ବିଷୟକୁ ଅଭିକର୍ତ୍ତା ଦ୍ୱାରା ତାଙ୍କ ରିପୋର୍ଟରେ ଉଲ୍ଲେଖ କରିବା ଆବଶ୍ୟକ ।
- ଉଚ୍ଚତା, ଓଜନ, ରକ୍ତ ଚାପ, ହୃଦୟ ସମ୍ବନ୍ଧୀୟ ସ୍ଥିତି ଇତ୍ୟାଦି ଭଳି ଶାରୀରିକ ବିଶେଷତା ସମ୍ବନ୍ଧୀୟ ବିବରଣୀଗୁଡିକୁ ଡାକ୍ତରଙ୍କ ଦ୍ୱାରା ରେକର୍ଡ କରାଯାଏ ଏବଂ ମେଡିକାଲ ପରୀକ୍ଷକଙ୍କ ରିପୋର୍ଟ କୁହାଯାଉଥିବା ତାଙ୍କ ରିପୋର୍ଟରେ ଉଲ୍ଲେଖ କରାଯାଏ ।
- ନୈତିକ ବିପତ୍ତି ସେହି ସମ୍ଭାବନା ଅଟେ ଯେ ଏକ ଜୀବନ ବୀମା ପଲିସୀ କ୍ରୟ କରିବା ଫଳରେ ଏକ ଗ୍ରାହକର ବ୍ୟବହାରରେ ପରିବର୍ତ୍ତନ ହୋଇପାରେ ଏବଂ ସେଭଳି ପରିବର୍ତ୍ତନ ଏକ ହାନିର ସମ୍ଭାବନାକୁ ବୃଦ୍ଧି କରିପାରେ ।
- ଏକ ବୀମା ଚୁକ୍ତି ଆରମ୍ଭ ହୁଏ ଯେତେବେଳେ ଜୀବନ ବୀମା କମ୍ପାନୀ ଏକ ପ୍ରଥମ ପ୍ରିମିୟମ ରସିଦ ( FPR) ଜାରୀ କରେ । FPR  ପ୍ରମାଣ ଅଟେ ଯେ ପଲିସୀ ଚୁକ୍ତି ଆରମ୍ଭ ହୋଇଯାଇଛି ।
- ପଲିସୀ ଦସ୍ତାବିଜ ବୀମା ସହିତ ସଂପୃକ୍ତ ଥିବା ସବୁଠୁ ମହତ୍ୱପୂର୍ଣ୍ଣ ଦସ୍ତାବିଜ ଅଟେ । ଏହା ବୀମିତ ଏବଂ ବୀମା କମ୍ପାନୀ ମଧ୍ୟରେ ହୋଇଥିବା ଚୁକ୍ତିର ପ୍ରମାଣ ହୋଇଥାଏ ।
- ଏକ ଆଦର୍ଶ ପଲିସୀ ଦସ୍ତାବିଜରେ ତିନୋଟି ଭାଗ ଥାଏ ଯେଉଁଗୁଡିକ ଅଟେ ପଲିସୀ ଅନୁସୂଚୀ, ମାନକ ପ୍ରାବଧାନ ଏବଂ ପଲିସୀର ବିଶେଷ ପ୍ରାବଧାନ ।
- ଅନୁଗ୍ରହ ସମୟାବଧି ଅନୁଚ୍ଛେଦ ପଲିସୀଧାରକକୁ ପ୍ରିମିୟମ ଦେୟ ହୋଇଯାଇଥିବା ପରେ ତାକୁ ପ୍ରଦାନ କରିବା ପାଇଁ ଏକ ଅତିରିକ୍ତ ସମୟାବଧିର ସ୍ୱୀକୃତି ଦିଏ ।
- ପୁନଃପ୍ରବର୍ତ୍ତନ ସେହି ପ୍ରକ୍ରିୟା ଅଟେ ଯାହାଦ୍ୱାରା ଏକ ଜୀବନ ବୀମା କମ୍ପାନୀ ଏକ ପଲିସୀ ପୁନଃ ପ୍ରଭାବୀ କରେ ଯାହା ହୁଏତ ପ୍ରିମିୟମର ଅଣ-ପ୍ରଦାନ କାରଣରୁ ସମାପ୍ତ ହୋଇଯାଇଥିବ କିମ୍ବା ଅଣ-ଜବତକରଣ ପ୍ରାବଧାନସବୁ ମଧ୍ୟରୁ ଗୋଟିଏର ଅନ୍ତର୍ଗତ ଚାଲୁ ରହିଥିବ ।
- ଏକ ପଲିସୀ ଋଣ ଏକ ସାଧାରଣ ବ୍ୟାପାରିକ ଋଣଠାରୁ ଦୁଇଟି ଦୃଷ୍ଟିଭଙ୍ଗୀରୁ ଭିନ୍ନ ଅଟେ, ପ୍ରଥମତଃ ପଲିସୀ ମାଲିକ ଋଣକୁ ପରିଶୋଧ କରିବା ପାଇଁ ବୈଧିକ ରୂପେ ବାଧ୍ୟ ହୁଏ ନାହିଁ ଏବଂ ବୀମାକର୍ତ୍ତା ବୀମିତ ଉପରେ ଏକ ଜମା ପ୍ରତିବନ୍ଧ ଲଗାଇବା ଆବଶ୍ୟକ ନୁହେଁ ।

- ନାମୀତିକରଣ ସେଇଠି ହୋଇଥାଏ ଯେଉଁଠି ଜୀବନ ବୀମିତ ସେହି ବ୍ୟକ୍ତି (ମାନଙ୍କ) ନାମ ପ୍ରସ୍ତାବିତ କରେ ଯାହାକୁ ସେମାନଙ୍କ ମୃତ୍ୟୁ ପରେ ବୀମା କମ୍ପାନୀ ଦ୍ୱାରା ବୀମା ରାଶିକୁ ପ୍ରଦାନ କରାଯିବା ଉଚିତ୍ ।
- ଏକ ଜୀବନ ବୀମା ପଲିସୀର ସମନୁଦେଶନର ନିହିତାର୍ଥ ହେଉଛି (ସମ୍ପତ୍ତି ରୂପେ) ପଲିସୀରେ ଥିବା ଅଧିକାର, ପଦବୀ ଓ ହିତକୁ ଜଣେ ବ୍ୟକ୍ତିଠାରୁ ଅନ୍ୟ ଜଣକ ପାଖକୁ ସ୍ଥାନାନ୍ତରଣ କରିବାର କାର୍ଯ୍ୟ । ସେହି ବ୍ୟକ୍ତି ଯିଏ ଅଧିକାରକୁ ସ୍ଥାନାନ୍ତରଣ କରେ, ତାହାକୁ ସମନୁଦେଶକ ଏବଂ ସେହି ବ୍ୟକ୍ତି ଯାହା ପାଖକୁ ସମ୍ପତ୍ତିକୁ ସ୍ଥାନାନ୍ତରିତ କରାଯାଏ, ତାହାକୁ ସମନୁଦେଶିତ କୁହାଯାଏ ।
- ପରିବର୍ତ୍ତନ/ସଂଶୋଧନ ଉଭୟ ବୀମାକର୍ତ୍ତା ଓ ବୀମିତର ସମ୍ମତି ଅଧୀନରେ ହୋଇଥାଏ । ସାଧାରଣତଃ ପଲିସୀର ପ୍ରଥମ ବର୍ଷରେ ପରିବର୍ତ୍ତନ (ସଂଶୋଧନ) ର ଅନୁମତି ଦିଆଯାଇ ନ ପାରେ, କେବଳ କେତେକ ସାମାନ୍ୟ ପରିବର୍ତ୍ତନ ବ୍ୟତୀତ ।

**ମୁଖ୍ୟ ପଦାବଳୀ**

1. ଅଭିକର୍ତ୍ତାଙ୍କ ଗୋପନୀୟ ରିପୋର୍ଟ
2. ମେଡିକାଲ ପରୀକ୍ଷକଙ୍କ ରିପୋର୍ଟ
3. ନୈତିକ ବିପତ୍ତି ରିପୋର୍ଟ
4. ପ୍ରଥମ ପ୍ରିମିୟମ ରସିଦ (FPR)
5. ପଲିସୀ ଦସ୍ତାବିଜ
6. ପଲିସୀ ଅନୁସୂଚୀ
7. ମାନକ ପ୍ରାବଧାନ
8. ବିଶେଷ ପ୍ରାବଧାନ
9. ଅନୁଗ୍ରହ ସମୟାବଧି
10. ପଲିସୀ ବ୍ୟପଗମନ
11. ପଲିସୀ ପୁନଃପ୍ରବର୍ତ୍ତନ
12. ସମର୍ପଣ ମୂଲ୍ୟ
13. ନାମୀତିକରଣ
14. ସମନୁଦେଶନ

**ସ୍ୱୟଂ ପରୀକ୍ଷଣ କରନ୍ତୁ ର ଉତ୍ତର**

**ଉତ୍ତର 1** - ସଠିକ୍ ବିକଳ୍ପ ହେଉଛି II.

**ଉତ୍ତର 2** -ସଠିକ୍ ବିକଳ୍ପ ହେଉଛି II.

# ଅଧ୍ୟାୟ L-08

## ଜୀବନ ବୀମା ସଙ୍କଟାଙ୍କନ

**ଅଧ୍ୟାୟ ପରିଚୟ**

ଏକ ଜୀବନ ବୀମା ଅଭିକର୍ତ୍ତାର କାର୍ଯ୍ୟ ବନ୍ଦ ହୁଏ ନାହିଁ ଥରେ ଯଦି ପ୍ରସ୍ତାବଟି ଏକ ସମ୍ଭାବ୍ୟ ଗ୍ରାହକଠାରୁ ସୁରକ୍ଷିତ ହୋଇଯାଏ । ପ୍ରସ୍ତାବଟି ନିଶ୍ଚିତ ରୂପେ ବୀମା କମ୍ପାନୀ ଦ୍ୱାରା ସ୍ୱୀକୃତ ହେବା ଉଚିତ୍ ଏବଂ ଏକ ପଲିସୀରେ ପରିଣତ ହେବା ଉଚିତ୍ ।

ପ୍ରତ୍ୟେକ ଜୀବନ ବୀମା ପ୍ରସ୍ତାବକୁ ଏକ ମୂଖ୍ୟ ଦ୍ୱାର ଦେଇ ଅତିକ୍ରମ କରିବାକୁ ପଡ଼ିଥାଏ ଯେଉଁଠି ଜୀବନ ବୀମାକର୍ତ୍ତା ପ୍ରସ୍ତାବଟିକୁ ସ୍ୱୀକୃତ କରାଯିବ କି ନାହିଁ, ତାହାର ନିର୍ଣ୍ଣୟ କରେ ଏବଂ ଯଦି କରାଯିବ, କେଉଁ ସର୍ତ୍ତାବଳୀ ଉପରେ । ଏହି ଅଧ୍ୟାୟରେ ଆମେମାନେ ସଙ୍କଟାଙ୍କନର ପ୍ରକ୍ରିୟା ଏବଂ ପ୍ରକ୍ରିୟାରେ ସଂପୃକ୍ତ ମୂଳତତ୍ତ୍ୱଗୁଡ଼ିକ ବିଷୟରେ ଅଧିକ ଜାଣିବା ।

**ଅଧ୍ୟୟନ ପରିଣାମ**

A. ସଙ୍କଟାଙ୍କନ - ମୂଳଭୂତ ଅବଧାରଣା

B. ଅଣ-ମେଡିକାଲ ସଙ୍କଟାଙ୍କନ

C. ମେଡିକାଲ ସଙ୍କଟାଙ୍କନ

## A. ସଙ୍କଟାଙ୍କନ – ମୂଳଭୂତ ଅବଧାରଣା

### 1. ସଙ୍କଟାଙ୍କନ ଉଦ୍ଦେଶ୍ୟ

ସଙ୍କଟାଙ୍କନର ଦୁଇଟି ଉଦ୍ଦେଶ୍ୟ ରହିଛି

i. ସଙ୍କଟର ମୂଲ୍ୟାଙ୍କନ କରିବା, ସଙ୍କଟର ବର୍ଗୀକରଣ କରିବା ଏବଂ ସ୍ୱୀକୃତିର ସର୍ତ୍ତାବଳୀକୁ ନିର୍ଣ୍ଣୟ କରିବା କିମ୍ବା ସଙ୍କଟକୁ ଅଗ୍ରାହ୍ୟ କରିବା ।

ii. ବୀମାକର୍ତ୍ତା ବିରୁଦ୍ଧରେ ବିପରୀତ –ଚୟନର ନିବାରଣ କରିବା

**ପରିଭାଷା**

**ସଙ୍କଟାଙ୍କନ** ପଦ ଜୀବନ ବୀମା ପାଇଁ ଏହା ପ୍ରତିନିଧିତ୍ୱ କରୁଥିବା ସଙ୍କଟର ମାତ୍ରା ଅନୁସାରେ, ପ୍ରତ୍ୟେକ ପ୍ରସ୍ତାବକୁ ମୂଲ୍ୟାଙ୍କନ କରିବାର ପ୍ରକ୍ରିୟାକୁ ଏବଂ ତାପରେ ବୀମାର ସ୍ୱୀକୃତି ଦିଆଯିବ କି ନାହିଁ ଏବଂ କେଉଁ ସର୍ତ୍ତାବଳୀରେ, ଏହାର ନିର୍ଣ୍ଣୟ ନେବାର ପ୍ରକ୍ରିୟାକୁ ସୂଚୀତ କରେ ।

**ବିପରୀତ–ଚୟନ** ହେଉଛି ପ୍ରକ୍ରିୟାରେ ଲାଭ କରିବାର ଉଦ୍ଦେଶ୍ୟରେ ବୀମା ପାଇବା ପାଇଁ ସେହି ଲୋକମାନଙ୍କ ପ୍ରବୃତ୍ତି , ଯେଉଁମାନେ ସନ୍ଦେହ କରନ୍ତି କିମ୍ବା ଜାଣନ୍ତି ଯେ ଏକ ହାନିକୁ ସେମାନଙ୍କ ଅନୁଭବ କରିବାର ସମ୍ଭାବନା ଅଧିକ ଅଟେ ।

**ଉଦାହରଣ**

ଯଦି ଜୀବନ ବୀମାକର୍ତ୍ତା ସେମାନଙ୍କ ବିଷୟରେ ଚୟନାତ୍ମକ ନ ହୁଏ ଯାହାକୁ ସେମାନେ ବୀମା ପ୍ରଦାନ କରନ୍ତି, ଏକ ସମ୍ଭାବନା ରହେ ଯେ ହୃଦୟର ସମସ୍ୟା କିମ୍ବା କ୍ୟାନସର ଭଳି ଗମ୍ଭୀର ରୋଗ ଥିବା ଲୋକେ, ଯେଉଁମାନେ ଦୀର୍ଘ ଦିନ ବଞ୍ଚିବା ପାଇଁ ଆଶା କରି ନ ଥାନ୍ତି, ବୀମା କିଣିବା ପାଇଁ ଚାହିଁଥାନ୍ତେ ।

ଅନ୍ୟ ଶବ୍ଦରେ ,ଯଦି ଏକ ବୀମାକର୍ତ୍ତା ସଙ୍କଟାଙ୍କନ ସ୍ୱତନ୍ତ୍ରତା ପ୍ରୟୋଗ ନ କଲା ,ଏହାର ବିରୁଦ୍ଧରେ ଚୟନ କରାଯାଇପାରେ ଏବଂ ପ୍ରକ୍ରିୟାରେ ହାନିରେ ଆକ୍ରାନ୍ତ ହୋଇପାରେ ।

---

### 2. ସଙ୍କଟମାନଙ୍କ ମଧ୍ୟରେ ଇକ୍ୱିଟୀ/ନିଷ୍ପକ୍ଷତା

“ଇକ୍ୱିଟୀ” ପଦର ଅର୍ଥ ହେଉଛି ଯେ ସେହି ଆବେଦକ ଯେଉଁମାନେ ସମାନ ମାତ୍ରାର ସଙ୍କଟର ସମ୍ମୁଖୀନ ହୁଅନ୍ତି, ସେମାନଙ୍କୁ ସମାନ ପ୍ରିମିୟମ ବର୍ଗରେ ନିଶ୍ଚିତ ଭାବେ ରଖିବା ଉଚିତ୍ । ପ୍ରିମିୟମ ନିର୍ଦ୍ଧାରଣ କରିବାରେ ବ୍ୟବହାର କରାଯାଉଥିବା ମୃତ୍ୟୁହାର ଟେବୁଲ, ମାନକ ଜୀବନମାନଙ୍କ ମୃତ୍ୟୁହାର ଅନୁଭୂତି କିମ୍ବା ସାମାନ୍ୟ ସଙ୍କଟକୁ ଉପସ୍ଥାପିତ କରେ । ସେମାନେ ବ୍ୟକ୍ତିମାନଙ୍କ ସେହି ବିଶାଳ ଭାଗକୁ ସମ୍ମିଳିତ କରନ୍ତି ଯେଉଁମାନେ ଜୀବନ ବୀମା ନେବାପାଇଁ ପ୍ରସ୍ତାବ ଦେଇଥାନ୍ତି ।

#### a) ସଙ୍କଟ ବର୍ଗୀକରଣ

ଇକ୍ୱିଟୀ ଆରମ୍ଭ କରିବା ପାଇଁ, ସଙ୍କଟାଙ୍କକ **ସଙ୍କଟ ବର୍ଗୀକରଣ** ରୂପେ ପରିଚିତ ଏକ ପ୍ରକ୍ରିୟାରେ ନିଯୁକ୍ତ ରହେ ଅର୍ଥାତ୍ ବୈୟକ୍ତିକ ଜୀବନମାନଙ୍କୁ ବର୍ଗୀକରଣ କରାଯାଏ ଏବଂ ସେମାନେ ସମ୍ମୁଖୀନ ହେଉଥିବା ସଙ୍କଟଗୁଡିକର ମାତ୍ରା ଉପରେ ଆଧାର କରି ବିଭିନ୍ନ ସଙ୍କଟ ବର୍ଗରେ ଆବଣ୍ଟିତ କରାଯାଏ । ସେଭଳିଆ ଚାରିଟି ସଙ୍କଟ ବର୍ଗ ଅଛି ।

**ଚିତ୍ର 1** : ସଙ୍କଟ ବର୍ଗୀକରଣ




i. **ମାନକ ଜୀବନ**

ଏଗୁଡିକରେ ସେମାନଙ୍କୁ ସମ୍ମିଳିତ କରାଯାଏ ଯେଉଁମାନଙ୍କ ପ୍ରତ୍ୟାଶିତ ମୃତ୍ୟୁହାର ମୃତ୍ୟୁଦର ଟେବୁଲ ଦ୍ୱାରା ଉପସ୍ଥାପିତ ମାନକ ଜୀବନ ସହିତ ମେଳ ଖାଏ ।

ii. **ପସନ୍ଦ କରାଯାଇଥିବା ସଙ୍କଟ**

ଏଗୁଡିକ ସେମାନେ ହୋଇଥାନ୍ତି ଯେଉଁମାନଙ୍କ ପ୍ରତ୍ୟାଶିତ ମୃତ୍ୟୁଦର ମାନକ ଜୀବନମାନଙ୍କ ଠାରୁ ଅତ୍ୟନ୍ତ କମ୍ ହୋଇଥାଏ ଏବଂ ତେଣୁକରି ଏକ କମ୍ ପ୍ରିମିୟମ ଚାର୍ଜ କରାଯାଇପାରେ ।

**iii. ଅଣମାନକ ଜୀବନ**

ଏଗୁଡିକ ସେମାନେ ହୋଇଥାନ୍ତି ଯେଉଁମାନଙ୍କ ପ୍ରତ୍ୟାଶିତ ମୃତ୍ୟୁଦର ସାମାନ୍ୟ କିମ୍ବା ମାନକ ଜୀବନମାନଙ୍କଠାରୁ ଅଧିକ ହୋଇଥାଏ, କିନ୍ତୁ ତଥାପି ବୀମାଯୋଗ୍ୟ ହେବା ପାଇଁ ବିଚାର କରାଯାଇଥାଏ । ସେମାନଙ୍କୁ ଉଚ୍ଚତର (କିମ୍ବା ଅତିରିକ୍ତ) ପ୍ରିମିୟମ ଥିବା ବୀମା ପାଇଁ କିମ୍ବା କେତେକ ପ୍ରତିବନ୍ଧ ଅଧୀନରେ ସ୍ୱୀକାର କରାଯାଇପାରେ ।

iv. **ଅସ୍ୱିକୃତ(ଅଗ୍ରାହ୍ୟ ) ଜୀବନ**

ଏଗୁଡିକ ସେମାନେ ହୋଇଥାନ୍ତି ଯେଉଁମାନଙ୍କ ଅକ୍ଷମତା ଓ ପ୍ରତ୍ୟାଶିତ ଅତିରିକ୍ତ ମୃତ୍ୟୁଦର ଏତେ ଅଧିକ ହୋଇଥାଏ ଯେ ସେମାନଙ୍କୁ ଶସ୍ତା ମୂଲ୍ୟରେ ବୀମା ସୁରକ୍ଷା ପ୍ରଦାନ କରିଯାଇପାରିବ ନାହିଁ । ବେଳେବେଳେ ଏକ ବ୍ୟକ୍ତିର ପ୍ରସ୍ତାବକୁ ମଧ୍ୟ ଅସ୍ଥାୟୀ ରୂପେ ଅଗ୍ରାହ୍ୟ କରାଯାଇପାରେ ଯଦି ସେ ଏକ ଅପରେଶନ ଭଳି ଏବେ ଏବେ ଏକ ଚିକିତ୍ସୀୟ ଘଟଣାର ସମ୍ମୁଖୀନ ହୋଇଛି ।

## 3. ସଙ୍କଟାଙ୍କନ ପ୍ରକ୍ରିୟା

ସଙ୍କଟାଙ୍କନ ପ୍ରକ୍ରିୟା ଦୁଇ ସ୍ତରରେ ଘଟିଥାଏ:

- ✓ କ୍ଷେତ୍ରୀୟ ସ୍ତରରେ
- ✓ ସଙ୍କଟାଙ୍କନ ବିଭାଗ ସ୍ତରରେ

a) **କ୍ଷେତ୍ରୀୟ କିମ୍ବା ପ୍ରାଥମିକ ସ୍ତର**

କ୍ଷେତ୍ରୀୟ ସ୍ତରର ସଙ୍କଟାଙ୍କନକୁ **ପ୍ରାଥମିକ ସଙ୍କଟାଙ୍କନ** ମଧ୍ୟ କୁହାଯାଏ । ଏଥିରେ ଅନ୍ତର୍ଭୁକ୍ତ ହୋଇଥାଏ ଏକ ଅଭିକର୍ତ୍ତା କିମ୍ବା କମ୍ପାନୀ ପ୍ରତିନିଧି ଦ୍ୱାରା ତଥ୍ୟ ସଂଗ୍ରହ ଅନ୍ତର୍ଭୁକ୍ତ ହୋଇଥାଏ ଏକ ଅଭିକର୍ତ୍ତା କିମ୍ବା କମ୍ପାନୀ ପ୍ରତିନିଧି ଦ୍ୱାରା ତଥ୍ୟ

ସଂଗ୍ରହ ଏହା ନିର୍ଣ୍ଣୟ କରିବାକୁ ଯେ ଆବେଦକଟି ବୀମା ସୁରକ୍ଷାର ସ୍ୱୀକୃତି ପାଇବା ପାଇଁ ଯୋଗ୍ୟ ଅଟେ କି ନାହିଁ । ପ୍ରାଥମିକ ସଙ୍କଟାଙ୍କକ ରୂପେ ଅଭିକର୍ତ୍ତା ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ବୀମିତ କରିବାକୁ ଥିବା ଜୀବନକୁ ଜାଣିବା ପାଇଁ ସେ ସର୍ବୋତ୍ତମ ପଦରେ ଥାଏ ।

ଅନେକ ବୀମା କମ୍ପାନୀ ଆବଶ୍ୟକ କରିପାରନ୍ତି ଯେ ବୀମାକର୍ତ୍ତାମାନେ ବିଶେଷ ସୂଚନା, ମତ ସମ୍ବନ୍ଧରେ ପ୍ରଶ୍ନ କରି ଏକ ବିବରଣ କିମ୍ବା ଗୋପନୀୟ ରିପୋର୍ଟକୁ ପୂରା କରନ୍ତୁ ଏବଂ ପ୍ରସ୍ତାବିତ ସମ୍ବନ୍ଧରେ ଅଭିକର୍ତ୍ତା ଦ୍ୱାରା ସୁପାରିଶ ପ୍ରଦାନ କରାଯାଉ ।

**କପଟ ନିରୀକ୍ଷଣ (ନିୟନ୍ତ୍ରଣ) ଏବଂ ପ୍ରାଥମିକ ସଙ୍କଟାଙ୍କକ ରୂପେ ଅଭିକର୍ତ୍ତାଙ୍କ ଭୂମିକା**

ଏକ ସଙ୍କଟର ସ୍ୱୀକୃତି ସମ୍ବନ୍ଧୀୟ ଅଧିକାଂଶ ନିଷ୍ପତ୍ତି ସେହିସବୁ ତଥ୍ୟ ଉପରେ ନିର୍ଭର କରେ ଯାହାକୁ ପ୍ରସ୍ତାବକ ଦ୍ୱାରା ପ୍ରସ୍ତାବ ଫର୍ମରେ ପ୍ରକଟ କରାଯାଇଥାଏ । ଏକ ସଙ୍କଟାଙ୍କକ ଯିଏ ସଙ୍କଟାଙ୍କନ ବଭାଗରେ ବସିଛି, ତା'ପାଇଁ ଏହା ଜାଣିବା କଷ୍ଟକର ହୋଇପାରେ ଯେ ଏହି ତଥ୍ୟସବୁ ଅସତ୍ୟ ଅଟନ୍ତି ଏବଂ ଧୋକା ଦେବା ପାଇଁ ସୁଚିନ୍ତିତ ଉଦ୍ଦେଶ୍ୟ ନେଇ କପଟପୂର୍ଣ୍ଣ ଭାବରେ ମିଥ୍ୟା ଉପସ୍ଥାପନା କରାଯାଇଛି ।

ଏଇଠି ଅଭିକର୍ତ୍ତା ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ପ୍ରସ୍ତାବିତ ଜୀବନ ସହିତ ତାହାର ପ୍ରତ୍ୟକ୍ଷ ଓ ବ୍ୟକ୍ତିଗତ ସଂପର୍କ ହେତୁ ସେ ସର୍ବୋତ୍ତମ ପଦରେ ରହିଥାଏ ଏହା ସୁନିଶ୍ଚିତ କରିବା ପାଇଁ ଯେ ଯେଉଁ ତଥ୍ୟଗୁଡ଼ିକୁ ଉପସ୍ଥାପିତ କରାଯାଇଛି, ସେ ସବୁ ସତ ଅଟେ ।

b) **ବିଭାଗୀୟ ସ୍ତରରେ ସଙ୍କଟାଙ୍କନ**

ସଙ୍କଟାଙ୍କନର ମୁଖ୍ୟ ସ୍ତର ହେଉଛି ବିଭାଗୀୟ କିମ୍ବା କାର୍ଯ୍ୟାଳୟ ସ୍ତରରେ । ଏଥିରେ ବିଶେଷଜ୍ଞ ଏବଂ ସେହି ବ୍ୟକ୍ତିମାନେ ସଂପୃକ୍ତ ଥାଆନ୍ତି ଯେଉଁମାନେ, ଜୀବନ ବୀମା ପାଇଁ ଏକ ପ୍ରସ୍ତାବକୁ ସ୍ୱୀକାର କରାଯିବ କି ନାହିଁ ଏବଂ କେଉଁ ସର୍ତ୍ତାବଳୀରେ, ଏହାର ନିଷ୍ପତ୍ତି ନେବାପାଇଁ ସମସ୍ତ ଆବଶ୍ୟକୀୟ ତଥ୍ୟକୁ ବିଚାର କରନ୍ତି ।

## 4. ସଙ୍କଟାଙ୍କନର ପଦ୍ଧତି

**ଚିତ୍ର 2** : ସଙ୍କଟାଙ୍କନର ପଦ୍ଧତି

**ସଙ୍କଟାଙ୍କନର ପଦ୍ଧତି**

- ନିର୍ଣ୍ଣୟ ପଦ୍ଧତି
- ସଂଖ୍ୟାତ୍ମକ ପଦ୍ଧତି

ସଙ୍କଟାଙ୍କକମାନେ ଏହି ଉଦ୍ଦେଶ୍ୟ ପାଇଁ ଦୁଇ ପ୍ରକାରର ପଦ୍ଧତିର ଉପଯୋଗ କରିପାରନ୍ତି:

| ନିର୍ଣ୍ଣୟ ପଦ୍ଧତି | ସଂଖ୍ୟାତ୍ମକ ପଦ୍ଧତି |
|---|---|
| ଏହି ପଦ୍ଧତି ଅନ୍ତର୍ଗତ ବ୍ୟକ୍ତି-ନିଷ୍ଠ ନିର୍ଣ୍ଣୟର ଉପଯୋଗ କରାଯାଏ, ବିଶେଷ ରୂପେ ସେହି ପ୍ରକରଣ ଯେଉଁଟା ଜଟିଳ ହୋଇଯାଏ, ତା' ଉପରେ ନିର୍ଣ୍ଣୟ ନେବା ସମୟରେ । | ଏହି ପଦ୍ଧତି ଅନ୍ତର୍ଗତ ସଙ୍କଟାଙ୍କକମାନେ ସମସ୍ତ ନକାରାତ୍ମକ କିମ୍ବା ପ୍ରତିକୂଳ କାରକ ପାଇଁ ଧନାତ୍ମକ ମୂଲ୍ୟ ନିର୍ଦ୍ଧାରଣ ସଂଖ୍ୟା (କୌଣସି ସକାରାତ୍ମକ କିମ୍ବା ଅନୁକୂଳ କାରକ ପାଇଁ ଋଣାତ୍ମକ ସଂଖ୍ୟା) ଦିଅନ୍ତି । |
| **ଉଦାହରଣ :** ଏକ ଅଶାନ୍ତ ଦେଶ/ କ୍ଷେତ୍ରରେ ବାସ କରୁଥିବା ଏକ ବ୍ୟକ୍ତିକୁ ଜୀବନ ବୀମା | **ଉଦାହରଣ :** ହୃଦୟ ରୋଗ ଏବଂ / କିମ୍ବା ଶୀଘ୍ର ମୃତ୍ୟୁର ଇତିହାସ ଥିବା ଏକ ବ୍ୟକ୍ତିକୁ ଧନାତ୍ମକ ସଂଖ୍ୟା ପ୍ରଦାନ କରାଯାଇପାରେ |

| | |
|---|---|
| ଦିଆଯାଇ ପାରିବ କି ନାହିଁ, ତା' ଉପରେ ନିଷ୍ପତ୍ତି ନେବା । | ସେଭଳି ଦିଆଯାଇଥିବା ମୋଟ ସଂଖ୍ୟା ଜଡ଼ିତ ଥିବା ସଙ୍କଟର ମାତ୍ରାକୁ ନିର୍ଦ୍ଧାରିତ କରିବାରେ ଏକ ସଙ୍କଟାଙ୍କକ କୁ ସାହାଯ୍ୟ କରିବ । ସେଭଳି ଦିଆଯାଇଥିବା ମୋଟ ସଂଖ୍ୟା ଜଡ଼ିତ ଥିବା ସଙ୍କଟର ମାତ୍ରାକୁ ନିର୍ଦ୍ଧାରିତ କରିବାରେ ଏକ ସଙ୍କଟାଙ୍କକ କୁ ସାହାଯ୍ୟ କରିବ । |
| ସେଭଳି ପରିସ୍ଥିତିସବୁରେ, ବିଭାଗ ଏକ ମେଡିକାଲ ଡାକ୍ତର, ଯାହାଙ୍କୁ ଏକ ମେଡିକାଲ ରେଫରୀ ବି କୁହାଯାଏ ତାଙ୍କ ଦକ୍ଷ ମତ ପ୍ରାପ୍ତ କରିପାରେ । | ଏହିସବୁ ଧନାତ୍ମକ/ଋଣାତ୍ମକ ସଂଖ୍ୟାର ସମଷ୍ଟି,ଏବଂ/କିମ୍ବା କୁ ଅତିରିକ୍ତ ମୃତ୍ୟୁହାର ମୂଲ୍ୟ ନିର୍ଦ୍ଧାରଣ (EMR) ରୂପେ ସୂଚୀତ କରାଯାଏ । ଉଚ୍ଚ EMR ସୂଚୀତ କରେ ଯେ ଜୀବନ ଟି ଅଣମାନକ ଅଟେ । |

**ସଙ୍କଟାଙ୍କନ ନିର୍ଣ୍ଣୟ**

ଆସନ୍ତୁ ବର୍ତ୍ତମାନ ବିଭିନ୍ନ ପ୍ରକାରର ନିର୍ଣ୍ଣୟ ଉପରେ ବିଚାର କରିବା ଯାହାକୁ ସଙ୍କଟାଙ୍କକମାନେ ସଙ୍କଟାଙ୍କନ ପାଇଁ ଏକ ପ୍ରସ୍ତାବିତ ଜୀବନ ସମ୍ବନ୍ଧରେ ନେଇ ପାରନ୍ତି ସେଭଳି ଦିଆଯାଇଥିବା ମୋଟ ସଂଖ୍ୟା ଜଡ଼ିତ ଥିବା ସଙ୍କଟର ମାତ୍ରାକୁ ନିର୍ଦ୍ଧାରିତ କରିବାରେ ଏକ ସଙ୍କଟାଙ୍କକ କୁ ସାହାଯ୍ୟ କରିବ ।

a) **ସାମାନ୍ୟ ହାର (OR) ରେ ସ୍ୱୀକୃତି** ଅତ୍ୟନ୍ତ ସାଧାରଣ ନିର୍ଣ୍ଣୟ ଅଟେ । ଏହି ହାର ନିର୍ଦ୍ଧାରଣ ସୂଚୀତ କରେ ଯେ ସଙ୍କଟକୁ ସେହି ସମାନ ପ୍ରିମିୟମ ହାରରେ ସ୍ୱୀକାର କରାଯାଉଛି ଯାହା ଏକ ସାଧାରଣ କିମ୍ବା ମାନକ ଜୀବନ ପାଇଁ ଲାଗୁ ହୋଇଥାନ୍ତା ।

**ଚିତ୍ର 3** : ସଙ୍କଟାଙ୍କନ ନିର୍ଣ୍ଣୟ




b) **କିଛି ଅତିରିକ୍ତ ସହିତ ସ୍ୱୀକୃତି:** ଅଧିକ ସଂଖ୍ୟକ ଅଣ-ମାନକ ସଙ୍କଟଗୁଡିକ ସହିତ କାରବାର କରିବାର ଏହା ହେଉଛି ଅତ୍ୟନ୍ତ ସାଧାରଣ ଉପାୟ । ଏଥିରେ ସାରଣୀଭୁକ୍ତ ପ୍ରିମିୟମ ହାର ଉପରେ ଏକ ଅତିରିକ୍ତ ଲାଗୁ କରିବା ଜଡ଼ିତ ଥାଏ ।

c) **ବୀମାରାଶି ଉପରେ ଏକ ଗ୍ରହଣାଧିକାର (ଲିୟନ୍) ସହିତ ସ୍ୱୀକୃତି** : ଏକ ଲିୟନ୍ ହେଉଛି ଏକ ପ୍ରକାରର ଧାରଣା/ଅଧିକାର ଯାହାକୁ ଜୀବନ ବୀମା କମ୍ପାନୀ ସେହି ରାଶି, ଯାହାକୁ ତାକୁ ଏକ ଦାବୀର ଘଟଣାରେ ପ୍ରଦାନ କରିବାକୁ ପଡିଥାଏ, ତାହା ଉପରେ (ଆଂଶିକ କିମ୍ବା ସଂପୂର୍ଣ୍ଣ ରୂପେ) ପ୍ରୟୋଗ କରିପାରେ ।

**ଉଦାହରଣ**: **ଏକ ବୀମିତର ପ୍ରକରଣକୁ ବିଚାର କରନ୍ତୁ ଯିଏ ଯକ୍ଷ୍ମା** ଭଳି କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇଛି ଓ ସେଥିରୁ ଆରୋଗ୍ୟ ଲାଭ କରିଛି । ଲିୟନ୍ ଲାଗୁକରିବାର ନିହିତାର୍ଥ ହେବ ଯେ ଯଦି TB ପ୍ରତ୍ୟାବର୍ତ୍ତନ ଯୋଗୁଁ ଏକ ଦତ୍ତ ସମୟାବଧି ମଧ୍ୟରେ ଏହି ବ୍ୟକ୍ତିର ମୃତ୍ୟୁ ହୋଇଯାଏ, କେବଳ ମୃତ୍ୟୁ ଲାଭର ଏକ ହ୍ରାସ କରାଯାଇଥିବା ରାଶି ପ୍ରଦାନଯୋଗ୍ୟ ହୋଇପାରେ ।

**d) ଏକ ପ୍ରତିବନ୍ଧାତ୍ମକ ଧାରା ସହିତ ସ୍ୱୀକୃତି** : କେତେକ ନିର୍ଦ୍ଦିଷ୍ଟ ପ୍ରକାରର ବିପତ୍ତି ପାଇଁ ଏକ ପ୍ରତିବନ୍ଧାତ୍ମକ ଧାରା ଲାଗୁ କରାଯାଇପାରେ ଯାହା କିଛି ନିର୍ଦ୍ଦିଷ୍ଟ ପରିସ୍ଥିତି ଅନ୍ତର୍ଗତ ମୃତ୍ୟୁ ଘଟଣାରେ ମୃତ୍ୟୁ ଲାଭକୁ ସୀମିତ କରିଦିଏ ।

**ଉଦାହରଣ** ହେଉଛି ଗର୍ଭବତୀ ମହିଳାମାନଙ୍କ ଉପରେ ଲାଗୁ କରାଯାଉଥିବା ଏକ ଗର୍ଭାବସ୍ଥା ଧାରା ଯାହା ପ୍ରସବର ଧରନ୍ତୁ ତିନି ମାସ ମଧ୍ୟରେ ଘଟିଥିବା ଗର୍ଭାବସ୍ଥା ସମ୍ବନ୍ଧୀୟ ମୃତ୍ୟୁର ଘଟଣାରେ ପ୍ରଦାନଯୋଗ୍ୟ ବୀମାକୁ ସୀମିତ କରିଦିଏ ।

**e) ଅଗ୍ରାହ୍ୟ କିମ୍ବା ବିଳମ୍ବନ କରିବା**: ପରିଶେଷରେ, ଏକ ଜୀବନ ବୀମା ସଙ୍କଟାଙ୍କ ବୀମା ପାଇଁ ଏକ ପ୍ରସ୍ତାବକୁ ଅଗ୍ରାହ୍ୟ କିମ୍ବା ଅସ୍ୱୀକାର କରିବାର ନିଷ୍ପତ୍ତି ନେଇପାରେ । ଏହା ଘଟିପାରେ ଯେତେବେଳେ କିଛି ନିର୍ଦ୍ଦିଷ୍ଟ ସ୍ୱାସ୍ଥ୍ୟ/ ଅନ୍ୟାନ୍ୟ ଲକ୍ଷଣ ଥାଏ ଯେଉଁଗୁଡ଼ିକ ଏତେ ପ୍ରତିକୂଳ ଯେ ସେମାନେ ମହତ୍ୱପୂର୍ଣ୍ଣ ରୂପେ ସଙ୍କଟକୁ ବୃଦ୍ଧି କରିପାରନ୍ତି ।

**ଉଦାହରଣ**: ଏକ ବ୍ୟକ୍ତି ଯିଏ କ୍ୟାନସରରେ ଆକ୍ରାନ୍ତ ଏବଂ ଯାହାର ବଞ୍ଚିବା ର କମ୍ ସମ୍ଭାବନା ଅଛି, ଅଗ୍ରାହ୍ୟତାର ଏକ ପ୍ରାର୍ଥୀ ହୋଇପାରେ ।

ସେହି ପ୍ରକାରେ, କେତେକ କ୍ଷେତ୍ରରେ ସଙ୍କଟର ସ୍ୱୀକୃତିର ବିଳମ୍ବନ କରିବା ହିଁ ବିବେକଶୀଳ କାର୍ଯ୍ୟ ହୋଇପାରେ ସେହି ସମୟ ପର୍ଯ୍ୟନ୍ତ ଯେ ପର୍ଯ୍ୟନ୍ତ ପରିସ୍ଥିତିରେ ଉନ୍ନତି ହୋଇନାହିଁ ଏବଂ ଏହା ଅଧିକ ଅନୁକୂଳ ହୋଇନାହିଁ ।

**ଉଦାହରଣ**

ଏକ ମହିଳା ଯାହାର ଏବେ ଏବେ ଏକ ଜରାୟୁଚ୍ଛେଦନ ଅପରେଶନ ହୋଇଛି, ତାହାକୁ, ତା' ଜୀବନ ଉପରେ ବୀମାର ସ୍ୱୀକୃତି ଦେବା ପୂର୍ବରୁ ଉତ୍ପନ୍ନ ହୋଇଥିବା କୌଣସି ଅପରେଶନ ପରବର୍ତ୍ତୀ ଜଟିଳତାଗୁଡ଼ିକ ଲୋପ ହେବାକୁ ଦେବା ପାଇଁ କିଛି ମାସ ଅପେକ୍ଷା କରିବାକୁ କୁହାଯାଇପାରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ନିମ୍ନ ପ୍ରକରଣଗୁଡ଼ିକ ମଧ୍ୟରୁ କେଉଁ ଗୋଟିକୁ ଏକ ଜୀବନ ବୀମାକର୍ତ୍ତା ଦ୍ୱାରା ଅଗ୍ରାହ୍ୟ କିମ୍ବା ବିଳମ୍ବନ କରିବାର ସମ୍ଭାବନା ଅଛି?

I. ଏକ ସ୍ୱାସ୍ଥ୍ୟବାନ୍ 18 ବର୍ଷ ବୟସ୍କ

II. ଏକ ଖେଳାଳୀ ବ୍ୟକ୍ତି

III. ଏଡ୍ସରେ ଆକ୍ରାନ୍ତ ହୋଇଥିବା ଏକ ବ୍ୟକ୍ତି

IV. ନିଜର କୌଣସି ଆୟ ନ ଥିବା ଏକ ଗୃହିଣୀ

## B. ଅଣ-ମେଡିକାଲ ସଙ୍କଟାଙ୍କନ

### 1. ଅଣ-ମେଡିକାଲ ସଙ୍କଟାଙ୍କନ

ବୀମିତ କରିବାକୁ ଥିବା ଏକ ଜୀବନର ବୀମାଯୋଗ୍ୟତା ଯାଞ୍ଚ କରିବା ପାଇଁ କୌଣସି ମେଡିକାଲ ପରୀକ୍ଷା ନ କରି, ଅନେକ ସଂଖ୍ୟକ ଜୀବନ ବୀମା ପ୍ରସ୍ତାବ ପାରମ୍ପରିକ ରୂପେ ବୀମା ପାଇଁ ଚୟନିତ ହୋଇ ପାରନ୍ତି । ସେଭଳି ପ୍ରକରଣଗୁଡିକୁ ଅଣ-ମେଡିକାଲ ପ୍ରସ୍ତାବ କୁହାଯାଏ ।

ସଂପୃକ୍ତ ଖର୍ଚ୍ଚ ସମେତ ବହୁବିଧ କାରଣକୁ ଦୃଷ୍ଟିରେ ରଖି, କେତେକ ପ୍ରକାରର ପଲିସୀରେ, ଏକ ମେଡିକାଲ ପରୀକ୍ଷା ଉପରେ ଜୋର୍ ନ ଦେଇ, ଜୀବନ ବୀମାକର୍ତ୍ତାମାନେ ବୀମା ଜାରୀ କରିଥାନ୍ତି ।

### 2. ଅଣ-ମେଡିକାଲ ସଙ୍କଟାଙ୍କନ ପାଇଁ ସର୍ତ୍ତାବଳୀ

ଅବଶ୍ୟ ଅଣ-ମେଡିକାଲ ସଙ୍କଟାଙ୍କନରେ କେତେକ ବର୍ଗର ଜୀବନ, ବୀମାର କିଛି ଯୋଜନା , ବୀମା ରାଶିର କିଛି ଊର୍ଦ୍ଧ୍ୱ ସୀମା, ପ୍ରବେଶ ଆୟୁ ସୀମା, ବୀମାର ସର୍ବାଧିକ ଅବଧି ଭଳି ସର୍ତ୍ତଗୁଡିକ ପାଳନ କରିବା ଆବଶ୍ୟକ ହୋଇଥାଏ ।

### 3. ସଙ୍କଟାଙ୍କନରେ ହାର ନିର୍ଦ୍ଧାରଣ/ମୂଲ୍ୟ ନିର୍ଦ୍ଧାରଣ କାରକ

ମୂଲ୍ୟ ନିର୍ଦ୍ଧାରଣ କାରକ ସମ୍ଭାବ୍ୟ ବୀମିତର ଜୀବନରେ ଆର୍ଥିକ ସ୍ଥିତି, ଜୀବନ ଶୈଳୀ, ଅଭ୍ୟାସ, ପରିବାର ଇତିହାସ, ବ୍ୟକ୍ତିଗତ ସ୍ୱାସ୍ଥ୍ୟର ଇତିହାସ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ପରିସ୍ଥିତି ସମ୍ବନ୍ଧୀୟ ବିଭିନ୍ନ ଦିଗକୁ ସୂଚୀତ କରେ ଯାହା ଏକ ବିପତ୍ତି ସୃଷ୍ଟି କରିପାରେ ଏବଂ ସଙ୍କଟକୁ ବୃଦ୍ଧି କରିପାରେ । ସଙ୍କଟାଙ୍କନରେ ଏକ ବିପତ୍ତିସବୁକୁ ଚିହ୍ନଟ କରିବା ଓ ସେମାନଙ୍କ ସମ୍ଭାବ୍ୟ ପ୍ରଭାବ ଏବଂ ତଦନୁସାରେ ସଙ୍କଟର ବର୍ଗୀକରଣ କରିବା ସଂପୃକ୍ତ ଥାଆନ୍ତି ।

ମୂଲ୍ୟ ନିର୍ଦ୍ଧାରଣ କାରକଗୁଡିକୁ ମୂଖ୍ୟତଃ ଦୁଇ ପ୍ରକାରରେ ବିଭାଜିତ କରାଯାଏ –ସେଗୁଡିକ ଯାହା ନୈତିକ ବିପତ୍ତିର କାରଣ ହୋଇଥାନ୍ତି ଏବଂ ସେଗୁଡିକ ଯାହା ଶାରୀରିକ [ମେଡିକାଲ] ବିପତ୍ତିର କାରଣ ହୋଇଥାନ୍ତି । ଜୀବନ ବୀମାକମ୍ପାନୀମାନେ ତଦନୁସାରେ ଅନେକ ସମୟରେ ସେମାନଙ୍କ ସଙ୍କଟାଙ୍କନକୁ ବିଭିନ୍ନ ବର୍ଗରେ ବିଭାଜିତ କରିଥାନ୍ତି । ଆୟ, ବ୍ୟବସାୟ, ଜୀବନ ଶୈଳୀ ଏବଂ ଅଭ୍ୟାସ ଭଳି କାରକ, ଯେଉଁମାନେ ନୈତିକ ବିପତ୍ତିର କାରଣ ହୁଅନ୍ତି, ସେସବୁକୁ **ଆର୍ଥିକ ସଙ୍କଟାଙ୍କନ** ର ଅଂଶ ରୂପେ ମୂଲ୍ୟାଙ୍କିତ କରାଯାଏ, ଯେତେବେଳେ କି ସ୍ୱାସ୍ଥ୍ୟର ଚିକିତ୍ସୀୟ ଦିଗଗୁଡିକ **ମେଡିକାଲ ସଙ୍କଟାଙ୍କନ** ଅନ୍ତର୍ଗତ ଆସିଥାନ୍ତି ।

#### a) ମହିଳା ବୀମା

ନାରୀମାନେ ସାଧାରଣତଃ ପୁରୁଷମାନଙ୍କ ଅପେକ୍ଷା ଅଧିକ ଦୀର୍ଘାୟୁ ହୋଇଥାନ୍ତି । ଅବଶ୍ୟ ସେମାନେ ନୈତିକ ବିପତ୍ତି ସମ୍ବନ୍ଧୀୟ କେତେକ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି । ଏହାର କାରଣ ହେଉଛି ଭାରତୀୟ ସମାଜରେ ଅନେକ ନାରୀ ପୁରୁଷ ପ୍ରଭୁତ୍ୱ ଓ ସାମାଜିକ ଶୋଷଣର ଶୀକାର ହୋଇଥାନ୍ତି । ଏପରିକି ବର୍ତ୍ତମାନ ମଧ୍ୟ ଯୌତୁକ ମୃତ୍ୟୁ ଭଳି କୁପ୍ରଥା ବିଦ୍ୟମାନ ଅଛି । ନାରୀମାନଙ୍କ ଦୀର୍ଘ ଜୀବନ ଗର୍ଭାବସ୍ଥା ଭଳି ସମସ୍ୟାଗୁଡିକ ଦ୍ୱାରା ବି ପ୍ରଭାବିତ ହୋଇ ପାରେ ।

ମହିଳାମାନଙ୍କ ବୀମାଯୋଗ୍ୟତା ବୀମା ପାଇଁ ଆବଶ୍ୟକତା ଓ ପ୍ରିମିୟମ ପ୍ରଦାନ କରିବାର କ୍ଷମତା ଦ୍ୱାରା ନିୟନ୍ତ୍ରିତ ହୁଏ । ବୀମା କମ୍ପାନୀମାନେ ଏପ୍ରକାରେ ସଂପୂର୍ଣ୍ଣ ବୀମା କେବଳ ସେହି ମହିଳାମାନଙ୍କୁ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇ

ପାରନ୍ତି ଯେଉଁମାନେ ସେମାନଙ୍କ ନିଜ ଆୟ ଉପାର୍ଜନ କରିଥାନ୍ତି ଏବଂ ଅନ୍ୟ ବର୍ଗର ମହିଳାମାନଙ୍କ ଉପରେ ସୀମା ଲାଗୁ କରି ପାରନ୍ତି । ସେହି ପ୍ରକାରେ, ଗର୍ଭବତୀ ମହିଳାମାନଙ୍କ ଉପରେ କେତେକ ସର୍ତ୍ତ ଲାଗୁ କରି ପାରନ୍ତି ।

## b) ନାବାଳିକ

ନାବାଳିକମାନଙ୍କ ପାଖରେ ସେମାନଙ୍କ ନିଜର ଚୁକ୍ତି କରିବାର କ୍ଷମତା ନ ଥାଏ । ତେଣୁ ଏକ ନାବାଳିକର ଜୀବନ ଉପରେ ଏକ ପ୍ରସ୍ତାବକୁ ଅନ୍ୟ ଏକ ବ୍ୟକ୍ତିଦ୍ୱାରା ଦାଖଲ କରିବାକୁ ପଡ଼ିଥାଏ ଯିଏ ଏକ ପିତାମାତା କିମ୍ବା ବୈଧିକ ଅଭିଭାବକର କ୍ଷମତାରେ ନାବାଳିକ ସହିତ ସମ୍ବନ୍ଧିତ ହୋଇଥାଏ । ବୀମା ପାଇଁ ଆବଶ୍ୟକତାକୁ ସୁନିଶ୍ଚିତ କରିବା ମଧ୍ୟ ଆବଶ୍ୟକ ହୋଇପାରେ, ଯେହେତୁ ସାଧାରଣତଃ ନାବାଳିକମାନଙ୍କ ନିଜର ଉପାର୍ଜିତ ଆୟ ନ ଥାଏ । ନାବାଳିକମାନଙ୍କ ପାଇଁ ବୀମାର ବିଚାର କରିବା ସମୟରେ ତିନିଟି ସର୍ତ୍ତ ସାଧାରଣତଃ ଆବଶ୍ୟକ ହୋଇପାରେ:

i. **ସେମାନଙ୍କ ଉପଯୁକ୍ତରୂପେ ବିକଶିତ ଶାରୀରିକ ଗଠନ ଅଛି କି**

   ନିମ୍ନ ଶାରୀରିକ ଗଠନ କୁପୋଷଣ କିମ୍ବା ଗମ୍ଭୀର ସଙ୍କଟ ପହଞ୍ଚାଉଥିବା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାର ପରିଣାମରେ ହୋଇପାରେ ।

ii. **ଯଥାର୍ଥ ପରିବାର ଇତିହାସ ଏବଂ ବ୍ୟକ୍ତିଗତ ଇତିହାସ**

   ଯଦି ଏଇଠି ପ୍ରତିକୂଳ ସୂଚକଗୁଡିକ ଥାଆନ୍ତି, ଏହା ସଙ୍କଟ ପହଞ୍ଚାଇପାରେ ।

iii. **ପରିବାରଟି ଆବଶ୍ୟକତାନୁଯାୟୀ ବୀମିତ ଅଟେ କି**

   ଏହା ଯାଞ୍ଚ କରିବା ଆବଶ୍ୟକ ଅଟେ ଯେ ପରିବାରରେ ବୀମାର ସଂସ୍କୃତି ଅଛି କି ନାହିଁ । ଜଣେ ନିଶ୍ଚିତ ରୂପେ ସାବଧାନ ହେବା ଉଚିତ୍ ଯଦି ନାବାଳିକର ପରିବାରର କୌଣସି ଅନ୍ୟ ସଦସ୍ୟ ବୀମିତ ହୋଇନାହିଁ । ବୀମାର ରାଶି ପରିମାଣକୁ ସାଧାରଣତଃ ପିତାମାତାଙ୍କ ଆୟ ସହିତ ସଂଯୁକ୍ତ କରାଯାଇଥାଏ ।

## c) ଅତ୍ୟଧିକ ବୀମା ରାଶି

ଏକ ସଙ୍କଟାଙ୍କକକୁ ସାବଧାନ ହେବା ଆବଶ୍ୟକ ଯେତେବେଳେ ପ୍ରସ୍ତାବିତ ବୀମିତର ବାର୍ଷିକ ଆୟ ତୁଳନାରେ ବୀମାର ରାଶି ଅତ୍ୟଧିକ ହୋଇଥାଏ । ସାଧାରଣତଃ ବୀମା ରାଶିକୁ ଜଣକର ବାର୍ଷିକ ଆୟର ପ୍ରାୟ ଦଶରୁ ବାରଗୁଣ ପର୍ଯ୍ୟନ୍ତ ହେବା ଧରି ନିଆଯାଇଥାଏ । ଯଦି ଅନୁପାତ ଏହାଠାରୁ ଅତି ଅଧିକ ହୋଇଥାଏ, ଏହା ବୀମାକର୍ତ୍ତା ବିରୁଦ୍ଧରେ ଚୟନର ସମ୍ଭାବ୍ୟତା ଉଠାଇଥାଏ ।

| ଉଦାହରଣ |
| --- |

ଯଦି ଜଣେ ବ୍ୟକ୍ତିର ବାର୍ଷିକ ଆୟ ଟ 5 .ଲକ୍ଷ ହୋଇଥାଏ ଏବଂ ସେ ଟ 3 .କୋଟିର ଏକ ଜୀବନ ବୀମା ସୁରକ୍ଷା ପାଇଁ ପ୍ରସ୍ତାବ ଦିଏ ,ଏହା ଚିନ୍ତାର କାରଣ ହୋଇଥାଏ ।

ସାଧାରଣତଃ ସେଭଳି ପରିସ୍ଥିତିରେ ଏହି ସମ୍ଭାବନା ଯୋଗୁଁ ଚିନ୍ତା ହୋଇପାରେ ଯେ ସେଭଳି ଏକ ଅଧିକ ପରିମାଣର ବୀମାର ପ୍ରସ୍ତାବ ଆତ୍ମହତ୍ୟାର ପ୍ରତ୍ୟାଶାରେ କିମ୍ବା ପ୍ରତ୍ୟାଶିତ ସ୍ୱାସ୍ଥ୍ୟ ଖରାପହେବା ଫଳରେ କରାଯାଇଥାଏ । ସେଭଳି ଅତ୍ୟଧିକ ରାଶି ପାଇଁ ତୃତୀୟ କାରଣ ହୋଇପାରେ ବିକ୍ରୟ ବ୍ୟକ୍ତି ଦ୍ୱାରା ଅତ୍ୟଧିକ ପରିମାଣର କୁବିକ୍ରୟ ।

ଅତ୍ୟଧିକ ବୀମା ରାଶିର ଅର୍ଥ ମଧ୍ୟ ହୋଇପାରେ ସମାନୁପାତିକ ରୂପେ ପ୍ରିମିୟମରେ ବୃଦ୍ଧି ଏବଂ ପ୍ରଶ୍ନ ଉଠିପାରେ ଯେ ସେଭଳି ପ୍ରିମିୟମର ପ୍ରଦାନ ଚାଲୁ ରହିପାରିବ କି ? ସାଧାରଣ ଭାବେ, ଦେୟ ପ୍ରିମିୟମ ଏକ ବ୍ୟକ୍ତିର ବାର୍ଷିକ ଆୟର ଏକ ତୃତୀୟାଂଶ ମଧ୍ୟରେ ରହିବା ଉଚିତ୍ ।

**d) ଆୟୁ**

ମୃତ୍ୟୁ ହାର ସଙ୍କଟର ଆୟୁ ସହିତ ଘନିଷ୍ଠ ସମ୍ବନ୍ଧ ଥାଏ । ଅଧିକ ବୟସର ଲୋକଙ୍କ ପାଇଁ ବୀମାର ବିଚାର କରିବା ବେଳେ ସଙ୍କଟାଙ୍କକୁ ସାବଧାନ ରହିବା ଆବଶ୍ୟକ ।

| ଉଦାହରଣ |
|---|

ଯଦି 50 ବର୍ଷ ବୟସ ପରେ ପ୍ରଥମ ଥର ପାଇଁ ବୀମାର ପ୍ରସ୍ତାବ ଦିଆଯାଉଛି । ନୈତିକ ବିପତ୍ତିର ସନ୍ଦେହ କରିବା ଏବଂ ସେଭଳି ବୀମାକୁ ପୂର୍ବରୁ କାହିଁକି ନିଆ ଗଲା ନାହିଁ, ଏ ବିଷୟରେ ଯାଞ୍ଚ କରିବାର ଆବଶ୍ୟକତା ରହେ ।

ଆମେମାନେ ମଧ୍ୟ ଧ୍ୟାନ ଦେବା ଆବଶ୍ୟକ ଯେ ହୃଦୟର ରୋଗ ଓ ଯକୃତ ବିଫଳତା ଭଳି ଅପକ୍ଷୟୀ ରୋଗସବୁ ଘଟିବାର ସମ୍ଭାବନା ବୟସ ସହିତ ବୃଦ୍ଧି ପାଇଥାଏ ଏବଂ ବୃଦ୍ଧ ବୟସରେ ଆହୁରି ଅଧିକ ହୋଇଥାଏ । ଜୀବନ ବୀମାକର୍ତ୍ତାମାନେ କିଛି ବିଶେଷ ରିପୋର୍ଟ ମଧ୍ୟ ମାଗି ପାରନ୍ତି ଯେତେବେଳେ ପ୍ରସ୍ତାବସବୁ ଉଚ୍ଚ ବୀମାରାଶି/ଅଧିକ ଆୟୁ କିମ୍ବା ଉଭୟର ମିଶ୍ରଣ ପାଇଁ ଦାଖଲ କରାଯାଇଥାଏ ।

| ଉଦାହରଣ |
|---|

ସେସବୁ ରିପୋର୍ଟର ଉଦାହରଣ ହେଉଛି ECG; EEG; ଛାତିର ଏକ୍ସରେ ଏବଂ ରକ୍ତ ମଧୁମେହ ପରୀକ୍ଷା । ଏହି ପରୀକ୍ଷାଗୁଡିକ, ପ୍ରସ୍ତାବିତ ଜୀବନର ସ୍ୱାସ୍ଥ୍ୟ ସମ୍ବନ୍ଧରେ ପ୍ରସ୍ତାବରେ ଦିଆଯାଇଥିବା ଉତ୍ତର କିମ୍ବା ଏକ ସାଧାରଣ ମେଡିକାଲ ପରୀକ୍ଷା ପ୍ରଦାନ କରୁଥିବା ଅପେକ୍ଷା ଅଧିକ ଗଭୀର ଅନ୍ତର୍ଦୃଷ୍ଟି ପ୍ରକଟ କରିପାରନ୍ତି ।

| ଉଦାହରଣ |
|---|

ଯେତେବେଳେ ଏକ ପ୍ରସ୍ତାବକୁ ସେହି ଶାଖାରେ ଦାଖଲ କରାଯାଏ ଯାହା ପ୍ରସ୍ତାବିତ ବୀମିତର ନିବାସ ସ୍ଥାନଠାରୁ ଦୂର ସ୍ଥାନରେ ଅବସ୍ଥିତ ଥାଏ ।

ଏକ ମେଡିକାଲ ପରୀକ୍ଷା ଅନ୍ୟ କୌଣସି ସ୍ଥାନରେ ବି କରାଯାଇଥାଏ ଯଦିଓ ଜଣକର ନିବାସ ସ୍ଥାନ ପାଖରେ ଏକ ଯୋଗ୍ୟତାପ୍ରାପ୍ତ ମେଡିକାଲ ପରୀକ୍ଷକ ଉପଲବ୍ଧ ଥାଏ ।

ତୃତୀୟ ପ୍ରକରଣଟି ହେଉଛି ଯେତେବେଳେ ଏକ ପ୍ରସ୍ତାବଟି ସ୍ପଷ୍ଟ ବୀମାଯୋଗ୍ୟ ହିତ ନ ଥିବା ଅନ୍ୟ ଏକ ବ୍ୟକ୍ତିର ଜୀବନ ଉପରେ କରାଯାଇଥାଏ ।

---

ସେଭଳି ପ୍ରତ୍ୟେକ ପ୍ରକରଣରେ ଏକ ଅନୁସନ୍ଧାନ କରାଯାଇପାରେ ପରିଶେଷରେ, ଯେତେବେଳ ଅଭିକର୍ତ୍ତା ଜଣକ ଜୀବନ ବୀମିତ ସହିତ ସମ୍ବନ୍ଧୀୟ ହୋଇଥାଏ, ଏକ ନୈତିକ ବିପତ୍ତି ରିପୋର୍ଟକୁ ଏଜେନ୍ସି ମ୍ୟାନେଜର/ବିକାଶ ଅଧିକାରୀ ଭଳି ଏକ ଶାଖା କର୍ମକର୍ତ୍ତାଙ୍କଠାରୁ ମଗାଯାଇପାରେ ।

**e) ବୃତ୍ତି**

ବୃତ୍ତିଗତ  ବିପତ୍ତିସବୁ ତିନୋଟି ଉତ୍ସଠାରୁ ଉତ୍ପନ୍ନ ହୋଇ ପାରନ୍ତି:

✓ ଦୁର୍ଘଟଣା

✓ ସ୍ୱାସ୍ଥ୍ୟ ବିପତ୍ତି

✓ ନୈତିକ ବିପତ୍ତି

**ଚିତ୍ର 4 : ବୃତ୍ତିଗତ** ବିପତ୍ତିଗୁଡ଼ିକର ଉତ୍ସ




**ବିପତ୍ତି**

i. ଦୁର୍ଘଟଣାଜନିତ ବିପତ୍ତିଗୁଡ଼ିକ ଉତ୍ପନ୍ନ ହୋଇଥାନ୍ତି କାରଣ କିଛି ପ୍ରକାରର ରୋଜଗାର ଜଣକୁ ଦୁର୍ଘଟଣାର ସଙ୍କଟର ସମ୍ମୁଖୀନ କରାଇପାରନ୍ତି । ଏହି ବର୍ଗରେ ଅନେକ ସଂଖ୍ୟକ ରୋଜଗାର ଅଛନ୍ତି-ଯେପରିକି ସର୍କସ କଳାକାର, ମଞ୍ଚ ବାନ୍ଧୁଥିବା କର୍ମଚାରୀ, ବିଧ୍ୱଂସ ବିଶେଷଜ୍ଞ ଏବଂ ଫିଲ୍ମ କରତବ (ସ୍ଟଣ୍ଟ) କଳାକାରମାନେ ।

ii. ସ୍ୱାସ୍ଥ୍ୟ ବିପତ୍ତିଗୁଡ଼ିକ ଉତ୍ପନ୍ନ ହୋଇଥାନ୍ତି ଯେ କାମର ସ୍ୱରୂପ ଏପରି ହୋଇଥାଏ ଯେଉଁଥିରେ ଚିକିତ୍ସୀୟ ହାନିର ସମ୍ଭାବନା ଉପୁଜିପାରେ । ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ବିପତ୍ତି ଅଛନ୍ତି ।

✓ କେତେକ କାର୍ଯ୍ୟ ଯେପରିକି **ରିକ୍ସା ଟାଣିବାବାଲା** ର କାର୍ଯ୍ୟ ଅଧିକ ଶାରୀରିକ ଚାପକୁ ସଂପୃକ୍ତ କରେ ଏବଂ ଶ୍ୱାସ ପ୍ରଣାଳୀକୁ ପ୍ରଭାବିତ କରେ

✓ ସେଭଳି ପରିସ୍ଥିତି ଯେଉଁଠି ଜଣେ ଖୋଦନ ଧୂଳି ଭଳି **ବିଷାକ୍ତ ପଦାର୍ଥ** କିମ୍ବା ରାସାୟନିକ ଓ ନ୍ୟୁକ୍ଲିୟର୍ ବିକିରଣ ଭଳି କର୍କଟଜନକ ପଦାର୍ଥ (ଯାହା କ୍ୟାନସର ସୃଷ୍ଟି କରେ), ଏସବୁର ସମ୍ମୁଖୀନ ହୋଇପାରେ ।

✓ ଭୂମିଗତ ସୁଡଙ୍ଗ କିମ୍ବା ଗଭୀର ସମୁଦ୍ର ଭଳି **ଉଚ୍ଚ ଚାପ ବିଶିଷ୍ଟ ପରିବେଶ** ରେ କାର୍ଯ୍ୟ କରିବା, ତୀବ୍ର ବିସଂପୀଡ଼ନ ଅସ୍ୱସ୍ଥତା ଉତ୍ପନ୍ନ କରିପାରେ ।

✓ ପରିଶେଷରେ, କେତେକ କାର୍ଯ୍ୟ ପରିସ୍ଥିତି (ଯେପରି କି ଏକ କମ୍ପ୍ୟୁଟର ସମ୍ମୁଖରେ ନଇଁକରି ବସିବା କିମ୍ବା ଏକ ଉଚ୍ଚ କୋଳାହଳ ସ୍ଥିତିରେ କାର୍ଯ୍ୟ କରିବା) ସହିତ **ଅତି ସଂସର୍ଗ** ରେ ଆସିବା, ଦୀର୍ଘଦିନ ପରେ ଶରୀରର କିଛି ଅଂଶର କାର୍ଯ୍ୟକ୍ଷମତାରେ ବାଧା ଉତ୍ପନ୍ନ କରିପାରେ ।

iii. ନୈତିକ ବିପତ୍ତି ଉତ୍ପନ୍ନ ହୋଇପାରେ ଯେତେବେଳେ ଏକ ରୋଜଗାର ଅପରାଧିକ ତତ୍ତ୍ୱ କିମ୍ବା ଡ୍ରଗ୍ସ ଓ ମଦର ନିକଟସ୍ଥ ହୁଏ କିମ୍ବା ସେଗୁଡ଼ିକ ପ୍ରତି ପୂର୍ବାବୃତ୍ତିର କାରଣ ହୋଇପାରେ । ଏକ ଉଦାହରଣ ହେଉଛି ସନ୍ଦେହଜନକ ଅପରାଧିକ ସଂପର୍କ ଥିବା ଏକ ନାଇଟ୍ କ୍ଲବ୍ ର ଏକ ଡ୍ୟାନ୍ସର୍ କିମ୍ବା ଏକ ମଦ୍ୟ ବାର୍ ର ମଦ ଦେବାବାଲା କିମ୍ବା ଏକ ବ୍ୟବସାୟୀର 'ବଡ଼ିଗାର୍ଡ' । ପୁନଃ, କିଛି ବ୍ୟକ୍ତି ଯେପରିକି ସୁପରଷ୍ଟାର ମନୋରଞ୍ଜକମାନଙ୍କ କାର୍ଯ୍ୟ ପ୍ରୋଫାଇଲ୍ ସେମାନଙ୍କୁ ନିଶାଦ୍ରବ୍ୟ/ମାଦକ ଜୀବନ ଶୈଳୀ ଆଡ଼େ ନେଇ ପାରେ, ଯାହା ବେଳେ ବେଳେ ଦୁଃଖଦ ସମାପ୍ତି ଆଣିଦିଏ ।

ଯେତେବେଳେ ଏକ ବ୍ୟବସାୟ କୌଣସି ସେମିତି ବିପଦଜନକ ବର୍ଗ ଅନ୍ତର୍ଗତ ଆସିଥାଏ, ବୀମା ପାଇଁ ଆବେଦକ ଏକ ବ୍ୟବସାୟିକ ପ୍ରଶ୍ନାବଳୀକୁ ପୂରା କରିବାର ଆବଶ୍ୟକ ରହିପାରେ ଯାହା ବ୍ୟବସାୟ, ସଂପୃକ୍ତ କର୍ତ୍ତବ୍ୟ ଏବଂ ସଂସର୍ଗରେ ଆସୁଥିବା ସଙ୍କଟ ସମ୍ବନ୍ଧୀୟ ବିଶେଷ ବିବରଣୀ ମାଗିପାରେ । ଏକ ମୂଲ୍ୟ ନିର୍ଦ୍ଧାରଣ ଏକ ଫ୍ଲାଟ୍ ଅତିରିକ୍ତ ରୂପେ ମଧ୍ୟ ବ୍ୟବସାୟ ପାଇଁ ଲାଗୁ କରାଯାଇପାରେ (ଉଦାହରଣ ସ୍ୱରୂପ ଦୁଇ ଟଙ୍କା ପ୍ରତି ହଜାର ବୀମା ରାଶି) । ସେଭଳି ଅତିରିକ୍ତକୁ କମ୍ କରାଯାଇପାରେ କିମ୍ବା ହଟାଇ ଦିଆଯାଇପାରେ ଯେତେବେଳେ ବୀମିତର ବ୍ୟବସାୟ ପରିବର୍ତ୍ତନ ହୋଇଥାଏ ।

### f) ଜୀବନଶୈଳୀ ଏବଂ ଅଭ୍ୟାସ

ଜୀବନଶୈଳୀ ଏବଂ ଅଭ୍ୟାସ ଗୁଡିକ ହେଉଛନ୍ତି ବ୍ୟାପକ ଶୃଙ୍ଖଳାର ବୈୟକ୍ତିକ ଜୀବନ ଶୈଳୀ ବିଶେଷତାଗୁଡିକୁ ସୁରକ୍ଷା ପ୍ରଦାନ କରୁଥିବା ସର୍ତ୍ତାବଳୀ, ଯାହାକୁ ସଙ୍କଟର ସଂସର୍ଗ ସୂଚୀତ କରୁଥିବା, ଅଭିକର୍ତ୍ତାଙ୍କ ଗୋପନୀୟ ରିପୋର୍ଟ ଓ ନୈତିକ ବିପତ୍ତି ରିପୋର୍ଟକୁ ଉଲ୍ଲେଖ କରାଯାଇପାରେ । ବିଶେଷ ରୂପେ ତିନୋଟି ଲକ୍ଷଣ ମହତ୍ୱପୂର୍ଣ୍ଣ ହୋଇଥାନ୍ତି:

**ଧୂମପାନ** ଏବଂ ତମ୍ବାଖୁର ଉପଯୋଗ: ତମ୍ବାଖୁ ର ଉପଯୋଗ ନା କେବଳ ନିଜେ ଏକ ସଙ୍କଟ ଅଟେ, କିନ୍ତୁ ଅନ୍ୟାନ୍ୟ ମେଡ଼ିକାଲ ସଙ୍କଟ ବୃଦ୍ଧି କରିବାର ବି କାରଣ ହୋଇଥାଏ । କମ୍ପାନୀମାନେ ଆଜିକାଲି ଧୂମପାନକାରୀ ଓ ଅଣ-ଧୂମପାନକାରୀ ଏବଂ ଗୁଟକା ଓ ପାନମସଲା ଭଳି ଅନ୍ୟାନ୍ୟ ପ୍ରକାରର ତମ୍ବାଖୁ ଉପଯୋଗ ପାଇଁ ଭିନ୍ନ ଭିନ୍ନ ଦର ଲାଗୁ କରିଥାନ୍ତି ।

**ମଦ** : କେବେ କେବେ କିମ୍ବା ଅଳ୍ପ ପରିମାଣର ମଦ୍ୟ ପାନକୁ ଏକ ବିପତ୍ତିରୂପେ ବିଚାର କରାଯାଇ ନ ଥାଏ । ଅବଶ୍ୟ,ଦୀର୍ଘ କାଳୀନ ଅତ୍ୟଧିକ ମଦ୍ୟପାନ ଯକୃତ୍ ର କାର୍ଯ୍ୟ କରିବାରେ ବାଧା ଦେଇଥାଏ, ପାଚନ ପ୍ରଣାଳୀକୁ ପ୍ରଭାବିତ କରିଥାଏ ଏବଂ ମାନସିକ ବିଶୃଙ୍ଖଳତା ଆଡ଼େ ଟାଣି ନେଇଥାଏ । ମଦ୍ୟପପଣ ଦୁର୍ଘଟଣା, ହିଂସ୍ରତା, ପରିବାର କୁପ୍ରଥା, ଅବସାଦ ଏବଂ ଆତ୍ମହତ୍ୟା ସହିତ ମଧ୍ୟ ସଂଯୁକ୍ତ ଥାଏ ।

ମାଦକ ଦ୍ରବ୍ୟର ଦୁଷ୍ପ୍ରୟୋଗ: ମାଦକ ଦ୍ରବ୍ୟର ଦୁଷ୍ପ୍ରୟୋଗ ବିଭିନ୍ନ ପ୍ରକାରର ମାଦକ ଦ୍ରବ୍ୟ ଯେପରିକି ଡ୍ରଗ୍ସ କିମ୍ବା ନାର୍କୋଟିକ୍ସ, ସନ୍ତୋଷଦାୟକ ଔଷଧ ଏବଂ ସେଭଳି ଅନ୍ୟାନ୍ୟ ଉତ୍ତେଜକ ପଦାର୍ଥର ଉପଯୋଗକୁ ସୂଚାଇଥାଏ ଏମାନଙ୍କ ମଧ୍ୟରୁ କେତେକ ଅବୈଧ ଏବଂ ସେମାନଙ୍କର ଉପଯୋଗ ମଧ୍ୟ ଅପରାଧିକ ମନୋବୃତ୍ତି ଓ ନୈତିକ ବିପତ୍ତିକୁ ସୂଚୀତ କରିଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 2**

ନିମ୍ନ ମଧ୍ୟରୁ କେଉଁଟି ନୈତିକ ବିପତ୍ତିର ଏକ ଉଦାହରଣ ଅଟେ ?

I. ଏକ କରତବ(ଷ୍ଟଣ୍ଟ) ସମ୍ପାଦନ କରିବା ସମୟରେ କରତବ (ଷ୍ଟଣ୍ଟ) କଳାକାରର ମୃତ୍ୟୁ ହୁଏ

II. ଏକ ବ୍ୟକ୍ତି ପ୍ରଚୁର ପରିମାଣର ମଦ୍ୟପାନ କରେ କାରଣ ସେ ବୀମିତ ଅଟେ

III. ପ୍ରିମିୟମ ପ୍ରଦାନରେ ବୀମିତର ତ୍ରୁଟିଥିବା

IV. ପ୍ରସ୍ତାବକ ପଲିସୀ ଦସ୍ତାବିଜ ହଜାଇ ଦେବା

## C. ମେଡିକାଲ ସଙ୍କଟାଙ୍କନ

### 1. ମେଡିକାଲ ସଙ୍କଟାଙ୍କନ

ଆସନ୍ତୁ ବର୍ତ୍ତମାନ କେତେକ ମେଡିକାଲ କାରକଗୁଡିକ ଉପରେ ବିଚାର କରିବା ଯାହା ଏକ ସଙ୍କଟାଙ୍କନର ନିର୍ଣ୍ଣୟକୁ ପ୍ରଭାବିତ କରିପାରେ । ଏସବୁକୁ ସାଧାରଣତଃ ମେଡିକାଲ ସଙ୍କଟାଙ୍କନ ମାଧ୍ୟମରେ ମୂଲ୍ୟାଙ୍କିତ କରାଯାଏ । ଅନେକ ସମୟରେ ଏଗୁଡିକ ଏକ ମେଡିକାଲ ପରୀକ୍ଷକଙ୍କ ରିପୋର୍ଟ ଆବଶ୍ୟକ କରିପାରନ୍ତି । ଆସନ୍ତୁ କେତେକ କାରକକୁ ଦେଖିବା ଯେଉଁଗୁଡିକର ଯାଞ୍ଚ କରାଯାଏ ।

**ଚିତ୍ର 5 : ମେଡିକାଲ କାରକ ଯାହା ଏକ ସଙ୍କଟାଙ୍କକର ନିର୍ଣ୍ଣୟକୁ ପ୍ରଭାବିତ କରିଥାନ୍ତି**




#### a) ପରିବାର ଇତିହାସ

ମୃତ୍ୟୁହାର ସଙ୍କଟ ଉପରେ ପରିବାର ଇତିହାସର ପ୍ରଭାବକୁ ତିନୋଟି ଦୃଷ୍ଟିଭଙ୍ଗୀରୁ ଅଧ୍ୟୟନ କରାଯାଇଛି ।

i. **ଆନୁବଂଶିକତା :** କେତେକ ରୋଗ ଗୋଟିଏ ପୀଢ଼ି ଠାରୁ ଅନ୍ୟ ଏକ ପୀଢ଼ିକୁ, ଧରନ୍ତୁ ପିତାମାତାଙ୍କ ଠାରୁ ପିଲାମାନଙ୍କ ପାଖକୁ ସଂଚାରିତ ହୋଇପାରେ ।

ii. **ପରିବାର ର ହାରାହାରି ଦୀର୍ଘ ଜୀବନ :** ଯେତେବେଳେ ହୃଦୟ ସମସ୍ୟା କିମ୍ବା କ୍ୟାନସର ଭଳି କେତେକ ରୋଗ କାରଣରୁ ପିତାମାତା ଶୀଘ୍ର ମରିଯାଇଥାନ୍ତି, ଏହା ଏକ ସୂଚକ ହୋଇପାରେ ଯେ ସେମାନଙ୍କ ବଂଶଧର ବି ଦୀର୍ଘ ଦିନ ଜୀବିତ ରହି ନ ପାରନ୍ତି ।

iii. **ପରିବାର ବାତାବରଣ :** ତୃତୀୟତଃ, ସେହି ବାତାବରଣ ଯେଉଁଥିରେ ପରିବାର ବାସ କରେ, ତାହା ସଂକ୍ରମଣ ଓ ଅନ୍ୟାନ୍ୟ ସଙ୍କଟର ସଂସର୍ଗରେ ଆସିପାରେ ।

ପ୍ରତିକୂଳ ପରିବାର ଇତିହାସ ଥିବା ବ୍ୟକ୍ତିମାନଙ୍କ ପ୍ରକରଣଗୁଡିକୁ ବିଚାର କରିବା ବେଳେ ଜୀବନ ବୀମାକର୍ତ୍ତାମାନଙ୍କୁ ଏ ପ୍ରକାରେ ସାବଧାନ ରହିବାକୁ ପଡ଼ିବ । ସେମାନେ ଅନ୍ୟାନ୍ୟ ରିପୋର୍ଟ ମାଗି ପାରନ୍ତି ଏବଂ ସେଭଳି କ୍ଷେତ୍ରରେ ଏକ ଅତିରିକ୍ତ ମୃତ୍ୟୁହାର ମୂଲ୍ୟ ଲାଗୁ କରି ପାରନ୍ତି ।

#### b) ବ୍ୟକ୍ତିଗତ ଇତିହାସ

ବ୍ୟକ୍ତିଗତ ଇତିହାସ ମାନବ ଶରୀରର ବିଭିନ୍ନ ପ୍ରଣାଳୀର ଅତୀତର ନ୍ୟୂନତା, ଯାହାଦ୍ୱାରା ବୀମିତ ହେବାକୁ ଥିବା ଜୀବନ ଆକ୍ରାନ୍ତ ହୋଇଛି, ତାହାକୁ ସୂଚୀତ କରେ । ଜୀବନ ବୀମା ପାଇଁ ପ୍ରସ୍ତାବ ଫର୍ମରେ ସାଧାରଣତଃ ଏକ ପ୍ରଶ୍ନ

ସମୂହ ଥାଏ ଯାହା ଅନୁସନ୍ଧାନ କରେ ଯେ ବୀମିତ ହେବାକୁ ଥିବା ଜୀବନ ଏମାନଙ୍କ ମଧ୍ୟରୁ କୌଣସି ପାଇଁ ଚିକିତ୍ସାଧୀନ ରହିଛି କି ?

ମୁଖ୍ୟ ପ୍ରକାରର ରୋଗ, ଯାହାକୁ ସଙ୍କଟାଙ୍କକମାନଙ୍କ ଦ୍ୱାରା ବିଚାର କରାଯାଇଥାଏ, ସେସବୁରେ ଅନ୍ତର୍ଭୁକ୍ତ ହୁଅନ୍ତି ହୃଦୟ ତଥା ରକ୍ତବାହିନୀ ସମ୍ବନ୍ଧୀୟ କାର୍ଡିଓଭାସ୍କୁଲାର୍ ରୋଗ, ଶ୍ୱାସକ୍ରିୟା ପ୍ରଣାଳୀ ସମ୍ବନ୍ଧୀୟ ରୋଗ, ଘାତକ ଟ୍ୟୁମର୍/କ୍ୟାନସର୍, ରେନାଲ୍ ପ୍ରଣାଳୀର ରୋଗ, ଅନ୍ତଃସ୍ରାବୀ (ଏଣ୍ଡୋକ୍ରାଇନ୍) ପ୍ରଣାଳୀର କ୍ଷତି, ଗ୍ୟାସଟ୍ରିକ୍ ଅଲସର୍ ଭଳି ପାକକ୍ରିୟା ପ୍ରଣାଳୀର ରୋଗ ଏବଂ ଯକୃତ୍ ର ସିରୋସିସ୍ ଓ ସ୍ନାୟୁ ପ୍ରଣାଳୀର ରୋଗ ।

### c) ବ୍ୟକ୍ତିଗତ ବିଶେଷତା

ଏଗୁଡିକ ମଧ୍ୟ ରୋଗ ପ୍ରତି ପ୍ରବୃତ୍ତିର ମହତ୍ୱପୂର୍ଣ୍ଣ ସୂଚକ ହୋଇଥାନ୍ତି ।

#### i. ଗଠନ

ଏକ ବ୍ୟକ୍ତିର ଗଠନରେ ସମ୍ମିଳିତ ହୁଏ ଉଚ୍ଚତା, ଓଜନ, ଛାତି ଏବଂ ଉଦରର ପରିଧି । ଏକ ମାନକ ଓଜନ ରହିଥାଏ ଯାହାକୁ ନିର୍ଦ୍ଧାରିତ କରାଯାଇଛି ଏବଂ ଯଦି ଏହି ମାନକ ଓଜନ ତୁଳନାରେ ଓଜନ ଅତି ବେଶୀ କିମ୍ବା କମ୍ ରହେ । ଆମେ କହି ପାରିବା ଯେ ବ୍ୟକ୍ତିଟି ଅଧିଭାର (ଅଧିକ ଓଜନ ବିଶିଷ୍ଟ) କିମ୍ବା ଅଳ୍ପ ଭାର (କମ୍ ଓଜନ ବିଶିଷ୍ଟ) ଅଟେ ।

ସେହିଭଳି, ଏହା ଆଶା କରାଯାଏ ଯେ ଏକ ସାମାନ୍ୟ ବ୍ୟକ୍ତିଠାରେ ଛାତିକୁ ଅତି କମ୍ ରେ ଚାରି ସେଣ୍ଟିମିଟର ପର୍ଯ୍ୟନ୍ତ ପ୍ରସାରିତ କରାଯିବା ଉଚିତ୍ ଏବଂ ଉଦରର ପରିଧି ଜଣକର ପ୍ରସାରିତ ଛାତିଠାରୁ ଅଧିକ ହେବା ଉଚିତ୍ ନୁହେଁ ।

#### ii. ରକ୍ତ ଚାପ

ଅନ୍ୟ ଏକ ସୂଚକ ହେଉଛି ଏକ ବ୍ୟକ୍ତିର ରକ୍ତ ଚାପ । ଏହାର ଦୁଇଟି ମାପ ଅଛି

- ✓ ସିସ୍ଟୋଲିକ୍
- ✓ ଡାଇସ୍ଟୋଲିକ୍

ଯେତେବେଳେ ବାସ୍ତବ ରିଡିଙ୍ଗ୍ ସାଧାରଣ ମୂଲ୍ୟ ଠାରୁ ଅତି ଅଧିକ ଥାଏ, ଆମେ କହୁ ଯେ ବ୍ୟକ୍ତିର ଉଚ୍ଚ ରକ୍ତଚାପ କିମ୍ବା ହାଇପରଟେନ୍ସନ ଅଛି । ଯେତେବେଳେ ଏହା ଅତି କମ୍ ରହେ, ଏହାକୁ ହାଇପୋଟେନ୍ସନ କୁହାଯାଏ । ପ୍ରଥମଟିର ଗମ୍ଭୀର ପରିଣାମ ହୋଇପାରେ ।

#### iii. ମୂତ୍ର- ବିଶିଷ୍ଟ ଗୁରୁତ୍ୱ

ଅନ୍ତିମରେ, ଜଣକର ମୂତ୍ରର ବିଶିଷ୍ଟ ଗୁରୁତ୍ୱର ରିଡିଙ୍ଗ୍ ମୂତ୍ର ସମ୍ବନ୍ଧୀୟ ପ୍ରଣାଳୀ ବିଭିନ୍ନ ଲବଣ ମଧ୍ୟରେ ସନ୍ତୁଳନକୁ ସୂଚୀତ କରେ । ଏହା ପ୍ରଣାଳୀର କୌଣସି ଖରାପ କାର୍ଯ୍ୟକାରିକାକୁ ସୂଚୀତ କରେ ।

### d) ପୂର୍ବ–ଦିନାଙ୍କନ:

ପୂର୍ବ-ଦିନାଙ୍କନ ଅର୍ଥ ହେଉଛି ପଲିସୀର ଆରମ୍ଭ ତାରିଖକୁ ଏକ ପୂର୍ବର ତାରିଖକୁ ପରିବର୍ତ୍ତିତ କରିବା । ଉଦାହରଣ ସ୍ୱରୂପ, ଆପଣ ଏକ ଜୀବନ ବୀମା ପଲିସୀ 1 ଜୁନ, 2013 ରେ କ୍ରୟ କଲେ କିନ୍ତୁ ପରେ ଆପଣ ଚିନ୍ତା କରନ୍ତି ଯେ ପଲିସୀ ଅଧିକ ଉତ୍ତମ ପ୍ରତିଫଳ ଜାତ କରିଥାନ୍ତା ଯଦି ଆପଣ ଏହାକୁ ଅପ୍ରେଲ 2013 ରେ କ୍ରୟ କରିଥାନ୍ତେ । ଆପଣ ଏବଂ ଆପଣଙ୍କ ବୀମା କମ୍ପାନୀ, ପଲିସୀକୁ ସରକାରୀରୂପେ ଅପ୍ରେଲ, 2013 ଠାକୁ ଆରମ୍ଭ କରିବାକୁ ଏହାକୁ ପରିବର୍ତ୍ତନ କରିବା ପାଇଁ, ଏକମତ ହୁଅନ୍ତି । ଏହି କ୍ଷେତ୍ରରେ, ଆପଣ ପଲିସୀଟିକୁ ପୂର୍ବ-ଦିନାଙ୍କିତ କରିଛନ୍ତି ।

ସାଧାରଣତଃ, କୌଣସି ସୁଧ ଲାଗୁ କରାଯାଏ ନାହିଁ ଯଦି ପଲିସୀଟିକୁ ଏକ ମାସରୁ କମ୍ ଦିନ ମଧ୍ୟରେ ପୂର୍ବ-ଦିନାଙ୍କିତ କରାଯାଏ ।

ପୂର୍ବ-ଦିନାଙ୍କନ ନିମ୍ନଲିଖିତ ଉଦ୍ଦେଶ୍ୟରେ କରାଯାଏ:

(i) **ବୟସ ଆଧାରରେ ଏକ କମ୍ ପ୍ରିମିୟମ ପାଇବା** : ପଲିସୀ ଜାରୀ କରିବା ସମୟରେ, ବୀମାକର୍ତ୍ତାମାନେ ପଲିସୀଧାରକର ନିକଟତମ ବୟସକୁ ବିଚାର କରିଥାନ୍ତି । ଏହାର ଅର୍ଥ ହେଉଛି ଯଦି ଆପଣ 32 ବର୍ଷ ଓ 7 ମାସ ବୟସର ଅଟନ୍ତି, ବୀମାକର୍ତ୍ତା ଆପଣଙ୍କ-ବୟସକୁ 33 ବର୍ଷରୂପେ ଗଣନା କରିବ । ନିକଟତମ ବୟସ ଆପଣଙ୍କୁ ଏକ ଉଚ୍ଚତର ପ୍ରିମିୟମ ସ୍ଲାବ୍ ରେ ରଖିପାରେ । ଅବଶ୍ୟ, ଯଦି ଆପଣ ପଲିସୀକୁ 2 ମାସ ପର୍ଯ୍ୟନ୍ତ ପୂର୍ବ-ଦିନାଙ୍କିତ କରନ୍ତି, କମ୍ପାନୀ ଆପଣଙ୍କ ବୟସକୁ 32 ବର୍ଷ ଓ 5 ମାସ ବୋଲି ଗଣନା କରିବ । ବର୍ତ୍ତମାନ ଆପଣ ଏକ 32-ବର୍ଷ ଆୟୁର ଯୋଜନା ଆଧାରରେ ଆପଣ କମ୍ ପ୍ରିମିୟମ ପ୍ରଦାନ କରୁଥିବେ ।

(ii) **ରାଶିପ୍ରଦାନରେ ସମୟ ନିର୍ଦ୍ଧାରିତ କରିବା** : କେତେଗୁଡିଏ ବିଶିଷ୍ଟ ବ୍ୟବସାୟ ଅଛି ଯେଉଁଠି ଆୟ ପ୍ରବାହ ନିୟମିତ (ସ୍ଥିର) ରହେ ନାହିଁ । ସେଭଳି ଏକ ପରିଦୃଶ୍ୟରେ ଯଦି ଏକ ବ୍ୟକ୍ତି ଅସମୟରେ ଅକସ୍ମାତ୍ ଏକ ଜୀବନ ବୀମା ପଲିସୀ କିଣେ, ତେବେ ପଲିସୀଟିକୁ ସର୍ବାଧିକ ଉପାର୍ଜନର ସମୟ ପର୍ଯ୍ୟନ୍ତ ପୂର୍ବ-ଦିନାଙ୍କିତ କରାଯାଇପାରିବ । ଉଦାହରଣ ସ୍ୱରୂପ, ଏକ କୃଷକର ସମୟାନୁକୂଳ ଆୟ ହୋଇପାରେ । ସେ ତାର ଫସଲ ଲାଭ ପାଇବା ପରେ ହିଁ ବୀମା ଦେୟ ପ୍ରଦାନ କରିବା ପାଇଁ ପସନ୍ଦ କରିପାରେ । ଏହି କ୍ଷେତ୍ରରେ, କୃଷକଟି ପଲିସୀକୁ ଅମଳ ଋତୁରେ ଆରମ୍ଭ କରିବା ପାଇଁ ପୂର୍ବ-ଦିନାଙ୍କିତ କରିପାରେ ।

(iii) **ବିଶିଷ୍ଟ ତାରିଖଗୁଡିକ ସହିତ ମେଳ ଖୁଆଇବା :** ଆପଣ ପଲିସୀଟିକୁ ଆପଣଙ୍କ ମହତ୍ୱପୂର୍ଣ୍ଣ ତାରିଖ, ଯଥା: ଜନ୍ମଦିନ ଓ ବାର୍ଷିକୀ ସହିତ ମେଳ ଖୁଆଇବା ପାଇଁ ଏହାର ପୂର୍ବ-ଦିନାଙ୍କନ କରିପାରନ୍ତି । ଆପଣଙ୍କ ପ୍ରିମିୟମ ଦେୟ ତାରିଖକୁ ମନେ ରଖିବା ପାଇଁ ଏହା ଆପଣଙ୍କ ପାଇଁ ସହଜ କରିଦିଏ ।

(iv) **ଶୀଘ୍ର ପରିପକ୍ୱତା ଦାବୀ :** ପୂର୍ବ-ଦିନାଙ୍କନ ଏକ ପଲିସୀର ଅବଧିକୁ କମ୍ କରିଥାଏ ଏବଂ ଶୀଘ୍ର ପରିପକ୍ୱତାରେ ସାହାଯ୍ୟ କରିଥାଏ । ଉଦାହରଣ ସ୍ୱରୂପ, ଯଦି ମାର୍ଚ୍ଚ 2000 ରେ କ୍ରୟ କରାଯାଇଥିବା ଏକ 30-ବର୍ଷର ଜୀବନ ବୀମା ସୁରକ୍ଷାକୁ ଅପ୍ରେଲ 1999 କୁ ପୂର୍ବ-ଦିନାଙ୍କିତ କରାଯାଏ, ପଲିସୀଟି ମାର୍ଚ୍ଚ 2030 ପରିବର୍ତ୍ତେ ଅପ୍ରେଲ, 2029 ରେ ପରିପକ୍ୱତା ପ୍ରାପ୍ତ ହୋଇପାରେ । ଏଣ୍ଡାଓମେଣ୍ଟ ପଲିସୀସବୁ କ୍ଷେତ୍ରରେ, ଏହା ଲାଭଦାୟକ ହୋଇପାରେ ଯେହେତୁ ପରିପକ୍ୱତା ଲାଭ ପୂର୍ବରୁ ଉପାର୍ଜିତ ହୋଇଥାଏ ।

**ସ୍ୱୟଂ ପରୀକ୍ଷଣ କରନ୍ତୁ3**

ବଂଶଗତ ଇତିହାସ ମେଡିକାଲ ସଙ୍କଟାଙ୍କନ ରେ କାହିଁକି ମହତ୍ୱପୂର୍ଣ୍ଣ ଅଟେ ?

**I.** ଧନୀ ପିତାମାତାଙ୍କ ସ୍ୱାସ୍ଥ୍ୟବାନ୍ ପିଲା ଥାଆନ୍ତି

**II.** କିଛି ରୋଗ ପିତାମାତାଙ୍କ ଠାରୁ ପିଲାମାନଙ୍କ ପାଖକୁ ସଂଚାରିତ ହୋଇପାରେ

**III.** ଗରିବ ପିତାମାତାଙ୍କ କୁପୋଷିତ ପିଲା ଥାଆନ୍ତି

**IV.** ପରିବାର ବାତାବରଣ ଏକ ମହତ୍ୱପୂର୍ଣ୍ଣ କାରକ ଅଟେ

## ସାରାଂଶ

- ଇକ୍ୱିଟୀ ଆଣିବା ପାଇଁ ସଙ୍କଟାଙ୍କକ ସଙ୍କଟ ବର୍ଗୀକରଣରେ ନିଯୁକ୍ତ ହୁଏ ଯେଉଁଠି ବୈୟକ୍ତିକ ଜୀବନମାନଙ୍କୁ ବର୍ଗୀକୃତ କରାଯାଏ ଏବଂ ସେମାନେ ସଂସର୍ଗରେ ଆସୁଥିବା ସଙ୍କଟଗୁଡିକର ମାତ୍ରା ଆଧାରରେ ବିଭିନ୍ନ ସଙ୍କଟ ବର୍ଗରେ ଆବଣ୍ଟିତ କରାଯାଏ ।
- ସଙ୍କଟାଙ୍କନ ପ୍ରକ୍ରିୟା ଦୁଇଟି ସ୍ତରରେ ଘଟେ ବୋଲି କୁହାଯାଇପାରେ:
  - ✓ କ୍ଷେତ୍ରୀୟ ସ୍ତରରେ ଏବଂ
  - ✓ ସଙ୍କଟାଙ୍କନ ବିଭାଗ ସ୍ତରରେ
- ସଙ୍କଟାଙ୍କକମାନଙ୍କ ଦ୍ୱାରା ନିଆଯାଇଥିବା ନିର୍ଣ୍ଣୟରେ ଅନ୍ତର୍ଭୁକ୍ତ ହୁଅନ୍ତି ମାନକ ହାରରେ ମାନକ ସଙ୍କଟର ସ୍ୱୀକୃତି କିମ୍ବା ଅଣ-ମାନକ ସଙ୍କଟଗୁଡିକ ପାଇଁ ଅତିରିକ୍ତ ଚାର୍ଜ କରିବା । ବେଳେ ବେଳେ ବୀମା ରାଶି ଉପରେ ଲିୟନ୍ ସହିତ ସ୍ୱୀକୃତି ରହିଥାଏ କିମ୍ବା ସ୍ୱୀକୃତି ପ୍ରତିବନ୍ଧାତ୍ମକ ଅନୁଚ୍ଛେଦ ଆଧାରରେ ହୋଇଥାଏ । ଯେଉଁଠି ସଙ୍କଟଟି ବଡ଼ ହୋଇଥାଏ, ପ୍ରସ୍ତାବକୁ ଅଗ୍ରାହ୍ୟ କିମ୍ବା ବିଳମ୍ବିତ କରାଯାଇଥାଏ ।
- ଅନେକ ସଂଖ୍ୟକ ଜୀବନ ବୀମା ପ୍ରସ୍ତାବକୁ ସାଧାରଣରୂପେ ଏକ ମେଡିକାଲ ପରୀକ୍ଷା ଆୟୋଜିତ କରିବା ବିନା ବୀମା ପାଇଁ ଚୟନ କରାଯାଇପାରେ । ସେଭଳି ପ୍ରକରଣସବୁକୁ ଅଣ-ମେଡିକାଲ ପ୍ରସ୍ତାବ କୁହାଯାଏ ।
- ଅଣ-ମେଡିକାଲ ସଙ୍କଟାଙ୍କନ ପାଇଁ କେତେକ ମୂଲ୍ୟ ନିର୍ଦ୍ଧାରଣ କାରକରେ ଅନ୍ତର୍ଭୁକ୍ତ ହୁଅନ୍ତି
  - ✓ ଆୟୁ
  - ✓ ଅଧିକ ବୀମା ରାଶି
  - ✓ ନୈତିକ ବିପତ୍ତି ଇତ୍ୟାଦି
- ମେଡିକାଲ ସଙ୍କଟାଙ୍କନରେ ବିଚାର କରାଯାଉଥିବା କେତେକ କାରକରେ ଅନ୍ତର୍ଭୁକ୍ତ ହୁଅନ୍ତି
  - ✓ ପରିବାର ଇତିହାସ,
  - ✓ ବଂଶଗତ ଏବଂ ବ୍ୟକ୍ତିଗତ ଇତିହାସ ଇତ୍ୟାଦି ।

## ମୁଖ୍ୟ ପଦାବଳୀ

1. ସଙ୍କଟାଙ୍କନ
2. ମାନକ ଜୀବନ
3. ଅଣ-ମେଡିକାଲ ସଙ୍କଟାଙ୍କନ
4. ମୂଲ୍ୟ ନିର୍ଦ୍ଧାରଣ/ହାର ନିର୍ଦ୍ଧାରଣ କାରକ
5. ମେଡିକାଲ ସଙ୍କଟାଙ୍କନ
6. ବିପରୀତ –ଚୟନ

## ସ୍ୱୟଂ ପରୀକ୍ଷଣ କରନ୍ତୁ ର ଉତ୍ତର

**ଉତ୍ତର 1** - ସଠିକ୍ ବିକଳ୍ପ ହେଉଛି III

**ଉତ୍ତର 2** - ସଠିକ୍ ଉତ୍ତର ହେଉଛି II

**ଉତ୍ତର 3** - ସଠିକ୍ ଉତ୍ତର ହେଉଛି II

# ଅଧ୍ୟାୟ L-09

## ଜୀବନ ବୀମା ଦାବୀ

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟ ଦୀବୀର ବିଷୟରେ ଅବଧାରଣ ଏବଂ ଦାବୀଗୁଡିକୁ କିପରି ସୁନିଶ୍ଚିତ କରାଯାଏ, ଏହାକୁ ବ୍ୟାଖ୍ୟା କରେ । ଅଧ୍ୟାୟଟି ତାପରେ ଦାବୀଗୁଡିକର ପ୍ରକାରଗୁଡିକୁ ବ୍ୟାଖ୍ୟା କରେ । ପରିଶେଷରେ ଦାଖଲ କରିବାକୁ ଥିବା ଫର୍ମଗୁଡିକ ବିଷୟରେ ଏବଂ ଯଦି କୌଣସି ଆବଶ୍ୟକୀୟ ସୂଚନାକୁ ବୀମାକର୍ତ୍ତା ଦ୍ୱାରା ଚାପି ରଖାଯାଇ ନାହିଁ, ବୀମାକର୍ତ୍ତା ଦ୍ୱାରା ଦାବୀ ଅଗ୍ରାହ୍ୟତାଠାରୁ ଏକ ଲାଭଗ୍ରହୀତାକୁ ସୁରକ୍ଷା ପ୍ରଦାନ କରିବା ପାଇଁ ସୁରକ୍ଷଣ, ବିଷୟରେ ଆପଣ ଶିଖିବେ ।

**ଅଧ୍ୟୟନ ପରିଣାମ**

A. ଦାବୀଗୁଡିକର ପ୍ରକାର ଏବଂ ଦାବୀ କାର୍ଯ୍ୟପ୍ରଣାଳୀ

B. ଏକ ଦାବୀ ପରିସ୍ଥିତି ଘଟିଛି କି ନାହିଁ –ଏହା ସୁନିଶ୍ଚିତ କରିବା

C. ଜୀବନ ବୀମା ପଲିସୀଗୁଡିକ ପାଇଁ ଦାବୀ କାର୍ଯ୍ୟ ପ୍ରଣାଳୀ

## A. ଦାବୀଗୁଡ଼ିକର ପ୍ରକାର ଏବଂ ଦାବୀ କାର୍ଯ୍ୟପ୍ରଣାଳୀ

**ଦାବୀ ବିଷୟରେ ଅବଧାରଣା**

ଏକ ବୀମା କମ୍ପାନୀ ଏବଂ ଏକ ବୀମା ପଲିସୀର ବାସ୍ତବ ପରୀକ୍ଷା ଆସେ ଯେତେବେଳେ ଏକ ପଲିସୀର ପରିଣତି ଏକ ଦାବୀ ହୋଇଥାଏ । ଜୀବନ ବୀମାର ପ୍ରକୃତ ମୂଲ୍ୟକୁ, ଯେତେବେଳେ ଏକ ଦାବୀର ସମାଧାନ କରାଯାଏ ଏବଂ ଲାଭସବୁକୁ ପ୍ରଦାନ କରାଯାଏ, ସେତେବେଳେ ନିର୍ଣ୍ଣୟ କରାଯାଏ ।

ଆଇ.ଆର.ଡି.ଏ.ଆଇ.ର ପଲିସୀଧାରକଙ୍କ ହିତ ସୁରକ୍ଷା ଅଧିନିୟମ, 2017 ନିର୍ଦ୍ଧାରିତ କରେ ଯେ ଜୀବନ ବୀମାକର୍ତ୍ତାମାନେ, ବିନା ବିଳମ୍ବରେ ମୃତ୍ୟୁ ଦାବୀସବୁର ପ୍ରୋସେସ୍ କରିବେ ଏବଂ ମୃତ୍ୟୁ ସୂଚନା ପ୍ରାପ୍ତିର 15 ଦିନ ମଧ୍ୟରେ, ସମସ୍ତ ଆବଶ୍ୟକତାକୁ ଏକାଠି ମଗାଇବେ ।

ସମସ୍ତ ଆବଶ୍ୟକୀୟ କାଗଜ ପତ୍ର/ସ୍ପଷ୍ଟୀକରଣର ପ୍ରାପ୍ତି ତାରିଖଠାରୁ 30 ଦିନ ମଧ୍ୟରେ, ସମସ୍ତ ଯଥାର୍ଥ କାରଣ ଦେଇ, ଏକ ମୃତ୍ୟୁ ଦାବୀକୁ ପ୍ରଦାନ କରାଯିବ, ଅଗ୍ରାହ୍ୟ କରାଯିବ କିମ୍ବା ଖଣ୍ଡନ କରାଯିବ ।

ଯଦି, ବୀମାକର୍ତ୍ତାର ମତରେ, ଦାବୀ ଅନୁସନ୍ଧାନ ଆବଶ୍ୟକ କରେ, ବୀମାକର୍ତ୍ତା ତାହାକୁ ସୂଚନାର ତାରିଖଠାରୁ 90 ଦିନ ମଧ୍ୟରେ, ଅବିଳମ୍ବ ସଂପୂର୍ଣ୍ଣ କରିବ ଏବଂ ତାପରେ 30 ଦିନ ମଧ୍ୟରେ ଦାବୀର ସମାଧାନ କରିବ ।

ଆଇ.ଆର.ଡି.ଏ.ଆଇ. ବିନିର୍ଦ୍ଦିଷ୍ଟ କରେ ଯେ ପରିପକ୍ୱତା ଦାବୀ ଜୀବିତ ଲାଭ ଦାବୀ ଏବଂ ଏନୁଇଟି ସମ୍ବନ୍ଧରେ, ଜୀବନ ବୀମାକର୍ତ୍ତା ଅଗ୍ରୀମ ସୂଚନା ଦେଇ, ପୋଷ୍ଟ-ଡେଟେଡ୍ ଚେକ୍ ପଠାଇ କିମ୍ବା RBI ଦ୍ୱାରା ଅନୁମୋଦିତ କୌଣସି ଇଲେକ୍ଟ୍ରୋନିକ୍ ପଦ୍ଧତି ମାଧ୍ୟମରେ ଦାବୀଦାରର ବ୍ୟାଙ୍କ ଖାତାରେ ପ୍ରତ୍ୟକ୍ଷ ଜମା କରି, ଦାବୀ ପ୍ରକ୍ରିୟାକୁ ଆରମ୍ଭ କରିବ, ଯାହା ଦ୍ୱାରା ଦାବୀକୁ ଦେୟ ତାରିଖରେ କିମ୍ବା ତା' ପୂର୍ବରୁ ପ୍ରଦାନ କରାଯାଇପାରିବ ।

**ପରିଭାଷା**

ଏକ ଦାବୀ ହେଉଛି ସେହି ଦାବୀ ଯାହାକୁ ବୀମାକର୍ତ୍ତା ଚୁକ୍ତିରେ ବିନିର୍ଦ୍ଦିଷ୍ଟ କରିଥିବା ପ୍ରତିଶ୍ରୁତିକୁ ପୂରଣ କରିବା ଉଚିତ୍ ।

---

ଏକ ଜୀବନ ବୀମା ଚୁକ୍ତିରେ ଏକ ଦାବୀ ବୀମା ଚୁକ୍ତି ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଇଥିବା ଗୋଟିଏ କିମ୍ବା ଅଧିକ ଘଟଣାର ଘଟିବା ଦ୍ୱାରା ଆରମ୍ଭ ହୋଇଥାଏ । ଯେତେବେଳେ କେତେକ ଦାବୀରେ, ଚୁକ୍ତିଟି ଚାଲୁ ରହେ, ଅନ୍ୟ ଗୁଡ଼ିକରେ, ଚୁକ୍ତିଟିର ସମାପ୍ତି କରିଦିଆଯାଏ ।

ଦାବୀଗୁଡ଼ିକ ଦୁଇ ପ୍ରକାରର ହୋଇ ପାରନ୍ତି:

i. ଜୀବିତ ଦାବୀ ଦେୟ ଯେତେବେଳେ ଜୀବନ ବୀମିତ ଜୀବିତ ଥାଏ ଏବଂ

ii. ମୃତ୍ୟୁ ଦାବୀ

**ଚିତ୍ର 1**: ଦାବୀର ପ୍ରକାର



ଯେତେବେଳେ ଏକ ମୃତ୍ୟୁ ଦାବୀ କେବଳ ଜୀବନ ବୀମିତର ମୃତ୍ୟୁରେ ହିଁ ଉତ୍ପନ୍ନ ହୁଏ, ଜୀବିତ ଲାଭଗୁଡ଼ିକ ପଲିସୀରେ ବିନିର୍ଦ୍ଦିଷ୍ଟ ଘଟଣା ଘଟିବାରେ ଦେୟ ହୁଏ ।

**ମହତ୍ୱପୂର୍ଣ୍ଣ**

ସମସ୍ତ ଦାବୀ ପରିସ୍ଥିତିରେ, ବୀମାକର୍ତ୍ତାଙ୍କୁ ସୁନିଶ୍ଚିତ କରିବାକୁ ହୁଏ ଯେ ଦାବୀଦାରର ପରିଚୟ ପ୍ରମାଣିତ ହୋଇଛି ଏବଂ KYC ନିୟମାବଳୀ ଅନୁସାରେ ଉତ୍ତମ ରୂପେ ଦଲିଲୀକୃତ ହୋଇଛି ।

**ଉଦାହରଣ**

ସେଭଳି ବିନିର୍ଦ୍ଦିଷ୍ଟ ଘଟଣା ଯେଉଁଠି ଦାବୀଗୁଡ଼ିକୁ ବୀମିତକୁ ଦେବାକୁ ପଡିଥାଏ ।

**i.** ବୀମିତ ପଲିସୀର ପରିପକ୍ୱତା ସମୟରେ ପହଞ୍ଚିବା ;

**ii.** ଏକ ମନି-ବ୍ୟାକ୍ ପଲିସୀ ଅନ୍ତର୍ଗତ, ବୀମିତ ପୂର୍ବ-ନିର୍ଦ୍ଧାରିତ ଅବଧି (ଗୁଡ଼ିକ) ରେ ପହଞ୍ଚିବା ଯେତେବେଳେ କିସ୍ତି (ଗୁଡ଼ିକ) ଦେୟ ହୁଏ; କିମ୍ବା ଏନୁଇଟୀ ଯୋଜନା ଅନ୍ତର୍ଗତ ।

**iii.** ପଲିସୀ ଅନ୍ତର୍ଗତ ସୁରକ୍ଷାପ୍ରାପ୍ତ ସଙ୍କଟମୟ ରୋଗଗୁଡ଼ିକର ଘଟଣା (ଏକ ରାଇଡର୍ ଲାଭ ରୂପେ କିମ୍ବା ଅନ୍ୟ ରୂପେ);

**iv.** ପଲିସୀଧାରକ କିମ୍ବା ସମନୁଦେଶିତ ଦ୍ୱରା ପଲିସୀର ସମର୍ପଣ;

---

**B. ଏକ ବୀମା ପରିସ୍ଥିତି ଘଟିଛି କି ନାହିଁ –ଏହା ସୁନିଶ୍ଚିତ କରିବା**

**i.** ଜୀବିତ ଲାଭକୁ, ପରିପକ୍ୱତାର ସମୟ ପହଞ୍ଚିଲେ କିମ୍ବା ପଲିସୀରେ ବିନିୟମିତ ସର୍ତ୍ତଗୁଡ଼ିକୁ ପୂରଣ କରୁଥିଲେ, ବୀମିତକୁ ଦେୟ ହୁଏ ।

**ii.** ପରିପକ୍ୱତା ଦାବୀ ଏବଂ ମନି-ବ୍ୟାକ୍ କିସ୍ତି ଦାବୀଗୁଡ଼ିକ ସହଜରେ କରାଯାଏ ଯେହେତୁ ସେଗୁଡ଼ିକ ତାରିଖଗୁଡ଼ିକ ଉପରେ ଆଧାରିତ ଯାହାକୁ ସ୍ୱୟଂ ଚୁକ୍ତିର ଆରମ୍ଭରେ ନିର୍ଦ୍ଧାରିତ କରାଯାଇଥାଏ । ଉଦାହରଣ ସ୍ୱରୂପ, ଏକ ମନି-ବ୍ୟାକ୍ ପଲିସୀ ଅନ୍ତର୍ଗତ ପରିପକ୍ୱତାର ତାରିଖ ଏବଂ ଜୀବିତ ଲାଭର କିସ୍ତିଗୁଡ଼ିକ କେବେ ପ୍ରଦାନ କରାଯିବ, ଏସବୁକୁ ଚୁକ୍ତିର ପ୍ରସ୍ତୁତି ସମୟରେ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯାଇଥାଏ ।

**iii.** ସମର୍ପଣ ମୂଲ୍ୟ ଦେୟଗୁଡ଼ିକ ଅନ୍ୟାନ୍ୟ ଦାବୀ ଦେୟଠାରୁ ଅଲଗା ହୋଇଥାଏ । ଏଇଠି, ଅନ୍ୟ ଦାବୀରେ ନ ଥିବା ଭଳି, ଚୁକ୍ତିଟିକୁ ରଦ୍ଦ କରିବା ପାଇଁ କିମ୍ବା ଚୁକ୍ତି ଅନ୍ତର୍ଗତ ଯାହା ତାକୁ ପ୍ରଦାନ ଯୋଗ୍ୟ ଥାଏ, ତାହାକୁ ବାହାର କରିବା ପାଇଁ, ଘଟଣାଟିକୁ ପଲିସୀଧାରକ କିମ୍ବା ସମନୁଦେଶିତର ନିଷ୍ପତ୍ତି ଦ୍ୱାରା ଆରମ୍ଭ ହୋଇଥାଏ । ସାଧାରଣତଃ ପୂର୍ବ-ପରିପକ୍ୱ ପ୍ରତ୍ୟାହରଣ ପାଇଁ କିଛି ଅର୍ଥଦଣ୍ଡ ଥାଏ । ପ୍ରଦାନ କରାଯାଉଥିବା ରାଶି, ଏକ ସଂପୂର୍ଣ୍ଣ ଦାବୀ ଅନ୍ତର୍ଗତ ଯାହା ପ୍ରାପ୍ୟ ହୋଇଥାନ୍ତା, ତା' ଅପେକ୍ଷା କମ୍ ହୋଇପାରେ ଏବଂ ତେଣୁକରି ଯାହା ଦେୟ ହୋଇଥାନ୍ତା ଯଦି ସଂପୂର୍ଣ୍ଣ ଦାବୀକୁ ପ୍ରଦାନ କରାଯାଇଥାନ୍ତା, ତା' ଅପେକ୍ଷା କମ୍ ହୋଇପାରେ ।

**iv.** ସଙ୍କଟମୟ ରୋଗ ଦାବୀସବୁକୁ ତାର ଦାବୀର ସମର୍ଥନରେ ପଲିସୀଧାରକ ଦ୍ୱାରା ପ୍ରଦାନ କରାଯାଇଥିବା ମେଡ଼ିକାଲ ଓ ଅନ୍ୟାନ୍ୟ ରେକର୍ଡ ଆଧାରରେ ସୁନିଶ୍ଚିତ କରାଯାଇଥାଏ ।

**v. ଏନୁଇଟୀ** : ଏନୁଇଟୀ ପ୍ରଦାନ (ପେନଶନ ଯୋଜନା) କ୍ଷେତ୍ରରେ, ବୀମିତକୁ ଆବଧିକ ରୂପେ ଜୀବିତ ପ୍ରମାଣପତ୍ର ପ୍ରଦାନ କରିବା ଆବଶ୍ୟକ ହୋଇଥାଏ ।

ଏକ ସଙ୍କଟମୟ ରୋଗ ଲାଭର ଉଦ୍ଦେଶ୍ୟ ହେଉଛି ଏକ ପଲିସୀଧାରକକୁ ଏକ ଗମ୍ଭୀର ରୋଗର ଘଟଣାରେ ତା' ଖର୍ଚ୍ଚସବୁକୁ ପ୍ରଦାନ କରିବାରେ ସକ୍ଷମ କରିବା । ଯଦି ଏହି ପଲିସୀକୁ ସମନୁଦେଶିତ କରାଯାଏ, ସମସ୍ତ ଲାଭକୁ ସମନୁଦେଶିତକୁ ଦେୟ ହୋଇପାରେ ଏବଂ ଏହା ସଙ୍କଟମୟ ରୋଗ ଲାଭର ଅଭିପ୍ରେତ ଉଦ୍ଦେଶ୍ୟକୁ ପୂରଣ କରି ନ ପାରେ । ଏହି ପରିସ୍ଥିତିକୁ ଏଡ଼େଇବା ପାଇଁ, ପଲିସୀଧାରକମାନଙ୍କୁ ଏକ ସସର୍ତ୍ତ ସମନୁଦେଶନ ରୂପେ ସେମାନେ ପ୍ରଦାନ କରୁଥିବା ଲାଭର ମାତ୍ରା ବିଷୟରେ ଶିକ୍ଷିତ କରିବା ଆବଶ୍ୟକ ।

ଏକ ପରିପକ୍ୱତା କିମ୍ବା ମୃତ୍ୟୁ ଦାବୀ କିମ୍ବା ଏକ ସମର୍ପଣର ପରିଣାମ ଚୁକ୍ତି ଅନ୍ତର୍ଗତ ବୀମା ସୁରକ୍ଷାର ସମାପ୍ତି ହୋଇଥାଏ ଏବଂ ତାପରେ କୌଣସି ଅଧିକ ବୀମା ସୁରକ୍ଷା ଉପଲବ୍ଧ ନ ଥାଏ ।

ଦାବୀଗୁଡ଼ିକର ପ୍ରକାର : ପଲିସୀ ଅବଧିରେ ନିମ୍ନଲିଖିତ ଦେୟ ହୋଇପାରେ:

**a) ଜୀବିତ ଲାଭ ପ୍ରଦାନ**

ପଲିସୀର ଅବଧିରେ ନିର୍ଦ୍ଧାରିତ ସମୟମାନଙ୍କରେ ବୀମିତ ଦ୍ୱାରା ବୀମିତକୁ ଆବଧିକ ଦେୟ ପ୍ରଦାନ କରାଯାଇଥାଏ ।

**I. ପଲିସୀର ସମର୍ପଣ**

ସମର୍ପଣ ମୂଲ୍ୟ ନିବେଶଗୁଡ଼ିକର ମୂଲ୍ୟକୁ ଦର୍ଶାଏ ଏବଂ ବିଭିନ୍ନ କାରକ ଉପରେ ନିର୍ଭର କରେ ଯେପରିକି ବୀମା ରାଶି, ବୋନସ, ପଲିସୀଆବଧି ଏବଂ ଦିଆଯାଇଥିବା ପ୍ରିମିୟମ । ଏକ ଜୀବନ ବୀମା ପଲିସୀର ସମୟ ପୂର୍ବରୁ ସମାପ୍ତି ପଲିସୀ ଚୁକ୍ତିର ସ୍ୱେଚ୍ଛିକ ସମାପ୍ତି ହୋଇଥାଏ । ଏକ ପଲିସୀର ସମର୍ପଣ କରାଯାଇପାରେ କେବଳ ଯଦି ଏହା ପେଡ୍-ଅପ୍ ମୂଲ୍ୟ ଅର୍ଜିତ କରିଥାଏ । ବୀମିତକୁ ଦେୟ ରାଶି ହେଉଛି ସମର୍ପଣ ମୂଲ୍ୟ ଯାହା ସାଧାରଣତଃ ପ୍ରଦାନ କରାଯାଇଥିବା ପ୍ରିମିୟମର କିଛି ପ୍ରତିଶତ ହୋଇଥାଏ । ବୀମିତକୁ ପ୍ରଦାନ କରାଯାଉଥିବା ବାସ୍ତବ ସମର୍ପଣ ମୂଲ୍ୟ ଗ୍ୟାରେଣ୍ଟିଯୁକ୍ତ ସମର୍ପଣ ମୂଲ୍ୟ (GSV) ଠାରୁ ଅଧିକ ହୋଇଥାଏ ।

**II. ରାଇଡର ଲାଭ**

ଏକ ରାଇଡର ଅନ୍ତର୍ଗତ ଏକ ରାଶି ପ୍ରଦାନ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଏକ ବିନିର୍ଦ୍ଦିଷ୍ଟ ଘଟଣା ଘଟିବାରେ ବୀମା କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥାଏ ।

ଏକ ଗମ୍ଭୀର ରୋଗ ରାଇଡର୍ ଅନ୍ତର୍ଗତ, ଏକ ସଙ୍କଟମୟ ରୋଗର ନିଦାନ ଚିହ୍ନଟ ହେବାରେ, ସର୍ତ୍ତାବଳୀ ଅନୁସାରେ ଏକ ବିନିର୍ଦ୍ଦିଷ୍ଟ ରାଶି ପ୍ରଦାନ କରାଯାଏ । ରୋଗଟି ବୀମା କମ୍ପାନୀ ଦ୍ୱାରା ବିନିର୍ଦ୍ଦିଷ୍ଟ ସଙ୍କଟମୟ ରୋଗମାନଙ୍କ ତାଲିକାରେ ସୁରକ୍ଷା ପ୍ରାପ୍ତ ହୋଇଥିବା ଉଚିତ୍ ।

ହସ୍ପିଟାଲ୍ କେୟର୍ ରାଇଡର୍ ଅନ୍ତର୍ଗତ, ନିୟମ ଓ ସର୍ତ୍ତାବଳୀ ଅନ୍ତର୍ଗତ, ବୀମିତର ଡାକ୍ତରଖାନାରେ ଭର୍ତ୍ତି ଅବସରରେ ବୀମାକର୍ତ୍ତା ଚିକିତ୍ସା ଖର୍ଚ୍ଚକୁ ପ୍ରଦାନ କରେ ।

ରାଇଡର୍ ଦେୟ ପ୍ରଦାନ କରିବା ପରେ ମଧ୍ୟ ପଲିସୀ ଚୁକ୍ତି ଚାଲୁ ରହିଥାଏ ।

ବୀମା ଚୁକ୍ତିରେ ବିନିର୍ଦ୍ଦିଷ୍ଟ ପଲିସୀ ଅବଧିର ସମାପ୍ତିରେ ନିମ୍ନଲିଖିତ ଦାବୀ ଦେୟ ହୋଇଥାନ୍ତି ।

III. ପରିପକ୍ୱତା ଦାବୀ

**ସେଭଳି ଦାବୀମାନଙ୍କରେ, ବୀମାକର୍ତ୍ତା ବୀମିତକୁ ଅବଧିରେ ଶେଷରେ ଏକ ବିନିର୍ଦ୍ଦିଷ୍ଟ ରାଶି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଏ, ଯଦି ବୀମିତ ଯୋଜନାର ସମଗ୍ର ଅବଧିରେ ଜୀବିତ ରହେ ।** ଏହାକୁ ପରିପକ୍ୱତା ଦାବୀ କୁହାଯାଏ ।

i. **ସହଭାଗୀତା ଯୋଜନା:** ଏକ ସହଭାଗୀତା ଯୋଜନା: ଏକ ସହଭାଗିତା ଯୋଜନା ଅନ୍ତର୍ଗତ ଦେୟ ହେଉଥିବା ପରିପକ୍ୱତା ଦାବୀ ରାଶି ହେଉଛି ବୀମା ରାଶି ଯୁକ୍ତ ସଂଚିତ ବୋନସ ବିଯୁକ୍ତ ଦେୟ ଯେପରିକି ବାକି ରହିଥିବା ପ୍ରିମିୟମ ଏବଂ ପଲିସୀ ଋଣ ଓ ତା' ଉପରେ ସୁଧ ।

ii. **ପ୍ରିମିୟମର ଫେରସ୍ତ (ROP) ଯୋଜନା :** କେତେକ କ୍ଷେତ୍ରରେ ଅବଧି ସମୟାବଧିରେ ପ୍ରଦାନ କରାଯାଇଥିବା ପ୍ରିମିୟମକୁ ଫେରସ୍ତ କରିଦିଆଯାଏ ଯେତେବେଳେ ପଲିସୀ ପରିପକ୍ୱତା ପ୍ରାପ୍ତ ହୁଏ ।

iii. **ୟୁନିଟ୍ ଲିଙ୍କ୍ ବୀମା ଯୋଜନା** (ULIP) : ୟୁଲିପ୍ ମାନଙ୍କ କ୍ଷେତ୍ରରେ, ବୀମାକର୍ତ୍ତା ନିଧିମୂଲ୍ୟକୁ ପରିପକ୍ୱତା ଦାବୀ ରୂପେ ପ୍ରଦାନ କରେ ।

iv. **ମନି-ବ୍ୟାକ୍ ଯୋଜନା :** ମନି-ବ୍ୟାକ୍ ପଲିସୀ କ୍ଷେତ୍ରରେ, ବୀମାକର୍ତ୍ତା ପ୍ରଦାନ କରେ ପରିପକ୍ୱତା ଦାବୀ ବିଯୁକ୍ତ ପଲିସୀର ଅବଧିରେ ପୂର୍ବରୁ ପ୍ରଦାନ କରାଯାଇଥିବା ଜୀବିତ ଲାଭ ।

ଦାବୀ ପ୍ରଦାନ କରାଯିବା ପରେ ବୀମା ଚୁକ୍ତି ସମାପ୍ତ ହୋଇଯାଏ ।

**b) ମୃତ୍ୟୁ ଦାବୀ**

ଯଦି ତାର ପଲିସୀର ଅବଧିରେ ବୀମିତର ମୃତ୍ୟୁ ଅକସ୍ମାତ୍ (ଦୁର୍ଘଟଣାଜନିତ) କିମ୍ବା ଅନ୍ୟ ହିସାବରେ ହୁଏ, ବୀମାକର୍ତ୍ତା ବୀମା ରାଶି ଯୁକ୍ତ ସଂଚିତ ବୋନସ ଯଦି ସହଭାଗୀତା ହୋଇଥାଏ, ବିଯୁକ୍ତ ବୀମାକର୍ତ୍ତାଦ୍ୱାରା ପାଇବାକୁ ଥିବା ଦେୟ [ଯେପରି କି ବାକି ରହିଥିବା ପଲିସୀ ଋଣ ଏବଂ ସୁଧ କିମ୍ବା ପ୍ରିମିୟମ ଯୁକ୍ତ ସୁଧ] । ଏହା ହେଉଛି ମୃତ୍ୟୁ ଦାବୀ, ଯାହାକୁ ନାମୀତ କିମ୍ବା ସମନୁଦେଶିତ କିମ୍ବା ବୈଧିକ ଉତ୍ତରାଧିକାରୀ, ଯେଉଁ ପରିସ୍ଥିତି ବି ହୋଇଥାଉ, ତାକୁ ପ୍ରଦାନ କରାଯାଏ । ଏକ ମୃତ୍ୟୁ ଦାବୀ ସାଧାରଣତଃ ମୃତ୍ୟୁ ପରିଣାମରେ ଚୁକ୍ତିର ସମାପ୍ତି ରୂପେ ଅଙ୍କିତ ହୋଇଥାଏ ।

ଏକ ମୃତ୍ୟୁ ଦାବୀ ହୋଇପାରେ :

- ✓ ଶୀଘ୍ର (ତିନି ବର୍ଷଠାରୁ କମ୍ ପଲିସୀ ଅବଧି) କିମ୍ବା
- ✓ ଅଣ-ଶୀଘ୍ର (ତିନି ବର୍ଷଠାରୁ ଅଧିକ)

ନାମୀତ କିମ୍ବା ସମନୁଦେଶିତ କିମ୍ବା ବୈଧିକ ଉତ୍ତରାଧିକାରୀକୁ  ବୀମାକର୍ତ୍ତାକୁ ମୃତ୍ୟୁର କାରଣ, ତାରିଖ ଓ ସ୍ଥାନ ବିଷୟରେ ସୂଚୀତ କରିବାକୁ ପଡ଼ିଥାଏ ।

**i.** ମୃତ୍ୟୁ ଦାବୀ ପାଇଁ ଦାଖଲ କରିବାକୁ ଥିବା ଫର୍ମ

ସାଧାରଣତଃ, ଦାବୀର ପ୍ରକ୍ରିୟାକୁ ସୁଗମ କରିବା ପାଇଁ ଲାଭଗ୍ରହୀତା ଦ୍ୱାରା ବୀମାକର୍ତ୍ତାକୁ ନିମ୍ନଲିଖିତ ଫର୍ମଗୁଡିକ ଜମା କରିବାକୁ ପଡ଼ିଥାଏ:

- ✓ ନାମୀତ ଦ୍ୱାରା ଦାବୀ ଫର୍ମ
- ✓ ସମାଧି କିମ୍ବା ଶବଦାହର ପ୍ରମାଣପତ୍ର

- ✓ ଚିକିତ୍ସା କରୁଥିବା ଡାକ୍ତରଙ୍କ ପ୍ରମାଣପତ୍ର
- ✓ ଡାକ୍ତରଖାନାର ପ୍ରମାଣପତ୍ର
- ✓ ନିଯୁକ୍ତିଦାତାଙ୍କ ପ୍ରମାଣପତ୍ର
- ✓ ମୃତ୍ୟୁର ପ୍ରମାଣ ରୂପେ, ମ୍ୟୁନିସିପାଲ ପ୍ରାଧିକରଣ ଦ୍ୱାରା ଜାରୀ କରାଯାଇଥିବା ମୃତ୍ୟୁ ପ୍ରମାଣ ପତ୍ର
- ✓ ପ୍ରଥମ ସୂଚନା ରିପୋର୍ଟ (FIR) ଭଳି ପୋଲିସ ରିପୋର୍ଟଗୁଡିକର ପ୍ରମାଣିତ କୋର୍ଟ ପ୍ରତିଲିପି-ଏହି (କାନୁନୀ ଯାଞ୍ଚ ରିପୋର୍ଟ, ଶବ-ବ୍ୟବଚ୍ଛେଦ ରିପୋର୍ଟ, ଏବଂ ଅନ୍ତିମ ରିପୋର୍ଟ) ରିପୋର୍ଟଗୁଡିକ ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ଆବଶ୍ୟକ ହୋଇଥାଏ ।

**ଚିତ୍ର 2** : ମୃତ୍ୟୁ ଦାବୀ ପାଇଁ ଦାଖଲ କରିବାକୁ ଥିବା ଫର୍ମ




### ii. ମୃତ୍ୟୁ ଦାବୀର ପ୍ରତ୍ୟାଖ୍ୟାନ

ମୃତ୍ୟୁ ଦାବୀକୁ ପ୍ରଦାନ କରାଯାଇପାରେ କିମ୍ବା ପ୍ରତ୍ୟାଖ୍ୟାନ କରାଯାଇପାରେ । ଯଦି, ଦାବୀକୁ ପ୍ରୋସେସ୍ କରିବା ସମୟରେ, ବୀମାକର୍ତ୍ତା ଚିହ୍ନଟ କରେ ଯେ ପ୍ରସ୍ତାବକ କୌଣସି ଭୁଲ ବକ୍ତବ୍ୟ ଦେଇଥିଲା କିମ୍ବା ପଲିସୀ ପାଇଁ ଆବଶ୍ୟକୀୟ ମହତ୍ୱପୂର୍ଣ୍ଣ ତଥ୍ୟକୁ ଚାପି ରଖାଯାଇଥିଲା, ଚୁକ୍ତିଟିକୁ ନିରର୍ଥକ ବୋଲି ଘୋଷିତ କରାଯାଇପାରେ । ପଲିସୀ ଅନ୍ତର୍ଗତ ସମସ୍ତ ଲାଭକୁ ତ୍ୟାଗ କରିବାକୁ ପଡ଼େ ।

### iii. ଧାରା 45: **ନିର୍ବିବାଦତା ଅନୁଚ୍ଛେଦ**

ଅବଶ୍ୟ ଏହି ଦଣ୍ଡ ବୀମା ଅଧିନିୟମ, 1938 ର ଧାରା 45 ର ଅନ୍ତର୍ଗତ ହୋଇଥାଏ ।

| **ମହତ୍ୱପୂର୍ଣ୍ଣ** |
|---|

**ଧାରା 45 ଉଲ୍ଲେଖ କରେ ଯେ:**

“ଜୀବନ ବୀମାର କୌଣସି ବି ପଲିସୀ ଉପରେ, ପଲିସୀ ତାରିଖ ଠାରୁ ଅର୍ଥାତ୍ ପଲିସୀର ଜାରୀ ତାରିଖଠାରୁ କିମ୍ବା ସଙ୍କଟର ଆରମ୍ଭ ତାରିଖ କିମ୍ବା ପଲିସୀର ପୁନଃପ୍ରବର୍ତ୍ତନ ତାରିଖ କିମ୍ବା ପଲିସୀର ରାଇଡର୍ ର ତାରିଖ, ଯେଉଁଟା ବି ପରେ ହୋଇଥାଏ, ତାହା ଠାରୁ ତିନି ବର୍ଷର ସମାପ୍ତି ପରେ ଯାହା କି କାରଣ ହୋଇ ଥାଉ ନା କାହିଁକି, ପ୍ରଶ୍ନ କରାଯାଇ ପାରିବ ନାହିଁ” ।

## C. ଜୀବନ ବୀମା ପଲିସୀ ପାଇଁ ଦାବୀ କାର୍ଯ୍ୟପ୍ରଣାଳୀ

ଯଦିଓ ସବୁ କଥାବାର୍ତ୍ତା ପାଇଁ ନିର୍ଦ୍ଧାରିତ କୌଣସି ମାନକ ଦାବୀ ପ୍ରକ୍ରିୟା ନାହିଁ, ଆଇ.ଆର.ଡି.ଏ.ଆଇ ଦାବୀ ସମାଧାନର ବିଷୟରେ ବୀମାକର୍ତ୍ତାମାନଙ୍କ ପାଇଁ ମାର୍ଗଦର୍ଶିକା ଉଲ୍ଲେଖ କରିଛି ।

**ବିନିୟମନ 8: ଏକ ଜୀବନ ବୀମା ପଲିସୀ ସମ୍ବନ୍ଧୀୟ ଦାବୀ ପ୍ରକ୍ରିୟା**

i. ଏକ ଜୀବନ ବୀମା ପଲିସୀ ମୁଖ୍ୟ ଦସ୍ତାବିଜ ଗୁଡିକୁ ଉଲ୍ଲେଖ କରିବ ଯାହା ସାଧାରଣତଃ ଏକ ଦାବୀର ସମର୍ଥନରେ ଏକ ଦାବୀଦାର ଦ୍ୱାରା ଦାଖଲ କରିବାର ଆବଶ୍ୟକ ହୋଇଥାଏ ।

ii. ଏକ ଜୀବନ ବୀମା କମ୍ପାନୀ, ଏକ ଦାବୀ ପ୍ରାପ୍ତି କରିବା ପରେ, ବିନା ବିଳମ୍ବରେ ଦାବୀର ପ୍ରକ୍ରିୟା ଆରମ୍ଭ କରିବ । ଯେତେ ଦୂର ସମ୍ଭବ ଦାବୀ ପ୍ରାପ୍ତିର 15 ଦିନର ସମୟ ମଧ୍ୟରେ ଅତିରିକ୍ତ ଦସ୍ତାବିଜ ସମ୍ବନ୍ଧରେ କୌଣସି ପ୍ରଶ୍ନ କିମ୍ବା ଆବଶ୍ୟକତାକୁ ସଂପୂର୍ଣ୍ଣ ରୂପେ ଶୀଘ୍ର ଉଠାଯିବ ଏବଂ ଖଣ୍ଡ ଖଣ୍ଡ କରି ନୁହେଁ ।

iii. ଆଇ.ଆର.ଡି.ଏ.ଆଇ (ପଲିସୀଧାରକଙ୍କ ହିତ ସୁରକ୍ଷା) ବିନିୟମନ, 2017 ଅନୁସାରେ, ଏକ ଜୀବନ ବୀମା ପଲିସୀ ଅନ୍ତର୍ଗତ ଏକ ମୃତ୍ୟୁ ଦାବୀକୁ, ସମସ୍ତ ଆବଶ୍ୟକୀୟ କାଗଜପତ୍ର ଓ ଆବଶ୍ୟକୀୟ ସ୍ପଷ୍ଟୀକରଣର ପ୍ରାପ୍ତି ତାରିଖଠାରୁ 30 ଦିନ ମଧ୍ୟରେ, ସମସ୍ତ ଯଥାର୍ଥ କାରଣ ଦେଇ, ପ୍ରଦାନ, ଅଗ୍ରାହ୍ୟ କିମ୍ବା ପ୍ରତ୍ୟାଖ୍ୟାନ କରାଯିବ । ଅବଶ୍ୟ, ଯଦି ବୀମାକର୍ତ୍ତା ଦାବୀକୁ ଯାଞ୍ଚ କରିବାର ଆବଶ୍ୟକ ମନେ କରେ, ଏହା ଅନୁସନ୍ଧାନକୁ ଅତି ଶୀଘ୍ର ଆରମ୍ଭ ଏବଂ ସଂପୂର୍ଣ୍ଣ କରିବ, କୌଣସି ପ୍ରକାରେ ବି ଦାବୀ ସୂଚନା ପ୍ରାପ୍ତି ତାରିଖଠାରୁ 90 ଦିନ ଠାରୁ ଅଧିକ ହେବ ନାହିଁ । ଅନୁସନ୍ଧାନ ସଂପୂର୍ଣ୍ଣ କରିବାର 30 ଦିନ ମଧ୍ୟରେ ଦାବୀକୁ ସମାଧାନ କରିବା ଉଚିତ୍ ।

iv. ଯେଉଁଠି ଏକ ଦାବୀ ପ୍ରଦାନ ପାଇଁ ପ୍ରସ୍ତୁତ ହୋଇଥାଏ କିନ୍ତୁ ପ୍ରାପ୍ତିକର୍ତ୍ତାର ଯଥାର୍ଥ ପରିଚୟ ସମ୍ବନ୍ଧୀୟ କୌଣସି ବି କାରଣ ଯୋଗୁଁ ଦେୟ ପ୍ରଦାନ କରାଯାଇ ନ ପାରେ, ଜୀବନ ବୀମାକର୍ତ୍ତା ପ୍ରାପ୍ତକର୍ତ୍ତାର ଲାଭ ପାଇଁ ରାଶିକୁ ଧାରଣ କରି ରଖିବ ଏବଂ ଏହା ଏକ ଅନୁସୂଚୀତ ବ୍ୟାଙ୍କରେ ଥିବା ଏକ ସଂଚୟ ବ୍ୟାଙ୍କ ଖାତା ପାଇଁ ପ୍ରଯୁଜ୍ୟ ହାରରେ ସୁଧ ଅର୍ଜିତ କରିବ (ସମସ୍ତ କାଗଜ ପତ୍ର ଓ ସୂଚନାର ଦାଖଲ ପରେ 30 ଦିନଠାରୁ ପ୍ରଭାବୀ ) ।

v. ଯେଉଁଠି ଉପ-ବିନିୟମନ (iv) ଦ୍ୱାରା ବର୍ଣ୍ଣିତ କାରଣ ଠାରୁ ଅନ୍ୟ କାରଣ ଯୋଗୁଁ ଏକ ଦାବୀକୁ ପ୍ରୋସେସ୍ କରିବାରେ ବୀମାକର୍ତ୍ତା ପକ୍ଷରୁ ବିଳମ୍ବ ହୁଏ, ଜୀବନ ବୀମା କମ୍ପାନୀ, ସେହି ହାରରେ ଦାବୀ ରାଶି ଉପରେ ସୁଧ ପ୍ରଦାନ କରିବ, ଯାହା, ଯେଉଁ ଆର୍ଥିକ ବର୍ଷରେ ଦାବୀର ସମୀକ୍ଷା କରାଯାଇଥାଏ, ସେହି ଆର୍ଥିକ ବର୍ଷର ଆରମ୍ଭରେ ପ୍ରଚଳିତ ବ୍ୟାଙ୍କ ହାରଠାରୁ 2% ଅଧିକ ହୋଇଥାଏ ।

**ଏକ ଅଭିକର୍ତ୍ତାର ଭୂମିକା**

ଏକ ଅଭିକର୍ତ୍ତା, ଦାବୀ ଫର୍ମଗୁଡିକୁ ସଠିକ୍ ରୂପେ ପୂରଣ କରିବାରେ ଏବଂ ଏଗୁଡିକୁ ବୀମାକର୍ତ୍ତାର କାର୍ଯ୍ୟାଳୟରେ ଦାଖଲ କରିବାରେ ସହାୟତା କରିବାରେ ନାମୀତ/ବୈଧିକ ଉତ୍ତରାଧିକାରୀ କିମ୍ବା ଲାଭଗ୍ରହୀତାକୁ ସମସ୍ତ ସମ୍ଭବ ସେବା ଦେବ ।

ବୈଧିକ କର୍ତ୍ତବ୍ୟ ପାଳନ କରିବା ବ୍ୟତୀତ, ସେଭଳି ଏକ ପରିସ୍ଥିତିରୁ ସଦ୍ଭାବ ଜାତ ହୋଇଥାଏ ଯାହାଦ୍ୱାରା ମୃତବ୍ୟକ୍ତିର ପରିବାରଠାରୁ ଭବିଷ୍ୟତରେ ବ୍ୟବସାୟ କିମ୍ବା ରେଫରାଲ୍ ପ୍ରାପ୍ତି କରିବା ପାଇଁ ଅଭିକର୍ତ୍ତା ପାଇଁ ଅନେକ ସୁଯୋଗ ରହିଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ1**

ନିମ୍ନ ଉକ୍ତି ମଧ୍ୟରୁ କେଉଁ ଗୋଟିକ ଦାବୀର ଅବଧାରଣାକୁ ସର୍ବୋତ୍ତମ ରୂପେ ବର୍ଣ୍ଣନା କରେ? ସବୁଠୁ ଯଥାର୍ଥ ବିକଳ୍ପର ଚୟନ କରନ୍ତୁ।

I. ଏକ ଦାବୀ ହେଉଛି ଏକ ଅନୁରୋଧ ଯାହାକୁ ବୀମାକର୍ତ୍ତା ଚୁକ୍ତିରେ ବିନିର୍ଦ୍ଦିଷ୍ଟ କରିଥିବା ପ୍ରତିଶ୍ରୁତିକୁ ପୂରଣ କରିବା ଉଚିତ୍

II. ଏକ ଦାବୀ ହେଉଛି ସେହି ଦାବୀ ଯାହାକୁ ବୀମାକର୍ତ୍ତା ଚୁକ୍ତିରେ ବିନିର୍ଦ୍ଦିଷ୍ଟ କରିଥିବା ପ୍ରତିଶ୍ରୁତିକୁ ପୂରଣ କରିବା ଉଚିତ୍

III. ଏକ ଦାବୀ ହେଉଛି ସେହି ଦାବୀ ଯାହାକୁ ବୀମାକର୍ତ୍ତା ରାଜିନାମାରେ ବିନିର୍ଦ୍ଦିଷ୍ଟ କରିଥିବା ବଚନବଦ୍ଧତାକୁ ପୂରଣ କରିବା ଉଚିତ୍

IV. ଏକ ଦାବୀ ହେଉଛି ଏକ ଅନୁରୋଧ ଯାହାକୁ ବୀମାକର୍ତ୍ତା ରାଜିନାମାରେ ବିନିର୍ଦ୍ଦିଷ୍ଟ କରିଥିବା ପ୍ରତିଶ୍ରୁତିକୁ ପୂରଣ କରିବା ଉଚିତ୍

---

**ସାରାଂଶ**

- ଏକ ଦାବୀ ହେଉଛି ସେହି ଦାବୀ ଯାହାକୁ ବୀମାକର୍ତ୍ତା ଚୁକ୍ତିରେ ବିନିର୍ଦ୍ଦିଷ୍ଟ କରିଥିବା ପ୍ରତିଶ୍ରୁତିକୁ ପୂରଣ କରିବା ଉଚିତ୍ ।
- ଏକ ଦାବୀ ଜୀବିତ ଦାବୀ କିମ୍ବା ମୃତ୍ୟୁ ଦାବୀ ହୋଇପାରେ । ଯେତେବେଳେ ଏକ ମୃତ୍ୟୁ ଦାବୀ କେବଳ ଜୀବନ ବୀମିତର ମୃତ୍ୟୁରେ ହିଁ ଉତ୍ପନ୍ନ ହୋଇଥାଏ, ଜୀବିତ ଦାବୀଗୁଡିକ ଗୋଟିଏ କିମ୍ବା ଅଧିକ ଘଟଣା କାରଣରୁ ହୋଇପାରେ ।
- ଏକ ଜୀବିତ ଦାବୀର ପ୍ରଦାନ ପାଇଁ, ବୀମାକର୍ତ୍ତାଙ୍କୁ ସୁନିଶ୍ଚିତ କରିବାକୁ ପଡ଼େ ଯେ ଘଟଣାଟି ପଲିସୀରେ ବିନିୟମିତ ସର୍ତ୍ତ ଗୁଡିକ ଅନୁଯାୟୀ ଘଟିଛି ।
- ପଲିସୀ ଅବଧିରେ ନିମ୍ନଲିଖିତ ରାଶି ପ୍ରଦାନ ହୋଇ ପାରେ
  - ✓ ଜୀବିତ ଲାଭ ପ୍ରଦାନ
  - ✓ **ପଲିସୀର ସମର୍ପଣ**
  - ✓ **ରାଇଡର୍ ଲାଭ**
  - ✓ **ପରିପକ୍ୱତା ଦାବୀ**
  - ✓ **ମୃତ୍ୟୁ ଦାବୀ**
- ବୀମା ଅଧିନିୟମର ଧାରା 45 (ନିର୍ବିବାଦତା ଅନୁଚ୍ଛେଦ) ପ୍ରଦାନ କରାଯାଇଥିବା କାରଣରୁ ବୀମା କର୍ତ୍ତାଦ୍ୱାରା ଦାବୀର ଅଗ୍ରାହ୍ୟତା ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ ଏବଂ ଏକ ପଲିସୀ ଉପରେ ପ୍ରଶ୍ନ ଉଠାଇବା ପାଇଁ ବୀମାକର୍ତ୍ତା ପାଇଁ 3 ବର୍ଷର ସମୟ ସୀମା ନିର୍ଦ୍ଧାରିତ କରେ ।
- ଆଇ.ଆର.ଡି.ଏ.ଆଇ. (ପଲିସୀଧାରକଙ୍କ ହିତର ସୁରକ୍ଷା) ବିନିୟମନ, 2017 ଅନ୍ତର୍ଗତ, ଦାବୀଗୁଡିକ କ୍ଷେତ୍ରରେ ବୀମିତ କିମ୍ବା ଲାଭଗ୍ରହୀତାକୁ ରକ୍ଷା/ ସୁରକ୍ଷିତ କରିବା ପାଇଁ ଆଇ.ଆର.ଡି.ଏ. ଆଇ. ବିନିୟମନଗୁଡିକୁ ନିର୍ଦ୍ଧାରିତ କରିଛି ।

---

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

**ଉତ୍ତର 1** - ସଠିକ୍ ବିକଳ୍ପ ହେଉଛି II

# ଅଧ୍ୟାୟ L-10

# ପ୍ରିମିୟମ ଏବଂ ବୋନସ

ଅଧିକାଂଶ ବୀମା କମ୍ପାନୀ ଲାଭ ଅର୍ଜନ କରିବାର, ଏବଂ ସମୋନଙ୍କ ପଲିସୀଧାରକ ଓ ଅଂଶ-ଧାରକମାନଙ୍କୁ ପୁରସ୍କାର **ଦେବା** ଲକ୍ଷ୍ୟ ନଇେ କାର୍ଯ୍ୟ କରିଥାନ୍ତି । ବୀମା କମ୍ପାନୀମାନଙ୍କ ପାଇଁ, ସବୁଠୁ ବଡ଼ ଚିନ୍ତା ହେଉଛି, ସମ୍ପନ୍ନତା, ଅର୍ଥାତ୍, କମ୍ପାନୀ ଦ୍ୱାରା ଅର୍ଜିତ ଆୟ, ଖର୍ଚ୍ଚର ମୂଲ୍ୟ ଓ ଦାୟିତ୍ୱସବୁକୁ **ପରିଶୋଧ** କରିବା ପାଇଁ **ଯଥେଷ୍ଟ ହେବା** ଉଚିତ୍ । ଯଦି ଅର୍ଜିତ-ଆୟ, ଖର୍ଚ୍ଚ ଓ ଦାୟିତ୍ୱସବୁକୁ ପୂରଣ କରିବା ପାଇଁ ଆବଶ୍ୟକୀୟ ରାଶି ଠାରୁ ଅଧିକ ହୁଏ, **ତେବେ**, କମ୍ପାନୀ ଲାଭ ଅର୍ଜନ କରିଛି **ବୋଲି** କୁହାଯିବ ।

ଲାଗୁ କରାଯାଇଥିବା ପ୍ରିମିୟମ, ବୀମା କମ୍ପାନୀ ପାଇଁ, ଆୟର ମୁଖ୍ୟ ଉତ୍ସ **ହୋଇଥାଏ ।** ସଂଗ୍ରହ କରାଯାଇଥିବା ଏକ **ଅଯଥେଷ୍ଟ** ରାଶିର ପ୍ରିମିୟମ, ବ୍ୟବସାୟର ସମଗ୍ର କାର୍ଯ୍ୟକୁ ଅଲାଭକାରୀ କରି, ପ୍ରଭାବିତ କରିପାରେ । ଏହି **ଅଧାୟରେ, ଆମେ** ପ୍ରିମିୟମ ର ଅବଧାରଣା କୁ ବୁଝିବା ପାଇଁ ପ୍ରୟାସ କରିବା; ଏବଂ **ସେହି** ଉପାୟ ସବୁକୁ **ବିଶ୍ଲେଷଣ** କରିବା, **ଯେଉଁଥିରେ**, ଉପଯୁକ୍ତ ପ୍ରିମିୟମ ନିରୂପଣ କରି, **କମ୍ପାନୀମାନେ** ଖର୍ଚ୍ଚକୁ ପୁନଃପ୍ରାପ୍ତି କରିଥାନ୍ତି **। ଆମେ ବୋନସର** ଅବଧାରଣା କୁ ମଧ୍ୟ **ଅନ୍ୱେଷଣ** କରିବା**;** ଏବଂ ସରଳ ପ୍ରତ୍ୟାବର୍ତ୍ତୀ **ବୋନସ** ଓ ଚକ୍ରବୃଦ୍ଧି ପ୍ରତ୍ୟାବର୍ତ୍ତୀ **ବୋନସ ମଧରେ** ପାର୍ଥକ୍ୟ ଜାଣିବା ।

**ଅଧ୍ୟୟନର ବିଷୟ**

1. ପ୍ରିମିୟମର ଅବଧାରଣା କୁ ବୁଝିବା ।
2. ବିଭିନ୍ନ ପ୍ରକାରର ପ୍ରିମିୟମ ର ବିଶ୍ଳକ୍ଷେଣ କରିବା ।
3. ପ୍ରିମିୟମର ନିର୍ଦ୍ଧାରଣରେ ବିଚାର କରାଯାଉଥିବା କାରକଗୁଡିକୁ ନିର୍ଦ୍ଧାରଣ କରିବା ।
4. **ବୋନସର** ଅବଧାରଣା କୁ ବୁଝିବା ।
5. ପରିଦୃଶ୍ୟ

ନିଶାନ୍ତ ବାବୁ ଧର୍ମସଂଙ୍କଟରେ ଅଛନ୍ତି **ସେହି** ସମୟରୁ**, ଯେବେଠୁ** ସେ ତାର ଏକ ପୁରୁଣା ବନ୍ଧୁଙ୍କୁ **ଭେଟିଲେ ।** ବିଭିନ୍ନ **ବିଷୟରେ ଆଲୋଚନା** କରିବା **ସମୟରେ, ବଜାରରେ** ଉପଲବ୍ଧ ବିଭିନ୍ନ ବୀମା ପଲିସୀ **ସମ୍ବନ୍ଧରେ** ସମୋନଙ୍କ **ମଧରେ** କଥାବାର୍ତ୍ତା ଚାଲିଲା **। ଆଲୋଚନା ସମୟରେ,** ନିଶାନ୍ତ ବାବୁ ଜାଣିବାକୁ **ପାଇଲେ ଯେ,** ତାଙ୍କ ବନ୍ଧୁଙ୍କ **ପାଖରେ** ମଧ୍ୟ, **ABC** କମ୍ପାନୀଠାରୁ **ସେହି** ଏକା ମିଆଦି ବୀମା **ଯୋଜନା** ଅଛି, ଯାହା **ସେ ନିଜେ** 2 ବର୍ଷ ପୂର୍ବରୁ କ୍ରୟ **କରିଥିଲେ ।** ସେ ବର୍ତ୍ତମାନ 35 ବର୍ଷ ବୟସର ଅଟନ୍ତି । ତାଙ୍କ ବନ୍ଧୁ ପ୍ରାୟ 10 ବର୍ଷ **ତଳେ,** ପଲିସୀ କ୍ରୟ **କରିଥିଲେ, ଯେତେବେଳେ ସେ ତାଙ୍କ ପ୍ରଥମ ଚାକିରୀ ରେ ଯୋଗ ଦେଇଥିଲେ । ସେ ସେତେବେଳେ 25 ବର୍ଷ ବୟସର ହୋଇଥିଲେ । ନିଶାନ୍ତ ବାବୁ ଏହା ଜାଣି ଆଶ୍ଚର୍ଯ୍ୟ ହେଲେ ଯେ, ତାଙ୍କ ବନ୍ଧୁ ପ୍ରିମିୟମ ରୂପେ ମାସିକ କେବଳ ଟଙ୍କା 3,000/- ଦେଉଛନ୍ତି, ଯେତେବେଳେ କି, ସେହି ଏକା ପଲସୀ ପାଇଁ, ସେ ଟଙ୍କା 7,000/- ଦେଉଛନ୍ତି ।**

ନିଶାନ୍ତ ବାବୁ ବୁଝି ପାରିଲେ ନାହିଁ **ଯେ**, କାହିଁକି ସହେି ଏକା କମ୍ପାନୀ ଦ୍ୱାରା, ସହେି ସମାନ **ଯୋଜନାର** ପ୍ରିମିୟମ-**ରାଶିରେ ଏତେ** ପାର୍ଥକ୍ୟ ଅଛି **। ସେ** ସର୍ବଦା ପ୍ରିମିୟମକୁ ବୀମା **ଯୋଜନାର** ମୂଲ୍ୟ **ରୂପେ ଦେଖୁଥିଲେ ।** 8 **ବର୍ଷରେ, ମୁଦ୍ରାସ୍ଫୀତିର ପରିଣାମରେ ଯୋଜନାଟିର ପ୍ରିମିୟମରେ ପରିବର୍ତ୍ତନ** ଘଟିଛି କି **?** ପୁନଶ୍ଚ,

କମ୍ପାନୀମାନେ ଦୁଇ ଭିନ୍ନ ବ୍ୟକ୍ତିଙ୍କ ପାଇଁ, ଦୁଇ ଭିନ୍ନ ପ୍ରିମିୟମ ଲାଗୁ କରନ୍ତି କି ? **କେଉଁ ଆଧାରରେ**, କମ୍ପାନୀ ପ୍ରିମିୟମ ନିର୍ଦ୍ଧାରଣ କରିଥାଏ**?** ନିଶାନ୍ତ ବାବୁଙ୍କ **ମନରେ** ଏହି ସବୁ କିଛି ପ୍ରଶ୍ନ ଥିଲା ।

ଏହି ଅଧ୍ୟାୟର ଲକ୍ଷ୍ୟ ପ୍ରିମିୟମ, ଏହାର ପ୍ରକାର ଏବଂ **ସେହିସବୁ** କାରକ ଯାହା **ଏହାର ନିର୍ଦ୍ଧାରଣରେ** ସହାୟକ **ହୋଇଥାନ୍ତି**, ଏ ସବୁ ସମ୍ୱନ୍ଧରେ ସମସ୍ତ **ସନ୍ଦେହ** ଦୂର କରିବା ।

## 1. ପ୍ରିମିୟମର ଅବଧାରଣା କୁ ବୁଝିବା

ପ୍ରିମିୟମ କ'ଣ?

ପ୍ରିମିୟମ **ସମ୍ବନ୍ଧରେ** ନିଶାନ୍ତ ବାବୁଙ୍କ ଧର୍ମସଙ୍କଟକୁ **ସମ୍ବୋଧିତ** କରିବା ପୂର୍ବରୁ, ଆସନ୍ତୁ ପ୍ରଥମେ **ଆମେ** ଏକ ବୀମା **ଯୋଜନା ସମ୍ବନ୍ଧରେ** କିଛି ବିଷୟ ବୁଝିବା । **ଯେତେବେଳେ ଜଣେ** ବ୍ୟକ୍ତି ଏକ ବୀମା **ଯୋଜନା** କ୍ରୟ **କରେ,** ନିମ୍ନଲିଖିତ ବିଷୟ ଘଟିଥାଏ:

- ପ୍ରସ୍ତାବକ ଏବଂ ବୀମା କମ୍ପାନୀ **ମଧ୍ୟରେ** ଏକ ଚୁକ୍ତି ସ୍ୱାକ୍ଷରିତ ହୁଏ ।
- ଏହି ଚୁକ୍ତିରେ, ବୀମା କମ୍ପାନୀ ସାଧାରଣତଃ, ଯଦି ଜୀବନ-ବୀମିତର କିଛି ଘଟିଯାଏ, **ତେବେ** ନାମିତମାନଙ୍କୁ, **ବୋନସ** ସହିତ (ଯଦି ପ୍ରଯୁଜ୍ୟ ହୁଏ), ବୀମା ରାଶି ପ୍ରଦାନ କରିବାକୁ, କିମ୍ବା ପଲିସୀ ଧାରକଙ୍କୁ, ଯଦି **ସେ** ବିନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ବଞ୍ଚିଥାଏ, **ସେହି** ରାଶି ପ୍ରଦାନ କରିବାକୁ ଚୁକ୍ତିବଦ୍ଧ ହୁଏ, ଯଦି ଗ୍ରାହକ ନିର୍ଦ୍ଧାରିତ ସମୟ **ମଧ୍ୟରେ** ଉପଯୁକ୍ତ ପ୍ରିମିୟମ ପ୍ରଦାନ କରିଥାଏ । **ଦେୟ-ଲାଭସବୁ** ଭିନ୍ନ ଭିନ୍ନ ଉତ୍ପାଦ ପାଇଁ ଭିନ୍ନ ଭିନ୍ନ **ହୋଇଥାଏ** ।
- **ସେଇଥି** ପାଇଁ, ଚୁକ୍ତିରେ ବିନିର୍ଦ୍ଦିଷ୍ଟ **ହୋଇଥିବା ଅନୁସାରେ**, ଜୀବନ-ବୀମିତ (କିମ୍ବା ପ୍ରସ୍ତାବକ) ବୀମା କମ୍ପାନୀକୁ ଏକ ପ୍ରତିଫଳ (ଅର୍ଥାତ୍, ପ୍ରିମିୟମ(ଗୁଡିକ)) ପ୍ରଦାନ କରିବାକୁ ଚୁକ୍ତିବଦ୍ଧ ହୁଏ ।

**ଚିତ୍ର – 1:** ବୀମା ଚୁକ୍ତି, ଯଉଁଥିରେ, ଏକ ପ୍ରତିଫଳ (ପ୍ରିମିୟମ) ବଦଳରେ, ବୀମାକର୍ତ୍ତା ସଙ୍କଟ-ସୁରକ୍ଷା ପ୍ରଦାନ **କରେ:**



**ଉପରୋକ୍ତ** ଠାରୁ, **ଆମେ** ଏହି ଉପସଂହାରରେ ପହଞ୍ଚି ପାରୁ **ଯେ**, ପ୍ରିମିୟମ **ସେହି** ରାଶି (ପ୍ରତିଫଳ)କୁ ସୂଚୀତ **କରେ**, ଯାହାକୁ ଜୀବନ-ବୀମିତ, କ୍ରୟ କରାଯାଇଥିବା ବୀମା-ସୁରକ୍ଷା ପାଇଁ, ଆବଧିକ **ରୂପେ**, ବୀମା କମ୍ପାନୀକୁ ପ୍ରଦାନ କରିଥାଏ । ପ୍ରିମିୟମକୁ, ଏକକ ପ୍ରିମିୟମ ରୂପରେ, ଏକ **ମୋଟା** ରାଶି ରୂପରେ ମଧ୍ୟ ପ୍ରଦାନ କରାଯାଇପାରେ ।

ବୀମା କମ୍ପାନୀର ମୁଖ୍ୟତଃ ଆୟର **2**ଟି ଉତ୍ସ ରହିଥାଏ । (କ) ପ୍ରଥମଟି **ହେଉଛି** ପଲିସୀ-ଧାରକମାନଙ୍କ ଠାରୁ ସଂଗ୍ରହ କରାଯାଇଥିବା ପ୍ରିମିୟମ ରାଶି; ଏବଂ (ଖ) ନିବେଶ **ଉପରେ**, କମ୍ପାନୀ ଦ୍ୱାରା ଦିଆଯାଇଥିବା ରିଟର୍ଣ୍ଣସ । **ନିବେଶ** ପାଇଁ ନିଧି (ଫଣ୍ଡ) ସଂଗୃହୀତ-ପ୍ରିମିୟମ ଠାରୁ ଆସିଥାଏ । **ତେଣୁ**, ବୀମା କମ୍ପାନୀ ପାଇଁ ଆୟର ମୁଖ୍ୟ ଉତ୍ସ **ହେଉଛି** ପ୍ରିମିୟମ ।

ଏହି **ପରିପ୍ରେକ୍ଷୀରେ**, ବୀମା କମ୍ପାନୀକୁ ଅତି ସତର୍କତା ସହିତ ପ୍ରିମିୟମ-ରାଶିର ନିରୂପଣ କରିବାକୁ ପଡ଼ିଥାଏ । ପ୍ରିମିୟମ କମ୍ପାନୀର ସମସ୍ତ ଖର୍ଚ୍ଚର ସମ୍ମୁଖୀନ **ହେବାପାଇଁ ଅତି ଯଥେଷ୍ଟ ହେବା** ଉଚିତ୍ । **ଖର୍ଚ୍ଚସବୁରେ** ଅନ୍ତର୍ଭୁକ୍ତ **ହୋଇଥାନ୍ତି** ଜୀବନ-ବୀମିତ ଦ୍ୱାରା କରାଯାଇଥିବା ଦାବୀ **କ୍ଷେତ୍ରରେ** ଆବଶ୍ୟକ ହଉେଥିବା ଦଯେରାଶି, ପ୍ରଶାସନିକ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଆଧାରଭୂତ ସଂରଚନା ମୂଲ୍ୟ ।

ମୂଳତଃ, ପ୍ରିମିୟମ ବୀମା-ରାଶି, ବୟସ ଏବଂ ନିଆଯାଇଥିବା ବୀମା **ଯୋଜନାର** ପ୍ରକାର **ଉପରେ** ନିର୍ଭର **କରେ** । ପ୍ରିମିୟମକୁ ବ୍ୟକ୍ତି ଦ୍ୱାରା କ୍ରୟ କରାଯାଇଥିବା ବୀମା **ଯୋଜନାର** ମୂଲ୍ୟ **ରୂପେ** ମଧ୍ୟ ସୂଚୀତ କରାଯାଇ **ପାରେ** ।

ଆଗକୁ ଯିବା ପୂର୍ବରୁ, ଆସନ୍ତୁ **ଆମେ** ପ୍ରିମିୟମ ସମ୍ବନ୍ଧୀୟ **କେତେକ** ମହତ୍ତ୍ୱପୂର୍ଣ୍ଣ ପଦ କୁ ବୁଝିବା, ଯାହାକୁ ଏହି ଅଧ୍ୟାୟରେ ବ୍ୟବହାର କରାଯିବ ।

**ମହତ୍ତ୍ୱପୂର୍ଣ୍ଣ ପଦ, ପରିଭାଷିତ:**

- **ବୀମା-ରାଶି: ବୀମା କମ୍ପାନୀ**, ଜୀବନ-ବୀମିତ ସହିତ ଏକ ଚୁକ୍ତି ସ୍ୱାକ୍ଷର **କରେ** ,**ଯେଉଁଠି** ଏହା ପଲିସୀ-ଧାରକମାନଙ୍କ ଲାଭଗ୍ରହୀତାମାନଙ୍କୁ, ଯଦି ପଲିସୀ-ଧାରକ (ଜୀବନ-ବୀମିତ) ପଲିସୀ **ଅବଧିରେ** ମରିଯାଏ; କିମ୍ବା **ନିଜେ** ପଲିସୀ-ଧାରକକୁ, ଯଦି **ସେ** ପଲିସୀ ଅବଧିରେ **ବଞ୍ଚିରହେ**, ଏକ ନିର୍ଦ୍ଦିଷ୍ଟ ରାଶି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦିଏ । ଲାଭଗ୍ରହୀତାମାନଙ୍କୁ ପ୍ରଦାନ କରାଯାଉଥିବା ରାଶିକୁ, ମୃତ୍ୟୁ-ଲାଭ ମଧ୍ୟ କୁହାଯାଏ । ଏହି ବୀମା-ରାଶି **ହେଉଛି** ସହେି ରାଶି, ଯାହା ବ୍ୟକ୍ତିର ଭବିଷ୍ୟତ ଦାୟିତ୍ୱ ଓ ଚଳିତ ଆୟ **ଆଧାରରେ**, ତା' ଦ୍ୱାରା ପୂର୍ବ- ନିର୍ଦ୍ଧାରିତ **ହୋଇଥାଏ** ।

- **ବ୍ୟପଗତ ପଲିସୀ**: ପ୍ରିମିୟମ ପ୍ରଦାନରେ ଏକ ତ୍ରୁଟିର ପରିଣାମ ପଲିସୀର ରଦ୍ଦକରଣ **ହୋଇପାରେ** । ଏହାକୁ ବ୍ୟପଗତ ପଲିସୀ କୁହାଯାଏ । ପ୍ରିମିୟମ-ପ୍ରଦାନ ପାଇଁ ବୀମା କମ୍ପାନୀ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଅନୁଗ୍ରହ-ସମୟାବଧି ପ୍ରଦାନ କରାଯାଇଥାଏ; ଯଦି ପଲିସୀ-ଧାରକ ଏହି ଅନୁଗ୍ରହ-ସମୟାବଧି ମଧ୍ୟରେ ରାଶି ପ୍ରଦାନରେ ବିଫଳ ହୁଏ, ପଲିସୀଟି ବ୍ୟପଗତ ହ‌ୋଇଛି ବ‌ୋଲି ବିବଚେିତ ହ‌ୋଇଥାଏ ।

- **ପଲିସୀ-ଧାରକର ଆୟୁ (ବୟସ)**, ପ୍ରିମିୟମର ନିରୂପଣ ପାଇଁ, ପଲିସୀ-ଧାରକର ସଠିକ୍ ବୟସକୁ ନିର୍ଦ୍ଧାରଣ କରିବା ଆବଶ୍ୟକ । ସାଧାରଣ ନିୟମ ହଉେଛି "ବୟସ ଯେତେ ଅଧିକ ହବେ, ପ୍ରିମିୟମ ସେତେ ଅଧିକ ହବେ " । ବୀମା କମ୍ପାନୀମାନଙ୍କ ଦ୍ୱାରା, ପଲିସୀର ପ୍ରାରମ୍ଭ ତାରିଖ ଉପରେ ପଲିସୀ-ଧାରକର ବୟସ ନିର୍ଦ୍ଧାରଣ କରିବା ଆବଶ୍ୟକ । ମ‌ୋଟାମ‌ୋଟି ଭାବେ, ବୟସ ନିର୍ଦ୍ଧାରଣ ପାଇଁ, ବୀମା **କମ୍ପାନୀମାନେ** କବେଳ ସଂପୂର୍ଣ୍ଣ **ହୋଇଥିବା** ବର୍ଷ ସଂଖ୍ୟାକୁ ହିଁ ବିଚାରକୁ ନିଅନ୍ତି, ଏବଂ ମାସ ଓ ଦିନକୁ ଉପକେ୍ଷା କରିଥାନ୍ତି। **3**

ଟି ପଦ୍ଧତି ଅଛି, ଯାହାକୁ ବ୍ୟବହାର କରି, ପଲିସୀ-ଧାରକର ବୟସର ନିର୍ଦ୍ଧାରଣ **କରାଯାଇପାରେ ।**

1. **ବୟସ, ପରବର୍ତ୍ତୀ ଜନ୍ମଦିନ** : ଜୀବନ ବୀମା କମ୍ପାନୀମାନେ ପ୍ରିମିୟମର ନିରୂପଣ **ସେହି** ବୟସ **ଆଧାରରେ** କରିଥାନ୍ତି ଯାହା ଏକ ବ୍ୟକ୍ତି ତାର ପରବର୍ତ୍ତୀ ଜନ୍ମ **ଦିନରେ** ହାସଲ କରିବ **।** ଅନ୍ୟ ଭାଷାରେ, ପଲିସୀର ପ୍ରାରମ୍ଭ ପରେ ଆସୁଥିବା ଜନ୍ମଦିନ ରେ **ହେବାକୁ** ଥିବା ବୟସ **।**

**ପରିଦୃଶ୍ୟ-1:**

| | |
|---|---|
| ଜନ୍ମ ତାରିଖ | 4 ଜୁଲାଇ, 1982 |
| ବୀମା ପଲିସୀର ପ୍ରାରମ୍ଭ ତାରିଖ | 4 ଡିସେମ୍ବର, 2010 |
| ବୟସ **ହେବ.....** | 29 ବର୍ଷ |

**ପରିଦୃଶ୍ୟ-2:**

| | |
|---|---|
| ଜନ୍ମ ତାରିଖ | 10 **ଅକ୍ଟୋବର**, 1976 |
| ବୀମା ପଲିସୀର ପ୍ରାରମ୍ଭ ତାରିଖ | 11 ଅଗଷ୍ଟ, 2010 |
| ବୟସ **ହେବ.....** | 34 ବର୍ଷ |

2. ବୟସ, ଗତ ଜନ୍ମ ଦିନ: ଏହି ପଦ୍ଧତିକୁ ବାସ୍ତବ ଆୟୁ ପଦ୍ଧତି ମଧ୍ୟ କୁହାଯାଏ **।** ଏହି **ପଦ୍ଧତିରେ**, ବୀମା କମ୍ପାନୀମାନେ ଗତ ଜନ୍ମଦିନ **ଆଧାରରେ**, ବୟସର ନିରୂପଣ କରିଥାନ୍ତି **।** ଅନ୍ୟ **ଶବ୍ଦରେ**, ପଲିସୀର ପ୍ରାରମ୍ଭ ପୂର୍ବରୁ ଆସୁଥିବା ଜନ୍ମ-ଦିନ ପର୍ଯ୍ୟନ୍ତ ବୟସ ଧରାଯାଇଥାଏ **।**

**ପରିଦୃଶ୍ୟ-1:**

| | |
|---|---|
| ଜନ୍ମ ତାରିଖ | 4 ଜୁଲାଇ, 1982 |
| ବୀମା ପଲିସୀର ପ୍ରାରମ୍ଭ ତାରିଖ | 4 ଡିସେମ୍ବର, 2010 |
| ବୟସ **ହେବ.....** | 28 ବର୍ଷ |

**ପରିଦୃଶ୍ୟ-2:**

| | |
|---|---|
| ଜନ୍ମ ତାରିଖ | V. 10 **ଅକ୍ଟୋବର**, 1976 |
| ବୀମା ପଲିସୀର ପ୍ରାରମ୍ଭ ତାରିଖ | 11 ଅଗଷ୍ଟ, 2010 |
| ବୟସ **ହେବ.....** | 33 ବର୍ଷ |

3. ବୟସ, ଜନ୍ମଦିନ ନିକଟତମ (କିମ୍ବା, ନିକଟତର): ଏହି **ପଦ୍ଧତିରେ**, ବୀମା କମ୍ପାନୀମାନେ ନିକଟତମ ଜନ୍ମଦିନ **ଆଧାରରେ**, ବୟସ ନିରୂପଣ କରନ୍ତି, ଯାହା ଗତ ଜନ୍ମଦିନ କିମ୍ବା ପରବର୍ତ୍ତୀ ଜନ୍ମ ଦିନ **ହୋଇପାରେ ।** ଅନ୍ୟ **ଶବ୍ଦରେ**, ପଲିସୀ ପ୍ରାରମ୍ଭର ତାରିଖର **ପୂର୍ବେ** କିମ୍ବା **ପରେ**, 6 ମାସ **ମଧ୍ୟରେ** ଆସୁଥିବା ଜନ୍ମଦିନ ପର୍ଯ୍ୟନ୍ତ ବୟସକୁ ନିଆଯାଇଥାଏ **।**

**ପରିଦୃଶ୍ୟ-1:**

| | |
|---|---|
| ଜନ୍ମ ତାରିଖ | 4 ଜୁଲାଇ, 1982 |
| ବୀମା ପଲିସୀର ପ୍ରାରମ୍ଭ ତାରିଖ | 4 ଡିସେମ୍ବେର, 2010 |
| ବୟସ ହେବ..... | 28 ବର୍ଷ |

**ପରିଦୃଶ୍ୟ-2:**

| | |
|---|---|
| ଜନ୍ମ ତାରିଖ | 10 ଅକ୍ଟୋବର, 1976 |
| ବୀମା ପଲିସୀର ପ୍ରାରମ୍ଭ ତାରିଖ | 11 ଅଗଷ୍ଟ, 2010 |
| ବୟସ ହେବ..... | 34 ବର୍ଷ |

- ମୃତ୍ୟୁହାର ସାରଣୀ: ମୃତ୍ୟୁହାର ସାରଣୀକୁ ଜୀବନ ସାରଣୀ କିମ୍ବା ବୀମାଙ୍କକ ସାରଣୀ ବି କୁହାଯାଏ । ବୀମା କମ୍ପାନୀମାନେ ମୃତ୍ୟୁହାର ସାରଣୀଗୁଡିକୁ ବୀମା ଉତ୍ପାଦଗୁଡିକ ପାଇଁ ପ୍ରିମିୟମ ନିର୍ଦ୍ଧାରଣ କରିବା **ସକାଶେ** ବ୍ୟବହାର କରନ୍ତି । ମୃତ୍ୟୁହାର ସାରଣୀ **ରେ ପ୍ରତ୍ୟେକ** ଆୟୁ ପାଇଁ ମୃତ୍ୟୁହାର-ଦର ଅନ୍ତର୍ଭୁକ୍ତ ଥାଏ । ପ୍ରତ୍ୟେକେ **ଯୋଜନା** ପାଇଁ ମୃତ୍ୟୁହାର ଅନୁଭୂତି ଅଲଗା **ହୋଇଥାଏ** । ମୃତ୍ୟୁହାର ସାରଣୀ, ଅତୀତ ଅନୁଭୂତି **ଆଧାରରେ**, ବୀମାଙ୍କକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ ।
- ମୃତ୍ୟୁହାର ଦର ହଉଛି **ସେହି** ସମ୍ଭାବନା କି, ଏକ ବ୍ୟକ୍ତି ପରବର୍ତ୍ତୀ **ଗୋଟିଏ** ବର୍ଷ **ମଧରେ** ମରିଯିବ । ଏହି **ଆଧାରରେ**, ବୀମା **କମ୍ପାନୀମାନେ** ସହେ ସମ୍ଭାବନାକୁ ନିରୂପଣ କରନ୍ତି **ଯେ**, ଏକ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଆୟୁ ପର୍ୟ୍ୟନ୍ତ ବଞ୍ଚିଥିବ । ଏହି ମୃତ୍ୟୁହାର ଦରସବୁ ଅତୀତର ତଥ୍ୟ **ଆଧାରରେ ହୋଇଥାଏ** ।

  ଭାରତୀୟମାନଙ୍କ ଅନୁଭୂତି ପ୍ରତିଫଳିତ କରୁଥିବା ମୃତ୍ୟୁହାର ଅଧ୍ୟୟନଗୁଡିକ, ମୃତ୍ୟୁହାର ଓ ରୁଗ୍ଣତାହାର ଅନୁସନ୍ଧାନ **ବ୍ୟୁରୋ** (M.M.I.B.) ଦ୍ୱାରା ପ୍ରସ୍ତୁତ କରାଯାଇଥାଏ, ଯାହାକୁ ବୀମାକର୍ତ୍ତାମାନଙ୍କ ସହାୟତା **ନିମନ୍ତେ**, ଜୀବନ ବୀମା ପରିଷଦ ଏବଂ ଭାରତୀୟ ବୀମାଙ୍କକ ସଂସ୍ଥାନ ଦ୍ୱାରା **ଯୁଗ୍ମରୂପେ** ପ୍ରତିଷ୍ଠିତ କରାଯାଇଥାଏ ।

VI. **ବୀମାଙ୍କକ: ଏକ ବୀମାଙ୍କକ ହେଉଛି ଏକ ବ୍ୟବସାୟ ପ୍ରଫେଶନାଲ୍ ଯିଏ ସଙ୍କଟ ଓ ଅନିଶ୍ଚିତତାର ପ୍ରବନ୍ଧନ ଓ ମାପ ସମ୍ବନ୍ଧରେ କାର୍ଯ୍ୟ କରେ । ସବୁ ବୀମା କମ୍ପାନୀ ପାଖରେ ନିଶ୍ଚିତ ରୂପେ ବୀମାଙ୍କକ ଥିବା ଉଚିତ୍ । ସେମାନେ ହେଉଛନ୍ତି ସେହି ବ୍ୟକ୍ତି, ଯେଉଁମାନେ ଲଣ୍ଡନର ବୀମାଙ୍କକ ସଂସ୍ଥାନ କିମ୍ବା ଭାରତୀୟ ବୀମାଙ୍କକ ସଂସ୍ଥାନ ଠାରୁ ଯୋଗ୍ୟତା ହାସଲ କରିଥାନ୍ତି । ସେମାନେ, ବିଭିନ୍ନ ଗାଣିତିକ, ସାଂଖ୍ୟିକୀୟ ଓ ଆର୍ଥିକ ମୋଡେଲ ବ୍ୟବହାର କରି, ସଂକଟଗୁଡିକର ଘଟଣା ଓ ଘଟଣାଗୁଡିକ, ଯେପରି କି ମୃତ୍ୟୁ, ବିକଳାଙ୍ଗତା, ରୋଗ, ସମ୍ପତ୍ତିର ହାନି ଆଦିର ସମ୍ଭାବନା, ସେମାନଙ୍କ ପ୍ରଭାବର ବିଶ୍ଲେଷଣ କରନ୍ତି । ବୀମାଙ୍କକମାନେ ସମ୍ଭାବ୍ୟତାର ଅଧୟନ କରନ୍ତି, ଏବଂ ବୀମା ବ୍ୟବସାୟର ସଂପୂର୍ଣ୍ଣ କାର୍ଯ୍ୟକଳାପର ବିଶ୍ଲେଷଣ କରନ୍ତି ।**

- **ବୀମାଙ୍କକ ଙ୍କ କର୍ତ୍ତବ୍ୟ :**

  **ନିମ୍ନରେ** ତାଲିକାଭୁକ୍ତ ଭଳି, ବୀମାଙ୍କକ ଙ୍କ କର୍ତ୍ତବ୍ୟ ହେଉଛି:

  1. ବୀମା କମ୍ପାନୀମାନଙ୍କ ଦ୍ୱାରା ପ୍ରତିଶ୍ରୁତି ଦିଆଯାଇଥିବା ଲାଭଗୁଡିକୁ ସୁରକ୍ଷା **ଦେବା** ସମୋନଙ୍କ କର୍ତ୍ତବ୍ୟ **ଅଟେ** ।
  2. **ସେମାନେ** ବୀମା କମ୍ପାନୀମାନଙ୍କୁ ବୀମାଙ୍କିକ ପରାମର୍ଶ ପ୍ରଦାନ କରନ୍ତି ।

3. ସେମାନେ ପଲିସୀ-ଧାରକମାନଙ୍କ ମୃତ୍ୟୁହାର-ଦରରେ ପ୍ରଚଳନ (trends) ର ବିଶ୍ଳେଷଣ କରନ୍ତି ।

4. ସେମାନେ କମ୍ପାନୀର **ହୋଇଥିବା** ଖର୍ଚ୍ଚ ଓ ଜାତ **ହୋଇଥିବା** ଖଜଣାର ଅତୀତର ପ୍ରଚଳନ ର **ବିଶ୍ଲେଷଣ** କରନ୍ତି ।

5. ସେମାନେ ବୀମା ଉତ୍ପାଦଗୁଡିକୁ ଡିଜାଇନ୍ **କରିବାରେ** ବୈଷୟିକ ବିଶେଷଜ୍ଞ **ଯୋଗାନ୍ତି ।**

6. ଉତ୍ପାଦଗୁଡିକର ମୂଲ୍ୟାୟନ **ଉପରେ** ନିର୍ଣ୍ଣୟ କରିବା, **ସେମାନେ ସମୟରେ** ଆର୍ଥିକ **ବିଶ୍ଲେଷଣରେ** ସାହାଯ୍ୟ କରନ୍ତି ।

7. ସେମାନେ ମୃତ୍ୟୁହାର ସାରଣୀ ପ୍ରସ୍ତୁତ କରନ୍ତି, ଯାହା ଉତ୍ପାଦ-ବିକାଶ ଓ ମୂଲ୍ୟାଙ୍କନ-ଅଧ୍ୟୟନ **ରୂପେ** ବ୍ୟବହୃତ ହୁଅନ୍ତି ।

8. ସେମାନେ ପ୍ରିମିୟମ **ନିର୍ଦ୍ଧାରଣରେ** ସହାୟକ ହୁଅନ୍ତି ।

9. ସେମାନେ ସଙ୍କଟର ମୂଲ୍ୟାୟନ କରିବା ପାଇଁ, ମାନଦଣ୍ଡସବୁକୁ ପରିଭାଷିତ ଏବଂ ମୁଲ୍ୟାଙ୍କନ କରନ୍ତି ।

10. ସେମାନେ ବୀମା କମ୍ପାନୀର ସାମର୍ଥ୍ୟର ମୂଲ୍ୟାଙ୍କନ କରନ୍ତି ।

11. ସେମାନେ, ନିବେଶ-ସମ୍ବନ୍ଧୀୟ ନିର୍ଣ୍ଣୟରେ, ବୀମା କମ୍ପାନୀକୁ ପରାମର୍ଶ ପ୍ରଦାନ କରନ୍ତି ।

12. ସେମାନେ ସହେ ଲାଭସବୁକୁ ସୁନିଶ୍ଚିତ କରିବାରେ ସାହାଯ୍ୟ କରନ୍ତି ଯାହା ପଲିସୀ-ଧାରକମାନଙ୍କ **ମଧ୍ୟରେ** ବିତରିତ **ହେବା** ଆବଶ୍ୟକ ।

13. ସେମାନେ ବୀମା କମ୍ପାନୀମାନଙ୍କ ମୂଲ୍ୟାଙ୍କନ ପାଇଁ ଦାୟୀ ରହନ୍ତି ।

14. ସେମାନେ ନିୟମର ଅନୁପାଳନ ସୁନିଶ୍ଚିତ କରନ୍ତି ।

- ବୀମାଙ୍କକ ମୂଲ୍ୟାଙ୍କନ: ଏହି ମୂଲ୍ୟାଙ୍କନ ବୀମା କମ୍ପାନୀର ଆର୍ଥିକ କାର୍ଯ୍ୟକଳାପର ସମଗ୍ର ବିସ୍ତାରର ମୂଲ୍ୟାଙ୍କନକୁ ସୂଚୀତ **କରେ ।** ଏହା କରାଯାଇଥିବା ପୂର୍ବାନୁମାନର ବୈଧତାକୁ ଯାଞ୍ଚ କରିବା ପାଇଁ କରାଯାଇଥାଏ । ଏହା ସୁନିଶ୍ଚିତ କରିବାକୁ **ଯେ,** ବ୍ୟବସାୟଟି ଉତ୍ତମ **ପଥରେ** ଚାଲିଛି । ଏହା ପ୍ରିମିୟମ ଓ ନିବେଶଗୁଡିକ ଠାରୁ ଜାତ (କିମ୍ବା, ଜାତ ହବୋପାଇଁ ପ୍ରତ୍ୟାଶିତ) ଆୟ ର ବିଶ୍ଳେଷଣ ସହିତ ଜଡ଼ିତ **ଅଟେ ।** ଆୟକୁ କମ୍ପାନୀର ପ୍ରତ୍ୟାଶିତ ଦାୟିତ୍ୱ କିମ୍ବା ଖର୍ଚ୍ଚ ସହିତ ତୁଳନା କରାଯାଏ । ବ୍ୟବସାୟର ସାମର୍ଥ୍ୟ ର ମୂଲ୍ୟାଙ୍କନ କରିବା ପାଇଁ ଏହା କରାଯାଇଥାଏ ।

ଏକ **ମୂଲ୍ୟାଙ୍କନରେ,** ବୀମାଙ୍କକ ବ୍ୟବସାୟ **ପରିପ୍ରେକ୍ଷୀରେ, ଖାତାରେ** ବୀମାକର୍ତ୍ତାର ଦାୟିତ୍ୱର ଆକଳନ କରିଥାଏ । **ସେ, ତାପରେ, ସେହି** ପ୍ରିମିୟମସବୁର ରାଶିର ପୂର୍ବାନୁମାନ ଲଗାଏ, ଯାହା **ଭବିଷ୍ୟତରେ** ପ୍ରାପ୍ତ **ହେବାକୁ** ଥାଏ, **ଯେହେତୁ,** ଦାୟିତ୍ୱକୁ ପୂରଣ କରିବା ପାଇଁ, ଏଗୁଡିକ **ନିଧିରେ ଯୋଡ଼ାଯିବ ।** ଦୁଇଟିର ଅନ୍ତର **ଉଛିହେ**, ସମ୍ପନ୍ନ **ହେବା** ପାଇଁ ବୀମାକର୍ତ୍ତା **ପାଖରେ** ନିଶ୍ଚିତ **ରୂପେ** ରହିଥିବା ନିଧି । ଏହାକୁ **ବାସ୍ତବରେ** ବିଦ୍ୟମାନ ଜୀବନ ନିଧି ସହିତ ତୁଳନା କରାଯାଏ, ଯଦି ବର୍ତ୍ତମାନର ଜୀବନ ନିଧି ଅଧିକ ଥାଏ, ବୀମାକର୍ତ୍ତା ସମ୍ପନ୍ନ

ଅଟେ । ଜୀବନ **ନିଧିରେ** ଥିବା ଅତିରିକ୍ତ କୁ ଅଧିଶେଷ (ସରପ୍ଲସ୍) କୁହାଯାଏ । ଏହାକୁ 'ମୂଲ୍ୟାଙ୍କନ-ଅଧିଶେଷ' କିମ୍ବା 'ବୀମାଙ୍କିକ ଅଧିଶେଷ' ମଧ୍ୟ କୁହାଯାଇଥାଏ ।

ଯଦି ନିଧି କମ୍ ଥାଏ, ବୀମାକର୍ତ୍ତା ସାମର୍ଥ୍ୟବାନ୍ ନୁହଁ । ଅନ୍ତର କୁ 'ନ୍ୟୁନତା (ଡେଫିସିଟ୍)'କୁହାଯାଏ । ବ୍ୟବସାୟର ଓ ଭବିଷ୍ୟତ ପ୍ରିମିୟମଗୁଡିକର ଦାୟିତ୍ୱ କୁ ଆକଳନ କରିବାର ପଦ୍ଧତି ଅତ୍ୟନ୍ତ ପ୍ରାବିଧିକ ଓ ଜଟିଳ **ହୋଇଥାଏ,** ଯାହା ବୀମାଙ୍କିକ ସିଦ୍ଧାନ୍ତ କୁ ସଂଶ୍ଳିଷ୍ଟ କରିଥାଏ । ଏହାକୁ ପ୍ରଫେଶନାଲ୍ **ଯୋଗ୍ୟତା** ଥିବା ଏକ ବୀମାଙ୍କକ ଦ୍ୱାରା କରିବାକୁ ପଡ଼ିଥାଏ ।

## 2. ବିଭିନ୍ନ ପ୍ରକାରର ପ୍ରିମିୟମ ର ବିଶ୍ଳେଷଣ କରିବା

**ପ୍ରିମିୟମର ପ୍ରକାର: ସଙ୍କଟ ପ୍ରିମିୟମ:**

ବୀମାର ବ୍ୟବସାୟ ସଙ୍କଟର ସମ୍ଭାବନାଗୁଡିକ **ଉପରେ** ପର୍ଯ୍ୟବଶେିତ ହ◌ୋଇଥାଏ । ସଙ୍କଟ ପ୍ରିମିୟମକୁ **ସେହି** ସମ୍ଭାବନା **ଆଧାରରେ** ନିର୍ଦ୍ଧାରିତ କରାଯାଏ **ଯେ,** ଏକ ନିର୍ଦ୍ଦିଷ୍ଟ ବୟସର ବ୍ୟକ୍ତିର, ତାର ପରବର୍ତ୍ତୀ ଜନ୍ମଦିନ ପୂର୍ବରୁ, ମରିବାର ସମ୍ଭାବନା ଅଛି । ଏହି ପ୍ରତ୍ୟାଶାକୁ, ଅତୀତର ଅନୁଭୂତି **ଆଧାରରେ**, ବୀମାଙ୍କକମାନଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଏ, ଯାହାକୁ ଏକ ମୃତ୍ୟୁହାର **ସାରଣୀରେ** ଉପସ୍ଥାପିତ କରାଯାଏ । ଆସନ୍ତୁ ଏକ ବୀମା କମ୍ପାନୀ XYZ ର ପ୍ରକରଣକୁ **ଦେଖିବା ।**

ଚିତ୍ର-2: ପ୍ରିମିୟମଗୁଡିକୁ ନିମ୍ନଲିଖିତ **ପ୍ରକାରରେ** ବର୍ଗୀକୃତ **କରାଯାଇପାରେ:**




**ସଙ୍କଟ ପ୍ରିମିୟମ:**

ବୀମାର ବ୍ୟବସାୟ ସଙ୍କଟର ସମ୍ଭାବନାଗୁଡିକ **ଉପରେ** ପର୍ଯ୍ୟବଶେିତ **ହୋଇଥାଏ ।** ସଙ୍କଟ ପ୍ରିମିୟମକୁ **ସେହି** ସମ୍ଭାବନା **ଆଧାରରେ** ନିର୍ଦ୍ଧାରିତ କରାଯାଏ **ଯେ,** ଏକ ନିର୍ଦ୍ଦିଷ୍ଟ ବୟସର ବ୍ୟକ୍ତିର, ତାର ପରବର୍ତ୍ତୀ ଜନ୍ମଦିନ ପୂର୍ବରୁ, ମରିବାର ସମ୍ଭାବନା ଅଛି । ଏହି ପ୍ରତ୍ୟାଶାକୁ, ଅତୀତର ଅନୁଭୂତି **ଆଧାରରେ,** ବୀମାଙ୍କକମାନଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଏ, ଯାହାକୁ ଏକ ମୃତ୍ୟୁହାର **ସାରଣୀରେ** ଉପସ୍ଥାପିତ କରାଯାଏ । ଆସନ୍ତୁ ଏକ ବୀମା କମ୍ପାନୀ XYZ ର ପ୍ରକରଣକୁ **ଦେଖିବା ।**

| କମ୍ପାନୀ XYZ ର ବିବରଣୀ | | ମନ୍ତବ୍ୟ |
|---|---|---|

| | | |
|---|---|---|
| ବୀମା କମ୍ପାନୀ **ପାଖରେ** 1,000 ପଲିସୀ-ଧାରକ ଅଛନ୍ତି, ଯାହାଙ୍କ ବୟସ 50 ବର୍ଷ; ଏବଂ ପ୍ରତ୍ୟେକେ ପଲିସୀ ଟଙ୍କା 50,000/- ର ବୀମାରାଶି ପାଇଁ ଜାରୀ କରାଯାଏ । | | ପଲିସୀର ପ୍ରାରମ୍ଭ **ସମୟରେ ସେମାନେ ସମସ୍ତେ** ସ୍ୱାସ୍ଥ୍ୟବାନ ଅଛନ୍ତି । |
| ଏକ 50-ବର୍ଷ ଆୟୁର ବ୍ୟକ୍ତି, ତାର ପରବର୍ତ୍ତୀ ଜନ୍ମ **ଦିନରେ** ମରିଯାଇ **ପାରେ**, ଏହି ସମ୍ଭାବନା 1% ଅଛି । | | (1,000 ମଧ୍ୟରୁ 10 ବ୍ୟକ୍ତି) (1,000 × 0.01) |
| 10 ପଲିସୀ-ଧାରକଙ୍କ ମୃତ୍ୟୁ **ପରିପ୍ରେକ୍ଷୀରେ**, କମ୍ପାନୀକୁ କରାଯାଇଥିବା ମୋଟ ଦାବୀ (1% ର ସମ୍ଭାବନା) | ଟଙ୍କା 50,000/- ×10 = ଟଙ୍କା 5,00,000/- | **ମୋଟ** ଦାବୀ **ହେବ** ଟଙ୍କା 5,00,000/- ର । |
| 1,000 ପଲିସୀ ଧାରକଙ୍କ ଠାରୁ ସଂଗ୍ରହ କରାଯାଇଥିବା ପ୍ରିମିୟମ **ହେବ** ----- | ଟଙ୍କା 500/-, ପ୍ରତ୍ୟେକେ | ଏହା **ହେଉଛି** ସଙ୍କଟ ପ୍ରିମିୟମ ଯାହାକୁ ପଲିସୀ-ଧାରକ ଦ୍ୱାରା ପ୍ରଦାନ କରାଯିବ । |
| କମ୍ପାନୀ ଦ୍ୱାରା ପ୍ରାପ୍ତ **ହୋଇଥିବା ମୋଟ** ବିଧି, **ହେବ** ----- | 1,000 × ଟଙ୍କା 500/- = ଟଙ୍କା 5,00,000/- | ସଂଗ୍ରହ କରାଯାଇଥିବା **ମୋଟ** ପ୍ରିମିୟମ **ହେବ** ଟଙ୍କା 5,00,000/- । ଦାବୀଗୁଡ଼ିକର ସମାଧାନ ପାଇଁ ଏହି ରାଶି **ଯଥେଷ୍ଟ** ହେବ । |

**A) ନେଟ୍ ପ୍ରିମିୟମ କିମ୍ବା ଶୁଦ୍ଧ ପ୍ରିମିୟମ:**

ବୀମା କମ୍ପାନୀମାନଙ୍କ ଦ୍ୱାରା, ପ୍ରତି ବର୍ଷ ସଂଗ୍ରହ କରାଯାଉଥିବା ପ୍ରିମିୟମ ସବୁ, ବିଭିନ୍ନ କାରଣ ପାଇଁ, ଦାବୀଗୁଡ଼ିକର **ଦେୟ** ପ୍ରଦାନ **ସକାଶେ** ସଂପୂର୍ଣ୍ଣ **ରୂପେ** ବ୍ୟବହୃତ **ହୋଇ** ନ ଥାଏ । ବାସ୍ତବ ଅନୁଭୂତି, ମୃତ୍ୟୁହାର ସାରଣୀମାନଙ୍କ ଦ୍ୱାରା ସୂଚୀତ କରାଯାଇଥିବା ସମ୍ଭାବନାମାନଙ୍କ ଠାରୁ ଅଲଗା **ହୋଇପାରେ ।** ପୁନଃ, ପ୍ରିମିୟମର କିଛି ଅଂଶ ଜୀବିତ-ଲାଭକୁ ପୂରଣ କରିବା ପାଇଁ **ହୋଇଥାଏ, ତେଣୁ** ନିଶ୍ଚିତ **ରୂପେ** ଅଲଗା ରଖାଯିବା ଉଚିତ୍ । ଅଲଗା ରଖାଯାଇଥିବା ଅବଶିଷ୍ଟ ପ୍ରିମିୟମକୁ, ବିଭିନ୍ନ **ପ୍ରକାରେ** ବାହାରକୁ ଯିବା **ପରେ,** ନିବେଶ କରାଯିବ, ଏବଂ ଏହା କିଛି ସୁଧ ଅର୍ଜନ କରିବ । ଏହି ସବୁ ସୁଧ-ଅର୍ଜନ ପର୍ଯ୍ୟନ୍ତ, ଲାଗୁ କରାଯାଇଥିବା ପ୍ରିମିୟମକୁ କମ୍ କରାଯାଇପାରେ । ହିସାବକୁ ନିଆଯିବା **ପରେ,** ନିର୍ଦ୍ଧାରିତ ପ୍ରିମିୟମ, ଅର୍ଜିତ **ହେବାର** ସମ୍ଭାବନା ଥିବା ସୁଧକୁ "ନେଟ୍ ପ୍ରିମିୟମ" ଅଥବା "ଶୁଦ୍ଧ ପ୍ରିମିୟମ" କୁହାଯାଏ ।

**ନିବେଶ ଆୟ:** ପଲିସୀ-ଧାରକମାନଙ୍କ ଠାରୁ ବୀମା କମ୍ପାନୀ ଦ୍ୱାରା ପ୍ରାପ୍ତ ପ୍ରିମିୟମକୁ ବିଭିନ୍ନ ଫଣ୍ଡ ଓ ସିକ୍ୟୁରିଟିରେ ନିବେଶ କରାଯାଏ । ଅତୀତ ପ୍ରଚଳନ, ଏବଂ ବିନିୟାମକ ନିୟମ (ଯଦି କିଛି ଥାଏ) **ଆଧାରରେ,** ପ୍ରିମିୟମ-ରାଶିର **ନିବେଶ ଉପରେ** ବୀମା କମ୍ପାନୀ ପ୍ରତ୍ୟାଶିତ ରିଟର୍ଣ୍ଣ ନିରୂପଣ **କରେ ।**

**ନିବେଶ ଉପରେ** ପ୍ରତ୍ୟାଶିତ ରିଟର୍ଣ୍ଣ **ଆଧାରରେ, ନେଟ୍** ପ୍ରିମିୟମ ନିର୍ଦ୍ଧାରଣ କରାଯାଏ ।

**ଲୋଡିଙ୍ଗ୍** ପ୍ରିମିୟମର ଏକ ଅଂଶ **ହୋଇଥାଏ ଯେଉଁଥିରେ** ବୀମା କମ୍ପାନୀ ଦ୍ୱାରା କରାଯାଇଥିବା ବିଭିନ୍ନ ଖର୍ଚ୍ଚ ଅନ୍ତର୍ଭୁକ୍ତ **ହୋଇଥାଏ ।** ଲୋଡିଙ୍ଗ୍ ଗୁଡିକ **ହେଉଛନ୍ତି** ଅତିରିକ୍ତ ଭାର ଯାହାଙ୍କୁ ବୀମା କମ୍ପାନୀମାନଙ୍କ ଦ୍ୱାରା **ପ୍ରିମିୟମରେ ଯୋଡ଼ା** ଯାଇଥାଏ **।**

**B)** ସମ (ସମାନ) ପ୍ରିମିୟମ:

ସମ ପ୍ରିମିୟମରେ, ପଲିସୀ-ଅବଧିର ସଂପୂର୍ଣ୍ଣ ସମୟ ପାଇଁ ପ୍ରିମିୟମ-ରାଶି ନିଶ୍ଚିତ **ହୋଇଯାଇଥାଏ ।** ଯଦି **ମୋଟ** ପଲିସୀ ଅବଧି 20 ବର୍ଷ ପାଇଁ ହୁଏ, **ତେବେ,** ପଲିସୀର ସମଗ୍ର ଅବଧି ପାଇଁ ସମାନ ପ୍ରିମିୟମ ରାଶି ନିର୍ଦ୍ଧାରିତ କରାଯାଏ **।**

ବୀମା କମ୍ପାନୀମାନଙ୍କ ଦ୍ୱାରା ସମ ପ୍ରିମିୟମକୁ 2 ମୁଖ୍ୟ କାରଣ ପାଇଁ ଲାଗୁ କରାଯାଇଥାଏ:

- ତାର ଜୀବନର ପରବର୍ତ୍ତୀ **ସମୟରେ,** ଏକ **ନିବେଶକର ସଙ୍କଟ-ପ୍ରୋଫାଇଲ୍ ,ବିଶେଷ ରୂପେ** ବୃଦ୍ଧି ପାଇଥାଏ, ଏବଂ **ତେଣୁ** ତାହା ସଙ୍କଟ ପ୍ରିମିୟମରେ ବି **ହୋଇଥାଏ । ଯେହେତୁ** ପରବର୍ତ୍ତୀ **ସମୟରେ,** ଜୀବନ ପ୍ରତି ସଙ୍କଟର ମୂଲ୍ୟ ଅଧିକ **ହେବ;** ଏହା ପ୍ରିମିୟମ-ପ୍ରଦାନକୁ ଅତି ଚ୍ୟାଲେଞ୍ଜିଙ୍ଗ୍ କରି **ଦେଇ ପାରେ,** ଏବଂ ପ୍ରିମିୟମ ପ୍ରଦାନରେ ତ୍ରୁଟିକୁ ବଢ଼ାଇ **ଦେଇପାରେ,** ଯହେତୁ **ସେ** ଭଳି ଏକ ଅଧିକ ପ୍ରିମିୟମ **ଦେବା** ତାର ସାମର୍ଥ୍ୟ ଥାଇ ନ **ପାରେ ।** ପୁନଃ, **ଥରେ** ଚୁକ୍ତିଟି ସ୍ୱାକ୍ଷରିତ **ହୋଇଗଲେ ,ପ୍ରିମିୟମରେ** ବାର୍ଷିକ ପରିବର୍ତ୍ତନ କରିବା ବୀମା କମ୍ପାନୀ **ପକ୍ଷରେ** କଷ୍ଟ ସାଧ୍ୟ **ହୋଇଯିବ । ତେଣୁକରି,** ବୀମା କମ୍ପାନୀ ସଙ୍କଟ-ପ୍ରିମିୟମକୁ, ପଲିସୀର ସଂପୂର୍ଣ୍ଣ ସମୟାବଧି (ଯାହାକୁ ପ୍ରିମିୟମ-ପ୍ରଦାନ ସମୟାବଧି ବି କୁହାଯାଏ) ରେ **ପ୍ରସାରିତ** କରିଦିଏ, ଏବଂ "ସମ(ସମାନ)" ପ୍ରିମିୟମ ଲାଗୁ କରିଥାଏ **।**

  ବୀମା କମ୍ପାନୀ ପ୍ରାରମ୍ଭିକ **ବର୍ଷମାନଙ୍କରେ** ପ୍ରିମିୟମ ଠାରୁ ପ୍ରାପ୍ତ, ଏକ ନିର୍ଦ୍ଦିଷ୍ଟ ରାଶିର ଅର୍ଥକୁ, ଅଧିକ ସଙ୍କଟ-ଖର୍ଚ୍ଚର ସମ୍ମୁଖୀନ **ହେବାରେ** ସହାୟକ **ହେବାପାଇଁ,** ପଲିସୀ ଅବଧିର ପରବର୍ତ୍ତୀ ଭାଗ **ସକାଶେ, ସେହି ସମୟରେ** ଖର୍ଚ୍ଚ ସବୁର ପ୍ରତିପୂର୍ତ୍ତି କରିବା ପାଇଁ, **ଯେତେବେଳେ** ଉପଲବ୍ଧ ପ୍ରିମିୟମ, **ଯେତିକି** ଆବଶ୍ୟକ **ହୋଇପାରେ**, ତା' ଠାରୁ କମ୍ **ହୋଇଥାଏ ।**

- ବିପରୀତ ଚୟନ: ଯଦି ପରବର୍ତ୍ତୀ ବର୍ଷମାନଙ୍କରେ ଅଧିକ ପ୍ରିମିୟମ ରାଶି ଲାଗୁ କରାଯାଏ, **ତେବେ,** ଏହାର ପରିଣାମ ଅଧିକାଂଶ ସ୍ୱାସ୍ଥ୍ୟବାନ୍ **ଲୋକ ,ସେହି ସମୟରେ ଯୋଜନାଟିକୁ** ଛାଡ଼ିବାର ସମ୍ଭାବନା **ହୋଇପାରେ ,ଯେହେତୁ ,ସେମାନେ** ଅନୁଭବ କରି ପାରନ୍ତି **ଯେ ,ସେମାନଙ୍କୁ** ବୀମା **ଯୋଜନାର** ଆଉ ଆବଶ୍ୟକତା ନାହିଁ **। ସେହି ଲୋକେ ,ଯେଉଁମାନେ ବିଭିନ୍ନ ରୋଗରେ** ଆକ୍ରାନ୍ତ ଥାଆନ୍ତି, **ଯୋଜନାରେ** ଉପଲବ୍ଧ ଲାଭ ପ୍ରାପ୍ତି କରିବା ପାଇଁ, ହୁଏତ **ଯୋଜନାଟିକୁ** ଚାଲୁ ରଖିବା ପାଇଁ ପ୍ରସ୍ତୁତ **ହୋଇ** ପାରନ୍ତି । ଏହାର ପରିଣାମ ବିପରୀତ ଚୟନ **ହୋଇପାରେ,** ଅର୍ଥାତ୍, ସ୍ୱାସ୍ଥ୍ୟବାନ୍ **ଲୋକଙ୍କ ତୁଳନାରେ ,ପୋର୍ଟଫୋଲିଓରେ** ଅଣ-ସ୍ୱାସ୍ଥ୍ୟବାନ୍ **ଲୋକଙ୍କ ଅନୁପାତ** ଅଧିକ ହୋଇପାରେ । ଏହା ମୃତ୍ୟୁହାର ସାରଣୀଗୁଡିକ **ଆଧାରରେ,** ବୀମା କମ୍ପାନୀର ହିସାବ କୁ ବିପରୀତ **ରୂପେ** ପ୍ରଭାବିତ **କରିପାରେ ।**

**C) ଅଫିସ୍ ପ୍ରିମିୟମ**:

ଅଧିକାଂଶ ଖର୍ଚ୍ଚ, ଯାହା ବୀମା କମ୍ପାନୀ କରିଥାଏ**, ସେଗୁଡିକ ହେଉଛି** ଭଡ଼ା, ବିଜୁଳୀ, ଏବଂ ଅନ୍ୟାନ୍ୟ ପ୍ରଶାସନ ଖର୍ଚ୍ଚ ଭଳି ଅନ୍ୟାନ୍ୟ ଖର୍ଚ୍ଚ ଅତିରିକ୍ତ, କମିଶନ, କର୍ମଚାରୀମାନଙ୍କ **ବେତନ**, ଏଗୁଡିକୁ ଅଫିସ୍ ଖର୍ଚ୍ଚ କୁହାଯାଏ **।**

**ନେଟ୍** ପ୍ରିମିୟମ କିମ୍ବା ଶୁଦ୍ଧ ପ୍ରିମିୟମ **ଲୋଡ୍** କରିବା **ପରେ,** ପହଞ୍ଚିଥିବା ସମ ପ୍ରିମିୟମ ଅଙ୍କ କୁ ଅଫିସ୍ ପ୍ରିମିୟମ କୁହାଯାଏ । **ସେଗୁଡିକ** ବର୍ତ୍ତମାନ **ଉପଯୋଗ**-ପାଇଁ-ପ୍ରସ୍ତୁତ ଅଛନ୍ତି । **ପ୍ରୋତ୍ସାହନମୂଳକ** ସାହିତ୍ୟ ଏବଂ **ବ୍ରୋଚର୍ ମାନଙ୍କରେ** ଛପା **ହୋଇଥିବା,** ପ୍ରିମିୟମ ଅଙ୍କସବୁ, ଅଫିସ୍ ପ୍ରିମିୟମ ଅଟନ୍ତି । **ସେମାନଙ୍କୁ** ଟବୁେଲାର୍ (ସାରଣୀବଦ୍ଧ) ପ୍ରିମିୟମ **ରୂପେ** ବି ସୂଚୀତ କରାଯାଇଥାଏ ।

(ମୃତ୍ୟୁର) ସଙ୍କଟ ଏକ ଅଳ୍ପାବଧି ପଲିସୀ **ଅପେକ୍ଷା** ଏକ ଦୀର୍ଘାବଧି **ପଲିସୀରେ** ଅଧିକ ରହିଥାଏ କିନ୍ତୁ, ସମ ପ୍ରିମିୟମର ପ୍ରଚଳନ **ହେତୁ,** ଲାଗୁ କରାଯାଇଥିବା-'ଟବୁେଲାର୍ ପ୍ରିମିୟମ (ପ୍ରତି ବର୍ଷ),ଏକ ଅଳ୍ପାବଧି ପଲିସୀ **ଅପେକ୍ଷା** ଏକ ଦୀର୍ଘାବଧି ପଲିସୀ ପାଇଁ କମ୍ **ହୋଇପାରେ । ମୋଟାମୋଟି ଭାବେ**, ସମଗ୍ର **ଅବଧିରେ ମୋଟ** ପ୍ରିମିୟମ ଅଳ୍ପାବଧି ବୀମା **ଯୋଜନା** ଅପକ୍ଷୋ ଦୀର୍ଘାବଧି **ଯୋଜନାରେ** ଅଧିକ **ହୋଇପାରେ ।**

ଯଦି ପ୍ରିମିୟମ-ପ୍ରଦାନର ପଦ୍ଧତି ବାର୍ଷିକ ହୁଏ, ବର୍ଷକୁ ସଂପୂର୍ଣ୍ଣ କରିବା ପାଇଁ, ପରବର୍ତ୍ତୀ ନୂତନୀକରଣ ପ୍ରିମିୟମରେ ତ୍ରୁଟିର ସମ୍ଭାବନାର ପ୍ରଶ୍ନ **ଉଠେ** ନାହିଁ । ବୀମାକର୍ତ୍ତା ଏହି ରାଶିକୁ, ସମଗ୍ର ବର୍ଷ ପାଇଁ **ଉପଯୋଗ କରିପାରେ,** ଏବଂ ଯଦି ପ୍ରିମିୟମକୁ କିସ୍ତିରେ ପ୍ରଦାନ କରାଯାଏ, ତା' **ଅପେକ୍ଷା** ଅଧିକ ସୁଧ ଅର୍ଜିତ **କରିପାରେ । ତେଣୁ,** ଚୟନିତ ରାଶି-ପ୍ରଦାନର ପଦ୍ଧତି **ଉପରେ** ନିର୍ଭର କରି, ପ୍ରିମିୟମ–ହାରସବୁକୁ କିଛି **ପରିମାଣରେ** ବୃଦ୍ଧି କିମ୍ବା ହ୍ରାସ କରିବାକୁ **ପଡ଼ିପାରେ ।**

**କେତେକ** ବୀମାକର୍ତ୍ତା ତ୍ରୈମାସିକ ପଦ୍ଧତି କିମ୍ବା ମାସିକ ପଦ୍ଧତି ପାଇଁ, ପ୍ରିମିୟମ **ରେ** ବୃଦ୍ଧି କିମ୍ବା ଅତିରିକ୍ତ ରାଶି ପ୍ରଦାନ କରିଥାନ୍ତି, କିନ୍ତୁ ବାର୍ଷିକ ପଦ୍ଧତି ପାଇଁ **କୌଣସି ସମାୟୋଜନ** ନାହିଁ । ଏହା, ସମ୍ବନ୍ଧିତ-ବୀମାକର୍ତ୍ତା ଅଫିସ୍ ପ୍ରିମିୟମସବୁକୁ **କେମିତି** ନିର୍ଦ୍ଧାରିତ କରିଛି, ତାହା **ଉପରେ** ନିର୍ଭର **କରେ ।**

ସହେିପରି, ବୀମା ରାଶି (**S.A.**) **ଉପରେ** ନିର୍ଭର କରି, **ସମାୟୋଜନସବୁ କରାଯାଇପାରେ ।** ଯଦି ପଲିସୀଟି ଏକ ଅଳ୍ପ ବୀମା ରାଶି **(S.A.)** ପାଇଁ **ହୋଇଥାଏ**, ପ୍ରିମିୟମ ର ଅନୁପାତ **ହିସାବରେ,** ପ୍ରଶାସନିକ ମୂଲ୍ୟ, ଯଦି ପଲିସୀଟି ଏକ ଅଧିକ ବୀମାରାଶି **(S.A.)** ପାଇଁ ହୁଏ, ଏହା ଅପକ୍ଷୋ ଅଧିକ **ହୋଇପାରେ,** କାରଣ, **ଅନେକ** ଖର୍ଚ୍ଚ, **ଯେପରି** କି, କିରାଣୀ ଖର୍ଚ୍ଚ, ପଲିସୀର ମୁଦ୍ରଣ, ଆକାଉଣ୍ଟିଙ୍ଗ୍ **ଓଭର୍-ହେଡ୍ସ** ଇତ୍ୟାଦି, ଅପରିବର୍ତ୍ତନୀୟ **ହୋଇଥାନ୍ତି**, ଏବଂ ପଲିସୀ ର ବୀମା ରାଶି **(S.A.)** ଅନୁଯାୟୀ ପରିବର୍ତ୍ତନ **ହୋଇ** ନ ଥାନ୍ତି । କରାଯାଇଥିବା–**ଲୋଡିଙ୍ଗ୍** ର ପ୍ରକାର **ଆଧାରରେ**, ବୀମାକର୍ତ୍ତାମାନେ ଉଚ୍ଚ ବୀମା–ରାଶି **(S.A)** ପାଇଁ **ରିବେଟ୍** କିମ୍ବା ଅଳ୍ପ ବୀମା–ରାଶି **(S.A.)** ପାଇଁ ଅତିରିକ୍ତ ପ୍ରଦାନ **କରିବେ ।**

**D) ଅତିରିକ୍ତ ପ୍ରିମିୟମ:**

ଏକ ନିର୍ଦ୍ଦିଷ୍ଟ ପଲିସୀ ଉପରେ ଅତିରିକ୍ତ ପ୍ରିମିୟମ ଲାଗୁ କରାଯାଇପାରେ । ଯୋଜନା ଅନ୍ତର୍ଗତ ମୂଳଭୂତ ଲାଭ ଅତିରିକ୍ତ, ଦୁର୍ଘଟଣା ଲାଭ କିମ୍ବା ପ୍ରିମିୟମ-ଅଧିତ୍ୟାଗ (Premium Waiver) ଲାଭ ଭଳି କେତେକେ ଲାଭର ଅନୁଦାନ କାରଣରୁ ଏହା ଘଟିପାରେ । **କୌଣସି** ନିର୍ଦ୍ଦିଷ୍ଟ ପ୍ରକରଣ **ରେ ଅଧିକ** ସଙ୍କଟ ର ସୀମା ସମ୍ବନ୍ଧୀୟ ନିର୍ଣ୍ଣୟଗୁଡିକ କାରଣରୁ ଅତିରିକ୍ତ ପ୍ରିମିୟମ **ଲାଗୁଯୋଗ୍ୟ** ହୋଇପାରେ, ଯଦି ବୀମିତ କରିବାକୁ ଥିବା ବ୍ୟକ୍ତିର ସଙ୍କଟକୁ ସାଧାରଣଠାରୁ ଅଧିକ **ରୂପେ** ମୂଲ୍ୟାୟନ କରାଯାଇଥାଏ; ସ୍ୱାସ୍ଥ୍ୟ କାରଣରୁ କିମ୍ବା ବ୍ୟବସାୟ, ଆବାସ କିମ୍ବା ବ୍ୟକ୍ତିଗତ ଅଭ୍ୟାସ କାରଣରୁ, ବୀମାକର୍ତ୍ତାମାନେ ଅତିରିକ୍ତ ପ୍ରିମିୟମ ଲାଗୁ କରି ପାରନ୍ତି ।

**ପ୍ରିମିୟମ ଲୋଡିଙ୍ଗ୍:**




**କେତେକ** କାରଣ, ଯାହା ପାଇଁ, **ବୀମାକର୍ତ୍ତାମାନେ ନେଟ୍** ପ୍ରିମିୟମ କିମ୍ବା ଶୁଦ୍ଧ ପ୍ରିମିୟମ **ଲୋଡ୍** କରନ୍ତି, **ସେଗୁଡିକ ହେଉଛନ୍ତି:**

a. **ପ୍ରଶାସନିକ ଖର୍ଚ୍ଚ** : ଏଥିରେ ଅନ୍ତର୍ଭୁକ୍ତ ହୁଅନ୍ତି ପ୍ରଶାସନିକ, ନିବେଶ-ପ୍ରବନ୍ଧନ, ଆଧାରଭୂତ ସଂରଚନା ସମ୍ବନ୍ଧୀୟ ଖର୍ଚ୍ଚ, ଇତ୍ୟାଦି ।

VII. **ଆକସ୍ମିକ ଚାର୍ଜ** : ସେହିସବୁ ଖର୍ଚ୍ଚ, ଯାହା ଅପ୍ରତ୍ୟାଶିତ ଆକସ୍ମିକତାର ପ୍ରକରଣରେ ଉପୁଜିବାର ଆଶା କରାଯାଇଥାଏ ଯାହା ମୃତ୍ୟୁହାର-ଦରରେ ବୃଦ୍ଧିର କାରଣ ହୋଇପାରେ । ପ୍ରିମିୟମ-ଦେୟସବୁ ମୃତ୍ୟୁହାର ସାରଣୀରେ ମୃତ୍ୟୁହାର-ଦର ଆଧାରରେ ନିରୂପିତ କରାଯାଇଥାଏ, ଯେଉଁଗୁଡିକୁ ସାଧାରଣ ପରିସ୍ଥିତି ପାଇଁ ନିର୍ଦ୍ଧାରିତ କରାଯାଏ । ଯଦି କେତେକ ପ୍ରାକୃତିକ ବିପର୍ଯ୍ୟୟ, ଯେପରିକି, ସୁନାମି, ଭୂମିକମ୍ପ, ଇତ୍ୟାଦି ଘଟେ, ଯେଉଁଠି, ଅଧିକ ସଂଖ୍ୟକ ମୃତ୍ୟୁ ଘଟିଥାଏ, ମୂଲ୍ୟ ନିର୍ଦ୍ଧାରଣ କରିବା ସମୟରେ, ମୃତ୍ୟୁ ସଂଖ୍ୟା ପ୍ରତ୍ୟାଶିତ )ପୂର୍ବାନୁମିତ( ମୃତ୍ୟୁ ସଂଖ୍ୟା ଅପେକ୍ଷା ଅଧିକ ହୋଇପାରେ । ଏହି କ୍ଷେତ୍ରରେ, ବୀମା କମ୍ପାନୀମାନଙ୍କୁ ସେହି ରାଶି, ଯାହାକୁ ବୀମା ଦାବୀ ରୂପେ ମୂଳରୁ ଆକଳିତ କିମ୍ବା ପୂର୍ବ କଳ୍ପିତ କରାଯାଇଥିଲା, ତା' ଠାରୁ ଅତ୍ୟଧିକ ରାଶିର ଅର୍ଥ ପ୍ରଦାନ କରିବାକୁ ପଡିପାରେ । ସେଭଳି ଘଟଣାରେ, କମ୍ପାନୀର ସାମର୍ଥ୍ୟ ବିପରୀତ ରୂପେ ପ୍ରଭାବିତ ହୋଇପାରେ । ଏହି ପରିସ୍ଥିତିକୁ ଏଡ଼ାଇବା ପାଇଁ, ଏହିସବୁ ଆକସ୍ମିକତାର ସମ୍ମୁଖୀନ ହେବା ପାଇଁ, କମ୍ପାନୀମାନେ ପ୍ରିମିୟମ ରାଶିରେ ଅତିରିକ୍ତ ରାଶି ଲାଗୁ କରିବା ଜରିଆରେ ଚାର୍ଜଗୁଡିକୁ ଲାଗୁ କରନ୍ତି ।

VIII. ଲାଭ-ସହିତ ପଲିସୀ-ଧାରକମାନଙ୍କୁ ବୋନସ ପ୍ରଦାନ କରାଯିବ । ସେହି ପଲିସୀ-ଧାରକ ଯେଉଁମାନେ ବୋନସ ପାଇଁ ଅଧିକାରୀ ଅଟନ୍ତି, ସେମାନଙ୍କୁ କିଛି ଅତିରିକ୍ତ ପ୍ରିମିୟମ-ରାଶି ଦେବାକୁ ପଡ଼ିଥାଏ ।

**କେତେକ** କାରକ, ଯାହାକୁ **ମୋଟ (Gross)** ପ୍ରିମିୟମ ପାଇଁ ବିଚାରକୁ **ନେବା** ଆବଶ୍ୟକ, **ସେଗୁଡିକ** ନିମ୍ନ **ପ୍ରକାରେ** ଅଟନ୍ତି:

IX. ପଲିସୀ-ଅବଧି: ଦୀର୍ଘାବଧି ପାଇଁ ମୋଟ ପ୍ରିମିୟମ ଅଳ୍ପାବଧି ବୀମା ଯୋଜନାଗୁଡିକ ଅନୁପାତରେ ଅଧିକ ହୋଇପାରେ । ଯଦି, ପଲିସୀର ଅବଧି 20 ବର୍ଷର ଦୀର୍ଘ ସମୟାବଧି ପାଇଁ ହୁଏ, ତେବେ, ଏହି କ୍ଷେତ୍ରରେ, ଜୀବନ ପ୍ରତି ସଙ୍କଟ, 5 ବର୍ଷର ଏକ ଅଳ୍ପାବଧି ପାଇଁ ପଲିସୀ ତୁଳନାରେ ଅଧିକ ହୋଇପାରେ । ଅନ୍ୟ ଶବ୍ଦରେ, ପରବର୍ତ୍ତୀ 5 ବର୍ଷରେ, ଏକ ବ୍ୟକ୍ତିର ମୃତ୍ୟୁ ହେବାର ସମ୍ଭାବନା, ପରବର୍ତ୍ତୀ 20 ବର୍ଷରେ ବ୍ୟକ୍ତିଟିର ମୃତ୍ୟୁ ହେବାର ସମ୍ଭାବନା ତୁଳନାରେ କମ୍ ହୋଇପାରେ ।

**a.** ପ୍ରିମିୟମ-ପ୍ରଦାନ ର ଆବଧିକତା (ସମଷ୍ଟ-ଚକ୍ର):

1) ବୀମା **କମ୍ପାନୀମାନେ** ବିଭିନ୍ନ ପଦ୍ଧତି କିମ୍ବା ବାରମ୍ବାରତା ପ୍ରଦାନ କରିଥାନ୍ତି, **ଯେଉଁଥିରେ**, ପ୍ରିମିୟମ ପ୍ରଦାନ **କରାଯାଇପାରେ** (ବାର୍ଷିକ କିମ୍ବା ଅର୍ଦ୍ଧ-ବାର୍ଷିକ କିମ୍ବା ତ୍ରୈମାସିକ କିମ୍ବା ମାସିକ) ।

2) ବୀମା କମ୍ପାନୀମାନେ ପ୍ରିମିୟମ–ପ୍ରଦାନର ବାର୍ଷିକ ପଦ୍ଧତିକୁ ପସନ୍ଦ କରନ୍ତି, ଯେହେତୁ, ଏହି ପଦ୍ଧତିରେ ପ୍ରଶାସନିକ ଚାର୍ଜ ତଥା ପଲିସୀ-ଧାରକ ଦ୍ୱାରା ରାଶି ପ୍ରଦାନର ତ୍ରୁଟିର ସଙ୍କଟ, ମାସିକ ପଦ୍ଧତି ପ୍ରିମିୟମ-ପ୍ରଦାନରେ ସେସବୁ ସମସ୍ୟା ତୁଳନାରେ, କମ୍ ହୋଇଥାଏ । ବାର୍ଷିକ ପଦ୍ଧତିର ଲାଭ ହେଉଛି ଯେ, କମ୍ପାନୀ ପ୍ରିମିୟମ-ପ୍ରଦାନର ମାସିକ ପଦ୍ଧତି, ଯେଉଁଠି, ନିବେଶ ପାଇଁ ଉପଲବ୍ଧ ରାଶି, କମ୍ ହୋଇପାରେ ଏବଂ 12 ଅଳ୍ପ ମାସିକ କିସ୍ତିରେ ମିଳି ଥାଏ, ଏହା ତୁଳନାରେ, ନିବେଶ ପାଇଁ ଏକ ମୋଟା ରାଶି ପ୍ରାପ୍ତି କରିଥାଏ । ମାସିକ ପଦ୍ଧତି ଅନ୍ତର୍ଗତ, ପ୍ରିମିୟମ ପ୍ରଦାନରେ ତ୍ରୁଟିର ସମ୍ଭାବନା ଅଧିକ ହୋଇଥାଏ ।

**କେତେକ** କମ୍ପାନୀ ବାର୍ଷିକ ପ୍ରିମିୟମ-ପ୍ରଦାନ କୁ ପସନ୍ଦ କରିଥାନ୍ତି । **ତଦନୁସାରେ**, କମ୍ପାନୀମାନେ ବାର୍ଷିକ ପଦ୍ଧତିର ପ୍ରିମିୟମ-ପ୍ରଦାନ **ଉପରେ** କିଛି ରିବଟେ୍ (ଛାଡ଼) ପ୍ରଦାନ କରିଥାନ୍ତି, **ଯେହେତୁ**, ପଲିସୀ ବର୍ଷର ଆରମ୍ଭରହିଁ, ଏକ **ମୋଟା** ରାଶି **ରୂପେ** ଏହାକୁ ପ୍ରାପ୍ତ କରାଯାଇଥାଏ ।

| ସେହି କାରଣସବୁ, କାହିଁକି ପ୍ରିମିୟମ-ପ୍ରଦାନର ବାର୍ଷିକ ପଦ୍ଧତିକୁ ପସନ୍ଦ କରାଯାଏ: | | |
|---|---|---|
| | **ବାର୍ଷିକ ପ୍ରିମିୟମ-ପ୍ରଦାନ ପଦ୍ଧତି** | **ମାସିକ ପ୍ରିମିୟମ-ପ୍ରଦାନ ପଦ୍ଧତି** |
| **ପ୍ରଶାସନିକ ଖର୍ଚ୍ଚ** | ପ୍ରଶାସନିକ ଖର୍ଚ୍ଚସବୁ କମ୍ **ହୋଇଥାଏ** ,**ଯେହେତୁ**, ପ୍ରିମିୟମ-ପ୍ରଦାନ **ବର୍ଷରେ କେବଳ ଥରେ**, ଅର୍ଥାତ୍ ବାର୍ଷିକ ରୂପେ କରାଯାଇଥାଏ । | ପ୍ରଶାସନିକ ଖର୍ଚ୍ଚସବୁ ଅଧିକ **ହୋଇଥାଏ** ,**ଯେହେତୁ** ପ୍ରିମିୟମ-ପ୍ରଦାନ ପାଇଁ ପ୍ରିମିୟମ-ପ୍ରଦାନ ସୂଚନା କିମ୍ବା ଅନୁସ୍ମାରକ **ନୋଟିସ** ଏବଂ ରସିଦ ଜାରୀ **ମାସିକ ଆଧାରରେ ଦେବାକୁ** ପଡିଥାଏ । |
| X. ପ୍ରିମିୟମ ପ୍ରଦାନରେ ତ୍ରୁଟିର ସଙ୍କଟ | XI. ଯଦି କମ୍ପାନୀ ଥରେ ବାର୍ଷିକ ଦେୟ ପ୍ରାପ୍ତି କରେ, ପରବର୍ତ୍ତୀ ବାର୍ଷିକ ପ୍ରିମିୟମ-ପ୍ରଦାନ ଦେୟ ହେବା ପର୍ଯ୍ୟନ୍ତ, କମ୍ପାନୀ ଅନ୍ତତଃ ଏକ ବର୍ଷ ପାଇଁ କୌଣସି ତ୍ରୁଟି ବିପକ୍ଷରେ ସୁରକ୍ଷିତ ହୋଇଥାଏ । | XII. ଏକ ମାସିକ ପ୍ରିମିୟମ-ପ୍ରଦାନ ରେ ତ୍ରୁଟିର ସଙ୍କଟ ଅଧିକ ହୋଇଥାଏ, ଯେହେତୁ, ପ୍ରତ୍ୟେକ ମାସ, କମ୍ପାନୀକୁ ରାଶି ପ୍ରଦାନର ରସିଦ କୁ ଟ୍ରାକ୍ କରିବାକୁ ପଡିଥାଏ, ଯାହାଦ୍ୱାରା ହେଉଥିବା ଖର୍ଚ୍ଚ ବଢ଼ିଥାଏ । |
| **ନିବଶେ** ଉପରେ **ପ୍ରତିଫଳ** | ମୋଟା-ରାଶିର ନିବେଶ ଉପରେ କମ୍ପାନୀ ଉତ୍ତମ ରିଟର୍ଣ୍ଣ ଉପାର୍ଜନ କରିପାରେ । | ଏହି **କ୍ଷେତ୍ରରେ** ଉପାର୍ଜନ କମ୍ **ହୋଇପାରେ** ,**ଯେହେତୁ** ,**ନିବେଶ** ପାଇଁ ଉପଲବ୍ଧ ପ୍ରିମିୟମ କମ୍ **ହୋଇଥାଏ** । |

**3. ପ୍ରିମିୟମର ନିର୍ଦ୍ଧାରଣରେ ବିଚାର କରାଯାଉଥିବା କାରକ ଗୁଡିକୁ ନିର୍‌ଦ୍‌ଧାରଣ କରିବା ।**

ପ୍ରିମିୟମ-ନିର୍‌ଦ୍‌ଧାରଣ:

XIII. **ପ୍ରତ୍ୟେକ ବ୍ୟକ୍ତି ପାଇଁ ବୀମା ପ୍ରିମିୟମ ଅଲଗା ହୋଇଥାଏ, ଏବଂ ଏହା ବିଭିନ୍ନ କାରକ ଆଧାରରେ ହୋଇଥାଏ । ଏହି କାରକଗୁଡିକ ମଧ୍ୟରେ କେତେକ ନିମ୍ନ ପ୍ରକାରେ ଅଟନ୍ତି:**

a. ବୀମିତ **ହେବାକୁ** ଥିବା ବ୍ୟକ୍ତିର ବୟସ: ଯଦି ବ୍ୟକ୍ତିର ବୟସ ଅଧିକ ହୁଏ, **ତେବେ**, ତା' ଜୀବନ **ଉପରେ** ସଙ୍କଟର ମୂଲ୍ୟର ବୀମା ସୁରକ୍ଷା ଦବୋ ପାଇଁ, ପ୍ରିମିୟମ ମଧ୍ୟ ଅଧିକ **ହେବ ।**

b. ମେଡିକାଲ ସ୍ଥିତି: **କୌଣସି ରୋଗରେ** ପୀଡିତ ଥିବା ଏକ ବ୍ୟକ୍ତି **ଉପରେ**, ମେଡିକାଲ କ୍ଷୀଣତା, ଇତ୍ୟାଦି **ଆଧାରରେ**, ଏକ ସ୍ୱାସ୍ଥ୍ୟବାନ୍ ବ୍ୟକ୍ତି ତୁଳନାରେ ଅଧିକ ପ୍ରିମିୟମ ଲାଗୁ **କରାଯାଇପାରେ ।**

c. ବୀମା-ରାଶି: ବୀମା ପଲିସୀର ବୀମା-ରାଶି **ଉପରେ** ମଧ୍ୟ ପ୍ରିମିୟମ ନିର୍‌ଭର କରିଥାଏ । ବୀମା-ରାଶି ଅଧିକ **ହେଲେ**, ପ୍ରିମିୟମ ବି ଅଧିକ **ହୋଇଥାଏ ।**

d. ବୀମା **ଯୋଜନାର** ପ୍ରକାର: ପ୍ରିମିୟମ ବୀମା **ଯୋଜନାର** ପ୍ରକାର **ଉପରେ** ମଧ୍ୟ ନିର୍‌ଭର କରିଥାଏ । ବୀମା କମ୍ପାନୀ "ଲାଭ (ବୋନସ) ରହିତ" ବୀମା **ଯୋଜନା ତୁଳନାରେ** "ଲାଭ (ବୋନସ) ସହିତ" ବୀମା **ଯୋଜନାଗୁଡିକ ଉପରେ** ଅଧିକ ପ୍ରିମିୟମ ଲାଗୁ କରିବ **।**

e. ମୃତ୍ୟୁହାର ସାରଣୀ: ମୃତ୍ୟୁହାର ସାରଣୀଗୁଡିକ, ଅନେକ କାରକ **ଆଧାରରେ**, ସଂପୃକ୍ତ-ସଙ୍କଟର ନିର୍‌ଦ୍‌ଧାରଣ କରନ୍ତି, ଯାହା **ଆଧାରରେ**, ବୀମାଙ୍କକମାନଙ୍କ ଦ୍ୱାରା ପ୍ରିମିୟମସବୁର ନିର୍‌ଦ୍‌ଧାରଣ କରାଯାଇଥାଏ **।**

f. ସୁଧ ରାଶି : ସୁଧର ହାର, **ଯେଉଁଥିରେ**, କମ୍ପାନୀ ଗ୍ୟାରଣ୍ଟେିଯୁକ୍ତ ଲାଭ ପ୍ରଦାନ କରିବ, ପ୍ରିମିୟମକୁ ବୃଦ୍ଧି କିମ୍ବା କମ୍ **କରିପାରେ ।**

ଚିତ୍ର - 4: ପ୍ରିମିୟମ ନିର୍ଦ୍ଧାରଣରେ ବିଚାର କରାଯାଉଥିବା କାରକ:




**ଉଦାହରଣ:**

ଯଦି ଆପଣ **ସେହି** ପରିଦୃଶ୍ୟକୁ **ମନେ** ପକାନ୍ତି ଯାହା **ଆମେ** ଅଧ୍ୟାୟର **ପ୍ରାରମ୍ଭରେ ଆଲୋଚନା କରିଥିଲେ,** ନିଶାନ୍ତ ବାବୁ ତାଙ୍କ ନିଜ ଦ୍ୱାରା ଏବଂ ତାଙ୍କ ବନ୍ଧୁଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା **ପ୍ରିମିୟମରେ** ଅନ୍ତର **ସମ୍ବନ୍ଧରେ ଚିନ୍ତିତ ଥିଲେ ।**

**ଉପରୋକ୍ତ ଆଲୋଚନା** ଠାରୁ, ଏହା **ସୁସ୍ପଷ୍ଟ ଯେ, ପ୍ରିମିୟମରେ ଅନ୍ତର ପାଇଁ ଗୋଟିଏ ମୁଖ୍ୟ କାରଣ ହେଉଛି, ବୟସ (ଆୟୁ), ଯେଉଁ ସମୟରେ ପଲିସୀଟି କ୍ରୟ କରାଯାଏ ।** ନିଶାନ୍ତ ବାବୁଙ୍କ ବନ୍ଧୁ ପଲିସୀଟିକୁ **ନେଇଥିଲେ, ଯେତେବେଳେ ସେ** 23 ବର୍ଷ ବୟସର **ଥିଲେ । ତେଣୁ,** ତାଙ୍କ ପାଇଁ ପ୍ରିମିୟମ, ନିଶାନ୍ତ, ଯିଏ **ସେହି** ଏକା ବୟସର, ତାଙ୍କ ତୁଳନାରେ, ସହେି ସମାନ ବୀମା-ରାଶି ପାଇଁ, କମ୍ **ଅଟେ । ନିଶାନ୍ତ ବାବୁ ପଲିସୀଟିକୁ କ୍ରୟ କରିଥିଲେ, ଯେତେବେଳେ ସେ** 32 ବର୍ଷ ବୟସର **ଥିଲେ, ତେଣୁ, ସେ** ଅଧିକ ପ୍ରିମିୟମ **ଦେଉଥିଲେ ।**

ବୟସ ବ୍ୟତୀତ, ଅନ୍ୟ କାରକ, ଯାହା ପ୍ରିମିୟମ **ଉପରେ** ପ୍ରଭାବ ପକାଏ, ତାହା **ହୋଇପାରେ** ସଙ୍କଟର **ପ୍ରାରମ୍ଭ ସମୟରେ** ତାଙ୍କ ମେଡିକାଲ ସ୍ଥିତି, ତାଙ୍କ ବ୍ୟବସାୟ, ଇତ୍ୟାଦି **।**

**ପ୍ରିମିୟମ-ନିର୍ଦ୍ଧାରଣରେ** ଚରଣ:

| **ଚରଣ:** | **ଉଦାହରଣ:** |
|---|---|
| 1. ଆବଶ୍ୟକୀୟ ବୀମା **ଯୋଜନା** ଓ ବୀମାର ଅବଧି **ଆଧାରରେ**, ଏକ ଦତ୍ତ ବୟସ ପାଇଁ, ଅଫିସ୍ ପ୍ରିମିୟମ ନିରୂପଣ କରନ୍ତୁ **।**<br>ଦତ୍ତ ବୟସ ନିମ୍ନ ମଧ୍ୟରେ **କୌଣସି** ଟି ବି ହ୍‌ୋଇପାରେ:<br>➢ ବୟସ, ପରବର୍ତ୍ତୀ ଜନ୍ମ-ଦିନ;<br>➢ ବୟସ, ଗତ ଜନ୍ମ-ଦିନ;<br>➢ ବୟସ, ନିକଟତର ଜନ୍ମ-ଦିନ **।**<br>ଉଲ୍ଲିଖିତ ପ୍ରିମିୟମ **ହେଉଛି,** ପ୍ରତି ହଜାର ବୀମା-ରାଶି | ଏକ ଅବଧି ବୀମା **ଯୋଜନା** ପାଇଁ, ପଲିସୀ-ଧାରକର ଦତ୍ତ ବୟସ (ବୟସ, ପରବର୍ତ୍ତୀ ଜନ୍ମଦିନ) ପାଇଁ **ABC** ବୀମା କମ୍ପାନୀର **ଟେବୁଲାର୍** ପ୍ରିମିୟମ **ହେଉଛି**, ଟଙ୍କା 32.50 ପ୍ରତି ହଜାର ବୀମା- ରାଶି |
| | |
| 2. ଯଦି ବୀମାକର୍ତ୍ତା ବୀମା-ରାଶି **ଉପରେ** ଛାଡ଼ (ରିବଟେ୍) ପ୍ରଦାନ **କରେ, ତେବେ** ଟବେୁଲାର୍ ପ୍ରିମିୟମ ଠାରୁ, ଏହାର **ବିୟୋଗ** କରନ୍ତୁ ଏହାକୁ ରିବଟେ୍ **ଉପରେ ସମାୟୋଜନ** କୁହାଯାଏ **।** | ABC ବୀମା କମ୍ପାନୀ ଦ୍ୱାରା, (ବୀମା-ରାଶି) (S.A.) ପାଇଁ ନିମ୍ନଲିଖିତ **ରିବେଟ୍** ପ୍ରଦାନ କରାଯାଏ**:** |
| | **ଟଙ୍କା** 20,000/- **ଠାରୁ ଟଙ୍କା** 1/- |
| | **ଟଙ୍କା** 49,999/-: |
| | **ଟଙ୍କା** 50,000/- **ଠାରୁ ଟଙ୍କା** 1.50 |
| | **ଟଙ୍କା** 99,999/-: |
| | **ଟଙ୍କା** 1 **ଲକ୍ଷ, ଏବଂ ଟଙ୍କା** 2/- |
| | **ଊର୍ଦ୍ଧ୍ୱ**: |
| | ଯଦି ପଲିସୀ- ଧାରକ ପାଇଁ ବୀମା-ରାଶି |
| | ଟଙ୍କା **60,000/-**ହୁଏ, ତବେେ ପ୍ରିମିୟମ |
| | ହବେ ଟଙ୍କା **31/-(**ଅର୍ଥାତ୍, ଟଙ୍କା |
| | (32.50 – 1.50) **।** |
| | |
| 3. ଯଦି ବୀମା କମ୍ପାନୀ ପ୍ରିମିୟମ ପ୍ରଦାନ ପଦ୍ଧତି **ଉପରେ ରିବେଟ୍** ପ୍ରଦାନ **କରେ, ତେବେ ସେଇଥିପାଇଁ** ଆହୁରି କାଟ କରାଯିବ **।** | ପଲିସୀ-ଧାରକ ପ୍ରିମିୟମ-ପ୍ରଦାନର ବାର୍ଷିକ ପଦ୍ଧତି ଚୟନ କରିଛି **।** କଟାଯାଇଥିବା ପ୍ରିମିୟମ **ହେବ** ଟଙ୍କା 30.54, ଅର୍ଥାତ୍, ଟଙ୍କା 31-**(31× (1.50÷100) ।** |

<table>
<tr><td>4. ଅତିରିକ୍ତ ପ୍ରିମିୟମ ଯୋଗ କରନ୍ତୁ ।</td><td>XIV. କମ୍ପାନୀ ଦ୍ୱାରା ଲାଗୁ କରାଯାଇଥିବା, ଅତିରିକ୍ତ ଚାର୍ଜ, ନିମ୍ନ ପ୍ରକାରେ ହେବେ:<br>XV. ଦେୟ ଲାଭ ଟଙ୍କା 2/-, ପ୍ରତି ହଜାର<br>ପ୍ରଶାସନିକ ଖରଚ୍ଚ ଟଙ୍କା 1/- ପ୍ରତି ହଜାର<br>ମୋଟ ଯୋଗ ଟଙ୍କା 3/- ପାଇଁ କରିବାକୁ ପଡିବ, ତେଣୁ, ମୋଟ ପ୍ରିମିୟମ ହେବ 33.54 ।</td></tr>
<tr><td>5. ରାଶିକୁ ବୀମା-ରାଶି ସହିତ ଗୁଣନ କରନ୍ତୁ ।</td><td>ମା ରାଶି ଟଙ୍କା 60,000 ଅଟେ ଏବଂ ପ୍ରିମିୟମ ପ୍ରତି 1000 ବୀମା-ରାଶି )S.A.)ଟଙ୍କା 33.54 ଅଟେ ।<br>ପ୍ରିମିୟମ ହେବ 33.54×60 = ଟଙ୍କା 2012.4 ।</td></tr>
<tr><td>6. ଯଦି ନିରୂପିତ ହୋଇଥିବା ପ୍ରିମିୟମ-ରାଶିର ଅନ୍ତିମ ଅଙ୍କରେ ପଇସା ରହେ, ତବେ ତାହାକୁ :<br>➢ ଏଡେଇ ଦିଆ ଯାଇପାରେ;<br>➢ ପରବର୍ତ୍ତୀ ବଡ଼ ସଂଖ୍ୟାରେ ରାଉଣ୍ଡ-ଅଫ୍ କରାଯାଇପାରେ;<br>➢ ନିକଟତମ 50 ପଇସାରେ ରାଉଣ୍ଡ-ଅଫ୍ କରାଯାଇପାରେ ।<br>ଉପରୋକ୍ତ ନିୟମଗୁଡିକ ମଧ୍ୟରୁ କୌଣସି ବି ଗୋଟିଏକୁ ବୀମା କମ୍ପାନୀମାନଙ୍କ ଦ୍ୱାରା ପାଳନ କରାଯାଇଥାଏ ।</td><td>ବୀମା କମ୍ପାନୀ ନିମ୍ନସବୁ ନିମ୍ନ ନିୟମ ମଧ୍ୟରୁ କୌଣସିଟିକୁ ବି ପାଳନ କରିପାରେ :
<table>
<tr><td>ନିୟମ</td><td>ପ୍ରିମିୟମ ହେବ</td></tr>
<tr><td>ଏଡେଇ ଦିଆଯାଇପାରେ</td><td>ଟଙ୍କା 2,012 /-</td></tr>
<tr><td>ପରବର୍ତ୍ତୀ ବଡ଼ ସଂଖ୍ୟାରେ ରାଉଣ୍ଡ-ଅଫ୍ କରାଯାଇପାରେ;</td><td>ଟଙ୍କା 2,013/-</td></tr>
<tr><td>ନିକଟତମ 50 ପଇସାରେ ରାଉଣ୍ଡ-ଅଫ୍ କରାଯାଇପାରେ ।</td><td>ଟଙ୍କା 2012.50</td></tr>
</table></td></tr>
</table>

**ଅତିରିକ୍ତ ସୂଚନା:**

ଏହାକୁ **ମନେ** ରଖିବାକୁ ହବେ ଯେ, ପ୍ରିମିୟମ-ରାଶିକୁ ନିର୍ଦ୍ଧାରଣ କରିବାପାଇଁ, ପାଳନ କରିବାକୁ ଥିବା ଚରଣଗୁଡିକ **ଉପରେ** ବୀମା କମ୍ପାନୀମାନଙ୍କ ଚୟନ **ରହେ । ଉପରୋକ୍ତ ହିସାବରେ** ବୀମା-ରାଶି **ଉପରେ ରିବେଟ୍** ପାଇଁ କାଟିବା **ପରେ**, ରାଶି ପ୍ରଦାନର ପଦ୍ଧତି **ଉପରେ ରିବେଟ୍** ପାଇଁ କାଟ କରାଯାଇଥାଏ । ବୀମା କମ୍ପାନୀମାନଙ୍କ **ପାଖରେ**, ରାଶି ପ୍ରଦାନର ପଦ୍ଧତି **ଉପରେ ରିବେଟ୍ କୁ ପ୍ରଥମେ** କାଟିବା, ଏବଂ ତା ପରେ ବୀମା-ରାଶି **ଉପରେ ରିବେଟ୍** କୁ କାଟିବାର ଚୟନ ରହିଥାଏ ।

XVI. ଉପରୋକ୍ତ ଉଦାହରଣରେ:

| | |
|---|---|
| ଅଫିସ୍ ପ୍ରିମିୟମ | ଟଙ୍କା 32.50 |
| ରାଶି ପ୍ରଦାନର ପଦ୍ଧତି **ଉପରେ ରିବେଟ୍** | ପ୍ରିମିୟମର ବାର୍ଷିକ ପ୍ରଦାନ **ଉପରେ** 1.5 % |
| ପ୍ରିମିୟମ, ବୀମା–ରାଶି **ଉପରେ କାଟ ପରେ** | 32.50 – (32.50 ×(1.5 ÷100))= 32.0125 |

| | |
|---|---|
| ବୀମା-ରାଶି ଉପରେ ରିବେଟ୍ | ଟଙ୍କା 1.50 |
| ପ୍ରିମିୟମ, ବୀମା-ରାଶି ଉପରେ କାଟ ପରେ | 32.0125-1.50 = 30.5121 |
| ପ୍ରିମିୟମ ରାଶି | ଟଙ୍କା 1.831/- |

**ଉପରୋକ୍ତ** ହିସାବ, ପ୍ରିମିୟମ-ପ୍ରଦାନର ବାର୍ଷିକ ପଦ୍ଧତି ପାଇଁ କରାଯାଇଛି । ଯଦି ଚୟନିତ ପ୍ରିମିୟମ-ପ୍ରଦାନ ବିକଳ୍ପ ଟି ଅର୍ଦ୍ଧ-ବାର୍ଷିକ, ତମୈାସିକ, କିମ୍ବା ମାସିକ ହୁଏ; **ତେବେ,** ପ୍ରିମିୟମ-ରାଶି ଭିନ୍ନ-**ଭିନ୍ନ ହେବ, ଯେହେତୁ,** ବାର୍ଷିକ ରାଶିପ୍ରଦାନ ପାଇଁ ପ୍ରସ୍ତାବିତ-ରିବଟେ୍ ଅଧିକ **ହୋଇଥାଏ;** ଏବଂ ଅର୍ଦ୍ଧ-ବାର୍ଷିକ ତମୈାସିକ, କିମ୍ବା ମାସିକ ପଦ୍ଧତି **କ୍ଷେତ୍ରରେ ରିବଟେ୍** ହ୍ରାସ **ହୋଇଥାଏ;** ପରିଣାମ ସ୍ୱରୂପ ପ୍ରିମିୟମରେ ବୃଦ୍ଧି **ହୋଇଥାଏ** ।

***ସ୍ୱୟଂ ପରୀକ୍ଷା କରନ୍ତୁ 3***

ବୀମା କମ୍ପାନୀ ଦ୍ୱାରା ଲାଗୁ କରାଯାଇଥିବା ପ୍ରିମିୟମ, **-------- ଉପରେ ନିର୍ଭର କରେ ।**

A. ବ୍ୟକ୍ତିର ବୟସ

B. ବୀମା **ଯୋଜନାର** ପ୍ରକାର

C. ବୋନସରେ ଅଂଶଗ୍ରହଣ

D. **ଉପରୋକ୍ତ** ମଧ୍ୟରୁ ସମସ୍ତ

## 4. ବୋନସର ଅବଧାରଣା କୁ ବୁଝିବା ।

ବୋନସ:

ସହଭାଗୀ କିମ୍ବା ଲାଭ-ସହିତ ପଲିସୀ-ଧାରକମାନଙ୍କୁ ମୂଲ୍ୟାଙ୍କନ-**ଅଧିଶେଷର** ବିତରଣ, **ବୋନସ ର ଘୋଷଣା ମାଧମରେ** କରାଯାଇଥାଏ ।

**ବୋନସ ହେଉଛି** ବୀମା-ରାଶି ଅତିରିକ୍ତ **ସେହି** ଲାଭ, ଯାହାକୁ "ଲାଭ-ସହିତ" କିମ୍ବା "ସହଭାଗୀ" ପଲିସୀ-ଧାରକମାନଙ୍କୁ ବିତରଣ କରାଯାଇଥାଏ । "ଲାଭ-ସହିତ" ପଲିସୀ ଧାରଣ କରିଥିବା **ପଲିସୀ-ଧାରକମାନେ** କେବଳ, **ବୋନସ** ରେ ଏକ ଅଂଶ (ଶେୟାର) ପାଇଁ ପାତ୍ର **ହେବେ ।**

**ବୋନସ ର ପ୍ରକାର:**

ସରଳ ପ୍ରତ୍ୟାବର୍ତ୍ତୀ **ବୋନସ:** ଏହି **ପଦ୍ଧତିରେ,** ସାଧାରଣତଃ **ବୋନସକୁ** ପଲିସୀ ଅନ୍ତର୍ଗତ ମୂଳ ବୀମା-ରାଶିର କିଛି ପ୍ରତିଶତ **ହିସାବରେ** ସୂଚୀତ କରାଯାଏ, ଏବଂ ବୀମା-ରାଶିରେ **ଯୋଡ଼ା** ଯାଇଥାଏ । **ବୀମା-ରାଶିରେ ବୋନସର ସେଭଳି ଯୋଗ** କୁ 'ଭେଷ୍ଟିଙ୍ଗ୍' କୁହାଯାଏ । ସରଳ ପ୍ରତ୍ୟାବର୍ତ୍ତୀ **ବୋନସକୁ** ନିମ୍ନ **ପ୍ରକାରେ** ନିରୂପିତ କରାଯାଇଥାଏ:

| | |
|---|---|
| ବୀମା-ରାଶି d | ଟଙ୍କା 60,000/-- |
| ଘୋଷିତ-ବୋନସd | ଟଙ୍କା 3000 / -, (@ ରୁପେ 50 / - ହଜାରେ ପ୍ରତି; କିମ୍ବା 5% \| |

| | |
|---|---|
| | ସମ୍-ନିଶ୍ଚିତ) |
| | |
| ପଲିସୀ-ଧାରକଙ୍କୁ ପ୍ରଦାନ କରିବାକୁ ଥିବା **ମୋଟ** ରାଶି ହବେ ----- (ବୀମା-ରାଶି +ବୋନସ) | ଟଙ୍କା 63,000/-- |

ସରଳ ପ୍ରତ୍ୟାବର୍ତ୍ତୀ **ବୋନସକୁ**, ସାଧାରଣତଃ ବାର୍ଷିକ **ହିସାବରେ, ଘୋଷିତ** କରାଯାଏ; ଏବଂ ପଲିସୀରେ **ଯୋଡ଼ି ହୋଇ** ରହିଥାଏ, କିନ୍ତୁ ପଲିସୀର **ପରିପକ୍ୱତାରେ** କିମ୍ବା ଜୀବନ-ବୀମିତର ମୃତ୍ୟୁ ପୂର୍ବରୁ **ଦେୟ ହୋଇଥାଏ । ଥରେ ଘୋଷିତ ହୋଇଗଲେ**, ଏହାକୁ ପ୍ରତ୍ୟାହୃତ କରାଯାଇ ପାରିବ ନାହିଁ, ଏବଂ ପରିପକ୍ୱତାରେ କିମ୍ବା ଜୀବନ-ବୀମିତର **ମୃତ୍ୟୁରେ ହିଁ ଦେୟ ହୋଇଥାଏ ।** ଯଦି ପରବର୍ତ୍ତୀ **ବର୍ଷରେ ଘୋଷିତ-ବୋନସ 6%** (ଟଙ୍କା 60/- ପ୍ରତି ହଜାର) ହୁଏ, **ତେବେ, ଉପରୋକ୍ତ** ଉଦାହରଣରେ, ସହେି ବର୍ଷ ପାଇଁ **ବୋନସ** ଟଙ୍କା 3, 600/- ହବେ **।** ଏହାକୁ ବୀମା-ରାଶି ସହିତ **ଯୋଡ଼ାଯିବ**, ଏବଂ ବର୍ଷ **ସମାପ୍ତିରେ ମୋଟ** ବୀମା-ରାଶି, ଟଙ୍କା 66,600/- ହବେ, (ମୂଳ ବୀମା-ରାଶି: ଟଙ୍କା 60,000/- + ପ୍ରଥମ ବର୍ଷ **ବୋନସ**: ଟଙ୍କା 3,000/- **+** ଦ୍ୱିତୀୟ ବର୍ଷ **ବୋନସ**: ଟଙ୍କା 3,000/-) **।**

- ଚକ୍ରବୃଦ୍ଧି ପ୍ରତ୍ୟାବର୍ତ୍ତୀ **ବୋନସ :ଏହି ପଦ୍ଧତିରେ**, ଚକ୍ରବୃଦ୍ଧି ସୁଧ **ଆଧାରରେ ବୋନସ** ର ନିରୂପଣ କରାଯାଏ । ଚକ୍ରବୃଦ୍ଧି ପ୍ରତ୍ୟାବର୍ତ୍ତୀ **ବୋନସ କୁ ନିହିତ (ଭେଷ୍ଟେଡ୍) ବୋନସ ସମେତ** ବିଦ୍ୟମାନ ବୀମା–ରାଶି (S.A.) ରେ **ଯୋଡା** ଯାଇଥାଏ **। (ଉପରୋକ୍ତ ଉଦାହରଣରେ**, ଯଦି ପରବର୍ତ୍ତୀ ବର୍ଷରେ **5%** ର ଚକ୍ରବୃଦ୍ଧି ପ୍ରତ୍ୟାବର୍ତ୍ତୀ **ବୋନସ ଘୋଷିତ** କରାଯାଏ, ପରବର୍ତ୍ତୀ ବୀମା–ରାଶି (S.A.) ହେବ ଟଙ୍କା 66, 150/-; (ଟଙ୍କା 63000 + (ଟଙ୍କା 63 000×5 ÷ 100))) **।**
- ଆବଧିକ **ବୋନସ:ଏ** ଏହାଏ ଏକ **ଗୋଟିଏ**-ସମୟ **ବୋନସ ଅଟେ**, ଯାହାକୁ **ଯେତେ** ସମୟ ପର୍ଯ୍ୟନ୍ତ, ପଲିସୀ ଏକ ବିନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଚାଲୁ ରହିଛି, ପରିପକ୍ୱତା **ହେବା ପରେ** କିମ୍ପା ଜୀବନ-ବୀମିତର **ମୃତ୍ୟୁ**ରେ, ଦୀର୍ଘାବଧି ପଲିସୀଗୁଡିକ ପାଇଁ, ପ୍ରଦାନ କରାଯାଏ **।** ପ୍ରଦାନ କରାଯାଉଥିବା **ବୋନସ**, ବୀମା କମ୍ପାନୀ ଦ୍ୱାରା କରାଯାଇଥିବା ଲାଭ **ଉପରେ** ନିର୍ଭର **କରେ ।** ଆବଧିକ **ବୋନସ ହେଉଛି ସେହି** ରାଶି, ଯାହାକୁ, ଏହାର ପରିପକ୍ୱତା **ସମୟରେ ,ପଲିସୀରେ ଯୋଡ଼ାଯାଇଥାଏ ।** ଆବଧିକ **ବୋନସ କୁ ପଲିସୀରେ ସମନୁଦେଶିତ କରାଯାଇଥାଏ କେବଳ ସେତେବେଳେ, ଯେତେବେଳେ,** ପଲିସୀ ଏହାର ପାତ୍ରତା ସମୟକୁ ପହଞ୍ଚିଥାଏ, ଏବଂ ଯାହା ବୀମା କମ୍ପାନୀ-ବୀମା କମ୍ପାନୀ **ମଧ୍ୟରେ** ଭିନ୍ନ ଭିନ୍ନ **ହୋଇଥାଏ ।** ଏହା ଏକ **ପ୍ରୋତ୍ସାହନ ରୂପେ କାର୍ଯ୍ୟ କରେ**, ଯାହା ପଲିସୀ-ଧାରକ(ମାନ)ଙ୍କୁ **ସେମାନଙ୍କ** ପଲିସୀଗୁଡିକୁ, **ପ୍ରଭାବୀ ରୂପେ**, ଚାଲୁ ରଖିବାରେ **ପ୍ରୋତ୍ସାହିତ** କରିଥାଏ **।**

## ଅନ୍ତରିମ ବୋନସ:

ଅନ୍ତରିମ **ବୋନସ ସେହିସବୁ** ପଲିସୀ **ଉପରେ ଦେୟ ହୋଇଥାଏ ଯେଉଁଠି** ଏକ ଅନ୍ତିମ ରାଶିପ୍ରଦାନ ଦୁଇ ମୂଲ୍ୟାଙ୍କନ-ତାରିଖ **ମଧ୍ୟରେ ଦେୟ ହୋଇଥାଏ । ପ୍ରତ୍ୟେକ** ବର୍ଷ, 31 ମାର୍ଚ୍ଚ ପର୍ଯ୍ୟନ୍ତ, ମୂଲ୍ୟାଙ୍କନ **ପରେ ବୋନସ ଘୋଷଣା** କରାଯାଇଥାଏ **। କେବଳ ସେହିସବୁ** ପଲିସୀ, ଯାହା 31 ମାର୍ଚ୍ଚ ଦିନ ପ୍ରଭାବୀ ଥାଆନ୍ତି,

**ସେସବୁକୁ** **ବୋନସ** ପ୍ରଦାନ କରିବା ପାଇଁ ସମ୍ମିଳିତ କରାଯାଇଥାଏ । **ସେହି** ସବୁ ପଲିସୀ ଯାହା **31** ମାର୍ଚ୍ଚ **ପରେ** ପ୍ରାରମ୍ଭ **ହୋଇଥିବ ,ସେଗୁଡିକ** ମୂଲ୍ୟାଙ୍କନ-ତାରିଖ ପର୍ଯ୍ୟନ୍ତ, ଲାଭସବୁ ପାଇଁ ଅଧିକାରୀ **ହୋଇପାରିବେ** ନାହିଁ । ତଣ୍ଟେ, **ସେହିସବୁ** ପଲିସୀ ଯାହା ଦୁଇ ମୂଲ୍ୟାଙ୍କନ **ମଧରେ** ସମାପ୍ତ **ହୋଇଥାନ୍ତି**, ସସେବୁର ରାଶିପ୍ରଦାନ କରିବା ପାଇଁ, ଏହି ପଲିସୀ-ଧାରକମାନଙ୍କ ପାଇଁ ଅନ୍ତରିମ **ବୋନସ ଘୋଷଣା କରାଯାଇଥାଏ ।**

**ସ୍ୱୟଂ ପରୀକ୍ଷା କରନ୍ତୁ** 4

**ସେହି** ପ୍ରକାରର **ବୋନସ** କ'ଣ **ଅଟେ**, ଯାହାକୁ ସହେସବୁ ପଲିସୀ **ଉପରେ** ପ୍ରଦାନ କରାଯାଏ ଯାହାର ଦାବୀ ଦୁଇ ମୂଲ୍ୟାଙ୍କନ **ମଧରେ ହୋଇଥାଏ** ?

A. ଆବଧିକ **ବୋନସ**

B. ଅନ୍ତରିମ **ବୋନସ**

C. ସରଳ ପ୍ରତ୍ୟାବର୍ତ୍ତୀ **ବୋନସ**

D. ଚକ୍ରବୃଦ୍ଧି ପ୍ରତ୍ୟାବର୍ତ୍ତୀ **ବୋନସ**

**ସାରାଂଶ**

- ପ୍ରିମିୟମ **ସେହି** ବିନିର୍ଦ୍ଦିଷ୍ଟ ରାଶିକୁ ସୂଚୀତ **କରେ** ଯାହାକୁ, ବୀମିତକୁ, ପଲିସୀ-ସର୍ତ୍ତାବଳୀ ଅନୁଯାୟୀ, ଆବଧିକ **ରୂପେ**, ବୀମା କମ୍ପାନୀକୁ ପ୍ରଦାନ କରିବାକୁ ପଡିଥାଏ ।
- ପ୍ରିମିୟମ**-ପ୍ରଦାନରେ** ଏକ ତ୍ରୁଟିର ପରିଣାମ ପଲିସୀର ବ୍ୟପଗମନ **ହୋଇପାରେ ।**
- ମୃତ୍ୟୁହାର ସାରଣୀ, **ପ୍ରତ୍ୟେକ** ଆୟୁ(ବୟସ) ଓ ଲିଙ୍ଗ ପାଇଁ, ମୃତ୍ୟୁହାର ଦର ରୁ ଅନ୍ତର୍ଭୁକ୍ତ **କରେ**, ଯାହାକୁ ପ୍ରିମିୟମ **ନିରୂପଣରେ** ବ୍ୟବହାର କରାଯାଏ ।
- ଏକ ମୃତ୍ୟୁହାର ଦର **ସେହି** ସମ୍ଭାବନା **ଅଟେ ଯେ** ଏକ ବ୍ୟକ୍ତି, ତାଙ୍କ ପରବର୍ତ୍ତୀ ଜନ୍ମ-ଦିବସ ପୂର୍ବରୁ, **ମରିଯାଇପାରେ ।**
- **ବୀମାଙ୍କକମାନେ ସେହି** ବ୍ୟବସାୟିକ ଅଟନ୍ତି **,ଯେଉଁମାନେ** ସଙ୍କଟ ଓ ଅନିଶ୍ଚିତତାର ମାପ ଏବଂ ପ୍ରବନ୍ଧନ ପାଇଁ ମଧ୍ୟ କାର୍ଯ୍ୟ କରନ୍ତି । **ସେମାନେ**, ଅନ୍ୟ ବିଭିନ୍ନ କାର୍ଯ୍ୟ ସହିତ, ବିଭିନ୍ନ ଗାଣିତିକ, ସାଂଖ୍ୟିକ, ଏବଂ ଆର୍ଥିକ **ମୋଡେଲ** ବ୍ୟବହାର କରି, ସଙ୍କଟ ଘଟିବା ଓ **ସେମାନଙ୍କ** ପ୍ରଭାବକୁ ବିଶ୍ଳେଷଣ କରନ୍ତି ।
- **ଲୋଡିଙ୍ଗ୍ ହେଉଛି** ପ୍ରିମିୟମର ଏକ ଅଂଶ ଯଦେଁଥିରେ, ବ୍ୟବସାୟର କାର୍ଯ୍ୟକଳାପଗୁଡିକର ପ୍ରବନ୍ଧନ କରିବା ପାଇଁ, ବୀମା କମ୍ପାନୀ ଦ୍ୱାରା କରାଯାଇଥିବା ବିଭିନ୍ନ ଖର୍ଚ୍ଚ ଅନ୍ତର୍ଭୁକ୍ତ **ହୋଇଥାନ୍ତି ।**
- ସମ(ସମାନ) ପ୍ରିମିୟମ **ରେ**, ପଲିସୀର ସଂମ୍ପୂର୍ଣ୍ଣ ଅବଧି ପାଇଁ, ପ୍ରିମିୟମ ସ୍ଥିର (ଅପରିବର୍ତ୍ତନୀୟ) ରହିଥାଏ ।
- ବୀମା କମ୍ପାନୀମାନଙ୍କ ଦ୍ୱାରା ଲାଗୁ କରାଯାଉଥିବା ପ୍ରିମିୟମ, **ପ୍ରତ୍ୟେକ** ବ୍ୟକ୍ତି ପାଇଁ ଭିନ୍ନ-ଭିନ୍ନ **ହୋଇଥାଏ**, ଏବଂ ପ୍ରିମିୟମ-ନିର୍ଦ୍ଧାରଣ ବିଭିନ୍ନ କାରକ **ଉପରେ** ଆଧାରିତ **ହୋଇଥାଏ**: ବ୍ୟକ୍ତିର ବୟସ,ତାର ମଡେିକାଲ ସ୍ଥିତି, ବୀମା-ରାଶି, ମୃତ୍ୟୁହାର ଦର, ବୀମା **ଯୋଜନାର** ପ୍ରକାର, ଏବଂ ଅନ୍ୟାନ୍ୟ

**ଅନେକ** କାରକ, ଯାହା ବ୍ୟକ୍ତି-ବ୍ୟକ୍ତି **ମଧ୍ୟରେ** ଭିନ୍ନ-ଭିନ୍ନ **ହୋଇଥାଏ ,ଯେପରି** କି, ତାର ପରିବାର ଇତିହାସ, ସାମାଜିକ ଅଭ୍ୟାସ, ବ୍ୟବସାୟ, ଇତ୍ୟାଦି ।

- **ବୋନସ ହେଉଛି** ବୀମା-ରାଶି ଅତିରିକ୍ତ **ସେହି** ଲାଭ, ଯାହାକୁ 'ଲାଭ-ସହିତ' କିମ୍ବା 'ସହଭାଗୀ' ପଲିସୀ-ଧାରକମାନଙ୍କ **ମଧ୍ୟରେ** ବିତରଣ କରାଯାଇଥାଏ ।
- ଅନ୍ତରିମ **ବୋନସ ସେହିସବୁ** ପଲିସୀ ଅନ୍ତର୍ଗତ **ଦେୟ ହୋଇଥାଏ ,ଯେଉଁଠି,** ଅନ୍ତିମ ସଂଦାୟ 2 ମୂଲ୍ୟାଙ୍କନ-ତାରିଖ **ମଧ୍ୟରେ ଦେୟ ହୋଇଥାଏ ।**

# ବିଭାଗ

# ସ୍ୱାସ୍ଥ୍ୟ ବିଭାଗ

# ଅଧ୍ୟାୟ H-01

## ସ୍ୱାସ୍ଥ୍ୟ ବୀମାର ପରିଚୟ

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟ ଆପଣମାନଙ୍କୁ କହିବ ବୀମା କିପରି ସମୟ କ୍ରମେ ବିକଶିତ ହେଲା । ସ୍ୱାସ୍ଥ୍ୟସେବା ପ୍ରଣାଳୀ କ'ଣ ଅଟେ, ସ୍ୱାସ୍ଥ୍ୟସେବାର ସ୍ତର ଏବଂ ସ୍ୱାସ୍ଥ୍ୟସେବାର ପ୍ରକାର ଉପରେ ମଧ୍ୟ ଏହା ବ୍ୟାଖ୍ୟା କରିବ । ଆପଣ ଭାରତରେ ସ୍ୱାସ୍ଥ୍ୟ ସେବା ପ୍ରଣାଳୀ ଏବଂ ଏହାକୁ ପ୍ରଭାବିତ କରୁଥିବା କାରକ ବିଷୟରେ ମଧ୍ୟ ଶିଖିବେ । ପରିଶେଷରେ, ଭାରତରେ ସ୍ୱାସ୍ଥ୍ୟ ବୀମା କପରି ବିକଶିତ ହେଲା ଏବଂ ଭାରତୀୟ ସ୍ୱାସ୍ଥ୍ୟ ବୀମା ବଜାରରେ ବିଭିନ୍ନ ବ୍ୟବସାୟୀ ବିଷୟରେ ମଧ୍ୟ ଏହା ବ୍ୟାଖ୍ୟା କରିବ ।

**ଅଧ୍ୟୟନ ପରିଣାମ**

A. **ସ୍ୱାସ୍ଥ୍ୟ ସେବାକୁ ବୁଝିବା**

B. **ସ୍ୱାସ୍ଥ୍ୟସେବା ର ସ୍ତର**

C. **ସ୍ୱାସ୍ଥ୍ୟସେବା ର ପ୍ରକାର**

D. **ଭାରତରେ ସ୍ୱାସ୍ଥ୍ୟ ବୀମାର ବିକାଶ**

E. **ସ୍ୱାସ୍ଥ୍ୟ ବୀମା ବଜାର**

ଏହି ଅଧ୍ୟାୟ ଅଧ୍ୟୟନ କରିବା ପରେ, ଆପଣମାନେ ସକ୍ଷମ ହେବେ:

a) ବୀମା କିପରି ବିକଶିତ ହେଲା, ତାହା ବୁଝିବା ପାଇଁ ।

b) ସ୍ୱାସ୍ଥ୍ୟସେବାର ଅବଧାରଣା ଏବଂ ସ୍ୱାସ୍ଥ୍ୟସେବାର ପ୍ରକାର ଓ ସ୍ତରଗୁଡିକୁ ବ୍ୟାଖ୍ୟା କରିବା ପାଇଁ

c) ଭାରତରେ ସ୍ୱାସ୍ଥ୍ୟସେବାକୁ ପ୍ରଭାବିତ କରୁଥିବା କାରକ ଏବଂ ସ୍ୱାଧୀନତା ଠାରୁ ହୋଇଥିବା ପ୍ରଗତିର ମୂଲ୍ୟାଙ୍କନ କରିବା ପାଇଁ

d) ଭାରତରେ ସ୍ୱାସ୍ଥ୍ୟ ବୀମାର ବିକାଶକୁ ଆଲୋଚନା କରିବା ପାଇଁ ।

e) ଭାରତରେ ସ୍ୱାସ୍ଥ୍ୟ ବୀମା ବଜାରକୁ ଜାଣିବା ପାଇଁ ।

## A. ସ୍ୱାସ୍ଥ୍ୟ ସେବାକୁ ବୁଝିବା

'Health' (ସ୍ୱାସ୍ଥ୍ୟ) ଶବ୍ଦକୁ 'hoelth' ଶବ୍ଦରୁ ପ୍ରାପ୍ତ କରାଯାଇଛି, ଯାହାର ଅର୍ଥ ହେଉଛି 'ଶରୀରର ସୁସ୍ଥତା (ଆରୋଗ୍ୟତା)' ।

ପୁରାତନ ସମୟରେ, ସ୍ୱାସ୍ଥ୍ୟକୁ ଏକ 'ସ୍ୱର୍ଗୀୟ ଦାନ' ରୂପେ ବିବେଚନା କରାଯାଉଥିଲା ଏବଂ ଅସୁସ୍ଥତା କୁ ସମ୍ବନ୍ଧିତ ବ୍ୟକ୍ତି ଦ୍ୱାରା କରାଯାଇଥିବା ପାପ କାରଣରୁ ହୋଇଛି ବୋଲି ବିଶ୍ୱାସ କରାଯାଉଥିଲା । ଏହା ହିପୋକ୍ରେଟସ୍ (ଖ୍ରୀ.ପୂ 460 ଠାରୁ 370 ) ଥିଲେ ଯିଏ ଅସୁସ୍ଥତା/ରୋଗ ପଛରେ ଥିବା କାରଣ ବାହାର କରିଥିଲେ । ତାଙ୍କ ଅନୁସାରେ, ବାତାବରଣ,ସ୍ୱଚ୍ଛତା, ବ୍ୟକ୍ତିଗତ ସ୍ୱଚ୍ଛତା ଏବଂ ଆହାର ସମ୍ବନ୍ଧୀୟ ବିଭିନ୍ନ କାରକର କାରଣରୁ ରୋଗ ହୋଇଥାଏ । ପ୍ରାଚୀନ ଭାରତର ବୈଦିକ ସାହିତ୍ୟ କୁହେ 'ଆରୋଗ୍ୟମେ ମହାଭାଗ୍ୟମ୍' ଯାହାର ଅର୍ଥ ହେଉଛି 'ସ୍ୱାସ୍ଥ୍ୟ ହିଁ ମହାଭାଗ୍ୟ ଅଟେ' କିମ୍ବା ଅନ୍ୟ ଶବ୍ଦରେ 'ସ୍ୱାସ୍ଥ୍ୟ ହିଁ ଧନ'। ପ୍ରାଚୀନ, ଭାରତର ଅନେକ ଆଲେଖ (ପ୍ରକରଣ) ଯେପରି କି ଅଥର୍ବ ବେଦ, ଚରକ ସଂହିତା, ସୁଶ୍ରୁତ ସଂହିତା, ଅଷ୍ଟାଙ୍ଗ ହୃଦୟମ୍, ଅଷ୍ଟାଙ୍ଗ ସଂଗ୍ରହ, ଭେଲ ସଂହିତା ଏବଂ କାଶ୍ୟପ ସଂହିତା ପୁରାତନ ସମୟରେ ଭାରତରେ ପ୍ରଚଳିତ ଥିବା ଉପଚାରାତ୍ମକ ପରମ୍ପରା ଉପରେ ଆଲୋଚନା କରନ୍ତି ।

### ପରିଭାଷା

ଦ୍ୱାରା ଦିଆଯାଇଥିଲା-'*ସ୍ୱାସ୍ଥ୍ୟ ହେଉଛି ସଂପୂର୍ଣ୍ଣ ଶାରୀରିକମାନସିକ ଏବଂ ସାମାଜିକ ସୁସ୍ଥତା , / କୁଶଳତାର ଏକ ଅବସ୍ଥା ଏବଂ କେବଳ ରୋଗ କିମ୍ବା ଦୁର୍ବଳତାର ଅନୁପସ୍ଥିତି ନୁହଁ* ।'

---

ସ୍ୱାସ୍ଥ୍ୟର ନିର୍ଦ୍ଧାରକ

ଏହା ସାଧାରଣତଃ ବିଶ୍ୱାସ କରାଯାଏ ଯେ ନିମ୍ନଲିଖିତ କାରକଗୁଡିକ କୌଣସି ବ୍ୟକ୍ତିର ସ୍ୱାସ୍ଥ୍ୟର ନିର୍ଦ୍ଧାରଣ କରନ୍ତି:

a) **ଜୀବନ ଶୈଳୀ କାରକ**

ଜୀବନ ଶୈଳୀ କାରକ ସେଗୁଡିକ ଅଟନ୍ତି ଯେଉଁଗୁଡିକ ଅଧିକାଂଶତଃ ସମ୍ବନ୍ଧିତ ବ୍ୟକ୍ତିର ନିୟନ୍ତ୍ରଣରେ ରହିଥାନ୍ତି, ଉ.ସ୍ୱ. ବ୍ୟାୟାମ କରିବା ଏବଂ ସୀମା ମଧ୍ୟରେ ଭୋଜନ କରିବା, ବ୍ୟାକୁଳତା/ଚିନ୍ତା, ଯାହା କାରଣରୁ କ୍ୟାନସର୍, ଏଡ୍ସ, ଉଚ୍ଚ ରକ୍ତଚାପ ଓ ମଧୁମେହ, କେବଳ କିଛି ନାମ ନେବା ପାଇଁ, ହୋଇଥାଏ, ତାହାକୁ ଏଡ଼େଇବା ଯାହାର ପରିଣାମ ଉତ୍ତମ ସ୍ୱାସ୍ଥ୍ୟ ହୋଇଥାଏ ।

**b) ପରିବେଶଗତ କାରଣଗୁଡିକ**

ଇନଫ୍ଲୁଏନ୍ଜା ଓ ଚିକେନ୍ପକ୍ସ ଭଳି ସଂକ୍ରାମକ ରୋଗଗୁଡିକ ଖରାପ ସ୍ୱଚ୍ଛତା ଯୋଗୁଁ ବ୍ୟାପିଥାଏ, ମ୍ୟାଲେରିଆ ଓ ଡେଙ୍ଗୁ ଭଳି ରୋଗଗୁଡିକ ଖରାପ ପର୍ଯ୍ୟାବରଣ ସମ୍ବନ୍ଧୀୟ ସ୍ୱଚ୍ଛତା ଯୋଗୁଁ ବ୍ୟାପିଥାଏ, ଯେତେବେଳେ କି କିଛି ରୋଗ ବାତାବରଣ ସମ୍ବନ୍ଧୀୟ କାରକ ଯୋଗୁଁ ବି ହୋଇଥାଏ ।

c) **ଆନୁବଂଶିକ କାରକ**

ରୋଗଗୁଡିକ ପିତାମାତାଙ୍କ ଠାରୁ ଛୁଆପିଲାମାନଙ୍କ ପାଖକୁ ଜିନ୍ ମାଧ୍ୟମରେ ସଂଚାରିତ ହୋଇଥାନ୍ତି । ସେଭଳି ଆନୁବଂଶିକ କାରକ ଫଳରେ ଜାତି, ଭୌଗଳିକ ସ୍ଥିତି ଏବଂ ଏପରିକି ସଂପ୍ରଦାୟ ଆଧାରରେ ସାରା ବିଶ୍ୱରେ ଲୋକମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ସ୍ୱାସ୍ଥ୍ୟ ପ୍ରବୃତ୍ତି ବ୍ୟାପିଯାଇଛି ।

ଏହା ଅତ୍ୟନ୍ତ ସ୍ପଷ୍ଟ ଯେ ଏକ ଦେଶର ସାମାଜିକ ଏବଂ ଆର୍ଥିକ ପ୍ରଗତି ଏହାର ଲୋକମାନଙ୍କ ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ । ଏହା ଏକ ପ୍ରଶ୍ନ ଉଠାଏ ଯେ ବିଭିନ୍ନ ପରିସ୍ଥିତି ପାଇଁ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟସେବାର ଆବଶ୍ୟକତା ଅଛି କି?

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ନିମ୍ନ ମଧ୍ୟରୁ କେଉଁ ରୋଗପାଇଁ ଜୀବନ ଶୈଳୀ କାରକକୁ ଆରୋପିତ କରାଯାଏ ନାହିଁ (ଅର୍ଥାତ୍ ବ୍ୟକ୍ତିର ନିୟନ୍ତ୍ରଣରେ ନ ଥାଏ) ?

I. କ୍ୟାନସର

II. ଏଡ୍ସ

III. ମ୍ୟାଲେରିଆ

IV. ଉଚ୍ଚ ରକ୍ତଚାପ

## B. ସ୍ୱାସ୍ଥ୍ୟ ସେବାର ସ୍ତର

ସ୍ୱାସ୍ଥ୍ୟସେବା/ସ୍ୱାସ୍ଥ୍ୟଯତ୍ନ ଲୋକମାନଙ୍କ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା, ବଜାୟ ରଖିବା, ନିରୀକ୍ଷଣ କରିବା କିମ୍ବା ସୁଧାରିବା ପାଇଁ ସରକାରଙ୍କ ସମେତ ବିଭିନ୍ନ ଏଜେନ୍ସି ଓ ପ୍ରଦାନକାରୀ ଦ୍ୱାରା ପ୍ରଦାନ କରାଯାଉଥିବା ସେବାର ଏକ ସମୂହ ବ୍ୟତୀତ ଆଉ କିଛି ନୁହେଁ । ପ୍ରଭାବଶାଳୀ ହେବା ପାଇଁ ସ୍ୱାସ୍ଥ୍ୟ ସେବା ନିଶ୍ଚିତ ରୂପେ ହେବା ଉଚିତ୍:

- ଲୋକମାନଙ୍କ ଆବଶ୍ୟକତା ପାଇଁ ଉପଯୁକ୍ତ
- ବ୍ୟାପକ
- ପର୍ଯ୍ୟାପ୍ତ
- ସହଜରେ ଉପଲବ୍ଧ
- ଶସ୍ତା

ସ୍ୱାସ୍ଥ୍ୟ ସେବା ସୁବିଧାଗୁଡିକ ଜନ ସମୁଦାୟ ପାଇଁ ରୋଗ ହେବାର ସମ୍ଭାବ୍ୟତା ଆଧାରରେ ହେବା ଉଚିତ୍ । ଉଦାହରଣ ସ୍ୱରୂପ,ଏକ ବ୍ୟକ୍ତି ଗୋଟିଏ ବର୍ଷରେ ଅନେକ ଥର ଜ୍ୱର, ଥଣ୍ଡା, କଫ, ଚର୍ମ ଏଲର୍ଜି ଇତ୍ୟାଦିରେ ଆକ୍ରାନ୍ତ ହୋଇପାରେ, କିନ୍ତୁ ଥଣ୍ଡା ଓ କଫ ତୁଳନାରେ ହେପାଟାଇଟିସ୍ – ବି ଦ୍ୱାରା ତାର ଆକ୍ରାନ୍ତ ହେବାର ସମ୍ଭାବ୍ୟତା କମ୍ ଅଟେ ।

ତେଣୁକରି, ଏକ ଗ୍ରାମ କିମ୍ବା ଏକ ଜିଲ୍ଲା କିମ୍ବା ଏକ ରାଜ୍ୟ, ଯାହା ବି ହୋଇଥାଉ, ଯେ କୌଣସି କ୍ଷେତ୍ରରେ ସ୍ୱାସ୍ଥ୍ୟସେବା ସୁବିଧାଗୁଡିକର ପ୍ରତିଷ୍ଠା କରିବାର ଆବଶ୍ୟକତା ସେହି କ୍ଷେତ୍ରର ସୂଚକ କୁହାଯାଉଥିବା ବିଭିନ୍ନ ସ୍ୱାସ୍ଥ୍ୟ ସେବା କାରକ ଉପରେ ଆଧାରିତ ହେବ ଯଥା:

- ✓ ଲୋକ ସଂଖ୍ୟାର ଆକାର
- ✓ ମୃତ୍ୟୁ ହାର
- ✓ ଅସୁସ୍ଥତା/ ବେମାରୀ ର ହାର

- ✓ ବିକଳାଙ୍ଗତା ହାର
- ✓ ଲୋକମାନଙ୍କ ସାମାଜିକ ଓ ମାନସିକ ସ୍ୱାସ୍ଥ୍ୟ
- ✓ ଲୋକମାନଙ୍କ ସାଧାରଣ ପୋଷଣ ସମ୍ବନ୍ଧୀୟ ସ୍ଥିତି
- ✓ ପର୍ଯ୍ୟାବରଣ ସମ୍ବନ୍ଧୀୟ କାରକ ଯେପରି କି ଏହା ଏକ ଖଣି କ୍ଷେତ୍ର କିମ୍ବା ଔଦ୍ୟୋଗିକ କ୍ଷେତ୍ର ଅଟେ କି
- ✓ ସମ୍ଭାବ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନକର୍ତ୍ତା ପ୍ରଣାଳୀ, ଉ.ସ୍ୱ. ଏକ ଗାଆଁରେ ହୃଦୟ ଡାକ୍ତର ହୁଏତ ହଠାତ୍ ଉପଲବ୍ଧ ହୋଇ ନ ପାରନ୍ତି କିନ୍ତୁ ଏକ ସହରରେ ରହି ପାରନ୍ତି
- ✓ କେତେ ପରିମାଣର ସ୍ୱାସ୍ଥ୍ୟ ସେବା ପ୍ରଣାଳୀକୁ ଉପଯୋଗ କରିବାର ସମ୍ଭାବନା ଅଛି
- ✓ ସାମାଜିକ-ଆର୍ଥିକ କାରକ ଯଥା: ସାମର୍ଥ୍ୟ

ଉପରୋକ୍ତ କାରକଗୁଡ଼ିକ ଆଧାରରେ, ସରକାର ପ୍ରାଥମିକ, ଦ୍ୱିତୀୟକ ଓ ତୃତୀୟକ ସ୍ୱାସ୍ଥ୍ୟ ସେବା ପାଇଁ କେନ୍ଦ୍ର ଗୁଡ଼ିକ ସ୍ଥାପିତ କରିବା ଉପରେ ନିଷ୍ପତ୍ତି ନିଅନ୍ତି ଏବଂ ଜନ ସମୁଦାୟ ପାଇଁ ଶସ୍ତା ଓ ଅଭିଗମ୍ୟ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଅନ୍ୟାନ୍ୟ ପଦକ୍ଷେପ ନେଇଥାନ୍ତି ।

## C. ସ୍ୱାସ୍ଥ୍ୟ ସେବାର ପ୍ରକାର

ସ୍ୱାସ୍ଥ୍ୟ ସେବାକୁ ମୁଖ୍ୟତଃ ନିମ୍ନ ପ୍ରକାରେ ବର୍ଗୀକୃତ କରାଯାଇପାରେ:

### 1. ପ୍ରାଥମିକ ସ୍ୱାସ୍ଥ୍ୟସେବା

ପ୍ରାଥମିକ ସ୍ୱାସ୍ଥ୍ୟସେବା  ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ଛୋଟ ଛୋଟ କ୍ଲିନିକ୍ ଯାହା ସହିତ କୌଣସି ଅସୁସ୍ଥତା ପାଇଁ ରୋଗୀ ଦ୍ୱାରା ପ୍ରଥମେ ଯୋଗାଯୋଗ କରାଯାଇଥାଏ, ଏଗୁଡ଼ିକୁ ସୂଚୀତ କରେ, ଅର୍ଥାତ୍ କହିବାକୁ ଗଲେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପ୍ରଦାନକର୍ତ୍ତା ହେଉଛି ଏକ ସ୍ୱାସ୍ଥ୍ୟ ପ୍ରଣାଳୀ ମଧ୍ୟରେ ସମସ୍ତ ରୋଗୀଙ୍କ ପାଇଁ ସଂପର୍କର ପ୍ରଥମ ବିନ୍ଦୁ ।

ଉଦାହରଣ ସ୍ୱରୂପ, ଯଦି ଏକ ବ୍ୟକ୍ତି ଜ୍ୱର ପାଇଁ ଏକ ଡାକ୍ତରଙ୍କ ପାଖକୁ ଯାଏ ଏବଂ ପ୍ରଥମ ରୋଗ ନିର୍ଣ୍ଣୟ ଡେଙ୍ଗୁ ଜ୍ୱରର ସୂଚକ ହୋଇଥାଏ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା ପ୍ରଦାନକର୍ତ୍ତା କେବଳ କିଛି ଔଷଧର ପରାମର୍ଶ ଦେବ ନାହିଁ, କିନ୍ତୁ ବିଶେଷୀକୃତ ଚିକିତ୍ସା ପାଇଁ ରୋଗୀକୁ ଏକ ଡାକ୍ତରଖାନାରେ ଭର୍ତ୍ତି ହେବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେବ ।

ଏକ ଦେଶ ସ୍ତରରେ, ପ୍ରାଥମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ରଗୁଡ଼ିକ ଉଭୟ ସରକାର ଏବଂ ବେସରକାରୀ ବ୍ୟବସାୟୀମାନଙ୍କ ଦ୍ୱାରା ସ୍ଥାପିତ କରାଯାଏ । ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ରଗୁଡ଼ିକ ଜନସଂଖ୍ୟାର ଆକାର ଉପରେ ନିର୍ଭର କରି ସ୍ଥାପିତ କରାଯାଇଥାଏ ଏବଂ ଗ୍ରାମ୍ୟ ସ୍ତରରେ ଅବସ୍ଥିତ ।

### 2. ଦ୍ୱିତୀୟକ ସ୍ୱାସ୍ଥ୍ୟସେବା

ଦ୍ୱିତୀୟକ ସ୍ୱାସ୍ଥ୍ୟସେବା ମେଡିକାଲ ବିଶେଷଜ୍ଞ ଓ ଅନ୍ୟ ସ୍ୱାସ୍ଥ୍ୟ ପ୍ରଫେଶନାଲ୍ ଦ୍ୱାରା ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ ସେବାକୁ ସୂଚୀତ କରେ ଯାହାକଙ୍କ ସାଧାରଣତଃ ରୋଗୀ ସହିତ ପ୍ରତ୍ୟକ୍ଷ ସଂପର୍କ ନ ଥାଏ । ଏହା ଏକ ଗମ୍ଭୀର ରୋଗ ପାଇଁ ଏକ ଅଳ୍ପ ଅବଧି ପାଇଁ ଚିକିତ୍ସା ଆବଶ୍ୟକ କରୁଥିବା ଗହନ ସେବାକୁ ସମ୍ମିଳିତ କରେ, ଅନେକ ସମୟରେ (କିନ୍ତୁ ଆବଶ୍ୟକ ରୂପେ ନୁହେଁ) ଏକ ଆନ୍ତଃ-ରୋଗୀ ରୂପେ, ଯେଉଁଥିରେ ଅନ୍ତର୍ଭୁକ୍ତ ହୋଇଥାନ୍ତି ଗହନ ଯତ୍ନ ସେବା, ଆମ୍ବୁଲ୍ୟାନସ୍ ସୁବିଧା, ପ୍ୟାଥୋଲୋଜି, ଡାଇଗ୍ନୋଷ୍ଟିକ୍ ଏବଂ ଅନ୍ୟ ଆବଶ୍ୟକୀୟ ମେଡିକାଲ ସେବା ।

3. **ତୃତୀୟକ ସ୍ୱାସ୍ଥ୍ୟ ସେବା**

ତୃତୀୟକ ସ୍ୱାସ୍ଥ୍ୟ ସେବା ହେଉଛି ବିଶେଷୀକୃତ ପରାମର୍ଶ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସେବା, ସାଧାରଣତଃ ଆନ୍ତଃ-ରୋଗୀମାନଙ୍କ ପାଇଁ ଏବଂ ପ୍ରାଥମିକ/ଦ୍ୱିତୀୟକ ସେବା ପ୍ରଦାନକର୍ତ୍ତାମାନଙ୍କ ଠାରୁ ରେଫରାଲ୍ ଆଧାରରେ I

ତୃତୀୟକ ସ୍ୱାସ୍ଥ୍ୟ ସେବା ପ୍ରଦାନକର୍ତ୍ତାମାନେ ସେହିମାନେ ହୋଇଥାନ୍ତି ଯେଉଁମାନଙ୍କ ପାଖରେ ଉନ୍ନତ ମେଡିକାଲ ସୁବିଧା ଓ ମେଡିକାଲ ପ୍ରଫେଶନାଲ୍ ଥାଆନ୍ତି, ଯାହା ଦ୍ୱତିୟକ ସ୍ୱାସ୍ଥ୍ୟ ସେବାର ସୀମାର ବାହାରେ ହୋଇଥାଏ, ଉ.ସ୍ୱ. ଅନ୍କୋଲୋଜି (କ୍ୟାନସର୍ ଚିକିତ୍ସା), ଅଙ୍ଗ ପ୍ରତ୍ୟାରୋପଣ ସୁବିଧା. ଉଚ୍ଚ ସଙ୍କଟ ବିଶିଷ୍ଟ ଗର୍ଭାବସ୍ଥା ବିଶେଷଜ୍ଞ ଇତ୍ୟାଦି I

ଏହାକୁ ଧ୍ୟାନ ଦେବାକୁ ପଡ଼ିବ ଯେ ଯେପରି ସେବାର ସ୍ତର ବଢିଥାଏ, ସେବା ସହିତ ସଂପୃକ୍ତ ଖର୍ଚ୍ଚ ମଧ୍ୟ ବଢ଼ିଥାଏ I ବିଭିନ୍ନ ସ୍ତରର ସେବା ପାଇଁ ଆଧାରିକ ସଂରଚନା ବି ଦେଶ ଦେଶ ମଧ୍ୟରେ, ଗ୍ରାମୀଣ-ସହରୀ କ୍ଷେତ୍ରରେ ଭିନ୍ନ ଭିନ୍ନ ହୋଇଥାଏ, ଯେତେବେଳେ କି ସାମାଜିକ-ଆର୍ଥିକ କାରକ ମଧ୍ୟ ତାହାକୁ ପ୍ରଭାବିତ କରିଥାଏ I

**ସ୍ୱୟଂ ପରୀକ୍ଷା କରନ୍ତୁ 2**

ନିମ୍ନ ମଧ୍ୟରୁ କେଉଁଟି ପ୍ରାଥମିକ ସ୍ୱାସ୍ଥ୍ୟ ସେବାର ଅଂଶ ଅଟେ ?

I. ଜ୍ୱର
II. କ୍ୟାନସର
III. ଅଙ୍ଗ ପ୍ରତ୍ୟାରୋପଣ
IV. ଉଚ୍ଚ ସଙ୍କଟ ବିଶିଷ୍ଟ ଗର୍ଭାବସ୍ଥା

## D. ଭାରତରେ ସ୍ୱାସ୍ଥ୍ୟ ବୀମାର ବିକାଶ

ଯେତେବେଳେ ସରକାର ସ୍ୱାସ୍ଥ୍ୟ ସେବା ଉପରେ ତାଙ୍କ ନୀତି ନିର୍ଣ୍ଣୟରେ ବ୍ୟସ୍ତ ଥାଆନ୍ତି I ଏହା ସ୍ୱାସ୍ଥ୍ୟ ବୀମା ଯୋଜନାଗୁଡିକୁ ମଧ୍ୟ ସ୍ଥାପିତ କଲେ I ବୀମା କମ୍ପାନୀମାନେ ସେମାନଙ୍କ ସ୍ୱାସ୍ଥ୍ୟ ବୀମା ପଲିସୀମାନଙ୍କୁ ପରେ ପରେ ହିଁ ଆଣିଥିଲେ I ଭାରତରେ ସ୍ୱାସ୍ଥ୍ୟ ବୀମା କିପରି ବିକଶିତ ହେଲା, ଏଇଠି ଦିଆଯାଇଛି:

1. **କର୍ମଚାରୀମାନଙ୍କ ରାଜ୍ୟ ବୀମା ଯୋଜନା**

   ଭାରତରେ ସ୍ୱାସ୍ଥ୍ୟ ବୀମା, 1947 ରେ ଦେଶର ସ୍ୱାଧୀନତା ଅଳ୍ପ ସମୟ ପରେ, ESI ଅଧିନିୟମ, 1948 ଅନୁସାରେ ପ୍ରବର୍ତ୍ତିତ କରାଯାଇ, କର୍ମଚାରୀ ରାଜ୍ୟ ବୀମା ଯୋଜନାର ଆରମ୍ଭ ସହିତ ଔପଚାରିକ ରୂପେ ଆରମ୍ଭ ହୋଇଥିଲା, ଏହି ଯୋଜନାକୁ ଔପଚାରିକ ଘରୋଇ କ୍ଷେତ୍ରରେ ନିଯୁକ୍ତ ବ୍ଲୁ-କଲାର୍ କାର୍ମିକମାନଙ୍କ ପାଇଁ ପ୍ରବର୍ତ୍ତିତ କରାଯାଇଥିଲା ଏବଂ ଏହାର ନିଜର ଡିସ୍ପେନସରୀ ଓ ଡାକ୍ତରଖାନା ଗୁଡିକର ଏକ ନେଟୱର୍କ ଜରିଆରେ ବ୍ୟାପକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରେ I

   ESIC (କର୍ମଚାରୀ ରାଜ୍ୟ ବୀମା ନିଗମ) ହେଉଛି ଲାଗୁ କରୁଥିବା ମାଧ୍ୟମ ଯାହା ନିଜର ଡାକ୍ତରଖାନା ଓ ଡିସ୍ପେନସରୀ ଗୁଡିକୁ ଚଳାଏ ଏବଂ ସରକାରୀ/ବେସରକାରୀ ପ୍ରଦାନକର୍ତ୍ତାମାନଙ୍କୁ ଅନୁବନ୍ଧିତ କରେ ଯେଉଁଠି ଏହାର ନିଜର ସୁବିଧାସବୁ କମ୍ ହୋଇଥାଏ I

2. **କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ଯୋଜନା**

ESIS ଠିକ୍ ପରେ ପରେ କେନ୍ଦ୍ର ସରକାର ଯୋଜନା (CGHS) ଆସିଲା, ଯାହାକୁ କେନ୍ଦ୍ର ସରକାର କର୍ମଚାରୀଙ୍କ ସହିତ ପେନଶନଭୋଗୀ ଓ ସଭିଲିଆନ୍ କାର୍ଯ୍ୟରେ ନିଯୁକ୍ତ ଥିବା ସେମାନଙ୍କ ପରିବାର ସଦସ୍ୟମାନଙ୍କ ପାଇଁ 1954 ରେ ପ୍ରବର୍ତ୍ତିତ କରାଯାଇଥିଲା । ଏହାର ଉଦ୍ଦେଶ୍ୟ କର୍ମଚାରୀ ଓ ସେମାନଙ୍କ ପରିବାରକୁ ବ୍ୟାପକ ମେଡିକାଲ ସେବା ପ୍ରଦାନ କରିବା ଏବଂ ଆଂଶିକ ରୂପେ କର୍ମଚାରୀମାନଙ୍କ ଦ୍ୱାରା ଏବଂ ଅଧିକାଂଶ ରୂପେ ନିଯୁକ୍ତିଦାତା (କେନ୍ଦ୍ର ସରକାର) ଦ୍ୱାରା ନିଧି ପ୍ରାପ୍ତ ହୋଇଥାଏ ।

### 3. ବ୍ୟାପାରିକ ସ୍ୱାସ୍ଥ୍ୟ ବୀମା

ବୀମା ଉଦ୍ୟୋଗର ଜାତୀୟକରଣ ପୂର୍ବରୁ ତଥା ପରେ କେତେକ ସାଧାରଣ ବୀମାକର୍ତ୍ତା ଦ୍ୱାରା ବ୍ୟାପାରିକ ସ୍ୱାସ୍ଥ୍ୟ ବୀମାକୁ ପ୍ରାଦନ କରାଯାଇଥିଲା ।

1986 ରେ, ବ୍ୟକ୍ତିମାନଙ୍କ ଓ ସେମାନଙ୍କ ପରିବାରମାନଙ୍କ ପାଇଁ ପ୍ରଥମ ମାନକୀକୃତ ସ୍ୱାସ୍ଥ୍ୟ ବୀମା ଉତ୍ପାଦର ଶୁଭାରମ୍ଭ ସମସ୍ତ ଚାରି ଜାତୀୟକୃତ ସାଧାରଣ ବୀମା କମ୍ପାନୀ (ଏମାନେ ସେତେବେଳେ ଭାରତୀୟ ସାଧାରଣ ବୀମା ନିଗମର ସହାୟକ ଥିଲେ) ମାନଙ୍କ ଦ୍ୱାରା ଭାରତୀୟ ବଜାରରେ କରାଯାଇଥିଲା । ଏହି ଉତ୍ପାଦ, ମେଡିକ୍ଲେମ୍ କୁ, କେତେକ ଅପବର୍ଜନ ଯଥା: ପ୍ରସୂତି, ପୂର୍ବରୁ ବିଦ୍ୟମାନ ରୋଗ ଇତ୍ୟାଦି ସହିତ ଏକ କ୍ଷତିପୂର୍ତ୍ତିର ଏକ ନିର୍ଦ୍ଦିଷ୍ଟ ବାର୍ଷିକ ସୀମା ପର୍ଯ୍ୟନ୍ତ ହସ୍ପିଟାଲାଇଜେଶନ ଖର୍ଚ୍ଚ ପାଇଁ ବୀମା ସୁରକ୍ଷା ପ୍ରଦାନ କରିବାକୁ ପ୍ରବର୍ତ୍ତିତ କରାଯାଇଥିଲା ।

ହସ୍ପିଟାଲାଇଜେଶନ କ୍ଷତିପୂର୍ତ୍ତି ଆଧାରିତ ବାର୍ଷିକ ଚୁକ୍ତି ଭାରତରେ ଆଜିକାଲି ସବୁଠୁ ଲୋକପ୍ରିୟ ପ୍ରକାରର ବେସରକାରୀ ସ୍ୱାସ୍ଥ୍ୟ ବୀମା ରୂପେ ଚାଲୁ ରହିଛି । 2001 ରେ ଘରୋଇ ବ୍ୟବସାୟୀମାନେ ବୀମା କ୍ଷେତ୍ରକୁ ଆସିବା ସହିତ, ବୀମା ଉଦ୍ୟୋଗ ଅଧିକ ରୂପେ ବୃଦ୍ଧି ପାଇଛି । ଅବଶ୍ୟ, ଏବେବି ଏକ ବିରାଟ ସମ୍ଭାବ୍ୟ ବଜାର ରହିଛି ।

ସରକାର ବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟ ବୀମା ପଲିସୀଗୁଡିକ କ୍ରୟ କରିବା ପାଇଁ ପ୍ରୋତ୍ସାହିତ କରିଛନ୍ତି । ସ୍ୱୟଂ ନିଜର, ପତି/ପତ୍ନୀ ଏବଂ ପରିବାର ସଦସ୍ୟମାନଙ୍କ ସ୍ୱାସ୍ଥ୍ୟ ବୀମା ପାଇଁ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପ୍ରିମିୟମଗୁଡିକୁ ଆୟ କର ଅଧିନିୟମର ଧାରା 80D ଅନ୍ତର୍ଗତ କରଯୋଗ୍ୟ ଆୟଠାରୁ କଟାଯିବା ପାଇଁ ସ୍ୱୀକୃତି ଦିଆଯାଏ । ଏହି ଧାରାରେ 60 ବର୍ଷ ବୟସରୁ ଊର୍ଦ୍ଧ୍ୱ ମାତା ପିତା/ଶାଶୁ ଶ୍ୱଶୁରଙ୍କ ପ୍ରିମିୟମ ପ୍ରଦାନ ପାଇଁ ଉଚ୍ଚତର ସୀମାର ସ୍ୱୀକୃତି ଦିଏ ।

ବୀମାସୁରକ୍ଷା, ଅପବର୍ଜନ ଓ ନୂଆ ଆଡ୍-ଅନ୍ ସୁରକ୍ଷା ଗୁଡିକରେ ବିଚାରଣୀୟ ଭିନ୍ନତା ଗୁଡିକର ପ୍ରବର୍ତ୍ତନ କରାଯାଇଛି ଯାହା ବିଷୟରେ ପରବର୍ତ୍ତୀ ଅଧ୍ୟାୟମାନଙ୍କରେ ଆଲୋଚନା କରାଯିବ ।

**ସ୍ୱୟଂ ପରୀକ୍ଷଣ କରନ୍ତୁ3**

ବ୍ୟକ୍ତିମାନଙ୍କ ଓ ସେମାନଙ୍କ ପରିବାର ପାଇଁ ପ୍ରଥମ ମାନକୀକୃତ ସ୍ୱାସ୍ଥ୍ୟ ବୀମା ଉତ୍ପାଦର ଶୁଭାରମ୍ଭ ଭାରତୀୟ ବଜାରରେ ସମସ୍ତ ଚାରି ଜାତୀୟକୃତ ସାଧାରଣ ବୀମା କମ୍ପାନୀ ଦ୍ୱାରା ବର୍ଷ ________ ରେ କରାଯାଇଥିଲା ।

I. 1948
II. 1954
III. 1986
IV. 2001

## E. ସ୍ୱାସ୍ଥ୍ୟ ବୀମା ବଜାର

ଆଜିକାଲିର ସ୍ୱାସ୍ଥ୍ୟ ବୀମା ବଜାରରେ ଅନେକ ସଂଖ୍ୟକ ବ୍ୟବସାୟୀ ସମ୍ମିଳିତ ହୁଅନ୍ତି, ଯାହା ମଧ୍ୟରୁ କେତେକ ସ୍ୱାସ୍ଥ୍ୟ ସେବା ସୁବିଧା ପ୍ରଦାନ କରିଥାନ୍ତି ଯାହାକୁ ପ୍ରଦାନକର୍ତ୍ତା କୁହାଯାଏ, ଅନ୍ୟମାନେ ବୀମା ସେବା ପ୍ରଦାନ କରନ୍ତି ଏବଂ ବିଭିନ୍ନ ମଧ୍ୟସ୍ଥମାନେ ମଧ୍ୟ ଥାଆନ୍ତି । କେତେକ ମୂଳଭୂତ ଇନ୍ଫ୍ରାଷ୍ଟ୍ରକ୍ଚର ଗଠିତ କରନ୍ତି ଯେତେବେଳେ କି ଅନ୍ୟମାନେ ସହାୟତା ସୁବିଧା ଯୋଗାଇଥାନ୍ତି । କେତେଜଣ ସରକାରୀ କ୍ଷେତ୍ରରେ ଅଛନ୍ତି ଓ ଅନ୍ୟମାନେ ବେସରକାରୀ କ୍ଷେତ୍ରରେ ଅଛନ୍ତି ।

### 1. ବେସରକାରୀ କ୍ଷେତ୍ର ସ୍ୱାସ୍ଥ୍ୟ ସେବା ପ୍ରଦାନକର୍ତ୍ତା

ଭାରତରେ ଏକ ଅତ୍ୟନ୍ତ ବିଶାଳ ବେସରକାରୀ ସ୍ୱାସ୍ଥ୍ୟ କ୍ଷେତ୍ର ଅଛି ଯାହା ସମସ୍ତ ତିନି ପ୍ରକାରର ସ୍ୱାସ୍ଥ୍ୟ ଯତ୍ନ ସେବା ପ୍ରଦାନ କରେ–ପ୍ରାଥମିକ, ଦ୍ୱିତୀୟକ ଏବଂ ତୃତୀୟକ । ଏଗୁଡିକ ସ୍ୱେଚ୍ଛିକ, ନନପ୍ରଫିଟ୍ ସଂଗଠନ ଓ ବ୍ୟକ୍ତିମାନଙ୍କ ଠାରୁ ଲାଭ- ପାଇଁ କର୍ପୋରେଟ୍, ଟ୍ରଷ୍ଟ, ଏକଲ ବ୍ୟବସାୟୀ, ଅନାଶ୍ରିତ/ ସ୍ୱତନ୍ତ୍ର ବିଶେଷଜ୍ଞ ସେବା, ନିଦାନ-ନିର୍ଣ୍ଣୟ ପ୍ରୟୋଗଶାଳା, ଫାର୍ମାସୀ ଦୋକାନ, ଏବଂ ଅଯୋଗ୍ୟ ପ୍ରଦାନକର୍ତ୍ତା (କ୍ୱାକ୍ସ) ଶ୍ରେଣୀର ଅଛନ୍ତି ।

ଭାରତରେ ଅନ୍ୟ ପ୍ରଣାଳୀର ଔଷଧ (ଆୟୁର୍ବେଦ/ସିଦ୍ଧ/ୟୁନାନୀ/ହୋମିଓପ୍ୟାଥି) ରେ ସର୍ବାଧିକ ସଂଖ୍ୟାରେ ଯୋଗ୍ୟତାପ୍ରାପ୍ତ ବ୍ୟବସାୟୀ ଅଛନ୍ତି ଯାହା 7 ଲକ୍ଷ ବ୍ୟବସାୟୀଠାରୁ ଅଧିକ ଅଟେ । ଏମାନେ ସରକାରୀ ତଥା ବେସରକାରୀ କ୍ଷେତ୍ରରେ ଅବସ୍ଥିତ । ସ୍ୱାସ୍ଥ୍ୟ ସେବାର ଲାଭ ପାଇଁ ବେସରକାରୀ ପ୍ରଦାନକର୍ତ୍ତାମାନଙ୍କ ବ୍ୟତୀତ, NGO ଓ ସ୍ୱେଚ୍ଛିକ କ୍ଷେତ୍ରକୁ ମଧ୍ୟ ଜନ ସମୁଦାୟକୁ ସ୍ୱାସ୍ଥ୍ୟ ଯତ୍ନ ସେବା ପ୍ରଦାନ କରିବାରେ ନିଯୁକ୍ତ କରାଯାଇଛି ।

ସାଧାରଣ ବୀମା କ୍ଷେତ୍ରରେ ବୀମା କମ୍ପାନୀମାନେ ସ୍ୱାସ୍ଥ୍ୟ ବୀମା ସେବାଗୁଡିକର ପୁଞ୍ଜି ପ୍ରଦାନ କରନ୍ତି । ଏକଲ ସ୍ୱାସ୍ଥ୍ୟ ବୀମା (SAHI) କମ୍ପାନୀମାନଙ୍କୁ ସବୁ ପ୍ରକାରର ସ୍ୱାସ୍ଥ୍ୟ ବୀମାର କାରବାର କରିବାର ଅନୁମତି ମିଳିଛି, ଯେତେବେଳେ ଜୀବନ ବୀମା କମ୍ପାନୀମାନଙ୍କୁ ମଧ୍ୟ କିଛି ପ୍ରକାରର ସ୍ୱାସ୍ଥ୍ୟ ବୀମା କାରବାର କରିବା ପାଇଁ ଅନୁମତି ମିଳିଛି ।

### 2. ମଧ୍ୟସ୍ଥ

ବୀମା ଉଦ୍ୟୋଗର ଅଂଶ ରୂପେ ସେବା ପ୍ରଦାନ କରୁଥିବା ଅନେକ ସଂଖ୍ୟକ ଲୋକେ ଏବଂ ସଂଗଠନମାନେ ମଧ୍ୟ ସ୍ୱାସ୍ଥ୍ୟ ବୀମା ବଜାରର ଅଂଶ ହୋଇଥାନ୍ତି । ବୀମା ମଧ୍ୟସ୍ଥମାନଙ୍କୁ ଆଇ.ଆର.ଡି.ଏ. ଅଧିନିୟମ, 1999 ର ଧାରା 2 ଅନ୍ତର୍ଗତ ପରିଭାଷିତ କରାଯାଇଛି । ଏଥିରେ ଅନ୍ତର୍ଭୁକ୍ତ ହୁଅନ୍ତି ବୀମା ବ୍ରୋକର୍, ରିଇନ୍ସୁରାନ୍ସ୍, (Reinsurance) ବୀମା ପରାମର୍ଶଦାତା, ସର୍ବେକ୍ଷକ ଏବଂ ହାନି ମୂଲ୍ୟାଙ୍କକ ତଥା ତୃତୀୟ ପକ୍ଷ ପ୍ରଶାସକ ।

ଏକ ତୃତୀୟ ପକ୍ଷ ପ୍ରଶାସକ (TPA) ହେଉଛି ଆଇ. ଆର. ଡି. ଏ. ଆଇ.ସହିତ ପଞ୍ଜୀକୃତ ହୋଇଥିବା ଏକ କମ୍ପାନୀ ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ପାଇଁ, କିଛି ଶୁଳ୍କ ବଦଳରେ, ଏକ ବୀମାକର୍ତ୍ତା ଦ୍ୱାରା ନିଯୁକ୍ତ ହୋଇଥାଏ । ଏକ TPA ସ୍ୱାସ୍ଥ୍ୟ ବୀମା ବ୍ୟବସାୟ ସମ୍ବନ୍ଧୀୟ ଏକ ରାଜିନାମା ଅନ୍ତର୍ଗତ ଏକ ବୀମାକର୍ତ୍ତା ପାଇଁ ନିମ୍ନଲିଖିତ ସେବା ପ୍ରଦାନ କରିଥାଏ:

a. ଦାବୀଗୁଡିକର ସମାଧାନ ପାଇଁ ସମ୍ବନ୍ଧିତ ପଲିସୀର ଅନ୍ତର୍ନିହିତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ଏବଂ ବୀମାକର୍ତ୍ତାମାନଙ୍କ ଦ୍ୱାରା ଜାରୀ କରାଯାଇଥିବା ମାର୍ଗଦର୍ଶିକାର ସୀମା ମଧ୍ୟରେ, ନଗଦହୀନ ଚିକିତ୍ସା କିମ୍ବା ନଗଦହୀନ ଦାବୀ ବ୍ୟତୀତ ଦାବୀଗୁଡିକର ସମାଧାନ କିମ୍ବା ଉଭୟର ପୂର୍ବ- ଅନୁଜ୍ଞା ଜରିଆରେ ସ୍ୱାସ୍ଥ୍ୟ ବୀମା ପଲିସୀ ଅନ୍ତର୍ଗତ ଦାବୀଗୁଡିକର ସେବା ପ୍ରଦାନ ।

b. ବ୍ୟକ୍ତିଗତ ଦୁର୍ଘଟଣା ପଲିସୀ ଏବଂ ଘରୋଇ ଯାତ୍ରା ପଲିସୀ ଅନ୍ତର୍ଗତ, ଯଦି କିଛି ଥାଏ, ହସ୍ପିଟାଲାଇଜେଶନ୍ ସୁରକ୍ଷା ପାଇଁ ଦାବୀଗୁଡିକର ସେବା ପ୍ରଦାନ ।

c. ସ୍ୱାସ୍ଥ୍ୟ ବୀମା ପଲିସୀମାନଙ୍କ ସଙ୍କଟାଙ୍କନ ସମ୍ବନ୍ଧୀୟ ବୀମା-ପୂର୍ବ ମେଡିକାଲ ପରୀକ୍ଷାକୁ ସଂପାଦିତ କରିବାରେ ସହାୟତା କରିବା ।

**ସାରାଂଶ**

a) ଅନେକ ଶତାବ୍ଦୀ ପୂର୍ବେ ବୀମା କୌଣସି ନା କୌଣସି ରୂପରେ ରହିଥିଲା କିନ୍ତୁ ଏହାର ଆଧୁନିକ ରୂପ ହେଉଛି ମାତ୍ର କିଛି ଶତାବ୍ଦୀ ପୁରୁଣା । ଭାରତରେ ବୀମା ସରକାରୀ ବିନିୟମନ ସାହାଯ୍ୟରେ ଅନେକ ଚରଣ ଦେଇ ଗତି କରିଛି ।

b) ଏହା ନାଗରିକମାନଙ୍କର ସ୍ୱାସ୍ଥ୍ୟ ଅତି ମହତ୍ୱପୂର୍ଣ୍ଣ ହୋଇଥିବାରୁ, ଏକ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପ୍ରଣାଳୀ ସୃଷ୍ଟି କରିବାରେ ସରକାରମାନେ ମୂଖ୍ୟ ଭୂମିକା ଗ୍ରହଣ କରିଥାନ୍ତି ।

c) **ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ ସ୍ତର ଏକ ଦେଶର ଲୋକସଂଖ୍ୟା ସମ୍ବନ୍ଧୀୟ ଅନେକ କାରକ ଉପରେ ନିର୍ଭର କରେ ।**

d) ଆବଶ୍ୟକୀୟ ଚିକିତ୍ସୀୟ ସେବାର ସ୍ତର ଆଧାରରେ ତିନି ପ୍ରକାରର ସ୍ୱାସ୍ଥ୍ୟ ସେବା ହେଉଛି ପ୍ରାଥମିକ, ଦ୍ୱିତିୟକ ଏବଂ ତୃତୀୟକ । ସ୍ୱାସ୍ଥ୍ୟ ସେବାର ଖର୍ଚ୍ଚ ପ୍ରତ୍ୟେକ ସ୍ତରରେ ବଢ଼ୁଥାଏ, ଯେଉଁଥିରେ ତୃତୀୟକ ସେବା ସବୁଠୁ ମହଙ୍ଗା ହୋଇଥାଏ ।

e) ଭାରତ ର ନିଜର ବିଶେଷ ଚ୍ୟାଲେଞ୍ଜଗୁଡିକ ରହିଛି ଯେପରି କି ଜନସଂଖ୍ୟା ବୃଦ୍ଧି ଏବଂ ସହରୀକରଣ ଯାହା ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଆବଶ୍ୟକ କରେ ।

f) ସରକାରୀ କ୍ଷେତ୍ର ବୀମା କମ୍ପାନୀମାନେ ସ୍ୱାସ୍ଥ୍ୟ ବୀମା ପାଇଁ ଯୋଜନାସବୁ ଆଣିବାରେ ପ୍ରଥମ ଥିଲେ ଯାହା ପରେ ବ୍ୟାପାରିକ ବୀମା ଏବଂ ତା' ପରେ ବେସରକାରୀ ବୀମା କମ୍ପାନୀମାନେ ଆସିଲେ ।

g) ସ୍ୱାସ୍ଥ୍ୟ ବୀମା ବଜାର ଅନେକ ବ୍ୟବସାୟୀମାନଙ୍କ ଦ୍ୱାରା ଗଠିତ – କିଛି ଇନ୍ଫ୍ରାଷ୍ଟ୍ରକ୍ଚର୍ ପ୍ରଦାନ କରନ୍ତି ତ ଅନ୍ୟମାନେ ବୀମା ସେବା ପ୍ରଦାନ କରନ୍ତି, ମଧ୍ୟସ୍ଥ ଯେପରି କି ସ୍ୱାସ୍ଥ୍ୟ ବୀମା ବ୍ୟବସାୟର ସେବା ହେଉଥିବା ବ୍ରୋକର୍, ଅଭିକର୍ତ୍ତା ଏବଂ ତୃତୀୟ ପକ୍ଷ ପ୍ରଶାସକ ଏବଂ ଆହୁରି ମଧ୍ୟ ଅନ୍ୟାନ୍ୟ ବିନିୟାମକ, ଶୈକ୍ଷିକ ତଥା ବୈଧିକ ସଙ୍ଘ ଯେଉଁମାନେ ନିଜ ନିଜ ଭୂମିକା ନିଭାଉଥାନ୍ତି ।

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

ଉତ୍ତର 1 ସଠିକ୍ ବିକଳ୍ପ ହେଉଛି III

ଉତ୍ତର 2 ସଠିକ୍ ବିକଳ୍ପ ହେଉଛି I

ଉତ୍ତର 3 ସଠିକ୍ ବିକଳ୍ପ ହେଉଛି III

**ମୂଖ୍ୟ ପଦାବଳୀ**

a) ସ୍ୱାସ୍ଥ୍ୟ ସେବା/ସ୍ୱାସ୍ଥ୍ୟ ଯତ୍ନ
b) ବ୍ୟାପାରିକ ବୀମା
c) ଜାତୀୟକରଣ
d) ପ୍ରାଥମିକ, ଦ୍ୱିତୀୟକ ଏବଂ ତୃତୀୟକ ସ୍ୱାସ୍ଥ୍ୟ ସେବା
e) ତୃତୀୟ ପକ୍ଷ ପ୍ରଶାସକ

# ଅଧ୍ୟାୟ H-02

## ସ୍ୱାସ୍ଥ୍ୟ ବୀମା ଦଲିଲୀକରଣ

**ଅଧ୍ୟାୟ ପରିଚୟ**

ବୀମା ଉଦ୍ୟୋଗରେ, ଆମେମାନେ ଅନେକ ସଂଖ୍ୟକ ଫର୍ମ, ଦସ୍ତାବିଜ ଇତ୍ୟାଦି ସହିତ କାରବାର କରୁ । ଏହି ଅଧ୍ୟାୟ ଆମମାନଙ୍କୁ ଦସ୍ତାବିଜ ଏବଂ ଏକ ସ୍ୱାସ୍ଥ୍ୟ ବୀମା ଚୁକ୍ତିରେ ସେଗୁଡିକର ମହତ୍ତ୍ୱ ଉପରେ ବ୍ୟାଖ୍ୟା କରେ ।

**ଅଧ୍ୟୟନ ପରିଣାମ**

A. ପ୍ରସ୍ତାବ ଫର୍ମ

B. ପ୍ରସ୍ତାବର ସ୍ୱୀକୃତି (ସଙ୍କଟାଙ୍କନ)

C. ବିବରଣୀ ପୁସ୍ତିକା (ପ୍ରୋସ୍ପେକ୍ଟସ୍)

D. ପଲିସୀ ଦସ୍ତାବିଜ

E. ସର୍ତ୍ତାବଳୀ ଏବଂ ୱାରେଣ୍ଟି

ଏହି ଅଧ୍ୟାୟ ଅଧ୍ୟୟନ କରିବା ପରେ, ଆପଣମାନେ ସକ୍ଷମ ହେବେ:

a) ପ୍ରସ୍ତାବ ଫର୍ମର ବିଷୟବସ୍ତୁ ଉପରେ ବ୍ୟାଖ୍ୟା କରିବା ପାଇଁ

b) ବିବରଣୀ ପୁସ୍ତିକାର ମହତ୍ତ୍ୱ ଉପରେ ବର୍ଣ୍ଣନା କରିବା ପାଇଁ

c) ବୀମା ପଲିସୀ ଦସ୍ତାବିଜରେ ଥିବା ନିୟମାବଳୀ ଏବଂ ଶବ୍ଦାବଳୀକୁ ବ୍ୟାଖ୍ୟା କରିବା ପାଇଁ

d) ପଲିସୀ ସର୍ତ୍ତାବଳୀ ଏବଂ ୱାରେଣ୍ଟିଗୁଡିକ ଉପରେ ଆଲୋଚନା କରିବା ପାଇଁ

e) ପୃଷ୍ଠାଙ୍କନଗୁଡିକୁ କାହିଁକି ଜାରୀ କରାଯାଏ, ଏହାର ମହତ୍ତ୍ୱ ଜାଣିବା ପାଇଁ

f) ପ୍ରିମିୟମ ରସିଦକୁ ବୁଝିବା ପାଇଁ

g) ନୂତନୀକରଣ ସୂଚନା କାହିଁକି ଜାରୀ କରାଯାଏ, ଏହାର ମହତ୍ତ୍ୱ ଜାଣିବା ପାଇଁ

## A. ପ୍ରସ୍ତାବ ଫର୍ମ

### 1. ସ୍ୱାସ୍ଥ୍ୟ ବୀମା ପ୍ରସ୍ତାବ ଫର୍ମ

ସାଧାରଣ ଅଧ୍ୟାୟମାନଙ୍କରେ ଆଲୋଚିତ ହୋଇଥିବା ଭଳି, ପ୍ରସ୍ତାବ ଫର୍ମରେ ସେହି ସୂଚନା ସମ୍ମିଳିତ ଥାଏ ଯାହା ବୀମା ପାଇଁ ସଙ୍କଟକୁ ସ୍ୱୀକାର କରିବାରେ ବୀମା କମ୍ପାନୀ ପାଇଁ ଉପଯୋଗୀ ହୋଇଥାଏ । ନିମ୍ନରେ ଏକ ସ୍ୱାସ୍ଥ୍ୟ ପଲିସୀ ପାଇଁ ପ୍ରସ୍ତାବ ଫର୍ମର କେତେକ ବିବରଣୀ ଦିଆଯାଇଛି ।

1. ପ୍ରସ୍ତାବ ଫର୍ମ ଏକ ବିବରଣୀ ପୁସ୍ତିକା ସମ୍ମିଳିତ କରେ ଯାହା ବୀମା ସୁରକ୍ଷାର ବିସ୍ତୃତ ବିବରଣୀ ଯଥା: ବୀମା ସୁରକ୍ଷା, ଅପବର୍ଜନ, ପ୍ରାବଧାନ ଇତ୍ୟାଦି ଦେଇଥାଏ । ବିବରଣୀ ପୁସ୍ତିକା ପ୍ରସ୍ତାବ ଫର୍ମର ଅଂଶ ହୋଇଥାଏ ଏବଂ ଏହାର ବିଷୟବସ୍ତୁ ବିଷୟରେ ଅବଗତ ହେଲି ବୋଲି ପ୍ରସ୍ତାବକକୁ ଏଥିରେ ହସ୍ତାକ୍ଷର କରିବାକୁ ପଡ଼େ ।

2. ପ୍ରସ୍ତାବ ଫର୍ମ ନାମ, ଠିକଣା, ବ୍ୟବସାୟ, ଜନ୍ମ ତାରିଖ, ଲିଙ୍ଗ ଏବଂ ପ୍ରତ୍ୟେକ ବୀମିତ ବ୍ୟକ୍ତିର ପ୍ରସ୍ତାବକ ସହିତ ସମ୍ବନ୍ଧ, ହାରାହାରି ମାସିକ ଆୟ ଏବଂ ଆୟ କର PAN ନମ୍ବର, ମେଡିକାଲ ପ୍ରାକ୍ଟିସନର୍ ନାମ ଓ ଠିକଣା, ତାଙ୍କ ଯୋଗ୍ୟତା ଓ ପଞ୍ଜିକରଣ ସଂଖ୍ୟା ସମ୍ବନ୍ଧୀୟ ସୂଚନା ଏକତ୍ରିତ କରେ ସିଧା ସଳଖ ବ୍ୟାଙ୍କ ସ୍ଥାନାନ୍ତରଣ ଜରିଆରେ ଦାବୀ ଟଙ୍କାର ପ୍ରଦାନ କରିବା ପାଇଁ ଆଜିକାଲି ବୀମିତର ବ୍ୟାଙ୍କ ବିବରଣୀକୁ ମଧ୍ୟ ସଂଗ୍ରହ କରାଯାଏ ।

3. ଏହା ଅତିରିକ୍ତ, ବୀମିତ ବ୍ୟକ୍ତିର ମେଡିକାଲ ଅବସ୍ଥା ସମ୍ବନ୍ଧୀୟ ପ୍ରଶ୍ନଗୁଡିକ ରହିଥାଏ । ଫର୍ମରେ ଏହି ବିସ୍ତୃତ ପ୍ରଶ୍ନଗୁଡିକ ଅତୀତର ଦାବୀ ଅନୁଭୂତି ଉପରେ ଆଧାରିତ ଏବଂ ସଙ୍କଟର ଉପଯୁକ୍ତ ସଙ୍କଟାଙ୍କନ ପ୍ରାପ୍ତି କରିବା ପାଇଁ ହୋଇଥାଏ ।

4. ବୀମିତ ବ୍ୟକ୍ତିକୁ ସଂପୂର୍ଣ୍ଣ ବିବରଣୀ ଉଲ୍ଲେଖ କରିବା ଆବଶ୍ୟକ ରହେ ଯେ ସେ ଫର୍ମରେ ଦିଆଯାଇଥିବା କୌଣସି ବିନିର୍ଦ୍ଦିଷ୍ଟ ରୋଗରେ ଆକ୍ରାନ୍ତ ହୋଇ ନ ଥିଲା ତ ।

5. ଆହୁରି, ଆକ୍ରାନ୍ତ ହୋଇଥିବା ଅନ୍ୟ କୌଣସି ଅସୁସ୍ଥତା କିମ୍ବା ରୋଗ କିମ୍ବା ସହ୍ୟ କରିଥିବା ଦୁର୍ଘଟଣାର ବିବରଣୀକୁ ନିମ୍ନ ପ୍ରକାରେ ମଗାଯାଇଥାଏ :

   a. ରୋଗ/ କ୍ଷତର ସ୍ୱରୂପ ଓ ଚିକିତ୍ସା

   b. ପ୍ରଥମ ଚିକିତ୍ସାର ତାରିଖ

   c. ଚିକିତ୍ସା କରୁଥିବା ଡାକ୍ତରଙ୍କ ନାମ ଓ ଠିକଣା

   d. ସଂପୂର୍ଣ୍ଣ ରୂପେ ଆରୋଗ୍ୟ ଲାଭ କରିଛି କି ନାହିଁ

6. ପ୍ରସ୍ତାବକକୁ  କୌଣସି ଅତିରିକ୍ତ ତଥ୍ୟକୁ ଉଲ୍ଲେଖ କରିବାକୁ ପଡିଥାଏ ଯାହାକୁ ବୀମାକର୍ତ୍ତାମାନଙ୍କ ନିକଟରେ ପ୍ରକଟ କରିବା ଉଚିତ୍ ଏବଂ ତା'ପାଖରେ କୌଣସି ରୋଗ କିମ୍ବା କ୍ଷତର କୌଣସି ସକାରାତ୍ମକ ବିଦ୍ୟମାନତା କିମ୍ବା ଉପସ୍ଥିତିର କୌଣସି ଜ୍ଞାନ ଅଛି କି ଯାହା ଉପରେ ଚିକିତ୍ସୀୟ ଧ୍ୟାନ ଦେବା ଆବଶ୍ୟକ ହୋଇପାରେ ।

7. ଫର୍ମରେ ଅତୀତର ବୀମା ଓ ଦାବୀ ଇତିହାସ ଏବଂ କୌଣସି ଅନ୍ୟ ବୀମା କର୍ତ୍ତା ସହିତ ଅତିରିକ୍ତ ବର୍ତ୍ତମାନର ବୀମା ସମ୍ବନ୍ଧୀୟ ପ୍ରଶ୍ନଗୁଡିକ ବି ଅନ୍ତର୍ଭୁକ୍ତ ଥାଏ ।

8. ପ୍ରସ୍ତାବକ ଦ୍ୱାରା ହସ୍ତାକ୍ଷରିତ ହେବାକୁ ଥିବା ଘୋଷଣାପତ୍ରର ବିଶିଷ୍ଟତାଗୁଡିକ ଉପରେ ନିଶ୍ଚିତ ଭାବେ ଧ୍ୟାନ ଦେବା ଉଚିତ୍ ।

9. ବୀମିତ ବ୍ୟକ୍ତି, କୌଣସି ଡାକ୍ତରଖାନା/ମେଡିକାଲ ପ୍ରାକ୍ଟିସନର୍, ଯିଏ କୌଣସି ରୋଗ ଯାହା ତାର ଶାରୀରିକ କିମ୍ବା ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ, ତାହା ସମ୍ବନ୍ଧରେ କୌଣସି ସମୟରେ ଚିକିତ୍ସା କରିଥିବେ କିମ୍ବା କରି ପାରନ୍ତି, ତାଙ୍କ ଠାରୁ ମେଡିକାଲ ସୂଚନା ପ୍ରାପ୍ତ କରିବା ପାଇଁ, ସମ୍ମତ ହୁଏ ଏବଂ ବୀମାକର୍ତ୍ତାଙ୍କୁ ଅଧିକାର ଦିଏ ।

10. ବୀମିତ ବ୍ୟକ୍ତି ପୁଷ୍ଟି କରେ ଯେ ଫର୍ମର ଅଂଶ ହୋଇଥିବା ବିବରଣୀ ପୁସ୍ତିକାକୁ ସେ ପଢିଛି ଏବଂ ନିୟମ ଓ ସର୍ତ୍ତାବଳୀକୁ ସ୍ୱୀକାର କରିବା ପାଇଁ ଇଚ୍ଛୁକ ଅଛି ।

11. ଘୋଷଣାପତ୍ର ଉକ୍ତିଗୁଡିକର ସତ୍ୟତା ସମ୍ବନ୍ଧୀୟ ସାଧାରଣ ୱାରେଣ୍ଟି ଏବଂ ଚୁକ୍ତିର ଆଧାର ରୂପେ ପ୍ରସ୍ତାବ ଫର୍ମକୁ ଅନ୍ତର୍ଭୁକ୍ତ କରିଥାଏ ।

## 2. ମେଡିକାଲ ପ୍ରଶ୍ନାବଳୀ

ପ୍ରସ୍ତାବ ଫର୍ମରେ  ପ୍ରତିକୂଳ ଚିକିତ୍ସୀୟ ଇତିହାସ କ୍ଷେତ୍ରରେ, ବୀମିତ ବ୍ୟକ୍ତିକୁ, ମଧୁମେହ, ଉଚ୍ଚ ରକ୍ତଚାପ, ଛାତି ଯନ୍ତ୍ରଣା କିମ୍ବା କୋରୋନରୀ ଦୁର୍ବଳତା କିମ୍ବା ମାୟୋକାର୍ଡିଆଲ୍ ଇନ୍ଫାର୍କଶନ୍ ଭଳି ରୋଗଗୁଡିକର ବିଷୟରେ ଏକ ବିସ୍ତୃତ ପ୍ରଶ୍ନାବଳୀକୁ ପୂରା କରିବାକୁ ପଡିଥାଏ ।

ଏସବୁକୁ ଚିକିତ୍ସା କରୁଥିବା ଏକ ଡାକ୍ତର ଦ୍ୱାରା ପୂରା କରାଯାଇଥିବା ଏକ ଫର୍ମ ଦ୍ୱାରା ସମର୍ଥିତ କରିବାକୁ ପଡିଥାଏ । ଏହି ଫର୍ମକୁ କମ୍ପାନୀ ପ୍ୟାନେଲ୍ ଡାକ୍ତରଙ୍କ ଦ୍ୱାରା ଯାଞ୍ଚ କରାଯାଇଥାଏ, ଯାହାଙ୍କ ମତ ଆଧାରରେ, ସ୍ୱୀକୃତି, ଅପବର୍ଜନ, ଇତ୍ୟାଦି ଉପରେ ନିର୍ଣ୍ଣୟ ନିଆଯାଇଥାଏ ।

**ଘୋଷଣାପତ୍ରର ଆଦର୍ଶ/ ମାନକ ଫର୍ମ**

ଆଇ.ଆର.ଡି.ଏ.ଆଇ. ସ୍ୱାସ୍ଥ୍ୟ ବୀମା ପ୍ରସ୍ତାବରେ ମାନକ ଘୋଷଣା ପତ୍ରର ପ୍ରାରୂପ ନିମ୍ନରେ ଦିଆଯାଇଥିବା ଭଳି ବିନିର୍ଦ୍ଦିଷ୍ଟ କରିଛି:

1. ମୁଁ/ଆମେ ମୋ ତରଫରୁ ଏବଂ ବୀମିତ ହେବାକୁ ପ୍ରସ୍ତାବିତ ସମସ୍ତ ବ୍ୟକ୍ତିଙ୍କ ତରଫରୁ, ଏତଦ୍ଦ୍ୱାରା ଘୋଷଣା କରୁଛି/କରୁଛୁ, ଯେ ମୋ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ଉକ୍ତି, ଉତ୍ତର ଏବଂ/ କିମ୍ବା ବିବରଣୀଗୁଡିକ, ମୋର ସର୍ବୋତ୍ତମ ଜ୍ଞାନ ଅନୁସାରେ ସତ୍ୟ ଓ ସବୁ ଦିଗରୁ ସଂପୂର୍ଣ୍ଣ ଅଟେ ଏବଂ ଯେ ମୋତେ/ଆମକୁ ଏହି ଅନ୍ୟ ବ୍ୟକ୍ତିମାନଙ୍କ ତରଫରୁ ପ୍ରସ୍ତାବ ଦେବା ପାଇଁ ଅଧିକାର ଦିଆଯାଇଛି ।

2. ମୁଁ ବୁଝୁଛି ଯେ ମୋ' ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ବୀମା ପଲସୀର ଆଧାର ହେବ, ବୀମା କମ୍ପାନୀର ବୋର୍ଡ ଅନୁମୋଦିତ ସଙ୍କଟାଙ୍କନ ପଲିସୀର ଅଧୀନରେ ଅଟେ ଏବଂ ଯେ ପଲିସୀଟି କେବଳ ଲାଗୁ ଯୋଗ୍ୟ ପ୍ରିମିୟମର ସଂପୂର୍ଣ୍ଣ ପ୍ରାପ୍ତି ପରେ ହିଁ ପ୍ରଭାବୀ ହେବ ।

3. ମୁଁ /ଆମେ ଆହୁରି ଘୋଷଣା କରୁଛି/କରୁଛୁ ଯେ ପ୍ରସ୍ତାବଟିକୁ ଦାଖଲ କରାଯାଇଥିବା ପରେ କିନ୍ତୁ କମ୍ପାନୀ ଦ୍ୱାରା ସଙ୍କଟ ସ୍ୱୀକୃତିର ସୂଚନା ପୂର୍ବରୁ ବୀମିତ ହେବାକୁ ଥିବା ଜୀବନ/ପ୍ରସ୍ତାବକର ବ୍ୟବସାୟ କିମ୍ବା ସାଧାରଣ ସ୍ୱାସ୍ଥ୍ୟରେ ଘଟିଥିବା କୌଣସି ପରିବର୍ତ୍ତନକୁ ଲିଖିତ ରୂପେ ସୂଚୀତ କରିବି/କରିବୁ ।

4. ମୁଁ / ଆମେ ଘୋଷଣା କରୁଛି/କରୁଛୁ ଏବଂ କୌଣସି ଡାକ୍ତର କିମ୍ବା ଡାକ୍ତରଖାନା ଯିଏ କୌଣସି ନା କୌଣସି ସମୟରେ ବୀମିତ ହେବାକୁ ଥିବା ଜୀବନ/ପ୍ରସ୍ତାବକ ର ଚିକିତ୍ସା କରିଛି , ତା'ଠାରୁ କିମ୍ବା ଯାହା ବୀମିତ ହେବାକୁ ଥିବା ଜୀବନ/ପ୍ରସ୍ତାବକର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଥାଏ, ତା' ବିଷୟରେ ଅତୀତ କିମ୍ବା ବର୍ତ୍ତମାନର ନିଯୁକ୍ତିଦାତାଠାରୁ ମେଡିକାଲ ସୂଚନା ପାଇବାକୁ ଚାହୁଁଥିବା ଏବଂ କୌଣସି ବୀମା କମ୍ପାନୀ, ଯାହା ପାଖରେ ପ୍ରସ୍ତାବର

ସଙ୍କଟାଙ୍କନ ଉଦ୍ଦେଶ୍ୟ ଏବଂ/କିମ୍ବା ଦାବୀ ସମାଧାନ ଉଦ୍ଦେଶ୍ୟରେ ବୀମିତ ହେବାକୁ ଥିବା ଜୀବନ/ପ୍ରସ୍ତାବକ ଉପରେ ବୀମା ପାଇଁ ଏକ ଆବେଦନ କରାଯାଇଛି, ତା' ଠାରୁ ସୂଚନା ପାଇବାକୁ ଚାହୁଁଥିବା କମ୍ପାନୀ ସହିତ ସମ୍ମତି ପ୍ରଦାନ କରୁଛି/କରୁଛୁ ।

5. ମୁଁ / ଆମେ ପ୍ରସ୍ତାବ ସଙ୍କଟାଙ୍କନ ଏବଂ/କିମ୍ବା ଦାବୀ ସମାଧାନର ଏକମାତ୍ର ଉଦ୍ଦେଶ୍ୟ ପାଇଁ ମେଡିକାଲ ରେକର୍ଡ ସହିତ ମୋ'ପ୍ରସ୍ତାବ ସମ୍ବନ୍ଧୀୟ ସୂଚନାକୁ କୌଣସି ସରକାରୀ ଏବଂ/କିମ୍ବା ବିନିୟାମକ ପ୍ରାଧିକରଣ ସହିତ ଆବଣ୍ଟିତ କରିବା ପାଇଁ କମ୍ପାନୀକୁ ଅଧିକାର ଦେଉଛି/ଦେଉଛୁ ।

### 3. ଏକ ପ୍ରସ୍ତାବ ଫର୍ମରେ ଥିବା ପ୍ରଶ୍ନଗୁଡିକର ସ୍ୱରୂପ

ଏକ ପ୍ରସ୍ତାବ ଫର୍ମରେ ଥିବା ପ୍ରଶ୍ନଗୁଡିକର ସ୍ୱରୂପ ସମ୍ବନ୍ଧିତ ବୀମା ପ୍ରକାର ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ । ବୀମା ରାଶି ପଲିସୀ ଅନ୍ତର୍ଗତ ଦାୟିତ୍ୱର ସୀମାକୁ ସୂଚୀତ କରେ ଏବଂ ସମସ୍ତ ପ୍ରସ୍ତାବ ଫର୍ମରେ ସୂଚୀତ କରିବାକୁ ପଡିଥାଏ ।

ବ୍ୟକ୍ତିଗତ ପ୍ରକାରର ବୀମା ଯେପରି କି ସ୍ୱାସ୍ଥ୍ୟ, ବ୍ୟକ୍ତିଗତ ଦୁର୍ଘଟଣା ଓ ଯାତ୍ରା ବୀମାରେ ପ୍ରସ୍ତାବକର ସ୍ୱାସ୍ଥ୍ୟ, ଜୀବନ ଶୈଳୀ ଓ ଅଭ୍ୟାସ, ପୂର୍ବରୁ ବିଦ୍ୟମାନ ସ୍ୱାସ୍ଥ୍ୟ ଅବସ୍ଥା, ମେଡିକାଲ ଇତିହାସ, ଆନୁବଂଶିକ ଗୁଣ, ଅତୀତର ସ୍ୱାସ୍ଥ୍ୟ-ବୀମା ଅନୁଭୂତି ଇତ୍ୟାଦି ସହିତ ପ୍ରସ୍ତାବକର ବୃତ୍ତି, ପେଶା କିମ୍ବା ବ୍ୟବସାୟ ଯାହା ମହତ୍ୱପୂର୍ଣ୍ଣ ସ୍ଥାନ ରହିଥାଇପାରେ, ଏସବୁ ବିଷୟରେ ସୂଚନା ପାଇବା ପାଇଁ ପ୍ରସ୍ତାବ ଫର୍ମଗୁଡିକର ଅଭିକଳ୍ପନା କରାଯାଇଥାଏ ।

**ଉଦାହରଣ 1**

- ✓ ଏକ ଫାଷ୍ଟ ଫୁଡ୍ ରେ ରେଷ୍ଟୁରାଣ୍ଟର ବିତରଣ କରୁଥିବା ବ୍ୟକ୍ତିଯାହାକୁ ତା ,' ଗ୍ରାହକମାନଙ୍କୁ ଖାଦ୍ୟ ବିତରଣ କରୁଥିବା ବ୍ୟକ୍ତିଯାହାକୁ ତା ,' ଗ୍ରାହକମାନଙ୍କୁ ଖାଦ୍ୟ ବିତରଣ କରିବା ପାଇଁ ଦ୍ରୁତ ବେଗରେ ମୋଟର ବାଇକରେ ବାରମ୍ବାର ଯାତ୍ରା କରିବାକୁ ପଡିଥାଏ ସେ ଦୁର୍ଘଟଣାର ସଂସର୍ଗରେ ସେହି ରେଷ୍ଟୁରାଣ୍ଟର ଆକାଉଣ୍ଟେଣ୍ଟ ଅପେକ୍ଷା ଅଧିକ , ହୋଇପାରେ ।
- ✓ ଏକ କୋଇଲା ଖଣି କିମ୍ବା ଏକ ସିମେଣ୍ଟ କାରଖାନାରେ କାର୍ଯ୍ୟ କରୁଥିବା ଏକ ବ୍ୟକ୍ତି ଧୂଳି କଣିକାଗୁଡିକର ସଂସର୍ଗରେ ଆସିପାରେ ଯାହାର ପରିଣାମ ଫୁସଫୁସ ରୋଗ ହୋଇପାରେ ।

**ଉଦାହରଣ 2**

- ✓ ସମୁଦ୍ରପାରୀ ଯାତ୍ରା ବୀମା ଉଦ୍ଦେଶ୍ୟ ପାଇଁ ,କେବେ ,କିଏ ଯାତ୍ରା କରୁଛି) ପ୍ରସ୍ତାବକକୁ ଉଲ୍ଲେଖ କରିବା ଆବଶ୍ୟକ ହୁଏ , କିମ୍ବା (କେଉଁ ଉଦ୍ଦେଶ୍ୟରେ ,କେଉଁ ଦେଶକୁ
- ✓ ସ୍ୱାସ୍ଥ୍ୟ ବୀମା ଉଦ୍ଦେଶ୍ୟ ପାଇଁଠିକଣା ଓ ପରିଚୟ ,ବ୍ୟକ୍ତିର ନାମ) ପ୍ରକରଣ ଆଧାରରେ ପ୍ରସ୍ତାବକକୁ ତାର ସ୍ୱାସ୍ଥ୍ୟ , ଇତ୍ୟାଦି ସମ୍ବନ୍ଧ (ସହିତରେ ପ୍ରଶ୍ନ କରାଯାଇଥାଏ ।

**ଉଦାହରଣ 3**

- ✓ ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେଯେତେବେଳେ ବ୍ୟକ୍ତିଗତ ଦୁର୍ଘଟଣା ବୀମା ,ଡାକ୍ତରଖାନା ଚିକିତ୍ସାର ମୂଲ୍ୟ ହୋଇପାରେ , ଦୃଷ୍ଟିର ହାନି ପାଇଁ ଏକ ନିଶ୍ଚିତ ରାଶି ହୋଇପାରେ ,ଏକ ଅଙ୍ଗର ହାନି ,ପାଇଁ ଏକ ଦୁର୍ଘଟଣା ଯୋଗୁଁ ଜୀବନର ହାନି ।

### a) ପୂର୍ବବର୍ତ୍ତୀ ଏବଂ ବର୍ତ୍ତମାନର ବୀମା

ପ୍ରସ୍ତାବକଙ୍କୁ ତାର ପୂର୍ବର ବୀମା ସମ୍ବନ୍ଧୀୟ ବିବରଣୀ ବିଷୟରେ ବୀମାକର୍ତ୍ତାଙ୍କୁ ସୂଚୀତ କରିବା ଆବଶ୍ୟକ ହୋଇଥାଏ । ଏହା ତାର ବୀମା ଇତିହାସକୁ ବୁଝିବା ପାଇଁ ହୋଇଥାଏ । କେତେକ ବଜାରରେ ପ୍ରଣାଳୀସବୁ ରହିଛି ଯାହାଦ୍ୱାରା ବୀମାକର୍ତ୍ତାମାନେ ବୀମିତ ସମ୍ବନ୍ଧୀୟ ତଥ୍ୟ ଗୋପନୀୟ ରୂପେ ସଂଗ୍ରହ କରିଥାନ୍ତି ।

ପ୍ରସ୍ତାବକ ଏହା ବି ଉଲ୍ଲେଖ କରିବାର ଆବଶ୍ୟକତା ରହେ ଯେ କୌଣସି ବୀମାକର୍ତ୍ତା ତାର ପ୍ରସ୍ତାବକୁ ଅଗ୍ରାହ୍ୟ କରିଛି କି, ବିଶେଷ ସର୍ତ୍ତାବଳୀ ଲାଗୁ କରିଛି କି, ନୂତନୀକରଣ ସମୟରେ ବୃଦ୍ଧିକରାଯାଇଥିବା ପ୍ରିମିୟମ ଆବଶ୍ୟକ କରିଛି କି କିମ୍ବା ପଲିସୀର ନୂତନୀକରଣ ପାଇଁ ମନା କରିଛି କିମ୍ବା ପଲିସୀକୁ ରଦ୍ଦ କରିଛି କି ? କୌଣସି ବୀମାକର୍ତ୍ତା ସହିତ ଥିବା ଚଳିତ ବୀମାର ବିବରଣୀ ସମେତ ବୀମାକର୍ତ୍ତାଙ୍କ ନାମକୁ ମଧ୍ୟ ପ୍ରକଟ କରିବାର ଆବଶ୍ୟକତା ରହେ । ଆହୁରି, ବ୍ୟକ୍ତିଗତ ଦୁର୍ଘଟଣା ବୀମାରେ ଏକ ବୀମାକର୍ତ୍ତା ସେହି ଏକା ବୀମିତ ଦ୍ୱାରା ନିଆଯାଇଥିବା PA ପଲିସୀ ଅନ୍ତର୍ଗତ ବୀମା ରାଶି ଆଧାରରେ ବୀମା ସୁରକ୍ଷାର ରାଶି (ବୀମା ରାଶି) କୁ ନିୟନ୍ତ୍ରିତ କରିବା ପାଇଁ ଚାହିଁ ପାରେ ।

### b) ଦାବୀ ଅନୁଭୂତି

ପ୍ରସ୍ତାବକଙ୍କୁ ସେ ଆକ୍ରାନ୍ତ ହୋଇଥିବା ସମସ୍ତ ହାନିର ସଂପୂର୍ଣ୍ଣ ବିବରଣୀକୁ ଘୋଷିତ କରିବାକୁ କୁହାଯାଏ, ସେଗୁଡିକ ବୀମିତ ହୋଇଥାନ୍ତୁ ଅଥବା ହୋଇ ନ ଥାନ୍ତୁ । ଏହା ବୀମାକର୍ତ୍ତାଙ୍କୁ ବୀମାର ବିଷୟ ବସ୍ତୁ ଏବଂ ବୀମିତ ଅତୀତରେ ସଙ୍କଟର ପ୍ରବନ୍ଧ କେମିତି  କରିଛି, ଏସବୁ ବିଷୟରେ ସୂଚନା ଦେବ ।  ଏହାର ଅର୍ଥ  ହେଉଛି ବୀମା କମ୍ପାନୀର ମୌଖିକ ରୂପେ ମଧ୍ୟ ପ୍ରାପ୍ତ କରିଥିବା ସମସ୍ତ ସୂଚନାକୁ ରେକର୍ଡ କରିବାର କର୍ତ୍ତବ୍ୟ ରହିଛି । ଯାହାକୁ ଅଭିକର୍ତ୍ତାଙ୍କୁ ଅନୁବର୍ତ୍ତୀ ପଦକ୍ଷେପ ହିସାବରେ ଧ୍ୟାନରେ ରଖିବାକୁ ପଡ଼ିଥାଏ ।

## B. ପ୍ରସ୍ତାବର ସ୍ୱୀକୃତି (ସଙ୍କଟାଙ୍କକନ)

ଏକ ସଂପୂର୍ଣ୍ଣ କରାଯାଇଥିବା ପ୍ରସ୍ତାବ ଫର୍ମ ମୁଖ୍ୟତଃ ନିମ୍ନଲିଖିତ ସୂଚନା ଦେଇଥାଏ:

- ✓ ବୀମିତର ବିବରଣୀ
- ✓ ବିଷୟ ବସ୍ତୁର ବିବରଣୀ
- ✓ ଆବଶ୍ୟକୀୟ ବୀମା ସୁରକ୍ଷାର ପ୍ରକାର
- ✓ ଶାରୀରିକ ବିଶେଷତାଗୁଡିକର ବିବରଣୀ – ଉଭୟ ସକାରାତ୍ମକ ଓ ନକାରାତ୍ମକ
- ✓ ବୀମା ଓ ଦାବୀ ଅନୁଭୂତିର ପୂର୍ବବର୍ତ୍ତୀ ଇତିହାସ

ଏକ ସ୍ୱାସ୍ଥ୍ୟ ବୀମା ପ୍ରସ୍ତାବରେ, ବୀମାକର୍ତ୍ତା ଏକ ସମ୍ଭାବ୍ୟ ଗ୍ରାହକ ଉ.ସ୍ୱ. 45 ବର୍ଷ ବୟସରୁ ଉର୍ଦ୍ଧ୍ୱକୁ  ମେଡିକାଲ ଯାଞ୍ଚ ପାଇଁ ଏକ ଡାକ୍ତରଙ୍କ ପାଖକୁ ବି ପଠାଇପାରେ । ପ୍ରସ୍ତାବକର ଉପଲବ୍ଧ ସୂଚନା ଆଧାରରେ, ଏବଂ, ଯେଉଁଠି ମେଡିକାଲ ଯାଞ୍ଚ କରିବା ପାଇଁ ପରାମର୍ଶ ଦିଆଯାଇଛି, ମେଡିକାଲ ରିପୋର୍ଟ ଓ ଡାକ୍ତରଙ୍କ ସୁପାରିଶ ଆଧାରରେ, ବୀମାକର୍ତ୍ତା ନିଷ୍ପତ୍ତି ନେଇଥାଏ । ବେଳେ ବେଳେ, ଯେଉଁଠି ମେଡିକାଲ ଇତିହାସ ସନ୍ତୋଷଜନକ ହୋଇ ନ ଥାଏ, ଅଧିକ ସୂଚନା ପାଇବା ପାଇଁ ଏକ ଅତିରିକ୍ତ ପ୍ରଶ୍ନାବଳୀ ମଧ୍ୟସମ୍ଭାବ୍ୟ ଗ୍ରାହକଠାରୁ ପ୍ରାପ୍ତ କରିବାର ଆବଶ୍ୟକତା ରହେ । ବୀମାକର୍ତ୍ତା ତାପରେ ସଙ୍କଟ

ଉପରେ ଲାଗୁ କରିବା ପାଇଁ ହାର ବିଷୟରେ ନିଷ୍ପତ୍ତି ନିଏ ଏବଂ ବିଭିନ୍ନ କାରକ ଆଧାରରେ ପ୍ରିମିୟମର ନିର୍ଦ୍ଧାରଣ କରେ, ଯାହାକୁ ତାପରେ ବୀମିତକୁ ସୂଚୀତ କରାଯାଇଥାଏ ।

## C. ବିବରଣୀ ପୁସ୍ତିକା

ଏକ ବିବରଣୀ ପୁସ୍ତିକା ହେଉଛି ବୀମାକର୍ତ୍ତା କିମ୍ବା ତା' ତରଫରୁ ବୀମାର ସମ୍ଭାବ୍ୟ କ୍ରେତାକୁ ଜାରୀ କରାଯାଇଥିବା ଏକ ଦସ୍ତାବିଜ । ଏହା ସାଧାରଣତଃ ଏକ ବ୍ରୋଚର୍ କିମ୍ବା ଲିଫଲେଟ୍ ରୂପେ ଥାଏ କିମ୍ବା ଏହା ଇଲେକ୍ଟ୍ରୋନିକ୍ ରୂପେ ବି ଥାଇପାରେ ଏବଂ ଏକ ଉତ୍ପାଦକୁ ସେଭଳି ସମ୍ଭାବ୍ୟ କ୍ରେତାମାନଙ୍କ ପାଖରେ ପରିଚିତ କରାଇବା ଉଦ୍ଦେଶ୍ୟ ସାଧିତ କରିଥାଏ । ବିବରଣୀ ପୁସ୍ତିକାର ଜାରୀ ବୀମା ଅଧିନିୟମ, 1938 ଦ୍ୱାରା ତଥା ପଲିସୀଧାରକମାନଙ୍କ ହିତ ସୁରକ୍ଷା ବିନିୟମନ 2017 ଓ ଆଇ.ଆର.ଡି.ଏ.ଆଇ.ର ସ୍ୱାସ୍ଥ୍ୟ ବୀମା ବିନିୟମନ 2016 ଦ୍ୱାରା ସଂଚାଳିତ ହୋଇଥାଏ । ସ୍ୱାସ୍ଥ୍ୟ ପଲିସୀ ଗୁଡିକର ବୀମାକର୍ତ୍ତାମାନେ ସାଧାରଣତଃ ସେମାନଙ୍କ ସ୍ୱାସ୍ଥ୍ୟ ବୀମା ଉତ୍ପାଦ ସମ୍ବନ୍ଧୀୟ ବିବରଣୀ ପୁସ୍ତିକା ପ୍ରକାଶିତ କରିଥାନ୍ତି । ସେଭଳି କ୍ଷେତ୍ରରେ ପ୍ରସ୍ତାବ ଫର୍ମରେ ଏକ ଘୋଷଣାପତ୍ର ଥାଏ ଯେ ଗ୍ରାହକ ବିବରଣୀପୁସ୍ତିକାକୁ ପଢ଼ିଛି ଏବଂ ଏଥିରେ ସମ୍ମତି ପ୍ରଦାନ କରୁଛି ।

ଅଧ୍ୟାୟ 4 ରେ ଆଲୋଚନା କରାଯାଇଥିବା ଭଳି, ବୀମା ଅଧିନିୟମ 1938 ର ଧାରା 64VB ବିନିୟମିତ କରେ ଯେ ପ୍ରିମିୟମସବୁକୁ ଅଗ୍ରୀମରେ ସଂଗ୍ରହ କରିବାକୁ ପଡ଼ିଥାଏ । ଅବଶ୍ୟ, COVID-19 ପ୍ରାଦୁର୍ଭାଗ କାରଣରୁ ଉପୁଜିଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବୀମା ପ୍ରିମିୟମର ପ୍ରଦାନକୁ ସହଜ କରିବାର ଆବଶ୍ୟକତାକୁ ବିଚାର କରି, ଆଇ.ଆର.ଡି.ଏ. ଆଇ. ବୀମାକର୍ତ୍ତାମାନଙ୍କୁ ବୈୟକ୍ତିକ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡିକର ପ୍ରିମିୟମକୁ କିସ୍ତିରେ ସଂଗ୍ରହ କରିବା ପାଇଁ ସ୍ୱୀକୃତି ଦେଇଥିଲା । ଏକ ଶାସନାଦେଶ ମଧ୍ୟ ଜାରୀ କରାଗଲା ଯେ ବୀମା କମ୍ପାନୀମାନେ କିସ୍ତିରେ ପ୍ରିମିୟମର ପ୍ରଦାନର ସୁବିଧାର ଉପଲବ୍ଧତା ଏବଂ ତାର ସର୍ତ୍ତାବଳୀକୁ, ସେମାନଙ୍କ ୱେବସାଇଟ୍ ରେ ଘୋଷିତ କରିପାରନ୍ତି । ଏହି ସୁବିଧାକୁ କୌଣସି ଭେଦଭାବ ବିନା ସମସ୍ତ ପଲିସୀଧାରକଙ୍କୁ ପ୍ରଦାନ କରାଯାଇପାରେ ।

## D. ପଲିସୀ ଦସ୍ତାବିଜ

ପଲିସୀଧାରକଙ୍କ ହିତ ସୁରକ୍ଷା ପାଇଁ ଆଇ.ଆର.ଡି.ଏ.ଆଇ. ବିନିୟମନ 2017 ବିନିର୍ଦ୍ଦିଷ୍ଟ କରିଛି ଯେ ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ଦସ୍ତାବିଜରେ ସମ୍ମିଳିତ ଥିବା ଉଚିତ୍ :

a) ବୀମିତ କିମ୍ବା ବିଷୟ ବସ୍ତୁରେ ବୀମାଯୋଗ୍ୟ ହିତ ଥିବା ଅନ୍ୟ କୌଣସି ବ୍ୟକ୍ତିର ନାମ (ଗୁଡିକ) ଏବଂ ଠିକଣା (ଗୁଡିକ)

b) ବ୍ୟକ୍ତିମାନଙ୍କ କିମ୍ବା ବୀମିତ ହିତର ସଂପୂର୍ଣ୍ଣ ବିବରଣ

c) ବ୍ୟକ୍ତି ଏବଂ/ କିମ୍ବା ଆପଦ ଅନୁସାରେ ପଲିସୀ ଅନ୍ତର୍ଗତ ବୀମା ରାଶି

d) ଉତ୍ପାଦର UIN, ବିକ୍ରୟ ପ୍ରକ୍ରିୟାରେ ସଂପୃକ୍ତ ବ୍ୟକ୍ତିର ନାମ, କୋଡ୍ ନମ୍ବର, ସଂପର୍କ ବିବରଣୀ;

e) ବୀମିତର ଜନ୍ମ ତାରିଖ ଏବଂ ସଂପୂର୍ଣ୍ଣ ବର୍ଷରେ ଅନୁରୂପ ବୟସ;

f) ବୀମାର ଅବଧି ଏବଂ ତାରିଖ ଯେଉଁଠାରୁ ପଲିସୀଧାରକ କୌଣସି ବି ବୀମାକର୍ତ୍ତାଠାରୁ ବିନା ବିରାମରେ ଭାରତରେ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ଅବିଚ୍ଛିନ୍ନ ରୂପେ ପ୍ରାପ୍ତ କରି ଆସୁଛି

g) ଉପ-ସୀମା, ସମାନୁପାତିକ କାଟ ଏବଂ ସମ୍ବନ୍ଧିତ ବୀମା ବିଭାଗ ପରିପ୍ରେକ୍ଷୀରେ ପ୍ୟାକେଜ୍ ହାରର ଉପସ୍ଥିତି, ଯଦି କିଛି ଥାଏ;

h) ସହ-ପ୍ରଦାନ/କୋପେମେଣ୍ଟ ସୀମା, ଯଦି କିଛି ଥାଏ;

i) ପୂର୍ବରୁ ବିଦ୍ୟମାନ ରୋଗ( PED) ପ୍ରତୀକ୍ଷା ଅବଧି, ଯଦି ପ୍ରଯୁଜ୍ୟ ହୋଇଥାଏ;

j) ପ୍ରଯୁଜ୍ୟ ବିଶିଷ୍ଟ ପ୍ରତୀକ୍ଷା ଅବଧି

k) ପ୍ରଯୁଜ୍ୟ ହୋଇଥିବା ରୂପେ କାଟ ଯୋଗ୍ୟ – ସାଧାରଣ ଓ ବିଶେଷ, ଯଦି କିଛି ଥାଏ, ସୁରକ୍ଷାପ୍ରାପ୍ତ ଆପଦ ଏବଂ ଅପବର୍ଜନ

l) ଦେୟ  ପ୍ରିମିୟମ ଏବଂ ଯେଉଁଠି ପ୍ରିମିୟମ ସମାୟୋଜନ କିସ୍ତିରେ ହୋଇଥାଏ, ପ୍ରିମିୟମର ସମାୟୋଜନର ଆଧାର ସହିତ କିସ୍ତିଗୁଡିକର ଆବଧିକତା, ଯଦି କିଛି ଥାଏ

m) ପଲିସୀ ନିୟମାବଳୀ, ସର୍ତ୍ତାବଳୀ ଓ ୱାରେଣ୍ଟି

n) ପଲିସୀ ଅନ୍ତର୍ଗତ ଏକ ଦାବୀ ଉତ୍ପନ୍ନ କରିବାର ସମ୍ଭାବନା ଥିବା ଏକ ଆକସ୍ମିକତାର ଘଟଣାରେ ବୀମିତ ଦ୍ୱାରା ନିଆଯାଇଥିବା ପଦକ୍ଷେପ

o) ଏକ ଦାବୀ ଉତ୍ପନ୍ନ କରିବାର ଘଟଣା ଘଟିବା ଉପରେ ବୀମାର ବିଷୟ ବସ୍ତୁ ସମ୍ବନ୍ଧରେ ବୀମିତର ବୈଧିକ କର୍ତ୍ତବ୍ୟ ଏବଂ ସେସବୁ ପରିସ୍ଥିତିରେ ବୀମାକର୍ତ୍ତାର ଅଧିକାର

p) କୌଣସି ବିଶେଷ ପ୍ରାବଧାନ

q) ମିଥ୍ୟା ଉପସ୍ଥାପନା, କପଟ, ଆବଶ୍ୟକୀୟ ତଥ୍ୟସବୁର ଅଣ-ପ୍ରକଟୀକରଣ କିମ୍ବା ବୀମିତର ଅସହଯୋଗ

r) ଆଡ୍- ଅନ୍ ସୁରକ୍ଷାଗୁଡିକର ବିବରଣୀ, ଯଦି କିଛି ଥାଏ

s) ଅଭିଯୋଗ ନିବାରଣ ତନ୍ତ୍ରର ବିବରଣୀ ଏବଂ ଲୋକପାଳଙ୍କ ଠିକଣା

t) ବୀମାକର୍ତ୍ତାର  ଅଭିଯୋଗ ନିବାରଣ ତନ୍ତ୍ରର ବିବରଣୀ;

u) ମୁକ୍ତ-ଅବଲୋକନ/ପ୍ରିଲୁକ୍ ଅବଧି ସୁବିଧା ଏବଂ ସୁବାହ୍ୟତା ସର୍ତ୍ତାବଳୀ;

v) ପଲିସୀ ସ୍ଥାନାନ୍ତରଣ ସୁବିଧା ଏବଂ ସର୍ତ୍ତାବଳୀ ।

## E. ସର୍ତ୍ତାବଳୀ ଏବଂ ୱାରେଣ୍ଟି

ଏଇଠି, ପଲିସୀ ଶବ୍ଦାବଳୀରେ ବ୍ୟବହାର କରାଯାଉଥିବା ଦୁଇଟି ମହତ୍ୱପୂର୍ଣ୍ଣ ପଦକୁ ବ୍ୟାଖ୍ୟା କରିବା ମହତ୍ୱପୂର୍ଣ୍ଣ ଅଟେ । ଏଗୁଡିକ ହେଉଛି ସର୍ତ୍ତାବଳୀ ଏବଂ ୱାରେଣ୍ଟି ।

1. ସର୍ତ୍ତାବଳୀ: ଏକ ସର୍ତ୍ତ ହେଉଛି ଏକ ବୀମା ଚୁକ୍ତିରେ ଥିବା ଏକ ପ୍ରାବଧାନ ଯାହା ଚୁକ୍ତିର ଆଧାର ହୋଇଥାଏ ।

**ଉଦାହରଣ :**

**a. ଅଧିକାଂଶ ବୀମା ପଲିସୀରେ ମାନକ ସର୍ତ୍ତଗୁଡିକ ମଧ୍ୟରୁ ଗୋଟିଏ ଉଲ୍ଲେଖ କରେ:**

ଯଦି ଦାବୀଟି କୌଣସି ଦିଗରୁ ବି କପଟପୂର୍ଣ୍ଣ ହୋଇଥାଏ, କିମ୍ବା ତାର ସମର୍ଥନରେ କୌଣସି ମିଥ୍ୟା ଘୋଷଣା କରାଯାଏ କିମ୍ବା ଯଦି ପଲିସୀ ଅନ୍ତର୍ଗତ କୌଣସି ଲାଭ ପ୍ରାପ୍ତି କରିବାକୁ ବୀମିତ କିମ୍ବା ତା' ତରଫରୁ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତି ଦ୍ୱାରା କୌଣସି କପଟପୂର୍ଣ୍ଣ ସାଧନ କିମ୍ବା ଉପକରଣ ବ୍ୟବହାର କରାଯାଏ  କିମ୍ବା ଯଦି ହାନି କିମ୍ବା କ୍ଷତି (ନଷ୍ଟ) ଅଭିସନ୍ଧିମୂଳକ କାର୍ଯ୍ୟ କିମ୍ବା ବୀମିତର ମୌନ ସମ୍ମତି ଦ୍ୱାରା ଘଟିତ ହୋଇଥାଏ, ଏହି ପଲିସୀ ଅନ୍ତର୍ଗତ ସମସ୍ତ ଲାଭରୁ ବଞ୍ଚିତ ହେବାକୁ ପଡିବ ।

**b. ଏକ ସ୍ୱାସ୍ଥ୍ୟ ବୀମାରେ ଦାବୀ ସୂଚନା ସର୍ତ୍ତ ଉଲ୍ଲେଖ କରି ପାରେ :**

ଦାବୀଟିକୁ ନିଶ୍ଚିତ ରୂପେ ଡାକ୍ତରଖାନାରୁ ଡିସ୍ଚାର୍ଜ ହେବା ତାରିଖଠାରୁ କିଛି ନିର୍ଦ୍ଦିଷ୍ଟ ଦିନ ମଧ୍ୟରେ ଦାଖଲ କରିବା ଉଚିତ୍ । ଅବଶ୍ୟ, ଚରମ କଷ୍ଟ ଅବଧିରେ ଏହି ସର୍ତ୍ତର ଅସ୍ୱୀକୃତିକୁ ବିଚାର କରାଯାଇପାରେ ।

ସର୍ତ୍ତର ଉଲ୍ଲଘଂନ ବୀମାକର୍ତ୍ତାର ଇଚ୍ଛାରେ ପଲିସୀଟିକୁ ଅମାନ୍ୟ କରିପାରେ ।

2. **ୱାରେଣ୍ଟି: ଏକ ୱାରେଣ୍ଟି ହେଉଛି ବୀମାକର୍ତ୍ତା ଓ ବୀମିତ ମଧ୍ୟରେ ଏକ ରାଜିନାମା (ଚୁକ୍ତି) ଯାହାକୁ ନିଶ୍ଚିତ ଭାବେ ସଂପୂର୍ଣ୍ଣ ରୂପେ ପାଳନ କରିବା ଉଚିତ୍ । ଏହା ପଲିସୀ ଦସ୍ତାବିଜର ଏକ ଅଂଶ ହୋଇଥାଏ । ଉଦାହରଣ ସ୍ୱରୂପ, ବୀମାକର୍ତ୍ତା ଏକ ବିଶେଷ ରୋଗର ସଙ୍କଟକୁ ବୀମା ସୁରକ୍ଷା ଦେଇପାରେ ଏହି ସର୍ତ୍ତରେ ଯେ ବୀମିତ ଏକ ବିଶେଷଜ୍ଞ ସହିତ ତ୍ରୈମାସିକ ପରାମର୍ଶ କରିବ । ଉପରୋକ୍ତ ଉଦାହରଣରେ, ଚୁକ୍ତିର ତା' ଅଂଶକୁ ପୂରଣ କରିବାରେ ବୀମିତର ଅସଫଳତା ସେହି ବିଶେଷ ବିଭାଗ/ ୱାରେଣ୍ଟି ସମ୍ବନ୍ଧୀୟ ଦାୟିତ୍ୱକୁ ଅଣପ୍ରଭାବୀ କିମ୍ବା ହ୍ରାସ କରିପାରେ ।**

ୱାରେଣ୍ଟିଗୁଡିକୁ କଡ଼ାକଡ଼ି ରୂପେ ଏବଂ ସ୍ୱଷ୍ଟ ରୂପେ ପାଳନ ଓ ଅନୁପାଳନ କରିବା ଆବଶ୍ୟକ, ଏହା ସଙ୍କଟ ପାଇଁ ମହତ୍ୱପୂର୍ଣ୍ଣ ହୋଇଥାଉ ଅଥବା ନ ହୋଇଥାଉ ।

ସ୍ୱୟଂ ପରୀକ୍ଷା କରନ୍ତୁ  1

ନିମ୍ନ ଉକ୍ତି ମଧ୍ୟରୁ କେଉଁ ଗୋଟିକ ଏକ ୱାରେଣ୍ଟି ସମ୍ବନ୍ଧରେ ସଠିକ୍ ଅଟେ ?

I. ଏକ ୱାରେଣ୍ଟି ହେଉଛି ଏକ ସର୍ତ୍ତ ଯାହାର ଅନୁପାଳନ ପଲିସୀରେ ବିନା ଉଲ୍ଲେଖ କରା ଯାଇ କରାଯାଇଥାଏ ।

II. ଏକ ୱାରେଣ୍ଟି ଏକ ପଲିସୀ ଦସ୍ତାବିଜର ଅଂଶ ହୋଇଥାଏ

III. ଏକ ୱାରେଣ୍ଟିକୁ ସର୍ବଦା ବୀମିତକୁ ଅଲଗାଭାବେ ସୂଚୀତ କରାଯାଇଥାଏ ଏବଂ ପଲିସୀ ଦସ୍ତାବିଜର ଅଂଶ ହୋଇ ନ ପାରେ

IV. ଦାବୀଗୁଡିକ ଦେୟ ହେବ ଯଦି ବି ଏକ ୱାରେଣ୍ଟିର ଉଲ୍ଲଙ୍ଘନ କରାଯାଏ ।

**ସ୍ୱାସ୍ଥ୍ୟ ବୀମାରେ ପୃଷ୍ଠାଙ୍କନ**

କେତେକ ଆପଦକୁ ବୀମା ସୁରକ୍ଷା ଦେଇ ଏବଂ ଅନ୍ୟ କେତେକକୁ ଅପବର୍ଜିତ କରି, ଏକ ମାନକ ଫର୍ମରେ ପଲିସୀଗୁଡିକୁ ଜାରୀ କରିବା ବୀମାକର୍ତ୍ତାମାନଙ୍କର ପ୍ରଥା ଅଟେ ।

**ପରିଭାଷା**

ଯଦି ଜାରୀ ସମୟରେ କିଛି ନିୟମ ଓ ସର୍ତ୍ତକୁ ପରିବର୍ତ୍ତନ କରିବା ଆବଶ୍ୟକ ହୁଏପୃଷ୍ଠାଙ୍କନ କୁହାଯାଉଥିବା ଏକ ଦସ୍ତାବିଜ , ମାଧ୍ୟମରେ ସଂଶୋଧନ/ ପରିବର୍ତ୍ତନ ଗୁଡିକୁ ସ୍ଥାପିତ କରି ଏହାକୁ କରାଯାଇଥାଏ ।

ଏହାକୁ ପଲିସୀ ସହିତ ସଂଲଗ୍ନ କରାଯାଇଥାଏ ଏବଂ ଏହା ପଲିସୀର ଏକ ଅଂଶ ହୋଇଥାଏ । ପଲିସୀ ଓ ପୃଷ୍ଠାଙ୍କନ ଏକତ୍ରିତ ଭାବେ ଚୁକ୍ତି ପ୍ରସ୍ତୁତ କରିଥାନ୍ତି । ପରିବର୍ତ୍ତନ/ସଂଶୋଧନଗୁଡିକୁ ରେକର୍ଡ କରିବା ପାଇଁ ପଲିସୀ ଚାଲୁ ରହିଥିବା ସମୟରେ ମଧ୍ୟ ପୃଷ୍ଠାଙ୍କନଗୁଡିକୁ ଜାରୀ କରାଯାଇ ପାରେ ।

ଯେତେବେଳେ ବି ଆବଶ୍ୟକୀୟ ସୂଚନାର ପରିବର୍ତ୍ତନ ହୋଇଥାଏ, ବୀମିତକୁ ବୀମା କମ୍ପାନୀକୁ ପରାମର୍ଶ ଦେବାକୁ ପଡ଼ିଥାଏ ଯିଏ ଏହା ଉପରେ ଧ୍ୟାନ ରଖିବ ଏବଂ ତାହାକୁ ପୃଷ୍ଠାଙ୍କନ ଜରିଆରେ ବୀମା ଚୁକ୍ତିର ଅଂଶ ରୂପେ ସମ୍ମିଳିତ କରିବ ।

ଏକ ପଲିସୀ ଅନ୍ତର୍ଗତ ଆବଶ୍ୟକ ହେଉଥିବା ପୃଷ୍ଠାଙ୍କନଗୁଡିକ ସାଧାରଣତଃ ନିମ୍ନ ସମ୍ବନ୍ଧରେ ହୋଇଥାନ୍ତି:

a) ବୀମା ରାଶିରେ ବିବିଧତା/ ପରିବର୍ତ୍ତନ
b) ବୀମିତର ପରିବାର ସଦସ୍ୟମାନଙ୍କ ସଂଯୋଜନ/ବିଲୋପନ
c) ଏକ ଋଣ ନେଇ ଏବଂ ପଲିସୀଟିକୁ ଏକ ବ୍ୟାଙ୍କରେ ବନ୍ଧକ ରଖି ବୀମାଯୋଗ୍ୟ ହିତର ପରିବର୍ତ୍ତନ
d) ଅତିରିକ୍ତ ଆପଦ/ପଲିସୀ ଅବଧିରେ ବୃଦ୍ଧି କୁ ସୁରକ୍ଷା ଦେବା ପାଇଁ ବୀମାର ବିସ୍ତାର
e) ସଙ୍କଟରେ ପରିବର୍ତ୍ତନ, ଉ.ସ୍ୱ. ଏକ ସମୁଦ୍ରପାରୀ ଯାତ୍ରା ପଲିସୀ କ୍ଷେତ୍ରରେ ଗନ୍ତବ୍ୟସ୍ଥଳରେ ପରିବର୍ତ୍ତନ
f) ବୀମାର ରଦ୍ଦକରଣ
g) ନାମ କିମ୍ବା ଠିକଣାରେ ପରିବର୍ତ୍ତନ, ଇତ୍ୟାଦି ।

**ସ୍ୱୟଂ ପରୀକ୍ଷା କରନ୍ତୁ 2**

ଯଦି ଜାରୀ ସମୟରେ ପଲିସୀର କିଛି ନିୟମ ଓ ସର୍ତ୍ତାବଳୀକୁ ପରିବର୍ତ୍ତନ କରିବା ଆବଶ୍ୟକ ହୁଏ, __________ ମାଧ୍ୟମରେ ସଂଶୋଧନଗୁଡିକୁ ସ୍ଥାପିତ କରି ଏହାକୁ କରାଯାଇଥାଏ ।

I. ୱାରେଣ୍ଟି
II. ପୃଷ୍ଠାଙ୍କନ
III. ପରିବର୍ତ୍ତନ
IV. ପରିବର୍ତ୍ତନଗୁଡିକ ସମ୍ଭବ ନୁହଁ

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

**ଉତ୍ତର 1** - ସଠିକ୍ ବିକଳ୍ପ ହେଉଛି ।।

**ଉତ୍ତର 2** - ସଠିକ୍ ବିକଳ୍ପ ହେଉଛି ।।

# ଅଧ୍ୟାୟ H-03

## ସ୍ୱାସ୍ଥ୍ୟ ବୀମା ଉତ୍ପାଦ

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟ ଆପଣମାନଙ୍କୁ ଭାରତରେ ବୀମା କମ୍ପାନୀମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସ୍ୱାସ୍ଥ୍ୟ ବୀମା ଉତ୍ପାଦମାନଙ୍କ ଉପରେ ଏକ ସଂପୂର୍ଣ୍ଣ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ । କେବଳ ମାତ୍ର ଗୋଟିଏ ଉତ୍ପାଦ-ମେଡିକ୍ଲିମ୍ ଠାରୁ ବିଭିନ୍ନ ପ୍ରକାରର ଶହ ଶହ ଉତ୍ପାଦ ପର୍ଯ୍ୟନ୍ତ, ଉପଯୁକ୍ତ ବୀମା ସୁରକ୍ଷା ଚୟନ କରିବା ପାଇଁ ଗ୍ରାହକ ସମ୍ମୁଖରେ ଏକ ବ୍ୟାପକ ଶୃଙ୍ଖଳା ଅଛି । ଅଧ୍ୟାୟଟି ବିଭିନ୍ନ ସ୍ୱାସ୍ଥ୍ୟ ଉତ୍ପାଦର ବିଶେଷତାଗୁଡିକୁ ବ୍ୟାଖ୍ୟା କରିବ ଯାହା ବ୍ୟକ୍ତି, ପରିବାର ଏବଂ ସମୂହକୁ ସୁରକ୍ଷା ଦେଇପାରନ୍ତି ।

**ଅଧ୍ୟୟନ ପରିଣାମ**

A. ସ୍ୱାସ୍ଥ୍ୟ ବୀମା ଉତ୍ପାଦମାନଙ୍କର ବର୍ଗୀକରଣ

B. ସ୍ୱାସ୍ଥ୍ୟ ବୀମାରେ ମାନକୀକରଣ ଉପରେ ଆଇମାର୍ଗଦର୍ଶିକା.ଏ.ଡି.ଆର୍.

C. ହସ୍ପିଟାଲାଇଜେଶନ୍ କ୍ଷତିପୂର୍ତ୍ତି ଉତ୍ପାଦ

D. ଟପ୍-ଅପ୍ ବୀମା ସୁରକ୍ଷା କିମ୍ବା ଉଚ୍ଚ କାଟଯୋଗ୍ୟ ବୀମା ଯୋଜନା

E. ବରିଷ୍ଠ /ଜ୍ୟେଷ୍ଠ ନାଗରିକ ପଲିସୀ

F. ନିଶ୍ଚିତ ଲାଭ ସୁରକ୍ଷା - ଡାକ୍ତରଖାନା ନଗଦସଙ୍କଟମୟ ରୋଗ ,

G. କମ୍ବୋ-ଉତ୍ପାଦ /ମିଶ୍ରିତ ଉତ୍ପାଦ

H. ଗରିବ ଶ୍ରେଣୀ ପାଇଁ ସୂକ୍ଷ୍ମ ବୀମା ଏବଂ ସ୍ୱାସ୍ଥ୍ୟ ବୀମା

I. ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା

J. ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା

K. ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା

L. ବ୍ୟକ୍ତିଗତ ଦୁର୍ଘଟଣା ଏବଂ ବିକଳାଙ୍ଗତା ସୁରକ୍ଷା

M. ସମୁଦ୍ରପାରୀ/ବିଦେଶ ଯାତ୍ରା ବୀମା

N. ସମୂହ ସ୍ୱାସ୍ଥ୍ୟ ବୀମା ସୁରକ୍ଷା

O. ବିଶେଷ ଉତ୍ପାଦ

P. ସ୍ୱାସ୍ଥ୍ୟ ବୀମା ମାନଙ୍କରେ ଥିବା ମୂଖ୍ୟ ପଦାବଳୀ

ଏହି ଅଧ୍ୟାୟକୁ ଅଧ୍ୟୟନ କରିବା ପରେ, ଆପଣମାନେ ସକ୍ଷମ ହେବା ଉଚିତ୍ :

a) ବିଭିନ୍ନ ବର୍ଗର ସ୍ୱାସ୍ଥ୍ୟ ବୀମାକୁ ବ୍ୟାଖ୍ୟା କରିବା ପାଇଁ

b) ସ୍ୱାସ୍ଥ୍ୟ ବୀମାରେ ମାନକୀକରଣ ଉପରେ ଆଇ.ଆର.ଡି.ଏ.ଆଇ. ମାର୍ଗଦର୍ଶିକାକୁ ବର୍ଣ୍ଣନା କରିବା ପାଇଁ

c) ଆଜିକାଲି ଭାରତୀୟ ବଜାରରେ ଉପଲବ୍ଧ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ଉତ୍ପାଦ ଉପରେ ଆଲୋଚନା କରିବା ପାଇଁ

d) ବ୍ୟକ୍ତିଗତ ଦୁର୍ଘଟଣା ବୀମାକୁ ବ୍ୟାଖ୍ୟା କରିବା ପାଇଁ

e) ସମୁଦ୍ର ପାରୀ/ବିଦେଶ ଯାତ୍ରା ବୀମା ଉପରେ ଆଲୋଚନା କରିବା ପାଇଁ

f) ସ୍ୱାସ୍ଥ୍ୟ ପଲିସୀମାନଙ୍କରେ ଥିବା ମୁଖ୍ୟ ପଦ ଏବଂ ଅନୁଚ୍ଛେଦ/ଧାରାଗୁଡିକୁ ବୁଝିବା ପାଇଁ

## A. ସ୍ୱାସ୍ଥ୍ୟ ବୀମା ଉତ୍ପାଦମାନଙ୍କର ବର୍ଗୀକରଣ

### 1. ସ୍ୱାସ୍ଥ୍ୟ ବୀମା ଉତ୍ପାଦମାନଙ୍କର ପରିଚୟ

**ପରିଭାଷା**

ବୀମା ଅଧିନିୟମ 1938 ,ର ଧାରା 6) 2C) ଅନ୍ତର୍ଗତ "ସ୍ୱାସ୍ଥ୍ୟ ବୀମା ବ୍ୟବସାୟ" ର ସଂଜ୍ଞା ଏପରି ଏକ ,"ଚୁକ୍ତି ଯେଉଁଗୁଡ଼ିକ ଅସୁସ୍ଥତା ସର୍ଜିକାଲ କିମ୍ବା ହସ୍ପିଟାଲ , ଲାଭ କିମ୍ବା ମେଡିକାଲ (ରୋଗ)ଖର୍ଚ୍ଚ ଲାଭର ପ୍ରାବଧାନ ରଖନ୍ତିଆନ୍ତଃ ,– ରୋଗୀ କିମ୍ବା ବାହ୍ୟ-ରୋଗୀ ହୋଇଥାଉସେଗୁଡ଼ିକୁ ,ଯାତ୍ରା ସୁରକ୍ଷା ଏବଂ ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା ହୋଇଥାଉ , ପ୍ରଭାବଶାଳୀ କରିବା" ।

ଭାରତୀୟ ବଜାରରେ ଉପଲବ୍ଧ ସ୍ୱାସ୍ଥ୍ୟ ବୀମା ଉତ୍ପାଦଗୁଡ଼ିକ ମୁଖ୍ୟତଃ ହସ୍ପିଟାଲାଇଜେଶନ (ଡାକ୍ତରଖାନାରେ ଭର୍ତ୍ତିକରଣ) ଉତ୍ପାଦର ସ୍ୱରୂପରେ ହୋଇଥାନ୍ତି । ଏହି ଉତ୍ପାଦଗୁଡ଼ିକ ଡାକ୍ତରଖାନାରେ ଭର୍ତ୍ତିକରଣ ସମୟରେ ଏକ ବ୍ୟକ୍ତି ଦ୍ୱାରା ହୋଇଥିବା ଖର୍ଚ୍ଚସବୁର ସୁରକ୍ଷା ଦେଇଥାନ୍ତି ।

ତେଣୁକରି, ସ୍ୱାସ୍ଥ୍ୟ ବୀମା ମୁଖ୍ୟତଃ ଦୁଇଟିକାରଣ ପାଇଁ ମହତ୍ୱପୂର୍ଣ୍ଣ ହୋଇଥାଏ:

✓ କୌଣସି ରୋଗଗ୍ରସ୍ତ ହେଲେ ମେଡିକାଲ ସୁବିଧା ପାଇଁ ରାଶିପ୍ରଦାନ କରିବାକୁ ଆର୍ଥିକ ସହାୟତା ପ୍ରଦାନ କରିବା

✓ ବ୍ୟକ୍ତିର ସଂଚୟକୁ ସଂରକ୍ଷିତ କରି ରଖିବା ଯାହା ଅନ୍ୟଥା ରୋଗ ଚିକିତ୍ସା ଖର୍ଚ୍ଚ ଯୋଗୁଁ ସଫା ହୋଇଯାଇଥାନ୍ତା

ଆଜିକାଲି ପ୍ରାୟ ସମସ୍ତ ସାଧାରଣ ବୀମା କମ୍ପାନୀ, ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମାକର୍ତ୍ତା ଓ ଜୀବନ ବୀମାକର୍ତ୍ତାମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଶହ ଶହ ଉତ୍ପାଦ ଦ୍ୱାରା ସ୍ୱାସ୍ଥ୍ୟ ବୀମା କ୍ଷେତ୍ର ଅତି ବ୍ୟାପକ ରୂପେ ବିକଶିତ ହୋଇଛି । ଅବଶ୍ୟ, ମେଡିକ୍ଲେମ୍ ପଲିସୀର ମୂଳଭୂତ ଲାଭ ସଂରଚନା ଅର୍ଥାତ୍ ହସ୍ପିଟାଲାଇଜେଶନ୍ ଖର୍ଚ୍ଚସବୁ ପାଇଁ ବୀମା ସୁରକ୍ଷା ସବୁଠୁ ଲୋକପ୍ରିୟ ପ୍ରକାରର ବୀମା ହୋଇ ରହିଛି ।

### 2. ସ୍ୱାସ୍ଥ୍ୟ ବୀମା ଉତ୍ପାଦମାନଙ୍କର ମୁଖ୍ୟ ବର୍ଗୀକରଣ

ଉତ୍ପାଦର ଡିଜାଇନ୍ ଯାହା ବି ହୋଇଥାଉ ନା କାହିଁକି, ସ୍ୱାସ୍ଥ୍ୟ ବୀମା ଉତ୍ପାଦମାନଙ୍କୁ ମୁଖ୍ୟତଃ ଦୁଇ ବର୍ଗରେ ବିଭକ୍ତ କରାଯାଇପାରେ:

#### a) କ୍ଷତିପୂର୍ତ୍ତି ବୀମା ସୁରକ୍ଷା

ଏହି ଉତ୍ପାଦଗୁଡ଼ିକ ସ୍ୱାସ୍ଥ୍ୟ ବୀମା ବଜାରର ବୃହତ୍ ଗୁଚ୍ଛକୁ ଗଠିତ କରେ ଏବଂ ଡାକ୍ତରଖାନାରେ ଭର୍ତ୍ତି ଯୋଗୁଁ ହୋଇଥିବା ବାସ୍ତବ ଖର୍ଚ୍ଚସବୁ ପାଇଁ ରାଶି ପ୍ରଦାନ କରେ ।

#### b) ନିଶ୍ଚିତ ଲାଭ ସୁରକ୍ଷା

'ଡାକ୍ତରଖାନା ନଗଦ' ମଧ୍ୟ କୁହାଯାଉଥିବା, ଏହି ଉତ୍ପାଦଗୁଡ଼ିକ ଡାକ୍ତରଖାନାରେ ଭର୍ତ୍ତି ସମୟରେ ପ୍ରତିଦିନ ଏକ ନିଶ୍ଚିତ ରାଶି ପ୍ରଦାନ କରନ୍ତି । କେତେକ ଉତ୍ପାଦ ବିଭିନ୍ନ ସର୍ଜରୀ ପାଇଁ ଏକ ପୂର୍ବ-ନିର୍ଦ୍ଧାରିତ ରାଶି ବି ପ୍ରଦାନ କରନ୍ତି ।

### 3. ଗ୍ରାହକ ଶ୍ରେଣୀ ଆଧାରରେ ବର୍ଗୀକରଣ

ଉତ୍ପାଦଗୁଡ଼ିକୁ ଉଦ୍ଦିଷ୍ଟ ଗ୍ରାହକ ଶ୍ରେଣୀ ଆଧାରରେ ମଧ୍ୟ ବର୍ଗୀକୃତ କରାଯାଇଥାଏ । ଗ୍ରାହକ ଅନୁଭାଗଗୁଡ଼ିକ ଆଧାରରେ ବର୍ଗୀକରଣ କରାଯାଇଥିବା ଉତ୍ପାଦଗୁଡ଼ିକ ହେଉଛନ୍ତି:

a) **ଖୁଚୁରା ଗ୍ରାହକ ଓ ସେମାନଙ୍କ ପରିବାର ସଦସ୍ୟମାନଙ୍କୁ ପ୍ରଦାନ କରାଯାଉଥିବା ବୈୟକ୍ତିକ ସୁରକ୍ଷା**

b) **କର୍ମଚାରୀ ଓ ସମୂହମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିବା, ସେମାନଙ୍କ ସଦସ୍ୟମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିବା କର୍ପୋରେଟ୍ କ୍ଲାଏଣ୍ଟମାନଙ୍କୁ ପ୍ରଦାନ କରାଯାଉଥିବା ସମୂହ ସୁରକ୍ଷା**

c) **ସରକାରୀ ଯେପରିକି ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା/ ଲୋକ ସଂଖ୍ୟାର ଅତି ଗରିବ ଶ୍ରେଣୀକୁ ସୁରକ୍ଷା ପ୍ରଦାନ କରୁଥିବା ବିଭିନ୍ନ ରାଜ୍ୟ ସ୍ୱାସ୍ଥ୍ୟ ବୀମା ଯୋଜନା ଭଳି ମାନବ ସମୂହ ପଲିସୀ ।**

ପ୍ରତ୍ୟେକ ଅନୁଭାଗ ପାଇଁ ଲାଭ ସଂରଚନା, ମୂଲ୍ୟ ନିର୍ଦ୍ଧାରଣ, ସଙ୍କଟାଙ୍କନ ଏବଂ ମାର୍କେଟିଙ୍ଗ୍ ଅତ୍ୟନ୍ତ ଭିନ୍ନ ହୋଇଥାଏ ।

ସ୍ୱାସ୍ଥ୍ୟ ବୀମା ପାଇଁ ବିନିୟମନ: ସ୍ୱାସ୍ଥ୍ୟ ଉତ୍ପାଦମାନଙ୍କ ସମ୍ବନ୍ଧରେ ସ୍ୱାସ୍ଥ୍ୟ ବିନିୟମନ, 2016 ରେ କେତେକ ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ଅଣାଯାଇଛି, ତା ମଧ୍ୟରୁ କେତେକକୁ ନିମ୍ନରେ ଦିଆଯାଇଛି:

1. ଜୀବନ ବୀମା କମ୍ପାନୀମାନେ ଦୀର୍ଘାବଧି ବୀମା ସ୍ୱାସ୍ଥ୍ୟ ଉତ୍ପାଦ ପ୍ରଦାନ କରିପାରନ୍ତି କିନ୍ତୁ ସେଭଳି ଉତ୍ପାଦମାନଙ୍କ ପାଇଁ ପ୍ରିମିୟମ ଅତି କମ୍ ରେ ତିନି ବର୍ଷର ପ୍ରତ୍ୟେକ ବ୍ଲକ୍ ଅବଧି ପାଇଁ ଅପରିବର୍ତ୍ତନୀୟ ରହିବ, ତାହା ପରେ ପ୍ରିମିୟମର ସମୀକ୍ଷା କରାଯାଇପାରେ ଏବଂ ଆବଶ୍ୟକ ଅନୁସାରେ ପରିବର୍ତ୍ତନ କରାଯାଇପାରେ ।

2. ଅଣ-ଜୀବନ ଓ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମା କମ୍ପାନୀମାନେ ଗୋଟିଏ ବର୍ଷର ସର୍ବନିମ୍ନ ଅବଧି ଏବଂ ତିନି ବର୍ଷର ସର୍ବାଧିକ ଅବଧି ପାଇଁ ବୈୟକ୍ତିକ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରିପାରନ୍ତି, ଯଦି ଅବଧି ପାଇଁ ପ୍ରିମିୟମ ଅପରିବର୍ତ୍ତନୀୟ ରହେ ।

3. ବୀମା କମ୍ପାନୀମାନେ ଅଭିନବ/ପାଇଲଟ୍ 'ପ୍ରାରମ୍ଭିକ-ଉତ୍ପାଦ' ପ୍ରଦାନ କରିପାରନ୍ତି । ସାଧାରଣ ବୀମାକର୍ତ୍ତା ଏବଂ ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନେ, 1 ବର୍ଷର ପଲିସୀ ଅବଧି କିନ୍ତୁ 5 ବର୍ଷରୁ ଅଧିକ ହୋଇ ନ ଥିବ, ଉତ୍ପାଦକୁ ପ୍ରଦାନ କରିପାରନ୍ତି । ସମୂହ ସ୍ୱାସ୍ଥ୍ୟ ପଲିସୀମାନଙ୍କୁ ଗୋଟିଏ ବର୍ଷର ଅବଧି ପାଇଁ କୌଣସି ବୀମାକର୍ତ୍ତା ଦ୍ୱାରା ପ୍ରଦାନ କରାଯାଇପାରେ କ୍ରେଡିଟ୍ ଲିଙ୍କ୍ଡ ଉତ୍ପାଦ ଅବଧିକୁ ପାଞ୍ଚ ବର୍ଷରୁ ଅଧିକ ହେଉ ନ ଥିବା ଋଣ ସମୟାବଧି ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ ।

4. କୌଣସି ସମୂହ ସ୍ୱାସ୍ଥ୍ୟ ବୀମା ଜାରୀ କରାଯାଇପାରିବ ନାହିଁ ଯେଉଁଠି ସ୍ୱୟଂ ଦଳଗଠନ ବୀମାର ଲାଭ ପାଇବାର ମୁଖ୍ୟ ଉଦ୍ଦେଶ୍ୟ କରାଯାଇଥାଏ । ବୀମାକର୍ତ୍ତାଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ହିସାବରେ ସମୂହର ଆକାର ହେବ ଯାହା ଏହାର ସମସ୍ତ ସମୂହ ପଲିସୀ ସର୍ବନିମ୍ନ 7 ସଦସ୍ୟ ଅନ୍ତର୍ଗତ, ଏମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ।

5. ସାଧାରଣ ବୀମାକର୍ତ୍ତା ଏବଂ ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନେ ପାଞ୍ଚ ବର୍ଷରୁ ଅଧିକ ହେଉ ନ ଥିବା ଋଣ ସମୟାବଧି ପର୍ଯ୍ୟନ୍ତ ପାଇଁ କ୍ରେଡିଟ୍ ଲିଙ୍କ୍ଡ ସମୂହ ବ୍ୟକ୍ତିଗତ ଦୁର୍ଘଟଣା ପଲିସୀଗୁଡିକୁ ପ୍ରଦାନ କରିପାରନ୍ତି ।

6. ବହୁବିଧ ପଲିସୀ – ଯଦି ବୀମିତ ଏକାଧିକ ବୀମା କମ୍ପାନୀଠାରୁ ସେହି ସ୍ୱାସ୍ଥ୍ୟ ପଲିସୀଗୁଡିକ ନେଇଛି ଯାହା ନିଶ୍ଚିତ ଲାଭ ପ୍ରଦାନ କରନ୍ତି, ପ୍ରତ୍ୟେକ ବୀମାକର୍ତ୍ତା, ଏକ ବୀମିତ ଘଟଣା ଘଟିବାରେ, ଦାବୀ ପ୍ରଦାନ କରିବ, ଯାହା ପଲିସୀମାନଙ୍କ ନିୟମ ଓ ସର୍ତ୍ତାବଳୀ ଅନୁସାରେ ସେଭଳି ପଲିସୀମାନଙ୍କଠାରୁ ପ୍ରାପ୍ତ ଦେୟ ରାଶିଠାରୁ ସ୍ୱତନ୍ତ୍ର ହୋଇଥାଏ ।

   ଯଦି ଚିକିତ୍ସା ଖର୍ଚ୍ଚସବୁର କ୍ଷତିପୂର୍ତ୍ତି ପାଇଁ ଗୋଟିଏ ସମୟାବଧିରେ ଗୋଟିଏ କିମ୍ବା ଅଧିକ ବୀମାକର୍ତ୍ତାଠାରୁ ବୀମିତ ଦ୍ୱାରା ଦୁଇ କିମ୍ବା ଅଧିକ ପଲିସୀ ନିଆଯାଇଥାଏ, ପଲିସୀଧାରକ ପାଖରେ ତାର କୌଣସି ବି ପଲିସୀ ଠାରୁ ସର୍ତ୍ତାନୁଯାୟୀ ତା' ଦାବୀର ସମାଧାନ ମାଗିବାର ଅଧିକାର ରହିବ । ବୀମାକର୍ତ୍ତା ଯାହା ପାଖରେ ଦାବୀ କରାଯାଏ, ଦାବୀ ପ୍ରଦାନ କରିବ ଏବଂ ପୂର୍ବରୁ ଚୟନିତ ପଲିସୀ/ ପଲିସୀଗୁଡିକ ଅନ୍ତର୍ଗତ ଅସ୍ୱୀକୃତ ଅବଶିଷ୍ଟ ଦାବୀ କିମ୍ବା

ଦାବୀଗୁଡିକୁ ଅନ୍ୟ ପଲିସୀ/ ପଲିସୀଗୁଡିକଠାରୁ କରାଯାଇପାରେ ଯଦି ବୀମା ରାଶିଟି ପୂର୍ବରୁ ଚୟନିତ ପଲିସୀ/ପଲିସୀଗଡିକରେ ସମାପ୍ତ ହୋଇ ନ ଥିବ ।

## B. ସ୍ୱାସ୍ଥ୍ୟ ବୀମାରେ ମାନକୀକରଣ ଉପରେ ଆଇ.ଆର.ଡି.ଏ. ମାର୍ଗଦର୍ଶିକା

ବିଭିନ୍ନ ପ୍ରକାରର ଉତ୍ପାଦ ପ୍ରଦାନ କରୁଥିବା ଅନେକ ବୀମାକର୍ତ୍ତା ବିଭିନ୍ନ ନିୟମ ଓ ଅପବର୍ଜନଗୁଡିକର ବିଭିନ୍ନ ପରିଭାଷା ସହିତ, ବଜାରରେ ଭ୍ରମ ଉତ୍ପନ୍ନ ହୋଇଥିଲା । ଉତ୍ପାଦମାନଙ୍କୁ ତୁଳନା କରିବାରେ ଓ ଏକ ବିବେଚିତ ନିର୍ଣ୍ଣୟ ନେବାରେ ଗ୍ରାହକ ପାଇଁ କଷ୍ଟକର ହୋଇଗଲା । ଅଧିକନ୍ତୁ, ସଙ୍କଟମୟ ରୋଗ ପଲିସୀମାନଙ୍କରେ ଯା ଉପରେ କୌଣସି ସ୍ୱଷ୍ଟ ବୁଝାମଣା ନାହିଁ ଯେ "ସଙ୍କଟମୟ ରୋଗର" ଅର୍ଥ କ'ଣ ଅଟେ ଏବଂ କ'ଣ ନୁହେଁ ।

ବୀମାକର୍ତ୍ତା, ସେବା ପ୍ରଦାନକର୍ତ୍ତା, TPA ଓ ଡାକ୍ତରଖାନାମାନଙ୍କ ବିଭ୍ରାନ୍ତି ଏବଂ ବୀମା କରୁଥିବା ଜନତାଙ୍କ ଅଭିଯୋଗ ଦୂର କରିବା ପାଇଁ, ବିନିୟାମକ/IRDAI ସ୍ୱାସ୍ଥ୍ୟ ବୀମାରେ କିଛି ପ୍ରକାରର ମାନକୀକରଣ ପ୍ରଦାନ କରିବାକୁ ପ୍ରୟାସ କରିଥିଲା । ଏକ ସାଧାରଣ ବୁଝାମଣା ଆଧାରରେ, 2016 ରେ ସ୍ୱାସ୍ଥ୍ୟ ବୀମାରେ ମାନକୀକରଣ ଉପରେ ଆଇ.ଆର.ଡି.ଏ. ମାର୍ଗଦର୍ଶିକା ଜାରୀ କରିଥିଲା ଯାହାକୁ 2020 ରେ ସଂଶୋଧିତ କରାଗଲା । ଏଗୁଡିକ କ୍ଷତିପୂର୍ତ୍ତି ଆଧାରିତ (PA ଏବଂ ଘରୋଇ/ ବିଦେଶଯାତ୍ରା ଛାଡ଼ି) ସ୍ୱାସ୍ଥ୍ୟ ବୀମା ଉତ୍ପାଦ (ଉଭୟ ବୈୟକ୍ତିକ ଓ ସମୂହ) ପ୍ରଦାନ କରୁଥିବା ସମସ୍ତ ସାଧାରଣ ଓ ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ମାର୍ଗଦର୍ଶିକା ବର୍ତ୍ତମାନ ନିମ୍ନଗୁଡିକରେ ମାନକୀକରଣର ପ୍ରାବଧାନ ରଖେ:

1. ସାଧାରଣ ରୂପେ ବ୍ୟବହୃତ ବୀମା ଶବ୍ଦାବଳୀର ପରିଭାଷା
2. ସଙ୍କଟମୟ ରୋଗଗୁଡିକର ପରିଭାଷା
3. ହସ୍ପିଟାଲାଇଜେଶନ୍ କ୍ଷତିପୂର୍ତ୍ତି ପଲିସୀମାନଙ୍କରେ ଖର୍ଚ୍ଚସବୁର ବୈକଳ୍ପିକ ସାମଗ୍ରୀଗୁଡିକର ତାଲିକା
4. ଦାବୀ ଫର୍ମ ଏବଂ ପୂର୍ବ-ଅନୁଜ୍ଞା/Pre-authorisation ଫର୍ମ
5. ବିଲିଙ୍ଗ୍ ପ୍ରାରୂପ
6. ଡାକ୍ତରଖାନାଗୁଡିକ ଡିସ୍ଚାର୍ଜ ସାରାଂଶ
7. TPA, ବୀମାକର୍ତ୍ତା ଓ ଡାକ୍ତରଖାନା ମଧ୍ୟରେ ମାନକ ଚୁକ୍ତି
8. ନୂଆ ପଲିସୀମାନଙ୍କ ପାଇଁ ଆଇ.ଆର.ଡି.ଏ.ଆଇ. ସ୍ୱୀକୃତି ପାଇବାପାଇଁ ମାନକ ଫାଇଲ୍ ଓ ବ୍ୟବହାର ପ୍ରାରୂପ
9. ଅପବର୍ଜନର ମାନକୀକରଣ
10. ଅପବର୍ଜନ ଲଗାଯାଇ ପାରିବ ନାହିଁ

## C. ହସ୍ପିଟାଲାଇଜେଶନ୍ କ୍ଷତିପୂର୍ତ୍ତି ଉତ୍ପାଦ

ହସ୍ପିଟାଲାଇଜେଶନ୍ କ୍ଷତିପୂର୍ତ୍ତି ଉତ୍ପାଦଗୁଡିକ ବ୍ୟକ୍ତିମାନଙ୍କୁ ସେହି ଖର୍ଚ୍ଚରୁ ସୁରକ୍ଷା ପ୍ରଦାନ କରନ୍ତି ଯାହା ସେମାନେ ହସ୍ପିଟାଲାଇଜେଶନ୍ ର ଘଟଣାରେ କରିବାକୁ ଆବଶ୍ୟକ କରି ପାରନ୍ତି । ଅଧିକାଂଶ କ୍ଷେତ୍ରରେ, ସେଗୁଡିକ ହସ୍ପିଟାଲାଇଜେଶନ୍ ର ପୂର୍ବରୁ ଓ ପରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଦିନର ମଧ୍ୟ ସୁରକ୍ଷା ପ୍ରଦାନ କରିଥାଏ, କିନ୍ତୁ ହସ୍ପିଟାଲାଇଜେଶନ୍ ରେ ସଂପୃକ୍ତ ନ ଥିବା କୌଣସି ଖର୍ଚ୍ଚକୁ ବହିର୍ଭୂତ କରିଥାଏ ।

**ଲୋକପ୍ରିୟ ରୂପେ ମେଡିକ୍ଲେମ୍ କୁହାଯାଉଥିବା ହସ୍ପିଟାଲାଇଜେଶନ୍ କ୍ଷତିପୂର୍ତ୍ତି ପଲିସୀ ଏକ 'କ୍ଷତିପୂର୍ତ୍ତି' ଆଧାରରେ କାର୍ଯ୍ୟ କରେ । ଏହା ହସ୍ପିଟାଲାଇଜେଶନ୍ ସମୟରେ ହୋଇଥିବା ଖର୍ଚ୍ଚଗୁଡିକୁ ସୁରକ୍ଷା ପ୍ରଦାନ କରି ପଲିସୀଧାରକର କ୍ଷତିପୂର୍ତ୍ତି କରେ । କେତେକ ଖର୍ଚ୍ଚ ଯାହା ସୁରକ୍ଷାପ୍ରାପ୍ତ ହୋଇ ନ ଥାନ୍ତି, ସେଗୁଡିକୁ ପଲିସୀ ଦସ୍ତାବିଜରେ ବିନିର୍ଦ୍ଦିଷ୍ଟ କରାଯାଇଥାଏ ।**

| ଉଦାହରଣ |
|---|

ରଘୁର ପତ୍ନୀ ଓ 14 ବର୍ଷ ବୟସର ପୁଅକୁ ନେଇ ଏକ ଛୋଟ ପରିବାର,  ସେ ଏକ ସ୍ୱାସ୍ଥ୍ୟ ବୀମା କମ୍ପାନୀଠାରୁ, ପ୍ରତ୍ୟେକ ପାଇଁ ଟ 1 ଲକ୍ଷର ବୈୟକ୍ତିକ ସୁରକ୍ଷା ପାଇଁ, ପରିବାରର ପ୍ରତ୍ୟେକ ସଦସ୍ୟକୁ ସୁରକ୍ଷା ପ୍ରଦାନ କରୁଥିବା ଏକ ମେଡିକ୍ଲେମ୍ ପଲିସୀ ନେଇଛି । ହସ୍ପିଟାଲାଇଜେଶନ୍ କ୍ଷେତ୍ରରେ ସେମାନଙ୍କ ଭିତରୁ ପ୍ରତ୍ୟେକ ଟ. 1 ଲକ୍ଷ ପର୍ଯ୍ୟନ୍ତ ମେଡିକାଲ ଖର୍ଚ୍ଚର ପୁନଃପ୍ରାପ୍ତି କରି ପାରିବେ ।

ରଘୁ ହୃଦଘାତ କାରଣରୁ ଡାକ୍ତରଖାନାରେ ଭର୍ତ୍ତି ହେଲା ଏବଂ ସର୍ଜରୀର ଆବଶ୍ୟକତା ପଡ଼ିଲା । ମେଡିକାଲ ବିଲ ଟ. 1.25 ଲକ୍ଷର ହୋଇଥିଲା । ବୀମା କମ୍ପାନୀ ଯୋଜନା ସୁରକ୍ଷା ଅନୁସାରେ ଟ 1 ଲକ୍ଷ ପ୍ରଦାନ କଲା ଏବଂ ରଘୁକୁ ତା'ନିଜ ପକେଟରୁ ଟ. 25,000 ର ଅବଶିଷ୍ଟ ରାଶିକୁ ଦେବାକୁ ପଡ଼ିଲା ।

କ୍ଷତିପୂର୍ତ୍ତି ଆଧାରିତ ମେଡିକାଲ ପଲିସୀର ମୂଖ୍ୟ ବିଶେଷତାଗୁଡିକର ବିବରଣୀ ନିମ୍ନରେ ଦିଆଯାଇଛି, ଯଦିଓ ସୁରକ୍ଷାର ସୀମାରେ ଭିନ୍ନତା ଥାଇପାରେ, ପ୍ରତ୍ୟେକ ବୀମାକର୍ତ୍ତା ଦ୍ୱାରା କାରବାର କରାଯାଉଥିବା ଉତ୍ପାଦ ଉପରେ ଅତିରିକ୍ତ ଅପବର୍ଜନ କିମ୍ବା ଲାଭ କିମ୍ବା କିଛି ଆଡ୍-ଅନ୍ ଲାଗୁ କରାଯାଇପାରେ ।

1. **ଆନ୍ତଃରୋଗୀ ହସ୍ପିଟାଲାଇଜେଶନ୍ ଖର୍ଚ୍ଚ**

   ପଲିସୀ ବୀମିତକୁ ରୋଗ/ଦୁର୍ଘଟଣା କାରଣରୁ ହେଉଥିବା ହସ୍ପିଟାଲାଇଜେଶନ୍ ଖର୍ଚ୍ଚର ମୂଲ୍ୟକୁ ପ୍ରଦାନ କରିଥାଏ । ପଲିସୀରେ ହସ୍ପିଟାଲାଇଜେଶନ୍ ର ସର୍ବନିମ୍ନ ନିର୍ଦ୍ଧାରିତ ସମୟ (ସାଧାରଣତଃ 24 ଘଣ୍ଟା) ହୋଇଥାଏ ଯାହା ପରେ ପଲିସୀ ପ୍ରାବଧାନଗୁଡିକ ପ୍ରଭାବୀ ହୋଇଥାନ୍ତି । ଅବଶ୍ୟ, ଯଦି ଥରେ ଏହି ସମୟାବଧି ପହଞ୍ଚିଯାଏ, ତେବେ ସଂପୂର୍ଣ୍ଣ ସମୟାବଧି ପାଇଁ ଖର୍ଚ୍ଚଗୁଡିକ ଦେୟ ହୋଇଥାଏ ।

ଚିକିତ୍ସା ସମ୍ବନ୍ଧୀୟ ଅଧିକାଂଶ ଖର୍ଚ୍ଚସବୁ ପ୍ରଦାନ କରାଯାଏ, ତଥାପି କିଛି ଖର୍ଚ୍ଚ ଯେଉଁଥିରେ ବ୍ୟକ୍ତିଗତ ଆରାମ, କସ୍ମେଟିକ୍ ସର୍ଜରୀର ସାମଗ୍ରୀ ଅନ୍ତର୍ଭୁକ୍ତ ହୋଇଥାଏ, ସେଗୁଡିକୁ ପ୍ରଦାନ କରାଯାଏ ନାହିଁ । ତେଣୁକରି ଖର୍ଚ୍ଚର ଅପବର୍ଜିତ ସାମଗ୍ରୀ ଯେଉଁଗୁଡିକ ପଲିସୀ ଅନ୍ତର୍ଗତ ସୁରକ୍ଷାପ୍ରାପ୍ତ ହୋଇ ନ ଥାନ୍ତି, ସେଗୁଡିକ ବିଷୟରେ ଅବଗତ କରାଇବା ଗ୍ରାହକ ପାଇଁ ମହତ୍ୱପୂର୍ଣ୍ଣ ହୋଇଥାଏ ।

i. ହସ୍ପିଟାଲ/ନର୍ସିଂହୋମ୍ ଦ୍ୱାରା ପ୍ରଦାନ କରାଯାଇଥିବା ଭଳି ରୁମ୍, ବୋର୍ଡିଙ୍ଗ୍ ଓ ନର୍ସିଂ ଖର୍ଚ୍ଚ, ଏଥିରେ ଅନ୍ତର୍ଭୁକ୍ତ ହୁଅନ୍ତି ନର୍ସିଂ ସେବା, RMO ଚାର୍ଜ, IV ତରଳ/ରକ୍ତ ସଂଚାର/ ଇଞ୍ଜେକ୍ସନ୍ ଦେବା ଚାର୍ଜ ଏବଂ ସେ ଭଳି ଖର୍ଚ୍ଚ

ii. ଗହନ ସେବା ୟୁନିଟ୍ (ICU) ଖର୍ଚ୍ଚ

iii. ସର୍ଜନ, ଏନେସ୍ଥେଟିସ୍ଟ, ମେଡିକାଲ ପ୍ରାକ୍ଟିଶନର୍, ପରାମର୍ଶଦାତା, ବିଶେଷଜ୍ଞ ଶୁଳ୍କ

iv. ଏନେସ୍ଥେଟିକ୍, ରକ୍ତ, ଅକ୍ସିଜେନ୍, ଅପରେଶନ ଥିଏଟର୍ ଚାର୍ଜ, ସର୍ଜିକାଲ୍ ଉପକରଣ

v. ଔଷଧ ଏବଂ ଡ୍ରଗ୍ସ

vi. ଡାଏଲିସିସ୍, କେମୋଥେରାପି, ରେଡିଓଥେରାପି

vii. ସର୍ଜିକାଲ୍ ପ୍ରକ୍ରିୟା ସମୟରେ ପ୍ରତ୍ୟାରୋପିତ ପ୍ରୋସ୍ଥେଟିକ୍ ଉପକରଣ, ଯେପରିକି ପେସ୍ମେକର୍, ଅର୍ଥୋପେଡିକ୍ ପ୍ରତ୍ୟାରୋପଣ, ଇନ୍ଫ୍ରା କାର୍ଡିଆକ୍ ଭାଲ୍ଭ ପ୍ରତିସ୍ଥାପନ, ଭାସ୍କୁଲାର୍ ଷ୍ଟେଣ୍ଟ

viii. ଆବଶ୍ୟକୀୟ ଲ୍ୟାବୋରେଟୋରୀ/ଡାଇଗ୍ନୋଷ୍ଟିକ୍ ପରୀକ୍ଷା ଏବଂ ଚିକିତ୍ସା ସମ୍ବନ୍ଧୀୟ ଅନ୍ୟାନ୍ୟ ମେଡିକାଲ ଖର୍ଚ୍ଚ

ix. ବୀମିତ ହେବାକୁ ଥିବା ଅଙ୍ଗ ପ୍ରତ୍ୟାରୋପଣ ସମ୍ବନ୍ଧରେ ଡୋନର୍ ଉପରେ କରାଯାଇଥିବା (ଅଙ୍ଗର ମୂଲ୍ୟକୁ ଛାଡ଼ି) ହସ୍ପିଟାଲାଇଜେଶନ୍ ଖର୍ଚ୍ଚ ।

## 2. ଦିବସ ସେବା (ଡେ କେୟାର୍) ପ୍ରକ୍ରିୟା

ଅନେକ ସର୍ଜରୀ ଅଛି ଯାହାକୁ ବିଶେଷୀକୃତ ଡାକ୍ତରଖାନାରେ ଆୟୋଜିତ କରିବା ପାଇଁ ଆବଶ୍ୟକ ହୁଏ ନାହିଁ । ଚକ୍ଷୁ ସର୍ଜରୀ, କେମୋଥେରାପି ଭଳି ଚିକିତ୍ସା; ଡାଏଲିସିସ୍, ଇତ୍ୟାଦିକୁ ଡେ-କେୟାର୍ ସର୍ଜରୀ ଅନ୍ତର୍ଗତ ବର୍ଗୀକୃତ କରାଯାଇପାରେ ଏବଂ ଏଇ ତାଲିକାଟି ଆହୁରି ବଢୁଛି । ଏଗୁଡିକ ମଧ୍ୟ ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରାପ୍ତ ହୋଇଥାଏ ।

## 3. OPD **(ବାହ୍ୟରୋଗୀ) ବୀମା ସୁରକ୍ଷା**

OPD ସୁରକ୍ଷା ପ୍ରଦାନ କରୁଥିବା ସେଭଳି କେତେକ ଉତ୍ପାଦ, ବାହ୍ୟରୋଗୀର ବୀମାସୁରକ୍ଷା ଖର୍ଚ୍ଚ ଏବେ ବି ଭାରତରେ ଅତି ସୀମିତ ଅଟେ । ଅବଶ୍ୟ, କିଛି ଯୋଜନା ଅଛନ୍ତି ଯେଉଁଗୁଡିକ ବାହ୍ୟ ରୋଗୀ ହିସାବରେ ଚିକିତ୍ସା ସୁରକ୍ଷା ଏବଂ ଡାକ୍ତର ଭିଜିଟ୍, ନିୟମିତ ମେଡିକାଲ ପରୀକ୍ଷା, ଦନ୍ତ ସମ୍ବନ୍ଧୀୟ ଓ ଫାର୍ମାସୀ ଖର୍ଚ୍ଚ ସହିତ ସଂପୃକ୍ତ ସମ୍ବନ୍ଧିତ ସ୍ୱାସ୍ଥ୍ୟ ସେବା ଖର୍ଚ୍ଚ ମଧ୍ୟ ପ୍ରଦାନ କରେ ।

## 4. ହସ୍ପିଟାଲାଇଜେଶନ୍ ପୂର୍ବ ଓ ପରବର୍ତ୍ତୀ ବ୍ୟୟ/ଖର୍ଚ୍ଚ

### i. ହସ୍ପିଟାଲାଇଜେଶନ୍ ପୂର୍ବ ବ୍ୟୟ/ଖର୍ଚ୍ଚ

ହସ୍ପିଟାଲାଇଜେଶନ୍ ଜରୁରୀକାଳୀନ କିମ୍ବା ଯୋଜନାବଦ୍ଧ ହସ୍ପିଟାଲାଇଜେଶନ୍ ହୋଇପାରେ । ଯଦି ଏକ ରୋଗୀ ଏକ ଯୋଜନାବଦ୍ଧ ସର୍ଜରୀ ପାଇଁ ଯାଏ, ହସ୍ପିଟାଲାଇଜେଶନ୍ ପୂର୍ବରୁ ତା' ଦ୍ୱାରା କିଛି ଖର୍ଚ୍ଚ ହୋଇପାରେ । ସେଭଳି ଖର୍ଚ୍ଚସବୁକୁ ହସ୍ପିଟାଲାଇଜେଶନ୍ ପୂର୍ବ ବ୍ୟୟ କୁହାଯାଏ ।

**ପରିଭାଷା**

ଏହାର ଅର୍ଥ ହେଉଛି ବୀମିତ ବ୍ୟକ୍ତିର ହସ୍ପିଟାଲାଇଜେଶନ୍ ପୂର୍ବବର୍ତ୍ତୀ ଏକ ପୂର୍ବନିର୍ଦ୍ଧାରିତ ସଂଖ୍ୟକ ଦିନଗୁଡିକରେ ହୋଇଥିବା ମେଡିକାଲ ବ୍ୟୟ, ଯଦି ଏହିସବୁ ବ୍ୟୟ ବୀମିତ ବ୍ୟକ୍ତି ଡାକ୍ତରଖାନାରେ ଭର୍ତ୍ତି ହେବାର ତୁରନ୍ତ ପୂର୍ବରୁ ହୋଇଥାଏ ଏବଂ

a) ସେହି, ମେଡିକାଲ ବ୍ୟୟ ସେହି ଅବସ୍ଥା ପାଇଁ ହୋଇଥାଏ ଯାହା ପାଇଁ ବୀମିତ ବ୍ୟକ୍ତିର ହସ୍ପିଟାଲାଇଜେଶନ୍ ଆବଶ୍ୟକ ହୋଇଥିଲା, ଏବଂ

b) ସେ ଭଳି ହସ୍ପିଟାଲାଇଜେଶନ୍ ପାଇଁ ଆନ୍ତଃ-ରୋଗୀ ହସ୍ପିଟାଲାଇଜେଶନ ଦାବୀ ବୀମା କମ୍ପାନୀ ଦ୍ୱାରା ସ୍ୱୀକାର୍ଯ୍ୟ ହୋଇଥାଏ ।

ହସ୍ପିଟାଲାଇଜେଶନ୍ ପୂର୍ବ-ବ୍ୟୟଗୁଡିକ ପରୀକ୍ଷା, ଔଷଧ, ଡାକ୍ତରଙ୍କ ଶୁଳ୍କ ଇତ୍ୟାଦି ରୂପେ ହୋଇପାରେ । ହସ୍ପିଟାଲାଇଜେଶନ୍ ପାଇଁ ଆବଶ୍ୟକୀୟ ଓ ତା' ସମ୍ବନ୍ଧୀୟ ସେସବୁ ଖର୍ଚ୍ଚକୁ ସ୍ୱାସ୍ଥ୍ୟ ପଲିସୀମାନଙ୍କ ଅନ୍ତର୍ଗତ ବୀମାସୁରକ୍ଷା ଦିଆଯାଇଥାଏ ।

ii. **ହସ୍ପିଟାଲାଇଜେଶନ୍ ପରବର୍ତ୍ତୀ ବ୍ୟୟ/ ଖର୍ଚ୍ଚ**

ଡାକ୍ତରଖାନାରେ ରହିବା ପରେ, ଅଧିକାଂଶ କ୍ଷେତ୍ରରେ ଆରୋଗ୍ୟ ଲାଭ ପାଇଁ ଏବଂ ଡାକ୍ତରଖାନାରୁ ବୀମିତ ଡିସ୍ଚାର୍ଜ ହେବା ପରେ ତୁରନ୍ତ ଅନୁବର୍ତ୍ତୀ କାର୍ଯ୍ୟ ସମ୍ବନ୍ଧୀୟ ବ୍ୟୟ/ଖର୍ଚ୍ଚ ହୋଇପାରେ ।

ଉଭୟ ଏହି ଦୁଇ ପ୍ରକାରର ବ୍ୟୟ ସ୍ୱୀକାର୍ଯ୍ୟ ହୋଇଥାଏ ଯଦି

a) ସେଗୁଡିକ ସେହି ଅବସ୍ଥା ପାଇଁ ହୋଇଥାଏ ଯାହା ପାଇଁ ବୀମିତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ଭର୍ତ୍ତିକରଣର ଆବଶ୍ୟକତା ହେଲା, ଏବଂ

b) ସେଭଳି ହସ୍ପିଟାଲାଇଜେଶନ୍ ପାଇଁ ଆନ୍ତଃ-ରୋଗୀ ହସ୍ପିଟାଲାଇଜେଶନ୍ ଦାବୀ ବୀମା କମ୍ପାନୀ ଦ୍ୱାରା ସ୍ୱୀକାର୍ଯ୍ୟ ହୋଇଥାଏ ।

ହସ୍ପିଟାଲାଇଜେଶନ୍ ପରବର୍ତ୍ତୀ ବ୍ୟୟଗୁଡିକ ହସ୍ପିଟାଲାଇଜେଶନ୍ ପରେ ନିର୍ଦ୍ଧାରିତ ସଂଖ୍ୟକ ଦିନ ପର୍ଯ୍ୟନ୍ତ ସମୟାବଧି ମଧ୍ୟରେ ହୋଇଥିବା ଆବଶ୍ୟକୀୟ ମେଡିକାଲ ବ୍ୟୟ ହୋଇପାରେ ଏବଂ ଏସବୁକୁ ଦାବୀର ଅଂଶ ରୂପେ ବିଚାର କରାଯିବ ।

ହସ୍ପିଟାଲାଇଜେଶନ୍ ପରବର୍ତ୍ତୀ ବ୍ୟୟଗୁଡିକ ଡାକ୍ତରଖାନାରୁ ଡିସ୍ଚାର୍ଜ ହେବା ପରେ ଔଷଧ, ଡ୍ରଗ୍ସ, ଡାକ୍ତରମାନଙ୍କ ଦ୍ୱାରା ସମୀକ୍ଷା ଇତ୍ୟାଦି ରୂପେ ହୋଇପାରେ । ସେହି ବ୍ୟୟଗୁଡିକ ଡାକ୍ତରଖାନାରେ ନିଆଯାଇଥିବା ଚିକିତ୍ସା ସମ୍ବନ୍ଧରେ ହୋଇଥିବା ଆବଶ୍ୟକ ଏବଂ ସ୍ୱାସ୍ଥ୍ୟ ପଲିସୀ ଅନ୍ତର୍ଗତ ବୀମା ସୁରକ୍ଷାପ୍ରାପ୍ତ ହୋଇଥାଏ ।

ଯଦିଓ ହସ୍ପିଟାଲାଇଜେଶନ୍ ପୂର୍ବ ଓ ପରବର୍ତ୍ତୀ ବ୍ୟୟ ଗୁଡିକର ସୁରକ୍ଷାର ସମୟାବଧି ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ ଏବଂ ଏହାକୁ ପଲିସୀରେ ନିର୍ଦ୍ଧାରିତ କରାଯାଇଛି, ସବୁଠୁ ସାଧାରଣ ବୀମା ସୁରକ୍ଷା ହସ୍ପିଟାଲାଇଜେଶନ୍ ର ପୂର୍ବ ତିରିଶ ଦିନ ଓ ପରବର୍ତ୍ତୀ ଷାଠିଏ ଦିନ ହୋଇଥାଏ ।

ହସ୍ପିଟାଲାଇଜେଶନ୍ ପୂର୍ବ ଓ ପରବର୍ତ୍ତୀ ବ୍ୟୟ/ଖର୍ଚ୍ଚଗୁଡିକ ସଂପୂର୍ଣ୍ଣ ବୀମା ରାଶିର ଅଂଶ ହୋଇଥାଏ ଯାହା ପାଇଁ ପଲିସୀ ଅନ୍ତର୍ଗତ ସୁରକ୍ଷାର ସ୍ୱୀକୃତି ଦିଆଯାଇଥାଏ ।

iii. **ଆବାସିକ ହସ୍ପିଟାଲାଇଜେଶନ୍**

iv. ସେହି ରୋଗୀମାନଙ୍କ ପାଇଁ ମଧ୍ୟ ଏକ ସୁବିଧା ଉପଲବ୍ଧ ହୋଇଥାଏ ଯେଉଁମାନଙ୍କ ରୋଗ ଅନ୍ୟଥା ହସ୍ପିଟାଲାଇଜେଶନ୍ ଆବଶ୍ୟକ କରିଥାଏ କିନ୍ତୁ ଡାକ୍ତରଖାନାରେ ଆବାସର ଅଭାବଯୋଗୁଁ ହୋଇଥାଉ କିମ୍ବା ସେହି ସ୍ଥିତିରେ ଅଛନ୍ତି ଯେ ସେମାନଙ୍କୁ ନିଆଯାଇ ପାରିବ ନାହିଁ, ଏଥି ଯୋଗୁଁ ହୋଇଥାଉ, ସେମାନେ ଘରେ ଚିକିତ୍ସା ଲାଭ କରିଥାନ୍ତି ।

ଏହି ପ୍ରାବଧାନର ଦୁରୁପଯୋଗକୁ ରୋକିବା ପାଇଁ, ଏହି ସୁରକ୍ଷାରେ ସାଧାରଣତଃ ତିନିଠାରୁ ପାଞ୍ଚ ଦିନର ଏକ ଅତିରିକ୍ତ କାଟ ଅନୁଚ୍ଛେଦ ରହିଥାଏ ଯାହାର ଅର୍ଥ ହେଉଛି ଯେ ପ୍ରଥମ ତିନି ଠାରୁ ପାଞ୍ଚ ଦିନର ଚିକିତ୍ସା ଖର୍ଚ୍ଚସବୁକୁ ବୀମିତ ଦ୍ୱାରା ବହନ କରିବାକୁ ପଡିବ । ସୁରକ୍ଷାଟି କେତେକ ବହୁକାଳୀନ/ସ୍ଥାୟୀ କିମ୍ବା ସାଧାରଣ ରୋଗ ଯେପରି କି ଆଜ୍ମା, ବ୍ରୋଙ୍କିଟାଇସ୍, ଡାଇବେଟିସ୍ ମେଲିଟସ୍,ଉଚ୍ଚ ରକ୍ତଚାପ, ଇନଫ୍ଲୁଏଞ୍ଜା, କଫ, ଥଣ୍ଡା, ଏବଂ ଜ୍ୱର ଇତ୍ୟାଦି ପାଇଁ ଆବାସିକ ଚିକିତ୍ସାକୁ ବହିର୍ଭୁତ କରିଥାଏ ।

**ଉଦାହରଣ**

ମୀରା ହସ୍ପିଟାଲାଇଜେଶନ୍ ଘଟଣାରେ ବ୍ୟୟସବୁର ବୀମା ସୁରକ୍ଷା ପାଇଁ ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ନେଇଥିଲା । ପଲିସୀରେ 30 ଦିନର ପ୍ରାରମ୍ଭିକ ପ୍ରତୀକ୍ଷା ଅବଧିର ଏକ କାଟ ଅନୁଚ୍ଛେଦ ଥିଲା । ଦୁର୍ଭାଗ୍ୟବଶତଃ, ସେ ପଲିସୀଟି ନେବାର 20 ଦିନ ପରେ, ମୀରା ମ୍ୟାଲେରିଆରେ ଆକ୍ରାନ୍ତ ହେଲା ଏବଂ 5 ଦିନ ପାଇଁ ତାକୁ ଡାକ୍ତରଖାନାରେ ଭର୍ତ୍ତି କରାଗଲା । ତାକୁ ଅତ୍ୟଧିକ ହସ୍ପିଟାଲ ବିଲ୍ ପ୍ରଦାନ କରିବାକୁ ପଡ଼ିଲା ।

ଯେତେବେଳେ ବୀମା କମ୍ପାନୀଠାରୁ ପ୍ରତିପୂର୍ତ୍ତି ମାଗିଲା, ସେମାନେ ଦାବୀର ପ୍ରଦାନକୁ ଅଗ୍ରାହ୍ୟ କଲେ କାରଣ ହସ୍ପିଟାଲାଇଜେଶନ୍ ର ଘଟଣା ପଲିସୀ ନେବାଠାରୁ 30 ଦିନର ପ୍ରତୀକ୍ଷା ଅବଧି ମଧ୍ୟରେ ଘଟିଥିଲା ।

### a) ଉପଲବ୍ଧ ବୀମା ସୁରକ୍ଷା ବିକଳ୍ପ

i. **ବୈୟକ୍ତିକ ବୀମା ସୁରକ୍ଷା:** ଏକ ବୀମିତ ବ୍ୟକ୍ତି ତା’ ନିଜ ସହିତ ପରିବାର ସଦସ୍ୟ ଯଥା: ପତ୍ନୀ/ ପତି, ଆଶ୍ରିତ ସନ୍ତାନ/ସନ୍ତତି, ଆଶ୍ରିତ ପିତାମାତା, ଆଶ୍ରିତ ଶାଶୁ ଶ୍ୱଶୁର, ଆଶ୍ରିତ ଭାଇଭଉଣୀଙ୍କୁ ବୀମା ସୁରକ୍ଷା ଦେଇପାରେ । କେତେକ ବୀମାକର୍ତ୍ତା ପାଖରେ ଆଶ୍ରିତମାନଙ୍କ ଉପରେ କୌଣସି ପ୍ରତିବନ୍ଧ ନାହିଁ ଯାହାକୁ ସୁରକ୍ଷା ଦିଆଯାଇପାରେ । କେବଳ ଏକମାତ୍ର ପଲିସୀ ଅନ୍ତର୍ଗତ ପ୍ରତ୍ୟେକ ବୀମିତ ବ୍ୟକ୍ତିପାଇଁ ଚୟନିତ ଏକ ଅଲଗା ବୀମା ରାଶି ସହିତ ବୀମିତର ସେଭଳିଆ ପ୍ରତ୍ୟେକ ଆଶ୍ରିତକୁ ବୀମା ସୁରକ୍ଷା ଦେବା ସମ୍ଭବ ଅଟେ । ସେଭଳି ସୁରକ୍ଷାମାନଙ୍କରେ, ପଲିସୀ ଅନ୍ତର୍ଗତ ପ୍ରତ୍ୟେକ ବୀମିତ ବ୍ୟକ୍ତି ପଲିସୀ ଚାଲୁ ରହିଥିବା ସମୟରେ ତା’ ବୀମା ରାଶିର ସର୍ବାଧିକ ରାଶି ପରିମାଣ ପର୍ଯ୍ୟନ୍ତ ଦାବୀ କରିପାରେ । ପ୍ରତ୍ୟେକ ବୀମିତ ବ୍ୟକ୍ତି ପାଇଁ, ତାର ବୟସ ଓ ଚୟନିତ ବୀମା ରାଶି ଏବଂ କୌଣସି ଅନ୍ୟ ହାର ନିର୍ଦ୍ଧାରଣ କାରକ ଅନୁସାରେ, ପ୍ରିମିୟମ ଲାଗୁ କରାଯିବ ।

ii. **ପରିବାର ଫ୍ଲୋଟର୍:** ଏକ ପରିବାର ଫ୍ଲୋଟର ରୂପେ ପରିଚିତ ଏକ ପ୍ରକାରର ପଲିସୀରେ, ପତି/ ପତ୍ନୀ, ଆଶ୍ରିତ ସନ୍ତାନ/ସନ୍ତତି ଏବଂ ଆଶ୍ରିତ ପିତାମାତା ରହିଥିବା ପରିବାରକୁ କେବଳ ଏକମାତ୍ର ସର୍ବୋପରି ବୀମା ରାଶି ପ୍ରଦାନ କରାଯାଇଥାଏ ଯାହା ସମଗ୍ର ପରିବାରରେ ବ୍ୟାପ୍ତ ହୋଇଯାଏ ।

**ଉଦାହରଣ**

ଯଦି ଚାରି ଜଣକର ଏକ ପରିବାର ପାଇଁ ଟ. 5 ଲକ୍ଷର ଏକ ଫ୍ଲୋଟର୍ ପଲିସୀ ନିଆଯାଏ, ଏହାର ଅର୍ଥ ହେଉଛି ଯେ ପଲିସୀ ଅବଧି ସମୟରେ, ଏହା ଏକାଧିକ ପରିବାର ସଦସ୍ୟ ସମ୍ବନ୍ଧୀୟ ଦାବୀଗୁଡିକ ପାଇଁ କିମ୍ବା ପରିବାରର କେବଳ ଜଣେ ସଦସ୍ୟର ଅନେକ ଗୁଡିଏ ଦାବୀ ପାଇଁ ରାଶି ପ୍ରଦାନ କରିବ । ଏସବୁ ଦାବୀ ଏକତ୍ରିତ ରୂପେ ଟ.5 ଲକ୍ଷର ମୋଟ ବୀମା ସୁରକ୍ଷା ଠାକୁ ଅଧିକ ହୋଇ ପାରିବ ନାହିଁ । ପ୍ରିମିୟମକୁ ସାଧାରଣତଃ ବୀମା ପାଇଁ ପ୍ରସ୍ତାବିତ ପରିବାରର ସବୁଠୁ ବରିଷ୍ଠ ବ୍ୟକ୍ତିଙ୍କ ବୟସ ଆଧାରରେ ଲାଗୁ କରାଯାଇଥାଏ ।

ଏହି ଉଭୟ ପଲିସୀ ଅନ୍ତର୍ଗତ ସୁରକ୍ଷା ଓ ଅପବର୍ଜନ ସମାନ ହୋଇ ପାରନ୍ତି । ପରିବାର ଫ୍ଲୋଟର୍ ପଲିସୀଗୁଡିକ ବଜାରରେ ଲୋକପ୍ରିୟ ହେଉଛି ଯେହେତୁ ସଂପୂର୍ଣ୍ଣ ପରିବାର ଏକ ସର୍ବମୋଟ ବୀମା ରାଶି ପାଇଁ ବୀମା ସୁରକ୍ଷା ପାଇଥାନ୍ତି ଯାହାକୁ ଏକ ଉଚ୍ଚ ସ୍ତରରେ ଏକ ଉଚିତ୍ ପ୍ରିମିୟମ ହାରରେ ଚୟନ କରାଯାଇପାରେ ।

### ପୂର୍ବରୁ ବିଦ୍ୟମାନ ରୋଗ (PED)

ବୀମାର ଡିଜାଇନ୍ ସେହି ଦୁର୍ଘଟଣା/ ରୋଗ ଇତ୍ୟାଦି ଯାହା ଅପ୍ରତ୍ୟାଶିତ ରୂପେ ଘଟିଥାନ୍ତି, ସେଗୁଡିକୁ ସୁରକ୍ଷା ଦେବା ପାଇଁ କରାଯାଇଥାଏ । ବିଦ୍ୟମାନ ଥିବା ମେଡିକାଲ ଅବସ୍ଥାର ଚିକିତ୍ସା କରିବାର ମୂଲ୍ୟକୁ ସୁରକ୍ଷା ଦେବା ବୀମାର ଅଂଶ ହୋଇ ନ

ଥାଏ, ଯେହେତୁ  ଏହା ସ୍ୱାସ୍ଥ୍ୟବାନ୍ ଲୋକମାନଙ୍କ ପାଇଁ ଅନ୍ୟାୟ ଅଟେ ଯେଉଁମାନଙ୍କୁ ଅନ୍ୟ କେତେକଙ୍କ ବିଦ୍ୟମାନ ରୋଗଗୁଡ଼ିକ ପାଇଁ ରାଶି ପ୍ରଦାନ କରିବାକୁ ପଡ଼ିଥାଏ l ଏହା ଏକ ପ୍ରକାରେ ରଖାଯାଇଥିବା ସଙ୍କଟଗୁଡ଼ିକୁ ସୁରକ୍ଷା ପ୍ରଦାନ କରୁଥିବା ସଙ୍କଟ ସମୁଚ୍ଚୟ ସୃଷ୍ଟି କରିବାର ସିଦ୍ଧାନ୍ତ ବିରୁଦ୍ଧରେ ହୋଇଥାଏ l ତେଣୁ, ଏକ ସ୍ୱାସ୍ଥ୍ୟ ପଲିସୀ ଜାରୀ କରିବା ପୂର୍ବରୁ ପ୍ରତ୍ୟେକ ବୀମିତ ବ୍ୟକ୍ତିର ବିଦ୍ୟମାନ ରୋଗ/କ୍ଷତସବୁର ବିବରଣୀ ସଂଗ୍ରହ କରିବା ଅତି ମହତ୍ୱପୂର୍ଣ୍ଣ ଅଟେ l ଏହା ବୀମାକର୍ତ୍ତାଙ୍କୁ, ବୀମା ପାଇଁ ପ୍ରସ୍ତାବ ସ୍ୱୀକାର କରିବା, ଉପଯୁକ୍ତ ପ୍ରିମିୟମ ଲାଗୁ କରିବା ଏବଂ/ କିମ୍ବା ଯେଉଁମାନଙ୍କ ଦ୍ୱାରା ଦାବୀ କରିବାର ସମ୍ଭାବନା ଅଧିକ ଅଟେ, ସେମାନଙ୍କ ପାଇଁ ଅତିରିକ୍ତ ସର୍ତ୍ତାବଳୀ ଲାଗୁ କରିବା, ଏସବୁ ଉପରେ ନିଷ୍ପତ୍ତି ନେବା ପାଇଁ ସକ୍ଷମ କରିବ l

ଏକ ପୂର୍ବ-ବିଦ୍ୟମାନ ରୋଗ କ'ଣ ଅଟେ ?

ପଲିସୀ ପ୍ରାରମ୍ଭର ପୂର୍ବର 48 ମାସ ମଧ୍ୟରେ ଏକ ବୀମିତ ବ୍ୟକ୍ତି ଆକ୍ରାନ୍ତ ହୋଇଥିବା ରୋଗଗୁଡ଼ିକ ପୂର୍ବ-ବିଦ୍ୟମାନ ରୋଗ ରୂପେ ବିଚାର କରାଯାଏ l ସେହି ତର୍କ ଆଧାରରେ, ବୀମାକର୍ତ୍ତାମାନଙ୍କୁ, ଏକ ବ୍ୟକ୍ତି ଲଗାତର 48 ମାସ ପାଇଁ ବୀମା ପାଇଁ ସୁରକ୍ଷା ପ୍ରାପ୍ତ ହେବା ପରେ ପୂର୍ବ-ବିଦ୍ୟମାନ ରୋଗଗୁଡ଼ିକୁ ବହିର୍ଭୁତ କରିବାର ଅନୁମତି ନାହିଁ l

ନୂତନୀକରଣ ଯୋଗ୍ୟତା: ଯଦିଓ ସ୍ୱାସ୍ଥ୍ୟ ସେବା ପଲିସୀମାନଙ୍କର ଗୋଟିଏ ବର୍ଷର ଚୁକ୍ତି ଜୀବନ ରହିଥାଏ, ଏବଂ ପ୍ରତ୍ୟେକ ବର୍ଷ ଏକ ନୂଆ ପଲିସୀ ଜାରୀ କରିବାକୁ ପଡ଼ିଥାଏ, ସମସ୍ତ ପଲିସୀ ପାଇଁ ସାରା ଜୀବନ ପାଇଁ ନୂତନୀ କରଣ ଯୋଗ୍ୟତାକୁ ଅନିବାର୍ଯ୍ୟ କରାଯାଇଛି l

**ପୃଥକ ବିଶିଷ୍ଟତା**

ଉତ୍ପାଦରେ ନୂତନ ବିଶେଷତା ପ୍ରଦାନ କରିବା ପାଇଁ ଏବଂ ମୂଲ୍ୟ ନିର୍ଦ୍ଧାରଣକୁ  ବଜାୟ ରଖିବା ପାଇଁ ମଧ୍ୟ, ବୀମା କମ୍ପାନୀମାନେ ଉତ୍ପାଦମାନଙ୍କରେ ଅଭିନବ ପରିବର୍ତ୍ତନ ନେଇ ଆସିଛନ୍ତି l ଉଦାହରଣ ସ୍ୱରୂପ, ମେଡିକ୍ଲେମ୍ ପଲିସୀ, ଯାହା 2000 ପୂର୍ବରୁ ସବୁଠୁ ଲୋକପ୍ରିୟ ଥିଲା, ଅନେକ ପରିବର୍ତ୍ତନ ଦେଇ ଗତି କରିଛି ଏବଂ ବୀମା ସୁରକ୍ଷାରେ ନୂଆ ବିଶେଷ ବିଶିଷ୍ଟତାଗୁଡ଼ିକୁ ଯୋଡ଼ି ଦିଆଯାଇଛି l କେତେକ ବିଶେଷତାକୁ ମୂଳଭୂତ କ୍ଷତିପୂର୍ତ୍ତି ସୁରକ୍ଷା ସହିତ ଯୋଗ କରାଯାଇଛି l ଏହି ବିଶେଷତାଗୁଡ଼ିକ ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଓ ଉତ୍ପାଦ ଉତ୍ପାଦ ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ ଏବଂ ସମସ୍ତ ଉତ୍ପାଦ ପାଇଁ ସମାନ ରୂପେ ଉପଲବ୍ଧ ହୋଇ ନ ପାରେ l

**i. ଉପ ସୀମା ଏବଂ ରୋଗ ବିଶେଷ ଊର୍ଦ୍ଧ୍ୱସୀମା**

କେତେକ ଉତ୍ପାଦରେ ରୋଗ ବିଶେଷ ଊର୍ଦ୍ଧ୍ୱସୀମା ଅଛି, ଉ.ସ୍ୱ. ମୋତିଆବିନ୍ଦୁ/କିଛି ଉତ୍ପାଦରେ ବୀମା ରାଶି ସହ ସଂଯୁକ୍ତ କୋଠରୀ ଭଡ଼ା ଉପରେ ମଧ୍ୟ ଉପ ସୀମା ଅଛି, ଉ.ସ୍ୱ. ପ୍ରତି ଦିନର କୋଠରୀ ଭଡ଼ା ବୀମା ରାଶିର 1% ପର୍ଯ୍ୟନ୍ତ ଏବଂ ICU ଚାର୍ଜ ବୀମା ରାଶିର 2% ପର୍ଯ୍ୟନ୍ତ ସୀମିତ ଯେହେତୁ ଅନ୍ୟାନ୍ୟ ଶୀର୍ଷକ ଯେପରି କି ICU ଚାର୍ଜ, OT ଚାର୍ଜ ଏବଂ ଏପରିକି ସର୍ଜନର ଶୁଳ୍କ ଅନ୍ତର୍ଗତ ବ୍ୟୟଗୁଡ଼ିକୁ ଚୟନ କରାଯାଇଥିବା କୋଠରୀର ପ୍ରକାର ସହିତ ସଂଯୁକ୍ତ ଅଟେ, କୋଠରୀ ଭଡ଼ା  ଊର୍ଦ୍ଧ୍ୱସୀମା ଅନ୍ୟାନ୍ୟ ପ୍ରକାର ବ୍ୟୟଗୁଡ଼ିକୁ ଏବଂ ତେଣୁ ସଂପୂର୍ଣ୍ଣ ହସ୍ପିଟାଲାଇଜେଶନ୍ ବ୍ୟୟଗୁଡ଼ିକୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରେ l

**ii. ସହ-ଦେୟ (ସାଧାରଣତଃ କୋ-ପେ କୁହାଯାଏ)**

ସହ-ଦେୟ (କୋ-ପେମେଣ୍ଟ) କୁ ଆଇ.ଆର.ଡି.ଏ.ଆଇ. ଦ୍ୱାରା ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ଅନ୍ତର୍ଗତ ଖର୍ଚ୍ଚ ସହଭାଗ କରିବାର ମୂଲ୍ୟ ରୂପେ ପରିଭାଷିତ କରାଯାଏ ଯାହା ପ୍ରାବଧାନ ରଖେ ଯେ ପଲିସୀଧାରକ/ବୀମିତ ସ୍ୱୀକାର୍ଯ୍ୟ ଦାବୀ ରାଶିର ଏକ ବିନିର୍ଦ୍ଦିଷ୍ଟ ପ୍ରତିଶତ ବହନ କରିବା l ଏହା ସର୍ବୋପରି ବୀମା ରାଶିକୁ କମ୍ କରେ ନାହିଁ l

ସହ –ଦେୟ ହେଉଛି ଏକ ସ୍ୱାସ୍ଥ୍ୟ ପଲିସୀ ଅନ୍ତର୍ଗତ ପ୍ରତ୍ୟେକ ଦାବୀର ଏକ ଅଂଶ ବୀମିତ ବହନ କରୁଥିବା ଅବଧାରଣା । ଉତ୍ପାଦ ଆଧାରରେ ଏହା ଅନିବାର୍ଯ୍ୟ କିମ୍ବା ସ୍ୱେଚ୍ଛିକ ହୋଇପାରେ । ସହ-ଦେୟ ଅନାବଶ୍ୟକ ହସ୍ପିଟାଲାଇଜେଶନ୍ କୁ ଏଡ଼େଇବା ପାଇଁ ବୀମିତ ମଧ୍ୟରେ କିଛି ଶୃଙ୍ଖଳା ଆଣିଥାଏ । ଏହା ସୁନିଶ୍ଚିତ କରେ ଯେ ବୀମିତ ତାର ସ୍ୱାସ୍ଥ୍ୟ ସେବା ବିକଳ୍ପ ଚୟନ କରିବାରେ ସାବଧାନୀ ରଖୁ ଏବଂ ଆଡମ୍ବରପୂର୍ଣ୍ଣ ଜିନିଷଗୁଡିକୁ ଏଡ଼ାଉ ।

ଯେତେବେଳେ ଏକ ବୀମିତ ଘଟଣା ଘଟେ, ଅନେକ ସ୍ୱାସ୍ଥ୍ୟ ପଲିସୀରେ ବୀମିତକୁ ବୀମିତ ହାନିର ଏକ ଅଂଶକୁ ଆବଣ୍ଟିତ କରିବାର ଆବଶ୍ୟକତା ରହେ । ଉ.ସ୍ୱ. ଯଦି ବୀମିତ ହାନି INR 20000 ହୋଇଥାଏ ଏବଂ ସହ-ଦେୟ ରାଶି ପଲିସୀରେ 10% ହୋଇଥାଏ, ତେଣୁ ବୀମିତ INR 20000 ପ୍ରଦାନ କରିଥାଏ ।

### iii. କାଟଯୋଗ୍ୟ/ଏକ୍ସେସ୍

ଅଧ୍ୟାୟ 5 ରେ ବ୍ୟାଖ୍ୟା କରାଯାଇଥିବା ଭଳି, 'କାଟଯୋଗ୍ୟ', ଯାହାକୁ 'ଏକ୍ସେସ୍' ବି କୁହାଯାଏ, ତାହା ଏକ ଖର୍ଚ୍ଚ-ଆବଣ୍ଟନ ପ୍ରାବଧାନ ଅଟେ । ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ଅନ୍ତର୍ଗତ, ଏହା ପ୍ରାବଧାନ ରଖେ ଯେ କ୍ଷତିପୂର୍ତ୍ତି ପଲିସୀମାନଙ୍କ କ୍ଷେତ୍ରରେ ଏକ ବିନିର୍ଦ୍ଦିଷ୍ଟ ଟଙ୍କା ରାଶି ପାଇଁ ଏବଂ ଡାକ୍ତରଖାନା ନଗଦ ପଲିସୀ କ୍ଷେତ୍ରରେ ଏକ ବିନିର୍ଦ୍ଦିଷ୍ଟ ସଂଖ୍ୟକ ଦିନ/ଘଣ୍ଟା ପାଇଁ ଯାହା ଖର୍ଚ୍ଚ ହେବ, ତାହା ପାଇଁ ବୀମାକର୍ତ୍ତା ଦାୟୀ ରହିବ ନାହିଁ । ସ୍ୱାସ୍ଥ୍ୟ ବୀମାମାନଙ୍କରେ ଏହା ନିଶ୍ଚିତ ଅର୍ଥ ରାଶି ହୋଇଥାଏ ଯାହାକୁ ବୀମାକର୍ତ୍ତା ଦ୍ୱାରା ଦାବୀକୁ ପ୍ରଦାନ କରିବା ପୂର୍ବରୁ ଆରମ୍ଭରେ ପ୍ରଦାନ କରିବା ଆବଶ୍ୟକ ହୋଇଥାଏ, ଉଦାହରଣ ସ୍ୱରୂପ, ଯଦି ଏକ ପଲିସୀରେ କାଟଯୋଗ୍ୟ ଟ. 10,000 ହୋଇଥାଏ, ବୀମିତ ଦାବୀ କରାଯାଇଥିବା ପ୍ରତ୍ୟେକ ବୀମିତ ହାନିରେ ପ୍ରଥମେ ଟ. 10,000 ବହନ କରେ । ଏହାକୁ ବ୍ୟାଖ୍ୟା କରିବା ପାଇଁ, ଯଦି ଦାବୀଟି ଟ. 80,000 ପାଇଁ ହୋଇଥାଏ, ବୀମିତ ପ୍ରଥମ ଟ.10,000 କୁ ବହନ କରେ ଏବଂ ବୀମାକର୍ତ୍ତା ଟ. 70,000 ପ୍ରଦାନ କରେ । ଏହା ବୀମା ରାଶିକୁ କମ୍ କରେ ନାହିଁ ।

ଡାକ୍ତରଖାନା ନଗଦ ପଲିସୀଗୁଡିକ କ୍ଷେତ୍ରରେ କାଟଯୋଗ୍ୟ, ଏକ ବିନିର୍ଦ୍ଦିଷ୍ଟ ସଂଖ୍ୟକ ଦିନ/ଘଣ୍ଟା ପାଇଁ ମଧ୍ୟ ହୋଇପାରେ ଯାହା ବୀମାକର୍ତ୍ତାଦ୍ୱାରା କୌଣସି ଲାଭ ଦେୟ ହେବା ପୂର୍ବରୁ ଲାଗୁ ହେବ ।

ଏକ ଅଭିକର୍ତ୍ତା ନିଶ୍ଚିତ ରୂପେ ଯାଞ୍ଚ କରିବା ଉଚିତ୍ ଓ କାଟଯୋଗ୍ୟଟି ପ୍ରତି ବର୍ଷ କିମ୍ବା ପ୍ରତି ଜୀବନ କିମ୍ବା ପ୍ରତି ଘଟଣା ପାଇଁ ପ୍ରଯୁଜ୍ୟ ଏବଂ ଲାଗୁ କରିବାକୁ ଥିବା ନିର୍ଦ୍ଦିଷ୍ଟ କାଟଯୋଗ୍ୟ , ଏ ବିଷୟରେ, ବୀମିତକୁ ଠିକ୍ ସୂଚୀତ କରିବା ଉଚିତ୍ ।

### iv. ପ୍ରତୀକ୍ଷା ଅବଧି

କୌଣସି ଦାବୀ କରିବା ପାଇଁ ଅଧିକାଂଶ ପଲିସୀରେ ସାଧାରଣତଃ ପଲିସୀ ଆରମ୍ଭ ଠାରୁ 30 ଦିନର ଏକ ପ୍ରତିକ୍ଷା ଅବଧି ପ୍ରଯୁଜ୍ୟ ହୋଇଥାଏ । ଏହା ଅବଶ୍ୟ ଏକ ଦୁର୍ଘଟଣା ଯୋଗୁଁ ହୋଇଥିବା ହସ୍ପିଟାଲାଇଜେଶନ୍ ପାଇଁ ଲାଗୁ ହେବ ନାହିଁ ।

### v. ବିଶେଷ ରୋଗଗୁଡିକ ପାଇଁ ପ୍ରତୀକ୍ଷା ଅବଧି

ଏହା ସେହିସବୁ ରୋଗ ପାଇଁ ପ୍ରଯୁଜ୍ୟ ଅଟେ ଯାହା ପାଇଁ ଚିକିତ୍ସାକୁ ବିଳମ୍ବିତ ଏବଂ ଯୋଜନାବଦ୍ଧ କରାଯାଇପାରେ । ଉତ୍ପାଦ ଆଧାରରେ ଗୋଟିଏ/ଦୁଇ/ଚାରି ବର୍ଷର ପ୍ରତୀକ୍ଷା ଅବଧିକୁ ବୀମା କମ୍ପାନୀମାନଙ୍କ ଦ୍ୱାରା ଲାଗୁ କରାଯାଇପାରେ ଏବଂ ଏହିସବୁ ରୋଗ ପାଇଁ ଏହି ଅବଧିର ସମାପ୍ତି ପରେ ହିଁ ଦାବୀସବୁକୁ ଗ୍ରହଣ କରାଯାଏ । ରୋଗମାନଙ୍କ ମଧ୍ୟରୁ କେତେକ ହେଉଛନ୍ତି ମୋତିଆ ବିନ୍ଦୁ, ସୌମ୍ୟ ପ୍ରୋଷ୍ଟେଟିକ୍ ହାଇପରଟ୍ରଫି, ଅତ୍ୟାର୍ତବ (ମେନୋର୍ହଗିଆ) କିମ୍ବା ତନ୍ତୁପେଶୀ ଅର୍ବୁଦ (ଫାଇବ୍ରୋମିଓମା) ପାଇଁ (ହିଷ୍ଟେରେକ୍ଟୋମି), ହାର୍ନିଆ, ହାଇଡ୍ରୋସିଲ୍, ଜନ୍ମଜାତ ଆନ୍ତରିକ ରୋଗ, ମଳଦ୍ୱାରରେ ନାଡୀବ୍ରଣ (ଫିସ୍ଟୁଲା), ଅର୍ଶ, ସାଇନୁସାଇଟିସ୍ ଏବଂ ସମ୍ବନ୍ଧିତ ବିକାର ଇତ୍ୟାଦି ।

### vi. ଦିବସ ସେବା ପ୍ରକ୍ରିୟା ପାଇଁ ବୀମା ସୁରକ୍ଷା

ପୂର୍ବରୁ ଆଲୋଚନା କରିଥିବା ଭଳି ଦିବସ ସେବା ବର୍ଗ ଅନ୍ତର୍ଗତ ଚିକିତ୍ସା ବିଜ୍ଞାନର ପ୍ରଗତି ଅନେକ ସଂଖ୍ୟକ କାର୍ଯ୍ୟପ୍ରଣାଳୀ/ ପ୍ରକ୍ରିୟାର ସମାବେଶ ହେଉଛି ।

**vii. ପ୍ରାକ୍ ପଲିସୀ ଯାଞ୍ଚ ଖର୍ଚ୍ଚ**

ମେଡିକାଲ ଯାଞ୍ଚର ମୂଲ୍ୟକୁ ପୂର୍ବେ ସମ୍ଭାବ୍ୟ ଗ୍ରାହକମାନଙ୍କ ଦ୍ୱାରା ବହନ କରାଯାଉଥିଲା । ବର୍ତ୍ତମାନ ବୀମାକର୍ତ୍ତା ମୂଲ୍ୟର ପ୍ରତିପୂର୍ତ୍ତି କରେ, ଯଦି ପ୍ରସ୍ତାବଟି ସଙ୍କଟାଙ୍କନ ପାଇଁ ସ୍ୱୀକୃତ ହୁଏ, ପ୍ରତିପୂର୍ତ୍ତି 50% ଠାରୁ 100% ପର୍ଯ୍ୟନ୍ତ ହୋଇଥାଏ । ବର୍ତ୍ତମାନ ଆଇ.ଆର୍.ଡି.ଏ.ଆଇ. ଦ୍ୱାରା ଶାସନାଦେଶ ଜାରୀ କରାଯାଇଛି ଯେ ବୀମାକର୍ତ୍ତା ସ୍ୱାସ୍ଥ୍ୟ ଯାଞ୍ଚ ଖର୍ଚ୍ଚର ଅନ୍ୟୁନ 50% ବହନ କରିବ ।

**viii. ଆଡ୍–ଅନ୍ ବୀମା ସୁରକ୍ଷା**

**ଆଡ୍–ଅନ୍ ବୀମା ସୁରକ୍ଷା କୁହାଯାଉଥିବା ବିଭିନ୍ନ ନୂଆ ଅତିରିକ୍ତ ସୁରକ୍ଷାକୁ ବୀମାକର୍ତ୍ତାମାନଙ୍କ ଦ୍ୱାରା ପ୍ରବର୍ତ୍ତିତ କରାଯାଇଛି** । ସେଗୁଡିକ ମଧ୍ୟରୁ କେତେକ ହେଉଛି:

- ✓ *ମାତୃତ୍ୱ ସୁରକ୍ଷା:* ପୂର୍ବେ ଖୁଚୁରା ପଲିସୀରେ ମାତୃତ୍ୱକୁ ସୁରକ୍ଷା ପ୍ରଦାନ କରାଯାଉ ନ ଥିଲା କିନ୍ତୁ ଭିନ୍ନ ଭିନ୍ନ ପ୍ରତୀକ୍ଷା ଅବଧି ଥାଇ, ଅଧିକାଂଶ ବୀମାକର୍ତ୍ତାଙ୍କ ଦ୍ୱାରା ଏହାକୁ ପ୍ରବର୍ତ୍ତିତ କରାଯାଉଛି ।
- ✓ *ସଙ୍କଟମୟ ରୋଗ ସୁରକ୍ଷା:* କିଛି ରୋଗ ଯେଉଁଗୁଡିକ ଜୀବନ ସଂକଟାପନ୍ନ ସୂଚକ ହୋଇଥାନ୍ତି ଏବଂ ମହଙ୍ଗା ଚିକିତ୍ସା ଆବଶ୍ୟକ କରିଥାଏ, ସେଗୁଡିକ ପାଇଁ ଉଚ୍ଚ ଉତ୍ପାଦ ଅନ୍ତର୍ଗତ ଏକ ବିକଳ୍ପ ରୂପେ ଉପଲବ୍ଧ ।
- ✓ *ବୀମା ରାଶିର ପୁନଃସ୍ଥାପନ:* ଦାବୀର ପ୍ରଦାନ ପରେ, ବୀମା ରାଶି (ଯାହା ଏକ ଦାବୀର ପ୍ରଦାନରେ କମ୍ ହୋଇଥାଏ) କୁ ଅତିରିକ୍ତ ପ୍ରିମିୟମ ପ୍ରଦାନ କରି ମୂଳ ସୀମାକୁ ପୁନଃସ୍ଥାପନା କରାଯାଏ ।
- ✓ *ଆୟୁଷ* (AYUSH) *ପାଇଁ ବୀମା ସୁରକ୍ଷା - ଆୟୁର୍ବେଦ -ଯୋଗ -ୟୁନାନୀ -ସିଦ୍ଧ -ହୋମିଓପାଥ:* ପଲିସୀ ଆୟୁଷ ଚିକିତ୍ସା ପାଇଁ ହସ୍ପିଟାଲ ଖର୍ଚ୍ଚର କିଛି ପ୍ରତିଶତ ପର୍ଯ୍ୟନ୍ତ ସୁରକ୍ଷା ଦେଇପାରେ ।

**ix. ବିଶେଷ ଅଧିକ ବୀମା ସୁରକ୍ଷା**

କିଛି କ୍ଷତିପୂର୍ତ୍ତି ଉତ୍ପାଦ ମୂଲ୍ୟ ଯୁକ୍ତ ବୀମା ସୁରକ୍ଷା ଅନ୍ତର୍ଭୁକ୍ତ କରନ୍ତି ଯାହାକୁ ନିମ୍ନରେ ସୂଚୀଭୁକ୍ତ କରାଯାଇଛି । ଲାଭଗୁଡିକ ପଲିସୀର ଅନୁସୂଚୀରେ ପ୍ରତ୍ୟେକ ସୁରକ୍ଷା ବିରୁଦ୍ଧରେ ବିନିର୍ଦ୍ଦିଷ୍ଟ ବୀମା ରାଶିର ସୀମା ପର୍ଯ୍ୟନ୍ତ ପ୍ରଦାନଯୋଗ୍ୟ ହୋଇପାରେ, ଯାହା ସଂପୂର୍ଣ୍ଣ ବୀମାରାଶି ଦ୍ୱାରା ସୀମିତ ।

- ✓ ବାହ୍ୟ ରୋଗୀ ସୁରକ୍ଷା: ଭାରତରେ ସ୍ୱାସ୍ଥ୍ୟ ବୀମା ଉତ୍ପାଦମାନେ ସାଧାରଣତଃ କେବଳ ଆନ୍ତଃ-ରୋଗୀ ହସ୍ପିଟାଲାଇଜେଶନ୍ ବ୍ୟୟଗୁଡିକୁ ସୁରକ୍ଷା ଦିଏ । ବର୍ତ୍ତମାନ କିଛି କମ୍ପାନୀ କେତେକ ଉଚ୍ଚ-ସମାପ୍ତି/ହାଇ-ଏଣ୍ଡ ଯୋଜନାଗୁଡିକ ଅନ୍ତର୍ଗତ ବାହ୍ୟ-ରୋଗୀ ବ୍ୟୟଗୁଡିକ ପାଇଁ ସୀମିତ ସୁରକ୍ଷା ପ୍ରଦାନ କରନ୍ତି ।
- ✓ ଡାକ୍ତରଖାନା ନଗଦ:ଏହା ଏକ ବିନିର୍ଦ୍ଦିଷ୍ଟ ଅବଧି ପାଇଁ ହସ୍ପିଟାଲାଇଜେଶନ୍ ର ପ୍ରତ୍ୟେକ ଦିନ ପାଇଁ ନିଶ୍ଚିତ ରାଶିର ପ୍ରାବଧାନ ରଖେ । ସାଧାରଣତଃ ଅବଧିଟିକୁ 2/3 ଦିନର ପଲିସୀ କାଟଯୋଗ୍ୟକୁ ଛାଡ଼ି 7 ଦିନ ପାଇଁ ସ୍ୱୀକୃତି ଦିଆଯାଇଥାଏ । ଏ ପ୍ରକାରେ, ଲାଭଟି ଆରମ୍ଭ ହେବ କେବଳ ଯଦି ହସ୍ପିଟାଲାଇଜେଶନ୍ ଅବଧି କାଟଯୋଗ୍ୟ ଅବଧିର ବାହାରେ ହୋଇଥାଏ । ଏହା ହସ୍ପିଟାଲାଇଜେଶନ୍ ଦାବୀର ଅତିରିକ୍ତ କିନ୍ତୁ ପଲିସୀର ସମଗ୍ର ବୀମା ରାଶି ସୀମାରେ ହୋଇଥାଏ କିମ୍ବା ଏକ ଅଲଗା ଉପ-ସୀମା ସହିତ ହୋଇପାରେ ।

- ✓ ଆରୋଗ୍ୟତା ଲାଭ: ଏକ ମୋଟା ରାଶି ଲାଭ ପ୍ରଦାନ କରାଯାଏ ଯଦି ରୋଗ ଏବଂ/କିମ୍ବା ଦୁର୍ଘଟଣା ଯୋଗୁଁ ଡାକ୍ତରଖାନାରେ ରହିବାର ମୋଟ ସମୟାବଧି 10 ଦିନଠାରୁ କମ୍ ହୋଇ ନ ଥାଏ ।
- ✓ ଡୋନର୍ ର ଖର୍ଚ୍ଚ: ପଲିସୀରେ ନିର୍ଦ୍ଧାରିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ବଡ଼ ଅଙ୍ଗ ପ୍ରତ୍ୟାରୋପଣ କ୍ଷେତ୍ରରେ ଡୋନର୍ ପାଇଁ ହୋଇଥିବା ଖର୍ଚ୍ଚର ପ୍ରତିପୂର୍ତ୍ତି ପାଇଁ ଏହି ପଲିସୀ ପ୍ରାବଧାନ ରଖେ ।
- ✓ ଆମ୍ବୁଲାନ୍ସର ପ୍ରତିପୂର୍ତ୍ତି: ବୀମିତ/ବୀମିତ ବ୍ୟକ୍ତି ଦ୍ୱାରା ଆମ୍ବୁଲାନ୍ସ ପାଇଁ ହୋଇଥିବା ଖର୍ଚ୍ଚସବୁକୁ ପଲିସୀର ଅନୁସୂଚୀରେ ବିନିର୍ଦ୍ଦିଷ୍ଟ କିଛି ସୀମା ପର୍ଯ୍ୟନ୍ତ ପ୍ରତିପୂର୍ତ୍ତି କରାଯାଇଥାଏ ।
- ✓ ସହାୟକ ବ୍ୟକ୍ତି ପାଇଁ ଖର୍ଚ୍ଚ: ହସ୍ପିଟାଲାଇଜେଶନ୍ ର ସମୟାବଧି ରେ ବୀମିତ ରୋଗୀର ଯତ୍ନ ନେଉଥିବା ସମୟରେ ଖାଦ୍ୟ, ପରିବହନ ପାଇଁ ସହାୟକର ଖର୍ଚ୍ଚସବୁକୁ ସୁରକ୍ଷା ଦେବା ପାଇଁ ଏହା ଉଦ୍ଦିଷ୍ଟ ଅଟେ । ପଲିସୀ ସର୍ତ୍ତାବଳୀ ଅନୁଯାୟୀ ଏକ ମୋଟା ରାଶି ଦେୟ କିମ୍ବା ପ୍ରତିପୂର୍ତ୍ତି ଦେୟକୁ, ପଲିସୀର ଅନୁସୂଚୀରେ ବିନିର୍ଦ୍ଦିଷ୍ଟ ସୀମା ପର୍ଯ୍ୟନ୍ତ, ପ୍ରଦାନ କରାଯାଇଥାଏ ।
- ✓ ପରିବାରର ପରିଭାଷା: କେତେକ ସ୍ୱାସ୍ଥ୍ୟ ଉତ୍ପାଦରେ ପରିବାରର ପରିଭାଷାରେ ପରିବର୍ତ୍ତନ ହୋଇଛି । ପୂର୍ବେ, ପ୍ରାଥମିକ ବୀମିତ, ପତି/ପତ୍ନୀ, ଆଶ୍ରିତ ପିଲାମାନଙ୍କୁ ସୁରକ୍ଷା ଦିଆଯାଉଥିଲା । ବର୍ତ୍ତମାନ କେତେକ ପଲିସୀ ଅଛି ଯେଉଁଠି ପଲିସୀ ଅନ୍ତର୍ଗତ ପିତାମାତା ଏବଂ ଶାଶୁ ଶ୍ୱଶୁରଙ୍କୁ ମଧ୍ୟ ସୁରକ୍ଷାର ସ୍ୱୀକୃତି ଦିଆଯାଇପାରେ ।

**x.** ଚିକିତ୍ସୀୟ ପରାମର୍ଶକୁ ପାଳନ କରିବାରେ ବିଫଳତା କିମ୍ବା ଚିକିତ୍ସା ପାଳନ କରିବାରେ ବିଫଳତା

ଆରମ୍ଭରେ ପୂର୍ବ-ବିଦ୍ୟମାନ ରୋଗଗୁଡ଼ିକରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟ ବୀମା ସୁରକ୍ଷାକୁ ଅଗ୍ରାହ୍ୟ କରାଯାଉଥିଲା । ସେଭଳି ରୋଗଗୁଡ଼ିକୁ ବହିର୍ଭୁତ କରି ବର୍ତ୍ତମାନ ସୁରକ୍ଷା ପ୍ରଦାନ କରାଯାଉଛି ।

ମାନକ ସ୍ୱାସ୍ଥ୍ୟ ଉତ୍ପାଦ –ଆରୋଗ୍ୟ ସଂଜୀବନୀ: କୋବିଡ୍-19 ମହାମାରୀର ପୃଷ୍ଠ ଭୂମିରେ, ଆଇ.ଆର.ଡି.ଏ.ଆଇ. ସମସ୍ତ ବୀମା କମ୍ପାନୀଙ୍କୁ, ଆରୋଗ୍ୟ ସଂଜୀବନୀ ନାମକ ଏହାକୁ ବୁଝିବାରେ ସହଜ କରିବା ପାଇଁ ନିୟମ ଓ ସର୍ତ୍ତାବଳୀରେ ଭିନ୍ନତା ନ ଥିବା ଏକ ମାନକ ସ୍ୱାସ୍ଥ୍ୟ ଉତ୍ପାଦ ପ୍ରଚଳିତ କରିବାକୁ କହିଲା  ଅବଶ୍ୟ, ପ୍ରତ୍ୟେକ କମ୍ପାନୀର ମୂଲ୍ୟ ନିର୍ଦ୍ଧାରଣ ନୀତି ଅନୁସାରେ ପ୍ରିମିୟମ ଭିନ୍ନ ହୋଇପାରେ । ଏହା ବଜାରରେ ସ୍ୱାସ୍ଥ୍ୟ ବୀମାର ଉତ୍ତମ ପ୍ରବେଶକୁ ସୁନିଶ୍ଚିତ କରିବା ପାଇଁ ଅଟେ । ସମସ୍ତ ବୀମାକର୍ତ୍ତା ଆରୋଗ୍ୟ ସଂଜୀବନୀ କୁହାଯାଉଥିବା ଏହି ଉତ୍ପାଦକୁ ପ୍ରଦାନ କରିବା ଆବଶ୍ୟକ ଅଟେ । [ଏହି ପଦକ୍ଷେପର ପ୍ରସଙ୍ଗ ଥିଲା ଯେ ବଜାରରେ ବିଭିନ୍ନ ସ୍ୱାସ୍ଥ୍ୟ ବୀମା ଉପଲବ୍ଧ ଥିଲା ଏବଂ ଗ୍ରାହକମାନେ ସେମାନଙ୍କୁ ତୁଳନା କରିବାରେ ସକ୍ଷମ ନ ଥିଲେ, ଯାହା କାରଣରୁ ବିଭ୍ରାନ୍ତି ଜାତ ହେଉଥିଲା ।]

ଆରୋଗ୍ୟ ସଂଜୀବନୀ ବୀମା ପଲିସୀ ଅନ୍ତର୍ଗତ ଦୁଇ ପ୍ରକାରର ଯୋଜନା ଉପଲବ୍ଧ ଅଛନ୍ତି:

- **ବୈୟକ୍ତିକ ଯୋଜନା**: ଏକ ଏକକ ପଲିସୀଧାରକ ଆରୋଗ୍ୟ ସଂଜୀବନୀ ଯୋଜନାର ଲାଭଗ୍ରହୀତା ହେବେ ।
- ପରିବାର ଫ୍ଲୋଟର୍ ଯୋଜନା: ପଲିସୀ ଧାରକର ବହୁଳ ପରିବାର ସଦସ୍ୟ ଆରୋଗ୍ୟ ସଂଜୀବନୀ ଯୋଜନାର ଲାଭଗ୍ରହୀତା ହେବେ ।
- **ଏହି ଉତ୍ପାଦ କୋଠରୀ ଭଡ଼ା ଓ ICU ଚାର୍ଜ ଉପରେ ଉର୍ଦ୍ଧ୍ୱସୀମା (କ୍ୟାପିଙ୍ଗ୍) ସହିତ ଆସେ କିନ୍ତୁ ଏହା ଆଧୁନିକ ଦିବସ ଚିକିତ୍ସା ଏବଂ ଷ୍ଟେମ୍ ସେଲ୍ ଥେରାପିକୁ ବି 50% କ୍ୟାପିଙ୍ଗ୍ ସହିତ ସୁରକ୍ଷା ପ୍ରଦାନ କରେ ।**

## D. ଟପ୍-ଅପ୍ ସୁରକ୍ଷା କିମ୍ବା ଉଚ୍ଚ କାଟଯୋଗ୍ୟ ବୀମା ଯୋଜନା

ଏକ ଟପ୍-ଅପ୍ ସୁରକ୍ଷାକୁ ଏକ ଉଚ୍ଚ କାଟଯୋଗ୍ୟ ପଲିସୀ ମଧ୍ୟ କୁହାଯାଏ । ବୀମାକର୍ତ୍ତାମାନଙ୍କ ଦ୍ୱାରା ଟପ୍ –ଅପ୍ ପଲିସୀମାନେ, ଅଧିକ ବୀମା ରାଶି ପାଇଁ ଓ (ଥ୍ରେସ୍ହୋଲ୍ଡ କୁହାଯାଉଥିବା) ଏକ ବିନିର୍ଦ୍ଦିଷ୍ଟ ରାଶିର ଊର୍ଦ୍ଧ୍ୱରେ ସୁରକ୍ଷା ପ୍ରଦାନ କରନ୍ତି । ଏହି ପଲିସୀ ଏକ କମ୍ ବୀମା ରାଶିଥିବା ଏକ ମୂଳଭୂତ ସ୍ୱାସ୍ଥ୍ୟ ସୁରକ୍ଷା ସହିତ କାର୍ଯ୍ୟ କରେ ଏବଂ ଏକ ଅପେକ୍ଷାକୃତ ଯଥାର୍ଥ ପ୍ରିମିୟମରେ ଆସିଥାଏ । ଉଦାହରଣ ସ୍ୱରୂପ, ସେମାନଙ୍କ ନିଯୁକ୍ତିଦାତାମାନଙ୍କ ଦ୍ୱାରା ସୁରକ୍ଷା ପ୍ରାପ୍ତ ହୋଇଥିବା ବ୍ୟକ୍ତିମାନେ ଅତିରିକ୍ତ ସୁରକ୍ଷା ପାଇଁ (ଥ୍ରେସ୍ହୋଲ୍ଡ ରୂପେ ପ୍ରଥମ ପଲିସୀର ବୀମା ରାଶିକୁ ରଖି) ଏକ ଟପ୍-ଅପ୍ ସୁରକ୍ଷା ବିକଳ୍ପର ଚୟନ କରିପାରନ୍ତି ।

ଟପ୍–ଅପ୍ ପଲିସୀ ଅନ୍ତର୍ଗତ ଏକ ଦାବୀ ପ୍ରାପ୍ତି କରିବା ପାଇଁ ଯୋଗ୍ୟ ହେବାକୁ, ଚିକିତ୍ସୀୟ ଖର୍ଚ୍ଚ ନିଶ୍ଚିତ ରୂପେ ଯୋଜନା ଅନ୍ତର୍ଗତ ଚୟନିତ କାଟଯୋଗ୍ୟ (କିମ୍ବା ଥ୍ରେସ୍ହୋଲ୍ଡ) ସ୍ତରଠାରୁ ଅଧିକ ହେବା ଉଚିତ୍ ଏବଂ ଉଚ୍ଚ କାଟଯୋଗ୍ୟ ଯୋଜନା ଅନ୍ତର୍ଗତ ପ୍ରତିପୂର୍ତ୍ତି ହୋଇଥିବା ବ୍ୟୟ ରାଶି ଅର୍ଥାତ୍ କାଟଯୋଗ୍ୟଠାରୁ ଅଧିକ ହୋଇପାରେ ।

### ଉଦାହରଣ

ଏକ ବ୍ୟକ୍ତି ତା' ନିଯୁକ୍ତିଦାତା ଦ୍ୱାରା ଟ. 3 ଲକ୍ଷ ବୀମା ରାଶି ପାଇଁ ସୁରକ୍ଷା ପ୍ରାପ୍ତ ହୋଇଛି । ସେ ଟ. ତିନି ଲକ୍ଷ ଉପରେ ଟ. 10 ଲକ୍ଷ ପାଇଁ ଏକ ଟପ୍-ଅପ୍ ପଲିସୀ ଚୟନ କରିପାରେ । ଯଦି ଏକମାତ୍ର ହସ୍ପିଟାଲାଇଜେଶନ୍ ର ଖର୍ଚ୍ଚ ଟ. 5 ଲକ୍ଷ ହୋଇଥାଏ, ମୂଳଭୂତ ପଲିସୀ କେବଳ ଟ. ତିନି ଲକ୍ଷ ପାଇଁ ସୁରକ୍ଷା ଦେବ । ଟ. ଦୁଇ ଲକ୍ଷର ଅବଶିଷ୍ଟ ରାଶିକୁ ଟପ୍-ଅପ୍ ପଲିସୀ ରେ ପ୍ରାପ୍ତ ହେବ ।

ଟପ୍-ଅପ୍ ପଲିସୀ ଗୁଡିକ ଶସ୍ତା ହୋଇଥାଏ କେବଳ ଏକମାତ୍ର ଟ. 10 ଲକ୍ଷ ପଲିସୀର ମୂଲ୍ୟ ଟ. ତିନି ଲକ୍ଷ ଉପରେ ଟ. 10 ଲକ୍ଷର ଟପ୍-ଅପ୍ ପଲିସୀ ଅପେକ୍ଷା ଅତ୍ୟନ୍ତ ଅଧିକ ହୋଇପାରେ ।

ଏହି ସୁରକ୍ଷାଗୁଡିକ ବୈୟକ୍ତିକ ଆଧାରରେ ଓ ପରିବାର ଆଧାରରେ ଉପଲବ୍ଧ ହୁଏ । ଟପ୍-ଅପ୍ ଯୋଜନାରେ କାଟଯୋଗ୍ୟ ରାଶିକୁ ହସ୍ପିଟାଲାଇଜେଶନ୍ ର ପ୍ରତ୍ୟେକ ଘଟଣାରେ ଅତିକ୍ରମ କରିବା ଆବଶ୍ୟକ । ଅବଶ୍ୟ କିଛି ଟପ୍-ଅପ୍ ଯୋଜନା ଯେଉଁମାନେ ପଲିସୀ ଅବଧିରେ ହସ୍ପିଟାଲାଇଜେଶନ୍ ଗୁଡିକର ଏକ ଶୃଙ୍ଖଳା ପରେ କାଟଯୋଗ୍ୟକୁ ଅତିକ୍ରମ କରିବାର ସ୍ୱୀକୃତି ଦିଅନ୍ତି, ସେମାନଙ୍କୁ ଭାରତୀୟ ବଜାରରେ ରାଶିକୃତ ଆଧାରିତ ଉଚ୍ଚ କାଟଯୋଗ୍ୟ ଯୋଜନା କିମ୍ବା ସୁପର ଟପ୍-ଅପ୍ ବୀମାସୁରକ୍ଷା କୁହାଯାଏ । ଏକ ଉଚ୍ଚ (ସୁପର୍) ଟପ୍-ଅପ୍ ଯୋଜନା କାଟଯୋଗ୍ୟ ରାଶିର ଊର୍ଦ୍ଧ୍ୱରେ ସମସ୍ତ ହସ୍ପିଟାଲାଇଜେଶନ୍ ବିଲ୍ ର ସର୍ବମୋଟ ରାଶିକୁ (ସୁପର୍ ଟପ୍–ଅପ୍ ଯୋଜନା ସୀମା ପର୍ଯ୍ୟନ୍ତ) ସୁରକ୍ଷା ପ୍ରଦାନ କରେ ଅର୍ଥାତ୍, କାଟଯୋଗ୍ୟକୁ ଗୋଟିଏ ବର୍ଷର ମୋଟ ଦାବୀ ଉପରେ ଲାଗୁ ହୋଇଥାଏ । ତେଣୁକରି, ଯଦି ଥରେ କାଟଯୋଗ୍ୟକୁ ପ୍ରଦାନ କରାଗଲା, ଯୋଜନାଟି ପରବର୍ତ୍ତୀ ଦାବୀଗୁଡିକ ପାଇଁ ସକ୍ରିୟ ହୋଇଯାଆନ୍ତି ।

## E. ବରିଷ୍ଠ (ଜ୍ୟେଷ୍ଠ) ନାଗରିକ ପଲିସୀ

ଏହି ଯୋଜନାଗୁଡିକର ଡିଜାଇନ ବରିଷ୍ଠ ବ୍ୟକ୍ତିମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ କରାଯାଏ ଯେଉଁମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ବୟସ (ଅର୍ଥାତ୍ 60 ବର୍ଷ ବୟସରୁ ଊର୍ଦ୍ଧ୍ୱ) ପରେ ବୀମା ସୁରକ୍ଷା ଅଗ୍ରାହ୍ୟ କରାଯାଇଥାଏ । ବୀମା ସରୁକ୍ଷା ଓ ଅପବର୍ଜନର ସଂରଚନା ଅଧିକାଂଶତଃ ଏକ ହସ୍ପିଟାଲାଇଜେଶନ୍ ଭଳି ହୋଇଥାଏ ।

ବୀମା ସୁରକ୍ଷା ଓ ପ୍ରତୀକ୍ଷା ଅବଧି ନିର୍ଦ୍ଧାରଣ କରିବାରେ ଆୟୁ ସମ୍ପର୍କୀୟ ରୋଗଗୁଡିକ ପ୍ରତି ବିଶେଷ ଧ୍ୟାନ ଦିଆଯାଇଥାଏ । ପ୍ରବେଶ ବୟସ ମୂଖ୍ୟତଃ 60 ବର୍ଷ ପରେ ଏବଂ ନୂତନୀକରଣ ସାରା ଜୀବନ ପାଇଁ ହୋଇଥାଏ । ବୀମା ରାଶି ଟ. 50,000 ଠାରୁ ଟ. 5,00,000 ପର୍ଯ୍ୟନ୍ତ ହୋଇଥାଏ । କିଛି ରୋଗ ପାଇଁ ପ୍ରଯୁଜ୍ୟ ପ୍ରତୀକ୍ଷା ଅବଧିରେ ଭିନ୍ନତା ଥାଏ ।

ଉଦାହରଣ: ମୋତିଆ ବିନ୍ଦୁ ପାଇଁ ଗୋଟିଏ ବୀମାକର୍ତ୍ତା ପାଇଁ 1 ବର୍ଷର ପ୍ରତୀକ୍ଷା ଅବଧି ହୋଇପାରେ ଏବଂ କୌଣସି ଅନ୍ୟ ବୀମାକର୍ତ୍ତା ପାଇଁ 2 ବର୍ଷର ପ୍ରତୀକ୍ଷା ଅବଧି ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରନ୍ତି ।

ଉଦାହରଣ: ସାଇନୋସାଇଟିସ୍ କେତେକ ବୀମାକର୍ତ୍ତାଙ୍କ ପ୍ରତୀକ୍ଷା ଅବଧି ଅନୁଚ୍ଛେଦରେ ଆସେ ନାହିଁ କିନ୍ତୁ ଅନ୍ୟ କେତେକ ଏହାକୁ ସେମାନଙ୍କ ପ୍ରତୀକ୍ଷା ଅବଧି ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରନ୍ତି ।

କେତେକ ପଲିସୀରେ ପୂର୍ବରୁ ବିଦ୍ୟମାନ ରୋଗଗୁଡିକ ପାଇଁ ପ୍ରତୀକ୍ଷା ଅବଧି କିମ୍ବା ଉର୍ଦ୍ଧ୍ୱ ସୀମା (କ୍ୟାପିଙ୍ଗ୍) ରହିଥାଏ । ପୂର୍ବ- ପରବର୍ତ୍ତୀ ଡାକ୍ତରଖାନା ଖର୍ଚ୍ଚକୁ ଡାକ୍ତରଖାନା ଦାବୀ କିମ୍ବା ଏକ ଉପ-ସୀମା, ଯେଉଁଟା ବି ଅଧିକ ହୋଇଥାଏ, ତାହାର କିଛି ପ୍ରତିଶତ ରୂପେ ପ୍ରଦାନ କରାଯାଏ । କେତେକ ପଲିସୀରେ ସେମାନେ ପାରମ୍ପରିକ କ୍ଷତିପୂର୍ତ୍ତି ଯୋଜନା ଯେପରି କି 30/60 ଦିନ କିମ୍ବା 60/90 ଦିନର ବିନିର୍ଦ୍ଦିଷ୍ଟ ସମୟାବଧି ମଧ୍ୟରେ ଆସୁଥିବା ଖର୍ଚ୍ଚ, ଏହାର ପାଳନ ହୁଏ ।

ଆଇ.ଆର.ଡି.ଏ.ଆଇ. ଶାସନାଦେଶ ଜାରୀ କରିଛି ଯେ ସମସ୍ତ ବୀମାକର୍ତ୍ତା ଓ TPAମାନେ ଜ୍ୟେଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ବୀମା ସମ୍ବନ୍ଧୀୟ ଦାବୀ ଓ ଅଭିଯୋଗଗୁଡିକର ଧ୍ୟାନ ରଖିବା ପାଇଁ ଏକ ଅଲଗା ଚ୍ୟାନେଲ୍ ସ୍ଥାପିତ କରିବେ ।

## F. ନିଶ୍ଚିତ ଲାଭ ସୁରକ୍ଷା – ଡାକ୍ତରଖାନା ନଗଦ, ସଙ୍କଟମୟ ରୋଗ

ଏହି ସୁରକ୍ଷା ଅନ୍ତର୍ଗତ, ନାମିତ ଚିକିତ୍ସା ପାଇଁ ବୀମିତ ଦ୍ୱାରା ଖର୍ଚ୍ଚ କରାଯାଇଥିବା ରାଶି ନିର୍ବିଶେଷରେ ଦାବୀ ରାଶିରୂପେ ଏକ ନିଶ୍ଚିତ (ନିର୍ଦ୍ଧାରିତ) ରାଶି ଦିଆଯାଏ । ଏହି ଉତ୍ପାଦରେ, ENT,ଚକ୍ଷୁ ବିଜ୍ଞାନ (ଅଫଥାଲ୍ମୋଲୋଜି), ପ୍ରସୂତି ବିଜ୍ଞାନ (ଓବ୍ସଟେଟ୍ରିକ୍ସ) ଏବେ ପ୍ରସୂତି ଶାସ୍ତ୍ର (ଗାଇନାକୋଲୋଜି), ଇତ୍ୟାଦି ଭଳି ଅନୁଭାଗ ଅନ୍ତର୍ଗତ ସାଧାରଣ ରୂପେ ହେଉଥିବା ଚିକିତ୍ସାଗୁଡିକ ସୂଚୀଭୁକ୍ତ ।

ଏହିସବୁ ପଲିସୀ ସରଳ ଯେହେତୁ ହସ୍ପିଟାଲାଇଜେଶନ୍ ର ପ୍ରମାଣ ଏବଂ ଏହି ପଲିସୀ ଅନ୍ତର୍ଗତ ରୋଗର ବୀମା ସୁରକ୍ଷା ହିଁ ଦାବୀ ପ୍ରୋସେସ୍ କରିବାକୁ ଯଥେଷ୍ଟ । କେତେକ ଉତ୍ପାଦ ନିଶ୍ଚିତ ଲାଭ ସୁରକ୍ଷା ସହିତ ଏକ ଦୈନିକ ନଗଦ ଲାଭର ପ୍ୟାକେଜ୍ ଦେଇଥାନ୍ତି ।

ସେହି ସର୍ଜରୀ/ ଚିକିତ୍ସା ଯେଉଁଗୁଡିକର ସ୍ଥାନ ପଲିସୀରେ ନାମିତ ସୂଚୀରେ ନାହିଁ, ସେସବୁ ପାଇଁ ଏକ ନିଶ୍ଚିତ ରାଶି ପ୍ରଦାନ କରିବାର ପ୍ରାବଧାନ ରହିଛି । ପଲିସୀ ଅବଧିରେ ବିଭିନ୍ନ ଚିକିତ୍ସା ପାଇଁ ବହୁବିଧ ଦାବୀ ବି ସମ୍ଭବ ଅଟେ । ଅବଶ୍ୟ ଦାବୀଗୁଡିକ ଅନ୍ତିମରୂପେ ପଲିସୀ ଅନ୍ତର୍ଗତ ଚୟନିତ ବୀମା ରାଶି ପର୍ଯ୍ୟନ୍ତ ସୀମିତ ହୋଇଥାଏ ।

କେତେଗୁଡିଏ ନିଶ୍ଚିତ ଲାଭ ବୀମା ଯୋଜନାଗୁଡିକ ହେଉଛନ୍ତି:

- ✓ ଡାକ୍ତରଖାନା ଦୈନିକ ନଗଦ ବୀମା ଯୋଜନା
- ✓ ସଙ୍କଟମୟ ରୋଗ ବୀମା ଯୋଜନା

## 1. ଡାକ୍ତରଖାନା ଦୈନିକ ନଗଦ ପଲିସୀ

### a) ପ୍ରତି ଦିନ ରାଶି ସୀମା

ଡାକ୍ତରଖାନା ନଗଦ ବୀମାସୁରକ୍ଷା ହସ୍ପିଟାଲାଇଜେଶନ୍ ର ପ୍ରତ୍ୟେକ ଦିନ ପାଇଁ ବୀମିତ ବ୍ୟକ୍ତିଙ୍କୁ ଏକ ନିଶ୍ଚିତ ରାଶି ପ୍ରଦାନ କରେ । ପ୍ରତି ଦିନ ନଗଦ ବୀମା ସୁରକ୍ଷା (ଉଦାହରଣ ସ୍ୱରୂପ) ପ୍ରତି ଦିନ ଟ. 1500 ଠାରୁ ପ୍ରତିଦିନ ଟ. 5000 କିମ୍ବା ଅଧିକ ବି ହୋଇପାରେ । ପ୍ରତ୍ୟେକ ରୋଗ ତଥା ପଲିସୀ, ଯାହା ସାଧାରଣତଃ ଏକ ବାର୍ଷିକ ପଲିସୀ ହୋଇଥାଏ, ତାର ଅବଧି ପାଇଁ ଦୈନିକ ନଗଦ ପେ-ଆଉଟ୍ ଉପରେ ଏକ ଊର୍ଦ୍ଧ୍ୱ ସୀମା ଦିଆଯାଇଥାଏ ।

### b) ରାଶି ପ୍ରଦାନ ଦିନଗୁଡିକର ସଂଖ୍ୟା

ଏହି ପଲିସୀରେ, ସ୍ୱୀକୃତ ଦୈନିକ ନଗଦର ଦିନ ସଂଖ୍ୟାକୁ ରୋଗ ସହିତ ସଂଯୁକ୍ତ କରାଯାଏ ଯେଉଁଥିପାଇଁ ଚିକିତ୍ସା ନିଆଯାଉଛି । ଚିକିତ୍ସାସବୁର ବିସ୍ତୃତ ବିବରଣୀ ଏବଂ ପ୍ରତ୍ୟେକ ପାଇଁ ନିବାସର ସମୟାବଧିକୁ ବିନିୟମିତ କରାଯାଇଛି ଯାହା ପ୍ରତ୍ୟେକ ପ୍ରକାରର ପ୍ରକ୍ରିୟା/ରୋଗ ପାଇଁ ସ୍ୱୀକୃତ ଦୈନିକ ନଗଦ ଲାଭକୁ ସୀମିତ କରିଥାଏ ।

### c) ସ୍ୱତନ୍ତ୍ର ବୀମା ସୁରକ୍ଷା କିମ୍ବା ଆଡ୍-ଅନ୍ ସୁରକ୍ଷା

କିଛି ବୀମାକର୍ତ୍ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ସ୍ୱତନ୍ତ୍ର ପଲିସୀ ରୂପେ ଡାକ୍ତରଖାନା ଦୈନିକ ନଗଦ ପଲିସୀ ଉପଲବ୍ଧ ହୁଏ ଯେତେବେଳେ କି, ଅନ୍ୟାନ୍ୟ କ୍ଷେତ୍ରରେ, ଏହା ଏକ ନିୟମିତ କ୍ଷତିପୂର୍ତ୍ତି ପଲିସୀର ଏକ ଆଡ୍-ଅନ୍ ସୁରକ୍ଷା ଅଟେ । ଏହି ପଲିସୀଗୁଡିକ ବୀମିତକୁ ଆକସ୍ମିକ ବ୍ୟୟଗୁଡ଼ିକୁ ସୁରକ୍ଷା ପ୍ରଦାନ କରେ ଯେହେତୁ ପେ-ଆଉଟ୍ ଏକ ନିଶ୍ଚିତ ରାଶି ଅଟେ ଏବଂ ଚିକିତ୍ସାର ବାସ୍ତବ ମୂଲ୍ୟ ସହିତ ସମ୍ବନ୍ଧିତ ନୁହେଁ । ଏହା ଏକ କ୍ଷତିପୂର୍ତ୍ତି ଆଧାରିତ ସ୍ୱାସ୍ଥ୍ୟ ବୀମା ଯୋଜନା ଅନ୍ତର୍ଗତ ପ୍ରାପ୍ତ କୌଣସି ସୁରକ୍ଷା ପେ-ଆଉଟ ମଧ୍ୟ କରାଯାଏ ।

### d) ଅନୁପୂରକ ବୀମା ସୁରକ୍ଷା

ଏହି ପଲିସୀଗୁଡିକ ଏକ ନିୟମିତ ଡାକ୍ତରଖାନା ଖର୍ଚ୍ଚ ପଲିସୀର ପୂରକ ହୋଇପାରେ ଯେହେତୁ ଏହା କମ୍ ପ୍ରିମିୟମ ହୋଇଥାଏ ଏବଂ ଆକସ୍ମିକ ବ୍ୟୟ ପାଇଁ ଏବଂ ଅପବର୍ଜନ, ସହ-ଦେୟ ଇତ୍ୟାଦି ଭଳି କ୍ଷତିପୂର୍ତ୍ତି ଅନ୍ତର୍ଗତ ଦେୟ ହେଉ ନ ଥିବା ବ୍ୟୟ ପାଇଁ ମଧ୍ୟ କ୍ଷତିପୂରଣ ପ୍ରଦାନ କରେ ।

### e) ସୁରକ୍ଷାର ଅନ୍ୟାନ୍ୟ ଲାଭ

ବୀମାକର୍ତ୍ତାଙ୍କ ଦୃଷ୍ଟିକୋଣରୁ, ଏହି ଯୋଜନାର ଅନେକ ଲାଭ ଅଛି ଯେହେତୁ ଏକ ଗ୍ରାହକଙ୍କୁ ଏହା ବୁଝାଇବା ସହଜ ଅଟେ ଏବଂ ସହଜରେ ବିକ୍ରି କରାଯାଇପାରେ । ଏହା ମେଡିକାଲ ବ୍ୟୟସ୍ଫୀତିକୁ କମ୍ କରିଥାଏ ଯେହେତୁ ହସ୍ପିଟାଲାଇଜେଶନ୍ ର ଅବଧି ପାଇଁ ପ୍ରତ୍ୟେକ ଦିନ ଏକ ନିଶ୍ଚିତ ରାଶି ପ୍ରଦାନ କରାଯାଏ ବାସ୍ତବ ଖର୍ଚ୍ଚ ଯାହା ବି ହୋଇ ଥାଉ ନା କାହିଁକି । ଆହୁରି, ସେଭଳି ବୀମା ସୁରକ୍ଷାର ସ୍ୱୀକୃତି ଏବଂ ଦାବୀ ସମାଧାନ ବାସ୍ତବରେ ସରଳ ।

## 2. ସଙ୍କଟମୟ/ଗମ୍ଭୀର ରୋଗ ପଲିସୀ

ଚିକିତ୍ସା ବିଜ୍ଞାନର ଅଗ୍ରଗତି ସହିତ, ଲୋକମାନେ କେତେକ ବଡ଼ ବଡ଼ ରୋଗ ଯେପରିକି କ୍ୟାନସର, ଷ୍ଟ୍ରୋକ୍ ଓ ହୃଦଘାତ ଇତ୍ୟାଦିରୁ  ବଞ୍ଚି ପାରୁଛନ୍ତି, ଯାହାସବୁ ପୂର୍ବକାଳରେ ମୃତ୍ୟୁର କାରଣ ହୋଇଥାନ୍ତା । ଅବଶ୍ୟ ଏକ ବଡ଼ ରୋଗରୁ ବଞ୍ଚିବା ପାଇଁ ଚିକିତ୍ସା ପାଇଁ ତଥା ଚିକିତ୍ସା ପରେ ଜୀବିତ ରହିବା ପାଇଁ ଅତ୍ୟଧିକ ଖର୍ଚ୍ଚ ହୋଇଥାଏ । ସଙ୍କଟମୟ ରୋଗ ଏକ ବ୍ୟକ୍ତିର ଆର୍ଥିକ ସୁରକ୍ଷାକୁ ସଂକଟାପନ୍ନ କରିଥାଏ । ସେଭଳି କ୍ଷେତ୍ରରେ ଏକ ମୂଳଭୂତ ସ୍ୱାସ୍ଥ୍ୟ ବୀମା ପଲିସୀ ସମସ୍ତ ମେଡିକାଲ ଖର୍ଚ୍ଚକୁ ସୁରକ୍ଷା ଦେବାପାଇଁ ଯଥେଷ୍ଟ ହୋଇ ନ ପାରେ ।

 କରିବାର ସଙ୍କଟମୟ/ଗମ୍ଭୀର ରୋଗ ପଲିସୀରେ କୌଣସି ନାମିତ ସଙ୍କଟମୟ ରୋଗର ଡାଏଗ୍ନୋସିସ୍ ଉପରେ ହିଁ ଏକ ମୋଟା ରାଶି ପ୍ରଦାନର ପ୍ରାବଧାନ ରହିଥାଏ । ବଡ଼ ଖର୍ଚ୍ଚ ପ୍ରତି ଧ୍ୟାନ ଦେବାପାଇଁ ବୀମା ରାଶି ଅଧିକ ହୋଇଥାଏ ।

ଭାରତରେ, ସଙ୍କଟମୟ ରୋଗ (CI) ଲାଭଗୁଡ଼ିକ ଅଧିକ ରୂପେ ସାଧାରଣଭାବେ ଜୀବନ ବୀମା କର୍ତ୍ତାମାନଙ୍କ ଦ୍ୱାରା ବିକ୍ରି କରାଯାଏ ଯେହେତୁ ସେମାନଙ୍କ ଦ୍ୱାରା ଜୀବନ ପଲିସୀମାନଙ୍କ ଉପରେ ରାଇଡର୍ ଏବଂ ଦୁଇ ପ୍ରକାରର ସୁରକ୍ଷା ପ୍ରଦାନ କରାଯାଏ – ତ୍ୱରାନ୍ୱିତ CI ଲାଭ ଯୋଜନା ଏବଂ ସ୍ୱତନ୍ତ୍ର CI ଲାଭ ଯୋଜନା । ଭ୍ରମକୁ ଦୂର କରିବା ପାଇଁ, ଆଇ.ଆର.ଡି.ଏ. ସ୍ୱାସ୍ଥ୍ୟ ବୀମା ମାନକୀକରଣ ମାର୍ଗଦର୍ଶିକା ଅନ୍ତର୍ଗତ 22 ଅତ୍ୟନ୍ତ ସାଧାରଣ ଗମ୍ଭୀର ରୋଗଗୁଡ଼ିକର ପରିଭାଷାକୁ ମାନକୀକୃତ କରାଯାଇଛି ।

ସୁରକ୍ଷାପ୍ରାପ୍ତ ଗମ୍ଭୀର ରୋଗଗୁଡ଼ିକ ବୀମାକର୍ତ୍ତା ଓ ଉତ୍ପାଦମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ । ଏକ ଗମ୍ଭୀର/ସଙ୍କଟମୟ ରୋଗର ଚିହ୍ନଟ ହେବାରେ ସାଧାରଣତଃ ବୀମା ରାଶି 100% ପ୍ରଦାନ କରାଯାଏ । କେତେକ କ୍ଷେତ୍ରରେ, ପଲିସୀ ନିୟମ ଓ ସର୍ତ୍ତାବଳୀ ଏବଂ ରୋଗର ତୀବ୍ରତା ଆଧାରରେ କ୍ଷତିପୂରଣ ବୀମା ରାଶିର 25% ଠାରୁ 100% ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ହୋଇଥାଏ ।

ପଲିସୀ ଅନ୍ତର୍ଗତ କୌଣସି ଲାଭ ପ୍ରଦାନ ଯୋଗ୍ୟ ହେବା ପାଇଁ ପଲିସୀର ପ୍ରାରମ୍ଭଠାରୁ 90 ଦିନର ପ୍ରତୀକ୍ଷା ଅବଧି ଏବଂ ରୋଗର ଚିହ୍ନଟ ପରେ 30 ଦିନର ଜୀବିତ ଅନୁଚ୍ଛେଦ ଅଛି । ବିଶେଷରୂପେ 45 ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିମାନଙ୍କ ପାଇଁ କଠିନ ଡାକ୍ତରୀ ପରୀକ୍ଷା କରିବାକୁ ପଡ଼ିଥାଏ ।

ଥରେ କୌଣସି ବୀମିତ ବ୍ୟକ୍ତି ପାଇଁ ପଲିସୀ ଅନ୍ତର୍ଗତ କ୍ଷତିପୂରଣ ପ୍ରଦାନ କରାଯାଏ, ପଲିସୀର ସମାପ୍ତି ହୋଇଯାଏ । ଏହି ପଲିସୀକୁ ସମୂହମାନଙ୍କୁ ବିଶେଷ ରୂପେ କର୍ପୋରେଟ୍ ମାନଙ୍କୁ ପ୍ରଦାନ କରାଯାଇଥାଏ ଯେଉଁମାନେ ସେମାନଙ୍କ କର୍ମଚାରୀମାନଙ୍କ ପାଇଁ ପଲିସୀସବୁ ନେଇଥାନ୍ତି ।

ରୋଗ ବିଶେଷ ଉତ୍ପାଦ - କରୋନା କବଚ

ଜୁନ 2020 ରେ, ଯେତେବେଳେ ଦେଶ କରୋନା ଭାଇରସ୍ ସଂକ୍ରମଣ (କୋଭିଡ୍-19) ର ଅନେକ ପ୍ରକରଣର ସମ୍ମୁଖୀନ ହେଉଥିଲା, ବଜାର କୋଭିଡ୍-19 ପୋଜିଟିଭ୍ ର ଚିହ୍ନଟ ଉପରେ ଏକ ମୋଟା ରାଶିଦେୟ ପ୍ରଦାନ କରୁଥିବା ଅନେକ ଲାଭ ଆଧାରିତ ଉତ୍ପାଦର ପ୍ରବର୍ତ୍ତନ ଦେଖିଲା । ପରେ ପରେ କେତେକ ବୀମା କମ୍ପାନୀ କ୍ଷତିପୂର୍ତ୍ତି ଆଧାରିତ ଉତ୍ପାଦଗୁଡ଼ିକ ମଧ୍ୟ ପ୍ରବର୍ତ୍ତିତ କଲେ । ଅବଶ୍ୟ, ଅନେକ ଉପଭୋଗ୍ୟ ବସ୍ତୁ ଯେପରି କି PPE କିଟ୍ସ, ଅକ୍ସିମିଟର ଇତ୍ୟାଦି ଏବଂ କ୍ୱାରାନଟାଇନ୍ ଖର୍ଚ୍ଚଗୁଡ଼ିକ ଥିଲା ଯାହାଉପରେ ଏହିସବୁ ଉତ୍ପାଦରେ ସୁରକ୍ଷା ନ ଥିଲା ।

ଆଇ.ଆର.ଡି.ଏ.ଆଇ. କରୋନା କବଚ ଏବଂ କରୋନା ରକ୍ଷକ କୁହାଯାଉ ଥିବା ଦୁଇଟି ମାନକ ସ୍ୱାସ୍ଥ୍ୟ ବୀମା ପଲିସୀ ସହିତ ଆସିଲା (ଜୀବନ ବୀମା ବିଭାଗ ଅନ୍ତର୍ଗତ ଅଲଗା ରୂପେ ଆଲୋଚନା କରାଯାଇଛି) । ଯେତେବେଳେ ଏକ କ୍ଷତିପୂର୍ତ୍ତି-ଆଧାରିତ ମାନକ କୋଭିଡ-19 ଉତ୍ପାଦ ରୂପେ କରୋନା କବଚକୁ ପ୍ରଦାନ କରିବା ସାଧାରଣ ଏବଂ ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନଙ୍କ ପାଇଁ ଅନିବାର୍ଯ୍ୟ ଅଟେ, ଲାଭ –ଆଧାରିତ ଉତ୍ପାଦ ପ୍ରଦାନ କରୁଥିବା କରୋନା ରକ୍ଷକ ସମସ୍ତ ବୀମାକର୍ତ୍ତା ପାଇଁ ବୈକଳ୍ପିକ ଅଟେ । ଉଭୟ ଉତ୍ପାଦରେ 15 ଦିନର ପ୍ରତୀକ୍ଷା ଅବଧି ରହିଥାଏ ।

କରୋନା ରକ୍ଷକ ହେଉଛି ଏକ ମାନକ ଲାଭ ଆଧାରିତ ସ୍ୱାସ୍ଥ୍ୟ ବୀମା ଯାହାକୁ କୋଭିଡ୍-19 ଦ୍ୱାରା ପ୍ରଭାବିତ ଏବଂ ଯେଉଁମାନେ 72 ଘଣ୍ଟାର ସର୍ବନିମ୍ନ ଅବିଚ୍ଛିନ୍ନ ଅବଧି ପାଇଁ ହସ୍ପିଟାଲାଇଜେଶନ୍ ଆବଶ୍ୟକ କରନ୍ତି, ସେହି ବୀମିତ ବ୍ୟକ୍ତିମାନଙ୍କୁ ଏକ ମୋଟା ଲାଭ ପ୍ରଦାନ କରିବାପାଇଁ ଡିଜାଇନ କରାଯାଇଛି । ଯୋଜନାଟି 18 ବର୍ଷ ଓ 65 ବର୍ଷ ବୟସ ମଧ୍ୟରେ ଥିବା ଲୋକମାନଙ୍କ ପାଇଁ ବୈୟକ୍ତିକ ଆଧାରରେ ବୀମା ସୁରକ୍ଷା ପ୍ରଦାନ କରେ, ଯାହା ଗୋଟିଏ-ସମୟ ଲାଭ

ପଲିସୀରୂପେ 3.5 ମାସ, 6.5 ମାସ ଏବଂ 9.5 ମାସର ବିଭିନ୍ନ ପଲିସୀ ଅବଧି ସହିତ ଥାଏ ଏବଂ ଲାଭର ପ୍ରଦାନ କରେ ସମାପ୍ତ ହୋଇଯାଏ । କରୋନା ରକ୍ଷକ ଟ. 50,000 ଠାରୁ ଟ. 2.5 ଲକ୍ଷ ପର୍ଯ୍ୟନ୍ତ ମଧ୍ୟରେ, 50,000ର ଗୁଣକରେ, ବୀମା ରାଶି ବିକଳ୍ପ ପ୍ରଦାନ କରେ । ପଲିସୀଟି ପ୍ରଦାନ କରେ (i) ସଂପୂର୍ଣ୍ଣ ବୀମା ରାଶି ଲାଭ,(ii) ମିତବ୍ୟୟୀ ପ୍ରିମିୟମ, (iii) ଦାବୀର ଏକ ମୋଟା ରାଶି, (iv)15 ଦିନର ଏକ ଅଳ୍ପ ପ୍ରତୀକ୍ଷା ଅବଧି ଏବଂ(v) କର ଲାଭ ।

କରୋନା କବଚ ଜୁନ 2020 ରେ ଆଇ.ଆର.ଡି.ଏ.ଆଇ. ଦ୍ୱାରା ଜାରୀ କରାଯାଇଥିବା ମାର୍ଗଦର୍ଶିକା ଅନୁସାରେ ନିମ୍ନଲିଖିତ ବୀମା ସୁରକ୍ଷା ପ୍ରଦାନ କରେ:

1. ଏକ ସରକାରୀ ପ୍ରାଧିକୃତ ଡାଇଗ୍ନୋଷ୍ଟିକ୍ କେନ୍ଦ୍ରରେ କୋଭିଡ୍-19 ର ପୋଜିଟିଭ ଚିହ୍ନଟ ହେବାରେ କୋଭିଡ-19 ର ଚିକିତ୍ସା ପାଇଁ ହୋଇଥିବା ହସ୍ପିଟାଲାଇଜେଶନ୍ ଖର୍ଚ୍ଚ ଯେଉଁଥିରେ ନିମ୍ନଗୁଡିକ ଅନ୍ତର୍ଭୁକ୍ତ: (24 ଘଣ୍ଟାର ଏକ ସର୍ବନିମ୍ନ ଅବଧି ପାଇଁ ହସ୍ପିଟାଲାଇଜେଶନ୍ ଉପରେ ଖର୍ଚ୍ଚ ସବୁ ସ୍ୱୀକାର୍ଯ୍ୟ ହୋଇଥାନ୍ତି ।)
   a. ଡାକ୍ତରଖାନା/ନର୍ସିଂ ହୋମ୍ ଦ୍ୱାରା ପ୍ରଦାନ କରାଯାଇଥିବା କୋଠରୀ, ବୋର୍ଡିଂ, ନର୍ସିଂ ଖର୍ଚ୍ଚ ।
   b. ସର୍ଜନ, ଏନେସ୍ଥେଟିଷ୍ଟ, ମେଡିକାଲ ପ୍ରାକ୍ଟିଶନର୍, ପରାମର୍ଶଦାତା, ବିଶେଷଜ୍ଞ ଶୁଳ୍କ
   c. ଏନେସ୍ଥେସିଆ, ରକ୍ତ, ଅମ୍ଳଜାନ, ଅପରେଶନ ଥିଏଟର ଚାର୍ଜ, ସର୍ଜିକାଲ ଉପକରଣ, ଭେନଟିଲେଟର୍ ଚାର୍ଜ, ଔଷଧ ଏବଂ ଡ୍ରଗ୍ସ, ଡାଇଗ୍ନୋଷ୍ଟିକ୍ସ, ଡାଇଗ୍ନୋଷ୍ଟିକ ଇମେଜିଙ୍ଗ୍ ପଦ୍ଧତି, PPE କିଟ୍, ଗ୍ଲୋଭସ୍, ମାସ୍କ ପାଇଁ ଖର୍ଚ୍ଚ ଏବଂ ସେଭଳି ଅନ୍ୟ ସଦୃଶ ବ୍ୟୟ
   d. ଗହନ ସେବା ୟୁନିଟ୍ (ICU) /ଗହନ ହୃଦୀୟ ସେବା ୟୁନିଟ୍ (ICCU) ଖର୍ଚ୍ଚ ।
   e. ପ୍ରତି ହସ୍ପିଟାଲାଇଜେଶନ୍ ରେ ସର୍ବାଧିକ ଟ. 2000/-ଅନ୍ତର୍ଗତ ସଡ଼କ ଆମ୍ବୁଲାନ୍ସ ଉପରେ ହୋଇଥିବା ଖର୍ଚ୍ଚ ।
2. ନିମ୍ନରେ ଦିଆଯାଇଥିବା ସର୍ତ୍ତଗୁଡିକ (ବ୍ୟାପକ ନୁହେଁ) ଅଧୀନରେ ପ୍ରତ୍ୟେକ ଘଟଣା ପାଇଁ ସର୍ବାଧିକ 14 ଦିନ ପର୍ଯ୍ୟନ୍ତ ଘରେ ଚିକିତ୍ସା ଲାଭ କରିବା ପାଇଁ ଗୃହ ଯତ୍ନ ଚିକିତ୍ସା ଖର୍ଚ୍ଚ:
   a. ମେଡିକାଲ ପ୍ରାକ୍ଟିଶନର୍ ବୀମିତ ବ୍ୟକ୍ତିଙ୍କୁ ଘରେ ଚିକିତ୍ସା ନେବାକୁ ଉପଦେଶ ଦିଏ ।
   b. ଦିଆଯାଇଥିବା ଚିକିତ୍ସାର ରେକର୍ଡକୁ ସମ୍ମିଳିତ କରି, ପ୍ରତ୍ୟେକ ଦିନ ପାଇଁ ଏକ ମେଡିକାଲ ପ୍ରାକ୍ଟିଶନର୍ ଦ୍ୱାରା ସ୍ୱାସ୍ଥ୍ୟ ଅବସ୍ଥାର ନିରନ୍ତର ନିରୀକ୍ଷଣ ହୁଏ ।
3. ସୁରକ୍ଷା ପ୍ରାପ୍ତ ଅନ୍ୟାନ୍ୟ ଖର୍ଚ୍ଚ ଯଦି ଚିକିତ୍ସା ମେଡିକାଲ ପ୍ରାକ୍ଟିଶନର୍ ଦ୍ୱାରା ପରାମର୍ଶ ଦିଆଯାଏ ଏବଂ କୋଭିଡ୍ ର ଚିକିତ୍ସା ସମ୍ବନ୍ଧୀୟ ହୋଇଥାଏ,
   a. ଘରେ କିମ୍ବା ଡାଇଗ୍ନୋଷ୍ଟିକ୍ସ କେନ୍ଦ୍ରରେ କରାଯାଇଥିବା ଡାଇଗ୍ନୋଷ୍ଟିକ୍ ପରୀକ୍ଷଣ
   b. ଲିଖିତ ରୂପେ ପରାମର୍ଶ ଦିଆଯାଇଥିବା ଔଷଧ
   c. ମେଡିକାଲ ପ୍ରାକ୍ଟିଶନର୍ ଙ୍କ ପରାମର୍ଶ ଚାର୍ଜ
   d. ମେଡିକାଲ କର୍ମଚାରୀ ସମ୍ବନ୍ଧୀୟ ନର୍ସିଂ ଚାର୍ଜ
   e. ଔଷଧର ଇଣ୍ଟ୍ରାଭେନସ୍ ଏଡମିନିଷ୍ଟ୍ରେସନ୍ ପର୍ଯ୍ୟନ୍ତ ସୀମିତ ମେଡିକାଲ ପ୍ରକ୍ରିୟା
   f. ପଲ୍ସ ଅକ୍ସିମିଟର, ଅକ୍ସିଜେନ ସିଲିଣ୍ଡର ଏବଂ ନେବୁଲାଇଜର ର ମୂଲ୍ୟ

ଅତିରିକ୍ତ ସୁରକ୍ଷା - ଡାକ୍ତରଖାନା ଦୈନିକ ନଗଦ: ଏହି ପଲିସୀ ଅନ୍ତର୍ଗତ ଏକ ସ୍ୱୀକାର୍ଯ୍ୟ ହସ୍ପିଟାଲାଇଜେଶନ୍ ଦାବୀ ପରେ କୋଭିଡ୍ ର ଚିକିତ୍ସା ପାଇଁ ପ୍ରତ୍ୟେକ 24 ଘଣ୍ଟାର ନିରନ୍ତର ହସ୍ପିଟାଲାଇଜେଶନ୍ ପାଇଁ ବୀମାକର୍ତ୍ତା ପ୍ରତି ଦିନ ବୀମା ରାଶିର 0.5 % ପ୍ରଦାନ କରିବ ।

ମାନକ ରୋଗବାହକ (ଭେକ୍ଟର) ଜନିତ ରୋଗ ସ୍ୱାସ୍ଥ୍ୟ ପଲିସୀ:

ଆଇ.ଆର.ଡି.ଏ.ଆଇ. ଏହାର ମାର୍ଗଦର୍ଶିକା ତାରିଖ 3 ଫେବୃୟାରୀ 2021 ମାଧ୍ୟମରେ ନିଷ୍ପତ୍ତି ନେଇଛି ଯେ ରୋଗବାହକ (ଭେକ୍ଟର୍) ଜନିତ ରୋଗ ଗୁଡିକ ପାଇଁ ମାନକ ଉତ୍ପାଦମାନେ ନିମ୍ନଲିଖିତ ବୀମା ସୁରକ୍ଷା ପ୍ରଦାନ କରିବେ:

1. ହସ୍ପିଟାଲାଇଜେଶନ୍ ଲାଭ: ନିମ୍ନଲିଖିତ ରୋଗବାହକ ଜନିତ ରୋଗ (ଗୁଡିକ) ମଧ୍ୟରୁ କାହାର ବି ପୋଜିଟିଭ୍ ଚିହ୍ନଟ, ଯାହା 72 ଘଣ୍ଟାର ଏକ ସର୍ବନିମ୍ନ ଅବିଚ୍ଛିନ୍ନ ଅବଧି ପାଇଁ ହସ୍ପିଟାଲାଇଜେଶନ୍ ଆବଶ୍ୟକ କରେ,ତା' ଉପରେ ବୀମା ରାଶିର 100% ସମାନର ଏକ ମୋଟା ରାଶି ଦେୟ ହେବ ।

   a) ଡେଙ୍ଗୁ ଜ୍ୱର

   b) ମ୍ୟାଲେରିଆ

   c) ଫାଇଲେରିଆ (ଲିମ୍ଫାଟିକ୍ ଫାଇଲେରିଆସିସ୍)

   d) କାଳାଜ୍ୱର

   e) ଚିକୁନଗୁନିଆଁ

   f) ଜାପାନୀ ଏନ୍ସିଫାଲେଟିସ୍

   g) ଜାଇକା ଭାଇରସ୍

2. **ଡାଇଗ୍ନୋସିସ୍ କଭର୍**: ପଲିସୀ ନିୟମ ଓ ସର୍ତ୍ତ ଅନ୍ତର୍ଗତ, ସୁରକ୍ଷା ଅବଧି ମଧ୍ୟରେ ପ୍ରଥମ ଥର କୌଣସି ସୁରକ୍ଷାପ୍ରାପ୍ତ ଭେକ୍ଟର୍ ଜନିତ ରୋଗର (ପ୍ରୟୋଗଶାଳା ପରୀକ୍ଷଣ ଓ ମେଡିକାଲ ପ୍ରାକ୍ଟିଶନର୍ ଦ୍ୱାରା ପୁଷ୍ଟି କରାଯାଇଥିବା ଜିରଆରେ) ପୋଜିଟିଭ୍ ଡାଇଗ୍ନୋସିସ୍ ଉପରେ ବୀମା ରାଶିର 2% ଦେୟ ହେବ । ପଲିସୀ ବର୍ଷରେ କେବଳ ଥରେ ପ୍ରତ୍ୟେକ ରୋଗ ପାଇଁ "ଡାଇଗ୍ନୋସିସ୍ କଭର" ଅନ୍ତର୍ଗତ ପଲିସୀଧାରକ ରାଶି ପାଇ ପାରିବ ।

## G. କମ୍ବୋ-ଉତ୍ପାଦ

ହେଲ୍ଥ ପ୍ଲସ୍ ଲାଇଫ୍ କମ୍ବୋ ଉତ୍ପାଦମାନେ ଏକ ଜୀବନ ବୀମା କମ୍ପାନୀର ଏକ ଜୀବନ ବୀମା ସୁରକ୍ଷା ଏବଂ ଅଣ-ଜୀବନ ଏବଂ/କିମ୍ବା ଅନାଶ୍ରିତ ସ୍ୱାସ୍ଥ୍ୟ ବୀମା କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥିବା ଏକ ସ୍ୱାସ୍ଥ୍ୟ ବୀମା ସୁରକ୍ଷାର ସମ୍ମିଶ୍ରଣକୁ ପ୍ରଦାନ କରନ୍ତି ।

ଉତ୍ପାଦଟିକୁ ଉଭୟ ବୈୟକ୍ତିକ ବୀମା ପଲିସୀ ରୂପେ ଏବଂ ସମୂହ ବୀମା ଆଧାରରେ ପ୍ରଦାନ କରାଯାଇପାରେ । ଅବଶ୍ୟ ସ୍ୱାସ୍ଥ୍ୟ ବୀମା ଫ୍ଲୋଟର୍ ପଲିସୀ ପ୍ରସଙ୍ଗରେ, ବିଶୁଦ୍ଧ ମିଆଦି ଜୀବନ ବୀମା ସୁରକ୍ଷାକୁ ଉପାର୍ଜନ କରୁଥିବା ପରିବାର ସଦସ୍ୟମାନଙ୍କ ମଧ୍ୟରୁ ଜଣକର ଜୀବନ ଉପରେ ସ୍ୱୀକୃତି ଦିଆଯାଇଥାଏ ଯିଏ ବୀମାଯୋଗ୍ୟ ହିତ ଏବଂ ସମ୍ବନ୍ଧିତ ବୀମାକର୍ତ୍ତାମାନଙ୍କ ଅନ୍ୟାନ୍ୟ ପ୍ରଯୁଜ୍ୟ ସଙ୍କଟାଙ୍କନ ମାନଦଣ୍ଡ ଅନ୍ତର୍ଗତ ସ୍ୱାସ୍ଥ୍ୟ ବୀମା ପଲିସୀ ଉପରେ ପ୍ରସ୍ତାବକ ବି ହୋଇଥାଏ ।

ପ୍ୟାକେଜ୍ ପଲିସୀ

ପ୍ୟାକେଜ୍ କିମ୍ବା ଅମ୍ବ୍ରେଲା କଭର୍, କେବଳ ଏକମାତ୍ର ଦସ୍ତାବିଜ ଅନ୍ତର୍ଗତ, ସୁରକ୍ଷାମାନଙ୍କ ଏକ ସମ୍ମିଶ୍ରଣକୁ ଦେଇଥାନ୍ତି ।

ସ୍ୱାସ୍ଥ୍ୟ ବୀମାରେ ପ୍ୟାକେଜ୍ ପଲିସୀର ଉଦାହରଣରେ ଅନ୍ତର୍ଭୁକ୍ତ ହୁଅନ୍ତି ସଙ୍କଟମୟ ରୋଗ ସୁରକ୍ଷା ଲାଭସବୁକୁ କ୍ଷତିପୂର୍ତ୍ତି ପଲିସୀ ଓ ଏପରିକି ଜୀବନ ବୀମା ପଲିସୀଗୁଡିକ ସହିତ ଏବଂ ଡାକ୍ତରଖାନା ଦୈନିକ ନଗଦ ଲାଭସବୁକୁ କ୍ଷତିପୂର୍ତ୍ତି ପଲିସୀଗୁଡିକ ସହିତ ମିଶ୍ରିତ କରିବା ।

ଯାତ୍ରା ବୀମା:

ଯାତ୍ରା ବୀମା ପଲିସୀକୁ ମଧ୍ୟ ଏକ ପ୍ୟାକେଜ୍ ପଲିସୀ ରୂପେ ପ୍ରଦାନ କରାଯାଇଥାଏ ଯାହା ନା କେବଳ ସ୍ୱାସ୍ଥ୍ୟ ବୀମାକୁ ସୁରକ୍ଷା ପ୍ରଦାନ କରେ କିନ୍ତୁ ଦୁର୍ଘଟଣାଜନିତ ମୃତ୍ୟୁ/ବିକଳାଙ୍ଗତା ଲାଭ ସହିତ ରୋଗ/ଦୁର୍ଘଟଣା କାରଣରୁ ହୋଇଥିବା ମେଡିକାଲ ଖର୍ଚ୍ଚ ଏବଂ ଚେକ୍ ଇନ୍ କରାଯାଇଥିବା ବ୍ୟାଗେଜ୍ ର ହାନି କିମ୍ବା ପହଞ୍ଚିବାରେ ବିଳମ୍ବ, ପାସପୋର୍ଟ ଓ ଦସ୍ତାବିଜ ଗୁଡିକର ହାନି, ସମ୍ପତ୍ତି/ରୂପେ ବ୍ୟକ୍ତିଗତ କ୍ଷତି ପାଇଁ ତୃତୀୟ ପକ୍ଷ ଦାୟିତ୍ୱ ଭଳି ବୀମା ସୁରକ୍ଷା, ଯାତ୍ରା ପଲିସୀ ଅନ୍ତର୍ଗତ ପାରମ୍ପରିକ ରୂପେ ପ୍ରଦାନ କରାଯାଇଥିବା ଯାତ୍ରାର ରଦ୍ଦକରଣ ଏବଂ ଏପରିକି ଅପହରଣ ସୁରକ୍ଷାକୁ ମଧ୍ୟ ବୀମା ସୁରକ୍ଷା ପ୍ରଦାନ କରେ । (ଯାତ୍ରା ବୀମାର ବିସ୍ତୃତ ବିବରଣୀ ପରେ ପ୍ରଦାନ କରାଯାଇଛି ।)

## H. ଗରିବ ଶ୍ରେଣୀ ପାଇଁ ସୂକ୍ଷ୍ମ ବୀମା ଏବଂ ସ୍ୱାସ୍ଥ୍ୟ ବୀମା

ସୂକ୍ଷ୍ମ ବୀମା ଉତ୍ପାଦଗୁଡିକର ଡିଜାଇନ୍ ବିଶେଷରୂପେ ଗ୍ରାମୀଣ ଓ ଅନୌପଚାରିକ କ୍ଷେତ୍ରଠାରୁ ଆସୁଥିବା ଅଳ୍ପ ଆୟ ବିଶିଷ୍ଟ ଲୋକମାନଙ୍କ ସୁରକ୍ଷା ପାଇଁ ଲକ୍ଷ୍ୟ ରଖି କରାଯାଏ । ଏହା ଏକ ଶସ୍ତା ପ୍ରିମିୟମ ଓ ଲାଭ ପ୍ୟାକେଜ୍ ଥିବା ଏକ କମ୍ ମୂଲ୍ୟର ଉତ୍ପାଦ ହୋଇଥାଏ । ସୂକ୍ଷ୍ମ ବୀମା ଆଇ.ଆର.ଡି.ଏ. ସୂକ୍ଷ୍ମ ବୀମା ବିନିୟମନ, 2005 ଦ୍ୱାରା ସଂଚାଳିତ ହୁଏ ।

ସେହି ସୁରକ୍ଷାସବୁକୁ ମୁଖ୍ୟତଃ ବିଭିନ୍ନ ସମୁଦାୟ ସଂଗଠନ କିମ୍ବା ଅଣ-ସରକାରୀ ସଂଗଠନ (NGO) ମାନଙ୍କ ଦ୍ୱାରା ସେମାନଙ୍କ ସଦସ୍ୟମାନଙ୍କ ପାଇଁ ସମୂହ ଆଧାରରେ ନିଆଯାଇଥାଏ ।

ସମାଜର ଗରିବ ଶ୍ରେଣୀର ଆବଶ୍ୟକତାକୁ ପୂରଣ କରିବା ପାଇଁ PSU ମାନଙ୍କ ଦ୍ୱାରା ଦୁଇଟି ପଲିସୀ ବିଶେଷ କରାଯାଇ ଥିବା ଦୁଇଟି ପଲିସୀ ହେଉଛି ଜନ ଆରୋଗ୍ୟ ବୀମା ପଲିସୀ ଏବଂ ବ୍ୟାପକ ସ୍ୱାସ୍ଥ୍ୟ ଯୋଜନା । ବେସରକାରୀ କ୍ଷେତ୍ର ବୀମା କମ୍ପାନୀମାନେ ମଧ୍ୟ ଏହି ଉଦ୍ଦିଷ୍ଟ ବର୍ଗଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅନେକ ଅଭିନବ ସୂକ୍ଷ୍ମ ବୀମା ସ୍ୱାସ୍ଥ୍ୟ ଉତ୍ପାଦ ନେଇ ଆସିଛନ୍ତି ଯେପରି କି ବୀମା କବଚ ଯୋଜନା, ଗ୍ରାମୀଣ ଜୀବନ ରକ୍ଷା ଯୋଜନା, ଭାଗ୍ୟଲକ୍ଷ୍ମୀ –ସଂପୂର୍ଣ୍ଣ ତାଲିକା ଆଇ.ଆର.ଡି.ଏ.ଆଇ. ୱେବ୍ସାଇଟ୍ ରେ ଉପଲବ୍ଧ ହୋଇ ପାରିବ ।

## I. ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା

ସରକାର ମଧ୍ୟ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା ପ୍ରାରମ୍ଭ କରିଛନ୍ତି ସେମାନଙ୍କ ମଧ୍ୟରୁ କେତେକ ନିର୍ଦ୍ଦିଷ୍ଟ ରାଜ୍ୟମାନଙ୍କ ପାଇଁ ପ୍ରଯୁଜ୍ୟ ଅଟନ୍ତି । ଏହା ଦାରିଦ୍ର୍ୟ ରେଖା ନିମ୍ନର (BPL) ପରିବାରମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଯୋଜନା ଯୋଗାଇବାକୁ ବୀମା କମ୍ପାନୀମାନଙ୍କ ସାହଚର୍ଯ୍ୟରେ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (RSBY) ଲାଗୁ କରିଥିଲେ । ଅବଶ୍ୟ RSBY କେବଳ ଟ.30,000 ର ବୀମା ରାଶି ପ୍ରଦାନ କଲା ଯାହାକୁ ବଡ଼ ବଡ଼ ସର୍ଜରୀ/ହସ୍ପିଟାଲାଇଜେଶନ୍ ଖର୍ଚ୍ଚଗୁଡିକର ସୁରକ୍ଷା ଦେବା ପାଇଁ ଯଥେଷ୍ଟ ବୋଲି ବିଚାର କରାଗଲା ନାହିଁ ।

## J. ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା

RSBY ର ନ୍ୟୁନତାସବୁକୁ ପୂରଣ କରିବା ପାଇଁ, ଜାତୀୟ ସ୍ୱାସ୍ଥ୍ୟ ନୀତି, 2017 ଦ୍ୱାରା କରାଯାଇଥିବା ସୁପାରିଶ ଅନୁସାରେ, ଭାରତୀୟ ସରକାର, ସାର୍ବଭୌମ (ବ୍ୟାପକ) ସ୍ୱାସ୍ଥ୍ୟ ବୀମା ସୁରକ୍ଷା (UHC) ର ସ୍ୱପ୍ନକୁ ସାକାର କରିବା ପାଇଁ ଏକ

ଫ୍ଲାଗଶିପ ଯୋଜନା ରୂପେ 2017 ରେ 'ଆୟୁଷ୍ମାନ ଭାରତ ଯୋଜନା' ଆରମ୍ଭ କଲେ । ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (PMJAY) ରୂପେ ମଧ୍ଯ ପରିଚିତ ଆୟୁଷ୍ମାନ ଭାରତ ଟ. 5,00,000 ର ବୀମା ରାଶି ସହିତ ଆସିଲା ।

ଏହା ସେହି ସମୟରେ ବିଦ୍ୟମାନ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା (RSBY) କୁ ସମ୍ମିଳିତ କଲା PM-JAY ସଂପୂର୍ଣ୍ଣ ରୂପେ ସରକାରଙ୍କ ଦ୍ୱାରା ନିଧି ପ୍ରାପ୍ତ ଅଟେ ଏବଂ କାର୍ଯ୍ୟାନ୍ୱୟନର ମୂଲ୍ୟକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଆବଣ୍ଟିତ କରାଯାଏ ।

## K. ପ୍ରଧାନ ମନ୍ତ୍ରୀ ସୁରକ୍ଷା ବୀମା ଯୋଜନା

ବ୍ୟକ୍ତିଗତ ଦୁର୍ଘଟଣା ମୃତ୍ୟୁ ଓ ବିକଳାଙ୍ଗତା ସୁରକ୍ଷାକୁ ସମ୍ମିଳିତ କରୁଥିବା ଏବେ ଏବେ ଘୋଷିତ PMSBY ର ବିଶେଷତାଗୁଡିକ ନିମ୍ନ ଭଳି ଅଟନ୍ତି:

**ବୀମା ସୁରକ୍ଷାର ବ୍ୟାପକତା**: ସହଭାଗୀତା ବ୍ୟାଙ୍କମାନଙ୍କ ରେ ଥିବା 18 ଠାରୁ 70 ବର୍ଷ ବୟସର ସମସ୍ତ ସଂଚୟ ବ୍ୟାଙ୍କ ଖାତା ଧାରକମାନେ କେବଳ ଗୋଟିଏ ସଂଚୟ ଖାତା ଜରିଆରେ ଯୋଗ ଦେବା ପାଇଁ ଯୋଗ୍ୟ ଅଟନ୍ତି ଏବଂ ଯଦି ସେ ଏକାଧିକ ବ୍ୟାଙ୍କରେ ନାମାଙ୍କିତ କରେ, ତାକୁ ଅତିରିକ୍ତ ଲାଭ ମିଳେ ନାହିଁ ଏବଂ ପ୍ରଦାନ କରାଯାଇଥିବା ଅତିରିକ୍ତ ପ୍ରିମିୟମ ଜବତ ହୋଇଯାଏ । ବ୍ୟାଙ୍କ ଖାତା ପାଇଁ ଆଧାର ମୂଖ୍ୟ KYC ହେବ ।

**ନାମାଙ୍କନ ପଦ୍ଧତି/ସମୟାବଧି**: ସୁରକ୍ଷାଟି 1 ଜୁନ ଠାରୁ 31 ମଇର ଗୋଟିଏ ବର୍ଷର ଅବଧି ପାଇଁ ହେବ ଯାହା ପାଇଁ ନାମାଙ୍କିତ ସଂଚୟ ବ୍ୟାଙ୍କ ଖାତାଠାରୁ ଅଟୋ-ଡେବିଟ୍ ଦ୍ୱାରା ଯୋଗ ଦେବାପାଇଁ / ରାଶି ପ୍ରଦାନ କରିବା ପାଇଁ ବିକଳ୍ପ ପ୍ରତି ବର୍ଷ 31 ମଇ ସୁଦ୍ଧା ନିର୍ଦ୍ଧାରିତ ଫର୍ମରେ ଦେବା ଆବଶ୍ୟକ ହେବ ।

ସଂପୂର୍ଣ୍ଣ ବାର୍ଷିକ ପ୍ରିମିୟମ ପ୍ରଦାନ ସାହାଯ୍ୟରେ ପରବର୍ତ୍ତୀ ସମୟରେ ଯୋଗ ଦେବା ବିନିର୍ଦ୍ଦିଷ୍ଟ ନିୟମାବଳୀ/ସର୍ତ୍ତାବଳୀ ଅନ୍ତର୍ଗତ ସମ୍ଭବ ହୋଇପାରେ । ସେହି ବ୍ୟକ୍ତି, ଯେଉଁମାନେ କୌଣସି ବି ସମୟରେ ଯୋଜନାଠାରୁ ଛାଡ଼ି ଚାଲି ଯାଇଥାନ୍ତି, ସେମାନଙ୍କ ଉପରୋକ୍ତ ପଦ୍ଧତି ମାଧ୍ୟମରେ ଭବିଷ୍ୟତ ବର୍ଷମାନଙ୍କରେ ଯୋଜନାରେ ପୁନଃ ଯୋଗ ଦେଇ ପାରନ୍ତି ।

ବୀମା ଅନ୍ତର୍ଗତ ଲାଭଗୁଡିକ ନିମ୍ନ ରୂପେ ଅଟେ:

| ଲାଭର ସାରଣୀ | ବୀମା ରାଶି |
|---|---|
| ମୃତ୍ୟୁ | ଟ. 2 ଲକ୍ଷ |
| ଉଭୟ ଚକ୍ଷୁର ସଂପୂର୍ଣ୍ଣ ଓ ଅପୂରଣନୀୟ ହାନି କିମ୍ବା ଉଭୟ ହାତ କିମ୍ବା ପାଦର ହାନି କିମ୍ବା ଗୋଟିଏ ଚକ୍ଷୁର ଦୃଷ୍ଟିଶକ୍ତିର ହାନି ଏବଂ ହାତ କିମ୍ବା ପାଦର ଉପଯୋଗର ହାନି | ଟ. 2 ଲକ୍ଷ |
| ଗୋଟିଏ ଚକ୍ଷୁର ଦୃଷ୍ଟି ଶକ୍ତିର ସଂପୂର୍ଣ୍ଣ ଓ ଅପୂରଣନୀୟ ହାନି କିମ୍ବା ଗୋଟିଏ ହାତ କିମ୍ବା ପାଦର ଉପଯୋଗର ହାନି | ଟ. 1 ଲକ୍ଷ |

ଯୋଗ ଦେବା କିମ୍ବା ନାମୀତିକରଣ ସୁବିଧା SMS, ଇ-ମେଲ କିମ୍ବା ବ୍ୟକ୍ତିଗତ ସାକ୍ଷାତ ଦ୍ୱାରା ଉପଲବ୍ଧ ଅଛି ।

ପ୍ରିମିୟମ: ଟ. 12/- ପ୍ରତି ବର୍ଷ ପ୍ରତି ସଦସ୍ୟ । ପ୍ରିମିୟମକୁ ଖାତା ଧାରକର ସଂଚୟ ବ୍ୟାଙ୍କ ଖାତାରୁ 'ଅଟୋ ଡେବିଟ୍' ସୁବିଧା ମାଧ୍ୟମରେ କାଟି ଦିଆଯିବ ।

**ସୁରକ୍ଷାର ସମାପ୍ତି** : ସଦସ୍ୟର ଦୁର୍ଘଟଣା ସୁରକ୍ଷାର ସମାପ୍ତି ହେବ:

1. ସଦସ୍ୟ 70 ବର୍ଷର ବୟସ (ଜନ୍ମ ଦିନର ନିକଟତମ ବୟସ) ରେ ପହଞ୍ଚିବା ପରେ କିମ୍ବା

2. ବ୍ୟାଙ୍କର ଆକାଉଣ୍ଟର ସମାପନ କିମ୍ବା ବୀମାକୁ ପ୍ରଭାବୀ ରୂପେ ରଖିବା ପାଇଁ ଦେୟ ରାଶିର ଅପର୍ଯ୍ୟାପ୍ତତା କିମ୍ବା

ଯଦି ବୀମା ସୁରକ୍ଷାଟି କୌଣସି ପ୍ରୋଦ୍ୟୋଗିକୀ କାରଣରୁ ଯେପରି କି ଦେୟ ତାରିଖରେ ଦେୟ ରାଶିର ଅପର୍ଯ୍ୟାପ୍ତତା/ଅଯଥେଷ୍ଟତା କିମ୍ବା କୌଣସି ପ୍ରଶାସନିକ ସମସ୍ୟା କାରଣରୁ, ବନ୍ଦ ହୋଇଯାଏ, ତାହାକୁ ସେହି ସର୍ତ୍ତାବଳୀ ଯାହାକୁ ନିର୍ଦ୍ଧାରିତ କରାଯାଇପାରେ, ତା' ଅନ୍ତର୍ଗତ ସଂପୂର୍ଣ୍ଣ ବାର୍ଷିକ ପ୍ରିମିୟମର ପ୍ରାପ୍ତି ପରେ ପୁନଃସ୍ଥାପିତ କରାଯାଇପାରେ ।

## L. ବ୍ୟକ୍ତିଗତ ଦୁର୍ଘଟଣା ଏବଂ ବିକଳାଙ୍ଗତା ସୁରକ୍ଷା

ଏକ **ବ୍ୟକ୍ତିଗତ ଦୁର୍ଘଟଣା** (PA) **ସୁରକ୍ଷା** ଅପ୍ରତ୍ୟାଶିତ ଦୁର୍ଘଟଣାର ଘଟଣାରେ ମୃତ୍ୟୁ କିମ୍ବା ବିକଳାଙ୍ଗତା ପାଇଁ କ୍ଷତିପୂରଣ ପ୍ରଦାନ କରେ ।

ଏକ PA ପଲିସୀରେ,

a) ମୃତ୍ୟୁ ଲାଭ ହେଉଛି ବୀମା ରାଶିର 100% ପ୍ରଦାନ,

b) ବିକଳାଙ୍ଗତାର ଅବସରରେ, ସ୍ଥାୟୀ ବିକଳାଙ୍ଗତା କ୍ଷେତ୍ରରେ କ୍ଷତିପୂରଣ ବୀମା ରାଶିର ଏକ ନିଶ୍ଚିତ ପ୍ରତିଶତଠାରୁ ଭିନ୍ନ ହୋଇଥାଏ

c) ଅସ୍ଥାୟୀ ଅପଙ୍ଗତା ପାଇଁ ସାପ୍ତାହିକ କ୍ଷତିପୂରଣ

ସାପ୍ତାହିକ କ୍ଷତିପୂରଣର ଅର୍ଥ ହେଉଛି ଅପଙ୍ଗତା ପାଇଁ, ସପ୍ତାହ ସଂଖ୍ୟା ଯେଉଁଥିପାଇଁ କ୍ଷତିପୂରଣ ଦିଆଯାଇପାରେ, ସେହି ହିସାବରେ ଏକ ସର୍ବାଧିକ ସୀମା ପର୍ଯ୍ୟନ୍ତ ପ୍ରତି ସପ୍ତାହ ଏକ ନିଶ୍ଚିତ ରାଶିର ପ୍ରଦାନ ।

### 1. ସୁରକ୍ଷା ପ୍ରଦାନ କରାଯାଉଥିବା ବିକଳାଙ୍ଗତାର ପ୍ରକାର

ବିକଳାଙ୍ଗତାର ପ୍ରକାର ଯେଉଁଗୁଡିକୁ ସାଧାରଣତଃ ଏହି ପଲିସୀ ଅନ୍ତର୍ଗତ ସୁରକ୍ଷା ଦିଆଯାଇଥାଏ, ସେଗୁଡିକ ହେଉଛି:

**i.** ସ୍ଥାୟୀ ସଂପୂର୍ଣ୍ଣ ବିକଳାଙ୍ଗତା (PTD): ଅର୍ଥ ହେଉଛି ସାରା ଜୀବନ ପାଇଁ ସଂପୂର୍ଣ୍ଣ ରୂପେ ଅପଙ୍ଗ ହୋଇଯିବା, ଯଥା: ସମସ୍ତ ଚାରୀ ଅଙ୍ଗର ପ୍ୟାରାଲିସିସ୍, କୋମାଟୋଜ୍ ଅବସ୍ଥା, ଉଭୟ ଆଖି/ଉଭୟ ହାତ/ ଉଭୟ ଅଙ୍ଗ କିମ୍ବା ଗୋଟିଏ ହାତ ଓ ଗୋଟିଏ ଆଖି କିମ୍ବା ଗୋଟିଏ ଆଖି ଓ ଗୋଟିଏ ଗୋଡ଼ କିମ୍ବା ଗୋଟିଏ ହାତ ଓ ଗୋଟିଏ ଗୋଡ଼ର ହାନି,

**ii.** ସ୍ଥାୟୀ ଆଂଶିକ ବିକଳାଙ୍ଗତା (PPD): ଅର୍ଥ ହେଉଛି ସାରା ଜୀବନ ପାଇଁ ଆଂଶିକ ରୂପେ ଅପଙ୍ଗ ହୋଇଯିବା, ଯଥା: ଆଙ୍ଗୁଳି, ପାଦର ବୁଢା ଆଙ୍ଗୁଳି, ଫାଲାଞ୍ଜି ଇତ୍ୟାଦି

**iii.** ଅସ୍ଥାୟୀ ସଂପୂର୍ଣ୍ଣ ବିକଳାଙ୍ଗତା (TTD): ଅର୍ଥ ହେଉଛି ଅସ୍ଥାୟୀ ସମୟାବଧି ପାଇଁ ସଂପୂର୍ଣ୍ଣ ରୂପେ ଅପଙ୍ଗ ହୋଇଯିବା । ଏହି ଅନୁଭାଗ ବିକଳାଙ୍ଗତା ସମୟାବଧିରେ ଆୟର ହାନି ସମ୍ବନ୍ଧରେ ବର୍ଣ୍ଣନା କରିବା ପାଇଁ ଉଦ୍ଦିଷ୍ଟ ।

ଗ୍ରାହକ ପାଖରେ କେବଳ ମୃତ୍ୟୁ ସୁରକ୍ଷା କିମ୍ବା ମୃତ୍ୟୁ ଯୁକ୍ତ ସ୍ଥାୟୀ ବିକଳାଙ୍ଗତା କିମ୍ବା ମୃତ୍ୟୁ ଯୁକ୍ତ ସ୍ଥାୟୀ ବିକଳାଙ୍ଗତା ଓ ଅସ୍ଥାୟୀ ସଂପୂର୍ଣ୍ଣ ବିକଳାଙ୍ଗତା ମଧ୍ୟକୁ ଚୟନ କରିବାର ବିକଳ୍ପ ଅଛି ।

### 2. ବୀମା ରାଶି

PA ପଲିସୀଗୁଡିକ ପାଇଁ ବୀମା ରାଶିକୁ ସାଧାରଣତଃ ମୋଟ ମାସିକ ଆୟ ଆଧାରରେ ନିର୍ଦ୍ଧାରିତ କରାଯାଇଥାଏ । ସାଧାରଣତଃ, ଏହା ମୋଟ ମାସିକ ଆୟର 60 ଗୁଣ ହୋଇଥାଏ । ଅବଶ୍ୟ, କେତେକ ବୀମାକର୍ତ୍ତା ଆୟ ସ୍ତରକୁ ବିଚାରକୁ ନ ନେଇ ନିଶ୍ଚିତ ଯୋଜନା ଆଧାରରେ ମଧ୍ୟ ପ୍ରଦାନ କରିଥାନ୍ତି । ସେଭଳି ପଲିସୀଗୁଡିକରେ ସୁରକ୍ଷାର ପ୍ରତ୍ୟେକ ବିଭାଗ ପାଇଁ  ବୀମା ରାଶି ଚୟନ କରାଯାଇଥିବା ଯୋଜନା ଅନୁସାରେ ଭିନ୍ନ ଭିନ୍ନ ହୋଇଥାଏ ।

### 3. ବ୍ୟକ୍ତିଗତ ଦୁର୍ଘଟଣା ବୀମା – ଏକ ଲାଭ ଯୋଜନା

ଏକ ଲାଭ ଯୋଜନା ହୋଇଥିବାରୁ, PA ପଲିସୀଗୁଡିକ ଦାବୀର ସମୟରେ 'ଅଂଶଦାନ' ର ସିଦ୍ଧାନ୍ତ ଅନ୍ତର୍ଗତ ହୋଇ ନ ଥାନ୍ତି । ଏ ପ୍ରକାରେ, ଯଦି ଏକ ବ୍ୟକ୍ତିର ବିଭିନ୍ନ ବୀମାକର୍ତ୍ତା ସହିତ ଏକାଧିକ ପଲିସୀ ଥାଏ, ଦାବୀଗୁଡିକୁ ସମସ୍ତ ପଲିସୀ ଅନ୍ତର୍ଗତ ପ୍ରଦାନ କରାଯିବ ।

### 4. ସୁରକ୍ଷାର ପ୍ରାରୂପ

ଏହି ପଲିସୀମାନଙ୍କୁ ଅନେକ ସମୟରେ ମେଡିକାଲ ଖର୍ଚ୍ଚଗୁଡିକୁ ସୁରକ୍ଷା ଦେବା ପାଇଁ ବିସ୍ତାରିତ କରାଯାଇଥାଏ, ଅର୍ଥାତ୍ ଦୁର୍ଘଟଣା ପରେ ହୋଇଥିବା ହସ୍ପିଟାଲାଇଜେଶନ୍/ ମେଡିକାଲ ଖର୍ଚ୍ଚର ପ୍ରତିପୂର୍ତ୍ତି ।

### 5. ଅଧିକ ମୂଲ୍ୟଯୁକ୍ତ ସୁରକ୍ଷା

ବ୍ୟକ୍ତିଗତ ଦୁର୍ଘଟଣା ସହିତ, ଅନେକ ବୀମାକର୍ତ୍ତା ମୂଲ୍ୟ ଯୁକ୍ତ ଲାଭ ବି ପ୍ରଦାନ କରିଥାନ୍ତି ଯେପରି କି ଦୁର୍ଘଟଣା ଯୋଗୁଁ ହସ୍ପିଟାଲାଇଜେଶନ୍ କାରଣରୁ ଡାକ୍ତରଖାନା ନଗଦ, ମୃତ ଅବଶିଷ୍ଟାଂଶର ପରିବହନ ଖର୍ଚ୍ଚ, ଏକ ନିଶ୍ଚିତ ରାଶି ପାଇଁ ଶିକ୍ଷା ଲାଭ ଏବଂ ବାସ୍ତବ କିମ୍ବା ନିଶ୍ଚିତ ସୀମା, ଯେଉଁଟା ବି କମ୍, ତା' ଆଧାରରେ ଆମ୍ବୁଲାନ୍ସ ଚାର୍ଜ ।

### 6. ଅପବର୍ଜନ:

ବ୍ୟକ୍ତିଗତ ଦୁର୍ଘଟଣା ବୀମା ଅନ୍ତର୍ଗତ ସାଧାରଣ ଅପବର୍ଜନ ଗୁଡିକ ହେଉଛି ପଲିସୀର ଆରମ୍ଭ ପୂର୍ବରୁ ବିଦ୍ୟମାନ ବିକଳାଙ୍ଗତା ଠାରୁ ଉପୁଜିଥିବା ଦୁର୍ଘଟଣା, ମାନସିକ ଅବ୍ୟବସ୍ଥା କିମ୍ବା କୌଣସି ରୋଗ କାରଣରୁ ହୋଇଥିବା ମୃତ୍ୟୁ କିମ୍ବା ବିକଳାଙ୍ଗତା, ଯୁଦ୍ଧ, ଆକ୍ରମଣ, ଅପରାଧିକ ନରହତ୍ୟା କିମ୍ବା ନରହତ୍ୟା ଯୋଗୁଁ ହୋଇଥିବା କ୍ଷତ, ଉଦ୍ଦେଶ୍ୟମୂଳକ ଆତ୍ମ-ହାନି, ଆତ୍ମହତ୍ୟା, ଡ୍ରଗ୍ସ/ମଦ୍ୟପାନ, ବିମାନ ଚାଳନ କିମ୍ବା ବେଲୁନରେ ଉଡିବା ଭଳି ନିର୍ଦ୍ଧାରିତ ଅତିରିକ୍ତ ବିପଦଜନକ କାର୍ଯ୍ୟକଳାପରେ ବ୍ୟସ୍ତ ଥିବା ସମୟରେ କ୍ଷତ । ଏହା ହେଉଛି ଏକ ସୂଚକ ତାଲିକା ଏବଂ କମ୍ପାନୀ କମ୍ପାନୀ ମଧ୍ୟରେ ଏହା ଭିନ୍ନ ଭିନ୍ନ ହୋଇପାରେ ।

PA ପଲିସୀଗୁଡିକୁ ବ୍ୟକ୍ତି, ପରିବାର ଏବଂ ସମୂହଗୁଡିକୁ ମଧ୍ୟ ପ୍ରଦାନ କରାଯାଇଥାଏ ।

### ସମୂହ ବ୍ୟକ୍ତିଗତ ଦୁର୍ଘଟଣା ପଲିସୀ

**ସମୂହ ବ୍ୟକ୍ତିଗତ ଦୁର୍ଘଟଣା ପଲିସୀଗୁଡିକ, ବାର୍ଷିକୀ ସମୟରେ ନୂତନୀକରଣର ସ୍ୱୀକୃତି ଥିବା, ସାଧାରଣତଃ ବାର୍ଷିକ ପଲିସୀ ହୋଇଥାନ୍ତି ।** ଅବଶ୍ୟ, ଅଣ-ଜୀବନ ଏବଂ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନେ, ବିଶେଷ ଘଟଣାଗୁଡିକୁ ବୀମା ସୁରକ୍ଷା ଦେବାପାଇଁ ଗୋଟିଏ ବର୍ଷଠାରୁ କମ୍ ଅବଧି ସହିତ ମଧ୍ୟ ସମୂହ ବ୍ୟକ୍ତିଗତ ଦୁର୍ଘଟଣା ଉତ୍ପାଦ ପ୍ରଦାନ କରିପାରନ୍ତି ।

### ବିଘଟିତ ଅସ୍ଥି ପଲିସୀ ଏବଂ ଦୈନିକ କାର୍ଯ୍ୟକଳାପଯୋଗୁଁ ହାନି ପାଇଁ କ୍ଷତିପୂରଣ

ଏହା ଏକ ବିଶେଷୀକୃତ PA ପଲିସୀ ଅଟେ । ଏହି ପଲିସୀଟିର ଡିଜାଇନ୍ ସୂଚୀଭୁକ୍ତ ଅସ୍ଥିଭଙ୍ଗ ବିରୁଦ୍ଧରେ ସୁରକ୍ଷା ଦେବାପାଇଁ କରାଯାଇଛି ।  ନିଶ୍ଚିତ ଲାଭ କିମ୍ବା ପ୍ରତ୍ୟେକ ଭଗ୍ନ ଅସ୍ଥି ବିରୁଦ୍ଧରେ ଉଲ୍ଲିଖୀତ ବୀମା ରାଶିର କିଛି ପ୍ରତିଶତ ଦାବୀ

ସମୟରେ ପ୍ରଦାନ କରାଯାଇଥାଏ । ଲାଭର ପରିମାଣ ସୁରକ୍ଷା ହାଡର ପ୍ରକାର ଓ ଅସ୍ଥିଭଙ୍ଗର ସ୍ୱରୂପ ଉପରେ ନିର୍ଭର କରିଥାଏ ।

## M. ସମୁଦ୍ରପାରୀ / ବିଦେଶ ଯାତ୍ରା ବୀମା

**ପଲିସୀ ପାଇଁ ଆବଶ୍ୟକତା**: ବ୍ୟବସାୟ, ଛୁଟି କିମ୍ବା ଅଧ୍ୟୟନ ପାଇଁ ଭାରତ ବାହାରକୁ ଯାତ୍ରା କରିବା ସମୟରେ ହୋଇଥିବା ଦୁର୍ଘଟଣାଜନିତ ହାନି କିମ୍ବା ହସ୍ପିଟାଲାଇଜେଶନ୍ ର ଖର୍ଚ୍ଚଗୁଡ଼ିକୁ ସୁରକ୍ଷା ଦେବାପାଇଁ । ବିଶେଷରୂପେ USA ଏବଂ କାନାଡା ଭଳି ଦେଶମାନଙ୍କରେ ମେଡିକାଲ ସେବାର ମୂଲ୍ୟ ଅତ୍ୟଧିକ ଅଟେ ଏବଂ ବଡ଼ ଆର୍ଥିକ ସମସ୍ୟାର କାରଣ ହୋଇପାରେ ।

**ବୀମା ସୁରକ୍ଷାର ବ୍ୟାପକତା**

ସେଭଳି ପଲିସୀଗୁଡ଼ିକ ମୂଖ୍ୟତଃ ଦୁର୍ଘଟଣା ଏବଂ ରୋଗ ଲାଭପାଇଁ ଉଦ୍ଦିଷ୍ଟ, କିନ୍ତୁ ବଜାରରେ ଉପଲବ୍ଧ ଅଧିକାଂଶ ଉତ୍ପାଦ ଗୋଟିଏ ଉତ୍ପାଦ ମଧ୍ୟରେ ସୁରକ୍ଷାଗୁଡ଼ିକର ଏକ ଶୃଙ୍ଖଳାକୁ ସମାବିଷ୍ଟ କରିଥାନ୍ତି ।

ପ୍ରଦାନ କରାଯାଉଥିବା ସାମାନ୍ୟ ସୁରକ୍ଷାଗୁଡ଼ିକ ହେଉଛନ୍ତି :

a) **ଚିକିତ୍ସା ଏବଂ ରଗ୍ଣ ବିଭାଗ**:
   - **i.** ଦୁର୍ଘଟଣାଜନିତ ମୃତ୍ୟୁ/ବିକଳାଙ୍ଗତା
   - **ii.** ରୋଗ/ଦୁର୍ଘଟଣା ଯୋଗୁଁ ହୋଇଥିବା ଚିକିତ୍ସୀୟ ଖର୍ଚ୍ଚ

b) **ଦେଶ ପ୍ରତ୍ୟାବର୍ତ୍ତନ ଏବଂ ନିକାସ/ପରିତ୍ୟାଗ**

c) ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା

d) ବ୍ୟକ୍ତିଗତ ଦାୟିତ୍ୱ

e) ଅନ୍ୟାନ୍ୟ ଅଣ- ଚିକିତ୍ସୀୟ ସୁରକ୍ଷା:
   - **i.** ଯାତ୍ରା ରଦ୍ଦକରଣ
   - **ii.** ଯାତ୍ରା ବିଳମ୍ବନ
   - **iii.** ଯାତ୍ରା ବ୍ୟାଘାତ
   - **iv.** ବିଚ୍ଛିନ୍ନ ସଂଯୋଗ
   - **v.** ଚେକ୍ଡ ବ୍ୟାଗେଜ୍ ର ବିଳମ୍ବନ
   - **vi.** ଚେକ୍ଡ ବ୍ୟାଗେଜ୍ ର ହାନି
   - **vii.** ପାସପୋର୍ଟ ର ନିଖୋଜ
   - **viii.** ଜରୁରୀକାଳୀନ ନଗଦ ଅଗ୍ରୀମ
   - **ix.** ଅପହରଣ ଭତ୍ତା
   - **x.** ଜମାନତ ବଣ୍ଡ ବୀମା

xi. ଅପହରଣ ସୁରକ୍ଷା

xii. ପ୍ରାୟୋଜକ ସୁରକ୍ଷା

xiii. ସହାନୁଭୂତିଶୀଳ ସାକ୍ଷାତ

xiv. ଅଧ୍ୟୟନ ବ୍ୟାଘାତ

xv. ଘର ମଧ୍ୟରୁ ଚୋରୀ

### 1. ଯୋଜନାଗୁଡ଼ିକର ପ୍ରକାର

ଲୋକପ୍ରିୟ ପଲିସୀଗୁଡ଼ିକ ହେଉଛି ବ୍ୟବସାୟ ଏବଂ ଛୁଟି ଯୋଜନା, ଅଧ୍ୟୟନ ଯୋଜନା ଏବଂ ନିଯୁକ୍ତି ଯୋଜନା I

### 2. ପଲିସୀକୁ କିଏ ନେଇ ପାରିବ

ବ୍ୟବସାୟ, ଛୁଟିରେ କିମ୍ବା ଅଧ୍ୟୟନ ପାଇଁ ବିଦେଶ ଯାତ୍ରା କରୁଥିବା ଏକ ଭାରତୀୟ ନାଗରିକ ଏହି ପଲିସୀର ଲାଭ ଉଠାଇ ପାରିବ I ବିଦେଶକୁ ଅନୁବନ୍ଧ ଆଧାରରେ ପଠାଯାଉଥିବା ଭାରତୀୟ ନିଯୁକ୍ତିଦାତାମାନଙ୍କ କର୍ମଚାରୀମାନଙ୍କୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯାଇପାରିବ I

### 3. ବୀମା ରାଶି ଏବଂ ପ୍ରିମିୟମ

ସୁରକ୍ଷାଟିକୁ US ଡଲାରରେ ସ୍ୱୀକୃତି ଦିଆଯାଇଥାଏ ଏବଂ ଚିକିତ୍ସୀୟ ଖର୍ଚ୍ଚ, ନିକାସ ଏବଂ ଦେଶ ପ୍ରତ୍ୟାବର୍ତ୍ତନକୁ ସୁରକ୍ଷା ଦେଉଥିବା ବିଭାଗ ପାଇଁ ସାଧାରଣତଃ USD 100,000 ଠାରୁ USD 500,000 ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ହୋଇଥାଏ I ଅନ୍ୟାନ୍ୟ ବିଭାଗ ପାଇଁ ଦାୟିତ୍ୱ ସୁରକ୍ଷା ବ୍ୟତୀତ, ବୀମାରାଶି କମ୍ ହୋଇଥାଏ I ପ୍ରିମିୟମଗୁଡ଼ିକୁ ଭାରତୀୟ ଟଙ୍କାରେ ପ୍ରଦାନ କରାଯାଇପାରେ କେବଳ ନିଯୁକ୍ତି ଯୋଜନା ବ୍ୟତୀତ ଯେଉଁଠି ପ୍ରିମିୟମକୁ ଡଲାରରେ ପ୍ରଦାନ କରିବାକୁ ପଡ଼ିଥାଏ I ଯୋଜନାଗୁଡ଼ିକ ସାମାନ୍ୟତଃ ଦୁଇ ପ୍ରକାରର ହୋଇଥାନ୍ତି:

- ✓ USA/କାନାଡ଼ା ବ୍ୟତୀତ ବିଶ୍ୱବ୍ୟାପୀ
- ✓ USA/କାନାଡ଼ା ସମେତ ବିଶ୍ୱବ୍ୟାପୀ

କେତେକ ଉତ୍ପାଦ ଦେଶଗୁଡ଼ିକର ଏକ ସମୂହ ପାଇଁ ସୁରକ୍ଷା ପ୍ରଦାନ କରନ୍ତି I ଉଦାହରଣଗୁଡ଼ିକ ହେଉଛନ୍ତି କେବଳ ଏସୀୟ ଦେଶଗୁଡ଼ିକୁ ଯାତ୍ରା, କେବଳ ୟୁରୋପୀୟ ଦେଶଗୁଡ଼ିକୁ ଯାତ୍ରା କିମ୍ବା କେବଳ ଏକ ନିର୍ଦ୍ଦିଷ୍ଟ ଦେଶକୁ ଯାତ୍ରା I

### କର୍ପୋରେଟ ବାରମ୍ବାର ଯାତ୍ରା ଯୋଜନା

ଏହା ହେଉଛି ଏକ ବାର୍ଷିକ ପଲିସୀ ଯେଉଁଠି ଏକ କର୍ପୋରେଟ/ନିଯୁକ୍ତିଦାତା ତାଙ୍କ ସାହାଯ୍ୟକର୍ତ୍ତାମାନଙ୍କ ପାଇଁ ବୈୟକ୍ତିକ ପଲିସୀ ନେଇଥାନ୍ତି ଯେଉଁମାନେ ଭାରତ ବାହାରକୁ ବାରମ୍ବାର ଯାତ୍ରା କରିଥାନ୍ତି I ଏ ସୁରକ୍ଷାକୁ ସେହି ବ୍ୟକ୍ତିମାନଙ୍କ ଦ୍ୱାରା ମଧ୍ୟ ନିଆଯାଇ ପାରେ ଯେଉଁମାନେ ଗୋଟିଏ ବର୍ଷ ମଧ୍ୟରେ ଅନେକ ଥର ସମୁଦ୍ରପାରୀ ବିମାନଯାତ୍ରା କରନ୍ତି I ଏକ କମ୍ପାନୀର କର୍ମଚାରୀମାନଙ୍କ ଦ୍ୱାରା ଗୋଟିଏ ବର୍ଷରେ ଯାତ୍ରାର ଆକଳିତ କାର୍ଯ୍ୟ ଦିବସ ଆଧାରରେ ଏକ ଅଗ୍ରୀମ ପ୍ରିମିୟମ ପ୍ରଦାନ କରାଯାଇଥାଏ I ଉପରୋକ୍ତ ପଲିସୀଗୁଡ଼ିକ ବ୍ୟବସାୟ ଏବଂ ଛୁଟି ଯାତ୍ରା ପାଇଁ କେବଳ ସ୍ୱୀକୃତି ପ୍ରଦାନ କରାଯାଇଥାଏ I ପୂର୍ବରୁ ବିଦ୍ୟମାନ ରୋଗଗୁଡ଼ିକ ସାଧାରଣତଃ ସମୁଦ୍ରପାରୀ ମେଡ଼ିକାଲ/ଯାତ୍ରା ବୀମାଗୁଡ଼ିକ ଠାରୁ ବହିର୍ଭୁତ କରାଯାଇଥାଏ I

## N. ସମୂହ ସ୍ୱାସ୍ଥ୍ୟ ବୀମା ସୁରକ୍ଷା

### 1. ସମୂହ ପଲିସୀ

ଅଧ୍ୟାୟର ପୂର୍ବଭାଗରେ ବ୍ୟାଖ୍ୟା କରାଯାଇଥିବା ଭଳି, ଏକ ସମୂହ ପଲିସୀକୁ ଏକ ସମୂହ ମାଲିକ ଦ୍ୱାରା ନିଆଯାଇଥାଏ, ଯିଏ ଏକ ନିଯୁକ୍ତିଦାତା, ଏକ ସଂଘ, ଏକ ବ୍ୟାଙ୍କର କ୍ରେଡିଟ୍ କାର୍ଡ ବିଭାଗ ହୋଇପାରେ, ଯେଉଁଠି କେବଳ ଏକମାତ୍ର ପଲିସୀ ବ୍ୟକ୍ତିମାନଙ୍କ ସଂପୂର୍ଣ୍ଣ ସମୂହକୁ ସୁରକ୍ଷା ପ୍ରଦାନ କରିଥାଏ । ଏହି ପଲିସୀଗୁଡିକ ସାଧାରଣତଃ, ଗୋଟିଏ ବର୍ଷର ନୂତନୀକରଣୀୟ ଚୁକ୍ତି ହୋଇଥାଏ ।

**ସମୂହ ପଲିସୀମାନଙ୍କ ବିଶେଷତା- ହସ୍ପିଟାଲାଇଜେଶନ ଲାଭ ସୁରକ୍ଷା ।**

#### 1. ବୀମା ସୁରକ୍ଷାର ବ୍ୟାପକତା

ସବୁଠୁ ସାଧାରଣ ପ୍ରକାରର ସମୂହ ସ୍ୱାସ୍ଥ୍ୟ ବୀମା ହେଉଛି ନିଯୁକ୍ତିଦାତାମାନଙ୍କ ଦ୍ୱାରା ନିଆଯାଇଥିବା ପଲିସୀ, ଯାହା କର୍ମଚାରୀ ଓ ଆଶ୍ରିତ ପତି/ପତ୍ନୀ ପିଲାମାନେ ଏବଂ ପିତାମାତା/ଶାଶୁ ଶ୍ୱଶୁର ସମେତ ସେମାନଙ୍କ ପରିବାରମାନଙ୍କୁ ସୁରକ୍ଷା ପ୍ରଦାନ କରିଥାଏ ।

#### 2. ତଦନୁକୂଳ (ଟେଲର-ମେଡ୍) ସୁରକ୍ଷା

ସମୂହ ପଲିସୀଗୁଡିକ ଅନେକ ସମୟରେ, ସମୂହର ଆବଶ୍ୟକତାଗୁଡିକ ପୂରଣ କରିବାପାଇଁ ତଦନୁକୂଳ ସୁରକ୍ଷା ହୋଇଥାନ୍ତି । ଏ ପ୍ରକାରେ, ସମୂହ ପଲିସୀମାନଙ୍କରେ, ଜଣେ ବ୍ୟକ୍ତି ସମୂହ ପଲିସୀ ଅନ୍ତର୍ଗତ ସୁରକ୍ଷାପ୍ରାପ୍ତ ହୋଇ, ବୈୟକ୍ତିକ ପଲିସୀର ଅନେକ ମାନକ ଅପବର୍ଜନକୁ ସୁରକ୍ଷା କରେ ।

#### 3. ପ୍ରସୂତି ସୁରକ୍ଷା

ଏକ ସମୂହ ପଲସୀରେ ଥିବା ସବୁଠୁ ସାଧାରଣ ଆଡ୍-ଅନ୍ ମଧ୍ୟରୁ ଗୋଟିଏ ହେଉଛି ପ୍ରସୂତି ସୁରକ୍ଷା । ପ୍ରସୂତି ସୁରକ୍ଷା ଶିଶୁର ଜନ୍ମ ପାଇଁ ଡାକ୍ତରଖାନାରେ ଭର୍ତ୍ତି ରେ ହୋଇଥିବା ଖର୍ଚ୍ଚଗୁଡିକ ପାଇଁ ପ୍ରାବଧାନ ରଖିପାରେ ଏବଂ C-Section ପ୍ରସୂତିକୁ ଅନ୍ତର୍ଭୁକ୍ତ କରେ । ଏହି ସୁରକ୍ଷା ସାଧାରଣତଃ ପରିବାରର ସମଗ୍ର ବୀମା ରାଶି ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ରାଶି ପରିମାଣ ପର୍ଯ୍ୟନ୍ତ ସୀମିତ ରହେ ।

#### 4. ଶିଶୁ ବୀମା ସୁରକ୍ଷା

ବୀମା ସୁରକ୍ଷାଟି ପ୍ରଥମ ଦିନରୁ ହିଁ ଶିଶୁମାନଙ୍କ ପାଇଁ ନିଆଯାଇଥାଏ, ବେଳେ ବେଳେ ପ୍ରସୂତି ସୁରକ୍ଷା ସୀମା ପର୍ଯ୍ୟନ୍ତ ସୀମିତ କରାଯାଇ ଏବଂ ବେଳେ ବେଳେ କରିବାର ସଂପୂର୍ଣ୍ଣ ବୀମା ରାଶିକୁ ଅନ୍ତର୍ଭୁକ୍ତ କରିବାକୁ ବିସ୍ତାର କରାଯାଇ ।

#### 5. ପୂର୍ବରୁ ବିଦ୍ୟମାନ ରୋଗଗୁଡିକ ସୁରକ୍ଷାପ୍ରାପ୍ତ, ପ୍ରତୀକ୍ଷା ସମୟାବଧି ଛାଡ଼

ତଦନୁକୂଳ ସମୂହ ପଲସୀଗୁଡିକରେ, ଅନେକ ସାମାନ୍ୟ ଅପବର୍ଜନ, ଯଥା ପୂର୍ବବିଦ୍ୟମାନ ରୋଗ ଅପବର୍ଜନ, ତିରିଶ ଦିନର ପ୍ରତୀକ୍ଷା ଅବଧି, ଦୁଇ ବର୍ଷର ପ୍ରତୀକ୍ଷା ଅବଧି, ଜନ୍ମଜାତ ରୋଗଗୁଡିକୁ ମାଫ୍ କରାଯାଇପାରେ ।

#### 6. ପ୍ରିମିୟମ ନିର୍ଦ୍ଧାରଣ

ଏକ ସମୂହ ପଲିସୀ ପାଇଁ ଲାଗୁ କରାଯାଉଥିବା ପ୍ରିମିୟମ ସମୂହ ସଦସ୍ୟମାନଙ୍କ ଆୟୁ ପ୍ରୋଫାଇଲ, ସମୂହର ଆକାର ଏବଂ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ରୂପେ ସମୂହର ଦାବୀ ଅନୁଭୂତି ଆଧାରରେ କରାଯାଇଥାଏ ।

### 7. ଅଣ-ନିଯୁକ୍ତିଦାତା କର୍ମଚାରୀ ସମୂହ

ଭାରତରେ, ବିନିୟାମକ ପ୍ରାବଧାନ ଏକ ସମୂହ ବୀମା ସୁରକ୍ଷା ନେବାର ମୂଖ୍ୟ ଉଦ୍ଦେଶ୍ୟ ନେଇ କରାଯାଇଥିବା ସମୂହ ଗଠନକୁ କଡ଼ାକଡ଼ି ରୂପେ ବିରୋଧ କରେ । ଯେତେବେଳେ ସମୂହ ପଲିସୀଗୁଡିକୁ ନିଯୁକ୍ତିଦାତା ବ୍ୟତୀତ ଅନ୍ୟ କାହାକୁ ଦିଆଯାଏ ଏହାର ସଦସ୍ୟମାନଙ୍କ ସହିତ ସମ୍ବନ୍ଧକୁ ନିର୍ଦ୍ଧାରଣ କରିବା ମହତ୍ୱପୂର୍ଣ୍ଣ ହୋଇଥାଏ ।

**ଉଦାହରଣ**

ଏହାର ସଂଚୟ ବ୍ୟାଙ୍କ ଖାତା ଧାରକ କିମ୍ବା କ୍ରେଡିଟ କାର୍ଡ ଧାରକମାନଙ୍କ ପାଇଁ ଏକ ପଲିସୀ ନେଉଥିବା ଏକ ବ୍ୟାଙ୍କ ଏକ ସମଧର୍ମୀ ସମୂହ ଗଠିତ କରେଯେଉଁଠି ଏକ ବଡ଼ ସମୂହ ସେମାନଙ୍କ ଆବଶ୍ୟକତାଗୁଡିକୁ ପୂରଣ କରିବାକୁ , ଡିଜାଇନ୍ କରାଯାଇଥିବା ଏକ ତଦନୁକୂଳ ପଲିସୀ ଦ୍ୱାରା ଲାଭ ପାଇବାରେ ସକ୍ଷମ ହୋଇଥାଏ।

### 8. ମୂଲ୍ୟ ନିର୍ଦ୍ଧାରଣ

ସମୂହ ପଲିସୀମାନଙ୍କରେ, ସମୂହର ଆକାର ଏବଂ ସମୂହର ଦାବୀ ଅନୁଭୂତି ଆଧାରରେ ମଧ୍ୟ ପ୍ରିମିୟମ ଉପରେ ଛାଡ଼ (ଡିସ୍କାଉଣ୍ଟ) ପାଇଁ ପ୍ରାବଧାନ ଥାଏ ।

## *2.* କର୍ପୋରେଟ ବଫର୍ କିମ୍ବା ଫ୍ଲୋଟର୍ ସୁବିଧା

ଅଧିକାଂଶ ସମୂହ ପଲିସୀରେ, ପ୍ରତ୍ୟେକ ପରିବାରକୁ ଏକ ନିର୍ଦ୍ଧାରିତ ବୀମା ରାଶି ପାଇଁ ସୁରକ୍ଷା ପ୍ରଦାନ କରାଯାଏ, ଯାହା ଟ. ଏକ ଲକ୍ଷ ଠାରୁ ପାଞ୍ଚ ଲକ୍ଷ ଏବଂ ବେଳେ ବେଳେ ଅଧିକ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ହୋଇଥାଏ । ସେଇଠି ସେସବୁ ପରିସ୍ଥିତି ଉପୁଜି ଥାଏ ଯେଉଁଠି ପରିବାରର ବୀମା ରାଶି ସମାପ୍ତ ହୋଇ ଯାଇଥାଏ, ବିଶେଷରୂପେ ଏକ ପରିବାର ସଦସ୍ୟର ବଡ଼ ରୋଗ କ୍ଷେତ୍ରରେ । ସେଭଳି ପରିସ୍ଥିତିରେ ଯଦି ଏହା ପାଇଁ ବଫର୍ ସୁରକ୍ଷାର ଚୟନ କରାଯାଇଥାଏ, ଏହା ଆଶ୍ୱସ୍ତ ଦେଇଥାଏ, ଯେଉଁଠି ପରିବାର ବୀମା ରାଶିର ଉପରେ/ଊର୍ଦ୍ଧ୍ୱରେ ହୋଇଥିବା ଅତିରିକ୍ତ ଖର୍ଚ୍ଚ ସବୁକୁ ଏହି ବଫର୍ ରାଶି ଠାରୁ ପୂରଣ କରାଯାଇଥାଏ ।

ରାଶି ପରିମାଣ ସବୁକୁ ବଫର୍ ଠାରୁ ନିଆଯାଇଥାଏ, ଯେତେବେଳେ ଏକ ପରିବାରର ବୀମା ରାଶି ଶେଷ ହୋଇଯାଏ । ଅବଶ୍ୟ ଏହି ଉପଯୋଗ ସମାନ୍ୟତଃ ବଡ଼ ରୋଗ/ସଙ୍କଟମୟ ରୋଗ ବ୍ୟୟ ପର୍ଯ୍ୟନ୍ତ ସୀମିତ ରହିଥାଏ ଯେଉଁଠି କେବଳ ଏକ ମାତ୍ର ହସ୍ପିଟାଲାଇଜେଶନ୍ ବୀମା ରାଶିକୁ ଶେଷ କରି ଦେଇଥାଏ ।

## O. ବିଶେଷ ଉତ୍ପାଦ

### 1. ରୋଗ ସୁରକ୍ଷା

ସଂପ୍ରତି, କ୍ୟାନସର, ଡାଇବେଟିସ୍, କୋଭିଡ୍-19 ଭଳି ରୋଗ ବିଶେଷ ସୁରକ୍ଷାଗୁଡିକୁ ଭାରତୀୟ ବଜାରରେ ବିକ୍ରୀ କରାଯାଇଛି । ସୁରକ୍ଷାଟି ହୁଏତ ଅଳ୍ପାବଧି କିମ୍ବା ଦୀର୍ଘାବଧି- 5 ବର୍ଷ ଠାରୁ 20 ବର୍ଷ ପର୍ଯ୍ୟନ୍ତ ହୋଇପାରେ ଏବଂ ଏକ କଲ୍ୟାଣ ଲାଭକୁ ବି ଅନ୍ତର୍ଭୁକ୍ତ କରାଯାଇଛି – ବୀମାକର୍ତ୍ତାଦ୍ୱାରା ଏକ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ରାଶି ପ୍ରଦାନ କରାଯାଏ । ରକ୍ତ ଶର୍କରା, ରକ୍ତ ଚାପ ଇତ୍ୟାଦି ଭଳି କାରକଗୁଡିକର ଆହୁରି ଉତ୍ତମ ନିୟନ୍ତ୍ରଣ ପାଇଁ, ପଲିସୀର ଦ୍ୱିତୀୟ ବର୍ଷ ଠାରୁ ଆଗକୁ ହ୍ରାସ କରାଯାଇଥିବା ପ୍ରିମିୟମ ରୂପେ ପ୍ରୋତ୍ସାହନ ଅଛି । ଅନ୍ୟ ପକ୍ଷରେ, ଦୁର୍ବଳ ନିୟନ୍ତ୍ରଣ ପାଇଁ ଏକ ଉଚ୍ଚତର ପ୍ରିମିୟମ ଲାଗୁ ହୋଇପାରେ ।

## 2. ମଧୁମେହ ଆକ୍ରାନ୍ତ ବ୍ୟକ୍ତିମାନଙ୍କୁ ସୁରକ୍ଷା ଦେବାପାଇଁ ଡିଜାଇନ୍ କରାଯାଇଥିବା ଉତ୍ପାଦ

ଏହି ପଲିସୀକୁ 26 ଓ 65 ବର୍ଷ ମଧ୍ୟର ବ୍ୟକ୍ତିମାନଙ୍କ ଦ୍ୱାରା ନିଆଯାଇପାରେ ଏବଂ 70 ବର୍ଷ ପର୍ଯ୍ୟନ୍ତ ନୂତନୀକରଣୀୟ ଅଟେ । ବୀମା ରାଶି ଟ.50,000 ଠାରୁ ଟ. 5,00,000 ପର୍ଯ୍ୟନ୍ତ ବିଭିନ୍ନ ଶ୍ରେଣୀରେ ରହିପାରେ । ରୁମ୍ ଭଡ଼ା ଉପରେଊର୍ଦ୍ଧସୀମା (କ୍ୟାପିଙ୍ଗ୍) ପ୍ରଯୁଜ୍ୟ ହୋଇଥାଏ । ଉତ୍ପାଦଟି ଡାଇବେଟିକ୍ ରେଟିନୋପାଥି (ଚକ୍ଷୁ), କିଡନୀ, ଡାଇବେଟିକ୍ ପାଦ, ଡୋନର୍ ଖର୍ଚ୍ଚ ସମେତ କିଡନୀ ପ୍ରତ୍ୟାରୋପଣ ଭଳି ମଧୁମେହର ହସ୍ପିଟାଲାଇଜେଶନ୍ ଜଟିଳତାଗୁଡିକୁ ସୁରକ୍ଷା ଦେବାପାଇଁ ଉଦ୍ଦିଷ୍ଟ ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ଯଦିଓ ହସ୍ପିଟାଲାଇଜେଶନ୍ ପୂର୍ବର ଖର୍ଚ୍ଚସବୁ ପାଇଁ ସୁରକ୍ଷାର ଅବଧି ବୀମାକର୍ତ୍ତା ଠାରୁ ବୀମାକର୍ତ୍ତା ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଇପାରେ ଏବଂ ପଲିସୀରେ ପରିଭାଷିତ କରାଯାଇଥାଏ, ସବୁଠୁ ସାଧାରଣ ସୁରକ୍ଷା ହେଉଛି ହସ୍ପିଟାଲାଇଜେଶନ୍ ପୂର୍ବବର୍ତ୍ତୀ ________ ପାଇଁ ।

I. ପନ୍ଦର ଦିନ

II. ତିରିଶ ଦିନ

III. ପଇଁଚାଳିଶ ଦିନ

IV. ଷାଠିଏ ଦିନ

---

ସ୍ୱାସ୍ଥ୍ୟ ପଲିସୀ ମାନଙ୍କରେ ଥିବା ମୁଖ୍ୟ ପଦାବଳୀ (ସମସ୍ତ ପଦଗୁଡିକ ସ୍ୱାସ୍ଥ୍ୟ ବୀମା ଉତ୍ପାଦର ମାନକୀକରଣ ଉପରେ ଆଇ.ଆର.ଡି.ଏ.ଆଇ. ମାଷ୍ଟର ପରିପତ୍ର ତାରିଖ 22.07.2020 ରେ ପରିଭାଷିତ କରାଯାଇଥିବା ଅନୁସାରେ ଅଟନ୍ତି)

## 1. ନେଟୱର୍କ ପ୍ରଦାତା

ନେଟୱର୍କ ପ୍ରଦାତା ଏକ ଡାକ୍ତରଖାନା/ନର୍ସିଂହୋମ/ଦିବସ ସେବା କେନ୍ଦ୍ରକୁ ସୂଚୀତ କରେ ଯାହା ବୀମିତ ରୋଗୀମାନଙ୍କୁ ନଗଦ ହୀନ ଚିକିତ୍ସା ପ୍ରଦାନ କରିବାପାଇଁ ଏକ ବୀମାକର୍ତ୍ତା/TPA ସହିତ ସମ୍ବନ୍ଧ ସ୍ଥାପିତ କରିଥାଏ । ରୋଗୀମାନେ ନେଟୱର୍କ ପ୍ରଦାତାମାନଙ୍କ ବାହାରକୁ ଯିବାପାଇଁ ମୁକ୍ତ ଅଟନ୍ତି କିନ୍ତୁ ସେଇଠି ସେମାନଙ୍କୁ ସାଧାରଣତଃ ଅତି ଅଧିକ ଶୁଳ୍କ ଚାର୍ଜ କରାଯାଇଥାଏ ।

## 2. ପସନ୍ଦ କରାଯାଇଥିବା ନେଟୱର୍କ (PPN)

ଏକ ବୀମାକର୍ତ୍ତା ପାଖରେ, ଗୁଣବତ୍ତା ଚିକିତ୍ସା ଏବଂ ସର୍ବୋତ୍ତମ ସ୍ତରରେ ଚିକିତ୍ସା ସୁନିଶ୍ଚିତ କରିବାକୁ ଡାକ୍ତରଖାନାମାନଙ୍କର ଏକ ପସନ୍ଦ କରାଯାଇଥିବା ନେଟୱର୍କ ସୃଷ୍ଟି କରିବାର ବିକଳ୍ପ ଥାଏ । ଯେତେବେଳେ ଏହି ସମୂହଟି ଅନୁଭୂତି, ଉପଯୋଗିତା ଏବଂ ସେବା ପ୍ରଦାନ କରିବାର ମୂଲ୍ୟ ଆଧାରରେ ବୀମାକର୍ତ୍ତା ଦ୍ୱାରା କେବଳ ଏକ ଚୟନିତ, ପସନ୍ଦ କରାଯାଇଥିବା ପ୍ରଦାନକର୍ତ୍ତା ନେଟୱର୍କଗୁଡିକ ଗଠିତ ହୋଇଥାନ୍ତି ।

## 3. ନଗଦହୀନ/Cashless ସେବା

ଏକ ନଗଦହୀନ ସେବା ବୀମିତକୁ ଡାକ୍ତରଖାନା ମାନଙ୍କରେ କୌଣସି ରାଶି ପ୍ରଦାନ ବିନା ସୁରକ୍ଷାର ସୀମା ପର୍ଯ୍ୟନ୍ତ ଚିକିତ୍ସା ପ୍ରାପ୍ତ କରିବାରେ ସକ୍ଷମ କରିଥାଏ । ସେହିସବୁ ଯାହାକୁ ବୀମିତକୁ କରିବାକୁ ପଡ଼େ ତାହା ହେଉଛି ଏକ ନେଟୱର୍କ ଡାକ୍ତରଖାନାକୁ ପହଞ୍ଚିବା ଏବଂ ବୀମାର ପ୍ରମାଣରୂପେ ତାର ମେଡିକାଲ କାର୍ଡକୁ ଉପସ୍ଥାପିତ କରିବା । ବୀମାକର୍ତ୍ତା ସ୍ୱାସ୍ଥ୍ୟ

ସେବା ପାଇଁ ଏକ ନଗଦହୀନ ଅଭିଗମରେ ସହାୟତା ପ୍ରଦାନ କରେ ଏବଂ ସ୍ୱକାର୍ଯ୍ୟ ରାଶି ପାଇଁ ନେଟୱର୍କ ପ୍ରଦାତାକୁ ସିଧାସଳଖ ଭାବେ ରାଶି ପ୍ରଦାନ କରେ। ଅବଶ୍ୟ, ବୀମିତକୁ ପଲିସୀ ସୀମା ବାହାରର ରାଶି ପାଇଁ ଏବଂ ପଲିସୀ ସର୍ତ୍ତାବଳୀ ଅନୁଯାୟୀ ଦେୟ ହୋଇ ନ ଥିବା ଖର୍ଚ୍ଚ ସବୁ ପାଇଁ ରାଶି ପ୍ରଦାନ କରିବାକୁ ପଡ଼ିଥାଏ।

## 4. ତୃତୀୟ ପକ୍ଷ ପ୍ରଶାସକ (TPA)

ସ୍ୱାସ୍ଥ୍ୟ ବୀମା କ୍ଷେତ୍ରରେ ଏକ ମୁଖ୍ୟ ବିକାଶ ହେଉଛି ତୃତୀୟ ପକ୍ଷ ପ୍ରଶାସକ କିମ୍ବା TPA ର ପ୍ରବର୍ତ୍ତନ। ବିଶ୍ୱସାରା ଅନେକ ବୀମାକର୍ତ୍ତା ସ୍ୱାସ୍ଥ୍ୟ ବୀମା ଦାବୀଗୁଡିକୁ ପ୍ରବନ୍ଧ କରିବା ପାଇଁ ସ୍ୱତନ୍ତ୍ର ସଂଗଠନ ଗୁଡିକର ସେବାର ଉପଯୋଗ କରିଥାନ୍ତି। ଏହି ଏଜେନ୍ସିମାନେ TPA ରୂପେ ପରିଚିତ ଅଟନ୍ତି। ଭାରତରେ, ଏକ TPA କୁ ଏକ ବୀମାକର୍ତ୍ତାଦ୍ୱାରା ସ୍ୱାସ୍ଥ୍ୟ ସେବାର ପ୍ରାବଧାନ ପାଇଁ ନିଯୁକ୍ତ କରାଯାଏ ଯାହା ଅନ୍ୟ ଜିନିଷ ମାନଙ୍କ ମଧ୍ୟରେ ନିମ୍ନଗୁଡିକୁ ଅନ୍ତର୍ଭୁକ୍ତ କରେ:

i. **ପଲିସୀଧାରକକୁ ଏକ ପରିଚୟ ପତ୍ର ପ୍ରଦାନ କରିବା ଯାହା ତା 'ବୀମା ପଲିସୀର ପ୍ରମାଣ ଅଟେ ଏବଂ ଯାହାକୁ ଏକ ଡାକ୍ତରଖାନାରେ ଭର୍ତ୍ତି ପାଇଁ ବ୍ୟବହାର କରାଯାଇପାରେ**

ii. **ନେଟୱର୍କ ଡାକ୍ତରଖାନାଗୁଡିକରେ ଏକ ନଗଦହୀନ ସେବା ପ୍ରଦାନ କରିବା**

iii. **ଦାବୀଗୁଡିକର ପ୍ରୋସେସ୍ କରିବା**

TPA ମାନେ ସ୍ୱାସ୍ଥ୍ୟ ପଲିସୀଧାରକମାନଙ୍କୁ ନଗଦହୀନ ଆଧାରରେ ହେଉ ଅଥବା ପ୍ରତିପୂର୍ତ୍ତି ଆଧାରରେ ହେଉ, ଡାକ୍ତରଖାନାରେ ଭର୍ତ୍ତି ପାଇଁ ଅନନ୍ୟ ପରିଚୟ ପତ୍ରର ଜାରୀଠାରୁ ଆରମ୍ଭ କରି ଦାବୀଗୁଡିକର ସମାଧାନ ପର୍ଯ୍ୟନ୍ତ, ସେବା ପ୍ରଦାନ କରନ୍ତି। ତୃତୀୟ ପକ୍ଷ ପ୍ରଶାସକମାନେ ଡାକ୍ତରଖାନା କିମ୍ବା ସ୍ୱାସ୍ଥ୍ୟ ସେବା ପ୍ରଦାତାମାନଙ୍କ ସହିତ ଏକ MOU ରେ ପ୍ରବେଶ କରନ୍ତି ଏବଂ ସୁନିଶ୍ଚିତ କରନ୍ତି ଯେ କୌଣସି ବି ବ୍ୟକ୍ତି ଯିଏ ନେଟୱର୍କ ଡାକ୍ତରଖାନାଗୁଡିକରେ ଚିକିତ୍ସା ପ୍ରାପ୍ତି କରେ, ତାକୁ ନଗଦହୀନ ସେବା ଦିଆଯାଉଛି। ସେମାନେ ବୀମାକର୍ତ୍ତା (ମାନଙ୍କ) ଏବଂ ବୀମିତ (ମାନଙ୍କ) ମଧ୍ୟରେ ମଧ୍ୟସ୍ଥ ହୋଇଥାନ୍ତି, ଯିଏ ଡାକ୍ତରଖାନା ସହିତ ସମନ୍ୱୟ ସ୍ଥାପିତ କରନ୍ତି ଏବଂ ସ୍ୱାସ୍ଥ୍ୟ ଦାବୀଗୁଡିକୁ ଅନ୍ତିମ ରୂପ ଦିଅନ୍ତି।

## 5. ଡାକ୍ତରଖାନା/ହସ୍ପିଟାଲ

ଏକ ଡାକ୍ତରଖାନା/ହସ୍ପିଟାଲ ର ଅର୍ଥ ହେଉଛି କୌଣସି ସଂସ୍ଥାନ ଯାହା ଆନ୍ତଃ-ରୋଗୀ ସେବା ପାଇଁ ଏବଂ ରୋଗ ଏବଂ/ କିମ୍ବା କ୍ଷତ ର ଦିବସ ସେବା ଚିକିତ୍ସା ପାଇଁ ସ୍ଥାପିତ କରାଯାଇଥାଏ ଏବଂ ଯାହାକୁ ସ୍ଥାନୀୟ ପ୍ରାଧିକରଣ ସହିତ ଏକ ଡାକ୍ତରଖାନା ରୂପେ ପଞ୍ଜିକୃତ କରାଯାଇଥିବ, ଯେଉଁଠି ପ୍ରଯୁଜ୍ୟ, ଏବଂ ଏହା ଏକ ପଞ୍ଜିକୃତ ଓ ଯୋଗ୍ୟତାପ୍ରାପ୍ତ ମେଡିକାଲ ପ୍ରାକ୍ଟିଶନର୍ ର ପର୍ଯ୍ୟବେକ୍ଷଣ ଅନ୍ତର୍ଗତ ରହିଥାଏ ଏବଂ ନିଶ୍ଚିତ ରୂପେ ନିମ୍ନ ଭଳି ସମସ୍ତ ସର୍ବନିମ୍ନ ମାନଦଣ୍ଡକୁ ଅନୁପାଳନ କରିବା ଉଚିତ:

a) ସେଥିରେ ୦1 10,00,000ରୁ କମ୍ ଲୋକସଂଖ୍ୟା ଥିବା ସହର ମାନଙ୍କରେ ଅନ୍ୟୁନ ଆନ୍ତଃରୋଗୀ ଶଯ୍ୟା 10 ଆନ୍ତଃରୋଗୀ ଶଯ୍ୟା ଥିବ 15 ଏବଂ ସମସ୍ତ ଅନ୍ୟ ସ୍ଥାନରେ;

b) ଏହାର ନିଯୁକ୍ତି ଅନ୍ତର୍ଗତ ଦିନ ରାତି ଚବିଶ ଘଣ୍ଟା ଯୋଗ୍ୟତାପ୍ରାପ୍ତ ନର୍ସିଂ ଷ୍ଟାଫ୍ ଥିବେ;

c) ଦିନ ରାତି ଚବିଶ ଘଣ୍ଟା ପ୍ରଭାରୀ ରୂପେ ଯୋଗ୍ୟତାପ୍ରାପ୍ତ ମେଡିକାଲ ପ୍ରାକ୍ଟିଶନର୍ ଥିବେ (ମାନେ);

d) ଏହାର ନିଜର ସଂପୂର୍ଣ୍ଣ ରୂପେ ସୁସଜ୍ଜିତ ଅପରେଶନ୍ ଥିଏଟର ଥିବ ଯେଉଁଠି ସର୍ଜିକାଲ ପ୍ରକ୍ରିୟାଗୁଡିକ ସମ୍ପାଦିତ କରାଯାଏ;

e) ରୋଗୀମାନଙ୍କ ଦୈନିକ ରେକର୍ଡ ରଖିବ ଏବଂ ଏଗୁଡିକୁ ବୀମା କମ୍ପାନୀର ପ୍ରାଧିକୃତ କାର୍ମିକ ପାଇଁ ଅଭିଗମ୍ୟ କରାଇବ ।

### 6. ମେଡିକାଲ ପ୍ରାକ୍ଟିଶନର୍

ଏକ ମେଡିକାଲ ପ୍ରାକ୍ଟିଶନର୍ ସେହି ବ୍ୟକ୍ତି ଅଟେ ଯିଏ ଭାରତର କୌଣସି ରାଜ୍ୟର ମେଡିକାଲ କଉନସିଲ୍ ଠାରୁ କିମ୍ବା ହୋମିଓପ୍ୟାଥି ପାଇଁ ଏକ ବୈଧ ପଞ୍ଜିକରଣ ଧାରଣ କରିଥାଏ ଏବଂ ଏହାଦ୍ୱାରା ଏହାର ଅଧିକାର କ୍ଷେତ୍ର ମଧ୍ୟରେ ଚିକିତ୍ସାର ବ୍ୟବସାୟ କରିବାପାଇଁ ଅଧିକାର ପ୍ରାପ୍ତ ହୋଇଥାଏ; ଏବଂ ତାର ଲାଇସେନ୍ସର ପରିସର ଓ ଅଧିକାର କ୍ଷେତ୍ର ମଧ୍ୟରେ କାର୍ଯ୍ୟ କରୁଥାଏ । ଅବଶ୍ୟ, ବୀମା କମ୍ପାନୀମାନେ ଏକ ପ୍ରତିବନ୍ଧ ଲଗାଇବାକୁ ମୁକ୍ତ ଅଟନ୍ତି ଯେ ପଞ୍ଜିକୃତ ପ୍ରାକ୍ଟିଶନର୍ ବୀମିତ କିମ୍ବା କୌଣସି ନିକଟ ପରିବାର ସଦସ୍ୟ ନ ହୋଇ ଥିବା ଉଚିତ୍ । ଏହା ଏହାକୁ ସୁନିଶ୍ଚିତ କରିବା ପାଇଁ ଅଟେ ଯେ ସମ୍ପର୍କୀୟ ମାନଙ୍କ ଠାରୁ କିମ୍ବା ନିଜ ଦ୍ୱାରା କିମ୍ବା ଏମାନଙ୍କ ଭିତରୁ କିଏ ବି ମାଲିକ ହୋଇଥିବା ଡାକ୍ତରଖାନା ଦ୍ୱାରା ଚିକିତ୍ସା ପ୍ରାପ୍ତ ହୋଇ କପଟପୂର୍ଣ୍ଣ ଦାବୀ ଗୁଡିକୁ ଦାଖଲ କରାଯାଉ ନାହିଁ ।

ଯୋଗ୍ୟତାପ୍ରାପ୍ତ ନର୍ସ: ଯୋଗ୍ୟତାପ୍ରାପ୍ତ ନର୍ସ ର ଅର୍ଥ ହେଉଛି ଏକ ବ୍ୟକ୍ତି ଯିଏ ଭାରତୀୟ ନର୍ସିଂ କାଉନସିଲ୍ କିମ୍ବା ଭାରତର କୌଣସି ରାଜ୍ୟର ନର୍ସିଂ କାଉନସିଲ୍ ଠାରୁ ଏକ ବୈଧ ପଞ୍ଜିକରଣ ଧାରଣ କରେ ।

### 7. ଯଥାର୍ଥ ଏବଂ ଆବଶ୍ୟକ ବ୍ୟୟ

ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ସର୍ବଦା ଏହି ଅନୁଚ୍ଛେଦକୁ ଅନ୍ତର୍ଭୁକ୍ତ କରେ ଯେହେତୁ ପଲିସୀଟି ଏହି ବ୍ୟୟଗୁଡିକର କ୍ଷତିପୂରଣ ପାଇଁ ପ୍ରାବଧାନ ରଖେ ଯାହାକୁ ଏକ ନିର୍ଦ୍ଦିଷ୍ଟ ରୋଗର ଓ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ରରେ ଚିକିତ୍ସା ପାଇଁ ଯଥାର୍ଥ ଅଟେ ବୋଲି ମନେ କରାଯାଇ ପାରେ ।

### 8. ଦାବୀର ସୂଚନା

ପ୍ରତ୍ୟେକ ବୀମା ପଲିସୀ ଦାବୀର ତୁରନ୍ତ ସୂଚନା ଏବଂ ଦସ୍ତାବିଜ ଦାଖଲ ପାଇଁ ବିନିର୍ଦ୍ଦିଷ୍ଟ ସମୟ ସୀମାର ପ୍ରାବଧାନ ରଖେ । ସ୍ୱାସ୍ଥ୍ୟ ବୀମା ପଲିସୀମାନଙ୍କରେ, ଯେଉଁଠି ବି ଗ୍ରାହକ ଦ୍ୱାରା ନଗଦହୀନ ସୁବିଧାର ଇଚ୍ଛା ହୁଏ, ହସ୍ପିଟାଲାଇଜେଶନ୍ ର ବହୁତ ପୂର୍ବରୁ ସୂଚନା ଦିଆଯାଇଥାଏ । ଅବଶ୍ୟ ପ୍ରତିପୂର୍ତ୍ତି ଦାବୀଗୁଡିକ କ୍ଷେତ୍ରରେ ଦାବୀ ଦସ୍ତାବିଜଗୁଡିକର ଦାଖଲ ପାଇଁ ସମୟ ସୀମାକୁ ସାଧାରଣତଃ ଡିସ୍ଚାର୍ଜ ତାରିଖଠାରୁ 15 ଦିନରେ ନିର୍ଦ୍ଧାରିତ କରାଯାଇଥାଏ ।

### 9. ମୁକ୍ତ ସ୍ୱାସ୍ଥ୍ୟ ଯାଞ୍ଚ

ବୈୟକ୍ତିକ ସ୍ୱାସ୍ଥ୍ୟ ପଲିସୀମାନଙ୍କରେ, ଏକ ଦାବୀ ମୁକ୍ତ ପଲିସୀଧାରକକୁ କୌଣସି ପ୍ରକାରର ପ୍ରୋତ୍ସାହନ ଦେବା ପାଇଁ ସାଧାରଣତଃ ଏକ ପ୍ରାବଧାନ ଉପଲବ୍ଧ ଥାଏ । ଅନେକ ପଲିସୀ ଚାରୋଟି ଅବିଚ୍ଛିନ୍ନ, ଦାବୀ ମୁକ୍ତ ପଲିସୀ ଅବଧିର ଶେଷରେ ସ୍ୱାସ୍ଥ୍ୟ ଯାଞ୍ଚର ମୂଲ୍ୟର ପ୍ରତିପୂର୍ତ୍ତି ପାଇଁ ପ୍ରାବଧାନ ରଖିଥାନ୍ତି ।

### 10. ସଞ୍ଚୟୀ ବୋନସ୍

ପ୍ରତ୍ୟେକ ଦାବୀ ମୁକ୍ତ ବର୍ଷ ପାଇଁ ବୀମା ରାଶି ଉପରେ ଏକ ସଞ୍ଚୟୀ ବୋନସ୍ ଯାଇଥାଏ । ଏହାର ଅର୍ଥ ହେଉଛି ଯେ ନୂତନୀକରଣରେ ବୀମା ରାଶି ଏକ ନିର୍ଦ୍ଧାରିତ ପ୍ରତିଶତ ଧରନ୍ତୁ ବାର୍ଷିକ 5%  ଦ୍ୱାରା ବୃଦ୍ଧି ପାଇଥାଏ ଏବଂ ଦଶଟି ଦାବୀ ମୁକ୍ତ ନୂତନୀକରଣ ପାଇଁ ସର୍ବାଧିକ 50% ପର୍ଯ୍ୟନ୍ତ ସ୍ୱୀକୃତି ଦିଆଯାଇଛି । ଅଧିକନ୍ତୁ, ଯଦି କୌଣସି ନିର୍ଦ୍ଦିଷ୍ଟ ବର୍ଷରେ ଏକ ଦାବୀ କରାଯାଏ, ଅର୍ଜିତ ସଞ୍ଚୟୀ ବୋନସ୍ କୁ କେବଳ ଏହି ହାରରେ କମ୍ କରାଯାଇପାରେ ଯେଉଁଥିରେ ଏହା ଅର୍ଜିତ ହୋଇଥାଏ ।

| ଉଦାହରଣ |
| --- |

ଏକ ବ୍ୟକ୍ତି ଟ. 5,000 ର ପ୍ରିମିୟମରେ ଟ. 3 ଲକ୍ଷ ପାଇଁ ଏକ ପଲିସୀ ନିଏ । ଦ୍ୱିତୀୟ ବର୍ଷରେ, ପ୍ରଥମ ବର୍ଷରେ କୌଣସି ଦାବୀ ନ ଥିବା କ୍ଷେତ୍ରରେ, ସେ ଟ.5,000 ର ସେହି ଏକା ପ୍ରିମିୟମରେ ଟ. 3.15 ଲକ୍ଷର ଏକ ବୀମା ରାଶି (ପୂର୍ବ ବର୍ଷ ଠାରୁ 5% ଅଧିକ) ପ୍ରାପ୍ତି କରେ । ଏହା ଏକ ଦଶ ବର୍ଷର ଦାବୀ ମୁକ୍ତ ନୂତନୀକରଣ ଉପରେ ଟ. 4.5 ଲକ୍ଷ ପର୍ଯ୍ୟନ୍ତ ଯାଇପାରେ ।

### 11. ମାଲସ୍/ବୋନସ

ଏକ ସ୍ୱାସ୍ଥ୍ୟ ପଲିସୀକୁ ଦାବୀ ମୁକ୍ତ ରଖିବା ପାଇଁ ଯେମିତି ଏକ ପ୍ରୋତ୍ସାହନ ଥାଏ, ଠିକ୍ ସେପରି ତାହାର ବିପରୀତକୁ ଏକ ମାଲସ୍ କୁହାଯାଏ । ଏଇଠି, ଯଦି ଏକ ପଲିସୀ ଅନ୍ତର୍ଗତ ଦାବୀ ଗୁଡିକ ଅତି ଅଧିକ ହୁଅନ୍ତି, ନୂତନୀକରଣ ସମୟରେ ଏକ ମାଲସ୍ କିମ୍ବା ପ୍ରିମିୟମର ଲୋଡିଙ୍ଗକୁ ସଂଗ୍ରହ କରାଯାଏ । ଅବଶ୍ୟ, ସମୂହ ପଲିସୀମାନଙ୍କ କ୍ଷେତ୍ରରେ, ଦାବୀ ଅନୁପାତକୁ ଯଥାର୍ଥ ସୀମା ମଧ୍ୟରେ ରଖିବା ପାଇଁ, ଉଚିତ୍ ରୂପେ ସମଗ୍ର ପ୍ରିମିୟମକୁ ଲୋଡ଼ କରିବା ରୂପେ ମାଲସ୍ ଲାଗୁ କରାଯାଇଥାଏ ।

### 12. ଅଣ ଦାବୀ ଛାଡ଼/ଡିସ୍କାଉଣ୍ଟ

କେତେକ ଉତ୍ପାଦ ବୀମା ରାଶି ଉପରେ ଏକ ବୋନସ ପରିବର୍ତ୍ତେ ପ୍ରତ୍ୟେକ ଦାବୀ ମୁକ୍ତ ବର୍ଷ ପାଇଁ ପ୍ରିମିୟମ ଉପରେ ଏକ ଡିସ୍କାଉଣ୍ଟ ପ୍ରଦାନ କରିଥାନ୍ତି ।

### 13. ରୁମ୍ ଭଡ଼ା ପ୍ରତିବନ୍ଧ

କେତେକ ସ୍ୱାସ୍ଥ୍ୟ ଯୋଜନା ରୁମ୍ ର ବର୍ଗ ଉପରେ ଏକ ପ୍ରତିବନ୍ଧ ଲଗାଇଥାନ୍ତି ଯାହାକୁ ଏକ ବୀମିତ ବୀମା ରାଶି ସହିତ ସଂଯୁକ୍ତ କରି ଚୟନ କରିଥାଏ । ତେଣୁକରି ଏକ ଲକ୍ଷର ବୀମା ରାଶି ଥିବା ଏକ ବ୍ୟକ୍ତି ପ୍ରତିଦିନ ଟ. 1,000 ର ଏକ ରୁମ୍ ପାଇଁ ପାତ୍ର ହୋଇ ପାରେ ଯଦି ପଲିସୀରେ ପ୍ରତିଦିନ ବୀମା ରାଶିର 1% ର ରୁମ୍ ଭଡ଼ା ପ୍ରତିବନ୍ଧ ଥାଏ ।

### 14. ନୂତନୀକରଣୀୟତା ଅନୁଚ୍ଛେଦ

ସ୍ୱାସ୍ଥ୍ୟ ବୀମା ପଲିସୀମାନଙ୍କର ନୂତନୀକରଣୀୟତା ଉପରେ ଆଇ.ଆର.ଡି.ଏ.ଆଇ. ମାର୍ଗଦର୍ଶିକା, କପଟ ଏବଂ ମିଥ୍ୟା ପ୍ରତିପାଦନ କାରଣରୁ ନିଆଯାଇଥିବା ପଲିସୀ ବ୍ୟତୀତ, ସ୍ୱାସ୍ଥ୍ୟ ପଲିସୀଗୁଡିକର ସମଗ୍ର ଜୀବନ ଗ୍ୟାରେଣ୍ଟିଯୁକ୍ତ ନୂତନୀକରଣକୁ ଅନିବାର୍ଯ୍ୟ କରିଛି । ଆଇ.ଆର.ଡି.ଏ.ଆଇ. ସ୍ୱାସ୍ଥ୍ୟ ବୀମା ବିନିୟମନ, 2016 ର ପ୍ରାବଧାନ ଅନୁସାରେ, ଯଦି ଏକ ସ୍ୱାସ୍ଥ୍ୟ ବୀମା ପଲିସୀ (ବ୍ୟକ୍ତିଗତ ଦୁର୍ଘଟଣା ଏବଂ ଯାତ୍ରା ପଲିସୀ ବ୍ୟତୀତ) ସମ୍ବନ୍ଧରେ ଏକ ପ୍ରସ୍ତାବକୁ ଥରେ ସ୍ୱୀକାର କରାଗଲା ଏବଂ ଏକ ପଲିସୀ ଜାରୀ କରାଯାଏ ଯାହାକୁ ତାହାପରେ କୌଣସି ବିଚ୍ଛିନ୍ନତା ବିନା ଆବଧିକ ରୂପେ

ନୂତନୀକରଣ କରାଯାଉଥାଏ, ଆଗର ନୂତନୀକରଣକୁ ବୀମିତର ଆୟୁ ଆଧାରରେ ଅଗ୍ରାହ୍ୟ କରାଯିବ ନାହିଁ । ଏହି ପ୍ରକାରେ, ସ୍ୱାସ୍ଥ୍ୟ ବୀମା ପଲିସୀଗୁଡିକ ସାରା ଜୀବନ ପାଇଁ ନୂତନୀକରଣୀୟ ହୋଇଥାନ୍ତି ।

### 15. ରଦ୍ଦକରଣ ଅନୁଚ୍ଛେଦ

ଏକ ବୀମା କମ୍ପାନୀ କୌଣସି ବି ସମୟରେ ପଲିସୀଟିକୁ, ମିଥ୍ୟା ଉପସ୍ଥାପନା, କପଟ, ଏବଂ ଆବଶ୍ୟକୀୟ ତଥ୍ୟର ଅଣ-ପ୍ରକଟୀକରଣ କିମ୍ବା ବୀମିତ ଦ୍ୱାରା ଅସହଯୋଗ ଆଧାରରେ କେବଳ ରଦ୍ଦ କରିଦେଇପାରେ ।

ଯେତେବେଳେ ପଲିସୀଗୁଡିକୁ ବୀମାକର୍ତ୍ତାଦ୍ୱାରା ରଦ୍ଦ କରାଯାଏ, ବୀମାର ଅସମାପ୍ତ ଅବଧିର ଅନୁରୂପ ପ୍ରିମିୟମର ଏକ ଅନୁପାତକୁ ବୀମିତକୁ ଫେରାଇ ଦିଆଯାଏ ଯଦି ପଲିସୀ ଅନ୍ତର୍ଗତ କୌଣସି ଦାବୀ ପ୍ରଦାନ କରାଯାଇ ନ ଥିବ । ଏହା ସାଧାରଣତଃ ଯଥାନୁପାତ ଆଧାରରେ ହୋଇଥାଏ ।

ଯେତେବେଳେ ବାର୍ଷିକ ପଲିସୀଗୁଡିକୁ ବୀମିତ ଦ୍ୱାରା ରଦ୍ଦ କରାଯାଏ, ବୀମାକର୍ତ୍ତାମାନେ ସାଧାରଣତଃ ଯଥାନୁପାତ ପ୍ରିମିୟମ ପରିବର୍ତ୍ତେ, ଅଳ୍ପାବଧି ସ୍କେଲରେ ପ୍ରିମିୟମସବୁକୁ ଲାଗୁ କରିଥାନ୍ତି । ଏହା ବୀମାକର୍ତ୍ତାମାନଙ୍କ ବିରୁଦ୍ଧରେ ବୀପରୀତ ଚୟନକୁ ରୋକିଥାନ୍ତି ଏବଂ ବୀମାକର୍ତ୍ତାର ପ୍ରାରମ୍ଭିକ ଖର୍ଚ୍ଚ ଉପରେ ଧ୍ୟାନ ଦେଇଥାନ୍ତି ।

### 16. ନୂତନୀକରଣ ପାଇଁ ଅନୁଗ୍ରହ ସମୟାବଧି

ଅଧ୍ୟାୟ 4 ରେ ଉଲ୍ଲେଖ କରାଯାଇଥିବା ଭଳି, ଅନୁଗ୍ରହ ସମୟାବଧି ପ୍ରାବଧାନ ଏକ ପଲିସୀକୁ, ଯାହା ଅନ୍ୟଥା ପ୍ରିମିୟମର ଅଣ-ପ୍ରଦାନ କାରଣରୁ ବ୍ୟପଗତ ହୋଇଯାଇଥାନ୍ତା, ତାହାକୁ ଅନୁଗ୍ରହ ସମୟାବଧିରେ ପ୍ରଭାବୀ ରୂପେ ଚାଲୁ ରଖିବା ପାଇଁ ସକ୍ଷମ କରିଥାଏ ।

ଅନୁଗ୍ରହ ସମୟାବଧି ସମ୍ବନ୍ଧୀୟ ଉପରୋକ୍ତ ମୁଖ୍ୟ ଅନୁଚ୍ଛେଦ, ପରିଭାଷା, ଅପବର୍ଜନମାନଙ୍କ ମଧ୍ୟରୁ ଅଧିକାଂଶକୁ ଆଇ.ଆର.ଡି.ଏ.ଆଇ ଦ୍ୱାରା ଜାରୀ କରାଯାଇଥିବା ସ୍ୱାସ୍ଥ୍ୟ ବିନିୟମନ ଏବଂ ସ୍ୱାସ୍ଥ୍ୟ ବୀମା ମାନକୀକରଣ ମାର୍ଗଦର୍ଶିକା ଅନ୍ତର୍ଗତ ମାନକୀକୃତ କରାଯାଇଛି ଏବଂ ସମୟ ସମୟରେ ଅଦ୍ୟତନ କରାଯାଇଛି ।

**ସ୍ୱୟଂ ପରୀକ୍ଷା କରନ୍ତୁ 2**

IRDA ମାର୍ଗଦର୍ଶିକା ଅନୁସାରେ, ବୈୟକ୍ତିକ ସ୍ୱାସ୍ଥ୍ୟ ପଲିସୀଗୁଡିକର ନୂତନୀକରଣ ପାଇଁ ଏକ __________ ର ଅନୁଗ୍ରହ ସମୟାବଧିକୁ ସ୍ୱୀକୃତ କରାଯାଇଛି ।

I. ପନ୍ଦର ଦିନ

II. ତିରିଶ ଦିନ

III. ପଇଁଚାଳିଶ ଦିନ

IV. ଷାଠିଏ ଦିନ

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 2 - ସଠିକ୍ ବିକଳ୍ପ ହେଉଛି II

# ଅଧ୍ୟାୟ H-04

## ସ୍ୱାସ୍ଥ୍ୟ ବୀମା ସଙ୍କଟାଙ୍କନ

**ଅଧ୍ୟାୟ ପରିଚୟ**

ଏହି ଅଧ୍ୟାୟ ଆପଣଙ୍କୁ ସ୍ୱାସ୍ଥ୍ୟ ବୀମାରେ ସଙ୍କଟାଙ୍କନ ସମ୍ବନ୍ଧରେ ବିସ୍ତୃତ ଜ୍ଞାନ ପ୍ରଦାନ କରିବାର ଲକ୍ଷ୍ୟ ରଖେ । ସଙ୍କଟାଙ୍କନ କୌଣସି ପ୍ରକାରର ବୀମାରେ ଏକ ଅତି ମହତ୍ୱପୂର୍ଣ୍ଣ ଦିଗ ଅଟେ ଏବଂ ଏକ ବୀମା ପଲିସୀର ଜାରୀରେ ଏକ ମୂଖ୍ୟ ଭୂମିକା ଗ୍ରହଣ କରେ । ଏହି ଅଧ୍ୟାୟରେ, ଆପଣ ସଙ୍କଟାଙ୍କନର ମୂଳଭୂତ ସିଦ୍ଧାନ୍ତ, ସାଧନ, ପଦ୍ଧତି ଏବଂ ପ୍ରକ୍ରିୟା ସମ୍ବନ୍ଧରେ ଜ୍ଞାନ ପ୍ରାପ୍ତି କରିବେ । ଏହା ଆପଣଙ୍କୁ ସମୂହ ସ୍ୱାସ୍ଥ୍ୟ ବୀମା ସଙ୍କଟାଙ୍କନ ବିଷୟରେ ମଧ୍ୟ ଜ୍ଞାନ ପ୍ରଦାନ କରିବ ।

**ଅଧ୍ୟୟନ ପରିଣାମ**

A. ସଙ୍କଟାଙ୍କନ କ'ଣ ଅଟେ ?

B. ସଙ୍କଟାଙ୍କନ – ମୂଳଭୂତ ଅବଧାରଣା

C. ଆଇ ର ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବୀମା ବିନିୟମନ .ଆଇ.ଏ.ଡି.ଆର.

D. ସ୍ୱାସ୍ଥ୍ୟ ବୀମାର ସୁବାହ୍ୟତା

E. ସଙ୍କଟାଙ୍କନ ପାଇଁ ମୂଳଭୂତ ସିଦ୍ଧାନ୍ତ ଏବଂ ସାଧନ

F. ସଙ୍କଟାଙ୍କନ ପ୍ରକ୍ରିୟା

G. ସମୂହ ସ୍ତରରେ ସ୍ୱାସ୍ଥ୍ୟ ବୀମା

H. ସମୁଦ୍ରପାରୀ /ବିଦେଶ ଯାତ୍ରା ବୀମାର ସଙ୍କଟାଙ୍କନ

I. ବ୍ୟକ୍ତିଗତ ଦୁର୍ଘଟଣା ବୀମାର ସଙ୍କଟାଙ୍କନ

ଏହି ଅଧ୍ୟାୟର ଅଧ୍ୟୟନ ପରେ, ଆପଣ ସକ୍ଷମ ହେବେ:

a) ସଙ୍କଟାଙ୍କନର ଅର୍ଥ କ'ଣ, ଏହାକୁ ବ୍ୟାଖ୍ୟା କରିବା ପାଇଁ

b) ସଙ୍କଟାଙ୍କନର ମୂଳଭୂତ ଅବଧାରଣାକୁ ବର୍ଣ୍ଣନା କରିବା ପାଇଁ

c) ସଙ୍କଟାଙ୍କକମାନଙ୍କ ଦ୍ୱାରା ଅନୁପାଳନ କରାଯାଉଥିବା ସିଦ୍ଧାନ୍ତ ଏବଂ ବିଭିନ୍ନ ସାଧନକୁ ବ୍ୟାଖ୍ୟା କରିବା ପାଇଁ

d) ବୈୟକ୍ତିକ ସ୍ୱାସ୍ଥ୍ୟ ପଲିସୀମାନଙ୍କୁ ସଙ୍କଟାଙ୍କିତ କରିବାରେ ସଂପୂର୍ଣ୍ଣ ପ୍ରକ୍ରିୟାର ମୂଲ୍ୟାଙ୍କନ କରିବା ପାଇଁ

e) ସ୍ୱାସ୍ଥ୍ୟ ପଲିସୀମାନଙ୍କୁ କିପରି ସଙ୍କଟାଙ୍କିତ କରାଯାଏ, ତାହାର ଆଲୋଚନା କରିବା ପାଇଁ

## ଏହି ପରିଦୃଶ୍ୟକୁ ଦେଖନ୍ତୁ

48 ବର୍ଷ ବୟସ୍କ ମନୀଷ, ଯିଏ ଏକ ସଫ୍ଟୱେର୍ ଇଞ୍ଜିନିୟର୍ ରୂପେ କାର୍ଯ୍ୟ କରୁଛି, ନିଜ ପାଇଁ ଏକ ସ୍ୱାସ୍ଥ୍ୟ ବୀମା ପଲିସୀ ନେବା ପାଇଁ ନିଷ୍ପତ୍ତି ନେଲା । ସେ ଏକ ବୀମା କମ୍ପାନୀ ପାଖକୁ ଗଲା, ଯେଉଁଠି ସେମାନେ ତାକୁ ଏକ ପ୍ରସ୍ତାବ ଫର୍ମ ଦେଲେ, ଯେଉଁଥିରେ ତାକୁ ତାର ଶାରୀରିକ ଗଠନ ଓ ସ୍ୱାସ୍ଥ୍ୟ, ମାନସିକ ସ୍ୱାସ୍ଥ୍ୟ, ପୂର୍ବ-ବିଦ୍ୟମାନ ରୋଗ, ତା' ପରିବାର ସ୍ୱାସ୍ଥ୍ୟ ଇତିହାସ, ଅଭ୍ୟାସ ଏବଂ ଏପରି ଅନେକ ସମ୍ବନ୍ଧୀୟ ଅନେକ ସଂଖ୍ୟକ ପ୍ରଶ୍ନର ଉତ୍ତର ଦେବାର ଆବଶ୍ୟକତା ଥିଲା ।

ତାର ପ୍ରସ୍ତାବ ଫର୍ମର ପ୍ରାପ୍ତିରେ, ତାକୁ ଅନେକ ଦସ୍ତାବିଜ ଯଥା: ପରିଚୟ ଓ ବୟସ ପ୍ରମାଣ, ଠିକଣାର ପ୍ରମାଣ ଏବଂ ପୂର୍ବର ମେଡିକାଲ ରେକର୍ଡକୁ ମଧ୍ୟ ଦାଖଲ କରିବା ଆବଶ୍ୟକ ହେଲା । ତାପରେ ସେମାନେ ତାକୁ ଏକ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ କିଛି ଡାକ୍ତରୀ ପରୀକ୍ଷା କରାଇବା ପାଇଁ କହିଲେ ଯାହା ତାକୁ ହତାଶ କଲା ।

ମନୀଶ, ଯିଏ ନିଜକୁ ଏକ ସ୍ୱାସ୍ଥ୍ୟବାନ୍ ବ୍ୟକ୍ତି ଏବଂ ଏକ ଉତ୍ତମ ଆୟ ସ୍ତରର ବୋଲି ବିବେଚିତ କରୁଥିଲା, ସେ ଚିନ୍ତା କରିବାକୁ ବସିଲା ଯେ ତା'କ୍ଷେତ୍ରରେ ବୀମା କମ୍ପାନୀ ଦ୍ୱାରା କାହିଁକି ସେଭଳି ଏକ ଦୀର୍ଘ ପ୍ରକ୍ରିୟାର ଅନୁପାଳନ କରାଯାଉଛି । ଏସବୁ ଦେଇ ଗତି କରିସାରିବା ପରେ ମଧ୍ୟ, ବୀମା କମ୍ପାନୀ ତାକୁ କହିଲା ଯେ ତା' ଡାକ୍ତରୀ ପରୀକ୍ଷାରେ ଉଚ୍ଚ କୋଲେଷ୍ଟେରଲ୍ ଓ ଉଚ୍ଚ BP ର ଚିହ୍ନଟ ହୋଇଛି, ଯାହା ପରେ ହୃଦୟ ରୋଗର ସମ୍ଭାବନାକୁ ବଢ଼ାଇଦେବ । ଯଦି ସେମାନେ ତାକୁ ଏକ ପଲିସୀ ପ୍ରଦାନ କଲେ, ପ୍ରିମିୟମଟି ତାର ସାଙ୍ଗ ଯେତିକି ପ୍ରଦାନ କରିଥିଲା, ତା' ଠାରୁ ବହୁତ ଅଧିକ ଥିଲା ଏବଂ ତେଣୁ ସେ ପଲିସୀ ନେବା ପାଇଁ ମନା କଲା ।

ଏଇଠି, ବୀମା କମ୍ପାନୀ ସେମାନଙ୍କ ସଙ୍କଟାଙ୍କନ ପ୍ରକ୍ରିୟାର ଅଂଶ ରୂପେ ଏହିସବୁ ଚରଣକୁ ପାଳନ କରୁଥିଲା । ଏକ ସଙ୍କଟ ସୁରକ୍ଷା ପ୍ରଦାନ କରିବା ସମୟରେ, ଏକ ବୀମାକର୍ତ୍ତା ସଙ୍କଟଗୁଡିକୁ ଉପଯୁକ୍ତ ଭାବେ ମୂଲ୍ୟାଙ୍କିତ କରିବା ଏବଂ ଉଚିତ୍ ଲାଭ ମଧ୍ୟ ପାଇବା ଆବଶ୍ୟକ ଅଟେ । ଯଦି ସଙ୍କଟର ମୂଲ୍ୟାଙ୍କନ ଉଚିତ୍ ରୂପେ କରା ନ ଯାଏ ଏବଂ ଏକ ଦାବୀ ଉପୁଜେ, ଏହାର ପରିମାଣ ଏକ ହାନି ହେବ । ଅଧିକନ୍ତୁ, ବୀମାକର୍ତ୍ତାମାନେ ସମସ୍ତ ବୀମା କରୁଥିବା ବ୍ୟକ୍ତିମାନଙ୍କ ତରଫରୁ ପ୍ରିମିୟମସବୁକୁ ଏକତ୍ରିତ କରିଥାନ୍ତି ଏବଂ ଏହିସବୁ ଟଙ୍କାକୁ ଏକ ଟ୍ରଷ୍ଟ ଭଳି ସମ୍ଭାଳନ୍ତି ।

## A. ସଙ୍କଟାଙ୍କନ କ'ଣ ଅଟେ ?

### 1. *ସଙ୍କଟାଙ୍କନ*

ବୀମା କମ୍ପାନୀମାନେ ସେହି ଲୋକମାନଙ୍କୁ ବୀମିତ କରିବା ପାଇଁ ଚେଷ୍ଟା କରନ୍ତି ଯେଉଁମାନଙ୍କଠାରୁ ସେମାନେ ବୀମା ସମୁଚ୍ଚୟକୁ ଆଣୁଥିବା ସଙ୍କଟର ସମାନୁପାତରେ ଆବଶ୍ୟକୀୟ ପ୍ରିମିୟମ ପ୍ରଦାନ କରିବା ପ୍ରତ୍ୟାଶା ରଖାଯାଏ । ଏକ ପ୍ରସ୍ତାବକଠାରୁ ସୂଚନା ସଂଗ୍ରହ ଓ ବିଶ୍ଳେଷଣ କରିବାର ଏହି ପ୍ରକ୍ରିୟାକୁ ସଙ୍କଟାଙ୍କନ କୁହାଯାଏ । ଏହି ପ୍ରକ୍ରିୟା ଜରିଆରେ ସଂଗ୍ରହ କରାଯାଇଥିବା ସୂଚନା/ତଥ୍ୟ ଆଧାରରେ, ସେମାନେ ଏକ ପ୍ରସ୍ତାବକକୁ ବୀମିତ କରିବାକୁ ଚାହାଁନ୍ତି କି ନାହିଁ, ତାର ନିଷ୍ପତ୍ତି ନିଅନ୍ତି । ଯଦି ସେମାନେ ତାହା କରିବାର ନିଷ୍ପତ୍ତି ନିଅନ୍ତି, ତେବେ କେତେ ପ୍ରିମିୟମରେ, କେଉଁ ନିୟମ ଓ ସର୍ତ୍ତାବଳୀରେ ଯାହା ଦ୍ୱାରା ସେଭଳି ସଙ୍କଟ ନେବାଠାରୁ ଏକ ଉଚିତ୍ ଲାଭ ମିଳି ପାରେ ।

## ପରିଭାଷା

**ସଙ୍କଟାଙ୍କନ** ହେଉଛି ସଙ୍କଟକୁ ଯଥାର୍ଥ ରୂପେ ମୂଲ୍ୟାଙ୍କନ ଏବଂ ସେହି ନିୟମାବଳୀ/ସର୍ତ୍ତାବଳୀକୁ ନିର୍ଣ୍ଣୟ କରିବାର ପ୍ରକ୍ରିୟା ଯାହା ଉପରେ ବୀମା ସୁରକ୍ଷାର ମଞ୍ଜୁରୀ ଦେବାକୁ ପଡ଼ିଥାଏ । ଏହି ପ୍ରକାରେଏହା ସଙ୍କଟ ମୂଲ୍ୟାଙ୍କନ ଓ ସଙ୍କଟ ମୂଲ୍ୟ , ନିର୍ଦ୍ଧାରଣର ଏକ ପ୍ରକ୍ରିୟା ଅଟେ ।

## 2. ସଙ୍କଟାଙ୍କନର ଆବଶ୍ୟକତା

ସଙ୍କଟାଙ୍କନ ହେଉଛି ଏକ ବୀମା କମ୍ପାନୀର ମେରୁଦଣ୍ଡ ଯେହେତୁ ଅସାବଧାନତାର ସହିତ କିମ୍ବା ଅଯଥେଷ୍ଟ ପ୍ରିମିୟମ ବଦଳରେ ସଙ୍କଟର ସ୍ୱୀକୃତିର ପରିଣାମ ବୀମାକର୍ତ୍ତାର ଦେବାଳିଆପଣ ଆଣିଦେବ । ଅନ୍ୟ ପକ୍ଷରେ, ଅତ୍ୟନ୍ତ ଚୟନାତ୍ମକ କିମ୍ବା ସାବଧାନ ହେବା ବୀମା କମ୍ପାନୀକୁ ଏକ ବଡ଼ ସମୁଚ୍ଚୟ ଯାହାଦ୍ୱାରା ସଙ୍କଟକୁ ସମାନ ଭାବେ ପ୍ରସାରିତ କରାଯାଇଥାନ୍ତା, ତାହା ସୃଷ୍ଟି କରିବାରେ ବାଧା ଦେବ । ତେଣୁକରି ସଙ୍କଟ ଓ ବ୍ୟବସାୟ ମଧ୍ୟରେ ଏକ ଉପଯୁକ୍ତ ସନ୍ତୁଳନ ବଜାୟ ରଖିବା ମହତ୍ୱପୂର୍ଣ୍ଣ ଅଟେ, ଯାହାଦ୍ୱାରା ପ୍ରତିଯୋଗୀ ହେବା ସଙ୍ଗେ ସଙ୍ଗେ ସଂଗଠନ ପାଇଁ ଲାଭପ୍ରଦ ମଧ୍ୟ ହୋଇପାରେ ।

ସନ୍ତୁଳନ ରଖିବାର ଏହି ପ୍ରକ୍ରିୟାକୁ, ସମ୍ବନ୍ଧିତ ବୀମା କମ୍ପାନୀର ସଙ୍କଟାଙ୍କନ ଦର୍ଶନ, ନୀତି ଓ କ୍ଷୁଧା ଅନୁସାରେ, ସଙ୍କଟାଙ୍କକ ଦ୍ୱାରା କରାଯାଇଥାଏ । ଯଦିଓ ବୟସ ରୋଗ ତଥା ମୃତ୍ୟୁର ସମ୍ଭାବନାକୁ ପ୍ରଭାବିତ କରେ, ଏହାକୁ ନିଶ୍ଚିତ ରୂପେ ମନେ ରଖିବା ଉଚିତ୍ ଯେ ରୋଗ ସାଧାରଣତଃ ମୃତ୍ୟୁର ଅନେକ ପୂର୍ବରୁ ଆସିଥାଏ ଏବଂ ବାରମ୍ବାର ହୋଇପାରେ । ତେଣୁକରି, ଏହା ଅତ୍ୟନ୍ତ ତର୍କପୂର୍ଣ୍ଣ ଅଟେ ଯେ ସଙ୍କଟାଙ୍କନ ମାନଦଣ୍ଡ ଓ ମାର୍ଗଦର୍ଶିକାଗୁଡିକ ମୃତ୍ୟୁ ବୀମା ସୁରକ୍ଷାଠାରୁ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ପାଇଁ ଅଧିକ କଠିନ ଅଟନ୍ତି ।

## 3. *ସଙ୍କଟାଙ୍କନ – ସଙ୍କଟ ମୂଲ୍ୟାଙ୍କନ*

ସ୍ୱାସ୍ଥ୍ୟ ବୀମାରେ, ଆର୍ଥିକ ଓ ଆୟ ଆଧାରିତ ସଙ୍କଟାଙ୍କନ ଅପେକ୍ଷା ମେଡିକାଲ କିମ୍ବା ସ୍ୱାସ୍ଥ୍ୟର ଯାଞ୍ଚ-ପରିଣାମ ଉପରେ ଅଧିକ ଫୋକସ୍ ଥାଏ । ଅବଶ୍ୟ, ପୂର୍ବଟିକୁ ଉପେକ୍ଷା କରାଯାଇ ପାରିବ ନାହିଁ ଯେହେତୁ ଏକ ବୀମାଯୋଗ୍ୟ ହିତ ରଖିବାକୁ ପଡିଥାଏ ଏବଂ କୌଣସି ପ୍ରତିକୂଳ ଚୟନକୁ ହଟାଇବା ଓ ସ୍ୱାସ୍ଥ୍ୟ ବୀମାରେ ନିରନ୍ତରତାକୁ ସୁନିଶ୍ଚିତ କରିବା ପାଇଁ ଆର୍ଥିକ ସଙ୍କଟାଙ୍କନ ମହତ୍ୱପୂର୍ଣ୍ଣ ଅଟେ ।

**ଉଦାହରଣ**

ଏକ ବ୍ୟକ୍ତି ଯିଏ ମଧୁମେହରେ ଆକ୍ରାନ୍ତ ଅଟେ, ମୃତ୍ୟୁ ଅପେକ୍ଷା ହସ୍ପିଟାଲାଇଜେଶନ୍ ଆବଶ୍ୟକ କରୁଥିବା ତାହାର ହୃଦୟ କିମ୍ବା କିଡନୀ ସମ୍ବନ୍ଧୀୟ ଜଟିଳତା ବୃଦ୍ଧି ହେବାର ତାହାର ସମ୍ଭାବନା ଅତ୍ୟନ୍ତ ଅଧିକ ହୋଇଥାଏ, ଏବଂ ବୀମା ସୁରକ୍ଷା ଚାଲୁ ରହିଥିବା ସମୟରେ ସ୍ୱାସ୍ଥ୍ୟ ପ୍ରକଟନ ମଧ୍ୟ ଅନେକ ଥର ଘଟିପାରେ । ଏକ ଜୀବନ ବୀମା ସଙ୍କଟାଙ୍କନ ମାର୍ଗଦର୍ଶିକା ଏହି ବ୍ୟକ୍ତିକୁ ଏକ ମଧ୍ୟମ ସଙ୍କଟ ରୂପେ ମୂଲ୍ୟାଙ୍କିତ କରିପାରେ । ଅବଶ୍ୟ ମେଡିକାଲ ସଙ୍କଟାଙ୍କନ ପାଇଁ, ତାକୁ ଏକ ଉଚ୍ଚତର ସଙ୍କଟ ରୂପେ ମୂଲ୍ୟାଙ୍କିତ କରାଯାଇପାରେ ।

## 4. କାରକ ଯାହା ରୋଗର ସମ୍ଭାବନାକୁ ପ୍ରଭାବିତ କରନ୍ତି

ସେହିସବୁ କାରକ ଯାହା ରଗ୍ଣତା (ରୋଗରେ ପୀଡିତ ହେବାର ସଙ୍କଟ) କୁ ପ୍ରଭାବିତ କରନ୍ତି, ସେଗୁଡିକୁ ସଙ୍କଟର ମୂଲ୍ୟାଙ୍କନ କରିବା ସମୟରେ ବିଚାର କରାଯିବା ଉଚିତ୍ । ସେଗୁଡିକ ନିମ୍ନ ଭଳି ଅଟନ୍ତି :

a) **ଆୟୁ**: ପ୍ରିମିୟମଗୁଡିକ ଆୟୁ ଓ ସଙ୍କଟର ମାତ୍ରା ଅନୁରୂପ ଲାଗୁ କରାଯାଏ । ଉଦାହରଣ ସ୍ୱରୂପ, ଶିଶୁ ଓ ପିଲାମାନଙ୍କ ପାଇଁ ପ୍ରିମିୟମ ସଂକ୍ରମଣ ଓ ଦୁର୍ଘଟଣାର ବର୍ଦ୍ଧିତ ସଙ୍କଟ କାରଣରୁ ଯୁବା ବୟସ୍କମାନଙ୍କ ଠାରୁ ଅଧିକ ହୋଇଥାଏ । ସେହିଭଳି, 45 ବର୍ଷ ବୟସଠାରୁ ଅଧିକ ବୟସ୍କଙ୍କ ପାଇଁ, ପ୍ରିମିୟମସବୁ ଅଧିକ ହୋଇଥାଏ, ଯେହେତୁ ଡାଇବେଟିସ୍, ଏକ ଅଚାନକ ହୃଦୟ ରୋଗ କିମ୍ବା ସେଭଳି ଅନ୍ୟ ରଗ୍ଣତା ଭଳି ଚିର କାଳୀକ (ସ୍ଥାୟୀ) ରୋଗରେ ଆକ୍ରାନ୍ତ ହୋଇଥିବା ଏକ ବ୍ୟକ୍ତିର ସମ୍ଭାବ୍ୟତା ଅଧିକ ହୋଇଥାଏ ।

b) **ଲିଙ୍ଗ**: ଶିଶୁ ଧାରଣ କରିଥିବା ସମୟରେ ସ୍ତ୍ରୀଲୋକମାନେ ରୋଗର ଅଧିକ ସଙ୍କଟର ସଂସର୍ଗରେ ଆସିଥାନ୍ତି । ଅବଶ୍ୟ, ପୁରୁଷମାନେ ମହିଳାମାନଙ୍କ ଅପେକ୍ଷା ହୃଦ୍ଘାତରେ ପ୍ରଭାବିତ ହେବାର ସମ୍ଭାବନା ଅଧିକ ହୋଇଥାଏ

କିମ୍ବା ରୋଜଗାର ସମ୍ବନ୍ଧୀୟ ଦୁର୍ଘଟଣାରେ ମହିଳାମାନଙ୍କ ଅପେକ୍ଷା ଅଧିକ ଆକ୍ରାନ୍ତ ହୋଇଥାନ୍ତି ଯେହେତୁ ସେମାନେ ବିପତ୍ତିପୂର୍ଣ୍ଣ ନିଯୁକ୍ତିରେ ଅଧିକ ସଂପୃକ୍ତ ହୋଇଥାନ୍ତି ।

c) **ଅଭ୍ୟାସ**: କୌଣସି ରୂପରେ ବି ତମ୍ବାଖୁ, ମଦ କିମ୍ବା ନିଶା ଦ୍ରବ୍ୟର ସେବନ ର ରଗ୍ଣତା ସଙ୍କଟ ସହିତ ପ୍ରତ୍ୟକ୍ଷ ସମ୍ବନ୍ଧ ଅଛି ।

d) **ବ୍ୟବସାୟ**: କେତେକ ବ୍ୟବସାୟରେ ଦୁର୍ଘଟଣାର ଅତିରିକ୍ତ ସଙ୍କଟ ସମ୍ଭବ ଅଟେ, ଉ.ସ୍ୱ. ଡ୍ରାଇଭର୍, ବିସ୍ଫୋଟ କାରକ, ବିମାନ-ଚାଳକ ଇତ୍ୟାଦି । ସେହି ପ୍ରକାରେ, କେତେକ ନିର୍ଦ୍ଦିଷ୍ଟ ବ୍ୟବସାୟରେ ଅଧିକ ସ୍ୱାସ୍ଥ୍ୟ ସଙ୍କଟ ଥାଇପାରେ, ଯେପରିକି ଏକ ଏକ୍ସ-ରେ ମେସିନ ଅପରେଟର୍, ଆସ୍ବେଷ୍ଟସ୍ ଉଦ୍ୟୋଗ ଶ୍ରମିକ, ଖଣି ଶ୍ରମିକ ଇତ୍ୟାଦି ।

e) **ପରିବାର ଇତିହାସ**: ଏହା ଅଧିକ ପ୍ରାସଙ୍ଗିକ ଅଟେ, ଯେହେତୁ ଆନୁବଂଶିକ କାରକଗୁଡିକ ଆଜ୍ମା, ଡାଇବେଟିସ୍ ଏବଂ କେତେକ କ୍ୟାନସର୍ ଭଳି ରୋଗଗୁଡିକୁ ପ୍ରଭାବିତ କରିଥାନ୍ତି । ଏହାର ରଗ୍ଣତା ଉପରେ ପ୍ରଭାବ ଥାଏ ଏବଂ ସଙ୍କଟକୁ ସ୍ୱୀକାର କରିବା ସମୟରେ ଏହାକୁ ବିଚାରକୁ ନେବା ଉଚିତ୍ ।

f) **ଗଠନ: ମୋଟା (ବଳବାନ) ପତଳା କିମ୍ବା ମଧ୍ୟମ ଗଠନକୁ ବି କେତେକ ସମୂହରେ ରଗ୍ଣତା ସହିତ ସଂଯୁକ୍ତ କରାଯାଇପାରେ ।**

g) **ଅତୀତର ରୋଗ କିମ୍ବା ସର୍ଜରୀ**: ଏହାକୁ ସୁନିଶ୍ଚିତ କରିବାକୁ ପଡିବ ଯେ ଅତୀତ ରୋଗର ବର୍ଦ୍ଧିତ ଶାରୀରିକ ଦୁର୍ବଳତାର କାରଣ ହେବାର କିଛି ସମ୍ଭାବନା ଅଛି କି କିମ୍ବା ପୁଣି ହୋଇ ପାରେ କି ଏବଂ ତଦନୁସାରେ, ପଲସୀ ସର୍ତ୍ତାବଳୀକୁ ନିର୍ଣ୍ଣୟ କରାଯାଏ । ଉ.ସ୍ୱ. କିଡ୍ନି ପଥର ପୁଣି ହୋଇଥାଏ ବୋଲି କୁହାଯାଏ ଏବଂ ସେହି ପ୍ରକାରେ, ଗୋଟିଏ ଚକ୍ଷୁର ମୋତିଆ ବିନ୍ଦୁ ଅନ୍ୟ ଚକ୍ଷୁରେ ମୋତିଆ ବିନ୍ଦୁର ସମ୍ଭାବନାକୁ ବଢ଼ାଇଥାଏ ।

h) **ଚଳିତ ସ୍ୱାସ୍ଥ୍ୟ ସ୍ଥିତି ଏବଂ ଅନ୍ୟାନ୍ୟ କାରକ କିମ୍ବା ଅଭିଯୋଗ**: ସଙ୍କଟର ମାତ୍ରା ଓ ବୀମାଯୋଗ୍ୟତାକୁ ସୁନିଶ୍ଚିତ କରିବା ମହତ୍ୱପୂର୍ଣ୍ଣ ଅଟେ ଏବଂ ଉପଯୁକ୍ତ ପ୍ରକଟୀକରଣ ଓ ଡାକ୍ତରୀ ପରୀକ୍ଷା ଦ୍ୱାରା ସିଦ୍ଧ କରାଯାଇପାରେ ।

i) **ବାତାବରଣ ଏବଂ ଆବାସ**: ଏ ଗୁଡିକର ମଧ୍ୟ ରଗ୍ଣତା ହାର ଉପରେ ସମ୍ବନ୍ଧ ରହିଥାଏ ।

**ସ୍ୱାସ୍ଥ୍ୟ ବୀମାରେ ନୈତିକ ବିପତ୍ତିକୁ ବୁଝିବା**

ଯେତେବେଳେ ଆୟୁ, ଲିଙ୍ଗ, ଅଭ୍ୟାସ ଭଳି କାରକମାନେ ଏକ ସ୍ୱାସ୍ଥ୍ୟ ସଙ୍କଟର ଶାରୀରିକ ବିପତ୍ତିକୁ ସୂଚୀତ କରେ, କିଛି ଅଲଗା ଜିନିଷ ରହିଛି ଯାହାକୁ ନିକଟରୁ ଧ୍ୟାନପୂର୍ବକ ଦେଖିବା ଆବଶ୍ୟକ ଅଟେ । ଏହା କ୍ଲାଏଣ୍ଟ ନୈତିକ ବିପତ୍ତି ଅଟେ ଯାହା ବୀମା କମ୍ପାନୀ ପାଇଁ ଅତି ମହଙ୍ଗା ପ୍ରମାଣିତ ହୋଇପାରେ ।

ଖରାପ ନୈତିକ ବିପତ୍ତି ଏକ ଚରମ ଉଦାହରଣ ହେଉଛି ଏକ ବୀମିତ ଏହା ଜାଣି ସୁଦ୍ଧା ସ୍ୱାସ୍ଥ୍ୟ ବୀମା ନେବା ଯେ ଅଳ୍ପ ସମୟ ମଧ୍ୟରେ ସେ ଏକ ସର୍ଜିକାଲ୍ ଅପରେଶନ୍ ଦେଇ ଗତି କରିବ କିମ୍ବା ଏହାକୁ ବୀମାକର୍ତ୍ତା ନିକଟରେ ପ୍ରକଟ ନ କରିବା । ଏହା ପ୍ରକାରେ ଏକ ଦାବୀ ନେବାପାଇଁ ହିଁ କେବଳ ଏକ ସୁଚିନ୍ତିତ ଉଦ୍ଦେଶ୍ୟ ହୋଇଥାଏ ।

| **ସ୍ୱୟଂ ପରୀକ୍ଷା କରନ୍ତୁ 1** |
|---|

ସଙ୍କଟାଙ୍କନ ହେଉଛି __________ ର ପ୍ରକ୍ରିୟା ।

**I.** ବୀମା ଉତ୍ପାଦଗୁଡିକର ବ୍ୟବସାୟ କରିବା

II. ଗ୍ରାହକମାନଙ୍କଠାରୁ ପ୍ରିମିୟମ ସଂଗ୍ରହ କରିବା

III. ସଙ୍କଟ ମୂଲ୍ୟାଙ୍କନ ଏବଂ ସଙ୍କଟ ମୂଲ୍ୟ ନିର୍ଦ୍ଧାରଣ

IV. ବିଭିନ୍ନ ବୀମା ଉତ୍ପାଦକୁ ବିକ୍ରି କରିବା

## B. ସଙ୍କଟାଙ୍କନ–ମୂଳଭୂତ ଅବଧାରଣା

### 1. ସଙ୍କଟାଙ୍କନ ର ଉଦ୍ଦେଶ୍ୟ

ସଙ୍କଟାଙ୍କନର ଦୁଇଟି ମୂଖ୍ୟ ଉଦ୍ଦେଶ୍ୟ ଅଛି ।

i. ବିପରୀତ ଚୟନକୁ ବାଧା ଦେବା, ଅର୍ଥାତ୍ ବୀମାକର୍ତ୍ତା ବିରୁଦ୍ଧରେ ଚୟନ

ii. ସଙ୍କଟଗୁଡିକୁ ବର୍ଗୀକରଣ କରିବା ଏବଂ ସଙ୍କଟଗୁଡିକ ମଧ୍ୟରେ ଇକ୍ୱିଟୀ ସୁନିଶ୍ଚିତ କରିବା

**ପରିଭାଷା**

ସଙ୍କଟଗୁଡିକର ମୂଲ୍ୟାଙ୍କନ ପଦ ଏହା ଉପସ୍ଥାପିତ କରୁଥିବା ସଙ୍କଟର ମାତ୍ରା ଅନୁସାରେ ସ୍ୱାସ୍ଥ୍ୟ ବୀମା ପାଇଁ ପ୍ରତ୍ୟେକ ପ୍ରସ୍ତାବ ର ମୂଲ୍ୟାଙ୍କନ କରିବାର ଏବଂ ତାପରେ ବୀମା ମଞ୍ଜୁର କରାଯିବ କି ନାହିଁ ଓ କେଉଁ ସର୍ତ୍ତାବଳୀ ରେ, ଏହା ନିଷ୍ପତ୍ତି ନେବାର ପ୍ରକ୍ରିୟା ସୂଚୀତ କରେ ।

ବିପରୀତ-ଚୟନ କିମ୍ବା ପ୍ରତିକ)ୂଳ ଚୟନଯେଉଁମାନେ ସନ୍ଦେହ କରନ୍ତି କିମ୍ବା ,ହେଉଛି ସେହି ଲୋକମାନଙ୍କ ପ୍ରବୃତ୍ତି ( ହାନି ଅନୁଭୂତ କରିବାର ,ଜାଣନ୍ତି ଯେ ଆଗ୍ରହର ସହିତ ବୀମା ପାଇବା ପାଇଁ ଏବଂ ପ୍ରକ୍ରିୟାରେ ଲାଭ ପାଇବା ପାଇଁ ସେମାନଙ୍କ ସମ୍ଭାବନା ଅଧିକ ଓ ସେତେବେଳେ ବୀମା କରିବା ପାଇଁ ଚେଷ୍ଟା କରନ୍ତି ।

**ଉଦାହରଣ**

କାହାକୁ ଓ କିପରି ସେମାନେ ବୀମା ପ୍ରଦାନ କରିବେ ,ସେ ବିଷୟରେ ଯଦି ବୀମାକର୍ତ୍ତାମାନେ ଚୟନାତ୍ମକ ହୋଇ ନ ଥାନ୍ତେ , ଉଚ୍ଚ ,ଏକ ସମ୍ଭାବନା ରହେ ଯେ ଡାଇବେଟିସ୍ BP ,ହୃଦୟ ସମସ୍ୟା କିମ୍ବା କ୍ୟାନସର ଭଳି ଗମ୍ଭୀର ରୋଗ ଥିବା ଲୋକେ , ସେମାନେ ସ୍ୱାସ୍ଥ୍ୟ ,ଆବଶ୍ୟକ ହୋଇପାରେ ,ଯେ ସେମାନଙ୍କ ପାଇଁ ଶୀଘ୍ର ହସ୍ପିଟାଲାଇଜେଶନ୍ ଯେଉଁମାନେ ଜାଣିଥାନ୍ତି ବୀମା କିଣିବା ପାଇଁ ଚାହିଁ ପାରନ୍ତି ଏବଂ ବୀମାକର୍ତ୍ତା ପାଇଁ ହାନି ସୃଷ୍ଟି କରିପାରନ୍ତି ,। ଅନ୍ୟ ଶବ୍ଦରେ ଯଦି ଏକ ବୀମାକର୍ତ୍ତା ସଙ୍କଟକୁ ଉପଯୁକ୍ତ ରୂପେ ମୂଲ୍ୟାଙ୍କନ ନ କରେ । ଏହାର ବିରୁଦ୍ଧରେ ଚୟନ କରାଯାଇପାରେ ଏବଂ ଏହି ପ୍ରକ୍ରିୟାରେ ହାନିରେ ଆକ୍ରାନ୍ତ ହୋଇପାରେ ।

### 2. ସଙ୍କଟମାନଙ୍କ ମଧ୍ୟରେ ଇକ୍ୱିଟୀ

ଆସନ୍ତୁ ବର୍ତ୍ତମାନ ଆମେ ସଙ୍କଟମାନଙ୍କ ମଧ୍ୟରେ ଇକ୍ୱିଟୀକୁ ବିଚାର କରିବା । 'ଇକ୍ୱିଟୀ' ର ଅର୍ଥ ହେଉଛି ଯେ ସେହି ଆବେଦକ ଯେଉଁମାନେ ସମାନ ପ୍ରକାରର ଓ ସମାନ ମାତ୍ରାର ସଙ୍କଟର ସଂସର୍ଗରେ ଆସିଥାନ୍ତି । ସେମାନଙ୍କୁ ସେହି ଏକା ବର୍ଗରେ ରଖାଯାଏ । ଲାଗୁ କରିବାକୁ ଥିବା ପ୍ରିମିୟମର ନିର୍ଦ୍ଧାରଣ କରିବା ପାଇଁ ବୀମାକର୍ତ୍ତାମାନେ କିଛି ପ୍ରକାରର ମାନକୀକରଣ ରଖିବା ପାଇଁ ଚାହିଁ ପାରନ୍ତି । ସଙ୍କଟାଙ୍କକ ପାଖକୁ ଆସୁଥିବା ପ୍ରସ୍ତାବଗୁଡିକୁ ନିମ୍ନଲିଖିତ ସଙ୍କଟ ପ୍ରକାରର ବର୍ଗୀକୃତ କରାଯାଇଥାଏ ।

i. **ମାନକ ସଙ୍କଟ**

ଏମାନେ ସେହିସବୁ ଲୋକ ହୋଇଥାନ୍ତି ଯେଉଁମାନଙ୍କ ପ୍ରତ୍ୟାଶିତ ରଗ୍ଣତା (ରୋଗରେ ପୀଡିତ ହେବାର ସମ୍ଭାବନା) ମଧ୍ୟମ ହୋଇଥାଏ ।

ii. **ଗ୍ରହଣୀୟ ସଙ୍କଟ**

କେତେକ କ୍ଷେତ୍ରରେ, ପ୍ରତ୍ୟାଶିତ ରଗ୍ଣତା ମହତ୍ୱପୂର୍ଣ୍ଣ ରୂପେ ମଧ୍ୟମଠାରୁ କମ୍ ହୋଇଥାଏ ଏବଂ ତେଣୁକରି ଗ୍ରହଣୀୟ ସଙ୍କଟ ହୋଇଥାଏ । ଏଗୁଡିକ ପାଇଁ ଅପେକ୍ଷାକୃତ କମ୍ ପ୍ରିମିୟମ ଲାଗୁ କରାଯାଇପାରେ ।

iii. **ଅବମାନକ ସଙ୍କଟ**

ଅନ୍ୟ କେତେକ କ୍ଷେତ୍ରରେ, ପ୍ରତ୍ୟାଶିତ ରଗ୍ଣତା ମଧ୍ୟମଠାରୁ ଅଧିକ ହୋଇପାରେ । ଯଦିଓ ଏହି ସଙ୍କଟଗୁଡିକ ମଧ୍ୟ ବୀମାଯୋଗ୍ୟ ହୋଇପାରେ, ବୀମାକର୍ତ୍ତାମାନେ ଉଚ୍ଚତର ପ୍ରିମିୟମ ଲାଗୁ କରିପାରନ୍ତି ଏବଂ/କିମ୍ବା ସେମାନଙ୍କୁ କେବଳ ସର୍ତ୍ତାବଳୀ ଓ ପ୍ରତିବନ୍ଧ ଅନ୍ତର୍ଗତ ସ୍ୱୀକାର କରିପାରନ୍ତି ।

iv. **ଅଗ୍ରାହ୍ୟ ସଙ୍କଟ**

କେତେକ ଲୋକ ଅଛନ୍ତି ଯେଉଁମାନଙ୍କ କିଛି ମେଡିକାଲ କିମ୍ବା ଅନ୍ୟାନ୍ୟ ଦୁରାବସ୍ଥା ଅଛି, ଯାହା ସେମାନଙ୍କୁ ଅତ୍ୟଧିକ ରୂପେ ରୋଗ ପ୍ରବଣ କରେ ଏବଂ ଦାବୀ ଉତ୍ପନ୍ନ ହୋଇଥାଏ । ଏହା ଅତ୍ୟଧିକ ସମ୍ଭବ ଅଟେ ଯେ ସେଭଳି ବ୍ୟକ୍ତି ରୋଗରେ ପୀଡିତ ହୁଅନ୍ତି ଏବଂ ସାଧାରଣ ସମୁଚ୍ଚୟ ଉପରେ ଅଣସମାନୁପାତିକ ମାତ୍ରାର ଦାୟିତ୍ୱର କାରଣ ହୁଅନ୍ତି । ଅନ୍ୟ ଶବ୍ଦରେ, ଯେତେବେଳେ ସମୁଚ୍ଚୟରେ ଥିବା ଅନ୍ୟମାନଙ୍କଠାରେ ରୋଗରେ ପଡିବାର ଅଧିକ କିମ୍ବା କମ୍ ମଧ୍ୟମ ସମ୍ଭାବନା ରହେ, ଏହି ବ୍ୟକ୍ତିମାନଙ୍କ ଠାରେ ରୋଗରେ ପଡିବାର ଅତି ଅଧିକ ସମ୍ଭାବନା ରହେ ଯାହାର ପରିଣାମ ଅଧିକ ହାରର ପ୍ରିମିୟମରେ ବି ସେମାନଙ୍କୁ ବୀମିତ କରିବା କଷ୍ଟକର ହୋଇଥାଏ । [ବେଳେ ବେଳେ, ସେ ଭଳି ବ୍ୟକ୍ତିମାନେ ନୈତିକ ବିପତ୍ତି ଆଣିଥାନ୍ତି ଯେତେବେଳେ ସେମାନେ ରୋଗରେ ପଡିବାର ସେମାନଙ୍କ ଅଧିକ ସମ୍ଭାବ୍ୟତାକୁ ପ୍ରକଟ କରି ନ ଥାନ୍ତି ଏବଂ ଅନ୍ୟ ସାଧାରଣ ବ୍ୟକ୍ତିମାନଙ୍କ ଭଳି ବୀମିତ ହେବାକୁ ପ୍ରୟାସ କରିଥାନ୍ତି ।] ଅଧିକାଂଶ ବୀମାକର୍ତ୍ତା ସେ ଭଳି ସଙ୍କଟଗୁଡିକୁ ଅଗ୍ରାହ୍ୟ କରିଥାନ୍ତି ଏବଂ ଭବିଷ୍ୟତର ଉପଯୋଗ ପାଇଁ ସେଭଳି ଲୋକମାନଙ୍କ ଏକ ଡାଟାବେସ୍ ପ୍ରସ୍ତୁତ କରିଥାନ୍ତି ।

ଏକ 'ଅଗୃହୀତ ସଙ୍କଟ' ର ଅର୍ଥ କେବଳ ଏହା ହୁଏ ଯେ ଏକ ନିର୍ଦ୍ଦିଷ୍ଟ ବୀମାକର୍ତ୍ତା ଏକ ବ୍ୟକ୍ତିକୁ ସେହି ନିର୍ଦ୍ଦିଷ୍ଟ ସମୟରେ, ସେହି ପ୍ରକାରର ବୀମା ଚୁକ୍ତିରେ ପାଇଁ ବୀମିତ କରିବାକୁ ଇଚ୍ଛା କରେ ନାହିଁ । ଅବଶ୍ୟ, ଏହା ସମ୍ଭବ ଅଟେ ଯେ ଏକ ଅନ୍ୟ ବୀମାକର୍ତ୍ତା ତାହାକୁ ଭିନ୍ନ ସର୍ତ୍ତାବଳୀ ସହିତ ଏକ ଭିନ୍ନ ପ୍ରିମିୟମରେ ବୀମିତ କରିପାରେ । ଏହି ଏକା ବୀମାକର୍ତ୍ତା ତାକୁ ଏକ ଅନ୍ୟ ପ୍ରକାରର ପଲିସୀ ପାଇଁ ମଧ୍ୟ କିମ୍ବା ଏକ ପରବର୍ତ୍ତୀ ସମୟ, ଯେତେବେଳେ ପରିସ୍ଥିତିର ପରିବର୍ତ୍ତନ ହୋଇଥାଏ, ସେତେବେଳେ ସେହି ଏକା ପଲିସୀ ପାଇଁ ବି ବିଚାରକୁ ନେଇପାରେ ।

### 3. ସଙ୍କଟାଙ୍କନ ପ୍ରକ୍ରିୟା

ପ୍ରାଥମିକ କିମ୍ବା କ୍ଷେତ୍ର ସ୍ତରରେ ହୋଇଥାଏ:

- ✓ ପ୍ରାଥମିକ କିମ୍ବା ପ୍ରତ୍ୟକ୍ଷ କ୍ଷେତ୍ର ସ୍ତରରେ କିମ୍ବା
- ✓ ସଙ୍କଟାଙ୍କନ ବିଭାଗ ସ୍ତରରେ

### a) ପ୍ରାଥମିକ ସଙ୍କଟାଙ୍କନ

ପ୍ରାଥମିକ ସଙ୍କଟାଙ୍କନ (କିମ୍ବା କ୍ଷେତ୍ର ସ୍ତରର ସଙ୍କଟାଙ୍କନ) ଅନ୍ତର୍ଭୁକ୍ତ କରେ ବୀମା ସୁରକ୍ଷାର ମଞ୍ଜୁରୀ ଦେବା ପାଇଁ ଏକ ଆବେଦକ ଉପଯୁକ୍ତ ଅଟେ କି ନାହିଁ, ଏହା ନିର୍ଣ୍ଣୟ କରିବା ପାଇଁ ଏକ ଅଭିକର୍ତ୍ତା କିମ୍ବା କମ୍ପାନୀ ପ୍ରତିନିଧି ଦ୍ୱାରା ସୂଚନା/ ତଥ୍ୟ ସଂଗ୍ରହ/ଅଭିକର୍ତ୍ତା ପ୍ରାଥମିକ ସଙ୍କଟାଙ୍କନର ଏହି ପ୍ରାଥମିକ ଭୂମିକାକୁ ଗ୍ରହଣ କରେ । ସମ୍ଭାବ୍ୟ ଗ୍ରାହକ ବୀମା ଯୋଗ୍ୟ ଅଟେ କି ନାହିଁ, ଏହା ଜାଣିବା ପାଇଁ ସେ ସର୍ବଶ୍ରେଷ୍ଠ ସ୍ଥିତିରେ ଥାଏ ।

କେତେକ ବୀମା କମ୍ପାନୀ ଅଭିକର୍ତ୍ତାମାନେ ପ୍ରସ୍ତାବକ ସମ୍ବନ୍ଧରେ ବିଶେଷ ସୂଚନା, ମତ ଓ ସୁପାରିଶ ସହିତ, ଏକ ବିବରଣ କିମ୍ବା ଏକ ଗୋପନୀୟ ରିପୋର୍ଟ ପ୍ରଦାନ କରିବା ଆବଶ୍ୟକ କରନ୍ତି ।

ଏକ ସମାନ ପ୍ରକାରର ରିପୋର୍ଟ, ଯାହାକୁ ନୈତିକ ବିପତ୍ତି ରିପୋର୍ଟ କୁହାଯାଉଛି, କୁ ମଧ୍ୟ ବୀମା କମ୍ପାନୀର ଅଧିକାରୀଙ୍କ ଠାରୁ ମଗା ଯାଇ ପାରେ । ଏହି ରିପୋର୍ଟଗୁଡିକ ପାରମ୍ପରିକ ରୂପେ ସ୍ୱାସ୍ଥ୍ୟ ବୀମା ପାଇଁ ପ୍ରସ୍ତାବିତ ବ୍ୟକ୍ତିର ବ୍ୟବସାୟ, ଆୟ, ଆର୍ଥିକ ସ୍ଥିତି ଓ ଖ୍ୟାତିକୁ ସମ୍ମିଳିତ କରନ୍ତି ।

## 4. ଅଭିକର୍ତ୍ତାର କପଟ/ଜାଲିଆତି ନିରୀକ୍ଷଣ କରିବାର ଭୂମିକା

ବୀମା ପାଇଁ ଏକ ସଙ୍କଟ ଚୟନ କରିବା ସମ୍ବନ୍ଧୀୟ ନିର୍ଣ୍ଣୟ ପ୍ରସ୍ତାବ ଫର୍ମରେ ପ୍ରସ୍ତାବକ ଦ୍ୱାରା ପ୍ରକଟ କରାଯାଇଥିବା ତଥ୍ୟ ଉପରେ ନିର୍ଭର କରେ । ଅଫିସରେ ବସି ରହିଥିବା ଏକ ସଙ୍କଟାଙ୍କକ ପାଇଁ ଏହା ଜାଣିବା କଷ୍ଟକର ହୋଇପାରେ ଯେ ଏହି ତଥ୍ୟଗୁଡିକ ସତ୍ୟ ଅଟନ୍ତି କି ନାହିଁ କିମ୍ବା ବୀମାକର୍ତ୍ତାକୁ ଧୋକା ଦେବା ଉଦ୍ଦେଶ୍ୟ ନେଇ କପଟପୂର୍ଣ୍ଣ ଭାବେ ମିଥ୍ୟା ଉପସ୍ଥାପନା କରି ନାହିଁ ତ ।

ଅଭିକର୍ତ୍ତା, ଏକ ପ୍ରାଥମିକ ସଙ୍କଟାଙ୍କକ ହିସାବରେ ଏଇଠି ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଯେହେତୁ ପ୍ରସ୍ତାବକ ସହିତ ଅଭିକର୍ତ୍ତାର ପ୍ରତ୍ୟକ୍ଷ ସମ୍ପର୍କ ଥାଏ, ସେ ସର୍ବୋତ୍ତମ ପଦରେ ଥାଏ ଏହା ଜାଣିବା ପାଇଁ ଯେ ଦାଖଲ କରାଯାଇଥିବା ସୂଚନା ସତ୍ୟ ଅଟେ କି ନାହିଁ ଏବଂ କୌଣସି ସୁଚିନ୍ତିତ ଅଣ-ପ୍ରକଟୀକରଣ କିମ୍ବା ମିଥ୍ୟା ଉପସ୍ଥାପନା କରାଯାଇ ନାହିଁ ତ ।

### a) ସଙ୍କଟାଙ୍କନ ବିଭାଗର ଭୂମିକା

ସଙ୍କଟାଙ୍କନ କାର୍ଯ୍ୟାଳୟରେ ଥିବା ସଙ୍କଟାଙ୍କନ ବିଭାଗ ସଙ୍କଟାଙ୍କନର ଅଧିକାଂଶ ଭାଗ ସମ୍ପାଦିତ କରିଥାଏ । ଏଇଠି, ସେହି ବିଶେଷଜ୍ଞମାନେ ଯେଉଁମାନେ ସେଭଳି କାର୍ଯ୍ୟରେ ଦକ୍ଷ ଅଟନ୍ତି, ନିର୍ଦ୍ଦିଷ୍ଟ ସଙ୍କଟ ଉପରେ ସମସ୍ତ ଆବଶ୍ୟକୀୟ ତଥ୍ୟ ଏବଂ ଏପରିକି କିଛି ଜନସଂଖ୍ୟାକୀୟ ତଥ୍ୟକୁ ବି ବିଚାର ଏବଂ ବିଶ୍ଳେଷଣ କରନ୍ତି । ସେମାନେ ଅନ୍ତିମରେ ବୀମା ପାଇଁ ପ୍ରସ୍ତାବକୁ ସ୍ୱୀକାର କରାଯିବ କି ନାହିଁ ତା ଉପରେ ନିଷ୍ପତ୍ତି ନିଅନ୍ତି, ନିୟମ/ସର୍ତ୍ତାବଳୀର ନିର୍ଣ୍ଣୟ କରନ୍ତି , ଏବଂ ଉପଯୁକ୍ତ ପ୍ରିମିୟମ ଲାଗୁ କରିଥାନ୍ତି ।

## C. ଆଇ.ଆର.ଡି.ଏ.ଆଇ.ର ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବୀମା ବିନିୟମନ

ବିନିୟାମକ ବୀମିତର ଲାଭ ପାଇଁ ନିମ୍ନରେ ଦିଆଯାଇଥିବା ଭଳି କେତେକ ପରିବର୍ତ୍ତନ ମଧ୍ୟ ଆଣିଛି ।

a. ବୀମିତକୁ ପ୍ରିମିୟମ ଉପରେ ଓ ଊର୍ଦ୍ଧ୍ୱରେ ଲାଗୁ କରାଯାଇଥିବା କୌଣସି ସଙ୍କଟାଙ୍କନ ଲୋଡିଙ୍ଗ୍ ସମ୍ବନ୍ଧରେ ସୂଚୀତ କରିବାକୁ ପଡ଼ିଥାଏ ଏବଂ ଏକ ପଲିସୀ ଜାରୀ କରିବା ପୂର୍ବରୁ ସେଭଳି ଲୋଡିଙ୍ଗ୍ ପାଇଁ ପଲିସୀଧାରକର ବିଶେଷ ସମ୍ମତି ପ୍ରାପ୍ତି କରାଯିବ ।

b. ଯଦି ଏକ ବୀମା କମ୍ପାନୀ କୌଣସି ଅଧିକ ସୂଚନା ଆବଶ୍ୟକ କରେ, ଯେପରି କି ଏକ ପଲିସୀର କୌଣସି ପରବର୍ତ୍ତୀ ଚରଣରେ କିମ୍ବା ଏହାର ନୂତନୀକରଣ ସମୟରେ ବ୍ୟବସାୟ ପରିବର୍ତ୍ତନ, ଏହା ପାଖରେ ବୀମିତ ଦ୍ୱାରା ପୂରଣ କରିବାକୁ ନିର୍ଦ୍ଧାରିତ ମାନକ ଫର୍ମ ଥାଏ ଯାହା ପଲିସୀ ଦସ୍ତାବିଜର ଏକ ଅଂଶ ହୋଇଥାଏ ।

c. ବୀମାକର୍ତ୍ତାମାନେ ପଲିସୀଧାରକମାନଙ୍କୁ ଯୁବକ କାଳରେ ପ୍ରବେଶ, ଅବିଚ୍ଛିନ୍ନ ନୂତନୀକରଣ, ସେହି ଏକ ବୀମାକର୍ତ୍ତା ସହିତ ଅନୁକୂଳ ଦାବୀ ଅନୁଭୂତି ପାଇଁ ପୁରସ୍କୃତ କରିବା ପାଇଁ ବିଭିନ୍ନ ପ୍ରଣାଳୀ ଆଣିଛନ୍ତି ଏବଂ ସେଭଳି ପ୍ରଣାଳୀ କିମ୍ବା ପ୍ରୋତ୍ସାହନକୁ ବିବରଣୀ ପୁସ୍ତିକା ଓ ପଲିସୀ ଦସ୍ତାବିଜର ଅନ୍ତର୍ଗତ କରନ୍ତି ।

## D. ସ୍ୱାସ୍ଥ୍ୟ ବୀମାର ସୁବାହ୍ୟତା/ପୋର୍ଟେବିଲିଟି

ସୁବାହ୍ୟତାକୁ ଆଇ.ଆର.ଡି.ଏ.ଆଇ. ଦ୍ୱାରା, ବୈୟକ୍ତିକ ସ୍ୱାସ୍ଥ୍ୟ ବୀମା ପଲିସୀଧାରକ (ପରିବାର ସୁରକ୍ଷା ଅନ୍ତର୍ଗତ ସମସ୍ତ ସଦସ୍ୟ ସମେତ) ମାନଙ୍କୁ, ଗୋଟିଏ ବୀମାକର୍ତ୍ତାଠାରୁ ଅନ୍ୟ ଏକ ବୀମାକର୍ତ୍ତାକୁ କିମ୍ବା ସେହି ଏକା ବୀମାକର୍ତ୍ତାର ଗୋଟିଏ ଯୋଜନାଠାରୁ ଅନ୍ୟ ଏକ ଯୋଜନାକୁ, ପୂର୍ବ-ବିଦ୍ୟମାନ ପରିସ୍ଥିତି ଓ ସମୟ ଅନୁବନ୍ଧିତ ଅପବର୍ଜନ ପାଇଁ ଲାଭ ପାଇଥିବା କ୍ରେଡିଟ୍ କୁ ସ୍ଥାନାନ୍ତରିତ କରିବା ପାଇଁ, ପ୍ରଦାନ କରାଯାଉଥିବା ଅଧିକାର, ଯଦି ପୂର୍ବ ପଲିସୀଟିକୁ କୌଣସି ଅନ୍ତରାଳ ବିନା ବଜାୟ ରଖାଯାଇଛି, ଏହି ରୂପେ ପରିଭାଷିତ କରାଯାଇଥାଏ ।

ସୁବାହ୍ୟତା ହେଉଛି ସେହି ପ୍ରାବଧାନ ଯାହା ଦ୍ୱାରା ଏକ ବୀମିତ ତା' ସହିତ ସମଗ୍ର ସମୟାବଧିରେ ଅର୍ଜିତ ସମସ୍ତ ଲାଭକୁ ବହନ କରି ଗୋଟିଏ ବୀମାକର୍ତ୍ତାଠାରୁ ଅନ୍ୟ ଏକ ବୀମାକର୍ତ୍ତା ପାଖକୁ ଯାଇ ପାରେ । ଛାତ୍ରଛାତ୍ରୀମାନେ ସ୍ୱାସ୍ଥ୍ୟ ବୀମା ବ୍ୟବସାୟ ତାରିଖ 22 ଜୁଲାଇ 2020 ରେ ଥିବା ଉତ୍ପାଦ ଫାଇଲିଂ ଉପରେ ଆଇ.ଆର.ଡି.ଏ.ଆଇ. ର ସମେକିତ ମାର୍ଗଦର୍ଶିକା କୁ ପଢ଼ି ପାରନ୍ତି ଯାହା ସୁବାହ୍ୟତା ସହିତ ଅନେକ ଚଳଣୀକୁ ମାନକୀକରଣ କରିବା ପାଇଁ ମାନଦଣ୍ଡ ନିର୍ଦ୍ଧାରିତ କରିଛି ।

ଆଇ.ଆର.ଡି.ଏ.ଆଇ. ଅଧିଦେଶ ଜାରୀ କରେ ଯେ ପରିବାର ଫ୍ଲୋଟର୍ ପଲିସୀଗୁଡ଼ିକ ସହିତ ସାଧାରଣ ବୀମାକର୍ତ୍ତା ଓ ସ୍ୱାସ୍ଥ୍ୟ ବୀମାକର୍ତ୍ତାମାନଙ୍କ ଦ୍ୱାରା ଜାରୀ କରାଯାଇଥିବା ସମସ୍ତ ବୈୟକ୍ତିକ କ୍ଷତିପୂର୍ତ୍ତି ସ୍ୱାସ୍ଥ୍ୟ ବୀମା ପଲିସୀ ଅନ୍ତର୍ଗତ ସୁବାହ୍ୟତାର ସ୍ୱୀକୃତି ଦିଆଯିବ ।

ଅବଶ୍ୟ, ନୂତନୀକରଣ ସମୟରେ ହିଁ କେବଳ ସ୍ଥାନାନ୍ତରିତ (ପୋର୍ଟିଙ୍ଗ୍) କରାଯାଇପାରେ । ପ୍ରତୀକ୍ଷା ଅବଧି କ୍ରେଡିଟ୍ ବ୍ୟତୀତ, ପ୍ରିମିୟମ ସମେତ ନୂତନ ପଲିସୀର ଅନ୍ୟାନ୍ୟ ନିୟମାବଳୀକୁ ନୂତନ ବୀମା କମ୍ପାନୀ ଦ୍ୱାରା ନିର୍ଣ୍ଣୟ କରାଯିବ । ବିଧିବଦ୍ଧତଃ ପୋର୍ଟିଙ୍ଗ୍ ପାଇଁ ଅନୁରୋଧକୁ ନୂତନୀକରଣର ଅନ୍ୟୂନ 45 ଦିନ ପୂର୍ବରୁ ବୀମିତ ଦ୍ୱାରା, ପୁରୁଣା ବୀମାକର୍ତ୍ତାକୁ କରାଯିବା ଉଚିତ୍, ସେହି କମ୍ପାନୀକୁ ବିନିର୍ଦ୍ଦିଷ୍ଟ କରି ଯାହା ପାଖରେ ପଲିସୀଟିକୁ ପୋର୍ଟ କରିବାକୁ ପଡିବ । ପଲିସୀଟିକୁ କୌଣସି ଅନ୍ତରାଳ ବିନା ନୂତନୀକରଣ କରିବାକୁ ପଡିଥାଏ (30 ଦିନର ଅନୁଗ୍ରହ ସମୟାବଧି ଥାଏ ଯଦି ପୋର୍ଟିଙ୍ଗ୍ ପ୍ରକ୍ରିୟାରେ ରହିଥାଏ) ଆଇ.ଆର୍.ଡି.ଏ. ଏକ ୱେବ୍-ଆଧାରିତ ସୁବିଧା ସୃଷ୍ଟି କରିଛି ଯାହା, ଅବାଧ ରୂପେ ପୋର୍ଟ କରୁଥିବା ପଲିସୀଧାରକର ସ୍ୱାସ୍ଥ୍ୟ ବୀମା ଇତିହାସ ଭିତରକୁ ଅଧିଗମନ କରିବାକୁ ଓ ତା' ଉପରେ ତଥ୍ୟ ପ୍ରାପ୍ତି କରିବାକୁ ନୂଆ ବୀମାକର୍ତ୍ତାକୁ ସକ୍ଷମ କରିବା ପାଇଁ, ବ୍ୟକ୍ତିମାନଙ୍କୁ ବୀମା କମ୍ପାନୀମାନଙ୍କ ଦ୍ୱାରା ଜାରୀ କରାଯାଉଥିବା ସମସ୍ତ ସ୍ୱାସ୍ଥ୍ୟ ବୀମା ପଲିସୀ ସମ୍ବନ୍ଧୀୟ ତଥ୍ୟ ରଖିଥାଏ ।

## E. ସ୍ୱାସ୍ଥ୍ୟ ବୀମାର ସ୍ଥାନାନ୍ତରଣ (ମାଇଗ୍ରେଶନ୍)

ସ୍ଥାନାନ୍ତରଣ (ମାଇଗ୍ରେଶନ୍) କୁ ଆଇ.ଆର.ଡି.ଏ.ଆଇ. ଦ୍ୱାରା, ସ୍ୱାସ୍ଥ୍ୟ ବୀମା ପଲିସୀଧାରକ (ପରିବାର ସୁରକ୍ଷା ଅନ୍ତର୍ଗତ ସମସ୍ତ ସଦସ୍ୟ ଓ ସମୂହ ସ୍ୱାସ୍ଥ୍ୟ ବୀମା ପଲିସୀର ସଦସ୍ୟମାନଙ୍କ ସମେତ) ମାନଙ୍କୁ, ପୂର୍ବ-ବିଦ୍ୟମାନ ପରିସ୍ଥିତି ଓ ସମୟ ଅନୁବନ୍ଧିତ ଅପବର୍ଜନ ପାଇଁ ଲାଭ ପାଇଥିବା କ୍ରେଡିଟ୍ କୁ ସେହି ଏକା ବୀମାକର୍ତ୍ତା ସହିତ, ସ୍ଥାନାନ୍ତରିତ କରିବା ପାଇଁ ପ୍ରଦାନ କରାଯାଇଥିବା ଅଧିକାର ରୂପେ ପରିଭାଷିତ କରାଯାଇଥାଏ ।

ସ୍ୱାସ୍ଥ୍ୟ ବୀମା ବ୍ୟବସାୟ ତାରିଖ 22 ଜୁଲାଇ 2020 ରେ ଥିବା ଉତ୍ପାଦ ଫାଇଲିଂ ଉପରେ ଆଇ.ଆର.ଡି.ଏ.ଆଇ.ର ସମେକିତ ମାର୍ଗଦର୍ଶିକା ସ୍ୱାସ୍ଥ୍ୟ ବୀମା ପଲିସୀମାନଙ୍କ ସ୍ଥାନାନ୍ତରଣ ଉପରେ ମାର୍ଗଦର୍ଶିକାର ସଂଶୋଧନ କରିଛି । ଏହା ପ୍ରାବଧାନ ରଖେ ଯେ ଏକ କ୍ଷତିପୂର୍ତ୍ତି ଆଧାରିତ ବୈୟକ୍ତିକ ବୀମା ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରାପ୍ତ ପ୍ରତ୍ୟେକ ପଲିସୀଧାରକ (ପରିବାର ଫ୍ଲୋଟର୍ ପଲିସୀ ଅନ୍ତର୍ଗତ ସଦସ୍ୟମାନଙ୍କ ସମେତ) କୁ ପଲିସୀ ଧାରକ ଦ୍ୱାରା ପ୍ରୟୋଗ କରାଯାଇଥିବା ବ୍ୟକ୍ତ ଚୟନାଧିକାର ଦ୍ୱାରା ସ୍ଥାନାନ୍ତରଣର ବିକଳ୍ପ ଦିଆଯିବ । ସମୂହ ପଲିସୀମାନଙ୍କଠାରୁ ବୈୟକ୍ତିକ ପଲିସୀକୁ ସ୍ଥାନାନ୍ତରଣ ସଙ୍କଟାଙ୍କନର ଅଧୀନ ହେବ ।

ତା' ପଲିସୀକୁ ସ୍ଥାନାନ୍ତରିତ କରିବାକୁ ଚାହୁଁଥିବା ଏକ ପଲିସୀଧାରକକୁ, ପରିବାରର ସମସ୍ତ ସଦସ୍ୟ ଯଦି କିଛି ଥାଆନ୍ତି, ସେମାନଙ୍କ ସହିତ ପଲିସୀକୁ ସ୍ଥାନାନ୍ତରିତ କରିବା ପାଇଁ ତାର ବିଦ୍ୟମାନ ପଲିସୀର ପ୍ରିମିୟମ ନୂତନୀକରଣ ତାରିଖଠାରୁ ଅନ୍ୟୂନ 30 ଦିନ ପୂର୍ବରୁ, ବୀମା କମ୍ପାନୀକୁ ଆବେଦକ କରିବାର ସ୍ୱୀକୃତି ଦିଆଯିବ । ଅବଶ୍ୟ, ଯଦି ବୀମାକର୍ତ୍ତା 30 ଦିନର ସମୟଠାରୁ କମ୍ ଦିନ ପାଇଁ ମଧ୍ୟ ବିଚାର କରିବା ପାଇଁ ଇଚ୍ଛୁକ ଥାଏ, ତାହେଲେ ସେ ସେଇୟା କରିପାରେ । ବୀମାକର୍ତ୍ତାମାନେ କେବଳ ସ୍ଥାନାନ୍ତରଣ ପାଇଁ ହିଁ କୌଣସି ଚାର୍ଜ ଲାଗୁ କରିବେ ନାହିଁ ।

## F. ବୀମାର ମୂଳଭୂତ ସିଦ୍ଧାନ୍ତ ଏବଂ ସଙ୍କଟାଙ୍କନ ପାଇଁ ସାଧନ

### 1. *ସଙ୍କଟାଙ୍କନ ସମ୍ବନ୍ଧୀୟ ମୂଳଭୂତ ସିଦ୍ଧାନ୍ତ*

କୌଣସି ପ୍ରକାରର ବୀମାରେ ବି, ଏହା ଜୀବନ ବୀମା ହୋଇଥାଉ କିମ୍ବା ସାଧାରଣ ବୀମା ହୋଇଥାଉ, କେତେକ ବୈଧିକ ସିଦ୍ଧାନ୍ତ ଅଛନ୍ତି ଯାହା ସଙ୍କଟଗୁଡିକର ସ୍ୱୀକୃତି ସହିତ କାର୍ଯ୍ୟ କରନ୍ତି । ସ୍ୱାସ୍ଥ୍ୟ ବୀମା ବି ଏହି ସିଦ୍ଧାନ୍ତଗୁଡିକ ଦ୍ୱାରା ସମାନ ରୂପେ ସଂଚାଳିତ ହୁଏ ଏବଂ ସିଦ୍ଧାନ୍ତ କୌଣସି ଉଲ୍ଲଙ୍ଘନର ପରିଣାମ ଦାୟିତ୍ୱକୁ ଏଡେଇବା ପାଇଁ ବୀମାକର୍ତ୍ତାର ନିଷ୍ପତ୍ତି ହୋଇପାରେ । (ଏହି ସିଦ୍ଧାନ୍ତଗୁଡିକୁ ସାଧାରଣ ଅଧ୍ୟାୟମାନଙ୍କରେ ଆଲୋଚନା କରାଯାଇଛି )

### *2.* ସଙ୍କଟାଙ୍କନ ପାଇଁ ସାଧନ

ଏଗୁଡିକ ସଙ୍କଟାଙ୍କକ ପାଇଁ ସୂଚନାର ଉତ୍ସ ହୋଇଥାନ୍ତି ଯାହା ଆଧାରରେ ସଙ୍କଟ ବର୍ଗୀକରଣ ଏବଂ ଅନ୍ତିମରେ ପ୍ରିମିୟମର ନିର୍ଣ୍ଣୟ କରାଯାଇଥାଏ । ନିମ୍ନଲିଖିତ ଗୁଡିକ ସଙ୍କଟାଙ୍କନର ମୁଖ୍ୟ ସାଧନ ଅଟନ୍ତି :

#### a) ପ୍ରସ୍ତାବ ଫର୍ମ

ଏହି ଦସ୍ତାବିଜ ଚୁକ୍ତିର ଆଧାର ହୋଇଥାଏ ଯେଉଁଠି ପ୍ରସ୍ତାବକର ସ୍ୱାସ୍ଥ୍ୟ ଓ ବ୍ୟକ୍ତିଗତ ବିବରଣୀ ସମ୍ବନ୍ଧୀୟ ସମସ୍ତ ମହତ୍ୱପୂର୍ଣ୍ଣ ସୂଚନା (ଯେପରି କି ଆୟୁ, ବ୍ୟବସାୟ,ଗଠନ, ଅଭ୍ୟାସ, ସ୍ୱାସ୍ଥ୍ୟ ସ୍ଥିତି, ଆୟ, ପ୍ରିମିୟମ ପ୍ରଦାନ ବିବରଣୀ ଇତ୍ୟାଦି) କୁ ସଂଗ୍ରହ କରାଯାଇଥାଏ । ବୀମିତ ଦ୍ୱାରା କୌଣସି ଉଲ୍ଲଙ୍ଘଂନ କିମ୍ବା ସୂଚନାକୁ ଲୁଚାଇବା ପଲିସୀକୁ ଅକାମୀ/ନିରର୍ଥକ କରିଦେବ । (ଏହାକୁ ସାଧାରଣ ଅଧ୍ୟାୟମାନଙ୍କରେ ଆଲୋଚନା କରାଯାଇଛି ।)

#### b) ଆୟୁ ପ୍ରମାଣ

ପ୍ରିମିୟମଗୁଡିକର ନିର୍ଦ୍ଧାରଣ ବୀମିତର ଆୟୁ ଆଧାରରେ କରାଯାଇଥାଏ । ତେଣୁ ଏହା ଅନିବାର୍ଯ୍ୟ ହୋଇଥାଏ ଯେ ନାମାଙ୍କନ ସମୟରେ ପ୍ରକଟ କରାଯାଇଥିବା ଆୟୁକୁ ଏକ ଆୟୁ ପ୍ରମାଣର ଦାଖଲ ଜରିଆରେ ସତ୍ୟାପିତ କରାଯାଉ ।

| ଉଦାହରଣ |
|---|

ଭାରତରେ, ଅନେକ ଦସ୍ତାବିଜ ଅଛନ୍ତି, ଯାହାକୁ ଆୟୁ ପ୍ରମାଣ ରୂପେ ବିବେଚିତ କରାଯାଇପାରେ କିନ୍ତୁ ସେଗୁଡିକ ମଧ୍ୟରୁ ସବୁକୁ ବୈଧିକ ରୂପେ ସ୍ୱୀକୃତି ଦିଆଯାଇ ନାହିଁ ମୂଖ୍ୟତଃ ବୈଧ ଦସ୍ତାବିଜଗୁଡିକୁ ଦୁଇ ମୂଖ୍ୟ ବର୍ଗରେ ବିଭାଜିତ କରାଯାଏ ସେଗୁଡିକ ନିମ୍ନ ଭଳି ଅଟନ୍ତି :

a) **ମାନକ ଆୟୁ ପ୍ରମାଣ** : ଏଗୁଡିକ ମଧ୍ୟରେ କେତେକ ହୋଇଥାନ୍ତି ବିଦ୍ୟାଳୟ ପ୍ରମାଣପତ୍ର, ପାସ୍ପୋର୍ଟ, ନିବାସ ପ୍ରମାଣପତ୍ର, ପ୍ୟାନ୍ (PAN) କାର୍ଡ ଇତ୍ୟାଦି ।

b) **ଅଣ-ମାନକ ଆୟୁ ପ୍ରମାଣ**: ଏଗୁଡିକ ମଧ୍ୟରେ କେତେକ ହୋଇଥାନ୍ତି ରାଶନ କାର୍ଡ, ଭୋଟର୍ ଆଇ. ଡି, ବୟସ୍କଙ୍କ ଘୋଷଣାପତ୍ର, ଗ୍ରାମ ପଞ୍ଚାୟତ ପ୍ରମାଣପତ୍ର ଇତ୍ୟାଦି ।

**ଅର୍ଥ ସମ୍ବନ୍ଧୀୟ ଦସ୍ତାବିଜ**

ପ୍ରସ୍ତାବକର ଆର୍ଥିକ ସ୍ଥିତିକୁ ଜାଣିବା ବିଶେଷରୂପେ ଲାଭ ଉତ୍ପାଦଗୁଡିକ ପାଇଁ ଏବଂ ନୈତିକ ବିପତ୍ତିକୁ କମ୍ କରିବା ପାଇଁ ମହତ୍ୱପୂର୍ଣ୍ଣ ହୋଇଥାଏ । ଅବଶ୍ୟ, ସାଧାରଣତଃ ନିମ୍ନଲିଖିତ କ୍ଷେତ୍ରରେ କେବଳ ଅର୍ଥ ସମ୍ବନ୍ଧୀୟ ଦସ୍ତାବିଜଗୁଡିକୁ ମଗାଯାଇଥାଏ:

a) ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା କିମ୍ବା

b) ଉଚ୍ଚ ବୀମା ରାଶି ବୀମା ସୁରକ୍ଷା କିମ୍ବା

c) ଯେତେବେଳେ ମଗାଯାଇଥିବା ବୀମା ସୁରକ୍ଷା ତୁଳନାରେ ଉଲ୍ଲିଖିତ ଆୟ ଓ ବ୍ୟବସାୟ, ଏକ ଅମେଳ ଦେଖାଇଥାଏ ।

**c) ମେଡିକାଲ ରିପୋର୍ଟ**

ମେଡିକାଲ ରିପୋର୍ଟ ଗୁଡିକର ଆବଶ୍ୟକତା ବୀମାକର୍ତ୍ତାର ମାନଦଣ୍ଡ ଆଧାରରେ ହୋଇଥାଏ, ଏବଂ ସାଧାରଣତଃ ବୀମିତର ଆୟୁ ଓ ବେଳେ ବେଳେ ଚୟନିତ ସୁରକ୍ଷାର ରାଶି ପରିମାଣ ଉପରେ ନିର୍ଭର କରିଥାଏ । ପ୍ରସ୍ତାବ ଫର୍ମରେ ଥିବା କେତେକ ଉତ୍ତର ବି କିଛି ସୂଚନା ଥାଇପାରେ ଯେଉଁ କାରଣରୁ ମେଡିକାଲ ରିପୋର୍ଟଗୁଡିକ ମଗାଇବା ଆବଶ୍ୟକ ହୋଇଥାଏ ।

**d) ବିକ୍ରୟ କର୍ମକର୍ତ୍ତାଙ୍କ ରିପୋର୍ଟ**

ବିକ୍ରୟ କର୍ମକର୍ତ୍ତାଙ୍କକୁ ମଧ୍ୟ କମ୍ପାନୀ ପାଇଁ ଏକ ଆଧାର (ମୂଳଭୂତ) ସ୍ତରର ସଙ୍କଟାଙ୍କକ ରୂପେ ଦେଖାଯାଇ ପାରେ ଏବଂ ସେମାନଙ୍କ ରିପୋର୍ଟରେ ଦିଆଯାଇଥିବା ସୂଚନା ଏକ ମହତ୍ୱ ପୂର୍ଣ୍ଣ ବିଚାର ପ୍ରସ୍ତୁତ କରିପାରେ । ଅବଶ୍ୟ, ଯେହେତୁ ଅଧିକ ବ୍ୟବସାୟ ଜାତ କରିବାକୁ ବିକ୍ରୟ କର୍ମକର୍ତ୍ତା ପାଇଁ ପ୍ରୋତ୍ସାହନ ରହିଥାଏ, ହିତ ର ସଂଘର୍ଷ ଥାଏ ଯାହା ଉପରେ ନଜର ରଖିବାକୁ ପଡ଼ିଥାଏ ।

| ସ୍ୱୟଂ ପରୀକ୍ଷା କରନ୍ତୁ 2 |
|---|

ସଙ୍କଟାଙ୍କନରେ ପରମ ସଦ୍ଭାବର ସିଦ୍ଧାନ୍ତକୁ ____________ ଦ୍ୱାରା ପାଳନ କରିବାର ଆବଶ୍ୟକତା ରହିଥାଏ ।

I. **ବୀମାକର୍ତ୍ତା**

II. **ବୀମିତ**

III. **ଉଭୟ ବୀମାକର୍ତ୍ତା ଏବଂ ବୀମିତ**

IV. **ମେଡିକାଲ ପରୀକ୍ଷକ**

| **ସ୍ୱୟଂ ପରୀକ୍ଷା କରନ୍ତୁ 3** |
|---|

ବୀମାଯୋଗ୍ୟ ହିତ ___________ କୁ ସୂଚୀତ କରିଥାଏ ।

I. ବୀମିତ କରିବାକୁ ଥିବା ସମ୍ପତ୍ତିରେ ବ୍ୟକ୍ତିର ଆର୍ଥିକ ହିତ

II. ସମ୍ପତ୍ତି ଯାହାକୁ ପୂର୍ବରୁ ବୀମିତ କରାଯାଇଛି

III. ପ୍ରତ୍ୟେକ ବୀମାକର୍ତ୍ତାର ହାନିର ଭାଗ ଯେତେବେଳେ ଏକାଧିକ କମ୍ପାନୀ ସେହି ଏକା ହାନିକୁ ସୁରକ୍ଷା ଦେଇଥାନ୍ତି

IV. ହାନିର ପରିମାଣ ଯାହାକୁ ବୀମାକର୍ତ୍ତାଠାରୁ ପୁନଃ ଫେରସ୍ତ ପ୍ରାପ୍ତ କରାଯାଇପାରେ

## G. ସଙ୍କଟାଙ୍କନ ପ୍ରକ୍ରିୟା

ଥରେ ଯଦି ଆବଶ୍ୟକୀୟ ଦସ୍ତାବିଜ ପ୍ରାପ୍ତ ହୋଇଯାଏ, ସଙ୍କଟାଙ୍କନ ପଲିସୀର ସର୍ତ୍ତଗୁଡିକୁ ନିର୍ଣ୍ଣୟ କରେ । ସଙ୍କଟାଙ୍କନ ସ୍ୱାସ୍ଥ୍ୟ ବୀମା ବ୍ୟବସାୟ ପାଇଁ ଉପଯୋଗୀ ସାଧାରଣ ଫର୍ମଗୁଡିକ ନିମ୍ନ ଭଳି ଅଟନ୍ତି:

### 1. *ମେଡିକାଲ ସଙ୍କଟାଙ୍କନ*

ମେଡିକାଲ ସଙ୍କଟାଙ୍କନ ହେଉଛି ଏକ ପ୍ରକ୍ରିୟା ଯେଉଁଥିରେ ସ୍ୱାସ୍ଥ୍ୟ ବୀମା ପଲିସୀ ପାଇଁ ଆବେଦନ କରୁଥିବା ଏକ ବ୍ୟକ୍ତିର ସ୍ୱାସ୍ଥ୍ୟ ସ୍ଥିତିକୁ ନିର୍ଦ୍ଧାରିତ କରିବା ପାଇଁ ପ୍ରସ୍ତାବକ ଠାରୁ ମେଡିକାଲ ରିପୋର୍ଟଗୁଡିକୁ ମଗାଯାଇଥାଏ । ଏକତ୍ରିତ କରାଯାଇଥିବା ସ୍ୱାସ୍ଥ୍ୟ ସୂଚନାକୁ ତାପରେ, ବୀମା ସୁରକ୍ଷାକୁ ପ୍ରଦାନ କରାଯିବ କି ନାହିଁ, କେତେ ସୀମା ପର୍ଯ୍ୟନ୍ତ ଏବଂ କେଉଁ ସର୍ତ୍ତାବଳୀ ଓ ଅପବର୍ଜନ ଉପରେ ଦିଆଯିବ, ଏସବୁର ନିର୍ଦ୍ଧାରଣ କରିବା ପାଇଁ ବୀମାକର୍ତ୍ତାମାନଙ୍କ ଦ୍ୱାରା ମୂଲ୍ୟାଙ୍କିତ କରାଯାଇଥାଏ । ଏହି ପ୍ରକାରେ ମେଡିକାଲ ସଙ୍କଟାଙ୍କନ ଏକ ସଙ୍କଟର ସ୍ୱୀକୃତି କିମ୍ବା ଅଗ୍ରାହ୍ୟତା ଏବଂ ସୁରକ୍ଷାର ସର୍ତ୍ତାବଳୀ ମଧ୍ୟ ନିର୍ଦ୍ଧାରିତ କରିପାରେ ।

**ଉଦାହରଣ**

ଉଚ୍ଚ ରକ୍ତଚାପଅଧିକ ଓଜନ ,/ମୋଟାପଣ ଏବଂ ବର୍ଦ୍ଧିତ ଶର୍କରା ସ୍ତର ଭଳି ମେଡିକାଲ ସ୍ଥିତି ଗୁଡିକରେ ହୃଦୟକିଡ୍ନି ଓ , ସ୍ନାୟୁ ପ୍ରଣାଳୀର ରୋଗ କାରଣରୁ ଭବିଷ୍ୟତ ହସ୍ପିଟାଲାଇଜେଶନ୍ ର ଅଧିକ ସମ୍ଭାବନା ରହେ। ତେଣୁମେଡିକାଲ , ସଙ୍କଟାଙ୍କନ ପାଇଁ ସଙ୍କଟର ମୂଲ୍ୟାଙ୍କନ ସମୟରେ ଏହିସବୁ ସ୍ଥିତିକୁ ଧ୍ୟାନ ପୂର୍ବକ ବିଚାର କରିବା ଉଚିତ୍।

---

ମେଡିକାଲ ସଙ୍କଟାଙ୍କନ ମାର୍ଗଦର୍ଶିକା ପ୍ରସ୍ତାବକର ପରିବାର ଡାକ୍ତରଙ୍କ ଦ୍ୱାରା ତାର ସ୍ୱାସ୍ଥ୍ୟ ସ୍ଥିତିର ଏକ ହସ୍ତାକ୍ଷରିତ ଘୋଷଣାପତ୍ର ମଧ୍ୟ ଆବଶ୍ୟକ କରିପାରେ ।

ପ୍ରଥମ ଥର ପାଇଁ ନାମାଙ୍କିତ କରୁଥିବା 45-50 ବର୍ଷ ବୟସଠାରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ସ୍ୱାସ୍ଥ୍ୟ ସଙ୍କଟ ପ୍ରୋଫାଇଲର ମୂଲ୍ୟାଙ୍କନ କରିବାକୁ ଓ ସେମାନଙ୍କ ଚଳିତ ସ୍ୱାସ୍ଥ୍ୟ ସ୍ଥିତି ଉପରେ ସୂଚନା ପ୍ରାପ୍ତି କରିବାକୁ ବିନିର୍ଦ୍ଦିଷ୍ଟ ରୋଗନିଦାନ ସମ୍ବନ୍ଧୀୟ ଯାଞ୍ଚ ଦେଇ ଗତି କରିବା ଆବଶ୍ୟକ । ସେଭଳି ଯାଞ୍ଚ/ପରୀକ୍ଷା କୌଣସି ପୂର୍ବ-ବିଦ୍ୟମାନ ମେଡିକାଲ ସ୍ଥିତି ରୋଗର ଉପସ୍ଥିତିର ସଙ୍କେତ ମଧ୍ୟ ପ୍ରଦାନ କରିଥାଏ ।

## 2. *ଅଣ-ମେଡିକାଲ ସଙ୍କଟାଙ୍କନ*

ଅଧିକାଂଶ ପ୍ରସ୍ତାବକ ସମସ୍ତ ଯେଉଁମାନେ ସ୍ୱାସ୍ଥ୍ୟ ବୀମା ପାଇଁ ଆବେଦନ କରନ୍ତି, ମେଡିକାଲ ପରୀକ୍ଷା ଆବଶ୍ୟକ କରନ୍ତି ନାହିଁ ।

ଏପରିକି, ଯଦି ପ୍ରସ୍ତାବକ ସମସ୍ତ ଆବଶ୍ୟକୀୟ ତଥ୍ୟକୁ ସଂପୂର୍ଣ୍ଣ ରୂପେ ଓ ସତ୍ୟତାର ସହିତ ପ୍ରକଟ କରିଥାଏ ଏବଂ ସେସବୁକୁ ଅଭିକର୍ତ୍ତା ଦ୍ୱାରା ସାବଧାନତାର ସହିତ ଯାଞ୍ଚ କରାଯାଇଥାଏ, ତେବେ ମଧ୍ୟ ମେଡିକାଲ ପରୀକ୍ଷାର ଆବଶ୍ୟକତା ବହୁତ କମ୍ ହୋଇଥାନ୍ତା ।

**ଉଦାହରଣ:**

ଯଦି ଏକ ବ୍ୟକ୍ତିକୁ ମେଡିକାଲ ପରୀକ୍ଷା, ପ୍ରତୀକ୍ଷା ଅବଧି ଓ ପ୍ରୋସେସିଙ୍ଗ୍ ବିଳମ୍ବତାର ଦୀର୍ଘ ପ୍ରକ୍ରିୟା ଦେଇ ଗତି ନ କରି ଶୀଘ୍ର ସ୍ୱାସ୍ଥ୍ୟ ବୀମା ସୁରକ୍ଷା ନେବାକୁ ପଡ଼େ, ତେବେ ସେ ଏକ ଅଣ-ମେଡିକାଲ ସଙ୍କଟାଙ୍କନ ପଲିସୀ ପାଇଁ ଚୟନ କରିପାରେ । ଏକ ଅଣ-ମେଡିକାଲ ସଙ୍କଟାଙ୍କନ ପଲିସୀରେ, ମୁଖ୍ୟତଃ ଆୟୁ, ଲିଙ୍ଗ, ଧୂମ୍ରପାନ ବର୍ଗ, ଗଠନ ଇତ୍ୟାଦି ଆଧାରିତ କେତେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଆଧାରରେ ପ୍ରିମିୟମ ହାର ଏବଂ ବୀମାରାଶିକୁ ସାଧାରଣତଃ ନିର୍ଦ୍ଧାରିତ କରାଯାଇଥାଏ । ପ୍ରକ୍ରିୟାଟି ଶୀଘ୍ର ଗତିରେ ହୋଇଥାଏ କିନ୍ତୁ ପ୍ରିମିୟମ ଅପେକ୍ଷାକୃତ ଅଧିକ ହୋଇପାରେ ।

## 3. *ସଂଖ୍ୟାତ୍ମକ ମୂଲ୍ୟ ନିର୍ଦ୍ଧାରଣ ପଦ୍ଧତି*

ଏହା ସଙ୍କଟାଙ୍କନରେ ପ୍ରୟୋଗ କରାଯାଉଥିବା ଏକ ପ୍ରକ୍ରିୟା ଅଟେ, ଯେଉଁଠି ସଙ୍କଟର ପ୍ରତ୍ୟେକ ଘଟକ ଉପରେ ସଂଖ୍ୟାତ୍ମକ କିମ୍ବା ପ୍ରତିଶତ ମୂଲ୍ୟାଙ୍କନ କରାଯାଇଥାଏ ।

ଆୟୁ, ଲିଙ୍ଗ, ଜାତି, ବ୍ୟବସାୟ, ନିବାସ, ବାତାବରଣ, ଗଠନ, ଅଭ୍ୟାସ, ପରିବାର ଓ ବ୍ୟକ୍ତିଗତ ଇତିହାସ ଭଳି କାରକଗୁଡିକୁ ଯାଞ୍ଚ କରାଯାଏ ଏବଂ ପୂର୍ବ-ନିର୍ଦ୍ଧାରିତ ମାନଦଣ୍ଡ ଆଧାରରେ ସଂଖ୍ୟା ଆକାରରେ ମୂଲ୍ୟ ଦିଆଯାଏ ।

## 4. ସଙ୍କଟାଙ୍କନ ନିର୍ଣ୍ଣୟ

ସଙ୍କଟାଙ୍କନ ପ୍ରକ୍ରିୟା ସଂପୂର୍ଣ୍ଣ ହୋଇଥାଏ ଯେତେବେଳେ ପ୍ରାପ୍ତ ସୂଚନାକୁ ସାବଧାନତା ପୂର୍ବକ ମୂଲ୍ୟାଙ୍କିତ କରାଯାଏ ଏବଂ ଉପଯୁକ୍ତ ସଙ୍କଟ ବର୍ଗରେ ବର୍ଗୀକୃତ କରାଯାଏ । ଉପରୋକ୍ତ ସାଧନ ଓ ତାର ନିର୍ଣ୍ଣୟ ଆଧାରରେ, ସଙ୍କଟାଙ୍କକ ସଙ୍କଟକୁ ନିମ୍ନଲିଖିତ ବର୍ଗରେ ବିଭାଜିତ କରିଥାଏ:

a) ମାନକ ହାରରେ ସଙ୍କଟର ସ୍ୱୀକୃତି

b) ଏକ ଅତିରିକ୍ତ ପ୍ରିମିୟମ (ଲୋଡିଙ୍ଗ୍) ରେ ସଙ୍କଟର ସ୍ୱୀକୃତି, ଯଦିଓ ଏହା ସବୁ କମ୍ପାନୀରେ ପ୍ରଚଳିତ ହୋଇ ନ ପାରେ ।

c) ଏକ ବିନିୟମିତ ସମୟ /ଅବଧି ପାଇଁ ସୁରକ୍ଷାର ବିଳମ୍ବନ

d) ସୁରକ୍ଷାର ଅଗ୍ରାହ୍ୟତା

e) ବିପରୀତ ପ୍ରସ୍ତାବ (ସୁରକ୍ଷାର କିଛି ଅଂଶର ପ୍ରତିବନ୍ଧ କିମ୍ବା ଅଗ୍ରାହ୍ୟତା)

f) ଏକ ଉଚ୍ଚ କାଟଯୋଗ୍ୟ କିମ୍ବା ସହ-ଦେୟର ପ୍ରୟୋଗ

g) ପଲିସୀ ଅନ୍ତର୍ଗତ ସ୍ଥାୟୀ ଅପବର୍ଜନ (ଗୁଡିକ) ର ପ୍ରୟୋଗ

ଯଦି କୌଣସି ରୋଗକୁ ସ୍ଥାୟୀ ରୂପେ ଅପବର୍ଜିତ କରାଯାଏ, ଏହାକୁ ପଲିସୀ ପ୍ରମାଣ ପତ୍ରରେ ପୃଷ୍ଠାଙ୍କିତ କରାଯାଏ । ଏହା ମାନକ ପଲିସୀ ଅପବର୍ଜନ ବ୍ୟତୀତ ଏକ ଅତିରିକ୍ତ ଅପବର୍ଜନ ହୋଇଥାଏ ଏବଂ ଚୁକ୍ତିର ଅଂଶ ହେବ ।

## 5. ସାଧାରଣ କିମ୍ବା ମାନକ ଅପବର୍ଜନର ଉପଯୋଗ

c) ଏହାର ମଧ୍ୟ ପ୍ରାବଧାନ ଅଛି ଯେ ସଙ୍କଟକୁ କେବଳ ସେହି ତାରିଖ ଠାରୁ ଗ୍ରହଣ କରାଯାଇପାରେ ଯେଉଁ ତାରିଖରେ ପ୍ରିମିୟମକୁ ନଗଦରେ କିମ୍ବା ଚେକ୍ ଦ୍ୱାରା ପ୍ରଦାନ କରାଯାଇ ଥିବା ।

d) ଯେଉଁଠି ପ୍ରିମିୟମକୁ ପୋଷ୍ଟାଲ କିମ୍ବା ମନିଅର୍ଡର କିମ୍ବା ଚେକ୍ ଦ୍ୱାରା ଡାକ ମାଧ୍ୟମରେ ପଠାଯାଇ ଥାଏ, ସଙ୍କଟକୁ ସେହି ତାରିଖରେ ଗ୍ରହଣ କରାଯାଇଛି ବୋଲି ମାନିବାକୁ ପଡିବ ଯେଉଁ ତାରିଖ ମନିଅର୍ଡରକୁ ବୁକ୍ କରାଯାଇଥିଲା କିମ୍ବା ଚେକ୍ କୁ ପୋଷ୍ଟ କରାଯାଇଥିଲା, ଯାହା ପ୍ରଯୁଜ୍ୟ ।

e) ପ୍ରିମିୟମର କୌଣସି ଫେରସ୍ତ ଯାହା ବୀମିତ ପାଇଁ, ପଲିସୀର ରଦ୍ଦକରଣ କିମ୍ବା ଏହାର ନିୟମ ଓ ସର୍ତ୍ତାବଳୀରେ ପରିବର୍ତ୍ତନ କାରଣରୁ କିମ୍ବା ଅନ୍ୟ କୌଣସି କାରଣରୁ, ଦେୟ ହୋଇପାରେ, ଏହାକୁ ବୀମାକର୍ତ୍ତା ଦ୍ୱାରା ବୀମିତକୁ ସିଧାସଳଖ ଏକ କ୍ରସ୍ କରାଯାଇଥିବା କିମ୍ବା ଅର୍ଡର ଚେକ୍ ଦ୍ୱାରା କିମ୍ବା ପୋଷ୍ଟାଲ/ମନି ଅର୍ଡର ଦ୍ୱାରା କିମ୍ବା ଇଲେକ୍ଟ୍ରୋନିକ୍ ମାଧ୍ୟମରେ ପ୍ରଦାନ କରାଯିବ ଏବଂ ବୀମାକର୍ତ୍ତା ଦ୍ୱାରା ବୀମିତ ଠାରୁ ଏକ ଉପଯୁକ୍ତ ରସିଦ ପ୍ରାପ୍ତ କରାଯିବ, ଏବଂ ସେହି ରିଫଣ୍ଡକୁ କେବେ ବି ଅଭିକର୍ତ୍ତାର ଖାତାରେ ଜମା କରାଯିବ ନାହିଁ ।

## D. ବୀମା ସୁରକ୍ଷା ଟିପ୍ପଣୀ (cover note) /ବୀମାର ପ୍ରମାଣପତ୍ର/ ପଲିସୀ ଦସ୍ତାବିଜ

ସଙ୍କଟାଙ୍କନ ପୂରା ହୋଇଯିବା ପରେ ପଲିସୀ ଜାରୀ ହେବା ପୂର୍ବରୁ କିଛି ସମୟ ଲାଗି ପାରେ । ପଲିସୀର ପ୍ରସ୍ତୁତିକରଣ ଅପୂର୍ଣ୍ଣ ରହିଥିଲେ କିମ୍ବା ଯେତେବେଳେ ବୀମା ପାଇଁ କଥାବାର୍ତ୍ତା ପ୍ରଗତିରେ ଥାଏ ଏବଂ ଏକ ଅନନ୍ତିମ ଆଧାରରେ ବୀମା ସୁରକ୍ଷା ପ୍ରଦାନ କରିବା ଆବଶ୍ୟକ ହୋଇଥାଏ କିମ୍ବା ଯେତେବେଳେ ପ୍ରଯୁଜ୍ୟ ପ୍ରକୃତ ହାର ନିର୍ଦ୍ଧାରଣ କରିବା ପାଇଁ ପରିସରଗୁଡିକୁ ନିରୀକ୍ଷଣ କରାଯାଉଥାଏ, ପଲିସୀ ଅନ୍ତର୍ଗତ ସୁରକ୍ଷାକୁ ପୁଷ୍ଟି କରଣ କରିବା ପାଇଁ ଏକ ବୀମା ସୁରକ୍ଷା ଟିପ୍ପଣୀ (କଭର ନୋଟ୍) ଜାରୀ କରାଯାଇଥାଏ । ଏହା ସୁରକ୍ଷାର ବିବରଣ ଦେଇଥାଏ । ବେଳେବେଳେ, ବୀମାକର୍ତ୍ତାମାନେ ଏକ କଭର ନୋଟ୍ ପରିବର୍ତ୍ତେ ଅନନ୍ତିମ ବୀମାକୁ ପୁଷ୍ଟି କରୁଥିବା ଏକ ପତ୍ର ଜାରୀ କରିଥାନ୍ତି । (Held Covered Letter)

ଯଦିଓ କଭର ନୋଟ୍ କୁ ମୁଦ୍ରାଙ୍କିତ (ପଲିସୀ ଟିକେଟ୍ ଯୁକ୍ତ) କରାଯାଇ ନ ଥାଏ, କଭର ନୋଟ୍ ର ଶବ୍ଦାବଳୀ ଏହା ସ୍ପଷ୍ଟ କରିଥାଏ ଯେ ଏହା ସମ୍ବନ୍ଧିତ ବର୍ଗର ବୀମା ପାଇଁ ବୀମାକର୍ତ୍ତାର ପଲିସୀର ସାମାନ୍ୟ ନିୟମ ଓ ସର୍ତ୍ତାବଳୀ ଅଧୀନରେ ହୋଇଥାଏ । ଯଦି ସଙ୍କଟଟି କୌଣସି ୱାରେଣ୍ଟି ଦ୍ୱାରା ସଂଚାଳିତ ହୁଏ, ତେବେ କଭର ନୋଟ୍ ଉଲ୍ଲେଖ କରିପାରେ ଯେ ବୀମାଟି ସେଭଳି ୱାରେଣ୍ଟିର ଅନ୍ତର୍ଗତ ଅଟେ । କଭର ନୋଟ୍ କୁ ବିଶେଷ ଅନୁଚ୍ଛେଦର ଅନ୍ତର୍ଗତ ମଧ୍ୟ କରାଯାଇ ଥାଏ, ଯଦି ପ୍ରଯୁଜ୍ୟ ହୋଇଥାଏ, ଉ.ସ୍ୱ ସମ୍ମତ ବ୍ୟାଙ୍କ ଅନୁଚ୍ଛେଦ (Agreed Bank Clause), ଘୋଷଣାପତ୍ର ଅନୁଚ୍ଛେଦ (Declaration Clause) ଇତ୍ୟାଦି ।

ଏକ କଭର ନୋଟ୍ ନିମ୍ନ ଗୁଡିକୁ ସମ୍ମିଳିତ କରି ପାରେ :

a) ବୀମିତର ନାମ ଏବଂ ଠିକଣା

b) ବୀମା ରାଶି

c) ବୀମାର ଅବଧି

d) ସୁରକ୍ଷାପ୍ରାପ୍ତ ସଙ୍କଟ

e) ହାର ଏବଂ ପ୍ରିମିୟମ : ଯଦି ହାର ଜଣା ନାହିଁ, ଅନ୍ତରିମ ପ୍ରିମିୟମ

f) ସୁରକ୍ଷାପ୍ରାପ୍ତ ସଙ୍କଟର ବିବରଣ: ଉଦାହରଣ ସ୍ୱରୂପ ଏକ ଅଗ୍ନି କଭର ନୋଟ୍ କୋଠା ଘରର ଚିହ୍ନିତକରଣ ବିବରଣୀ, ଏହାର ନିର୍ମାଣ ସ୍ତର ଏବଂ ବ୍ୟବହାର ସୂଚୀତ କରିପାରେ ।

g) କଭର ନୋଟ୍ ର କ୍ରମିକ ସଂଖ୍ୟା

h) ଜାରୀ ତାରିଖ

i) କଭର ନୋଟ୍ ର ବୈଧତା ସାଧାରଣତଃ ପନ୍ଦର ଦିନର ଅବଧି ପାଇଁ ହୋଇଥାଏ ଏବଂ କ୍ୱଚିତ୍ 60 ଦିନ ପର୍ଯ୍ୟନ୍ତ କରାଯାଇଥାଏ ।

**କଭର ନୋଟ୍ ଗୁଡିକ ମୂଖ୍ୟତଃ ସାମୁଦ୍ରିକ ଏବଂ ମୋଟର ଶ୍ରେଣୀର ବ୍ୟବସାୟରେ ଉପଯୋଗ କରାଯାଇଥାଏ ।**

**1. ସାମୁଦ୍ରିକ ସୁରକ୍ଷା ଟିପ୍ପଣୀ**

ଏଗୁଡିକ ସାଧାରଣତଃ ଜାରୀ କରାଯାଏ ଯେତେବେଳେ ପଲିସୀ ପାଇଁ ଆବଶ୍ୟକୀୟ ବିବରଣୀ ଯେମିତି କି ଷ୍ଟିମରର ନାମ, ପ୍ୟାକେଜ ସଂଖ୍ୟା, କିମ୍ବା ସଠିକ୍ ମୂଲ୍ୟ ଇତ୍ୟାଦି ଜଣା ନ ଥାଏ । ଏପରିକି ରପ୍ତାନୀ କ୍ଷେତ୍ରରେ, ଏକ କଭର ନୋଟ୍ ଜାରୀ କରାଯାଇପାରେ ଉ.ସ୍ୱ. ନୌବହନ ପାଇଁ ଉଦ୍ଦିଷ୍ଟ କାର୍ଗୋର ଏକ ନିର୍ଦ୍ଦିଷ୍ଟ ପରିମାଣ ରପ୍ତାନୀକର୍ତ୍ତା ଦ୍ୱାରା ବନ୍ଦରକୁ ପଠାଯାଏ । ଏହା ହୋଇପାରେ ଯେ, ଆବଶ୍ୟକୀୟ ନୌ-ପରିବହନ ସ୍ଥାନ ସୁରକ୍ଷିତ ରଖିବାର ସମସ୍ୟାଯୋଗୁଁ, ଉଦ୍ଦିଷ୍ଟ ଜାହାଜ ଦ୍ୱାରା କାର୍ଗୋର ନୌବହନ ଜଣା ପଡିବ ନାହିଁ । ଏହି ପରିସ୍ଥିତିରେ, ଏକ କଭର ନୋଟ୍ ଆବଶ୍ୟକ ହୋଇପାରେ ଯାହା ପରେ ନିୟମିତ ପଲିସୀ ଜାରୀ ହୋଇଥାଏ ଯେତେବେଳେ ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହୁଏ ଏବଂ ବୀମା କମ୍ପାନୀକୁ ଜ୍ଞାତ କରାଯାଏ ।

ସାମୁଦ୍ରିକ ସୁରକ୍ଷା ଟିପ୍ପଣୀ ନିମ୍ନଲିଖିତ ଧାଡ଼ି ସହିତ ଉଲ୍ଲିଖିତ କରାଯାଇ ପାରେ:

**i.** ସାମୁଦ୍ରିକ ସୁରକ୍ଷା ଟିପ୍ପଣୀ ସଂଖ୍ୟା

**ii.** ଜାରୀ ତାରିଖ

**iii.** ବୀମିତର ନାମ

**iv.** ମିଆଦ ସୀମା ତାରିଖ

"ଅନୁରୋଧ କରାଯାଇଥିବା ରୂପେ, ଆପଣଙ୍କୁ ଏତଦ୍ଦ୍ୱାରା ଟ. ________________ ପର୍ଯ୍ୟନ୍ତ କମ୍ପାନୀର ପଲିସୀର ସାମାନ୍ୟ ସର୍ତ୍ତାବଳୀ ଅନ୍ତର୍ଗତ ବୀମା ସୁରକ୍ଷା ପ୍ରଦାନ କରାଯାଉଛି ।"

**a) ଅନୁଚ୍ଛେଦ:** ସଂସ୍ଥାନ ଅନୁଚ୍ଛେଦ ଅନୁସାରେ, କିନ୍ତୁ ରଦ୍ଦକରଣର 7 ଦିନର ସୂଚନା ଅନ୍ତର୍ଗତ, ଯୁଦ୍ଧ SRCC ସଙ୍କଟ ସମେତ ଇନଷ୍ଟିଚ୍ୟୁଟ (ସଂସ୍ଥାନ) କାର୍ଗୋ ଅନୁଚ୍ଛେଦ A, B କିମ୍ବା C ।

**b) ସର୍ତ୍ତାବଳୀ:** ପଲିସୀର ଜାରୀ ପାଇଁ ନୌବହନ ଦସ୍ତାବିଜ ଗୁଡିକର ପ୍ରାପ୍ତି ପରେ ପ୍ରଦାନ କରିବାକୁ ଥିବା ନୌପରିବହନର ବିବରଣୀ । ଷ୍ଟିମର ଥିବା ବୋର୍ଡ ଉପରେ ଘୋଷଣାପତ୍ର ଏବଂ/କିମ୍ବା ନୌପରିବହନ ପୂର୍ବରୁ ହାନି କିମ୍ବା କ୍ଷତିର ଘଟଣାରେ, ଏହା ଏତଦ୍ଦ୍ୱାରା ସମ୍ମତି ପ୍ରାପ୍ତ ହୋଇଛି ଯେ ମୂଲ୍ୟାଙ୍କନର ଆଧାର ହେବ ଜିନିଷପତ୍ରର ମୂଖ୍ୟ ମୂଲ୍ୟ ଏବଂ ପ୍ରକୃତରେ ଲାଗୁ ଖର୍ଚ୍ଚ କରାଯାଇଥିବା ଚାର୍ଜ ଯେଉଁଥିପାଇଁ ବୀମିତ ଦାୟୀ ରହେ ।

ଅନ୍ତର୍ଦେଶୀୟ ପାରବହନ ସମ୍ବନ୍ଧରେ ପଲିସୀର ଜାରୀ ପାଇଁ ଆବଶ୍ୟକୀୟ ସମସ୍ତ ପ୍ରାସଙ୍ଗିକ ତଥ୍ୟ ସାଧାରଣତଃ ଉପଲବ୍ଧ ହୋଇଥାଏ ଏବଂ ତେଣୁକରି ଏକ କଭର ନୋଟ୍ ର କ୍ୱଚିତ୍ ଆବଶ୍ୟକତା ପଡ଼ିଥାଏ । ଅବଶ୍ୟ, କେତେକ ଅବସର ଥାଇପାରେ ଯେତେବେଳେ କଭର ନୋଟ୍ ଗୁଡିକ ଜାରୀ କରାଯାଏ ଏବଂ ପରେ ପରେ କାର୍ଗୋ ପାରବହନ ଇତ୍ୟାଦି ର ସଂପୂର୍ଣ୍ଣ ବିବରଣ ଅନ୍ତର୍ଭୂକ୍ତ କରୁଥିବା ପଲିସୀ ଦ୍ୱାରା ପ୍ରତିସ୍ଥାପିତ କରାଯାଏ ।

**2. ମୋଟର ସୁରକ୍ଷା** /Certificate

ଏଗୁଡିକୁ ସମ୍ବନ୍ଧିତ କମ୍ପାନୀମାନଙ୍କ ଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଜାରୀ କରିବାକୁ ହୋଇଥାଏ । ଏକ ମୋଟର ସୁରକ୍ଷା ଟିପ୍ପଣୀର ଅନୁଚ୍ଛେଦକୁ ନିମ୍ନ ରୂପେ ପାଠ କରାଯାଇପାରେ:

"ଫର୍ମାରେ ବର୍ଣ୍ଣିତ ବୀମିତ, ନିମ୍ନରେ ସନ୍ଦର୍ଭିତ କରାଯାଇଥିବା, ତା ମଧ୍ୟରେ ବର୍ଣିତ ମୋଟର ବାହନ (ଗୁଡିକ) ସମ୍ବନ୍ଧୀୟ ବୀମା ପାଇଁ ପ୍ରସ୍ତାବିତ କରାଯାଇ ଏବଂ ପ୍ରିମିୟମ ରୂପେ ଟ.........ର ରାଶି ପ୍ରଦାନ କରାଯାଇ, ସେଥିରେ ପ୍ରଯୁଜ୍ୟ .......... ପଲିସୀର କମ୍ପାନୀଙ୍କ ସାମାନ୍ୟ ଫର୍ମର ନିୟମାବଳୀ ଅନ୍ତର୍ଗତ ଏତଦ୍ଦ୍ୱାରା ସଙ୍କଟକୁ ସୁରକ୍ଷା ପ୍ରଦାନ କରାଯାଉଛି (ନିମ୍ନରେ ଉଲ୍ଲିଖିତ କୌଣସି ବିଶିଷ୍ଟ ସର୍ତ୍ତାବଳୀ ଅନ୍ତର୍ଗତ) ଯଦି ସୁରକ୍ଷାଟି କମ୍ପାନୀ ଦ୍ୱାରା ଲିଖିତ ରୂପେ ନୋଟିସ ଦ୍ୱାରା ସମାପ୍ତି କରା ଯାଏ ଯେଉଁ କ୍ଷେତ୍ରରେ ବୀମା ତା' ଉପରେ ସମାପ୍ତ ହୋଇଯିବ ଏବଂ ପ୍ରିମିୟମର ସେଭଳି ବୀମା ପାଇଁ ପ୍ରିମିୟମର ଏକ ସମାନୁପାତିକ ଅଂଶକୁ ତା' ପାଇଁ ରଖାଯିବ ।"

ମୋଟର ସୁରକ୍ଷା ଟିପ୍ପଣୀ ସାଧାରଣତଃ ନିମ୍ନ ବିବରଣୀଗୁଡିକୁ ଅନ୍ତର୍ଭୁକ୍ତ କରେ:

a) ପଞ୍ଜୀକରଣ ଚିହ୍ନ ଏବଂ ସଂଖ୍ୟା, କିମ୍ବା ବୀମିତ ବାହନର ବିବରଣ/ଘନ କ୍ଷମତା/ବହନ କରିବା କ୍ଷମତା/ ନିର୍ମାଣ/ ନିର୍ମାଣର ବର୍ଷ, ଇଞ୍ଜିନ ନମ୍ବର, ଚ୍ୟାସିସ୍ ନମ୍ବର

b) ବୀମିତର ନାମ ଏବଂ ଠିକଣା

c) ଅଧିନିୟମର ଉଦ୍ଦେଶ୍ୟରେ ବୀମା ପ୍ରାରମ୍ଭର ପ୍ରଭାବଶାଳୀ ତାରିଖ ଓ ସମୟ । ସମୟ..........., ତାରିଖ.........

d) ବୀମାର ସମାପ୍ତିର ତାରିଖ

e) ଡ୍ରାଇଭ୍ କରିବାର ପାତ୍ର ହୋଇଥିବା ବ୍ୟକ୍ତିମାନେ କିମ୍ବା ବ୍ୟକ୍ତିମାନଙ୍କ ଶ୍ରେଣୀ

f) ଉପଯୋଗରେ ପରିସୀମନ

g) ଅତିରିକ୍ତ ସଙ୍କଟ, ଯଦି କିଛି ଥାଏ

ମୋଟର ସୁରକ୍ଷା ଟିପ୍ପଣୀ ଏକ ପ୍ରମାଣପତ୍ର ସମ୍ମିଳିତ କରେ ଯାହା ପ୍ରଭାବୀ କରି ଯେ ଏହାକୁ ମୋଟର ବାହନ ଅଧିନିୟମ, ୧୯୮୮ ର ଅଧ୍ୟାୟ X ଏବଂ XI ର ପ୍ରାବଧାନ ଅନୁଯାୟୀ ଜାରୀ କରାଯାଏ ।

**ମହତ୍ୱପୂର୍ଣ୍ଣ**

କଭର ନୋଟ୍ ର ବୈଧତାକୁ ଆହୁରି କିନ୍ତୁ କୌଣସି ପରିସ୍ଥିତିରେ ବି ,ଦିନର ଅବଧି ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ 15 ଏକ କଭର ନୋଟ୍ ର ବୈଧତାର ମୋଟ ସମୟାବଧିକୁ ଷାଠିଏ ଦିନରୁ ଅଧିକ ହେବ ନାହିଁ।

**ଧ୍ୟାନ ଦିଅନ୍ତୁ**: କଭର ନୋଟ୍ ର ଶବ୍ଦାବଳୀ ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ

ଅଧିକାଂଶ କମ୍ପାନୀ ଦ୍ୱାରା କଭର ନୋଟ୍ ର ଉପଯୋଗକୁ ହତୋତ୍ସାହିତ କରାଯାଉଛି । ବର୍ତ୍ତମାନ ସମୟରେ IT ପ୍ରୌଦ୍ୟୋଗିକୀ ପଲିସୀ ଦସ୍ତାବିଜକୁ ତୁରନ୍ତ ଜାରୀ କରିବାରେ ସହାୟକ ହୋଇଛି ।

### 3. ବୀମା ପ୍ରମାଣପତ୍ର - ମୋଟର ବୀମା

ବୀମାର ପ୍ରମାଣପତ୍ର ସେହି ସବୁ କ୍ଷେତ୍ରରେ ବୀମାର ବିଦ୍ୟମାନତାକୁ ସୂଚୀତ କରେ ଯେଉଁଠି ପ୍ରମାଣ ଆବଶ୍ୟକ ହୋଇପାରେ । ଉଦାହରଣ ସ୍ୱରୂପ, ମୋଟର ବୀମାରେ, ପଲିସୀ ଅତିରିକ୍ତ, ମୋଟର ବାହନ ଅଧିନିୟମ ଦ୍ୱାରା ଆବଶ୍ୟକ ହେଉଥିବା ରୂପେ ବୀମାର ଏକ ପ୍ରମାଣପତ୍ର ଜାରୀ କରାଯାଏ । ଏହି ପ୍ରମାଣପତ୍ର ପୋଲିସ ଏବଂ ପଞ୍ଜୀକରଣ ପ୍ରାଧିକରଣ

ନିକଟରେ ବୀମାର ପ୍ରମାଣ ପ୍ରଦାନ କରିଥାଏ । ବିଶେଷ ବିଶିଷ୍ଟତା ଦର୍ଶାଉଥିବା, ପ୍ରାଇଭେଟ୍ କାର ପାଇଁ ଏକ ନମୂନା ପ୍ରମାଣପତ୍ର ନିମ୍ନରେ ପ୍ରସ୍ତୁତ କରାଯାଇଛି ।

**ମୋଟର ବାହନ ଅଧିନିୟମ, 1988**

ବୀମା ପ୍ରମାଣପତ୍ର

ପ୍ରମାଣପତ୍ର ସଂ. ପଲିସୀ ସଂ

1. ପଞ୍ଜୀକରଣ ଚିହ୍ନ ଏବଂ ସଂଖ୍ୟା, ପଞ୍ଜୀକରଣ ସ୍ଥାନ, ଇଞ୍ଜିନ ସଂ/ଚ୍ୟାସିସ୍ ସଂ/ନିର୍ମାଣ/ ନିର୍ମାଣର ବର୍ଷ
2. କଳେବରର ପ୍ରକାର/C.C/ବସିବା କ୍ଷମତା/ନେଟ୍ ପ୍ରିମିୟମ/ପଞ୍ଜୀକରଣ ପ୍ରାଧିକରଣର ନାମ
3. ଭୌଗଳିକ କ୍ଷେତ୍ର - ଭାରତ
4. ବୀମିତ ଘୋଷିତ ମୂଲ୍ୟ (IDV)
5. ବୀମିତର ନାମ ଓ ଠିକଣା, ବ୍ୟବସାୟ କିମ୍ବା ପେଶା
6. ଅଧିନିୟମ ଉଦ୍ଦେଶ୍ୟରେ ବୀମା ପ୍ରାରମ୍ଭର ପ୍ରଭାବଶୀଳ ତାରିଖ ।................ ଦିନ ..............ଘଣ୍ଟା
7. ବୀମାର ସମାପ୍ତି ତାରିଖ:................ ର ମଧ୍ୟରାତ୍ରି
8. ଡ୍ରାଇଭ୍ କରିବାର ପାତ୍ର ହୋଇଥିବା ବ୍ୟକ୍ତିମାନେ କିମ୍ବା ବ୍ୟକ୍ତିମାନଙ୍କ ଶ୍ରେଣୀ ନିମ୍ନ ମଧ୍ୟରୁ କିଏ ବି:

ନିମ୍ନ ମଧ୍ୟରୁ କିଏ ବି:

(a) ବୀମିତ:

(b) କୌଣସି ଅନ୍ୟ ବ୍ୟକ୍ତି ଯିଏ ବୀମିତର ଆଦେଶରେ କିମ୍ବା ତା' ଅନୁମତିରେ ଗାଡ଼ି ଚଳାଉଛି

ଏହି ସର୍ତ୍ତରେ ଯେ ଡ୍ରାଇଭ୍ କରୁଥିବା ବ୍ୟକ୍ତି ଦୁର୍ଘଟଣା ସମୟରେ ଏକ ପ୍ରଭାବଶୀଳ ଡ୍ରାଇଭିଂ ଲାଇସେନ୍ସ ଧାରଣ କରିଥାଏ ଏବଂ ସେଭଳି ଏକ ଲାଇସେନ୍ସ ଧାରଣ କରିବା କିମ୍ବା ପ୍ରାପ୍ତି କରିବାଠାରୁ ସେ ଅଯୋଗ୍ୟତାପ୍ରାପ୍ତ ହୋଇ ନ ଥାଏ । ଆହୁରି ମଧ୍ୟ ଏହି ସର୍ତ୍ତରେ ଯେ ଏକ ପ୍ରଭାବଶୀଳ ଲାର୍ନର୍ସ ଲାଇସେନ୍ସ ଧାରଣ କରିଥିବା ବ୍ୟକ୍ତିଟି ମଧ୍ୟ ଗାଡ଼ି ଚଳାଇ ପାରେ ଏବଂ ସେଭଳି ବ୍ୟକ୍ତି କେନ୍ଦ୍ରୀୟ ମୋଟର ବାହନ ଅଧିନିୟମ 1989 ର ନିୟମ 3 ର ଆବଶ୍ୟକତାକୁ ପୂରଣ କରୁଥାଏ ।

**ଉପଯୋଗରେ ପରିସୀମନ**

ପଲିସୀଟି କୌଣସି ବି ଉଦ୍ଦେଶ୍ୟ ପାଇଁ ଉପଯୋଗକୁ ସୁରକ୍ଷା ପ୍ରଦାନ କରେ କେବଳ ନିମ୍ନଗୁଡିକ ବ୍ୟତୀତ :

(a) ଭଡ଼ା କିମ୍ବା ପାରିତୋଷିକ;

(b) ଜିନିଷପତ୍ରର ପରିବହନ ଗାଡ଼ି (ବ୍ୟକ୍ତିଗତ ଲଗେଜ ବ୍ୟତୀତ)

(c) ସଂଗଠିତ ଦୌଡ଼

(d) ଦୌଡ଼/ରେସିଙ୍ଗ୍ କରିବା,

(e) ବେଗ ପରୀକ୍ଷଣ

(f) ବିଶ୍ୱସନୀୟତା ପରୀକ୍ଷଣ

(g) ମୋଟର ବ୍ୟାପାର ସମ୍ବନ୍ଧୀୟ କୌଣସି କାର୍ଯ୍ୟକଳାପ

ମୁଁ/ଆମେ ଏତଦ୍ୱାରା ପ୍ରମାଣିତ କରେ/କରୁ ଯେ ପଲିସୀ ଯାହା ସହିତ ଏହି ପ୍ରମାଣପତ୍ର ତଥା ଏହି ବୀମା ପ୍ରମାଣପତ୍ର ସମ୍ବନ୍ଧିତ ଅଟେ, କୁ ମୋଟର ବାହନ ଅଧିନିୟମ, 1988 ର ଅଧ୍ୟାୟ X ଏବଂ ଅଧ୍ୟାୟ XI ର ପ୍ରାବଧାନ ଅନୁଯାୟୀ ଜାରୀ କରାଯାଉଛି ।

ପରୀକ୍ଷକ/ଯାଞ୍ଚକର୍ତ୍ତା .............

(ପ୍ରାଧିକୃତ ବୀମାକର୍ତ୍ତା)

ଉପଯୁକ୍ତ ପ୍ରାଧିକାରୀଙ୍କ ଯାଞ୍ଚ ପାଇଁ ମୋଟର ବୀମା ପ୍ରମାଣପତ୍ରକୁ ସବୁବେଳେ ଗାଡ଼ିରେ ରଖିବା ଆବଶ୍ୟକ ।

**4. ପଲିସୀ ଦସ୍ତାବିଜ**

ପଲିସୀ ହେଉଛି, ଏକ ଔପଚାରିକ ଦସ୍ତାବିଜ ଯାହା ବୀମା ଚୁକ୍ତିର ପ୍ରମାଣ ଦେଇଥାଏ ଏହି ଦସ୍ତାବିଜକୁ ଭାରତୀୟ ମୁଦ୍ରା ଆଇନ, 1899 ର ପ୍ରାବଧାନ ଅନୁଯାୟୀ ମୁଦ୍ରିତ (ଷ୍ଟାମ୍ପ) କରିବାକୁ ପଡ଼ିଥାଏ ।

ଏକ ସାଧାରଣ ବୀମା ପଲିସୀରେ ସାମାନ୍ୟତଃ ଅନ୍ତର୍ଭୁକ୍ତ ହୋଇଥାଏ:

a) ବୀମିତ ଏବଂ ବିଷୟବସ୍ତୁରେ ବୀମାଯୋଗ୍ୟ ହିତ ଥିବା କୌଣସି ଅନ୍ୟ ବ୍ୟକ୍ତିର ନାମ (ଗୁଡିକ) ଏବଂ ଠିକଣା (ଗୁଡିକ);

b) ସମ୍ପତ୍ତି କିମ୍ବା ବୀମିତ ହିତର ସଂପୂର୍ଣ୍ଣ ବିବରଣ;

c) ପଲିସୀ ଅନ୍ତର୍ଗତ ସମ୍ପତ୍ତି କିମ୍ବା ବୀମିତ ହିତର ସ୍ଥାନ/ଗୁଡିକ ଏବଂ ଯେଉଁଠି ଯଥାର୍ଥ, ସମ୍ବନ୍ଧିତ ବୀମିତ ମୂଲ୍ୟ;

d) ବୀମା ଅବଧି;

e) ବୀମା ରାଶି;

f) ସୁରକ୍ଷାପ୍ରାପ୍ତ ଆପଦ ଏବଂ ଅପବର୍ଜନ;

g) ପ୍ରଯୁଜ୍ୟ କୌଣସି ଅତିରିକ୍ତ (Excess)/କାଟଯୋଗ୍ୟ (Deductible);

h) ପ୍ରଦାନଯୋଗ୍ୟ ପ୍ରିମିୟମ ଏବଂ ଯେଉଁଠି ସମାୟୋଜନ ଅନ୍ତର୍ଗତ ପ୍ରିମିୟମଟି ଅନନ୍ତିମ ହୋଇଥାଏ, ପ୍ରିମିୟମର ସମାୟୋଜନର ଆଧାର;

i) ପଲିସୀ ନିୟମାବଳୀ, ସର୍ତ୍ତାବଳୀ ଏବଂ ୱାରେଣ୍ଟି;

j) ପଲିସୀ ଅନ୍ତର୍ଗତ ଏକ ଦାବୀ ଉତ୍ପନ୍ନ କରୁଥିବା ସମ୍ଭାବ୍ୟ ଆକସ୍ମିକତାର ଘଟଣାରେ ବୀମିତ ଦ୍ୱାରା ନେବାକୁ ଥିବା ପଦକ୍ଷେପ;

k) ଏକ ଦାବୀ ଉତ୍ପନ୍ନ କରୁଥିବା ଏକ ଘଟଣାର ଘଟିବାରେ ବୀମାର ବିଷୟବସ୍ତୁ ସମ୍ବନ୍ଧିତ ବୀମିତର ବୈଧିକ କର୍ତ୍ତବ୍ୟ ଏବଂ ସେହି ପରିସ୍ଥିତିରେ ବୀମାକର୍ତ୍ତାର ଅଧିକାର;

l) କୌଣସି ବିଶେଷ ସର୍ତ୍ତାବଳୀ;

m) ମିଥ୍ୟା ଉପସ୍ଥାପନା, କପଟ, ଆବଶ୍ୟକୀୟ ତଥ୍ୟଗୁଡିକର ଅଣ-ପ୍ରକଟୀକରଣ କିମ୍ବା ବୀମିତର ଅସହଯୋଗ ଆଧାରରେ ପଲିସୀର ରଦ୍ଦକରଣ ପାଇଁ ପ୍ରାବଧାନ;

n) ବୀମାକର୍ତ୍ତାର ଠିକଣା ଯେଉଁଠିକୁ ପଲିସୀ ସମ୍ବନ୍ଧୀୟ ସମସ୍ତ ସୂଚନା ପଠାଯିବ;

o) ଆଡ୍-ଅନ୍ ସୁରକ୍ଷାର ବିବରଣୀ ଏବଂ/କିମ୍ବା ପୃଷ୍ଠାଙ୍କନ ଯଦି କିଛି ଥାଏ;

p) ଅଭିଯୋଗ ନିବାରଣ ତନ୍ତ୍ରର ବିବରଣୀ ଏବଂ ଲୋକପାଳଙ୍କ ଠିକଣା;

**ସ୍ୱୟଂ ପରୀକ୍ଷା କରନ୍ତୁ 2**

ନିମ୍ନଲିଖିତ ଉକ୍ତି ମଧ୍ୟରୁ କଭର ନୋଟ୍ ଗୁଡିକ ସମ୍ବନ୍ଧରେ କେଉଁଟି ସତ୍ୟ ଅଟେ?

I. କଭର୍ ନୋଟ୍ ଗୁଡିକୁ ମୂଖ୍ୟତଃ ଜୀବନ ବୀମାରେ ଉପଯୋଗ କରାଯାଏ

II. କଭର୍ ନୋଟ୍ ଗୁଡିକୁ ମୂଖ୍ୟତଃ ସମସ୍ତ ଶ୍ରେଣୀର ସାଧାରଣ ବୀମାରେ ଉପଯୋଗ କରାଯାଏ

III. କଭର୍ ନୋଟ୍ ଗୁଡିକୁ ମୂଖ୍ୟତଃ ସ୍ୱାସ୍ଥ୍ୟ ବୀମାରେ ଉପଯୋଗ କରାଯାଏ

IV. କଭର୍ ନୋଟ୍ ଗୁଡିକୁ ମୂଖ୍ୟତଃ ସାମୁଦ୍ରିକ ଏବଂ ମୋଟର ଶ୍ରେଣୀର ସାଧାରଣ ବୀମାର ଉପଯୋଗ କରାଯାଏ

## E. ୱାରେଣ୍ଟି

ଏକ ୱାରେଣ୍ଟି ହେଉଛି ପଲିସୀରେ ସ୍ପଷ୍ଟ ରୂପେ ଉଲ୍ଲିଖିତ ଏକ ସର୍ତ୍ତ ଯାହାକୁ ଚୁକ୍ତିର ବୈଧତା ପାଇଁ ବସ୍ତୁତଃ ଅନୁପାଳନ କରିବାକୁ ପଡିଥାଏ । ୱାରେଣ୍ଟି ଏକ ଅଲଗା ଦସ୍ତାବିଜ ନୁହେଁ । ଏହା ଉଭୟ କଭର୍ ନୋଟ୍ ଓ ପଲିସୀ ଦସ୍ତାବିଜର ଅଂଶ ହୋଇଥାଏ । ଏହା ବୀମାର ପୂର୍ବବର୍ତ୍ତୀ ଏକ ସର୍ତ୍ତ ହୋଇଥାଏ । ଏହାକୁ ନିଶ୍ଚୟ କଡ଼ାକଡ଼ି ରୂପେ ଓ ବସ୍ତୁତଃ ପାଳନ ଓ ଅନୁପାଳନ କରିବା ଉଚିତ୍ । ଏହି ସତ୍ୟତା ନିର୍ବିଶେଷରେ ଯେ ଏହା ସଙ୍କଟ ପାଇଁ ଆବଶ୍ୟକୀୟ/ମହତ୍ୱପୂର୍ଣ୍ଣ ହୋଇଥାଉ ଅଥବା ହୋଇ ନ ଥାଉ । ଯଦି ଏକ ୱାରେଣ୍ଟିର ଉଲ୍ଲଘଂନ କରାଯାଏ, ବୀମାକର୍ତ୍ତାମାନଙ୍କ ଚୟନାଧିକାରରେ ପଲିସୀଟି ଅମାନ୍ୟ କରଣୀୟ ହୋଇଯାଏ ଯଦିଓ ଏହା ସ୍ପଷ୍ଟରୂପେ ସିଦ୍ଧ କରାଯାଏ ଯେ ଉଲ୍ଲଘଂନ ଏକ ନିର୍ଦ୍ଦିଷ୍ଟ ହାନିର କାରଣ ନୁହେଁ କିମ୍ବା ଏଥିରେ ତାହାର ଅବଦାନ ନାହିଁ । ଅବଶ୍ୟ, ପ୍ରଥା ଅନୁସାରେ, ଯଦି ୱାରେଣ୍ଟିର ଉଲ୍ଲଘଂନ ସ୍ପଷ୍ଟ ରୂପେ ପ୍ରାବଧିକ ସ୍ୱରୂପର ହୋଇଥାଏ ଏବଂ କୌଣସି ପ୍ରକାରେ ବି ହାନିରେ ତାହାର ଅବଦାନ ନାହିଁ କିମ୍ବା ଏହାର ଗମ୍ଭୀରତାକୁ ବଢାଇ ନାହିଁ, ବୀମାକର୍ତ୍ତାମାନେ ସେମାନଙ୍କ ବିବେକାଧିକାରରେ କମ୍ପାନୀ ପଲିସୀ ଅନୁସାରେ ମାନଦଣ୍ଡ ଓ ମାର୍ଗଦର୍ଶିକା ଅନୁସାରେ ଦାବୀଗୁଡିକର ପ୍ରୋସେସ୍ କରି ପାରନ୍ତି ।

**1. ଅଗ୍ନି ବୀମା ୱାରେଣ୍ଟି (କେତେକ ଉଦାହରଣ) ହେଉଛି ନିମ୍ନରେ ଦିଆଯାଇଥିବା ଭଳି**

ଗ୍ୟାରେଣ୍ଟି ଦିଆଯାଏ/ପ୍ରତିଜ୍ଞା କରାଯାଏ, ଯେ ପଲିସୀ ଚାଲୁ ରହିଥିବା ସମୟରେ ବୀମିତ ପରିସରରେ କୌଣସି ବିପତ୍ତି ପୂର୍ଣ୍ଣ ଜିନିଷକୁ ଗଚ୍ଛିତ କରି ରଖାଯିବ ନାହିଁ ।

**ଶାନ୍ତ ସଙ୍କଟ**: ଗ୍ୟାରେଣ୍ଟି ଦିଆଯାଏ ଯେ 30 ଦିନ କିମ୍ବା ଅଧିକର ଲଗାତାର ଅବଧି ପାଇଁ ବୀମିତ ପରିସରରେ କୌଣସି ନିର୍ମାଣକାର୍ଯ୍ୟ ସମ୍ପାଦିତ କରାଯାଉ ନାହିଁ ।

**ସିଗାରେଟ୍ ଫିଲଟର ନିର୍ମାଣ:** ଗ୍ୟାରେଣ୍ଟି ଦିଆଯାଏ ଯେ ପରିସରରେ 30°C ର ତଳକୁ ଫ୍ଲାଶ୍ ପଏଣ୍ଟ ଥିବା କୌଣସି ଦ୍ରାବକ ବ୍ୟବହାର/ଗଚ୍ଛିତ କରାଯାଉ ନାହିଁ

2. ସାମୁଦ୍ରିକ ବୀମାରେ, ଏକ ୱାରେଣ୍ଟିକୁ ନିମ୍ନ ରୂପେ ପରିଭାଷିତ କରାଯାଏ: "ଏକ ପ୍ରତିଜ୍ଞାତ୍ମକ ୱାରେଣ୍ଟି, ଅର୍ଥାତ୍ କହିବାକୁ ଗଲେ, ଏକ ୱାରେଣ୍ଟି ଯାହାଦ୍ୱାରା ବୀମିତ ବଚନ ଦିଏ ଯେ କୌଣସି ନିର୍ଦ୍ଦିଷ୍ଟ ଜିନିଷ କରାଯିବ କି କରାଯିବ ନାହିଁ, କିମ୍ବା ଯେ କିଛି ସର୍ତ୍ତ ପୂରଣ କରାଯିବ, କିମ୍ବା ଯାହାଦ୍ୱାରା ସେ ତଥ୍ୟଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ସ୍ଥିତିର ବିଦ୍ୟମାନତାକୁ ପୁଷ୍ଟି କରେ କିମ୍ବା ଅଗ୍ରାହ୍ୟ କରେ"

ସାମୁଦ୍ରିକ କାର୍ଗୋ ବୀମାରେ, ଏକ ୱାରେଣ୍ଟିକୁ ଲାଗୁ କରାଯାଏ, ଏହା ପ୍ରଭାବୀ କରିବାପାଇଁ ଯେଉଁ ଜିନିଷ (ଉ.ସ୍ୱ. ଚା) କୁ ଟିଣ ଧାରଥିବା ଡବାଗୁଡିକରେ ପ୍ୟାକ୍ କରାଯାଉଛି । ସାମୁଦ୍ରିକ ହଲ୍ ବୀମାରେ ଏକ ୱାରେଣ୍ଟି ପ୍ରବିଷ୍ଟ କରି ଯେ ବୀମିତ ଜାହାଜଟି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଜଳ ଯାତ୍ରା କରିବ ନାହିଁ, ଏହା ବୀମାକର୍ତ୍ତାଙ୍କୁ, ସେ ସୁରକ୍ଷା ପ୍ରଦାନ କରିବା ପାଇଁ ସମ୍ମତ ହୋଇଥିବା ସଙ୍କଟର ବିସ୍ତାର ସମ୍ବନ୍ଧରେ ଏକ ଧାରଣା ଦିଏ । ଯଦି ୱାରେଣ୍ଟିକୁ ଉଲ୍ଲଘଂନ କରାଯାଏ, ସମ୍ମତ ହୋଇଥିବା ସଙ୍କଟକୁ ଆରମ୍ଭରେ ପରିବର୍ତ୍ତିତ କରାଯାଇଥାଏ ଏବଂ ବୀମାକର୍ତ୍ତା ଉଲ୍ଲଘଂନର ତାରିଖଠାରୁ ଅଧିକ ଦାୟିତ୍ୱଠାରୁ ନିଜକୁ ମୁକ୍ତି କରିବାର ସ୍ୱୀକୃତି ଦେଇଥାଏ ।

3. ଚୋରୀ ବୀମାରେ, ଏହାର ୱାରେଣ୍ଟି ଦିଆଯାଏ ଯେ ସମ୍ପତ୍ତିକୁ ଚବିଶ ଘଣ୍ଟା ପାଇଁ ଏକ ୱାଚମେନ୍ ଦ୍ୱାରା ଜଗୁଆଳୀ କରାଯାଉଛି । ପଲିସୀର ଦର, ନିୟମାବଳୀ, ଓ ସର୍ତ୍ତାବଳୀ ସମାନ ରହିଥାଏ ଯଦି ପଲିସୀରେ ସଂଲଗ୍ନ କରାଯାଇଥିବା ୱାରେଣ୍ଟିର ଅନୁପାଳନ କରାଯାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 3**

ଏକ ୱାରେଣ୍ଟି ସମ୍ବନ୍ଧରେ ନିମ୍ନ ଉକ୍ତିଗୁଡିକ ମଧ୍ୟରୁ କେଉଁଟି ଠିକ୍ ଅଟେ?

I. ଏକ ୱାରେଣ୍ଟି ହେଉଛି ଏକ ସର୍ତ୍ତ ଯାହାକୁ କେବେ ବି ପଲିସୀରେ ଉଲ୍ଲେଖ କରାଯାଇ ନ ଥାଏ

II. ଏକ ୱାରେଣ୍ଟି ଏକ ପଲିସୀ ଦସ୍ତାବିଜର ଅଂଶ ହୋଇଥାଏ

III. ଏକ ୱାରେଣ୍ଟିକୁ ସର୍ବଦା ବୀମିତକୁ ଅଲଗା ହିସାବରେ ସୂଚୀତ କରାଯାଏ ଏବଂ ଏହା ପଲିସୀ ଦସ୍ତାବିଜର ଅଂଶ ହୋଇ ନ ପାରେ

IV. ଦାବୀଗୁଡିକ ପ୍ରଦାନଯୋଗ୍ୟ ହେବ ଯଦିଓ ଏକ ୱାରେଣ୍ଟିକୁ ଉଲ୍ଲଘଂନ କରାଯାଏ ।

## F. ପୃଷ୍ଠାଙ୍କନ

କେତେକ ଆପଦକୁ ସୁରକ୍ଷା ପ୍ରଦାନ କରି ଏବଂ ଅନ୍ୟ କେତେକକୁ ବହିର୍ଭୂତ କରି, ଏକ ମାନକ ଫର୍ମରେ ପଲିସୀଗୁଡିକୁ ଜାରୀ କରିବା ବୀମାକର୍ତ୍ତାମାନଙ୍କ ସାଧାରଣ ଚଳଣି ଅଟେ ।

### ପରିଭାଷା

ଯଦି ପଲିସୀର ଜାରୀ ସମୟରେକିମ୍ବା ପଲିସୀ ଅବଧି ମଧ୍ୟରେ ଏହାର କିଛି ନିର୍ଦ୍ଦିଷ୍ଟ ନିୟମାବଳୀ ଓ ସର୍ତ୍ତାବଳୀକୁ ପରିବର୍ତ୍ତିତ , ଦସ୍ତାବିଜ ଜରିଆରେ ସଂଶୋଧନ ଏହାକୁ ପୃଷ୍ଠାଙ୍କନ କୁହାଯାଉଥିବା ଏକ ,କରିବା ଆବଶ୍ୟକ ହୁଏ/ପରିବର୍ତ୍ତନଗୁଡିକୁ ସ୍ଥାପିତ କରାଯାଇଥାଏ ।

---

ଏହାକୁ ପଲିସୀରେ ସଂଲଗ୍ନ କରାଯାଇଥାଏ ଏବଂ ଏହା ପଲିସୀର ଏକ ଅଭିନ୍ନ ଅଂଶ ହୋଇଯାଏ । ପଲିସୀ ଓ ପୃଷ୍ଠାଙ୍କନ ଏକତ୍ରିତ ରୂପେ ଚୁକ୍ତିର ପ୍ରମାଣ ହୋଇଥାନ୍ତି । ପରିବର୍ତ୍ତନ/ସଂଶୋଧନଗୁଡିକୁ ରେକର୍ଡ କରିବା ପାଇଁ ପଲିସୀ ଚାଲୁ ଅବଧିରେ ମଧ୍ୟ ପୃଷ୍ଠାଙ୍କନଗୁଡିକୁ ଜାରୀ କରାଯାଇପାରେ ।

ଯେତେବେଳେ ବି ଆବଶ୍ୟକୀୟ ବସ୍ତୁସ୍ଥିତି ପରିବର୍ତ୍ତିତ ହୁଏ, ବୀମିତକୁ ବୀମା କମ୍ପାନୀକୁ ପରାମର୍ଶ ଦେବାକୁ ପଡେ ଯିଏ ଏହାକୁ ନୋଟ୍ କରେ ଏବଂ ପୃଷ୍ଠାଙ୍କନ ଜରିଆରେ ବୀମା ଚୁକ୍ତିର ଅଂଶ ରୂପେ ଏହାକୁ ସମ୍ମିଳିତ କରେ ।

ଏକ ପଲିସୀ ଅନ୍ତର୍ଗତ ସାଧାରଣତଃ ଆବଶ୍ୟକ ହେଉଥିବା ପୃଷ୍ଠାଙ୍କନଗୁଡିକ ଏପରି:

a) ବୀମା ରାଶିରେ ଅନ୍ତର/ପରିବର୍ତ୍ତନ

b) ବିକ୍ରୟ, ବନ୍ଧକ, ଇତ୍ୟାଦି ରୂପେ ବୀମାଯୋଗ୍ୟହିତର ପରିବର୍ତ୍ତନ

c) ଅତିରିକ୍ତ ଆପଦଗୁଡିକୁ ସୁରକ୍ଷା ଦେବାପାଇଁ ବୀମାର ବିସ୍ତାରଣ/ପଲିସୀ ଅବଧିର ବୃଦ୍ଧି

d) ସଙ୍କଟରେ ପରିବର୍ତ୍ତନ, ଉ.ସ୍ବ. ଅଗ୍ନି ବୀମାରେ ନିର୍ମାଣ, କିମ୍ବା ଘରର ବ୍ୟବହାରରେ ପରିବର୍ତ୍ତନ

e) ଅନ୍ୟ ଏକ ସ୍ଥାନକୁ ସମ୍ପତ୍ତିର ସ୍ଥାନାନ୍ତରଣ

f) ବୀମାର ରଦ୍ଦକରଣ

g) ନାମ କିମ୍ବା ଠିକଣାରେ ପରିବର୍ତ୍ତନ ଇତ୍ୟାଦି

### ନମୂନା

ଦୃଷ୍ଟାନ୍ତ ଉଦ୍ଦେଶ୍ୟରେ, କେତେକ ପୃଷ୍ଠାଙ୍କନର ନମୂନା ଶବ୍ଦାବଳୀ ନିମ୍ନରେ ପ୍ରସ୍ତୁତ କରାଯାଇଛି:

**ରଦ୍ଦକରଣ**

ବୀମିତର ଅନୁରୋଧରେ ବୀମାକୁ ଏହି ପଲିସୀଦ୍ୱାରା ଏତଦ୍ଦ୍ୱାରା .............. ଠାରୁ ରଦ୍ଦକରଣ କରାଯାଉଛି ବୋଲି ଘୋଷଣା କରାଯାଉଛି । ବୀମାଟି ............. ମାସରୁ ଊର୍ଦ୍ଧ୍ୱ ଅବଧି ପାଇଁ ପ୍ରଭାବୀ ରହିଥିବାରୁ, ବୀମିତ ପାଇଁ କୌଣସି ଫେରସ୍ତ ଦେୟ ରହେ ନାହିଁ ।

**ଷ୍ଟକ୍ ମୂଲ୍ୟ ସୁରକ୍ଷାରେ ବୃଦ୍ଧି:**

| |
|---|
| ବୀମିତକୁ ଏହା ପରାମର୍ଶ ଦେଇ ଯେ ଏହି ପଲିସୀ ଦ୍ୱାରା ସୁରକ୍ଷାପ୍ରାପ୍ତ ଷ୍ଟକକୁ ବୃଦ୍ଧି କରାଯାଇଛି ଏତଦ୍ଦ୍ୱାରା ଏଥିରେ ସମ୍ମତି ଦିଆଯାଉଛି ଯେ ବୀମାରାଶିକୁ ତଦନୁସାରେ ନିମ୍ନ ରୂପେ ଆଲୋଚିତ ଟ............. କୁ ପରିବର୍ତ୍ତିତ କରାଯାଉଛି:<br><br>ରେ (ବର୍ଣ୍ଣନା କରନ୍ତୁ) ଟ.<br>ରେ (ବର୍ଣ୍ଣନା କରନ୍ତୁ) ଟ.<br>ଯାହାର ବିଚାରରେ ଏତଦ୍ଦ୍ୱାରା ଏକ ଅତିରିକ୍ତ ପ୍ରିମିୟମ ଲାଗୁ କରାଯାଉଛି ।<br>ଆଗର ବାର୍ଷିକ ପ୍ରିମିୟମ ଟ. ...............<br><br>ମୋଟ ବୀମା ବର୍ତ୍ତମାନ ସ୍ଥିର ରହେ ଟ. ........... ରେ<br><br>ଅନ୍ୟଥା ଏହି ପଲିସୀର ନିୟମାବଳୀ, ପ୍ରାବଧାନ ଓ ସର୍ତ୍ତାବଳୀ ଅନ୍ତର୍ଗତ । |

| |
|---|
| **<u>ଏକ ସାମୁଦ୍ରିକ ପଲିସୀରେ ବାହ୍ୟ ଆପଦକୁ ଅନ୍ତର୍ଭୂକ୍ତ କରିବାକୁ ସୁରକ୍ଷାର ବିସ୍ତାରଣ</u>**<br>ବୀମିତର ଅନୁରୋଧରେ, ଉପରୋକ୍ତ ପଲିସୀ ଅନ୍ତର୍ଗତ ଭଙ୍ଗାଭଙ୍ଗୀର ସଙ୍କଟଗୁଡ଼ିକୁ ସମ୍ମିଳିତ କରିବାପାଇଁ ଏତଦ୍ଦ୍ୱାରା ସମ୍ମତି ଦିଆଯାଉଛି ।<br>ଏହାର ବିଚାରରେ, ବୀମିତ ଉପରେ ନିମ୍ନ ରୂପେ ଟ. ........... ଉପରେ ଏକ ଅତିରିକ୍ତ ପ୍ରିମିୟମ ଲାଗୁ କରାଯାଉଛି । |

**ସ୍ୱୟଂ ପରୀକ୍ଷା କରନ୍ତୁ 4**

ଯଦି ପଲିସୀର ଜାରୀ ସମୟରେ କିମ୍ବା ପଲିସୀର ଅବଧିରେ ଏହାର କିଛି ନିୟମାବଳୀ ଓ ସର୍ତ୍ତାବଳୀକୁ ପରିବର୍ତ୍ତିତ କରିବା ଆବଶ୍ୟକ ହୁଏ , ___________ ଜରିଆରେ ସଂଶୋଧନଗୁଡ଼ିକୁ ସ୍ଥାପିତ କରି ଏହାକୁ କରାଯାଇଥାଏ ।

I. ୱାରେଣ୍ଟି

II. ପୃଷ୍ଠାଙ୍କନ

III. ପରିବର୍ତ୍ତନ

IV. ପରିବର୍ତ୍ତନ ସମ୍ଭବ ନୁହେଁ

## G. ପଲିସୀଗୁଡ଼ିକର ବ୍ୟାଖ୍ୟା

ବୀମାର ଚୁକ୍ତିଗୁଡ଼ିକୁ ଲିଖିତ ରୂପେ ପ୍ରକାଶ କରାଯାଏ ଏବଂ ବୀମା ପଲିସୀ ଶବ୍ଦାବଳୀର ପ୍ରାରୂପ ବୀମାକର୍ତ୍ତାମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଏ । ଏହି ପଲିସୀଗୁଡ଼ିକୁ ନିର୍ମାଣ କିମ୍ବା ବ୍ୟାଖ୍ୟାର କେତେକ ସୁପରିଭାଷିତ ନିୟମାବଳୀ ଅନୁସାରେ ବ୍ୟାଖ୍ୟା କରିବାକୁ ପଡ଼ିଥାଏ ଯେଉଁସବୁକୁ ବିଭିନ୍ନ ଅଦାଲତ ଦ୍ୱାରା ସିଦ୍ଧ କରାଯାଇଛି । ନିର୍ମାଣର ସବୁଠୁ ମହତ୍ତ୍ୱପୂର୍ଣ୍ଣ ନିୟମ ହେଉଛି ଯେ ପକ୍ଷକାରଙ୍କର ଉଦ୍ଦେଶ୍ୟ ନିଶ୍ଚିତ ରୂପେ ପ୍ରଚଳିତ ହେବା ଉଚିତ୍ ଏବଂ ଏହି ଉଦ୍ଦେଶ୍ୟକୁ ସ୍ୱୟଂ ପଲିସୀରେ ହିଁ ଦେଖିବାକୁ

ପଡ଼ିଥାଏ । ଯଦି ପଲିସୀଟି  ଅସ୍ପଷ୍ଟ ରୂପେ ଜାରୀ କରାଯାଏ, ଏହାକୁ ଅଦାଲତ ଦ୍ୱାରା ବୀମିତ ସପକ୍ଷରେ ଏବଂ ବୀମାକର୍ତ୍ତା ବିପକ୍ଷରେ ବ୍ୟାଖ୍ୟା କରାଯିବ, ଏହି ସାଧାରଣ ସିଦ୍ଧାନ୍ତରେ ଯେ ପଲିସୀର ପ୍ରାରୂପ ବୀମାକର୍ତ୍ତା ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ।

**ପଲିସୀ ଶବ୍ଦାବଳୀକୁ ନିମ୍ନଲିଖିତ ନିୟମଗୁଡିକ ଅନୁସାରେ ବୁଝାଯାଏ ଏବଂ ବ୍ୟାଖ୍ୟା କରାଯାଏ:**

a) ଏକ ବ୍ୟକ୍ତ ସ୍ଥିତି ଏକ ଅନ୍ତର୍ନିହିତ ସ୍ଥିତି ଉପରେ ଅଧିକ ପ୍ରଭାବୀ ହୋଇଥାଏ କେବଳ ତାହା ବ୍ୟତୀତ ଯେଉଁଠି ସେଭଳି କିନ୍ତୁ ପରସ୍ପର ବିରୋଧୀ ଥିଲେ ଏ ନିୟମ ଲାଗୁ ହୁଏ ନାହିଁ ।

b) ମାନକ ମୁଦ୍ରିତ ପଲିସୀ ଫର୍ମ ଏବଂ ଟଙ୍କିତ କିମ୍ବା ହସ୍ତଲିଖିତ ଅଂଶ ମଧ୍ୟରେ ଶବ୍ଦଗୁଡିକର ଅନ୍ତର୍ବିରୋଧ ହେଲେ, ଟଙ୍କିତ କିମ୍ବା ହସ୍ତଲିଖିତ ଅଂଶକୁ ସେହି ନିର୍ଦ୍ଦିଷ୍ଟ ଚୁକ୍ତିରେ ପକ୍ଷଗୁଡିକର ଉଦ୍ଦେଶ୍ୟ ବ୍ୟକ୍ତ କରୁଛି ବୋଲି ମାନି ନିଆଯାଇଥାଏ, ଏବଂ ସେମାନଙ୍କ ଅର୍ଥ ମୁଦ୍ରିତ ଶବ୍ଦଗୁଡିକ ଉପରେ ଅଧିକ ପ୍ରଭାବୀ ହେବ ।

c) ଯଦି ଏକ ପୃଷ୍ଠାଙ୍କନ ଚୁକ୍ତିର ଅନ୍ୟାନ୍ୟ ଅଂଶର ବିରୋଧୀ ହୁଏ, ପୃଷ୍ଠାଙ୍କନର ଅର୍ଥ ବଜାୟ ରହିବ ଯେହେତୁ ଏହା ପରବର୍ତ୍ତି ଦସ୍ତାବିଜ ହୋଇଥାଏ ।

d) ଇଟାଲିକ୍ସରେ ଥିବା ଅନୁଚ୍ଛେଦଗୁଡିକ ସାଧାରଣ ମୁଦ୍ରିତ ଶବ୍ଦାବଳୀ ଯେଉଁଠି ସେଗୁଡିକ ବିସଙ୍ଗତ ହୋଇଥାନ୍ତି, ଉପରେ ଅଧିକ ପ୍ରଭାବୀ ହୋଇଥାଏ ।

e) ପଲିସୀର ମାର୍ଜିନରେ ମୁଦ୍ରିତ କିମ୍ବା ଟଙ୍କିତ ଅନୁଚ୍ଛେଦଗୁଡିକୁ ପଲିସୀର କଳେବର ମଧ୍ୟରେ ଥିବା ଶବ୍ଦାବଳୀ ଅପେକ୍ଷା ଅଧିକ ମହତ୍ତ୍ୱ ଦିଆଯାଏ ।

f) ପଲିସୀ ସହିତ ସଂଲଗ୍ନ କରାଯାଇଥିବା କିମ୍ବା ଲଟକା ଯାଇଥିବା ପୃଥକ ଅନୁଚ୍ଛେଦଗୁଡିକ ଉଭୟ ମାର୍ଜିନର ଅନୁଚ୍ଛେଦ ଓ ପଲିସୀର କଳେବରରେ ଥିବା ଅନୁଚ୍ଛେଦ ଉପରେ ଅଧିକ ପ୍ରଭାବୀ ହୋଇଥାନ୍ତି ।

g) ମୁଦ୍ରିତ ଶବ୍ଦାବଳୀ ଉପରେ ଟଙ୍କିତ ଶବ୍ଦାବଳୀ କିମ୍ବା ଏକ ସ୍ୟାହିଯୁକ୍ତ ରବର ମହର ଦ୍ୱାରା ଛପା ଯାଇଥିବା ଶବ୍ଦାବଳୀ ଅଧିକ ପ୍ରଭାବୀ ହୋଇଥାଏ ।

h) ହସ୍ତାକ୍ଷରକୁ ମୁଦ୍ରିତ କିମ୍ବା ଛପା ଯାଇଥିବା ଶବ୍ଦାବଳୀ ଠାରୁ ଅଧିକ ମହତ୍ତ୍ୱ ଦିଆଯାଏ ।

i) ଅନ୍ତିମରେ, ବ୍ୟାକରଣ ଏବଂ ବିରାମ ଚିହ୍ନର ସାଧାରଣ ନିୟମଗୁଡିକ ଲାଗୁ ହୋଇଥାଏ ଯଦି କୌଣସି ଗୁହ୍ୟତା ରହିଥାଏ କିମ୍ବା ସ୍ପଷ୍ଟତାର ଅଭାବ ରହିଥାଏ ।

**ମହତ୍ତ୍ୱପୂର୍ଣ୍ଣ**

**1. ପଲିସୀଗୁଡିକର ନିର୍ମାଣ/ପ୍ରସ୍ତୁତିକରଣ**

ଏକ ବୀମା ପଲିସୀ ଏକ ବ୍ୟାପାରିକ ଚୁକ୍ତିର ପ୍ରମାଣ ଅଟେ ଏବଂ ଅଦାଲତ ମାନଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ନିର୍ମାଣ ଓ ବ୍ୟାଖ୍ୟାର ସାଧାରଣ ନିୟମଗୁଡିକ ଅନ୍ୟାନ୍ୟ ଚୁକ୍ତିର ପ୍ରକରଣ ଭଳି ବୀମା ଚୁକ୍ତିରେ ମଧ୍ୟ ଲାଗୁ ହୋଇଥାଏ ।

ନିର୍ମାଣର ପ୍ରଧାନ ନିୟମ ହେଉଛି ଯେ ଚୁକ୍ତିର ପକ୍ଷକାରମାନଙ୍କର ମୂଳ ଉଦ୍ଦେଶ୍ୟ ନିଶ୍ଚିତ ରୂପେ ପ୍ରଭାବୀ ରହିବା ଉଚିତ୍, ଯେ ଉଦ୍ଦେଶ୍ୟକୁ ନିଶ୍ଚିତରୂପେ ସ୍ୱୟଂ ପଲିସୀ ଦସ୍ତାବିଜ ଏବଂ ପ୍ରସ୍ତାବ ଫର୍ମ, ଅନୁଚ୍ଛେଦ, ଏଥିରେ ସଂଲଗ୍ନ କରାଯାଇଥିବା ଓ ଚୁକ୍ତିର ଏକ ଅଂଶ ହୋଇଥିବା ପୃଷ୍ଠାଙ୍କନ, ୱାରେଣ୍ଟି ଇତ୍ୟାଦି ଠାରୁ ସମଗ୍ର ରୂପେ ପ୍ରକାଶ ପାଇବା ଉଚିତ୍ ।

**2. ଶବ୍ଦାବଳୀର ଅର୍ଥ**

ବ୍ୟବହୃତ ଶବ୍ଦଗୁଡିକର ଅର୍ଥ ସେମାନଙ୍କର ସାଧାରଣ ଓ ଲୋକପ୍ରିୟ ଅର୍ଥରେ ବୁଝାଯାଏ । ଶବ୍ଦଗୁଡିକ ପାଇଁ ବ୍ୟବହାର କରିବାକୁ ଥିବା ଅର୍ଥ ହେଉଛି ସେହି ଅର୍ଥ ଯାହାକୁ ସାଧାରଣ ଲୋକ ଅର୍ଥ କରିଥାଏ । ଏହି ପ୍ରକାରେ "ନିଆଁ"ର ଅର୍ଥ ହେଉଛି ଶିଖା କିମ୍ବା ପ୍ରକୃତରେ ଜଳିବା ।

ଅନ୍ୟ ପକ୍ଷରେ, ସେହି ଶବ୍ଦଗୁଡିକ ଯାହାର ଏକ ସାଧାରଣ ବ୍ୟବସାୟ କିମ୍ବା ବ୍ୟାପାର ଅର୍ଥ ଥାଏ, ସେଗୁଡିକୁ ସେହି ଅର୍ଥରେ ପ୍ରକାଶ କରାଯିବ ଯଦି ବାକ୍ୟର ପ୍ରସଙ୍ଗ ଅନ୍ୟ ରୂପେ ସୂଚୀତ କରି ନ ଥାଏ । ଯେଉଁଠି ଶବ୍ଦଗୁଡିକ ଆଇନ ଦ୍ଵାରା ପରିଭାଷିତ କରାଯାଇଥାଏ, ସେହି ପରିଭାଷାର ଅର୍ଥକୁ ବ୍ୟବହାର କରାଯିବ, ଯେପରିକି ଭାରତୀୟ ଦଣ୍ଡ ସଂହିତାରେ ଥିବା ଭଳି "ଚୋରୀ" ।

ବୀମା ପଲିସୀମାନଙ୍କରେ ବ୍ୟବହୃତ ଅନେକ ଶବ୍ଦଗୁଡିକୁ ପୂର୍ବବର୍ତ୍ତୀ ବୈଧାନିକ ନିର୍ଣ୍ଣୟର ବିଷୟ ହୋଇଛନ୍ତି ଏବଂ ଏକ ଉଚ୍ଚତର ନ୍ୟାୟାଳୟର ସେହି ନିର୍ଣ୍ଣୟଗୁଡିକ ଏକ ନିମ୍ନ ନ୍ୟାୟାଳୟର ନିର୍ଣ୍ଣୟ ଉପରେ ବଳବତ୍ତର ହେବ । ପ୍ରାବିଧିକ ପଦଗୁଡିକୁ ନିଶ୍ଚିତ ରୂପେ ସର୍ବଦା ସେମାନଙ୍କ ପ୍ରାବିଧିକ ଅର୍ଥ ଦେବା ଉଚିତ୍‌ଯଦି ତା ବିପ ,ରୀତର କୌଣସି ସଙ୍କେତ ନ ଥାଏ ।

---

## H. ନୂତନୀକରଣ ସୂଚନା

**ଅଧିକାଂଶ ଅଣ-ଜୀବନ ବୀମା ପଲିସୀଗୁଡିକ ବାର୍ଷିକ ଆଧାରରେ ବୀମିତ ହୋଇଥାନ୍ତି ।**

ଯଦିଓ ବୀମାକର୍ତ୍ତାମାନଙ୍କ ପକ୍ଷରେ ବୀମିତକୁ ଏହା ପରାମର୍ଶ ଦେବା ପାଇଁ କୌଣସି ବୈଧିକ କର୍ତ୍ତବ୍ୟ ନାହିଁ ଯେ ତା' ପଲିସୀ ଏକ ନିର୍ଦ୍ଦିଷ୍ଟ ତାରିଖରେ ସମାପ୍ତ ହେବାକୁ ଯାଉଛି, ତଥାପି ଏକ ସୌଜନ୍ୟର ଏବଂ ଉତ୍ତମ ବ୍ୟବସାୟ ପ୍ରଥା ରୂପେ, ବୀମାକର୍ତ୍ତାମାନେ ପଲିସୀର ନୂତନୀକରଣ ଆମନ୍ତ୍ରିତ କରି, ସମାପ୍ତି ତାରିଖର ପୂର୍ବରୁ ଏକ ନୂତନୀକରଣ ସୂଚନା ଜାରୀ କରିଥାନ୍ତି । ସୂଚନାଟି ବୀମାରାଶି, ବାର୍ଷିକ ପ୍ରିମିୟମ, ଇତ୍ୟାଦି ଭଳି ସମସ୍ତ ଆବଶ୍ୟକୀୟ ବିବରଣୀକୁ ସମ୍ମିଳିତ କରିଥାଏ ଏହା ବୀମିତକୁ ପରାମର୍ଶ ଦେଉଥିବା ଏକ ଟିପ୍ପଣୀକୁ ଅନ୍ତର୍ଭୁକ୍ତ କରିବାର ପ୍ରଥା ମଧ୍ୟ ରହିଥାଏ ଯେ ସେ ସଙ୍କଟରେ ଥିବା କୌଣସି ଆବଶ୍ୟକୀୟ ପରିବର୍ତ୍ତନକୁ ସୂଚୀତ କରିବା ଉଚିତ୍ ।

**ମୋଟର ନୂତନୀକରଣ ସୂଚନାରେ, ଉଦାହରଣ ସ୍ଵରୂପ, ଚଳିତ ଆବଶ୍ୟକତାଗୁଡିକର ଦୃଷ୍ଟିରେ ବୀମାରାଶି (ଅର୍ଥାତ୍ ବାହନ ଉପରେ ବୀମିତର ଘୋଷିତ ମୂଲ୍ୟ) କୁ ସଂଶୋଧିତ କରିବା ପାଇଁ ବୀମିତର ଧ୍ୟାନ ଆକର୍ଷଣ କରିବାକୁ ପଡ଼ିଥାଏ ।**

କୌଣସି ସଙ୍କଟକୁ ଧାରଣ କରାଯାଇ ପାରିବ ନାହିଁ ଯଦି ଅଗ୍ରୀମରେ ପ୍ରିମିୟମ ପ୍ରଦାନ କରା ନ ଯାଏ, ଏହି ସମ୍ବିଧାନିକ ପ୍ରାବଧାନ ଉପରେ ମଧ୍ୟ ବୀମିତର ଧ୍ୟାନ ଆକର୍ଷଣ କରିବାକୁ ପଡ଼ିଥାଏ ।

### ସ୍ଵୟଂ ପରୀକ୍ଷା କରନ୍ତୁ 5

ନୂତନୀକରଣ ସୂଚନା ସମ୍ବନ୍ଧେରେ ନିମ୍ନଲିଖିତ ଉକ୍ତି ଗୁଡିକ ମଧ୍ୟରୁ କେଉଁଟି ସଠିକ୍ ଅଟେ?

I. ବିନିୟମନ ଅନୁସାରେ ପଲିସୀ ସମାପ୍ତିର 30 ଦିନ ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ସୂଚନା ପଠାଇବା ବୀମିତମାନଙ୍କ ଏକ ବୈଧିକ କର୍ତ୍ତବ୍ୟ ରହିଥାଏ

II. ବିନିୟମନ ଅନୁସାରେ ପଲିସୀ ସମାପ୍ତିର 15 ଦିନ ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ସୂଚନା ପଠାଇବା ବୀମିତମାନଙ୍କ ଏକ ବୈଧିକ କର୍ତ୍ତବ୍ୟ ରହିଥାଏ

III. ବିନିୟମନ ଅନୁସାରେ ପଲିସୀ ସମାପ୍ତିର 7 ଦିନ ପୂର୍ବରୁ, ବୀମିତକୁ ଏକ ନୂତନୀକରଣ ସୂଚନା ପଠାଇବା ବୀମିତମାନଙ୍କ ଏକ ବୈଧିକ କର୍ତ୍ତବ୍ୟ ରହିଥାଏ

IV. ବିନିୟମନ ଅନୁସାରେ ପଲିସୀ ସମାପ୍ତି ପୂର୍ବରୁ ବୀମିତକୁ ଏକ ନୂତନୀକରଣ ସୂଚନା ପଠାଇବା ପାଇଁ ବୀମାକର୍ତ୍ତାମାନଙ୍କ କୌଣସି ବୈଧିକ କର୍ତ୍ତବ୍ୟ ରହେ ନାହିଁ

---

**ସାରାଂଶ**

a) ଦଲିଲୀକରଣର ପ୍ରଥମ ଚରଣ ବସ୍ତୁତଃ ପ୍ରସ୍ତାବ ଫର୍ମ ହୋଇଥାଏ ଯାହା ମାଧ୍ୟମରେ ବୀମିତ ନିଜ ବିଷୟରେ ସୂଚନା ଦେଇଥାଏ ।

b) ଆବଶ୍ୟକୀୟ ସୂଚନାର ପ୍ରକଟୀକରଣର କର୍ତ୍ତବ୍ୟ ପଲିସୀ ପ୍ରାରମ୍ଭର ପୂର୍ବରୁ ଉତ୍ପନ୍ନ ହୁଏ, ଏବଂ ଚୁକ୍ତିର ସମାପ୍ତି ପରେ ବି ଚାଲୁ ରହିଥାଏ

c) ବୀମା କମ୍ପାନୀମାନେ ସାଧାରଣତଃ ବୀମାକର୍ତ୍ତା ଦ୍ୱାରା ହସ୍ତାକ୍ଷରିତ ହେବାକୁ ଥିବା ପ୍ରସ୍ତାବ ଫର୍ମର ଶେଷରେ ଏକ ଘୋଷଣାପତ୍ର ଯୋଡ଼ିଥାନ୍ତି

d) ଏକ ପ୍ରସ୍ତାବ ଫର୍ମର ମୂଳ ତତ୍ତ୍ୱ ଗୁଡିକରେ ଅନ୍ତର୍ଭୁକ୍ତ ହୁଅନ୍ତି:

i. ପ୍ରସ୍ତାବକର ପୂରା ନାମ

ii. ପ୍ରସ୍ତାବକର ଠିକଣା ଏବଂ ସଂପର୍କ ବିବରଣୀ

iii. ପ୍ରସ୍ତାବକର ବୃତ୍ତି, ରୋଜଗାର କିମ୍ବା ବ୍ୟବସାୟ

iv. ବୀମାର ବିଷୟବସ୍ତୁର ବିବରଣୀ ଏବଂ ପରିଚୟ

v. ବୀମା ରାଶି

vi. ପୂର୍ବର ଏବଂ ବର୍ତ୍ତମାନର ବୀମା

vii. ହାନି ଅନୁଭୂତି

viii. ବୀମିତ ଦ୍ୱାରା ଘୋଷଣାପତ୍ର

e) ଏକ ଅଭିକର୍ତ୍ତା, ଯିଏ ମଧ୍ୟସ୍ଥ ରୂପେ କାର୍ଯ୍ୟ କରେ, ତା' ପାଖରେ ବୀମିତ ଦ୍ୱାରା ବୀମାକର୍ତ୍ତାକୁ ସଙ୍କଟ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକୀୟ ସୂଚନା ପ୍ରଦାନ କରାଯାଉଛି, ଏହା ସୁନିଶ୍ଚିତ କରିବାର ଦାୟିତ୍ୱ ରହିଥାଏ ।

f) ପ୍ରସ୍ତାବକୁ ଯାଞ୍ଚ କରିବାର ଏବଂ ତାର ସ୍ୱୀକୃତି ସମ୍ବନ୍ଧରେ ନିର୍ଣ୍ଣୟ କରିବାର ପ୍ରକ୍ରିୟାକୁ ସଙ୍କଟାଙ୍କନ କୁହାଯାଏ ।

g) ପ୍ରିମିୟମ ହେଉଛି ଏକ ବୀମା ଚୁକ୍ତି ଅନ୍ତର୍ଗତ, ବୀମାର ବିଷୟବସ୍ତୁକୁ ବୀମିତ କରିବାପାଇଁ ବୀମିତ ଦ୍ୱାରା ବୀମାକର୍ତ୍ତାକୁ ପ୍ରଦାନ କରାଯାଉଥିବା ପ୍ରତିଫଳ କିମ୍ବା ରାଶି ପରିମାଣ ।

h) ପ୍ରିମିୟମର ପ୍ରଦାନକୁ ନଗଦ, କୌଣସି ମାନ୍ୟତା ପ୍ରାପ୍ତ ବ୍ୟାଙ୍କିଂ କାରବାରଯୋଗ୍ୟ ସାଧନ, ପୋଷ୍ଟାଲ ମନିଅର୍ଡର, କ୍ରେଡିଟ୍ କିମ୍ବା ଡେବିଟ୍ କାର୍ଡ, ଇଣ୍ଟରନେଟ୍, ଇ-ଟ୍ରାନ୍ସଫର, ପ୍ରତ୍ୟକ୍ଷ ଜମା କିମ୍ବା ସମୟ ସମୟରେ ଆଇ.ଆର.ଡି.ଏ.ଆଇ ଦ୍ୱାରା ସ୍ୱୀକୃତ କୌଣସି ମାନ୍ୟ ପଦ୍ଧତି ଜରିଆରେ କରାଯାଇପାରେ ।

i) ଏକ କଭର ନୋଟ୍ ଯେତେବେଳେ ପଲିସୀର ପ୍ରସ୍ତୁତିକରଣ ଅପୂର୍ଣ୍ଣ ରହିଥାଏ କିମ୍ବା ବୀମା ପାଇଁ କଥାବାର୍ତ୍ତା ପ୍ରଗତୀରେ ଥାଏ ଏବଂ ଅନନ୍ତିମ ଆଧାରରେ ବୀମା ସୁରକ୍ଷା ପ୍ରଦାନ କରିବା ଆବଶ୍ୟକ ହୋଇଥାଏ ।

j) ସୁରକ୍ଷା ଟିପ୍ପଣୀ (କଭର୍ ନୋଟ୍) ଗୁଡିକୁ ମୂଖ୍ୟତଃ ସାମୁଦ୍ରିକ ଏବଂ ମୋଟର ଶ୍ରେଣୀର ବ୍ୟବସାୟରେ ବ୍ୟବହାର କରାଯାଇଥାଏ ।

k) ଏକ ବୀମା ପ୍ରମାଣପତ୍ର ସେହି ସବୁ କ୍ଷେତ୍ରରେ ବୀମାର ବିଦ୍ୟମାନତା ପ୍ରଦାନ କରିଥାଏ ଯେଉଁଠି ପ୍ରମାଣ ଆବଶ୍ୟକ ହୋଇପାରେ

l) ପଲିସୀ ହେଉଛି ଏକ ଔପଚାରିକ ଦସ୍ତାବିଜ ଯାହା ବୀମା ଚୁକ୍ତିର ଏକ ପ୍ରମାଣ ।

m) ଏକ ୱାରେଣ୍ଟି ହେଉଛି ପଲିସୀରେ ବ୍ୟକ୍ତ ରୂପେ ଉଲ୍ଲିଖିତ ଏକ ସର୍ତ୍ତ ଯାହା ଚୁକ୍ତିର ବୈଧତା ପାଇଁ ବସ୍ତୁତଃ ଅନୁପାଳନୀୟ ।

n) ଯଦି ପଲିସୀର ଜାରୀ ସମୟରେ କିମ୍ବା ପଲିସୀ ଅବଧି ମଧ୍ୟରେ ଏହାର କିଛି ନିୟମାବଳୀ ଓ ସର୍ତ୍ତାବଳୀକୁ ପରିବର୍ତ୍ତିତ କରିବା ଆବଶ୍ୟକ ହୋଇଥାଏ, ପୃଷ୍ଠାଙ୍କନ କୁହାଯାଉଥିବା ଏକ ଦସ୍ତାବିଜ ମାଧ୍ୟମରେ ସଂଶୋଧନ/ପରିବର୍ତ୍ତନଗୁଡିକୁ ସ୍ଥାପିତ କରି ଏହା କରାଯାଇଥାଏ ।

o) ନିର୍ମାଣର ସବୁଠୁ ମହତ୍ୱପୂର୍ଣ୍ଣ ନିୟମ ହେଉଛି ଯେ ପକ୍ଷମାନଙ୍କର ମୂଳ ଉଦ୍ଦେଶ୍ୟ ନିଶ୍ଚିତ ରୂପେ ପ୍ରଭାବୀ ହେବା ଉଚିତ୍ ଏବଂ ଏହି ଉଦ୍ଦେଶ୍ୟକୁ ସ୍ୱୟଂ ପଲିସୀ ପ୍ରକାଶ କରେ ।

**ମୂଖ୍ୟ ପଦାବଳୀ**

a) **ପଲିସୀ ଫର୍ମ**

b) **ପ୍ରିମିୟମର ଅଗ୍ରୀମ ପ୍ରଦାନ/ଦେୟ**

c) **କଭର ନୋଟ୍/ସୁରକ୍ଷା ଟିପ୍ପଣୀ**

d) **ବୀମା ର ପ୍ରମାଣପତ୍ର**

e) **ନୂତନୀକରଣ ସୂଚନା**

f) **ୱାରେଣ୍ଟି**

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

**ଉତ୍ତର 1** - **ସଠିକ୍ ବିକଳ୍ପ ହେଉଛି** II

**ଉତ୍ତର 2** - **ସଠିକ୍ ବିକଳ୍ପ ହେଉଛି** IV

ଉତ୍ତର 3 - ସଠିକ୍ ବିକଳ୍ପ ହେଉଛି ।।

ଉତ୍ତର 4 - ସଠିକ୍ ବିକଳ୍ପ ହେଉଛି ।।

ଉତ୍ତର 5 - ସଠିକ୍ ବିକଳ୍ପ ହେଉଛି ।।

# ଅଧ୍ୟାୟ G-02

## ଅଣ୍ଡରଟେକିଂ ଏବଂ ରେଟ୍ ମେକିଂ

**ଅଧ୍ୟାୟ ପରିଚୟ**

ଆମେମାନେ ସାଧାରଣ ବୀମା ସମ୍ବନ୍ଧୀୟ ଅନେକ ଅବଧାରଣା ଓ ସିଦ୍ଧାନ୍ତ ବିଷୟରେ ଜାଣିଛୁ । ସଙ୍କଟାଙ୍କନ ହେଉଛି ଏକ ପ୍ରକ୍ରିୟା ଯାହାଦ୍ୱାରା ବୀମାକର୍ତ୍ତା ନିର୍ଣ୍ଣୟ ନିଏ ଯେ ସଙ୍କଟକୁ ଗ୍ରହଣ କରାଯିବ କି ନାହିଁ । ସେମାନେ ବୁଝନ୍ତି ଯେ ସଙ୍କଟଟି କେତେ ସଙ୍କଟମୟ ଅଟେ । ଆହୁରି, ପ୍ରିମିୟମ ରୂପେ କେତେ ରାଶି ସଂଗ୍ରହ କରିବା ଉଚିତ୍, ଏଇଥି ପାଇଁ, ସଙ୍କଟାଙ୍କକମାନେ ସଙ୍କଟର ବିଶ୍ଳେଷଣ କରନ୍ତି । ଆହୁରି, ବେଳେ ବେଳେ ସଙ୍କଟକୁ ଉନ୍ନତ କରିବା ପାଇଁ ସର୍ତ୍ତାବଳୀ ସହିତ କେବଳ ସଙ୍କଟଗୁଡିକୁ ଗ୍ରହଣ କରାଯାଇପାରେ । ଏହିସବୁ ଦୃଷ୍ଟିକୋଣ ବିଷୟରେ ଏହି ଅଧ୍ୟାୟରେ ଆଲୋଚନା କରାଯାଇଛି ।

**ଅଧ୍ୟୟନ ପରିଣାମ**

A. ଭୌତିକ ବିପତ୍ତି

B. ଭୌତିକ ବିପତ୍ତି – ସଙ୍କଟ ପ୍ରବନ୍ଧନର ମହତ୍ୱଅନୁଚ୍ଛେଦ ଏବଂ ମୂଲ୍ୟ ନିର୍ଦ୍ଧାରଣ ,

C. ଅତିରିକ୍ତ /କାଟଯୋଗ୍ୟ ଉପରେ ନିର୍ଣ୍ଣୟ ନେବା ଏବଂ ବୀମାସୁରକ୍ଷାକୁ ସୀମିତ /ପ୍ରତିବନ୍ଧିତ କରିବା

D. ନୈତିକ ବିପତ୍ତି /ଅନୈତିକ ଦୁର୍ଗୁଣ ବିପତ୍ତି

E. ବୀମାରାଶିର ନିର୍ଦ୍ଧାରଣ କରିବା /ବୀମାରାଶିର ଆଧାର ଗଣନା

**ଏହି ଅଧ୍ୟାୟର ଅଧ୍ୟୟନ ପରେ, ଆପଣ ସକ୍ଷମ ହେବେ:**

1. **ଭୌତିକ ବିପତ୍ତିକୁ ବୁଝିବା ପାଇଁ**
2. **ସଙ୍କଟାଙ୍କନର ମୂଲ୍ୟାଙ୍କନ କରିବା ପାଇଁ**
3. **ସଙ୍କଟକୁ ହ୍ରାସ କରିବାକୁ ସଙ୍କଟାଙ୍କକମାନଙ୍କ ଦ୍ୱାରା ଉପଯୋଗ କରାଯାଉଥିବା ପଦ୍ଧତି**
4. **ବୀମାରାଶିକୁ କେମିତି ନର୍ଦ୍ଧାରିତ କରାଯାଏ, ତାହାକୁ ବୁଝିବା ପାଇଁ ।**

## A. ଭୌତିକ ବିପତ୍ତି

ବିଭିନ୍ନ ବିପତ୍ତି ଯାହାର ସମ୍ମୁଖୀନ ସମ୍ପତ୍ତି ଓ ବ୍ୟକ୍ତିମାନେ ହୋଇଥାନ୍ତି, ତାହାର ବିସ୍ତୃତ ଜ୍ଞାନ ସଙ୍କଟାଙ୍କନ ପାଇଁ ଅତ୍ୟନ୍ତ ଆବଶ୍ୟକ ।

ଭୌତିକ ବିପତ୍ତିକୁ ଏକ ପ୍ରସ୍ତାବ ଫର୍ମରେ ଦିଆଯାଇଥିବା ସୂଚନାଠାରୁ କଳନା କରାଯାଇ ପାରେ । ଏହାକୁ ସଙ୍କଟର ଏକ ସର୍ବେକ୍ଷଣ କିମ୍ବା ନିରୀକ୍ଷଣ ଦ୍ୱାରା ଅଧିକ ଉତ୍ତମ ରୂପେ ସୁନିଶ୍ଚିତ କରାଯାଇପାରେ । ନିମ୍ନଗୁଡିକ ବିଭିନ୍ନ ଶ୍ରେଣୀର ବୀମାରେ ଭୌତିକ ବିପତ୍ତିର ଉଦାହରଣ:

### a) ନିଆଁ

i. ନିର୍ମାଣ: ନିର୍ମିତ କାନ୍ଥ ଓ ଛାତରେ ବ୍ୟବହାର କରାଯାଉଥିବା ନିର୍ମାଣ ସାମଗ୍ରୀଗୁଡିକୁ ସୂଚାଇଥାଏ । ଏକ କଂକ୍ରିଟ୍ ଘର  କାଠ ଘରଠାରୁ ଉତ୍କୃଷ୍ଟ ହୋଇଥାଏ ।

ii. ଉଚ୍ଚତା: ନିଆଁ ଲିଭାଇବାର ଅଧିକ ସମସ୍ୟା କାରଣରୁ ମହଲା ସଂଖ୍ୟା ଯେତେ ଅଧିକ ହୁଏ, ବିପତ୍ତି ସେତେ ଅଧିକ ହୋଇଥାଏ । ଏହା ବ୍ୟତୀତ, ଅଧିକ ସଂଖ୍ୟକ ମହଲା ଉପରେ ଉପର ମହଲାଗୁଡିକର ସଙ୍କଟକୁ ସଂପୃକ୍ତ କରେ, ଯାହା ଫଳରେ ଅତି ପ୍ରଭାବୀ କ୍ଷତି ହୋଇଥାଏ ।

iii. ଫର୍ଶର/ତଳର ସ୍ୱରୂପ: କାଠ ତିଆରି ଫର୍ଶ ନିଆଁକୁ ଇନ୍ଧନ ଯୋଗାଇଥାଏ ତା' ବ୍ୟତୀତ, କାଠ ତିଆରି ଫର୍ଶ ନିଆଁ ଘଟଣାରେ ସହଜରେ ନଷ୍ଟ ହୋଇଥାଏ, ଫଳରେ ଉପର ମହଲାଠାରୁ ଯନ୍ତ୍ରପାତି କିମ୍ବା ଜିନିଷପତ୍ର ପଡ଼ିବା ଦ୍ୱାରା ତଳ ମହଲାରେ ଥିବା ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥାଏ ।

iv. ଦଖଲ/ବ୍ୟବହାର: ଏକ ଘରର ଦଖଲ, ଏବଂ ଉଦ୍ଦେଶ୍ୟ ଯେଉଁଥି ପାଇଁ ଏହାର ଉପଯୋଗ କରାଯାଏ । ଦଖଲ ଅନୁସାରେ ବିଭିନ୍ନ ପ୍ରକାରର ବିପତ୍ତି ଉତ୍ପନ୍ନ ହୋଇଥାଏ ।

v. ଜ୍ୱଳନ ବିପତ୍ତି: ଯେଉଁଠି ଅଧିକ ପରିମାଣରେ ରସାୟନଗୁଡିକର ଉତ୍ପାଦନ କରାଯାଏ, ବଳବତ୍ତର ଜ୍ୱଳନ ବିପତ୍ତି ସଂପୃକ୍ତ ରହିଥାଏ । ଏକ କାଠ ତିଆରି ୟାର୍ଡ ଏକ ଉଚ୍ଚ ଦହନଶୀଳତା ବିପତ୍ତି ଉପସ୍ଥିତ କରିଥାଏ କାରଣ ଥରେ ଯଦି ନିଆଁ ଆରମ୍ଭ ହୋଇଯାଏ, କାଠ ଅତିଶୀଘ୍ର ଜଳିଯାଏ । ଏହି ବସ୍ତୁ ଗୁଡିକ ଅଧିକ ଜ୍ୱଳନଶୀଳ ହୋଇଥାନ୍ତି ।

ଉଦାହରଣ ସ୍ୱରୂପ, କାଗଜ, ପୋଷାକ ଇତ୍ୟାଦି ନା କେବଳ ନିଆଁ କ୍ଷତି ପ୍ରତି କିନ୍ତୁ ଜଳ, ଉତ୍ତାପ ଇତ୍ୟାଦି ଦ୍ୱାରା ମଧ୍ୟ କ୍ଷତିଗ୍ରସ୍ତ ହୋଇପାରନ୍ତି ।

vi. ନିର୍ମାଣର ପ୍ରକ୍ରିୟା: ଯଦି ରାତ୍ରି ସମୟରେ କାମ କରାଯାଏ, କୃତ୍ରିମ ଆଲୋକ, ଯନ୍ତ୍ରପାତିର ଅବିଚ୍ଛିନ୍ନ ଉପଯୋଗ କାରଣରୁ ଉତ୍ପନ୍ନ ହେଉଥିବା ଘର୍ଷଣ ଏବଂ କ୍ଳାନ୍ତି କାରଣରୁ ଶ୍ରମିକମାନଙ୍କ ସମ୍ଭାବ୍ୟ ଅସାବଧାନତା ଯୋଗୁଁ ବିପତ୍ତି ବୃଦ୍ଧି ପାଇଥାଏ ।

vii. ସଙ୍କଟର ଅବସ୍ଥିତି / ସ୍ଥାନ: ଏକ ଭିଡ଼ଭାଡ଼ କ୍ଷେତ୍ରରେ ଅବସ୍ଥିତି, ବିପତ୍ତିପୂର୍ଣ୍ଣ ସଂଲଗ୍ନ ପରିସର ସହିତ ସଂସର୍ଗ ଏବଂ ଫାୟାର୍ ବିଗ୍ରେଡ୍ ଠାରୁ ଦୂରତା ଭୌତିକ ବିପତ୍ତିର ଉଦାହରଣ ।

### b) ସାମୁଦ୍ରିକ

i. **ଜାହାଜର ପରମାୟୁ ଓ ଅବସ୍ଥା: ପୁରୁଣା ଜାହାଜଗୁଡିକ ନିମ୍ନ ଧରଣର ସଙ୍କଟ ଅଟନ୍ତି ।**

ii. **କରିବାକୁ ଥିବା ଜଳଯାତ୍ରା: ଜଳଯାତ୍ରାର ରାସ୍ତା, ଲୋଡ୍ କରିବା ଓ ଅଣଲୋଡ୍ କରିବାର ବ୍ୟବସ୍ଥା ଏବଂ ବନ୍ଦରରେ ଥିବା ଗୋଦାମ ଘରର ସୁବିଧା କାରକସବୁ ହୋଇଥାନ୍ତି ।**

iii. **ଷ୍ଟକ୍ ର ସ୍ୱରୂପ: ଉଚ୍ଚ ମୂଲ୍ୟର ସାମଗ୍ରୀଗୁଡିକ ଚୋରୀର ସମ୍ମୁଖୀନ ହୋଇଥାନ୍ତି; ପାରବହନ ସମୟରେ ଯନ୍ତ୍ରପାତିର ଭାଙ୍ଗିବାର ସମ୍ଭାବନା ଥାଏ ।**

iv. **ପ୍ୟାକ୍ କରିବାର ପଦ୍ଧତି: ଗଣ୍ଡଲିଗୁଡିକରେ ପ୍ୟାକ୍ କରାଯାଇଥିବା ମାଲକୁ ବ୍ୟାଗ୍ ଗୁଡିକରେ ଥିବା ମାଲ ଅପେକ୍ଷା ଅଧିକ ସୁରକ୍ଷିତ ବିଚାର କରାଯାଏ । ପୁନଶ୍ଚ, ଡବଲ୍ ବ୍ୟାଗ୍ ଗୁଡିକ ଗୋଟିଏ ବ୍ୟାଗ୍ ଠାରୁ ଅଧିକ ନିରାପଦ ହୋଇଥାନ୍ତି । ସେକେଣ୍ଡ-ହ୍ୟାଣ୍ଡ (ପୁରୁଣା) ଡ୍ରମ୍ ଗୁଡିକରେ ଥିବା ତରଳ ଜିନିଷ ହାନିକାରକ ଭୌତିକ ବିପତ୍ତି ହୋଇଥାଏ ।**

c) ମୋଟର

i. **ବାହନର ପରମାୟୁ ଓ ଅବସ୍ଥା:** ପୁରୁଣା ଗାଡ଼ିଗୁଡିକ ଅଧିକ ଦୁର୍ଘଟଣା ପ୍ରବଣ ହୋଇଥାନ୍ତି ।

ii. **ବାହନର ପ୍ରକାର:** ସ୍ପୋଟର୍ସ କାରଗୁଡିକ ଅଧିକ ଭୌତିକ ବିପତ୍ତିସମ୍ପନ୍ନ ହୋଇଥାଏ ।

d) ଚୋରୀ

i. **ଷ୍ଟକ୍ ଗୁଡିକର ସ୍ୱରୂପ:** କମ୍ ଆକାରରେ ଥିବା ଓ ସହଜରେ ଉଠାଇବା ଯୋଗ୍ୟ ଉଚ୍ଚ ମୂଲ୍ୟର ସାମଗ୍ରୀ (ଉ.ସ୍ୱ. ଅଲଙ୍କାର) ଗୁଡିକୁ ଅଧିକ ହାନିକାରକ ସଙ୍କଟ ରୂପେ ବିଚାର କରାଯାଇଥାଏ ।

ii. **ଅବସ୍ଥିତି:** ତଳ ମହଲାର ସଙ୍କଟ ଉପର ମହଲାର ସଙ୍କଟଗୁଡିକଠାରୁ ନିମ୍ନ ସ୍ତରର ହୋଇଥାଏ: ନିଛାଟିଆ କ୍ଷେତ୍ରରେ ଅବସ୍ଥିତ ବେସରକାରୀ ଆବାସଗୁଡିକ ବିପତ୍ତିସଂକୁଳ ହୋଇଥାନ୍ତି ।

iii. **ନିର୍ମାଣ ସମ୍ବନ୍ଧୀୟ ବିପତ୍ତି**: ଅଧିକ ସଂଖ୍ୟାର କବାଟ ଓ ଝରକା ହାନିକାରକ ଭୌତିକ ବିପତ୍ତି ହୋଇଥାନ୍ତି ।

e) **ବ୍ୟକ୍ତିଗତ ଦୁର୍ଘଟଣା**

i. ବ୍ୟକ୍ତିର ଆୟୁ: ଅତି ବୃଦ୍ଧ ବ୍ୟକ୍ତି ଦୁର୍ଘଟଣା ପ୍ରବଣ ହୋଇଥାନ୍ତି, ଏହା ବ୍ୟତୀତ ଏକ ଦୁର୍ଘଟଣାର ଅବସରରେ ଆରୋଗ୍ୟ ଲାଭ କରିବା ପାଇଁ ସେମାନଙ୍କୁ ଦୀର୍ଘ ସମୟ ଲାଗିପାରେ ।

ii. ବ୍ୟବସାୟର ସ୍ୱରୂପ: ଜୋକୀ, ଖଣିର ଇଞ୍ଜିନିୟର, ଶାରୀରିକ ଶ୍ରମିକମାନେ ହାନିକାରକ ଭୌତିକ ବିପତ୍ତିର ଉଦାହରଣ ଅଟନ୍ତି ।

iii. ସ୍ୱାସ୍ଥ୍ୟ ଓ ଶାରୀରିକ ସ୍ଥିତି: ମଧୁମେହରେ ଆକ୍ରାନ୍ତ ଏକ ବ୍ୟକ୍ତି ଦୁର୍ଘଟଣାଜନିତ ଶାରୀରିକ କ୍ଷତରେ ପୀଡିତ ହେବା ଅବସରରେ ଶଲ୍ୟ ଚିକିତ୍ସାରେ ସ୍ୱାସ୍ଥ୍ୟ ଲାଭ କରି ନ ପାରେ ।

**B. ଭୌତିକ ବିପତ୍ତି –ସଙ୍କଟ ପ୍ରବନ୍ଧନର ମହତ୍ୱଅନୁଚ୍ଛେଦ ଏବଂ ମୂଲ୍ୟ ନିର୍ଦ୍ଧାରଣ ,**

ଭୌତିକ ବିପତ୍ତିଗୁଡିକର ମୁକାବିଲା କରିବା ପାଇଁ ସଙ୍କଟାଙ୍କନମାନେ ନିମ୍ନ ପଦ୍ଧତିଗୁଡିକର ଉପଯୋଗ କରନ୍ତି:

✓ ପ୍ରିମିୟମର ଲୋଡିଙ୍ଗ୍

✓ ପଲିସୀ ଉପରେ ୱାରେଣ୍ଟି ଲାଗୁ କରିବା

✓ କିଛି ନିର୍ଦ୍ଦିଷ୍ଟ ଅନୁଚ୍ଛେଦ ଲାଗୁ କରିବା

- ✓ ଅତିରିକ୍ତ/ କାଟଯୋଗ୍ୟ ଲାଗୁ କରିବା
- ✓ ମଞ୍ଜୁରୀପ୍ରାପ୍ତ ସୁରକ୍ଷାକୁ ସୀମିତ କରିବା
- ✓ ସୁରକ୍ଷାକୁ ଅଗ୍ରାହ୍ୟ କରିବା

a) **ପ୍ରିମିୟମର ଲୋଡିଙ୍ଗ୍**

ଏକ ସଙ୍କଟ ସଂସର୍ଗରେ କେତେକ ପ୍ରତିକୂଳ ବିଶେଷତା ଥାଇପାରେ ଯେଉଁଥି ପାଇଁ ସଙ୍କଟାଙ୍କକମାନେ, ତାହାର ସ୍ୱୀକୃତି ପୂର୍ବରୁ, ଏକ ଅତିରିକ୍ତ ପ୍ରିମିୟମ ଲାଗୁ କରିବାର ନିଷ୍ପତ୍ତି ନେଇ ପାରନ୍ତି । ପ୍ରିମିୟମ ଲୋଡ୍ କରିବାରେ ଦାବୀଗୁଡ଼ିକର ଅଧିକ ସମ୍ଭାବ୍ୟତା କିମ୍ବା ବଡ଼ ବଡ଼ ଦାବୀର ଘଟଣାକୁ ବିଚାରକୁ ନିଆଯାଇଥାଏ ।

| **ଉଦାହରଣ** |
|---|

ଯାତ୍ରୀ ଜାହାଜ କିମ୍ବା ଅନ୍ୟାନ୍ୟ ଜାହାଜ ଦ୍ୱାରା ଲଦା ଯାଇଥିବା କାର୍ଗୋ ପାଇଁ ସାମାନ୍ୟ ଦରର ପ୍ରିମିୟମ ଲାଗୁ କରାଯାଏ, ଯାହା ନିର୍ଦ୍ଧାରିତ ମାନକର ଅନୁପାଳନ କରିଥାଏ । ଅବଶ୍ୟ, ଯଦି ଏକ ଅଧିକ-ପୁରୁଣା କିମ୍ବା କମ୍ ଟନ ଭାରର ଜାହାଜ କାର୍ଗୋ ବହନ କରେ ତେବେ ଅତିରିକ୍ତ ପ୍ରିମିୟମ ଲାଗୁ କରାଯାଏ ।

ବ୍ୟକ୍ତିଗତ ଦୁର୍ଘଟଣା ବୀମାରେ, ଯଦି ବୀମିତ ପର୍ବତାରୋହଣ, ଦୌଡ଼ (Racing), ବଡ଼ ବଡ଼ ଶିକାର କରିବା ଇତ୍ୟାଦି ଭଳି ବିପତ୍ତିପୂର୍ଣ୍ଣ ଧନ୍ଦାରେ ଲିପ୍ତ ରହେ, ଅତିରିକ୍ତ ପ୍ରିମିୟମ ଲାଗୁ କରାଯାଇଥାଏ ।

ବେଳେବେଳେ ପ୍ରତିକୂଳ/ଅଧିକ ଦାବୀ ଅନୁପାତ ପାଇଁ ପ୍ରିମିୟମର ଲୋଡିଙ୍ଗ୍ ବି କରାଯାଇଥାଏ, ଯେପରିକି ମୋଟର ବୀମା କିମ୍ବା ସ୍ୱାସ୍ଥ୍ୟ ବୀମା ପଲିସୀମାନଙ୍କରେ ।

---

b) **ୱାରେଣ୍ଟି ଲାଗୁ କରିବା**

ଭୌତିକ ବିପତ୍ତିକୁ କମ୍ କରିବା ପାଇଁ ବୀମାକର୍ତ୍ତାମାନେ ପଲିସୀରେ ଉପଯୁକ୍ତ ୱାରେଣ୍ଟି ସମ୍ମିଳିତ କରିଥାନ୍ତି । ନିମ୍ନରେ କେତେକ ଉଦାହରଣ ପ୍ରଦାନ କରାଯାଇଛି ।

| **ଉଦାହରଣ** |
|---|

i. **ସାମୁଦ୍ରିକ କାର୍ଗୋ:** ଏକ ୱାରେଣ୍ଟି ପ୍ରବିଷ୍ଟ କରାଯାଇଥାଏ ଏହା ପ୍ରଭାବୀ କରିବାପାଇଁ ଯେ ଜିନିଷ (ଉ.ସ୍ୱ.ଚା) କୁ ଟିଣ ଧାରଯୁକ୍ତ ଡବାଗୁଡ଼ିକରେ ପ୍ୟାକ୍ କରିବା ବାଧ୍ୟତାମୂଳକ ।

ii. **ଚୋରୀ:** ଏହାର ଗ୍ୟାରେଣ୍ଟି ଦିଆଯାଏ ଯେ ସମ୍ପତ୍ତିର ରକ୍ଷଣ ଏକ ଚୌକିଦାର ଦ୍ୱାରା ଚବିଶ ଘଣ୍ଟା ପାଇଁ କରାଯାଏ ।

iii. **ନିଆଁ:** ଏକ ଅଗ୍ନି ବୀମାରେ, ଏହାର ଗ୍ୟାରେଣ୍ଟି ଦିଆଯାଏ ଯେ ପରିସରକୁ ସାମାନ୍ୟ କାର୍ଯ୍ୟ ସମୟ ବାହାରେ ଉପଯୋଗ କରାଯାଇ ନ ପାରେ ।

iv. **ମୋଟର:** ଏହାର ଗ୍ୟାରେଣ୍ଟି ଦିଆଯାଏ ଯେ ବାହନଟିକୁ ଗତି ପରୀକ୍ଷଣ କିମ୍ବା ଦୌଡ଼ ପାଇଁ ବ୍ୟବହାର କରାଯିବ ନାହିଁ ।

---

| ଉଦାହରଣ |
| --- |

ସାମୁଦ୍ରିକ କାର୍ଗୋ: ଅଂଶଗୁଡିକର ଛୋଟ ଛୋଟ କ୍ଷତି ମହଙ୍ଗା ଯନ୍ତ୍ରପାତି ପାଇଁ ଏକ ରଚନାତ୍ମକ ସଂପୂର୍ଣ୍ଣ ହାନି (CTL) ହେବାର କାରଣ ହୋଇପାରେ । ସେଭଳି ଯନ୍ତ୍ରପାତି ପ୍ରତିସ୍ଥାପନ ଅନୁଚ୍ଛେଦର ଅନ୍ତର୍ଗତ ହୋଇଥାଏ ଯାହା ସଙ୍କଟାଙ୍କକର ଦାୟିତ୍ୱକୁ କୌଣସି ଭଙ୍ଗା ଅଂଶର ପ୍ରତିସ୍ଥାପନ, ଅଗ୍ରେଷଣ ଏବଂ ମରାମତି ଖର୍ଚ୍ଚ ପର୍ଯ୍ୟନ୍ତ ହି ସୀମିତ କରିଥାଏ ।

କାଷ୍ଟ୍ ପାଇପ୍, ହାର୍ଡ ବୋର୍ଡ ଗୁଡିକର ଧାରଗୁଡିକ କେବଳ ନଷ୍ଟ ହୋଇଥାଏ । କାଷ୍ଟ୍ ପାଇପ୍ ଇତ୍ୟାଦି ଉପରେ ସାମୁଦ୍ରିକ ପଲିସୀଗୁଡିକ  ଅଂଶ କାଟ୍ୟ ଅନୁଚ୍ଛେଦ ଅଧୀନରେ ହୋଇଥାନ୍ତି ଯାହା ଗ୍ୟାରେଣ୍ଟି ଦିଅନ୍ତି ଯେ ନଷ୍ଟ ହୋଇଥିବା ଅଂଶକୁ କଟାଯିବା ଉଚିତ୍ ଏବଂ ଅବଶିଷ୍ଟ ଅଂଶର ଉପଯୋଗ କରିବା ଉଚିତ୍ ।

c) **ଅତିରିକ୍ତ/କାଟଯୋଗ୍ୟ ଏବଂ ସୁରକ୍ଷାକୁ ପ୍ରତିବନ୍ଧିତ କରିବା ଉପରେ ନିର୍ଣ୍ଣୟ ନେବା**

ଯେତେବେଳେ ହାନି ପରିମାଣ ଉଲ୍ଲିଖିତ କାଟଯୋଗ୍ୟ/ଅତିରିକ୍ତ ଠାରୁ ଅଧିକ ହୋଇଥାଏ, ଅବଶିଷ୍ଟ ରାଶିକୁ 'ଅତିରିକ୍ତ' ଅନୁଚ୍ଛେଦ ଅନ୍ତର୍ଗତ ପ୍ରଦାନ କରାଯାଏ । କାଟଯୋଗ୍ୟ ସୀମା ତଳେ ଥିବା ହାନି ପ୍ରଦାନଯୋଗ୍ୟ ହୋଇ ନ ଥାଏ ।

ଏହି ସବୁ ଅନୁଚ୍ଛେଦର ଉଦ୍ଦେଶ୍ୟ ହେଉଛି ଛୋଟ ଛୋଟ ଦାବୀକୁ ବର୍ଜନ କରିବା । ଯେହେତୁ ବୀମିତକୁ ହାନିର ଅଂଶକୁ ଗ୍ରହଣ କରିବାକୁ ପଡିଥାଏ, ତାକୁ ଅଧିକ ସାବଧାନ ହେବା ପାଇଁ ଏବଂ ହାନି ନିବାରଣର ଅଭ୍ୟାସ କରିବା ପାଇଁ ପ୍ରୋତ୍ସାହିତ କରାଯାଏ ।

| ଉଦାହରଣ |
| --- |

i. **ମୋଟର**: ଏକ ପୁରୁଣା ମୋଟର ଗାଡ଼ି ପାଇଁ ଏକ ପ୍ରସ୍ତାବକୁ ବ୍ୟାପକ ଅବଧି ଉପରେ ସ୍ୱୀକୃତ କରାଯିବ ନାହିଁ କିନ୍ତୁ ବୀମାକର୍ତ୍ତାମାନେ ଏକ ପ୍ରତିବନ୍ଧିତ ସୁରକ୍ଷା ପ୍ରଦାନ କରିବେ ଅର୍ଥାତ୍ ତୃତୀୟ ପକ୍ଷ ସଙ୍କଟ ବିରୁଦ୍ଧରେ କେବଳ ।

ii. **ବ୍ୟକ୍ତିଗତ ଦୁର୍ଘଟଣା**: ଏକ ବ୍ୟକ୍ତିଗତ ଦୁର୍ଘଟଣା ପ୍ରସ୍ତାବକ ଯିଏ ସର୍ବାଧିକ ସ୍ୱୀକୃତି ଆୟୁ ସୀମା ପାର କରିଯାଇଛି ତାକୁ ବ୍ୟାପକ ଅବଧି ଅର୍ଥାତ୍ ବିକଳାଙ୍ଗତା ଲାଭକୁ ଅନ୍ତର୍ଭୁକ୍ତ କରିଥିବା ପରିବର୍ତ୍ତେ କେବଳ ମୃତ୍ୟୁ ସଙ୍କଟ ପାଇଁ ସୁରକ୍ଷା ପ୍ରଦାନ କରାଯାଇପାରେ ।

d) **ଡିସ୍କାଉଣ୍ଟ**

କମ୍ ଦର ଲାଗୁ କରାଯାଏ କିମ୍ବା ସାଧାରଣ ପ୍ରିମିୟମରେ ଏକ ଡିସ୍କାଉଣ୍ଟ ଦିଆଯାଏ ଯଦି ସଙ୍କଟଟି ଅନୁକୂଳ ହୋଇଥାଏ । ଅଗ୍ନି ବୀମାରେ ସଙ୍କଟର ଉନ୍ନତି ପାଇଁ ଯୋଗଦାନ ଦେବାରେ ନିମ୍ନଲିଖିତ ବିଶେଷତାଗୁଡିକୁ ବିଚାର କରାଯାଇଥାଏ ।

i. ପରିସର ମଧ୍ୟରେ ସ୍ପ୍ରିଙ୍କଲର୍ ସିଷ୍ଟମର ଉପଯୋଗ

ii. ହତାରେ ହାଇଡ୍ରାଣ୍ଟ ସିଷ୍ଟମରେ ପ୍ରତିଷ୍ଠାପନ

iii. ବକେଟ୍, ସୁବାହ୍ୟ ନିର୍ବାପକ ଏବଂ ହସ୍ତଚାଳିତ ଫାୟାର୍ ପମ୍ପକୁ ସମ୍ମିଳିତ କରୁଥିବା ହସ୍ତଚାଳିତ ଉପକରଣଗୁଡିକର ପ୍ରତିଷ୍ଠାପନ

iv. ସ୍ୱୟଂଚାଳିତ ଫାୟାର୍ ଆଲାର୍ମର ପ୍ରତିଷ୍ଠାପନ

**ଉଦାହରଣ**

ମୋଟର ବୀମା ଅନ୍ତର୍ଗତ ପ୍ରିମିୟମରେ ଏକ ଡିସ୍କାଉଣ୍ଟ ପ୍ରଦାନ କରାଯାଏ ଯଦି ମୋଟର ସାଇକେଲକୁ ସର୍ବଦା ଏକ ସଂଲଗ୍ନ ପାର୍ଶ୍ୱ-କାର ସହିତ ବ୍ୟବହାର କରାଯାଏ, ଯେହେତୁ ଗାଡ଼ିର ଅଧିକ ସ୍ଥିରତା କାରଣରୁ ଏହି ବିଶେଷତା ଉନ୍ନତ ସଙ୍କଟରେ ଗଣାଯାଏ ।

ସାମୁଦ୍ରିକ ବୀମାରେ, ବୀମାକର୍ତ୍ତା "ସଂପୂର୍ଣ୍ଣ ଲୋଡ" ବାହନ ପାଇଁ ପ୍ରିମିୟମ ଉପରେ ଡିସ୍କାଉଣ୍ଟ ଦେବାର ବିଚାର କରିପାରେ ଯେହେତୁ ଏହା ଚୋରୀ ଏବଂ ହ୍ରାସ ହେବାର ଘଟଣାକୁ କମ୍ କରିଥାଏ ।

ଏକ ସମୂହ ବ୍ୟକ୍ତିଗତ ଦୁର୍ଘଟଣା ଅନ୍ତର୍ଗତଯାହା ,ଏକ ବଡ଼ ସମୂହର ବୀମା ସୁରକ୍ଷାପାଇଁ ଡିସ୍କାଉଣ୍ଡ ଦିଆଯାଇ ପାରେ , ବୀମାକର୍ତ୍ତ୍ାର ପ୍ରଶାସନିକ କାର୍ଯ୍ୟ ବ୍ୟୟକୁ କମ୍ କରିଥାଏ ।

### e) ଅଣ-ଦାବୀ ବୋନସ୍ (NCB)

ପ୍ରତ୍ୟେକ ଦାବୀ ମୁକ୍ତ ନୂତନୀକରଣ ବର୍ଷ ପାଇଁ ବୋନସ୍ ରୂପେ କିଛି ପ୍ରତିଶତ ଦିଆଯାଇଥାଏ ଯାହା ସର୍ବାଧିକ ବୋନସ୍ ରେ ଏକ ସୀମା ହୋଇଥାଏ । ଏହାକୁ, ସମଗ୍ର ସମୂହ ପାଇଁ କିମ୍ବା ମୋଟର ବାହନ ନିଜ କ୍ଷତି ପଲିସୀ ଧାରକମାନଙ୍କ ପାଇଁ ଦାବୀ ମୁକ୍ତ ବର୍ଷଗୁଡିକ ପାଇଁ ହୋଇଥିବା ଦାବୀ ଅନୁପାତ ଆଧାରରେ, ନୂତନୀକରଣରେ ମୋଟ ପ୍ରିମିୟମ ଉପରେ ଡିସ୍କାଉଣ୍ଟ (discount) ରୂପେ ସ୍ୱୀକୃତି ଦିଆଯାଇଥାଏ ।

ଅଣ-ଦାବୀ ବୋନସ୍ ହେଉଛି ସଙ୍କଟାଙ୍କନ ଅନୁଭୂତିକୁ ଉନ୍ନତ କରିବାରେ ଏକ ସଶକ୍ତ ପଦ୍ଧତି ଏବଂ ମୂଲ୍ୟନିର୍ଦ୍ଧାରଣ ପ୍ରଣାଳୀର ଏକ ଅବିଚ୍ଛେଦ୍ୟ ଅଂଶ । ଏହି ବୋନସ୍ ବୀମିତରେ ଥିବା ନୈତିକ ବିପତ୍ତିର କାରକକୁ ଚିହ୍ନି ପାରେ । ଏହା ବୀମିତକୁ, ମୋଟର ବୀମାରେ ଥିବା ଭଳି ଉତ୍ତମ ଚାଳନା କୌଶଳକୁ ଆପଣେଇବା ଦ୍ୱାରା କିମ୍ବା ସ୍ୱାସ୍ଥ୍ୟ ପଲିସୀରେ ଥିବା ଭଳି ତା' ସ୍ୱାସ୍ଥ୍ୟର ଅଧିକ ଉତ୍ତମ ଯତ୍ନ ନେବା ଦ୍ୱାରା ଦାବୀ କରି ନ ଥିବା ପାଇଁ ପୁରସ୍କୃତ କରିଥାଏ ।

### f) ଅଗ୍ରାହ୍ୟତା

ଯଦି ସଂପୃକ୍ତ ଭୌତିକ ବିପତ୍ତିଟି ଅତ୍ୟଧିକ ହାନିକରକ ହୋଇଥାଏ, ସଙ୍କଟଟି ଅଣ-ବୀମାଯୋଗ୍ୟ ହୋଇଥାଏ ଏବଂ ତାହାକୁ ଅଗ୍ରାହ୍ୟ କରାଯାଇଥାଏ । ସେମାନଙ୍କ ଅତୀତର ହାନି ଅନୁଭୂତି ବିପତ୍ତିଗୁଡିକର ଜ୍ଞାନ ଓ ସଂପୂର୍ଣ୍ଣ ସଙ୍କଟାଙ୍କନ ପଲିସୀ ଆଧାରରେ, ବୀମାକର୍ତ୍ତାମାନେ ପ୍ରତ୍ୟେକ ଶ୍ରେଣୀର ବୀମାରେ ଅଗ୍ରାହ୍ୟ କରିବାକୁ ଥିବା ସଙ୍କଟଗୁଡିକର ଏକ ତାଲିକା ପ୍ରସ୍ତୁତ କରିଛନ୍ତି ।

## C. ନୈତିକ ବିପତ୍ତି

ନୈତିକ ବିପତ୍ତି ନିମ୍ନ ଲିଖିତ ପ୍ରକାରରେ ଉତ୍ପନ୍ନ ହୋଇପାରେ:

### a) ଅସାଧୁତା

ହାନିକାରକ ନୈତିକ ବିପତ୍ତିର ଏକ ଚରମ ଉଦାହରଣ ହେଉଛି ଯେ ଏକ ବୀମିତ ଏକ ଦାବୀ ପ୍ରାପ୍ତ କରିବାକୁ ଏକ କୃତ୍ରିମ ହାନି ସୃଷ୍ଟି କରିବା କିମ୍ବା ଜାତ କରିବାର ସୁଚିନ୍ତିତ ଉଦ୍ଦେଶ୍ୟ ସହିତ ବୀମା ନେବା । ଏପରିକି, ଏକ ସଚ୍ଚୋଟ ବୀମିତକୁ ମଧ୍ୟ ଏକ ହାନିର ମଞ୍ଚ ପ୍ରସ୍ତୁତ କରିବାକୁ ପ୍ରଲୋଭିତ କରାଯାଇପାରେ, ଯଦି ସେ ଆର୍ଥିକ ସମସ୍ୟାରେ ଥାଏ ।

### b) ଅସାବଧାନତା

ହାନି ପ୍ରତି ଉଦାସୀନତା ହେଉଛି ଅସାବଧାନତାର ଏକ ଉଦାହରଣ । ବୀମାର ବିଦ୍ୟମାନତା କାରଣରୁ, ବୀମିତ ବୀମିତ ସମ୍ପତ୍ତି ପ୍ରତି ଏକ ଅସାବଧାନ ମନୋବୃତ୍ତି ଗ୍ରହଣ କରିବା ଦେଖାଇପାରେ ।

ଯଦି ବୀମିତ ଏକ ବିବେକୀ ଓ ଯଥାର୍ଥ ବ୍ୟକ୍ତି ରୂପେ ସମ୍ପତ୍ତିର ସେଭଳି ଯତ୍ନ ନ ନିଏ ଯେଉଁଭଳି ତାହା ଅଣ-ବୀମିତ ହୋଇଥିବାରେ ନେଇଥାନ୍ତା, ନୈତିକ ବିପତ୍ତି ଅଧିକ ଅଗ୍ରାହ୍ୟ ହୋଇଥାଏ ।

c) **ଔଦ୍ୟୋଗିକ ସମ୍ବନ୍ଧ**

ନିଯୁକ୍ତିଦାତା-କର୍ମଚାରୀ ସମ୍ବନ୍ଧ ହାନିକାରକ ନୈତିକ ବିପତ୍ତିର ତତ୍ତ୍ୱକୁ ସଂପୃକ୍ତ କରିପାରେ ।

d) **କୃତ୍ରିମ (ମିଥ୍ୟା) ଦାବୀ**

ଏହି ପ୍ରକାରର ନୈତିକ ବିପତ୍ତି ଉତ୍ପନ୍ନ ହୁଏ ଯେବେ ଦାବୀ ଘଟିଥାଏ । ଏକ ବୀମିତ ଜାଣିଶୁଣି ଏକ ହାନି ଆଣି ନ ପାରେ କିନ୍ତୁ ଥରେ ଯଦି ଏକ ହାନି ହୁଏ, ସେ, କ୍ଷତିପୂର୍ତ୍ତିର ସିଦ୍ଧାନ୍ତକୁ ଉପେକ୍ଷା କରି, ଅନୁଚିତ ରୂପେ ଉଚ୍ଚ ରାଶିର କ୍ଷତିପୂରଣ ଦାବୀ କରିବାକୁ ପ୍ରୟାସ କରି ପାରେ ।

| ସୂଚନା |
|---|

ଉପ-ସୀମା: ବୀମାକର୍ତ୍ତା ବୃଦ୍ଧି ପାଇଥିବା ବିଲକୁ ରୋକିବା ପାଇଁ ରୁମ୍ ଖର୍ଚ୍ଚ, ସର୍ଜିକାଲ ପ୍ରକ୍ରିୟା କିମ୍ବା ଡାକ୍ତରଙ୍କ ଶୁଳ୍କ ପ୍ରତ୍ୟେକ ପାଇଁ  ଅଲଗା ଅଲଗା ଭାବେ ମୋଟ ଦେୟ ଉପରେ ଏକ ସୀମା ଲାଗୁ କରିପାରେ ।

---

**ଯେଉଁଠି ବୀମିତର ନୈତିକ ବିପତ୍ତି ଥିବାର ସନ୍ଦେହ କରାଯାଏ, ଅଭିକର୍ତ୍ତା ସେଭଳି ପ୍ରସ୍ତାବକୁ ପ୍ରୋତ୍ସାହିତ କରିବା କିମ୍ବା ବୀମା କମ୍ପାନୀ ପାଖକୁ ଆଣିବା ଉଚିତ୍ ନୁହେଁ । ସେଭଳି ସମସ୍ୟାଗୁଡିକୁ ବୀମା କମ୍ପାନୀ ଅଧିକାରୀ ମାନଙ୍କ ନିକଟକୁ ମଧ୍ୟ ଆଣିବା ଉଚିତ୍ ।**

1. **ଅଳ୍ପାବଧି ମାପକ**

ସାଧାରଣତଃ, ପ୍ରିମିୟମ ଦରଗୁଡିକୁ ବାରମାସର ଅବଧି ପାଇଁ କୋଟ୍ କରାଯାଇଥାଏ । ଯଦି ଏକ ପଲିସୀକୁ ଏକ ଅଳ୍ପାବଧି ପାଇଁ ନିଆଯାଏ, ପ୍ରିମିୟମକୁ ଅଳ୍ପାବଧି ମାପକ କୁହାଯାଉଥିବା, ଏକ ବିଶେଷ ସ୍କେଲ୍ (ମାପକ) ଅନୁସାରେ ଲାଗୁ କରାଯାଏ । ଅଳ୍ପାବଧି ବୀମାପାଇଁ ଲାଗୁ କରିବା ଯୋଗ୍ୟ ସମାନୁପାତିକ ଠାରୁ ଅଧିକ ଆକାରରେ ହୋଇଥାଏ ।

**ଅଳ୍ପାବଧି ମାପକ ପାଇଁ ଆବଶ୍ୟକତା**

a) ଏହି ଦରଗୁଡିକୁ ଲାଗୁ କରାଯାଏ କାରଣ ପଲିସୀ ଜାରୀରେ ସଂପୃକ୍ତ ବ୍ୟୟଗୁଡିକ 12 ମାସ ଅବଧି ପାଇଁ ହୋଇଥାଉ କିମ୍ବା ଏକ ଅଳ୍ପଅବଧି ପାଇଁ ହୋଇଥାଉ, ସେଗୁଡିକ ପ୍ରାୟ ସମାନ ହୋଇଥାଏ ।

b) ଆହୁରି, ଏକ ବାର୍ଷିକ ପଲିସୀ ଗୋଟିଏ ବର୍ଷ ଅବଧିରେ କେବଳ ଥରେ ନୂତନୀକରଣ କାର୍ଯ୍ୟପ୍ରଣାଳୀ ଆବଶ୍ୟକ କରେ ଯେଉଁଠି ଅଳ୍ପ ଅବଧି ବୀମାଗୁଡିକ ଅଧିକ ବାରମ୍ବାର ନୂତନୀକରଣ ସଂପୃକ୍ତ କରିଥାଏ । ଯଦି ଏକ ସମାନୁପାତିକ ପ୍ରିମିୟମର ସ୍ୱୀକୃତି ଦିଆଯାଏ, ବୀମିତ ପକ୍ଷରେ ଅଳ୍ପାବଧି ପଲିସୀଗୁଡିକ ନେବାପାଇଁ ମନୋବୃତ୍ତି ରହିପାରେ ଏବଂ ତା ଦ୍ୱାରା, ପ୍ରଭାବୀ ରୂପେ, ପ୍ରିମିୟମ ଗୁଡିକୁ କିସ୍ତିରେ ପ୍ରଦାନ କରିବା ଭଳି ହୋଇଥାଏ ।

c) ଏମାନଙ୍କ ବ୍ୟତୀତ, କେତେକ ବୀମା ସାମୟିକ ପ୍ରତିର ହୋଇଥାଏ ଏବଂ ସଙ୍କଟଟି ସେହି ସମୟରେ ଅଧିକ ହୋଇଥାଏ । ବୀମାଗୁଡିକ ବେଳେ ବେଳେ ସେହି ଅବଧିରେ ନିଆଯାଇଥାଏ ଯେତେବେଳେ ସଙ୍କଟ ସର୍ବାଧିକ ହୋଇଥାଏ ଏବଂ ତା' ଦ୍ୱାରା ଚୟନ ବୀମାକର୍ତ୍ତାମାନଙ୍କ ବିରୁଦ୍ଧରେ ହୋଇଥାଏ  । ଅଳ୍ପାବଧି ମାନକଗୁଡିକ

ବୀମାକର୍ତ୍ତାମାନଙ୍କ ବିରୁଦ୍ଧରେ ସେଭଳି ଚୟନର ବିରୋଧ କରିବା ପାଇଁ ବିକଶିତ କରାଯାଇଥାଏ । ସେମାନେ ମଧ୍ୟ ପ୍ରଯୁଜ୍ୟ ହୋଇଥାନ୍ତି ଯେତେବେଳେ ବାର୍ଷିକ ବୀମାକୁ ବୀମିତ ଦ୍ୱାରା ପୂର୍ବରୁ ରଦ୍ଦ କରାଯାଇଥାଏ । ସେହି କ୍ଷେତ୍ରରେ ପ୍ରିମିୟମକୁ ସେହି ଅବଧି ଯେତେବେଳେ ବୀମାକର୍ତ୍ତା ସଙ୍କଟରେ ଥିଲା, ତା' ପାଇଁ ଅଳ୍ପାବଧି ମାନକ ଉପରେ ରଖି ଫେରସ୍ତ କରାଯାଇଥାଏ ।

**ସର୍ବନିମ୍ନ ପ୍ରିମିୟମ**

ପ୍ରତ୍ୟେକ ପଲିସୀ ଅନ୍ତର୍ଗତ ସର୍ବନିମ୍ନ ପ୍ରିମିୟମ ଲାଗୁ କରିବା ପ୍ରଥା ଅଟେ ଯାହା ଦ୍ୱାରା ପଲିସୀ ଜାରୀ କରିବାର ପ୍ରଶାସନିକ ଖର୍ଚ୍ଚକୁ ସୁରକ୍ଷା ଦିଆଯାଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ଏକ ଅଭିକର୍ତ୍ତାଠାରୁ କ'ଣ ଆଶା କରାଯାଏ ଯେତେବେଳେ ସେ ଏକ ନୈତିକ ବିପତ୍ତିକୁ ଚିହ୍ନଟ କରେ?

I. ପୂର୍ବ ଭଳି ବୀମାକୁ ଚାଲୁ ରଖିଥାଏ

II. ସେହି ବିଷୟରେ ବୀମାକର୍ତ୍ତାକୁ ରିପୋର୍ଟ କରେ

III. ଦାବୀଠାରୁ ଏକ ଅଂଶ ମାଗେ

IV. ଅଣ-ଦେଖା କରେ

## D. ବୀମା ରାଶି ନିର୍ଦ୍ଧାରିତ କରିବା

ଏହା ସର୍ବାଧିକ ରାଶି ଯାହାକୁ ଏକ ବୀମା କମ୍ପାନୀ ପଲିସୀ ସର୍ତ୍ତ ଅନୁସାରେ କ୍ଷତିପୂର୍ତ୍ତି କରିବ । ଏକ ବୀମିତକୁ କ୍ଷତିପୂର୍ତ୍ତିର ସୀମା ଚୟନ କରିବାରେ ଅତି ସାବଧାନ ରହିବାକୁ ପଡ଼ିଥାଏ କାରଣ ତାହା ସର୍ବାଧିକ ରାଶି ହୋଇଥାଏ ଯାହାକୁ ଦାବୀ ସମୟରେ କ୍ଷତିପୂର୍ତ୍ତି ହୋଇପାରେ ।

ବୀମାରାଶିକୁ ସର୍ବଦା ବୀମିତ ଦ୍ୱାରା ନିର୍ଦ୍ଧାରିତ କରାଯାଏ । ଏହା ହେଉଛି ସେହି ରାଶି ପରିମାଣ ଯାହା ଉପରେ ପଲିସୀ ଅନ୍ତର୍ଗତ ପ୍ରିମିୟମ ନିର୍ଦ୍ଧାରଣ କରିବାକୁ ଦର ଲାଗୁ କରାଯାଇଥାଏ ।

ଏହା ସମ୍ପତ୍ତିର ପ୍ରକୃତ ମୂଲ୍ୟର ପ୍ରତିଫଳନ  କରିବ । ଯଦି ଅଧିକ ବୀମା ହୋଇଥାଏ, ବୀମିତ ପାଇଁ କୌଣସି ଲାଭ ଅର୍ଜିତ ହୁଏ ନାହିଁ ଏବଂ କମ୍ ବୀମା (Underinsurance) କ୍ଷେତ୍ରରେ ଦାବୀଟି ସମାନୁପାତିକ ରୂପେ ହ୍ରାସ ହୋଇଥାଏ ।

**ବୀମା ରାଶି ର ନିର୍ଦ୍ଧାରଣ କରିବା**

ପ୍ରତ୍ୟେକ ଶ୍ରେଣୀର ବ୍ୟବସାୟରେ ବୀମିତକୁ ନିମ୍ନଲିଖିତ ବିନ୍ଦୁଗୁଡିକ ଉପରେ ପରାମର୍ଶ ଦେବା ଉଚିତ୍ ଯାହାକୁ ବୀମା ରାଶିର ନିର୍ଦ୍ଧାରଣ କରିବା ସମୟରେ ଧ୍ୟାନରେ ରଖିବାକୁ ହୋଇଥାଏ:

**a)** ବ୍ୟକ୍ତିଗତ ଦୁର୍ଘଟଣା ବୀମା: ଏକ କମ୍ପାନୀ ଦ୍ୱାରା ପ୍ରଦାନ କରାଯାଇଥିବା ବୀମା ରାଶି ଏକ ନିଶ୍ଚିତ ରାଶି ହୋଇପାରେ କିମ୍ବା ଏହା ବୀମିତର ଆୟ ଆଧାରରେ ବି ହୋଇପାରେ । କେତେକ ବୀମା କମ୍ପାନୀ ଏକ ନିର୍ଦ୍ଦିଷ୍ଟ ବିକଳାଙ୍ଗତା ପାଇଁ ବୀମିତର ମାସିକ ଆୟର 60 ଗୁଣ କିମ୍ବା 10 ଗୁଣ ସହିତ ସମାନ ଲାଭ ଦେଇପାରନ୍ତି । ସର୍ବାଧିକ ରାଶି ଉପରେ ଏକ ଉର୍ଦ୍ଧ୍ୱ ସୀମା କିମ୍ବା 'କ୍ୟାପ୍' ରହିପାରେ । କ୍ଷତିପୂରଣ କମ୍ପାନୀ କମ୍ପାନୀ ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ । ସମୂହ ବ୍ୟକ୍ତିଗତ

ଦୁର୍ଘଟଣା ପଲିସୀଗୁଡ଼ିକରେ ବୀମା ରାଶି ପ୍ରତ୍ୟେକ ବୀମିତ ବ୍ୟକ୍ତି ପାଇଁ ଅଲଗା ରୂପେ ନିର୍ଦ୍ଧାରିତ କରାଯାଇପାରେ କିମ୍ବା ବୀମିତ ବ୍ୟକ୍ତିଙ୍କୁ ଦେୟ ହେଉଥିବା ବେତନ ସହିତ ସଂଯୁକ୍ତ କରାଯାଇପାରେ ।

b) **ମୋଟର ବୀମା**: ମୋଟର ବୀମା କ୍ଷେତ୍ରରେ ବୀମା ରାଶି ହେଉଛି ବୀମିତର ଘୋଷିତ ମୂଲ୍ୟ [IDV] । **ଏହା** ବାହନର ମୂଲ୍ୟ ହୋଇଥାଏ, ଯାହାକୁ ବାହନର ଚଳିତ ନିର୍ମାତାର ସୂଚୀଭୁକ୍ତ ବିକ୍ରୟ ମୂଲ୍ୟକୁ ଭୂତପୂର୍ବ ଭାରତ ମୋଟର ଟ୍ୟାରିଫ୍ ରେ ନିର୍ଦ୍ଧାରିତ ମୂଲ୍ୟହ୍ରାସ ପ୍ରତିଶତ ସହିତ ସମାୟୋଜିତ କରି ନିର୍ଦ୍ଧାରିତ କରାଯାଇଥାଏ । ନିର୍ମାତାର ସୂଚୀଭୁକ୍ତ ବିକ୍ରୟ ମୂଲ୍ୟ ପଞ୍ଜିକରଣ ଓ ବୀମାକୁ ଛାଡ଼ି ସ୍ଥାନୀୟ ଡ୍ୟୁଟି/ କରକୁ ଅନ୍ତର୍ଭୁକ୍ତ କରିବ ।

IDV = (ନିର୍ମାତାର ସୂଚୀଭୁକ୍ତ ବିକ୍ରୟ ମୂଲ୍ୟ –ମୂଲ୍ୟହ୍ରାସ) + (ଅତିରିକ୍ତ ସାମଗ୍ରୀ ଯାହାକୁ ସୂଚୀଭୁକ୍ତ ବିକ୍ରୟ ମୂଲ୍ୟରେ ଅନ୍ତର୍ଭୁକ୍ତ କରାଯାଇ ନ ଥାଏ –ମୂଲ୍ୟହ୍ରାସ) ଏବଂ ପଞ୍ଜିକରଣ ଓ ବୀମା ମୂଲ୍ୟକୁ ବହିର୍ଭୂତ କରେ ।

ସେହି ଗାଡ଼ିଗୁଡିକର IDV ଯେଉଁଗୁଡିକ ପୁରୁଣା କିମ୍ବା 5 ବର୍ଷରୁ ଉର୍ଦ୍ଧ୍ୱ ଆୟୁର ହୋଇଥାନ୍ତି, ତାହାକୁ ବୀମାକର୍ତ୍ତା ଓ ବୀମିତର ପାରସ୍ପରିକ ସମ୍ମତିରେ ନିର୍ଦ୍ଧାରିତ କରାଯାଇଥାଏ । ମୂଲ୍ୟହ୍ରାସ ପରିବର୍ତ୍ତେ, ପୁରୁଣା କାରଗୁଡିକର IDV କୁ ସର୍ବେକ୍ଷକ, କାର ବ୍ୟବସାୟୀ ଇତ୍ୟାଦି ମାନଙ୍କ ଦ୍ୱାରା କରାଯାଇଥିବା ଗାଡିର ଅବସ୍ଥାର ମୂଲ୍ୟାଙ୍କନ ଦ୍ୱାରା ନିର୍ଦ୍ଧାରିତ କରାଯାଇଥାଏ ।

IDV ହେଉଛି ଦିଆଯାଇଥିବା କ୍ଷତିପୂରଣର ରାଶି ଯଦି ଏକ ଗାଡ଼ି ଚୋରୀ ହୋଇଯାଏ କିମ୍ବା ସଂପୂର୍ଣ୍ଣ ହାନିରେ ଆକ୍ରାନ୍ତ ହୁଏ । **ସେହି IDV ଯାହା କାରର ବଜାର ମୂଲ୍ୟର ନିକଟସ୍ଥ ହୋଇଥାଏ, ତାହାକୁ ପ୍ରାପ୍ତି କରିବା ଅତ୍ୟଧିକ ରୂପେ ସୁପାରିଶ କରାଯାଏ । ବୀମାକର୍ତ୍ତାମାନେ ବୀମିତଙ୍କୁ IDV ହ୍ରାସ କରିବା ପାଇଁ 5 % ଠାରୁ 10 % ର ଶ୍ରେଣୀ ଦେଇଥାନ୍ତି । କମ୍ IDV ର ଅର୍ଥ ହେଉଛି କମ୍ ପ୍ରିମିୟମ ।**

c) **ଅଗ୍ନି ବୀମା:** ଅଗ୍ନି ବୀମାରେ ବୀମା ରାଶିକୁ ବିଲଡିଂ/କାରଖାନା ଓ ଯନ୍ତ୍ରପାତି ଏବଂ ଫିକ୍ସଚର ପାଇଁ କ୍ଷତିପୂର୍ତ୍ତି କିମ୍ବା ପୁନଃସ୍ଥାପନା ମୂଲ୍ୟ ଆଧାରରେ ନିର୍ଦ୍ଧାରିତ କରାଯାଇପାରେ । ସାମଗ୍ରୀଗୁଡ଼ିକୁ ସେମାନଙ୍କ ବଜାର ମୂଲ୍ୟ ଆଧାରରେ ବୀମା ସୁରକ୍ଷା ଦିଆଯାଇଥାଏ ଯାହା ମୂଲ୍ୟହ୍ରାସକୁ କାଟି ସାମଗ୍ରୀର ମୂଲ୍ୟ ହୋଇଥାଏ । **(ପୁନଃସ୍ଥାପନ ମୂଲ୍ୟକୁ ବିସ୍ତୃତ ରୂପେ ଅଧ୍ୟାୟ 28-ବ୍ୟାପାରିକ ବୀମାରେ ବ୍ୟାଖ୍ୟା କରାଯାଇଛି)**

d) **ଷ୍ଟକ୍ ବୀମା:** ଷ୍ଟକ୍ କ୍ଷେତ୍ରରେ, ବୀମା ରାଶି ହେଉଛି ସେମାନଙ୍କ ବଜାର ମୂଲ୍ୟ । ବୀମିତଙ୍କୁ ସେହି ମୂଲ୍ୟରେ ପ୍ରତିପୂର୍ତ୍ତି କରାଯିବ ଯେଉଁଥିରେ, ହାନି ପରେ, କ୍ଷତି ହୋଇଥିବା କଞ୍ଚା ସାମଗ୍ରୀକୁ ପୁନଃସ୍ଥାପିତ କରିବା ପାଇଁ, ଏହି ଷ୍ଟକ୍ ଗୁଡିକୁ ବଜାରରେ କିଣା ଯାଇ ପାରିବ ।

e) **ସାମୁଦ୍ରିକ କାର୍ଗୋ ବୀମା**: ଏହା ଏକ ସର୍ବ ସମ୍ମତ ମୂଲ୍ୟର ପଲିସୀ ଅଟେ ଏବଂ ବୀମା ରାଶି ଚୁକ୍ତି ସମୟରେ ବୀମାକର୍ତ୍ତା ଓ ବୀମିତ ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ହୋଇଥାଏ । ସାଧାରଣତଃ ଏଥିରେ ଅନ୍ତର୍ଭୁକ୍ତ ହୋଇଥାଏ ବସ୍ତୁର ମୂଲ୍ୟର ରାଶି ଯୋଗ ବୀମା + ଭଡ଼ା ଅର୍ଥାତ୍ CIF ମୂଲ୍ୟ ।

f) **ସାମୁଦ୍ରିକ ହଲ ବୀମା:** ସାମୁଦ୍ରିକ ହଲ ବୀମାରେ, ବୀମା ରାଶି ହେଉଛି, ଚୁକ୍ତିର ଆରମ୍ଭରେ ବୀମିତ ଓ ବୀମାକର୍ତ୍ତା ମଧ୍ୟରେ ହୋଇଥିବା ସମ୍ମତ ମୂଲ୍ୟ । ଏହି ମୂଲ୍ୟକୁ ହଲ/ଜାହାଜର ନିରୀକ୍ଷଣ ପରେ ଏକ ପ୍ରମାଣିତ ମୂଲ୍ୟାଙ୍କନ ଦ୍ୱାରା ନିର୍ଦ୍ଧାରିତ କରାଯାଇଥାଏ ।

g) **ଦାୟିତ୍ୱ ବୀମା:** ଦାୟିତ୍ୱ ପଲିସୀମାନଙ୍କରେ, ବୀମା ରାଶି ହେଉଛି ସଂସର୍ଗର ମାତ୍ରା, ଭୌଗଳିକ ବ୍ୟାପକତା ଆଧାରରେ ଔଦ୍ୟୋଗିକ ୟୁନିଟ୍ ମାନଙ୍କ ଦାୟିତ୍ୱ ସଂସର୍ଗ । ଅତିରିକ୍ତ ବୈଧିକ ମୂଲ୍ୟ ଓ ଖର୍ଚ୍ଚସବୁ ଦାବୀ କ୍ଷତିପୂରଣର ଅଂଶ ହୋଇପାରନ୍ତି । ବୀମା ରାଶିକୁ ଉପରୋକ୍ତ ମାପଦଣ୍ଡ ଆଧାରରେ ବୀମିତ ଦ୍ୱାରା ନିର୍ଦ୍ଧାରିତ କରାଯାଇଥାଏ ।

## ସ୍ୱୟଂ ପରୀକ୍ଷଣ କରନ୍ତୁ 2

ଏକ ଡାକ୍ତର ତା' ବିରୁଦ୍ଧରେ ଅବହେଳାର କୌଣସି ଦାବୀ ଠାରୁ ନିଜକୁ ସୁରକ୍ଷା ପ୍ରଦାନ କରିବା ପାଇଁ ତାଙ୍କ ପାଇଁ ଏକ ବୀମା ଯୋଜନାର ପରାମର୍ଶ ଦିଅନ୍ତୁ ।

I. ବ୍ୟକ୍ତିଗତ ଦୁର୍ଘଟଣା ବୀମା

II. ବ୍ୟବସାୟିକ ଦାୟିତ୍ୱ ବୀମା

III. ସାମୁଦ୍ରିକ ହଲ ବୀମା

IV. ସ୍ୱାସ୍ଥ୍ୟ ବୀମା

## ସାରାଂଶ

a) ସଙ୍କଟଗୁଡିକୁ ବର୍ଗୀକରଣ ଏବଂ ସେମାନେ କେଉଁ ବର୍ଗରେ ଆସନ୍ତି ତାହାର ନିର୍ଦ୍ଧାରଣର ପ୍ରକ୍ରିୟା ମୂଲ୍ୟ ନିର୍ଦ୍ଧାରଣ ପାଇଁ ମହତ୍ୱ ପୂର୍ଣ୍ଣ ଅଟେ ।

b) ସଙ୍କଟାଙ୍କନ ହେଉଛି ଏହା ନିର୍ଦ୍ଧାରଣ କରିବାର ପ୍ରକ୍ରିୟା ଯେ ବୀମା ପାଇଁ ପ୍ରଦାନ କରାଯାଇଥିବା ଏକ ସଙ୍କଟ ସ୍ୱୀକାର ଯୋଗ୍ୟ ଅଟେ କି ନାହିଁ, ଏବଂ ଯଦି ଅଟେ, କେଉଁ ହାର ନିୟମ ଓ ସର୍ତ୍ତାବଳୀରେ ବୀମା ସୁରକ୍ଷାକୁ ସ୍ୱୀକାର କରାଯିବ ।

c) ଏକ ହାର/ଦର ହେଉଛି ଏକ ଦତ୍ତ ବୀମା ୟୁନିଟର ମୂଲ୍ୟ

d) ମୂଲ୍ୟ ନିର୍ଦ୍ଧାରଣର ମୂଳ ଉଦ୍ଦେଶ୍ୟ ଏହା ସୁନିଶ୍ଚିତ କରିବା ଅଟେ ଯେ ବୀମାର ମୂଲ୍ୟ ଯଥେଷ୍ଟ ଏବଂ ଯଥାର୍ଥ ହେବା ଉଚିତ୍ ।

e) 'ଶୁଦ୍ଧ ପ୍ରିମିୟମ' କୁ, ଖର୍ଚ୍ଚ, ରିଜର୍ଭ ଓ ଲାଭର ପ୍ରାବଧାନ ରଖିବାକୁ ପ୍ରତିଶତ ଯୋଗ କରି ଉଚିତ୍ ରୂପେ ଲୋଡ କିମ୍ବା ବୃଦ୍ଧି କରାଯାଇଥାଏ ।

f) ବୀମା ଭାଷାରେ ବିପତ୍ତି ଶବ୍ଦ ସେହି ଅବସ୍ଥା କିମ୍ବା ଲକ୍ଷଣ କିମ୍ବା ବିଶେଷତାଗୁଡିକୁ ସୂଚୀତ କରେ ଯାହା ଏକ ଦତ୍ତ ଆପଦଠାରୁ ଉତ୍ପନ୍ନ ହେଉଥିବା ହାନିର ସମ୍ଭାବନାକୁ ସୃଷ୍ଟି କରନ୍ତି କିମ୍ବା ବୃଦ୍ଧି କରନ୍ତି ।

g) କାଟଯୋଗ୍ୟ/ଅତିରିକ୍ତ ଅନୁଚ୍ଛେଦକୁ ଲାଗୁ କରିବାର ଉଦ୍ଦେଶ୍ୟ ହେଉଛି ଛୋଟ ଛୋଟ ଦାବୀକୁ ହଟାଇବା ।

h) ଅଣ-ଦାବୀ ବୋନସ୍ ହେଉଛି ସଙ୍କଟାଙ୍କନ ଅନୁଭୂତିକୁ ଉନ୍ନତ କରିବା ପାଇଁ ଏକ ଶକ୍ତିଶାଳୀ ପଦ୍ଧତି ଏବଂ ଏହା ମୂଲ୍ୟ ନିର୍ଦ୍ଧାରଣ ପ୍ରଣାଳୀର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଥାଏ ।

i) ବୀମା ରାଶି ହେଉଛି ସେହି ସର୍ବାଧିକ ରାଶି ପରିମାଣ ଯାହାକୁ ପଲିସୀ ସର୍ତ୍ତ ଅନୁସାରେ ଏକ ବୀମା କମ୍ପାନୀ କ୍ଷତିପୂର୍ତ୍ତି ଦେବ ।

## ମୂଖ୍ୟ ପଦାବଳୀ

a) ସଙ୍କଟାଙ୍କନ

b) ମୂଲ୍ୟ ନିର୍ଦ୍ଧାରଣ

c) ଭୌତିକ ବିପତ୍ତି

d) ନୈତିକ ବିପତ୍ତି

e) କ୍ଷତିପୂର୍ତ୍ତି

f) ପ୍ରିମିୟମ ଲୋଡିଙ୍ଗ୍

g) ୱାରେଣ୍ଟି

h) କାଟଯୋଗ୍ୟ

i) ଅତିରିକ୍ତ

**ସ୍ୱୟଂ ପରୀକ୍ଷା କରନ୍ତୁର ଉତ୍ତର**

**ଉତ୍ତର 1** - ସଠିକ୍ ବିକଳ୍ପ ହେଉଛି II

**ଉତ୍ତର 2** - ସଠିକ୍ ବିକଳ୍ପ ହେଉଛି II

# ଅଧ୍ୟାୟ G-03

## ବ୍ୟକ୍ତିଗତ ଏବଂ ଖୁଚୁରା ବୀମା

**ଅଧ୍ୟାୟ ପରିଚୟ**

ପୂର୍ବବର୍ତ୍ତୀ ଅଧ୍ୟାୟମାନଙ୍କରେ ଆମେମାନେ ସାଧାରଣ ବୀମା ସମ୍ବନ୍ଧୀୟ ବିଭିନ୍ନ ଅବଧାରଣା ଏବଂ ସିଦ୍ଧାନ୍ତ ବିଷୟରେ ଶିଖିଛୁ । ସାଧାରଣ ବୀମା ଉତ୍ପାଦଗୁଡିକୁ ବିଭିନ୍ନ ବଜାରରେ ଭିନ୍ନ ଭିନ୍ନ ହିସାବରେ ବର୍ଗୀକୃତ କରାଯାଏ । କେତେକ ସେମାନଙ୍କୁ ସମ୍ପତ୍ତି, ଦୁର୍ଘଟଣା ଏବଂ ଦାୟିତ୍ୱ ରୂପେ ବର୍ଗୀକୃତ କରନ୍ତି । ଅନ୍ୟ କେଉଁଠି, ସେମାନଙ୍କୁ ଅଗ୍ନି, ସାମୁଦ୍ରିକ, ମୋଟର ଏବଂ ଅନ୍ୟାନ୍ୟ ରୂପେ ବର୍ଗୀକୃତ କରନ୍ତି । ଏହି ଅଧ୍ୟାୟରେ, ସାଧାରଣ ଉତ୍ପାଦ ଯଥା ବ୍ୟକ୍ତିଗତ ଦୁର୍ଘଟଣା, ଯାତ୍ରା, ଗୃହ ଏବଂ ଦୋକାନୀ ଓ ମୋଟର ବୀମା ଯାହାକୁ ସେଭଳିଆ ଖୁଚୁରା ଗ୍ରାହକମାନଙ୍କ ଦ୍ୱାରା କିଣା ଯାଇଥାଏ, ସେମାନଙ୍କ ଉପରେ ଆଲୋଚନା କରାଯାଇଛି ।

**ଅଧ୍ୟୟନ ପରିଣାମ**

A. ଖୁଚୁରା ବୀମା ଉତ୍ପାଦ

B. ସମସ୍ତ ସଙ୍କଟ 'ଏବଂ ନାମିତ ଆପଦ 'ବୀମା ପଲିସୀ

C. ପ୍ୟାକେଜ ପଲିସୀ

D. ଦୋକାନୀ ବୀମା

E. ଗୃହସ୍ଥ ବୀମା

F. ବୀମା ରାଶି ଏବଂ ପ୍ରିମିୟମ

G. ମୋଟର ବୀମା

**ଏହି ଅଧ୍ୟାୟ ଅଧ୍ୟୟନ କରିବା ପରେ, ଆପଣ ସକ୍ଷମ ହେବେ:**

1. ଗୃହସ୍ଥ ବୀମାକୁ ବ୍ୟାଖ୍ୟା କରିବା ପାଇଁ
2. ଦୋକାନ ବୀମା ସୁରକ୍ଷା ପ୍ରସ୍ତୁତ କରିବା ପାଇଁ
3. ମୋଟର ବୀମା ବିଷୟରେ ଆଲୋଚନା କରିବା ପାଇଁ

## A. ଖୁଚୁରା ବୀମା ଉତ୍ପାଦ

କେତେକ ବୀମା ଉତ୍ପାଦ ଅଛନ୍ତି ଯାହାକୁ କିଛି ନିର୍ଦ୍ଦିଷ୍ଟ ହିତଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା ପାଇଁ ବ୍ୟକ୍ତିମାନଙ୍କ ପାଇଁ କିଣା ଯାଇଥାଏ । ଯଦିଓ ଛୋଟ ଛୋଟ ବ୍ୟାପାରିକ କିମ୍ବା ବ୍ୟବସାୟ ହିତଗୁଡ଼ିକ ସେଭଳି ବୀମା ପାଇଁ ରହିପାରେ, ଏଗୁଡ଼ିକୁ ସାଧାରଣତଃ ବ୍ୟକ୍ତିଗୁଡ଼ିକୁ ବିକ୍ରି କରାଯାଏ । କେତେକ ବଜାରରେ ଏଗୁଡ଼ିକୁ 'ଛୋଟ ଟିକଟ' ପଲିସୀ କିମ୍ବା 'ଖୁଚୁରା ପଲିସୀ' କିମ୍ବା 'ଖୁଚୁରା ଉତ୍ପାଦ' କୁହାଯାଏ । ଗୃହ, ମୋଟର କାର, ଦୁଇ ଚକିଆ, ଦୋକାନ ଭଳି ଛୋଟ ଛୋଟ ବ୍ୟବସାୟ ଇତ୍ୟାଦିର ବୀମାଗୁଡ଼ିକ ଏହି ବର୍ଗ ଅନ୍ତର୍ଗତ ଆସିଥାନ୍ତି । ଏହି ଉତ୍ପାଦଗୁଡ଼ିକୁ ସାଧାରଣତଃ ସେହି ଅଭିକର୍ତ୍ତା/ବିତରଣ ମାଧ୍ୟମମାନଙ୍କ ଦ୍ୱାରା ବିକ୍ରି କରାଯାଏ ଯେଉଁମାନେ ବ୍ୟକ୍ତିଗତ ଶ୍ରେଣୀର ବୀମା ସହିତ କାରାବାର କରିଥାନ୍ତି ଯେହେତୁ କ୍ରେତାମାନେ ମଧ୍ୟ ବସ୍ତୁତଃ ସେହି ଏକା ଉପଭୋକ୍ତା ଖଣ୍ଡଠାରୁ ହୋଇଥାନ୍ତି ।

## B. 'ସମସ୍ତ ସଙ୍କଟ' ଏବଂ 'ନାମିତ ଆପଦ' ବୀମା ପଲିସୀ

ଅଣ-ଜୀବନ ବୀମା ପଲିସୀଗୁଡ଼ିକୁ ମୂଖ୍ୟତଃ ଦୁଇ ବର୍ଗରେ ଶ୍ରେଣୀଭୁକ୍ତ କରାଯାଇଥାଏ:

- ✓ ନାମିତ ଆପଦ ପଲିସୀ (Named Perils Policy)
- ✓ ସମସ୍ତ ସଙ୍କଟ ପଲିସୀ (All Risks Policy)

i. ସାଧାରଣ ଭାବେ "ସମସ୍ତ ସଙ୍କଟ" ର ଅର୍ଥ ଏହା ଯେ କୌଣସି ସଙ୍କଟ ଯାହାକୁ ବୀମା ଚୁକ୍ତି ବିଶେଷ ରୂପେ ବହିର୍ଭୂତ (exclusion) କରେ ନାହିଁ, ତାହାକୁ ନିୟମ ଓ ସର୍ତ୍ତାବଳୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରେ ।

ii. ସମସ୍ତ –ସଙ୍କଟ ବୀମା ହେଉଛି ଉପଲବ୍ଧ ସବୁଠୁ ବ୍ୟାପକ ପ୍ରକାରର ବୀମା ସୁରକ୍ଷା । ଏହାର ମୂଲ୍ୟ ସେଥିପାଇଁ ଅନ୍ୟ ପ୍ରକାରର ପଲିସୀମାନଙ୍କ ଅପେକ୍ଷା ସମାନୁପାତିକ ରୂପେ ଅଧିକ ହିସାବରେ ନିର୍ଦ୍ଧାରିତ କରାଯାଇଥାଏ, ଏବଂ ଏହି ପ୍ରକାରର ବୀମାର ମୂଲ୍ୟକୁ ଏକ ଦାବୀର ସମ୍ଭାବନାର ବିରୁଦ୍ଧରେ ମପାଯାଇଥାଏ ।

iii. ଅନ୍ୟପକ୍ଷରେ ନାମିତ ଆପଦ ପଲିସୀଗୁଡ଼ିକ ସେହିସବୁ ହୋଇଥାନ୍ତି ଯେଉଁଠି ସୁରକ୍ଷାପ୍ରାପ୍ତ ଆପଦଗୁଡ଼ିକୁ ବିଶେଷରୂପେ ସୂଚୀଭୁକ୍ତ ଓ ପରିଭାଷିତ କରାଯାଇଥାଏ ।

## C. ପ୍ୟାକେଜ୍ ପଲିସୀ

i. ପ୍ୟାକେଜ୍ ସୁରକ୍ଷା, କେବଳ ଏକମାତ୍ର ଦସ୍ତାବିଜରେ, ସୁରକ୍ଷାଗୁଡ଼ିକର ସମୁଚ୍ଚୟକୁ ଦେଇଥାଏ ।

ii. ଉଦାହରଣ ସ୍ୱରୂପ ଗୃହସ୍ଥ ପଲିସୀ, ଦୋକାନୀ ପଲିସୀ, ଅଫିସ୍ ପ୍ୟାକେଜ୍ ପଲିସୀ ଇତ୍ୟାଦି ଭଳି ସୁରକ୍ଷାଗୁଡ଼ିକ ଅଛନ୍ତି ଯାହା, ଗୋଟିଏ ପଲିସୀ ଅନ୍ତର୍ଗତ, ଘର, ବସ୍ତୁ ଇତ୍ୟାଦିଗୁଡ଼ିକ ସମେତ ବିଭିନ୍ନ ଭୌତିକ ପରିସମ୍ପତ୍ତିକୁ ସୁରକ୍ଷା ଦେବା ପାଇଁ ଚାହାଁନ୍ତି ।

iii. ସେଭଳି ପଲିସୀଗୁଡ଼ିକ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଗତ ଶ୍ରେଣୀ କିମ୍ବା ଦାୟିତ୍ୱ ସୁରକ୍ଷାକୁ ମଧ୍ୟ ଅନ୍ତର୍ଭୁକ୍ତ କରନ୍ତି ।

iv. ପ୍ୟାକେଜ୍ ସୁରକ୍ଷାଗୁଡ଼ିକ ପାଖରେ ସମସ୍ତ ବିଭାଗ ପାଇଁ ସାଧାରଣ ନିୟମ ଓ ସର୍ତ୍ତାବଳୀ ଥାଇପାରେ ଏବଂ ପଲିସୀର ବିଶେଷ ବିଭାଗଗୁଡ଼ିକ ପାଇଁ ବିଶେଷ ନିୟମଗୁଡ଼ିକ ମଧ୍ୟ ଥାଇପାରେ ।

## D. ଦୋକାନୀ ବୀମା

ଏକ ଦୋକାନ ମାଲିକ ଏକ କର୍ପୋରେଟ୍ ଗୃହ ନୁହେଁ ଯାହା ପାଖରେ ବ୍ୟବସାୟ ପୁନରାରମ୍ଭ ଅର୍ଥର ବିଶାଳ ରିଜର୍ଭ ଥାଏ । କେବଳ ଏକମାତ୍ର ଦୁର୍ଘଟଣା ତା' ଦୋକାନର ସମାପ୍ତି କରି ଦେଇପାରେ ଏବଂ ସମ୍ଭବତଃ ତା' ପରିବାରକୁ ଧ୍ୱଂସ କରି ଦେଇ ପାରେ । ପରିଶୋଧ କରିବା ପାଇଁ ତାର ବ୍ୟାଙ୍କ ଋଣ ମଧ୍ୟ ଥାଇପାରେ । ସବୁବେଳେ ଏକ ସମ୍ଭାବନା ରହିଥାଏ ଯେ ଜନତାର ଏକ ସଦସ୍ୟ ଦୋକାନ ମାଲିକର କାର୍ଯ୍ୟର କାରଣରୁ, ତାର ସମ୍ପତ୍ତିର ଏକ ବ୍ୟକ୍ତିଗତ ହାନି କିମ୍ବା କ୍ଷତିରେ ଆକ୍ରାନ୍ତ ହୁଏ ଏବଂ ଅଦାଲତ କ୍ଷତିପାଇଁ ରାଶିପ୍ରଦାନ କରିବାକୁ ଦୋକାନକୁ ଦାୟୀ କରନ୍ତି । ସେଭଳି ପରିସ୍ଥିତି ବି ଏକ ଦୋକାନୀକୁ ଧ୍ୱଂସ କରିପାରେ । ତେଣୁକରି, ଜୀବିକାର ଏହି ସାଧନକୁ ସୁରକ୍ଷିତ କରିବା ଅତି ଆବଶ୍ୟକ ।

**ଦୋକାନୀ ବୀମା ପଲିସୀଗୁଡ଼ିକ ବାଣିଜ୍ୟିକ/ଖୁଚୁରା ବ୍ୟବସାୟର ଅନେକ ସେଭଳି ଦିଗଗୁଡ଼ିକୁ ସୁରକ୍ଷା ଦେବା** ପାଇଁ ପ୍ରକଳ୍ପିତ ପଲିସୀଗୁଡ଼ିକ ଅଛନ୍ତି ଯେଉଁଗୁଡ଼ିକୁ ଅନେକ ପ୍ରକାରର ଦୋକାନର ବିଶେଷ ହିତକୁ ସୁରକ୍ଷା ଦେବା ପାଇଁ କଷ୍ଟମାଇଜ୍ କରାଯାଇଛି ଯେପରିକି ପୁରୁଣା ସାମଗ୍ରୀର ଦୋକାନ, ନାପିତ ଦୋକାନ, ବ୍ୟୁଟିପାର୍ଲର, ପୁସ୍ତକ ଷ୍ଟୋର, ବିଭାଗ ଷ୍ଟୋର, ଡ୍ରାଇକ୍ଲିନର୍, ଉପହାର ଦୋକାନ, ଫାର୍ମାସୀ, ଷ୍ଟେସନାରୀ ଦୋକାନ, କଣ୍ଢେଇ ଦୋକାନ, ପରିଧାନ ଷ୍ଟୋର ଇତ୍ୟାଦି ।

### 1. ଦୋକାନୀ ବୀମା କ'ଣ ସୁରକ୍ଷା ପ୍ରଦାନ କରେ?

ପଲିସୀକୁ ଖୁଚୁରା ବ୍ୟବସାୟର ବିଶେଷ କ୍ଷେତ୍ରଗୁଡ଼ିକୁ ସୁରକ୍ଷା ଦେବା ପାଇଁ ବୀମାସୁରକ୍ଷା ପ୍ରଦାନ କରିବାକୁ ପ୍ରସ୍ତୁତ କରାଯାଇପାରେ । ଏହା ସାଧାରଣତଃ ନିଆଁ, ଭୂମିକମ୍ପ, ବନ୍ୟା କିମ୍ବା ହାନିକାରକ କ୍ଷତି; ଏବଂ ଚୋରୀ ଯୋଗୁଁ ଦୋକାନ ସଂରଚନା ଏବଂ ବସ୍ତୁଗୁଡ଼ିକର ହାନିକୁ ସୁରକ୍ଷା ଦେଇଥାଏ । **ଦୋକାନ ବୀମା ବ୍ୟବସାୟ ବ୍ୟାଘାତ ସୁରକ୍ଷାକୁ ମଧ୍ୟ ଅନ୍ତର୍ଭୁକ୍ତ କରିପାରେ । ଏହା ବ୍ୟବସାୟ ସଂଚାଳନରେ ବ୍ୟାଘାତ ସୃଷ୍ଟି କରୁଥିବା ଅପ୍ରତ୍ୟାଶିତ ଆପଦର କାର୍ଯ୍ୟର ଘଟଣାରେ ଆୟ କିମ୍ବା ଅତିରିକ୍ତ ଖର୍ଚ୍ଚର କୌଣସି ହାନିକୁ ସୁରକ୍ଷା ଦେବ । ବୀମା ସୁରକ୍ଷାକୁ ବୀମିତର କାର୍ଯ୍ୟକଳାପର ଶ୍ରେଣୀ ଆଧାରରେ ତା'ଦ୍ୱାରା ଚୟନ କରାଯାଇପାରେ ।**

ଅତିରିକ୍ତ ସୁରକ୍ଷା ଯାହାକୁ ବୀମିତ ଚୟନ କରିପାରେ ତାହା ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ ଏବଂ ଅଣ-ଜୀବନ ବୀମା କମ୍ପାନୀମାନଙ୍କ ସମ୍ବନ୍ଧିତ ୱେବସାଇଟ୍ ଠାରୁ ସତ୍ୟାପିତ କରାଯାଇ ପାରେ । ଏମାନେ ହୋଇପାରନ୍ତି:

i. **ଚୋରୀ ଏବଂ ଗୃହ ଭେଦନ**: ଅଫିସ ସାମଗ୍ରୀ ଗୁଡ଼ିକର ଗୃହ ଭେଦନ, ଚୋରୀ, ଏବଂ ଲାର୍ସେନୀ ପାଇଁ ବୀମା ସୁରକ୍ଷା

ii. **ଯନ୍ତ୍ରପାତି ଅଚଳତା:** ବୈଦ୍ୟୁତିକ/ଯାନ୍ତ୍ରିକ ଉପକରଣଗୁଡ଼ିକର ଅଚଳତା ପାଇଁ ସୁରକ୍ଷା

iii. ଇଲେକ୍ଟ୍ରୋନିକ୍ ଉପକରଣ ଏବଂ ସାଧନ:

- ✓ ଇଲେକ୍ଟ୍ରୋନିକ୍ ଉପକରଣ ପାଇଁ ସମସ୍ତ-ସଙ୍କଟ ସୁରକ୍ଷା ପ୍ରଦାନ କରେ
- ✓ ଇଲେକ୍ଟ୍ରୋନିକ୍ ପ୍ରତିଷ୍ଠାପନ ଗୁଡ଼ିକର ହାନି ପାଇଁ ସୁରକ୍ଷା

iv. **ଅର୍ଥ ବୀମା:** ଏକ ଦୁର୍ଘଟଣା କାରଣରୁ ହୋଇଥିବା ଟଙ୍କାର ହାନି ବିରୁଦ୍ଧରେ ବୀମା ସୁରକ୍ଷା ପ୍ରଦାନ କରେ ଯେତେବେଳେ ଏହା:

- ✓ ବ୍ୟବସାୟ ପରିସର ଠାରୁ ବ୍ୟାଙ୍କ ପର୍ଯ୍ୟନ୍ତ ପାରବହନରେ ଥାଏ ଏବଂ ବିପରୀତ
- ✓ ବ୍ୟବସାୟ ପରିସରରେ ଏକ ସେଫ୍ ରେ ଥାଏ
- ✓ ବ୍ୟବସାୟ ପରିସରରେ ଏକ ଟିଲ୍ (ବାକ୍ସ/ଡ୍ରୟର/କାଉଣ୍ଟର) ରେ ଥାଏ

v. ବ୍ୟାଗେଜ୍: କାର୍ଯ୍ୟ ସମ୍ପାଦନ ଉଦ୍ଦେଶ୍ୟରେ ଯାତ୍ରାରେ ଥିବା ସମୟରେ ବ୍ୟାଗେଜ୍ ର ହାନି ପାଇଁ କ୍ଷତି ପୂରଣ ଦିଏ

vi. ଲଗା ଯାଇଥିବା ପ୍ଲେଟ୍ ଗ୍ଲାସ୍ ଓ ସ୍ୱଚ୍ଛତା ଫିଟିଙ୍ଗ୍ ନିମ୍ନଲିଖିତ କ୍ଷତିର ଦୁର୍ଘଟଣା ଜନିତ ହାନିକୁ ସୁରକ୍ଷା ଦିଏ:

- ✓ ଲଗା ଯାଇଥିବା ପ୍ଲେଟ୍ ଗ୍ଲାସ୍
- ✓ ସ୍ୱଚ୍ଛତା ଫିଟିଙ୍ଗ୍
- ✓ ନିୟନ ସଙ୍କେତ/ଗ୍ଲୋ ସଙ୍କେତ/ ହୋର୍ଡିଙ୍ଗ୍

vii. **ବ୍ୟକ୍ତିଗତ ଦୁର୍ଘଟଣା**

viii. **କର୍ମଚାରୀମାନଙ୍କ ଅବିଶ୍ୱସନୀୟତା/ଅସାଧୁତା**: କର୍ମଚାରୀମାନଙ୍କ ଅସାଧୁ କାର୍ଯ୍ୟଯୋଗୁଁ ହୋଇଥିବା ହାନି କିମ୍ବା କ୍ଷତିକୁ ସୁରକ୍ଷା ଦିଏ

ix. **ବୈଧିକ ଦାୟିତ୍ୱ**:

- ✓ ନିଯୁକ୍ତି ଠାରୁ ଏବଂ ସମୟରେ ଉପୁଜିଥିବା ଦୁର୍ଘଟଣାଗୁଡିକ ପାଇଁ ବୀମା ସୁରକ୍ଷା
- ✓ ତୃତୀୟ ପକ୍ଷମାନଙ୍କ ପାଇଁ ବୈଧିକ ଦାୟିତ୍ୱ ପାଇଁ ସୁରକ୍ଷା ପ୍ରଦାନ କରେ

ନିଆଁ/ଚୋରୀ/ବ୍ୟାଗେଜ୍/ପ୍ଲେଟ୍ ଗ୍ଲାସ୍/ବିଶ୍ୱସନୀୟତା (ନିଷ୍ଠା) ଗ୍ୟାରେଣ୍ଟି/କାର୍ମିକ କ୍ଷତିପୂରଣ ଏବଂ ସାର୍ବଜନିକ ଦାୟିତ୍ୱ ପଲିସୀଗୁଡ଼ିକୁ (ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନା କରାଯାଇଥିବା) ମଧ୍ୟ ଅଲଗା ଅଲଗା ନିଆଯାଇ ପାରେ ।

ଆତଙ୍କବାଦ ସୁରକ୍ଷାକୁ ମଧ୍ୟ ବିସ୍ତାର କରାଯାଇପାରେ । ଅପବର୍ଜନଗୁଡ଼ିକ ସାଧାରଣତଃ ଗୃହସ୍ଥ ବୀମାରେ ଥିବା ଭଳି ହୋଇଥାଏ ।

## E. ଗୃହସ୍ଥ ବୀମା

ଏକ ଗୃହସ୍ଥ ବୀମା ପଲିସୀ ଅନ୍ତର୍ଗତ ବୀମାସୁରକ୍ଷାଗୁଡ଼ିକ ଅତ୍ୟନ୍ତ ବ୍ୟାପକ ଅଟେ । **ଏହା ସାଧାରଣତଃ ଏକ ଗୃହସ୍ଥର ସମସ୍ତ ଆବଶ୍ୟକତାର ଏକ ପ୍ୟାକେଜ୍ ହୋଇଥାଏ ।**

ସାଧାରଣତଃ ସୁରକ୍ଷା ପ୍ରଦାନ କରାଯାଇଥିବା ହାନିଗୁଡ଼ିକରେ ଅନ୍ତର୍ଭୁକ୍ତ ହୁଅନ୍ତି ନିଆଁ, ବିଜୁଳୀ, ବିସ୍ଫୋରଣ ଏବଂ ବିମାନ ପତନ/ପ୍ରଭାବୀ କ୍ଷତି (ସାଧାରଣ ଭାବେ FLEXA ରୂପେ ପରିଚିତ); ଝଡ଼,ସାମୁଦ୍ରିକ ତୋଫାନ, ବନ୍ୟା ଏବଂ ଜଳପ୍ଲାବନ (ସାଧାରଣ ଭାବେ STFI ରୂପେ ପରିଚିତ); ଏବଂ ଚୋରୀ । **ବୀମା ସୁରକ୍ଷା କମ୍ପାନୀଠୁ କମ୍ପାନୀ ଏବଂ ପଲିସୀଠୁ ପଲିସୀ ଭିନ୍ନ ଭିନ୍ନ ହୋଇଥାଏ ।**

ସଂରଚନା ବ୍ୟତୀତ, ଏହା ଲୁଟ୍, ଜବରଦସ୍ତି ଗୃହ ଭେଦନ, ଲାରସେନୀ ଓ ଚୋରୀ ବିରୁଦ୍ଧରେ ଘରର ବସ୍ତୁଗୁଡ଼ିକୁ ସୁରକ୍ଷା ପ୍ରଦାନ କରିଥାଏ । ପିନ୍ଧିଥିବା ସମୟରେ କିମ୍ବା ତାଲାବନ୍ଦ ସେଫ୍ ରେ ରଖାଯାଇଥିବା ଅଲଙ୍କାରାଦି କୁ ବି ଗୃହସ୍ଥା ବୀମା ଅନ୍ତର୍ଗତ ବୀମିତ କରାଯାଇପାରେ । ଘରୋଇ ଓ ଇଲେକ୍ଟ୍ରୋନିକ୍ ଉପକରଣଗୁଡ଼ିକର ବୈଦ୍ୟୁତିକ ଓ ଯାନ୍ତ୍ରିକ ବିଫଳତା ପାଇଁ ମଧ୍ୟ ସୁରକ୍ଷା ଦିଆଯାଇପାରେ ।

ସେହିଭଳି, ଗୃହସ୍ଥ ବୀମା ପ୍ୟାକେଜ୍ ଯାତ୍ରା ସମୟରେ ହଜିଯାଇଥିବା ବ୍ୟକ୍ତିଗତ ଲଗେଜ୍ ର ହାନି ପାଇଁ ମଧ୍ୟ ବୀମା ସୁରକ୍ଷା ପ୍ରଦାନ କରେ, କିମ୍ବା ପଡୋଶୀ/ସାକ୍ଷାତକାରୀମାନଙ୍କ ପ୍ରତି ଦାୟିତ୍ୱ ମଧ୍ୟ ଗୃହସ୍ଥ ବୀମା ପ୍ୟାକେଜ୍ ର ଅଂଶ ହୋଇପାରେ ।

କେତେକ ବୀମାକର୍ତ୍ତା ପେଡାଲ୍ ସାଇକେଲ, ବ୍ୟକ୍ତିଗତ ଦୁର୍ଘଟଣା ଏବଂ ଶ୍ରମିକଙ୍କ କ୍ଷତିପୂରଣ ପାଇଁ ମଧ୍ୟ ବୀମା ସୁରକ୍ଷା ପ୍ରଦାନ କରିଥାନ୍ତି ।

ଆଇ.ଆର.ଡି.ଏ.ଆଇ. 1 ଅପ୍ରେଲ, 2021 ଠାରୁ ପ୍ରଭାବୀ ରୂପେ ଏକ ମାନକ ଉତ୍ପାଦ ପ୍ରବର୍ତ୍ତିତ କରିଛି – ଭାରତ ଗୃହ ରକ୍ଷା ପଲିସୀ 10 ବର୍ଷ ପର୍ଯ୍ୟନ୍ତର ଅବଧି ଥିବା ପଲିସୀ ଯାହାକୁ ନିଆଁ ଏବଂ ସମବର୍ଗୀୟ ଆପଦ ବୀମା ବ୍ୟବସାୟର କାରବାର କରୁଥିବା ସମସ୍ତ ସାଧାରଣ ବୀମାକର୍ତ୍ତାଙ୍କ ଦ୍ୱାରା ଅନିବାର୍ଯ୍ୟ ରୂପେ ପ୍ରଦାନ କରାଯିବ ।

ଭାରତ ଗୃହ ରକ୍ଷା (ଗୃହ ନିର୍ମାଣ ଓ ଗୃହ ସାମଗ୍ରୀ ପାଇଁ ଉଦ୍ଦିଷ୍ଟ) ପଲିସୀ ଏକ ବ୍ୟାପକ ଶ୍ରେଣୀର ଆପଦଗୁଡିକ ସୁରକ୍ଷା ପ୍ରଦାନ କରେ, ଯେପରି କି ନିଆଁ, ପ୍ରାକୃତିକ ବିପର୍ଯ୍ୟୟ, ବଣ, ଜଙ୍ଗଲ ଓ ବୁଦା ନିଆଁ, କୌଣସି ବି ପ୍ରକାରର ପ୍ରଭାବୀ କ୍ଷତି, ଦଙ୍ଗା, ଷ୍ଟ୍ରାଇକ୍, ବିଦ୍ୱେଷପୂର୍ଣ୍ଣ କ୍ଷତି, ଆତଙ୍କବାଦୀ କାର୍ଯ୍ୟକଳାପ, ପାଣି ଟାଙ୍କି ଫାଟିବା ଓ ପାଣି ବୋହିବା, ଉପକରଣ ଓ ପାଇପ, ସ୍ୱୟଂଚାଳିତ ସ୍ପ୍ରିଙ୍କଲର୍ ପ୍ରତିଷ୍ଠାପନ ଏବଂ ଉପରୋକ୍ତ କୌଣସି ବି ଘଟଣା ଘଟିବାଠାରୁ 7 ଦିନ ମଧ୍ୟରେ ଚୋରୀ । ଏହି ପଲିସୀ 1 ଠାରୁ 10 ବର୍ଷର ଅବଧି ପାଇଁ ହୋଇପାରେ ।

ଗୃହ ନିର୍ମାଣ ବ୍ୟତୀତ, ପଲିସୀଟି ଟ. 10 ଲକ୍ଷର ସର୍ବାଧିକ ରାଶି ଅନ୍ତର୍ଗତ ବିଲଡିଙ୍ଗ୍ ର ବୀମା ରାଶିର 20% ପାଇଁ ସ୍ୱତଃପୂର୍ତ୍ତ ରୂପେ (ବିବରଣୀର ଘୋଷଣା ପାଇଁ କୌଣସି ଆବଶ୍ୟକତା ବିନା) ସାଧାରଣ ଗୃହ ସାମଗ୍ରୀଗୁଡିକୁ ସୁରକ୍ଷା ପ୍ରଦାନ କରେ । ଜଣେ ବିବରଣୀଗୁଡିକୁ ଘୋଷିତ କରି ସାଧାରଣ ସାମଗ୍ରୀଗୁଡିକ ପାଇଁ ଏକ ଉଚ୍ଚ ବୀମା ରାଶି ପାଇଁ ମଧ୍ୟ ଚୟନ କରିପାରେ ।

ପଲିସୀ ଦୁଇଟି ବୈକଳ୍ପିକ ସୁରକ୍ଷା ପ୍ରଦାନ କରେ, ଯଥା: (i) ଅଳଙ୍କାରାଦି ଓ କ୍ୟୁରିଓ ଭଳି ବହୁମୂଲ୍ୟ ସାମଗ୍ରୀ ପାଇଁ ବୀମା; ଏବଂ (ii) ପଲିସୀ ଅନ୍ତର୍ଗତ ଏକ ବୀମିତ ଆପଦ ଯୋଗୁଁ ବୀମିତ ଓ ପତି/ପତ୍ନୀର ବ୍ୟକ୍ତିଗତ ଦୁର୍ଘଟଣା ।

ପଲିସୀ ଅଧୋବୀମାର ସଂପୂର୍ଣ୍ଣ ମାଫ ଦେଇଥାଏ ଅର୍ଥାତ୍, ଯଦି ଏକ ପଲିସୀଧାରକ ଦ୍ୱାରା ଘୋଷିତ ବୀମା ରାଶି, ପ୍ରଶ୍ନ ଉଠିଥିବା ସମ୍ପତ୍ତି ପାଇଁ କ'ଣ ଘୋଷିତ କରିବା ଉଚିତ୍ ଥିଲା, ତାହାଠାରୁ କମ୍ ହୋଇଥାଏ, ପଲିସୀଧାରକର ଦାବୀକୁ ସମାନୁପାତିକ ରୂପେ ସମାଧାନ କରାଯିବ ନାହିଁ, କିନ୍ତୁ ସେହି ବୀମା ରାଶି ପର୍ଯ୍ୟନ୍ତ କରାଯିବ ଯାହା ଘୋଷିତ ହୋଇଥିବ ।

## F. ବୀମା ରାଶି ଏବଂ ପ୍ରିମିୟମ

ଔଦ୍ୟୋଗିକ ୟୁନିଟ୍ କିମ୍ବା କାର୍ଯ୍ୟାଳୟଗୁଡିକ ସେଥିରେ ପରିସମ୍ପତ୍ତିସବୁର ମୂଲ୍ୟ ଦେଖାଉଥିବା ଆକାଉଣ୍ଟସ ର ପୁସ୍ତକ ରଖିବେ । ଯାହା ଦ୍ୱାରା, ବୀମା ରାଶି ନିର୍ଦ୍ଧାରଣ କରିବା କଷ୍ଟସାଧ୍ୟ ହୋଇ ନ ପାରେ । ଦୋକାନ ଓ ଘର କ୍ଷେତ୍ରରେ, ଏହା ସର୍ବଦା ସମ୍ଭବ ହୋଇ ନ ପାରେ ।

ଯେମିତିକି ପୂର୍ବରୁ ଉଲ୍ଲେଖ କରାଯାଇଛି ଗୃହସ୍ଥ ବୀମା ଅନ୍ତର୍ଗତ, ସାଧାରଣତଃ, ବୀମା ରାଶି ନିର୍ଦ୍ଧାରଣ କରିବାର ଦୁଇଟି ପଦ୍ଧତି ଅଛି, ଯଥା: ବଜାର ମୂଲ୍ୟ ଏବଂ ପୁନଃସ୍ଥାପନ/ ପ୍ରତିସ୍ଥାପନ ମୂଲ୍ୟ ।

ଟଙ୍କା, ବ୍ୟାଗେଜ୍, ବ୍ୟକ୍ତିଗତ ଦୁର୍ଘଟଣା ଭଳି ଅତିରିକ୍ତ ବୀମା ସୁରକ୍ଷା ପାଇଁ, ପ୍ରିମିୟମ ବୀମା ରାଶି ଓ ଚୟନିତ କରାଯାଇଥିବା ସୁରକ୍ଷା ଉପରେ ନିର୍ଭର କରିପାରେ ।

**ଜଣେ ବ୍ୟକ୍ତି ବୀମାରାଶିକୁ କେମିତି ନିର୍ଦ୍ଧାରିତ କରେ?**

i. ସାଧାରଣତଃ, ଅଗ୍ନି ବୀମା ପାଇଁ, ବୀମା ରାଶି ନିର୍ଦ୍ଧାରଣ କରିବାର ଦୁଇଟି ପଦ୍ଧତି ଅଛି । ଗୋଟିଏ ହେଉଛି ବଜାର ମୂଲ୍ୟ ( MV) ଏବଂ ଅନ୍ୟଟି ହେଉଛି ପୁନଃସ୍ଥାପନ ମୂଲ୍ୟ (RIV) । M.V. କ୍ଷେତ୍ରରେ, ଏକ ହାନିର ଘଟଣାରେ, ସମ୍ପତ୍ତିର ପରମାୟୁ ଆଧାରରେ ମୂଲ୍ୟହ୍ରାସକୁ ତା'ଉପରେ ଲାଗୁ କରାଯାଏ । ଏହି ପଦ୍ଧତିରେ, ସମ୍ପତ୍ତିକୁ ପୁନଃସ୍ଥାପିତ କରିବା ପାଇଁ ଯଥେଷ୍ଟ ରାଶି ବୀମିତକୁ ପ୍ରଦାନ କରାଯାଏ ନାହିଁ ।

ii. RIV ପଦ୍ଧତିରେ, ବୀମା କମ୍ପାନୀ, ବୀମା ରାଶିର ଊର୍ଦ୍ଧ୍ୱସୀମା ଅନ୍ତର୍ଗତ, ପ୍ରତିସ୍ଥାପନର ମୂଲ୍ୟ ପ୍ରଦାନ କରିବ । ଏହି ପଦ୍ଧତି ଅନ୍ତର୍ଗତ, କୌଣସି ମୂଲ୍ୟ ହ୍ରାସ ଲାଗୁ କରାଯାଏ ନାହିଁ । ଗୋଟିଏ ସର୍ତ୍ତ ହେଉଛି ଯେ ଦାବୀ ପ୍ରାପ୍ତି କରିବା ପାଇଁ ଖରାପ ହୋଇଥିବା ସମ୍ପତ୍ତିକୁ ମରାମତି କିମ୍ବା ପ୍ରତିସ୍ଥାପିତ କରାଯିବା ଉଚିତ୍ । ଏହାକୁ ଧ୍ୟାନରେ ରଖାଯାଇପାରେ ଯେ RIV ପଦ୍ଧତିର ସ୍ୱୀକୃତି କେବଳ ସ୍ଥିର ସମ୍ପତ୍ତି ପାଇଁ ଦିଆଯାଏ ଏବଂ ଅନ୍ୟାନ୍ୟ ସମ୍ପତ୍ତି ଯେପରିକି ଷ୍ଟକ୍ ଓ ପ୍ରକ୍ରିୟାରେ ଥିବା ଷ୍ଟକ୍ ପାଇଁ ନୁହେଁ ।

ଅଧିକାଂଶ ପଲିସୀ ଏହାର ପୁନଃନିର୍ମାଣ ପାଇଁ ଘରର ସଂରଚନାକୁ ବୀମିତ କରିଥାନ୍ତି, ଯାହାକୁ ପୁନଃସ୍ଥାପନ ମୂଲ୍ୟ କୁହାଯାଏ (ଏବଂ 'ବଜାର ମୂଲ୍ୟ' ଉପରେ ନୁହେଁ) । ପୁନଃସ୍ଥାପନ ମୂଲ୍ୟ ହେଉଛି ଘରକୁ ପୁନଃନିର୍ମିତ କରିବାରେ ଲାଗିଥିବା ମୂଲ୍ୟ ଯଦି ଏହା ନଷ୍ଟ ହୋଇଯାଇଥାଏ । ଅନ୍ୟ ପକ୍ଷରେ, ବଜାର ମୂଲ୍ୟ ସମ୍ପତ୍ତି, ମୂଲ୍ୟହ୍ରାସ, ଇତ୍ୟାଦିର ପରମାୟୁ ଭଳି କାରକମାନଙ୍କ ଉପରେ ନିର୍ଭର କରେ ।

ବୀମା ରାଶିକୁ ସାଧାରଣତଃ, ବୀମିତର ଘରର ନିର୍ମିତ କ୍ଷେତ୍ରଫଳକୁ ପ୍ରତି ବର୍ଗଫୁଟର ନିର୍ମାଣ ହାରକୁ ଗୁଣନ କରି ନିର୍ଦ୍ଧାରିତ କରାଯାଇଥାଏ । ଘରର ସାମଗ୍ରୀ ଫର୍ଣ୍ଣିଚର, ସ୍ଥାୟୀ ବସ୍ତୁ, ପୋଷାକ, ବାସନକୁଶନ, ଇତ୍ୟାଦି-ର ମୂଲ୍ୟ ନିର୍ଦ୍ଧାରଣ ବଜାର ମୂଲ୍ୟ, ଅର୍ଥାତ୍, ମୂଲ୍ୟହ୍ରାସ ପରେ ସେହିଭଳି ସାମଗ୍ରୀ ଗୁଡିକର ଚଳିତ ବଜାର ମୂଲ୍ୟ ଆଧାରରେ କରାଯାଇଥାଏ ।

ପ୍ରିମିୟମ ବୀମିତ ମୂଲ୍ୟ ଓ ନିଆଯାଇଥିବା ବୀମା ସୁରକ୍ଷା ଉପରେ ନିର୍ଭର କରିପାରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ନିମ୍ନ ଉକ୍ତିଗୁଡିକ ମଧ୍ୟରୁ କେଉଁଟି ଏକ ପ୍ୟାକେଜ ପଲିସୀ ସମ୍ବନ୍ଧରେ ସଠିକ୍ ନୁହେଁ ?

I. ପ୍ୟାକେଜ୍ ପଲିସୀ କେବଳ ଗୋଟିଏ ମାତ୍ର ଦସ୍ତାବିଜ ଅନ୍ତର୍ଗତ ସୁରକ୍ଷାଗୁଡିକର ଏକ ସମୁଚ୍ଚୟ ପ୍ରଦାନ କରେ

II. ପ୍ୟାକେଜ୍ ପଲିସୀ ଗୃହ ଭଳି ଭୌତିକ ସମ୍ପତ୍ତିଗୁଡିକୁ କେବଳ ସୁରକ୍ଷା ପ୍ରଦାନ କରିପାରେ

III. **ଏକ ନାମିତ ଆପଦ ପଲିସୀ କିମ୍ବା ପ୍ୟାକେଜ ପଲିସୀ ସମାନ ମୂଲ୍ୟରେ ଆସିଥାଏ ।**

IV. **କେବଳ ନାମିତ ଆପଦ ପଲିସୀଗୁଡିକୁ କିଣା ଯାଇପାରେ ଏବଂ ପ୍ୟାକେଜ୍ ପଲିସୀଗୁଡିକ ଉପଲବ୍ଧ ନ ଥାନ୍ତି ।**

**ପରିଭାଷା**

**କେତେକ ମହତ୍ତ୍ୱପୂର୍ଣ୍ଣ ପରିଭାଷା**

a) ଚୋରୀର ଅର୍ଥ ହେଉଛି ବୀମିତ ପରିସରରୁ ବସ୍ତୁ ଗୁଡିକୁ ଚୋରୀ କରିବାର ଉଦ୍ଦେଶ୍ୟରେ ଆକ୍ରାମକ ଓ ଚିହ୍ନଟ କରିବାଯୋଗ୍ୟ ସାଧନ ଦ୍ୱାରା ସେହି ସ୍ଥାନକୁ ଅପ୍ରତ୍ୟାଶିତ ଓ ଅନଭିକୃତ ପ୍ରବେଶ କିମ୍ବା ସେହି ସ୍ଥାନଠାରୁ ପ୍ରସ୍ଥାନ ।

b) ଗୃହ ଭେଦନ ହୋଇଛି ବୋଲି କୁହାଯିବ ଯେତେବେଳେ ଏକ ଅପରାଧ ଘଟାଇବା ଉଦ୍ଦେଶ୍ୟରେ ଗୋଟିଏ ଘରକୁ ପଶି ବିନା ଅନୁମତିରେ ଗୃହ ଭେଦନ କରାଯାଇଥାଏ ।

c) ଡକାୟତି ର ଅର୍ଥ ହେଉଛି ବୀମିତ ଏବଂ/କିମ୍ବା ବୀମିତର କର୍ମଚାରୀମାନଙ୍କର ବିରୁଦ୍ଧରେ ଆକ୍ରାମକ ଓ ହିଂସ୍ରକ ସାଧନ ବ୍ୟବହାର କରି ବୀମିତର ପରିସରରେ ବସ୍ତୁଗୁଡିକର ଚୋରୀ ।

d) ସେଫ୍ ର ଅର୍ଥ ହେଉଛି ମୂଲ୍ୟବାନ ସାମଗ୍ରୀଗୁଡିକର ନିରାପଦ ଓ ସୁରକ୍ଷିତ ଭଣ୍ଡାରଣ ପାଇଁ ଅଭିକଳ୍ପିତ ବୀମିତର ପରିସର ମଧ୍ୟରେ ଥିବା ଏକ ଦୃଢ଼ କ୍ୟାବିନେଟ୍, ଏବଂ ଯାହା ମଧ୍ୟକୁ ଅଭିଗମନ ପ୍ରତିବନ୍ଧିତ ଥାଏ ।

e) "ଚୋରୀ" ହେଉଛି ସେହି ସମସ୍ତ ଅପରାଧ ପାଇଁ ଏକ ସାଧାରଣ ପଦ ଯେଉଁଥିରେ ଏକ ବ୍ୟକ୍ତି ଉଦ୍ଦେଶ୍ୟମୂଳକ ରୂପେ ଓ କପଟପୂର୍ଣ୍ଣ ରୂପେ ଅନ୍ୟ ଜଣକର ସମ୍ପତ୍ତିକୁ ବିନା ଅନୁମତି କିମ୍ବା ସମ୍ମତିରେ ନେଇଥାଏ ଏବଂ ନେଇଥିବା ବ୍ୟକ୍ତିର ଉପଯୋଗ କିମ୍ବା ଭବିଷ୍ୟତର ବିକ୍ରୟରେ ଏହାକୁ ପରିବର୍ତ୍ତିତ କରିବା ଉଦ୍ଦେଶ୍ୟ ଥାଏ । ଚୋରୀ 'ଲର୍ସେନୀ' ସହିତ ସମାନାର୍ଥକ ହୋଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 2**

ଦୋକାନୀ ପ୍ୟାକେଜ୍ ପଲିସୀ ଅନ୍ତର୍ଗତ, ବୀମିତ ଏକ ଅତିରିକ୍ତ 'ଲଗାଯାଇଥିବା ପ୍ଲେଟ୍ ଗ୍ଲାସ୍ ଏବଂ ସ୍ୱଚ୍ଛତା ଫିଟିଙ୍ଗ୍' ସୁରକ୍ଷା ପାଇଁ ଚୟନ କରିପାରେ । ଏହା ନିମ୍ନ ମଧ୍ୟରୁ କାହାର କ୍ଷତିର ଦୁର୍ଘଟଣାଜନିତ ହାନିକୁ ସୁରକ୍ଷା ପ୍ରଦାନ କରିବ ?

I. ଲଗା ଯାଇଥିବା ପ୍ଲେଟ୍ ଗ୍ଲାସ୍

II. ସ୍ୱଚ୍ଛତା ଫିଟିଙ୍ଗ୍/ପ୍ରସାଧନ ସାମଗ୍ରୀ

III. ନିୟନ୍ ସଂକେତ/ବୋର୍ଡ

IV. ଉପରୋକ୍ତ ସମସ୍ତ

## G. ମୋଟର ବୀମା

ଏହି ପରିସ୍ଥିତି ବିଷୟରେ ଚିନ୍ତା କରନ୍ତୁ: ରେବତୀ ତାର ସମସ୍ତ ସଂଚୟର ଉପଯୋଗ କରି ଏକ ନୂଆ କାର କିଣିଛି ଏବଂ ଏହାକୁ ଏକ ଡ୍ରାଇଭ୍ ରେ ନେଇଛି । କେଉଁଠୁ ଆସିଲା କେଜାଣି, ରାସ୍ତାକୁ ଏକ କୁକୁର ଆସେ ଏବଂ ତାକୁ ଧକ୍କା ଦେବାକୁ ଏଡେଇବା ପାଇଁ, ରେବତୀ ତୀବ୍ରଭାବେ, ବ୍ରେକ୍ ଦିଏ ଏବଂ ବିଭାଜକ ଉପରକୁ ଚାଲିଯାଏ, ଅନ୍ୟ ଏକ କାରକୁ ଧକ୍କା ଦିଏ ଏବଂ ପଦାତିକ ଏକ ବ୍ୟକ୍ତିକୁ ଆଘାତ କରେ । କେବଳ ଗୋଟିଏ ମାତ୍ର ଘଟଣାର ପରିଣାମ ରେବତୀର ନିଜ କାର, ସାର୍ବଜନିକ ସମ୍ପତ୍ତି, ଅନ୍ୟ ଏକ କାରର କ୍ଷତି ର କାରଣ ହୋଇଛି ଏବଂ ଏକ ଅନ୍ୟ ବ୍ୟକ୍ତିକୁ ମଧ୍ୟ କ୍ଷତବିକ୍ଷତ କଲା ।

ଏହି ପରିଦୃଶ୍ୟରେ, ଯଦି ରେବତୀର ଏକ କାର ବୀମା ନ ଥାଏ, ସେ କାର କିଣିବାରେ ଯେତେ ଖର୍ଚ୍ଚ କଲା, ତା' ଠାରୁ ଅନେକ ଗୁଣର ଅଧିକ ରାଶି ପ୍ରଦାନ କରିବାରେ ଅକ୍ଷମ ହୋଇପାରେ ।

✓ ରେବତୀ କିମ୍ବା ସେଭଳି ଲୋକମାନଙ୍କ ପାଖରେ ଦେବା ପାଇଁ ସେତେ ଟଙ୍କା ଥିବ କି?

✓ ଅନ୍ୟ ପକ୍ଷର ବୀମା ରେବତୀର କାର୍ଯ୍ୟ ପାଇଁ ରାଶିପ୍ରଦାନ କରିବା ଉଚିତ୍ କି?

✓ କ'ଣ ହେବ ଯଦି ସେମାନଙ୍କ ପାଖରେ ବୀମା ନ ଥାଏ?

ତେଣୁ ଦେଶର କାନୁନ ତୃତୀୟ-ପକ୍ଷ ଦାୟିତ୍ୱ ବୀମା ନେବା ପାଇଁ ଅନିବାର୍ଯ୍ୟ କରେ । ଯେତେବେଳେ ମୋଟର ବୀମା ଏହି ସବୁ ଜିନିଷ ଘଟିବାଠାରୁ ରୋକି ନ ପାରେ, ଏହା ମାଲିକ ପାଇଁ ଏକ ଆର୍ଥିକ ସୁରକ୍ଷା ଆବରଣ ଅବସର ପ୍ରଦାନ କରିଥାଏ ।

ଏକ ଦୁର୍ଘଟଣା ବ୍ୟତୀତ, କାରର ଚୋରୀ ମଧ୍ୟ ହୋଇପାରେ, ଏକ ଦୁର୍ଘଟଣା ଦ୍ୱାରା କ୍ଷତିଗ୍ରସ୍ତ ହୋଇପାରେ କିମ୍ବା ନିଆଁ ଦ୍ୱାରା ନଷ୍ଟ ହୋଇପାରେ ଏବଂ ମାଲିକ ଆର୍ଥିକ ରୂପେ ଆକ୍ରାନ୍ତ ହୋଇପାରେ ।

ମୋଟର ବୀମାକୁ ନିଶ୍ଚିତ ରୂପେ ଏକ ଗାଡ଼ି ମାଲିକ ଦ୍ୱାରା ନିଆଯିବା ଉଚିତ୍ (ଅର୍ଥାତ୍ ସେହି ବ୍ୟକ୍ତି ଯାହା ନାମରେ ଭାରତୀୟ କ୍ଷେତ୍ରୀୟ ପରିବହନ ପ୍ରାଧିକରଣ ସହିତ ଗାଡ଼ିକୁ ପଞ୍ଜିକୃତ କରାଯାଇଥାଏ ।)

**ମହତ୍ତ୍ୱପୂର୍ଣ୍ଣ**

**ଅନିବାର୍ଯ୍ୟ ତୃତୀୟ ପକ୍ଷ ବୀମା**

ମୋଟର ବାହନ ଅଧିନିୟମ, 1988 ଅନୁସାରେ, ସାର୍ବଜନିକ ସଡକରେ ଚାଲୁଥିବା ପ୍ରତ୍ୟେକ ଗାଡ଼ି ଚାଳକ ପାଇଁ ସେହି ରାଶି ଯାହାକୁ ଦୁର୍ଘଟଣାଜନିତ ମୃତ୍ୟୁ, ଶାରୀରିକ କ୍ଷତ କିମ୍ବା ସମ୍ପତ୍ତିର ପରିଣାମରେ ତୃତୀୟ ପକ୍ଷକୁ ହାନି ରୂପେ ପ୍ରଦାନ କରିବା ପାଇଁ ମାଲିକ ବୈଧିକ ରୂପେ ଦାୟୀ ହୋଇଥାଏ, ତାହାକୁ ସୁରକ୍ଷା ପ୍ରଦାନ କରିବା ପାଇଁ, ଏକ ବୀମା ପଲିସୀ ନେବା ପାଇଁ ଅନିବାର୍ଯ୍ୟ ହୋଇଥାଏ । ସେଭଳି ବୀମାର ପ୍ରମାଣ ରୂପେ ଏକ ବୀମା ପ୍ରମାଣପତ୍ରକୁ ଗାଡ଼ିରେ ନିଶ୍ଚିତ ରୂପେ ରଖିବା ଉଚିତ୍ ।

## 1. ମୋଟର ବୀମା ସୁରକ୍ଷା

ଦେଶରେ ଏକ ବିଶାଳ ବାହନ ସମୂହ ଅଛି । ପ୍ରତି ଦିନ ଅନେକ ସଂଖ୍ୟାରେ ନୂଆ ଗାଡ଼ିଗୁଡିକ ରାସ୍ତା ଉପରକୁ ଆସୁଥାନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଦାମିକା । ଲୋକେ କୁହନ୍ତି ଯେ ଭାରତରେ, ବାହନଗୁଡିକ କଚରା ହୁଅନ୍ତି ନାହିଁ, କିନ୍ତୁ କେବଳ ମାଲିକତ୍ୱ ବଦଳାଉଥାନ୍ତି । ଏହାର ଅର୍ଥ ହେଉଛି ଯେ ପୁରୁଣା ଗାଡିଗୁଡିକ ରାସ୍ତାରେ ଚାଲୁ ରଖିଥାନ୍ତି ଏବଂ ନୂଆ ଗାଡ଼ି ସଂଖ୍ୟା ଯୋଗ ହେଉଛି । ସଡ଼କଗୁଡିକର କ୍ଷେତ୍ରଫଳ (ଡ୍ରାଇଭିଂ ପାଇଁ ଖୋଲାସ୍ଥାନ) ଗାଡ଼ି ସଂଖ୍ୟା ଅନୁରୂପ ବଢୁ ନାହିଁ । ସଡକ ଉପରେ ଚାଲୁଥିବା ଲୋକମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । ପୋଲିସ ଓ ଡାକ୍ତରଖାନା ସାଂଖ୍ୟିକୀ କୁହେ ଯେ ଦେଶରେ ସଡକ ଦୁର୍ଘଟଣାର ସଂଖ୍ୟା ବୃଦ୍ଧି ପାଉଛି । ଆଇନ ଅଦାଲତ ଦ୍ୱାରା ଦୁର୍ଘଟଣାର ଶିକାରମାନଙ୍କୁ ପ୍ରଦାନ କରାଯାଉଥିବା କ୍ଷତିପୂରଣ ରାଶି ବୃଦ୍ଧି ପାଉଛି । **ଏପରିକି ଗାଡ଼ି ମରାମତି ମୂଲ୍ୟ ମଧ୍ୟ ବୃଦ୍ଧି ପାଉଛି । ଏହି ସବୁ ଦେଶରେ ମୋଟର ବୀମାର ମହତ୍ତ୍ୱକୁ ଦର୍ଶାଇଥାନ୍ତି ।**

ମୋଟର ବୀମା ଗାଡ଼ିଗୁଡିକର ନିଖୋଜ ଓ ଦୁର୍ଘଟଣା କିମ୍ବା କିଛି ଅନ୍ୟ କାରଣରୁ ହୋଇଥିବା ସେଗୁଡିକର କ୍ଷତିକୁ ସୁରକ୍ଷା ପ୍ରଦାନ କରେ । **ମୋଟର ବୀମା ଗାଡ଼ି ମାଲିକମାନଙ୍କ ଗାଡ଼ି ଯୋଗୁଁ ହୋଇଥିବା ଦୁର୍ଘଟଣାର ଶିକାର ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦେବାର ଗାଡି ମାଲିକଙ୍କ ବୈଧିକ ଦାୟିତ୍ୱକୁ ମଧ୍ୟ ସୁରକ୍ଷା ପ୍ରଦାନ କରେ ।**

ସରକାରଙ୍କ ଶାସନାଦେଶ ସତ୍ତ୍ୱେ, ଦେଶର ସବୁ ଗାଡ଼ିକୁ ବୀମିତ କରାଯାଉ ନାହିଁ :

**ମୋଟର ବୀମା ସାର୍ବଜନିକ ସଡ଼କରେ ଚାଲୁଥିବା ସମସ୍ତ ପ୍ରକାରର ବାହନଗୁଡିକୁ ସୁରକ୍ଷା ପ୍ରଦାନ କରିଥାଏ ଯେପରି କି:**

- ✓ ଦୁଇ ଚକିଆ
- ✓ ଘରୋଇ କାର

- ✓ ସମସ୍ତ ପ୍ରକାରର ବାଣିଜ୍ୟିକ ବାହନ: ମାଲ ବାହକ ଓ ଯାତ୍ରୀ ବାହକ
- ✓ ବିଭିନ୍ନ ପ୍ରକାରର ଗାଡ଼ି ଉ.ସ୍ୱ. କ୍ରେନ୍
- ✓ ମୋଟର ବ୍ୟାପାର (ଶୋରୁମ୍ ଓ ଗ୍ୟାରେଜ୍ ରେ ଥିବା ଗାଡ଼ି)

**'ତୃତୀୟ-ପକ୍ଷ ବୀମା'**

ଏକ ଅନ୍ୟ ପକ୍ଷର ବୈଧିକ କାର୍ଯ୍ୟ ବିରୁଦ୍ଧରେ ସୁରକ୍ଷା ପାଇଁ କ୍ରୟ କରାଯାଇଥିବା ଏକ ବୀମା ପଲିସୀ । ତୃତୀୟ-ପକ୍ଷ ବୀମାକୁ, ବୀମିତରୁ ହୋଇଥିବା ଦାୟିତ୍ୱ ପାଇଁ ଏକ ଅନ୍ୟ ପକ୍ଷ (ତୃତୀୟ ପକ୍ଷ) ର ଦାବୀ ବିରୁଦ୍ଧରେ ସୁରକ୍ଷା ପାଇଁ, ବୀମିତ (ପ୍ରଥମ ପକ୍ଷ) ଦ୍ୱାରା ବୀମା କମ୍ପାନୀ (ଦ୍ୱିତୀୟ ପକ୍ଷ) ଠାରୁ କ୍ରୟ କରାଯାଏ ।

ତୃତୀୟ ପକ୍ଷ ବୀମାକୁ 'ଦାୟିତ୍ୱ ବୀମା' ମଧ୍ୟ କୁହାଯାଏ ।

**ଦୁଇଟି ମହତ୍ତ୍ୱପୂର୍ଣ୍ଣ ପ୍ରକାରର ସୁରକ୍ଷା ଯାହା ବଜାରରେ ଲୋକପ୍ରିୟ, ସେଗୁଡିକ ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି:**

କେବଳ ବୈଧିକ [ଦାୟିତ୍ୱ] ପଲିସୀ: ମୋଟର ବାହନ ଅଧିନିୟମ ଅନୁଯାୟୀ ସାର୍ବଜନିକ ସ୍ଥାନରେ ଚାଲୁଥିବା କୌଣସି ବି ବାହନ ପାଇଁ ତୃତୀୟ ପକ୍ଷ ପ୍ରତି ଦାୟିତ୍ୱଗୁଡିକୁ ବୀମିତ କରିବା ଅନିବାର୍ଯ୍ୟ ଅଟେ ।

ପଲିସୀ ନିମ୍ନଲିଖିତ କ୍ଷତିପୂରଣ ପ୍ରଦାନ କରିବାକୁ ଗାଡ଼ି ମାଲିକର ବୈଧିକ ଦାୟିତ୍ୱକୁ ସୁରକ୍ଷା ପ୍ରଦାନ କରେ ।

- ✓ ତୃତୀୟ ପକ୍ଷ ଶାରୀରିକ କ୍ଷତ କିମ୍ବା ମୃତ୍ୟୁ
- ✓ ତୃତୀୟ ପକ୍ଷ ସମ୍ପତ୍ତି ହାନି

ଦାୟିତ୍ୱକୁ ମୃତ୍ୟୁ କିମ୍ବା କ୍ଷତ ଏବଂ ହାନି ପାଇଁ ଏକ ଅସୀମିତ ରାଶି ପରିମାଣ ପାଇଁ ସୁରକ୍ଷା ଦିଆଯାଏ ।

ଏକ ମୋଟର ଦୁର୍ଘଟଣା କାରଣରୁ ହୋଇଥିବା ମୃତ୍ୟୁ କିମ୍ବା କ୍ଷତ କ୍ଷେତ୍ରରେ ତୃତୀୟ ପକ୍ଷ ଶିକାରକୁ କ୍ଷତିପୂରଣ ପାଇଁ ଦାବୀକୁ ଦାବୀଦାର ଦ୍ୱାରା ମୋଟର ଦୁର୍ଘଟଣା ଦାବୀ ନ୍ୟାୟାଧିକରଣ (ଟ୍ରିବ୍ୟୁନାଲ୍) (MACT) ନିକଟରେ ଦାଖଲ କରିବାକୁ ପଡ଼ିଥାଏ ।

**'ଅନିବାର୍ଯ୍ୟ ବ୍ୟକ୍ତିଗତ ଦୁର୍ଘଟଣା )CPA) ବୀମା'**

ଆଇ. ଆର.ଡି.ଏ.ଆଇ. 1ଜାନୁୟାରୀ, 2019 ଠାରୁ ପ୍ରଭାବୀ ରୂପେ ମାଲିକ-ଚାଳକ ପାଇଁ ସ୍ୱତନ୍ତ୍ର ଅନିବାର୍ଯ୍ୟ ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷାର ଜାରୀର ଅନୁମତି ଦେଇଛି । ସୁରକ୍ଷାଟି ଏକ ସହ-ଚାଳକ ରୂପେ ବୀମିତ ଗାଡ଼ି ଭିତରକୁ ଚଢ଼ିବା/କିମ୍ବା ତା' ଠାରୁ ଓହ୍ଲାଇବା କିମ୍ବା ସେଥିରେ ଯାତ୍ରା କରୁଥିବା ସମୟ ସମେତ ଗାଡ଼ିକୁ ଚଳାଇବା ସମୟ ପାଇଁ ମାଲିକ-ଚାଳକ ପାଇଁ ପ୍ରଦାନ କରାଯାଏ । ଅବଶ୍ୟ, ପଲିସୀଧାରକ କେବଳ ଦାୟିତ୍ୱ ପଲିସୀ କିମ୍ବା ପ୍ୟାକେଜ୍ ପଲିସୀର ଅଂଶ ରୂପେ CPA ସୁରକ୍ଷା ପାଇଁ ବିକଳ୍ପର ଚୟନ କରିପାରେ । ପଲିସୀଧାରକ ଏକ ଏକଲ CPA ପଲିସୀ ନେବା ପାଇଁ ଚୟନ କରିଥିବା ଅବସରରେ, କେବଳ ଦାୟିତ୍ୱ କିମ୍ବା ପ୍ୟାକେଜ୍ ପଲିସୀର ଅଂଶ ରୂପେ ପ୍ରଦାନ କରାଯାଇଥିବା CPA ସୁରକ୍ଷାକୁ ହଟାଇ ଦିଆଯିବ ।

**ପ୍ୟାକେଜ୍/ବ୍ୟାପକ ପଲିସୀ: (ନିଜ ହାନି+ତୃତୀୟ ପକ୍ଷ ଦାୟିତ୍ୱ(**

ଉପରୋକ୍ତ ବ୍ୟତୀତ, ପଲିସୀରେ ଥିବା ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀରେ ଥିବା ଘୋଷିତ ମୂଲ୍ୟ (ଉପରେ ଆଲୋଚିତ ହୋଇଥିବା ରୂପେ IDV କୁହାଯାଉଥିବା) ଅନ୍ତର୍ଗତ, ବିନିର୍ଦ୍ଦିଷ୍ଟ ଆପଦ ଦ୍ୱାରା ବୀମିତ ବାହନର ହାନି କିମ୍ବା କ୍ଷତି (ମୋଟର ବାହନର ନିଜ ହାନି ରୂପେ ପରିଚିତ) କୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯାଇପାରେ । ଏହି ଆପଦମାନଙ୍କ ମଧ୍ୟରୁ କେତେକ ହେଉଛନ୍ତି ନିଆଁ, ଚୋରୀ, ଦଙ୍ଗା ଓ ଷ୍ଟ୍ରାଇକ୍, ଭୂମିକମ୍ପ, ବନ୍ୟା, ଦୁର୍ଘଟଣା ଇତ୍ୟାଦି ।

କେତେକ ବୀମାକର୍ତ୍ତା ଦୁର୍ଘଟଣା ସ୍ଥଳଠାରୁ କାର୍ଯ୍ୟଶାଳା ପର୍ଯ୍ୟନ୍ତ ଟାଣିବା ଚାର୍ଜ ପାଇଁ ମଧ୍ୟ ରାଶି ପ୍ରଦାନ କରିପାରନ୍ତି । କେବଳ ବୈଧିକ (ଦାୟିତ୍ୱ) ପଲିସୀ ଅନ୍ତର୍ଗତ ମଞ୍ଜୁରୀ ପ୍ରାପ୍ତ ଅନିବାର୍ଯ୍ୟ ସୁରକ୍ଷା ବ୍ୟତୀତ, କେବଳ ନିଆଁ ଏବଂ/କିମ୍ବା ଚୋରୀକୁ ସୁରକ୍ଷା ଦେଉଥିବା ଏକ ପ୍ରତିବନ୍ଧାତ୍ମକ ସୁରକ୍ଷା ବି ଉପଲବ୍ଧ ଅଛି ।

ପଲିସୀ ବାହନରେ ଲଗାଯାଇଥିବା ଅତିରିକ୍ତ ସାମଗ୍ରୀରର ହାନି କିମ୍ବା କ୍ଷତିକୁ, ଯାତ୍ରୀ, ଭଡ଼ାରେ ନିଆଯାଇଥିବା ଡ୍ରାଇଭର ପାଇଁ ପ୍ରାଇଭେଟ୍ କାର ପଲିସୀ ଅନ୍ତର୍ଗତ ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା; ବ୍ୟାପାରିକ ବାହନଗୁଡିକରେ କର୍ମଚାରୀ ଓ ଭଡ଼ା ଦେଉ ନ ଥିବା ଯାତ୍ରୀମାନଙ୍କ ପାଇଁ ବୈଧିକ ଦାୟିତ୍ୱ , ଏସବୁକୁ ମଧ୍ୟ ସୁରକ୍ଷା ପ୍ରଦାନ କରିପାରେ । ବୀମାକର୍ତ୍ତାମାନେ ଅଚଳତା କ୍ଷେତ୍ରରେ ବିନାମୂଲ୍ୟରେ ଜରୁରୀକାଳୀନ ସେବା କିମ୍ବା ବୈକଳ୍ପିକ କାର ଉପଯୋଗ ମଧ୍ୟ ପ୍ରଦାନ କରିଥାନ୍ତି ।

## 2. ଅପବର୍ଜନ

ପଲିସୀଗୁଡିକ ଅନ୍ତର୍ଗତ କେତେକ ମହତ୍ୱପୂର୍ଣ୍ଣ ଅପବର୍ଜନ ହେଉଛନ୍ତି ଉପଯୋଗରେ ଘଷାଘଷି ହୋଇ ଖରାପ ହେବା, ଅଚଳତା, ପରିଣାମଜନିତ ହାନି, ଅମାନ୍ୟ ଡ୍ରାଇଭିଂ ଲାଇସେନ୍ସ କିମ୍ବା ମଦ୍ୟନିଶା ପ୍ରଭାବ ସପକ୍ଷରେ ଗାଡ଼ି ଚଳାଉଥିବା କାରଣରୁ ହାନି, 'ଉପଯୋଗ କରିବାରେ ପରିସୀମନ' ଅନୁଯାୟୀ ନ ଥିବା ବାହନ ର ଉପଯୋଗ (ଉ.ସ୍ୱ. ଘରୋଇ କାରକୁ ଏକ ଟ୍ୟାକ୍ସି ରୂପେ ବ୍ୟବହାର କରିବା) କୁ ବୀମା ସୁରକ୍ଷା ଦିଆ ଯାଇ ନ ଥାଏ ।

## 3. ବୀମା ରାଶି ଏବଂ ପ୍ରିମିୟମ

ଏକ ମୋଟର ପଲିସୀରେ ଏକ ବାହନର ବୀମା ରାଶିକୁ ବୀମିତର ଘୋଷିତ ମୂଲ୍ୟ (IDV) ରୂପେ ସୂଚୀତ କରାଯାଏ ।

ବାହନର ଚୋରୀ କିମ୍ବା ଏକ ଦୁର୍ଘଟଣାରେ ମରାମତି ର ବାହାରେ ହୋଇଥିବା ସଂପୂର୍ଣ୍ଣ ହାନି କ୍ଷେତ୍ରରେ, ଦାବୀ ରାଶିକୁ IDV ଆଧାରରେ ନିର୍ଦ୍ଧାରିତ କରାଯିବ ।

ମୂଲ୍ୟ ନିର୍ଦ୍ଧାରଣ/ପ୍ରିମିୟମ ନିର୍ଦ୍ଧାରଣ ବୀମିତର ଘୋଷିତ ମୂଲ୍ୟ, ଘନ କ୍ଷମତା (CC), ଭୌଗଳିକ ଜୋନ୍, ବାହନର ପରମାୟୁ ଭଳି କାରକ ଉପରେ ନିର୍ଭର କରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ 3**

ମୋଟର ବୀମାକୁ କାହା ନାମରେ ନେବା ଉଚିତ୍?

I. ବାହନ ମାଲିକର ନାମରେ ଯାହାର ନାମକୁ କ୍ଷେତ୍ରୀୟ ପରିବହନ ପ୍ରାଧିକରଣ ସହିତ ପଞ୍ଜିକୃତ କରାଯାଇଛି ।
II. ଯଦି ସେହି ବ୍ୟକ୍ତି ଯିଏ ଗାଡ଼ିକୁ ଚଳାଉଥିବ ସିଏ ମାଲିକଠାରୁ ଅଲଗା ହୋଇଥାଏ, ତେବେ କ୍ଷେତ୍ରୀୟ ପରିବହନ ପ୍ରାଧିକରଣ ଠାରୁ ଅନୁମୋଦନ ଅନ୍ତର୍ଗତ, ସେହି ବ୍ୟକ୍ତିର ନାମରେ ଯିଏ ଗାଡ଼ିକୁ ଚଳାଉଥିବ ।
III. କ୍ଷେତ୍ରୀୟ ପରିବହନ ପ୍ରାଧିକରଣଠାରୁ ଅନୁମୋଦନ ଅନ୍ତର୍ଗତ,ବାହନ ମାଲିକ ସମେତ ବାହନ ମାଲିକର କୌଣସି ପରିବାର ସଦସ୍ୟର ନାମରେ

IV. ଯଦି ଗାଡ଼ିକୁ ମାଲିକ ବ୍ୟତୀତ କୌଣସି ଅନ୍ୟ ଜଣକ ଦ୍ୱାରା ଚଳାଯାଉଥିବ, ତେବେ ମୁଖ୍ୟ ପଲିସୀ ବାହନ ମାଲିକର ନାମରେ ଥିବା ଉଚିତ ଏବଂ ଅତିରିକ୍ତ ପଲିସୀଗୁଡିକ ସେହି ସବୁ ଲୋକଙ୍କ ନାମରେ କିଣାଯିବା ଉଚିତ ଯେଉଁମାନେ ଗାଡ଼ିକୁ ଚଳାଉଥିବେ ।

**ସାରାଂଶ**

a) ଏକ ଗୃହସ୍ଥ ବୀମା ପଲିସୀ ରେ ନାମିତ ଆପଦ କିମ୍ବା ଘଟଣାଗୁଡିକ ଠାରୁ ଏକ ବୀମିତ ସମ୍ପତ୍ତିର ହୋଇଥିବା ହାନି ଉପରେ ବୀମା ସୁରକ୍ଷା ପ୍ରଦାନ କରେ । ସୁରକ୍ଷା ପ୍ରଦାନ କରାଯାଉଥିବା ଆପଦଗୁଡିକୁ ସ୍ପଷ୍ଟ ରୂପେ ଉଲ୍ଲେଖ କରାଯିବ ।

b) ଗୃହସ୍ଥ ବୀମା ନିଆଁ, ଦଙ୍ଗା, ପାଇପର ଫାଟିବା, ଭୂମିକମ୍ପ ଇତ୍ୟାଦି ବିରୁଦ୍ଧରେ ଏହାର ସଂରଚନା ଓ ବସ୍ତୁଗୁଡିକୁ ସୁରକ୍ଷା ପ୍ରଦାନ କରେ । ସଂରଚନା ବ୍ୟତୀତ ଏହା ଚୋରୀ, ଗୃହ ଭେଦନ, ଲାର୍ସେନୀ ଏବଂ ଲୁଟ୍ ବିରୁଦ୍ଧରେ ବସ୍ତୁଗୁଡିକୁ ସୁରକ୍ଷା ପ୍ରଦାନ କରେ ।

c) ପ୍ୟାକେଜ ସୁରକ୍ଷାଗୁଡିକ, କେବଳ ଏକମାତ୍ର ଦସ୍ତାବିଜ ଅନ୍ତର୍ଗତ, ସୁରକ୍ଷାଗୁଡିକର ଏକ ସମୁଚ୍ଚୟ ପ୍ରଦାନ କରେ ।

d) ଏକ ଗୃହସ୍ଥ ବୀମା ପଲିସୀ ପାଇଁ ବୀମା ରାଶି ନିର୍ଦ୍ଧାରଣ ସାଧାରଣତଃ ଦୁଇଟି ପଦ୍ଧତିରେ ହୋଇଥାଏ: ବଜାର ମୂଲ୍ୟ (MV) ଏବଂ ପୁନଃସ୍ଥାପନ ମୂଲ୍ୟ (RIV) ।

e) ଦୋକାନୀ ବୀମା ସାଧାରଣତଃ ନିଆଁ, ଭୂମିକମ୍ପ, ବନ୍ୟା କିମ୍ବା ହାନିକାରକ କ୍ଷତି; ଏବଂ ଚୋରୀ ଯୋଗୁଁ ଦୋକାନ ସଂରଚନା ଏବଂ ବସ୍ତୁଗୁଡିକର ହୋଇଥିବା କ୍ଷତିକୁ ସୁରକ୍ଷା ପ୍ରଦାନ କରେ । **ଦୋକାନ ବୀମା ବ୍ୟବସାୟ ବ୍ୟାଘାତ ସୁରକ୍ଷାକୁ ମଧ୍ୟ ଅନ୍ତର୍ଭୁକ୍ତ କରିପାରେ ।**

f) ମୋଟର ବୀମା ଦୁର୍ଘଟଣା ଓ କୌଣସି ଅନ୍ୟ କାରଣ ଯୋଗୁଁ ବାହନର ହାନି କିମ୍ବା ସେଗୁଡିକର ହୋଇଥିବା କ୍ଷତିକୁ ସୁରକ୍ଷା ପ୍ରଦାନ କରେ । **ମୋଟର ବୀମା ବାହନ ମାଲିକମାନଙ୍କର ଗାଡି ଦ୍ୱାରା ହୋଇଥିବା ଦୁର୍ଘଟଣାର ଶିକାର ମାନଙ୍କୁ କ୍ଷତିପୂରଣ ଦେବାକୁ ବାହନ ମାଲିକମାନଙ୍କ ବୈଧିକ ଦାୟିତ୍ୱକୁ ମଧ୍ୟ ସୁରକ୍ଷା ଦେଇଥାଏ ।** ଏକ ସହ-ଚାଳକ ରୂପେ ବୀମିତ ଗାଡ଼ି ଭିତରକୁ ଚଢୁଥିବା/ତାହାଠୁ ଓହ୍ଲାଉଥିବା କିମ୍ବା ସେଥିରେ ଯାତ୍ରା କରିବା ସମେତ ଗାଡ଼ିକୁ ଚଳାଉଥିବା ସମୟରେ **ମାଲିକ-ଚାଳକ ପାଇଁ ଅନିବାର୍ଯ୍ୟ ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା ପ୍ରଦାନ କରାଯାଇପାରେ ।**

**ମୁଖ୍ୟ ପଦାବଳୀ**

a) ଗୃହସ୍ଥ ବୀମା

b) ଦୋକାନୀ ବୀମା

c) ମୋଟର ବୀମା

**ସ୍ୱୟଂ ପରୀକ୍ଷଣ କରନ୍ତୁ ର ଉତ୍ତର**

**ଉତ୍ତର 1** -ସଠିକ୍ ବିକଳ୍ପ ହେଉଛି I

**ଉତ୍ତର 2** - ସଠିକ୍ ବିକଳ୍ପ ହେଉଛି IV

**ଉତ୍ତର 3** -ସଠିକ୍ ବିକଳ୍ପ ହେଉଛି I

# ଅଧ୍ୟାୟ G-04

## ବ୍ୟାପାରିକ ବୀମା

**ଅଧ୍ୟାୟ ପରିଚୟ**

ପୂର୍ବବର୍ତ୍ତୀ ଅଧ୍ୟାୟରେ ଆମେମାନେ ବିଭିନ୍ନ ପ୍ରକାରର ବୀମା ଉତ୍ପାଦକୁ ବିଚାର କରୁଛୁ ଯାହା ବୀମାକର୍ତ୍ତା ଓ ଗୃହସ୍ଥମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ସଙ୍କଟଗୁଡିକୁ ସୁରକ୍ଷା ପ୍ରଦାନ କରନ୍ତି । ଅନ୍ୟ ଏକ ସମୂହର ଗ୍ରାହକ ଅଛନ୍ତି ଯେଉଁମାନଙ୍କ ସୁରକ୍ଷା ପାଇଁ ଅନ୍ୟସବୁ ଆବଶ୍ୟକତା ରହିଥାଏ । ଏମାନେ ହେଉଛନ୍ତି ବାଣିଜ୍ୟିକ କିମ୍ବା ବ୍ୟବସାୟ ଉପକ୍ରମ (ଏଣ୍ଟରପ୍ରାଇଜ୍) କିମ୍ବା ଫାର୍ମ, ଯେଉଁମାନେ ବିଭିନ୍ନ ପ୍ରକାରର ଜିନିଷ ଓ ସେବାରେ ନିଯୁକ୍ତ ରହନ୍ତି କିମ୍ବା କାରବାର କରନ୍ତି । ଏହି ଅଧ୍ୟାୟରେ ଆମେମାନେ ଏହି ଅନୁଭାଗ ଦ୍ୱାରା ସମ୍ମୁଖୀନ ହେଉଥିବା ସଙ୍କଟଗୁଡିକୁ ସୁରକ୍ଷା ଦେବାପାଇଁ ଉପଲବ୍ଧ ବୀମା ଉତ୍ପାଦଗୁଡିକ ବିଷୟରେ ବିଚାର କରିବା ।

**ଅଧ୍ୟୟନ ପରିଣାମ**

ନିମ୍ନଲିଖିତ ଶ୍ରେଣୀର ବୀମା ର ମୂଳ ତଥ୍ୟକୁ ବୁଝିବା:

A. ସମ୍ପତ୍ତି/ଅଗ୍ନି ବୀମା

B. ବ୍ୟବସାୟ ବ୍ୟାଘାତ ବୀମା

C. ଚୋରୀ ବୀମା

D. ଅର୍ଥ ବୀମା

E. ବିଶ୍ୱସନୀୟତା/ନିଷ୍ଠା ଗ୍ୟାରେଣ୍ଟି ବୀମା

F. ବ୍ୟାଙ୍କର୍ସ କ୍ଷତିପୂର୍ତ୍ତି ବୀମା

G. ଜୁଏଲର୍ସ ବ୍ଲକ୍ ପଲିସୀ

H. ଇଞ୍ଜିନିୟରିଂ ବୀମା

I. ଔଦ୍ୟୋଗିକ ସମସ୍ତ ସଙ୍କଟ ବୀମା

J. ସାମୁଦ୍ରିକ ବୀମା

K. ଦାୟିତ୍ୱ ବୀମା ପଲିସୀ

ଏହି ଅଧ୍ୟାୟର ଅଧ୍ୟୟନ ପରେ, ଆପଣମାନେ ଆଲୋଚନା କରାଯାଇଥିବା 11 ପ୍ରକାରର ବୀମାର ମହତ୍ୱ ଏବଂ ମୂଳଭୂତ ଉଦ୍ଦେଶ୍ୟକୁ ବୁଝିବାରେ ସମର୍ଥ ହେବେ।

## A. ସମ୍ପତ୍ତି / ଅଗ୍ନି ବୀମା

ବ୍ୟାପାରିକ/ବାଣିଜ୍ୟିକ ଉପକ୍ରମଗୁଡିକୁ ମୂଖ୍ୟତଃ ଦୁଇ ପ୍ରକାରେ ବିଭାଜିତ କରାଯାଏ:

- ✓ କ୍ଷୁଦ୍ର ଏବଂ ମଧ୍ୟମ ଉପକ୍ରମ ଏଣ୍ଟରପ୍ରାଇଜ୍ [SMEs]
  - ଭାରତ ସୂକ୍ଷ୍ମ ପଲିସୀ
  - ଭାରତ ଲଘୁ ପଲିସୀ
- ✓ ବୃହତ୍ ବ୍ୟବସାୟ ଏଣ୍ଟରପ୍ରାଇଜ୍

  -ମାନକ ଅଗ୍ନି ଓ ବିଶିଷ୍ଟ ଆପଦ ପଲିସୀ (SFSP), IAR ଇତ୍ୟାଦି ।

ଐତିହାସିକ ରୂପେ, ଏହି ଗ୍ରାହକମାନଙ୍କ ଆବଶ୍ୟକତାଗୁଡ଼ିକୁ ପୂରଣ କରିବାକୁ ସାଧାରଣ ବୀମା କ୍ଷେତ୍ର ବ୍ୟାପକରୂପେ ବିକଶିତ ହୋଇଛି ।

ବାଣିଜ୍ୟିକ ଏଣ୍ଟରପ୍ରାଇଜଗୁଡ଼ିକୁ ସାଧାରଣ ବୀମା ଉତ୍ପାଦଗୁଡ଼ିକର ବିକ୍ରୟ ବୀମା ଉତ୍ପାଦଗୁଡ଼ିକର ସେମାନଙ୍କ ଆବଶ୍ୟକତାଗୁଡ଼ିକ ସହିତ ସାବଧାନତାପୂର୍ବକ ମେଳ ଆବଶ୍ୟକ କରିଥାଏ । ଅଭିକର୍ତ୍ତାମାନଙ୍କ ପାଖରେ ନିଶ୍ଚିତ ରୂପେ ଉପଲବ୍ଧ ଉତ୍ପାଦଗୁଡ଼ିକର ଏକ ଉପଯୁକ୍ତ ବୋଧ ହେବା ଉଚିତ୍ । ଆସନ୍ତୁ ଏହି ସାଧାରଣ ବୀମା ଉତ୍ପାଦଗୁଡ଼ିକ ମଧ୍ୟରୁ କେତେକ ବିଷୟରେ ସଂକ୍ଷେପରେ ବିଚାର କରିବା ।

### 1. **ମାନକ ଅଗ୍ନି ଏବଂ ବିଶିଷ୍ଟ ଆପଦ** (SFSP) **ପଲିସୀ**

ଅଗ୍ନି ବୀମା ପଲିସୀ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ପାଇଁ ତଥା ସମ୍ପତ୍ତିର ମାଲିକ ପାଇଁ ଉପଯୁକ୍ତ ହୋଇଥାଏ, ଯିଏ ସମ୍ପତ୍ତିକୁ ଟ୍ରଷ୍ଟରେ କିମ୍ବା କମିଶନରେ ଏବଂ ବ୍ୟକ୍ତି/ଆର୍ଥିକ ସଂସ୍ଥାନ ଯେଉଁମାନଙ୍କ ସମ୍ପତ୍ତିରେ ଆର୍ଥିକ ହିତ ରହିଥାଏ, ସେମାନଙ୍କ ପାଇଁ, ଧାରଣ କରିଥାଏ ।

ଏକ ନିର୍ଦ୍ଦିଷ୍ଟ ପରିସରରେ ଅବସ୍ଥିତ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି, ଯଥା ଗୃହ, କାରଖାନା ଓ ଯନ୍ତ୍ରପାତି, ଫର୍ଣ୍ଣିଚର, ଫିକ୍ସଚର୍ସ, ଫିଟିଙ୍ଗ୍ସ ଓ ଅନ୍ୟ ସବୁ ବସ୍ତୁ, ବିତରକ/ଗ୍ରାହକର ପରିସରରେ ଥିବା ଷ୍ଟକ୍ ସମେତ ଷ୍ଟକ୍ ଓ ପ୍ରକ୍ରିୟାରେ ଥିବା ଷ୍ଟକ୍ ।

ଟ୍ରଷ୍ଟରେ ରଖାଯାଇଥିବା ଷ୍ଟକ୍, ଯଦି ବିଶେଷରୂପେ ଘୋଷିତ ହୋଇଛି, ମରାମତି ପାଇଁ ପରିସରଠାରୁ ଅସ୍ଥାୟୀ ରୂପେ ହଟାଯାଇଥିବା ଯନ୍ତ୍ରପାତିକୁ ବୀମିତ କରାଯାଇପାରେ । ବ୍ୟବସାୟକୁ ଏହାର ସାମାନ୍ୟ ସ୍ଥିତିକୁ ଫେରାଇ ଆଣିବା ପାଇଁ ନଷ୍ଟ ହୋଇଥିବା ସମ୍ପତ୍ତିର ପୁନଃନିର୍ମାଣ ଓ ନୂତନୀକରଣ ପାଇଁ ଆର୍ଥିକ ରିଲିଫ୍ ଆବଶ୍ୟକ ଅଟେ । ଏହା ଏଇଠି ହୋଇଥାଏ ଯେ ଅଗ୍ନି ବୀମା ଏହାର ଭୂମିକା ଗ୍ରହଣ କରିଥାଏ ।

### 1.1.**ମାନକ ଅଗ୍ନି ପଲିସୀ କ'ଣ ସୁରକ୍ଷା ଦେଇଥାଏ**?

କେତେକ ଅଗ୍ନି ପଲିସୀ (ପୂର୍ବର ସମସ୍ତ ଭାରତ ଅଗ୍ନି ଟ୍ୟାରିଫ୍ ଅନୁସାରେ) ଦ୍ୱାରା ପାରମ୍ପରିକ ରୂପେ ସୁରକ୍ଷା ପ୍ରାପ୍ତ ଆପଦଗୁଡ଼ିକ ମଧ୍ୟରୁ କେତେକ ବିଷୟରେ ନିମ୍ନରେ ଆଲୋଚନା କରାଯାଇଛି ।

ବାଣିଜ୍ୟିକ ସଙ୍କଟଗୁଡ଼ିକ ପାଇଁ ଅଗ୍ନି ପଲିସୀ ନିମ୍ନଗୁଡ଼ିକର ଆପଦକୁ ସୁରକ୍ଷା ପ୍ରଦାନ କରେ:

- ✓ ନିଆଁ

✓ ବିଜୁଳି

✓ ବିସ୍ଫୋରଣ/ଫାଟିବା

✓ ଡଙ୍ଗା, ଷ୍ଟ୍ରାଇକ୍ ଏବଂ ହାନିକାରକ କ୍ଷତି

✓ ପ୍ରଭାବୀ ହାନି (Impact Damage)

✓ ବିମାନଜନିତ କ୍ଷତି

✓ ଝଡ଼, ତୋଫାନ, ବାତ୍ୟା, ଟାଇଫୁନ୍, ଝଞ୍ଜାବାତ, ଜଳସ୍ତମ୍ଭ, ବନ୍ୟା ଏବଂ ଜଳପ୍ଲାବନ

✓ ପଥର ଖସିବା ସହିତ ଅବତଳନ ଓ ଭୂ-ସ୍ଖଳନ

✓ ପାଣି ଟାଙ୍କି, ଉପକରଣ ଏବଂ ପାଇପ୍ ଫାଟିବା ଓ ପାଣି ବହିବା

✓ ମିସାଇଲ ପରୀକ୍ଷଣ କାର୍ଯ୍ୟକଳାପ

✓ ସ୍ୱୟଂଚାଳିତ ସ୍ପ୍ରିଙ୍କଲର୍ ପ୍ରତିଷ୍ଠାପନ ଠାରୁ ପାଣି ଝରିବା

✓ ବୁଦା ନିଆଁ

ଦୁଇଟି ମହତ୍ୱପୂର୍ଣ୍ଣ ବିଶେଷତା ଅଛି ଯାହା ବାଣିଜ୍ୟିକ ବୀମାକୁ ବୈୟକ୍ତିକ ଓ ଖୁଚୁରା ଶ୍ରେଣୀ ଠାରୁ ଭିନ୍ନ କରିଥାଏ ।

a) ଫାର୍ମ କିମ୍ବା ବ୍ୟବସାୟ ଏଣ୍ଟରପ୍ରାଇଜ୍ ଗୁଡିକର ବୀମା ଆବଶ୍ୟକତା ବ୍ୟକ୍ତିମାନଙ୍କ ଠାରୁ ଅତି ଅଧିକ ହୋଇଥାଏ । କାରଣଟି ହେଉଛି ଯେ ଏକ ବାଣିଜ୍ୟିକ ଏଣ୍ଟରପ୍ରାଇଜ୍ ର ସମ୍ପତ୍ତିର ମୂଲ୍ୟ ଏକ ବ୍ୟକ୍ତିର ସମ୍ପତ୍ତିର ମୂଲ୍ୟଠାରୁ ଅତି ଅଧିକ ହୋଇଥାଏ । ସେମାନଙ୍କ ହାନି କିମ୍ବା କ୍ଷତି କମ୍ପାନୀର ତିଷ୍ଠିବା ଓ ଭବିଷ୍ୟତ ଉପରେ ପ୍ରତିକୂଳ ରୂପେ ପ୍ରଭାବ ପକାଇପାରେ ।

b) ବାଣିଜ୍ୟିକ ଏଣ୍ଟରପ୍ରାଇଜର ବୀମା ପାଇଁ ଦାବୀକୁ ଅନେକ ସମୟରେ ଶାସନାଦେଶ ଦିଆଯାଇଥାଏ କିମ୍ବା ବୈଧିକ କିମ୍ବା ଅନ୍ୟାନ୍ୟ ଆବଶ୍ୟକତା ଦ୍ୱାରା ଆବଶ୍ୟକ କରାଯାଇ ଥାଏ । ଉଦାହରଣ ସ୍ୱରୂପ, ଯେତେବେଳେ କାରଖାନା ଓ ସମ୍ପତ୍ତିସବୁକୁ ଏକ ବ୍ୟାଙ୍କ ଋଣ ଦ୍ୱାରା ସ୍ଥାପିତ କରାଯାଏ, ସେମାନଙ୍କ ବୀମା ଋଣ ପାଇଁ ଏକ ସର୍ତ୍ତ ହୋଇପାରେ । ଭାରତରେ ଅନେକ କର୍ପୋରେଟ୍ ଏଣ୍ଟରପ୍ରାଇଜ୍ ବ୍ୟବସାୟିକରୂପେ ଚଳାଯାଉଥିବା କମ୍ପାନୀ ଅଟନ୍ତି ଏବଂ ସେମାନଙ୍କ ମଧ୍ୟରୁ ଅନେକ ବହୁଦେଶୀୟ ଅଟନ୍ତି ।

ସେମାନଙ୍କ ସମ୍ପତ୍ତିସବୁକୁ ସୁରକ୍ଷା ଦେବା ପାଇଁ ଯଥାର୍ଥ ସଙ୍କଟ ପ୍ରବନ୍ଧନ ପଦ୍ଧତି ଓ ବୀମାର ଗ୍ରାହ୍ୟତାକୁ ଅନ୍ତର୍ଭୁକ୍ତ କରି, ବୈଶ୍ୱିକ ଗୁଣବତ୍ତା ମାନକ ବଜାୟ ରଖିବା ସେମାନଙ୍କ ପାଇଁ ଆବଶ୍ୟକ ହୋଇପାରେ ।

ଉପରୋକ୍ତ ଆପଦଗୁଡିକ ମଧ୍ୟରୁ ଉପନ୍ନ ହେଉଥିବା କୌଣସି ହାନିକୁ କେତେକ ଅପବର୍ଜନ ଅନ୍ତର୍ଗତ ପଲିସୀଦ୍ୱାରା ସୁରକ୍ଷା ପ୍ରଦାନ କରାଯାଇଥାଏ ।

1.2.**ସଂଶୋଧିତ ମାନକ ଅଗ୍ନି ଏବଂ ବିଶିଷ୍ଟ ଆପଦ (**SFSP) **ପଲିସୀ**:

ଆଇ.ଆର.ଡି.ଏ.ଆଇ. 1 ଅପ୍ରେଲ, 2021 ଠାରୁ ପ୍ରଭାବୀ ରୂପେ ମାର୍ଗଦର୍ଶିକା ଜାରୀ କରିଛି ଯାହାଦ୍ୱାରା ନିମ୍ନରେ ଦିଆଯାଇଥିବା ସଙ୍କଟଗୁଡିକ ପାଇଁ ମାନକ ଅଗ୍ନି ଏବଂ ବିଶିଷ୍ଟ ଆପଦ (SFSP) ପଲିସୀକୁ ନିମ୍ନଲିଖିତ ଦୁଇଟି ମାନକ

ଉତ୍ପାଦ ଦ୍ୱାରା ପ୍ରତିଷ୍ଠାପିତ କରାଯିବ ଯାହାକୁ ଅଗ୍ନି ଓ ସମବର୍ଗୀୟ ଆପଦ ବୀମା ବ୍ୟବସାୟ ଚାଲୁ ରଖିଥିବା ସମସ୍ତ ସାଧାରଣ ବୀମାକର୍ତ୍ତା ଦ୍ୱାରା ଅନିବାର୍ଯ୍ୟରୂପେ ପ୍ରଦାନ କରାଯିବ ।

**i.** ଭାରତ ସୂକ୍ଷ୍ମ ଉଦ୍ୟମ ସୁରକ୍ଷା (ସେହି ଉପକ୍ରମଗୁଡିକ ପାଇଁ ଉଦ୍ଦିଷ୍ଟ ଯେଉଁଠି ସଙ୍କଟର ମୋଟ ମୂଲ୍ୟ ଟ. 5 କୋଟି ପର୍ଯ୍ୟନ୍ତ ହୋଇଥାଏ)- **MSME** ମାନଙ୍କ ଆର୍ଥିକ ସୁରକ୍ଷା ପାଇଁ ପରିକଳ୍ପିତ ।

ଏହି ପଲିସୀ ଉପକ୍ରମଟିର ଘର/ସଂରଚନା, କାରଖାନା ଓ ଯନ୍ତ୍ରପାତି, ଷ୍ଟକ୍ ଏବଂ ଅନ୍ୟାନ୍ୟ ସମ୍ପତ୍ତି ପାଇଁ ସୁରକ୍ଷା ପ୍ରଦାନ କରେ ଯେଉଁଠି ଗୋଟିଏ ସ୍ଥାନରେ ସମସ୍ତ ବୀମାଯୋଗ୍ୟ ସମ୍ପତ୍ତି ଶ୍ରେଣୀ ମଧ୍ୟରେ ସଙ୍କଟର ମୋଟ ମୂଲ୍ୟ ଟ. 5 କୋଟି ପର୍ଯ୍ୟନ୍ତ ହୋଇଥାଏ । ଏହି ପଲିସୀ ଏକ ବ୍ୟାପକ ଶ୍ରେଣୀର ଆପଦଗୁଡିକ ବିରୁଦ୍ଧରେ ମଧ୍ୟ ସୁରକ୍ଷା ପ୍ରଦାନ କରିଥାଏ, ଯାହା ଆବାସଗୁଡିକ ପାଇଁ ଉଦ୍ଦିଷ୍ଟ ପଲିସୀ ସହିତ ଅତ୍ୟନ୍ତ ସମାନ ହୋଇଥାଏ ।

ପଲିସୀଟିରେ ମୂଳଭୂତ ବୀମା ସୁରକ୍ଷା ଅତିରିକ୍ତ ଅନେକ ଅନ୍ତର୍ନିର୍ମିତ ସୁରକ୍ଷା ଅଛି-ପରିବର୍ତ୍ତନ, ସମାୟୋଜନ କିମ୍ବା ବିସ୍ତାରଣ ପାଇଁ ସୁରକ୍ଷା, ଏକ ଫ୍ଲୋଟର୍ ଆଧାରରେ ଷ୍ଟକ୍ ପାଇଁ ସୁରକ୍ଷା, ଷ୍ଟକ୍ ଗୁଡିକର ଅସ୍ଥାୟୀ ନିଷ୍କାସନ ପାଇଁ ସୁରକ୍ଷା, ବିଶେଷବସ୍ତୁଗୁଡିକ ପାଇଁ ସୁରକ୍ଷା, (ଏକ ହାନି ପରେ) ଆରମ୍ଭର ଖର୍ଚ୍ଚ ପାଇଁ ସୁରକ୍ଷା, ବାସ୍ତୁଶିଳ୍ପୀ, ସର୍ବେକ୍ଷକ ଓ ପରାମର୍ଶଦାତା ଇଞ୍ଜିନିୟରମାନଙ୍କ ପାଇଁ ବ୍ୟବସାୟିକ ଶୁଳ୍କର ପ୍ରଦାନ ପାଇଁ ସୁରକ୍ଷା, ଭଗ୍ନାବଶେଷ ର ନିଷ୍କାସନ ପାଇଁ ମୂଲ୍ୟ ଏବଂ ମ୍ୟୁନିସିପାଲ ବିନିୟମନ ଦ୍ୱାରା ବାଧ୍ୟ କରାଯାଇଥିବା ମୂଲ୍ୟ ।

ପଲିସୀଟିକୁ ସୂକ୍ଷ୍ମ ସ୍ତରର ଉପକ୍ରମ ଯଥା ଅଫିସ୍, ହୋଟେଲ, ଉଦ୍ୟୋଗ, ସଂଚୟନ ସଙ୍କଟ ଓ ଏଭଳି ଅନ୍ୟଗୁଡିକ ଦ୍ୱାରା ନିଆଯାଇପାରେ । 15% ପର୍ଯ୍ୟନ୍ତ ପଲିସୀ ଅଧୋବୀମା(Under insurance) କୁ ମାଫ କରାଯାଏ । ଭାରତ ସୂକ୍ଷ୍ମ ଉଦ୍ୟମ ପଲିସୀଗୁଡିକ ପୃଷ୍ଠାଙ୍କନ ସାହାଯ୍ୟରେ ପଲିସୀ ଅବଧି ସମୟରେ ବୀମା ରାଶିରେ ବୃଦ୍ଧିର ସ୍ୱୀକୃତି ଦିଅନ୍ତି ।

**ii.** ଭାରତ ଲଘୁ ଉଦ୍ୟମ ସୁରକ୍ଷା (ସେହି ଉପକ୍ରମଗୁଡିକ ପାଇଁ ଉଦ୍ଦିଷ୍ଟ ଯେଉଁଠି ସଙ୍କଟର ମୋଟ ମୂଲ୍ୟ ଟ.5 କୋଟିଠାରୁ ଅଧିକ ଓ ଟ.50 କୋଟି ପର୍ଯ୍ୟନ୍ତ ହୋଇଥାଏ) **-** ମାନଙ୍କ ଆର୍ଥିକ ସୁରକ୍ଷା ପାଇଁ ପରିକଳ୍ପିତ ।

ଏହି ପଲିସୀ ଉପକ୍ରମଟିର ଘର/ସଂରଚନା, କାରଖାନା ଓ ଯନ୍ତ୍ରପାତି, ଷ୍ଟକ୍ ଏବଂ ଅନ୍ୟାନ୍ୟ ସମ୍ପତ୍ତି ପାଇଁ ସୁରକ୍ଷା ପ୍ରଦାନ କରେ ଯେଉଁଠି ଗୋଟିଏ ସ୍ଥାନରେ ସମସ୍ତ ବୀମାଯୋଗ୍ୟ ସମ୍ପତ୍ତି ଶ୍ରେଣୀ ମଧ୍ୟରେ ସଙ୍କଟର ମୋଟ ମୂଲ୍ୟ ପଲିସୀ ଆରମ୍ଭ ତାରିଖରେ ଟ. 5 କୋଟିଠାରୁ ଅଧିକ ହୋଇଥାଏ କିନ୍ତୁ ଟ. 50 କୋଟିଠାରୁ ଅଧିକ ହୋଇ ନ ଥାଏ । ଏହି ପଲିସୀରେ ଉପରେ ଉଲ୍ଲିଖିତ ସୂକ୍ଷ୍ମ ସ୍ତରୀୟ ଉପକ୍ରମଗୁଡିକ ପାଇଁ ପଲିସୀ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ଅନ୍ତର୍ନିର୍ମିତ ସୁରକ୍ଷା ମଧ୍ୟ ଥାଏ । ସେହିସବୁ ଆପଦ ଯାହା ବିରୁଦ୍ଧରେ ବୀମା ପ୍ରଦାନ କରାଯାଇଥାଏ, ସେଗୁଡିକ ସୂକ୍ଷ୍ମ ସ୍ତରୀୟ ଉପକ୍ରମ ପାଇଁ ଉଦ୍ଦିଷ୍ଟ ପଲିସୀ ସହିତ ସମାନ ବି ହୋଇଥାନ୍ତି ।

ପଲିସୀଟିକୁ, ପୁନଶ୍ଚ,ଅଫିସ୍, ହୋଟେଲ, ଉଦ୍ୟୋଗ, ସଂଚୟନ ସଙ୍କଟ ଏବଂ ଏହି ଭଳି ଅନ୍ୟାନ୍ୟ ସମସ୍ତ ପ୍ରକାରର ସଙ୍କଟ ଦ୍ୱାରା ନିଆ ଯାଇପାରେ । ଭାରତ ଲଘୁ ଉଦ୍ୟମ ପଲିସୀଗୁଡିକ ପୃଷ୍ଠାଙ୍କନ ସାହାଯ୍ୟରେ ପଲିସୀ ଅବଧିରେ ବୀମା ରାଶିରେ ବୃଦ୍ଧିର ସ୍ୱୀକୃତି ଦିଅନ୍ତି ।

**iii.** ଅଗ୍ନି ପଲିସୀ ଅନ୍ତର୍ଗତ ଅପବର୍ଜନ

ବୀମାକର୍ତ୍ତାମାନେ ସାଧାରଣତଃ ଅଗ୍ନି ପଲିସୀଗୁଡିକର ସୀମାଠାରୁ ନିମ୍ନଗୁଡିକୁ ବହିର୍ଭୂତ କରିଥାନ୍ତି ।

ନିମ୍ନ ଭଳି ପ୍ରତ୍ୟାଶିତ ଆପଦଗୁଡିକ ଯୋଗୁଁ ହୋଇଥିବା ହାନି

**i.** ଯୁଦ୍ଧ କିମ୍ବା ଯୁଦ୍ଧ ଭଳି କାର୍ଯ୍ୟକଳାପ

ii. ପାରମାଣବିକ ଆପଦ

iii. ଆୟନୀକରଣ ଓ ବିକିରଣ

iv. ପ୍ରଦୂଷଣ ଓ ସଂକ୍ରମଣ ହାନି

**ସେହି ଆପଦ ଯେଉଁଗୁଡ଼ିକୁ ସାଧାରଣ ବୀମାରେ ଅନ୍ୟାନ୍ୟ ପଲିସୀ ଦ୍ୱାରା ସୁରକ୍ଷା ପ୍ରଦାନ କରାଯାଏ**

i. ଯନ୍ତ୍ରପାତି ଅଚଳତା

ii. ବ୍ୟବସାୟ ବ୍ୟାଘାତ/ଅଭହ୍ରାସ

iv. **ଆଡ୍-ଅନ୍ ସୁରକ୍ଷା**

ଅବଶ୍ୟ କେତେକ ଆପଦକୁ ଅତିରିକ୍ତ ପ୍ରିମିୟମର ପ୍ରଦାନ ଦ୍ୱାରା ସୁରକ୍ଷା ଦିଆଯାଇ ପାରେ ଯେପରିକି ଭୂମିକମ୍ପ, ନିଆଁ ଓ ଝଟକା; ବୀମିତ ଆପଦର ପରିଣାମରେ ବିଜୁଳୀ ବ୍ୟାଘାତ ପରେ ଶୀତଳ ଭଣ୍ଡାରରେ ଷ୍ଟକ୍ ର ଅବକ୍ଷୟ, ଅବଶେଷର ନିଷ୍କାସନରେ ସଂପୃକ୍ତ ଅତିରିକ୍ତ ଖର୍ଚ୍ଚ, ପଲିସୀ ଦ୍ୱାରା ସୁରକ୍ଷା ପ୍ରାପ୍ତ ରାଶିଠାରୁ ଉପରେ ଓ ଊର୍ଦ୍ଧ୍ୱରେ ବାସ୍ତୁଶିଳ୍ପୀ, ପରାମର୍ଶଦାତା ଇଞ୍ଜିନିୟରଙ୍କ ଶୁଳ୍କ, ଜଙ୍ଗଲ ନିଆଁ, ନିଜ ବାହନ କାରଣରୁ ହୋଇଥିବା ସ୍ୱତଃସ୍ଫୂର୍ତ୍ତ ଦହନ ଓ ପ୍ରଭାବୀ କ୍ଷତି; ଆତଙ୍କବାଦ ।

v. **ଅଗ୍ନି ପଲିସୀର ବିବିଧ ପ୍ରକାର**

ଅଗ୍ନି ପଲିସୀଗୁଡ଼ିକୁ ସାଧାରଣତଃ 12 ମାସର ଅବଧି ପାଇଁ ଜାରୀ କରାଯାଏ । କେବଳ ଆବାସଗୁଡ଼ିକ ପାଇଁ, ବୀମା କମ୍ପାନୀମାନେ ଦୀର୍ଘାବଧି ପଲିସୀ, ଅର୍ଥାତ୍ 12 ମାସଠାରୁ ଅଧିକ ସମୟାବଧି ପାଇଁ ପ୍ରଦାନ କରିଥାନ୍ତି । କେତେକ କ୍ଷେତ୍ରରେ ଅଳ୍ପାବଧି ପଲିସୀଗୁଡ଼ିକ ମଧ୍ୟ ଜାରୀ କରାଯାଏ, ଯେଉଁଥି ପାଇଁ ଅଳ୍ପାବଧି ମାପକଗୁଡ଼ିକ ପ୍ରଯୁଜ୍ୟ ହୋଇଥାନ୍ତି ।

b. ବଜାର ମୂଲ୍ୟ ଏବଂ ପୁନଃସ୍ଥାପନ ମୂଲ୍ୟ ପଲିସୀ: ଏକ ହାନିର ଘଟଣାରେ, ବୀମାକର୍ତ୍ତା ସାଧାରଣତଃ ବଜାର ମୂଲ୍ୟକୁ ପ୍ରଦାନ କରିପାରେ [ଯାହା ମୂଲ୍ୟହ୍ରାସ ହୋଇଥିବା ମୂଲ୍ୟ ହୋଇଥାଏ] । ପୁନଃସ୍ଥାପନ ମୂଲ୍ୟ ପଲିସୀ ଅନ୍ତର୍ଗତ, ସମାନ ପ୍ରକାରର ନୂଆ ସମ୍ପତ୍ତି ଦ୍ୱାରା, କ୍ଷତିଗ୍ରସ୍ତ ସମ୍ପତ୍ତିର ପୁନଃସ୍ଥାପନ ମୂଲ୍ୟକୁ ପ୍ରଦାନ କରିପାରନ୍ତି ।

   ପୁନଃସ୍ଥାପନ ମୂଲ୍ୟ ପଲିସୀଗୁଡ଼ିକୁ ଘର, କାରଖାନା, ଯନ୍ତ୍ରପାତି ଓ ଫର୍ଣ୍ଣିଚର, ଫିକ୍ସଚର, ଫିଟିଙ୍ଗ୍ସ କୁ ସୁରକ୍ଷା ଦେବା ପାଇଁ ଜାରୀ କରାଯାଏ । ପୁନଃସ୍ଥାପନ ମୂଲ୍ୟ ପଲିସୀଗୁଡ଼ିକୁ ସେହି ଷ୍ଟକ୍ ଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଜାରୀ କରାଯାଇ ନ ଥାଏ, ଯେଉଁସବୁକୁ ସାଧାରଣତଃ ବଜାର ମୂଲ୍ୟ ଆଧାରରେ ସୁରକ୍ଷା ଦିଆଯାଇଥାଏ ।

c. ଘୋଷଣା ପତ୍ର ଭିତ୍ତିକ ପଲିସୀ: ଗୋଦାମରେ ଥିବା ଷ୍ଟକ୍ ଗୁଡ଼ିକର ମୂଲ୍ୟରେ ବାରମ୍ବାର ପରିବର୍ତ୍ତନକୁ ଧ୍ୟାନ ରଖିବା ପାଇଁ, କେତେକ ସର୍ତ୍ତ ଅନ୍ତର୍ଗତ ଘୋଷଣାପତ୍ର ପଲିସୀର ମଞ୍ଜୁରୀ ଦିଆଯାଏ । ବୀମା ରାଶି ସର୍ବାଧିକ ମୂଲ୍ୟ ହେବା ଉଚିତ୍ ଯାହାକୁ ପଲିସୀ ସମୟାବଧିରେ ଗୋଦାମରେ ରଖାଯିବାର ଆଶା କରାଯାଏ । ଏକ ମୂଲ୍ୟ ଉପରେ ଏକ ଅନନ୍ତିମ ପ୍ରିମିୟମ ଲାଗୁ କରାଯାଏ । ବୀମିତକୁ, ପଲିସୀ ଚାଲୁ ରହିଥିବା ସମୟରେ, ସମ୍ମତ ଅନ୍ତରାଳରେ, ତାର ଷ୍ଟକ୍ ଗୁଡ଼ିକର ମୂଲ୍ୟର ଘୋଷଣା କରିବାକୁ ପଡ଼ିଥାଏ । ଏହା ପଲିସୀ ଅବଧିର ଶେଷରେ ପ୍ରିମିୟମ ସହିତ ସମାୟୋଜନୀୟ ହୋଇଥାଏ ।

d. ଫ୍ଲୋଟର୍ ପଲିସୀ: ଫ୍ଲୋଟର୍ ପଲିସୀଗୁଡ଼ିକ ସେହି ଜିନିଷପତ୍ରର ଷ୍ଟକ୍ ପାଇଁ ଜାରୀ କରାଯାଏ ଯାହାକୁ ଗୋଟିଏ ବୀମା ରାଶି ଅନ୍ତର୍ଗତ ବିଭିନ୍ନ ବିନିର୍ଦ୍ଦିଷ୍ଟ ସ୍ଥାନରେ ଗଚ୍ଛିତ କରି ରଖାଯାଇଥାଏ । ଅବିନିର୍ଦ୍ଦିଷ୍ଟ ସ୍ଥାନଗୁଡ଼ିକୁ ସୁରକ୍ଷା ପ୍ରଦାନ କରାଯାଇ ନ ଥାଏ । ପ୍ରିମିୟମ ହାରଟି କୌଣସି ଗୋଟିଏ ସ୍ଥାନରେ ବୀମାତର ଷ୍ଟକ୍ ଗୁଡ଼ିକ ପାଇଁ ପ୍ରଯୁଜ୍ୟ 10% ର

ଲୋଡିଙ୍ଗ୍ ସହିତ ସର୍ବାଧିକ ହାର ହୋଇଥାଏ । ଏଗୁଡିକୁ ଅଗ୍ନି ଫ୍ଲୋଟର୍ ପଲିସୀ ବି କୁହାଯାଇଥାଏ ଯେହେତୁ ବୀମା ରାଶି ଅନେକ ଗୁଡିଏ ସ୍ଥାନରେ 'ଫ୍ଲୋଟ୍ (ଗତି)' କରୁଥାଏ ।

**vi. ପ୍ରିମିୟମ ନିର୍ଦ୍ଧାରଣ ନିର୍ଭର କରେ:**

a) ଦଖଲର/ବ୍ୟବହାରର ପ୍ରକାର, ଔଦ୍ୟୋଗିକ ହୋଇଥାଉ କିମ୍ବା ଅନ୍ୟ କିଛି ।

b) ଏକ ଔଦ୍ୟୋଗିକ ପରିସରରେ ଅବସ୍ଥିତ ସମସ୍ତ ସମ୍ପତ୍ତି ଉପରେ, ପ୍ରସ୍ତୁତ କରାଯାଇଥିବା ଉତ୍ପାଦ (ଗୁଡିକ) ଆଧାରରେ ଗୋଟିଏ ଦର ଲାଗୁ କରାଯିବ ।

c) ଔଦ୍ୟୋଗିକ ପରିସର ବାହାରର ସୁବିଧାଗୁଡିକ ଉପରେ, ବିଶେଷ ସ୍ଥାନରେ ଦଖଲର ସ୍ୱରୂପ ଆଧାରରେ ମୂଲ୍ୟ ନିର୍ଦ୍ଧାରଣ କରାଯିବ ।

d) ସଂଚୟନ କ୍ଷେତ୍ରଗୁଡିକର ମୂଲ୍ୟକୁ ଧାରଣ କରାଯାଇଥିବା ଜିନିଷର ବିପତ୍ତି ପୂର୍ଣ୍ଣ ସ୍ୱରୂପ ଆଧାରରେ ନିର୍ଦ୍ଧାରଣ କରାଯିବ ।

e) "ଆଡ୍-ଅନ୍" ସୁରକ୍ଷାଗୁଡିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଅତିରିକ୍ତ ପ୍ରିମିୟମ ଲାଗୁ କରାଯାଏ ।

f) ଦାବୀ ଇତିହାସ ଏବଂ ପରିସରରେ ଯୋଗାଇ ଦିଆଯାଇଥିବା ନିଆଁ ସୁରକ୍ଷା ସୁବିଧା ଆଧାରରେ ପ୍ରିମିୟମରେ ଛାଡ଼ ଦିଆଯାଏ ।

g) ଜଣେ ପ୍ରିମିୟମରେ ହ୍ରାସ ପାଇଁ ଦଙ୍ଗା, ଷ୍ଟ୍ରାଇକ୍, ହାନିକାରକ କ୍ଷତି ସୁରକ୍ଷା ଏବଂ ବନ୍ୟା ସମୂହ ଆପଦଗୁଡିକ ମଧ୍ୟରୁ ବି ଚୟନ କରିପାରେ ।

ମୂଲ୍ୟ ନିର୍ଦ୍ଧାରଣ ଶୈଳୀ ପୁଣି ବୀମାକର୍ତ୍ତା ବୀମାକର୍ତ୍ତା ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ବାଣିଜ୍ୟିକ ସଙ୍କଟଗୁଡିକ ପାଇଁ ଏକ ଅଗ୍ନି ପଲିସୀ ___________ ର ଆପଦକୁ ସୁରକ୍ଷା ଦିଏ

I. ରାଜପଥରେ ଜଳି ଯାଉଥିବା ବାହନ

II. ଜାହାଜରେ ନିଆଁ

III. କାରଖାନାରେ ବିସ୍ଫୋରଣ

IV. ନିଆଁଯୋଗୁଁ ହସ୍ପିଟାଲାଇଜେଶନ୍

## B. ବ୍ୟବସାୟ ବ୍ୟାଘାତ ବୀମା

ବ୍ୟବସାୟ ବ୍ୟାଘାତ ବୀମାକୁ ପରିଣାମଜନିତ ହାନି ବୀମା କିମ୍ବା ଲାଭର ହାନି ବୀମା ମଧ୍ୟ କୁହାଯାଏ ।

ଅଗ୍ନି ବୀମା ବୀମିତ ଆପଦ ଦ୍ୱାରା ଘର, କାରଖାନା, ଯନ୍ତ୍ରପାତି ଫିକ୍ସଚର୍ସ, ଫିଟିଙ୍ଗ୍ସ, ବ୍ୟାପାରିକ ବସ୍ତୁ, ଇତ୍ୟାଦି ଆକ୍ରାନ୍ତ ହୋଇଥିବା ବସ୍ତୁ କିମ୍ବା ସମ୍ପତି କ୍ଷତି କିମ୍ବା ହାନି ବରୁଦ୍ଧରେ କ୍ଷତିପୂର୍ତ୍ତି ପ୍ରଦାନ କରେ । ଏହାର ପରିଣାମ ବୀମିତର

ବ୍ୟବସାୟରେ ସଂପୂର୍ଣ୍ଣ କିମ୍ବା ଆଂଶିକ ବ୍ୟାଘାତ ହୋଇପାରେ, ଯାହା ଫଳରେ ବ୍ୟାଘାତ ସମୟାବଧିରେ ବିଭିନ୍ନ ହାନି ହୋଇପାରେ ।

**ବ୍ୟବସାୟ ବ୍ୟାଘାତ ପଲିସୀ ଅନ୍ତର୍ଗତ ବୀମା ସୁରକ୍ଷା**

ପରିଣାମଜନିତ ହାନି (CL) ପଲିସୀ [ ବ୍ୟବସାୟ ବ୍ୟାଘାତ(BI)] ସେହି ହାନି ପାଇଁ କ୍ଷତିପୂର୍ତ୍ତି ପ୍ରଦାନ କରେ ଯାହାକୁ ମୋଟ ଲାଭ କୁହାଯାଏ-ଯେଉଁଥିରେ ଅନ୍ତର୍ଭୁକ୍ତ ହୁଏ ନେଟ୍ ଲାଭ ଯୋଗ ସ୍ଥାୟୀ ଚାର୍ଜ ଏବଂ ଏହା ସହିତ ଅନ୍ତିମ ହାନିକୁ ଯେତେ ଶୀଘ୍ର ସମ୍ଭବ କମ୍ କରିବା ପାଇଁ, ବ୍ୟବସାୟକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ବୀମିତ ଦ୍ୱାରା ହୋଇଥିବା କାର୍ଯ୍ୟ କରିବାର ବର୍ଦ୍ଧିତ ଖର୍ଚ୍ଚ । ସୁରକ୍ଷା ପ୍ରଦାନ କରାଯାଇଥିବା ଆପଦ ଏବଂ ସର୍ତ୍ତଗୁଡିକ ଅଗ୍ନି ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଇଥିବା ଭଳି ସମାନ ଅଟେ ।

**ଉଦାହରଣ**

ଯଦି ଏକ ଅଗ୍ନିକାଣ୍ଡର ପରିଣାମ କାର ନିର୍ମାତା କାରଖାନାର ହାନି ହୋଇଥାଏ, ଉତ୍ପାଦନ ହାନିର ପରିଣାମ ନିର୍ମାତାର ଆୟର ହାନି ହେବ । ଆୟର ଏହି ହାନି ଏବଂ ତା'ସହିତ ହୋଇଥିବା ଅତିରିକ୍ତ ବ୍ୟୟକୁ ବୀମିତ କରାଯାଇପାରେ ଯଦି ଏହା ଏକ ବୀମିତ ଆପଦଠାରୁ ଉତ୍ପନ୍ନ ହୋଇଥାଏ ।

---

ଏହି ପଲିସୀଟି କେବଳ ମାନକ ଅଗ୍ନି ଏବଂ ବିଶିଷ୍ଟ ଆପଦ ପଲିସୀ ସହିତ ସଂଯୋଜନରେ ନିଆଯାଇପାରେ ଯେହେତୁ ଏହି ପଲିସୀ ଅନ୍ତର୍ଗତ ଦାବୀଗୁଡିକ ସ୍ୱୀକାର୍ଯ୍ୟ ହୁଏ ଯଦି ମାନକ ଅଗ୍ନି ଏବଂ ବିଶିଷ୍ଟ ଆପଦ ପଲିସୀ ଅନ୍ତର୍ଗତ ଏକ ଦାବୀ କରାଯାଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 2**

ଏକ ବ୍ୟବସାୟ ବ୍ୟାଘାତ ବୀମା ପଲିସୀକୁ କେବଳ ___________ ସହିତ ସଂଯୋଜନ କରି ନିଆ ଯାଇପାରେ ।

I. ମାନକ ଅଗ୍ନି ଏବଂ ବିଶିଷ୍ଟ ଆପଦ ବୀମା ପଲିସୀ

II. ମାନକ ସାମୁଦ୍ରିକ ବୀମା ପଲିସୀ

III. ମାନକ ମୋଟର ବୀମା ପଲିସୀ

IV. ମାନକ ସ୍ୱାସ୍ଥ୍ୟ ବୀମା ପଲିସୀ

---

## C. ଚୋରୀ ବୀମା

ଏହି ପଲିସୀଟି କାରଖାନା, ଦୋକାନ, ଅଫିସ୍, ମାଲ ଗୋଦାମ ଏବଂ ଗୋଦାମ ଭଳି ବ୍ୟବସାୟ ପରିସର ପାଇଁ ଉଦ୍ଦିଷ୍ଟ ଅଟେ ଯେଉଁଥିରେ ଷ୍ଟକ୍, ଜିନିଷ, ଫର୍ଣ୍ଣିଚର ଫକ୍ସଚର୍ସ ଏବଂ ଏକ ତାଲା ବନ୍ଦ ଆଲମାରୀରେ ନଗଦ ଥାଏ, ଯାହାକୁ ଚୋରୀ କରାଯାଇପାରେ । ସୁରକ୍ଷାର ସୀମାକୁ ପଲିସୀରେ ସ୍ପଷ୍ଟରୂପେ ପ୍ରକାଶ କରାଯାଇଥାଏ ।

**ଚୋରୀ ବୀମା ଅନ୍ତର୍ଗତ ସୁରକ୍ଷାପ୍ରାପ୍ତ ସଙ୍କଟ**

a) ପରିସର ମଧ୍ୟକୁ ବାସ୍ତବ ବଳପୂର୍ବକ ଓ ହିଂସୁକ ପ୍ରବେଶ ପରେ ହୋଇଥିବା ସମ୍ପତ୍ତିର ହାନି ଯାହା ପରେ ପରିସର ଠାରୁ ବାସ୍ତବ, ବଳପୂର୍ବକ ଏବଂ ହିଂସୁକ ପ୍ରସ୍ଥାନ କିମ୍ବା ରହିଯିବା ।

b) ଚୋରମାନଙ୍କ ଦ୍ୱାରା ବୀମିତ ସମ୍ପତ୍ତି କିମ୍ବା ପରିସରର କ୍ଷତି । ବୀମିତ ସମ୍ପତ୍ତିକୁ କେବଳ ସେତେବେଳେ ସୁରକ୍ଷା ଦିଆଯାଏ ଯେତେବେଳେ ଏହାର ହାନି ବୀମିତ ପରିସର ମଧ୍ୟରୁ ହୋଇଥାଏ ଏବଂ ଅନ୍ୟ କୌଣସି ପରିସର ଠାରୁ ନୁହଁ ।

**ନଗଦ ସୁରକ୍ଷା:** ଚୋରୀ ସୁରକ୍ଷାର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହେଉଛି ନଗଦ ସୁରକ୍ଷା । ଏହା କାର୍ଯ୍ୟକରେ କେବଳ ସେତେବେଳେ ଯେତେବେଳେ ନଗଦକୁ ଏକ ସେଫ୍, ଯାହା ଚୋର ପ୍ରତିରୋଧକ ଓ ଏକ ଅନୁମୋଦିତ ନିର୍ମାଣ ଓ ଡିଜାଇନ୍ ର ହୋଇଥାଏ, ସେଥିରେ ସୁରକ୍ଷିତ ରଖାଯାଇ ଥାଏ । ନଗଦ ସରୁକ୍ଷାର ମଞ୍ଜୁରୀ ଦେବାପାଇଁ ପ୍ରଯୁଜ୍ୟ ସାଧାରଣ ସର୍ତ୍ତଗୁଡିକ ନିମ୍ନରେ ଦିଆଯାଇଛି:

a) ଯଦି ଖୋଲିବାକୁ ମୂଳ ଚାବିର ଉପଯୋଗ କରିବା ପରେ ଆଲମାରୀଠାରୁ ନିଖୋଜ ହୋଇଥିବା ନଗଦ, ଏହାକୁ ସୁରକ୍ଷା ପ୍ରଦାନ କରାଯାଏ କେବଳ ଯେଉଁଠି ସେହି ଚାବିକୁ ହିଂସା ଦ୍ୱାରା କିମ୍ବା ହିଂସାର ଭୟ ଦେଖାଇବା କିମ୍ବା ବଳର ସାଧନ ମାଧ୍ୟମରେ ପ୍ରାପ୍ତି କରାଯାଇଥାଏ । ଏହାକୁ ସାଧାରଣତଃ "ଚାବି ଅନୁଚ୍ଛେଦ" (Key Clause) କୁହାଯାଏ ।

b) ଆଲମାରୀରେ ଥିବା ନଗଦର ପରିମାଣର ଏକ ସଂପୂର୍ଣ୍ଣ ସୂଚୀକୁ ଆଲମାରୀ ଛଡ଼ା ଅନ୍ୟ କୌଣସି ସ୍ଥାନରେ ସୁରକ୍ଷିତ ରଖାଯାଇଥାଏ । ବୀମାକର୍ତ୍ତାର ଦାୟିତ୍ୱ ସେଭଳି ରେକର୍ଡ ଦ୍ୱାରା ବାସ୍ତବରେ ଦର୍ଶାଇଥିବା ରାଶି ପରିମାଣ ପର୍ଯ୍ୟନ୍ତ ସୀମିତ ଥାଏ ।

1. **ପ୍ରଥମ ହାନି ବୀମା**

   ସେହି ସବୁ କ୍ଷେତ୍ରରେ, ମାଲ ଥୋକରେ ଭଣ୍ଡାରଣ ହୋଇଥାଏ, କିନ୍ତୁ ଆକାରରେ କମ୍ ମୂଲ୍ୟର ହୋଇଥାଏ, (ଯଥା ଗଣ୍ଠିଲି ଭିତରେ କପା, ଶସ୍ୟ, ଚିନି ଇତ୍ୟାଦି) କେବଳ ଏକମାତ୍ର ଅବସରରେ ସଂପୂର୍ଣ୍ଣ ଷ୍ଟକ୍ କୁ ହରାଇବାର ସଙ୍କଟ କମ୍ ଦୂରବର୍ତ୍ତୀ ବୋଲି ବିଚାର କରାଯାଏ । ସେହି ମୂଲ୍ୟ ଯାହାକୁ ଥରକରେ ଚୋରୀ କରାଯାଇ ପାରେ ତାକୁ ସମ୍ଭାବ୍ୟ ସର୍ବାଧିକ ହାନି (PML) ବୋଲି ସୁନିଶ୍ଚିତ କରାଯାଏ ଏବଂ ଏହି ସର୍ବାଧିକ ସମ୍ଭାବ୍ୟ ହାନି ପାଇଁ ସଂପୂର୍ଣ୍ଣ ପ୍ରିମିୟମ ଲାଗୁ କରାଯାଏ ଏବଂ ସଂପୂର୍ଣ୍ଣ ପ୍ରିମିୟମର କିଛି ପ୍ରତିଶତକୁ ଷ୍ଟକ୍ ର ଅବଶିଷ୍ଟ ପରିମାଣ ଉପରେ ଲାଗୁ କରାଯାଏ ଯେହେତୁ PML ସମଗ୍ର ଷ୍ଟକ୍ ଉପରେ ବିସ୍ତାରିତ ହେଇଥାଏ । ଏହା ମନେକରାଯାଏ ଯେ ଅତିଶୀଘ୍ର ଏକ ଦ୍ୱିତୀୟ ଚୋରୀ ହୋଇ ନ ପାରେ ଅନ୍ୟଥା ବୀମିତ ଏହା ନ ହଟିବା ପାଇଁ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ନେଇ ପାରେ ।

2. **ଅଗ୍ନି ବୀମା ସଦୃଶ, ଷ୍ଟକ୍ ଗୁଡିକର ସମ୍ବନ୍ଧରେ ଘୋଷଣାପତ୍ର ଭିତ୍ତିକ ସୁରକ୍ଷା ଏବଂ ଫ୍ଲୋଟର ସୁରକ୍ଷା ମଧ୍ୟ ସମ୍ଭବ ଅଟେ ।**

3. **ଅପବର୍ଜନ**

   ପଲିସୀଟି କର୍ମଚାରୀ, ପରିବାର ସଦସ୍ୟ କିମ୍ବା ଅନ୍ୟ ବ୍ୟକ୍ତି ଯେଉଁମାନେ କାନୁନୀ ରୂପେ ପରିସର ମଧ୍ୟରେ ଥାଆନ୍ତି, ସେମାନଙ୍କ ଦ୍ୱାରା ଚୋରୀକୁ ସୁରକ୍ଷା ପ୍ରଦାନ କରେ ନାହିଁ, କିମ୍ବା ଏହା ଲାର୍ସେନୀ ଅଥବା ସାମାନ୍ୟ ଚୋରୀକୁ ସୁରକ୍ଷା ଦିଏ ନାହିଁ । ଏହା ସେହି ସବୁ ହାନିକୁ ମଧ୍ୟ ବହିର୍ଭୂତ କରେ ଯେଉଁଗୁଡିକ ଏକ ଅଗ୍ନି କିମ୍ବା ପ୍ଲେଟ୍ ଗ୍ଲାସ୍ ପଲିସୀ ଦ୍ୱାରା ସୁରକ୍ଷାପ୍ରାପ୍ତ ହୋଇଥାନ୍ତି ।

4. **ବିସ୍ତାରଣ**

   ପଲିସୀଟିକୁ ଦଙ୍ଗା, ଷ୍ଟ୍ରାଇକ୍ ଏବଂ ଆତଙ୍କବାଦ ସଙ୍କଟକୁ ଅତିରିକ୍ତ ପ୍ରିମିୟମରେ ସୁରକ୍ଷା ଦେବା ପାଇଁ ବିସ୍ତାରିତ କରାଯାଇ ପାରେ ।

5. **ପ୍ରିମିୟମ**

ଚୋରୀ ପଲିସୀ ପାଇଁ ପ୍ରିମିୟମର ହାର ବୀମିତ ସମ୍ପତ୍ତିର ସ୍ୱରୂପ, ବୀମିତର ନୈତିକ ସ୍ତର, ପରିସରର ନିର୍ମାଣ ଓ ଅବସ୍ଥିତି, ନିରାପତ୍ତା ପଦକ୍ଷେପ (ଉ.ସ୍ୱ. ଚୌକିଦାର, ଚୋର ଆଲାର୍ମ), ପୂର୍ବର ଦାବୀ ଅନୁଭୂତି ଇତ୍ୟାଦି ଉପରେ ନିର୍ଭର କରେ ।

ପ୍ରସ୍ତାବ ଫର୍ମରେ ଦିଆଯାଇଥିବା ବିବରଣୀ ବ୍ୟତୀତ, ବୀମାକର୍ତ୍ତାମାନଙ୍କ ଦ୍ୱାରା ଏକ ପୂର୍ବ-ସ୍ୱକୃତି ନିରୀକ୍ଷଣ କରାଯାଇଥାଏ ଯେଉଁଠି ଉଚ୍ଚ ମୂଲ୍ୟ ସଂପୃକ୍ତ ଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 3**

ଚୋରୀ ପଲିସୀ ପାଇଁ ପ୍ରିମିୟମ ___________ ଉପରେ ନିର୍ଭର କରେ ।

I. ବୀମିତ ସମ୍ପତ୍ତିର ସ୍ୱରୂପ

II. ନିଜେ ବୀମିତର ନୈତିକ ବିପତ୍ତି

III. ପରିସରର ନିର୍ମାଣ ଓ ଅବସ୍ଥିତି

IV. ଉପରୋକ୍ତ ମଧ୍ୟରୁ ସମସ୍ତ

## D. ଅର୍ଥ ବୀମା

ନଗଦକୁ ସମ୍ଭାଳିବା କୌଣସି ବି ବ୍ୟବସାୟର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଥାଏ । ଅର୍ଥ ବୀମା ପଲିସୀ ଟଙ୍କାର ହାନି ବିରୁଦ୍ଧରେ ବ୍ୟାଙ୍କ ଏବଂ ଔଦ୍ୟୋଗିକ ବ୍ୟବସାୟ ପ୍ରତିଷ୍ଠାନଗୁଡିକୁ ସୁରକ୍ଷା କରିବା ପାଇଁ ଉଦ୍ଦିଷ୍ଟ । ଟଙ୍କା ପରିସର ମଧ୍ୟରେ ତଥା ବାହାରେ ସଙ୍କଟରେ ରହିଥାଏ । ଏହାକୁ ବାହାର କରିବା, ଜମା କରିବା, ଦେୟ ପ୍ରଦାନ କରିବା କିମ୍ବା ସଂଗ୍ରହ କରିବା ସମୟରେ ଅବୈଧ ରୂପେ ହରଣ ହେବା ସମ୍ଭବ ।

### 1. ଅର୍ଥ ବୀମାର ସୁରକ୍ଷା

ଅର୍ଥ ବୀମା ପଲିସୀକୁ ସେହି ସବୁ ହାନିକୁ ସୁରକ୍ଷା ପ୍ରଦାନ କରିବାକୁ ପରିକଳ୍ପିତ କରାଯାଏ ଯାହା ନଗଦ, ଚେକ୍/ପୋଷ୍ଟାଲ ଅର୍ଡର/ଡାକ ଷ୍ଟାମ୍ପର ସଂଚାଳନ କରିବା ସମୟରେ ଘଟିଥାଇ ପାରେ । ପଲିସୀଟି ସାଧାରଣତଃ ଦୁଇଟି ବିଭାଗ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରିଥାଏ ।

a) ପାରବହନ ବିଭାଗ: ଏହା ଡକାୟତି କିମ୍ବା ଚୋରୀ କିମ୍ବା ଅନ୍ୟ ଦୁର୍ଭାଗ୍ୟପୂର୍ଣ୍ଣ କାରଣ ଯେତେବେଳେ ଏହାକୁ ବୀମିତ କିମ୍ବା ତାର ପ୍ରାଧିକୃତ କର୍ମଚାରୀମାନଙ୍କ ଦ୍ୱାରା ବାହାରକୁ ନିଆଯାଉଥାଏ, ଏହାର ପରିଣାମରେ ଟଙ୍କାର ହାନିକୁ ସୁରକ୍ଷା ପ୍ରଦାନ କରେ ।

ପାରବହନ ବିଭାଗ ଦୁଇଟି ରାଶିକୁ ବିନିର୍ଦ୍ଦିଷ୍ଟ କରେ:

i. **ପ୍ରତ୍ୟେକ ବହନର ବୀମା**: ଏହା ହେଉଛି ସର୍ବାଧିକ ରାଶି ପରିମାଣ ଯାହାକୁ ବୀମାକର୍ତ୍ତାମାନେ ପ୍ରତ୍ୟେକ ହାନି ପରିପ୍ରେକ୍ଷୀରେ ସୁରକ୍ଷା ନେବାକୁ ଚାହାନ୍ତି ।

ii. **ପଲିସୀ ଅବଧି ସମୟରେ ପାରବହନରେ ଆକଳିତ ରାଶି**: ଏହା ସେହି ସମୟ ରାଶିକୁ ସୂଚୀତ କରେ ଯାହା ଉପରେ ପ୍ରିମିୟମର ରାଶିକୁ ନିର୍ଦ୍ଧାରିତ କରିବା ପାଇଁ ପ୍ରିମିୟମ ହାରକୁ ଲାଗୁ କରିବାକୁ ପଡ଼ିଥାଏ ।

ପଲିସୀଗୁଡିକୁ "**ଘୋଷଣାପତ୍ର ଆଧାର**" ରେ ଜାରୀ କରାଯାଇ ପାରେ, ଯାହା ଅଗ୍ନି ବୀମାରେ ଥିବା ପ୍ରଥା ସଦୃଶ ହୋଇଥାଏ । ବୀମାକର୍ତ୍ତାମାନେ ଏହି ପ୍ରକାରେ ପାରବହନରେ ଥିବା ଆକଳିତ ରାଶି ଉପରେ ଏକ ଅନନ୍ତିମ ପ୍ରିମିୟମ ଲାଗୁ କରନ୍ତି ଏବଂ ବୀମିତ ଦ୍ୱାରା ଘୋଷିତ କରାଯାଇଥିବା ରୂପେ, ପଲିସୀ ଅବଧିରେ ପାରବହନରେ ଥିବା ବାସ୍ତବ ରାଶି ଆଧାରରେ ଏହି ପ୍ରିମିୟମକୁ ପଲିସୀର ସମାପ୍ତି ସମୟରେ ସମାୟୋଜିତ କରିଥାନ୍ତି ।

b) **ପରିସର ବିଭାଗ:** ଏହି ବିଭାଗ ଚୋରୀ, ଗୃହ ଭେଦନ, ଲୁଟ୍ ଇତ୍ୟାଦି ଯୋଗୁଁ ଜଣକର ପରିସର/ ତାଲାବନ୍ଦ ଆଲମାରୀ ଠାରୁ ନଗଦର ନିଖୋଜକୁ ସୁରକ୍ଷା ପ୍ରଦାନ କରେ । ପଲିସୀର ଅନ୍ୟାନ୍ୟ ବିଶେଷତା ଗୁଡିକ ସାଧାରଣତଃ (ବ୍ୟବସାୟ ପରିସରର) ଚୋରୀ ବୀମା ଅନୁରୂପ ହୋଇଥାଏ ଯାହା ବିଷୟରେ ଉପରୋକ୍ତ ଅଧ୍ୟୟନ ପରିଣାମ ଗ ଅନ୍ତର୍ଗତ ଆଲୋଚନା କରାଯାଇଥିଲା ।

### 2. ମହତ୍ୱପୂର୍ଣ୍ଣ ଅପବର୍ଜନ

ଏଗୁଡିକରେ ଅନ୍ତର୍ଭୁକ୍ତ ହୁଅନ୍ତି:

a) ତ୍ରୁଟି କିମ୍ବା ବିଲୋପନ ଯୋଗୁଁ କମ୍/ଅଭାବ ହେବା,

b) ସେହି ଅର୍ଥର ହାନି ଯାହାର ଭାର/ଦାୟିତ୍ୱ ପ୍ରାଧିକୃତ ବ୍ୟକ୍ତି ବ୍ୟତୀତ ଅନ୍ୟ ଉପରେ ନ୍ୟସ୍ତ କରାଯାଇଥାଏ ଏବଂ

c) ଦଙ୍ଗା, ଷ୍ଟ୍ରାଇକ୍ ଏବଂ ଆତଙ୍କ ବାଦ

### 3. ବିସ୍ତାରଣ

ଅତିରିକ୍ତ ପ୍ରିମିୟମର ପ୍ରଦାନରେ ପଲିସୀଟିକୁ ନିମ୍ନଗୁଡିକୁ ସୁରକ୍ଷା ଦେବାପାଇଁ ବିସ୍ତାରିତ କରାଯାଇପାରେ:

a) ନଗଦ ବହନ କରୁଥିବା ବ୍ୟକ୍ତିମାନଙ୍କର ଅସାଧୁତା,

b) ଦଙ୍ଗା, ଷ୍ଟ୍ରାଇକ୍ ଏବଂ ଆତଙ୍କବାଦ ସଙ୍କଟ

c) ବିତରଣ ସଙ୍କଟ, ଯାହା ହେଉଛି କର୍ମଚାରୀମାନଙ୍କୁ ମଜୁରୀ ଦେବା ସମୟରେ ଆକ୍ରାନ୍ତ ହୋଇଥିବା ହାନି

### 4. ପ୍ରିମିୟମ

ପ୍ରିମିୟମ ଦରକୁ ବୀମିତ, କୌଣସି ଗୋଟିଏ ସମୟରେ କମ୍ପାନୀର ନଗଦ ବହନ ଦାୟିତ୍ୱ, ପରିବହନର ପଦ୍ଧତି, ସଂପୃକ୍ତ ଦୂରତା, ନିଆଯାଇଥିବା ସୁରକ୍ଷା ପଦକ୍ଷେପ ଇତ୍ୟାଦି ଆଧାରରେ ନିର୍ଦ୍ଧାରିତ କରାଯାଇଥାଏ । ପ୍ରିମିୟମଟି, ପଲିସୀ ସମାପ୍ତିର 30 ଦିନ ମଧ୍ୟରେ କରାଯାଇଥିବା ଘୋଷଣା ଆଧାରରେ ସାରା ବର୍ଷରେ ବହନ କରାଯାଇଥିବା ବାସ୍ତବ ନଗଦ ଅନୁସାରେ ସମାୟୋଜନଯୋଗ୍ୟ ହୋଇଥାଏ ।

| ସ୍ୱୟଂ ପରୀକ୍ଷା କରନ୍ତୁ 4 |
|---|

ନିମ୍ନ ମଧ୍ୟରୁ କେଉଁଟିକୁ ଏକ ଅର୍ଥ କିମ୍ବା ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଇଥାଏ?

I. ତ୍ରୁଟି କିମ୍ବା ବିଲୋପନ ଯୋଗୁଁ କମ୍/ଅଭାବ ହେବା

II. ଚୋରୀ ଯୋଗୁଁ ଜଣକର ପରିସର ମଧ୍ୟରୁ ନଗଦର ହାନି

III. ସେହି ଟଙ୍କାର ହାନି ଯାହାର ଭାର ପ୍ରାଧିକୃତ ବ୍ୟକ୍ତି ବ୍ୟତୀତ ଅନ୍ୟ କାହାରି ଉପରେ ନ୍ୟସ୍ତ କରାଯାଇଥିବ

IV. ଦଙ୍ଗା, ଷ୍ଟ୍ରାଇକ୍ ଏବଂ ଆତଙ୍କବାଦ

---

## E. ବିଶ୍ୱସନୀୟତା /ନିଷ୍ଠା ଗ୍ୟାରେଣ୍ଟି ବୀମା

କମ୍ପାନୀମାନେ ସେହିସବୁ କାରଣରୁ ଆର୍ଥିକ ହାନିରେ ଆକ୍ରାନ୍ତ ହୋଇଥାନ୍ତି ଯାହାକୁ ଶ୍ୱେତ କଲାର ଅପରାଧ କୁହାଯାଏ ଯେପରି କି ସେମାନଙ୍କ କର୍ମଚାରୀମାନଙ୍କର କପଟ କିମ୍ବା ଅସାଧୁତା । ନିଷ୍ଠା ଗ୍ୟାରେଣ୍ଟି ବୀମା ନିଯୁକ୍ତିଦାତାମାନଙ୍କୁ, ଜାଲିଆତି, ବ୍ୟପହରଣ, ଚୋରୀ ଦୁରୁପଯୋଗ ଏବଂ ତ୍ରୁଟି ଦ୍ୱାରା ସେମାନଙ୍କ କର୍ମଚାରୀମାନଙ୍କ କପଟ କିମ୍ବା ଅସାଧୁତା କାରଣରୁ ସେମାନେ ଆକ୍ରାନ୍ତ ହୋଇଥିବା ଆର୍ଥିକ କ୍ଷତି ବିରୁଦ୍ଧରେ କ୍ଷତିପୂର୍ତ୍ତି ପ୍ରଦାନ କରିଥାଏ ।

### 1. ନିଷ୍ଠା ଗ୍ୟାରେଣ୍ଟି ବୀମା ଅନ୍ତର୍ଗତ ବୀମା ସୁରକ୍ଷା

ସୁରକ୍ଷାର ମଞ୍ଜୁରୀ ଏକ ପ୍ରତ୍ୟକ୍ଷ ଆର୍ଥିକ ହାନି ବିରୁଦ୍ଧରେ ଦିଆଯାଏ ଏବଂ ଏଥିରେ ପରିଣାମଜନିତ ହାନି ଅନ୍ତର୍ଭୁକ୍ତ ହୁଏ ନାହିଁ ।

a) ହାନିଟି ଟଙ୍କା, ସୁରକ୍ଷା କିମ୍ବା ଜିନିଷପତ୍ର ପ୍ରସଙ୍ଗରେ ହେବା ଉଚିତ୍

b) କାର୍ଯ୍ୟଟି ବିନିର୍ଦ୍ଦିଷ୍ଟ କର୍ତ୍ତବ୍ୟଗୁଡ଼ିକର ପଥରେ ପ୍ରତିବଦ୍ଧ ହେବା ଉଚିତ୍;

c) ହାନିଟି ପଲିସୀ ସମାପ୍ତି କିମ୍ବା କର୍ମଚାରୀର ମୃତ୍ୟୁ, ଅବସର ପ୍ରାପ୍ତି, ଇସ୍ତଫା କିମ୍ବା ପଦଚ୍ୟୁତି, ଯେଉଁଟା ବି ପ୍ରଥମେ ହୋଇଥିବ, ତାହାର 12 ମାସ ମଧ୍ୟରେ ଆବିଷ୍କୃତ ହୋଇଥିବ

d) ଏକ ଅସାଧୁ କର୍ମଚାରୀ ଯାହାକୁ ପୁନଃନିଯୁକ୍ତି ଦିଆଯାଇଛି, ତାହା ସମ୍ବନ୍ଧରେ କୌଣସି ସୁରକ୍ଷା ଦିଆଯାଇ ନ ଥାଏ

### 2. ନିଷ୍ଠା ଗ୍ୟାରେଣ୍ଟି ପଲିସୀର ପ୍ରକାର

**ନିମ୍ନରେ ଆଲୋଚନା କରାଯାଇଥିବା ଭଳି, ବିଭିନ୍ନ ପ୍ରକାରର ନିଷ୍ଠା ଗ୍ୟାରେଣ୍ଟି ପଲିସୀ ଅଛନ୍ତି**:

a) **ବୈୟକ୍ତିକ ପଲିସୀ:** ଏହି ପ୍ରକାରର ପଲିସୀକୁ ସେଇଠି ବ୍ୟବହାର କରାଯାଏ ଯେଉଁଠି କେବଳ ଜଣେ ବ୍ୟକ୍ତିକୁ ଗ୍ୟାରେଣ୍ଟି ଦେବାକୁ ପଡ଼ିଥାଏ । କର୍ମଚାରୀର ନାମ, ପଦବୀ ଏବଂ ଗ୍ୟାରେଣ୍ଟିର ରାଶିକୁ ବିନିର୍ଦ୍ଦିଷ୍ଟ କରିବାକୁ ପଡିଥାଏ ।

b) **ସାମୂହିକ ପଲିସୀ:** ଏହି ପଲିସୀ ଏକ ଅନୁସୂଚୀ ଗଠିତ କରେ ଯେଉଁଥିରେ ସେହି କର୍ମଚାରୀମାନଙ୍କ ନାମ ସୂଚୀଭୁକ୍ତ ହୋଇଥାଏ ଯାହା ଉପରେ ଗ୍ୟାରେଣ୍ଟି ଲାଗୁ ହୁଏ ଓ ତା' ସହିତ ପ୍ରତ୍ୟେକ କର୍ମଚାରୀର କର୍ତ୍ତବ୍ୟ ଏବଂ ଅଲଗା ବୈୟକ୍ତିକ ବୀମା ରାଶି ବିଷୟରେ ଏକ ଟିପ୍ପଣୀ ଦିଆଯାଇଥାଏ ।

c) **ଚଳାୟମାନ ପଲିସୀ କିମ୍ବା ଫ୍ଲୋଟର:** ଏହି ପଲିସୀରେ, ସୁରକ୍ଷା ପ୍ରାପ୍ତ ହେବାକୁ ଥିବା ବ୍ୟକ୍ତିମାନଙ୍କର ନାମ ଓ କର୍ତ୍ତବ୍ୟକୁ ଏକ ଅନୁସୂଚୀରେ ପ୍ରବିଷ୍ଟ କରାଯାଏ, କିନ୍ତୁ ଗ୍ୟାରେଣ୍ଟିର ବୈୟକ୍ତିକ ରାଶି ପରିବର୍ତ୍ତେ, ଗ୍ୟାରେଣ୍ଟିର ଏକ ବିନିର୍ଦ୍ଦିଷ୍ଟ ରାଶିକୁ ସଂପୂର୍ଣ୍ଣ ସମୂହ ଉପରେ "ପ୍ରସାରିତ କରାଯାଏ" । କୌଣସି ଜଣେ କର୍ମଚାରୀ ପରିପ୍ରେକ୍ଷୀରେ ଏକ ଦାବୀ, ତେଣୁକରି, ପ୍ରସାରିତ ଗ୍ୟାରେଣ୍ଟିକୁ କମ୍ କରି ଦେବ, ଯଦି ଏକ ଅତିରିକ୍ତ ପ୍ରିମିୟମ ପ୍ରଦାନ କରି ମୂଳ ରାଶିକୁ ପୁନଃସ୍ଥାପିତ କରା ନ ଯାଏ ।

d) **ପଦବୀ ପଲିସୀ:** ଏହା ଏକ ସାମୂହିକ ପଲିସୀ ସଦୃଶ, କେବଳ ଏହି ଅନ୍ତର ବ୍ୟତୀତ ଯେ ଅନସୂଚୀ କେବଳ "ପଦବୀଗୁଡିକୁ" (ଧରନ୍ତୁ, କ୍ୟାସିଅର, ଆକାଉଣ୍ଟ ଅଫିସର୍ ଇତ୍ୟାଦି କୁ) ସୂଚୀଭୁକ୍ତ କରେ ଯାହାକୁ ଏକ ବିନିର୍ଦ୍ଦିଷ୍ଟ ରାଶି ପାଇଁ ଗ୍ୟାରେଣ୍ଟିଯୁକ୍ତ କରାଯାଏ ଏବଂ ନାମଗୁଡିକୁ ଉଲ୍ଲେଖ କରାଯାଏ ନାହିଁ ।

e) **ବ୍ଲାଙ୍କେଟ୍ ପଲିସୀ:** ଏହି ପଲିସୀ ନାମ କିମ୍ବା ପଦବୀ ନ ଦର୍ଶାଇ ସମଗ୍ର ଷ୍ଟାଫ୍ କୁ ବୀମା ସୁରକ୍ଷା ଦିଏ । ବୀମାକର୍ତ୍ତାମାନଙ୍କ ଦ୍ୱାରା କର୍ମଚାରୀମାନଙ୍କ ସମ୍ବନ୍ଧରେ କୌଣସି ଅନୁସନ୍ଧାନ କରାଯାଏ ନାହିଁ । ସେଭଳି ପଲିସୀଗୁଡିକ ଏକ ବଡ଼ ଷ୍ଟାଫ୍ ଥିବା ନିଯୁକ୍ତିଦାତା ପାଇଁ ଉପଯୁକ୍ତ ହୋଇଥାନ୍ତି ଏବଂ ସଂଗଠନ କର୍ମଚାରୀମାନଙ୍କ ପୂର୍ବ ଇତିହାସ ସମ୍ବନ୍ଧରେ ଆବଶ୍ୟକୀୟ ଅନୁସନ୍ଧାନ କରିଥାଏ । ସେହି ସନ୍ଦର୍ଭ, ଯାହା ନିଯୁକ୍ତିଦାତା ପ୍ରାପ୍ତ କରିଥାଏ, ସେସବୁକୁ ଏକ ଦାବୀ ଅବସରରେ ବୀମାକର୍ତ୍ତାମାନଙ୍କୁ ନିଶ୍ଚୟ ଉପଲବ୍ଧ କରାଇବା ଉଚିତ୍ । ପଲିସୀର ମଞ୍ଜୁରୀ କେବଳ ଖ୍ୟାତିସମ୍ପନ୍ନ ବଡ଼ ବଡ଼ ଫାର୍ମକୁ  ଦିଆଯାଇଥାଏ ।

### 3. ପ୍ରିମିୟମ

ପ୍ରିମିୟମର ଦର ବ୍ୟବସାୟ ରୋଜଗାରର ପ୍ରକାର, କର୍ମଚାରୀର ସ୍ଥିତି, ଯାଞ୍ଚ ଓ ପର୍ଯ୍ୟବେକ୍ଷଣର ପ୍ରଣାଳୀ ଉପରେ ନିର୍ଭର କରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ 5**

ନିଷ୍ଠା ଗ୍ୟାରେଣ୍ଟି ବୀମା ____________ କ୍ଷତିପୂର୍ତ୍ତି କରେ ।

I. ସେମାନଙ୍କ କର୍ମଚାରୀମାନଙ୍କ କପଟ କିମ୍ବା ଅସାଧୁତା ଯୋଗୁଁ ସେମାନେ ଆକ୍ରାନ୍ତ ହୋଇଥିବା ଆର୍ଥିକ ହାନି ବିରୁଦ୍ଧରେ ନିଯୁକ୍ତିଦାତାମାନଙ୍କର

II. ସେମାନଙ୍କ ନିଯୁକ୍ତିଦାତାମାନଙ୍କ କପଟ କିମ୍ବା ଅସାଧୁତା ଯୋଗୁଁ ସେମାନେ ଆକ୍ରାନ୍ତ ହୋଇଥିବା ଆର୍ଥିକ ହାନି ବିରୁଦ୍ଧରେ କର୍ମଚାରୀମାନଙ୍କର

III. ସେମାନଙ୍କ କର୍ପୋରେଟ୍ ର କପଟ କିମ୍ବା ଅସାଧୁତା ଯୋଗୁଁ ସେମାନେ ଆକ୍ରାନ୍ତ ହୋଇଥିବା ଆର୍ଥିକ ହାନି ବିରୁଦ୍ଧରେ ତୃତୀୟ ପକ୍ଷମାନଙ୍କର

IV. ସେମାନଙ୍କ କମ୍ପାନୀ ପ୍ରବନ୍ଧନର କପଟ କିମ୍ବା ଅସାଧୁତା ଯୋଗୁଁ ସେମାନେ ଆକ୍ରାନ୍ତ ହୋଇଥିବା ଆର୍ଥିକ ହାନି ବିରୁଦ୍ଧରେ ଅଂଶଧାରୀମାନଙ୍କର

## F. ବ୍ୟାଙ୍କର୍ସ କ୍ଷତିପୂର୍ତ୍ତି ବୀମା

ଏହି ବ୍ୟାପକ ସୁରକ୍ଷାର ପ୍ରାରୂପକୁ, ବ୍ୟାଙ୍କ NBFC ଏବଂ ଅନ୍ୟାନ୍ୟ ସଂସ୍ଥା ଯେଉଁମାନେ ଟଙ୍କା ଓ ସୁରକ୍ଷା ସମ୍ବନ୍ଧରେ ସେମାନଙ୍କ ଦ୍ୱାରା ସମ୍ମୁଖୀନ ହେଉଥିବା ବିଶିଷ୍ଟ ସଙ୍କଟଗୁଡିକୁ ବିଚାର କରି, ଟଙ୍କା ସହିତ ଜଡ଼ିତ କାର୍ଯ୍ୟ କରିଥାନ୍ତି, ସେମାନଙ୍କ ପାଇଁ, ପ୍ରସ୍ତୁତ କରାଯାଇଥିଲା ।

### 1. ବ୍ୟାଙ୍କର୍ସ କ୍ଷତିପୂର୍ତ୍ତି ବୀମା ଅନ୍ତର୍ଗତ ସୁରକ୍ଷା

ବ୍ୟାଙ୍କରମାନଙ୍କ ଆବଶ୍ୟକତା ଆଧାରରେ ଏହି ପଲିସୀର ବିଭିନ୍ନ ବିବିଧତା ଅଛି ।

a) ନିଆଁ, ଚୋରୀ, ଦଙ୍ଗା ଏବଂ ଷ୍ଟ୍ରାଇକ୍ ଯୋଗୁଁ ପରିସର ମଧ୍ୟରେ ଥିବା ସମୟରେ ହରାଇଥିବା କିମ୍ବା କ୍ଷତି ହୋଇଥିବା ଅର୍ଥ ସୁରକ୍ଷା ।

b) କର୍ମଚାରୀମାନଙ୍କ ଅବହେଳା ସହିତ କୌଣସି ବି କାରଣ ହୋଇଥାଉ, ତାହା ଯୋଗୁଁ ଆକ୍ରାନ୍ତ ହୋଇଥିବା ହାନି, ଯେତେବେଳେ ପ୍ରାଧିକୃତ କର୍ମଚାରୀଙ୍କ ହାତରେ ପରିସରର ବାହାରକୁ ସମ୍ପତ୍ତିଟି ବହନ କରାଯାଏ ।

c) ଚେକ୍, ଡ୍ରାଫ୍ଟ୍, ସ୍ଥିର ଜମା ରସିଦ ଇତ୍ୟାଦିର ଜାଲିଆତି କିମ୍ବା ପରିବର୍ତ୍ତନ ।

d) ଅର୍ଥ/ସୁରକ୍ଷା ପ୍ରସଙ୍ଗରେ କିମ୍ବା ବନ୍ଧକରେ ଥିବା ଜିନିଷ ସମ୍ବନ୍ଧରେ କର୍ମଚାରୀମାନଙ୍କ ଅସାଧୁତା ।

e) ରେଜେଷ୍ଟ୍ରିକୃତ ଡାକ ପାର୍ସଲ ଯୋଗେ ପ୍ରେଷଣ ।

f) ମୂଲ୍ୟାଙ୍କକମାନଙ୍କ ଅସାଧୁତା ।

g) 'ଜନତା ଅଭିକର୍ତ୍ତା', 'ଛୋଟି ବଚତ ଯୋଜନା ଅଭିକର୍ତ୍ତା' ଭଳି ବ୍ୟାଙ୍କର ଅଭିକର୍ତ୍ତାମାନଙ୍କ ହାତରେ ଥିବା ସମୟରେ ହରାଇଥିବା ଟଙ୍କା ।

ସୁରକ୍ଷାଟିକୁ ଆବିଷ୍କାର ଆଧାରରେ ଜାରୀ କରାଯାଏ, ଏହାର ଅର୍ଥ ପଲିସୀଟି ସେହି ସମୟରେ ପ୍ରତିକ୍ରିୟା ଖେଳ ହେବ ଯେତେବେଳେ ଏକ ହାନି ଆବିଷ୍କୃତ ହେବ ଏବଂ ଆବଶ୍ୟକ ରୂପେ ସେହି ସମୟ ହୋଇ ନ ଥାଏ ଯେତେବେଳେ ଏହା ଘଟିଲା । କିନ୍ତୁ ସୁରକ୍ଷାଟି ବିଦ୍ୟମାନ ରହିଥିବା ଉଚିତ୍ ଯେତେବେଳେ ହାନିଟି ବାସ୍ତବରେ ଘଟିଥିଲା ।

ପାରମ୍ପରିକ ରୂପେ ଆବିଷ୍କାର ତାରିଖର 2 ବର୍ଷ ପୂର୍ବର ଅବଧି ମଧ୍ୟରେ ଘଟିଥିବା ହାନିଗୁଡ଼ିକ କେବଳ ପ୍ରଦାନଯୋଗ୍ୟ ହୋଇଥାନ୍ତି, ଏହି ସର୍ତ୍ତରେ ଯେ ଯେତେବେଳେ ହାନି ଘଟିଥିବ ସେହି ତାରିଖରୁ ଗୋଟିଏ ଦିନ ପୂର୍ବରୁ ସୁରକ୍ଷାଟି ଅବିଚ୍ଛିନ୍ନ ରହିଥିବ ।

## 2. ମହତ୍ୱପୂର୍ଣ୍ଣ ଅପବର୍ଜନ

ମୁଖ୍ୟ ଅପବର୍ଜନଗୁଡ଼ିକ ହେଉଛନ୍ତି ବ୍ୟାପାରିକ ହାନି, ଅବହେଳନା, ସଫ୍ଟୱେର ଅପରାଧ ଏବଂ ଅଂଶୀଦାର/ନିର୍ଦ୍ଦେଶକମାନଙ୍କ ଅସାଧୁତା

## 3. ବ୍ୟାପକତା

ପଲିସୀଟି 7 ବିଭାଗ ଦ୍ୱାରା ଗଠିତ ଯଥା:

1. ପରିସରରେ
2. ପାରବହନରେ
3. ଜାଲିଆତି କିମ୍ବା ପରିବର୍ତ୍ତନ
4. ଅସାଧୁତା
5. ଦୃଷ୍ଟିବନ୍ଧକ ରଖାଯାଇଥିବା ଜିନିଷ
6. ପଞ୍ଜୀକୃତ ଡାକ ସେବା
7. ମୂଲ୍ୟାଙ୍କକ

୪. ଜନତା ଅଭିକର୍ତ୍ତା

**4. ବୀମା ରାଶି**

ବ୍ୟାଙ୍କକୁ ବୀମା ରାଶିକୁ ନିର୍ଦ୍ଧାରିତ କରିବାକୁ ପଡ଼ିଥାଏ ଯାହା ସାଧାରଣତଃ ପ୍ରଥମ 5 ବିଭାଗରେ ପ୍ରସାରିତ ହୋଇପାରେ । ଏହାକୁ 'ମୂଳ ବୀମାରାଶି' କୁହାଯାଏ । ଅତିରିକ୍ତ ବୀମାରାଶିକୁ ବିଭାଗ (1) ଏବଂ (2) ପାଇଁ କିଣା ଯାଇପାରେ ଯଦି ମୂଳ ବୀମାରାଶି ଯଥେଷ୍ଟ ହୋଇ ନ ଥାଏ । ପଲିସୀଟି ଏକ ଅତିରିକ୍ତ ପ୍ରିମିୟମର ପ୍ରଦାନ ଦ୍ୱାରା ବୀମା ରାଶିର ଗୋଟିଏ ଅନିବାର୍ଯ୍ୟ ଓ ସ୍ୱୟଂଚାଳିତ ପୁନଃସ୍ଥାପନର ସ୍ୱକୃତି ବି ଦେଇଥାଏ ।

**5. ହାର/ମୂଲ୍ୟ ନିର୍ଦ୍ଧାରଣ**

ପ୍ରିମିୟମ ନିର୍ଦ୍ଧାରଣ ନିମ୍ନ ଉପରେ ଆଧାରିତ ହୋଇଥାଏ:

a) ମୂଳ ବୀମା ରାଶି

b) ଅତିରିକ୍ତ ବୀମା ରାଶି

c) ଷ୍ଟାଫ୍ ସଂଖ୍ୟା

d) ଶାଖା ସଂଖ୍ୟା

**ସ୍ୱୟଂ ପରୀକ୍ଷା କରନ୍ତୁ 6**

ନିମ୍ନ ମଧ୍ୟରୁ କେଉଁଟିକୁ ଏକ ବ୍ୟାଙ୍କର୍ସ କ୍ଷତିପୂର୍ତ୍ତି ବୀମା ପଲିସୀ ଅନ୍ତର୍ଗତ ସୁରକ୍ଷା ପ୍ରଦାନ କରାଯାଇ ପାରେ?

I. ନିଆଁଯୋଗୁଁ ପରିସର ମଧ୍ୟରେ ଥିବା ସମୟରେ ହଜିଯାଇଥିବା କିମ୍ବା କ୍ଷତି ହୋଇଥିବା ଅର୍ଥ ସୁରକ୍ଷା

II. ଚେକଗୁଡ଼ିକର ଜାଲିଆତି କିମ୍ବା ପରିବର୍ତ୍ତନ

III. ଅର୍ଥ ପ୍ରସଙ୍ଗରେ କର୍ମଚାରୀମାନଙ୍କ ଅସାଧୁତା

IV. ଉପରୋକ୍ତ ମଧ୍ୟରୁ ସମସ୍ତ

## G. ଜୁଏଲର୍ସ ବ୍ଲକ୍ ପଲିସୀ

ଆଧୁନିକ ବର୍ଷମାନଙ୍କରେ ଭାରତ ଅଲଙ୍କାର, ବିଶେଷରୂପେ ହୀରା ପାଇଁ ବିଶ୍ୱ ବ୍ୟାପାରରେ ଏକ ଅଗ୍ରଣୀ କେନ୍ଦ୍ର ରୂପେ ଉଦ୍ଭବ ହୋଇଛି । ଆମଦାନୀ କରାଯାଇଥିବା କଞ୍ଚା ହୀରାକୁ କଟାଯାଏ, ପାଲିସ୍ କରାଯାଏ ଓ ରପ୍ତାନୀ କରାଯାଏ । ଏହା ଏକ ଜୁଏଲର୍ ର ସମସ୍ତ ସଙ୍କଟର ଧ୍ୟାନ ରହେ ଯାହାର ବ୍ୟବସାୟ ଛୋଟ ଆକାରରେ ଉଚ୍ଚ ମୂଲ୍ୟର ସାମଗ୍ରୀ ସୁନା ଓ ରୂପାର ସାମଗ୍ରୀ, ହୀରା ଓ ବହୁମୂଲ୍ୟ ପଥର, ହାତ ଘଡ଼ି ଇତ୍ୟାଦିର ବିକ୍ରୟରେ ଜଡ଼ିତ ଥାଏ । ବ୍ୟାପାରଟି ଏହି ସବୁ ବହୁମୂଲ୍ୟ ସାମଗ୍ରୀକୁ ଅଧିକ ପରିମାଣରେ ଗଚ୍ଛିତ କରି ରଖିବା ଏବଂ ସେଗୁଡିକୁ ବିଭିନ୍ନ ପରିସର ମଧ୍ୟରେ ନେବା ଆଣିବା କରିବାରେ ସଂପୃକ୍ତ ଅଟେ ।

## 1. ଜୁଏଲର୍ସ ବ୍ଲକ୍ ପଲିସୀର ବୀମାସୁରକ୍ଷା

ଜୁଏଲର୍ସ ବ୍ଲକ୍ ପଲିସୀର  ହେଉଛି ଏକ ପ୍ୟାକେଜ୍ ପଲିସୀ, ଯାହାକୁ ପାରମ୍ପରିକ ରୂପେ 4 ବିଭାଗରେ ବିଭାଜିତ କରାଯାଏ ବିଭାଗ 1 ଅନ୍ତର୍ଗତ ବୀମାସୁରକ୍ଷାକୁ ଅନିବାର୍ଯ୍ୟ କରାଯାଏ ଯେତେବେଳେ କି ବୀମିତମାନଙ୍କୁ ଅନ୍ୟାନ୍ୟ ବିଭାଗକୁ ସେମାନଙ୍କ ଚୟନରେ ଲାଭ କରିବାର ଅନୁମତି ଦିଆଯାଏ । ଇଲେକ୍ଟ୍ରୋନିକ୍ ଉପକରଣ, ପ୍ଲେଟ୍ ଗ୍ଲାସ୍, ସାଇନେଜ୍ ଇତ୍ୟାଦି ଭଳି ଅନ୍ୟାନ୍ୟ ସମ୍ପତ୍ତି ଏବଂ କର୍ମଚାରୀ କ୍ଷତିପୂରଣ, କର୍ମଚାରୀମାନଙ୍କ ଶ୍ରଦ୍ଧାହୀନତା ଭଳି ଦାୟିତ୍ୱଗୁଡିକୁ ସୁରକ୍ଷା ଦେବା ପାଇଁ କିଛି ଅଧିକ ବିଭାଗକୁ ସମ୍ମିଳିତ କରିବାର ବଜାର ପ୍ରଥା ମଧ୍ୟ ରହିଛି ।

ନିଷ୍ଠା/ବିଶ୍ୱସନୀୟତା ଗ୍ୟାରେଣ୍ଟି ସୁରକ୍ଷାକୁ ମଧ୍ୟ ସଂପୂର୍ଣ୍ଣ ସୁରକ୍ଷା ପାଇଁ ବୀମିତ ଦ୍ୱାରା ନିଆଯାଇପାରେ ଯଦି ଏହି ସୁରକ୍ଷା ପାଇଁ ଅଲଗା ବିଭାଗ ନ ଥାଏ ।

ସଙ୍କଟଗୁଡିକର ମୂଲ୍ୟ ନିର୍ଦ୍ଧାରଣ ପ୍ରତ୍ୟେକ ପ୍ରକରଣର ଗୁଣ ଆଧାରରେ କରାଯାଇଥାଏ । ପ୍ରତ୍ୟେକ ବିଭାଗ ପାଇଁ ବିଶେଷ ଚବିଶ ଘଣ୍ଟାର ଚୌକିଦାର, କ୍ଲୋଜ୍ ସାର୍କିଟ୍ ଟି.ଭି./ଆଲାର୍ମ ସିଷ୍ଟମ, ବିଶେଷ ଷ୍ଟ୍ରଙ୍ଗ୍ ରୁମ୍ ପାଇଁ ଓ କୌଣସି ଅନ୍ୟ  ନିରାପତ୍ତା ପ୍ରଣାଳୀ ଇତ୍ୟାଦି ପାଇଁ ଡିସ୍କାଉଣ୍ଟ ସହିତ ଭିନ୍ନ ଭିନ୍ନ ପ୍ରିମିୟମ ଦର ଲାଗୁ କରାଯାଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 7**

ଏକ ଜୁଏଲର୍ସ ବ୍ଲକ୍  ପଲିସୀ କ୍ଷେତ୍ରରେ, ପାରମ୍ପରିକରୂପେ ବିବିଧ ବିଭାଗ ରହିଥାଏ, ଯାହା ମଧ୍ୟରୁ ଗୋଟିଏଟି ସାଧାରଣତଃ ଅନିବାର୍ଯ୍ୟ ହୋଇଥାଏ ଯେତେବେଳେ କି ଅବଶିଷ୍ଟ ବିଭାଗଗୁଡିକ ____________ ହୋଇଥାନ୍ତି ।

I. ଅନିବାର୍ଯ୍ୟ

II. ପୂର୍ବପ୍ରଭାବୀ

III. ବୈକଳ୍ପିକ

IV. ପ୍ରତିପୂରକ

---

## H. ଇଞ୍ଜିନିୟରିଂ ବୀମା

ଇଞ୍ଜିନିୟରିଂ ବୀମା ହେଉଛି ସାଧାରଣ ବୀମାର ଏକ ଶାଖା ଯାହା ଅଗ୍ନି ବୀମାର ବିକାଶ ସହିତ ସମାନ୍ତର ରୂପେ ବିକଶିତ ହୋଇଥିଲା । ଏହାର ଉତ୍ପତ୍ତିକୁ ଔଦ୍ୟୋଗୀକରଣର ବିକାଶ ସହିତ ସଂପୃକ୍ତ କରାଯାଇପାରେ, ଯାହା କାରଖାନା ଓ ଯନ୍ତ୍ରପାତି ପାଇଁ ଏକ ଅଲଗା ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲା । ସମସ୍ତ ସଙ୍କଟ ସୁରକ୍ଷାର ଅବଧାରଣାକୁ ମଧ୍ୟ ଇଞ୍ଜିନିୟରିଂ ପ୍ରକଳ୍ପ ପ୍ରସଙ୍ଗରେ ବିକଶିତ କରାଯାଇଥିଲା – ଯାହା ବିଶେଷରୂପେ ଅପବର୍ଜିତ କାରଣ ବ୍ୟତୀତ କୌଣସି ବି କାରଣରୁ ହୋଇଥିବା କ୍ଷତିକୁ ସୁରକ୍ଷା ଦିଏ । ଉତ୍ପାଦଗୁଡିକ ବିଭିନ୍ନ ଚରଣକୁ ସୁରକ୍ଷା ଦେଲା – ନିର୍ମାଣଠାରୁ ପରୀକ୍ଷଣ ଦେଇ କାରଖାନା କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ । ଏହି ବୀମା ପାଇଁ ଗ୍ରାହକମାନେ ଉଭୟ ବଡ଼ ଓ କ୍ଷୁଦ୍ର ଔଦ୍ୟୋଗିକ ୟୁନିଟ୍ ହୋଇଥାନ୍ତି । ଏହା ଇଲେକ୍ଟ୍ରୋନିକ୍ ଉପକରଣ ଥିବା ଛୋଟ ଛୋଟ ୟୁନିଟ୍ ବଡ଼ ବଡ଼ ପ୍ରକଳ୍ପ କରୁଥିବା କଣ୍ଟ୍ରାକ୍ଟରମାନଙ୍କୁ ବି ଅନ୍ତର୍ଭୁକ୍ତ କରେ । ଦୁଇ ପ୍ରକାରର ଇଞ୍ଜିନିୟରିଂ ବୀମା ପଲିସୀ ଅଛନ୍ତି :

1) ବାର୍ଷିକ ପଲିସୀ-ସାଧାରଣତଃ ଗୋଟିଏ ବର୍ଷ ଅବଧିର-

   a. ଯନ୍ତ୍ରପାତି ଅଚଳତା ପଲିସୀ

b. ବଏଲର୍ ପ୍ରେଶର୍ ପ୍ଲାଣ୍ଟ ପଲିସୀ

c. ଇଲେକ୍ଟ୍ରୋନିକ୍ ଉପକରଣ ପଲିସୀ

d. କଣ୍ଟ୍ରାକ୍ଟର୍ସ ପ୍ଲାଣ୍ଟ ଓ ଯନ୍ତ୍ରପାତି ପଲିସୀ

e. ଷ୍ଟକ୍ ର ହ୍ରାସ ପଲିସୀ

f. ସିଭିଲ ଇଞ୍ଜିନିୟରିଂ ସମାପ୍ତି ସଙ୍କଟ

2) ପ୍ରକଳ୍ପ ଅବଧି ଆଧାରରେ ପରିବର୍ତ୍ତନୀୟ ଅବଧି ଥିବା ପ୍ରକଳ୍ପ ପଲିସୀ -

a) କଣ୍ଟ୍ରାକ୍ଟର୍ସ ସମସ୍ତ ସଙ୍କଟ ପଲିସୀ

b) ନିର୍ମାଣ ସମସ୍ତ ସଙ୍କଟ ପଲିସୀ

**ଇଞ୍ଜିନିୟରିଂ ପଲିସୀଗୁଡିକ ସହିତ ସଂପୃକ୍ତ ଦୁଇଟି "ପରିଣାମଜନିତ ହାନି" ପଲିସୀ ଅଛନ୍ତି:**

a) **ଯନ୍ତ୍ରପାତି ଅଚଳତା ପଲିସୀ କିମ୍ବା ବଏଲର୍ ଓ ପ୍ରେଶର୍ କାରଖାନା ପଲିସୀ ସହିତ ନିଆଯାଇଥିବା ଯନ୍ତ୍ରପାତି ଅଚଳତା ଲାଭର ହାନି ପଲିସୀ** (MBLOP)

b) **ପ୍ରକଳ୍ପ ପଲିସୀ ସହିତ ନିଆଯାଇଥିବା ଅଗ୍ରୀମ ଲାଭର ହାନି (**ALOP) **କିମ୍ବା ଷ୍ଟାର୍ଟ ଅପ୍ ରେ ବିଳମ୍ବନ** (DSU) **ପଲିସୀ**

ଆସନ୍ତୁ ପଲିସୀଗୁଡିକ ସମ୍ବନ୍ଧରେ ସଂକ୍ଷେପରେ ବିଚାର କରିବା:

## A. ବାର୍ଷିକ ପଲିସୀ

**1.** ଯନ୍ତ୍ରପାତି ଅଚଳତା ପଲିସୀ (MB) : ଏହି ପଲିସୀଟି ପ୍ରତ୍ୟେକ ଉଦ୍ୟୋଗ ପାଇଁ ଉପଯୁକ୍ତ ଅଟେ ଯାହା ଯନ୍ତ୍ରପାତି ଉପରେ କାର୍ଯ୍ୟ କରେ ଏବଂ କାରଖାନା ଓ ଯନ୍ତ୍ରପାତିର ଅଚଳତା ଗମ୍ଭୀର ପରିଣାମର ହୋଇଥାଏ । ଏହି ପଲିସୀ ଜେନେରେଟର୍, ଟ୍ରାନ୍ସଫର୍ମର ଓ ଅନ୍ୟାନ୍ୟ ବୈଦ୍ୟୁତିକ, ଯାନ୍ତ୍ରିକ ଏବଂ ଉତ୍ତୋଳନ ଉପକରଣ ଭଳି ମେସିନ୍ ଗୁଡିକୁ ସୁରକ୍ଷା ଦିଏ ।

ଏହି ପଲିସୀ, (ପ୍ରତ୍ୟାଶିତ ସଙ୍କଟ ଅନ୍ତର୍ଗତ) କୌଣସି ବି କାରଣରୁ ଯାନ୍ତ୍ରିକ କିମ୍ବା ବୈଦ୍ୟୁତିକ ଅଚଳତା ଦ୍ୱାରା ବୀମିତ ସମ୍ପତ୍ତିକୁ ହୋଇଥିବା ଅପ୍ରତ୍ୟାଶିତ ଓ ଅଚାନକ ଭୌତିକ କ୍ଷତିକୁ ସୁରକ୍ଷା ଦିଏ:

a) ଏହା କାର୍ଯ୍ୟରେ ଥିବା ସମୟରେ କିମ୍ବା ସ୍ଥିରାବସ୍ଥାରେ ଥିବା ସମୟରେ

b) ସଫା କରିବା କିମ୍ବା ସଂପୂର୍ଣ୍ଣ ମରାମତି କରିବା ପାଇଁ ଖୋଲା ଖୋଲି କରୁଥିବା ସମୟରେ

c) ସଫା କରିବା କିମ୍ବା ସଂପୂର୍ଣ୍ଣ ମରାମତି କାର୍ଯ୍ୟ କରିବା ସମୟରେ ଏବଂ ତା' ପରେ ପୁନଃସମ୍ମିଳିତ କରିବା ସମୟରେ

d) ପରିସର ମଧ୍ୟରେ ସ୍ଥାନ ପରିବର୍ତ୍ତନ କରାଉଥିବା ସମୟରେ ।

ପ୍ରିମିୟମକୁ ବୈୟକ୍ତିକ ଯନ୍ତ୍ରପାତିର ପୁନଃସ୍ଥାପନ/ପ୍ରତିସ୍ଥାପନ ମୂଲ୍ୟ ଉପରେ ଲାଗୁ କରାଯାଇଥାଏ । ମେସିନକୁ ପୂରାପୂରି ରୂପେ ବୀମିତ କରାଯାଇଥାଏ । ଦରଗୁଡିକ ମେସିନର ପ୍ରକାର; ଉଦ୍ୟୋଗ ଯେଉଁ ଥିରେ ଏହାକୁ ଉପଯୋଗ କରାଯାଏ

ଏବଂ ଏହାର ମୂଲ୍ୟ ଏସବୁ ଉପରେ ନିର୍ଭର କରେ । ଆପାତ-ଉପଯୋଗୀ ସୁବିଧା, ଉପଲବ୍ଧ ଅତିରିକ୍ତ ଅଂଶ ଓ ଦାବୀ ଅନୁଭୂତି ଭଳି କାରକଗୁଡ଼ିକ ଉପରେ ଡିସ୍କାଉଣ୍ଟ ଦିଆଯାଇଥାଏ ।

2. **ବଏଲର୍ ଓ ପ୍ରେଶର୍ କାରଖାନା ପଲିସୀ**: ଏହା ବଏଲର୍ସ ଓ ପ୍ରେଶର୍ ପାତ୍ରକୁ ନିମ୍ନ ବିରୁଦ୍ଧରେ ସୁରକ୍ଷା ଯୋଗାଇଥାଏ:

   a) ବଏଲର ଏବଂ/କିମ୍ବା ଅନ୍ୟ ପ୍ରେଶର୍ ପ୍ଲାଣ୍ଟ କିମ୍ବା ବୀମିତର ଚାରିପାଖରେ ଥିବା ସମ୍ପତ୍ତି, ନିଆଁ ବ୍ୟତୀତ, କୁ ହୋଇଥିବା କ୍ଷତି; ଏବଂ

   b) ସେଭଳି ବଏଲର୍ ଏବଂ/କିମ୍ବା ପ୍ରେଶର୍ ପ୍ଲାଣ୍ଟର ଆନ୍ତରିକ ଚାପ ଯୋଗୁଁ ବିସ୍ଫୋରଣ କିମ୍ବା ପତନ କାରଣରୁ ତୃତୀୟ ପକ୍ଷର ବ୍ୟକ୍ତିର, ଶାରୀରିକ କ୍ଷତି କିମ୍ବା ସମ୍ପତ୍ତିର କ୍ଷତି କାରଣଜନିତ ବୀମିତର ବୈଧିକ ଦାୟିତ୍ୱ ।

**ଯେହେତୁ ଅଗ୍ନି ପଲିସୀ ଏବଂ ବଏଲର୍ ବୀମା ପଲିସୀ ପାରସ୍ପରିକ ରୂପେ ଅନନ୍ୟ ଅଟନ୍ତି, ଆବଶ୍ୟକୀୟ ସୁରକ୍ଷା ପାଇଁ,**

**ଉଭୟ ପଲସୀକୁ ନେବାର ଆବଶ୍ୟକତା ଅଛି ସମସ୍ତ ଇଞ୍ଜିନିୟରିଂ ପଲିସୀ ଅନ୍ତର୍ଗତ ବୀମା ରାଶି ଚଳିତ ପ୍ରତିସ୍ଥାପନ ମୂଲ୍ୟ ହେବା ଉଚିତ୍ ।**

3. ଇଲେକ୍ଟ୍ରୋନିକ୍ ଉପକରଣ ପଲିସୀ: ଏହା ବିଭିନ୍ନ ପ୍ରକାରର ଇଲେକ୍ଟ୍ରୋନିକ୍ ଉପକରଣକୁ ସୁରକ୍ଷା ପ୍ରଦାନ କରେ, ଯାହା CPU, କି-ବୋର୍ଡ, ମନିଟର୍, ପ୍ରିଣ୍ଟର୍, UPS, ସିଷ୍ଟମ୍ ସଫ୍ଟୱେର ସମେତ ସମଗ୍ର କମ୍ପୁଟର ସିଷ୍ଟମକୁ ଅନ୍ତର୍ଭୁକ୍ତ କରିଥାଏ । ଅତିରିକ୍ତ ଉପକରଣ ଯଥା: ବାତାନୁକୂଳ, ଉତ୍ତାପ ଓ ଶକ୍ତି ରୂପାନ୍ତରଣ, ଇତ୍ୟାଦିକୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯାଏ ।

ଏହି ପଲିସୀ ଅଗ୍ନି ପଲିସୀ, ଯନ୍ତ୍ରପାତି ବୀମା ପଲିସୀ ଏବଂ ଚୋରୀ ପଲିସୀର ଏକ ସମ୍ମିଶ୍ରଣ ଅଟେ । ପଲିସୀଟି ଆକସ୍ମିକତାଗୁଡ଼ିକୁ ସୁରକ୍ଷା ଦେଇଥାଏ, ଯେପରି କି ତ୍ରୁଟିପୂର୍ଣ୍ଣ ଡିଜାଇନ୍ (ଏକ ୱାରେଣ୍ଟି ଅନ୍ତର୍ଗତ ସୁରକ୍ଷାପ୍ରାପ୍ତ ହୋଇ ନ ଥିବା), ପ୍ରାକୃତିକ ଘଟଣାର ପ୍ରଭାବ; ଭୋଲ୍ଟେଜ୍ ପରିବର୍ତ୍ତନ, ପ୍ରଭାବୀ ଆଘାତ ଇତ୍ୟାଦି କାରଣରୁ ତ୍ରୁଟିପୂର୍ଣ୍ଣ କାର୍ଯ୍ୟପ୍ରଣାଳୀ, ଡକାୟତି, ଗୃହ ଭେଦନ ଓ ଚୋରୀ ମଧ୍ୟ ସୁରକ୍ଷା ପ୍ରାପ୍ତ ହୋଇଥାନ୍ତି ।

ପଲିସୀଟି ପ୍ରତ୍ୟେକ ପ୍ରକରଣରେ ଦାୟିତ୍ୱ କିମ୍ବା ଦେୟତା ଆଧାରରେ, ମାଲିକ, ପଟ୍ଟାଦାତା କିମ୍ବା ଉଡାଦାତା ପାଇଁ ଉପଲବ୍ଧ ଅଟେ । ଏହାର ସାଧାରଣତଃ ତିନୋଟି ବିଭାଗ ଅଛି ଯାହା ବିଭିନ୍ନ ପ୍ରକାରର ହାନିକୁ ସୁରକ୍ଷା ପ୍ରଦାନ କରିଥାଏ:

   a) **ବିଭାଗ 1: ଉପକରଣର ହାନି ଓ କ୍ଷତି**

   b) **ବିଭାଗ 2: କମ୍ପ୍ୟୁଟର ବାହ୍ୟ ହାର୍ଡ ଡିସ୍କ ଭଳି ବାହ୍ୟ ଡାଟା ମିଡିଆର ହାନି ଓ କ୍ଷତି**

   c) **ବିଭାଗ 3:** କାର୍ଯ୍ୟଚାଳନର ବର୍ଦ୍ଧିତ ମୂଲ୍ୟ -12, 26, 40 କିମ୍ବା 52 ସପ୍ତାହ ପର୍ଯ୍ୟନ୍ତ ବୈକଳ୍ପିକ ଉପକରଣ ଉପରେ ଅବିଚ୍ଛିନ୍ନ ତଥ୍ୟ ପ୍ରୋସେସିଙ୍ଗ୍ ସୁନିଶ୍ଚିତ କରିବା ପାଇଁ ।

4. **କଣ୍ଟ୍ରାକ୍ଟର୍ସ କାରଖାନା ଓ ଯନ୍ତ୍ରପାତି (CPM) ପଲିସୀ**: ନିମ୍ନଲିଖିତ ସମେତ କୌଣସି ବି କାରଣରୁ ହୋଇଥିବା ଅପ୍ରତ୍ୟାଶିତ ଓ ଅଚାନକ ଭୌତିକ ହାନି କିମ୍ବା କ୍ଷତି ଠାରୁ କ୍ରେନ୍, ଏକ୍ସାଭେଟର୍ ଭଳି ସମସ୍ତ ପ୍ରକାରର ଯନ୍ତ୍ରପାତିକୁ ସୁରକ୍ଷା ଦେବା ପାଇଁ ନିର୍ମାଣ ବ୍ୟବସାୟରେ ସଂପୃକ୍ତ ଠିକାଦାରମାନଙ୍କ ପାଇଁ ଉପଯୁକ୍ତ:

   a) ଡକାୟତି, ଚୋରୀ, ଦଙ୍ଗା, ଝଡ଼, ହାନିକାରକ କ୍ଷତି, ତୋଫାନ

   b) ନିଆଁ ଓ ବିଜୁଳୀ, ବାହ୍ୟ ବିସ୍ଫୋରଣ, ଭୂମିକମ୍ପ ଏବଂ ଅନ୍ୟାନ୍ୟ ଦୈବୀ କାର୍ଯ୍ୟ ଆପଦ

c) ତ୍ରୁଟିପୂର୍ଣ୍ଣ ଦୁରୁପଯୋଗ, ପକାଇବା କିମ୍ବା ପଡ଼ିବା, ପତନ, ଧକ୍କା କିମ୍ବା ପ୍ରଭାବ ଯୋଗୁଁ କାର୍ଯ୍ୟରେ ଥିବା ବେଳେ ଦୁର୍ଘଟଣାଜନିତ କ୍ଷତି ।

ଲାଗୁ କରିବାକୁ ଥିବା ପ୍ରିମିୟମ ଉପକରଣର ପ୍ରକାର ଏବଂ ସ୍ଥାନ ଯେଉଁଠି ଏହା କାର୍ଯ୍ୟ କରେ, ଏସବୁ ଉପରେ ନିର୍ଭର କରେ ।

ସୁରକ୍ଷାଟି କ୍ରିୟାଶୀଳ ହୁଏ ଯେତେବେଳେ ଉପକରଣଟି କାର୍ଯ୍ୟରେ କିମ୍ବା ସ୍ଥିରାବସ୍ଥାରେ ଥାଏ କିମ୍ବା ସଫା କରିବା କିମ୍ବା ସଂପୂର୍ଣ୍ଣ ମରାମତି ପାଇଁ ଖୋଲାଯାଇଥାଏ କିମ୍ବା ତା' ପରେ ପୁନଃ-ସମ୍ମିଳିତ କରାଯାଇଥାଏ । ସୁରକ୍ଷାଟି ମଧ୍ୟ ଲାଗୁ ହୁଏ ଯେତେବେଳେ ସେଗୁଡିକ କଣ୍ଟ୍ରାକ୍ଟରର ନିଜ ପରିସର ମଧ୍ୟରେ ପଡ଼ି ରହିଥାଏ । ଅବଶ୍ୟ, "ଭାରତରେ କେଉଁଠାରେ ବି ଆଧାର" ରେ ଉପକରଣକୁ ସୁରକ୍ଷା ଦେଉଥିବା ଫ୍ଲୋଟର ପଲିସୀ ମଧ୍ୟ, **10%** ଅତିରିକ୍ତ ପ୍ରିମିୟମ ଲାଗୁ କରି ଏବଂ କିଛି ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ସହିତ, ଉପଲବ୍ଧ ହୋଇଥାଏ ।

5. **ଷ୍ଟକ୍ ର ଗୁଣହାନୀ ପଲିସୀ**: ଏହି ପଲିସୀଟି ଶୀତଳ ଭଣ୍ଡାର (ବୈୟକ୍ତିକ କିମ୍ବା ଏକ ସମବାୟ ସମିତି) ର ମାଲିକଙ୍କ ପାଇଁ କିମ୍ବା ଯେଉଁମାନେ ବିନାଶଶୀଳ ବସ୍ତୁଗୁଡିକ ଭଣ୍ଡାରଣ ପାଇଁ ପଟ୍ଟା କିମ୍ବା ଭଡ଼ାରେ ଶୀତଳ ଭଣ୍ଡାରକୁ ନେଇଥାନ୍ତି, ସେମାନଙ୍କ ପାଇଁ ଉପଯୁକ୍ତ ଅଟେ । ସୁରକ୍ଷାଟି ରେଫ୍ରିଜେରେଶନ୍ ପ୍ଲାଣ୍ଟର ଅଚଳତା ପରି ଏବଂ ତାପମାତ୍ରାରେ ବୃଦ୍ଧି ଓ ଶୀତଳ ଭଣ୍ଡାର କୋଠରୀ ଭିତରକୁ ଶୀତଳ କରୁଥିବା ଯନ୍ତ୍ରର ଅଚାନକ ଓ ଅପ୍ରତ୍ୟାଶିତ ପ୍ରବେଶ ଯୋଗୁଁ ମଧ୍ୟ ହ୍ରାସ/କ୍ଷୟ ଓ ସଂକ୍ରମଣର ସଙ୍କଟ ବିରୁଦ୍ଧରେ ହୋଇଥାଏ ।

6. **ସିଭିଲ୍ ଇଞ୍ଜିନିୟରିଂ ସମାପ୍ତି ସଙ୍କଟ:** ଏହାକୁ ସାଧାରଣତଃ ସେହି କଣ୍ଟ୍ରାକ୍ଟରମାନଙ୍କ ଦ୍ୱାରା ନିଆଯାଇଥାଏ ଯେଉଁମାନଙ୍କୁ ସଂପୂର୍ଣ୍ଣ ହେବା ପରେ ସିଭିଲ୍ ପ୍ରକଳ୍ପଗୁଡିକୁ ବଜାୟ ରଖିବାକୁ ପଡ଼ିଥାଏ । ସିଭିଲ୍ ପ୍ରକଳ୍ପ ଯେପରି କି – ପୋଲ, ଶୁଖିଲା ବନ୍ଦର, ବନ୍ଦର, ଜେଟିସ୍ ରେଲୱେ ଲାଇନ୍ସ, ପଥର ପୂର୍ଣ୍ଣ ବନ୍ଧ, କଂକ୍ରିଟ୍ ବନ୍ଧ, ମାଟି ବନ୍ଧ, କେନାଲ, ଜଳସେଚନ ପ୍ରଣାଳୀକୁ ଏହି ପଲିସୀ ଅନ୍ତର୍ଗତ ବିଚାର କରାଯାଇଥାଏ । ସୁରକ୍ଷାପ୍ରାପ୍ତ ସଙ୍କଟଗୁଡିକ ହେଉଛନ୍ତି -

   1. **ନିଆଁ**
   2. **ବିଜୁଳୀ**
   3. **ବିସ୍ଫୋରଣ/ ଫାଟିବା**
   4. **ଦଙ୍ଗା , ଷ୍ଟ୍ରାଇକ୍ , ହାନିକାରକ କ୍ଷତି**
   5. **କୌଣସି ରେଳ/ସଡ଼କ କିମ୍ବା ଜଳ ବାହିତ ବାହନ କିମ୍ବା ପ୍ରାଣୀ ର ପ୍ରଭାବ**
   6. **ଝଡ଼ ବାତ୍ୟା, ଟାଇଫୁନ୍, ତୋଫାନ, ଝଞ୍ଜାବାତ, ଜଳସ୍ତମ୍ଭ, ବନ୍ୟା ଏବଂ ଜଳପ୍ଲାବନ, ଜଳର ତରଙ୍ଗ କାର୍ଯ୍ୟ**
   7. **ଅବତଳନ ଏବଂ (ପଥର ସ୍ଖଳନ ସମେତ) ଭୂ ସ୍ଖଳନ କ୍ଷତି**
   8. **ଭୂମିକମ୍ପ ନିଆଁ ଏବଂ ଝଟକା (ଭୂମିକମ୍ପ ଯୋଗୁଁ ହୋଇଥିବା ବନ୍ୟା ସମେତ), ସୁନାମୀ**
   9. **ତୁଷାର, ହିମସ୍ଖଳନ, ବରଫ ।**

## B. ପ୍ରକଳ୍ପ ପଲିସୀ (Project Policy)

ଏହି ପଲିସୀଗୁଡିକୁ ସାଧାରଣତଃ ପ୍ରକଳ୍ପର ସମୟାବଧି ପାଇଁ ଜାରୀ କରାଯାଏ ଏବଂ ଏକ ବାର୍ଷିକ ଆଧାରରେ ହୋଇ ନ ପାରେ ।

1. **କଣ୍ଟ୍ରାକ୍ଟର ସମସ୍ତ ସଙ୍କଟ (C.A.R.) ପଲିସୀ** : ଏହାକୁ ଛୋଟ ଛୋଟ ବିଲ୍ଡିଙ୍ଗ୍ ଠାରୁ ବଡ଼ ବଡ଼ ବନ୍ଧ, ବିଲ୍ଡିଙ୍ଗ୍, ପୋଲ, ସୁଡଙ୍ଗ, ଇତ୍ୟାଦି ସିଭିଲ ଇଞ୍ଜିନିୟରିଂ ପ୍ରକଳ୍ପରେ ନିଯୁକ୍ତ ଠିକାଦାର ଏବଂ ପ୍ରଧାନ ବ୍ୟକ୍ତିମାନଙ୍କ ହିତର ସୁରକ୍ଷା କରିବା ପାଇଁ ଡିଜାଇନ୍ କରାଯାଏ । ପଲିସୀଟି ଏକ "ସମସ୍ତ ସଙ୍କଟ"ସୁରକ୍ଷା ପ୍ରଦାନ କରେ –ଯାହା ଏପ୍ରକାରେ ନିର୍ମାଣ ସ୍ଥଳରେ ବୀମିତ ସମ୍ପତ୍ତିର ଘଟିଥିବା ତୁରନ୍ତ ଓ ଅପ୍ରତ୍ୟାଶିତ ହାନି କିମ୍ବା କ୍ଷତି ବିରୁଦ୍ଧରେ କ୍ଷତିପୂର୍ତ୍ତି ପ୍ରଦାନ କରେ । ଏହାକୁ ତୃତୀୟ ପକ୍ଷ ଦାୟିତ୍ୱ ଏବଂ ଅନ୍ୟାନ୍ୟ ସଂସର୍ଗକୁ ସୁରକ୍ଷା ଦେବାପାଇଁ ବିସ୍ତାରିତ କରାଯାଇପାରେ । ପ୍ରଯୁଜ୍ୟ ପ୍ରିମିୟମ ପ୍ରକଳ୍ପର ସ୍ୱରୂପ, ପ୍ରକଳ୍ପ ମୂଲ୍ୟ, ପ୍ରକଳ୍ପ ଅବଧି, ଭୌଗୋଳିକ ସ୍ଥିତି ଏବଂ ପରୀକ୍ଷଣ ଅବଧି ଉପରେ ନିର୍ଭର କରେ ।

2. **ନିର୍ମାଣ ସମସ୍ତ ସଙ୍କଟ (EAR) ପଲିସୀ**: ଏହି ପଲିସୀକୁ ସଂଚୟନ-ଯୁକ୍ତ-ନିର୍ମାଣ (SCE) ପଲିସୀ ମଧ୍ୟ କୁହାଯାଏ । ଏହା ଏକ ପ୍ରକଳ୍ପର ପ୍ରଧାନ କିମ୍ବା ଠିକାଦାରମାନଙ୍କ ପାଇଁ ଉପଯୁକ୍ତ ଅଟେ ଯେଉଁଠି କାରଖାନା ଓ ଯନ୍ତ୍ରପାତିର ନିର୍ମାଣ କରାଯାଉଥାଏ ଯେହେତୁ ଏହା ବିଭିନ୍ନ ବାହ୍ୟ ସଙ୍କଟଗୁଡ଼ିକର ସଂସର୍ଗରେ ଆସିଥାଏ । ଏହା ଏକ ବ୍ୟାପକ ବୀମା ପଲିସୀ ଅଟେ ଯାହା ପ୍ରକଳ୍ପ ସ୍ଥଳରେ ସାମଗ୍ରୀଗୁଡ଼ିକୁ ଓହ୍ଲାଇବା ମୁହୂର୍ତ୍ତଠାରୁ ଏବଂ ସମଗ୍ର ପ୍ରକଳ୍ପ ଅବଧିରେ ଚାଲୁ ରହିଥାଇ ପ୍ରକଳ୍ପକୁ ପରୀକ୍ଷଣ କରିବା ଧାରଣ କରିବା ଏବଂ ହସ୍ତାନ୍ତରିତ କରିବା ପର୍ଯ୍ୟନ୍ତ ଆସିଥିବା କୌଣସି ବି ପ୍ରକାରର ଆକସ୍ମିକତାକୁ ସୁରକ୍ଷା ପ୍ରଦାନ କରିଥାଏ ।

   ପ୍ରଯୁଜ୍ୟ ପ୍ରିମିୟମ ପ୍ରକଳ୍ପର ସ୍ୱରୂପ, ମୂଲ୍ୟ, ପ୍ରକଳ୍ପ ଅବଧି, ଭୌଗୋଳିକ ସ୍ଥିତି ଏବଂ ପରୀକ୍ଷଣ ଅବଧି ଉପରେ ନିର୍ଭର କରେ ।

   **ଯଦି ଆବଶ୍ୟକ ହୁଏ, ପାରବହନ ଚରଣ ସମୟରୁ ପ୍ରକଳ୍ପ ଫଳରେ ଏହାକୁ ପ୍ରଦାନ କରିବା ପର୍ଯ୍ୟନ୍ତ ଉପକରଣ ଓ ସାମଗ୍ରୀଗୁଡ଼ିକୁ ବୀମା ସୁରକ୍ଷା ପ୍ରଦାନ କରିବାପାଇଁ ନିର୍ମାଣ ପଲିସୀ ସହିତ ଏକ ସାମୁଦ୍ରିକ ସୁରକ୍ଷା ଜାରୀ କରାଯାଇ ପାରେ ।**

**C. ପରିଣାମଜନିତ ହାନି ପଲିସୀ/ବ୍ୟବସାୟ ବ୍ୟାଘାତ ପଲିସୀ**

ଏହି ପ୍ରକାରର ପଲିସୀଗୁଡ଼ିକୁ ଅନ୍ୟାନ୍ୟ ହାନି ଠାରୁ ଉତ୍ପନ୍ନ ହୋଇଥିବା ହାନିଗୁଡ଼ିକୁ ସୁରକ୍ଷା ଦେବାପାଇଁ ଜାରୀ କରାଯାଇଥାଏ । ଏଗୁଡ଼ିକୁ 'ବ୍ୟବସାୟ ବ୍ୟାଘାତ' ପଲିସୀ କିମ୍ବା 'ଲାଭ ର ହାନି' ପଲିସୀ ମଧ୍ୟ କୁହାଯାଏ ।

3. **ଯନ୍ତ୍ରପାତି ଲାଭର ହାନି** (MLOP) **ପଲିସୀ**

ଏହି ପଲିସୀଟି ଉଦ୍ୟୋଗମାନଙ୍କ ପାଇଁ ଉପଯୁକ୍ତ ଅଟେ ଯେଉଁଠି ଯନ୍ତ୍ରପାତି ଅଚଳତା କିମ୍ବା ବଏଲର୍ ବିସ୍ଫୋରଣ ଫଳ ସ୍ୱରୂପ ବ୍ୟାଘାତ କିମ୍ବା ବିଳମ୍ବନର ପରିଣାମ ଅତ୍ୟନ୍ତ ପରିଣାମଜନିତ ହାନି ହୋଇଥାଏ ।

ଯେଉଁଠି ଅଚଳତା କିମ୍ବା ହାନି ଏବଂ ମରାମତି ମଧ୍ୟରେ ସମୟ ବିଳମ୍ବନ ଅଧିକ ହୋଇଥାଏ, ଏହି ପଲିସୀ ଟର୍ନଓଭରରେ ହ୍ରାସ ଓ କାର୍ଯ୍ୟର ମୂଲ୍ୟରେ ବୃଦ୍ଧିଯୋଗୁଁ  ମଝିର ସମୟାବଧିରେ ଲାଭଗୁଡ଼ିକର ହାନି ପାଇଁ କ୍ଷତିପୂରଣ ଦେଇଥାଏ । ବ୍ୟବସାୟ ବ୍ୟାଘାତ ପଲିସୀର ନିୟମ ଓ ସର୍ତ୍ତାବଳୀ ଏବଂ ବୀମା ସୁରକ୍ଷା ଏକ ଅଗ୍ନି ପଲିସୀ ହାନି ପରବର୍ତ୍ତୀ ବ୍ୟବସାୟ ବ୍ୟାଘାତ ପଲିସୀ ଭଳି ସେହି ଏକା ହୋଇଥାଏ, ଯାହା ବିଷୟରେ ଏହି ଅଧ୍ୟାୟରେ ପୂର୍ବରୁ ଆଲୋଚନା କରାଯାଇଛି ।

4. **ଲାଭର ଅଗ୍ରୀମ ହାନି ସୁରକ୍ଷା** (ALOP) **କିମ୍ବା ଷ୍ଟାର୍ଟ୍–ଅପ୍ ପଲିସୀରେ ବିଳମ୍ବନ** (D.S.U.)

ଏହା ପ୍ରକଳ୍ପ ଅବଧିରେ ଦୁର୍ଘଟଣାଜନିତ ହାନି କାରଣରୁ ବିଳମ୍ବ ହେଉଥିବା ଏକ ପ୍ରକଳ୍ପର ଆର୍ଥିକ ପରିଣାମକୁ ସୁରକ୍ଷା ଦେଇଥାଏ । ଏହା ସେହି ବୀମିତ ପାଇଁ ଉପଯୁକ୍ତ ଅଟେ ଯିଏ ପ୍ରତ୍ୟାଶିତ ଆୟରୁ ବଞ୍ଚିତ ହୋଇଥାଏ ଏବଂ ଆର୍ଥିକ ସଂସ୍ଥାନମାନଙ୍କ ପାଇଁ ପ୍ରକଳ୍ପରେ ଥିବା ସେମାନଙ୍କ ହିତ ପର୍ଯ୍ୟନ୍ତ ଉପଯୁକ୍ତ ହୋଇଥାଏ । ଏହାକୁ, ପ୍ରକଳ୍ପର ବାସ୍ତବ ପ୍ରାରମ୍ଭ ପୂର୍ବରୁ MCE/ EAR/CAR ପଲିସୀର ଏକ ବିସ୍ତାରଣ ରୂପେ ଜାରୀ କରାଯାଇଥାଏ ।

ପଲିସୀଟି ମିଆଦି ଋଣ, ଡିବେଞ୍ଚର୍, ମଞ୍ଜୁରୀ ଏବଂ ବେତନ ଉପରେ ସୁଧ ଇତ୍ୟାଦି, ଏବଂ ପ୍ରତ୍ୟାଶିତ ଶୁଦ୍ଧ ଲାଭ ଯାହାକୁ ବ୍ୟବସାୟ ଅର୍ଜିତ କରିଥାନ୍ତା ଯଦି ଏହା ନିର୍ଦ୍ଧାରିତ ତାରିଖରେ ଆରମ୍ଭ ହୋଇଥାନ୍ତା, ଏହା ଉପରେ ମଧ୍ୟ ସୁଧ, ଏହି ସବୁ ଭଳି ଚାଲୁ ରହିଥିବା ଖର୍ଚ୍ଚ ରୂପେ ଆର୍ଥିକ ହାନିଗୁଡ଼ିକୁ ମଧ୍ୟ ସୁରକ୍ଷା ଦେଇଥାଏ ।

ପ୍ରିମିୟମ ହାର ନିର୍ଦ୍ଧାରଣ ବିଭିନ୍ନ ମହତ୍ୱପୂର୍ଣ୍ଣ କାରକ ଉପରେ ଏବଂ ଉପଲବ୍ଧ ପୁନଃ-ବୀମା ସହାୟତା ଉପରେ ନିର୍ଭର କରେ । ପ୍ରତ୍ୟାଶିତ ମୋଟ ଲାଭ କିମ୍ବା ଟର୍ନଓଭର ଏବଂ କ୍ଷତିପୂର୍ତ୍ତି ଅବଧି ମଧ୍ୟ ପ୍ରଦାନଯୋଗ୍ୟ ପ୍ରିମିୟମର ନିର୍ଦ୍ଧାରଣରେ ମହତ୍ୱପୂର୍ଣ୍ଣ କାରକ ହୋଇଥାନ୍ତି ।

**ସ୍ୱୟଂ ପରୀକ୍ଷା କରନ୍ତୁ 8**

ଷ୍ଟାର୍ଟ-ଅପ୍ ପଲିସୀରେ ବିଳମ୍ବନ ______________ ରୂପେ ମଧ୍ୟ ପରିଚିତ ଅଟେ ।

I. ଯନ୍ତ୍ରପାତି ଲାଭର ହାନି ସୁରକ୍ଷା

II. ଅଗ୍ରୀମ ଲାଭର ହାନି ସୁରକ୍ଷା

III. କଣ୍ଟ୍ରାକ୍ଟର୍ସ ସମସ୍ତ ସଙ୍କଟ ସୁରକ୍ଷା

IV. କଣ୍ଟ୍ରାକ୍ଟର୍ସ କାରଖାନା ଓ ଯନ୍ତ୍ରପାତି ସୁରକ୍ଷା

## I. ଔଦ୍ୟୋଗିକ ସମସ୍ତ ସଙ୍କଟ ବୀମା (IAR)

ଔଦ୍ୟୋଗିକ ସମସ୍ତ ସଙ୍କଟ ପଲିସୀକୁ ଔଦ୍ୟୋଗିକ ସମ୍ପତ୍ତି–ଉଭୟ ଉତ୍ପାଦନ ଓ ଭଣ୍ଡାରଣ ସୁବିଧାକୁ, ଗୋଟିଏ ପଲିସୀ ଅନ୍ତର୍ଗତ ଭାରତରେ କୌଣସି ସ୍ଥାନରେ ବି, ସୁରକ୍ଷା ଦେବାପାଇଁ ଅଭିକଳ୍ପିତ କରାଯାଇଥିଲା । ଏହା ଭୌତିକ କ୍ଷତି ଓ ବ୍ୟବସାୟ ବ୍ୟାଘାତ ବିରୁଦ୍ଧରେ କ୍ଷତିପୂର୍ତ୍ତି ପ୍ରଦାନ କରିଥାଏ ।

ସାଧାରଣତଃ, ପଲିସୀଟି ନିମ୍ନଗୁଡ଼ିକ ପାଇଁ ସୁରକ୍ଷା ପ୍ରଦାନ କରେ:

i. ଅଗ୍ନି ବୀମା ପ୍ରଥା ଅନୁସାରେ, ଅଗ୍ନି ଏବଂ ବିନିର୍ଦ୍ଦିଷ୍ଟ ଆପଦ,

ii. ଚୋରୀ (ଲାର୍ସେନୀ ବ୍ୟତୀତ)

iii. ଯନ୍ତ୍ରପାତି ଅଚଳତା/ବଏଲର୍ ବିସ୍ଫୋରଣ/ଇଲେକ୍ଟ୍ରୋନିକ୍ ଉପକରଣ

iv. ଉପରେ ଉଲ୍ଲିଖିତ ଆପଦଗୁଡ଼ିକର କାର୍ଯ୍ୟକଳାପ ପରେ ହୋଇଥିବା ବ୍ୟବସାୟ ବ୍ୟାଘାତ

(ଧ୍ୟାନ ଦିଅନ୍ତୁ: ଉପରୋକ୍ତ (iii) ଅନ୍ତର୍ଗତ ଆପଦଗୁଡ଼ିକ ପରେ ବ୍ୟବସାୟ ବ୍ୟାଘାତକୁ ସାଧାରଣତଃ ପ୍ୟାକେଜ୍ ସୁରକ୍ଷାରେ ଅନ୍ତର୍ଭୁକ୍ତ କରାଯାଇ ନ ଥାଏ କିନ୍ତୁ ବୈକଳ୍ପିକ ସୁରକ୍ଷା ରୂପେ ଉପଲବ୍ଧ ହୋଇଥାଏ )

- ✓ ପଲିସୀଟି ବୈୟକ୍ତିକ ପରିଚାଳନ ପଲିସୀଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଇଥିବା ସୁରକ୍ଷା ତୁଳନାରେ ବ୍ୟାପକତମ ଶ୍ରେଣୀର ସୁରକ୍ଷା ପ୍ରଦାନ କରିଥାଏ ।
- ✓ ପଲିସୀ ପାଇଁ ପ୍ରିମିୟମ ହାର ଚୟନିତ ସୁରକ୍ଷା, ଦାବୀ ଅନୁଭୂତି, ଏବଂ ଚୟନିତ କାଟଯୋଗ୍ୟ, MLOP ପାଇଁ ସଙ୍କଟ ମୂଲ୍ୟାଙ୍କନ ରିପୋର୍ଟ ଇତ୍ୟାଦି ଉପରେ ନିର୍ଭର କରେ ।

**ସ୍ୱୟଂ ପରୀକ୍ଷା କରନ୍ତୁ 9**

ନିମ୍ନଲିଖିତ ମଧ୍ୟରୁ କେଉଁ ଗୋଟିକ ଔଦ୍ୟୋଗିକ ସମସ୍ତ ସଙ୍କଟ ବୀମା ଅନ୍ତର୍ଗତ ସୁରକ୍ଷାପ୍ରାପ୍ତ ହୋଇ ନ ଥାଏ ?

I. ଅଗ୍ନି ବୀମା ପ୍ରଥା ଅନୁସାରେ ଅଗ୍ନି ଏବଂ ବିଶେଷ ଆପଦ

II. ଲାର୍ସେନୀ

III. ଯନ୍ତ୍ରପାତି ଅଚଳତା

IV. ଇଲେକ୍ଟ୍ରୋନିକ୍ ଉପକରଣ

---

## J. ସାମୁଦ୍ରିକ ବୀମା

**ସାମୁଦ୍ରିକ ବୀମାକୁ ଦୁଇ ପ୍ରକାରରେ ବର୍ଗୀକୃତ କରାଯାଏ: ସାମୁଦ୍ରିକ କାର୍ଗୋ ଏବଂ ସାମୁଦ୍ରିକ ହଲ୍**

1. **ସାମୁଦ୍ରିକ କାର୍ଗୋ ବୀମା**

ଯଦିଓ 'ସାମୁଦ୍ରିକ' ପଦଟି ସମୁଦ୍ର (ସାମୁଦ୍ରିକ) ଦୁଃସାହସୀକତା ଯୋଗୁଁ ହୋଇଥିବା ହାନିଗୁଡ଼ିକୁ କେବଳ ସୂଚୀତ କରେ, ସାମୁଦ୍ରିକ କାର୍ଗୋ ବୀମା ତା' ଠାରୁ ଅତ୍ୟନ୍ତ ଅଧିକକୁ ବୀମା ଯୋଗାଇ ଥାଏ । ଏହା, ଦେଶ ମଧ୍ୟରେ ତଥା ବିଦେଶରେ, ରେଳ, ସଡ଼କ, ସମୁଦ୍ର, ଆକାଶ ମାର୍ଗ କିମ୍ବା ପଞ୍ଜୀକୃତ ଡାକ ଦ୍ୱାରା ପାରବହନ ସମୟରେ ଜିନିଷଗୁଡ଼ିକର ହୋଇଥିବା ହାନି କିମ୍ବା କ୍ଷତି ପରିପ୍ରେକ୍ଷୀରେ କ୍ଷତିପୂର୍ତ୍ତି ପ୍ରଦାନ କରେ । ଜିନିଷଗୁଡ଼ିକର ପ୍ରକାର ହୀରାଠାରୁ ଗୃହସ୍ଥ ଜିନିଷ ପର୍ଯ୍ୟନ୍ତ, ସିମେଣ୍ଟ, ଶସ୍ୟ ଭଳି ବଡ଼ ଆକାରର ସାମଗ୍ରୀ, ପ୍ରକଳ୍ପଗୁଡ଼ିକ ପାଇଁ ଅତ୍ୟଧିକ ଆକାରର କାର୍ଗୋ ଇତ୍ୟାଦି ମଧ୍ୟରେ ଭିନ୍ନ ଭିନ୍ନ ହୋଇପାରେ ।

କାର୍ଗୋ ବୀମା ଘରୋଇ ବ୍ୟାପାର ତଥା ଆନ୍ତର୍ଜାତିକ ବ୍ୟାପାରରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ବିକ୍ରୟର ଅଧିକାଂଶ ଚୁକ୍ତିରେ ଆବଶ୍ୟକ ହୁଏ ଯେ ବିକ୍ରେତା ଦ୍ୱାରା ହେଉ କିମ୍ବା କ୍ରେତା ଦ୍ୱାରା ହେଉ, ହାନି କିମ୍ବା କ୍ଷତି ବିରୁଦ୍ଧରେ ଜିନିଷକୁ ନିଶ୍ଚିତ ରୂପେ ସୁରକ୍ଷା ଦେବା ଉଚିତ୍ ।

**ବୀମାକୁ କିଏ ପ୍ରଭାବୀ କରେ: ଜିନିଷ/ବସ୍ତୁ [କନ୍ସାଇନ୍ମେଣ୍ଟ] ର ବିକ୍ରେତା କିମ୍ବା କ୍ରେତା ବିକ୍ରୟର ଚୁକ୍ତି ଆଧାରରେ କାର୍ଗୋକୁ ବୀମିତ କରିପାରେ ।**

ସାମୁଦ୍ରିକ ବୀମା ଚୁକ୍ତିରେ ସେହି ସବୁ ପ୍ରାବଧାନ ରହିବା ଆବଶ୍ୟକ ଯେଉଁଗୁଡ଼ିକ ଆନ୍ତର୍ଜାତିକ ରୂପେ ଲାଗୁ ହୋଇଥାନ୍ତି । ଏହା ଏହି କାରଣରୁ ହୋଇଥାଏ ଯେ ଏହା ସେହିସବୁ ଜିନିଷକୁ ସୁରକ୍ଷା ଦିଏ ଯେଉଁଗୁଡ଼ିକ କୌଣସି ଦେଶର ସୀମା ବାହାରେ ପାରବହନରେ ଥାଆନ୍ତି । ସୁରକ୍ଷାଗୁଡ଼ିକ ତଦନୁସାରେ ଆନ୍ତର୍ଜାତିକ ପରମ୍ପରା ଏବଂ ପଲିସୀରେ ସଂଲଗ୍ନ କରାଯାଇଥିବା କେତେକ ଅନୁଚ୍ଛେଦ ଦ୍ୱାରା ସଂଚାଳିତ ହୋଇଥାନ୍ତି ।

ଯେତେବେଳେ ମୂଳ ପଲିସୀ ଦସ୍ତାବିଜରେ ସାଧାରଣ ସର୍ତ୍ତଗୁଡ଼ିକୁ ସମ୍ମିଳିତ କରାଯାଇଥାଏ, ବୀମା ଓ ବ୍ୟତିକ୍ରମ ଏବଂ ବିଶିଷ୍ଟ ଅପବର୍ଜନର ବ୍ୟାପକତାକୁ ସଂସ୍ଥାନ କାର୍ଗୋ ଅନୁଚ୍ଛେଦ (ICC) କୁହାଯାଉଥିବା ଭିନ୍ନ ଅନୁଚ୍ଛେଦ ଗୁଡ଼ିକ ଦ୍ୱାରା ସଂଲଗ୍ନ କରାଯାଇଥାଏ । ଏଗୁଡ଼ିକର ପ୍ରାରୂପକୁ ଲଣ୍ଡନ ସଂସ୍ଥାନ ସଙ୍କଟାଙ୍କକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥାଏ ।

**a) ସାମୁଦ୍ରିକ କାର୍ଗୋ ବୀମା ଅନ୍ତର୍ଗତ ବୀମା ସୁରକ୍ଷା**

କାର୍ଗୋ ପଲିସୀଗୁଡିକ ବସ୍ତୁତଃ ଜଳଯାତ୍ରା ପଲିସୀ ହୋଇଥାନ୍ତି, ଅର୍ଥାତ୍ ସେମାନେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ପାରବହନରେ ଥିବା ସମୟର ବିଷୟବସ୍ତୁକୁ ସୁରକ୍ଷା ଦେଇଥାନ୍ତି । ଅବଶ୍ୟ, ବୀମିତକୁ ତା' ନିୟନ୍ତ୍ରଣ ମଧ୍ୟରେ ସମସ୍ତ ପରିସ୍ଥିତିରେ ସର୍ବଦା ଯଥାର୍ଥ ଧ୍ୟାନର ସହିତ କାର୍ଯ୍ୟ କରିବା ଆବଶ୍ୟକ ହୋଇଥାଏ । ଏହି ପଲିସୀର ମୂଖ୍ୟ ବିଶେଷତା ହେଉଛି ଯେ ଏହା ଏକ ସମ୍ମତ ମୂଲ୍ୟ ପଲିସୀ ଅଟେ । ମୂଲ୍ୟାଙ୍କନ ବୀମାକର୍ତ୍ତା ଓ ବୀମିତ ମଧ୍ୟରେ ସମ୍ମତ ହୋଇଥାଏ ଏବଂ ପରେ ପୁନଃମୂଲ୍ୟାଙ୍କନର ଅଧୀନ ହୁଏ ନାହିଁ ଯଦି କୌଣସି କପଟର ସନ୍ଦେହ କରା ନ ଯାଏ । ବୀମା ରାଶି ପାଇଁ ପରିପାଟୀ ହେଉଛି CIF + 10% (ବୀମା ଏବଂ ଭଡ଼ାର ମୂଲ୍ୟ + 10%) । ଅନ୍ୟ ଏକ ଅନନ୍ୟ ବିଶେଷତା ହେଉଛି ଯେ ପଲିସୀଟି ମୁକ୍ତ ରୂପେ ସମନୁଦେଶନଯୋଗ୍ୟ ଅଟେ ।

ପଲିସୀଟି, ବିକ୍ରୟ ଚୁକ୍ତିର ନିୟମାବଳୀ ଆଧାରରେ, ସାଧାରଣତଃ ସେହି ସମୟ ଠାରୁ ଆରମ୍ଭ ହୁଏ ଯେଉଁ ସମୟରେ ଜିନିଷପତ୍ର ପଲିସୀରେ ନାମିତ ସ୍ଥାନରେ ଥିବା ଗୋଦାମକୁ ଛାଡ଼ିଥାଏ ଏବଂ ପଲିସୀରେ ନାମିତ ଲକ୍ଷ୍ୟ ସ୍ଥଳରେ ସମାପ୍ତ ହୋଇଥାଏ ।

ପ୍ରଯୁଜ୍ୟ ନିୟମ ଓ ସର୍ତ୍ତାବଳୀ ନିମ୍ନ ମଧ୍ୟରୁ କାହା ଦ୍ୱାରା ବି ସଂଚାଳିତ ହୋଇଥାଏ;

i. ଅନ୍ତର୍ଦେଶୀୟ ପାରବହନ ପାଇଁ ଅନ୍ତର୍ଦେଶୀୟ ପାରବହନ ଅନୁଚ୍ଛେଦ (ITC) A, B କିମ୍ବା C

ii. ସମଦ୍ର ଦ୍ୱାରା ଜଳଯାତ୍ରା ପାଇଁ ସଂସ୍ଥାନ କାର୍ଗୋ ଅନୁଚ୍ଛେଦ (ICC) A,B କିମ୍ବା C

iii. ଆକାଶ ମାର୍ଗରେ ପରିବହନ ପାଇଁ ସଂସ୍ଥାନ କାର୍ଗୋ (ଆକାଶ) ଅନୁଚ୍ଛେଦ -A

ସଂସ୍ଥାନ କାର୍ଗୋ ଅନୁଚ୍ଛେଦ C ସର୍ବନିମ୍ନ ସୁରକ୍ଷାର ମଞ୍ଜୁରୀ ଦିଏ, ଯାହା ନିମ୍ନଲିଖିତ କାରଣରୁ କାର୍ଗୋ ବହନ କରୁଥିବା ବାହନ କିମ୍ବା ଜାହାଜକୁ ଦୁର୍ଘଟଣାଯୋଗୁଁ ହୋଇଥିବା ହାନି କିମ୍ବା କ୍ଷତି ହୋଇଥାଏ:

**i.** ନିଆଁ କିମ୍ବା ବିସ୍ଫୋରଣ

**ii.** ବାହନର ବିପଥଗମନ କିମ୍ବା ଓଲଟି ଯିବା

**iii.** (ଜାହାଜର କ୍ଷେତ୍ରରେ) ଜାହାଜ ତଟରେ ଲାଗିବା, ଭୂଗ୍ରସ୍ତ ହେବା କିମ୍ବା ବୁଡିଯିବା

**iv.** ଏକ ବାହ୍ୟ ବସ୍ତୁ ସହିତ ଧକ୍କା ଲାଗିବା

**v.** ସଙ୍କଟର ବନ୍ଦରରେ କାର୍ଗୋର ଡିସ୍ଚାର୍ଜ

**vi.** ସାଧାରଣ କ୍ଷତିପୂର୍ତ୍ତି ଅବଦାନ

**vii.** ଜେଟିସନ୍/ସୁରକ୍ଷା କଳୀଦାନ

ସଂସ୍ଥାନ କାର୍ଗୋ ଅନୁଚ୍ଛେଦ B, C ଠାରୁ ଅଧିକ ବ୍ୟାପକ ଅଟେ । C ରେ ସୁରକ୍ଷା ପ୍ରାପ୍ତ ଆପଦଗୁଡିକ ବ୍ୟତୀତ ଏହା ନିମ୍ନଗୁଡିକ ଯୋଗୁଁ ହୋଇଥିବା ହାନି କିମ୍ବା କ୍ଷତି କୁ ମଧ୍ୟ ସୁରକ୍ଷା ଦେଇଥାଏ :

**i.** ଭୂମିକମ୍ପ, ଆଗ୍ନେୟ ଉଦ୍ଭବ ଏବଂ ବିଜୁଳୀ ଭଳି ଦୈବୀ କାର୍ଯ୍ୟ (AOG) ବିପତ୍ତି

**ii.** ଅନ୍ତର୍ଦେଶୀୟ ପାରବହନରେ ପୋଲର ପତନ

**iii.** ସମୁଦ୍ର ପାରବହନ କ୍ଷେତ୍ରରେ ଜାହାଜ ବାହାରକୁ ଧୋଇବା ଏବଂ ସ୍ଲିଙ୍ଗ୍ ହାନି

**iv.** ଜାହାଜ ଭିତରକୁ ଜଳ ପ୍ରବେଶ

ସଂସ୍ଥାନ କାର୍ଗୋ ଅନୁଚ୍ଛେଦ A ସବୁଠୁ ବ୍ୟାପକ ସୁରକ୍ଷା ଅଟେ ଯେହେତୁ ଏହା B ଏବଂ C ର ସମସ୍ତ ଆପଦକୁ ଏବଂ ବିନିର୍ଦ୍ଦିଷ୍ଟ କେତେକ ଅପବର୍ଜନ ବ୍ୟତୀତ କୌଣସି ଅନ୍ୟ ସଙ୍କଟ ଯୋଗୁଁ ହାନି କିମ୍ବା କ୍ଷତିକୁ ସୁରକ୍ଷା ଦେଇଥାଏ, ଅପବର୍ଜନଗୁଡିକ ନିମ୍ନ ଲିଖିତ ଭଳି:

- **i.** ବୀମିତର ସ୍ୱେଚ୍ଛିକ କାର୍ଯ୍ୟ/ସ୍ୱୟଂକୃତ୍ୟ କାର୍ଯ୍ୟ
- **ii.** ସାଧାରଣ ଜଳସ୍ରାବ, ଭଙ୍ଗାରୁଜା, ଘଷାଘଷି କିମ୍ବା ଓଜନ/ଘନତ୍ୱରେ ସାମାନ୍ୟ ହାନି
- **iii.** ପ୍ୟାକିଙ୍ଗ୍ ରେ ଅଯଥେଷ୍ଟତା
- **iv.** ଅନ୍ତର୍ନିହିତ ଦୋଷ
- **v.** ବିଳମ୍ବନ
- **vi.** ମାଲିକମାନଙ୍କ ଦେବାଳିଆପଣ ଜନିତ ହାନି
- **vii.** ପାରମାଣବିକ ଆପଦ

ଏହି ଅପବର୍ଜନଗୁଡିକ ଅନ୍ତର୍ଦେଶୀୟ, ଆକାଶ ଏବଂ ସମୁଦ୍ର ସମ୍ବନ୍ଧୀୟ ସମସ୍ତ ଅନୁଚ୍ଛେଦ ପାଇଁ ପ୍ରଯୁଜ୍ୟ I କୋଇଲା, ଅଧିକ ପରିମାଣର ତେଲ ଏବଂ ଚା' ଇତ୍ୟାଦି ଭଳି ବିଶେଷ ଦ୍ରବ୍ୟଗୁଡିକର ବ୍ୟାପାର ପାଇଁ ପୃଥକ୍ ଅନୁଚ୍ଛେଦଗୁଡିକ ମଧ୍ୟ ରହିଛନ୍ତି I ସାମୁଦ୍ରିକ ସୁରକ୍ଷାକୁ, ଯୁଦ୍ଧ, ଷ୍ଟ୍ରାଇକ୍, ଦଙ୍ଗା, ନାଗରିକ ବିଦ୍ରୋହ ଏବଂ ଆତଙ୍କବାଦକୁ ସୁରକ୍ଷା ଦେବାପାଇଁ ଅତିରିକ୍ତ ପ୍ରିମିୟମ ପ୍ରଦାନ ଦ୍ୱାରା ବିସ୍ତାରିତ କରାଯାଇପାରେ I ସାମୁଦ୍ରିକ ଏବଂ ବୀମାନନ ପଲିସୀଗୁଡିକ କେବଳ ବୀମାର ସେହି ଶାଖା ଯାହା ଯୁଦ୍ଧ ବିପତ୍ତି ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରିଥାନ୍ତି I

**ମହତ୍ତ୍ୱପୂର୍ଣ୍ଣ**

ଏକ ସାମୁଦ୍ରିକ ପଲିସୀ ଅନ୍ତର୍ଗତ, ମାନକ ପଲିସୀ ଫର୍ମ ଅନ୍ତର୍ଗତ ଏବଂ ପଲିସୀରେ ସଂଯୁକ୍ତ ବିଭିନ୍ନ ଅନୁଚ୍ଛେଦ ଅନ୍ତର୍ଗତ ସୁରକ୍ଷା ଦିଆଯାଉଥିବା ସଙ୍କଟଗୁଡିକୁ ମୁଖ୍ୟତଃ ତିନି ବର୍ଗରେ ବିଭାଜିତ କରାଯାଏ:

- i. ସାମୁଦ୍ରିକ ଆପଦ,
- ii. ବାହ୍ୟ ଆପଦ ଏବଂ
- iii. ଯୁଦ୍ଧ, ଷ୍ଟ୍ରାଇକ୍, ଦଙ୍ଗା, ନାଗରିକ ବିଦ୍ରୋହ ଏବଂ ଆତଙ୍କବାଦ ସଙ୍କଟ I

---

**b)** ବିଭିନ୍ନ ପ୍ରକାରର ସାମୁଦ୍ରିକ ପଲିସୀ

**i. ବିଶେଷ ପଲିସୀ/ଏକଲ ଯାତ୍ରା ନିର୍ଦ୍ଦିଷ୍ଟ ପଲିସୀ**

ଏହି ପଲିସୀ କେବଳ ଏକମାତ୍ର ନୌବହନକୁ ସୁରକ୍ଷା ପ୍ରଦାନ କରେ I ଏହା ନିର୍ଦ୍ଦିଷ୍ଟ ଜଳଯାତ୍ରା କିମ୍ବା ପାରବହନ ପାଇଁ ବୈଧ ରହିଥାଏ I ସେହି ବ୍ୟାପାରୀ ଯେଉଁମାନେ ନିୟମିତ ଆମଦାନୀ ଓ ରପ୍ତାନୀ ବ୍ୟାପାରରେ ଲିପ୍ତ ହୋଇଥାନ୍ତି କିମ୍ବା ଯେଉଁମାନେ ନିୟମିତ ରୂପେ ଅନ୍ତର୍ଦେଶୀୟ ପାରବହନ ଦ୍ୱାରା କନ୍ସାଇନ୍ମେଣ୍ଟ ପଠାଇଥାନ୍ତି, ସେମାନେ ଖୋଲା ପଲିସୀ ଭଳି ବିଶିଷ୍ଟ ବ୍ୟବସ୍ଥା ଅନ୍ତର୍ଗତ ବୀମା ଗୁଡିକର ବ୍ୟବସ୍ଥା କରିବା ପାଇଁ ଏହା ସୁବିଧାଜନକ ଅଟେ ବୋଲି ମନେ କରନ୍ତି I

**ii. ଖୋଲା ପଲିସୀ (Open Policy)**

ଦେଶ ମଧ୍ୟରେ ଜିନିଷପତ୍ରର ବହନକୁ ଏକ ଖୋଲା ପଲିସୀ ଅନ୍ତର୍ଗତ ସୁରକ୍ଷା ଦିଆଯାଇପାରେ, ପଲିସୀଟି ଗୋଟିଏ ବର୍ଷ ପାଇଁ ମାନ୍ୟ ରହିଥାଏ ଏବଂ ଏହି ସମୟାବଧିରେ ସମସ୍ତ କନ୍ସାଇମେଣ୍ଟକୁ ବୀମିତ ଦ୍ୱାରା ବୀମାକର୍ତ୍ତା ନିକଟରେ ଘୋଷିତ କରିବାକୁ ପଡ଼ିଥାଏ ଯାହା ପାକ୍ଷିକ, ମାସିକ କିମ୍ବା ତ୍ରୈମାସିକ ଆଧାରରେ ସେମାନଙ୍କ ମଧ୍ୟରେ ସମ୍ମତି ପ୍ରଦାନ କରାଯାଇଥିବା ଅନୁସାରେ ହୋଇଥାଏ ।

**iii. ଖୋଲା ସୁରକ୍ଷା(Open Cover)**

ଖୋଲା ସୁରକ୍ଷା ହେଉଛି ଅନେକ ସଂଖ୍ୟକ ନୌବହନ/ପ୍ରେଷଣକୁ ସୁରକ୍ଷା ଦେବା ପାଇଁ ବୀମିତ ଅବିଚ୍ଛିନ୍ନ ସୁରକ୍ଷା ଦେଉଥିବା ଗୋଟିଏ ବର୍ଷ ପାଇଁ ଏକ ଚୁକ୍ତି/କନ୍ସାଇନ୍ମେଣ୍ଟ ଉପରେ ପ୍ରିମିୟମକୁ ବୀମିତ ଦ୍ୱାରା ରଖାଯାଇଥିବା ସମ୍ବନ୍ଧିତ ନଗଦ ଜମା ଖାତାଠାରୁ ସମାୟୋଜିତ କରାଯାଇପାରେ । ଖୋଲା ସୁରକ୍ଷା ଗୁଡିକୁ ବଡ଼ ବଡ଼ ରପ୍ତାନୀକାରୀ ଏବଂ ଆମଦାନୀକାରୀମାନଙ୍କୁ ଜାରୀ କରାଯାଇଥାଏ ଯେଉଁମାନଙ୍କ ଅବିଚ୍ଛିନ୍ନ ବ୍ୟାପାର ଥାଏ ।

ଖୋଲା ସୁରକ୍ଷାଗୁଡିକ ଗୋଟିଏ ବର୍ଷ ପାଇଁ ସାମୁଦ୍ରିକ ପ୍ରେଷଣର କାରବାର ପାଇଁ ସୁରକ୍ଷାର ନିୟମାବଳୀ ଓ ପ୍ରିମିୟମ ହାରର ନିର୍ଦ୍ଧାରଣ କରନ୍ତି । ଖୋଲା ସୁରକ୍ଷା ଏକ ପଲିସୀ ନୁହେଁ ଏବଂ ଏହାକୁ ମୁଦ୍ରିତ କରା ଯାଇ ନ ଥାଏ । ଏକ ବୀମା ପ୍ରମାଣପତ୍ରକୁ, ଯଥାର୍ଥ ମୂଲ୍ୟ ପାଇଁ ଉଚିତ୍ ରୂପେ ମୁଦ୍ରିତ କରି ପ୍ରତ୍ୟେକ ଘୋଷଣାପତ୍ର ପାଇଁ ଜାରୀ କରାଯାଇଥାଏ ।

**iv. ଡ୍ୟୁଟି ଏବଂ ବର୍ଦ୍ଧିତ ମୂଲ୍ୟ ବୀମା**

ଏହି ପଲିସୀଗୁଡିକ, ଅବତରଣ ତାରିଖରେ ଲକ୍ଷ୍ୟସ୍ଥଳରେ କଷ୍ଟମ୍ସ ଡ୍ୟୁଟି କିମ୍ବା ବଜାର ମୂଲ୍ୟରେ ବୃଦ୍ଧିର ରାଶି ପ୍ରଦାନ ଯୋଗୁଁ ଯଦି କାର୍ଗୋର ମୂଲ୍ୟ ବୃଦ୍ଧି ହୋଇଥାଏ, ଅତିରିକ୍ତ ବୀମା ପ୍ରଦାନ କରିଥାନ୍ତି ।

**2. ସାମୁଦ୍ରିକ ହଲ୍ ବୀମା**

'ହଲ' ପଦ ଏକ ଜାହାଜ କିମ୍ବା ଅନ୍ୟ ଜଳ ପରିବହନ ଜାହାଜ ବାହକର କଳେବରକୁ ସୂଚୀତ କରେ ।

ସାମୁଦ୍ରିକ ହଲ୍ ବୀମା ବିଭିନ୍ନ ଦେଶ ମଧ୍ୟରେ ପ୍ରଯୁଜ୍ୟ ଆନ୍ତର୍ଜାତିକ ଅନୁଚ୍ଛେଦ ଅନୁସାରେ କରାଯାଇଥାଏ । ସାମୁଦ୍ରିକ ହଲ୍ ସୁରକ୍ଷା ବସ୍ତୁତଃ ଦୁଇ ପ୍ରକାରର ହୋଇଥାନ୍ତି:

a) ଏକ ନିର୍ଦ୍ଦିଷ୍ଟ ଜଳଯାତ୍ରାକୁ ସୁରକ୍ଷା ଦେବା: ଏଠି ବ୍ୟବହାର କରାଯାଉଥିବା ଅନୁଚ୍ଛେଦ ଗୁଡିକର ସମୂହକୁ ସଂସ୍ଥାନ ଜଳଯାତ୍ରା ଅନୁଚ୍ଛେଦ କୁହାଯାଏ

b) ଏକ ସମୟାବଧିକୁ ସୁରକ୍ଷା ଦେବା: ସାମାନ୍ୟତଃ ଗୋଟିଏ ବର୍ଷ । ଏଠି ବ୍ୟବହାର କରାଯାଉଥିବା ଅନୁଚ୍ଛେଦଗୁଡିକର ସମୂହକୁ ସଂସ୍ଥାନ ସମୟ ଅନୁଚ୍ଛେଦ/Institute Time Clause କୁହାଯାଏ

c) ଯୁଦ୍ଧ ସଂକଟଗୁଡିକ ବିଶିଷ୍ଟ ବିନିୟମନ ଦ୍ୱାରା ସଂଚାଳିତ ହୋଇଥାନ୍ତି ଏବଂ ସଂଗ୍ରହ କରାଯାଉଥିବା ପ୍ରିମିୟମଗୁଡିକୁ କେନ୍ଦ୍ର ସରକାରଙ୍କ ଠାରେ ଜମା କାରଯିବ ।

**ସୂଚନା**

ହଲ ବୀମା ନିମ୍ନଲିଖିତ ବୀମାଗୁଡିକୁ ମଧ୍ୟ ଅନ୍ତର୍ଭୁକ୍ତ କରେ :

i. ଅନ୍ତର୍ଦେଶୀୟ ଜାହାଜ ଯଥା: ବାର୍ଜ, ଲଞ୍ଚ, ଯାତ୍ରୀ ଜାହାଜ ଇତ୍ୟାଦି

ii. ଡ୍ରେଜର୍ (ବ୍ୟାପାରିକ କିମ୍ବା ଅଣ-ବ୍ୟାପାରିକ)

iii. ମାଛ ଧରୁଥିବା ଜାହାଜ (ବ୍ୟାପାରିକ କିମ୍ବା ଅଣ-ବ୍ୟାପାରିକ)

iv. ଜଳଯାତ୍ରା କରୁଥିବା ଜାହାଜ (ବ୍ୟାପାରିକ କିମ୍ବା ଅଣ-ବ୍ୟାପାରିକ)

v. ଜେଟିସ୍ ଏବଂ ଘାଟ

vi. ନିର୍ମାଣାଧୀନ ଜାହାଜ

ଜାହାଜ ମାଲିକର ନା କେବଳ ଜାହାଜ ଉପରେ ବୀମାଯୋଗ୍ୟ ହିତ ଥାଏ, କିନ୍ତୁ ବୀମା ସମୟାବଧିରେ ଅର୍ଜନ କରିବାକୁ ଥିବା ଭଡ଼ାରେ ମଧ୍ୟ । ଭଡ଼ା ବ୍ୟତୀତ ପ୍ରାବଧାନ ଏବଂ ଷ୍ଟୋର ସମେତ, ଜାହାଜରେ ଫିଟ୍ କରିବା ପାଇଁ ତା' ଦ୍ୱାରା ଖର୍ଚ୍ଚ କରାଯାଇଥିବା ରାଶିରେ ଜାହାଜ ମାଲିକର ବୀମାଯୋଗ୍ୟ ହିତ ରହିଥାଏ । ଏହି ଖର୍ଚ୍ଚଗୁଡିକୁ ବିତରଣ (disbursement) କୁହାଯାଏ ଏବଂ ଏକ ସମୟାବଧି ପାଇଁ ହଲ୍ ପଲିସୀ ସହିତ ସମବର୍ତ୍ତୀ ରୂପେ ଏହାକୁ ବୀମିତ କରାଯାଏ ।

**ମହତ୍ତ୍ୱପୂର୍ଣ୍ଣ**

ବିମାନ ଚାଳନ ବୀମା: ଉଡାଜାହାଜ ପାଇଁ ମଧ୍ୟ ଏକ ବ୍ୟାପକ ପଲିସୀ ଉପଲବ୍ଧ ଅଛି ଯାହା ଉଡାଜାହାଜର ହାନି କିମ୍ବା କ୍ଷତିକୁ ସୁରକ୍ଷା ପ୍ରଦାନ କରେ ଏବଂ ତା' ସହିତ ଉଡାଜାହାଜର ସଂଚାଳନ ଠାରୁ ଉପୁଜିଥିବା ତୃତୀୟ ପକ୍ଷ ଏବଂ ଯାତ୍ରୀମାନଙ୍କ ପାଇଁ ବୈଧିକ ଦାୟିତ୍ୱକୁ ମଧ୍ୟ ସୁରକ୍ଷା ଦେଇଥାଏ ।

**ସ୍ୱୟଂ ପରୀକ୍ଷା କରନ୍ତୁ 10**

ବୀମାର କେଉଁ ଶାଖା ଯୁଦ୍ଧ ବିପର୍ଯ୍ୟୟ ବିରୁଦ୍ଧରେ ସୁରକ୍ଷା ପ୍ରଦାନ କରେ?

I. ସାମୁଦ୍ରିକ ପଲିସୀ

II. ବିମାନ ଚାଳନ ପଲିସୀ

III. ଉପରୋକ୍ତ ଉଭୟ

IV. ଉପରୋକ୍ତ ମଧ୍ୟରୁ କୌଣସିଟି ନୁହେଁ

## K. ଦାୟିତ୍ୱ ପଲିସୀ

ଦୁର୍ଘଟଣାଗୁଡିକୁ ସଂପୂର୍ଣ୍ଣ ରୂପେ ଏଡ଼େଇ ଦିଆଯାଇ ପାରିବ ନାହିଁ, ଏକ ବ୍ୟକ୍ତି ଯେତେ ବି ସତର୍କ ହୋଇଥାଉ ନା କାହିଁକି । ଏହାର ପରିଣାମ ନିଜ ପାଇଁ କ୍ଷତି ଏବଂ ଜଣକ ଜଣକର ସମ୍ପତ୍ତି ପ୍ରତି ହାନି ହୋଇ ପାରେ ଏବଂ ତା'ସହିତ ତୃତୀୟ ପକ୍ଷର କ୍ଷତି ଓ ସେମାନଙ୍କ ସମ୍ପତ୍ତିର ହାନିର କାରଣ ମଧ୍ୟ ହୋଇପାରେ । ଏ ପ୍ରକାରେ ପ୍ରଭାବିତ ହୋଇଥିବା ବ୍ୟକ୍ତିମାନେ ସେଭଳି ହାନି ପାଇଁ କ୍ଷତି ପୂରଣ ଦାବୀ କରି ପାରନ୍ତି ।

ନିର୍ମିତ ଓ ବିକ୍ରି କରାଯାଇଥିବା ଏକ ଉତ୍ପାଦ, ଧରନ୍ତୁ, ଚକୋଲେଟ୍ କିମ୍ବା ଔଷଧରେ ଥିବା ଏକ ତ୍ରୁଟିଠାରୁ ମଧ୍ୟ ଦାୟିତ୍ୱ ଉତ୍ପନ୍ନ ହୋଇପାରେ, ଯାହା ଉପଭୋକ୍ତାର ହାନିର କାରଣ ହୋଇପାରେ । ସେହି ପ୍ରକାରେ, ଏକ ରୋଗୀର ଭୁଲ୍ ରୋଗନିଦାନ/ଚିକିତ୍ସା ଠାରୁ କିମ୍ବା ତା' କ୍ଲାଏଣ୍ଟ ପାଇଁ ଏକ ଓକିଲ ଦ୍ୱାରା ଅନୁପଯୁକ୍ତ ରୂପେ ସଂଚାଳିତ ଏକ କେସ୍ ଠାରୁ ଦାୟିତ୍ୱ ଉତ୍ପନ୍ନ ହୋଇପାରେ ।

ଏଭଳିଆ ସମସ୍ତ ପ୍ରକରଣରେ, ଯେଉଁଠି ଏକ ତୃତୀୟ ପକ୍ଷ, ଉପଭୋକ୍ତା କିମ୍ବା ରୋଗୀ ଆରୋପିତ ଭୁଲ୍ କାର୍ଯ୍ୟ ପାଇଁ କ୍ଷତିପୂରଣ ଦାବୀ କରିପାରେ, ଏହା ଦାବୀଦାର ଦ୍ୱାରା ଫାଇଲ୍ କରାଯାଇଥିବା ମକଦ୍ଦମାକୁ ସୁରକ୍ଷା ପ୍ରଦାନ କରିବାରେ ସଂପୃକ୍ତ ଖର୍ଚ୍ଚଗୁଡିକର କ୍ଷତିପୂରଣ ପ୍ରଦାନ ପାଇଁ କିମ୍ବା ଏହାକୁ ପୂରଣ କରିବା ପାଇଁ ଏକ ଆବଶ୍ୟକତା ଉଠାଇ ପାରେ । ଅନ୍ୟ ଶବ୍ଦରେ ରାଶି ପ୍ରଦାନ କରିବାର ଦାୟିତ୍ୱ ଠାରୁ ଏକ ଆର୍ଥିକ ହାନି ଉପୁଜି ପାରେ । ସେଭଳି ଏକ ଦାୟିତ୍ୱର ବିଦ୍ୟମାନତା ଏବଂ ପ୍ରଦାନ କରିବାକୁ ଥିବା କ୍ଷତିପୂରଣର ରାଶିର ନିର୍ଦ୍ଧାରଣ ଏକ ସିଭିଲ କୋର୍ଟ ଦ୍ୱାରା କରାଯାଇ ପାରେ ଯାହା ଆରୋପିତ ଅବହେଳନା/କପଟର ଦିଗକୁ ଯାଇପାରେ । ଦାୟିତ୍ୱ ବୀମା ପଲିସୀଗୁଡିକ ସେଭଳି ଦାୟିତ୍ୱର ବୀମା ସୁରକ୍ଷା ପ୍ରଦାନ କରନ୍ତି । ଆସନ୍ତୁ ଦାୟିତ୍ୱ ପଲିସୀଗୁଡିକ ମଧ୍ୟରୁ କେତେକକୁ ଦେଖିବା ।

**ବୈଧାନିକ ଦାୟିତ୍ୱ**

କେତେକ ନିୟମ କିମ୍ବା ବିଧାନ ଅଛନ୍ତି ଯେଉଁମାନେ କ୍ଷତିପୂରଣର ପ୍ରଦାନ ପାଇଁ ପ୍ରାବଧାନ ରଖିଛନ୍ତି । ଏହି ନିୟମଗୁଡିକ ହେଉଛନ୍ତି:

- ✓ ସାର୍ବଜନିକ ଦାୟିତ୍ୱ ବୀମା ଅଧିନିୟମ, 1991 ଏବଂ
- ✓ 2010 ରେ ସଂଶୋଧିତ କର୍ମଚାରୀ କ୍ଷତିପୂରଣ ଅଧିନିୟମ 1923

ସେଭଳି ଦାୟିତ୍ୱଗୁଡିକ ସମ୍ବନ୍ଧୀୟ ସୁରକ୍ଷା ପାଇଁ ବୀମା ପଲିସୀଗୁଡିକ ଉପଲବ୍ଧ ଅଛନ୍ତି । ଆସନ୍ତୁ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଦେଖିବା ।

1. **ଅନିବାର୍ଯ୍ୟ ସାର୍ବଜନିକ ଦାୟିତ୍ୱ ପଲିସୀ**

ସାର୍ବଜନିକ ଦାୟିତ୍ୱ ବୀମା ଅଧିନିୟମ 1991 ଅଣ ତ୍ରୁଟି (No fault) ଆଧାରରେ ସେମାନଙ୍କ ଉପରେ ଦାୟିତ୍ୱ ଲାଗୁ କରିଥାଏ ଯେଉଁମାନେ ବିପଦଜନକ ଦ୍ରବ୍ୟ ସଂଚାଳନ କରୁଥାନ୍ତି ଯଦି ସେଭଳି କାର୍ଯ୍ୟ ସମ୍ଭାଳୁଥିବା ସମୟରେ ଏକ ତୃତୀୟ ପକ୍ଷ ଆଘାତ ପ୍ରାପ୍ତ ହୁଏ କିମ୍ବା ତାର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଥାଏ । ବିପଦଜନକ ଦ୍ରବ୍ୟଗୁଡିକର ନାମ ଏବଂ ପ୍ରତ୍ୟେକର ପରିମାଣକୁ 'ଅଧିନିୟମ' ରେ ସୂଚୀଭୂକ୍ତ କରାଯାଇଛି । ପ୍ରତ୍ୟେକ ବ୍ୟକ୍ତି ପାଇଁ ଦେୟ କ୍ଷତିପୂରଣ ରାଶିକୁ ନିମ୍ନରେ ଦର୍ଶାଯାଇଥିବା ଭଳି ନିର୍ଦ୍ଧାରିତ କରାଯାଇ ଥାଏ ।

ପ୍ରଦାନଯୋଗ୍ୟ କ୍ଷତିପୂରଣ

| | |
|---|---|
| ସାଂଘାତିକ ଦୁର୍ଘଟଣା | ଟ. 25,000 |
| **ସ୍ଥାୟୀ ସଂପୂର୍ଣ୍ଣ ବିକଳାଙ୍ଗତା** | ଟ. 25,000 |
| ସ୍ଥାୟୀ ଆଂଶିକ ବିକଳାଙ୍ଗତା | ବିକଳାଙ୍ଗତାର % ଆଧାରରେ ଟ. 25,000 ର % |
| **ଅସ୍ଥାୟୀ ଆଂଶିକ ଅପାରଗତା** | ଟ. 1000 ପ୍ରତି ମାସ, ସର୍ବାଧିକ 3 ମାସ |
| **ବାସ୍ତବ ମେଡିକାଲ ଖର୍ଚ୍ଚ** | ସର୍ବାଧିକ ଟ. 12,500 ପର୍ଯ୍ୟନ୍ତ |
| **ସମ୍ପତ୍ତିର ବାସ୍ତବ କ୍ଷତି** | ଟ. 6,000 ପର୍ଯ୍ୟନ୍ତ |

ପ୍ରିମିୟମଟି AOA (କୌଣସି ଗୋଟିଏ ଦୁର୍ଘଟଣା) ସୀମା ଏବଂ କ୍ଲାଏଣ୍ଟର ଟର୍ନଓଭର୍ ଆଧାରରେ ହୋଇଥାଏ । ଏହି ପଲିସୀର ବିଶିଷ୍ଟ ବିଶେଷତା ହେଉଛି ଯେ ବୀମିତକୁ ପର୍ଯ୍ୟାବରଣ ରିଲିଫ୍ ଫଣ୍ଡ ପାଇଁ ଅଂଶଦାନ ରୂପେ ପ୍ରିମିୟମର ସମାନ ରାଶିକୁ ଅନିବାର୍ଯ୍ୟ ରୂପେ ପ୍ରଦାନ କରିବାକୁ ପଡ଼ିଥାଏ । ଯଦି ଅନେକ ସଂଖ୍ୟକ ତୃତୀୟ ପକ୍ଷମାନେ ପ୍ରଭାବିତ ହୋଇଥାନ୍ତି

ଏବଂ ଦେୟ ରିଲିଫ୍ ର ମୋଟ ରାଶି ପରିମାଣ A.O.A. ସୀମାଠାରୁ ଅଧିକ ହୋଇଥାଏ, ଅବଶିଷ୍ଟ ରାଶିକୁ ଫଣ୍ଡ ଦ୍ୱାରା ପ୍ରଦାନ କରାଯିବ ।

2. **ସାର୍ବଜନିକ ଦାୟିତ୍ୱ ପଲିସୀ (ଔଦ୍ୟୋଗିକ/ଅଣ-ଔଦ୍ୟୋଗିକ ସଙ୍କଟ)**

ଏହି ପ୍ରକାରର ପଲିସୀ ବୀମିତର ତ୍ରୁଟି/ଅବହେଳା ଯାହା ଫଳରେ ତୃତୀୟ ପକ୍ଷର ବ୍ୟକ୍ତିଗତ କ୍ଷତି କିମ୍ବା ସମ୍ପତ୍ତି ନଷ୍ଟ[TPPI କିମ୍ବା TPPD] ହୋଇଥାଏ, ତାହା ଯୋଗୁଁ ଉତ୍ପନ୍ନ ହୋଇଥିବା ଦାୟିତ୍ୱକୁ ସୁରକ୍ଷା ଦିଏ ।

ଔଦ୍ୟୋଗିକ ସଙ୍କଟ ତଥା ହୋଟେଲ, ସିନେମା ହଲ, ଅଡିଟୋରିୟମ୍, ଆବାସିକ ପରିସର, ଅଫିସ୍, ଷ୍ଟାଡିୟମ, ଗୋଦାମ, ଏବଂ ଦୋକାନକୁ ପ୍ରଭାବିତ କରୁଥିବା ଭଳି ଅଣ-ଔଦ୍ୟୋଗିକ ସଙ୍କଟଗୁଡିକୁ ସୁରକ୍ଷା ଦେଉଥିବା ପୃଥକ ପଲିସୀଗୁଡିକ ଅଛନ୍ତି । ଏହା TPPI/TPPD ସମ୍ବନ୍ଧରେ, ଭାରତୀୟ ଆଇନ ଅନୁସାରେ ଦାବୀଦାରର ମୂଲ୍ୟ, ଶଳ୍କ ଏବଂ ଖର୍ଚ୍ଚ ସମେତ କ୍ଷତିପୂରଣକୁ ଦେବାପାଇଁ ବୈଧିକ ଦାୟିତ୍ୱକୁ ସୁରକ୍ଷା ପ୍ରଦାନ କରେ ।

ପଲିସୀଟି ନିମ୍ନଗୁଡିକୁ ସୁରକ୍ଷା ପ୍ରଦାନ କରେ ନାହିଁ:

a) ଉତ୍ପାଦ ଦାୟିତ୍ୱ

b) ପ୍ରଦୂଷଣ ଦାୟିତ୍ୱ

c) ପରିବହନ ଏବଂ

d) ଶ୍ରମିକ/କର୍ମଚାରୀମାନଙ୍କ ହୋଇଥିବା କ୍ଷତ

3. **ଉତ୍ପାଦ ଦାୟିତ୍ୱ ପଲିସୀ**

ଉତ୍ପାଦ ଦାୟିତ୍ୱ ବୀମା ପାଇଁ ଦାବୀ, ବ୍ୟାପକ ଭିନ୍ନ ଭିନ୍ନ ପ୍ରକାରର ଉତ୍ପାଦ (ଉ.ସ୍ୱ. କ୍ୟାନ୍ଡ ଖାଦ୍ୟ ଦ୍ରବ୍ୟ, ବାୟୁଯୁକ୍ତ ପାଣି, ଔଷଧ ଓ ଇନଜେକଶନ୍, ବୈଦ୍ୟୁତିକ ଉପକରଣ, ଯାନ୍ତ୍ରିକ ଉପକରଣ, ରାସାୟନିକ ଦ୍ରବ୍ୟ ଇତ୍ୟାଦି) ଯେଉଁଗୁଡିକ ଆଜିକାଲି ନିର୍ମିତ ଏବଂ ଜନତା ପାଇଁ ବିକ୍ରି କରାଯାଇ ଥାଏ, ସେହି ଗୁଡିକର କାରଣରୁ ଉତ୍ପନ୍ନ ହୋଇଛି । ଯଦି ଉତ୍ପାଦରେ ଥିବା ଏକ ତ୍ରୁଟି ତୃତୀୟ ପକ୍ଷର ମୃତ୍ୟୁ, ଶାରୀରିକ କ୍ଷତ କିମ୍ବା ରୋଗ କିମ୍ବା ସେମାନଙ୍କ ସମ୍ପତ୍ତିର କ୍ଷତିର ମଧ କାରଣ ହୋଇଥାଏ, ଏହା ଏକ ଦାବୀ ଉତ୍ପନ୍ନ କରିବାର କାରଣ ହୋଇପାରେ । ଉତ୍ପାଦ ଦାୟିତ୍ୱ ପଲିସୀଗୁଡିକ ବୀମିତର ଏହି ଦାୟିତ୍ୱକୁ ସୁରକ୍ଷା ପ୍ରଦାନ କରିଥାନ୍ତି ।

ସୁରକ୍ଷାଟି ରପ୍ତାନୀ ଏବଂ ଘରୋଇ ବିକ୍ରୟ ପାଇଁ ମଧ ଉପଲବ୍ଧ ଅଛି ।

4. **ଉତ୍ତୋଳନ (ତୃତୀୟ ପକ୍ଷ) ଦାୟିତ୍ୱ ବୀମା/Lift (Third Party) Liability**

ପଲିସୀଟି ଲିଫ୍ଟ (ଉତ୍ତୋଳନ) ର ଉପଯୋଗ ଓ ସଂଚାଳନ ଠାରୁ ଉପୁଜିଥିବା ଦାୟିତ୍ୱ ପ୍ରସଙ୍ଗରେ ବିଲ୍ଡିଙ୍ଗ୍ ର ମାଲିକମାନଙ୍କ ପାଇଁ କ୍ଷତିପୂର୍ତ୍ତି ପ୍ରଦାନ କରିଥାଏ । ଏହା ନିମ୍ନଗୁଡିକ ପାଇଁ ବୈଧିକ ଦାୟିତ୍ୱଗୁଡିକୁ ସୁରକ୍ଷା ଦେଇଥାଏ:

a) କୌଣସି ବ୍ୟକ୍ତି (ବୀମିତର କର୍ମଚାରୀମାନଙ୍କୁ ବହିର୍ଭୁତ କରି) ର ମୃତ୍ୟୁ/ଶାରୀରିକ କ୍ଷତ

b) (ବୀମିତର ନିଜ କିମ୍ବା ବୀମିତର ସମ୍ପତ୍ତି ବ୍ୟତୀତ) ସମ୍ପତ୍ତିର ନଷ୍ଟ

ପ୍ରିମିୟମ ଦରଗୁଡିକ କ୍ଷତିପୂର୍ତ୍ତିର ସୀମା, କୌଣସି ଜଣେ ବ୍ୟକ୍ତି, କୌଣସି ଗୋଟିଏ ଦୁର୍ଘଟଣା ଏବଂ କୌଣସି ଗୋଟିଏ ବର୍ଷ ଉପରେ ନିର୍ଭର କରନ୍ତି ।

5. **ବ୍ୟବସାୟିକ/ପେଶା ସଂପୃକ୍ତ ଦାୟିତ୍ୱ**

ବ୍ୟବସାୟିକ/ପେଶା ସଂପୃକ୍ତ କ୍ଷତିପୂର୍ତ୍ତି ଗୁଡିକର ଅଭିକଳ୍ପନା ସେମାନଙ୍କ ବୃତ୍ତିଗତ କର୍ତ୍ତବ୍ୟର ସମ୍ପାଦନରେ ଅବହେଳନା ଠାରୁ ଉତ୍ପନ୍ନ ହୋଇଥିବା କ୍ଷତିର ପ୍ରଦାନ ପାଇଁ ସେମାନଙ୍କ ବୈଧିକ ଦାୟିତ୍ୱ ବିରୁଦ୍ଧରେ ବୃତ୍ତିଗତ ଲୋକମାନଙ୍କୁ ବୀମା ସୁରକ୍ଷା ପ୍ରଦାନ କରିବା ପାଇଁ କରାଯାଇଛି । ସେଭଳି ସୁରକ୍ଷାଗୁଡିକ ଡାକ୍ତର, ଡାକ୍ତରଖାନା; ଇଞ୍ଜିନିୟର୍, ବାସ୍ତୁଶିଳ୍ପୀ; ଚାର୍ଟର୍ଡ ଏକାଉଣ୍ଟେଣ୍ଟ, ଆର୍ଥିକ ପରାମର୍ଶଦାତା, ଓକିଲ, ବୀମା ଦଲାଲମାନଙ୍କ ପାଇଁ ଉପଲବ୍ଧ ଅଛନ୍ତି ।

6. **ନିର୍ଦ୍ଦେଶକ ଏବଂ ଅଧିକାରୀମାନଙ୍କ ଦାୟିତ୍ୱ ପଲିସୀ**

ଏକ କମ୍ପାନୀର ନିର୍ଦ୍ଦେଶକ ଏବଂ ଅଧିକାରୀମାନେ ବିଶ୍ୱାସ ଓ ଦାୟିତ୍ୱର ପଦବୀ ଧାରଣ କରିଥାନ୍ତି । ସେମାନେ କମ୍ପାନୀର କାର୍ଯ୍ୟକଳାପର ପର୍ଯ୍ୟବେକ୍ଷଣ ଓ ପ୍ରବନ୍ଧନରେ ସେମାନଙ୍କ ଦ୍ୱାରା କରାଯାଇଥିବା ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ, କମ୍ପାନୀର ଅଂଶଧାରକ, କର୍ମଚାରୀ, କ୍ରେଡିଟର ଏବଂ ଅନ୍ୟାନ୍ୟ ହିତଧାରକମାନଙ୍କର କ୍ଷତି ପାଇଁ ରାଶି ପ୍ରଦାନ କରିବାକୁ ଦାୟୀ ହୋଇ ପାରନ୍ତି । ସେଭଳିଆ ଦାୟିତ୍ୱକୁ ସୁରକ୍ଷା ଦେବା ପାଇଁ ଏକ ପଲିସୀ ପ୍ରସ୍ତୁତ କରାଯାଇଛି ଏବଂ ସେମାନଙ୍କ ସମସ୍ତ ନିର୍ଦ୍ଦେଶକ ମାନଙ୍କୁ ସୁରକ୍ଷା ଦେବାପାଇଁ ଏହାକୁ କମ୍ପାନୀପାଇଁ ଜାରୀ କରିଛନ୍ତି ।

7. **କର୍ମଚାରୀମାନଙ୍କ କ୍ଷତିପୂରଣ ବୀମା**

ଏହି ପଲିସୀ, ବୀମିତ ତାର କର୍ମଚାରୀ, ଯେଉଁମାନେ ଦୁର୍ଘଟଣା ଦ୍ୱାରା ବ୍ୟକ୍ତିଗତ କ୍ଷତି ସହ୍ୟ କରିଥାନ୍ତି କିମ୍ବା ତାର ନିଯୁକ୍ତି ସମୟରେ ଏବଂ ମଧ୍ୟରୁ ଉତ୍ପନ୍ନ ହୋଇଥିବା ରୋଗରେ ଆକ୍ରାନ୍ତ ହୋଇଥାନ୍ତି, ସେମାନଙ୍କୁ କ୍ଷତିପୂରଣ ଦେବାର ତାହାର ବୈଧିକ ଦାୟିତ୍ୱ ପରିପ୍ରେକ୍ଷୀରେ, ବୀମିତକୁ କ୍ଷତିପୂର୍ତ୍ତି ପ୍ରଦାନ କରେ । ଏହାକୁ ଶ୍ରମିକ କ୍ଷତିପୂରଣ ବୀମା ମଧ୍ୟ କୁହାଯାଏ ।

ବଜାରରେ ଦୁଇ ପ୍ରକାରର ବୀମା ପ୍ରଚଳିତ ଅଛି:

a) **ସାରଣୀ A :** କର୍ମଚାରୀ କ୍ଷତିପୂରଣ ଅଧିନିୟମ, 1923, (ଶ୍ରମିକ କ୍ଷତିପୂରଣ ଅଧିନିୟମ, 1923), ସାଂଘାତିକ ଦୁର୍ଘଟଣା ଅଧିନିୟମ, 1855 ଏବଂ ସାଧାରଣ ଆଇନ ଅନ୍ତର୍ଗତ କର୍ମଚାରୀମାନଙ୍କୁ ଦୁର୍ଘଟଣା ପାଇଁ ବୈଧିକ ଦାୟିତ୍ୱ ବିରୁଦ୍ଧରେ କ୍ଷତିପୂର୍ତ୍ତି ।

b) **ସାରଣୀ B:** ସାଂଘାତିକ ଦୁର୍ଘଟଣା ଅଧିନିୟମ, 1855 ଏବଂ ସାଧାରଣ ଆଇନ ଅନ୍ତର୍ଗତ ବୈଧିକ ଦାୟିତ୍ୱ ବିରୁଦ୍ଧରେ କ୍ଷତିପୂର୍ତ୍ତି ।

ପ୍ରିମିୟମ ଦରକୁ ପ୍ରସ୍ତାବ ଫର୍ମରେ ଘୋଷଣା କରାଯାଇଥିବା ଅନୁରୂପ କର୍ମଚାରୀମାନଙ୍କ ଆକଳିତ ମଜୁରୀ ଉପରେ ଲାଗୁ କରାଯାଇଥାଏ ।

ପଲିସୀଟିକୁ ନିମ୍ନଗୁଡିକୁ ସୁରକ୍ଷା ଦେବାପାଇଁ ବିସ୍ତାରିତ କରାଯାଇ ପାରେ:

i. ଏକ ନିର୍ଦ୍ଦିଷ୍ଟ ରାଶି ପର୍ଯ୍ୟନ୍ତ, କର୍ମଚାରୀଙ୍କ କ୍ଷତର ଚିକିତ୍ସା ପାଇଁ ବୀମିତ ଦ୍ୱାରା କରାଯାଇ ଥିବା ମେଡିକାଲ ଏବଂ ଡାକ୍ତରଖାନା ଖର୍ଚ୍ଚ

ii. ଅଧିନିୟମରେ ସୂଚୀଭୁକ୍ତ ବ୍ୟବସାୟିକ ରୋଗ ପାଇଁ ଦାୟିତ୍ୱ

iii. ଠିକାଦାରମାନଙ୍କ କର୍ମଚାରୀମାନଙ୍କ ପ୍ରତି ଦାୟିତ୍ୱ

**ସ୍ୱୟଂ ପରୀକ୍ଷା କରନ୍ତୁ 11**

ସାର୍ବଜନିକ ଦାୟିତ୍ୱ ବୀମା ଅଧିନିୟମ, 1991 ଅନ୍ତର୍ଗତ, ଅଣ–ସାଂଘାତିକ ଦୁର୍ଘଟଣା ପାଇଁ ବାସ୍ତବ ମେଡିକାଲ ଖର୍ଚ୍ଚ ସକାଶେ ପ୍ରଦାନଯୋଗ୍ୟ କ୍ଷତିପୂରଣ କେତେ ପରିମାଣର ହୋଇଥାଏ ?

I. ଟ. 6, 250

II. ଟ.12, 500

III. ଟ. 25,000

IV. ଟ. 50,000

---

**ସ୍ୱୟଂ ପରୀକ୍ଷା କରନ୍ତୁ ର ଉତ୍ତର**

**ଉତ୍ତର 1** -ସଠିକ୍ ବିକଳ୍ପ ହେଉଛି III

**ଉତ୍ତର 2** - ସଠିକ୍ ବିକଳ୍ପ ହେଉଛି I

**ଉତ୍ତର 3** - ସଠିକ୍ ବିକଳ୍ପ ହେଉଛି IV

**ଉତ୍ତର 4** - ସଠିକ୍ ବିକଳ୍ପ ହେଉଛି II

**ଉତ୍ତର 5** - ସଠିକ୍ ବିକଳ୍ପ ହେଉଛି I

**ଉତ୍ତର 6** - ସଠିକ୍ ବିକଳ୍ପ ହେଉଛି IV

**ଉତ୍ତର 7** - ସଠିକ୍ ବିକଳ୍ପ ହେଉଛି III

**ଉତ୍ତର 8** - ସଠିକ୍ ବିକଳ୍ପ ହେଉଛି II

**ଉତ୍ତର 9** - ସଠିକ୍ ବିକଳ୍ପ ହେଉଛି II

**ଉତ୍ତର 10** - ସଠିକ୍ ବିକଳ୍ପ ହେଉଛି III

**ଉତ୍ତର 11** - ସଠିକ୍ ବିକଳ୍ପ ହେଉଛି II

---

# ଅଧ୍ୟାୟ G-05

## ସାଧାରଣ ବୀମା ଦାବୀ

**ଅଧ୍ୟାୟ ପରିଚୟ**

କୌଣସି ବି ବୀମା ଚୁକ୍ତିର ମର୍ମରେ ହୋଇଥାଏ ଆରମ୍ଭରେ କରାଯାଇଥିବା ଏକ ପ୍ରତିଶ୍ରୁତି, ଅର୍ଥାତ୍ ଏକ ହାନିର ଘଟଣାରେ ବୀମିତର କ୍ଷତିପୂର୍ତ୍ତିକରିବା । ଏହି ଅଧ୍ୟାୟ ହାନି ଘଟିତ ହୋଇଥିବା ସମୟଠାରୁ ସଂପୃକ୍ତ କାର୍ଯ୍ୟପ୍ରଣାଳୀ (ପ୍ରକ୍ରିୟା) ଏବଂ ସଂପୃକ୍ତ ଦସ୍ତାବିଜ ବିଷୟରେ ବର୍ଣ୍ଣନା କରେ, ଯାହା ଦାବୀ ସମାଧାନର ସମଗ୍ର ପ୍ରକ୍ରିୟାକୁ ବୁଝିବା ପାଇଁ ଅଧିକ ସରଳ କରିଦିଏ । ଏହା ବୀମିତ ଦ୍ୱାରା ହୋଇଥାଉ ଅଥବା ବୀମାକର୍ତ୍ତା ଦ୍ୱାରା ହୋଇଥାଉ, ବିବାଦଗ୍ରସ୍ତ ଦାବୀଗୁଡିକ ସହିତ ମୁକାବିଲା କରିବାର ପଦ୍ଧତିକୁ ମଧ୍ୟ ବ୍ୟାଖ୍ୟା କରେ ।

**ଅଧ୍ୟୟନ ପରିଣାମ**

A. ଦାବୀ ସମାଧାନ ପ୍ରକ୍ରିୟା

B. ସର୍ବେକ୍ଷକ ଏବଂ ହାନି ମୂଲ୍ୟାଙ୍କକମାନଙ୍କ ଭୂମିକା

---

ଏହି ଅଧ୍ୟାୟର ଅଧ୍ୟୟନ ପରେ, ଆପଣମାନେ ସକ୍ଷମ ହେବା ଉଚିତ୍:

1. ଦାବୀ ସମାଧାନ କାର୍ଯ୍ୟଗୁଡିକର ମହତ୍ୱ ସମ୍ବନ୍ଧରେ ତର୍କ କରିବା ପାଇଁ
2. ହାନିର ସୂଚନା ପାଇଁ କାର୍ଯ୍ୟପ୍ରଣାଳୀଗୁଡିକୁ ବର୍ଣ୍ଣନା କରିବା ପାଇଁ
3. ଦାବୀ ଅନୁସନ୍ଧାନ ଓ ମୂଲ୍ୟାଙ୍କନ କୁ  ଆଙ୍କିବା ପାଇଁ
4. ସର୍ବେକ୍ଷକ ଏବଂ ହାନି ମୂଲ୍ୟାଙ୍କକମାନଙ୍କ ମହତ୍ୱକୁ ବ୍ୟାଖ୍ୟା କରିବା ପାଇଁ
5. ଦାବୀ ଫର୍ମଗୁଡିକର ବିଷୟବସ୍ତୁକୁ ଦୃଷ୍ଟାନ୍ତ ମାଧ୍ୟମରେ ସ୍ୱଷ୍ଟ କରିବା ପାଇଁ
6. ଦାବୀ ସମାୟୋଜନ ଏବଂ ସମାଧାନ କୁ ପରିଭାଷିତ କରିବା ପାଇଁ

## A. ଦାବୀ ସମାଧାନ ପ୍ରକ୍ରିୟା

### 1. ଦାବୀ ସମାଧାନ ର ମହତ୍ୱ

ଏକ ବୀମା କମ୍ପାନୀର ସବୁଠୁ ମହତ୍ୱପୂର୍ଣ୍ଣ କାର୍ଯ୍ୟ ହେଉଛି ଏକ ହାନି ଘଟଣା ଘଟିତ ହେବାରେ ପଲିସୀଧାରକମାନଙ୍କ ଦାବୀସବୁର ସମାଧାନ କରିବା । ବୀମାକର୍ତ୍ତା ପଲିସୀଧାରକକୁ ରାଶି ପ୍ରଦାନ କରି କିମ୍ବା ଏକ ତୃତୀୟ ପକ୍ଷ ଦ୍ୱାରା ପଲିସୀଧାରକ ବିରୁଦ୍ଧରେ କରାଯାଇଥିବା ଦାବୀକୁ ପ୍ରଦାନ କରି, ତତ୍କାଳିକ, ନିରପେକ୍ଷ ଓ ନ୍ୟାୟସଙ୍ଗତ ସେବା ପ୍ରଦାନ କରିବା ମାଧ୍ୟମରେ ଏହି ପ୍ରତିଶ୍ରୁତିକୁ ପୂରଣ କରିଥାଏ ।

ଗୋଟିଏ ଅଣ-ଜୀବନ ବୀମା କମ୍ପାନୀର ଏହାର ପରିଷଦ ପ୍ରକୋଷ୍ଠରେ ଅଭିଲେଖ ଥିଲା "ନିଶ୍ଚୟ ରାଶି ପ୍ରଦାନ କରନ୍ତୁ ଯଦି ଆପଣ ପାରିବେ; ଖଣ୍ଡନ କରନ୍ତୁ ଯଦି ଅନିବାର୍ଯ୍ୟ" । ଏହା ହେଉଛି ବୀମାର ମହାନ ବ୍ୟବସାୟର ଭାବନା ।

ବ୍ୟବସାୟିକ ରୂପେ ଦାବୀଗୁଡିକର ସମାଧାନ କରିବାକୁ ଏକ ବୀମା କମ୍ପାନୀ ପାଇଁ ସବୁଠୁ ବଡ଼ ବିଜ୍ଞାପନ ରୂପେ ବିଚାର କରାଯାଏ ଏବଂ ଗ୍ରାହକ ମାନସରେ ବିଶ୍ୱାସ ସମ୍ପନ୍ନ କରାଏ ।

#### a) ତତ୍ପରତା

ଦାବୀର ତ୍ୱରିତ ସମାଧାନ, ବୀମିତଟି ଏକ କର୍ପୋରେଟ କ୍ଲାଏଣ୍ଟ ହୋଇଥାଉ ଅଥବା ଏକ ବ୍ୟକ୍ତି କିମ୍ବା ହାନିର ଆକାର ବଡ଼ ଅଥବା ଛୋଟ ହୋଇଥାଉ, ଏହା ଅତି ମହତ୍ୱପୂର୍ଣ୍ଣ ହୋଇଥାଏ । ଏହାକୁ ନିଶ୍ଚିତ ରୂପେ ବୁଝିବା ଉଚିତ୍ ଯେ ବୀମିତ ହାନି ପରେ ଯେତେ ଶୀଘ୍ର ସମ୍ଭବ, ବୀମା କ୍ଷତିପୂରଣ ଆବଶ୍ୟକ କରେ ।

ଯଦି ତାକୁ ଟଙ୍କା ତୁରନ୍ତ ମିଳେ, ଏହା ତାର ସର୍ବାଧିକ ଉପଯୋଗରେ ଆସିଥାଏ । ଯେତେବେଳେ ବୀମିତ ଏହାକୁ ସର୍ବାଧିକ ଆବଶ୍ୟକ କରେ ହାନି ପରେ ଯେତେ ଶୀଘ୍ର ସମ୍ଭବ , ଦାବୀ ରାଶିକୁ ପ୍ରଦାନ କରିବା ବୀମା କମ୍ପାନୀ କର୍ତ୍ତବ୍ୟ ହୋଇଥାଏ ।

#### b) ଉଚ୍ଚ ବ୍ୟବସାୟିକ ମାନଦଣ୍ଡ

ବୀମା କାର୍ଯ୍ୟକର୍ତ୍ତାମାନେ ଏହାର ଯୋଗ୍ୟତା ଉପରେ ପ୍ରତ୍ୟେକ ଦାବୀକୁ ବିଚାର କରିଥାନ୍ତି ଏବଂ ସମସ୍ତ ଦସ୍ତାବଜ ଯାହାସବୁ ନିମ୍ନ ପ୍ରଶ୍ନଗୁଡିକର ଉତ୍ତର ଦେଇ ପାରନ୍ତି, ସେଗୁଡିକୁ ଯାଞ୍ଚ କରିବା ବିନା ଦାବୀକୁ ଅଗ୍ରାହ୍ୟ କରିବାକୁ ପକ୍ଷପାତିତା କିମ୍ବା ପୂର୍ବ-କଳ୍ପିତ ବିଚାରର ପ୍ରୟୋଗ କରି ନ ଥାନ୍ତି ।

**i.** ହାନିଟି ବାସ୍ତବରେ ଘଟିଥିଲା କି?

**ii.** ଯଦି ଘଟିଥିଲା, ହାନି କରିଥିବା ଘଟଣା ବାସ୍ତବରେ କ୍ଷତିର କାରଣ ଥିଲା କି?

**iii.** ଏହି ଘଟଣାରୁ ହୋଇଥିବା କ୍ଷତିର ମାତ୍ରା ।

**iv.** ହାନିର କାରଣ କ'ଣ ଥିଲା?

**v.** ପଲିସୀ ଅନ୍ତର୍ଗତ ହାନିଟି ସୁରକ୍ଷାପ୍ରାପ୍ତ ହୋଇଥିଲା କି?

**vi.** ଚୁକ୍ତି/ପଲିସୀ ସର୍ତ୍ତାବଳୀ ଅନୁଯାୟୀ ଦାବୀଟି ପ୍ରଦାନ ଯୋଗ୍ୟ ଅଟେ କି?

**vii.** ଯଦି ଅଟେ, କେତେ ପରିମାଣ ପ୍ରଦାନଯୋଗ୍ୟ ହୋଇଥାଏ?

ଏହିସବୁ ପ୍ରଶ୍ନର ଉତ୍ତରକୁ ବୀମାକମ୍ପାନୀ ଦ୍ୱାରା ଆବିଷ୍କାର କରିବା ଆବଶ୍ୟକ ଅଟେ ।

ଦାବୀର ପ୍ରୋସେସ୍ କରିବା ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ସମସ୍ତ ଦାବୀ ଫର୍ମ, କାର୍ଯ୍ୟପ୍ରଣାଳୀ ଓ ପ୍ରକ୍ରିୟାକୁ କମ୍ପାନୀ ଦ୍ୱାରା ଧ୍ୟାନ ପୂର୍ବକ ଡିଜାଇନ କରାଯାଇଛି ଏହା ସୁନିଶ୍ଚିତ କରିବା ପାଇଁ ଯେ ପଲିସୀ ଅନ୍ତର୍ଗତ'ପ୍ରଦାନଯୋଗ୍ୟ' ସମସ୍ତ ଦାବୀକୁ ତତ୍କାଳିକ ରୂପେ ପ୍ରଦାନ କରାଯାଉଛି ଏବଂ ଯେଉଁଗୁଡିକ ପ୍ରଦାନଯୋଗ୍ୟ ନୁହେଁ ସେଗୁଡିକୁ ପ୍ରଦାନ କରାଯାଉ ନାହିଁ ।

ଅଭିକର୍ତ୍ତାଟି, କମ୍ପାନୀର ପ୍ରତିନିଧି ଓ ବୀମିତର ପରିଚିତ ହୋଇଥିବାରୁ, ତାକୁ ସୁନିଶ୍ଚିତ କରିବାକୁ ପଡିବ ଯେ ସମସ୍ତ ଆବଶ୍ୟକୀୟ ଫର୍ମକୁ ସଠିକ୍ ସୂଚନା ସହିତ ଉପଯୁକ୍ତ ରୂପେ ପୂରଣ କରାଯାଇଛି, ହାନୀର ପ୍ରମାଣ ଦେଉଥିବା ସମସ୍ତ ଦସ୍ତାବିଜକୁ ସଂଲଗ୍ନ କରାଯାଇଛି ଏବଂ ସମସ୍ତ ନିର୍ଦ୍ଧାରିତ କାର୍ଯ୍ୟପ୍ରଣାଳୀକୁ ସମୟ ଅନୁରୂପ ପାଳନ କରାଯାଉଛି ଓ କମ୍ପାନୀ ପାଖରେ ଉଚିତ୍ ରୂପେ ଦାଖଲ କରାଯାଉଛି । ହାନିର ସମୟରେ ଅଭିକର୍ତ୍ତାର ଭୂମିକା ବିଷୟରେ ପୂର୍ବରୁ ଆଲୋଚନା କରାଯାଇଛି ।

2. **ହାନିର ସୂଚନା କିମ୍ବା ନୋଟିସ୍**

ପଲିସୀ ସର୍ତ୍ତାବଳୀ ପ୍ରାବଧାନ ରଖେ ଯେ ହାନିକୁ ତୁରନ୍ତ ବୀମିତ ଦ୍ୱାରା ସୂଚୀତ କରାଯିବା ଉଚିତ୍ । ଏକ ତ୍ୱରିତ ସୂଚନାର ଉଦ୍ଦେଶ୍ୟ ହେଉଛି ଏହାର ପ୍ରାରମ୍ଭିକ ଚରଣରେ ଏକ ହାନିର ଅନୁସନ୍ଧାନ କରିବାକୁ ବୀମାକର୍ତ୍ତାକୁ ସ୍ୱୀକୃତି ଦେବା । ବିଳମ୍ବନର ପରିଣାମ ହାନି ସମ୍ବନ୍ଧୀୟ ମୂଲ୍ୟବାନ ସୂଚନାର ଅଭାବ ହୋଇପାରେ । ଏହା ବୀମାକର୍ତ୍ତାକୁ ହାନିକୁ କମ୍ କରିବା ପାଇଁ ପଦକ୍ଷେପର ପରାମର୍ଶ ଦେବାପାଇଁ ଏବଂ ଦ୍ରବକତାକୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ନେବାପାଇଁ ମଧ୍ୟ ସକ୍ଷମ କରିପାରେ । ହାନିର ସୂଚନା ଯେତେ ଶୀଘ୍ର ଯଥାର୍ଥ ରୂପେ ସମ୍ଭବ, ସେତେ ଶୀଘ୍ର ଦେବାକୁ ହୋଇଥାଏ ।

ପ୍ରାରମ୍ଭିକ ଯାଞ୍ଚ/ଅନୁସନ୍ଧାନ ପରେ, ଦାବୀପାଇଁ ଏକ ସଂଖ୍ୟା ଆବଣ୍ଟିତ କରାଯାଏ ଏବଂ ପଲିସୀ ସଂଖ୍ୟା, ବୀମିତର ନାମ, ହାନିର ମାତ୍ରାର ଆକଳନ ଭଳି ବିବରଣୀ ସହିତ, ଦାବୀ ପଞ୍ଜିକାରେ ପ୍ରବିଷ୍ଟ କରାଯାଏ, ଦାବୀର ପ୍ରୋସେସ୍ କରିବା ପାଇଁ ବର୍ତ୍ତମାନ ଏହା ପ୍ରସ୍ତୁତ ହୋଇଥାଏ ।

**କେତେକ ପ୍ରକାରର ପଲିସୀ (ଉ.ସ୍ୱ.ଚୋରୀ) ଅନ୍ତର୍ଗତ, ସୂଚନାଟି ପୋଲିସ ପ୍ରାଧିକାରୀମାନଙ୍କୁ ମଧ୍ୟ ଦେବାକୁ ପଡ଼ିଥାଏ । କାର୍ଗୋ ରେଳ ପାରବହନ ପଲିସୀ ଅନ୍ତର୍ଗତ ସୂଚନାଟିକୁ ରେଳବାଇରେ ଦେବାକୁ ପଡ଼ିଥାଏ ।**

3. **ଅନୁସନ୍ଧାନ ଏବଂ ମୂଲ୍ୟାଙ୍କନ**

**a) ବିହଙ୍ଗାବଲୋକନ**

ବୀମିତ ଠାରୁ ଦାବୀ ଫର୍ମର ପ୍ରାପ୍ତି ପରେ, ବୀମାକର୍ତ୍ତାମାନେ ହାନିର ଅନୁସନ୍ଧାନ ଏବଂ ମୂଲ୍ୟାଙ୍କନ ବିଷୟରେ ନିର୍ଣ୍ଣୟ ନିଅନ୍ତି । ଯଦି ଦାବୀର ପରିମାଣ କମ୍ ହୋଇଥାଏ, ହାନିର କାରଣ ଓ ମାତ୍ରାକୁ ନିର୍ଦ୍ଧାରିତ କରିବା ପାଇଁ, ବୀମାକର୍ତ୍ତାଙ୍କ ଏକ ଅଧିକାରୀ ଦ୍ୱାରା ଅନୁସନ୍ଧାନ/ଯାଞ୍ଚ କରାଯାଇଥାଏ ।

ଅନ୍ୟ ଦାବୀଗୁଡିକର ଅନୁସନ୍ଧାନକୁ ସ୍ୱତନ୍ତ୍ର ଲାଇସେନ୍ସ ପ୍ରାପ୍ତ ପ୍ରଫେଶନାଲ୍ ସର୍ବେକ୍ଷକମାନଙ୍କ ଉପରେ ନ୍ୟସ୍ତ କରାଯାଇଥାଏ ଯେଉଁମାନେ ହାନି ମୂଲ୍ୟାଙ୍କନରେ ବିଶେଷଜ୍ଞ ହୋଇଥାନ୍ତି । ସ୍ୱତନ୍ତ୍ର ସର୍ବେକ୍ଷକମାନଙ୍କ ଦ୍ୱାରା ହାନିର ମୂଲ୍ୟାଙ୍କନ ଏହି ସିଦ୍ଧାନ୍ତ ଆଧାରରେ ହୋଇଥାଏ ଯେ ଯେହେତୁ ଉଭୟ ବୀମାକର୍ତ୍ତା ଓ ବୀମିତ ହିତଧାରକ ପକ୍ଷ ହୋଇଥାନ୍ତି, ଏକ ସ୍ୱତନ୍ତ୍ର ପ୍ରଫେଶନାଲ ବ୍ୟକ୍ତିର ନିରପେକ୍ଷ ମତ ଉଭୟ ପକ୍ଷ ପାଇଁ ଏବଂ କୌଣସି ବିବାଦ ଘଟଣାରେ ଆଇନ ଅଦାଲତ ପାଇଁ ସ୍ୱୀକାର୍ଯ୍ୟ ହେବା ଉଚିତ୍ ।

**b) ଦାବୀ ମୂଲ୍ୟାଙ୍କନ**

ଅଗ୍ନି କ୍ଷେତ୍ରରେ ଦାବୀକୁ ସହାୟକ ଦସ୍ତାବିଜ ସହିତ ସର୍ବେକ୍ଷଣ ରିପୋର୍ଟର ଆଧାରରେ ମୂଲ୍ୟାଙ୍କିତ କରାଯାଏ, ଯେଉଁଠି ଆବଶ୍ୟକ ପୋଲିସ ରିପୋର୍ଟ/ଫାୟାର ବିଗ୍ରେଡ୍ ରିପୋର୍ଟ, ଯାଞ୍ଚକର୍ତ୍ତାର ରିପୋର୍ଟ ମଧ୍ୟ ପ୍ରାପ୍ତ କରାଯାଏ । ବ୍ୟକ୍ତିଗତ ଦୁର୍ଘଟଣା ଦାବୀ ପାଇଁ, ବୀମିତକୁ, ଚିକିତ୍ସା କରୁଥିବା ଡାକ୍ତରଙ୍କ ଠାରୁ ଦୁର୍ଘଟଣାର କାରଣ କିମ୍ବା ରୋଗର ସ୍ୱରୂପ ଯାହା ବି ପ୍ରକରଣ ହୋଇଥାଉ, ଏବଂ ଅପଙ୍ଗତାର ଅବଧିକୁ ବିନିର୍ଦ୍ଦିଷ୍ଟ କରୁଥିବା ଏକ ରିପୋର୍ଟ ଦାଖଲ କରିବା ଆବଶ୍ୟକ ହୋଇଥାଏ ।

ପଲିସୀ ସର୍ତ୍ତାବଳୀ ଅନ୍ତର୍ଗତ, ବୀମାକର୍ତ୍ତାମାନେ ଏକ ସ୍ୱତନ୍ତ୍ର ମେଡିକାଲ ପରୀକ୍ଷଣର ବ୍ୟବସ୍ଥା କରିବାର ଅଧିକାର ରଖିଥାନ୍ତି । "ଶ୍ରମିକ କ୍ଷତିପୂରଣ" ଦାବୀଗୁଡିକର ସହାୟକ ରୂପେ ମେଡିକାଲ ପ୍ରମାଣର ମଧ୍ୟ ଆବଶ୍ୟକତା ରହିଥାଏ । ପଶୁଧନ ଏବଂ ଗୋଧନ ଦାବୀଗୁଡିକୁ ଏକ ପଶୁ ଡାକ୍ତରଙ୍କ ରିପୋର୍ଟ ଆଧାରରେ ମୂଲ୍ୟାଙ୍କିତ କରାଯାଇ ଥାଏ ।

**ସୂଚନା**

ହାନି କିମ୍ବା କ୍ଷତିର ସୂଚନା ପ୍ରାପ୍ତି ପରେ ବୀମାକର୍ତ୍ତାମାନେ ଯାଞ୍ଚ କରନ୍ତି ଯେ:

1. ହାନି କିମ୍ବା କ୍ଷତିର ଘଟଣା ତାରିଖରେ ବୀମା ପଲିସୀଟି ପ୍ରଭାବଶୀଳ ଅଛି କି ନାହିଁ
2. ହାନି କିମ୍ବା କ୍ଷତିଟି ଏକ ବୀମିତ ଆପଦ କାରଣରୁ ହୋଇଛି କି ନାହିଁ
3. ହାନି ଦ୍ୱାରା ପ୍ରଭାବିତ ସମ୍ପତ୍ତି (ବୀମାର ବିଷୟବସ୍ତୁ) ପଲିସୀ ଅନ୍ତର୍ଗତ ବୀମିତ ହୋଇଥିବା ସମ୍ପତ୍ତି ଅଟେ କି ନାହିଁ
4. ହାନିର ସୂଚନା କୌଣସି ବିଳମ୍ବନ ବିନା ପ୍ରାପ୍ତ ହୋଇଛି କି ନାହିଁ

---

ମୃତ୍ୟୁ ଏବଂ ବ୍ୟକ୍ତିଗତ କ୍ଷତ ସଂପୃକ୍ତ କରୁଥିବା ମୋଟର ତୃତୀୟ ପକ୍ଷ ଦାବୀଗୁଡିକୁ ଡାକ୍ତରଙ୍କ ରିପୋର୍ଟ ଆଧାରରେ ମୂଲ୍ୟାଙ୍କିତ କରାଯାଇଥାଏ । ଏହି ଦାବୀଗୁଡିକୁ ମୋଟର ଦୁର୍ଘଟଣା ଦାବୀ ନ୍ୟାୟାଧିକରଣ ଦ୍ୱାରା ସଂଚାଳିତ ହୋଇଥାଏ ଏବଂ ପ୍ରଦାନ କରିବାକୁ ଥିବା ରାଶିକୁ ଦାବୀଦାରର ଆୟୁ ଏବଂ ଆୟ ଭଳି କାରକଗୁଡିକ ଦ୍ୱାରା ନିର୍ଣ୍ଣୟ କରାଯାଇଥାଏ ।

ତୃତୀୟ ପକ୍ଷ ସମ୍ପତ୍ତି କ୍ଷତିକୁ ସଂପୃକ୍ତ କରୁଥିବା ଦାବୀଗୁଡିକୁ ଏକ ସର୍ବେକ୍ଷଣ ରିପୋର୍ଟ ଆଧାରରେ ମୂଲ୍ୟାଙ୍କନ କରାଯାଇଥାଏ ।

- ✓ ମୋଟର ନିଜ କ୍ଷତି ଦାବୀକୁ ସର୍ବେକ୍ଷକଙ୍କ ରିପୋର୍ଟ ଆଧାରରେ ମୂଲ୍ୟାଙ୍କନ କରାଯାଇଥାଏ ।
- ✓ ଏଥିରେ ପୋଲିସ ରିପୋର୍ଟ ଆବଶ୍ୟକ ହୋଇପାରେ ଯଦି ତୃତୀୟ ପକ୍ଷ କ୍ଷତି ସଂପୃକ୍ତ ଥାଏ ।

**ସୂଚନା**

ଅନୁସନ୍ଧାନ ହାନିର ମୂଲ୍ୟାଙ୍କନଠାରୁ ଭିନ୍ନ ଅଟେ । ଅନୁସନ୍ଧାନକୁ ଏହା ସୁନିଶ୍ଚିତ କରିବା ପାଇଁ କରାଯାଏ ଯେ ଏକ ବୈଧ ଦାବୀ କରାଯାଇଛି ଏବଂ ମହତ୍ୱପୂର୍ଣ୍ଣ ବିବରଣୀକୁ ସତ୍ୟାପିତ କରାଯାଇଛି ଏବଂ ବୀମାଯୋଗ୍ୟ ହିତର ଅନୁପସ୍ଥିତି, ଆବଶ୍ୟକୀୟ ତଥ୍ୟକୁ ଲୁଚାଇବା କିମ୍ବା ମିଥ୍ୟା ଉପସ୍ଥାପନା, ଜାଣିଶୁଣି ହାନି ସୃଷ୍ଟି କରିବା, ଇତ୍ୟାଦି ଭଳି ସନ୍ଦେହସବୁକୁ ବରଖାସ୍ତ କରାଯାଇଥାଏ ।

---

ବୀମା ସର୍ବେକ୍ଷକମାନେ ଅନୁସନ୍ଧାନର କାର୍ଯ୍ୟକୁ ମଧ୍ୟ ନେଇଥାନ୍ତି । ଏହା ସାହାଯ୍ୟ କରିଥାଏ ଯଦି ଏକ ସର୍ବେକ୍ଷକ ଯେତେ ଶୀଘ୍ର ସମ୍ଭବ କାର୍ଯ୍ୟକୁ ହାତକୁ ନେଇଥାଏ । ତେଣୁକରି, ଦାବୀର ସୂଚନା ପାଇବା ପରେ ଯେତେ ଶୀଘ୍ର ସମ୍ଭବ, ସର୍ବେକ୍ଷକ ନିଯୁକ୍ତି କରିବାର ପ୍ରଥା ରହିଥାଏ ।

## B. ସର୍ବେକ୍ଷକ ଏବଂ ହାନି ମୂଲ୍ୟାଙ୍କକମାନଙ୍କ ଭୂମିକା

### a) ସର୍ବେକ୍ଷକ

ସର୍ବେକ୍ଷକମାନେ ଆଇ.ଆର୍.ଡି.ଏ.ଆଇ. ଦ୍ୱାରା ଲାଇସେନ୍ସ ପ୍ରାପ୍ତ ପ୍ରଫେଶନାଲ ହୋଇଥାନ୍ତି । ସେମାନେ ବିଶେଷ କ୍ଷେତ୍ରଗୁଡିକରେ ହାନିଗୁଡିକୁ ନିରୀକ୍ଷଣ ଓ ମୂଲ୍ୟାଙ୍କନ କରିବାରେ ବିଶେଷଜ୍ଞ ହୋଇଥାନ୍ତି । ସର୍ବେକ୍ଷକମାନଙ୍କୁ ସାଧାରଣତଃ ବୀମା କମ୍ପାନୀ ଦ୍ୱାରା ସେମାନଙ୍କୁ ନିଯୁକ୍ତ କରି, ଶୁଳ୍କ ପ୍ରଦାନ କରାଯାଇଥାଏ । ସର୍ବେକ୍ଷକ ଓ ହାନି ମୂଲ୍ୟାଙ୍କକମାନଙ୍କୁ ଏକ ଦାବୀର ସମୟରେ, ସାଧାରଣତଃ ସାଧାରଣ ବୀମା କମ୍ପାନୀମାନଙ୍କ ଦ୍ୱାରା hire କରି ନିଆଯାଇଥାଏ । ସେମାନେ ସଂଶ୍ଳିଷ୍ଟ ସମ୍ପତ୍ତିର ନିରୀକ୍ଷଣ କରନ୍ତି, ହାନିର କାରଣ ଓ ପରିସ୍ଥିତିଗୁଡ଼ିକୁ ଯାଞ୍ଚ ଓ ସତ୍ୟାପିତ କରନ୍ତି । ସେମାନେ ହାନିର ମାତ୍ରାର ଆକଳନ ମଧ୍ୟ କରନ୍ତି ଏବଂ ବୀମା କମ୍ପାନୀ ନିକଟରେ ରିପୋର୍ଟ ଦାଖଲ କରନ୍ତି ।

ସେମାନେ ଅଧିକ ହାନିକୁ ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ସମ୍ବନ୍ଧରେ, ବୀମାକର୍ତ୍ତାମାନଙ୍କୁ ପରାମର୍ଶ ମଧ୍ୟ ଦେଇଥାନ୍ତି । ସର୍ବେକ୍ଷକମାନେ ବୀମା ଅଧିନିୟମ 1938, ବୀମା ନିୟମାବଳୀ 1939 ଏବଂ ଆଇ.ଆର୍.ଡି.ଏ.ଆଇ. ଦ୍ୱାରା ଜାରୀ କରାଯାଇଥିବା ବିଶେଷ ବିନିୟମନର ପ୍ରାବଧାନଗୁଡିକ ଦ୍ୱାରା ପରିଚାଳିତ ହୋଇଥାନ୍ତି ।

ରପ୍ତାନୀ ପାଇଁ 'ଯାତ୍ରା ପଲିସୀ' କିମ୍ବା 'ସାମୁଦ୍ରିକ ଖୋଲା ସୁରକ୍ଷା' କ୍ଷେତ୍ରରେ ଦେଶ ବାହାରେ କରାଯାଇଥିବା ଦାବୀଗୁଡ଼ିକୁ, ପଲିସୀରେ ନାମିତ ବିଦେଶର ଦାବୀ ବନ୍ଦୋବସ୍ତ ଅଭିକର୍ତ୍ତାମାନଙ୍କ ଦ୍ୱାରା ମୂଲ୍ୟାଙ୍କିତ କରାଯାଇଥାଏ । ଏହି ଅଭିକର୍ତ୍ତାମାନେ ହାନିର ମୂଲ୍ୟାଙ୍କନ ଏବଂ ରାଶି ପ୍ରଦାନ କରିପାରନ୍ତି, ଯାହାର ପ୍ରତିପୂର୍ତ୍ତି ସେମାନଙ୍କ ବନ୍ଦୋବସ୍ତ ଶୁଳ୍କ ସହିତ ବୀମାକର୍ତ୍ତାମାନଙ୍କ ଦ୍ୱାରା କରାଯାଇଥାଏ । ବୈକଳ୍ପିକ ରୂପେ, ବୀମା ଦାବୀ ବନ୍ଦୋବସ୍ତ କରୁଥିବା ଅଭିକର୍ତ୍ତାମାନଙ୍କ ଦ୍ୱାରା ସମସ୍ତ ଦାବୀ ଦସ୍ତାବିଜଗୁଡ଼ିକୁ ସଂଗ୍ରହ କରାଯାଇଥାଏ ଏବଂ ସେମାନଙ୍କ ମୂଲ୍ୟାଙ୍କନ ସହିତ, ବୀମାକର୍ତ୍ତାମାନଙ୍କ ନିକଟରେ ଦାଖଲ କରାଯାଇଥାଏ ।

**ମହତ୍ତ୍ୱପୂର୍ଣ୍ଣ**

**ବୀମା ଅଧିନିୟମର ଧାରା 64** UM

ମୋଟର ନିଜ କ୍ଷତି ପାଇଁ ପଚାଶ ହଜାର ଟଙ୍କା ଠାରୁ ଅଧିକ ଏବଂ ଅନ୍ୟ ସମ୍ପତ୍ତି କ୍ଷତି ପାଇଁ ଏକ ଲକ୍ଷ ଟଙ୍କା ଠାରୁ ଅଧିକର ଦାବୀ ପାଇଁ, ବୀମାକର୍ତ୍ତାମାନେ ସେଭଳି ଦାବୀଗୁଡିକର ମୂଲ୍ୟାଙ୍କନ ପାଇଁ ସର୍ବେକ୍ଷକମାନଙ୍କୁ ନିଯୁକ୍ତି ଦେବା ଆବଶ୍ୟକ କରିଥାନ୍ତି । ଅନ୍ୟାନ୍ୟ ଦାବୀ ପାଇଁ ବୀମାକର୍ତ୍ତାମାନେ ମୂଲ୍ୟାଙ୍କନ ପାଇଁ ଅନ୍ୟାନ୍ୟ ବ୍ୟକ୍ତି (ଏକ ସର୍ବେକ୍ଷକ କିମ୍ବା ହାନି ମୂଲ୍ୟାଙ୍କକ ରୂପେ ନିଯୁକ୍ତ ହେବା ପାଇଁ ଏହି ସମୟ ପାଇଁ ଅଯୋଗ୍ୟ ନ ହୋଇଥିବା ଏକ ବ୍ୟକ୍ତି) ଙ୍କୁ ନିଯୁକ୍ତ କରିପାରନ୍ତି ।

## 5. ଦାବୀ ଫର୍ମ

ଦାବୀ ଫର୍ମର ବିଷୟବସ୍ତୁ ପ୍ରତ୍ୟେକ ଶ୍ରେଣୀର ବୀମା ପାଇଁ ଭିନ୍ନ ଭିନ୍ନ ହୋଇଥାଏ । ସାଧାରଣ ରୂପେ ଦାବୀ ଫର୍ମକୁ, ହାନିର ପରିସ୍ଥିତି, ଯଥା ହାନିର ତାରିଖ, ସମୟ, ହାନିର କାରଣ, ହାନିର ମାତ୍ରା, ଇତ୍ୟାଦି ସମ୍ବନ୍ଧୀୟ ସଂପୂର୍ଣ୍ଣ ସୂଚନା ପାଇବାକୁ ଡିଜାଇନ୍ କରାଯାଇଥାଏ । ଅନ୍ୟ ପ୍ରଶ୍ନଗୁଡିକ ଗୋଟିଏ ଶ୍ରେଣୀର ବୀମା ଠାରୁ ଅନ୍ୟ ଏକ ପାଇଁ ଭିନ୍ନ ଭିନ୍ନ ହୋଇଥାଏ ।

**ଉଦାହରଣ**

ଏକ ଅଗ୍ନି ଦାବୀ ଫର୍ମରେ ମଗାଯାଇଥିବା ସୂଚନାର ଏକ ଉଦାହରଣ ଏଠି ତଳେ ଦିଆଯାଇଛି:

i. ବୀମିତର ନାମ, ପଲିସୀ ସଂଖ୍ୟା ଏବଂ ଠିକଣା

ii. ଅଗ୍ନିକାଣ୍ଡର ତାରିଖ, ସମୟ, କାରଣ ଏବଂ ପରିସ୍ଥିତି

iii. ନଷ୍ଟ ହୋଇଥିବା ସମ୍ପତ୍ତିର ବିବରଣୀ

iv. ଅଗ୍ନିକାଣ୍ଡ ସମୟରେ ସମ୍ପତ୍ତିର ସଠିକ୍ ମୂଲ୍ୟ । ଯେଉଁଠି ବୀମା ଅନେକଗୁଡିଏ ସାମଗ୍ରୀକୁ ଅନ୍ତର୍ଭୁକ୍ତ କରେ ଯାହା ଅନ୍ତର୍ଗତ ଦାବୀ କରାଯାଇଥାଏ । [ଦାବୀଟି ନିଶ୍ଚିତ ରୂପେ ମୂଲ୍ୟ ହ୍ରାସ ଘଷାଘଷି ହୋଇ ଖରାପ ହେବା ପାଇଁ ସ୍ୱୀକୃତି ପରେ ଘଟଣାର ସ୍ଥାନ ଓ ସମୟରେ ସମ୍ପତ୍ତିର ବାସ୍ତବ ମୂଲ୍ୟ ଆଧାରରେ ହୋଇଥିବା ଉଚିତ (ଯଦି ବିଲ୍ଡିଙ୍ଗ୍, କାରଖାନା ଓ ଯନ୍ତ୍ରପାତି ସମ୍ବନ୍ଧୀୟ ପଲିସୀଟି "ପୁନଃ ସ୍ଥାପନ ମୂଲ୍ୟ" ଆଧାରରେ ହୋଇ ନ ଥାଏ) । ଏହା ଲାଭକୁ ଅନ୍ତର୍ଭୁକ୍ତ କରିବ ନାହିଁ]

v. ଦ୍ରବତା ମୂଲ୍ୟକୁ କାଟିବା ପରେ ଦାବୀ କରାଯାଇଥିବା ରାଶି ପରିମାଣ

vi. ପରିସରର ଅବସ୍ଥିତି ଏବଂ ଦଖଲ/ବ୍ୟବହାର ଯାହା ମଧ୍ୟରେ ଅଗ୍ନିକାଣ୍ଡ ଘଟିଥିଲା

vii. କ୍ଷମତା ଯାହା ଉପରେ ବୀମିତ ମାଲିକ ରୂପେ ହୋଇଥାଉ, ବନ୍ଧକ ରୂପେ କିମ୍ବା ସେଭଳି ଅନ୍ୟ କିଛି ରୂପେ ହୋଇଥାଉ, ଦାବୀ କରିଥାଏ

viii. କୌଣସି ଅନ୍ୟ ବ୍ୟକ୍ତି କ୍ଷତିଗ୍ରସ୍ତ ସମ୍ପତ୍ତିରେ ଆଗ୍ରହ ପ୍ରକାଶ କରୁଛି କି

ix. ଅନ୍ୟ କୌଣସି ବୀମା ସେଭଳି ସମ୍ପତ୍ତି ଉପରେ ପ୍ରଭାବୀ ଅଛି କି, ଯଦି ହୋଇଥାଏ, ତାହାର ବିବରଣୀ

ଏହାର ପରେ ଆସିଥାଏ ଫର୍ମରେ ବକ୍ତବ୍ୟର ସତ୍ୟତା ଓ ସଠିକତା ଉପରେ ଘୋଷଣାପତ୍ର ଏବଂ ବୀମିତର ହସ୍ତାକ୍ଷର ଓ ତାରିଖ ।

ବୀମା କମ୍ପାନୀ ଦ୍ୱାରା ଦାବୀ ଫର୍ମର ଜାରୀର ନିହିତାର୍ଥ କିମ୍ବା ଅର୍ଥ ଏହା ନୁହେଁ ଯେ ଦାବୀ ପାଇଁ ଦାୟିତ୍ୱ ବୀମାକର୍ତ୍ତା ଦ୍ୱାରା ସ୍ୱୀକାର କରାଗଲା । ଦାବୀ ଫର୍ମଗୁଡିକୁ 'ପକ୍ଷପାତିତା ବିନା' ର ମନ୍ତବ୍ୟ ସହିତ ଜାରୀ କରାଯାଇଥାଏ ।

**ସହାୟକ ଦସ୍ତାବିଜ**

ଦାବୀ ଫର୍ମ ଅତିରିକ୍ତ ଦାବୀକୁ ସିଦ୍ଧ କରିବାପାଇଁ କେତେକ ଦସ୍ତାବିଜକୁ ଦାବୀଦାର ଦ୍ୱାରା ଦଖଲ କରିବା କିମ୍ବା ବୀମାକର୍ତ୍ତାମାନଙ୍କ ଦ୍ୱାରା ବନ୍ଧକ ରୂପେ ରଖିବା ଆବଶ୍ୟକ ହୋଇଥାଏ ।

i. ଅଗ୍ନି ଦାବୀ ପାଇଁ, ଫାୟାର ବିଗ୍ରେଡ୍ ଠାରୁ ଏକ ରିପୋର୍ଟ ଆବଶ୍ୟକ ହୋଇପାରେ ।

ii. ବାତ୍ୟାଜନିତ କ୍ଷତି ପାଇଁ, ମୌସମ କାର୍ଯ୍ୟାଳୟ ଠାରୁ ଏକ ରିପୋର୍ଟ ମଗାଯାଇପାରେ

iii. ଚୋରୀ ବୀମାରେ, ପୋଲିସ ଠାରୁ ଏକ ରିପୋର୍ଟ ଆବଶ୍ୟକ ହୋଇପାରେ ।

iv. ସାଂଘାତିକ ଦୁର୍ଘଟଣା ଦାବୀ ପାଇଁ, ମୃତ୍ୟୁ ସମୀକ୍ଷକ ଏବଂ ପୋଲିସ ଠାରୁ ରିପୋର୍ଟ ଆବଶ୍ୟକ ହୋଇପାରେ

v. ମୋଟର ଦାବୀ ପାଇଁ, ବୀମାକର୍ତ୍ତା ଡ୍ରାଇଭିଂ ଲାଇସେନ୍ସ, ପଞ୍ଜୀକରଣ ପୁସ୍ତିକା, ପୋଲିସ ରିପୋର୍ଟ ଇତ୍ୟାଦିକୁ ଯାଞ୍ଚ କରିବା ପସନ୍ଦ କରିପାରେ ।

vi. ସାମୁଦ୍ରିକ କାର୍ଗୋ ଦାବୀରେ, ଦସ୍ତାବିଜଗୁଡିକର ସ୍ୱରୂପ ହାନିର ପ୍ରକାର ଅର୍ଥାତ୍ ସଂପୂର୍ଣ୍ଣ ହାନି, ନିର୍ଦ୍ଦିଷ୍ଟ ସାମାନ୍ୟ, ଅନ୍ତର୍ଦେଶୀୟ କିମ୍ବା ସମୁଦ୍ରପାରୀ ପାରବହନ ଦାବୀ ଇତ୍ୟାଦି ଅନୁସାରେ ଭିନ୍ନ ଭିନ୍ନ ହୋଇପାରନ୍ତି ।

**ସ୍ୱୟଂ ପରୀକ୍ଷା କରନ୍ତୁ 1**

ନିମ୍ନ କାର୍ଯ୍ୟଗୁଡିକ ମଧ୍ୟରୁ କାହାକୁ ଦାବୀ ସମାଧାନରେ ବ୍ୟବସାୟିକ ରୂପେ ବିବେଚିତ କରାଯାଏ ନାହିଁ ?

I. ହାନିର କାରଣ ସମ୍ବନ୍ଧୀୟ ସୂଚନା ମାଗିବାକୁ

II. ଏକ ପକ୍ଷପାତିତା ସହିତ ଦାବୀ ଉପସ୍ଥାପିତ କରିବାକୁ

III. ହାନିଟି ଏକ ବୀମିତ ଆପଦର ପରିଣାମ ଅଟେ କି ନାହିଁ, ଏହା ସୁନିଶ୍ଚିତ କରିବାକୁ

IV. ଦାବୀ ଅନ୍ତର୍ଗତ ପ୍ରଦାନଯୋଗ୍ୟ ରାଶିର ନିର୍ଦ୍ଧାରଣ କରିବାକୁ

**ସ୍ୱୟଂ ପରୀକ୍ଷା କରନ୍ତୁ 2**

ରାଜ ଏକ କାର ଦୁର୍ଘଟଣାରେ ସଂପୃକ୍ତ ହୁଏ । ତା' କାରଟି ଏକ ମୋଟର ବୀମା ବ୍ୟାପକ ପଲିସୀ ଅନ୍ତର୍ଗତ ବୀମିତ ଅଟେ । ନିମ୍ନ ମଧ୍ୟରୁ କେଉଁଟି କରିବାକୁ ରାଜ ପାଇଁ ସବୁଠୁ ଉପଯୁକ୍ତ ଅଟେ?

I. ଯେତେ ଯଥାର୍ଥ ରୂପେ ସମ୍ଭବ ସେତେ ଶୀଘ୍ର ବୀମାକର୍ତ୍ତାଙ୍କୁ ହାନି ସମ୍ବନ୍ଧରେ ସୂଚୀତ କରିବା

II. ବୀମା ନୂତନୀକରଣ ସମ୍ବନ୍ଧରେ ବୀମାକର୍ତ୍ତାଙ୍କୁ ସୂଚୀତ କରିବା

III. ଏକ ଅଧିକ କ୍ଷତିପୂରଣ ପାଇବା ପାଇଁ କାରକୁ ଆହୁରି ଅଧିକ ନଷ୍ଟ କରିବା

IV. କ୍ଷତିକୁ ଅବଜ୍ଞା କରିବା

**ସ୍ୱୟଂ ପରୀକ୍ଷା କରନ୍ତୁ 3**

ଦାବୀ ଅନୁସନ୍ଧାନ ଓ ଦାବୀ ମୂଲ୍ୟାଙ୍କନ ବିଷୟରେ ନିମ୍ନ ଉକ୍ତିଗୁଡିକ ମଧ୍ୟରୁ କେଉଁଟି ସଠିକ୍ ଅଟେ ?

I. ଦାବୀ ଅନୁସନ୍ଧାନ ଓ ଦାବୀ ମୂଲ୍ୟାଙ୍କନ ସମାନ ଅଟନ୍ତି

II. ଦାବୀ ଅନୁସନ୍ଧାନ ହେଉଛି ଦାବୀର ବୈଧତାକୁ ନିର୍ଦ୍ଧାରିତ କରିବା କିନ୍ତୁ ମୂଲ୍ୟାଙ୍କନ ହେଉଛି ହାନିଟି ଏକ ବୀମିତ ଆପଦ କାରଣରୁ ହୋଇଥିଲା କି ନାହିଁ ଏହା ଜାଣିବା ଏବଂ ୱାରେଣ୍ଟିରେ କୌଣସି ଉଲ୍ଲଙ୍ଘନ ହୋଇଥିଲା କି ଏହା ଜାଣିବା

III. ଦାବୀ ମୂଲ୍ୟାଙ୍କନ ଦାବୀର ବୈଧତାକୁ ନିର୍ଦ୍ଧାରିତ କରିବା ପାଇଁ ଚେଷ୍ଟା କରେ କିନ୍ତୁ ଅନୁସନ୍ଧାନ ହାନିର କାରଣ ଓ ମାତ୍ରା ବିଷୟରେ ଅଧିକ ଚିନ୍ତିତ ଥାଏ

IV. ଦାବୀ ଅନୁସନ୍ଧାନକୁ ଦାବୀର ପ୍ରଦାନ ପୂର୍ବରୁ କରାଯାଇଥାଏ ଏବଂ ଦାବୀ ମୂଲ୍ୟାଙ୍କନ ଦାବୀ ପ୍ରଦାନ ପରେ କରାଯାଇଥଆଏ

**ସ୍ୱୟଂ ପରୀକ୍ଷା କରନ୍ତୁ 4**

ସର୍ବେକ୍ଷକମାନଙ୍କ ପାଇଁ ଲାଇସେନ୍ସ ଦେବା ପ୍ରାଧିକରଣ କିଏ ଅଟନ୍ତି ?

I. ଭାରତୀୟ ସର୍ବେକ୍ଷକ ସଂଘ

II. ସର୍ବେକ୍ଷକ ବିନିୟାମକ ଓ ବିକାଶ ପ୍ରାଧିକରଣ

III. ଭାରତୀୟ ବୀମା ବିନିୟାମକ ଓ ବିକାଶ ପ୍ରାଧିକରଣ

IV. ଭାରତ ସରକାର

***ସ୍ୱୟଂ ପରୀକ୍ଷା କରନ୍ତୁ 5***

ଏକ ବାତ୍ୟା କ୍ଷତି ଦାବୀ ଯାଞ୍ଚ କରିବା ସମୟରେ ନିମ୍ନ ଲିଖିତ ଦସ୍ତାବିଜଗୁଡିକ ମଧ୍ୟରୁ କେଉଁଟିକୁ ମଗାଯିବାର ସବୁଠୁ ଅଧିକ ସମ୍ଭାବନା ରହିଥାଏ?

I. ମୃତ୍ୟୁ ସମୀକ୍ଷକଙ୍କ ରିପୋର୍ଟ

II. ଫାୟାର ବିଗ୍ରେଡ୍ ଠାରୁ ରିପୋର୍ଟ

III. ପୋଲିସ ରିପୋର୍ଟ

IV. ମୌସମ ବିଭାଗ ଠାରୁ ରିପୋର୍ଟ

**ସ୍ୱୟଂ ପରୀକ୍ଷା କରନ୍ତୁ 6**

କେଉଁ ସିଦ୍ଧାନ୍ତ ଅନ୍ତର୍ଗତ, ବୀମାକର୍ତ୍ତା ଏକ ପଲିସୀ ଅନ୍ତର୍ଗତ ପ୍ରଦାନ କରାଯାଇଥିବା ହାନିକୁ ଏକ ତୃତୀୟ ପକ୍ଷ ଠାରୁ ପରିଶୋଧ କରାଇବା ପାଇଁ ବୀମିତର ଅଧିକାରଗୁଡିକୁ ଧାରଣ କରିପାରେ?

I. ଅଂଶଦାନ

II. ଡିସ୍ଚାର୍ଜ

III. ପ୍ରତ୍ୟାସନ/ପ୍ରତିସ୍ଥାପନ

IV. କ୍ଷତିପୂର୍ତ୍ତି

**ସ୍ୱୟଂ ପରୀକ୍ଷା କରନ୍ତୁ 7**

ଯଦି ବୀମାକର୍ତ୍ତା ନିର୍ଣ୍ଣୟ ନିଏ ଯେ ଏକ ନିର୍ଦ୍ଦିଷ୍ଟ ହାନି ପ୍ରାଦନଯୋଗ୍ୟ ନୁହେଁ କାରଣ ଏହାକୁ ପଲିସୀ ଅନ୍ତର୍ଗତ ସୁରକ୍ଷା ଦିଆଯାଏ ନାହିଁ, ତେବେ ସେସବୁ ମାମଲାର ନିର୍ଣ୍ଣୟ କିଏ ନେଇଥାଏ?

I. ବୀମାକର୍ତ୍ତାର ନିର୍ଣ୍ଣୟ ଅନ୍ତିମ ହୋଇଥାଏ

II. ଅମ୍ପାୟାର୍

III. ପଞ୍ଚ ନିର୍ଣ୍ଣାୟକ

IV. ଆଇନ ଅଦାଲତ

**ସାରାଂଶ**

a) ବ୍ୟବସାୟିକ ରୂପେ ଦାବୀଗୁଡିକର ସମାଧାନ କରିବାକୁ ଏକ ବୀମା କମ୍ପାନୀ ପାଇଁ ସବୁଠୁ ବଡ଼ ବିଜ୍ଞାପନ ରୂପେ ବିଚାର କରାଯାଏ ।

b) ପଲିସୀ ସର୍ତ୍ତାବଳୀ ପ୍ରାବଧାନ ରଖେ ଯେ ହାନିକୁ ତୁରନ୍ତ ବୀମିତ ଦ୍ୱାରା ସୂଚୀତ କରାଯିବା ଉଚିତ୍ ।

c) ଯଦି ଦାବୀର ପରିମାଣ କମ୍ ହୋଇଥାଏ, ହାନିର କାରଣ ଓ ମାତ୍ରାକୁ ନିର୍ଦ୍ଧାରିତ କରିବା ପାଇଁ, ବୀମାକର୍ତ୍ତାଙ୍କ ଏକ ଅଧିକାରୀ ଦ୍ୱାରା ଅନୁସନ୍ଧାନ/ଯାଞ୍ଚ କରାଯାଇଥାଏ । ଅନ୍ୟ ଦାବୀଗୁଡ଼ିକ ପାଇଁ ଏହାକୁ ସ୍ୱତନ୍ତ୍ର ଲାଇସେନ୍ସ ପ୍ରାପ୍ତ ପ୍ରଫେଶନାଲ୍ ସର୍ବେକ୍ଷକମାନଙ୍କ ଉପରେ ନ୍ୟସ୍ତ କରାଯାଇଥାଏ ଯେଉଁମାନେ ହାନି ମୂଲ୍ୟାଙ୍କନରେ ବିଶେଷଜ୍ଞ ହୋଇଥାନ୍ତି ।

d) ସାଧାରଣ ରୂପେ ଦାବୀ ଫର୍ମକୁ, ହାନିର ପରିସ୍ଥିତି, ଯଥା ହାନିର ତାରିଖ, ସମୟ, ହାନିର କାରଣ, ହାନିର ମାତ୍ରା, ଇତ୍ୟାଦି ସମ୍ବନ୍ଧୀୟ ସଂପୂର୍ଣ୍ଣ ସୂଚନା ପାଇବାକୁ ଡିଜାଇନ୍ କରାଯାଇଥାଏ ।

e) ଦାବୀ ମୂଲ୍ୟାଙ୍କନ ହେଉଛି ବୀମିତ ଦ୍ୱାରା ଆକ୍ରାନ୍ତ ହୋଇଥିବା ହାନିର କାରଣ ଏକ ବୀମିତ ଆପଦ ଯୋଗୁଁ ହୋଇଥିଲା କି ଏବଂ ୱାରେଣ୍ଟିର କୌଣସି ଉଲ୍ଲଘଂନ ହୋଇଥିଲା କି, ଏହା ନିର୍ଦ୍ଧାରିତ କରିବାର ପ୍ରକ୍ରିୟା । ବୀମିତ ଦ୍ୱାରା ଆକ୍ରାନ୍ତ ହୋଇଥିବା ହାନିର ମାତ୍ରା ଏବଂ ପଲିସୀ ଅନ୍ତର୍ଗତ ବୀମାକର୍ତ୍ତାର ଦାୟିତ୍ୱର ମୂଲ୍ୟାଙ୍କନ କରାଯାଏ । ଏହାକୁ ଦାବୀର ପ୍ରଦାନ ପୂର୍ବରୁ କରାଯାଇଥାଏ ।

f) ଦାବୀର ସମାଧାନ କେବଳ ପଲିସୀ ଅନ୍ତର୍ଗତ ଏକ ଡିସ୍ଚାର୍ଜ ପ୍ରାପ୍ତି କରିବା ପରେ ହିଁ କରାଯାଇଥାଏ ।

**ମୁଖ୍ୟ ପଦାବଳୀ**

a) ହାନିର ସୂଚନା

b) ଅନୁସନ୍ଧାନ (ଯାଞ୍ଚ) ଏବଂ ମୂଲ୍ୟାଙ୍କନ

c) ସର୍ବେକ୍ଷକ ଏବଂ ହାନି ମୂଲ୍ୟାଙ୍କକ

d) ଦାବୀ ଫର୍ମ

e) ସମାୟୋଜନ ଏବଂ ସମାଧାନ

**ସ୍ୱୟଂ ପରୀକ୍ଷା କରନ୍ତୁର ଉତ୍ତର**

ଉତ୍ତର 1 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 2 - ସଠିକ୍ ବିକଳ୍ପ ହେଉଛି I

ଉତ୍ତର 3 - ସଠିକ୍ ବିକଳ୍ପ ହେଉଛି II

ଉତ୍ତର 4 - ସଠିକ୍ ବିକଳ୍ପ ହେଉଛି III

ଉତ୍ତର 5 - ସଠିକ୍ ବିକଳ୍ପ ହେଉଛି IV

ଉତ୍ତର 6 - ସଠିକ୍ ବିକଳ୍ପ ହେଉଛି III

ଉତ୍ତର 7 - ସଠିକ୍ ବିକଳ୍ପ ହେଉଛି IV

# ବିଭାଗ

# ସଂଲଗ୍ନ

# ଅଧ୍ୟାୟ A-01

## ସଂଲଗ୍ନ

ଏହି ସଂଲଗ୍ନଗୁଡ଼ିକୁ ପ୍ରଦାନ କରାଯାଇଛି ଯାହାଦ୍ୱାରା ଛାତ୍ରଛାତ୍ରୀମାନେ ସାଧାରଣ ବୀମାରେ ଉପଯୋଗ ହେଉଥିବା ପ୍ରସ୍ତାବ ଫର୍ମ ବିଷୟରେ ଆହୁରି ଉତ୍ତମ ଧାରଣା ପ୍ରାପ୍ତ କରିବେ ।

### ମୋଟର ବୀମା ପ୍ରସ୍ତାବ ଫର୍ମ

**ଘରୋଇ କାର / ଦୁଇ ଚକିଆ – ପ୍ୟାକେଜ୍ ପଲିସୀ**

| | | | |
|---|---|---|---|
| ପ୍ରସ୍ତାବକଙ୍କ ନାମ | | | |
| ଯୋଗାଯୋଗ ପାଇଁ ଠିକଣା | | | |
| ଟେଲିଫୋନ ଏବଂ ଫ୍ୟାକ୍ସ ନମ୍ବର | ବୀମିତର ଚିହ୍ନିତକରଣ | ମୋବାଇଲ ନମ୍ବର: | |
| ଇ-ମେଲ ଠିକଣା | | | |
| ବ୍ୟାଙ୍କ ଆକାଉଣ୍ଟ ନମ୍ବର (SB/ଚଳିତ) | | ପ୍ୟାନ୍ (PAN) ନମ୍ବର : | |
| HPA/ | | | |
| ଆବଶ୍ୟକୀୟ | ପ୍ୟାକେଜ୍ ପଲିସୀ | | |
| ବୀମା ଅବଧି | ଠାରୁ ସମୟ....... | ତାରିଖ: | ପର୍ଯ୍ୟନ୍ତ |

**ବାହନର ବିବରଣୀ**

| ପଞ୍ଜିକରଣ ସଂଖ୍ୟା: | ଇଞ୍ଜିନ ନମ୍ବର ଏବଂ ଚ୍ୟାସିସ୍ ନମ୍ବର | ନିର୍ମାଣର ବର୍ଷ | କଳେବରର ନିର୍ମାଣ ଏବଂ ମୋଡେଲ / ପ୍ରକାର | ଘନ କ୍ଷମତା (CC) | ବସିବା କ୍ଷମତା | ରଙ୍ଗ | ବ୍ୟବହାର କରାଯାଉଥିବା ଇନ୍ଧନ |
|---|---|---|---|---|---|---|---|
| | ବୀମିତ ବାହନର ସଠିକ୍ ଚିହ୍ନିତକରଣ | | | | | | |

| | | | | | | | |
|---|---|---|---|---|---|---|---|
| ପଞ୍ଜିକରଣ ପ୍ରାଧିକରଣ – ନାମ ଏବଂ ଅବସ୍ଥିତି: | | | | | | | |
| ବାହନର ମୂଲ୍ୟ: | | | | | | | |
| ଇନ୍ ଭଏସ୍ ମୂଲ୍ୟ | ଇଲେକ୍ଟ୍ରିକ୍ / ଇଲେକ୍ଟ୍ରୋନିକ୍ ସହାୟକ ଉପକରଣ | ଅଣ-ବୈଦ୍ୟୁତିକ ସହାୟକ ଉପକରଣ | ପାର୍ଶ୍ୱ କାର / ଟ୍ରେଲର୍ | LPG/CNG କିଟ୍ | ମୋଟ ମୂଲ୍ୟ | IDV | |
| | ଏହା ଦାବୀ ସମାଧାନ ଓ ପ୍ରିମିୟମ ପାଇଁ ଆଧାର ଅଟେ | | | | | | |

| ବାହନର ଇତିହାସ | | | | | | |
|---|---|---|---|---|---|---|
| ପୂର୍ବବର୍ତ୍ତୀ ପଲିସୀ ସଂଖ୍ୟା | ସୁରକ୍ଷାର ପ୍ରକାର | ବୀମାକର୍ତ୍ତାଙ୍କ ନାମ ଏବଂ ଠିକଣା | ଅଣ-ଦାବୀ ବୋନସ୍ ର ପାତ୍ରତା | ପଲିସୀ ସମାପ୍ତିର ତାରିଖ | ଗତ 3 ବର୍ଷର ଦାବୀ ଅନୁଭୂତି | ପ୍ରଥମ କ୍ରୟ ଏବଂ ପଞ୍ଜିକରଣର ତାରିଖ |
| | | | | | | |

ସଙ୍କଟାଙ୍କନ କାରକ - ମୂଲ୍ୟ ନିର୍ଦ୍ଧାରଣ ଉପରେ ବହନ

| ବାହନର ଉପଯୋଗୀତା: | | | |
|---|---|---|---|
| ଉପଯୋଗର ଉଦ୍ଦେଶ୍ୟ | ବାହନ ପାର୍କିଙ୍ଗ୍ ର ବିବରଣୀ | ଚାଳକର ବିବରଣୀ | ଗୋଟିଏ ବର୍ଷରେ ଚାଳିଥିବା ହାରାହାରି କି.ମି. |
| ଆନନ୍ଦ ଉପଭୋଗ | ଆବୃତ୍ତ ଗ୍ୟାରେଜ୍ | ସ୍ୱୟଂ ନିଜେ | |
| ବ୍ୟବସାୟିକ | ଅନାବୃତ୍ତ ଗ୍ୟାରେଜ୍ | ବୈତନିକ/ପାରିଶ୍ରମିକ | |
| ବ୍ୟବସାୟ / ବ୍ୟାପାର | ପରିସର ମଧ୍ୟରେ | ସମ୍ବନ୍ଧୀୟ | |
| କର୍ପୋରେଟ | ସଡ଼କ ପାର୍ଶ୍ୱରେ | ବନ୍ଧୁ | |

ସ୍ୱୀକୃତ ସଙ୍କଟକୁ ବୁଝିବା ପାଇଁ ବୀମାକର୍ତ୍ତାଙ୍କୁ ସାହାଯ୍ୟ କରେ

ସଙ୍କଟ ନ୍ୟୁନୀକରଣ /ପ୍ରତିକୂଳ ସଙ୍କଟକୁ ଜାଣିବା

| ଡିସ୍କାଉଣ୍ଟ ଏବଂ ଲୋଡିଙ୍ଗ୍ : | |
|---|---|
| ସ୍ୱୈଚ୍ଛିକ ଅତିରିକ୍ତ: ଆପଣ ଅନିବାର୍ଯ୍ୟ ପିଲିସୀ ଅତିରିକ୍ତର ଉପରେ ଓ ଊର୍ଦ୍ଧ୍ୱରେ ସ୍ୱୈଚ୍ଛିକ ଅତିରିକ୍ତକୁ ଚୟନ କରିବା ପାଇଁ ଚାହାଁନ୍ତି କି | ହଁ / ନାହିଁ – ଯଦି ହଁ, ଦୟାକରି ଦୁଇଚକିଆର ପରିମାଣକୁ ବିନିର୍ଦ୍ଦିଷ୍ଟ କରନ୍ତୁ – ଟ. 500/700/1000/1500/3000 ଘରୋଇ |
| ଆପଣ ଭାରତୀୟ ଅଟୋମୋବାଇଲ ସଂଘର ସଦସ୍ୟ ଅଟନ୍ତି କି | ହଁ / ନାହିଁ ଯଦି ହଁ, ଦୟାକରି ଉଲ୍ଲେଖ କରନ୍ତୁ:<br>1. ସଂଘର ନାମ:<br>2. ସଦସ୍ୟ ସଂଖ୍ୟା: 3.ସମାପ୍ତି ତାରିଖ: |
| ବାହନଟି ARAI ଦ୍ୱାରା ଅନୁମୋଦିତ କୌଣସି ଚୋରୀ-ବିରୋଧି ଉପକରଣ ଦ୍ୱାରା ସଜ୍ଜିତ ହୋଇଛି କି | ହଁ / ନାହିଁ ଯଦି ହଁ, AASI ଦ୍ୱାରା ଜାରୀ କରାଯାଇଥିବା ପ୍ରତିଷ୍ଠାପନର ପ୍ରମାଣପତ୍ର ସଂଲଗ୍ନ କରନ୍ତୁ |
| ବାହନକୁ ଅଣ-ପାରମ୍ପରିକ ସାଧନ ଦ୍ୱାରା ଚଳାଯାଏ କି | ହଁ / ନାହିଁ ଯଦି ହଁ, ଦୟାକରି ବିବରଣୀଗୁଡିକ ଉଲ୍ଲେଖ କରନ୍ତୁ |
| ବାହନଟିକୁ ଦ୍ୱି-ଇନ୍ଧନ କିଟ୍/ ଫାଇବର୍ କାଚ ଟ୍ୟାଙ୍କ ସଜ୍ଜିତ ଦ୍ୱାରା ଚଳାଯାଏ କି | ହଁ / ନାହିଁ ଯଦି ହଁ, ଦୟାକରି ବିବରଣୀଗୁଡିକ ଉଲ୍ଲେଖ କରନ୍ତୁ |
| ଆପଣ TPPD ସୁରକ୍ଷାକୁ କେବଳ ଟ. 6000 /- ର ବୈଧାନିକ ସୀମା ପର୍ଯ୍ୟନ୍ତ ସୀମିତ ରଖିବା ପାଇଁ ଚାହାନ୍ତି କି | ହଁ / ନାହିଁ |
| ଆବଶ୍ୟକୀୟ ଅତିରିକ୍ତ ସୁରକ୍ଷା | |
| ସହାୟକ ଉପକରଣର ଚୋରୀ (ଦୁଇ ଚକିଆ କେବଳ) | |
| ଚାଳକ ପାଇଁ ବୈଧିକ ଦାୟିତ୍ୱ | |
| ବୈତନିକ ଚାଳକ ପାଇଁ PA | |
| ଅନିବାର୍ଯ୍ୟ: ମାଲିକ ଚାଳକ ପାଇଁ ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା | |

କମ୍ପାନୀ ପଲିସୀ ଅନୁଯାୟୀ ଲୋଡିଙ୍ଗ୍ ଏବଂ ଡିସ୍କାଉଣ୍ଟ ପାଇଁ ବିଚାର କରାଯାଉଥିବା ସଙ୍କଟାଙ୍କନ କାରକ

| | |
|---|---|
| ମାଲିକ ଚାଳକ ପାଇଁ ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା ଅନିବାର୍ଯ୍ୟ ଅଟେ । ଦୟାକରି ନାମିତୀକରଣର ବିବରଣୀ ଦିଅନ୍ତୁ:<br>(କ) ନାମିତର ନାମ ଏବଂ ଆୟୁ :<br>(ଖ) ସମ୍ବନ୍ଧ :<br>(ଗ) ସମନୁଦେଶିତର ନାମ<br>(ଯଦି ନାମିତ ଏକ ନାବାଳିକ ହୋଇଥାଏ) :<br>(ଘ) ନାମିତ ସହିତ ସମ୍ବନ୍ଧ :<br><br>1. ଅନିବାର୍ଯ୍ୟ **PA** ହେଉଛି ଟ. 15 ଲକ୍ଷ<br><br>2. ମାଲିକ ଚାଳକ ପାଇଁ ଅନିବାର୍ଯ୍ୟ PA ସୁରକ୍ଷାର ମଞ୍ଜୁରୀ ଦିଆଯାଇ ପାରେ ନାହିଁ ଯେଉଁଠି ଏକ ବାହନର ମାଲିକ ଏକ କମ୍ପାନୀ, ଏକ ସହଭାଗିତା ଫାର୍ମ କିମ୍ବା ଏକ ସଦୃଶ ସଂସ୍ଥା କର୍ପୋରେଟ ହୋଇଥାଏ କିମ୍ବା ଯେଉଁଠି ମାଲିକ-ଡ୍ରାଇଭର ପାଖରେ ଏକ ପ୍ରଭାବୀ ଡ୍ରାଇଭିଂ ଲାଇସେନ୍ସ ନ ଥାଏ । | ଅତିରିକ୍ତ ପ୍ରିମିୟମ ଅନ୍ତର୍ଗତ ଅତିରିକ୍ତ ବୀମା ସୁରକ୍ଷା |
| ନାମିତ ବ୍ୟକ୍ତିମାନଙ୍କ ପାଇଁ PA ସୁରକ୍ଷା | |

<table>
<tr><td rowspan="6">PA ସୁରକ୍ଷା ପାଇଁ ନାମିତ ବ୍ୟକ୍ତି</td><td rowspan="6">IMT-15</td><td colspan="4">ନାମିତ ବ୍ୟକ୍ତିମାନଙ୍କ ପାଇଁ ଆପଣ ବ୍ୟକ୍ତିଗତ ଦୁର୍ଘଟଣା ସୁରକ୍ଷା ଅନ୍ତର୍ଭୁକ୍ତ କରିବା ପାଇଁ ଚାହାଁନ୍ତି କି ?</td></tr>
<tr><td>ନାମ</td><td>ଚୟନିତ CSI (ଟ.)</td><td>ନାମୀତ</td><td>ସମ୍ବନ୍ଧ</td></tr>
<tr><td>1)</td><td></td><td></td><td></td></tr>
<tr><td>2)</td><td></td><td></td><td></td></tr>
<tr><td>3)</td><td></td><td></td><td></td></tr>
<tr><td colspan="4">ହଁ / ନା, ଯଦି ହଁ, ନାମ ଏବଂ ଚୟନିତ ପୁଞ୍ଜି ବୀମା ରାଶି (CSI) ପ୍ରଦାନ କରନ୍ତୁ:<br>(ଧ୍ୟାନ ଦିଅନ୍ତୁ: ପ୍ରତ୍ୟେକ ବ୍ୟକ୍ତି ପାଇଁ ଉପଲବ୍ଧ ସର୍ବାଧିକ CSI ଘରୋଇ କାର କ୍ଷେତ୍ରରେ ଟ. 2 ଲକ୍ଷ ଏବଂ ମୋଟର ବାହିତ ଦୁଇ ଚକିଆ କ୍ଷେତ୍ରରେ ଟ. 1 ଲକ୍ଷ ହୋଇଥାଏ)</td></tr>
<tr><td colspan="4">ଅନାମିତ ବ୍ୟକ୍ତି /ପିଲିଅନ/ ଅନାମିତ ଯାତ୍ରୀ ମାନଙ୍କ ପାଇଁ PA ସୁରକ୍ଷା</td><td colspan="2"></td></tr>
<tr><td colspan="6">ଆଡ୍ ଅନ୍ ସରୁକ୍ଷା</td></tr>
<tr><td colspan="4">ଶୂନ୍ୟ ମୂଲ୍ୟ ହ୍ରାସ</td><td colspan="2"></td></tr>
<tr><td colspan="4">ସୌଜନ୍ୟ କାର</td><td colspan="2" rowspan="2">ସୂଚନା ଯାହାର ମୂଲ୍ୟ ନିର୍ଦ୍ଧାରଣ ଉପରେ ଏକ ସମ୍ବନ୍ଧ ରହିଥାଏ, କିଛି ସାଂଖ୍ୟିକୀ ଉଦ୍ଦେଶ୍ୟରେ ମଧ୍ୟ</td></tr>
<tr><td colspan="4">ମେଡିକାଲ ଖର୍ଚ୍ଚ</td></tr>
</table>

| | |
|---|---|
| ବ୍ୟକ୍ତିଗତ ଜିନିଷପତ୍ର | |
| **ଅନ୍ୟାନ୍ୟ ବିବରଣୀ**<br>**ଆଡ୍ ଅନ୍ ସୁରକ୍ଷା କ୍ରମଶଃ** | |
| ବାହନର ଉପଯୋଗ ନିଜ ପରିସର ମଧ୍ୟରେ ସୀମିତ କି | ହଁ / ନାହିଁ |
| ବାହନଟି ବିଦେଶ ଦୂତାବାସର ଅଟେ କି | ହଁ / ନାହିଁ |
| କାରକୁ ଭିନଟେଜ କାର ରୂପେ ପ୍ରମାଣୀକରଣ କରାଯାଇଛି କି | ହଁ / ନାହିଁ |
| ବାହନର ଡିଜାଇନ ଅନ୍ଧ / ବିକଳାଙ୍ଗ ବ୍ୟକ୍ତିମାନଙ୍କ ପାଇଁ କରାଯାଇଛି କି | ହଁ / ନାହିଁ ଯଦି ହଁ, ଦୟାକରି RTA ଦ୍ୱାରା ଦିଆଯାଇଥିବା ପୃଷ୍ଠାଙ୍କନର ବିବରଣୀ ଉଲ୍ଲେଖ କରନ୍ତୁ |
| ବାହନଟି ଡ୍ରାଇଭିଂ ଟ୍ୟୁଉଶନ୍ ପାଇଁ ଉପଯୋଗ କରାଯାଏ କି | ହଁ / ନାହିଁ |
| ଭୌଗୋଳିକ କ୍ଷେତ୍ରର ବିସ୍ତାରଣର ଆବଶ୍ୟକତା ଅଛି କି | ନେପାଲ, ବାଙ୍ଗଳାଦେଶ, ଭୁଟାନ, ମାଲଦ୍ୱୀପ, ପାକିସ୍ତାନ, ଶ୍ରୀଲଙ୍କା |

ଆପଣ ଏକ ଗୋଟିଏ ପୃଷ୍ଠା ପଲିସୀ ନେବାପାଇଁ ଚାହାଁନ୍ତି କି? ହଁ / ନାହିଁ

ପରମ ସଦ୍ଭାବର ଆଧାରରେ

<u>ବୀମିତ ଦ୍ୱାରା ଘୋଷଣାପତ୍ର</u>

**ମୁଁ / ଆମେ ଏତଦ୍ୱାରା ଘୋଷଣା କରେ / କରୁ ଯେ ଏହି ପ୍ରସ୍ତାବ ଫର୍ମରେ ମୋ / ଆମ ଦ୍ୱାରା ଦିଆଯାଇଥିବା ଉକ୍ତିଗୁଡିକ ମୋ / ଆମ ସର୍ବୋତ୍ତମ ଜ୍ଞାନ ଓ ବିଶ୍ୱାସ ଅନୁସାରେ ସତ୍ୟ ଅଟେ ଓଂ ମୁଁ /ଆମେ ଏତଦ୍ୱାରା ଏକମତ ହୁଏ / ହେଉ ଯେ ଏହି ଘୋଷଣାପତ୍ର ମୋ /ଆମ ଏବଂ .................................................. ମଧ୍ୟରେ ହୋଇଥିବା ଚୁକ୍ତିର ଆଧାର ହେବ ।**

ମୁଁ/ଆମେ ଏତଦ୍ୱାରା ଏହା ମଧ୍ୟ------------------------------ ଏହି ପ୍ରସ୍ତାବ ଫର୍ମର ଦାଖଲ ପରେ କରାଯାଇଥିବା କୌଣସି ସଂଯୋଜନ କିମ୍ବା ପରିବର୍ତ୍ତନ କୁ କରାଯାଏ ତେବେ ତାହାକୁ ତୁରନ୍ତ ବୀମାକର୍ତ୍ତାମାନଙ୍କୁ ସୂଚୀତ କରାଯିବ ।

ମୁଁ/ ଆମେ ପୁଷ୍ଟି କରିବାକୁ ଚାହେଁ/ ଚାହୁଁ ଯେ ଗତ ପଲିସୀ ସମାପ୍ତି ତାରିଖଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋ'/ ଆମ ବାହନର କୌଣସି ଦୁର୍ଘଟଣା ହୋଇ ନାହିଁ । ମୁଁ /ଆମେ ପୁଷ୍ଟି କରେ/ କରୁ ଯେ ମୁଁ/ଆମେ ପ୍ରିମିୟମକୁ .............................. ରେ ................................... ତାରିଖରେ ପ୍ରଦାନ କରିଛି/ କରିଛୁ ।

ଆପଣଙ୍କ ସହିତ ଉପରୋକ୍ତ ବାହନର ବୀମା ପାଇଁ, ଏହା ବୁଝାଯାଉଛି ଓ ସମ୍ମତି ପ୍ରଦାନ କରାଯାଉଛି ଯେ--------------------------(ସମୟ) ଠାରୁ ପୂର୍ବରୁ ହୋଇଥିବା କୌଣସି ଦୁର୍ଘଟଣାଠାରୁ ଉତ୍ପନ୍ନ ହୋଇଥିବା କୌଣସି ହାନି/କ୍ଷତି (ନଷ୍ଟ)/ଦାୟିତ୍ୱ ପାଇଁ ଆପଣଙ୍କ କୌଣସି ଦେୟ କିମ୍ବା ସେହି ପ୍ରକାରର କିଛି ବି ରହିବ ନାହିଁ ।

ମୁଁ /ଆମେ ଘୋଷଣା କରେ/କରୁ ଯେ ବାହନଟି ଉତ୍ତମ (ନିଷ୍କଳଙ୍କ) ସ୍ଥିତି ଏବଂ ସଡ଼କରେ ଚଳନଯୋଗ୍ୟ ଅବସ୍ଥାରେ ଅଛି ।

ସ୍ଥାନ :

ତାରିଖ:

ପ୍ରସ୍ତାବକ**ଙ୍କ** ହସ୍ତାକ୍ଷର

ଭାରତ ଗୃହ ରକ୍ଷା, ଭାରତ ସୁରକ୍ଷା ଏବଂ ଭାରତ ଲଘୁ ଉଦ୍ୟମ ର ପ୍ରସ୍ତାବ ଫର୍ମ

ଭାରତ ଗୃହ ରକ୍ଷା, ଭାରତ ସୁରକ୍ଷା ଏବଂ ଭାରତ ଲଘୁ ଉଦ୍ୟମ ର ପ୍ରସ୍ତାବ ଫର୍ମ ମାନକ ଉତ୍ପାଦ ଓ ସେମାନଙ୍କ ସମ୍ବନ୍ଧିତ ପ୍ରସ୍ତାବ ଫର୍ମ, ଅର୍ଥାତ୍ ଭାରତ ଗୃହ ରକ୍ଷା, ଭାରତ ସୁରକ୍ଷା ଏବଂ ଭାରତ ଲଘୁ ଉଦ୍ୟମକୁ ଅଧିକ ଉତ୍ତମ ରୂପେ ବୁଝିବା ପାଇଁ, ଦୟାକରି ଆଇ.ଆର୍.ଡି.ଏ.ଆଇ. ୱେବ୍ସାଇଟର ନିମ୍ନ ଲିଙ୍କ୍ କୁ ଯାଞ୍ଚ କରନ୍ତୁ ।

https://www.irdai.gov.in/ADMINCMS/cms/Uploadedfiles/StandardProducts/Annexure-I-BharatGrihaRaksha.pdf